# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ସପ୍ତଦଶ ପତ୍ର


**ଲେଖକ**

**ପ୍ରଫେସର ନିତ୍ୟାନନ୍ଦ ଶତପଥୀ**

ଅବସରପ୍ରାପ୍ତ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର



**D D C E**
**Education for All**

# ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

## ଭୁବନେଶ୍ୱର

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ସପ୍ତଦଶ ପତ୍ର

***Published by :***
**Directorate of Distance & Continuing Education**
**Utkal University, Vani Vihar, Bhubaneswar**

**First Edition : 2014**

© Directorate, DDCE, Utkal University

***No. of Copies*** : 1200 Copies

View expressed are those of the authors and DDCE takes no responsibility for the same.

***Printed at :***

*inte*CAD
442, Saheed Nagar, Bhubaneswar-751007
Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

# ସୂଚୀପତ୍ର


ୟୁନିଟ୍ –୧

ସବୁଜ କବି ଓ କାବ୍ୟଧାରା ୫

ୟୁନିଟ୍–୨

ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ୫୩

ୟୁନିଟ୍–୩

ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ ସାବତ ୧୨୧

ୟୁନିଟ୍–୪

ବୈକୁଣ୍ଠ ନାଥ ନାୟକ, ମାୟାଧର ମାନସିଂ ୧୫୪

ୟୁନିଟ୍–୫

ଅନନ୍ତ ପଟ୍ଟନାୟକ, ବିନୋଦ ଚନ୍ଦ୍ର ନାୟକ ୨୧୧


*****

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ସପ୍ତଦଶ ପତ୍ର

## ପ୍ରଥମ ୟୁନିଟ୍

## ସବୁଜ କବି ଓ କାବ୍ୟଧାରା

ସବୁଜ କବି ବୋଲି କେଉଁମାନଙ୍କୁ ଓ କାହିଁକି କୁହାଯାଏ ତା' ବିଷୟରେ ସର୍ବାଙ୍ଗେ ଆମର ଧାରଣା ସ୍ୱଷ୍ଟ ହେବା ଦରକାର । ପ୍ରଥମରୁ କହି ରଖିବାକୁ ହେବ ଯେ ସେମାନଙ୍କ ସଂଖ୍ୟା ଖୁବ୍ ବେଶୀ ନ ଥିଲା ବା ସେମାନେ ଯୁଗସ୍ରଷ୍ଟା ନଥିଲେ । ରାଧାନାଥଙ୍କ ସମୟରୁ ଓଡ଼ିଆ କବିତାରେ ଯେଉଁ ରୋମାଣ୍ଟିକ୍ ଧାରା ପ୍ରଚଳିତ ହୋଇଥିଲା ସେମାନ ଥିଲେ ତାର ଅନୁସରଣ କାରୀ ପାଞ୍ଚଜଣ କବି ବଂଧୁ । ସେମାନଙ୍କ ମଧ୍ୟରୁ ତିନିଜଣ ଅର୍ଥାତ୍ କବି କାଳିନ୍ଦୀଚରଣ ପାଣିଗ୍ରାହୀ (୧୯୦୧), କବି ଅନ୍ନଦାଶଙ୍କର ରାୟ (୧୯୦୪) ଓ କବି ବୈକୁଣ୍ଠନାଥ (୧୯୦୪) ଓଡ଼ିଆ କବିତାରେ ଐତିହାସିକ ସ୍ୱୀକୃତି ପାଇଥିଲାବେଳ ଅନ୍ୟ ଦୁଇଜଣ ହରିହର ମହାପାତ୍ର ଓ ଶରତ୍‌ଚନ୍ଦ୍ର ମୁଖାରଜୀ କବିତାରେ ଅପାଙ୍‌କ୍ତେୟ ହୋଇ ପଡ଼ିଥିଲେ । ଏ ସଂପର୍କରେ ଅନ୍ନଦାଶଙ୍କର ତାଙ୍କ 'ସବୁଜ ଅକ୍ଷର' ପୁସ୍ତକରେ କହିଛନ୍ତି – ''ସବୁଜ ଦଳରେ କୌଣସି ଦିନ ସାତ ଆଠଜଣରୁ ଅଧିକ ଲେଖକ ଲେଖିକା ନ ଥିଲେ । ନିୟମିତ ଲେଖକ ଥିଲେ ଆହୁରି ସ୍ୱଳ୍ପ ସଂଖ୍ୟକ । ଏ ଯୁଗ ଦଶବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲା କେଉଁ ମନ୍ତ୍ର ବଳରେ ? ସେ ମନ୍ତ୍ରର ନାମ ବଂଧୁବାତ୍ସଲ୍ୟ'' ।୧। ଅର୍ଥାତ୍ ସେମାନଙ୍କର କୌଣସି ମତ ବାଦ ନଥିଲା, ଥିଲା କେବଳ କଲେଜ ଛାତ୍ର ଭାବରେ ବଂଧୁତା । ଏ ବଂଧୁତା ପୁଣି ଥିଲା କ୍ଷଣସ୍ଥାୟୀ । ଅନ୍ନଦାଶଙ୍କର ବି.ଏ. ପଢ଼ିବା ପାଇଁ ରେଭେନ୍‌ସା କଲେଜ ଛାଡ଼ି ପାଟଣା କଲେଜକୁ ଦୁଇବର୍ଷ ପରେ ଚାଲିଗଲେ । ଅଥଚ ସେ ଥିଲେ ଏ ବଂଧୁତାର ମୁଖ୍ୟ ସୂତ୍ରଧର । ରେଭେନ୍‌ସା କଲେଜରେ ୧୯୨୧ ବେଳକୁ ସେମାନଙ୍କର ବଂଧୁତା ଆରମ୍ଭ ହୋଇଥିଲା ଓ ପ୍ରଥମ ଭଙ୍ଗା ୧୯୨୩ ବେଳକୁ ପଡ଼ିଥିଲା । ଅନ୍ନଦା ଶଙ୍କରଙ୍କ କବିତାରେ ଯଥେଷ୍ଟ ସମ୍ଭାବନା ଥିଲେ ବି ତାହା ଏତେ ସ୍ୱଳ୍ପ ସଂଖ୍ୟକ ଥିଲା ଯେ ଏକ ଚଳମାନ ଗତିଶୀଳ ଧାରା ତାହା ସ୍ୱଷ୍ଟସ୍ୱାକ୍ଷର ଛାଡ଼ି ପାରି ନଥିଲା । ଚଉଦଟି ମାତ୍ର କବିତା (୨) କିଛି ପ୍ରବନ୍ଧ ଓ ସମବୟ ଉପନ୍ୟାସ 'ବାସନ୍ତୀ'ରେ ମାତ୍ର କେତୋଟି ପରିଚ୍ଛେଦ । ଆଠବର୍ଷର ଓଡ଼ିଆ ସାହିତ୍ୟ ସାଧନାରେ ତାଙ୍କ କଳମରୁ ଏତିକିମାତ୍ର ସାହିତ୍ୟ ଫସଲ ଉଡୁରିଥିଲା । କଣ ଥିଲା ସେ କବିତା ତାରୁଣ୍ୟର ଉଚ୍ଛ୍ୱାସ ମାତ୍ର । ପୁଣି ଅନେକ କବିତା ଥିଲା ପରସ୍ପରର ବିରୋଧାଭାସ । ସେ ବିପ୍ଳବର ପରିକଳ୍ପନା ଗୋଟିଏ କବିତାରେ କରୁକରୁ ପରବର୍ତ୍ତୀ କବିତାରେ ପଳାୟନର ଯେଉଁ ସ୍ୱର ପ୍ରକାଶ କଲେ ତାହା ତାଙ୍କ କାବ୍ୟ ଜୀବନର ମତବାଦ ବୋଲି କେବେ ବି କହି ହେବନି । ତେଣୁ ସେ ନିଜେ ସ୍ୱୀକାର କରିଛନ୍ତି – ''ଲେଖକମାନେ ଯିଏ ଯାହା ନିଜ ଇଚ୍ଛାରେ ଲେଖୁଥିଲେ । କେହି କାହାର ପରାମର୍ଶ ମାଗୁ ନ ଥିଲେ । ଅନେକ ବିଷୟରେ ଅନେକଙ୍କର ମତଭେଦ ଥିଲା । କେତେକ ଲେଖକଙ୍କୁ ମୁଁ ଆଖିରେ ଦେଖି ନ ଥିଲି କି ଚିହ୍ନି ନ ଥିଲି ସବୁଜଦଳ କହିଲେ କାହାକୁ ବୁଝାଏ ଓ କେତେ ଜଣଙ୍କୁ ବୁଝାଏ – ତାହା ଆଜି ପର୍ଯ୍ୟନ୍ତ ଅମୀମାଂସିତ ?'' ।୩।

---

*(୧) ସବୁଜ ଅକ୍ଷର – ଭୂମିକା, ଅନ୍ନଦାଶଙ୍କର ରାୟ*

*(୨) 'ସବୁଜ ଅକ୍ଷର'ରେ ୧୨ଟି, ଉତ୍କଳ ସାହିତ୍ୟ ୧୯୨୬ ମସିହାରେ ୨୯ ଭାଗ ୬ଷ୍ଠ ସଂଖ୍ୟାରେ ଓ ୭ମ ସଂଖ୍ୟାରେ ଦୁଇଟି ।*

*(୩) ସାହିତ୍ୟ ସ୍ମୃତି – ସବୁଜ ଅକ୍ଷର ପୃ. ୨୪୮*

ତେଣୁ ଅନ୍ନଦାଶଙ୍କର ସବୁବେଳ 'ସବୁଜ ଗୋଷ୍ଠୀ' ଓ 'ସବୁଜ ଦଳ' ବୋଲି କହିଛନ୍ତି । କାରଣ ତାଙ୍କର ଯୁଗସୃଷ୍ଟିକାରୀ କୌଣସି ସାହିତ୍ୟିକ ଆନ୍ଦୋଳନରେ ଭରସା ନ ଥିଲା । ପୁଣି ଅନ୍ନଦାଶଙ୍କର କହିଥିଲେ ''ନୂଆରକ୍ତ ନ ଆସିଲେ କୌଣସି ଆନ୍ଦୋଳନ ବା ଯୁଗ ବେଶୀଦିନ ଚଳି ପାରେ ନାହିଁ ।'' ଅର୍ଥାତ୍ ଯୁବମାନସକୁ ଉଦ୍‌ବୁଦ୍ଧ କରିବାକୁ ସେମାନେ ଅକ୍ଷମ ଥିଲେ । ସେମାନଙ୍କୁ ତେଣୁ ରୋମାଣ୍ଟିକ୍ କାବ୍ୟ ପ୍ରବାହର ଶେଷ ଶିଖା ଭାବେ ଅନୟାସରେ ନାମିତ କରାଯଇପାରେ । ରାଧାନାଥଙ୍କ ସମୟରୁ ପ୍ରକୃତିକୁ ନୂତନ ଭାବ ଦେଖିବାର ଯେଉଁ ଚମତ୍କାର ରୋମାଣ୍ଟିକ୍ ଆଭିମୁଖ୍ୟ ପ୍ରକାଶ ପାଇଥିଲା ଓ ଦେଶାତ୍ମବୋଧକ ଚେତନାରେ କବିତା ଦେବୀପରମାନ ହୋଇ ଉଠୁଥିଲା ସବୁଜମାନେ ତାକୁ ପ୍ରତ୍ୟାଖ୍ୟାନ କରି ପରୀ ରାଜ୍ୟକୁ ପଳାୟନର ରୋମାଣ୍ଟିକ୍ ସ୍ୱପ୍ନ ଦେଖିଲେ । ତେଣୁ ଅନ୍ନଦାଶଙ୍କର ଲେଖିଲେ –

''ଯିବି ପଳାଇ ଦୂରେ ସୁଦୂରେ
ସପନ ଲୋକ ଗୋପନ ପୁରେ
ଗ୍ରହତାରକା ଏଡାଇ
ଯୌବନର ଝରଣା କୂଳେ
ମଳୟ ଯହିଁ ନିୟତ ବୁଲେ
କୁସୁମ କେତୁ ଉଡାଇ ।'' (ସୃଜନସ୍ୱପ୍ନ)

ଏ ଚିନ୍ତା ଖୁବ୍ ଅବାସ୍ତବ ଓ ଦୂରଗାମୀ ଅର୍ଥାତ୍ fan fetchid କେଉଁଠି ଏପରି ରାଜ୍ୟ ଅଛି ଯେସେ ଜୀବନ ମରୁମାୟାକୁ ଏଡାଇ ସେଠାରେ ବିଶ୍ରାମ ନେଇ ପାରିବେ ? ଏକାନ୍ତ ଅଳୀକ ଏ ପରିକଳ୍ପନା ।

ବୈକୁଣ୍ଠନାଥ ଓ କାଳିନ୍ଦୀଚରଣଙ୍କ କବିତାରେ ମଧ୍ୟ ଏପରି ଦୂରଗାମୀ ରାଜ୍ୟ ପ୍ରତି ମୋହ ପ୍ରକାଶ ପାଇଛି । ତେଣୁ ନିକଟବର୍ତ୍ତୀ ପୃଥିବୀର ସମସ୍ତ ଜଂଜାଳ ଓ ଦୁଃଖ କଷ୍ଟକୁ ପରିହାର କରି ଏପରି ସ୍ୱପ୍ନ ରାଜ୍ୟକୁ ପଳେଇ ଯିବାକୁ ସେମାନଙ୍କ କବିତାରେ ରୋମାଣ୍ଟିକ୍ ସ୍ୱପ୍ନ ଦେଖା ସେ ସମୟର ଆହ୍ୱାନ ଓ ଉପଯୋଗିତା ନ ଥିଲା ବୋଲି କୁହାଯିବ ।

**ତେବେ କ'ଣ ଥିଲା ସେ ସମୟ ?** ସ୍ଥାନୀୟ, ଜାତୀୟ ଓ ଆନ୍ତର୍ଜାତିକ ଉପଯୋଗିତା ଦୃଷ୍ଟିରୁ ବିଂଶ ଶତାବ୍ଦୀର ତୃତୀୟ ଦଶକ (୧୯୨୧–୩୦) ଥିଲା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଏକ ରାଜ୍ୟଭାବରେ ନିଜର ସ୍ଥିତି ନ ଥିଲା ଯଦିଓ ଊନବିଂଶ ଶତାବ୍ଦୀର ଶେଷ ତିନିଦଶକର ମଧ୍ୟରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଓଡ଼ିଆ ଭାଷା ପାଇଁ ଆନ୍ଦୋଳନ ଆରମ୍ଭ କରି ଅନେକ ପରିମାଣରେ ସାର୍ଥକ ହୋଇଥିଲେ । 'ଉତ୍କଳଦୀପିକା', 'ବାଲଶ୍ୱର ସମ୍ବାଦ ବାହିକା' ନିରୁତା ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ', ଉତ୍କଳ ମଧୁପ, ଉତ୍କଳ ହିତୈଷିଣୀ, ଉତ୍କଳ ପ୍ରଭା ଓ 'ଉତ୍କଳ ସାହିତ୍ୟ'ର ଉଦ୍ୟମରେ କେବଳ ଓଡ଼ିଆ ଭାଷା ବଂଚିଯାଇ ନ ଥିଲା ଏହାର ଏକ ଉଜ୍ଜଳ ସାହିତ୍ୟିକ ପରଂପରା ମଧ୍ୟ ପ୍ରତିଷ୍ଠିତ ହୋଇ ଯାଇଥିଲା । ରାଧାନାଥ ଯୁଗର କବିମାନେ ଥିଲେ ଫକୀର ମୋହନ ସେନାପତି, ଗଂଗାଧର ମେହେର, ମଧୁସୂଦନ ରାଓ, ଭୀମଭୋଇ ଓ ନନ୍ଦକିଶୋର ବଳ । ଓଡ଼ିଆ ଭାଷା ବା ମାତୃଭାଷା ପାଇଁ ସେମାନେ ନିଜ ନିଜର 'ଚିଲିକା', 'ଦରବାର' ଓ 'ମହାଯାତ୍ରା' ପରି ଖଣ୍ଡକାବ୍ୟମାନଙ୍କରେ କେବଳ କୃତିତ୍ୱ ହାସଲ କରି ନ ଥିଲା ଜାତୀୟ ଜୀବନସ୍ରୋତର ମହାପ୍ରବାଦକୁ ଗତିଶୀଳ କରି ବସିଥିଲା । ଓଡ଼ିଆ ସାହିତ୍ୟ ଯେ ଏତେ ଉଚ୍ଚମାନର ହୋଇପାରେ ତାହା ପଡୋଶୀ ଭାଷାଭାଷୀମାନେ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ପୁଣି ଏ ଭାଷାର ପ୍ରାଚୀନତାକୁ ପ୍ରମାଣ କରିବା ପାଇଁ ଜନ୍ ବୀମସ୍‌ଙ୍କ ପରି ଜଣେ ବ୍ରିଟିଶ୍ ଶାସକ ମଧ୍ୟ ପୋଥିପତ୍ରରୁ ପ୍ରାଚୀନ କାବ୍ୟ କବିତାର ତାଲିକା ପ୍ରସ୍ତୁତ କରି ଏହାକୁ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଥିଲେ । ତେଣୁ ଊନବିଂଶ ଶତାବ୍ଦୀର ଶେଷବେଳକୁ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଯେଉଁ ଅସାଧାରଣ ଜାଗରଣ

ସୃଷ୍ଟି ହୋଇଥିଲା ସାହିତ୍ୟର ପ୍ରତ୍ୟେକ ବିଭାଗରେ ତା'ର ପ୍ରତିଫଳନ ଦେଖିବାକୁ ମିଳିଲା । କ୍ଷୁଦ୍ର କବିତା ଓ କାବ୍ୟଠାରୁ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ସମାଲୋଚନା ପର୍ଯ୍ୟନ୍ତ ସାହିତ୍ୟର ସବୁ ବିଭାଗରେ ଶକ୍ତ ମୂଳଦୁଆ ସ୍ଥାପିତ ହୋଇ ଉନ୍ନତମାନର ସୃଷ୍ଟିର ବହୁମୁଖୀ ବର୍ଣ୍ଣାଳୀରେ ଓଡ଼ିଆ ସାହିତ୍ୟ ସ୍ୱର୍ଦ୍ଧିତ ହୋଇ ଉଠିଥିଲା । ଭାଷା ଓ ସାହିତ୍ୟ ବଂଚିଗଲା ପରେ ରାଜ୍ୟର ପୁଣ୍ୟଶ୍ଳୋକ ସାହିତ୍ୟ ଓ ସାଂସ୍କୃତିକ ନେତୃବୃନ୍ଦ ଆଖି ପକାଇଥିଲେ ଓଡ଼ିଆ ରାଜ୍ୟର ଭୌଗୋଳିକ ସ୍ଥିତି ଉପରେ । ତାର ପ୍ରଥମ ଉଚ୍ଚାରଣ ଓଡ଼ିଶାର ଦକ୍ଷିଣାଞ୍ଚଳ ବ୍ରହ୍ମପୁର ଓ ରମ୍ଭାରେ ଆରମ୍ଭ ହୋଇ ମଧୁସୂଦନ ଦାସଙ୍କ ପରି ଜଣେ ଯୋଗଜନ୍ମା ଦେଶହିତୈଶୀ ବ୍ୟକ୍ତିଙ୍କ ଉଦ୍ୟମର 'ଉତ୍କଳସମ୍ମିଳନୀ'ର ଆନୁଷ୍ଠାନିକ ଆନ୍ଦୋଳନରେ ୧୯୦୩ ମସିହାରେ ପରିଣତ ହେଲା । ସେଥିରେ ଯେଉଁ ମହାନ୍ ବ୍ୟକ୍ତିମାନେ ସମୟକ୍ରମ ସାମିଲ ହୋଇ ଓଡ଼ିଶାର ଭୌଗୋଳିକ ଅସ୍ମିତା ପାଇଁ ଧାରାବାହିକ ଭାବେ ସଭା, ସମ୍ମିଳନୀ ଓ ମେମୋରାଣ୍ଡମ ମାଧ୍ୟମରେ ରାଜ୍ୟର ଭୌଗୋଳିକ, ସାଂସ୍କୃତିକ ଓ ରାଜନୈତିକ ପରିଚୟ ସୃଷ୍ଟିକଲେ ସେମାନେ ଥିଲେ ଉତ୍କଳମଣି ଗୋପବଂଧୁ, ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ରାଜନୈତିକ ଓ ସାରସ୍ୱତ ସାଧକମାନେ । ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବଂଧୁ ସେମାନଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଏଥିପାଇଁ ନାନା ଭାବରେ ଉଦ୍ୟମ କରିଥିଲେ ବି ସେମାନଙ୍କ ସ୍ୱପ୍ନ ସାର୍ଥକ ହେବାପୂର୍ବରୁ ଦେହତ୍ୟାଗ କରିଥିଲେ । କିଂତୁ ଛାଡ଼ି ଯାଇଥିଲେ ଜାତୀୟ ଜାଗରଣ ମୂଳକ ବହୁ ଅକ୍ଷୟ ସାହିତ୍ୟକ କୃତି । ମଧୁବାବୁଙ୍କ କବିତାର ସଂଖ୍ୟା ସୀମିତ ସଂଖ୍ୟକ ହେଲେବି ଜାତିପାଇଁ ତାର ଉଦ୍‌ବୋଧନ ଥିଲା ଅନନ୍ୟ । ସେହିପରି ଗୋପବଂଧୁଙ୍କ 'ବନ୍ଦୀର ଆତ୍ମକଥା', 'କରାକବିତା' ଓ 'ଅବକାଶ ଚିନ୍ତା' ଭାଷା ସାହିତ୍ୟ ଠାରୁ ରାଜ୍ୟ ଗଠନ ପାଇଁ ଯେଉଁ ଅପୂର୍ବ କଳାଗତ କୃଷ୍ଟି ପ୍ରକାଶ କରିଥିଲା ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟ ଓ ଆର୍ଯ୍ୟଜୀବନ ପ୍ରବନ୍ଧଶାଳା, ଗୋଦାବରୀଶଙ୍କ 'ଅଲେଖିକା' ପରି ଗାଥା କବିତାମାନଙ୍କ ଏକ ଅପୂର୍ବ ଜାତୀୟ ଚେନେର ସ୍ରୋତ ଖେଳେଇ ଦେଇଥିଲା । ତେଣୁ ସେମାନଙ୍କର ଓ ସେମାନଙ୍କ ସହିତ ଏହି ଭାବନାର ବଶବର୍ତ୍ତୀ ହୋଇ କାବ୍ୟ କବିତାରେ ଏକ ପ୍ରଚଣ୍ଡ ଜାତୀୟତାର ସ୍ୱର ଉଚ୍ଚାରିତ କରିଥିବା କବି କୁନ୍ତଳା କୁମାରୀ, ଗୋଦାବରୀଶ ମହାପାତ୍ର, ପଦ୍ମଚରଣ ପଟ୍ଟନାୟକ, ମାୟାଧର ମାନସିଂ, କୁଂଜବିହାରୀ ଦାଶ, କାନ୍ତକବି ଲକ୍ଷ୍ମୀକାନ୍ତ, ରାଧାମୋହନ ଗଡ଼ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ– ଏହିପରି ବହୁକବି ସେଇ ସତ୍ୟବାଦୀର ଜାଗ୍ରତ ଚେତନାରେ ନିଜର ସ୍ୱର ମିଶାଇ ଦେଇଥିଲେ । ବିଂଶ ଶତାବ୍ଦୀର ପ୍ରାରବ୍‌ଧରୁ ପ୍ରାୟ ତିନୋଟି ଦଶକ ପର୍ଯ୍ୟନ୍ତ ଏ ସ୍ୱର ଓ ଏହାର ପ୍ରଭାବ ଓଡ଼ିଶାକୁ ହିଁ ମହାନ୍ ଭାବେ ପ୍ରତିପାଦନ କରି ପରୋକ୍ଷରେ ରାଧାନାଥ ଯୁଗର ଜାତୀୟ ବନ୍ଦୀ କାବ୍ୟସ୍ୱର ସହିତ ସ୍ୱର ମିଳାଇ ବସିଥିଲା । କିଂତୁ ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ଏମାନେ ମଧ୍ୟ ଲେଖନୀ ଚାଳନ କରି ଏହି ଜାତୀୟବନ୍ଦୀ ଯୁଗକୁ ସତ୍ୟବାଦୀଯୁଗ ଧାରାରେ ରୂପାନ୍ତରିତ କରିଦେଇଥିଲେ ତେଣୁ ଓଡ଼ିଆ ସାହିତ୍ୟରେ ୧୯୧୦ ଠାରୁ ୧୯୩୬ ପର୍ଯ୍ୟନ୍ତ ରାଧାନାଥ ପରବର୍ତ୍ତୀ କାବ୍ୟ ଧାରାକୁ ଉଦ୍ଦେଶ୍ୟ ଓ ଉପଯୋଗିତାର ମହାନତା ଦୃଷ୍ଟିରୁ ସାହିତ୍ୟର ଗବେଷକମାନେ ସତ୍ୟବାଦୀଯୁଗ ଭାବେ ନାମିତ କରିଥିଲା ବେଳେ ଏଇ ସମୟ ଖଣ୍ଡର ପ୍ରଭାବରୁ ନିରାପଦ ଦୂରତାରେ ଥାଇ ସବୁଜ ଗୋଷ୍ଠୀର କବିମାନେ କଣ ଏକ ଯୁଗର ଆହ୍ୱାନ ନେଇ ପାରିଥାନ୍ତେ ? ମୃତ୍ତିକାର ଦାବୀକୁ ଉପେକ୍ଷା କରି, ଜନତାର ଦାବୀକୁ ଉପେକ୍ଷା କରି କେହି ସାହିତ୍ୟରେ ଯୁଗ ସୃଷ୍ଟିର ଗୌରବ ବହନ କରିବା ସମ୍ଭବ କି ? ତେଣୁ କ୍ଷୋଭର ସହିତ କହିବାକୁ ହେଉଛି ଯେ ସବୁଜ ଦଳର କବିମାନେ ଓ ସେମାନଙ୍କ ମୁଷ୍ଟିମେୟ ଅନୁସରଣକାରୀମାନେ ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ଉପଯୋଗିତା ପ୍ରତି ଆଖି ବନ୍ଦକରି ଦେଇ ସ୍ୱତଃ ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇଗଲେ । ଫଳରେ ସତ୍ୟବାଦୀଯୁଗ ସମୟର ଲକ୍ଷ୍ୟ ଓ ଉପଯୋଗିତାକୁ ବହନ କରି ଯୁଗସୃଷ୍ଟିର ଆଲିଙ୍ଗନ ବହନ କରିଥିଲାବେଳ ସବୁଜମାନେ ଏପରି ଏକ ଉଗ୍ର ନିକଟତମ ଆହ୍ୱାନକୁ ଉପେକ୍ଷା କରି ବରଂ ବଂଗୀୟ କାବ୍ୟାଦାର୍ଶ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ସେମାନଙ୍କ ସୃଷ୍ଟିରେ ବଂଗୀୟ କାବ୍ୟ କବିତାର ବିପୁଳ ପ୍ରଭାବ ପ୍ରତିଭାତ ହେବାକୁ ଲାଗିଲା । ଏପରିକି 'ସବୁଜ' ନାମକରଣ ଥିଲା ମଧ୍ୟ ତତ୍‌କାଳୀନ ବଂଗୀୟ ସାହିତ୍ୟାଦର୍ଶର ଏକ ପ୍ରଚ୍ଛନ୍ନ କାବ୍ୟ–ଆନ୍ଦୋଳନ । ତେଣୁ

ସମସାମୟିକ କଲ୍ଲୋଳ କବିମାନେ ଏକ ଯୁଗର ସୃଷ୍ଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲାବେଳେ ସବୁଜମାନେ ଥିଲେ ସେଇମାନଙ୍କ କାବ୍ୟାଦର୍ଶର ଯୋଗୁ ସରଣକାରୀ–ତେଣୁ ସମୟର ଶକ୍ତିଶାଳୀ ପ୍ରଭାବରେ ସେମାନଙ୍କ ସବୁଜସ୍ୱର ନିମିଳିତ ହୋଇଗଲା । ଏ ବିଷୟରେ ଆଉ କିଛି ସୂଚନା ଦେବା ପ୍ରାସଙ୍ଗିକ ହେବ ବୋଧହୁଏ ।

ନିଜେ ଅନ୍ନଦାଶଙ୍କର ସ୍ୱୀକାର କରିଛନ୍ତି ''ବଙ୍ଗଳା 'ସବୁଜପତ୍ର' ସହିତ ମୋର ଆତ୍ମିକ ସଂପର୍କ ଥିଲା । ରବୀନ୍ଦ୍ରନାଥଙ୍କ କବିତା ''ଓରେ ସବୁଜ/ଓରେ ଅବୁଝ/ଅଧମରା ଦେଇ ଘା ମେରେ ତୁଇ ବାଁଚ'' ମୋରମୂଳମନ୍ତ୍ର ଥିଲା'' ।୪। ଅନ୍ନଦାଶଙ୍କର ଓ ଶରତଚନ୍ଦ୍ର ମୁଖାର୍ଜୀ ବଙ୍ଗାଳି ଶାନ୍ତିନିକେତନରୁ ପ୍ରକାଶ ପାଉଥିବା ସବୁଜପତ୍ରର ଅନୁସରଣରେ ଅନ୍ନଦାଶଙ୍କର ଉତ୍କଳସାହିତ୍ୟ ଓ ସମସାମୟିକ କେତେକ ଓଡ଼ିଆ ପତ୍ରିକାରେ ଶ୍ରୀସବୁଜ ଛଦ୍ମନାମରେ ଲେଖାଲେଖି କରୁଥିଲେ ଏଇ ପ୍ରଭାବରେ ୧୯୨୧ ମସିହାରେ ରେଭେନ୍‌ସା କଲେଜରେ ଗଢ଼ା ହୋଇଥିବା ନନ୍‌ସେନ୍‌ସ କ୍ଲବ ୧୯୨୯ ମସିହାରେ 'ସବୁଜ ସାହିତ୍ୟ ସମିତି'ର ରୂପାନ୍ତରିତ ହୋଇଥିଲା । ପୁଣି ଏହି ସମୟରେ ବିଲାତରେ ପାଠ ପଢୁଥିଲେ ମଧ୍ୟ ଅନ୍ନଦାଶଙ୍କର ଉତ୍କଳ ସାହିତ୍ୟରେ ପରୀମହଲ ବୋଲି ଯେଉଁ ଦୀର୍ଘ କବିତା ଲେଖିଥିଲେ ସେଥିରେ 'ସବୁଜପରୀ' ବୋଲି ଯେଉଁ ଅଂଶଟି ଥିଲା ତାହା ଥିଲା ଏକାନ୍ତ ରୋମାଣ୍ଟିକ୍ । ତା'ର କିଛି ଅଂଶ ହେଲା –

ସବୁଜପରୀ ଆସ / ପତ୍ର ରହେ କାନ ଡେରି / ଉର୍ଦ୍ଧ୍ୱେ ଚାହେଁ ଘାସ
ଶୀତଗଲା ବନେବନେ ପଲ୍ଲବ ଝଡାଇ / ଉତ୍ତରା ପବନେ ତାର ଉତ୍ତରୀ ଉଡାଇ
ଦିଗେ ଦିଗେ ସଂଚରିଲା ଶୁଷ୍କ ତାର ଶ୍ୱାସ/ସବୁଜପରୀ ଆସ
ଯୌବନର ମନ୍ତ୍ରେ ସଖି, ଜୀର୍ଣ୍ଣ ଜରା ନାଶ ।'' (ଉତ୍କଳସାହିତ୍ୟ ଏପ୍ରିଲ ୧୯୨୬)

ଏହାର ତିନିମାସ ପରେ ସେହି ଉତ୍କଳ ସାହିତ୍ୟରେ ୨୯ ଭାଗ ୩ୟ ସଂଖ୍ୟାରେ କବି ବୈକୁଣ୍ଠନାଥଙ୍କ କବିତା 'ସବୁଜବଂଧୁ ପ୍ରତି' ପ୍ରକାଶ ପାଇଲା । ସେ କବିତାରେ ଥିଲା ବଙ୍ଗଳାର କଲ୍ଲୋଳକବି ମାନଙ୍କର ପ୍ରଭାବ । କବିତାଟିର କିଛି ଅଂଶ ହେଲା –

''ଜୀବନଟାତ ସଂଗ୍ରାମରେ ଭାଇ / କାହିଁକି ଦୁଃଖ ହତାଶେ ରହୁ ଚାହିଁ
ନବୀନ ତୁହି, ତରୁଣ ତୁହି/ଆଲୋକ ତୋର ସାଥୀ
ଦୁର୍ଦ୍ଦିନେ ଥରେ ବିଜୟୋଲ୍ଲାସେ/ଉଠିବୁକିରେ ମାତି ?
ସକଳ ଜୀର୍ଣ୍ଣ, ସକଳ ଜରା, କାହିଁକି ଚାହୁଁ ପଛେ
ଅର୍ଦ୍ଧମୃତ କେବେକି କାହିଁ ସବୁଜ ସୃଷ୍ଟି ରଚେ ?'' (ଉତ୍କଳସାହିତ୍ୟ, ଜୁନ୍ ୧୯୨୬)

ଏଇ ଦୁଇଟି କବିତାରେ ସବୁଜକୁ ଯୌବନର ପ୍ରତୀକ ଭାବେ, ପରଂପରା ବିରୁଦ୍ଧରେ ଆହ୍ୱାନ ଭାବେ ଗ୍ରହଣ କରାଯାଇଥିଲେ ମଧ୍ୟ ସବୁଜ ବଂଧୁମାନଙ୍କ ସାଧନାର ଆଭିମୁଖ୍ୟ ଏହି ଚେତନା ଦ୍ୱାରା ନିର୍ଜିତ ନୁହେଁ ବା ସେମାନଙ୍କ ପରବର୍ତ୍ତୀ ସୃଷ୍ଟିରେ ଏହି ଚେତନାର କ୍ରମିକତା ରକ୍ଷା କରାଯାଇନାହିଁ । ତେଣୁ ଏଇ ସାମୟିକ ଉଚ୍ଛ୍ୱାସ ସଂପର୍କରେ ଅନ୍ନଦା ଶଙ୍କର କହିଛନ୍ତି – ''ଲେଖକମାନେ ଯିଏ ଯାହା ନିଜ ଇଚ୍ଛାରେ ଲେଖୁଥିଲେ କେହି କାହାର ପରାମର୍ଶ ମାଗୁନଥିଲେ । ଅନେକ ବିଷୟରେ ଅନେକଙ୍କର ମତ ଭେଦ ଥିଲା । ସବୁଜଦଳ ଯେ କାହାକୁ ବୁଝାଏ ଓ କେତେଜଣଙ୍କୁ ବୁଝାଏ ତାହା ଆଜି ପର୍ଯ୍ୟନ୍ତ ଅମୀମାଂସିତ ।୫।

---

*।୪। – ସାହିତ୍ୟ ସ୍ମୃତି – ସବୁଜ ଅକ୍ଷର ପୃ୨୪୭*

*।୫। – ସାହିତ୍ୟ ସ୍ମୃତି – ସବୁଜ ଅକ୍ଷର ପୃ.୨୪୮*

କଲ୍ଲୋଳ କବିତାର ଉଚ୍ଛ୍ୱାସରେ କବି ଅନ୍ନଦାଶଙ୍କର ରାୟ ଲେଖିଲେ କବିତା 'ପ୍ରଳୟ ପ୍ରେରଣା' । ସେ କବିତାରେ ଥିଲା ସମାଜ ପାଇଁ ବିପୁଳ ଆହ୍ୱାନ, ଏକ ପ୍ରକାର ସଂଗ୍ରାମର ସଂକେତ । ସେଇ ଧାରାରେ ସେ କବିତା ଲେଖି ଚାଲିଥିଲେ ଓଡ଼ିଆ କବିତାରେ ବାମପନ୍ଥୀ ଚିନ୍ତନର ଆଦ୍ୟ ଉଦ୍‌ଗାତା ହୋଇ ପାରିଥାନ୍ତେ । କିନ୍ତୁ ପରେ ପରେ ସେ ଲେଖିଲେ 'ସୃଜନସ୍ୱପ୍ନ' ନାମକୁ ଆଉ ଏକ କବିତା ଯାହା ପ୍ରଥମ କବିତାର ଏକ ବିରୋଧାଭାସ, ଏକ ବ୍ୟତିକ୍ରମ ହୋଇ ରହିଗଲା । ପ୍ରଥମ କବିତା 'ପ୍ରଳୟ ପ୍ରେରଣା'ରେ ସେ ଯେଉଁ ସାମାଜିକ ସଂଘର୍ଷ, ଯୌବନରେ ଉନ୍ମାଦନା, ସମତା ପାଇଁ ଲଢ଼େଇ କଥା କହିଥିଲେ ବା ସାମାଜିକ ପ୍ରୟୋଜନୀୟତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଦ୍ୱିତୀୟ କବିତା 'ସୃଜନସ୍ୱପ୍ନ'ରେ ସେ କଥା ଚୁର୍‌ମାର ହୋଇଗଲା । ତାରୁଣ୍ୟର ଅପ୍ରତିହତ ଉଚ୍ଛ୍ୱାସ ଏକ ଦିଗହୀନ ବଲ୍‌ଗା ପରି ଭାରସାମ୍ୟ ହରାଇ ବସିଲା । ''ସମାଜ ମାନବି ନାହିଁ, ଲୋକମତ ଜଳିବି ଚରଣେ'' ପରି ଉଗ୍ର ଆହ୍ୱାନ, ଦେହ ଦୀପରେ ଯେଉଁ ଅଗ୍ନିକଣା ଜଳି ଉଠିବାର ଉଗ୍ର ଆହ୍ୱାନ – ମନେହେଲା ନିଜେ ତରୁଣ କବିଙ୍କର ଏହା ଆନ୍ତରିକ ଉଚ୍ଚାରଣ ନୁହେଁ । ଏହା ଏକ ଧାର କରା ଭାବନା । କାରଣ ପରବର୍ତ୍ତୀ କବିତାର ସେ ନିଜେ ଲେଖିଲେ ''ପ୍ରଳୟ କଥା, ପ୍ରଳାପ ସମ/ଶୁଭୁଚି ଆଜି ଶ୍ରବଣେ ମମ/କି ହେବ କାର ବିନାଶେ ?

ଏ ସୁଖଦିନେ ଏ ଶୋଭାପୁରେ/ଧ୍ୱଂସଲୀଳା ରୁହ ଗୋ ଦୂରେ/ମିଥ୍ୟା ମୋହ ସିନା ସେ, ଗୋଟିଏ କବିତାରେ ମତବାଦ ଉଙ୍କିମାରୁଥିଲା ବେଳେ ପରବର୍ତ୍ତୀ କବିତାରେ ତାହା ମତଲବରେ ପରିଣତ ହୋଇଗଲା, ହୋଇଗଲା ସଂପୂର୍ଣ୍ଣ ଭାବେ ଦିଶାହରା । ଯେଉଁ ସାମାଜିକ ମୁକ୍ତିପାଇଁ ଜଗତର ନରନାରୀଙ୍କୁ ସେ ପ୍ରଥମ କବିତାରେ ଆହ୍ୱାନ ଦେଇଥିଲେ ତାହା ସମାଜଚେତନାର ସଂସ୍କାରକାମୀ ଅଭିଳାଷ ସହିତ ଏକନ୍ୱିତ ହୋଇ ପାରିଥିଲେ ସେ କବି ସଚ୍ଚି ରାଉତରାୟଙ୍କ ପୂର୍ବରୁ ହୁଏତ ହୋଇପାରିଥାନ୍ତେ ଓଡ଼ିଆ କବିତାର ବିପ୍ଳବର ବୈତାଳିକ । କିଂତୁ ଲକ୍ଷ୍ୟହୀନ ସବୁଜର ଉତ୍ତେଜନା ଏହିପରି ଥିଲା କ୍ଷଣିକ ଓ ଅର୍ଥହୀନ । ତେଣୁ ସବୁଜମାନେ ରାଜ୍ୟର ଏକତ୍ରୀକରଣ ପାଇଁ କିମ୍ବା ଦଳିତର ମୁକ୍ତିପାଇଁ ଠୋସ୍ ସ୍ୱରରେ କିଛି କହି ନ ଥିବାରୁ ସେମାନେ ସ୍ୱପ୍ନଦର୍ଶୀ ଓ ପଳାୟନବାଦୀ ହୋଇ ରହିଗଲେ ।

ଦ୍ୱିତୀୟ ଉପଯୋଗିତା ଥିଲା ଭାରତର ସ୍ୱାଧୀନତା ସଂଗ୍ରାମ । ସବୁଜ କବିମାନେ କବିତା ଲେଖିବା ବେଳକୁ ଭାରତରେ ମହାତ୍ମାଗାନ୍ଧି କର୍ତ୍ତୃକ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା ଠିକ୍ ୧୯୨୧ ମସିହାରେ । ସ୍ୱାଧୀନତା ସଂଗ୍ରାମ ଦୋପାଇଁ ଥିଲା ଏକ ମହାନ୍ ଜନଆନ୍ଦୋଳନ ଓ ମୁକ୍ତର ସ୍ୱପ୍ନ । ସତ୍ୟବାଦୀର କବିମାନଙ୍କ ସହିତ ବହୁ ସମସାମୟିକ କବି ଦେଶର ସ୍ୱାଧୀନତାପାଇଁ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ ସବୁଜମାନେ ଏଥିପାଇଁ ଥିଲେ ଏକାନ୍ତ ଉଦାସୀନ ଓ ଅନାସକ୍ତ । ସତ୍ୟବାଦୀର କବିମାନେଥିଲେ ପ୍ରଥମେ କର୍ମୀ ଓ ପରେ କବି । ତେଣୁ ସେମାନଙ୍କ କବିତାରେ ଓ ସମସାମୟିକ ବହୁ କବିଙ୍କ କବିତାରେ ସ୍ୱାଧୀନତାର ଆହ୍ୱାନ ଚିତ୍ତାକର୍ଷକ ଭାବେ ଆତ୍ମ ପ୍ରକାଶ କରିଥିଲା । ଗୋପବଂଧୁ ଯେ ଲେଖିଥିଲେ–

> ''ମିଶୁମୋର ଦେହ ଏ ଦେଶ ମାଟିରେ / ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
> ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ / ପୂରୁତହିଁ ପଡି ମୋର ମାଂସ ହାଡ଼ ।''

ଏହିପରି ଆହ୍ୱାନ ଆଗରୁ ଶୁଣାଯାଇ ନଥିଲା । କବି ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ମଧ ବହୁ ଉଦ୍‌ବୋଧନ ମୂଳକ କବିତାରେ ସ୍ୱାଧୀନତାକୁ ଦେଶପାଇଁ ଆହ୍ୱାନ କରିଥିଲେ । କୁନ୍ତଳା କୁମାରୀ ସହଜେ ତାଙ୍କ 'ସ୍ଫୁଲଙ୍ଗ' ଓ 'ଆହ୍ୱାନ' ପ୍ରାୟ ସମସ୍ତ କବିତାରେ ଓଡ଼ିଶାଠାରୁ ଭାରତ ପର୍ଯ୍ୟନ୍ତ ରାଜନୈତିକ ମୁକ୍ତିର କଥାହିଁ କହିଛନ୍ତି । ଜାତୀୟ କବି ବୀର କିଶୋରଙ୍କ 'ମୋହନ ବଂଶୀ'ର ବହୁ କବିତା ସେତେବେଳେ ଜାତୀୟ ମୁକ୍ତି ସଂଗ୍ରାମର ସୈନିକମାନେ ବୋଲିବୋଲି ବିପ୍ଳବର ସ୍ୱର ସଂଚାର କରୁଥିଲେ । ୧୯୨୧ ପରବର୍ତ୍ତୀ ଜାତୀୟ ଜୀବନକୁ ଭାରତୀୟ ମୁକ୍ତି ସଂଗ୍ରାମର ପଟ୍ଟଭୂମିରେ

ଯେଉଁ କେତେଜଣ କବିଙ୍କ ବିଦ୍ରୋହବାଣୀ ପ୍ରଭାବିତ କରିଛି ସେମାନଙ୍କ ମଧ୍ୟରେ ବୀର କିଶୋର ନିଶ୍ଚିତ ଭାବେ ଅନ୍ୟତମ । ଭାଷାର ସରଳତା ଓ ହୃଦୟଗାହୀତାରେ ତାଙ୍କ କବିତା କଥିତ ଭାଷାପରି ପାଠକକୁ ଆସକ୍ତ କରେ । ତାଙ୍କ କବିତା ସଂପର୍କରେ କାନ୍ତକବିଙ୍କ ପୁତ୍ର ଗୌରଚନ୍ଦ୍ର ମହାପାତ୍ର କହନ୍ତି – ''ସତେ ଅବା ବାକ୍‌ଦେବୀ ଏକାନ୍ତ ପକ୍ଷପାତିତା କରି ଅପୂର୍ବ କଳାକୌଶଳର କାଉଁରୀ କାଠିଟିଏ ବୀରକିଶୋରଙ୍କ ହାତକୁ ଅତି ଗୋପନରେ ବଢ଼ାଇ ଦେଇଛନ୍ତି । ସେଇ କାଉଁରୀ ସ୍ପର୍ଶରେ ପତର ତରଳିଯାଏ, ମରୁରେ ଖେଳିଯାଏ ସବୁଜିମା । ଊଷର ଭୂମିରେ ଅଙ୍କୁର ଦେଖାଦିଏ ଆଉ ପରାଧୀନତା କ୍ଳିଷ୍ଟ ବିଦଗ୍ଧ ପ୍ରାଣ ପାଏ ମୁକ୍ତ ମଳୟର ମଧୁର ଆସ୍ୱାଦନ ।୬। ସେହିପରି କବି ବାଞ୍ଛାନିଧି ମହାନ୍ତି (ଭଦ୍ରକ) ମଧ୍ୟ ସ୍ୱାଧୀନତା ସଂଗ୍ରାମର କର୍ତ୍ତାକୁ ବହୁ ଭାବରେଓ ବହୁ ରୂପକରେ ତାଙ୍କ ଉତ୍କଳବୀଣାର ୧ମ ଝଙ୍କାରରେ ରୂପାୟିତ କରିଛନ୍ତି । ଓଡ଼ିଶାର ଅଗଣିତ ନିରକ୍ଷର ଓ ଜୀବନଜଂଜାଳ ପିଷ୍ଟ ସାଧାରଣ ମଣିଷମାନେ ବୁଝି ପାରିବା ଭାଷାରେ ଲେଖି ପହଂଚେଇବାର ଉପଯୋଗିତା ଉପଲବ୍‌ଧି କରିଛନ୍ତି । ଗୋଟିଏ ପଙ୍‌କ୍ତିର ଉଦାହରଣ ଦେବା ବୋଧହୁଏ ସମୀଚୀନ ହେବ ।

> ଆଉ କେତେଦିନ ହୋଇବୁ ଉଦାସୀ ଭାଇତୁ / ଦିନୁଁ ଦିନୁଁ ଦୁଃଖରାଶି
> ବଢ଼ିଲା ଦେଖରେ ଆସି/ ସୁଖ ଶାନ୍ତି ସବୁଗଲା ଭାସି
> ଦାନା କନା ଜୁଟୁ ନାହିଁ/ବୁଲୁଥାଉ ଦେହି ଦେହି / ତେବେ କିଂପା ହେଉଚୁ ଉଦାସୀ ?
> କର ବଢୁଚି ଯେପରି/ଦର ବଢୁଚି ସେପରି/ଏ ଶାସନ ହେଲାଣି ଗଳାପାଶୀ ।

ଗଣଚେତନାକୁ ଉଦ୍ଦୀପିତ କରିବାପାଇଁ ଏ କବିତାରେ ଯେ ଯଥେଷ୍ଟ ପ୍ରାଣପ୍ରାଚୁର୍ଯ୍ୟ ଓ ଉତ୍ତାପ ରହିଛି– ଏ କଥା କହିବା ବାହୁଲ୍ୟମାତ୍ର । ତାଙ୍କର 'ଭାରତବଳନା' ନାମକ କବିତାଟି ଜାତୀୟ କଂଗ୍ରେସର କାକିନଡା ଅଧିବେଶନର ଏକ ଜାତୀୟ ସଂଗୀତ ରୂପେ ଗାନ କରାଯାଇଥିଲା ବୋଲି ଗୌରଚନ୍ଦ୍ର ମହାପାତ୍ର ଏ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି । ।୭। କେବଳ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ନୁହେଁ ଏହି ସମୟରୁ ବହୁ ସାନବଡ଼ କବିଙ୍କ କବିତାରେ ଅସ୍ପୃଶଗତା ନିବାରଣ, ସ୍ୱଦେଶୀ ଦ୍ରବ୍ୟର ପ୍ରସାର, ସାମାଜିକ ସଂସ୍କାର ଆଦି ବହୁ ଭାବନା ପ୍ରକାଶ ପାଇଛି । ଏସବୁ ନିଶ୍ଚିତ ଭାବେ ଥିଲା ଓଡ଼ିଶା ପାଇଁ ତାର ସ୍ଥାନୀୟ ଉପଯୋଗିତା । କିନ୍ତୁ ସବୁଜ କବିମାନେ ଏସବୁ ନିକଟବର୍ତ୍ତୀ ଆବଶ୍ୟକତାକୁ ଉପେକ୍ଷାକରି ପରୀରାଜ୍ୟର ଅପ୍ରାସଙ୍ଗିକ ସ୍ୱପ୍ନରେ ଯେ ମଜଗୁଲ ହୋଇ ଉଠିଥିଲେ ଏହା ସେମାନଙ୍କୁ ଯୁଗସଚେତନ ନକରି ବରଂ ଯୁଗ ନିର୍ବିଶେଷ କରି ଦେଇଥିଲା । ତେଣୁ ଓଡ଼ିଶାର ଏକତ୍ରୀକରଣ ବା ଭାରତୀୟ ଜାତୀୟ ସଂଗ୍ରାମର ବାର୍ତ୍ତା ଯେ ସେମାନଙ୍କ କବିତାରେ ତରଙ୍ଗ ସୃଷ୍ଟି କରି ନଥିଲା ଏହା ଅବାଞ୍ଛନୀୟ ନିଶ୍ଚୟ ।

ତୃତୀୟ କଥାଟି ହେଲା ଆନ୍ତର୍ଜାତୀୟ କାବ୍ୟିକ କଳାଗତ କୃଷ୍ଟି ଓ ବୈଶିଷ୍ଟ୍ୟ ପ୍ରତି ସେମାନଙ୍କ ଅନୁଶୀଳନ ଓ ଅନୁଧ୍ୟାନର ଅଭାବ । ସେମାନେ ରେଭେନ୍‌ସା କଲେଜର ଛାତ୍ରଥିଲେ ଓ ପରେ ପରେ କେହି ପାଟଣା କଲେଜରେ ଅବା ବିଲାତରେ ଅଧ୍ୟୟନ କରୁଥିଲେ । ସେମାନେ ନିଶ୍ଚୟ ପ୍ରଥମ ପୃଥିବୀ ମହାସମର ପରେ ପରେ ୧୯୨୨ ମସିହାରେ ପ୍ରକାଶିତ T.S. Eliotଙ୍କ The waste land' ବା ପରବର୍ତ୍ତୀ ସମୟମରେ ଇଂରେଜୀ ସାହିତ୍ୟରେ ପକ୍ଷ ବିସ୍ତାର କରିଥିବା ଅଡ଼େନ୍ ଗୋଷ୍ଠୀର କବିମାନଙ୍କ କାବ୍ୟ ବିଭବ ଓ ଆଂଗିକ ପ୍ରୟାସ ପ୍ରତି ସଚେତନ ଥିବେ । ୧ମ ମହାଯୁଦ୍ଧର ଦାରୁଣ ଦୁର୍ବିପାକ ମଧ୍ୟରୁ 'The Waste land'ର ଜନ୍ମ ନିଶ୍ଚୟ ପୃଥିବୀର ସଚେତନ କବିଗୋଷ୍ଠୀଙ୍କୁ ଆଲୋଡ଼ିତ କରିଥିଲା । ଗୋଟିଏ ଯୁଦ୍ଧ କିପରି କୃଷି, କୃଷ୍ଟି ଓ ସଭ୍ୟତାର ଅଗ୍ରଗତିକୁ ଧ୍ୱଂସ କରି ମଣିଷମାନଙ୍କ ମଧ୍ୟରେ ବିଷାଦ ତଥା

---

*।୬। – ଜାତୀୟ କବି ବୀରକିଶୋର –ଡଗର ୨୧ ଭାଗ/୧୦ମ ସଂ/ଏପ୍ରିଲ ୧୯୫୮*

*।୭। – ପଠିତବ୍ୟ 'ଗଣକବି ବାଞ୍ଛାନିଧି– ଗୌରଚନ୍ଦ୍ର ମହାପାତ୍ର – ଡଗର ୨୧/୧ମ ସଂ, ଜୁଲାଇ ୧୯୫୭*

ନେତିବନ୍ଧ ସୃଷ୍ଟି କରିଥିଲା ତାର ଚିତ୍ର ଚମତ୍କାର କଳାଗତ ବିଭବ ନେଇ ଲଣ୍ଡନ ବିଦ୍ରର ପ୍ରତୀକ ମିଶରେ ଏ ଦୀର୍ଘ କବିତାରେ ଆତ୍ମପ୍ରକାଶ କରିଥିଲା । ସେ ସ୍ୱରରେ ନିଶ୍ଚୟ ଥିଲା ବିଷାଦବୋଧ । ପୁନଶ୍ଚ ରସିଆର ଜାର ଶାସନ ବିରୁଦ୍ଧରେ ଲେନିନ୍‌ଙ୍କ ବିଦ୍ରୋହ ଓ ୧୯୧୭ ମସିହାରା ତାର ସଫଳତା ପରବର୍ତ୍ତୀ କାଳରେ ବହୁପ୍ରାନ୍ତୀୟ ସାହିତ୍ୟକୁ ପ୍ରଭାବିତ କରିଥିଲା । କାରଣ ଏ ସଂଗ୍ରାମ ଥିଲା ଶୋଷକ ଜାର ଶାସନ ବିରୁଦ୍ଧରେ ଜନସାଧାରଣଙ୍କ ସଂଗ୍ରାମର ସଫଳତା । ମାର୍କ୍ସଙ୍କ ଚିନ୍ତା ଓ ଚେତନାର ଏହାଥିଲା ପୃଥିବୀରେ ପ୍ରଥମ ରାଜନୈତିକ ପରୀକ୍ଷା । ପୃଥିବୀର ବହୁ ରାଜ୍ୟର ସାହିତ୍ୟ ଏଥିପାଇଁ ବାକ୍ ପ୍ରବଣ ହୋଇ ଉଠିଥିଲେ । ତେଣୁ ସମସାମୟିକ ଭାବେ ୟୁରୋପୀୟ ସାହିତ୍ୟରେ ଦଳେ ତରୁଣକବି କାବ୍ୟସ୍ୱର ଉତ୍ତୋଳନ କରି ଏହି ପୁଞ୍ଜିବାଦ ଓ ନେତିବାଦ ବିରୁଦ୍ଧରେ ଦଳିତ ମଣିଷର ଜୟଯାତ୍ରାର ଦୁର୍ବାର ସଂଗୀତ ଶୁଣାଇ ଥିଲେ । ସେମାନେ ଥିଲେ ମାର୍କ୍ସବାଦୀ କବି ରସିଆର ମାଇକୋଭସ୍କି, ଫ୍ରାନ୍‌ସର ଲୁଇ ଆରାଗାଁ, ଇଂଲଣ୍ଡର ସ୍ପେଣ୍ଡର ଓ ଅଡେନ ଫ୍ରାନ୍‌ସର ଲୁଇ ମାକନି ଓ ଡେ ଲୁଇସ୍ ପ୍ରମୁଖ ତରୁଣ କବିଗୋଷ୍ଠୀ । ପୁନଶ୍ଚ ଏହି ସମୟରେ ଏଜରାପାଉଣ୍ଡ, ଟି.ଏସ. ଏଲିଅଟ, ଡବ୍ଲୁ, ବି. ଇଟସ୍ ପ୍ରମୁଖ କବିମାନେ କବିତାରେ ରୂପକଳ୍ପ ଆନ୍ଦୋଳନ (Image Movements)ର ସୂତ୍ରପାତ କରିଥିଲେ ତେଣୁ କବି ଏଜରା ପାଉଣ୍ଡ କହିଥିଲେ '' It is better to present one image in life time than to produce voluminous poetry" ଙ୍କ T.S. Eliot Prufrock '' କବିତାର କିଛି ଅଂଶ '' When the evening is spread against the sky like a patient etherised on the trible'' ଏହିପରି ସମସାମୟିକ କବିମାନଙ୍କର ଅନେକ କାବ୍ୟ ପଂକ୍ତିକୁ ଉଚ୍ଚାଙ୍ଗ ସାହିତ୍ୟର ବିଭବ ଭାବେ ଚିହ୍ନିତ କରାଯାଇଛି । ସବୁଜମାନେ କାବ୍ୟକଳାର ଏହି ଉନ୍ନତ ବିଭାବ ପ୍ରତି ସେତେବେଳେ ଆକୃଷ୍ଟ ହୋଇପାରିଥିଲେ ଆଧୁନିକ କାବ୍ୟଧାରାରେ ବିପୁଳ ସ୍ୱୀକୃତି ଲାଭ କରି ପାରିଥାନ୍ତେ । କିନ୍ତୁ କ୍ଷୋଭର ବିଷୟ ସେମାନେ ଇଂରେଜୀ ସାହିତ୍ୟ ସହିତ ବେଶ୍ ପରିଚିତ ଥିଲେବି ନିଜନିଜର କବିତାରେ ଏପରି କଳାଗତ କୃଷ୍ଟିର ପୋଷକତା କରି ପାରି ନାହାନ୍ତି କିମ୍ବା ସାମାଜିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ବାମପନ୍ଥୀ ଭାବନା ସହିତ ସାମିଲ ହୋଇ ପାରି ନାହାଁନ୍ତି । ପୁନଶ୍ଚ କିନ୍ତୁ ଭାରତୀୟ ପରିବେଶରେ ପ୍ରାନ୍ତୀୟ କବିଭାବେ ଏହି ସବୁଜମାନେ ବାସ୍ତବତା ବିମୁଖ, ପଳାୟନବାଦୀ, ସ୍ୱପ୍ନଜୀବୀ, ପଦ୍ମଭୁକ ଏକ କାବ୍ୟ ପ୍ରୟାସରେ ବୁଡ଼ି ରହିଥିଲେ ପ୍ରାୟ ଚଉଦ ପନ୍ଦର ବର୍ଷ ଧରି ଅର୍ଥାତ୍ ୧୯୨୦ରୁ ୧୯୩୫ ମସିହା ପର୍ଯ୍ୟନ୍ତ । ତେଣୁ ସାହିତ୍ୟରେ କିଛି ନୂତନ ଚେତନା ସୃଷ୍ଟିର ଯେଉଁ ସମ୍ଭାବନା ଆସିଥିଲା ତାହା ସେମାନଙ୍କ ହାତଛଡା ହୋଇଯାଇଥିଲା । ତେଣୁ ଯୁଗସୃଷ୍ଟିର ଗୌରବ ବହନ କରିବାରେ ସେମାନେ ଅକ୍ଷମ ହୋଇଥିଲେ ଯଦିଓ କେହିକେହି ଚିରାଚରିତ ରୀତିରେ ସବୁଜଯୁଗ ବୋଲି ଉଚ୍ଚାରଣକରି ତାହାର ଅନ୍ତର୍ନିହିତ ଯଥାର୍ଥତାକୁ ତଥାପି ଉପଲବ୍ଧି କରି ନଥାନ୍ତି ।

**ସମସାମୟିକ ଭାରତୀୟ ବାବ୍ୟସ୍ୱର :**

ଭାରତୀୟ କାବ୍ୟସ୍ୱର କହିଲେ ଦୁଇ ବଳିଷ୍ଠ ସାହିତ୍ୟ ହିନ୍ଦି ଓ ବଙ୍ଗଳାର କାବ୍ୟ ସ୍ୱରକୁ ହିଁ ବୁଝାଯାଇଥାଏ । ସେତେବେଳେ ବଙ୍ଗଳା ସାହିତ୍ୟରେ କଲ୍ଲୋଳଯୁଗ ଓ ହିନ୍ଦି ସାହିତ୍ୟରେ ଛାୟାବାଦୀଯୁଗ ବେଶ୍ ଚର୍ଚ୍ଚିତ ହେଉଥାଏ । ରବୀନ୍ଦ୍ରନାଥ ଯେତେବେଳେ ବଙ୍ଗଳା ସାହିତ୍ୟରେ ତୁଙ୍ଗ ଶିଖରୀ ଆଲୋହଣ କରିସାରି ଥିଲେ । ୧୯୧୩ ମସିହାରେ କବିତା ପାଇଁ ନୋବେଲ ପ୍ରାଇଜ୍ ପାଇ ସେ ଭାରତୀୟ ସାହିତ୍ୟ ଆକାଶର ପଞ୍ଚମ ବିନ୍ଦୁରେ ଅଧିଷ୍ଠାନ କରୁଥା'ନ୍ତି । କିନ୍ତୁ ପରେ ପରେ ପ୍ରାୟ ତୃତୀୟ ଦଶକରେ ବଙ୍ଗଳା ସାହିତ୍ୟରେ ଜୀବନାନନ୍ଦଦାସ, ବିଷ୍ଣୁଦେ, ଅଚିନ୍ତ୍ୟ ସେନଗୁପ୍ତଙ୍କ ପରି କବିମାନେ ରାବୀନ୍ଦ୍ରିକ ସରଣୀକୁ ଛାଡ଼ି ନୂତନ କାବ୍ୟଚେତନା ପ୍ରତି ଆକୃଷ୍ଟ ହୋଇ ଥିଲେ । ଶ୍ରୀ ସେନଗୁପ୍ତଙ୍କ 'ଆବିଷ୍କାର' କବିତା ଥିଲା ଏହି ପରିବର୍ତ୍ତିତ କାବ୍ୟମାନସର ଶଙ୍ଖ । କଲିକତାରେ 'କଲ୍ଲୋଳ' ନାମରେ ୧୯୨୩ ମସିହାରେ ପତ୍ରିକାଟିଏ ପ୍ରକାଶ ପାଇଲା ଓ ଏହାର କବିମାନେ ପୃଥିବୀ ସାହିତ୍ୟରେ ଆସିଥିବା ପରିବର୍ତ୍ତନ ପ୍ରତି ଆକୃଷ୍ଟ ହୋଇଥିବା ପ୍ରମାଣ ସ୍ପଷ୍ଟ

ହୋଇ ଉଠିଲା । ଏହା ପୂର୍ବରୁ ଢ଼ାକା ବିଶ୍ୱବିଦ୍ୟାଳୟ ଜଗନ୍ନାଥ ହଲର ବାର୍ଷିକ ପତ୍ରିକା 'ବାସ୍ତବିକା' (୧୯୨୦)ରେ ଏହି ନବୀନ ଚେତନାର ଆଦ୍ୟ ସ୍ଫୁରଣ ଘଟିଥିଲା । କଲ୍ଲୋଳର ଦୁଇଟି ଶାଖା ଯଥାକ୍ରମେ କଲିକତାରେ 'କାଳିକଲମ' (୧୯୨୬) ଓ ଢ଼ାକାରେ 'ପ୍ରଗତି' (୧୯୨୭) ନାମରେ ପ୍ରତିଷ୍ଠିତ ହୋଇ ବଙ୍ଗଳା ସାହିତ୍ୟରେ ପ୍ରଗତିବାଦୀ ଚିନ୍ତାଧାରାର ଉଜ୍ଜୀବନ ପାଇଁ ଧାରାବାହିକ ଉଦ୍ୟମ ଜାରି ରଖିଥିଲେ । ମୋଟ ଉପରେ ଏହି କବିମାନେ ସେମାନଙ୍କ କାବ୍ୟଚେତନା ଓ ନୂତନ କାବ୍ୟ ଆଙ୍ଗିକ ପାଇଁ ରବୀନ୍ଦ୍ରୋତ୍ତର ଯୁଗରେ ରବିନ୍ଦ୍ରନାଥଙ୍କ ଠାରୁ ମଧ୍ୟ ଅନେକ ତାରିଫ୍ ହାସଲ କରିଥିଲେ । ଏହି ଗୋଷ୍ଠୀର ଅନ୍ୟତମ କବି ଅଜିତ ଦତ୍ତ ଯଦିଓ ଯୌବନ, ପ୍ରକୃତି ଓ ପ୍ରେମ ପରି କିଛି ରୋମାଣ୍ଟିକ ଭାବନାକୁ ପ୍ରକଟିତ କରିଥିଲେ ସେ କେବେବି ସବୁଜଗୋଷ୍ଠୀର କବିଙ୍କ ପରି ପଳାୟନ ବାଦୀ ନ ଥିଲେ । କବି ସଚ୍ଚିନ୍ଦ୍ରନାଥ ଦତ୍ତ, ବିଷ୍ଣୁଦେ, ବୁଦ୍ଧଦେବ ବସୁ ଓ ଜୀବନାନନ୍ଦ ଦାସ, ଅମୀୟ ବସୁ ପ୍ରଭୃତି ଯୁବକବିମାନେ ରବୀନ୍ଦ୍ରନାଥଙ୍କ ଆଧିଭୌତିକ କାବ୍ୟ ପରିଧିରୁ କ୍ରମେ ବିଚ୍ଛିନ୍ନ ହୋଇ ଇଂରାଜୀ ସାହିତ୍ୟ ଓ ୟୁରୋପୀୟ କାବ୍ୟଚେତନା ସହିତ ଅଧିକ ସଂପର୍କ ସ୍ଥାପନ କରି ପାରିଥିବାରୁ ଯଥାର୍ଥରେ ସମଗ୍ର ଭାରତରେ ବଙ୍ଗୀୟ କବି ତାହିଁ ଆନ୍ତର୍ଜାତିକ କାବ୍ୟଚେତନା ଆଡ଼କୁ ଅଧିକ ଅଗ୍ରସର ହୋଇ ପାରିଥିଲା ।୧୯୨୪ ମସିହା ଜୁନ୍‌ମାସରେ ଅଚିନ୍ତ୍ୟ କୁମାର ପ୍ରେମେନ୍ଦ୍ର ମିତ୍ର, ଶିଶିରଚନ୍ଦ୍ର ବସୁ ଓ ବିନୟ ଚକ୍ରବର୍ତ୍ତୀ ମିଶି 'ଆଭ୍ୟୁଦାୟିକ' ନାମରେ ଏକ ସଂଘ ପ୍ରତିଷ୍ଠା କରିଥିଲେ । ଏମାନେ ପରେ ପରେ ଏକ ଉପନ୍ୟାସ ରଚନା କଲେ ଯାହାର ନାମ 'ଚତୁଷ୍କୋଣ' ରଖାଯାଇଥିଲା । ଏହି ସମୟରେ ୧୨ ଜଣ ବଙ୍ଗୀୟ ଲେଖକ ମିଶି 'ବାରୋୟାରୀ' ନାମରେ ଏକ ଉପନ୍ୟାସ ରଚନା କରିଥିଲେ । ବଙ୍ଗଳା ସାହିତ୍ୟର ଏହି ଅଗ୍ରଗାମୀ ସାହିତ୍ୟିକ ପ୍ରୟାସର ପ୍ରତିଧ୍ୱନି ଓଡ଼ିଶାରେ ସବୁଜ କବିମାନଙ୍କୁ ଆକୃଷ୍ଟ କରିଥିଲା । ସେମାନେ ମଧ୍ୟ 'ଅବକାଶ' ନାମରେ ଏକ ହାତଲେଖା ପତ୍ରିକା ଓ 'ବାସନ୍ତୀ' ନାମରେ ନଅଜଣ ଲେଖକଙ୍କ ଦ୍ୱାରା ରଚିତ ଏକ ଉପନ୍ୟାସ ପ୍ରକାଶ କରିଥିଲେ । ପରେ ' ଯୁଗବୀଣା' (୧୯୩୩) ନାମରେ ଏକ ମୁଦ୍ରିତ ପତ୍ରିକା ମଧ୍ୟ ପ୍ରକାଶ ପାଇଲା । ବଙ୍ଗଳା ସାହିତ୍ୟରେ ଦଶବର୍ଷ ପୂର୍ବରୁ ଯେଉଁପରି ଉଦ୍ୟମ ହୋଇ ଥିଲା ସବୁଜମାନେ ସେମାନଙ୍କ ଅନୁକରଣରେ ପ୍ରାୟ ସେହିସେହି ଉଦ୍ୟମ ଅବ୍ୟାହତ ରଖିଥିଲେ । ଏପରିକି ରବୀନ୍ଦ୍ରନାଥଙ୍କୁ ସଚେତନ ଭାବେ ଅନୁକରଣ ଓ ଆହରଣ କରିବାରେ ପ୍ରାଥମିକ ଅବସ୍ଥାରେ ସବୁଜ କବି ମାନେ ପଛେଇ ନଥିଲେ ।୮। କଲ୍ଲୋଳ ଯୁଗର କବିମାନେ ରବୀନ୍ଦ୍ରନାଥଙ୍କୁ ପରିହାର କରି ନୂତନ ମାର୍ଗ ପ୍ରସ୍ତୁତ କରୁଥିଲାବେଳ ଓଡ଼ିଶାର ସବୁଜ କବିମାନେ ରବୀନ୍ଦ୍ରନାଥଙ୍କୁ ଉଭୟ ଆତ୍ମିକ ଓ ଆଙ୍ଗିକରେ ଅନୁସରଣ କରିବାରେ ସେମାନଙ୍କ ମୌଳିକତା ପ୍ରତିପାଦିତ ହୋଇ ପାରି ନ ଥିଲା । ଏଥିପାଇଁ ପରେ କବି ମାୟାଧର ମାନସିଂହ ଓ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କ 'ପରଧର୍ମ' ପ୍ରବନ୍ଧରେ ସବୁଜମାନଙ୍କୁ ଖୁବ୍ ସମାଲୋଚନା କରିଥିଲେ ।୯।

ସେହିପରି ହିନ୍ଦି ସାହିତ୍ୟରେ ଛାୟାବାଦ ଯୁଗ (୧୯୧୮-୧୯୩୫) ଖୁବ୍ ପ୍ରଭାବଶାଳୀ ଭାବେ ଆତ୍ମ ପ୍ରକାଶ କରିଥିବା ସାହିତ୍ୟର ଛାତ୍ର ଓ ଗବେଷକମାନେ ନିଶ୍ଚୟ ଜାଣିଥିବେ । ପୁନରୁତ୍ଥାନ ଯୁଗ ପରେ ହିନ୍ଦି କବିତା କ୍ଷେତ୍ରରେ ଆସେ ଛାୟାବାଦ ଯୁଗ । ଏହି ଯୁଗର କବିମାନଙ୍କ କାବ୍ୟ କୃତିରେ ଇଂରେଜୀ ସାହିତ୍ୟର ରୋମାଣ୍ଟିକ ଯୁଗର କବିମାନଙ୍କ ପ୍ରଭାବଥିଲା ଅପ୍ରତିହତ । ହିନ୍ଦି କବିତାର ପୁନରୁତ୍ଥାନ ଯୁଗରୁ କବିତାରେ ଯେଉଁ ସ୍ୱଚ୍ଛନ୍ଦ ଶୈଳୀ ଓ ସୌନ୍ଦର୍ଯ୍ୟ ବୋଧ ଅନୁସୃତ ହୋଇ ଆସୁଥିଲା ଏ ଯୁଗର କବିମାନଙ୍କ ରଚନାରେ ତାହା ଏକ ପରିପକ୍ବ ରୂପ ଧାରଣ କରିଥିଲା, ଏହା ସହିତ

---

*।୮। - ସମସାମୟିକ ଓଡ଼ିଆ କବିତାରେ ରବୀନ୍ଦ୍ର କାବ୍ୟମାନସର ପ୍ରତିଫଳନ- ସବୁଜରୁ ସାଂପ୍ରତିକ ପରିମାର୍ଜିତ ୬ଷ୍ଠ ସଂସ୍କରଣ - ଅଗଷ୍ଟ ୨୦୧୧ ପୃ. ୨୦୨ ଦ୍ରଷ୍ଟବ୍ୟ ।*

*।୯। - 'ପରଧର୍ମ' - ସହକାର ୧୩ ଭାଗ/୧୧ ସଂଖ୍ୟା, ମାର୍ଚ୍ଚ ୧୯୩୩. 'ଆଧୁନିକ ଓଡିଆ ସାହିତ୍ୟର ବାଣିଜ୍ୟ ମୂଲ୍ୟ ଶଙ୍ଖ ୧ମ ବର୍ଷ/୧ମ ସଂ, ଜୁଲାଇ-୧୯୪୫.*

ମିଶି ରହିଥିଲା ରାଷ୍ଟ୍ରୀୟତା, ଦେଶଭକ୍ତି, ପ୍ରକୃତି ଭାବନା, ବ୍ୟକ୍ତିବାଦୀ ସ୍ୱଚ୍ଛନ୍ଦତା, ମାନବବାଦ, ରହସ୍ୟବାଦ ପରି କିଛି ଉନ୍ନତ ଭାବବୋଧ ।୧୦। ଏହି ଯୁଗର କାବ୍ୟ ଚିନ୍ତନରେ ସାମନ୍ତବାଦ ତଥା ଦରବାରୀ ସଂସ୍କୃତିର ବନ୍ଧନ ଛିନ୍ନ ହୋଇ ଏକ ନୂତନ ମୁକ୍ତିର ଆସ୍ୱାଦନ ଉପଲବ୍ଧ କରାଗଲା । ଭାଷାଛନ୍ଦ, କାବ୍ୟ ବର୍ଣ୍ଣିତ ବିଷୟ କଳ୍ପନା – ସବୁଥିରେ ପ୍ରାଚୀନତା ଓ ପରଂପରାକୁ ପରିହାର କରି ଏହି ଯୁଗର କବିତା ସଂକୀର୍ଣ୍ଣ ପରିଧିରୁ କ୍ରମେ ସୂକ୍ଷ୍ମ ସୌନ୍ଦର୍ଯ୍ୟର ଶୀର୍ଷରେ ପହଞ୍ଚି ଏକ ବୃହତ୍ତର ପୃଥିବୀର ସନ୍ଧାନ କରିଥିଲା । ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କବି ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନ (ଅଜ୍ଞେୟ)ଙ୍କ ମତରେ – ''The new poetic movement was an acsthetic, subjective movement, a personal revolt against formalism and didacticism. The poet had found that there was something which was his very own and that the wanted more than anything else to say it; he chafw against the inadequacy of the instruments handed down to him the language, the verse forms, the meters, the techniques and the taboos-and the very intercity of his need built new ones.'' ।୧୧। ଏଇ କବିମାନଙ୍କ ମଧ୍ୟରେ ନିରାଲା (ସୂର୍ଯ୍ୟକାନ୍ତ ତ୍ରିପାଠୀ), ସୁମିତ୍ରାନନ୍ଦକ ପନ୍ଥ, ମହାଦେବୀ ବର୍ମା, ଜୟ ଶଙ୍କର ପ୍ରସାଦ ଆଜି ଅଗ୍ରଣୀ ଥିଲେ । ଏମାନଙ୍କ କବିତାରେ ଜୀବନର ନୂତନ ମୂଲ୍ୟବୋଧ ଓ ମାନବତାବାଦର ଛବି ପ୍ରତିଫଳିତ ହେଉଥିଲା । ସେମାନେ ଯେତିକି ପରିମାଣରେ ଇଂରାଜୀ ରୋମାଣ୍ଟିକ ଯୁଗର କାବ୍ୟାନୁଚିନ୍ତାକୁ ଅନୁସରଣ କରିଥିଲେ, ସେତିକି ପରିମାଣରେ ଦେଶର ଆର୍ଥିକ ଦୁର୍ଗତି, ଶୋଷିତର ଅବସ୍ଥାପ୍ରତି ସଚେତନ ଥିଲେ । ପନ୍ଥ ଓ ନିରାଲା କଳ୍ପନାର ଉତ୍ତୁଙ୍ଗ ଉଲ୍ଲଙ୍ଘନକୁ ପରିହାରକରି କୃଷକବଳୀ, ସମାଜର ଅଧଃପତିତ ମଣିଷ ('ଚମାରୋଁ କେ ନାଚ') ଓ ସଡକ ଉପରେ ପତର ଭାଂଗୁଥିବା ଶ୍ରମିକ ଜନତାର ଦୁରବସ୍ଥାପ୍ରତି ବ୍ୟଥାୟିତ ଦୃଷ୍ଟି ନିକ୍ଷେପ କରିଥିଲେ । ଏମାନଙ୍କ କବିତା ତେଣୁ ଆଦ୍ୟ ରୋମାଣ୍ଟିକ ଚେତନାକୁ ପରିହାରକରି କ୍ରମେ ବାସ୍ତବତା ପ୍ରତି ଉନ୍ମୁଖ ହୋଇ ଉଠିଥିଲା । ପରେ ପରେ ହିନ୍ଦି ସାହିତ୍ୟରେ ବାଳକୃଷ୍ଣ ଶର୍ମା, ରାମଶରଣଗୁପ୍ତ, ଗୁରୁଭକ୍ତ ସିଂହ, ଭଗବତୀ ଚରଣ ବର୍ମା, ବଚ୍ଚନ ଓ ଦିନକର ପ୍ରଭୃତି କବିମାନେ ନିଜ ନିଜର ରଚନାର ସ୍ୱତନ୍ତ୍ରତାରେ ଛାୟାବାଦ ଯୁଗର ଭିତ୍ତିକୁ ଦୃଢ଼ କରିଥିଲେ । ଏଇଥିପାଇଁ ହିନ୍ଦି ସାହିତ୍ୟରେ ଏହି ଯୁଗର ଭୂମିକା ସଂପର୍କରେ ବିବାଦର ଅବକାଶ ନାହିଁ । ବରଂ ପ୍ରଗତିବାଦୀ ଯୁଗ ପାଇଁ ଛାୟାବାଦ ଯୁଗ ହିଁ ବାଟ ପରିଷ୍କାର କରି ଦେଇଥିଲା । କିନ୍ତୁ ଠିକ୍ ସେହି ମର୍ମରେ ଏମାନଙ୍କ ସମସାମୟିକ ଓଡ଼ିଆ କବିତାରେ ସବୁଜମାନେ ସଂଗଠିତ ଚେତନାର ବଳିଷ୍ଠ ସାମାଜିକ ଭୂମିକା ଗ୍ରହଣକରି ପାରି ନଥିବାରୁ ପ୍ରଗତିବାଦୀଯୁଗ ବା ଆଧୁନିକ ଯୁଗର ଭିତ୍ତିସ୍ଥାପନରେ ସେମାନଙ୍କ ଭୂମିକା। ନିଷ୍ପ୍ରଭ ହୋଇ ପଡିଛି । ଫଳରେ ବାରତେର ବର୍ଷପରେ ସେମାନେ ବାଧ୍ୟ ହୋଇ ସବୁଜ ସରଣୀକୁ ଉପେକ୍ଷାକରି ପ୍ରଗତିବାଦୀ କବିତାର ସ୍ୱର ସହିତ ସ୍ୱର ମିଳାଇଛନ୍ତି ।

ଆମ ସାହିତ୍ୟରେ ସବୁଜ-ସ୍ୱରରେ ୧୯୩୨-୩୩ ବେଳକୁ ଯେଉଁ ପରିବର୍ତ୍ତନ ଆସିଛି ତାହା କାଳିନ୍ଦୀଚରଣ ଓ କିଛି ପରିମାଣରେ ବୈକୁଣ୍ଠନାଥଙ୍କ କବିତାରେ ଆତ୍ମପ୍ରକାଶ କରିଥିଲେ ମଧ୍ୟ ଆଧୁନିକ କାବ୍ୟ ସୃଷ୍ଟିର ପ୍ରୟାସ ସବୁଜର ପ୍ରତିକ୍ରିୟାରେ ହିଁ ସଂଗଠିତ । ତେଣୁ ୧୯୩୫ ଠାରୁ ୧୯୫୦ ମଧ୍ୟରେ ଓଡ଼ିଆ କବିତାରେ ଯେଉଁ ବାମପନ୍ଥୀ ଚେତନାର ବିସ୍ଫୋରଣ ଘଟିଛି ତାହାହିଁ ଆଧୁନିକ ଓଡ଼ିଆ କାବ୍ୟ ଆଭିମୁଖ୍ୟକୁ ସବୁଜଠାରୁ ଦୂରେଇ ନେଇ ଏକ ଭିନ୍ନ ମାନଚିତ୍ର ପ୍ରଦାନ କରିଛି । ସବୁଜ ପରିବର୍ତ୍ତିତ କାବ୍ୟ ଆନ୍ଦୋଳନ ସହିତ ନିଜକୁ ମିଶାଇ ଦେଇ ଯୁଗଚେତନାକୁ ସ୍ୱାଗତ କରିଛି ଓ ସ୍ୱପ୍ନ ମଗ୍ନ ଭାବଧାରାକୁ ବର୍ଜନ କରି ବାସ୍ତବତାର ସ୍ରୋତରେ ମିଶି ଆତ୍ମରକ୍ଷା କରିପାରିଛି । ତେଣୁ ଏହାର ସବୁଜ ପରିଚୟ ଯେ ଖୁବ୍

*।୧୦। – ଛାୟାବାଦଯୁଗ – ପୃ. ୫୬ – ଶ୍ରୀ ଶମ୍ଭୁନାଥ ସିଂହ*

*।୧୧। – Conteporary Indian Literature - page 85*

କ୍ଷୀଣାୟୁ ଏଥିରେ ସନ୍ଦେହ ନାହିଁ । ତେଣୁ ସେହି କେତେବର୍ଷର ସୃଷ୍ଟି ପ୍ରତି ଆମକୁ ଦୃଷ୍ଟିପାତ କରିବାକୁ ହେବ, କାରଣ ତାହାହିଁ ଥିଲା ଏହି କେତେଜଣ ମୁଷ୍ଟିମେୟ  କବିଙ୍କ ସବୁଜସ୍ମୃତି ଓ ପରିଚୟ । କାଳିନ୍ଦୀଚରଣଙ୍କ 'ମଧୁବିବାହ' (୧୯୨୫) କିମ୍ବା 'ରଜ' (୧୯୨୦) ପରି କବିତାଠାରୁ 'ଛୁରୀଟିଏ ଲୋଡ଼ା' (୧୯୩୯) ବା 'ଆଗାମୀ' (୧୯୪୨) ପର୍ଯ୍ୟନ୍ତ ଅବା ବୈକୁଣ୍ଠନାଥଙ୍କ 'ଯୌବନପୂଜା' (୧୯୨୩) ଓ  'ବନ୍ୟାବିପ୍ଳବ' (୧୯୩୪) ଠାରୁ ଉମା (୧୯୪୧) ପର୍ଯ୍ୟନ୍ତ ଯେତିକି ଭାବର ଦୂରତା ସବୁଜଠାରୁ ପ୍ରଗତିବାଦୀ କବିତାର ଦୂରତା ପ୍ରାୟ ସେତିକି ବୋଲି କହିବାକୁ ହେବ । ଏ ଉଭୟ କବିଙ୍କ ପ୍ରାଥମିକ କବିତା ସବୁଜଧାରାର ବଶବର୍ତ୍ତୀ ହେଲେ ପରବର୍ତ୍ତୀ ଭାବଧାରା  ଆଧୁନିକ ଓଡ଼ିଆ କବିତାର ଜନ୍ମ ସମୟ ବୋଲି କହିବାରେ ମୋର କୁଣ୍ଠା ନାହିଁ । ଅର୍ଥାତ୍ ଏଇ ୧୯୩୪-୩୫ ବେଳକୁ ସଚ୍ଚିବାବୁଙ୍କକବିତାର ରୋମାଣ୍ଟିକ୍ ଚେତନା କ୍ରମେ ପ୍ରଗତିବାଦରେ ମିଶି ଓଡ଼ିଆ ଆଧୁନିକ କବିତାର ଜନ୍ମଜାତକ ସୃଷ୍ଟି କରିଥିଲା ବୋଲି ସ୍ୱୀକାର କରିବାକୁ ହେବ । ସବୁଜମାନେ ସେ ଧାରାରେ ଆତ୍ମପ୍ରକାଶ ଦେଇ ନ ଥିଲେ ସମ୍ଭବତଃ ଆଧୁନିକ ଓଡ଼ିଆ କାବ୍ୟଧାରାରୁ ବିସ୍ମୃତ ହୋଇ ଯାଇଥାନ୍ତେ । ତେଣୁ ସମୟର ଆହ୍ୱାନ ସହିତ ହାତ ମିଳେଇ ସବୁଜ ଆଧୁନିକରେ ପରିଣତ ହୋଇ ଯାଇଛି ଓ ତାର ଅତୀତ ବିସ୍ମରଣର ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି । ଆମେ ସେଇ ତିନି ପ୍ରମୁଖ କବିଙ୍କ କବିତା ଆଲୋଚନା କଲେ ସବୁଜ କବିତାକୁ ହୁଏତ ସ୍ୱୀକାର କରିବା କିନ୍ତୁ ଯୁଗସୃଷ୍ଟିର ତିଳକ କେବେବି ସବୁଜମାନଙ୍କ କପାଳରେ ଟାଣି ପାରିବା ନାହିଁ । ପୁନଶ୍ଚ ଏହି ସମୟରେ ବହୁ  ବିଖ୍ୟାତ କବି ସବୁଜଠାରୁ ନିରାପଦ ଦୂରତାରେ ରହି ନିଜର କାବ୍ୟ ଧାରାରେ ଓଡ଼ିଆ ସାହିତ୍ୟକୁ ବିପୁଳ ସମ୍ଭାର ପ୍ରଦାନ କରି ଯାଇଛନ୍ତି । ସେମାନେ ହେଲେ କବି ପଦ୍ମ ଚରଣ ପଟ୍ଟନାୟକ, କାନ୍ତକବି ଲକ୍ଷ୍ମୀକାନ୍ତ, କବି ଗୋଦାବରୀଶ ମହାପାତ୍ର ଓ କୁନ୍ତଳା କୁମାରୀ ସାବତ । ଏହି କବିମାନଙ୍କୁ ସବୁଜମାନେ କେବେବି ପ୍ରଭାବିତ କରି ପାରି ନାହାନ୍ତି ଯଦିଓ ସତ୍ୟବାଦୀର ପ୍ରଭାବ ସେମାନଙ୍କ କାବ୍ୟସ୍ୱରରେ ୧୯୩୫ ପର୍ଯ୍ୟନ୍ତ ସ୍ପଷ୍ଟ ଉଚ୍ଚାରିତ ହୋଇ ରହିଛି । ଏପରିକି କବି ମାୟାଧର ମାନସିଂହ ଓ ରାଧାମୋହନ ଗଡ଼ନାୟକ  ପ୍ରଥମରୁ ରୋମାଣ୍ଟିକ କବିଭାବେ ଆତ୍ମ ପ୍ରକାଶକରିଥିଲେ ବି ତାହା ସବୁଜ ପ୍ରଭାବିତ ରୋମାଣ୍ଟିସିଜିମ୍ ନହୋଇ ରାଧାନାଥ ଓ ସତ୍ୟବାଦୀ ଯୁଗର କବିତାର ରୋମାଣ୍ଟିସିଜିମ୍ ପ୍ରତି ହାତ  ବଢ଼େଇ ରଖିଥିଲା । ଏହି ଏକକ କବିମାନେ ସବୁଜର ପ୍ରଭାବକୁ ପ୍ରତିହତ କରି ନିରାପଦ ଦୂରତାରେ ନିଜ କାବ୍ୟଧାରାକୁ ଜୀବନ୍ତ କରି ରଖି ପାରିଥିଲେ ଓ ଓଡ଼ିଆ କବିତାରେ ଯଶସ୍ୱୀ ହୋଇ ପାରିଥିଲେ । ଅଥଚ ସବୁଜର ପ୍ରଭାବରେ ଯେଉଁ ଗୌଣକବିମାନେ କବିତା ଲେଖିବାରେ ପ୍ରୟାସୀ ହୋଇଥିଲେ ସେମାନେ ଓଡ଼ିଆ କବିତାଧାରାରୁ ସମୟକ୍ରମ  ଅସ୍ତମିତ ହୋଇଗଲେ । ତେଣୁ ଓଡ଼ିଆ କବିତାରେ ସବୁଜ କବିତାପରି ଏମାନଙ୍କ କବିତା ମଧ୍ୟଥିଲା କ୍ଷୀଣଜୀବୀ । ସେମାନଙ୍କ ନାମୋଲ୍ଲେଖ ହୁଏତ କରାଯାଇପାରେ, କିନ୍ତୁ ସେମାନଙ୍କ କବିତାର ବିଭବ ସଂଧାନ ସହଜ ନୁହେଁ । କାରଣ ଆଧୁନିକତାର ମୁଖ୍ୟ ସ୍ରୋତଠାରୁ ଦୂରରେ ରହି ସେମାନେ ସବୁଜଦ୍ୱାରା ଗ୍ରସ୍ତ ହୋଇ ଯାଇଥିଲେ । ତେଣୁ ହରିହର ମହାପାତ୍ର, ଶରତଚନ୍ଦ୍ର  ମୁଖାର୍ଜୀ, ଚନ୍ଦ୍ରଶେଖର ମଧ, ହରିଶ୍ଚନ୍ଦ୍ର ବଡାଲ,  କୁବେର ଦଳାଇ, ଡମ୍ବରୁଧର ପରିଡା ଓ ରାଜକିଶୋର ରାୟଙ୍କ ପରି ସବୁଜ  ପ୍ରଭାବିତ କବିମାନେ ଓଡ଼ିଆ କବିତାରେ ବିଶେଷ କିଛି ଆଲୋଖ୍ୟ ରଖି ପାରି ନାହାନ୍ତି - ଚର୍ଚ୍ଚାର ପରଧିକୁ ଆସିବାତ ଦୂରକ କଥା । ତେଣୁ ସବୁଜ କବିମାନଙ୍କୁ ଯୁଗପ୍ରବର୍ତ୍ତକ ନ କହି ଯୁଗାନୁସାରୀ  ବା ଯୁଗାଭାସ କହିଲେ ବୋଧହୁଏ ଆନୁପାତିକ ଆକଳନ ହୋଇ ପାରିବ । ଯୁଗର ଉନ୍ମେଷ ଓ ଉନ୍ମାଦନା, ଆବେଗ ଓ ଆଶା କବିପ୍ରାଣରେ କଲ୍ଲୋଳ ସୃଷ୍ଟିକରେ । ସେ ହୁଏ ଯୁଗର ଅନ୍ତର୍ନିହିତ ଶକ୍ତିର ଆଧାର ଓ ଆତ୍ମପ୍ରକାଶ । ତେଣୁ ସବୁ ତୁଳନାତ୍ମକ ବିବରଣୀ ଓ ଅନୁଧ୍ୟାନର ଆଧାରରେ ସ୍ପଷ୍ଟ କୁହାଯାଇ ପାରେ ଯେ 'ସବୁଜ' ଏକ ସାହିତ୍ୟ ଯୁଗ ନୁହେଁ । ଖୁବ୍ ବେଶୀ ହେଲେ ହୋଇପାରେ ଯଗାଭାସ ମାତ୍ର । ଅର୍ଥାତ୍ ସେମାନଙ୍କ କବିତାରେ  କିଛି ସମ୍ଭାବନା ଥିଲା, ସେ  କବିତା ସବୁଜୋତ୍ତର  ସମୟର । କିନ୍ତୁ ସେ ସମ୍ଭାବନାକୁ ଏକ ସଂଗଠିତ ସାହିତ୍ୟିକ ଆନ୍ଦୋଳନର ରୂପ ଦେବାପାଇଁ ସବୁଜମାନେ ଆଉ ଏକତ୍ର ନ ଥିଲେ ।

**କବି ଅନ୍ନଦାଶଙ୍କରମାତ୍ର** ୧୪ଟି କବିତା ଲେଖିବା ପରେ ଓଡ଼ିଆ କବିତା ବିତାନରୁ ବିଦାୟ ନେଇ ବଙ୍ଗଳାରେ ଲେଖାଲେଖି କଲେ । ସେ ନିଜ ବିଷୟରେ ଏକ ସାକ୍ଷାତ୍‌କାରରେ କହନ୍ତି – ''କିନ୍ତୁ ମୋ ମନରେ ଏକ ଧାରଣା ଜନ୍ମିଲା – ''ମୋର ସବୁ କହିବାର କଥା ମୁଁ କେବଳ ଗୋଟିଏ ଭାଷାରେ କହି ପାରିବି – ସେ ଭାଷା ''ବଙ୍ଗଳା'' । ଏ ଭୀଷଣ ସଂକଳ୍ପ ମୂଳରେ ତାଙ୍କର ସୁଦୃଢ଼ ଆତ୍ମପ୍ରତ୍ୟୟ ଥିଲା ବୋଲି ସେ କହିଛନ୍ତି । ଓଡ଼ିଆରେ ଲେଖିବାର ଏଇ ପ୍ରତୟହୀନତା ଏକ ବଳିଷ୍ଠ କାବ୍ୟମାନସର ପରିଚୟ ଦିଏନାହିଁ । ଏ ପ୍ରତ୍ୟୟ ହୀନତା କେବଳ ଅନ୍ନଦାଶଙ୍କର ନୁହେଁ । ହରିହର ଓ ଶରଚ୍ଚନ୍ଦ୍ରଙ୍କୁ ମଧ୍ୟ ଘାରିଥିଲା । ଫଳରେ ମାତ୍ର କେତୋଟି ସୃଷ୍ଟିପରେ ସେମାନେ କବିତା ଲେଖିବା ଛାଡ଼ି ଦେଇଥିଲେ । ଏଇ ପ୍ରତ୍ୟୟହୀନତାର ଚିହ୍ନ ଅନ୍ନଦାଶଙ୍କର 'ସବୁଜପରୀ' 'ସବିତା' ଓ 'ପ୍ରଳୟ ପ୍ରେରଣା'ରୁ 'ସୃଜନସ୍ୱପ୍ନ' ପର୍ଯ୍ୟନ୍ତ ବିସ୍ତୃତ । ତେଣୁ ତାଙ୍କ କାବ୍ୟଜୀବନର ପ୍ରାରମ୍ଭ ଥିଲେ ମଧ୍ୟ ଏହାର ବିକାଶ ଓ ପରିଣତି ପରିଲକ୍ଷିତ ହୁଏ ନାହିଁ । ଅଥଚ ତାଙ୍କରି କବିତାରେ ହିଁ ସବୁଠାରୁ ଅଧିକ ସମ୍ଭାବନା ଦେଖାଯାଇଥିଲା । ଅନ୍ନଦାଶଙ୍କର କୌଣସି ମୁହୂର୍ତ୍ତରେ ଭାବିଲେ ଯେ କବିତା ଲେଖି କେବେବି କାଳିନ୍ଦୀ ଚରଣ ଓ ବୈକୁଣ୍ଠ ନାଥଙ୍କୁ ଅତିକ୍ରମ କରି ପାରିବେ ନାହିଁ । ଏହାଥିଲା ଏକ ରେଡ଼ିଓ ସାକ୍ଷାତ୍‌କାରରେ ତାଙ୍କର ସତ୍ୟଭାଷ । ତଥାପି ଏଇ ଚଉଦଟି କବିତା ମଧ୍ୟରୁ ତାଙ୍କୁ ଆକଳନ କରାଯାଇପାରେ ।

ଅନ୍ନଦାଶଙ୍କରଙ୍କ ଓଡ଼ିଆ ପଦ୍ୟ ଓ ଗଦ୍ୟ ସୃଷ୍ଟିକୁ ନେଇ 'ସବୁଜ ଅକ୍ଷର' ନାମର ଯେଉଁ ପୁସ୍ତକଟି ପ୍ରକାଶ ପାଇଛି ସେଥିରେ ଅଛି ମାତ୍ର ୧୨ଟି କବିତା, ଆଉ ଦୁଇଟି କବିତା ଉତ୍କଳ ସାହିତ୍ୟର ୨୯ ଭାଗ ଷଷ୍ଠ ସଂଖ୍ୟାରେ 'ଚିରନ୍ତନ ନର ଚାହେଁ ଚିରନ୍ତନ ନାରୀ' ଓ ସପ୍ତମ ସଂଖ୍ୟାରେ 'ନୀରବ କବି' ନାମରେ ପ୍ରକାଶ ପାଇଛି । ଏଇ ଶେଷ କବିତାଟି ହୁଏତ ହୋଇପାରେ ଓଡ଼ିଆ ସାହିତ୍ୟରୁ ନିଷ୍କୃତି ନେବାର କାବ୍ୟିକ ଉଦ୍‌ଘୋଷଣା । ଆଉ ଗୋଟିଏ କବିତା ମଧ୍ୟ ଏହି ନ୍ୟୂନମନ୍ୟତାକୁ ଘୋଷଣାା କରେ । ସେ କବିତାର ନାମ 'କମଳ ବିଳାସୀର ବିଦାୟ' । ଏ କବିତା ସଂପର୍କରେ ଓଡ଼ିଆ ସାହିତ୍ୟର ଇତିହାସ ରଚୟିତା କବି ମାୟାଧର ମାନସିଂହ କହିଛନ୍ତି – ''ଯୌବନର ସନ୍ଧିକାଳରେ ମନୁଷ୍ୟ ଚିତ୍ତ ଯେଉଁ ସବୁ ମାନସିକ ସଂଘର୍ଷରେ ମଥିତ ହୁଏ, ଏ କବିତା କେବଳ ତାହାର ଚିତ୍ର ନୁହେଁ, ସ୍ୱୟଂ ଅନ୍ନଦାଶଙ୍କର ଓଡ଼ିଆ ଓ ଓଡ଼ିଶାକୁ ଛାଡ଼ି ଯେ ବଙ୍ଗ ଓ ବଙ୍ଗଳାରେ ଆଶ୍ରୟ ଲୋଡ଼ିଲେ । ସେ ବିଦାୟର ମଧ୍ୟ ଅସୁଖକର ପ୍ରତୀକ ।'' (ଓ.ସା.ଇ.ପୃ. ୩୭୦) ଅନ୍ନଦାଶଙ୍କର ସ୍ପଷ୍ଟ ଲେଖିଛନ୍ତି –

''କମଳ ବିଳାସୀ ଆଜି ମାଗୁଛି ବିଦାୟ
ଫେରିଲେ ଫେରିବ ଦିନେ ଉଦାସୀ ପରାୟ ।''

ଏ ଉଦାସୀନତା ଦୃଢ଼ ଅଙ୍ଗୀକାରର ଅଭାବରୁ ଯେ ଜନ୍ମ ନେଇଛି, ଏହା କହିବା ବାହୁଲ୍ୟ ମାତ୍ର । କବି ଅନନଦାଶଙ୍କର 'ଉତ୍କଳ ସାହିତ୍ୟ' ପତ୍ରିକାର ସୁଯୋଗ୍ୟ ସଂପାଦକ ବିଶ୍ୱନାଥ କରଙ୍କ ପାଖକୁ ଗୋଟିଏ ଚିଠି ତା ୪/୯/୨୩ରେ ଲେଖିଥିଲେ ପାଟଣାରୁ । ସେଥିରେ ଲେଖିଥିଲେ – ''ମୋର ବଂଧୁ କାଳିନ୍ଦୀଚରଣଙ୍କୁ ଆପଣ ଚିହ୍ନନ୍ତି । କିନ୍ତୁ ଜାଣି ନାହାଁନ୍ତି ସେ କେଡ଼େ ମୂଲ୍ୟବାନ ରତ୍ନଟିଏ । ମୋରବଂଧୁ ଖରତର ଲେଖା ଏବାର ପ୍ରକାଶ କରିଛନ୍ତି – 'ଲଣ୍ଡନର ପଲ୍ଲୀଜୀବନ', କିନ୍ତୁ ଜାଣି ନାହାନ୍ତି ନବ୍ୟ ଉତ୍କଳର ସେ ଗୋଟିଏ coming man. ସେ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟସ୍ଥାନ ଅଧିକାର କରି ମୋ ସହିତ ପାଶ୍ କରିଥିଲା । ଚାରୋଟି ଯୁବକଙ୍କ ମଧ୍ୟରୁ ତିନୋଟିଙ୍କୁ ଜାଣିଲେ । ବାକି ରହିଲେ ମୋର ବଂଧୁ ବୈକୁଣ୍ଠନାଥ ପଟ୍ଟନାୟକ । ଆତ୍ମନିର୍ଭର, ସ୍ୱାଧୀନତା କାମୀ, ଅତ୍ୟନ୍ତ ସାହସୀ ଖାଣ୍ଟି କବି ବୈକୁଣ୍ଠଙ୍କୁ ଆପଣ ଚିହ୍ନି ନାହାନ୍ତି । ସେ ତାର ଲେଖା ଗୋପନ ରଖିଛି । ତାର ଲେଖା ଯେ ଉତ୍କଳର କାବ୍ୟ ରାଜ୍ୟରେ ନବଯୁଗର ସୂଚନା କରୁଛି, ତାହା ଆପଣଙ୍କ ପରି Sympathetic critic ଗୁଣଗ୍ରାହୀ ବ୍ୟକ୍ତି ସହଜରେ ବୁଝି ପାରିବେ । ଦେଖିବେ ତାର ଛନ୍ଦ କେତେ ନୂତନ ଅଥଚ

ଦୋଷଶୂନ୍ୟ । ସାଧାରଣ ଲେଖକ ପରି ସେ ପଦ୍ୟ ଲେଖେ ନାହିଁ, ଖାଣ୍ଟି କବିତା ଲେଖେ, କିନ୍ତୁ ଟିକିଏ acceutic ଓ ବଡ଼ Imaginative. କାଳିନ୍ଦୀ ଯେପରି ଭାବ ପ୍ରବଣ ସେ ସେପରି କଳ୍ପନା ପ୍ରବଣ । କାରଣ feeling ଉପରେ ଜୋର ଦିଅନ୍ତି । ଆଉଜଣେ imagination ଉପରେ ଜୋର ଦିଅନ୍ତି । ମୋର ବିଶ୍ୱାସ ଏ ଦୁଇଜଣ ଓଡ଼ିଶାର ଶ୍ରେଷ୍ଠ Lynicist (ଏମାନେ ମହାକାବ୍ୟ ଲେଖନ୍ତି ନାହିଁ, ଖଣ୍ଡକାବ୍ୟ ଲେଖନ୍ତି – ପୁରା ରବିନ୍ଦ୍ର ଭକ୍ତ) ଏକ ସମୟରେ ହେବେ । ଆପଣ ଏମାନଙ୍କୁ ଉତ୍ସାହ ଦିଅନ୍ତୁ । ତରୁଣ ଉତ୍କଳକୁ ତୁଚ୍ଛ କରିବେ ନାହିଁ ।'' ଅନ୍ନଦାଶଙ୍କରଙ୍କ ଏ ଚିଠି କାଳିନ୍ଦୀଚରଣ ଓ ବୈକୁଣ୍ଠନାଥଙ୍କ ସଂପର୍କରେ ପରିଚୟ ପତ୍ର ହୋଇପାରେ, କିନ୍ତୁ ପରୋକ୍ଷରେ ନିଜପାଇଁ ଓ ନିଜ ସପକ୍ଷରେ ଏକ ପ୍ରତିଶ୍ରୁତି ମଧ୍ୟ । ଏ ଚିଠି ପାଇବାପରେ ଅନ୍ନଦାଶଙ୍କରଙ୍କ କବିତା 'ଉତ୍କଳସାହିତ୍ୟ'ର ପ୍ରଥମପୃଷ୍ଠା ଅଧିକାର କରିଛି । ରବୀନ୍ଦ୍ରନାଥ ଓ ପ୍ରମଥନାଥଙ୍କ ଅନୁପ୍ରେରଣା ଯେପରି ସମସାମୟିକ କଲ୍ଲୋଳ ଯୁଗର କବିତାକୁ ପରିପୁଷ୍ଟ କରିଥିଲା, ଅନ୍ନଦାଶଙ୍କରଙ୍କ ଖଣ୍ଡିତ ଓ ଦ୍ୱିଧାଗ୍ରସ୍ତ କାବ୍ୟ ଜୀବନର ସ୍ୱୀକୃତିପାଇଁ, ବିଶ୍ୱନାଥଙ୍କ ହିଁ ସେହିପରି ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ଭୂମିକା ସୃଷ୍ଟି କରିଥିଲେ । ଏ ଚିଠି ଲେଖି ଅନ୍ନଦାଶଙ୍କର ବିଶ୍ୱନାଥ କରଙ୍କ ପରି ଜଣେ ମହାନ୍ ସଂପାଦକଙ୍କଠାରୁ ଯେଉଁ ଉତ୍ସାହ ଓ ଅନୁପ୍ରେରଣା ଲାଭ କରିଥିଲେ ତା'ର କିନ୍ତୁ ସାର୍ଥକ ଉପଯୋଗ କରି ପାରିଲେ ନାହିଁ । ନିଜ କବିତାରେ ପ୍ରଥମରୁ ସେ ଯେଉଁ ଆତ୍ମଦ୍ୱନ୍ଦ୍ୱର ଶରବ୍ୟ ହେଲେ ତାହା ଏହି କବିଙ୍କୁ ଓଡ଼ିଆ କବିତା କ୍ଷେତ୍ରରୁ ଧୀରେ ଧୀରେ ବଙ୍ଗଳା ସାହିତ୍ୟ ଆଡ଼କୁ ଆପସାରିତ କରିନେଲା । ବଙ୍ଗଳା ସାହିତ୍ୟରେ ସେତେବେଳକୁ ସେ ଅଜ୍ଞାତକୁଳଶୀଳ ହେଲେବି ଓଡ଼ିଆ ସାହିତ୍ୟକୁ ଛାଡ଼ି ଅଧିକତର ସୁନାମ ପାଇଁ ବଙ୍ଗଳା ସାହିତ୍ୟକୁ ଯେ ଆଦରିନେଲେ ଏହାଥିଲା ଓଡ଼ିଆ ସାହିତ୍ୟ ପାଇଁ ଏକ ଅସୁଖକର ସଂବାଦ ନିଶ୍ଚୟ ।

ଅନ୍ନଦାଶଙ୍କରଙ୍କ ପ୍ରଥମ କବିତା ଥିଲା 'ପ୍ରଳୟ ପ୍ରେରଣା' । ଏହି କବିତାରେ ଝଞ୍ଜାବାୟୁ, ଅଗ୍ନିକଣା, ତାଣ୍ଡବ, ଭୈରବ ରାଗିଣୀ ପରି କେତୋଟି ଦୀପ୍ତ ଶବ୍ଦାବଳୀ ସେ ପ୍ରୟୋଗ କରିଛନ୍ତି । ସେ ସବୁକୁ ଇଂରାଜୀ ଭାଷାରେ Jargon ବୋଲି କୁହାଯିବ । ପୁଣି ପରେ ପରେ ଝଞ୍ଜାରାଣୀ, କଙ୍କଣ କିଂକିଣୀ ପରି ଲଘୁ ରୋମାଣ୍ଟିକ ଶବ୍ଦ ମଧ୍ୟ ପ୍ରୟୋଗ କରିଛନ୍ତି । ''ସମାଜ ମାନିବି ନାହିଁ, ଲୋକମତ ଦଳିବି ଚରଣେ'' ପରି ବୈପ୍ଳବିକ ଭାବନା କେବଳ ଶବ୍ଦର ତୋଫାନ ମାତ୍ର ସୃଷ୍ଟି କରିଛି । ତେଣୁ ଏହି କବିତାରେ ଯେଉଁ ସାମାଜିକ ପରିବର୍ତ୍ତନର କଥା କୁହାଯାଇଛି, ତାହା ରାଜ୍ୟର ବା ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମୁକ୍ତି ସଂଗ୍ରାମ ସହିତ ଯୋଡ଼ି ହୋଇପାରିଥିଲେ ତାହା ଅଧିକ ଅର୍ଥପୂର୍ଣ୍ଣ ଓ ଫଳପ୍ରଦ ହୋଇ ପାରିଥା'ନ୍ତା । ଯେଉଁ ମୁକ୍ତି ପାଇଁ ଜଗତର ନରନାରୀଙ୍କୁ ଏଠାରେ ଆହ୍ୱାନ କରାଯାଇଅଛି ତାହା ସମସାମୟିକ ସମାଜଚେତନାର ସଂସ୍କାରକାମୀ ଅଭିଳାଷ ସହିତ ଏକନ୍ୱିତ ହୋଇ ପାରିନାହିଁ । ତେଣୁ ଜଗତର ପତିତ ପାତିତ ଯେତେ ଜାତି ଓ ପରାଧୀନ ଯେତେ ଦେଶ ପାଇଁ ତାଙ୍କ ଆହ୍ୱାନର ନିଷ୍ଠା ଅତ୍ୟନ୍ତ ସଂଶୟାଚ୍ଛନ୍ନ । କାରଣ ଏ ସ୍ୱର ନିଜ ଦେଶର ପରିସ୍ଥିତି ପ୍ରତି ଧ୍ୟାନିଷ୍ଠ ହୋଇ ନପାରିଥିଲା ବେଳେ ସମଗ୍ର ଜଗତର ପତିତ ପାତିତଙ୍କ ମୁକ୍ତି ପାଇଁ କାମନା କରିବା କୌଣସି କାବ୍ୟ-ପ୍ରତ୍ୟୟ ସୃଷ୍ଟି କରି ପାରିନାହିଁ । ପୁଣି ଠିକ୍ ପରେ ପରେ ଲେଖିଥିବା କବିତାରେ 'ପ୍ରଳୟ ପ୍ରେରଣା'ର ବିରାଧାଭାସ ମୂଳକ ମନ୍ତବ୍ୟ ତାଙ୍କୁ ଦିଶାହରା କରିଦେଇଛି । ଏହାହିଁ ତାଙ୍କ କାବ୍ୟମାନସର ପ୍ରଥମ ଦ୍ୱନ୍ଦ୍ୱାତ୍ମକ ପରିଚୟ । ପୂର୍ବ କବିତାର ଯେଉଁ ପ୍ରଳୟର କଥା ଚିନ୍ତା କରାଯାଇଥିଲା ତା ଯେ ଏକ ପୋଖତ ଚିନ୍ତାର ପରିପ୍ରକାଶ ନଥିଲା ତାହା ସ୍ୱତଃ ପ୍ରମାଣିତ ହୋଇଗଲା । ଅର୍ଥାତ୍ ତାହାଥିଲା ଏକ ସାମୟିକ ଉଚ୍ଛ୍ୱାସ ମାତ୍ର । ତେଣୁ 'ସୃଜନସ୍ୱପ୍ନ' ଏଠାରେ ନୂତନ ସୃଷ୍ଟିର ଅଭିମନ୍ତ ନୁହେଁ, ବରଂ ରଣଉନ୍ମାଦ ପଦଯାତ୍ରାର ଏକ ପଶ୍ଚାତ ଗତି । ଯୁଦ୍ଧ ଅର୍ଥରେ ରିଟ୍ରିଟ୍ ବୋଲି କୁହାଯାଇ ପାରେ । ଏ କବିତାଟିର ଚିନ୍ତାରେ ତେଣୁ କୌଣସି ସଂଗଠନ ନାହିଁ, ଐକ୍ୟନାହିଁ, ଆଭିମୁଖ୍ୟ ନାହିଁ । କେବଳ ପ୍ରେୟସୀର ସ୍ୱପ୍ନ, ଗୋଧୂଳି ଆକାଶ, ଛାୟାଲୋକର ମୋହ, – ଏସବୁ କେବଳ ପଳାୟନବାଦୀ

ଅନୁଚିନ୍ତା, ପୁଣି ସୃଜନ ମୋହରେକବି ଏତେ ବ୍ୟଗ୍ର ଯେ ଏ ପୃଥିବୀରୁ  ସେ ଦ୍ରୁତ ପଳାୟନ ଚାହାନ୍ତି । ଏ ପରିକଳ୍ପନାରେ ତେଣୁ କାବ୍ୟ ଚେତନାର କୌଣସି ଭାରସାମ୍ୟ ନାହିଁ । ଏଇ କବିତାରେ ସେ ଯେଉଁ ରାଜ୍ୟକୁ ପଳାଇ ଯିବାକୁ ଚାହିଁଚିନ୍ତି ତାର ମାନଚିତ୍ର କିପରି ?

''ଯିବି ପଳାଇ ଦୂରେ ସୁଦୂରେ          ସପନ ଲୋକ ଗୋପନ ପୁରେ
ଗ୍ରହ ତାରକା ଏଡାଇ
ଯୌବନର ଝରଣାକୂଳେ          ମୟ ଯହିଁ ନିୟତ  କଲେ
କୁସୁମ କେତୁ ଉଡାଇ ।'' – (ସୃଜନସ୍ୱପ୍ନ)

ଯେଉଁ ମରମରୁରୁ ପଳାୟନ କରିବାକୁ ଚାହିଁ, ଅମରାବତୀର ସ୍ୱପ୍ନ କବି ଦେଖିଛନ୍ତି ତା'ର କୌଣସି ନିର୍ଦ୍ଧିଷ୍ଟ ଭୌଗୋଳିକ ସ୍ଥିତି ନାହିଁ । ଏପରି କେଉଁ ରାଜ୍ୟ ଅଛି ଯେଉଁଠି  ପ୍ରେମ  କେବେବି  ପୁରୁଣା ହୁଏ ନାହିଁ – ସେଇ ରାଜ୍ୟର ସନ୍ଧାନରେ କବି ପ୍ରମତ୍ତ । ଏଇ ଭାବନା ପୁଣି ପରବର୍ତ୍ତୀ କବିତା ଗୁଡ଼ିକରେ କେଉଁଠି ଅନୁଧାବିତ ତ କେଉଁଠି  ବ୍ୟତିକ୍ରାନ୍ତ ମଧ୍ୟ । ଯେଉଁପରି 'ମାନସୀ ଓ ମୁଁ' କବିତାର କବି କହିଛନ୍ତି –

''ସୁଦୂରେ ନାହିଁ ସୁଖ / ଉଡ଼ିବା ବଡ଼ ଦୁଃଖ
ରହିବା ଆସଆସ  / ନିରମି ନୀଡ଼ଟିଏ ।''

ଏହି ମାନସିକ  ଦ୍ୱନ୍ଦ୍ୱ ଯେତେବେଳେ ଏକ ଭିନ୍ନ ବୌଦ୍ଧିକ ଚିତ୍ର ପ୍ରକାଶ କରିଛି କବି ଉପଲବ୍ଧି କରିଛନ୍ତି ଯେ – ''ଏଇ ଦେହ ଓ ମନତଳେ ଦୁଇଟି  ବିହଗ ଓ ବହଗୀ ସବୁବେଳେ କଳକୂଜନରତ – ଗୋଟିଏ ଦୂରର ଆକର୍ଷଣ ତ ଆଉ ଗୋଟିଏ ମାଟିରୁ ଓ ନିକଟର ।'' ଏହାହିଁ  କବିର ଚେତନ ଓ ଅବଚେତନର ମନସ୍ତାତ୍ତ୍ୱିକ ଉପଳବ୍ଧି । ଚେତନାରେ ହିଁ କେବଳ ଏକ  ଅଦେହ ଅଭିସାରର ସ୍ୱପ୍ନ । ସେ ନିଜେ ନିଜର ପ୍ରେମିକ ଓ ପ୍ରେମିକ ଉପଭୋକ୍ତା ମଧ୍ୟ ।

ପୁଣି ତାଙ୍କର 'ଯୌବନ ଥରେ ଗଲେ ଆଉ ଆସେନା'' କବିତାର ମର୍ମବାଣୀ ପ୍ରତି ଦୃଷ୍ଟିପାତ କରନ୍ତୁ ଏ କବିତାଟିର କାବ୍ୟସ୍ୱର ଏକ ବିଷାଦବାଦୀ ଭାବନାକୁ କେନ୍ଦ୍ରକରି ସଂପ୍ରସାରିତ । କବି ଏଠାରେଏତେ ରୋମାଣ୍ଟିକ୍ ଯେ ଯୌବନର ନିଷ୍କ୍ରମଣ ସହିତ ଜୀବନର ଅବସାନ ପାଇଁ କାମନା ପ୍ରକାଶ କରିଛନ୍ତି । କାରଣ ଜୀବନର ଅନ୍ୟକିଛି  ସ୍ୱାଭାବିକ ଭୟାବହତାକୁ ବରଣ କରିବାକୁ ସେ ପରାଙ୍ଗମୁଖ । ତଥାପି ଏ କବିତାଟିର ଚିନ୍ତାଧାରା ଖୁବ୍ କେନ୍ଦ୍ରାୟିତ ଓ ଏଥିରେ ଚିନ୍ତାର ଭାରସାମ୍ୟ ମଧ୍ୟ ପ୍ରତିଷ୍ଠିତ ଏହି ଭାରସାମ୍ୟ ତାଙ୍କର ଅନ୍ୟ ଏକ କବିତା 'ସବିତା'ରେ ମଧ୍ୟ ଉପଲବ୍ଧି କରାଯିବ । ଏ କବିତାର କବି କୁନ୍ତଳାକୁମାରୀ ସାବତ 'ଆହ୍ୱାନ' ଓ 'ସ୍ଫୁଲିଙ୍ଗ' ଆଜିର କାବ୍ୟସ୍ୱର ସହିତ  କିଂଚିତ୍ ସାମ୍ୟ ପ୍ରତିଷ୍ଠିତ ହୋଇଥିବା ଲକ୍ଷ୍ୟ କରାଯିବ । ଏଥିରେ କବିଙ୍କ ଅଙ୍ଗୀକାର ପ୍ରାଞ୍ଜଳ ହେଲେ ବି ଏହାର କୌଣସି କାବ୍ୟ ପରିଣତି ନାହିଁ । କିନ୍ତୁ ପରେ ପରେ ଲିଖିତ ଏକ ଦୀର୍ଘ କବିତା 'ପରୀମହଲ'ର ରଚନା (୧୯୨୬) ସହିତ 'ସବିତା'ର ଭାବନିଷ୍ଠ ଉଦ୍‌ବୋଧନଶୀଳତା ଚହଲି ଯାଇଛି ଓ ଶ୍ରୀ ରାୟ ପୁନଶ୍ଚ  ମାନସିକ ଦ୍ୱନ୍ଦ୍ୱର  ସମ୍ମୁଖୀନ ହେଇଛନ୍ତି । 'ପରୀମହଲ' କବିତାଟିର ପରିକଳ୍ପନା ଏକାନ୍ତ ଦୂରଗାମୀ ଓ ବାସ୍ତବତା ବିରହିତ । ରୋମାଣ୍ଟିକ କବିତାର ସମସ୍ତ ଆନୁଷଙ୍ଗ ଅର୍ଥାତ୍ ଚାନ୍ଦିନୀରାତି, ସଂଗିନୀ ପ୍ରିୟା, ଫୁଲ ଓ ପଲ୍ଲବର ମୋହ, କେତକୀର ପରାଗ, ହେନାର ବାସ୍ନା, ଗୋଧୂଳିର ଆଳତି, ଅଭିସାରର ନିଶା –  ଏ କବିତାରେ ଅତ୍ୟନ୍ତ  ସୁଲଭ ।  ପୁନଶ୍ଚ ନୀଳପରୀ, ଲୋହିତପରୀ, ଗୋଲାପୀପରି ଆଜିର

---

*।୧୨। ମାନସୀ ଓ ମୁଁ – ''ଏସନ ପରକାରେ/ଚେତନା ପରପାରେ/ମୋତେ ମୁଁ କହେ କଥା/ନୀରବେ ନିରଜନେ ।''*

ପରିକଳ୍ପନାରେ ଏ କବିତା ନିହାତି ଅନିୟନ୍ତ୍ରିତ । ସମସାମୟିକ ଭାବେ ଲିଖିତ ଆଉ ଏକ କବିତା 'କମଳବିଳାସୀର ବିଦାୟ'ରେ କବି ଅନେକ ମାତ୍ରାର ସମାହିତ ଓ ସ୍ଥିତପ୍ରଜ୍ଞ ମନେ ହୁଅନ୍ତି । ଜୀବନର ବହୁ ରୁଢ଼ ବାସ୍ତବତା ପ୍ରତି ଏ କବିତାଟିରେ ଏକ ବାସ୍ତବବାଦୀ ସଚେତନତା ପ୍ରକାଶପାଇଛି । ପଦ୍ମଭୁକ୍ କବି ଅତୀତର ସମସ୍ତ ସ୍ୱପ୍ନ ବିଳାସଠାରୁ ମେଲାଣି ମାଗେ, କାରଣ ଜୀବନ ସଂଗ୍ରାମର ନିଷ୍ଠୁର ବାସ୍ତବତାର ଆହ୍ୱାନ ସେ ଶୁଣିବାକୁ ପାଉଛି । ଏହି ଉତ୍କଟ ବାସ୍ତବତାକୁ ପରିହାରକରି କେତେଦିନ ସେ ପ୍ରେମ, ପ୍ରଣୟ, ଯୌବନ ଓ ପରୀରାଜ୍ୟର ସ୍ୱପ୍ନରେ ମଜଗୁଲ ରହି ପାରିବ । ଏହି ଉଚ୍ଚାଟିତ ଆହ୍ୱାନରେ କବିତାର ସମସ୍ତ କୋମଳସ୍ମୃତି ସେ ଉଜେଇଁ ଦେବାକୁ ଚାହେଁ । ତାର ଚେତନାରେ ଆଜି ଖାଲି ବସନ୍ତର ଉଲ୍ଲାସ ନୁହେଁ ଶୀତର ହିମ ଶୀତଳ ଅତିଚାର ବି ସତ୍ୟ । କେବଳ ବହିଃବିଶ୍ୱର ନୁହେଁ, ସ୍ୱଦେଶର ପ୍ରତିଟି ଧୂଳିକଣା, ନଦୀ, ଗିରିର ଡାକରା ମଧୁତା' ପାଇଁ ସତ୍ୟ । ପୁଣି ତା' ଚେତନାରେ ରୋଗ, ଶୋକ, ଦୁଃଖ, ଦୈନ୍ୟ ପ୍ରପୀଡିତ ମଣିଷର ସ୍ୱର ଏକ ପ୍ରଗତିବାଦୀ ଚେତନାର ବୈତାଳିକ ଭାବେ ବେଶ୍ ମନୋଜ୍ଞ ଓ ମନନଶୀଳ । ତାର ଶ୍ୱାସରେ ପ୍ରଳୟର ଉତ୍କ୍ଷିପ୍ତ କମ୍ପନ, ପ୍ରତି ରକ୍ତକଣାରେ ତରଳ ଲାଭାସ୍ରୋତ । ତେଣୁ କବି ଗାଇଛନ୍ତି –

''ହିମାଳ ପରଶେ ମୋର ଶତସିଂହାସନ/ଥରିଉଠୁ ଅତ୍ୟାଚାର ପାଣ୍ଡୁର ଆତଙ୍କେ
ସ୍ଫୁରିଉଠୁ ଦୃପ୍ତବାଣୀ ଧ୍ୱଂସର ହିଲ୍ଲୋଳେ/ବାତ୍ୟାସମ ନାଚିବି ମୁଁ ଛନ୍ଦହୀନ ଛନ୍ଦେ ।''

ଏହି କବିତାର ଶେଷଭାଗରେକବି କ୍ଷୋଭ ପ୍ରକାଶକରି କହନ୍ତି –

''କମଳ ବିଳସୀ ଆଜି ମାଗୁଚି ବିଦାୟ
ଫେରିଲେ ଫେରିବ ଦିନେ ଉଦାସୀ ପରାୟ ।''

ଏ ଉଦାସୀନତା ଦୃଢ଼ ଅଙ୍ଗୀକାର ଅଭାବରୁ ହିଁ ଜନ୍ମ ନେଇଛି ଓ ସମସ୍ତ ପୃଷ୍ଠପୋଷକତା ସତ୍ତ୍ୱେ କବିଙ୍କୁ ଓଡ଼ିଆ କାବ୍ୟ ପରିସରରୁ ଦୂରେଇ ନେଇଛି । ଯେତେଦୂର ମନେହୁଏ ସେ ବଙ୍ଗଳା ଗଦ୍ୟ ସାହିତ୍ୟରେ ପ୍ରଭୂତ ସିଦ୍ଧିର ଅଧିକାରୀ ହୋଇଥିଲେ ବି କବିତା କ୍ଷେତ୍ରରେ ଅଧିକତର କୃତିତ୍ୱର ଅଧିକାରୀ ହୋଇ ପାରି ନାହାନ୍ତି । ପୁନଶ୍ଚ ଓଡ଼ିଆ ରମ୍ୟରଚନା ଓ ସମାଲୋଚନା କ୍ଷେତ୍ରରେ ଅଳ୍ପ ଲେଖିବି ସେ ଯେଉଁ ସଫଳତାର ଅଧିକାରୀ କବିତା କ୍ଷେତ୍ରରେ ତାହା ସମ୍ଭବ ହୋଇ ପାରି ନାହିଁ । ତେଣୁ ତାଙ୍କ ସୃଜନଶୀଳ ମାନସ ପ୍ରବନ୍ଧ ଓ ରମ୍ୟରଚନା, ଗଳ୍ପ ଓ ଉପନ୍ୟାସରେ (ବଙ୍ଗଳା) ଅଧିକ ସିଦ୍ଧିର ଅଧିକାରୀ ହୋଇ ପାରିଛି ।

ତଥାପି ଏଇ ଚଉଦଟି କବିତା ମଧ୍ୟରେ ସବୁଜ ଅଗ୍ରଜ (ବୟସ ଦୃଷ୍ଟିରୁ ନୁହେଁ ଭାବଦୃଷ୍ଟିରୁ) ଅନ୍ନଦାଶଙ୍କରଙ୍କ କୃତିତ୍ୱ ଯେ କୌଣସି ପାଠକ ଓ ସମାଲୋଚନକକୁ ନିଶ୍ଚୟ ଅଭିଭୂତ କରିବ । ତାଙ୍କ କବିତା ତାରୁଣ୍ୟର ଉଗ୍ରତା, ଉଦ୍ଧତ ଯୌବନର ଫେନିଳ ଉଦ୍ଦାମତା ପୁଣି ବାର୍ଦ୍ଧକ୍ୟ ସୁଲଭ ବିଚାର ନିଷ୍ଠା ଓ ଭୀରୁତାର ପରିଚାୟକ । ସମସ୍ତ ବାଧାବନ୍ଧନ ବିରୁଦ୍ଧରେଏ କବିତା ଯେତିକି ବିଦ୍ରୋହଶୀଳ, ସ୍ଥବିରତାରେ ସେତିକି କୁଣ୍ଠିତ ଓ ମ୍ରିୟମାଣ । ସମାଜର ପଳିତ ସ୍ଥିତି ବିରୁଦ୍ଧରେ ନବୀନ ସୃଷ୍ଟିର ଉନ୍ମାଦନା ଓ ପଳାୟମାନ ଅବସୋସ – ଏହିପରି ଏହିତ ସତ୍ତାରେ ତାଙ୍କ କବିତା ଆନ୍ଦୋଳିତ ହୋଇଛି । କିନ୍ତୁ ଏହି ମାନସିକ ଦ୍ୱନ୍ଦ୍ୱଠାରୁ ଦୂରରେ ରହି ସେ ଯେତେବେଳ ପ୍ରେମ ଓ ପ୍ରଣୟର ମନ୍ମୟରୂପ ତାଙ୍କ କବିତାରେ ପ୍ରକାଶ କରିଛନ୍ତି ସେଠାରେ ତାଙ୍କ କାବ୍ୟସ୍ୱରର ପରିମିତତା (accuracy) ଉପଲବ୍ଧି କରିହେବ । କୌଣସି ସଂକଳନ ଅର୍ଥାତ୍ 'ସବୁଜ କବିତା' ଓ 'ସବୁଜ ଅକ୍ଷର'ରେ ସଂକଳିତ ନ ହୋଇବି 'ଚିରନ୍ତନ ନରଚାହେଁ ଚିରନ୍ତନ ନାରୀ' ଓ 'ନୀରବ କବି' କବିତା ଦୁଇଟିର ମନସ୍ତାତ୍ତ୍ୱିକ ଆବେଦନ ଓ ରୁଚିଶୀଳ ପରିପ୍ରକାଶ ପାଠକକୁ ନିଶ୍ଚୟ ଆକୃଷ୍ଟ କରିବ । ତାଙ୍କର ମୌଳିକତା

ଛନ୍ଦ ପ୍ରଚଳନରେ ଓ ଭାଷା ପ୍ରୟୋଗରେ ଲକ୍ଷ୍ୟ କରିହେବ । ଓଡ଼ିଆ କବିତାର ସମସ୍ତ ପୁରାତନ ଛଳକୁ ଉପେକ୍ଷା କରି ନୂତନ ଧାବମାନ ଛନ୍ଦ ପ୍ରୟୋଗ (‘କମଳ ବିଳାସୀର ବିଦାୟ’) ଓ ମାତ୍ରାବୃତ୍ତ ଛନ୍ଦ ପ୍ରୟୋଗର ସେ ଅଗ୍ରଗାମୀ ବୋଲି କହିବାକୁ ହେବ । ଅନ୍ନଦାଶଙ୍କର ସବୁଜଗୋଷ୍ଠୀର ସୃଷ୍ଟି ସଂପର୍କରେ ଏକ ପରୋକ୍ଷ କଳନା ପ୍ରକାଶକରି କହିଥିଲେ – ‘୧୯୨୧ରୁ ୧୯୩୫ ପର୍ଯ୍ୟନ୍ତ ପ୍ରାୟ ପନ୍ଦରବର୍ଷ ମଧ୍ୟରେ ରଚିତ ସେମାନଙ୍କ ସମବେତ ସାହିତ୍ୟ ସାଧନାକୁ ଭବଷ୍ୟତ ଯଥେଷ୍ଟ ଗୁରୁତ୍ୱ ଦେବନାହିଁ, କିନ୍ତୁ ସାହିତ୍ୟର ଇତିହାସରେ ତା’ର ଏକ ସ୍ୱତନ୍ତ୍ର ସ୍ଥାନ ରହିବ । ତାଙ୍କର ଆତ୍ମୀୟ ବଂଧୁ କାଳିନ୍ଦୀଚରଣ ଓ ବୈକୁଣ୍ଠ ନାଥଙ୍କ ସୃଷ୍ଟି ଉପରେ ଦୃଷ୍ଟିପାତ କଲାପରେ ଏହି ଆକଳନର ପୁନଃସମୀକ୍ଷା କରାଯାଇପାରିବ ।

**କାଳିନ୍ଦୀ ଚରଣ ପାଣିଗ୍ରାହୀ** :– କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କାବ୍ୟ ଜୀବନର ପ୍ରାରମ୍ଭ ପ୍ରାୟ ୧୯୨୦ ମସିହାରୁ ଓ ଏହର ସବୁଜସ୍ଥିତି ପ୍ରାୟ ୧୯୩୨ ମସିହା ପର୍ଯ୍ୟନ୍ତ ପରିବ୍ୟାପ୍ତ ୧୯୩୧ ମସିହାରେ ‘ଗାନ୍ଧାରୀର ଆଶୀର୍ବାଦ’ ପରି ଏକ ଚମକପ୍ରଦ କବିତା ରଚନା ସହିତ ଓଡ଼ିଆ କବିତାରେ କାଳିନ୍ଦୀଚରଣ ଜଣେ କବି ଭାବେ ସମ୍ମାନିତ ଆସନ ଅଧିକାର କରିଥିଲେ । ୧୯୩୨ ପରେ ପରେ ତାଙ୍କ କାବ୍ୟ ସ୍ୱରର ଏକ ସଚେତନ ପରିବର୍ତ୍ତନ ପରିଲକ୍ଷିତ ହୁଏ ଏବଂ ସ୍ୱର ପ୍ରାୟ ୧୯୪୫ ମସିହା ପର୍ଯ୍ୟନ୍ତ ଅବ୍ୟାହତ ରହେ । ତା’ପରେ କବି କାଳିନ୍ଦୀଚରଣ ଗଦ୍ୟ ସାହିତ୍ୟର ବିଶେଷକରି ଗଳ୍ପ ଉପନ୍ୟାସର ତଥା ପ୍ରବନ୍ଧର ଦିଗନ୍ତ ବିସ୍ତୃତ ବିତାନରେ ହଜିଯାଅନ୍ତି । ତେଣୁ ତାଙ୍କ କବିତା ପରିଣତିମୁଖି ହୋଇପାରେ ନାହିଁ । ତେଣୁ କାଳିନ୍ଦୀ ଚରଣଙ୍କ କାବ୍ୟଜୀବନର ପ୍ରାରମ୍ଭ ଓ ବିକାଶ ଥିଲେ ବି ତାହା ପରିଣତିକୁ ସ୍ପର୍ଶ କରି ପାରିନାହିଁ । ତଥାପି ସବୁଜ ଗୋଷ୍ଠୀ ମଧ୍ୟରେ କବି କାଳିନ୍ଦୀଚରଣ ହିଁ ସବୁଠାରୁ ଅଧିକ ସଚେତନ ଶିଳ୍ପୀ । ତାଙ୍କ କବିତାରେ ବିବିଧ ଭାବର ବର୍ଣ୍ଣାଳୀ ଦେଖିବାକୁ ମିଳେ – ଯାହା ‘ଗାନ୍ଧାରୀର ଆଶୀର୍ବାଦ (୧୯୩୧) ପରି କବିତା ଠାରୁ କିଏ ଶଳା ସଇତାନ (୧୯୪୪) କବିତା ପର୍ଯ୍ୟନ୍ତ ସଂପ୍ରସାରିତ । ଏ ଦୃଷ୍ଟିରୁ କବି ବେଶ୍ ସଚେତନ ଓ ସବୁଜ ଗୋଷ୍ଠୀ ମଧ୍ୟ ଅଧିକ ଗତିମାନ୍ ମନେ ହୁଅନ୍ତି । ତାଙ୍କର ‘ଜୟ ଭଗବାନ’ (୧୯୩୬), ଭକ୍ତି ଓ ଚାବୁକ୍ (୧୯୩୮), ବାଜିରାଉତ (୧୯୩୮), ଯାଦୁଘର (୧୯୩୮) ଛୁରୀଟିଏ ଲୋଡ଼ା (୧୯୩୯), ମୋ ବାଣୀ (୧୯୪୦), ଆଗାମୀ (୧୯୪୨), କିଏ ଶଳା ସଇତାନ (୧୯୪୪) ପ୍ରଭୃତି କବିତା ଖୁବ୍ ପ୍ରଭାବଶାଳୀ ଯେଉଁଥିରେ ସବୁଜର ମତଲବ ନୁହେଁ, ଆଧୁନିକ କବିତାର ମତବାଦକୁ ସନ୍ଧାନ କରାଯାଇ ପାରିବ । ଏକାନ୍ତ ଭାବରେ ପରିବର୍ତ୍ତିତ ପରପ୍ରେକ୍ଷୀରେ ରଚିତ ଏହି କବିତାଗୁଡ଼ିକ କାଳିନ୍ଦୀ କାବ୍ୟ ମାନସର ଏକ ବିପୁଳ ସ୍ୱୀକୃତି ବହନ କରି ବସିଛି । ଯେଉଁ କବି କାବ୍ୟ ଜୀବନର ଉନ୍ମେଷରେ ଥିଲେ ଖୁବ୍ ରୋମାଣ୍ଟିକ କାବ୍ୟ ଜୀବନର ବିକାଶ କାଳରେ ଏକ ମାନବବାଦୀ ବୈପ୍ଲବିକ କାବ୍ୟ ସରଣୀ ବାଛି ନେବାରେ ବିଚିତ୍ରତା ନିଶ୍ଚୟ ଅଛି । ଏହାହିଁ କାଳିନ୍ଦୀ କାବ୍ୟମାନସର ଉତ୍ତରତ ବୋଲି କହିବାକୁ ହେବ ।

ତାଙ୍କ କବିତାର ପ୍ରାରମ୍ଭିକ ଚେତନା ଥିଲା ଏକାନ୍ତ ରୋମାଣ୍ଟିକ ଓ ସ୍ୱପ୍ନଜୀବୀ । ଏପରିକି ରୋମାଣ୍ଟିକ୍ କବି ରାଧାନାଥଙ୍କର ପ୍ରଭାବ ମଧ୍ୟ ବେଳେବେଳେ ଲକ୍ଷ୍ୟ କରାଯାଇପାରେ । ଯେମିତି ତାଙ୍କ କବିତା ‘ବିରହୀ ଯକ୍ଷ’ରେ କବିବର ରାଧାନାଥଙ୍କ ‘ଚନ୍ଦ୍ରଭାଗା’ର ପ୍ରଭାବ ।

ରାଧାନାଥ : ‘‘ଅସମ୍ଭାଳେ ଫିଟି କୁନ୍ତଳଭୂମି ଯାଏ ପରଶି
ଯେଣେ ଅନାଉଛ ଲଳନା ଫୁଲଯାଏ ବରଷି ।।’’ (ଚନ୍ଦ୍ରଭାଗା)

କାଳିନ୍ଦୀ ଚରଣ : ‘‘ସିକ୍ତ ହୋଇଥିବ ଚାରୁ ଚରଣ ଦୁଇ
ଫିଟି ଲୋଟୁଥିବ କୋଣ ଧରଣୀ ଛୁଇଁ ।’’ (ବିରହୀଯକ୍ଷ)

ଏଇ କଞ୍ଚାବୟସର  ରଚନାରେ ଅତି ଶିଳ୍ପ ସଂଗତ ଭାବେ କବି ପୂର୍ବସୂରିମାନଙ୍କୁ ଅନୁସରଣ କରିଛନ୍ତି । ୧୯୨୦ ମସିହା ଜୁନ୍ ମାସରେ ରଚିତ 'ରଜ' କବିତାରୁ ଏଇଯୁକ୍ତି ପରିପୁଷ୍ଟ ହୁଏ । ପଣ୍ଡିତ ନୀଳକଂଠ ଦାସଙ୍କ 'ରାମଚଣ୍ଡୀରେ ସନ୍ଧ୍ୟା' କବିତାରେ ରଜଉତ୍ସବର ଚିତ୍ର, ତା' ସହିତ ଗ୍ରାମ ସୀମନ୍ତିନୀମାନଙ୍କ ରଜଉତ୍ସବ ପାଳନର ଚିତ୍ର, ପୁନଶ୍ଚ ନନ୍ଦକିଶୋର ବଳଙ୍କ ଗ୍ରାମସୀମନ୍ତିନୀ ମାନଙ୍କ ଚିତ୍ର ସହିତ ଯେଉଁମାନେ ପରିଚିତ ଥିବେ କାଳିନ୍ଦୀ ଚରଣଙ୍କ 'ରଜ' କବିତା ଉପରେ ସେ ସବୁରେ ପ୍ରଭାବ ସହଜେ ଉପଲବ୍ଧି କରିବେ । କାଳିନ୍ଦୀ ଚରଣ ସେଇ ବାସ୍ତବଚିତ୍ରକୁ ଅଙ୍କନ କରିବାକୁ ଯାଇ ଲେଖିଛନ୍ତି –

> ହଳଦୀ ଅଳତା ଲଗାଇ ମୁଣ୍ଡ ବାନ୍ଧି ଯତନେ
> ଗ୍ରାମସୀମନ୍ତିନୀ ଆଦରେ ଚାହିଁଥିବେ ଗଗନେ । (ରଜ–ଛୁରୀଟିଏ ଲୋଡା ପୃ. ୧୦୬)

ପୁନଶ୍ଚ ଏଇ କବିତାଟିରେ ପାରଂପରିକ ଭାବରେ ବର୍ଷାକାଳରେ ବିରହିଣୀର ଖେଦ ପ୍ରସଙ୍ଗ ମଧ୍ୟ ବର୍ଣ୍ଣିତ ହୋଇଛି । ପ୍ରାଚୀନ ମଧ୍ୟଯୁଗୀୟ ସାହିତ୍ୟରୁ ଅଧୁନିକ ଯୁଗ ପର୍ଯ୍ୟନ୍ତ ଏହି ଚେତନାର ଅପ୍ରତିହତ ପ୍ରବାହ ଲକ୍ଷ୍ୟ କରାଯିବ । ତେଣୁ କଳିନ୍ଦୀ ଚରଣଙ୍କ କାବ୍ୟ ଜୀବନ ଏଇ ପାରଂପରିକ ଚେତନା  ମଧ୍ୟରୁ ଆରମ୍ଭ ହୋଇଥିଲା ବୋଲି କହିଲେ ଅଯୌକ୍ତିକ ହେବ ନାହିଁ। ଏହି ସମୟରେ ତାଙ୍କ ରଚିତ ଆଉ ଗୋଟିଏ କବିତା 'ବ୍ୟର୍ଥ ସ୍ୱପ୍ନ'ରେ (ଜୁନ୍ ୧୯୨୦) ସେହିପରି ବହୁ ରୋମାଣ୍ଟିକ୍ ସ୍ୱପ୍ନ ପ୍ରବଣତାର ଚିତ୍ର ରହିଛି । କବି କଳ୍ପନାରେ ଯେଉଁ ପ୍ରଣୟିନୀର ସ୍ୱପ୍ନରେ ମୁଗ୍ଧ, ବାସ୍ତବଜୀବନରେ ତାର ସ୍ଥିତି ନାହିଁ । ଏଇ ସ୍ୱପ୍ନର ଏକ ଚରମ ରୂପ ପ୍ରକାଶ ପାଇଛି ତାଙ୍କ କବିତା 'କବିର ବ୍ୟଥା' (୧୯୨୪)ରେ । ସ୍ୱପ୍ନ ପରିସମାପ୍ତି ଜନିତ ବେଦନା ଓ ବେପଥୁକୁ କବି ସ୍ଥାବର ଓ  ଜଙ୍ଗମ ସମସ୍ତଙ୍କ ପାଖରେ ବ୍ୟାକୁଳ ହୋଇ ପ୍ରକାଶ କରିଛି । ଆକାଶର ତାର, ମାଟିର ପର୍ବତମାଳା, ଗୋଲାପ, ନଦୀ ଓ ସାଗର ଏପରିକି ପିକ ଓ ଶୁକ ପାଖରେ ମଧ୍ୟ ତାଙ୍କ ଅସମାପ୍ତ ସ୍ୱପ୍ନର ବ୍ୟଥାକୁ ପ୍ରକାଶ କରି ଚାଲିଛନ୍ତି – ଉଦ୍ଦେଶ୍ୟ ହେଉଛି ସେମାନେ ମଧ ତାଙ୍କ ବ୍ୟଥିତ ହୃଦୟର ସାକ୍ଷ ବହନ କରନ୍ତୁ । କାଳିନ୍ଦୀ କାବ୍ୟ ମାନସର ଏହି ରୋମାଣ୍ଟିକ ସ୍ୱପ୍ନ ପ୍ରବଣତା ଆହୁରି ଘନୀଭୂତ ହୋଇଛି ତାଙ୍କର ଅନ୍ୟତମ ସାର୍ଥକ କବିତା 'ଲୋହିତ ବ୍ୟଥା' (୧୯୨୪)ରେ । 'ସବୁଜ କବିତା' ସଂକଳନରେ ଏସବୁ କବିତା ମୁଦ୍ରିତ ହେବା ତାତ୍ପର୍ଯ୍ୟପୂର୍ଣ୍ଣ  ମନେହୁଏ । ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବିମାନଙ୍କ କାବ୍ୟକୃତିରେ ଯେଉଁ ଦୂରାତୀତ ଓ ଦୂରଗାମୀପ୍ରତି ଆତ୍ୟନ୍ତିକ ମୋହ ପ୍ରକାଶ ପାଇଛି ସବୁଜ କବିମାନଙ୍କ କବିତାରେ ତାହାରି ପ୍ରତିଫଳନ ଅତି ପ୍ରାଞ୍ଜଳ ଭାବେ ଉପଲବ୍ଧି କରାଯିବା 'ଲୋହିତ ବ୍ୟଥା' କବିତାର ଗୋଟିଏ ପଙ୍କ୍ତି ଉଦ୍ଧାର କରାଯାଇପାରେ ।

> ''ଦୂର ଅତୀତର ଶୁଭୁଥିଲା ଭାଷା / କି ଗହନକଥା ଦୁରନ୍ତ ଦୁରାଶା
> ସଂଧ୍ୟାସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ / ସଜଳ ନୟନେ ଚାହିଁଥିଲା ବନପଥେ ।''

ଏହି କବିତାଟିର ପରିସର ମଧ୍ୟରେ  ବଂଶୀ, ଦୂର ବିଲବନ, ସନ୍ଧ୍ୟା–ସୁନ୍ଦରୀ, ସ୍ୱର୍ଣ୍ଣମେଘ, ବନପଥ, ଜ୍ୟୋସ୍ନା ଗୋଧୂଳି, ସନ୍ଧ୍ୟାରାଣୀ, ସନ୍ଧ୍ୟାର ମରମଠାଣି ଆଦି ଯେଉଁସବୁ ରୋମାଣ୍ଟିକ୍ ଅନୁଷଙ୍ଗ ପ୍ରକାଶ ପାଇଛି  ସବୁଜମାନେ ଏହିପରି ଶବ୍ଦମାଳା, ପ୍ରାକୃତିକ ରୂପ ସୌନ୍ଦର୍ଯ୍ୟର ଥିଲେ ପ୍ରଚଳୟିତା । ଅବଶ୍ୟ ବ୍ୟକ୍ତିଗତ ଅନୁଭୂତିର ମାତ୍ରାଧିକ୍ୟ ହେତୁ ଏ କାବ୍ୟସ୍ୱର କେତେବେଳ କରୁଣ ତ କେତେବେଳେ ବିଷାଦବାଦୀ, କେତେବେଳେ ପୁଣି ଏକାନ୍ତ ସ୍ୱପ୍ନ ପ୍ରବର ଓ ଅବାସ୍ତବ ମନେହୁଏ । ତେଣୁ କାଳିନ୍ଦୀଚରଣଙ୍କ ପ୍ରାଥମିକ କବିତାଗୁଡ଼ିକର କୌଣସି ଗଭୀର ଭାବଦ୍ୟୋତକ ସମସ୍ୟାର ଉନ୍ମୋଚନ ହୋଇଥିବା ଦେଖିବାକୁ ମିଳେ ନାହିଁ । ତାଆରି ଭିତରେ ୧୯୨୭ରେ ରଚିତ 'ପୁରୀମନ୍ଦିର' କବିତା ଏକ ବ୍ୟତିକ୍ରମ ବୋଲି କହିବାକୁ ହେବ ପୁନଶ୍ଚ ଏ କବିତାଟି ରବୀନ୍ଦ୍ରନାଥଙ୍କ ଚିନ୍ତାଧାରା ଦ୍ୱାରା ଅଧିକ ପରିପୁଷ୍ଟ ହୋଇଥିବା ଦେଖିବାକୁ ମିଳେ ।

ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳିର ଦୁଇଟି କବିତା 'ଧୂଳାମନ୍ଦିର' ଓ 'ଦୀନେର ସଂଗୀ' ଓ ନୈବେଦ୍ୟର ଅନ୍ୟତମ କବିତା 'ମୁକ୍ତିନାହିଁ ମାଗେ'ର ପ୍ରଭାବ କାଳିନ୍ଦୀଚରଣଙ୍କ 'ପୁରୀମନ୍ଦିର' କବିତା ଉପରେ ଲକ୍ଷ୍ୟ କରାଯାଏ । ଉଦାହରଣ ସଦୃଶ 'ପୁରୀ ମନ୍ଦିର' କବିତାର ନିମ୍ନ କେତୋଟି ପଙ୍‌କ୍ତିକୁ ଉଦ୍ଧାର କରାଯାଇପାରେ ।

''ହେ ପାଷାଣ ମାଗୁନାହିଁ ଶମିବାକୁ ମୋ ମରମ ଭାର
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହ
ଧନମାନ ଯଶ ଖ୍ୟାତି ଅଭୟ ହୃଦୟ
ମୃତ୍ୟୁପରେ ମୁକ୍ତି ନାହିଁ ମାଗେ
ବଇକୁଣ୍ଠ ନାହିଁ ଭଲ ଲାଗେ
ଏ ମର୍ତ୍ତ୍ୟ ଭୂବନ
ମୋ ସ୍ନେହ ସଦନ
ଏ ଧରଣୀ
ସୁଖମଣି ।''

ରବୀନ୍ଦ୍ରନାଥଙ୍କ ''ବୈରାଗୀ ସାଧନେ ମୁକ୍ତି ସେ ଆମାର ନୟ / ଅସଂଖ୍ୟ ବଂଧନ ମାଝେ ମହାନନ୍ଦମୟୀ
ଲଭିବ ମୁକ୍ତିର ସ୍ୱାଦ ତାଇତ ଆମାର............।''

ପଙ୍‌କ୍ତି ଗୁଡିକ ସହ 'ପୁରୀ ମନ୍ଦିର' କବିତାର ଏଇ କେତୋଟି ପଙ୍‌କ୍ତି ତୁଳନା କରାଯାଇପାରେ । ପୁନଶ୍ଚ କାଳିନ୍ଦୀ ଚରଣ 'ଅମର ଆଶା' କବିତାର କିଛି ପଙ୍‌କ୍ତିକୁ ଅନୁଧ୍ୟାନ କରନ୍ତୁ ପାଠକେ !

''ମୃତ୍ୟୁପରେ କି ସୁଖ ଅଛି / କି ଅବା ବିଭୀଷିକା/କଳ୍ପନାର ରାଇଜେ ବୁଲନାହିଁ
ନିଭିଲେ ଥରେ ନ ଜଳେ ଆଉ/ଜୀବନ ଦୀପ ଶିଖା/ଜୀବନ ପରେ ନାହିଁରେ କିଛି ନାହିଁ ।''

ତଥାପି କହିବାକୁ ହେବ ଯେ 'ପୁରୀ ମନ୍ଦିର' କବିତାରେ କବି କାଳିନ୍ଦୀ ଚରଣଙ୍କ ସାର୍ଥକତା ଅପରିମେୟ କିନ୍ତୁ ତାଙ୍କ ସମସାମୟିକ କବି ଓ ସମାଲୋଚକ ଡକ୍ଟର ମାୟାଧର ମାନସିଂହ ଏହି କବିତା ସଂପର୍କରେ ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସରେ ଯେଉଁ ବିବଦମାନ ମନ୍ତବ୍ୟ ଦେଇଛନ୍ତି ତାହା ଗ୍ରାହ୍ୟ ହେବାର ନୁହେଁ ତାଙ୍କ ମତରେ ପୁରୀ ମନ୍ଦିର କବିତାର ଚେତନାକୁ ବିଶ୍ୱର ଯେ କୌଣସି ଦେବାଳୟଠାରେ ଆରୋପ କରାଯାଇପାରେ । ଅର୍ଥାତ୍ ଏହା ଗୀର୍ଜା, ମସଜିଦ୍, ହିନ୍ଦୁ ମନ୍ଦିର, ବୌଦ୍ଧ ବିହାର ବି ହୋଇପାରେ । ଏ କବିତାଟି ରବୀନ୍ଦ୍ର ଚେତନାର ଏକ ଚମତ୍କାର ସିନ୍ଥେସିସ୍ ହୋଇପାରେ କିନ୍ତୁ ଏଥିରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସଂପର୍କରେ ଯେଉଁ ପୌରାଣିକ ସୂଚନା ରହିଛି ତାହା ଜଗନ୍ନାଥ ମନ୍ଦିର ବ୍ୟତୀତ ଅନ୍ୟ କୌଣସି ପାର୍ଥିବ ମନ୍ଦିର ସଂପର୍କରେ ପ୍ରଯୁକ୍ତ ହୋଇ ନ ପାରେ । ଉଦାହରଣ ସ୍ୱରୂପ –

ବିଶ୍ୱ ପାଇଁ କରିଲା ଦାଦନ / ଅନ୍ତରର ବିପୁଳ ବେଦନ
ହେବାକୁ ନିର୍ବାଣ / ଲୋଡିଲା ଅଯଶ / ବଂଶଗର୍ବ/ କରିଖର୍ବ ।''

ଏହା କେବଳ ରାଜା ଇନ୍ଦ୍ରଦ୍ୟୁମ୍ନ ଜୀବନର ଅନୁଭୂତି ଥିଲା । ତେଣୁ 'ପୁରୀ ମନ୍ଦିର' କବିତାକୁ କିପରି ଯେ କୌଣସି ମନ୍ଦିରଠାରେ ଆରୋପ କରାଯିବ ? ଏହା ସତ୍ୟର ଅପଳାପ ନୁହେଁ କି ?

ପୁଣି ଯେଉଁ ସବୁଜ କବିମାନେ ତାରୁଣ୍ୟର ନିରାଜନା ଓ ଉଦ୍ଦାମ ପ୍ରେମ ପ୍ରଣୟର ଉପାସନା କରିଛନ୍ତି ସେମାନଙ୍କ ଭାବନାରେ ଜରାସୁଲଭ ବେଦନାର ମସୀରେଖା କାହିଁକି ? କାହିଁକି ଏତେ ନୈରାଶ୍ୟ, ଏତେ ଝୁରି ହେବାର ଭାବ ଓ ଅନୁଶୋଚନାର ଆର୍ତ୍ତି ? କାଳିନ୍ଦୀଚରଣଙ୍କ କାବ୍ୟମାନସର ଏହି ବିଶିଷ୍ଟତା ମୋର ଯେପରି ମନେହୁଏ ତାଙ୍କୁ ସବୁଜ ବିଚ୍ଛିନ୍ନ କରି ଦେଇଛି ଓ ରାଧାନାଥ ଗୋପବଂଧୁ କାବ୍ୟ ଚେତନା ସହିତ ଅଧିକ ଛନ୍ଦି ଦେଇଛି । ଉଦାହରଣ ସ୍ୱରୂପ ୧୯୨୫ରେ କବି ରଚନା କରିଥିବା 'ହତାଶର ଗାନ'କୁ ବ୍ୟବଚ୍ଛେଦ କରାଯାଉ । ଉଷାର ଅରୁଣାଲୋକ, ଜ୍ୟୋସ୍ନା ବିଧୌତ ନୈଶ ଆକାଶର ତାରକାରାଜି, ଖେଳିବୁଲୁଥିବା ଚନ୍ଦ୍ର ସମୀର, ପ୍ରବାହମାନ ତଟିନୀ, ଆକାଶରେ ଉଡ଼ିଯାଉଥିବା ବିହଗକୁଳ- ସମସ୍ତେ ଆନନ୍ଦ ପ୍ରମତ୍ତ । ତେବେ କବି କାହିଁକି ହତାଶା ଜର୍ଜରିତ ?

> ''ଏହି ଆକାଶ ଧରା ସାଗରେ କିବା ଜୀବନ ଉଠେ ମାତି ଗୋ,
> ଆଉ ମରଣ ମୋର ସଉଦା ଚିର ହତାଶା ମୋର ସାଥୀ ଗୋ ।''

ଏହି କବିତା ପଙ୍‌କ୍ତି ସହିତ ରାଧାନାଥଙ୍କ ''ପଞ୍ଚଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର'' କିମ୍ବା ଗୋପବଂଧୁଙ୍କ କବିତା ପଙ୍‌କ୍ତି 'ମଧ୍ୟାହ୍ନେ ପ୍ରଦୋଷ ଚିନ୍ତା ପଡଇ ମୋ ମନ'' ପଙ୍‌କ୍ତି ମାନଙ୍କର ସାମ୍ୟ ଅନୁଭବ କରାଯାଇପାରେ – ଅନ୍ତତଃ ଭାବଧାରା ଦୃଷ୍ଟିରୁ । ଯେଉଁ ଉଦ୍ଦାମ ଯୌବନ ଜୀବନ ସହିତ ଜୁଆ ଖେଳିବାକୁ ପ୍ରସ୍ତୁତ ହେବା କଥା ସେ ସବୁଜରେ ପୁଣି କାହିଁକି ଅବସାଦର ଏ ଗୈରିକଭଙ୍ଗୀ ? ସେଇଥିପାଇଁ କହିବାକୁ ହୁଏ ଯେ ସବୁଜମାନେ କୌଣସି ନିର୍ଦ୍ଦିଷ୍ଟ ଚେତନାର ଅନୁଧାବନ କରି ନାହାନ୍ତି, ବରଂ ଭାବନାର ତିରୋଧାଭାସରେ ସେମାନଙ୍କ କାବ୍ୟ ଚେତନା ଭ୍ରଷ୍ଟ ହୋଇ ଯାଇଛି । ଏ ମନ୍ତବ୍ୟ କିଛିଟା ତୀବ୍ର ହୋଇପାରେ କିନ୍ତୁ ସଂପୂର୍ଣ୍ଣ ଅମୂଳକ ନୁହେଁ ।

କାଳିନ୍ଦୀଚରଣଙ୍କ କବିତାରେ ଏ ନୈରାଶ୍ୟବୋଧ ଏକ ସ୍ଥାୟୀ ଚେତନା ପରି ମନେହୁଏ ନାହିଁ । ଶରତଚାତୁର ମଧ୍ୟାହ୍ନ ଆକାଶରେ ଖଣ୍ଡେ ଖଣ୍ଡେ ଧଳାମେଘ ପରି ଏହା ହୁଏତ ହୋଇପାରେ ଏକ ଭାସମାନ ସାମୟିକ ଚେତନା – ଯାହାକୁ ଇଂରେଜୀରେ କୁହାଯିବ – A passing phase. ତେଣୁ ୧୯୨୫ ବର୍ଷ ଶେଷରେ ରଚିତ 'ମଧୁବିବାହ' (୧୭/୧୨/୨୫) ଙ୍କ କାବ୍ୟ ଚେତନାର ଏକ ଉତ୍ତରଳ ଅଭିବ୍ୟକ୍ତି ଭାବେ ବହୁ ଆଲୋଚିତ ଏକ ସୃଷ୍ଟି । ତଙ୍କ କଳ୍ପନାରେ ଏଠି ପ୍ରେୟସୀ ରୂପ ସାମ୍ରାଜ୍ୟର ସାମ୍ରାଜ୍ଞୀ, ସ୍ନେହ, ମମତା, ପ୍ରଣୟ ଓ ପ୍ରୀତିରେ ଅନୁପମା, ଯୌବନର ଏକ ଅସରନ୍ତି ଝରଣା । ଏ କବିତାର ପ୍ରଣୟ ଚେତନା ରୋମାଣ୍ଟିକ ଦୂରଗାମୀ ନୁହେଁ, ବରଂ ପାରଂପରିକ ଓ ସଂଯତ ଯୁଗେ ଯୁଗେ ଯୌବନଠାରୁ ଜରା ଓ ମୃତ୍ୟୁ ପର୍ଯ୍ୟନ୍ତ ପ୍ରେୟସୀ ଜାୟୀଭାବରେ ସହାନୁଗା । ଏଠି କବି ଆଉ ଦୂରକୁ ପଳେଇଯାଇ ଅକଳ୍ପିତ ଇଲାକାର ସ୍ୱପ୍ନରେ ମଜଗୁଲ ନୁହଁନ୍ତି, ବରଂ ମାଟିର ସମସ୍ତ ମମତା ମଧ୍ୟରେ ବନ୍ଦୀ ହେବାକୁ ଅଧିକ ଆଗ୍ରହୀ । ବଧୂକୁ ଧୀର ସୁଲଳିତ ତୃତୀୟା ତିଥିର ଚନ୍ଦ୍ରିକା ଓ ଓଢ଼ଣୀତଳେ ତାର ଲଜ୍ଜାବନତ ମୁହଁଲୁଚାକୁ ଭାଦ୍ରବର ବଉଦ ସହିତ ଉପମିତ କରିବାରେ କବି କେତେକ ପରିମାଣରେ ପାରଂପରିକତାକୁ ରକ୍ଷା କରିବା ସହିତ ନୂତନ ରୂପ ଚେତନା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି ।୧୩।

କାଳିନ୍ଦୀଚରଣଙ୍କ ଏହି ସମୟର କବିତାରେ ବିରହ ମିଳନ, ଆନନ୍ଦଅଶ୍ରୁ, ପ୍ରେମ ଓ ପ୍ରେମ ହୀନତା, ପାଇବା ଓ ହଜାଇବାର ଦ୍ୱୈତ ସତ୍ତା ବେଶ୍ କାବ୍ୟିକ ଭାରସାମ୍ୟ ରକ୍ଷା କରି ପାରିଛି । ଯେଉଁ ଅନୁଭୂତି ଅନ୍ନଦାଶଙ୍କରଙ୍କ କବିତାରେ ଅଭାବ ଥିଲା କାଳିନ୍ଦୀଚରଣ କବିତାରେ ତାହା ଏକନିଷ୍ଠତାରେ ସ୍ୱରିତ । ସବୁଜ କବିତାରେ ପ୍ରକାଶିତ 'ଫଗୁଣବଂଶୀ'

---

*।୧୩। ମଧୁବିବାହ – ସବୁଜ କବିତା ପୃ. ୧୩୨.*

(୧୯୨୬) ନାମକ  କବିତାଟି ଅନୁଭବର ଐକାନ୍ତିକତାରେ ତାଙ୍କୁ ଯୌବନର ଉନ୍ମାଦ ଉପଭୋକ୍ତାରେ ପରିଣତ କରିଛି । ତେଣୁ କବି କଣ୍ଠରେ ଆନନ୍ଦ ଓ ଆଶାବାଦିତାର ଚୂଡାନ୍ତ ଉଲ୍ଲାସ କ୍ଷ୍ୟ କରିହୁଏ । ଏଠି ଆଉ ନୈରାଶ୍ୟ ନାହିଁ, ଦୁଃଖ ନାହିଁ, ଶୋକ ନାହିଁ, ଅଛି ଖାଲି ଆନନ୍ଦର ଉଲ୍ଲାସ ।୧୪।

''ଆଜିଖାଲି ହସିବାର ଭୁଲିବାର / ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ  ନୟନରୁ ଲୁହଧାର / ବିଶ୍ୱ ହୋଇଛି ଉଲ୍ଲସିତ ଯେ ।''

ଏହାହିଁ ଯେପରି ତାରୁଣ୍ୟର ଏକ ଉଚ୍ଛଳ ଉଚ୍ଚକିତ ଆହ୍ୱାନ । ସବୁ ବଂଧନ, ସବୁ ପ୍ରଥାକୁ ଦଳି ଏକ ନୂତନ ମୁକ୍ତିର ସଂଗୀତ 'ଫଗୁଣ ବଂଶୀ' । କବି  ପାଇଁ ଏହା Shelleyଙ୍କ The west wind ପରି  ମୁକ୍ତିର ଏକ ଚରମ ସମ୍ଭାବନା । ପୁଣି ୧୯୩୧ରେ ରଚିତ କବିତା 'କୁହୁପ୍ରାସ'  ୧୯୩୧ରେ କବି କୀଟ୍‌ସଙ୍କ 'Ode to the Night-ingale' କବିତା ପରି କବି କୋକିଳର କୂଜନରେ ଏକ ଅପୂର୍ବ ଉଲ୍ଲସିତ ଓ ଉଚ୍ଚାଟିତ ଭାବ ଉପଲବ୍‌ଧି କରିଛନ୍ତି । ନିଖିଳର ଯେତେ ଦୁଃଖ, ବାଧା ଓ ବେଦନାବୋଧ ସବୁ କ୍ଷଣିକ ପାଇଁ ତାଙ୍କ ମନ ଓ  ମାନସରୁ ଅପସାରିତ ହୋଇ ଯାଇଛି । ସବୁ ସୁନ୍ଦର, ସତେଜ ଓ ଶ୍ଲାଘ୍ୟ ମନେ ହୋଇଛି । କବି ରୂପ  ମଧ୍ୟରେ ଅରୂପ, ତନୁ ମଧ୍ୟରେ ଅତନୁର ସତ୍ତା ଅନୁଭବ କରିଛନ୍ତି । ସେଠାରେ ମନର ସମସ୍ତ ଦୈନ୍ୟ ମିଳେଇ ଯାଇଛି ବିଶ୍ୱ ନିକଟତର ମନେ ହୋଇଛି ଓ ଜୀବନର ସମସ୍ତ କ୍ଷତରାଶି ପରିପୂର୍ଣ୍ଣ ହୋଇ ଉଠିଛି । John Keats ଙ୍କ କବିତାର ଭାବସାମ୍ୟ ଏ କବିତାଟିର ବହୁ ପଙ୍‌କ୍ତିରେ ଦେଖିବାକୁ ମିଳେ । ଏପରିକି କବି କାଳିନ୍ଦୀ ଚରଣ କୀଟସ୍‌ଙ୍କ ପରି ପକ୍ଷୀଟିର  ଗାନ ଶୁଣୁ ଶୁଣୁ ମରଣକୁ ମଧୁରତର ମନେ କରିଥିବା କଥା ଉଲ୍ଲେଖ କରିଛନ୍ତି ।

''ଧରଣୀ ହେଲା କୋମଳତମ ଆକାଶ କମନୀୟ
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ ।'' (କୁହୁପ୍ରାସ)

କବି Keats ଲେଖିଛନ୍ତି : ''I have been half in love   with easeful death
Called him  soft names in many a mused   rhyme.''

ବୋଲି ଯାହା କହିଥିଲେ କାଳିନ୍ଦୀଚରଣଙ୍କ ''ମରଣ ମଧୁରତର'' ପରିକଳ୍ପନାରେ ତାହା ପ୍ରତିଭାତ ।

୧୯୨୫ –୩୨ ମଧ୍ୟରେ କାଳିନ୍ଦୀ ଚରଣ ଲେଖିଥିବା କେତୋଟି କବିତାରେ ଆଧିଭୌତିକ (Metaphysical) ସ୍ୱରର ଉନ୍ମୀଳନ ଘଟିଥିଲା । 'ବିଶ୍ୱର ଆହ୍ୱାନ', 'ନୀରବ ଆହ୍ୱାନ', ପ୍ରସାଧନ  ଏ ତିନୋଟି କବିତା ସେଇ ବର୍ଗର ବୋଲି କହିବାକୁ ହେବ । ୧୯୨୫ରେ ରଚିତ 'ବିଶ୍ୱର ଆହ୍ୱାନ'ରେ କବି ଲେଖିଛନ୍ତି –

''ମୋ ବିରହେ ପରା ତାରକା ଗହଳେ
ଆକାଶ ନଇଁଚି  ଧରଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ/ଜାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ ।''

ଇଂରେଜୀ ସାହିତ୍ୟର ମେଟାଫିଜିକାଲ କବିମାନେ ପୃଥିବୀର ସ୍ଥିତିକୁ ପରବାସ ବା ପ୍ରବାସ ବୋଲି କହିଥିଲାବେଳେ କାଳିନ୍ଦୀଚରଣ ଯେଉଁ ପରବାସ କଥା ଉଠାଇଛନ୍ତି ତାହା କିଛି ପରିମାଣରେ ଅସ୍ପଷ୍ଟ (ambiguous) ମନେହୁଏ । ଅଥଚ ତାଙ୍କ ବିରହରେ ସାଗର ବକ୍ଷରେ ତାରକାଙ୍କ ଗହଳରେ ପ୍ରାସ ଲାଗିଛି ବୋଲି କହିଲାବେଳେ ତାହା ପ୍ରବାସ ନ ହୋଇ ଚିରନ୍ତନ ବାସଭୂମି ହେବା କଥା । Cardinal Newman ତାଙ୍କ Lead Kindly light କହନ୍ତି – '' The night is dark and I am far from home.'' ଅର୍ଥାତ୍ ନିଜସ୍ୱ ଗୃହରୁ ବିଚ୍ଛିନ୍ନ ହୋଇ ଆସିଥିବା ବ୍ୟକ୍ତି ମୃତ୍ୟୁପରେ ସେଇଠିକି ହିଁ ଫେରିଯାଉଛି କିନ୍ତୁ କାଳିନ୍ଦୀ ଚରଣ ତାକୁ ପ୍ରବାସ କହି ଅର୍ଥ ବୋଧରେ ଶଙ୍କଟ ସୃଷ୍ଟି କରିଛନ୍ତି ବୋଲି ମୋର ଧାରଣା । ଏ ସବୁ କବିତାରେ ତରୁଣ କବିଙ୍କ ଭାବନା ଅପରିପୃକ୍ତ ଓ ଲକ୍ଷ୍ୟଭ୍ରଷ୍ଟପରି ମନେହୁଏ । ତେବେ ଏହାରମର୍ମ ହୋଇପାରେ ବିଶ୍ୱ ଆହ୍ୱାନ ଦେଉଥିଲାବେଳେ ବ୍ୟକ୍ତିଟି କିନ୍ତୁ ବିଶ୍ୱକୁ ଛାଡ଼ି ଏକ ଭିନ୍ନ ଇଲାକାକୁ ଯାତ୍ରା କରୁଛି ଯେଉଁ ଇଲାକା ସଂପର୍କରେ ତାର ଧାରଣା ପ୍ରାଞ୍ଜଳ ନୁହେଁ । ତେଣୁ 'ନୀରବ ଆହ୍ୱାନ' କବିତାର ସେ କହୁଛନ୍ତି – ''ସବୁ କୋଳାହଳ ଭେଦି ଶୁଣିବି ମୁଁ ଶବ୍ଦହୀନ ନୀରବତା ଡାକ ।'' ହୁଏତ ହୋଇପାରେ ନିଦ ବାସସ୍ଥାନ ପୃଥିବୀରେ ଭରି ରହିଥିଲା କୋଳାହଳ ଓ ଜଂଜାଳ ବର୍ତ୍ତମାନ ମୃତ୍ୟୁଲୋକକୁ ଯାତ୍ରାବେଳ ସେ କେବଳ ନୀରବତାର ଆହ୍ୱାନକୁ ଶୁଣୁଛନ୍ତି । ଅଥଚ ଅମର ଆଶା ନାମକ ଆଉ ଗୋଟିଏ କବିତାରେ ସେ କହୁଛନ୍ତି –

''ମୃତ୍ୟୁପରେ କି ସୁଖଅଛି / କି ଅବା ବିଭୀଷିକା/କଳ୍ପନାର ରାଇଜେ ବୁଲ କାହିଁ
ନିଭିଲେ ଥରେ ନ ଜଳେ ଆଉ / ଜୀବନ ଦୀପ ଶିଖା/ଜୀବନ ପରେ ନାହିଁରେ କିଛି ନାହିଁ ।''

ଅର୍ଥାତ୍ ମୃତ୍ୟୁପରେ କେବଳ ଚରମ ଶୂନ୍ୟତା ହିଁ ବିରାଜମାନ କରିବ । ତା' ହଲେ ନୀରବତାର ଆହ୍ୱାନ ସେ କିପରି ବା ଶୁଣି ପାରିବେ ? ଏହି ପର୍ଯ୍ୟାୟ ନିଶ୍ଚିତ ଭାବେ କାଳିନ୍ଦୀ–କାବ୍ୟ ଚେତନାର ଏକ ପରିବର୍ତ୍ତନର ସୂଚୀପତ୍ର । 'ପ୍ରସାଧନ' କବିତାରେ ଏହା ସ୍ପଷ୍ଟ ଯଦିଓ ରବୀନ୍ଦ୍ର କାବ୍ୟାମାନସ ଦ୍ୱାରା କବି ପ୍ରଭାବିତ ହୋଇଥିବା ପରି ମନେ ହୁଅନ୍ତି ।

ତୁମରି ପ୍ରେମେ ଭୁବନ ଭଲ ଲାଗଇ / ଚେତନା ମମ ସକଳ ପଥେ ଜାଗଇ
ହତାଶେ ଆଉ ନୁହେଁ ମୁଁ ଜଡ / ମରଣେ ଆଉ ନ ମଣେ ବଡ଼
ତୁମରି ଲାଗି ଶତଜୀବନ ଆଜି ଗୋ ଏଥି ମାଗଇ । (୧୯୩୨)

ପ୍ରକୃତି ପ୍ରତି ଆକର୍ଷଣ ସବୁଜ କବିତାର ଏକ ଅଂଶ ହୋଇପାରେ । କିନ୍ତୁ ରାଧାନାଥ ଯେପରି ପ୍ରକୃତିକୁ ମାନବୟିତ କରିଥିଲେ କିମ୍ବା କବି ଗଂଗାଧର ମଣିଷର ସୁଖ ଦୁଃଖରେ ପ୍ରକୃତିକୁ ସମସୁଖୀ ବା ସମଦୁଃଖୀ ଭାବେ ସଜାଇଥିଲେ ସବୁଜମାନେ ତାହା କରି ନାହାନ୍ତି । ପ୍ରକୃତିର ରୂପ ରଂଗରେ ସେମାନେ ବିଭୋର ହୋଇଛନ୍ତି ସତ, କିନ୍ତୁ ରାଧାନାଥ–ଗଙ୍ଗାଧରଙ୍କ ପରି କୌଣସି ନୂତନତା ଆରୋପ କରି ପାରିନାହାନ୍ତି । ତଥାପି ମଧ୍ୟ ସବୁଜମାନଙ୍କୁ ପ୍ରକୃତି ଉପାସକ ବୋଲି କହିବାକୁ ହେବ । ପ୍ରକୃତିରେ ସେମାନେ ରୂପର ସନ୍ଧାନ କରିଛନ୍ତି । କାଳିନ୍ଦୀ ଚରଣଙ୍କ 'ପୌଷସନ୍ଧ୍ୟା', 'ପ୍ରଭାତପ୍ରାସ' କବିତା ଦୁଇଟିରେ ପ୍ରକୃତିଚିତ୍ର ରୋମାଣ୍ଟିକ ଚେତନାକୁ ଅବଲମ୍ବନ କରିଥିଲେ ମଧ୍ୟ ଏହି ଚେତନା ଏତେ ଉଦ୍ଦାମ ନୁହେଁ । ବରଂ ତାଙ୍କର 'ଫଗୁଣବଂଶୀ' ଓ ଶିମୁଳିପାଳ ପ୍ରକୃତିକୁ ସମ୍ବୋଧନ କରି ଲିଖିତ କବିତା ଦୁଇଟି ଅଧିକ ଚିତ୍ରଧର୍ମୀ ଓ ମର୍ମଦାହୀ । 'ପୌଷମଳୟ' କବିତାରେ କବି ଜନ୍ମାନ୍ତର ବାଦରେ ବିଶ୍ୱାସ ସ୍ଥାପନ କରିଛନ୍ତି । ଶୀତର ପ୍ରଚଣ୍ଡ ପ୍ରକୋପ ପରେ ପୌଷ ମଳୟ ଯେପରି ଜୀବନର ସୂଚନା ନେଇ ଆସେ । ପଳିତ ଓ ମୃତ ପତ୍ର ଝଡ଼ିଯାଏ ଓ ନବୀନ ବିଶଳୟ ଜନ୍ମନିଏ । କବି Shelley ତାଙ୍କ ବିଖ୍ୟାତ କବିତା Ode to the west windରେ ମଳୟକୁ ଏକପକ୍ଷର ଧ୍ୱଂସ ଓ ଅପର ପକ୍ଷରେ ପ୍ରଜନନର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ପୌଷମଳୟକୁ କବି କାଳିନ୍ଦୀ ଚରଣ ଧ୍ୱଂସର ପ୍ରତୀକ

ଭାବେ ଗ୍ରହଣ ନ କଲେବି ପୁନର୍ଜନ୍ମର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି ।୧୪। ପୁନଶ୍ଚ ସମସାମୟିକ ଭାବେ ରଚିତ ତାଙ୍କର ଆଉ ଦୁଇଟି କବିତା 'ବର୍ଷାଗୀତି' ଓ 'ରୂପରସ୍ତବ' ତାଙ୍କ ରୂପାନ୍ୱେଷଣ ଦୂରବର୍ତ୍ତୀ କଳ୍ପନା ପ୍ରବଣତାର ନୁହେଁ କିମ୍ବା ରୋମାଣ୍ଟିକ ପରୀ ରାଜ୍ୟର ନୁହେଁ, ବରଂ ଏଇମାଟି ପାଣି ପବନର ବାସ୍ତବ ଅନୁଭବର ଚିତ୍ର ବହନ କରେ ।

୧୯୩୨–୩୩ ମସିହାକୁ ତାଙ୍କ କାବ୍ୟ ଚିନ୍ତନର ସନ୍ଧିକ୍ଷଣ ବୋଲି କହିବାକୁ ହେବ । ଏଇ ସମୟରେ ସେ ଦୁଇଟି ଅତି ଉଚ୍ଚମାନର କବିତା ଲେଖିଛନ୍ତି ଯାହା ତାଙ୍କୁ ଓଡ଼ିଆ କବିତାରେ ସ୍ମରଣୀୟ କରି ରଖିବ । ଗୋଟିଏ କବିତା ପୌରାଣିକ ଚେତନା ଗର୍ଭିତ 'ଗାନ୍ଧାରୀର ଆଶୀର୍ବାଦ' ଓ ଅନ୍ୟ କବିତାଟି 'ପାଶୋରି ଦେଲିରେ ଶିମୁଳିପାଳ' । ତାଙ୍କର ଏହି ସମୟରେ ରଚିତ ଆଉ କେତୋଟି କବିତା ଯେଉଁଥିରେ ଥିଲା ପ୍ରେମର ଆସକ୍ତି, କାରୁଣ୍ୟ, ସ୍ୱାଭାବିକତା ଓ ତ୍ୟାଗ–ସେସବୁ ବ୍ୟକ୍ତିଗତ ଚିନ୍ତାକୁ ପରିହାର କରି କବି ନିଖିଳର ଅନୁଭୂତି ଆଡ଼କୁ ମୁହାଁଇ ଯାଇଛନ୍ତି । 'ମାନସୀ', ରୂପର ମୋହ, ଶେଷଦାନ ମରଣପାଳି, ଛଳନାୟିକା ଆଦି କବିତାର ବ୍ୟତିଗତ ଭାବନା ଓ ଅନୁଷଙ୍ଗ 'ଗାନ୍ଧାରୀର ଆଶୀର୍ବାଦ'ରେ ନିଖିଳର ବେଦନା ବ୍ୟଥିତ ଭାବସତ୍ତାକୁ ଆବୋରି ବସିଛି । କବି ଲେଖିଛନ୍ତି –

''ଯାଅବାବୁ ଯୁଦ୍ଧେ/ଧରଣୀ ବକ୍ଷୁ ପାପରାଶି ହେଉକ୍ଷୟ
ଅକ୍ଷର ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ ।''

ମନ୍ଦମତି, ବିଧର୍ମଷ ଦୁର୍ଯ୍ୟୋଧନ କଣ କେବେହେଲେ ନିଜ ଜନନୀଠାରୁ ଏହିପରି ଏକ ଆଶୀର୍ବାଦ ଆଶା କରିଥିଲା । ଏତ ଆଶୀର୍ବାଦ ନୁହେଁ ବରଂ ଧର୍ମ ଓ ନ୍ୟାୟର ଅଭ୍ୟୁତ୍ଥାନ ପାଇଁ ଆହ୍ୱାନ ମାତ୍ର । ମାଆ ସ୍ନେହମୟୀ ହୋଇପାରେ କିନ୍ତୁ କୌରବ ମହାରାଣୀ ଗାନ୍ଧାରୀ ଯେ ପାପ ପୁଣ୍ୟକୁ ବିଚାର ନିକିତିରେ ତଉଲି ପାରନ୍ତି, ସେ ଜଣେ ଅସମାନ୍ୟ ରମଣୀ ଓ ଜନନୀ ମୂଢ଼ମତି ପାପଚାରୀ ଜ୍ୟେଷ୍ଠପୁତ୍ର ବୁଝନ୍ତା କିପରି ? ତାର ସମସ୍ତ ଯୁଦ୍ଧ ବିଜୟର ଉଲ୍ଲାସ ମୁହୂର୍ତ୍ତକରେ ଶୀତଳ କାତରତାରେ ପରିଣତ ହୋଇ ଯାଇଛି । କବି କାଳିନ୍ଦୀ ଚରଣଙ୍କର ସବୁଜ କାଳୀନ ରଚନା ମଧ୍ୟରେ ଯେ ଏକ ବ୍ୟତିକ୍ରମ, ଏକଥା ପାଠକମାତ୍ରେ ନିଶ୍ଚୟ ସ୍ୱୀକାର କରିବେ ।

ସେହିପରି ଅନ୍ୟ କବିତାଟି 'ପାଶୋରି ଦେଲିରେ ଶିମୁଳିପାଳୀ' କବି ସମ୍ଭବତଃ ସେତେବେଳେ ମୟୂରଭଂଜ ଜିଲାରେ ଅବସ୍ଥାନ କରୁଥିଲେ । ହୁଏତ ଶିମୁଳିପାଳ ଭ୍ରମଣରେ ଯାଇ ଥାଇ ପାରନ୍ତି କି ସେ ଭ୍ରମଣର ପରିଣତି ଏପରି ବିଷାଦକର କାହିଁକି ହେଲା ।

''କି ଗୀତ ତୋ ଆମେ ଗାଇବି କହରେ ଶିମୁଳୀ ପାଳ
ରକତ ମୋହର ବରଫ, ହାଡ଼ ଯେ ହୋଇଛି ପାଣି
କଣ୍ଠେ ଶୁଖିଛି ରସନା ବାସନା, ନ ଆସେ କଥା
କ୍ଷୁଧିତ ମାନବ କାକୁତି କରଇ ପତାଇ ଥାଳ,
ପଥପରେ ଶତ ମାନବର ଶିଶୁ ଦେଖାଏ କାନି
ଅକାଳେ ଝାଉଁଳି ପଡଇ କେତେରେ ଜୀବନ–ଲତା ।''

---

*।୧୪। ପୌଷମଳୟ (୧୧/୧/୧୯୩୨) – ମୋ କବିତା ପୃ ୯୧*

ଏହିଦୃଷ୍ଟି ଭଂଗୀ ଯେ ସବୁଜ କାବ୍ୟ ଚିନ୍ତାର ଏକ ପରିବର୍ତ୍ତିତ ଭାବଧାରା, ଏଥିରେ ସନ୍ଦେହର ଅବକାଶ ଥାଇ ନ ପାରେ । ଏହି ଚେତନାର କ୍ରମିକ ଅଭିବୃଦ୍ଧି ଘଟିଛି ତାଙ୍କର ଅନେକ  ପରବର୍ତ୍ତୀ କବିତାରେ । ଏପରି କାବ୍ୟମାନସ ଯେ ସମାଜ ସଚେତନ ବାସ୍ତବତା ଅଭିମୁଖୀ ଏକ କାବ୍ୟମାନସ ଏକଥା ଅଧିକ କହିବା ନିଷ୍ପ୍ରୟୋଜନ । ପ୍ରାୟ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଏହିପରି ଭାବନାରେ ସେ ଅନେକ କବିତା ଲେଖିଛନ୍ତି ଯାହା ତାଙ୍କ  କାବ୍ୟ ଭାବନାର ବିକାଶ ବୋଲି କୁହାଯାଇପାରେ । କ୍ରମେ ନବଯୁଗ ସାହିତ୍ୟ ସଂସଦର ସଂପର୍କରେ ଆସି ସେ  'କିଏ ଶଳା ସଇତାନ', 'ଆଗାମୀ', ବିଦାୟ  ଭଗବାନ, ଛୁରୀଟିଏ ଲୋଡାପରି ଅନେକ ସ୍ମରଣୀୟ କବିତା ଲେଖିଛନ୍ତି – ଯାହାକୁ ତାଙ୍କର ଉଗ୍ର ବାମପନ୍ଥୀ ଭାବନା ଭାବେ ନାମିତ କରାଯାଇପାରେ । ତେଣୁ ଆଦ୍ୟ କାବ୍ୟ ଜୀବନକୁ ଅର୍ଥାତ୍ ସବୁଜ ସ୍ଥିତିକୁ ପରିହାର କରି ସେ ଯେତେବେଳେ  ଭିନ୍ନ ଧାରାରେ କବିତା ଲେଖିଛନ୍ତି ସେ ସବୁକୁ ଆଉ ସବୁଜ–କବିତା ବୋଲି  କୁହାଯାଇ ପାରିବ କି ? କେତେ କ୍ଷଣିକ ତାଙ୍କ କବିତାର ସବୁଜ ସମ୍ଭାର । ତେଣୁ ସବୁଜ କବିତାର ଧାରା ସଂପର୍କରେ ଆଲୋଚନା କାଳରେ ଆମେ ତାଙ୍କୁ ୧୯୩୩ ପର୍ଯ୍ୟନ୍ତ ହିଁ ନିର୍ବାଧରେ ଆଲୋଚନା କରିବା । ଅର୍ଥାତ୍ ୧୯୨୦ରୁ ୧୯୩୩– ମାତ୍ର ତେର ବର୍ଷର କବିତା । ଏ ବୟସରେ କ୍ୱଚିତ୍ କବି କାବ୍ୟ ରଚନାରେ ଅକ୍ଷୟ ମୁଦ୍ରଣ ରଖିପାରିଥାନ୍ତି । କାଳିନ୍ଦୀ ଚରଣଙ୍କ ଏ ସମୟରେ ରଚିତ ଅନେକ କବିତାକୁ କବି ମାନସିଂହ ଉତ୍ତାପହୀନ, ଅସାବଲୀଳ ବୋଲି କହିଛନ୍ତି । ଅନେକ ପରିମାଣରେ ଏ ଆକଳନ ଠିକ୍ ହେଲେ ବି ପୁରୀ ମନ୍ଦିର, ଗାନ୍ଧାରୀର ଆଶୀର୍ବାଦ ଓ ଲୋହିତ ବ୍ୟଥା ପରି ତିନୋଟି କବିତା ଉଚ୍ଛୁରି ପଡ଼ିଛି ଯାହା ଆଉ ଏଇ  ସମୟର ଗଣ୍ଡି ଭିତରେ ଆବଦ୍ଧ ହୋଇ ରହିନାହିଁ ।  ଏହା କାଳୋତ୍ତୀର୍ଣ୍ଣ ସୃଷ୍ଟି ବୋଲି କହିବାକୁ ହେବ ।

୧୯୩୪  ମସିହାରେ ରଚିତ କବିତାଗୁଡ଼ିକରେ କବିଙ୍କ  ଦୃଷ୍ଟିଭଂଗୀ ଅଧିକ ସମାହିତ ଓ ଲକ୍ଷ୍ୟନିଷ୍ଠ ମନେହୁଏ । ଅତୀତରେ ଯାହାକୁ ପରମ ସତ୍ୟବୋଲି ଭାବି ସେ  ଗ୍ରହଣକରି ନେଇଥିଲେ, ସେସବୁ ବୟସର ବୃଦ୍ଧି ସହିତ ମିଥ୍ୟାରେ ପରିଣତ ହୋଇ ଯାଇଛି । ତେଣୁ କବି ସ୍ୱୀକାର କରିଛନ୍ତି –

''ଜୀବନେ ଛୋଟ ଛୋଟ  ଲଭିଲି ଯେତେ ସତ
ଅଳ୍ପଦିନେ ହେଲା ମିଛେ ସେ ପରିଣତ ।'' (କ୍ଷଣିକ ସତ୍ୟ)

ଜୀବନ କେବଳ ଏକମୁହାଁ ରାସ୍ତା ନୁହେଁ, ସବୁ କିଛି ନୁହେଁ ରୂପର ଉତ୍ସ, କଳ୍ପନାର କୌତୁକ କିମ୍ବା ଦୂରର ଆକର୍ଷଣ, ପ୍ରେମ ବା ପ୍ରଣୟ ଜୀବନର ଶେଷକଥା। ମାତ୍ର ନୁହେଁ – ତେଣୁ କବି ନିକ ଟବର୍ତ୍ତୀ  ବହୁ ବାସ୍ତବତା ପ୍ରତି ଆକୃଷ୍ଟ ହୋଇଛନ୍ତି ଓ କାବ୍ୟମାନସର ଗତି ପରିବର୍ତ୍ତନ କରିଛନ୍ତି । ଏପରିକି ଅରୂପ ଅଚିନ୍ତନୀୟ  ଏକ ସତ୍ତା ପ୍ରତି ମଧ ତାଙ୍କ କାବ୍ୟଭାବନା ବେଳେବେଳ ଆକୃଷ୍ଟ ହୋଇ ଉଠିଛି । ତାଙ୍କ ଚିନ୍ତାରୁ ଇନ୍ଦ୍ରିୟଲୁବ୍ଧ ରୂପର ମୋହ କ୍ରମେ ଅପସାରିତ ହୋଇ ଯାଇଛି ଓ ଅରୂପ ଅଚିନ୍ତନୀୟ ପ୍ରତି ଆସିଛି ଆକର୍ଷଣ । କବି ରବୀନ୍ଦ୍ରନାଥ ବା କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସ୍ୱର ସହିତ  ସ୍ୱର ମିଳେଇ ସେ କହିଛନ୍ତି –

''ତୁମ ଅପମାନ ପ୍ରିୟ ମରଣ ହୁଁ ବଳିଦେଉ ବ୍ୟଥା,
ତବ ଅପମାନ କଲେ ମୂକ ହେଉ ମୋର ସବୁ କଥା ।''

ଏହା ପରମସତ୍ତା ଭଗବାନଙ୍କ ପ୍ରତି ତାଙ୍କ କବିତାର ନିବେଦନ ମାତ୍ର । କବି କାଳିନ୍ଦୀଚରଣଙ୍କ ସବୁଜ ଚିନ୍ତା ମାନସର ପରିବର୍ତ୍ତିତ ମାନଚିତ୍ରରେ ଏହି ଭଗବତ୍ ଉପଲବ୍ଧି ଏକ ପ୍ରଚ୍ଛନ୍ନ ରହସ୍ୟ ହୋଇ ରହିବ । କାରଣ ଏହି ଚିନ୍ତାର କ୍ରମିକ ଅନୁଧାବନ ତାଙ୍କ କାବ୍ୟ ସ୍ୱରକୁ ପରିପୁଷ୍ଟ କରିନାହିଁ । ଏ ଭାବନାର ପ୍ରାରମ୍ଭ ଅଛି ସତ କିନ୍ତୁ ପରିଣତି ନାହିଁ । ବରଂ ତାଙ୍କ କାବ୍ୟ ଚେତନାର ବିକାଶ ପର୍ବରେ ଏହି ଆସ୍ତିକ୍ୟ କାବ୍ୟମାନସ ଏକ ଚରମ ଶଂସୟାତ୍ମକ ନିରୀଶ୍ୱର ବାଦିତାକୁ ମାନି ନେଇଛି । ସେ ମୃତ୍ୟୁପରେ ଅମରତ୍ୱ ବା ମୁକ୍ତି ଲୋଡ଼େନା, କାରଣ ତାହା ମନ ଭୁଲାଣିଆ କଥା ମାତ୍ର । ତାର ସ୍ୱର୍ଗ, ଅମରତ୍ୱ, ପାରତ୍ରିକ ଜୀବନ ପ୍ରତି ବିଶ୍ୱାସ ଦୋହଲି ଯାଇଛି ତେଣୁ ଜୀବନକୁ ଆକଣ୍ଠ ଉପଭୋଗ କରିବାକୁ କବିଙ୍କ ଆହ୍ୱାନରେ ଓମର ଖାଇମୀୟ ଭାବନାର ପ୍ରତିଫଳନ ଘଟିଛି । ('ଅମର ଆଶା' କବିତା ସଂପର୍କରେ ଆଗରୁ ସୂଚନା ଦିଆ ଯାଇଛି । ତେଣୁ ଏଠାରେ ଉଦ୍ଧୃତି ଅନାବଶ୍ୟକ ।) ଏହି ଚିନ୍ତାସନ୍ଧି କାଳରେ କାଳିନ୍ଦୀ କାବ୍ୟମାନସକୁ ବହୁ ଭାବନାର ବୃତ୍ତ ଘେରି ରହିଛି, ବହୁ ଚେତନାର ସଂଚାର ପଥରେ ସଂଚରଣ କରିଛି, ଖୋଜିଛି କିଛି ନିର୍ଭରଯୋଗ୍ୟ ଦିଗ୍‌ଦର୍ଶନ, ବଳିଷ୍ଠ କାବ୍ୟ ନେତୃତ୍ୱ ବା ସମାଜପାଇଁ ଗ୍ରହଣଯୋଗ୍ୟ କାବ୍ୟ ସ୍ୱର । ତେଣୁ କଳ୍ପନାଠାରୁ ବାସ୍ତବତା ପର୍ଯ୍ୟନ୍ତ ବହୁ ଚେତନାକୁ ଛୁଇଁବାକୁ ସେ ଚେଷ୍ଟା କରିଛନ୍ତି, ଶେଷକୁ ବାମପନ୍ଥୀ କାବ୍ୟସ୍ୱର ପାଖରେ ଆତ୍ମ ନିମଜ୍ଜନ କରିଛନ୍ତି, କାରଣ ତାହାହିଁ ଥିଲା ସେତେବେଳର କାବ୍ୟ ଚେତନାର ବାସ୍ତବତା । ଏ ପର୍ଯ୍ୟାୟରେ ତେଣୁ ତାଙ୍କ କାବ୍ୟ ଚେତନାର ଆରମ୍ଭ ଓ ବିକାଶ ଥିଲାବେଳେ ପରିଣତିକୁ ଭେଟି ପାରିନାହିଁ । କାରଣ ସେହି ପର୍ଯ୍ୟାୟରେ ସେ ଅଧିକରୁ ଅଧିକ ଗଦ୍ୟ ରାଜ୍ୟରେ ହଜିଯାଇଛନ୍ତି । ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ଆଲୋଚନା ଲେଖିବାରେ ମନୋନିବେଶ କରିଛନ୍ତି । ତାଙ୍କ ପାଇଁ ସବୁଜ ସଦୂରର ଏକ ସ୍ୱପ୍ନ ହୋଇଯାଇଛି । ମୁଁ କବି ମାନସିଂହଙ୍କ ମନ୍ତବ୍ୟରେ ଏକମତ ହୋଇ ପାରୁନାହିଁ ଯେ 'କାଳିନ୍ଦୀଚରଣ ତାଙ୍କ କବିତାକୁ ବୌଦ୍ଧିକ ମର୍ଯ୍ୟଦା ଦେବାକୁ ଚେଷ୍ଟାକରି ତାକୁ କେବଳ ଶସ୍ତା ଓ ଦୁର୍ବଳ ପ୍ରୋପାଗଣ୍ଡାରେ ପରିଣତ କରିଛନ୍ତି ଓ ତାଙ୍କ କବିତା ପ୍ରାୟ ଉଷ୍ମସ୍ପର୍ଶହୀନ ଓ ଅସାବଲୀଳ । ନିଜ ସମସାମୟିକ ଜଣେ କବିଙ୍କୁ ଏପରି କଠୋର ମନ୍ତବ୍ୟ ପ୍ରଦାନ କରିବା କେବେବି ସମାଲୋଚନାର ମର୍ଯ୍ୟାଦାଜନକ ଦାୟିତ୍ୱ ହୋଇ ନ ପାରେ ।୧୫।

## କବି ବୈକୁଣ୍ଠନାଥ ପଟ୍ଟନାୟକ

ଡକ୍ଟର ମାୟାଧର ମାନସିଂହ ପୁନଶ୍ଚ ତାଙ୍କ ରଚିତ ଓଡ଼ିଆ ସାହିତ୍ୟର ଇତିହାସରେ ତାଙ୍କ ସମସାମୟିକ କବି ବୈକୁଣ୍ଠନାଥଙ୍କ ଉପରେ ମଧ୍ୟ ଏହିପରି କିଛି ରୁକ୍ଷମନ୍ତବ୍ୟ ପ୍ରଦାନ କରି କହିଛନ୍ତି –''ତରୁଣୀ ବୟସରେ ବୈକୁଣ୍ଠ ନାଥଙ୍କ କବିତାରେ ଏପରି ଏକ ଉଷ୍ମତା ଓ ସାଂଗୀତିକତା ଦେଖାଦେଇଥିଲା ଯାହା ସ୍ମରଣ କରାଇ ଦେଉଥିଲା ଇଂରାଜୀକବି ଶେଲୀଙ୍କୁ । କିନ୍ତୁ ଦୁଃଖର କଥା ଯେ ସେ ଅଗ୍ନିକଣା, ସେ ସ୍ୱତଃସ୍ଫୁର୍ତ୍ତ ପ୍ରକାଶ ଅତିଶୀଘ୍ର ଉଭେଇଗଲା ଓ ରଖିଗଲା ଗଦାଗଦା 'ଡଗରେଲ' ବାଜେ କବିତା । ତଥାକଥିତ ସାମୂହିକ ସବୁଜ କବିତା ଭିତରେ ପୁଣି ତାଙ୍କର ରଚନା ସବୁଠାରୁ ଅସ୍ୱଷ୍ଟ । ସାହିତ୍ୟର ଯାହା ଶ୍ରେଷ୍ଠ କବିତା ବୋଲି ଧରା ଯାଇଥାଏ, ସେଥିରେ ଆମେ ଏକାଧାରରେ ବୁଦ୍ଧି ଓ ହୃଦୟାବେଗର ଏକ ରହସ୍ୟମୟ ସମନ୍ୱୟ ଦେଖୁ । ବୈକୁଣ୍ଠନାଥଙ୍କ କବିତାରେ ତାହା ଘଟି ପାରି ନାହିଁ । ତାଙ୍କର ତରୁଣ ବୟସର କବିତାଗୁଡ଼ିକ ତେଣୁ ପଢ଼ିବାକୁ ଓ ଶୁଣିବାକୁ ଭଲ ଲାଗେ, କିନ୍ତୁ ତାର ମେସେଜ୍ ବା ବାଣୀଟା କ'ଣ ତାହା ସହଜରେ ବୁଝାପଡ଼େ ନାହିଁ'' ।୧୬। ସମ୍ଭବତଃ କବି ମାନସିଂହ ବୈକୁଣ୍ଠନାଥଙ୍କ 'ଆରତି' ନାମ କରଣରେ ପ୍ରକାଶିତ ଶତାଧିକ

*।୧୫। ଓଡ଼ିଆ ସାହିତ୍ୟର ଇତିହାସ – ପୃ ୩୭୪, ଗ୍ରନ୍ଥମନ୍ଦିର, ପ୍ରକାଶିତ –୧ମ ସଂସ୍କରଣ*

*।୧୬। ଓଡ଼ିଆ ସାହିତ୍ୟର ଇତିହାସ –ପୃ ୩୭୧–୩୭୨, ଗ୍ରନ୍ଥ ମନ୍ଦିର, ପ୍ରକାଶିତ ୧ମ ସଂସ୍କରଣ*

କବିତାକୁ ଲକ୍ଷ୍ୟ କରି ଏପରି ମନ୍ତବ୍ୟ ପ୍ରଦାନ କରିଛନ୍ତି । କାରଣ ସବୁଜ କବିମାନେ ସଂପାଦକ ବିଶ୍ୱନାଥ କରଙ୍କ ଅନୁପମ ଲାଭ କରି ଉତ୍କଳ ସାହିତ୍ୟରେ ସେମାନଙ୍କ କବିତା ପ୍ରକାଶ କରିବାର ସୁଯୋଗ ପାଇଥିଲେ । ବୈକୁଣ୍ଠନାଥଙ୍କର ବେଳେ ବେଳେ ଆଠ ଦଶୋଟି କବିତା ମଧ ଗୋଟିଏ ଗୋଟିଏ ସଂଖ୍ୟାରେ ପ୍ରକାଶ ପାଉଥିଲା । ଆଉ କୌଣସି କବିଙ୍କ ଭାଗ୍ୟରେ ଏପରି ଦୁର୍ଲଭ ସୁଯୋଗ ଘଟିଛି ବୋଲି କହି ହେବନାହିଁ । ତେବେ ଏହି କବିତାଗୁଡ଼ିକରେ ଯେ ସେପରି କିଛି ଉଚ୍ଚାଙ୍ଗ ସାହିତ୍ୟିକ ମୂଲ୍ୟ ନ ଥିଲା – ଏହା ଅନାୟାସରେ କୁହାଯାଇପାରେ । ହୁଏତ କବି ମାନସିଂହ ଏଇ କବିତାଗୁଡ଼ିକୁ 'ଡ଼ଗରେଲ' ବୋଲି କହିଥାଇ ପାରନ୍ତି । ତଥାକଥିତ ସବୁଜ ସମୟ ଖଣ୍ଡରେ (୧୯୨୦–୩୪) ବୈକୁଣ୍ଠନାଥ ତିନି ଚାରୋଟି ଭଲ ଓ ସ୍ମରଣୀୟ କବିତା ଲେଖି ପାରିଥାନ୍ତି । କିନ୍ତୁ 'ଆରତି' ଶୀର୍ଷକ ଏ କବିତା ଗୁଡିକ ପ୍ରାୟ ଏକପ୍ରକାରର ଭାବ ଓ ଆବେଗକୁ ବହନ କରିଅଛି । ୧୯୨୩ରୁ ତାଙ୍କ କବିତା ଲେଖା ଆରମ୍ଭ ହୁଏ ଓ ତାହା ପ୍ରାୟ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ (୧୯୭୯) ଗତିଶୀଳ । ତାଙ୍କ କବିତାର ବିକାଶପର୍ବରେ (୧୯୩୫–୫୦) ସେ ଅନେକ ଭଲ କବିତା ଲେଖିଛନ୍ତି ମଧ । କିନ୍ତୁ ତଥାକଥିତ ସବୁଜ ସମୟର କବିତା ହିଁ ଏଠାରେ ଆମର ଆଲୋଚନାର ବିଷୟ ଅନ୍ୟାନ୍ୟ ସବୁଜ କବିଙ୍କ ପରି ତାଙ୍କ ଆଦ୍ୟଜୀବନର କାବ୍ୟ କୃତିରେ ସ୍ୱାଭାବିକ ଭାବେ ପ୍ରେମ, ପ୍ରଣୟ, କାଳ୍ପନିକତା, ପ୍ରକୃତି ଓ ଭଗବତ୍ ଭାବନା ଜାଗ୍ରତ ହୋଇଛି । କିନ୍ତୁ ଅତିରିକ୍ତ ଭାଗବତୀ ଭାବନା ତାଙ୍କ କବିତାର ବିକାଶକୁ ରୁଦ୍ଧ କରି ଦେଇଛି । ତାଙ୍କ କବିତାରେ ଅତିରିକ୍ତ ନୈରାଶ୍ୟବାଦିତା ଓ ବିଷାଦବୋଧ ପ୍ରକାଶ ପାଇଛି ଯାହାକୁ ବିଭୁପଦାରବିନ୍ଦରେ ଢ଼ାଳିଦେଇ ସେ ଭଗବତ୍ କୃପାକଣିକାର ଧାଂଞ୍ଚା ପ୍ରକାଶ କରିଛନ୍ତି । ୧୯୨୩ରେ ରଚିତ ଗୋଟିଏ କବିତା 'ଉଷା'କୁ ଉଦାହରଣ ସ୍ୱରୂପ ନିଆଯାଉ –

''ହତାଶ ମୁଁ ଗୋ ଜୀବନସାରା / ଜନମ ମୋର ବ୍ୟର୍ଥ
ଜୀବନ ଏକ ଅଶ୍ରୁଧାରା ନ ବୁଝେଁ କିଛି ଅର୍ଥ
ଉଷା ଖାଲି ବହିଛି ଅଶ୍ରୁଧାର/ମଉଳିଗଲା ତୋଳିଲେ ଯେତେ ଗଂଧ ଫୁଲହାର ।''

କାବ୍ୟ ଚେତନାର ଏହି ମହଳ କାରୁଣ୍ୟରେ ସବୁଜର ଉଦ୍ଦାମ ଆବେଗ ପ୍ରାୟ ତିରୋହିତ । କବି ଯୌବନର ପୂଜା କରିଛନ୍ତି, ତାରୁଣ୍ୟର ଉଚ୍ଛଳ ତରଙ୍ଗରେ କିନ୍ତୁ ଭାସି ନାହାନ୍ତି । ଯେଉଁଠି ଯୌବନର ସ୍ୱପ୍ନରେ କବି ବିଭୋର, ସେଠି ପୁଣି ଜରାର ଓ ମୃତ୍ୟୁର ଭୀମ ସଂକେତରେ ସଂକୁଚିତ ଓ ମ୍ରିୟମାଣ । ସତେ ଯେପରି ତାଙ୍କ ପାଇଁ ମୂଳରୁ ହିଁ ସବୁଜ ହୋଇଛି ଦଳିତ ଓ ଜରାଗ୍ରସ୍ତ । ତଥାପି ଯୌବନର ପୂଜାରୁ ସେ ବିରତ ହୋଇ ନାହାନ୍ତି । ତାଙ୍କର ଗୋଟିଏ ଆଦ୍ୟତମ କବିତା ଯୌବନ ସଂପର୍କରେ କହି ରଖିଛି –

''ନିରେଖି ଜରା ପରାଶେ ପରା ଦେବତା କରେ କ୍ରନ୍ଦନ
ଶ୍ୟାମଳ କର, ନବୀନ କର, ଅମର ନବ ଯୌବନ ।'' (ଯୌବନ ପୂଜା ସ.କ. ପୃ ୭୨)

ଆଉ ଗୋଟିଏ କବିତାରେ ଯୌବନପାଇଁ, ତାଙ୍କ ସ୍ୱରରେ କାରୁଣ୍ୟ ନାହିଁ ଅଛି ଉଚ୍ଛ୍ୱାସ । ସେ କବିତାଟିର ନାମକରଣ ମଧ୍ୟ କବି କରିଛନ୍ତି, 'ଯୌବନ ପୂଜା' ନାମରେ । (କିନ୍ତୁ ପରେ ତାର ନାମ ଦେଇଛନ୍ତି 'ନବଯୌବନ')

''କେବେ କେବେ ମୁଁ ଗୋ ଚାହିଁ ରହେ ପ୍ରିୟ/ପଲ୍ଲୀବଳାର ହଂସଗତି
ବକ୍ଷେ କଳସୀ ସରଳ ଚାହାଣୀ/ଟଳିପଡ଼େ ଦେଖି ତରଳମତି ।

ସରଳ ସେନେହେ ନିମିଷକ ଲାଗି/ବିହ୍ୱଳ ମୁଁ ଗୋ ବିହ୍ୱଳ
ଢ଼ାଳଇ ତା'କାନେ ମୁଁ ମରମ  ବାଣୀ/ବିଦ୍ୟୁତ ଚିର ଚଂଚଳ
ଆସିଛି ମୁଁ ନବ ଯୌବନ/ନବ ଯୌବନ ।'' (୧୯୨୩ରେ ରଚିତ)

ଏହି ନବ ଯୌବନ କବିତାଟି ୧୯୨୩ରେ ରଚିତ ଓ ପରବର୍ତ୍ତୀ 'ଯୌବନପୂଜା' କବିତା ଜାନୁୟାରୀ ୧୯୨୮ରେ 'ଉତ୍କଳ ସାହିତ୍ୟରେ ପ୍ରକାଶିତ । ପ୍ରଥମ କବିତାଟିରେ କବିଚେତନାରେ ଥିବା ଆଦ୍ୟ ଅପରିଣତୋ ସ୍ୱତଃ ବାରିହୋଇଯାଏ । ପ୍ରଥମଟିକୁ ପଦ୍ୟ ନାମରେ ନାମିତ କରାଯାଇ  ପାରିବ । କିନ୍ତୁ ଦ୍ୱିତୀୟ 'ଯୌବନ ପୂଜା' କବିତାଟି ପରିଣତ ଚିନ୍ତାମାନସର ପରିଚୟ ବହନ କରେ ଓ ଏହାକୁ କବିତା ଭାବେ ଦେଖାଯାଇ ପାରିବ । ପ୍ରଥମ କବିତା ବା 'ନବଯୌବନ' କବିତାରେ ସାଂଗୀତିକତା ଅଧିକ ଓ କଳ୍ପନାର  ମାତ୍ରା ମଧ୍ୟ ଅଧିକ । ଏଥିରେ ସବୁଜ କବିତାର ରୋମାଣ୍ଟିକ୍ ଶବ୍ଦପୁଞ୍ଜ ଯଥା ଗୋଲାପୀ ଅଂଚଳ, ସରଳଚାହାଣୀ, ବକ୍ଷେ  କଳସୀ, ଜଳଜରପଣ, ତରଳ କାନ୍ତ ଚାହାଣୀ–ଏହିପରି ଅନେକ ଶବ୍ଦପୁଞ୍ଜକୁ ଭେଟିବା ଯାହାକୁ ପରବର୍ତ୍ତୀ କାଳରେ ସବୁଜମାନେ ପ୍ରାୟ ପ୍ରତ୍ୟାହାର  କରିଛନ୍ତି । ତେବେ ଚାରି ପାଞ୍ଚବର୍ଷର ବ୍ୟବଧାନରେ ବୈକୁଣ୍ଠନାଥଙ୍କ  କବିତାରେ ଏତେ କିଛି ଦର୍ଶନୀୟ ପରିବର୍ତ୍ତନ ଆସିନାହିଁ – ଯାହା ତାଙ୍କୁ କଳ୍ପନାବିଳାସରୁ  ବାସ୍ତବତା ଆଡ଼କୁ ଅଗ୍ରସର କରେଇ ନେଇଥିବା ପରି ମନେହେବ । ପୁଣି 'ପ୍ରଣୟିନୀ  ସ୍ୱପ୍ନ' (୧୯୨୪) କବିତାଟିରେ କଳ୍ପନାର ଭାବଭୂମିକୁ ଲକ୍ଷ୍ୟ କରନ୍ତୁ । କବି ପ୍ରଣୟିନୀ ସହିତ ସେହି ଦେଶକୁ ଚାଲିଯିବାକୁ ଚାହାନ୍ତି ଯେଉଁଠି ସନ୍ଧ୍ୟା ସ୍ନିଗ୍ଧ କଳସ ନୟନରେ  ଚାହିଁଥିବ, ମଳୟ ଅସୀମ ପ୍ରଣୟର ଗୀତ ଗାଉଥିବ, ଯେଉଁଠି ନିତ୍ୟ ନବୀନ ଯୌବନ  ପ୍ରଣୟର  ବୀଣା ବାଦନ କରୁଥିବ, ବକୁଳ ଫୁଲର ବାସ୍ନା ସମୀରଣରେ ଉଡି ବୁଲୁଥିବ, ହାସ୍ନା ହେନାଫୁଲର ବାସ ଛୁଟୁଥିବ, ଯେଉଁଠି କେବେବି ଶୀତ ଅନୁଭବ କରିହେବନି, ଯେଉଁଠି ପ୍ରଣୟ କଣ୍ଠରେ ତଟିନୀ କୂଳ ଉଚ୍ଛୁଳି ପଡୁଥିବ – ସେହିପରି ଏକ ରାଜ୍ୟକୁ ପ୍ରଣୟିନୀ ସହ ଚାଲିଯିବାକୁ ତାଙ୍କର ଆକୁଳତା ଯେ କେତେ ସ୍ୱପ୍ନିଳ ଓ ଅପ୍ରାସଙ୍ଗିକ ତାହା । କବିତାଟିର ପ୍ରତ୍ୟେକ ପଙ୍କ୍ତିରୁ ସହଜରେ ବୁଝିହେବ । ଏ କବିତାର ସ୍ୱର ଅନ୍ନଦାଶଙ୍କରଙ୍କ ''ଯିବା ପଳାଇ ଦୂରେ ସୁଦୂରେ / ସପନ ଲୋକେ ଗୋପନ ପୁରେ''ର ସ୍ୱର ସହିତ ପ୍ରାୟ  ସମାନ । ଅର୍ଥାତ୍ ସବୁଜମାନେ ପ୍ରେମ ଓ ପ୍ରଣୟ ପାଇଁ ଏହିପରି ସ୍ୱପ୍ନ ରାଜ୍ୟକୁ ପଳାୟନ କରିବାକୁ ପ୍ରାୟ  ପ୍ରୟାସ ରଖିଛନ୍ତି । ପରବର୍ତ୍ତୀ ଯୌବନ ସଂପର୍କୀୟ କବିତାରେ ସେ ଯେଉଁ ଚିରନ୍ତର ସବୁଜ–ଯୌବନର ଆକାଙ୍କ୍ଷା ରଖିଛନ୍ତି ବା ଯୌବନର ଅମରତ୍ୱ କାମନା କରିଛନ୍ତି ସେପରି ଯୌବନ କଣ ପୃଥିବୀରେ ସମ୍ଭବ ହୋଇ ପାରିବ ? ତେଣୁ ଏ କବିଙ୍କ ବିଷୟରେ ଅଧ୍ୟାପକ ବିଭୁଦତ୍ତ ମିଶ୍ର କହି ରଖିଛନ୍ତି – ''ଏହିପରି ପ୍ରଣୟ ଓ ପ୍ରେୟସୀର ଚିନ୍ତା ଭିତରେ କବି ପଳାୟନ କରିଛନ୍ତି ଏକ ଆଦର୍ଶିତ ସ୍ୱପ୍ନ ବଳୟ ଭିତରକୁ । ନିକଟକୁ ଅବହେଳା କରି ସୁଦୂରର ଆକର୍ଷଣରେ ସେମାନେ ପ୍ରଧାବିତ ହୋଇଛନ୍ତି ଏବଂ ଅପରିଚିତ ଅଜ୍ଞାତର ମୋହରେ ସେମାନେ ଆତ୍ମହରା ହୋଇ କେଉଁ ଏକ କାଳ୍ପନିକ ଜଗତର କବିତା ଗାନ କରିଛନ୍ତି ।'' ।୧୭।

ବୈକୁଣ୍ଠନାଥଙ୍କ କବିତାରେ ନିକଟକୁ ପ୍ରତ୍ୟାଖ୍ୟାନ ଓ ସୁଦୂରର ଆକର୍ଷଣର ଚିତ୍ର ପର୍ଯ୍ୟାପ୍ତ । ୧୯୨୩ରେ ରଚିତ ତାଙ୍କର ଆଉ ଗୋଟିଏ କବିତା 'କବି ପ୍ରେୟସୀ'ରେ ଏହି ଭାବନା ଅଧିକ ଭାବେ ପ୍ରକାଶିତ ।୧୮।

''ମୁଁ ଗୋ ଫୁଲ ଉପବନେ ଭ୍ରମର/  ମୁଁ ଗୋ ପରାଗର ରାଗେ ଅମର
××× ତୁଟାଇ ଦିଅ ଗୋ ବନ୍ଧନ / ଡାକେ ମୋତେ ଦୂର ଅମରାବତୀର ନନ୍ଦନ ।''

ସେଇ ଦୂର ଅମରାବତୀର ନନ୍ଦନବନ ଏକ ନୈରାଜ୍ୟ ହେଲେ ବି ବୈକୁଣ୍ଠ ନାଥଙ୍କ କବିତାରେ ଏହିପରି ଏକ ନୈରାଜ୍ୟ ପ୍ରତି ଆକର୍ଷଣ ଅଧିକ । ତେଣୁ ଏହି ପୃଥିବୀକୁ ସେ ମୃତଦେଶ ମନେ କରି କଳ୍ପନାରେ ଭିନ୍ନ ଇଲାକାକୁ ଉଡିଯିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି । 'ନବବର୍ଷ ସଂଗୀତ'ରେ ସେ ଗାଇଛନ୍ତି –

''ଯୌବନ  ମୁହିଁ  ନିତ୍ୟ ଅମର/ଜରାପଦେ  ମୁଁ କି ପଡ଼ିବି ଭାଜି  ?
××× ଚାଲ କଳ୍ପନା ପବନ ସହିତେ/ ଏଇ  ମୃତ ଦେଶେ / ଜୀବନ ହିଁ ଗୋ ଜୀବନ  ନାହିଁ ।''

ବାସ୍ତବତା ପ୍ରତି ଘୋର ବିମୁଖତା ସ୍ୱାଭାବିକ ଭାବରେ କବି ବୈକୁଣ୍ଠନାଥଙ୍କୁ ମୂଳରୁ କରିଛି ବିଷାଦବାଦୀ । ଅନ୍ତତଃ ଏହି ସମୟରେ ତାଙ୍କ ବଂଧୁମାନଙ୍କ  କବିତାରେ ଏତେ ବିଷାଦବାଦ ପ୍ରକାଶ ପାଇ ନାହିଁ । 'ଉଷା' ନାମକ ଏକ କବିତାରେ ବୈକୁଣ୍ଠନାଥ  କବିତା ଆରମ୍ଭରେ କହୁଛନ୍ତି –

''ହତାଶ ମୁଁ ଗୋ ଜୀବନ ସାରା/ଜନମ ମୋର  ବ୍ୟର୍ଥ
ଜୀବନ ଏକ ଅଂଶୁଧାରା/ନ ବୁଝେ କିଛି ଅର୍ଥ
ଗାଇଛି କେତେ ବିକଳ ସ୍ୱରେ/ ଏ ବୀଣାମୋର ଆକୁଳ କରେ
କିଏ ବା ତାକୁ ଶୁଣିଛି ଥରେ/ପିପାସା, ଆଶା ବ୍ୟର୍ଥ
ନ  ବୁଝେ ତେଣୁ ଏଇ ଜୀବନ ଅର୍ଥ ।''

ତାଙ୍କ ବିଷାଦବାଦୀ କାବ୍ୟ  ଚିନ୍ତନରେ ଏ କବିତାଟି ନିଶ୍ଚୟ ଅଗ୍ରାଧିକାର ପାଇବ, କାରଣ ମୂଳରୁ ଶେଷପର୍ଯ୍ୟନ୍ତ ଏ କବିତାରେ ଭରି ରହିଛି  ବ୍ୟର୍ଥତାର କାହାଣୀ । ପୁଣି 'ବିରହିଣୀ'  କବିତାରେ  ବି ସେଇ ନୈରାଶ୍ୟର ବାଣୀ ପରିବ୍ୟାପ୍ତ ।

''ଶୂନ୍ୟ ମୋର ଘର ଆଜି ଏ ଶରତର/ତିମିର ହାଣେ ଶର ସଜନୀ
କି କଥା ନୀରବତା କହି  ଜାଳଇ ବ୍ୟଥା/ନ ଦିଶେ ଦୂର ପ୍ରିୟ ସରଣୀ ।''
(ବିରହିଣୀ–ସବୁଜ  କବିତା ପୃ ୯୭)

ପୃଥିବୀକୁ ଏକ ମୃତଦେଶ ବୋଲି ପରିକଳ୍ପନା କରି ଅନ୍ୟ ଏକ  କବିତା 'ନବବର୍ଷ ସଂଗୀତ'ରେ କହୁଛନ୍ତି –  ''ଏ ଭୂବନତଳେ/ବଜ୍ର ବାଦଲେ/କହ କାହିଁ  ତିଳେ/ସେ ଆଲୋକ ମିଳେ/ଚିର ଆନନ୍ଦ ଜୀବନ କାହିଁ ? ଚାଲ କଳ୍ପନାଜୀବନ ସହିତେ/ଏଇ ମୃତ ଦେଶେ/ଜୀବନ ନାହିଁ ଗୋ ଜୀବନ  ନାହିଁ'' ନିଜ ପରିଚିତ ପୃଥିବୀ କାହିଁକି ମୃତ ବେଶରେ ପରିଣତ ହୋଇଯାଏ ତାହାର  ଥଳକୂଳ ନିର୍ଣ୍ଣୟ କରିବା କଷ୍ଟକର ହୋଇଉଠେ । ପୁଣି ଏଇ କବିତାର ଶେଷ ଆଡ଼କୁ ଶୁଭେ ଆଶାବାଦର ଉଚ୍ଚାଟନ । ସେ ନିଜକୁ ଉଦ୍‌ବୋଧନ ଦେଇ କୁହନ୍ତି –

''ଗାଅ  ଗାଅ କବି ଜୀବନର ଗୀତ/ଆନନ୍ଦ କର କରଗୋ ଚକିତ
ପ୍ରେୟସୀ ଆଜି  ଢ଼ାଳିଦିଏ ତାର  ସକଳ ଧନ,
ନବ ବର୍ଷରେ ନବ ଆନନ୍ଦ ନିମନ୍ତ୍ରଣ ।'' (ଗ୍ରନ୍ଥାବଳୀ ୧ମ ଭାଗ । ପୃ. ୩୦୦)

କବି ବୈକୁଣ୍ଠନାଥଙ୍କ ୧୯୨୩-୩୦ ସମୟର ରଚନାମାନଙ୍କରେ ରୋମାଣ୍ଟିକ୍ ଚେତନା ବେଶ୍ ପରିପୁଷ୍ଟ । ଏହି ପର୍ଯ୍ୟାୟର କବିତାମାନଙ୍କ ମଧ୍ୟରେ 'ଯୌବନପୂଜା', 'ଚିଲିକାରେ ରାତ୍ରୀ', 'ପୌଷ  ପବନ', କବି ପ୍ରେୟସୀ, ପୌଷ ସମୀରଣ, ଶାରଦସ୍ପର୍ଶ, ପ୍ରୀତି ଆବାହନ, ବର୍ଷା ସଂଗୀତ, ପ୍ରଣୟୀର ସ୍ୱପ୍ନ, ଗୋପବାଳାର ଅନୁଭୂତି, ରାଜଜେମା ଆଦି କବିତାରେ ବୈବିଧ ସହିତ ବୈଚିତ୍ର୍ୟ ରହିଛି ସବୁ ରୋମାଣ୍ଟିକ କବିତାପରି ଏସବୁରେ ତଟିନୀ, କୁସୁମରାଶି, ଚୁମ୍ବନ, ସ୍ୱପ୍ନ, ଚନ୍ଦ୍ରକିରଣ, ଗୋଲା ଅଂଚଳ, ମଳୟ ପରଶ, ପ୍ରଣୟ ପସରା, ମୋହିନୀ ମନ୍ତ୍ର, ହାସ୍ନା ହେନାର ବାସ, ପଲ୍ଲୀବଳା, ହଂସର କଳସୀ,  ମଲ୍ଲୀମାଳା, କରକଙ୍କଣ ଆଦିର ସ୍ମୃତି ଭରି ରହିଛି । ପ୍ରେୟସୀକୁ ପୁଣି ଗନ୍ଧ କୁସୁମ ସୃଷ୍ଟି, ଉଷାର ସ୍ନିଗ୍ଧ ଦୃଷ୍ଟି, କବିତାର ଛନ୍ଦ, ସନ୍ଧ୍ୟାତାରା, ମଳୟମଦିର ଧାରା, ମଧୁବସନ୍ତର ଚୁମ୍ବନ, ତୃଷ୍ଣି ନୟନ ନନ୍ଦନ-ଏହିପରି ବହୁ ରୋମାଣ୍ଟିକ୍ ପରିକଳ୍ପନା ମଧ୍ୟରେ ରୂପାୟିତ କରାଯାଇଛି । ଏହି  ପ୍ରଣୟ ଓ ପ୍ରେୟସୀର ଚିନ୍ତାଭିତରେ କବି ପଳାୟନ  କରିଛନ୍ତି ଏକ ଅଦର୍ଶିତ ସ୍ୱପ୍ନ  ବଳୟ ଭିତରକୁ ବୈକୁଣ୍ଠନାଥଙ୍କ କବିତାରେ ନିକଟକୁ ଉପେକ୍ଷା ଓ  ସୁଦୂରର ଆକର୍ଷଣର ଚିତ୍ର ପର୍ଯ୍ୟାପ୍ତ ।

ବୈକୁଣ୍ଠନାଥଙ୍କ  କବିତାକୁ ତେଣୁ ମିଶ୍ରରାଗର କବିତାଭାବେ ଗ୍ରହଣ  କରାଯାଇପାରେ ଆଗରୁ ଏହାର ସୂଚନା ଦିଆଯାଇଛି । ସେ ଜୀବନର ଦୁଃଖ, ଦୁର୍ଦ୍ଦଶା, ଅଶ୍ରୁ, ହାହାକାର, ଦୈନ୍ୟ ଓ ନିର୍ଯାତନାକୁ ଅସ୍ୱୀକାର କରି ନାହାନ୍ତି । କିନ୍ତୁ ଏଥିରୁ ଉତ୍ତୁରି ଯିବା ପାଇଁ ତାଙ୍କ  କବିତାରେ ସଂଘର୍ଷ  ନାହିଁ ବା ଦିଗ୍‌ଦର୍ଶନ ନାହିଁ । ଅଛି ଏକ ବୃହତ୍ତମ ଶକ୍ତିପାଖରେ ଅସହାୟ ଆତ୍ମ ସମର୍ପଣର  ଆକୁତି । ୧୯୨୧ରୁ ୧୯୩୩ ପର୍ଯ୍ୟନ୍ତ ରଚିତ ରାଶି ରାଶି କବିତାରେ ଏଇ ବିଷାଦବଦୀ ସ୍ୱର ତାଙ୍କ କବିତାକୁ ଗତିପନ୍ନ କରି ପାରି ନାହିଁ । ଏଇ ଆର୍ତ୍ତିର ପୁନରାବୃତ୍ତି ବରଂ ବହୁ  କବିତାକୁ ଛନ୍ଦି ଦେଇଛି ଯେଉଁଥିରୁ  ମୁକୁଳିବାକୁ ସେ ଏକ  ବୃହତ୍ତରଶକ୍ତି ପାଖରେ  ବାରମ୍ବାର ଆତ୍ମ ସମର୍ପଣ ହିଁ କରିଛନ୍ତି । ଏପରି କବିତାର ସଂଖ୍ୟା ଖୁବ୍ ଅଧିକ ଓ ଈଶ୍ୱରଙ୍କ ପାଖରେ ଆତ୍ମସମର୍ପଣ ଠାରୁ ଆଧିଭୌତିକ ଓ ରହସ୍ୟବାଦୀ ଚେତନା ପର୍ଯ୍ୟନ୍ତ ଏ କବିତାର ଗତି ଖୁବ୍ ସରଳରୈଖିକ । ତେଣୁ 'ଆରତି'ର ବିଭୁଙ୍କ ପାଇଁ ଆର୍ତ୍ତି କେତେବେଳେ ଯାହା ସଂଗୀତର ରହସ୍ୟ ବାଦର ଛାୟାଲୋକରେ ମିଶିଯାଇ ତାଙ୍କ କବିତାକୁ ଏକ ସର୍ବକାଳୀନ ଉଚ୍ଚତା ପ୍ରଦାନ କରିଛି ତାହା ପାଠକ ପାଇଁ ଏକ  ବିସ୍ମୟୋପଲବ୍ଧି ନିଶ୍ଚୟ ।

**ବିଭୁଚେତନାରୁ ରହସ୍ୟବାଦୀ ଭାବନା ଯାଏ -**

୧୯୨୯/୩୦ରେ କବି ବୈକୁଣ୍ଠନାଥ 'ଆରତି' ଶୀର୍ଷକରେ ଧାରାବାହିକ ଭାବେ ରଚନା କରିଥିବା କବିତା ଗୁଡ଼ିକ ଉତ୍କଳ ସାହିତ୍ୟରେ ପ୍ରଥମେ ପ୍ରକାଶିତ ହୋଇଛି । ଏ କବିତା  ଗୁଡ଼ିକର ଭାବଧାରା ସ୍ୱଚ୍ଛ ଓ ପ୍ରାଞ୍ଜଳ । ଏକ  ଶିଶୁ ସୁଲଭ ଆତ୍ମ ସମର୍ପଣର ଭାବ ଏ କବିତାଗୁଡ଼ିକର ସରଳ ତରଳ  ପଦବିନ୍ୟାସ ଭିତରେ ଉପଲବ୍ଧ ହୁଏ ।  ଭକ୍ତକବି ମଧୁସୂଦନଙ୍କୁ ଏ କବିତାଗୁଡ଼ିକ ସ୍ମରଣ କରାଇ ଦିଏ । ମନେହୁଏ ସେହିଁ  ଯେପରି ଭକ୍ତ କବିଙ୍କ ଉତ୍ତରସୂରି । 'ଆରତି' ପର୍ଯ୍ୟାୟର ଗୋଟିଏ କବିତା ହେଲା -

''ସନ୍ଧ୍ୟା ସମ ପ୍ରଭୁ ରହିବି ପଥଚାହିଁ ଭିକାରୀ
ଯେ କାଳେ ହରଷରେ ପ୍ରତୀଚୀ ଗଗନରେ /ବିହଗେ ଯାଉଥିବେ ବାହାରି
ଗନ୍ଧ ଉପବନୁ କୁସୁମ ସୁବାସିତ ତୋଳିବି
ଆରତି ଲାଗିତବ ଅଶ୍ରୁ ପସରାଟି ଖୋଲିବି ।'' (ଆରତୀ–'ଅରୁଣଶ୍ରୀ')

କିମ୍ବା 'ଆରତି'ର ଆଉ  କିଛି ପଙ୍‌କ୍ତି –

ପ୍ରଭାତ ଆଲୋକେ ସୁନ୍ଦର ପ୍ରତିଭାତ
ଚିର ଅମୃତ ହେ ମୋର ଜୀବନ ନାଥ  !
ଜୀବନ ସହିତେ ଉଠିଲ ହେ ଥରି
ମଳୟ ପରଶେ କିଶ୍ଳଳୟ ସରି
ଅମୃତ ଶତଦଳ/ନିଶେ ମୋ ଅଶ୍ରୁଜଳ ।'' (ଆରତି–'ଅରୁଣ ଶ୍ରୀ')

୧୯୨୯ ଠାରୁ ୧୯୩୮ ମଧ୍ୟରେ ରଚିତ ରାଶି ରାଶି କବିତାରେ ଏହି ବିଭୁଆରାଧନାର ସ୍ୱର ଉଦ୍‌କୂଳ ହୋଇ ଉଠିଛି । ସତେ ଯେପରି ଚତୁର୍ଦ୍ଦିଗରେ କବି କେବଳ ତାଙ୍କରି ରୂପକୁ ଦେଖୁଛନ୍ତି । ତାଙ୍କରି  ନିର୍ଦ୍ଦେଶରେ ବୃକ୍ଷରେ ଫୁଲ ଓ ଫଳ, ମରୁରେ ଝରଣା, ଉଷା ଓ ଅନ୍ଧାର, ଚନ୍ଦ୍ର ଓ ସୂର୍ଯ୍ୟ ଆତଯାତ ହେଉଛନ୍ତି । ସେହି  ଚିରମଙ୍ଗଳମୟ । ପୁଣି ସେହି ପ୍ରିୟତମ ଉଦ୍ଦେଶ୍ୟରେ କେତେ ଉଚ୍ଛ୍ୱାସ ପୂର୍ଣ୍ଣ ଆକୁତି, କେତେ ଅକପଟ ଅଶ୍ରୁ ନିବେଦନ, ''ହେ ପ୍ରିୟତମ, ତୁମରି ବିରହକୁ ମୁଁ  ସ୍ମୃତିର ଶଙ୍ଖାଳି କରି ଆଜି ଦୁଃଖ ଓ ଅଶ୍ରୁରେ ଦିନ  କାଟୁଛି । ତୁମେ ଆସିଲେ ମୋ ଘର ଅଲୌକିକ ସୌନ୍ଦର୍ଯ୍ୟରେ ଭରି ଉଠିବ । ତୁମକୁ ପରଭାବି କେତେ ହତାଦର କଲି । ପରପ୍ରୀତିରେ କଣ ତୃଷ୍ଣା ମେଣ୍ଟିପାରେ ନା ଝରାଫୁଲରେ ଶ୍ରଦ୍ଧା ନିବେଦିତ ହୁଏ ?  ତୁମେ ହିଁ ଚିରସୁନ୍ଦର, ମୋର ଚିର ଅନ୍ତରତମ । (ପଥଘାଟେ, 'କାବ୍ୟ ସଂଚୟନ') ମଧୁସୂଦନଙ୍କ କାବ୍ୟ ମାନସ ପରି ବୈକୁଣ୍ଠନାଥଙ୍କ କବିତାରେ  ଜୀବନର ସକଳ ଖେଦ, ଦୁଃଖ, କଳ୍ମଷ ଓ କଳିମା ଭିତରେ ପୁଣି ବଳିଷ୍ଠ ଆଶାବାଦ ବେଳେବେଳେ ପ୍ରକଟିତ ହୁଏ । ଆଶା ଓ ଆନନ୍ଦର ଉଜ୍ଜଳିମାରେ କବିଙ୍କ ମନ ଓ ପ୍ରାଣ ସନ୍ଦୀପିତ ହୋଇ ଉଠେ, ସତେ ଯେପରି ଜୀବନପାଇଁ ଆଉ  ଦୁଃଖ କଷ୍ଟ କିଛି ନାହିଁ, କ୍ଷୟ  ଓ କ୍ଷତି ନାହିଁ, ନାହିଁ ମଧ୍ୟ ଜରା ଓ  ମୃତ୍ୟୁ । ଖାଲି ଆନନ୍ଦମୟ ଏ ଜୀବନ । ସେ ପ୍ରଭୁଙ୍କୁ ନିବେଦନ କରି କହୁଛନ୍ତି –

''ଜୀବନର ଦୀପ ନିଭଇ ଧରା ତିମିର କରେ ଗ୍ରାସ
ପରାଣ ଘେରି ବାଜଇ  ଖରେ ମୃତ୍ୟୁ ଅଟ୍ଟହାସ
ଅନ୍ତରର ଦେବତା ଆହେ ପ୍ରଦୀପ ନାହିଁ ଜଳେ
ତୁମରି  ଚିର ବିଜୟବାନା ଧରିବୁ କାହା ବଳେ  ?'' (ମୁକ୍ତିସଂଗୀତ ଜୁଲାଇ ୧୯୨୯)

ତାଙ୍କ ରଚିତ ଚଉଦାଳି (ଚତୁର୍ଦ୍ଦଶପଦୀ) କବିତା 'ଉପାସନା', 'ବନ୍ଦନା', ପ୍ରିୟତମ,  ଭଗବାନ୍, ଭାଗ୍ୟ, ଜ୍ଞାନର ବ୍ୟର୍ଥତା, ଚିରସଖା, ପୂର୍ଣ୍ଣତା ଆଦି 'ଆରତି' ପର୍ଯ୍ୟାୟର କବିତା ଗୁଡ଼ିକରେ  ଏହିଭାବ ଓ ଭାବନା ଆହୁରି ବିକଶିତ ରୂପ ପରିଗ୍ରହ କରିଛି । ବିଭୁଙ୍କୁ ସମ୍ବୋଧନ କବି କହିଛନ୍ତି –

''ଦୁଃଖ ବେଦନାରେ ତୁମେ ଅବ୍ୟକ୍ତ ସୁନ୍ଦର
ତୁମେ ପୂର୍ଣ୍ଣ ଦୁଃଖେ ତେଣୁ ତୃପ୍ତ ମୋ ଅନ୍ତର ।''

ଆଉ ଗୋଟିଏ କବିତାରେ ରୁଦ୍ରଙ୍କୁ ସ୍ମରଣ କରି କବି କହନ୍ତି –

ରୁଦ୍ର ହେ ମୋର ପ୍ରିୟ / ଅଶ୍ରୁ ବେଦନା ଦିଅ
××× ତୁମର ପୀରତି ଭରସା ମୁଁ କରି,
ଆକୁଳେ ସାଗରେ ବାହିନେବି ତରୀ
ଯେତେ ରୂପେ ଆସ ସୁନ୍ଦର ଶିବ
ମୋର ଚିର ବରଣୀୟ/ରୁଦ୍ର ହେ ମୋର ପ୍ରିୟ ।''

ଆଉ ଗୋଟିଏ କବିତାରେ କବି କହନ୍ତି – ''ହେ ପ୍ରଭୁ, ବିଶ୍ୱତ ତୁମର ବିଶାଳ ମନ୍ଦିର । ସେ ମନ୍ଦିରରେ ଅଯଥା ମିଥ୍ୟାର ଯାଗଯଜ୍ଞ କାହିଁକି ? ମୋ ଅନ୍ତରରେ ତ ତୁମେ ଅଶ୍ରୁ ଓ ଅନୁରାଗ ଦେଇଛ, ତହିଁରେ କଣ ମୁଁ ପୂଜା କରି ପାରିବିନି ? ତୁମ ସୃଷ୍ଟିରେ ଥିବା ଅସଂଖ୍ୟ ମନ୍ଦିରକୁ ଶିଶିର କଣାରେ ଧୋଇ ଦେଇ ତୁମେ ଫୁଟାଇଥିବା ରାଶି ରାଶି ଫୁଲରେ ତୁମକୁ ପୂଜା କରିପାରିବି ସେଥିପାଇଁ ଯଜ୍ଞ ଓ ସମିଧର ବା କି ଆବଶ୍ୟକତା ? ମୋର ବିକାରହିଁ ତୁମ ଯଜ୍ଞରେ ସମିଧ ଭାବେ ଉତ୍ସୃଷ୍ଟ ହୋଇ ପାରିବ । ମନର ମୋହ ଓ ଅନ୍ଧକାରକୁ ତ୍ୟାଗକରି ଅନୁରାଗ ଓ ଅଶ୍ରୁରେ ମୁଁ ଆହୁତି ଦେଇ ପାରିବି । ସ୍ୱାର୍ଥ ଓ ବାସନାକୁ ତ୍ୟାଗ କରି ପାରିଲେ ମୋର ମନର ସ୍ୱର୍ଗକୁ ଦୀପ୍ତ ଓ ସୁନ୍ଦର କରି ଉଜ୍ଜଳ ବିଭାରେ ଦେବତା ଉଦୟ ହେବେ । ତେଣୁ ତଥାକଥିତ ଯଜ୍ଞ ଓ ଆହୁତିର କିବା ପ୍ରୟୋଜନ ? (ଉତ୍କଳ ସାହିତ୍ୟ ୩୫ ଭାଗ, ଆଶ୍ୱିନ ୧୩୩୮, ୬ଷ୍ଠ ସଂଖ୍ୟା) । କବି କିନ୍ତୁ ତାଙ୍କ ରଚିତ ଏ ସମସ୍ତ ଚଉଦାଳିକୁ Sunnet ବୋଲି ସ୍ୱୀକାର କରି ନାହାନ୍ତି । ତାଙ୍କ ମତରେ ''ସବୁ ଚତୁର୍ଦ୍ଦଶପଦୀ ସନେଟ୍ ହୋଇ ନ ପାରେ । ସନେଟ୍‌ର ଟେକନିକ୍ ବାଦଦେଲେ ମଧ୍ୟ ଚତୁର୍ଦ୍ଦଶପଦୀ ଯେ ସୂକ୍ଷ୍ମଚିନ୍ତା ଓ ଭାବଧାରାର ସହାୟକ, ଏକଥା କେହି ଅସ୍ୱୀକାର କରିବେ ନାହିଁ । ଏହାର ପ୍ରମାଣ ବଙ୍ଗ ଓ ଉତ୍କଳ ସାହିତ୍ୟରେ କେତେଗୁଡ଼ିଏ ପରିବର୍ତ୍ତିତ ସନେଟ୍ । ଭାବ ବା ଚିନ୍ତାର ବିକାର ନ ଘଟିଲେ ଟେକନିକ୍‌ର ହାନିରେ ବିଶେଷ କିଛି କ୍ଷତି ହୁଏ ବୋଲି ମୋର ମନେ ହୁଏ ନାହିଁ ।'' (ଅରୁଣ ଶ୍ରୀ ପୃ ୪୩ – ବୈକୁଣ୍ଠନାଥ ଗ୍ରନ୍ଥାବଳୀ, ୧ମ ଭାଗ) । ମୋ ମତରେ କେବଳ ପ୍ରେମ ଓ ପ୍ରଣୟର କଥା ନୁହେଁ ବିଭୁ କରୁଣା ପ୍ରତ୍ୟାଶୀ କାବ୍ୟିକ ଭାବଧାରା ସନେଟ୍‌ର କ୍ଷୁଦ୍ର ପରିସର ମଧ୍ୟରେ ଅଭିବ୍ୟକ୍ତ ହୋଇ ପାରିବ । ସେ ଦୃଷ୍ଟିରୁ କବିଙ୍କ ଲିଖିତ ଏହି ଚତୁର୍ଦ୍ଦଶପଦୀଗୁଡ଼ିକକୁ ସନେଟ୍ ବୋଲି କହିବାରେ କୌଣସି ତ୍ରୁଟି ହେବନାହିଁ । ତେଣୁ 'କବି ଯୌବନ' ପର୍ଯ୍ୟାୟରେ ଲିଖିତ ବିଭୁଚେତନା ମୂଳକ ଚଉଦାଳି ଗୁଡ଼ିକ ସନେଟ୍ ପଦବାଚ୍ୟ ହୋଇପାରିବ ଅନ୍ତତଃ ଭାବ ଦୃଷ୍ଟିରୁ । (ଅରୁଣ ଶ୍ରୀ – ପୃ ୫୪– ବୈକୁଣ୍ଠନାଥ ଗ୍ରନ୍ଥାବଳୀ ୧ମ ଭାଗ) ।

ବିଭୁଚେତନା ମୂଳକ ରାଶି ରାଶି ଚଉଦାଳି ରଚନା କରିବା ମଧ୍ୟରେ କବି କିପରି କେଉଁ ପ୍ରେରଣାରେ 'ଯାତ୍ରା ସଂଗୀତ' ପରି ଏକ ରହସ୍ୟବାଦୀ ଉନ୍ନତ କବିତା ରଚନା କରି ବସିଲେ ତାହା ତାଙ୍କ ସାମଗ୍ରିକ କାବ୍ୟକୃତିର ଏକ ବିସ୍ମୟ ଜନମ ରହସ୍ୟ ଭାବେ ପ୍ରତିଭାତ ହୁଏ । କବି ମଧୁସୂଦନ ରାଓଙ୍କ ଶତାଧିକ ବିଭୁଚେତନାମୂଳକ କବିତା ଭିତରେ ଯେଉଁପରି 'ଋଷପ୍ରାଣେ ଦେବାବତରଣ' ଓ 'ହିମାଳୟେ ଉଦୟୋତ୍ସବ' ନାମକୁ ଦୁଇଟି ଆଧିଭୌତିକ – ରହସ୍ୟଭରା କବିତା ଉତ୍ତୁରି ଆସିଛି ବୋଧହୁଏ ସେହିପରି ବୈକୁଣ୍ଠନାଥଙ୍କ ଧରାଶ୍ରାବୀ ଲେଖନୀରୁ ଉତ୍ତୁରି ଆସିଛି ଏ କବିତା ଯାହା ପଢ଼ିଲାମାତ୍ରେ ପାଠକ ଆତ୍ମହରା ହୋଇ ଭବଲୋକରୁ କେଉଁ ଉର୍ଦ୍ଧ୍ୱଲୋକକୁ ଚାଲିଯାଏ । ଓଡ଼ିଆ ସାହିତ୍ୟରେ 'ଯାତ୍ରା ସଂଗୀତ'କୁ ଏକ

ରହସ୍ୟବନ୍ଦୀ କବିତାଭାବେ ଚିହ୍ନିତ କରାଯାଇଛି । ରହସ୍ୟ ବାଦର ବ୍ୟାଖ୍ୟା କରିବାକୁ ଯାଇ 'ସବୁଜଯୁଗ ଓ କାବ୍ୟସଂଚୟନ' ପୁସ୍ତକରେ ଅଧ୍ୟାପକ ବିଭୁଦତ୍ତ ମିଶ୍ର କହିଛନ୍ତି – ''ରହସ୍ୟବାସୀ କବିମାନେ ଏକ ଅଲୌକିକ ବା ଅତିଲୌକିକ ଆଦର୍ଶରେ ପ୍ରଭାବିତ ହୋଇ ଏକ ଅତିଭୌତିକ ଏବଂ କାଳ୍ପନିକ ଜଗତର ଚିତ୍ର ପ୍ରଦାନ କରିଥାନ୍ତି । ସେମାନେ ବାସ୍ତବ ଜଗତର ସୁଖ ଦୁଃଖ, ବ୍ୟଥା ବେଦନା, ବିରହ ମିଳନ ସବୁକୁ ଅନ୍ୟ ଏକ ଜଗତର ଛାୟାରୂପେ ଗ୍ରହଣ କରିଥାନ୍ତି । ଯାହା କଳ୍ପନାତୀତ, ଅଜ୍ଞେୟ ଓ ଅଚିନ୍ତ୍ୟ ତାକୁ ନେଇ ଏକ ଅନାଗତ ଜଗତର ସ୍ୱପ୍ନ ଦେଖିବା ନିମନ୍ତେ ଏଇ କବିମାନଙ୍କର ଏକ ଅଦ୍ଭୁତ ମମତା ଜାଗ୍ରତ ହୋଇଥାଏ ।୧୯। ଏହି ଚେତନା ଆମ ସାହିତ୍ୟରେ ୯ମ–୧୦ମ ଶତାବ୍ଦୀର ଶୂନ୍ୟବାଦୀ ସାହିତ୍ୟ ବୌଦ୍ଧଗାନ ଦୋହା ଠାରୁ ଆରମ୍ଭ ହୋଇ ଷୋଡ଼ଶ ଶତାବ୍ଦୀର ପିଣ୍ଡବ୍ରହ୍ମାଣ୍ଡ ବାଦୀ ବୈଷ୍ଣବ ଦର୍ଶନ ବାଟଦେଇ ଆଧୁନିକ ଯୁଗର ଭୀମଭୋଇ, ଭକ୍ତକବି ମଧୁସୂଦନ ରାଓ, କୁନ୍ତଳା କୁମାରୀ, କାନ୍ତକବି ଲକ୍ଷ୍ମୀକାନ୍ତ ଓ ବୈକୁଣ୍ଠନାଥଙ୍କ ପର୍ଯ୍ୟନ୍ତ ସଂପ୍ରସାରିତ । ବିଶ୍ୱକବି ରବିନ୍ଦ୍ର ନାଥ ଏହି ରହସ୍ୟକୁ ଉଦ୍‌ଘାଟନ କରିବାକୁ ଯାଇ କହିଛନ୍ତି – ''ଆମାର ତୋ ମନେ ହୟ, ଆମାର କାବ୍ୟ ରଚନାର ଏଇ ଏକଟିମାତ୍ର ପାଲା – ଯେ ପାଲାର ନାମ ଦେଓୟା ଯାଇତେ ପାରେ ସୀମାର ମଧ୍ୟେଇ ଅସୀମେର ସହିତ ମିଲନ ସାଧନେର ପାଲା ।'' ଓଡ଼ିଆ ବୈଷ୍ଣବ କବିମାନେ ଏଇ ପ୍ରୟାସକୁ ଜୀବ ଓ ପରମର ମିଳନ ଭାବରେ ପରିକଳ୍ପନା କରିଛନ୍ତି । ଭୀମ ଭୋଇଙ୍କ ଚିନ୍ତାରେ ଏହା ଏକ ଶୂନ୍ୟବାଦୀ ସ୍ୱରୂପ ଓ ବ୍ରହ୍ମ ରୂପରେ ପ୍ରତିଭାତ । ଊନବିଂଶ ଶତାବ୍ଦୀର ଶେଷ ଦଶକଠାରୁ ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ବ୍ରାହ୍ମ ମଧୁସୂଦନ ଆତ୍ମା–ପରମାତ୍ମାର ମିଳନ କାମନାରେ ବହୁ କବିତା ରଚନା କରିଯାଇଛନ୍ତି । ଏସବୁ କବିତାରେ ଏକ ଅଚିନ୍ତନୀୟ ଅନୁଭୂତ ସତ୍ତା ଉଦ୍ଦେଶ୍ୟରେ କବିର ଭୀତି ବିହ୍ୱଳତା ଓ ବିସ୍ମୟବୋଧ ସର୍ବତ୍ର ପ୍ରକାଶ ପାଇଛି । କୌଣସି କୌଣସି କବିଙ୍କ ଚେତନାରେ ଏହି ବିସ୍ମୟବୋଧ ସଂପୂର୍ଣ୍ଣ ଅଶରୀରି ଯେପରି ଶୂନ୍ୟ ଓ ମହାଶୂନ୍ୟ । ପୁଣି କୌଣସି କୌଣସି କବିଙ୍କ ଚେତନାରେ ସେ ବିଗ୍ରହଧାରୀ ପ୍ରିୟ ପରମ । ଏପରିକି ରାତ୍ରିର ଶେଷ ଭାଗରେ ଆସି ଦରଜା ପାଖରେ ଠିଆ ହୋଇ କବିଙ୍କୁ ଅପେକ୍ଷା କରି ଅଭିମାନ କରି ଫେରିବି ଯାଇପାରେ । ରବୀନ୍ଦ୍ରନାଥ ଓ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଚେତନାରେ ଏ ଭାବନା ସୁନ୍ଦର କାବ୍ୟିକ ରୂପ ପରିଗ୍ରହଣ କରିଛି ।

''ଆଜ ଝଡ଼ର ରାତେ ତୋମାର ଅଭିସାର/ପରାଣ ସଖା ବଂଧୁ ହେ ଆମାର ।'' (ଗୀତାଞ୍ଜଳି)
ନୂତନ କରିୟା ଲହୋ ଆରବାର ଚିର ପୁରାତନ ମୋରେ
ନୂତନ ବିବାହେ ବାନ୍ଧିବେ ଆମାୟ ନବୀନ ଜୀବନ ଡୋରେ ।'' (ଜୀବନ ଦେବତା– 'ଚିତ୍ରା')

ଏହି ବିବାହ ପରିକଳ୍ପନା ବା ଅଭିସାରର ସ୍ୱପ୍ନ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କବିତାରେ କିପରି ପ୍ରକାଶ ପାଇଛି ଦେଖନ୍ତୁ –

''ସେ ପରା ଆସିଥିଲା ରାତି ପାହାନ୍ତି/ତା'ଲାଗି ଶୋଇଥିଲି ହୋଇ ଚାହାନ୍ତି
ଦେଖୁଁ ଦେଖୁଁ ଦେଖି ପାରିଲି ନାହିଁ ଗୋ/ଗବାକ୍ଷ ଫାଙ୍କେ ଭଣ୍ଡି ଗଲାଟି କେ ସେ ।'' (ଜୀବନ ସଙ୍ଗୀତ)

କିମ୍ୱା ରବୀନ୍ଦ୍ରନାଥଙ୍କ ପାୟେର ଧ୍ୱନି ପରି କାନ୍ତକବିଙ୍କ ପଦଧ୍ୱନି ସେଇ ପ୍ରିୟ ପରମ ଅଚିନ୍ତନୀୟ ଅବ୍ୟକ୍ତ ସତ୍ତା ଉଦ୍ଦ୍ୟେରେ ଅଭିପ୍ରେତ –

ମୃଦୁ ପଦଧ୍ୱନି ଶୁଣି ଥରେ ଥରେ ଚମକି ଚମକି ଉଠେ ଚକିତରେ
ବସିବସି ବୃଥା ଆକୁଳ ଅନ୍ତରେ ହେଉଥାଏ ଚିର ବେଦନା ଭୋଗୀ ।'' (ଜୀ. ସଂ)

ତାରି ପ୍ରଭାବରେ ସଚ୍ଚିଦାନନ୍ଦ ତାଙ୍କ 'ପାଥେୟ' କବିତା ଗ୍ରନ୍ଥରେ ଲେଖିଛନ୍ତି –

''ଗୁନ୍ଥିଦିଏ ପ୍ରେମଫୁଲେ ବରଣର ମାଳା
ହସି ହସି ଘେନ ସଖା ପାତି ତବ ଗଳା ।'' (ଗ୍ରନ୍ଥାବଳୀ ପୃ ୮୭୦)

କିମ୍ବା

''ସକଳତେଜି ମୁଁ ଆସିଛି ତୁମରି ଦ୍ୱାରେ/ହେ ଜୀବନପ୍ରିୟ ଗୋପନ ଅଭିସାରେ
ଶୂନ୍ୟ ମୋ ପାତ୍ର ଭରିଦିଅ ତବ ଦାନେ/ନୀରବ ମୋ ବୀଣା ବାଜିଉଠୁ ତବ ଗାନେ ।''

ବୈକୁଣ୍ଠନାଥଙ୍କ ସତେ ସବୁଜ କବିମାନଙ୍କ କାବ୍ୟଚିନ୍ତାରେ ଏଇ ବରଣମାଳ, ଗୋପନ ଅଭିସାରର ଚିତ୍ର ପ୍ରକାଶ ପାଇଛି । ବୈକୁଣ୍ଠନାଥ ଯାହାକୁ ଦୂର ଓ ଅଲଭ୍ୟବୋଲି ଭାବିଥିଲେ ତାର ନିନାଦ ନିକଟତର ହୋଇ ତାଙ୍କରି ଅନ୍ତରରେ ଅନୁରଣିତ ହେଉଥିବା ଉପଲବ୍ଧି କରିଛନ୍ତି । ସେ ଲେଖିଛନ୍ତି –

''ଦୂର ଯା ଥିଲା ଅନ୍ତରେ ଆଜି ପ୍ରିୟ/ମନ, ଉତ୍ସବ ଦୀପ ମିଳିଲେ ଜଳିଦିଅ
କାହିଁକି ଶୋଚନା ଅଶ୍ରୁ ପୋଛୁ ତୁ କବି/ଅନ୍ତରେ ତୋର ନିତ୍ୟ ଅମର ଛବି ।
ଗାଅ ଗାଅ ତୋର ନବ ସଂଗୀତ ସେ ପରଶ ଅନୁଭବି ।'' (ପ୍ରେମତତ୍ତ୍ୱ)

କାଳିନ୍ଦୀ ଚରଣ ସେତେବେଳେ କହିଛନ୍ତି –

''ଏ ଦେହ ମୋର ସାଜଇ ବସି ତୁମିର ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇ ପ୍ରେମ ତୁମରି ଅନୁରାଗୀ ହେ ।'' (ପ୍ରସାଧନ ମୋ କବିତା ପୃ ୪୬)

ଆଉ ଜଣେ ସବୁଜ ପନ୍ଥୀ ଗେଣ କବି ହରିଶ୍ଚନ୍ଦ୍ର ବାଡ଼ାଲ ଏଇ 'ବରରମାଳା' ଓ 'ଗୋପନ ଅତିଥି' ପରିକଳ୍ପନା କିପରି ପ୍ରକାଶ କରିଛନ୍ତି ଦେଖନ୍ତୁ –

''ଆସ ଗୋ ମୋ ପ୍ରାଣ ଅତିଥି ଆସ, ଗୋପନ ଚରଣ ପାତେ
ଆସ ନୀଳନଭେ ବହି ବରଣର ଭେଳା ବରଣରମାଳା ହାତେ ।''
ଆହ୍ୱାନ – ଉକ୍ରଳ ସାହିତ୍ୟ ବ୩୫/୫ମ, ଅଗଷ୍ଟ ୧୯୩୨

ଏହି ରହସ୍ୟବାଦୀ ଭାବନା ଆଉ ଜଣେ ଗୌଣ ସବୁଜ କବି ଚନ୍ଦ୍ରଶେଖର ମିଶ୍ରଙ୍କ କବିତାରେ କିପରି ରୂପାନ୍ୱିତ ହୋଇଛି ଦେଖନ୍ତୁ –

ଗଭୀର ନିଶୀଥେ ଯେବେ ସୁପ୍ତ ଚରାଚର/କିଏ ତୁମେ ଧୀର ପଦେ ଆସିଲ ସୁନ୍ଦର ।
ତୁମରି ଆଗମେ ଆହା ନବୀନ ମଳୟ/ବହିଲା ବିରହୀ ପ୍ରାଣ କରିଣ ଅଥୟ ।''
('ସଙ୍ଗଲାଭ' – ଉକ୍ରଳ ସାହିତ୍ୟ ୪୦ବ ୮ମ ସଂଖ୍ୟା)

କବି ବୈକୁଣ୍ଠନାଥଙ୍କ କବିତାରେ ଏହି ରହସ୍ୟବାଦୀ ଚେତନା କେତେବେଳେ ପ୍ରକୃତିର ବିପୁଳ ବିଭବ ସନ୍ଦର୍ଶନରେ ତ କେତେବେଳେ ଆତ୍ମଦୁଃଖ ଓ ଅନୁଶୋଚନାର ପରିଣତିରେ ପ୍ରକାଶ ପାଇଛି । ଅବଶ୍ୟ ଏକଥା ସତ୍ୟ ଯେ ବୈକୁଣ୍ଠ ନାଥ ଭୀମ ଭୋଇଙ୍କ ପରି ଶୂନ୍ୟବାଦୀ ନୁହନ୍ତି କିମ୍ବା କବି ମଧୁସୂଦନ ରାଓଙ୍କ ପରି ବ୍ରହ୍ମ ଉପାସନାରେ ମଗ୍ନ ହୋଇ ନାହାନ୍ତି ।

ସାକାର ଈଶ୍ୱରଙ୍କ ସ୍ଥିତିପ୍ରତି ତାଙ୍କ ଚିନ୍ତାରେ ପ୍ରକାଶ ପାଇଛି ବିପୁଳ ବିଶ୍ୱାସ, କିନ୍ତୁ ଏ ବିଶ୍ୱାସର ଧାରା ।ବେଳେବେଳ ଅତ୍ୟନ୍ତ ପ୍ରଚ୍ଛନ୍ନ ଓ ଅପ୍ରକଟିତ । କେବଳ ଅନୁଭୂତିରେ ହିଁ ତାର ଉପଲବ୍ଧି । ତେଣୁ 'ଯାତ୍ରାସଂଗୀତ' କବିତାରେ ବୈକୁଣ୍ଠନାଥ ଯେତେବେଳେ କହନ୍ତି – ''ମାନହଂସ ମୁଁ ମାନରେ ଯିବି ଉଡ଼ି/ ମୋ ଦୋଷେ ପଥହୁଡ଼ି ଭରମେ ଅବିରତ'' ସେତେବେଳେ ରବୀନ୍ଦ୍ରନାଥଙ୍କ କାବ୍ୟଚେତନାର ସୀମା ସହିତ ଅସୀମର ମିଳନ ଚେତନାର ଖିଅ ଖୋଜିବାକୁ ହେବ । କବି ବୈକୁଣ୍ଠନାଥ ୧୯୩୦ରେ ରଚିତ 'କବିର ଦେଶ' (ପ୍ରକାଶିତ ଉତ୍କଳ ସାହିତ୍ୟ ୩୪ ଭାଗ ମାର୍ଗଶୀର ୮ମ ସଂଖ୍ୟା) ନାମକ ଗୋଟିଏ କବିତାରେ କହନ୍ତି –

''ଯେ ଦେଶେ ମୋର ପରାଣପ୍ରିୟ/ମୋ ପଥେ ଚାହିଁ ପଡ଼ଇ ଢ଼ଳି,
ଦିବସ ଯାଏ ମୋହରି/ମାୟା ହରିଣ ପଛେ ଭରମେ ଭୁଲି ।''

ସୁଦୂରର ସେଇ ସୁନ୍ଦର କାନନଭୂମିକୁ ତ୍ୟାଗକରି ଆସି କି ମାୟାମୋହରେ କବି ଏ ଦେଶର ମାୟା ହରିଣୀ ପଛରେ ଘୁରି ବୁଲୁଛେ । ଏ ଦେଶ ମରୁଭୂମି ପରି ଜୀବନହୀନ ଅଥଚ ସେ ଦେଶକୁ କେତେ ନଇ ଘେରି ରହିଛି । କେତେ ନୌକାର ସେଠି ଗତାଗତ । ସେଠି ଚୋରାମଳୟ ଅଧୀର ଭାବେ କାନନ ଓ ବିଲକୁ ପ୍ରଦକ୍ଷିଣ କରୁଥିଲାବେଳେ ଏଠି କେବଳ ଶୂନ୍ୟତାଇ ଶୂନ୍ୟତା । ତେଣୁ କବିର ସେ ଦେଶକୁ (The permanent House) ଚାଲିଯିବାକୁ ଏ ଆକାଙ୍କ୍ଷା ପ୍ରକାଶ ପାଇଛି । ତାକୁ ହିଁ ସେ ତାଙ୍କ ବିଖ୍ୟାତ କବିତା 'ଯାତ୍ରା ସଂଗୀତ'ରେ କହନ୍ତି –

''ଚାଲରେ ଚାଲ ମନ ନିତ୍ୟ ମଧୁବନ / ଦେଖିବୁ ପ୍ରିୟରାସ ଅଦୂର ଗୋଲକରେ
ଅଦୂର ପତେ ଆଜି ମିଳନ ତାର ସାଥେ / ବିଜୟ ରଥେ ତୋର ଜୀବନ ଆଲୋକରେ ।''

ଏହି ଆଧିଭୌତିକ ଭାବନା ଯେପରି ଅତୁଳନୀୟ ଏ କବିତାର ଲିରିକ୍ ମୂଲ୍ୟ ମଧ ସେହି ପରି ଅତୁଳନୀୟ । କେତେ କାଳଧରି ଏଇ କବିତାର ଭାବାବେଶରେ ତାଙ୍କ କନ୍ୟା ସୁନନ୍ଦାଙ୍କ କଣ୍ଠରୁ ଏ କବିତାଟିର ଗୀତାୟନ ଶୁଣି ଓଡ଼ିଆ ପାଠକେ ମୁଗ୍ଧ ହୋଇ ରହିଛନ୍ତି ଓ ଅନାରତ କେତେକାଳ ଯାଏ ରହିବେ ମଧ ।

ବୈକୁଣ୍ଠନାଥଙ୍କ 'କାରାବାସୀ କବିର ସ୍ୱପ୍ନ' (୧୯୩୨) 'ପ୍ରଥମ ଆସାର' ୯୧୯୩୩) ବାସର ଗୃହ (୧୯୩୪), 'ପଥଛାୟା' (୧୯୩୫) ଓ 'ପାନ୍ଥଶାଳା' (୧୯୩୫) ଏଇ ଆଧିଭୌତିକ ଭାବଧାରାକୁ ନେଇ ଆଉ କେତୋଟି କବିତା । ତାଙ୍କ ମତରେ ଏ ସଂସାର ଏକ କରାବାସ । ଅତୀତ ଜୀବନର ସମସ୍ତ ଦୁର୍ଲଭ ବିଭୁତି ଏଠି ଦୁଷ୍ପ୍ରାପ୍ୟ । ତେଣୁ ଏ ମର୍ତ୍ତ୍ୟ କାରାବାସ ବା ପାନ୍ଥଶାଳାକୁ ଛାଡ଼ି ତାକୁ ସୁଦୂରର ସ୍ଥାୟୀ ଗୃହକୁ ଯିବାକୁ ହେବ । ସେହି ଶାଶ୍ୱତ କୁଟୀରର ସ୍ୱପ୍ନରେ ତାର ମନ ଓ ଚୈତନ୍ୟ ଆଚ୍ଛନ୍ନ ହୋଇ ରହେ । ଏହିପରି କବିତାମାନଙ୍କରେ ସବୁଜ ଗୋଷ୍ଠୀ ମଧ୍ୟରେ ତାଙ୍କ ସ୍ୱର ବେଳେବେଳେ ନିଆରା ଶୁଭେ । ତେଣୁ ପ୍ରାରମ୍ଭରୁ ହିଁ ତାଙ୍କ କବିତା ବିଭୁପ୍ରୀତିର ତେନାଠାରୁ କ୍ରମେ ଏହି ଅବ୍ୟକ୍ତ ଅଦେଖା ଭୂମି ଆଡ଼କୁ ପ୍ରଧାବିତ – ହୁଏତ ନିଜ ବ୍ୟକ୍ତିଗତ ଜୀବନର ଶୋକ ଓ ସନ୍ତାପକୁ ଭୁଲିବାକୁ କବି ଏହିପରି ଏକ ଅତିଭୌତିକ ରହସ୍ୟ ପାଖରେ ଛନ୍ଦି ହୋଇ ଯାଇଛନ୍ତି । ତଥାପି ଏ ସ୍ୱର ତାଙ୍କର ସବୁଜ ସୃଷ୍ଟି ମଧରେ ଏକ ନିଆରା ପଣିଆ ଧରି ରଖେ ଓ ସ୍ୱୀକୃତି ଦାବୀ କରେ ।

ତେଣୁ ସବୁଜ କବିତା ସାମଗ୍ରିକଭାବେ କେବେ ଉପେକ୍ଷଣୀୟ ନୁହେଁ, ନୁହେଁ ମଧ ମାନସିଂହଙ୍କ ଭାଷାରେ ଡଗରେଲ । ଏଇ ସବୁଜ ସ୍ଥିତି କାଳରେ ବୈକୁଣ୍ଠନାଥଙ୍କ ଲେଖନୀରୁ ଏଇ ଯାତ୍ରାସଂଗୀତ ସହିତ 'ମୂକଭାଗବାନ'

ନାମକ ଆଉ ଗୋଟିଏ କବିତା  ବାହାରି ଆସିଛି ଯାହା ତାଙ୍କ ବଂଧୁ କାଳିନ୍ଦୀ ଚରଣଙ୍କ ପ୍ରଥମ ଉପନ୍ୟାସ 'ମାଟିର ମଣିଷ'ର  ମୁଖବନ୍ଧରେ  ଅଳଙ୍କୃତ ହୋଇଛି । ସବୁଜ କାବ୍ୟସ୍ୱରରେ ତାହା ଏକ ବ୍ୟତିକ୍ରାନ୍ତ ମହନୀୟ କୃତି ବୋଲି ମୁଁ କହିବି । 'ମୂକ ଭଗବାନ' କବିତାରେ ଦରିଦ୍ରର ସଖା ଓ ନିଖିଳର ରାଜେଶ୍ୱର ଭାବେ ଯାହାଙ୍କୁ ସମ୍ବୋଧନ କରାଯାଇଛି ସେ ହୋଇ ପାରନ୍ତି ଯୀଶୁ, ବୁଦ୍ଧ ବା ମହାତ୍ମାଗାନ୍ଧି । ସେମାନେ ସ୍ୱୟଂ ସ୍ରଷ୍ଟାଙ୍କ ଅଂଶାବତାର ଭାବେ, ପୃଥିବୀକୁ ଆସନ୍ତି । ନିଜେ ନିର୍ଯାତନା, ଦୁଃଖ, କ୍ଷତ, ଅନଶନ ବରଣ କରି, ସହସ୍ର ଲାଞ୍ଛନା ଭୋଗ କରି ଓ ବେଳେବେଳେ ରକ୍ତାକ୍ତ ହୋଇ ଅଗଣିତ ଦୁଃଖୀ  ମଣିଷମାନଙ୍କୁ ଉଦ୍ଧାର କରିବାକୁ ପଥ ଦେଖାଇଥାନ୍ତି । ସେଇମାନେ ହିଁ ମଣିଷର ଦୁଃଖ କଷ୍ଟକୁ ଅମୃତ ପରି ପାନକରି ସେମାନଙ୍କ ମୁହଁରେ ହସ ଫୁଟାନ୍ତି, ଅନ୍ଧାରରୁ ଆଲୋକ ଆଡ଼କୁ ଯିବାର ରାସ୍ତା ଦେଖାନ୍ତି । ଏ ଅନ୍ଧାର ନୈରାଶ୍ୟର, ଶୋକର ଓ ଦୁଃଖ କଷ୍ଟର ଅଗଣିତ ମୃତ ମଣିଷଙ୍କ ଭସ୍ମସ୍ତୂପ ଉପରେ ସେମାନେ ଶୁଦ୍ଧ ଶତଦଳ ପରି ବିକାଶିଥାନ୍ତି ।

''ନିଖିଳ ବିଶ୍ୱର ପାପ ଭାରେ ନିଷ୍ପେଷିତ
ମନ୍ଦହାସେ ଗାଉଅଛ ଅମର ସଂଗୀତ ।
ଗାଉଛ ଦରିଦ୍ରପୁରେ ନିଖିଳର ବ୍ୟଥା
ଭ୍ରାନ୍ତ ଏ ମାନବଲାଗି ଏତେ ହିଁ ମମତା ।''

କିନ୍ତୁ ସଭ୍ୟତାର କାଳସର୍ପର ବିଷରେ ଘାରିହୋଇ ବଂଚୁଥିବା ମଣିଷମାନେ ସତରେ କ'ଣ  ସେମାନଙ୍କ ବ୍ୟଥା, କୁର୍ବାଣର ମୂଲ୍ୟ ଦେଇଛନ୍ତି ? କୁଳିଶ ହୁଏତ ତରଳିଯିବ, ପାହାଡ଼ ଫାଟି ବହିଯିବ ଶାଶ୍ୱତ ଝରଣାର-ଅଶ୍ରୁ, କିନ୍ତୁ ନିଷ୍ଠୁର ମଣିଷମାନେ ସେମାନଙ୍କୁ କେତେ ବା ମୂଲ୍ୟ ଦିଅନ୍ତି । କବି କହିଛନ୍ତି -

ହେ ମୂକ ପାଷାଣ ପ୍ରଭୁ ଚିର ଅବିଚଳ
ହେ ଲାଞ୍ଛିତ ନିଷ୍ପେଷିତ ହେ ଶିବ ମଙ୍ଗଳ
ତୁମରି ଶୋଣିତ ଅଶ୍ରୁ ଦୀନ କବିପ୍ରାଣ
ପରିକଛ, କି ଆଦେଶ କରିବାକୁ ଗାନ ।
ନତ ଶିରେ ଶ୍ରୀ ପୟରେ  ମାଗେ ଆଜି ଭିକ୍ଷା
ଦିଅ ହେ ଗୈରିକ ବାସ ଦାରିଦ୍ର୍ୟର ଭିକ୍ଷା ।

ସେଇମାନେ ହିଁ ଅଗଣିତ ଜନତାର ପ୍ରଭୁ ହୋଇଯାନ୍ତି ଓ ନିଜର ସମସ୍ତ ସୁଖ ଓ ଶାନ୍ତିକୁ ଜନତାପାଇଁ ଢ଼ାଳିଦେଇ ଦାରିଦ୍ର୍ୟର ଭେକ ପରିଧାନ କରି ଦରିଦ୍ରମାନଙ୍କ ସହିତ ଦରିଦ୍ର ହୋଇ ଜୀବନ ଯାପନ କରନ୍ତି । ରାଜପୁତ୍ର ପ୍ରଚୁର ବିଳାସ ଓ ଐଶ୍ୱର୍ଯ୍ୟ ଛାଡ଼ି ଗୈରିକ  ବାସ ପିନ୍ଧି ଭିକ୍ଷୁଭାବେ ଜୀବନ ନିର୍ବାହ କରିପାରନ୍ତି ଆଉ ଗାନ୍ଧି ବା ଯୀଶୁଙ୍କ ପରି ଆଣ୍ଠୁ ଲୁଚୁ ନ ଥିବା ପରିଧାନକୁ ଆଦରି ନିଅନ୍ତି । ସେମାନଙ୍କ ମନରେ କ୍ରୋଧ ନ ଥାଏ, ଥାଏ କରୁଣା, ହିଂସା ନ ଥାଏ, ଥାଏ ଶ୍ରଦ୍ଧା ଓ ମମତା । ସେମାନେ ହିଁ ଅଗଣିତ ଦୁଃସ୍ଥ ମଣିଷମାନଙ୍କର  ଭଗବାନ । ଲାଞ୍ଛିତ ଓ ନିଷ୍ପେଷିତ ହୋଇବ ସେମାନେ ପୃଥିବୀର ମଙ୍ଗଳ  କାମନା କରି ଯାଇଛନ୍ତି ଯେଉଁପରି ଯୀଶୁଖ୍ରୀଷ୍ଟ କିମ୍ବା ମହାତ୍ମାଗାନ୍ଧି । ଯଦି କେହି ସ୍ରଷ୍ଟା ଭଗବାନ ଥାନ୍ତି ତାଙ୍କର ଏମାନେ ପ୍ରତିଭୂ-ମୌନତା (ମୂକତା) ଓ ଅନହାର (ଅନଶନ) ମଧ୍ୟରେ ସେମାନେ ଅଗଣିତ ସମସ୍ୟା ସମାଧାନ କରିପାରନ୍ତି । ସମୟ କ୍ରମେ  ପୃଥିବୀ ସେମାନଙ୍କୁ ଭଗବାନ  କହି ପୂଜା ଆରାଧନା କରିଥାଏ ।

ଏ କବିତାଟି 'ମାଟିର ମଣିଷ' ଉପନ୍ୟାସର ମୁଖବନ୍ଧରେ ପ୍ରକାଶ ପାଇବା ନିଶ୍ଚୟ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ଉପନ୍ୟାସଟିରେ ନାୟକ ବରଜୁ ଜୀବନସାରା ଅହିଂସା ଗାନ୍ଧିବାଦର ପରୀକ୍ଷା ନିଜ ଜୀବନରେ କରିଚାଲିଛି । ବୈକୁଣ୍ଠନାଥଙ୍କର ଏ କବିତାଟି ଏକ କଳୋଭୀଷ୍ଟ ସୃଷ୍ଟି ବୋଲି କହିବାରେ ମୋର ଆପତ୍ତି ନାହିଁ ।

ବୈକୁଣ୍ଠନାଥଙ୍କ ଏସବୁ କବିତା ବାଦ୍ ଆଉ କିଛି କବିତା ୧୯୩୫ ମଧ୍ୟରେ ରଚିତ ହୋଇଛି ଯାହା ବୌଦ୍ଧଯୁଗର କିଛି କିଛି କାହାଣୀ ଉପରେ ପ୍ରତିଷ୍ଠିତ । ସେସବୁ ମଧ୍ୟରେ 'ଅମ୍ବାପାଲ୍ଲୀର ଉତ୍କଣ୍ଠା' (୧୯୩୧), ବୁଦ୍ଧ ବନ୍ଦନା (୧୯୩୧), ମହାନିର୍ବାଣ (୧୯୩୫), 'ବୁଦ୍ଧ ଓ ରାହୁଳ' (୧୯୩୫) କିସ୍‌ସା ଗୌତମୀ (୧୯୩୬) ଉତ୍କୃଷ୍ଟ କବିତା ଭାବେ ବିବେଚିତ ହେବ । ଏ ସବୁକୁ ଐତିହାସିକ ଗାଥା କବିତା ବୋଲି କୁହାଯାଇପାରେ । ଏସବୁ କବିତାରେ ବିପନ୍ନ ମଣିଷ ପ୍ରତି ମାନବିକ ମୂଲ୍ୟବୋଧର ବିପୁଳ ବେଦନା ସହିତ ଜୀବନକୁ ଉତ୍ତାନ-ପାଦ କରିନେବାକୁ ଅନେକ ପ୍ରତିଶ୍ରୁତି ରହିଛି । ଅନେକ କବିତାରେ ବୁଦ୍ଧଦେବଙ୍କ ଜୀବନର ଅଶ୍ରୁକରୁଣ ଅନୁଭୂତି ପୂରି ରହିଛି ଓ ତାର କରୁଣ ଭାବସତ୍ତା ଏକ କାଳୋତ୍ତୀର୍ଣ୍ଣ ଆବେଗରେ ପାଠକର ପ୍ରାଣ ଓ ମନକୁ ଦୋହଲେଇ ଦେଉଛି । ପୁଣି ଲକ୍ଷ୍ୟ କରିବାର କଥା ବୈକୁଣ୍ଠନାଥଙ୍କ କାବ୍ୟ ମାନସର ଏହି ଦିଗ ପରିବର୍ତ୍ତନ ତାଙ୍କ କାବ୍ୟ ସ୍ୱରକୁ ଅଧିକ ସ୍ମରଣୀୟ ଓ ଆକର୍ଷଣୀୟ କରି ରଖିଛି । ଶାକ୍ୟମୁନି ବୁଦ୍ଧତ୍ୱ ପ୍ରାପ୍ତିପରେ ଦିନେ କପିଳବାସ୍ତୁ ନଗରୀର ରାଜପଥରେ ଯାଉଛନ୍ତି ଉପେକ୍ଷିତା ପତ୍ନୀ ଗୋପା ପୁତ୍ର ରାହୁଳକୁ ମାଆର ମମତା ଢ଼ାଳି ପରାମର୍ଶ ଦେଇଛନ୍ତି -

''ଅନ୍ଧକରି ଜନନୀକି ପ୍ରାଣେ ତାର ଜାଳିଲେ ଯେ ଚିତା
ଆସିଛନ୍ତି ସେ ନିଷ୍ଠୁର ! ହୁଏ ପଛେ ମୁହିଁ ନାରଖାର
ଯାଅ ବତ୍ସ ! ମାଗଯାଇ ସନ୍ତାନର ନ୍ୟାଯ୍ୟ ଅଧିକାର ।''

କିନ୍ତୁ ସଂସାର ବିରାଗୀ ତଥାଗତ ସଂସାରର ବନ୍ଧନ, ସ୍ନେହର ଆକର୍ଷଣ, କାମନାର ପ୍ରଲୋଭନ ସବୁଠାରୁ ସେତେବେଳ ବହୁତ ଉର୍ଦ୍ଧ୍ୱରେ । ସେ ତେଣୁ ନିଜ ସନ୍ତାନକୁ ଦରିଦ୍ର ଭିକ୍ଷୁର ଦୀକ୍ଷା ବରଣ କରିନେବାକୁ ପରାମର୍ଶ ଦେଇଛନ୍ତି ।

ସେହିପରି ବୈକୁଣ୍ଠ କାବ୍ୟମାନସର ଏହି ଗତିପରିବର୍ତ୍ତନ ପରେ ପରେ 'କିସ୍‌ସା ଗୌତମୀ' କବିତାରେ ଚମତ୍କାର ବର୍ଣ୍ଣାଳୀ ସୃଷ୍ଟି କରିଛି ଯାହା ପାଠକକୁ ଖୁବ୍ ବେଶୀ ଆଚ୍ଛନ୍ନ କରି ରଖେ । ଏହାର ଅଶ୍ରୁ କରୁଣ ଆବେଦନ ପାଠକ ମନରେ ଏକ ଚିରନ୍ତନ ଆବେଗର ଉତ୍ସ ମେଲିଦିଏ । ପୁତ୍ର ବିଚ୍ଛେଦ ବିଧୁର ମାତା ଗୌତମୀ ବୁଦ୍ଧଙ୍କ ସମକ୍ଷରେ ମୃତ ପୁତ୍ରର ଜୀବନଭିକ୍ଷା ନେଇ ସମାଗତ । ଅଶ୍ରୁ ଆଲୁଳିତା ଜନନୀର ଏଇ ସ୍ୱାଭାବିକ ମାୟାଚ୍ଛନ୍ନତାର ବ୍ୟଥିତ ବୁଦ୍ଧ ତାଙ୍କୁ ଉପଦେଶ ଦେଇଛନ୍ତି କୌଣସି ମୃତ୍ୟୁ ରହିତ ପରିବାରରୁ ମୁଠାଏ ସର୍ଷପ ସଂଗ୍ରହ କରି ଆଣିବା ପାଇଁ । ଜନନୀ ଗୌତମୀ ଦ୍ୱାର ଦ୍ୱାର ବୁଲି ଶେଷରେ ବିଫଳ ହୋଇ ଫେରିନ୍ତି । ତାଙ୍କର ଜୀବନପ୍ରତି ମୋହ ଭାଙ୍ଗିଯାଏ । ଜୀବନର ଏଇ ନିଷ୍ଠୁର ବାସ୍ତବତାର ସନ୍ଦର୍ଶନରେ ତାଙ୍କ ବ୍ୟକ୍ତିଗତ ଦୁଃଖ ହଜିଯାଏ । ଗୌତମୀ କୁହନ୍ତି -

''ସହିହେବ ଶତ ସନ୍ତାନ-ଶୋକ ରହିଛି ରହିବ ପ୍ରାଣ
ସକଳ ଶୋକରୁ ବଳି ଅସହ୍ୟ ଆତ୍ମାର ଅପମାନ ।''

ତାଙ୍କର ଏକଥା ଶୁଣି ମନ୍ଦମନ୍ଦ ହସି ତଥାଗତ ଉତ୍ତର ଦେଇଛନ୍ତି -

ଜାଣି ମୁଁ ଭଗିନୀ ପଠାଇଲି ତହିଁ ପାଇବ ଜୀବନ ପଥ
ନୁହେଁ ମୁଁ ଦେବତା, ମାନବମାତ୍ର ରକ୍ତ ମାଂସ ଦେହ
ମାନବ ପକ୍ଷେ ସମ୍ଭବ ଯାହା ଲଭିବ ଶାନ୍ତି ସ୍ନେହ ।'' (କିସ ସା ଗୌତମୀ)

ଏଇ କବିତାଟିର ଭାବବିଦଗ୍ଧ ପ୍ରଭାବଶାଳୀ ଉପସ୍ଥାପନ ଓଡ଼ିଆ ଗାଥା କବିତା କ୍ଷେତ୍ରରେ ଯେ ଅନନ୍ୟ ସୃଷ୍ଟିର ଗୌରବ ଲାଭ କରିଚି – ଏହା କହିବା ବାହୁଲ୍ୟ ମାତ୍ର । ଏଠାରେ କହିବାକୁ ମୋର ଦ୍ୱିଧା ନାହିଁ ଯେ ମାନସିଂହଙ୍କ ତଥାକଥିତ ରୁକ୍ଷ ମନ୍ତବ୍ୟ 'ଡଗରେଲ୍' ଏପରି କେତୋଟି କବିତା ପାଖରୁ ନିଶ୍ଚିତ ଭାବେ ପ୍ରତିହତ ହୋଇ ଫେରି ଆସିବ । ଅନ୍ତତଃ ଓଡ଼ିଆ ସାହିତ୍ୟର ଏହି ଉଦାର ମାନବବାଦୀ କବିଙ୍କୁ ଅଧିକ ଅନୁଧ୍ୟାନ କରିବା ପାଇଁ ଯେ ସମାଲୋଚକ ମାନସିଂହ ସମୟ ପାଇ ନାହାନ୍ତି ଏହାହିଁ ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟହୁଏ ।

**ସବୁଜ କାବ୍ୟଚିନ୍ତାର ବୈଶିଷ୍ଟ୍ୟ ଓ ବିଫଳତା :–**

ଓଡ଼ିଆ ଗୀତି କବିତା ରଚନା କ୍ଷେତ୍ରରେ ସବୁଜ କବିମାନେ ସଚେତନ ଭାବେ ସତ୍ୟବାଦୀ କାବ୍ୟ ମାନସଠାରୁ ଦୂରେଇଯାଇ ରାଧାନାଥ କାବ୍ୟ ଚେତନାକୁ ଅବଲମ୍ୱନ କରିଥିବା ଲକ୍ଷ୍ୟ କରାଯାଏ । ତେଣୁ ଦେଶ ଓ ଜାତୀୟ ଚେତନା ବଦଳରେ ସେମାନଙ୍କ କାବ୍ୟ କବିତାରେ ପ୍ରେମ, ପ୍ରଣୟ, ପ୍ରକୃତି, ପରୀରାଜ୍ୟ ଆଦି ପ୍ରତି ଅଧିକ ଦୁର୍ବଳତା ପ୍ରକାଶ ପାଇଛି । ବୟସର ଅତ୍ୟନ୍ତ ଅନଭିଜ୍ଞ ଥିବାରୁ ସେମାନଙ୍କ କବିତାର ଆଦ୍ୟ ଭାଗରେ ପ୍ରେମ ଓ ପ୍ରଣୟର ବାସ୍ତବସ୍ଥିତି ନିର୍ଣ୍ଣିତ ହୋଇ ପାରିନାହିଁ । ତେଣୁ ସେମାନଙ୍କ ପ୍ରଣୟର ସ୍ୱରର ମାଟିର ବାଣୀ, ଜୀବନର ଉତ୍ତାପ, ତ୍ୟାଗର ଚିତ୍ର କିମ୍ୱା ଆଦର୍ଶର ପ୍ରତିଫଳନ ଦେଖିବାକୁ ମିଳେ ନାହିଁ । ପ୍ରେମ ସେମାନଙ୍କ ପାଇଁ ତାରୁଣ୍ୟରଏକ ବିଳାସ ଯାହାର ସୀମା ଓ ସଂଜ୍ଞା ସେମାନେ ଦୂରବର୍ତ୍ତୀ ଭୂମିରେ ନିର୍ଣ୍ଣୟ କରିବାକୁ ଯାଇ କେବଳ କଳ୍ପନା ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । ଉଭୟ ଅନ୍ନଦାଶଙ୍କର ଓ ବୈକୁଣ୍ଠ ନାଥ ଏହି ପ୍ରକାର ପ୍ରେମରେ ଅମରାବତୀ, ନନ୍ଦନବନ, ପାରିଜାତ ଫୁଲର ମୋହ, ସମୀରଣ, ଗୋଲାପ ପରୀ ଆଦି ଅନୁଷଙ୍ଗଙ୍କୁ ନିଜ କାବ୍ୟ ଚେତନା ମଧ୍ୟରେ ସ୍ଥାପନ କରିଛନ୍ତି । ଅନ୍ନଦାଶଙ୍କରଙ୍କ କେତୋଟି କବିତାର ନାମକରଣକୁ ଅନୁଧ୍ୟାନ କଲେ ସେ ସବୁ ଯେ ନାରୀର ପ୍ରେମ ଉଦ୍ଦେଶ୍ୟରେ ରଚିତ ଏହା ପାଠକ ମାତ୍ରେଇ ସ୍ୱୀକାର କରିବେ – ଅର୍ଥାତ୍ ପ୍ରେମ କବିତା । 'ସୃଜନ ସ୍ୱପ୍ନ', 'ମାନସୀ ଓ ମୁଁ', ପରୀମହଲ, ପ୍ରଣୟୀ, 'କୌଣସି ପ୍ରିୟାପ୍ରତି କୌଣସି ପ୍ରିୟ', 'ଚିରନ୍ତନ ନର ଚାହେଁ ଚିରନ୍ତନ ନାରୀ' ଆଦି କବିତା ଗୁଡ଼ିକ ନିଶ୍ଚୟ ନାରୀ ପ୍ରେମ ଭିତ୍ତିକ । କିନ୍ତୁ ସେ ନାରୀଟି ବେଳେ ବେଳେ ମନେହୁଏ କାଳ୍ପନିକ ପରୀରାଜ୍ୟର, କେତେବେଳେ ଦେହହୀନ ବିଦେହୀ, କେତେବେଳେ ଖତେକ ଯୋଜନ ଦୂରବର୍ତ୍ତୀ । ପୁଣି କେତେବେଳେ ଖୁବ ନିକଟରେ ଯେଉଁଠି ରହିଛି ଅନିବାର ମିଳନ ପିପାସା । ଅନ୍ନଦାଶଙ୍କର କହୁଛନ୍ତି –

> ଶତେକ ଯୋଜନେ ଥାଇ / ଅବିରଳ ଅଛ ଚାହିଁ/ସେ ରୂପ, ସେ ମୁଖ ସେ ଚାହାଣୀ
> କର ପରେ କର ରଖି / ସହସା ପଡ଼େ ଚମକି/ଏତେ ନିକଟରେ ଅଛ ରାଣି !
> ମନେ ହୁଏ ଚାହିଁ ଚାହିଁ/ତୁମେ ମୁଁ ଅଛୁ କି ନାହିଁ/ଅଛି ଦୁଇ ପ୍ରଣୟୀର ହିଆ
> ନାହିଁ କାୟା ନାହିଁ ଛାୟା/ସବୁ ଅପରୂପ ମାୟା/ଅଛି ପ୍ରିୟ ଅଛି ତାର ପ୍ରିୟା ।
> ନାହିଁ ତନୁ ନାହିଁ ଅଙ୍ଗ/କେବଳ ଅଦେହୀ ସଙ୍ଗ/ଅଶରୀରୀ ମିଳନର ମଧୁ
> ଆକାଙ୍କ୍ଷା ମୂରତି ଧରି/ସକଳ ଶୂନ୍ୟତା ଭରି/ସାଜି ଅଛ ବର ଆଉ ବଧୂ ।''
> (ଚିରନ୍ତନ ନର ଚାହେଁ ଚିରନ୍ତନ ନାରୀ – ଉତ୍କଳସାହିତ୍ୟ ଅକ୍ଟୋବର ୧୯୨୬)

ତେଣୁ ଏପରି ପ୍ରେମକୁ କ'ଣ ଦୈହିକ ବୋଲି କୁହାଯାଇପାରିବ ? ବରଂ ଏହା ଏକାନ୍ତ କାଳ୍ପନିକ ଓ ବିଦେହୀ ମନେହୁଏ । ତେଣୁ ଏହା ରୋମାଣ୍ଟିକ୍ ପ୍ରେମର ଭାବନାରେ ପରିପୂର୍ଣ୍ଣ ଯେଉଁଠି ବାସ୍ତବତା ବାରମ୍ୱାର ବ୍ୟାହତ ହୋଇଯାଏ । ଏଇ ଚିରନ୍ତନ ନର ଓ ନାରୀ ଉଭୟ କେବଳ କାଳ୍ପନିକ ସ୍ୱପ୍ନ ପ୍ରୟାସୀ ନୁହନ୍ତି ଅସ୍ଥିର ଓ ବ୍ୟୟବିୟ ମଧ୍ୟ । ତେଣୁ କୌଣସି

ବାସ୍ତବତାର ସଂଜ୍ଞାରେ ଏ ପ୍ରେମକୁ ମାପି ହୁଏନା ଯଦିଓ ବେଳେବେଳେ ମନେ ହୁଏ କବି ଓ ତାଙ୍କ ମାନସୀ–ଉଭୟେ ଖୁବ୍ ନିକଟରେ ଥାଇ ପ୍ରେମକୁ ଆସ୍ୱାଦନ କରୁଛନ୍ତି । ତେଣୁ 'ମାନସୀ ଓ ମୁଁ' କବିତାରେ ଅନ୍ନଦାଶଙ୍କର ଲେଖୁଛନ୍ତି –

''ମୋହରି ଅନ୍ତରେ ଯୁଗଳନାରୀ ନରେ/ନୀରବେ ନିରଜନେ/ନିୟତ ବିରାଜି
ମୋହରି ତନୁ ତଳେ/ଯୁଗଳ ଲୀଳା ଚଳେ/ଦେଖିଲି ଧିଆନରେ/ ସେ ମାୟା ଛାୟା ଛବି ।''

ତେଣୁ ନିଜେ କବି ଓ ମାନସୀ ହେଉଛି  ତାଙ୍କର ତୁଙ୍ଗ କଳ୍ପନା । ଏଠି ତାର ବାସ୍ତବ ରୂପ ବା ଚେହେରା । ପ୍ରତ୍ୟକ୍ଷୀଭୂତ ହୁଏ ନାହିଁ ।  ଏମିତି ତାଙ୍କର ପ୍ରାୟ ସବୁ କବିତା ଯେଉଁଠି ପ୍ରେମ ବାସ୍ତବାନୁଭୂତି ନୁହେଁ କଳ୍ପନା ମାତ୍ର । ତେଣୁ ସବୁଜମାନଙ୍କୁ ରୋମାଣ୍ଟିକ୍ ଚେତନାର ଶେଷ ପର୍ଯ୍ୟାୟର କବି ଭାବେ ଚିହ୍ନିତ କରାଯିବ ଯଦିଓ ପ୍ରଗତିବାଦୀ କବିତାରେ କାଁ ଭାଁ ଅନେକ ରୋମାଣ୍ଟିକ୍ ଭାବନାର ସ୍ପର୍ଶ ମିଳିଥାଏ । ଏପରିକି ଏହି କବିତାର ମୁଖ୍ୟ ପ୍ରବର୍ତ୍ତକ ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପାଣ୍ଡୁଲିପି' କବିତା ଗ୍ରନ୍ଥରେ ପ୍ରେମର ଏଇ ସ୍ୱରୂପ ଅନେକତ୍ର ଉପଲବ୍ଧ ହୁଏ । ତେବେ 'ପ୍ରେମ ଓ ଜୀବନ' ପରି ଏକ ପ୍ରତିନିଧି ମୂଳକ କବିତାରେ କବି ରାଉତରାୟ ଅତୀତର ପ୍ରେମକୁ ଅସ୍ୱୀକାର କରିଛନ୍ତି ଓ ଅତୀତକୁ ଭୁଲି ଆଗକୁ ଆଗକୁ କଦମ୍ ପକେଇବା ପାଇଁ ଆହ୍ୱାନ ଦେଇଛନ୍ତି । ଉଦାହରଣ ସ୍ୱରୂପ 'ପାଣ୍ଡୁଲିପି'ର ବଂଶୀ କବିତାକୁ ଅନୁଧ୍ୟାନ କରନ୍ତୁ –

''ବଇଁଶୀଟି ମୋର / ଦେଇଗଲି ସଖି ! / ତୁମରି କରେ
ବଜାଇବ ଯେବେ / ଭିଜାଇବ ନାହିଁ/  ନୟନ ଜଳେ
ନିରୋଳା ନିଶୀଥେ / ଚାହିଁ ଛାୟା ପଥେ/ବାଇବ ଥରେ
ତାରାରେ ତାରାରେ / ପଡ଼ିବ ଚହଳ/ଦେଖିବ ଖରେ ।''

ଏ କବିତାଟି 'ସହକାର' ୨୦ ଭାଗ ୮ମ ସଂଖ୍ୟା ଅର୍ଥାତ୍ ୧୯୩୮ ସାଲରେ ପ୍ରକାଶିତ । ଏ କବିତାର ଶବ୍ଦପୁଞ୍ଜ ଓ ଭାବଧାରା କେତେ ରୋମାଣ୍ଟିକ୍ ଅଧିକ କହିବାର ଆବଶ୍ୟକତା ନାହିଁ । ଏଇ କବିତା ପୁଣି ସବୁଜମାନଙ୍କୁ ଆହ୍ୱାନ ଲେଖିଥିଲେ –

''ଆରେ ଆରେ ପଳାୟନପନ୍ଥି ! / ପଳାଇବୁ ଆଜି କାହିଁ ଛିନ୍ନ କରି ଧରଣୀର ଗ୍ରନ୍ଥି ।
××× କାହିଁ ଭୀରୁ ନେବୁରେ ଆଶ୍ରୟ/ତୋର ସେଇ କୁଂଜବନ ଦେଇକି ସେ ପାରିବ ଅଭୟ ।''
(ବାଜିରାଉତ – ପ୍ରଥମ ସଂସ୍କରଣ ୯/୩/୪୧)

କିମ୍ବା ଆଉ ଗୋଟି,  କବିତାରେ ସବୁଜମାନଙ୍କୁ 'ପଦ୍ମଭୁକ୍' ବୋଲି କହି କବିରାଉ ରାୟ ଲେଖିଛନ୍ତି –

''ଆକାଶେ ଭୀଷଣ ଝଡ଼, ଇନ୍ଦ୍ରମେଘ ଛାଡୁକି ହୁଂକାର
ହାତୀଦାନ୍ତେ ଗଢ଼ାତୋର ସପନର ସୌଖୀନ ମିନାର
ଭାଙ୍ଗିପଡ଼େ କବି,
ଫୁଲର ଫସଲେ ଆଜି ପଂଗପାଳ ତୋଳୁଛି ଭୌରବୀ ।'' (ପଦ୍ମଭୁକ୍ – ପାଣ୍ଡୁଲିପି, ୧୯୦୩)

ସବୁଜମାନଙ୍କ ପରିଚୟକୁ ଏ ଦୁଇଟି କବିତାରେ ଆଧୁନିକ ଓଡ଼ିଆ କବିତାର ସ୍ୱରସ୍ରଷ୍ଟା ସଚ୍ଚିଦାନନ୍ଦ ଯେଉଁପରି କୁତ୍ସା ଓ ଆହ୍ୱାନ କରିଛନ୍ତି  ତାହା ସେମାନଙ୍କ କବିତାର ପଳାୟନବାଦୀ ଦୃଷ୍ଟିଭଂଗୀ ବିରୁଦ୍ଧରେ ବେସ୍  ସ୍ୱର ଉତ୍ଥାପନ କରେ ।

କିନ୍ତୁ ଉତ୍ତର-ତିରିଶରେ ଏହି କବିମାନେ ଅଧିକରୁ ଅଧିକ  ରବୀନ୍ଦ୍ର କାବ୍ୟଚେତନା ତଥା ସମାଜବାଦୀ କାବ୍ୟ ଚେତନା ସଂପର୍କରେ ଆସି ବ୍ୟକ୍ତିଗତ ଅସ୍ୱଚ୍ଛ ପ୍ରେମକୁ ଛାଡ଼ି ଐଶୀ ଭାବନା ଓ ଅତି ଭୌତିକ (Metaphysical) ଭାବନା ଆଡ଼କୁ ଅଧିକ ଆକୃଷ୍ଟ ହୋଇଛନ୍ତି । କିଂତୁ ଏପରି ଏକ ଉତ୍ତରିତ ଚେତନା ପ୍ରକାଶ କରିବାରେ ଯେତେବେଶୀ ଆଧ୍ୟାତ୍ମିକ ଅନୁଭବ,  ଜୀବନଯନ୍ତା ମୋର ଗଭୀରତା ତଥା ମାନସିକ ପ୍ରସ୍ତୁତି ରହିବା କଥା ତାହା ସେମାନଙ୍କର ନଥିବାରୁ ଏହି ଚେତନା ଅନେକ ସମୟରେ ଅନୁକୃତିରେ ପରିଣତ ହୋଇଯାଇଛି । ୧୯୩୫ ମସିହା ପରେ ପ୍ରାୟ ଏହି ଚିନ୍ତାକୁ ପରିହାରକରି ସବୁଜମାନେ ବାସ୍ତବତା ଆମୁଖ ହୋଇଛନ୍ତି ଓ ସେମାନଙ୍କ କବିତାରୁ ପ୍ରଗତିବାଦୀ କାବ୍ୟ ସ୍ୱର ଶୁଣାଯାଇଛି । ତେଣୁ  ସବୁଜ ଚିନ୍ତାମାନସର ଏହା ଏକ ପରିଣତ ପ୍ରକାଶ ଓ ସାମାଜିକ ଅଙ୍ଗୀକାର ବୋଲି କହିବାରେ ମୋର ଦ୍ୱିଧା ନାହିଁ । କିନ୍ତୁ ଦୃଢ଼ ଅଙ୍ଗୀକାର ଅଭାବରୁ ସବୁଜ କବିମାନଙ୍କ କାବ୍ୟପ୍ରୟାସରେ ଅଗ୍ରଗତି ପରିବର୍ତ୍ତେ ବେଳେବେଳେ ପଶ୍ଚାତ୍‌ଗତି ବା ଭିନ୍ନଗତି ପ୍ରକାଶ ପାଇଛି ।

ଏହାକୁ ସବୁଜ କାବ୍ୟମାନସର ଦୁର୍ବଳତା ବୋଲି କହିବାକୁ ହେବ ।  କବି 'ବୈକୁଣ୍ଠନାଥ' ତାଙ୍କ ସରକାରୀ ବୃତ୍ତିପାଇଁ ଅନେକ ସମୟରେ ସାହସ ହରେଇ ବସିଥିବା ବେଳେ କାଳିନ୍ଦୀଚରଣ ଏ କାବ୍ୟଚେତନାରେ ଇନ୍ଧନ ସଂଯୋଗ କରିବି ଯେପରି ଅନେକ ସମୟରେ ଦୂରେଇ ରହିବାକୁ ନିରାପଦ ମନେ କରିଛନ୍ତି । ସେ ମଧ୍ୟ ଥିଲେ ଜଣେ ସରକାରୀ କର୍ମଚାରୀ । ବୈକୁଣ୍ଠନାଥ ସ୍ୱାଧୀନତା ପରବର୍ତ୍ତୀ କାଳରେ ପୂର୍ବର କାବ୍ୟ ଆଭିମୁଖ୍ୟକୁ ପୁନରାବର୍ତ୍ତିତ କରି କିଛି କିଛି ନିଜର ଅସ୍ତିତ୍ୱକୁ ଘୋଷଣା କରୁଥିଲା ବେଳେ କାଳିନ୍ଦୀ କାବ୍ୟ-ମାନସ ଗଦ୍ୟ ସାହିତ୍ୟର ଧୂସର ସରଣୀରେ କବିତାର ଲାଳନାକୁ ପରିହାର କରି ବସିଛି ।।୧୯।  ତଥାପି ଏହି କବିମାନଙ୍କ କେତୋଟି  ଗୀତି କବିତା ଯେ ଓଡ଼ିଆ ପାଠକ ପ୍ରାଣରେ ଶିହରଣ ସୃଷ୍ଟି କରିବ - ଏଥିରେ ସନ୍ଦେହ ନାହିଁ । ଅନ୍ନଦାଶଙ୍କର  ତ ବହୁ ଆଗରୁ ଓଡ଼ିଆ କବିତା ବିତାନରୁ ଅବ୍ୟାହତି ନେଇଛନ୍ତି, ତଥାପି ଓଡ଼ିଆ ସାହିତ୍ୟର ଇତିହାସରେ ସେ ଜଣେ କ୍ଷୀଣଜୀବୀ କବିଭାବେ ସବୁ ଦିନେ ବଂଚି ରହିବେ । ଅନ୍ତତଃ ଏବେ ମଧ ସେ ଆଲୋଚିତ ହେଉଛନ୍ତି ଓ ପାଠ୍ୟ ଖସଡାରେ ମଧ ସ୍ଥାନ ପାଉଛନ୍ତି -ଏହା ତାଙ୍କ ପାଇଁ କମ୍ ଗୌରବର କଥା  ନୁହେଁ । ସେଥିପାଇଁ ତାଙ୍କ ସପକ୍ଷରେ ଓଡ଼ିଆ ସାହିତ୍ୟର ଇତିହାସରେ କବି ମାୟାଧର ମାନସିଂହ କହି ରଖିଛନ୍ତି - ''ରେଣ ଅନ୍ନଦାଶଙ୍କର ଅଳ୍ପ ଯାହା ଓଡ଼ିଆ ଭାଷାରେ ଲେଖିଯାଇଥିଲେ ତାହାର ପ୍ରତ୍ୟେକ ପଙ୍‌କ୍ତିରେ ବୌଦ୍ଧିକ ଓ ସୌଷମିକ ଗୁଣ ପରିସ୍ଫୁଟ ହୋଇ ରହିଛି ଓ ସେସବୁ ଧରି ରଖିଛନ୍ତି ଏକ ତରୁଣ କବି ଚିତ୍ତର ଇତିହାସ ଏବଂ ଓଡ଼ିଶାର ଯୁଗ ଯୁଗର ତରୁଣ ସଂପ୍ରଦାୟ ପ୍ରତି କିଛି ଅର୍ଥପୂର୍ଣ୍ଣ ବାଣୀ'' ।୨୦।

ସବୁଜ କବିତା ମୁଖ୍ୟତଃ ଗୀତି କବିତା । ତେଣୁ ଗୀତି କବିତାର ସମସ୍ତ ସହଜାତ ଗୁଣ ଓ  ଧର୍ମ ଏଥିରେ ସୁଲଭ । ସଙ୍ଗୀତ ପ୍ରତି ଅନୁରାଗଠାରୁ ଭାବାବେଗ ପ୍ରତି ଭାବସତୀତ୍ୱ ପର୍ଯ୍ୟନ୍ତ ଏ  କବିତାରେ ଲିରିକ୍‌ର ଚମତ୍କାର ଗୁଣ ଓ ଧର୍ମ ଭରି ରହିଛି । ପୁଣି ଛନ୍ଦ ସୃଷ୍ଟିରେ ନୂତନତା ଓ ବିବିଧତା ଠାରୁ ଓଡ଼ିଆ କବିତାକୁ ପଦ୍ୟର କାବ୍ୟ ଟିପଣୀରୁ ଆଣି କବିତାର ବିତାନରେ ସମୃଦ୍ଧ ଓ ଆକର୍ଷଣୀୟ ଶୋଭା ବିସ୍ତାର କରିବା ପର୍ଯ୍ୟନ୍ତ ଏମାନଙ୍କର ଯଥେଷ୍ଟ ଅଧ୍ୟବସାୟ ରହିଛି । ତେଣୁ ସ୍ୱବିରୋଧୀ ସଂଘର୍ଷମୟ ଘଟଣାସ୍ରୋତ ଓ ସମସ୍ୟାର  ଝଂଜା ମଧରେ କବିର ଶାନ୍ତ  ନିସ୍ତରଙ୍ଗ ପ୍ରାଣରୁ ଗୀତିକବିତାର ଧାରା କ୍ରମଶଃ ଲୋପପାଇ ଯାଉଥିଲେ ସୁଦ୍ଧା ସବୁଜର ଆବେଗ ସମ୍ୱଳିତ କାନ୍ତ କୋମଳ ଗୀତିକବିତାର ଉଚ୍ଛ୍ୱାସ ଚିରକାଳ ପାଠକ ପ୍ରାଣରେ ଉଜ୍ଜୀବିତ ରହିବ ।

ଓଡ଼ିଆ କାବ୍ୟ କବିତା ସରଣୀରେ ଯୌବନ ଏକ ବିଶିଷ୍ଟ ବିଭାବ ଭାବେ ଶିହରଣ ସୃଷ୍ଟି କରିଛି । କିନ୍ତୁ ସବୁଜ କବିତାରେ ଯୌବନର ନିରାଜନା ସହିତ ମୃତ୍ୟୁର ଯେଉଁ ଚିତ୍ର ପ୍ରକାଶ ପାଇଛି ମୋର ଯେପରି ମନେହୁଏ ଯୁଦ୍ଧ ପରବର୍ତ୍ତୀ ଓଡ଼ିଆ କବିତାରେ ତାହାହିଁ ଅଧିକ ଭାବେ ପ୍ରତିଫଳିତ ହୋଇଛି । ଯୁଦ୍ଧ ପରବର୍ତ୍ତୀ ସମାଜର କ୍ଷୟକ୍ଷତି ଓ କ୍ଷତ ଭିତରୁ ବ୍ୟକ୍ତି ମଣିଷର ନିଃସଙ୍ଗତାବୋଧ ଜନ୍ମ ନେଇ ପାରିଥାଏ । କିନ୍ତୁ ସବୁଜ କାବ୍ୟ ଭାବନା ମଧ୍ୟରେ ଏହା ଯେ ଇତଃସ୍ତତଃ ବିକ୍ଷିପ୍ତ – ଏହା ଅସ୍ୱୀକାର କରି ହେବନାହିଁ । ଏଦିଗରୁ ସବୁଜରେ ଏକ ନୂତନ ଯୁଗର ଆଭାସ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯିବ ଯାହା ପ୍ରଥମ ପୃଥିବୀ ମହାଯୁଦ୍ଧ ବେଳ କେଉଁଠି କେଉଁଠି ଉପ୍ତବୀଜ ହୋଇଥିଲେ ବି ୨ୟ ପୃଥିବୀ ମହାସମର ପରେ ନିଜସ୍ୱ ଭାବନାର କାୟା ବିସ୍ତାର କରି ରହିଛି ।

ପ୍ରକୃତି ଚେତନାର ସବୁଜ କବିମାନେ ବିଶେଷ କିଛି ନୂତନତା ଆଣିଥିବାପରି ମନେ ହୁଏ ନାହିଁ । ରାଧାନାଥଙ୍କ ପ୍ରକୃତିପରି ସେମାନଙ୍କ ପ୍ରକୃତି ଅନେକ ସମୟରେ ରୋମାଣ୍ଟିକ ବୈପ୍ଳବିକ ଭୂମିକା ନେଇ ଠିଆ ହୋଇଛି । ଅନେକ ସମୟରେ ମାନବିକ ସତ୍ତା ସହିତ ଏକାତ୍ମ ହୋଇ ଉଠିଛି । ବେଳେ ବେଳେ ମଧ୍ୟ କଳ୍ପନା ସହିତ ବାସ୍ତବତାର ସମନ୍ୱୟ ମଧ୍ୟ ମିଶି ରହିଛି । ବେଳେବେଳେ ପୁଣି ସେମାନଙ୍କ ପ୍ରକୃତି ଆଧାତ୍ମିକ ଚେତନାର ପୀଠିକା ରୂପେ ଠିଆ ହୋଇଛି । Words worthଙ୍କ ପରି ପ୍ରକୃତିର ରୂପ ମଧ୍ୟର ସବୁଜ କବିମାନେ ଅନିର୍ବଚନୟ ଭଗବତ୍ ଉପଲବ୍ଧି ପାଖରେ ପହଂଚିଛନ୍ତି । ପୁଣି ସବୁଜ କବିର ରୂପ ଚେତନାରେ ରହିଛି ଦୂରତ୍ୱର ଆକର୍ଷଣ ଓ ଅତୀତର ସମ୍ମୋହ । ଅନ୍ନଦା ଶଙ୍କରଙ୍କ 'ପ୍ରଳୟ ପ୍ରେରଣା' ଓ ପରୀ କାହାଣୀ, କାଳିନ୍ଦୀଚରଣଙ୍କ 'ସନ୍ଧ୍ୟାଲୋକେ' 'ବିରହୀଯକ୍ଷ', 'ଲୋହିତ ବ୍ୟଥା', ଆଷାଢ଼ ସନ୍ଧ୍ୟା ଓ ବୈକୁଣ୍ଠନାଥଙ୍କ ବର୍ଷାବରଣ, ପ୍ରଭାତ ସ୍ୱପ୍ନ ଆଦି କବିତାରୁ ପ୍ରକୃତି ଭାବନାର ବିବିଧତା ଓ ବୈଚିତ୍ର୍ୟ ଉପଲବ୍ଧ ହେବ । ବିଶେଷ କିଛି ଆଲୋଚନା ନ କରି ସେମାନଙ୍କ କବିତାର କିଛି କିଛି ପଙ୍କ୍ତି ଉଦ୍ଧାରକଲେ ବୋଧହୁଏ ପ୍ରକୃତିର ଏ ବିବିଧତା ଓ ବୈଚିତ୍ର୍ୟ ବିଷୟରେ ବୁଝାଯାଇପାରିବ ।

ଅନ୍ନଦାଶଙ୍କର – 'ପ୍ରଳୟ ପ୍ରେରଣା' କବିତାର ଅଗ୍ନିକଣା ଓ ଝଞ୍ଜାବାୟୁର ଭୂମିକା –

''ଅଗ୍ନିକଣା ଅଗ୍ନିକଣା/ଦେହ ଦୀପେ ଜାଳ ଦୀପ୍ତ ଶିଖା
ତୀବ୍ର ତେଜେ ଦହିବି ମୁଁ / ଜଡ଼ତାର ଅନ୍ଧ କୁଜ୍‌ଝଟିକା ।
ଝଞ୍ଜାବାୟୁ, ଜଞ୍ଜାବାୟୁ ! / ଡାକ ମୋତେ ପ୍ରଳୟ ଆହବେ
ମୂଢ଼ ମୂକ ଧରାବକ୍ଷେ/ମାତିବି ମୁଁ ସୋଲ୍ଲାସ ତାଣ୍ଡବେ ।''

ଏଠାରେ ପ୍ରକୃତିର ଏ ଦୁଇଟି ବିଭାବ ସମାଜର କଳଙ୍କିଲଗା ପରଂପରା ବିରୁଦ୍ଧରେ ଧ୍ୱଂସର ପ୍ରତୀକ ରୂପେ ଠିଆହୁଅନ୍ତି । ସେମାନଙ୍କୁ କବି ତେଣୁ ନିଜ ଜୀବନରେ ଅଂଶୀଭୂତ ହୋଇଯିବାକୁ ଆହ୍ୱାନ କରିଛନ୍ତି । ଆଉ ଗୋଟିଏ ଓଡ଼୍ଧର୍ମୀ କବିତା 'ସାଗରପ୍ରତି'ର ସାଗରର ଦୁଃଖ ସହିତ ସେ ନିଜର ଦୁଃଖ ଓ ଶୋକକୁ ଉପମିତ କରିଛନ୍ତି –

''ତୋ ହୃଦୟେ ଯେଉଁ ବ୍ୟଥା/ ଅନ୍ତର୍ଗୂଢ଼ ବ୍ୟାକୁଳତା/ଉଦ୍‌ବେଳ ସ୍ପନ୍ଦନ
କରେ ଫେନିଳ ଶୀତ୍କାର/କରୁଣ ଆର୍ତ୍ତ ଚିତ୍କାର/ଉଦ୍‌ଭ୍ରାନ୍ତ କ୍ରନ୍ଦନ ।
××× ମୋ ହୃଦୟେ ମୋ ଦେହରେ/ତା' ପ୍ରତିଧ୍ୱନି କୁହରେ/ଉଦ୍ଦାମ ଆବେଗେ,
ନିଃଶ୍ୱସେ ଗରଜି ଉଠେ/ପ୍ରଶ୍ୱାସେ ନୀରବେ ତୁଟେ/ଜଞ୍ଜା–ଘନ ବେଗେ ।
ଭାଷାହୀନ ସେ ବେଦନା/ଉଦଗ୍ର ସେ ଉନ୍ମାଦନା/ଅଧୀର ବିହ୍ୱଳ
ଶିରାରେ ଶିରାରେ ନାଚେ / ହୃତ୍‌ପିଣ୍ଡ କମ୍ପନେ ବାଜେ/ମୂକ କୋଳାହଳ ।''

ସେହିପରି ବୈକୁଣ୍ଠନାଥଙ୍କ  କବିତାରେ ପ୍ରକୃତିର ବୈଚିତ୍ର୍ୟ ଓ ବହୁବିଧତାକୁ କବି କିପରି ଆତ୍ମସାତ୍ କରିଛନ୍ତି ଦେଖନ୍ତୁ । କୌଣସି ଦନ ଆକାଶରେ ରକ୍ତମେଘର ସ୍ଥିତିକୁ ଲକ୍ଷ୍ୟକରି ତାଙ୍କ ମନରେ ଯାବତୀୟ ଦୁର୍ବାଭନା ଜନ୍ମ ନେଇଛି । କଳାମେଘ ହୋଇଥିଲେ ଅବା ବର୍ଷାର ଆଶା ଓ ଆଶ୍ୱାସନା ଥାଆନ୍ତା, କିନ୍ତୁ ରକ୍ତମେଘ ଯେ ଝନ୍‌ଜା ଓ ଧ୍ୱଂସର ବୈତାଳିକ – ଏ କଥା ଭାବି କବି ବିମର୍ଶ ହୋଇ ପଡନ୍ତି ।

''ରକ୍ତମେଘ ରକ୍ତମେଘ ! କାହିଁ ପାଇଁ ଆଜି ଦେଲ ଦେଖା,
ରୁଦ୍ର ଭୟଂକର ବେଶେ, କର କାର ନୀରବ ଅପେକ୍ଷା ?
ସ୍ଫୁରଇ  ବଦନୁ ଭୀମ ଅନଳ ଶୋଣିତ/ପୁଣି  କିବା ମରଣ ସଂଗୀତ ।
କାହାର ଆଦେଶେ ନଭେ ଗାଅ ହସି ହସି ରକ୍ତମେଘ !
କାହିଁପାଇଁ ପୁଣି ଏ ଉଦ୍‌ବେଗ ।''
(ରକ୍ତମେଘ – ଅରୁଣଶ୍ରୀ ଗ୍ରନ୍ଥାବଳୀ ପୃ. ୧୩୦)

କବି ବ୍ୟଥା ପ୍ରକାଶ କରି କହିଛନ୍ତି ଅନ୍ୟ ଦିନମାନଙ୍କରେ ସେ ଆକାଶକୁ କେଡ଼େ  ସୁନ୍ଦର ମେଘ ଆବୋରି ରହିଥିବାର ଦେଖିଛନ୍ତି । ନୀଳ ଆକାଶର ଚକ୍ରବଳରେ ଧବଳ ପକ୍ଷବୋଲି ପତାକାପରି ଉଡୁଥିବାର ଅଜସ୍ର ବଳ୍‌କା ପଙ୍‌କ୍ତିଙ୍କୁ ଦେଖିଛନ୍ତି । ସତେ ଯେପରି ସେ ସବୁ ପ୍ରେମର ପତାକା । ଆଶା, ଶାନ୍ତି , ପ୍ରେମ ଓ ସୌନ୍ଦର୍ଯ୍ୟର ସେ ପ୍ରତୀକ ପରି ।  କିନ୍ତୁ ସୃଷ୍ଟିର ଶାନ୍ତ ଶତଦଳ ପରି ସେ ସୌନ୍ଦର୍ଯ୍ୟ ଆଜି ଆକାଶରୁ କୁଆଡ଼େ ଉଭେଇଗଲା । ''ମଳିନ ଦଳିତ ନଭେ ଆଜି ଖାଲି ଜଳଇ ଅନଳ / ଅମର ଗାୟକ କବି ମୌନ ଚିତ୍ରକର/ରୁଦ୍ରରୂପେ ସର୍ବେ ଥରହର ।'' ଏମାନେ ସମସ୍ତେ ଆଜି ଆକାଶରେ ସୌନ୍ଦର୍ଯ୍ୟ ବିପର୍ଯ୍ୟସ୍ତ ହୋଇଥିବାର ଦେଖୁଛନ୍ତି । ସତେ ଯେପରି ଘନଘନ ବଜ୍ରପାତ ପୃଥିବୀକୁ ଭୟଭୀତ କରି ଦେଉଚି । ମନେ ହେଉଚି ଯେପରି  ତଟିନୀର ଶାନ୍ତ ନୀଳଜଳ ରୁଧିରାପ୍ଳୁତ ହୋଇ ଉଠିଛି । ସମସ୍ତେ ଭୀତ ଓ ସ୍ତମ୍ଭୀଭୂତ ହୋଇ ରହିଛନ୍ତି । କବି ଆକାଶରୁ ଏ ରକ୍ତମେଘ ଅପସରି ଯିବାପାଇଁ ବିନୟର ସହିତ ପ୍ରାର୍ଥନା କରନ୍ତି ଆଉ ଆଶା କରନ୍ତି ସେ ମେଘ ଜନନୀ ରୂପରେ ପୃଥିବୀକୁ ଅବତରି ଆସି ତୋୟ ଦାନରେ ସମସ୍ତଙ୍କୁ ଆହ୍ଲାଦିତ କରିବେ ।  ତା'ହେଲେ ଶରତ ଋତୁରେ ସଲୀଳ ଗର୍ଭକୁ ଶାନ୍ତି ଓ ସ୍ଥିରତା ଫେରି ଆସିବ । ପ୍ରକୃତିର  ଭୟଙ୍କର ରୂପ ପାଖରେ କବିର ପ୍ରାର୍ଥନା କେବେବି ଅସଫଳ ହେବ ନାହିଁ – ତାହାହିଁ କବି ବୈକୁଣ୍ଠ ନାଥଙ୍କ ଆକୁତି ଓ ପ୍ରାର୍ଥନା । (ଏ କବିତାଟି ୧୯୨୯ ମସିହା ମାର୍ଚ୍ଚ ସଖ୍ୟାରେ ଉତ୍କଳ  ସାହିତ୍ୟରେ ପ୍ରକାଶିତ ହୋଇଥିଲା । ପରେ 'ଅରୁଣଶ୍ରୀ'ରେ ପ୍ରକାଶିତ) ।

କବିଙ୍କ 'ଚିଲିକାରେ ରାତ୍ରି' ଏକ ଚମତ୍କାର ପ୍ରକୃତି ଭାବନାମୂଳକ  କବିତା ଯେଉଁଠି କର୍ବି ପରିକଳ୍ପନା କରନ୍ତି –

''ଚିଲିକାର ଶୂନ୍ୟ ପରପାରୁ/ରାତ୍ରି ଧୀର ପଦେ  ଚଳି ଆସେ,
ସ୍ନିଗ୍ଧ ସେହି ଅସ୍ୱଷ୍ଟ ଅନ୍ଧାରୁ/ଶତସ୍ୱପ୍ନ ଗଗନେ ବିଭାସେ ।''

ରାତ୍ରିର ଘନଘୋର ଅନ୍ଧକାର ଓ ନୀରବତା ମଧ୍ୟରେ କବି ନିସ୍ତବ୍‌ଧ ସୌନ୍ଦର୍ଯ୍ୟର ସତ୍ତାକୁ ଉପଭୋଗ କରିନ୍ତି ଓ କହନ୍ତି ଏ ସୌନ୍ଦର୍ଯ୍ୟ ମୃତ୍ୟୁ ନାହିଁ, ଏହା ପ୍ରାଣସ୍ପର୍ଶୀ, ସତ୍ୟ ଓ ସୁମଙ୍ଗଳ ।'' (ଚିଲିକାରେ ରାତ୍ରି– କାବ୍ୟ ସଂଚୟନ – ଗ୍ରନ୍ଥାବଳୀ ୧ମଭାଗ ପୃ. ୨୫୯) କେଉଁଠି ନିର୍ଜନ ଉପବନରେ କବିଙ୍କ ହୃଦୟ ବେଦନାରେ ବିଦ୍ଧ ହୋଇଯାଏ ଓ ସେ କହନ୍ତି –

''ରିକ୍ତ ନିଃସ୍ୱ ଚିର ହତାଶ/ବେଦନା ମୋର ଧନ,
ବିଶ୍ୱ ସୁଖ ସ୍ୱପ୍ନେ ହେଲେ / ନ ଲୋଡ଼େ କ୍ଷିପ୍ତ ମନ ।''

ଯୁଗେ ଯୁଗେ ସନ୍ଧ୍ୟା ଓ ରାତ୍ରି କବି ପ୍ରାଣରେ ନାନାବିଧ ଭାବନାର ଢ଼େଉ ସୃଷ୍ଟି କରେ–ଏହା ସଚରାଚର ଉପଲବ୍‌ଧିର ବିଷୟ । କିନ୍ତୁ ଉଷାର ଆଗମନରେ ବୈକୁଣ୍ଠନାଥ ବିମର୍ଷ କାହିଁକି ? କାହିଁକି ସେ ଲେଖନ୍ତି –

''ହତାଶ ମୁଁ ଗୋ ଜୀବନ ସାରା/ଜନମ ମୋର ବ୍ୟର୍ଥ
ଜୀବନ ଏକ ଅଶ୍ରୁଧାରା/ନ ବୁଝେ କିଛି ଅର୍ଥ
ଉଷା, ଉଷା, ନିଆହେ ଅଶ୍ରୁହାର/ନିଃସ୍ୱଜନ ଶତ ସଂପଦ ସାର ।
××× ତୁମ ଅରୁଣ ଅଂଚଳେ ଗୋ/ ଆବର ମୋର ତନୁ
ସକଳ କ୍ଷତ ନିଅ ମୋ ହରି ମନୁ ।'' (ଉଷା – କା.ସଂ ଗ୍ରନ୍ଥାବଳୀ ପୃ. ୨୬୪)

ପୁଣି 'କବି ପ୍ରେୟସୀ' କବିତାରେ ପ୍ରକୃତି କିପରି ଆଲମ୍ବନ ବିଭାବ ସାଜ କବିଙ୍କ ପ୍ରାଣ ଓ ମନରେ ଉନ୍‌ମାଦନା ଭରିଦେଇଛି ତାର କେତୋଟି ପଙ୍‌କ୍ତି ଦେଖନ୍ତୁ –

ମଧୁର ଆଜି ଜ୍ୟୋସ୍ନା ରାତି /ପ୍ରେୟସୀ ଗୋ ଆସ
ହାସ୍ନା ହେନାର ଗନ୍ଧବନେ/ଲାଗିଛି ପ୍ରଣୟ ରାସ
ଗୋଲାପ କେତେ ସ୍ୱପ୍ନ ଦେଖା/ବିରଳେ କବି ଚିତ୍ର ଲେଖେ
ସ୍ୱପ୍ନର ଏ ସୃଷ୍ଟିମେଳେ/ମଳୟ ମେଲେ ବାସ,
ଆସ ଗୋ ପ୍ରିୟ ଆସ ।''

ଏପରି ପରିବେଶରେ ସମଗ୍ର ପ୍ରକୃତି କବି ପାଇଁ ସ୍ନିଗ୍ଧ, କୋମଳ, ସୁନ୍ଦର ଓ ରମ୍ୟ ହୋଇଉଠେ । ସଂଧ୍ୟା ହୋଇଉଠେ କୁସୁମ ବିଳାସୀ, ରାତ୍ରି ହୋଇଉଠେ ଲଳିତା । ଆକାଶ ହୋଇ ଉଠେ ମେଘ ରଂଜିତ , ଗଗନ ଓ ପବନ ସମସ୍ତେ ସୁନ୍ଦର ଓ ଶୀତଳ । ସତେ ଯେପରି କବି ପ୍ରକୃତି ସହିତ ଏକାକାର ହୋଇଯାନ୍ତି । ରାଧାନାଥଙ୍କ 'ଚିଲିକା' ପରି ପ୍ରକୃତି ଅନ୍ତରଙ୍ଗ ଓ ପ୍ରାଣମୟ ହୋଇଉଠେ । କବିଙ୍କ କବିତାରେ ରୂପକ ଓ ଉପମା ପ୍ରୟୋଗର ଯେଉଁ ସାଫଲ୍ୟ ଏ କବିତାରେ ପ୍ରକାଶ ପାଇଛି (ଯେମିତି ଲଳିତା ରାତ୍ରି, କୁସୁମ ବିଳାସୀ ସନ୍ଧ୍ୟା) ତାହା ତାଙ୍କ ପ୍ରକୃତି ଭାବନାକୁ ଅନନ୍ୟ ଓ ମହନୀୟ କରି ଗଢ଼ିଛି । (କବିପ୍ରେୟସୀ)

ପୁଣି 'ନବ ବର୍ଷ ସଂଗୀତ'ରେ ଗୋଟିଏ ସୁନ୍ଦର ରୂପକଳ୍ପ ସୃଷ୍ଟିକରି କବି କହନ୍ତି –

''ପାଗଳ କଲାଣି ନବୀନ ବର୍ଷା/ତିକ୍ତମନ !
ମଳୟ ଯେସନେ ଜୋଛନାରାତ୍ରେ / କୁସୁମବନ ।''

କୁସୁମ ବନକୁ ମଳୟ ଜ୍ୟୋସ୍ନାରାତିରେ ଅସ୍ତବ୍ୟସ୍ତ କରିଦେଲାପରି କବିର ତିକ୍ତ ମନକୁ ଆଜି ନବୀନବର୍ଷା ପାଗଳ କରି ଦେଉଚି । ଚମତ୍କାର ଉମେଜ୍‌ଟିଏ । ମୂର୍ତ୍ତ ସହିତ ଅମୂର୍ତ୍ତର ଦୃଶ୍ୟ ସହିତ ଅଦୃଷ୍ଟର କି ସୁନ୍ଦର ସମାବେଶ । ଏ କବିତାଟି ବୈକୁଣ୍ଠନାଥଙ୍କ ସବୁଜ କାଳୀନ ସୃଷ୍ଟି, ଅଥଚ କବିତାଟିରେ କେତେ ସୌକୁମାର୍ଯ୍ୟ ଓ ପୂର୍ଣ୍ଣତା – ତା ଅନୁଭବ କରିବା କଥା । ମୋଟ ଉପରେ କୁହାଯାଇପାରେ ବୈକୁଣ୍ଠନାଥଙ୍କ ପ୍ରକୃତି ସନ୍ଧ୍ୟା, ସକଳ ମଳୟ,

ଜ୍ୟୋତ୍ସ୍ନା, ଫୁଲ, ସମୀରଣ, ମେଘ ଆକାଶ, ରାତ୍ରି ଆଜିକୁ ଅବଲମ୍ୱନ କରି ପ୍ରତିଭାସିତ । ତାହା ପୁଣି କବିର ସୁଖ, ଦୁଃଖ, ଆନନ୍ଦ ବିଷାଦ, ପ୍ରେମପ୍ରଣୟ ପ୍ରେୟସୀ ସହିତ ସମନ୍ୱିତ । ପ୍ରକୃତିର ଉଦ୍ଦାମତା ସେ କ୍ୱଚିତ୍ ଦେଖିଛନ୍ତି ବରଂ ପ୍ରକୃତିର ମାଦକତାରେ ସେ ବିହ୍ୱଳ ହୋଇ ନିଜର ଶୋକ ଓ ସୁଖକୁ ତା ସହିତ ମିଶାଇ ଦେଇଛନ୍ତି । ପ୍ରକୃତି କେତେବେଳେ ଆଲମ୍ୱନ ବିଭାବ ତ (କଜଳ ମେଘେ ଶୀତଳ ପବନ ଲାଗିଲା/ମୋର ଛିନ୍ନ ପରାଣେ ପୀରତିର ବ୍ୟଥା ଲାଗିଲା) କେତେବେଳେ ଅବଲମ୍ୱନ ମଧ୍ୟ । ପ୍ରକୃତିର ସବୁଜିମାକୁ ମଣିଷର ଯୌବନ ସହିତ ମିଶାଇ ଦେଇ ସବୁଜ କବିମାନେ ପ୍ରକୃତି ଓ ପୁରୁଷ ମଧ୍ୟରେ ଏକ ସୁନ୍ଦର ସଂଯୋଗ ସେତୁ ଗଢ଼ି ଦେଇଛନ୍ତି ଯାହା ଓଡ଼ିଆ କବିତାକୁ କରିଛି ସୁନ୍ଦର ଓ ମହିମାନ୍ୱିତ ।

କବି କାଳିନ୍ଦୀ ଚରଣଙ୍କ ପ୍ରକୃତି ହୋଇଉଠିଛି ତାଙ୍କ ପ୍ରାଣପ୍ରିୟା ପ୍ରଣୟିନୀର ସାକାର ସ୍ୱରୂପ । 'ମଧୁବିବାହ' କବିତାରେ କବି କହିଛନ୍ତି –

''ବଧୂ ଆସେ ମୋର ଧୀର ସୁଲଳିତ/ ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କଂପିତ କର/ସୁକୁମାର ଅନୁପମ ।''

ଶୁକ୍ଳତୃତୀୟା ତିଥିର ଚନ୍ଦ୍ରିକା ରାତ୍ରିପରି କ୍ଷୀଣ, କ୍ଷଣସ୍ଥାୟୀ କବି – ବଧୂଙ୍କ ଧୀର ପଦପାତ । କବି ଚାହିଁଲେ ମଧ ସେ ଦୃଶ୍ୟକୁ ଦୀର୍ଘ ସମୟ ପାଇଁ ଉପଭୋଗ କରିପାରନ୍ତି ନାହିଁ । ଖୁବ୍ ଶୀଘ୍ର ଆକାଶରୁ ତୃତୀୟା ଜହ୍ନ ପରି ତାଙ୍କ ସମ୍ମୁଖରୁ ପତ୍ନୀଙ୍କ ଧୀର ପଦପାତ ଉଭେଇ ଯାଏ ।

କାଳିନ୍ଦୀଚରଣଙ୍କ ପ୍ରକୃତି ପ୍ରୀତି ତାଙ୍କର କେତୋଟି କବିତା 'ଫଗୁଣ ଜ୍ୟୋତ୍ସ୍ନା', 'ପଉଷସନ୍ଧ୍ୟା', 'ଫଗୁରବଂଶୀ' 'ବର୍ଷାଅଶ୍ରୁ' 'ଶରତସଂନ୍ଧ୍ୟା', ଆଦି କବିତାରେ ଉପଲବ୍ଧ ହୁଏ । ତେଣୁ ସେ ସବୁ ସଂଖ୍ୟାରେ ଅଧିକ ନୁହେଁ ବୋଲି କୁହାଯିବ । ଏପରିକି ବୈକୁଣ୍ଠନାଥଙ୍କ କବିତାର ପ୍ରକୃତି ପ୍ରତି ଯେଉଁ ସରାଗ ଓ ସୋହାଗ ପରିଲକ୍ଷିତ ହୁଏ କାଳିନ୍ଦୀବାବୁଙ୍କ କବିତାରେ ତାହା ସେତେ ନୁହେଁ । ତେବେ ପ୍ରକୃତିର ବିବିଧ ଶୋଭା ସମ୍ଭାର ଭିତରେ କବି ବିବାହ ଶଙ୍ଖରେ ମନ୍ଦଧ୍ୱନି ଶୁଣି ପାରନ୍ତି । ପ୍ରକୃତି ଠାରୁ ସ୍ୱାନୁଭୂତି ପର୍ଯ୍ୟନ୍ତ ଏ କାବ୍ୟମାନସ ପ୍ରାଧାବିତ । ଆଗରୁ 'ମଧୁବିବାହ' କବିତାରେ ସେ କିପରି ତୃତୀୟା ଚାନ୍ଦିନୀକୁ ପତ୍ନୀଙ୍କ ଧୀର ଲଳିତ ପାଦପାତ ସହିତ ସମତୁଲ କରିଛନ୍ତି ସେ କଥା କୁହାଯାଇଛି । ତେଣୁ ତାଙ୍କ କବିତାରେ ପ୍ରକୃତି ଓ ପ୍ରେୟସୀ ଏକାକାର ହୋଇ ଯାଇଥିବା ଦେଖିବାକୁ ମିଳେ । 'ମଧୁବିବାହ' କବିତାରେ ପୁନଶ୍ଚ ସେ ପ୍ରକୃତିକୁ କିପରି ଉଦ୍‌ବୋଧନ କରିଛନ୍ତି ତାହା ଦେଖନ୍ତୁ –

''ବିବାହ ଶଙ୍ଖ ଉଠୁଥା ମନ୍ଦ୍ରେ ବାଜି / ପକ୍ୱଧାନର ବିପୁଳ ଗନ୍ଧେ
ସୋରିଷ ଫୁଲର ମାଦକ ଛନ୍ଦେ /ପୂରିଛ ଗଗନ, ଭାସିଛି ଭୂବନ
ଧରିଛି ପବନ ଆଜି ।''

ପୁନଶ୍ଚ ବସନ୍ତ ଋତୁର ମଳୟ ଓ ଜ୍ୟୋତ୍ସ୍ନା କବି ପ୍ରାଣରେ ଯୌବନର ଉନ୍ମାଦନା ଭରିଦିଏ । ତାଙ୍କ ପୀଡ଼ିତ ମନକୁ ରସସିକ୍ତ କରେ । ଅଜଣା ଫୁଲର ମହକରେ ଘ୍ରାଣେନ୍ଦ୍ରିୟ ଆମୋଦିତ ହୋଇ ଉଠେ । ତାଙ୍କରି ଭାଷାରେ –

ପବନ ସେ ରଣରଣି ବହଇ / କାନେ କାନେ କାହା କଥା କହଇ
ଚଂଚଳି ଉଠେ ତେଜି ସରମ / ପୀଡ଼ିତ ଉଦାସ ମୋର ମରମ
ଉପୁଜାଇ ବିଶ୍ୱର ଭରମ / କେଉଁ ଫୁଲ ବାସି ଉଠି ମୋହଇ ।'' ('ଫଗୁଣ ଜ୍ୟୋତ୍ସ୍ନା')

ପ୍ରକୃତି କେବେ ପାଲଟିଯାଏ କବିଙ୍କର ଏକାନ୍ତ ଆତ୍ମୀୟ । ସେ ରସହୀନ ଶୁଷ୍କ ତୃଷିତ କବିପ୍ରାଣରେ ଅମୃତ ସିଞ୍ଚି ତାଙ୍କୁ ସାନ୍ତ୍ୱନା ଦିଏ । ପ୍ରକୃତି ବର୍ଷା ରୂପରେ ଅଶ୍ରୁମୋଚନ କରି କବିଙ୍କୁ ସମବେଦନା ଜଣାଏ ଓ ଆଶ୍ୱସ୍ତ କରେ । କବି ବର୍ଷାକୁ ସମ୍ବୋଧନ କରି ଲେଖନ୍ତି –

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ ମରୁରେ ନୟନେ ନ ଜାଗେ ନୀର
ଅମୃତ ତବ ବହି ଆଣୁ ନବ ସାନ୍ତ୍ୱନା ହୃଦଗତେ
ଅଶ୍ରୁ ସଲିଳେ ନିର୍ମଳ କର ମୋତେ ।'' (ବର୍ଷାଅଶ୍ରୁ)

ପୁଣି କୌଣସି ପୌଷ ସନ୍ଧ୍ୟାରେ କବି କଳସୀ ଧରି ଯାଉଥିବା ତରୁଣୀ ଓ ସାଗରରେ ବହୁଥିବା ପୋତକୁ ଲକ୍ଷ୍ୟ କରି ଲେଖନ୍ତି –

ବଉଦଚଳେ ଆକାଶ ପଟେ/ବୋଇତ ଚଳେ ସାଗରେ
ନାଗରୀ କାଖେ ନାଗରୀ ଚଳେ/ପରମ ଅନୁରାଗରେ
ପତାରେ ତାର ସ୍ୱର୍ଣ୍ଣ ତବ ଅଂଜନ ହେ ଅଂଜନ
ପଉଷ ଶେଷ ସନ୍ଧ୍ୟାଘେନ ବନ୍ଦନ । (ପୌଷ ସନ୍ଧ୍ୟା)

ଦିବସ ଓ ନିଶା କବିଙ୍କ ପୁରୁଷ ଓ ନାରୀପରି ପ୍ରତୀତ ହୁଅନ୍ତି । ସନ୍ଧ୍ୟା ହେଉଛି ସେମାନଙ୍କ ବିବାହକାଳ ମିଳନ ବେଳା । ଏଇ ମଙ୍ଗଳ ବିବାହରେ ସନ୍ଧ୍ୟା ଯେପରି ନାୟିକାର ପାଦରେ ଅଲକ୍ତକର ଚିତ୍ର ଲେଖିଦିଏ ତାର ବିଚିତ୍ର ରକ୍ତିମାରେ । ପକ୍ଷୀମାନେ ସେତେବେଳେ ଏଇ ଦିବାରାତ୍ରିର ବିବାହ–ମିଳନ ପାଇଁ ନାନାପ୍ରକାର ମାଙ୍ଗଳିକ ଗୀତ ଗାନ କରି ଆକଶପଥରେ ଫେରି ଆସୁଥାନ୍ତି । କବି ସେଇ ସମୟକୁ କଳ୍ପନାର ରୂପାୟିତ କରନ୍ତି –

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ସନ୍ଧ୍ୟା ସହଚରୀ କିବା ପ୍ରତୀଶର ଅଙ୍ଗେ ଲେଖଇ ଅଳତା
ପକ୍ଷୀକଣ୍ଠେ ମୁଖରିତ କି ମଙ୍ଗଳ ଗାଥା ।'' ('ଚକ୍ରବାକ')

ସେତିକବେଳେ କିନ୍ତୁ ଚକ୍ରବାକ ଚକ୍ରବାକୀଠାରୁ ବିଚ୍ଛିନ୍ନ ହୋଇଯାଏ । ତେଣୁ କାଳନ୍ଦୀଙ୍କ କବିତାରେ ପ୍ରକୃତିସହ ସାଙ୍ଗୀକରଣର ଯେଉଁ ବିପୁଳ ବଭୂତି ପରିଲକ୍ଷିତ ହୁଏ ତାହା ତାଙ୍କ କବିତାରେ ବିଶେଷ ପରିବ୍ୟାପ୍ତ ନ ହେଲେବି ସୂକ୍ଷ୍ମ ଓ ସୁନ୍ଦର ବୋଲି କହିବାକୁ ହେବ ।

ସବୁଜ ଗୋଷ୍ଠୀର କବିମାନଙ୍କ କାବ୍ୟକୃତିରେ ମନସ୍ତାତ୍ତ୍ୱିକ ଚେତନାର କୌଣସି ଅଭିନିବେଶ ଦେଖାଯାଏ ନାହିଁ । ଆନ୍ତର୍ଜାତିକ ସାହିତ୍ୟରେ ଫ୍ରଏଡ୍‌ଙ୍କ ଯୌନରହସ୍ୟ ଓ ଅବଚେତନର ଅନ୍ଧାରୀ ମୂଳକକୁ ନେଇ ଅନେକ ଲେଖା ପ୍ରକାଶ ପାଉଥିବାବେଳେ ସବୁଜମାନେ ସେ ଆଡ଼କୁ ଦୃଷ୍ଟିପାତ କରି ନ ଥିବା ଏକାନ୍ତ ବିସ୍ମୟକର । ବରଂ ସେମାନେ ଏହି ଆଗନ୍ତୁକ ଭାବଧାରାଠାରୁ ଯଥା ସମ୍ଭବ ଦୂରତା ରକ୍ଷା କରିଛନ୍ତି । ସଚ୍ଚିବାବୁଙ୍କ କବିତାରେ ସରରିଆଲିଜିମ୍‌ର ପରୀକ୍ଷା ଓ ପ୍ରୟୋଗ ପୂର୍ବରୁ ସବୁଜମାନେ ଏହି ରହସ୍ୟକୁ କବିତାରେ ପ୍ରକାଶ କରି ପାରିଥିଲେ ଆଧୁନିକ ଓଡ଼ିଆ କବିତାର କାବ୍ୟନେତୃତ୍ୱ ନେଇ ପାରିଥାନ୍ତେ । କିନ୍ତୁ ତାହା ହୋଇନାହିଁ । ତଥାପି ମନସ୍ତତ୍ତ୍ୱ କ୍ଷେତ୍ରରେ ସେମାନେ ରୋମାଣ୍ଟିକ୍ ଆଦର୍ଶବାଦକୁ ହିଁ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଦୁଃଖ ବିଷାଦ, ନୈରାଶ୍ୟ ହିଁ ସେମାନଙ୍କ ପ୍ରଣୟ ଚେତନାକୁ କବଳିତ କରି

ରହିଛି । ତେଣୁ ଭୋଗ ଠାରୁ ତ୍ୟାଗକୁ, ମିଳନଠାରୁ ବିରହକୁ, ହାସ୍ୟ ଅପେକ୍ଷା ଅଶ୍ରୁକୁ ହିଁ ସେମାନେ କବିତାରେ ଉଚ୍ଚ ସ୍ଥାନ ପ୍ରଦାନ କରିଛନ୍ତି । ମନସ୍ତତ୍ତ୍ୱ ଦୃଷ୍ଟିରୁ ଜୀବନ୍ତ ମଣିଷର ମାନସିକ ଚେତନାର ଧାରା ନଦୀର ସ୍ରୋତ ପରି ପ୍ରବହମାନ – ତାହା କେତେବେଳେ ପରିଚ୍ଛନ୍ନତ କେତେବେଳେ ଆବିଳ । ମଣିଷ ପ୍ରତି ମୁହୂର୍ତ୍ତରେ ଭିନ୍ନ ଭିନ୍ନ ରୂପ ପରିଗ୍ରହ କରୁଛି ଓ ସମାଜ ସହିତ ନିଜକୁ ସେହି ପ୍ରକାରେ ଖାପ ଖୁଆଇ ବଂଚୁଚି ବେଳେବେଳେ ଆବରଣର ମୁଖା ପିନ୍ଧି । ସବୁଜ କାବ୍ୟଧାରାରେ ଯେଉ ବିଭିନ୍ନ ଆପାତ ବିରୋଧୀ ଭାବଧାରାର ପ୍ରତିବିମ୍ବ ଦେଖିବାକୁ  ମିଳେ ତା'ର କାରଣ ସ୍ୱରୂପ ଏଇ ମନସ୍ତାତ୍ତ୍ୱିକତାକୁ ନିର୍ଣ୍ଣୟ କରାଯାଇପାରେ । ତଥାପି ଏହା ଉଗ୍ର ନୁହେଁ, ଅତି ସୂକ୍ଷ୍ମ ଓ କ୍ଷୀଣ । ସଚ୍ଚିବାବୁଙ୍କ 'ପଶୁ' ଓ 'ରାକ୍ଷସ' ଆଦି କବିତାରେ (ପାଣ୍ଡୁଲିପି ଦେଖନ୍ତୁ) ଯେଉଁ ମନସ୍ତାତ୍ତ୍ୱିକ କ୍ରୋଧ ଓ ଉଗ୍ରତା ପ୍ରକାଶ ପାଇଛି ସମାଜର ବିରୋଧାଭାସ ବିରୁଦ୍ଧରେ ସେପରି କ୍ରୋଧ ସବୁଜମାନେ  ପ୍ରକାଶ କରି ନାହାନ୍ତି ।  କାବ୍ୟନେତୃତ୍ୱ ନେବାକୁ ଅନେକ ସୁଯୋଗ ଥିଲେ ବି ସେମାନେ ଯେପରି ତାକୁ ହାତଛଡ଼ା କରି ଦେଇଛନ୍ତି ।

ସବୁଜ ସମସାମୟିକ ଭାବେ ସତ୍ୟବାଦୀ ଯୁଗର କବିତାରେ ପ୍ରତିଷ୍ଠା ପାଇଥିଲା ଉନ୍ନତ ମାନବତାବୋଧ । ମଣିଷର ଅଶ୍ରୁ, କାରୁଣ୍ୟ, ଦୁଃଖ, ଶୋକ, ଅଶ୍ରୁ କବିପ୍ରାଣରେ ଆଣିଥିଲା ସମଅନୁଭୂତି ସଂପନ୍ନ  ଦୟା, କ୍ଷମା, ଅଶ୍ରୁ, ସ୍ନେହ, ମମତା ଓ ପ୍ରୀତି ପରି ସାର୍ବଜନୀନ ମାନବତାବୋଧ, ତେଣୁ ସେ କବିତା ପାଠକ ପ୍ରାଣର ଅଧିକ ଅନୁରଣନ ସୃଷ୍ଟି କରିଥିଲା । କିନ୍ତୁ ସବୁଜ କବିମାନେ ମାନବତାର ପ୍ରତିଷ୍ଠା ପାଇଁ ନିଜ ନିଜର ବ୍ୟାକୁଳତାରେ ଆଦର୍ଶବାଦୀ ଭୂମିକାରେ ଉପନୀତ ହୋଇଛନ୍ତି । ଦରିଦ୍ର ଦୁଃଖୀ, ରଙ୍କୀଙ୍କ ଦୁଃଖରେ ସେମାନଙ୍କ କବିତାରେ ସହାନୁଭୂତିର ସ୍ୱର ଖଣ୍ଡିତ ଭାବେ ଆତ୍ମ ପ୍ରକାଶ କରିଛି–କିନ୍ତୁ ତାହା ସେମାନଙ୍କ ନିଜସ୍ୱ ବ୍ୟକ୍ତିଗତ ଦୁଃଖକୁ  ଅତିକ୍ରମ କରି ସାର୍ବଜନୀନତାର ସ୍ୱୀକୃତି ପାଇନାହିଁ ।  ମଣିଷର ଦୁଃଖ ଓ ଅଶ୍ରୁରେ ସେମାନେ ଯେତେ ମ୍ରିୟମାଣ ନୁହନ୍ତି ବରଂ ନିଜର ଦୁଃଖ ଓ ଶୋକକୁ ଅତିକ୍ରମ କରି ନ ପାରି ସେଥିରେ ଅଧିକ ଛନ୍ଦିହୋଇ ରହିଛନ୍ତି । ସେମାନଙ୍କ ନିଜସ୍ୱ ଦୁଃଖ ସାର୍ବଜନୀନ ହୋଇପାରିଥିଲେ ସେମାନେ ହୁଏତ ଗୋପବଂଧୁ, ଗୋଦାବରୀଶ ଆଦି କବିଙ୍କୁ ଅତିକ୍ରମ କରି ଯାଇଥାନ୍ତେ । କିନ୍ତୁ ତାହା ହୋଇନାହିଁ । ସମାଜର ଶୋଷଣ, ରାଷ୍ଟ୍ରମୟକରି ଯଥେଚ୍ଛାଚାର, ଯୁଦ୍ଧଖୋର ମଣିଷର ବୀଭତ୍ସତା ରାଷ୍ଟ୍ରଯନ୍ତ୍ରର ଦୋଷତ୍ରୁଟି ବିରୁଦ୍ଧରେ ସେମାନେ ସଚେତନ ଅଛନ୍ତି ନିଶ୍ଚୟ କିନ୍ତୁ ତାକୁ କାବ୍ୟିକ ମାର୍ମିକତାରେ ରୂପାନ୍ତରିତ କରିପାରି ନାହାନ୍ତି । ଯାହା ବା କରିଛନ୍ତି ତାହା ସେମାନଙ୍କ କାବ୍ୟାଦର୍ଶ ପରି ବିଭେଦ କାଳରେ ଅର୍ଥାତ୍ ୧୯୩୫ ପରେ ହିଁ ସମ୍ଭବ ହୋଇଅଛି । ତେଣୁ ଅନ୍ୟାୟ, ଅନୀତି, ଅନାଚାର ବିରୁଦ୍ଧରେ ସେମାନେ ଯେଉଁ ବିପ୍ଳବର କଥା କହିଛନ୍ତି ତାହା ଯଥେଷ୍ଟ ଶକ୍ତି ସଂଚାର କରି ପାରିନାହିଁ । ବରଂ ସେପରି ଆହ୍ୱାନଦଶାହରା ହୋଇ ଯାଇଛି । ସେମାନେ ଅଭିମାନ କରି ବାସ୍ତବତାକୁ ପଛକରି ସ୍ୱପ୍ନଲୋକକୁ ପଳାୟନ କରିଛନ୍ତି । ଅଧ୍ୟାପକ ରାଘବାନନ୍ଦ ନାୟକ 'ସବୁଜକବିତାର ଧାରା' ଶୀର୍ଷକ ପ୍ରବନ୍ଧରେ  'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା'  ପୁସ୍ତକରେ ଯାହା କହିଛନ୍ତି – ''ସମସ୍ତବାଦ ଶୋଷଣ ଓ ଭଣ୍ଡତା ବିରୁଦ୍ଧର ଜାଗ୍ରତ ଓ ପ୍ରଗତିଶୀଳ ମନର ପ୍ରତିକ୍ରିୟାର ପ୍ରତିଛବି ଏଥିରେ ସ୍ପଷ୍ଟ । ସାମାଜିକ ବାସ୍ତବତା ଏହାର ପ୍ରାଣ ସ୍ୱରୂପ । ବିପ୍ଳବପାଇଁ ଆବଶ୍ୟକ ଶକ୍ତି ଓ ସଂଗଠନ, ପୁରୁଣା ଦୁନିଆର ଭସ୍ମକୂଢ଼ ଉପରେ ନଳନ ରଚନାର ମୋହ ହୁଏତ ସବୁଜ କବିତାର ଅଛି, କିନ୍ତୁ ଝଞ୍ଜାବାତପରି ପ୍ରଚଣ୍ଡ ବେଗରେ ତାହା ଲକ୍ଷ୍ୟସାଧନ କରିବାର ଶକ୍ତିରହିତ ।'' ସେଥିରେ ମୁଁ ଏକମତ । ଖୁବ୍ ବଡ଼  ସମ୍ଭାବନାକୁ ସବୁଜମାନେ ଯେ ହରାଇବସି କାବ୍ୟଭାବନାର କ୍ରକ୍ତଠାରୁ ଦୂରେଇ ଯାଇଛନ୍ତି ଏହା ସର୍ବବାଦୀ ସମ୍ମତ ଓ ଏହାହିଁ ହୋଇପାରେ ସେମାନଙ୍କ ସାମୂହିକ ବିଫଳତା ମଧ୍ୟ ।

**ଆଙ୍ଗିକ ବିଚାର –**

ଏବେ ଆଙ୍ଗିକ ବିଚାର ଆଡ଼କୁ ଆସିବା । ଆଙ୍ଗିକ କହିଲେ କାବ୍ୟଭାଷା, ରୂପକଳ୍ପ, ପ୍ରତୀକ ଓ ରୂପକର ପ୍ରୟୋଗ, କାବ୍ୟିକ ଛନ୍ଦ – ଏସବୁ ବିଷୟରେ ଆଲୋକପାତ କରାଯାଇ ପାରେ ପ୍ରତୀକ ପ୍ରଚଳନରେ ସବୁଜମାନେ ସୂର୍ଯ୍ୟକୁ ଆଶାର, ଚକୋରକୁ ପ୍ରେମର, କାଳୀୟନାଗକୁ ଗଣାମାନସର, ରକ୍ତ କରବୀକୁ ସାମ୍ୟବାଦୀ ଭାବନାର, ବସ୍ତୁକୀକୁ ସୁପ୍ତ ଗଣ ଚେତନାର, ଲୌହ କପାଟକୁ ପରାଧୀନତାର, ଉଷାକୁ ମୁକ୍ତିର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ବୈକୁଣ୍ଠନାଥଙ୍କ କବିତାରେ ଏପରି ପ୍ରତୀକ ପ୍ରଚଳନର ଆଧିକ୍ୟ ଦେଖାଯାଏ । ବେଳେବେଳ ତାଙ୍କ ପ୍ରତୀକ କୌଣସି ନା କୌଣସି ରହସ୍ୟବାଦୀ ଭାବନାକୁ ବି ଆବୋରି ବସେ । କିନ୍ତୁ ଯେଉଁ ଅର୍ଥରେ ଆମର ପ୍ରାଚୀନ ଓ ମଧ୍ୟଯୁଗୀୟ କବିମାନେ ରହସ୍ୟବାଦୀ ପ୍ରତୀକର ପ୍ରଚଳନ କରିଛନ୍ତି ବୈକୁଣ୍ଠନାଥ ତାହା କରିନାହାନ୍ତି, ବରଂ ପାଶ୍ଚାତ୍ୟ ମିଷ୍ଟିକ୍ କବିମାନଙ୍କ ପ୍ରତୀକାର୍ଥ ପ୍ରତି ସେ ସେ ଅଧିକ ସଚେତନତା ଦେଖାଇଛନ୍ତି । ତେଣୁ ତାଙ୍କ କବିତାରେ ପାନ୍ଥଶାଳା, ପଥଛାୟା, ମଧୁବନ, ପରବାସ, କାରାବାସ ଆଦି ଭିନ୍ନ ଭିନ୍ନ ରହସ୍ୟାତ୍ମକ ଅର୍ଥରେ ପ୍ରଯୁକ୍ତ ହୋଇଛନ୍ତି । ବୈକୁଣ୍ଠନାଥଙ୍କ ୧୯୩୧ରେ ରଚିତ 'ମୂକ ଭଗବାନ' କବିତା ସଂପୂର୍ଣ୍ଣଭାବେ ଏକ ପ୍ରତୀକବାଦୀ କବିତା ବୋଲି କହିବାକୁ ହେବ । ଏ କବିତାରେ ମୂକ ଭଗବାନ ଭାବେ ବୁଦ୍ଧ, ଯୀଶୁ ଓ ଗାନ୍ଧିଙ୍କୁ ପ୍ରତୀକିତ କରାଯାଇଛି–ଯେଉଁମାନେ କି ସ୍ରଷ୍ଟା ଭଗବାନଙ୍କ କାର୍ଯ୍ୟ ସାଧନ ପାଇଁ ମର୍ତ୍ତ୍ୟରେ ଜନ୍ମନେଇ ମଣିଷର ମଙ୍ଗଳ ପାଇଁ ନାନାଦି ଦୁଃଖ ନିର୍ଯ୍ୟାତନା ସହିଛନ୍ତି । ତଥାପି ସେମାନେ ଲକ୍ଷ୍ୟପଥରୁ ବିଚଳିତ ହୋଇନାହାଁନ୍ତି ।

ସେହିପରି ରୂପକଳ୍ପ ପ୍ରୟୋଗରେ ସବୁଜ କବିମାନେ କିଛିଟା ନୂତନତ୍ୱ ପ୍ରତିଷ୍ଠା କରିଥିଲେ ବି ପାଶ୍ଚାତ୍ୟ ସାହିତ୍ୟରେ ଯେଉଁପରି କେତେକ କବି ଏହାକୁ କବିତାରେ ଏକ movement ଭାବେ ପ୍ରୟୋଗ କରି ଖ୍ୟାତି ଅର୍ଜନ କରିଥିଲେ ସବୁଜମାନେ ତା' କରି ପାରିନାହାଁନ୍ତି । କାରଣ ରୂପକଳ୍ପ ପ୍ରୟୋଗ ପ୍ରତି ସେମାନେ ସଚେତନ ନଥିଲେ । ଏହାକୁ ଏକ ବିଶିଷ୍ଟ କାବ୍ୟ ଆଙ୍ଗିକଭାବେ ଏମାନେ ଗ୍ରହଣକରି ନଥିଲେ ମଧ୍ୟ ବେଳେବେଳେ ସେମାନେ କବିତାରେ ରୂପକଳ୍ପର ଚମତ୍କାର ବିନ୍ୟାସ ଦେଖାଦେଇଛି । କିନ୍ତୁ ପରେ ପରେ ସେମାନେ ଏପରି ଏକ ପ୍ରୟାସକୁ ପରିହାର କରିଛନ୍ତି ସଚେତନତା ଅଭାବରୁ । ତଥାପି ଯେଉଁ କେତୋଟି ରୂପକଳ୍ପ ପାଠକ ଦୃଷ୍ଟିକୁ ଆସେ ତାହା ଉଲ୍ଲେଖ ଯୋଗ୍ୟ ନିଶ୍ଚୟ କବି ବୈକୁଣ୍ଠନାଥ ତାଙ୍କ 'ଜୀବନ ପଞ୍ଜିକା' କବିତାରେ (କାବ୍ୟ ସଂଚୟନ) ଠାଏ ଲେଖିଛନ୍ତି –

> ଜନନୀ ବାତ୍ସଲ୍ୟ ସମ କୌମୁଦୀ–ପ୍ଲାବିତ ମୌନ ନିଶି
> ଆବୃତ କରିଛି ବିଶ୍ୱ, ଦିଗ୍‌ବଳୟେ ଯାଇଅଛି ମିଶି ।'' (ଜୀବନ ପଞ୍ଜିକା)

ସେହିପରି ଆଉ ଗୋଟିଏ କବିତାରେ କଜଳକଳା ଦୂରମେଘକୁ ଦେଖି ଲେଖିଛନ୍ତି –

> ''କଜଳ ଦୂର ମେଘ, ନୀରବ ଆଖି ତାର କଜଳ
> କୋମଳ ଶ୍ୟାମ ଘାସେ ଶିଶିର ବିନ୍ଦୁ ସମ ସଜଳ ।'' ('ରୂପକଥା' ୧୯୨୭–କା.ସଂ)

କିମ୍ବା ତାଙ୍କ କବିତାରେ ବସନ୍ତର ଶେଷ ସନ୍ଧ୍ୟା ସହିତ ଯୌବନର ବିନିର୍ଗତତାକୁ ଲକ୍ଷ୍ୟ କରି ସେ ଲେଖିଥିବା –

> ବସନ୍ତର ଶେଷ ସନ୍ଧ୍ୟା ଚଳେ ଦୀର୍ଘଶ୍ୱାସେ
> ବିଧୁର ଯୌବନ ଯେହ୍ନେ ମରଣ ଆବାସେ
> କାନ୍ଦଇ ମଳୟ ଆଜି କ୍ଷୀଣ ମରମରେ
> ପ୍ରବଳ ବେଦନା କିବା ଲାଗେ ମୋ ଅନ୍ତରେ ।
> (କବି ପ୍ରେୟସୀ' ଉ.ସା. ୨୯ଭାଗ /୧୨ ସଂ ମାର୍ଚ୍ଚ ୧୯୨୬)

କିମ୍ବା ତରୁଣର ସ୍ୱପ୍ନକୁ ଉପଲକ୍ଷ କରି ସେ ଯେତେବେଳେ କହନ୍ତି –

''ଶ୍ୟାମଳ କ୍ଷେତ ଯେ ମାଇଲ ମାଇଲ ଧରି
ତରୁଣ ଜୀବନ ସବୁଜ ସ୍ୱପ୍ନ ପରି ।''

ସେତେବେଳେ ତାଙ୍କ ରୂପଚେତନାର ବାସ୍ତବତାକୁ ଛୁଇଁ ହୁଏ । ତରୁଣ ପ୍ରାଣରେ ଅସରନ୍ତି ସ୍ୱପ୍ନ ସହିତ ମାଇଲ ମାଇଲ ବ୍ୟାପିଥିବା ସବୁଜକ୍ଷେତକୁ ଆଗରୁ କୌଣସି କବି ଏତେ ସୁନ୍ଦରଭାବେ ତର୍କଣା କରି ନ ଥିଲେ । ମୋଟ ଉପରେ ବୈକୁଣ୍ଠ ନାଥଙ୍କ କବିତାରେଏଇ ଚିତ୍ର କଳ୍ପରୁ ପରୀକ୍ଷା ଅଧିକ ଜୀବନନିଷ୍ଠ ହୋଇ ପାରିଥିଲେ ବୋଧହୁଏ ସଚ୍ଚିଦାନନ୍ଦଙ୍କ ଆଗରୁ ସେ ରୂପକଳ୍ପ ପ୍ରଚଳନର ଗୌରବ ବହନ କରି ପାରିଥାନ୍ତେ । କିନ୍ତୁ ଏପରି ପରୀକ୍ଷା ସେ ଅଧିକ କରି ନ ଥିବା ତାଙ୍କ ପାଇଁ ଏକାନ୍ତ ବ୍ୟାଖ୍ୟାକର ହୋଇ ରହିଯିବ ।

ସେହିପରି ଅନ୍ନଦାଶଙ୍କରଙ୍କ କବିତାରେ ଏହିପରି ଆଙ୍ଗିକ ପ୍ରୟୋଗ କାଁ ଭାଁ ଫିଟି ପଡୁଥିବା ବେଳେ ସେ ଓଡ଼ିଆ କବିତା ବିଭାଗରୁ ବିଦାୟ ନେଇଗଲେ – ତାହା ମଧ୍ୟ ଓଡ଼ିଆ ସାହିତ୍ୟ ପାଇଁ ଦୁଃଖର ବିଷୟ ହୋଇ ରହିଗଲା । ତାଙ୍କ 'ପ୍ରଣୟୀ' କବିତାର ଚମ୍ପା ଓ ତରୁଣୀର ଉପମା କେତେ ମଂଜୁଳ ଲକ୍ଷ୍ୟ କରନ୍ତୁ ପାଠକେ !

''ବସନ୍ତର ଚଂପାସମ ତରୁଣୀ ଯେବେ ଫୁଟିଲା
ସୌରଭର ସୁରା ତାହାର ଦିଗ୍‌ବିଦିଗେ ଛୁଟିଲା
ସେ ମଧୁମୋହେ ଆସିଲେ ଚଳି
ତେତେ କନନ୍ଦୁଁ କେତେ ଯେ ଅଳି
ଗୁଂଜନର ମଧୁଧ୍ୱନି କୁଂଜେ ତାର ଉଠିଲା ।''

ଏ ଉପମା ଅର୍ଥାତ୍ ବସନ୍ତର ପୁଷ୍ପିତ ଚଂପାଫୁଲ ଓ ତାରୁଣ୍ୟରେ ପ୍ରସ୍ଫୁଟିତ ନାରୀର ଯୌବନ ଯେ ଖୁବ୍ ଆନୁପାତିକ – ଏଥିରେ ଦ୍ୱ୍ୟରକ୍ତି ନାହିଁ । ସେମିତି ତାଙ୍କର ଏକ ଦୁର୍ଲଭ କବିତା 'ଚିରନ୍ତନ ନର ଚାହେଁ ଚିରନ୍ତନ ନାରୀ'ରେ ଅନ୍ନଦାଶଙ୍କର ବିଦେହର କଥା କହିବାକୁ ଯାଇ ଲେଖିଛନ୍ତି –

''ନାହିଁ ତନୁ ନାହିଁ ଅଙ୍ଗ/କେବଳ ଅଦେହୀ ସଙ୍ଗ/ଅଶରୀରୀ ମିଳନରୁ ମଧୁ
ଆକାଙ୍କ୍ଷା ମୂରତି ଧରି / ସକଳ ଶୂନ୍ୟତା ଭରି / ସାଜିଅଛି ବର ଆଉ ବଧୂ ।''

ଏ ପ୍ରେମ ଦେହର ନୁହେଁ କେବଳ ମନର ଓ ଆକାଙ୍କ୍ଷାର । ତେଣୁ ମନ ହିଁ ଏଠି ମୂର୍ତ୍ତିମନ୍ତ ହୋଇ ନିଜ ବର ଓ ନିଜ ବଧୂ ସାଜି ମିଳନ ପ୍ରତ୍ୟାଶୀ ହୋଇ ଉଠିଛି । କି ଚମତ୍କାର ଏପରି କଳ୍ପନା ପୁଣି ସେଇ କବିତାରେ ସେ ସୁନ୍ଦର ଚିତ୍ର ପ୍ରତିମା ସୃଷ୍ଟିକରି କହୁଛନ୍ତି –

''ମୋ ଦେହେ ବାନ୍ଧିଛି ଘର / ଚିରନ୍ତନ ଏଇ ନର/ ବୁକେତାର ଚିରନ୍ତନ କ୍ଷୁଧା
ସେ ଲୋଡେ ତୁମରି ବକ୍ଷେ / ଲଟାଇ ଅଳସ ସଖ୍ୟେ / ପରାଣର ପୀରତିର ସୁଧା ।''

ଏଇ ମଣିଷ ଦେହରେ ଚିରନ୍ତନ ପ୍ରେମ ପ୍ରତ୍ୟାଶୀ ନାରୀ ଓ ପୁରୁଷ ନୁହେଁ ଘର ବାନ୍ଧିଛନ୍ତି । ତେଣୁ ପୁରୁଷଟି ଲୋଡୁଛି ନାରୀର ସଖ୍ୟ ତାକୁ ଲଟାପରି ଛନ୍ଦିଦେଉ । ତା' ଦେହରେ ସେ ଲଟାଟିଏ ପରି ଗୁଡ଼େଇ ହୋଇ ପ୍ରୀତିର ସୁଧାରେ

ପ୍ରାଣକୁ ପରିପୂର୍ଣ୍ଣ କରିଦେଉ । ଏ କବିତାର ଭାଷା, ଶବ୍ଦ ବସାଣ ଓ ଚିତ୍ର ପ୍ରତିମା ଖୁବ୍ ଶକ୍ତିଶାଳୀ ମନେହୁଏ । କିନ୍ତୁ ଏପରି ସୁନ୍ଦର ଭାଷାରେ ଭାବକୁ ଛନ୍ଦି କବିତା ରଚନା କରୁଥିବା କବି ଯେ ଓଡ଼ିଆ କବିତାକୁ ବିସର୍ଜନ ଦେଇ ବଙ୍ଗଳାଭାଷାକୁ ଆଦରି ନେଲେ ଏହା ଏ ଭାଷାପାଇଁ ଏକ ଅସୁଖକର ସମ୍ବାଦ ହୋଇ ରହିଗଲା ।

ତାଙ୍କ ବଂଧୁ କାଳିନ୍ଦୀଚରଣଙ୍କ 'ମଧୁବିବାହ' କବିତାରେ ଯେଉଁ ଚିତ୍ରଚେତନା ପ୍ରକାଶ ପାଇଥିଲା –

''ବଧୂ ଆସେ ମୋର ଧୀର ସୁଲଳିତ / ତୃତୀୟା ଜୋଛନା ସମ
ବଜାଏ ମୋ କରେ କଂପିତ କର / ସୁକୁମାର ଅନୁପମ ।''

ତାହାର ବିକାଶ ଯେ ଆଉ ପରବର୍ତ୍ତୀ କବିତାମାନଙ୍କର ହେଲାନାହିଁ ତାହା ମଧ୍ୟ ଏ ସାହିତ୍ୟ ପାଇଁ ଶୋଚନାର ବିଷୟ ହୋଇ ରହିଗଲା ।

ଏସବୁ ଚିତ୍ରକଳ୍ପ ମୁଖ୍ୟତଃ ଉପମା ଗର୍ଭକ ଏବଂ ଏଥିରେ ସାଂପ୍ରତିକ କବିତାର ସୂକ୍ଷ୍ମ ତଥା ଭାବପ୍ରବୋଧକ ଶକ୍ତିମତ୍ତା ନ ଥିଲେ ମଧ୍ୟ ଓଡ଼ିଆ କବିତା କ୍ଷେତ୍ରରେ ସବୁଜ ଗୋଷ୍ଠୀର ଲେଖକମାନେ ଯେ କିଛି ଶ୍ଲାଘ୍ୟ ପଦକ୍ଷେପ ନେଇଥିଲେ ଏହା ଇତିହାସର ସାମଗ୍ରୀଭାବେ ରହିଯିବ । ରୂପକଳ୍ପକୁ ଶଂସିତ ସମୟରେ କୌଣସି ଭାରତୀୟ ସାହିତ୍ୟରେ ମଧ୍ୟ ବଳିଷ୍ଠ ଆଙ୍ଗିକ ଭାବେ ପ୍ରୟୋଗ କରାଯାଇ ନ ଥିଲା । କାରଣ ଏହି ବଳିଷ୍ଠ କାବ୍ୟିକ ଆନ୍ଦୋଳନ ମାତ୍ର ଦ୍ୱିତୀୟ ଦଶକର ମଧଭାଗରେ ୟୁରୋପୀୟ କବିତାରେ ଏକ କାବ୍ୟିକ–ଆନ୍ଦୋଳନ ଭାବେ ଆତ୍ମପ୍ରକାଶ କରିଥିଲା । ତେଣୁ 'ରୂପକଳ୍ପ'ର ବ୍ୟାପ୍ତି ଓ ବିଶେଷତ୍ୱକୁ ସବୁଜ କବିମାନେ ହୃଦୟଙ୍ଗମ କରି ନଥିବାରେ କିଛି ବୈଚିତ୍ର୍ୟ ନାହିଁ ବୋଲି କହିବାକୁ ହେବ । ତଥାପି ଛାୟାବାଦୀ କବିମାନେ ଏହାର ପ୍ରୟୋଗରେ ଭାରତୀୟ କାବ୍ୟ ଭାବନାରେ ଅଗ୍ରଗାମୀ ନେତୃତ୍ୱ ନେଇଛନ୍ତି ବୋଲି ମାନିବାକୁ ହେବ । କବି ମହାଦେବୀ ବର୍ମା ଓ ନିରାଲାଙ୍କ କବିତାରୁ ଅନେକ ଦୃଷ୍ଟାନ୍ତ ଦେଇହେବ ।

ସବୁଜ କବିତାର ମୁଖ୍ୟ ଦୁର୍ବଳତା ହେଉଛି ଚିନ୍ତାର ଅସମାହିତତା । ସେଥିପାଇଁ ଅନନ୍ଦଶଙ୍କରଙ୍କ କବିତା ଅତିଦୀର୍ଘ ଓ ବେଳେବେଳେ ପୁନରାବୃତ୍ତ ପରି ମନେ ହୁଏ, ବୈକୁଣ୍ଠନାଥଙ୍କ ସଂଖ୍ୟାଧିକ କବିତାର ଭାବଧାରା ମୌଳିକଭାବେ ସମାନ ଓ ପୁନରାବୃତ୍ତ, କାଳିନ୍ଦୀଚରଣ କବିତାରେ ଭାବ ସଂଗଠନର ଅଭାବ ପରିଲକ୍ଷିତ ହୁଏ । ଏମାନଙ୍କ ଦୀର୍ଘ କବିତାର ଭାବାବେଗ ନିୟନ୍ତ୍ରିତ ହୋଇ ପାରି ନ ଥିବା ଦେଖାଯାଏ । ଫଳରେ ପାଠକ ଅନେକ ସମୟରେ ଏ କବିତା ପଢୁ ପଢୁ କ୍ଳାନ୍ତି ଅନୁଭବ କରିଥାଏ । ଚିନ୍ତାର ସ୍ୱଷ୍ଟତା ଓ ପ୍ରକାଶର ପରିଚ୍ଛନ୍ନତା ଅଭାବରୁ ଏମାନଙ୍କ ବହୁକବିତା ମନରେ ଗଭୀର ରେଖାପାତ କରି ପାରେ ନାହିଁ, ବରଂ ଚହଲାପାଣିରେ ଛାଇପରି ଅସ୍ୱଷ୍ଟ ହୋଇଉଠେ ।

ପୁଣି ସବୁଜ କବିତାର ଆଉ ଏକ ଦୁର୍ବଳତା ହେଉଛି ଏହାର ବାସ୍ତବ ବିମୁଖ ସ୍ୱର ବା ପଳାୟନ ମନୋବୃତ୍ତି । ଏ ସଂପର୍କରେ ଆଲୋଚକ ରାଘବାନନ୍ଦ ନାୟକ କହନ୍ତି – ''ସବୁଜ କବିତାରେ ପଳାୟନ ହେଉଛି ଜୀବନକୁ ଖୋଜିବା ଲାଗି ଜୀବନଠାରୁ ପଳାୟନ, ମାନବତାବାଦର ପ୍ରତିଷ୍ଠା ପାଇଁ ସମାଜଠାରୁ ପଳାୟନ, ଶାନ୍ତି ଲାଗି ପୃଥିବୀଠାରୁ ପଳାୟନ, ପ୍ରେମଲାଗି ବାସ୍ତବ ରାଜ୍ୟରୁ ପରୀ ମହାଲକୁ ପଳାୟନ ।୨୧। ରାଧାନାମୀ ଯୁଗ ପ୍ରଭାବରୁ ମୁକ୍ତ ହେବାକୁ ଚେଷ୍ଟାକରି ସେମାନେ ଆଉ ଗୋଟିଏ ପ୍ରଭାବର ଶକ୍ତିଶାଳୀ ମାୟାଜାଲରେ ଛନ୍ଦି ହୋଇ ଯାଇଛନ୍ତି । ବଙ୍ଗୀୟ ପ୍ରଭାବ ହିଁ ହେଉଛି ସେଇ ମାୟାଜାଲ । ଏମାନଙ୍କ ରହସ୍ୟବାଦୀ ଚିନ୍ତାରେ ରବୀନ୍ଦ୍ରନାଥ ଓ ଇଂରେଜୀ କବିଙ୍କ ପ୍ରଭାବ ଅପ୍ରତିହତ । ପୁଣି ଛନ୍ଦ ପ୍ରୟୋଗରେ

ଏମାନେ ଆମ ପାରଂପରିକତାକୁ ପରିହାର କରି ନୂତନ ନାମରେ ବଙ୍ଗୀୟ କବିତାର ଛନ୍ଦକୁ ହିଁ ବହୁଳ ଭାବେ ଅନୁସରଣ କରିଛନ୍ତି । ଐତିହାସିକ ଗବେଷକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ – ''ସବୁଜ କବିଙ୍କ ବିରୁଦ୍ଧରେ ଆପତ୍ତି ଉଠେ – ସେମାନଙ୍କ ଭାଷାରେ ହୁଏତ ଫୁଟିଲା ଫୁଲର ସୁଷମା ଅଛି, ଛନ୍ଦରେ ଉନ୍ମାଦକାରୀ ଝଙ୍କାର ଅଛି, କିନ୍ତୁ ତାହା ବଙ୍ଗ ଭାଷାର ଏତେ ନିକଟବର୍ତ୍ତୀ ହାଇପଡ଼ିଛି ଯେ ହଠାତ୍ ବାରିହୁଏନା ତାହା ଓଡ଼ିଆର ନିଜସ୍ୱ କି ନା''।୨୨। କ ବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଆଗରୁ କବି କଳିନ୍ଦୀଚରଣ 'ସନ୍ଧ୍ୟାଲୋକେ' କବିତାରେ ମୁକ୍ତଛନ୍ଦ ପ୍ରୟୋଗ କରିଥିଲେ ବି ସଚରାଚର ପରକ୍ଷା ଓ ପ୍ରୟୋଗ ଅଭାବରୁ ତାହା ବ୍ୟାପକଭାବେ ଅନୁସୃତ ହୋଇପାରି ନାହିଁ । କବି ସଚ୍ଚିଦାନନ୍ଦ 'ବାଜିରାଉତ' ଖଣ୍ଡକାବ୍ୟରେ ଏହାର ବିପୁଳ ପରୀକ୍ଷା କରି ଏ ଦିଗରେ ନେତୃତ୍ୱ ନେଇଛନ୍ତି । 'ସନ୍ଧ୍ୟାଲୋକେ'ରୁ କିଛି ପଙ୍‌କ୍ତି ଉଦାହରଣ ଦେଲେ ଏହା ବୋଧଗମ୍ୟ ହେବ ।

ପୁନଶ୍ଚ 'ପୁରୀ ମନ୍ଦିର' କବିତାରେ କବି କାଳିନ୍ଦୀଚରଣ ଯେଉଁ ନୂତନ ଛନ୍ଦ ପ୍ରୟୋଗ କରିଛନ୍ତି ତାହା ଏବେବି ଅନତିକ୍ରମଣୀୟ ହୋଇ ରହିଛି । କିନ୍ତୁ ଏ ଛନ୍ଦ ତାଙ୍କର କୌଣସି ଦ୍ୱିତୀୟ କବିତାରେ ଅନୁସୃତ ହୋଇ ନଥିବା ବୈଚିତ୍ର୍ୟପୂର୍ଣ୍ଣ ମନେହୁଏ । ସେହିପରି ମାତ୍ରା ବୃତ୍ତ ଛନ୍ଦ ଓ ଉପଧାମିଳନରେ ଅନ୍ନଦାଶଙ୍କରଙ୍କ କବିତାର କୁଶଳ ଶିଳ୍ପର ପରିଚୟ ମିଳେ । ତାଙ୍କର 'ପ୍ରଳୟ ପ୍ରେରଣା'ର ଛନ୍ଦରେ ସର୍ବତ୍ର ଉପଧା ମିଳନରେ ଦୃଷ୍ଟାନ୍ତ ମିଳିବ । ଅର୍ଥାତ୍ ପ୍ରଥମ ଚରଣର ଶେଷ ପଦର ଶେଷ ଦୁଇଟି ବର୍ଣ୍ଣର ମାତ୍ରା ସହିତ ଦ୍ୱିତୀୟ ଚରଣର ଶେଷ ପଦର ମାତ୍ରା ସାମଞ୍ଜସ୍ୟ । ଉଦାହରଣ ସ୍ୱରୂପ ଶିଖା–ଝଟିକା, ଅଧୀର–ମନ୍ଦିର, ଆହବେ–ତାଣ୍ଡବେ, ରାଗିଣୀ–କିଙ୍କିଣୀ । ମାତ୍ରାବୃତ୍ତ ଦୃଷ୍ଟିରୁ ପ୍ରଥମ ଚରଣର ବର୍ଣ୍ଣମାଳା ସହିତ ଦ୍ୱିତୀୟ ଚରଣର ବର୍ଣ୍ଣମାଳର ସମତା ନ ରହିପାରେ । ପ୍ରଥମ ଚରଣର ''ପ୍ରଳୟ ଧୂମକେତୁ ମୁଁ ନୁହେଁ'' ଦଶଟି ବର୍ଣ୍ଣ ରହିଛି କିନ୍ତୁ ପରବର୍ତ୍ତୀ ଚରଣର ରହିଛି '' ନୁହଁଇ ଭୂମି କଂପ ମୁଁ ହେ'' ନଅଟି ବର୍ଣ୍ଣ । କିନ୍ତୁ 'ଭୂମିକଂପ' ଶବ୍ଦପୁଞ୍ଜ ଚାରିଟି ବର୍ଣ୍ଣରେ ଗଠିତ ହୋଇଥିଲେ 'କଂପ' ତିନିମାତ୍ରିକ ହୋଇଥିବାରୁ 'ଭୂମିକଂପ' ଶବ୍ଦପୂଞ୍ଜ ପାଞ୍ଚାମାତ୍ରିକ ହୋଇଯିବ । ତେଣୁ ପ୍ରଥମ ଚରଣର ମାତ୍ରା ଦଶ ସହିତ ଦ୍ୱିତୀୟ ଚରଣର ମାତ୍ରା ମଧ୍ୟ ଦଶ ହୋଇଯିବ । (ପ୍ରଳୟ ପ୍ରେରଣା' କବିତା) । ଏହାକୁ ମାତ୍ରାବୃତ୍ତ ଛନ୍ଦ ଭାବରେ ନାମିତ କରାଯାଇଛି । ସତ୍ୟବାଦୀର କବିମାନେ ମଧ୍ୟ ଏହି ମାତ୍ରାବୃତ୍ତ ଛନ୍ଦର ବ୍ୟାପକ ପ୍ରଚଳନ ନିଜ ରଚନାରେ କରିଛନ୍ତି । ବୈକୁଣ୍ଠନାଥ ରାଶିରାଶି ସନେଟ୍ (ଚଉଦାଳି) ଲେଖି କବି ମଧୁସୂଦନରାଓଙ୍କ ଏହି ଆଙ୍ଗିକ ଅବଦାନକୁ ପରିପୁଷ୍ଟ କରିଯାଇଛନ୍ତି । ସବୁଜ କବିମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ହିଁ ସନେଟକାର ଭାବରେ ବିଶେଷ କାବ୍ୟିକ ସିଦ୍ଧିର ଅଧିକାରୀ । ମଧୁସୂଦନଙ୍କ ସନେଟ୍ ମାନଙ୍କରେ ଯେଉଁ ଦାର୍ଶନିକ ଦୃଷ୍ଟିଭଂଗୀ, ଆଧିଭୌତିକ ଭାବଧାରା, ଅତୀନ୍ଦ୍ରିୟ ଚେତନା ଓ ରହସ୍ୟବାଦୀ ଭାବନା ପ୍ରବର୍ତ୍ତିତ ହୋଇଥିବା ଦେଖିବାକୁ ମିଳେ ବୈକୁଣ୍ଠନାଥଙ୍କ କବିତାର ମଧ୍ୟ ତାହା ସୁଲଭ । ମଧୁସୂଦନଙ୍କ କବିତାରେ ପ୍ରାୟତଃ ବ୍ୟକ୍ତିଗତ ପ୍ରେମ, ପ୍ରଣୟ, ଅଶ୍ରୁ ଅଭିକ୍ଷେପର ରୂପ ନଥାଏ । କିନ୍ତୁ ବୈକୁଣ୍ଠନାଥଙ୍କ ସନେଟ୍‌ରେ ଏ ଉଭୟର ଚମତ୍କାର ପରୀକ୍ଷା ହୋଇଥିବା ଦେଖାଯିବ । ଅର୍ଥାତ୍ ବ୍ୟକ୍ତିଗତ ପ୍ରେମ ଓ ପ୍ରଣୟ ତଥା ଦାର୍ଶନିକ ଓ ଅତିଭୌତିକ ଭାବନାର ସମନ୍ୱୟ ତାଙ୍କ ସନେଟ୍ । କବିଯୌବନ ପର୍ଯ୍ୟାୟରେ ୮ଟି ସନେଟ୍, 'ମୃତ୍ୟୁଦର୍ଶନ' ପର୍ଯ୍ୟାୟରେ ଛ'ଟି ସନେଟ୍, 'କବିବଂଧୁ' ପର୍ଯ୍ୟାୟରେ ପୁନଶ୍ଚ ତିନୋଟି ସନେଟ୍, ଓ ବିକ୍ଷିପ୍ତ ଭାବେ ଆଠଦଶୋଟି ସନେଟ୍, 'ନିର୍ବାଣଆନନ୍ଦ'ର ଦୁଇଟି ସନେଟ୍–ଏହିପରି ଅନେକ ସନେଟ୍ ଲେଖି ସେ ଓଡ଼ିଆ ସାହିତ୍ୟରେ ଚଉଦାଳିର ଏହି ଆଙ୍ଗିକ ଧାରାକୁ ପରିପୁଷ୍ଟ କରିଛନ୍ତି । ତାଙ୍କର କାବ୍ୟସଂଚୟନ ୧ମ ଭାଗରେ ସ୍ଥାନିତ 'ପ୍ରଣୟର ଆଦ୍ୟ ଅନୁନୟ

ଚାରୋଟି ଉତ୍କୃଷ୍ଟ ସନେଟର ସମନ୍ୱୟ ବୋଲି କୁହାଯାଇ ପାରିବ । ଏଥିରେ ତାଙ୍କ ଆଦ୍ୟ ଜୀବନର ପ୍ରେମ ପ୍ରଣୟର ଚିତ୍ର ଅଧିକ ମାର୍ମିକ । ସେହିପରି ତାଙ୍କର 'ବନ୍ୟା ବିପ୍ଳବ' ମଧ୍ୟ ଛଟି ଚଉଦାଳିର ସମନ୍ୱୟ । ଏହି କାବ୍ୟ ସଂଚୟନରେ ବହୁ କବିତାକୁ ସେ ଭାଗ ଭାଗ କରି ସନେଟ୍ ଫର୍ମରେ ହିଁ ପକାଇଛନ୍ତି । ଯେମିତି କବିତା 'ରୂପହୀନ', 'ଅଗସ୍ତ୍ୟ', ପ୍ରଣୟର ଆଦ୍ୟାଶଙ୍କା ଇତ୍ୟାଦି । ତାଙ୍କର 'ବାସରଗୃହ'ଓ 'ପାନ୍ଥଶାଳା' ପରି ବହୁ ଉଦ୍ଧୃତ ଦୀର୍ଘ କବିତା ମଧ୍ୟ ସନେଟ୍ ରୀତିରେ ଲିଖିତ ଓ ଏକାଧିକ ଉପବିଭାଗରେ ଖଣ୍ଡିତ । ପ୍ରତ୍ୟେକ ଉପବିଭାଗ ହିଁ ଗୋଟିଏ ଗୋଟିଏ ସନେଟ୍ । ତାଙ୍କର ବହୁ ଆଲୋଚିତ 'ମୃତ୍ତିକାଦର୍ଶନ' କବିତା ମଧ୍ୟ ୩୮ଟି ସନେଟ୍‌ରେ ବିଭାଗୀକୃତ ଏହା କାବ୍ୟାବେଗରେ କିଛିଟା ଆମେଜ ଆଣୁଥିଲେବି ଏହା କାବ୍ୟ ନୁହେଁ । କେତୋଟି ଖଣ୍ଡିତ ସନେଟ୍‌ର ସମାହାର ଏକ ଦୀର୍ଘ କବିତା । ଏ ସନେଟ ଗୁଡିକରେ ପିତାର ଶୋକ ଓ ଅଶ୍ରୁ ମୃତ ସନ୍ତାନ ପାଇଁ ଭରି ରହିଛି ଓ ତା' ସହିତ ଜୀବନ ଓ ମୃତ୍ୟୁକୁ ନେଇ ପ୍ରକାଶ ପାଇଛି କେତେ ଦାର୍ଶନିକ ଅଭିପ୍ସା । ଏହା କବିଙ୍କ ସବୁଜ କାଳୀନ ସ୍ଥିତିର କାବ୍ୟଫସଲ ନୁହେଁ ବରଂ ଢ଼େର ପରବର୍ତ୍ତୀ ଜୀବନର । ତେଣୁ ଏ ଆଲୋଚନାରେ 'ମୃତ୍ତିକାଦର୍ଶନ' ସଂପର୍କରେ କିଛି କୁହାଯାଇନାହିଁ । ମୋଟଉପରେ ବୈକୁଣ୍ଠନାଥଙ୍କ ସନେଟଗୁଡ଼ିକ ତାଙ୍କ ସବୁଜ ସୃଷ୍ଟି କାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଜାରି ରହିଛି ଓ ତାଙ୍କ କାବ୍ୟ ଆଙ୍ଗିକର ଏକ ବିଶେଷ ଦିଗକୁ ଚିହ୍ନିତ କରୁଛି ।

ସବୁଜ ସୃଷ୍ଟି ସଂପର୍କରେ କବି ମାନସିଂହଙ୍କ ମନ୍ତବ୍ୟ ସହିତ ଏ ଆଲୋଚନା ଶେଷ କରାଯାଉଛି । ''ସବୁଜମାନଙ୍କ କାବ୍ୟସୃଷ୍ଟି ଓଡ଼ିଶୀ ବୁଦ୍ଧିଜୀବିମାନଙ୍କୁ ରୂପ, ସଂଗୀତ ଓ ସ୍ୱାଧୀନତାର ଏକ ନୂତନ କଳ୍ପଲୋକ ସହିତ ପରିଚିତ କରାଇଦେଲା, ଯାହା ସେମାନେ ପ୍ରାଚୀନ ଉପେନ୍ଦ୍ର ବା ଆଧୁନିକ ରାଧାନାଥଙ୍କ ରଚନା ସଂସାରର ବେଳେ ବେଳେ ଦେଖିବାକୁ ପାଉଥିଲେ । ସବୁଜମାନେ ଓଡ଼ିଆ ଭାଷାରେ ନୂତନ ସାଂଗୀତିକତା ପ୍ରତିଷ୍ଠା କରାଇଲେ, ଯାହା ଆଦ୍ୟ କାଳର ବୈଦେଶିକ ଦ୍ୱେଷ ସତ୍ତ୍ୱେ ବର୍ତ୍ତମାନ ଓଡ଼ିଆ ଭାଷା ସହିତ ଯେ ଅଂଗୀଭୂତ ହୋଇ ଗଲାଣି, ତାହା ମାନିବାକୁ ହେବ । ସବୁଜମାନେ ପ୍ରେମ, ନାରୀ ଓ ଜୀବନପ୍ରତି ଯେଉଁ ସଂସ୍କାର ଶୂନ୍ୟ ସାହସିକ ଚିନ୍ତାକଳ୍ପ ପରିବେଷଣ କଲେ, ସେ ସମସ୍ତ ଆଜି ସାଧାରଣ ଓଡ଼ିଆ ବୁଦ୍ଧିଜୀବୀର ମାନସିକ ଛାଞ୍ଚର ସ୍ୱୀକୃତ ଅଂଶ । ପୁଣି ସବୁଜମାନେ ହିଁ ଓଡ଼ିଆ ସାହିତ୍ୟରେ ପ୍ରଥମ କରି ଆନ୍ତର୍ଜାତିକ ବାତାବରଣ ସୃଷ୍ଟିକଲେ ।'' (ଓଡ଼ିଆ ସାହିତ୍ୟର ଇତିହାସ ପୃ. ୩୭୫) । ମାନସିଂହଙ୍କ ଏ ମନ୍ତବ୍ୟ ସହିତ ତାଙ୍କର ସବୁଜ ଏକକ ମାନଙ୍କ ସଂପର୍କରେ ପ୍ରଦତ୍ତ ପୂର୍ବବର୍ତ୍ତୀ ମନ୍ତବ୍ୟ ଯେ ସଂପୂର୍ଣ୍ଣ ଧୋଇ ହୋଇଯିବ ଓ ସବୁଜକୁ କବିଭାବେ ଓ ଗୋଷ୍ଠୀଭାବେ ଉଚ୍ଚ ପ୍ରତିଷ୍ଠା ଦେବ ଏଥିରେ ସନ୍ଦେହ ନାହିଁ ।

–୦–

# ସପ୍ତଦଶ ପତ୍ର
# ଦ୍ୱିତୀୟ ୟୁନିଟ୍

# କବି ଗୋପବଂଧୁ ଦାସ (୧୮୭୭-୧୯୨୮)

କବି ଗୋପବଂଧୁ ଦାସଙ୍କର ଜନ୍ମ ୧୮୭୭ ମସିହା ଅକ୍ଟୋବର ମାସ ହେଲେ ବି ତାଙ୍କୁ ତତ୍‌କାଳୀନ ପ୍ରବେଶିକା (Matriculation) ପାଶ୍ କରିବା ବେଳକୁ ୨୧ ବର୍ଷ ବୟସ ହୋଇଥିଲା । ସେ ୧୮୯୯ରେ ମାଟ୍ରିକ୍ ପାଶ୍‌କରି ସେଇ ରେଭେନ୍‌ସା କଲେଜରେ ଏଫ୍.ଏ ଶ୍ରେଣୀରେ ନାମ ଲେଖାଇଥିଲେ । ସେତେବେଳେ ପ୍ରବେଶିକା ଶେଷ କ୍ଲାସକୁ ୧ମ ଶ୍ରେଣୀ ବୋଲି କୁହାଯାଉଥିଲା - ଅର୍ଥାତ୍ ଏକାଦଶ ଶ୍ରେଣୀ। ତେଣୁ ସେ ତତ୍‌କାଳୀନ ୨ୟ ଶ୍ରେଣୀ ବା ଆଜିର ଦଶମ ଶ୍ରେଣୀରେ ପୁରୀ ଜିଲ୍ଲା ସ୍କୁଲର ପଢ଼ିବାବେଳେ 'ଅବକାଶ ଚିନ୍ତା'ର ୧ମ କବିତା 'କବିତା ଦେବୀ' ରଚନା କରିଥିଲେ । କିନ୍ତୁ ୧୮୯୯ ମସିହାରେ ତାଙ୍କର 'ଅବକାଶ ଚିନ୍ତା' ନାମକୁ ଯେଉଁ ଛୋଟକବିତା ବହିଟି ପ୍ରକାଶ ପାଇଲା ସେଥିରେ ଥିଲା ସମୁଦାୟ ୯ଟି କବିତା । ତନ୍ମଧ୍ୟରୁ 'ଚନ୍ଦ୍ର'ର ପ୍ରକାଶ କାଳ ହେଉଛି ଉତ୍କଳ ସାହିତ୍ୟ ୨ୟ ବର୍ଷ ୫ମ ସଂଖ୍ୟା । ଅର୍ଥାତ୍ ୧୮୯୮ ମସିହା ମେ ମାସ -(ଜୁନ୍ ମଧ୍ୟ ହୋଇପାରେ) । ସେତେବେଳେ ସେ ୧୦ମ ଶ୍ରେଣୀରୁ ୧୧ଶ ଶ୍ରେଣୀକୁ ଯାଇଥିବା କଥା (ପ୍ରଥମ ଶ୍ରେଣୀ) । ସେ ରେଭେନ୍‌ସା କଲେଜରେ ପଢ଼ିବାବେଳେ ନିଶ୍ଚିତ ଭାବେ 'କାଠଯୋଡ଼ି ତୀରେ ସାୟଂକାଳ' । (୧ମ ଓ ୨ୟ ଭାଗ) ଓ 'କାଠଯୋଡ଼ୀ ତୀରେ, ଚନ୍ଦ୍ରାଲୋକ ନିଶୀଥ' ନାମରେ ୩ଟି କବିତା ଲେଖିଛନ୍ତି । ଅନ୍ୟ ଚାରୋଟି କବିତା ହେଲା 'ମୋ ନଦୀ', 'ସ୍ୱର୍ଗୀୟ ପଣ୍ଡିତ ହରିହର ଦାଶ ଶର୍ମା', 'କୋକିଳ' ଓ 'ଗ୍ରୀଷ୍ମେ ଥୁଣ୍ଟାଗଛ' । ରେଭେନ୍‌ସା କଲେଜରେ ପଢ଼ିଲାବେଳେ ସେ ସର୍ବମୋଟ ସାତୋଟି କବିତା ଲେଖିଛନ୍ତି । ସେଗୁଡ଼ିକ ହେଲା 'ଗୋଟିଏ କାଙ୍କଣ ଗଛ' 'ବିଂଶ ଶତାବ୍ଦୀର ପ୍ରଥମ ଦିନେ ବାରବାଟୀ ଦର୍ଶନ', 'କଟକର ଶିଳାସେତୁ', 'ଛବିଶ ବର୍ଷ ପ୍ରବେଶ' ରେଭେନ୍ସା କଲେଜରୁ ବିଦାୟ', ଖଣ୍ଡଗିରି ଶିଖରେ, 'ନରାଜ ଦର୍ଶନ' ପ୍ରାର୍ଥନା ଅର୍ଥାତ୍ ମାତ୍ର ୮ଟି କବିତା । ୧୯୦୪ରୁ ୧୯୦୬ ଶେଷ ସୁଦ୍ଧା ଓ କଲିକତାରେ ବି.ଏଲ୍. ଅଧ୍ୟୟନ କରୁଥିବା ବେଳେ ସବୁଠାରୁ ଅଧିକ ସଂଖ୍ୟକ ୧୧ଟି କବିତା ରଚନା କରିଛନ୍ତି । ତନ୍ମଧ୍ୟରୁ ଦୁଇଟି କବିତା 'ବାଲିଯାତ୍ରା' ଓ 'ଗଂଜାମ ଜାତୀୟ ସମିତି' ଛାଡିଦେଲେ ଅବଶିଷ୍ଟ ୯ଟି କବିତା ବ୍ୟକ୍ତି-ବନ୍ଦନା ମୂଳକ । ଭକ୍ତକବି ଜଗନ୍ନାଥ ଦାସ, ସାମନ୍ତ ଚନ୍ଦ୍ରଶେଖର, ସାରଳା ଦାସ, ବଳରାମ ଦାସ, ଉପେନ୍ଦ୍ର ଭଂଜ, ଶମ୍ଭୁକର ବାଜପେୟୀ, ଅନଙ୍ଗ ଭୀମ ଦେବ, କବିସୂର୍ଯ୍ୟ ବଳଦେବ ରଥ ଓ ପ୍ରତାପରୁଦ୍ର ଦେବ ଏମାନେ ସମସ୍ତେ ଓଡ଼ିଆ ସାହିତ୍ୟ ଓ ଇତିହାସର ସ୍ମରଣୀୟ ବ୍ୟକ୍ତିତ୍ୱ । ତା'ପରେ ସେ ଲେଖିଥିବା ଅବଶିଷ୍ଟ ୧୭ଟି କବିତା ମଧ୍ୟରୁ ବହୁ ଚର୍ଚ୍ଚିତ କବିତା ହେଲା 'ରେଳ ଉପରେ ଚିଲିକା ଦର୍ଶନ' (୧୯୦୭), ବିଷାଦ ସମୟରେ ଲିଖିତ କତିପୟ ପଙ୍କ୍ତି (୧୯୦୭), ବ୍ରାହ୍ମଣ ସମିତି ପ୍ରତି (୧୯୦୭), ଗିରିଶିଖେ ଲୟ ରଖି ଚାଲିବି ମୁକର (୧୯୧୯) । ତାଙ୍କ ଲିଖିତ 'ଅନାଥ କଳିକା' ମୁକୁନ୍ଦଦେବ', 'ବାଣୀ', 'କାମ', 'କ୍ରୋଧ' ପଥିକ ଓ 'ନୀରବ'ର ପ୍ରକାଶନ ସମୟ ଜଣାଯାଉନି ।

ତେବେ କବିଙ୍କର ପ୍ରଥମ କବିତାଠାରୁ କାବ୍ୟିକ ସିଦ୍ଧିର ପରିଚୟ କିପରି ସମ୍ଭବ ହେଲା ? ସେତେବେଳକୁ ସେ ପ୍ରବେଶିକା ଶ୍ରେଣୀର ଛାତ୍ର । କିନ୍ତୁ ତାଙ୍କର ବିଜ୍ଞତା ତାଙ୍କ ବୟସ ହେତୁ ହିଁ, ସମ୍ଭବ ଥିଲା । କାରଣ ୧୮୮୯-୯୯

ବେଳକୁ କବି ୨୨ ବର୍ଷର ଯୁବକ ତେଣୁ ଚିନ୍ତା ଓ ଚେତନାର ପୋଖତ ବା ପ୍ରବୀଣ (Matured) ହୋଇଥିବା ଅସମ୍ଭବ ନୁହେଁ । ପୁନଶ୍ଚ ତାଙ୍କ ପରିବାରର ସଂସ୍କାର ମଧ ତାଙ୍କ ଅବବୋଧକୁ ବିଜ୍ଞତା ଦେଇଥିବା ଅସମ୍ଭବ ନୁହେଁ । ସେତ ପୁଣି କବିବର ରାଧାନାଥଙ୍କୁ ସମାଲୋଚନା କରି ପୁରୀ ଜିଲାସ୍କୁଲର ୪ର୍ଥ ଶ୍ରେଣୀରେ ଅର୍ଥାତ୍ ଆଜିକାର ୮ମ ଶ୍ରେଣୀରେ ଲେଖି ପାରିଥିଲେ –

''ଧଡ଼ିଆ ପଣ୍ଡିତ ମନ୍ୟ,
ବାଉରୀ ସାଇରେ ଶୃଗାଳ କେଶରୀ
ପରି ହେଉଥାନ୍ତି ଗଣ୍ୟ ।''

ଏକାଦଶ ଶ୍ରେଣୀକୁ ଉଠିଥିଲା ବେଳେ ଯାହାଙ୍କର 'ଚନ୍ଦ୍ର' ଶୀର୍ଷକ କବିତା ଉତ୍କଳ ସାହିତ୍ୟର ୨ୟ ବର୍ଷ ୨ୟ ସଂଖ୍ୟାରେ ପ୍ରକାଶ ପାଇଁ ମନୋନୀତ ହେଲା ସେ ଯେ ଅସାଧାରଣ ଓ ବିଜ୍ଞ ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ସେହିଁ କେବଳ ଚନ୍ଦ୍ରକୁ ଲକ୍ଷ୍ୟ କରି ଲେଖି ପାରନ୍ତି –

''କେ କହେ –ତୋ ଶରୀର/ଦରିଛି ବହୁଭୂଧର/ବହୁଶତ ନିବିଡ଼ କାନନ
ନାହିଁ ତୋହର ପରାଣ/ଅଟୁ ତୁ ଧରା ସମାନ/ଅତି ସୁପ୍ରକାଣ୍ଡ ଏକବସ୍ତୁ ଅଚେତନ ।''

କିନ୍ତୁ ରାଧାନାଥଙ୍କ 'ଚିଲିକା' ସମେତ ଆଉ କିଛି ରୋମାଣ୍ଟିକ୍ କବିତା ସହିତ ମାନସିକ ଯୋଗାଯୋଗ ରକ୍ଷା କରିଥିବା ଏହି ବିଜ୍ଞଛାତ୍ର ମଧ ସେଇ ମର୍ମରେ ଲେଖିଛନ୍ତି ଯେ ''ଚନ୍ଦ୍ର ନିଶିରାଣୀଙ୍କ ସହିତ ପ୍ରିୟ ସମ୍ଭାଷଣ କରନ୍ତି । ଚନ୍ଦ୍ରଙ୍କୁ ସୃଷ୍ଟି କରିଥିବା ବିଭୁଙ୍କ ଉଦ୍ଦେଶ୍ୟରେ ମଧ ସେ (ଚନ୍ଦ୍ର) ଭାବ ବିନିମୟ କରନ୍ତି ।'' ଏହା ଗୋପବଂଧୁଙ୍କ ଜୀବନର ବିଭୁ ନିରାଜନା ବ୍ୟତୀତ ଅନ୍ୟ କିଛି ନୁହେଁ । ସୃଷ୍ଟିର ସବୁ କିଛି ବିଭୁଙ୍କ ଇଚ୍ଛାର ରୂପାନ୍ତର ବୋଲି ସେ ବହୁ ସ୍ଥାନରେ ତାଙ୍କ କବିତାର, ସଂପାଦକୀୟରେ ଓ ଭାଷଣରେ କହିଛନ୍ତି । ଅନ୍ୟ ତିନୋଟି କବିତା ରୋମାଣ୍ଟିକ୍ ସୌନ୍ଦର୍ଯ୍ୟବୋଧର ପରିବାହକ ମନେହୁଏ । ବର୍ଷାକାଳ ଓ ଶରତ କାଳରେ କାଠଯୋଡ଼ି ନଦୀକୂଳରେ ବସି ତାଙ୍କ ମନରେ ଯେଉଁ ଭାବନା ଜାଗ୍ରତ ହୋଇଥିଲା ତାକୁ ଚମତ୍କାର ଭାଷାରେ ସେ ରଂଜିତ କରିଛନ୍ତି । ଏଥିରେ ତାଙ୍କର ପ୍ରକୃତିପ୍ରୀତ ସହିତ, ସୌନ୍ଦର୍ଯ୍ୟବୋଧ ବିଜଡିତ । ପ୍ରକୃତିର ବୈଚିତ୍ର୍ୟ ମଧ୍ୟରେ କବି ହଜି ଯାଉ ଯାଉ ଉପନିଷଦୀୟ ଚେତନାକୁ ଆଧାରକରି ବସନ୍ତି । କାଠଯୋଡ଼ିରେ ସାୟଂକାଳ (୧) କବିତାରେ ଲେଖି ବସନ୍ତି –

''ପ୍ରେମଭାବେ ଯାର ଅନ୍ତର ପୂରିତ/ସର୍ବପ୍ରାଣୀ ହୃଦ ତା ହୃଦେ ଅଙ୍କିତ,
ସର୍ବ ଅନୁଭୂତି ସର୍ବଭୂତେ ତାର/ ତା' ଦୃଷ୍ଟିରେ ବିଶ୍ୱ ଏକପରିବାର ।
ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେହି/ଅନ୍ୟ ହୋଇ ତାର ନାହିଁ ଆଉ କେହି ।

ଏହି ଭାବନା 'ଋଶୋପନିଷଦ'ର କୌଣସି ମନ୍ତ୍ରରୁ ଆନୀତ ଯାହାର ଅର୍ଥ ହେଉଛି ଯେଉଁ ମଣିଷ ମୁକ୍ତିପାଇଁ ସାଧନା କରିବାବେଳେ ପ୍ରକୃତିଠାରୁ ଆରମ୍ଭ କରି ସମଗ୍ର ଭୂତ ଓ ଜଗତକୁ ନିଜ ଅନ୍ତର ମଧରେ ଦେଖନ୍ତି ସେ ମୁକ୍ତି ପାଇଥାନ୍ତେ । ତେବେ ଏତେ କମ୍ ବୟସରୁ କବି ମୁକ୍ତି ପ୍ରୟାସୀ କାହିଁକି ହୋଇଛନ୍ତି ? ହୋଇପାରେ ଏହା ତାଙ୍କ ବ୍ୟକ୍ତିତ୍ୱର ଏକ ନିର୍ଦ୍ଦିଷ୍ଟ ଦିଗ ଯାହା ଦେଶପ୍ରାଣତା ସହିତ ବିଭୁଆସକ୍ତିକୁ ମିଶାଇ ଦେଇଛି । ସମ୍ଭବତଃ ନିଜ ଗ୍ରାମରେ ହେଉ ଭାଗବତ ପାରାୟଣର ଏହା ଫଳଶ୍ରୁତି । ଗୋପବଂଧୁ କୈଶୋରରୁ ଶୁଦ୍ଧପୂତ ହୋଇ ଜନ୍ମାଷ୍ଟମୀ ଦିନ ତାଙ୍କ ଘରେ ଭାଗବତ ପାରାୟଣ କରୁଥିଲେ ଓ ହବିଷ୍ୟାନ୍ନ ଭୋଜନ କରୁଥିଲେ ବୋଲି ତାଙ୍କ ଜୀବନୀରୁ ଜଣାଯାଏ ।

ପ୍ରଥମ କବିତାରେ ଦର୍ଶନିକତାର ମାତ୍ରା ଅଧିକ, କିନ୍ତୁ ଦ୍ୱିତୀୟ କବିତାରେ ପ୍ରକୃତିର ସୌନ୍ଦର୍ଯ୍ୟ ଚର୍ଯ୍ୟା ସମଥିକ । ଅର୍ଥାତ୍ ୨ୟ 'କାଠଯୋଡ଼ି ତୀରେ ସାୟଂକାଳ' କବିତାରେ କାବ୍ୟିକତା, ସୌନ୍ଦର୍ଯ୍ୟବୋଧ କବିତାଟିକୁ ଉତ୍କର୍ଷ ଦେଇଥିବା ମନେହୁଏ । ଉଭୟ କବିତାରେ ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ଯାଉଥିବା ସମୟର ଭାବନା ପ୍ରଦତ୍ତ । କିନ୍ତୁ ନଦୀକୁ ଦେଖୁ ଦେଖୁ ଭବ-ମହାସିନ୍ଧୁ କଥା ଭାବି କବି ଲେଖିଛନ୍ତି –

ନୈତିକ ସାହସେ ହୋଇଣ ସାହସୀ
କର୍ତ୍ତବ୍ୟ ରୂପିଣୀ ତରୀ ପରେ ବସି
ବିବେକ ଆହୁଲା ଅବିରତେ ମାର
ହେବ ଯେବେ ଭବ ମହାସିନ୍ଧୁ ପାର ।

ବସ୍ତୁତଃ ଡଙ୍ଗାରେ ବସି କାଠଯୋଡ଼ିକୁ ପାରହେଉଥିବା ପଝାରୀମାନଙ୍କୁ କବିଙ୍କର ଏହା ସନ୍ଦେଶ ପୁଣି କୃଷ୍ଣ ମେଘରେ ଅସ୍ତସୂର୍ଯ୍ୟର କନକ କିରଣ ବିଛୁରିତ ହୋଇ ଯେଉଁ ଚମତ୍କାର ରୂପ ସୃଷ୍ଟି କରିଚି ତାକୁ କବି ମହତ ଜନର ପ୍ରଭାବରେ ବ୍ୟକ୍ତି ପ୍ରାଣରେ ଆସୁଥିବା ପରିବର୍ତ୍ତନ ସହିତ ତୁଳନା କରିଛନ୍ତି ।

''ମହତ ଜନର ଲାଗି ଅଙ୍ଗ ଛାୟା / ପବିତ୍ର ହୁଅଇ କ୍ଷୁଦ୍ର ପ୍ରାଣୀକାୟା
କ୍ଷଣେମାତ୍ର ହେଲେ ସଜ୍ଜନ ସଂଗତି / ତୁଟେ ସିନା ସତେ ସଂସାର ଦୁର୍ଗତି ।

ଅସ୍ତାଚଳରେ ସୂର୍ଯ୍ୟ ପ୍ରବେଶ କରିଛନ୍ତି । ପ୍ରତୀଚୀ ଆକାଶ ଲୋହିତ ରଂଗରେ ରଂଜିତ ହୋଇ ଉଠିଚି । କୃଷ୍ଣମେଘ ଓ ଲୋହିତ କିରଣ ପ୍ରକୃତି ରୂପରେ କଣ୍ଟ୍ରାଷ୍ଟ ବା ବୈପରୀତମ ବର୍ଣ୍ଣାଳୀ ସୃଷ୍ଟି କରିଛି । ଏହା ଦୃଶ୍ୟମାନ ନିଶ୍ଚୟ । କିନ୍ତୁ ମହତ ଜନର ଅଙ୍ଗଛାୟା ଲାଗି ପ୍ରାଣୀର କାୟା କିପରି ପବିତ୍ର ହୁଏ ତାହା ଅନୁଭବର କଥା, ତେଣୁ ଦୃଶ୍ୟମାନ ନୁହେଁ । ଗୋଟିଏ ବିମ୍ବ ସହିତ ଆଉ ଏକ ଭାବନାକୁ ଯୋଡ଼ିବା ରୂପକଳ୍ପର କାମ । ତାକୁ କବି T.S. Eliot Objective corelative ବୋଲି କହିଛନ୍ତି । ଓଡ଼ିଆ କବିତାରେ ଏପରି ଆଙ୍ଗିକ ତଥା ଭାବାତ୍ମକ ଚେତନା ରାଧାନାଥଙ୍କ 'ତୁଳସୀସ୍ତବକ' କବିତାରେ ପ୍ରଥମେ ଉପଲବ୍ଧ ହୁଏ । ଏ ଦୃଷ୍ଟିରୁ ରାଧାନାଥଙ୍କ ପ୍ରଭାବରେ କବି ଗୋପବଂଧୁ ପ୍ରଭାବିତ ବୋଲି ଅନାୟାସରେ କୁହାଯାଇପାରେ ।

କିନ୍ତୁ ୨ୟ କବିତାଟିରେ ନିଶ୍ଚିତଭାବେ କବିତ୍ୱର ମାତ୍ରା ଅଧିକ । ସେଇ ପଶ୍ଚିମ ଦିଗରେ ସୂର୍ଯ୍ୟ (ତରଣୀ) ପହଂଚି ଥିବାରୁ ପୃଥିବୀ ଖରା ତାପରୁ ମୁକ୍ତ । ସଂଧ୍ୟାକାଳୀନ ମୃଦୁଳ ଶୀତଳ ପବନ ବହୁଛି । କ୍ଷୀଣାଙ୍ଗୀ କାଠଯୋଡ଼ିର ପୁଳିନରେ କବି ଭ୍ରମଣରତ । କିଛି ଦୂରରେ ଶୈଳରାଜିର ଶ୍ୟାମଳ ଶୋଭା, ସତେଯେପରି ତାହା ପ୍ରକୃତିଦେବୀଙ୍କର ଦୁଃଖ ଓ କେଶପାଖ । ଅସ୍ତମିତ ହେବାକୁ ଯାଉଥିବା ସୂର୍ଯ୍ୟ କାଠଯୋଡ଼ି ନଦୀର ସୀମନ୍ତର ସିନ୍ଦୂର ଟୀକାପରି । ରାତ୍ରି ଉପଗତ ହେବାକୁ ଯାଉଛି । ତେଣୁ ରୂପବତୀ କାଠଯୋଡ଼ି ନଦୀ ତାର ସୀମନ୍ତରେ ସିନ୍ଦୂର ପିନ୍ଧି ପ୍ରିୟ ଦୟିତ ସାଗର ସହିତ ସଂଗମ ପାଇଁ ଅଧୀର ହୋଇ ଛୁଟିଛି । କିନ୍ତୁ ଏ ଦୃଶ୍ୟକୁ ଅନ୍ଧକାର ଯେପରି ଖୁବ୍‌କମ୍ ସମୟ ମଧ୍ୟରେ ଆତ୍ମସାତ୍ କରି ବସୁଚି ? ଆକାଶ ପାଣ୍ଡୁର ବର୍ଣ୍ଣ ଧାରଣ କରିଛି ବର୍ଷା ସମୟ ହେତୁ । ମନେ ହେଉଛି ଯେପରି ଏ ଆକାଶ ମୃତ ଦିବାର ଜୀବନହୀନ ମୁହଁପରି । କିନ୍ତୁ ଖୁବ୍‌ଶୀଘ୍ର ରାତ୍ରିର ଅନ୍ଧକାର ଭିତରେ ଏ ଦୃଶ୍ୟ ଲୁଚି ଯାଉଛି । କଳାନାଦି ସ୍ରୋତସ୍ୱିନୀ ଅବାରିତ ଗତିରେ ବହି ଚାଲିଛି । ନଦୀରେ ସୃଷ୍ଟି ହେଉଥିବା ଅସଂଖ୍ୟ ତରଙ୍ଗରାଜି ଏବେ ଅନ୍ଧକାର ଗର୍ଭରେ ବିଲୁପ୍ତ ପ୍ରାୟ । ଏ ଦୃଶ୍ୟକୁ ଅନ୍ତର ମଧ୍ୟରେ ଉପଲବ୍ଧି କଲେ କଠିନ ନାସ୍ତିକର ହୃଦୟ ମଧ୍ୟ ପ୍ରେମରେ ଉଚ୍ଛଳ ହୋଇ ଉଠିବ ବୋଲି ତାଙ୍କର ବିଚିତ୍ର

ପରିକଳ୍ପନା । କବି ଅନେକବାର ହୁଏତ ପୁରୀଠାରେ ସାଗର ପୁଳିନରେ ବଲିଛନ୍ତି । କିନ୍ତୁ ସ୍ରୋତସ୍ୱିନୀର ଏ ମଧୁର ସୁନ୍ଦର ଛବି ଦେଖି ନଥିଲେ । ସାଗର ଯାହା ପ୍ରାଣରେ ଗମ୍ଭୀର ଔଦାର୍ଯ୍ୟ ଆଣୁଥିଲା, କିନ୍ତୁ ନଦୀ ଆଣିଲା ପ୍ରେମ ତରଳ ଆନ୍ତରିକତା, ନଦୀ ତାଙ୍କ ଦୃଷ୍ଟିରେ ହଠାତ୍ ଏକ ମାନିନୀ ଯୁବତୀରେ ରୂପାନ୍ତରିତ ହୋଇଯାଇଛି । ତାର ହୃଦୟ ଖୁବ୍ ତରଳ ଓ ଚପଳ ସେ ଯେତେ ମାନିନୀ ଓ ଗୁଣବତୀ ହେଉପଛେ ନୂଆ ନୂଆ ବେଶ ଭୂଷଣରେ ତାର ମନ ସବୁବେଳେ ଆସକ୍ତ ଥାଏ । ନାରୀର ହୃଦୟ ସୁଦୃଢ଼ ଓ ଗମ୍ଭୀର ହୋଇ ନଥିବାରୁ ପୁରୁଷକୁ ସେ ଆଶ୍ରୟ ଭାବେ ଲୋଡିଥାଏ । ସୁକୋମଳ ଲତାଟିଏ କଠିନ ଓ କର୍କଶ ପାଦ ଅଙ୍ଗରେ ମାଡ଼ି ଯଦି ପାଦପରେ ଶ୍ରୀବୃଦ୍ଧି କରୁଥାଏ ତେବେ ସଭ୍ୟ ନାରୀମାନେ ସେମାନଙ୍କ ଅଧିକାର, ଉଚ୍ଚଶିକ୍ଷା, ସାମାଜିକ ସ୍ଥିତି ପାଇଁ କାହିଁକି ଏବେ ଲଢ଼ିବାକୁ ଆରମ୍ଭ କରିଛନ୍ତି ? ପୁରୁଷ ସହିତ ସମାନ ହେବାକୁ ଲାଗିଛନ୍ତି । ଏହା ଗୋପବଂଧୁଙ୍କ ଚିନ୍ତାଧାରାର ଏକ ଭିନ୍ନ ଆବେଗ ବୋଲି କହିବାକୁ ହେବ। ଅର୍ଥାତ୍ ଚିନ୍ତାଧାରାରେ ଗୋପବଂଧୁ ସମ୍ଭବତଃ ଥିଲେ ରକ୍ଷଣଶୀଳ । ସେ କଲ୍ଲୋଳନୀ ଠାରେ ମଣିଷ ସମାଜ ପାଇଁ ବିଶେଷତଃ ନାରୀ ସମାଜ ପାଇଁ ଏକ ଆଦର୍ଶ ଭାବ ଲକ୍ଷ୍ୟ କଲେ ବୋଲି କହିଛନ୍ତି । ଊନବିଂଶ ଶତାବ୍ଦୀର ଶେଷ ଭାଗରେ କେତେଜଣ ବା ଭାରତୀୟ ନାରୀଶିକ୍ଷାରେ ଆଗଭର ହୋଇ ପାରିଛନ୍ତି । ଗାନ୍ଧିଙ୍କ ଆଗମନ ଫଳରେ ସମ୍ଭବତଃ ନାରୀମାନଙ୍କୁ ଅଧିକ ଭାବେ ସାମାଜିକ ଅଧିକାର ମିଳିବା ଫଳରେ ଭାରତର ମାନଚିତ୍ର ପ୍ରାୟ ବଦଳିବାକୁ ଆରମ୍ଭ କରିଥିଲା । କିନ୍ତୁ ସେ ଦୃଶ୍ୟ ଦେଖିବାକୁ ଗୋପବଂଧୁ ଆଉ ମରଧାମରେ ନ ଥିଲେ ।

କାଠଯୋଡ଼ି ନଦୀକୁ କବି ଜଣେ କୁଳକାମିନୀ ଭାବେ ପରିକଳ୍ପନା କରିଛନ୍ତି ଓ ସେ ସାଗର-ପତିର ସେବା ପାଇଁ ଧାଇଁଚି ବୋଲି ପ୍ରତ୍ୟକ୍ଷ କରିଛନ୍ତି । ସମୁଦ୍ରରେ ମିଶିଯିବା ମାତ୍ରେ ଊର୍ମି ଛଳରେ ଲାଜ ଓ ଭୟରେ ତା ଦେହ କଂପି ଉଠୁଥିବା କଳ୍ପନା କରିଛନ୍ତି ଓ କହିଛନ୍ତି –

କୁଳ କାମିନୀର ଏପରି ସିନା ମହତରୀତି/ଲଜ୍ଜାବତୀ ହୋଇ ଏକାନ୍ତେ କାନ୍ତେ ଆଚରେ ପ୍ରୀତି ।

ସମଗ୍ର ପୃଥିବୀ ଏହିପରି ପ୍ରେମ, ସ୍ନେହ, ସୋହାଗର ମଧୁରତାରେ ଆବଦ୍ଧ ବୋଲି ସେ ଏକ ଧ୍ରୁବ ସତ୍ୟତାରେ ଉପନୀତ ହୋଇଛନ୍ତି । ନାରୀ ଯଦି ନୂଆ ନୂଆ ବେଶ ଭୂଷାରେ ମନ ବଳାଏ ତେବେ ତାହା ତା ପାଇଁ ଭୂଷଣ ନୁହେଁ ଦୂଷଣ ବୋଲି ତାଙ୍କର ଭିନ୍ନମତ । ତାହା ପୁନଶ୍ଚ ପ୍ରକୃତିର ଦୁର୍ବଳତା ମାତ୍ର । ଏଠାରେ ନାରୀ, ନଦୀ ଓ ପ୍ରକୃତି ତାଙ୍କ ଚେତନାରେ ମିଶିଯାଆନ୍ତେ ଓ ଅଭିନ୍ନ ହୋଇ ଉଠନ୍ତି । ସଦ୍‌ବ୍ୟବହାର ଓ ପ୍ରମୋଦ ଦାନରେ ନାରୀ ବିମୁଖ ହେବା ଉଚିତ ନୁହେଁ ବୋଲି ତାଙ୍କର ସ୍ଥିରମତ । ନାରୀଠାରେ ଏସବୁ ଭାବର ବିକାଶ ଘଟିଲେ ପୁରୁଷର ସଂସାର ବୈକୁଣ୍ଠପୁର (ସ୍ୱର୍ଗ) ହୋଇଯିବ ବୋଲି ତାଙ୍କର ଧାରଣା ।

କାଠଯୋଡ଼ିକୁ ନେଇ ତାଙ୍କର ତୃତୀୟ କବିତା 'କାଠଯୋଡ଼ି ତୀରେ ଚନ୍ଦ୍ରାଲୋକ ନିଶୀଥ' । କାଠଯୋଡ଼ିକୁ ନେଇ ଏକାବେଳକେ ତିନୋଟି କବିତା ସମ୍ଭବତଃ ଓଡ଼ିଶାର ଅନ୍ୟ କେହି କବି ରଚନା କରିନାହାନ୍ତି । ଯେତେବେଳେ ମାୟାବିନୀ ନିଦ୍ରାର କୋଳରେ ସମସ୍ତ ଜଗତ ସୁପ୍ତ ସେତିକିବେଳେ ଚନ୍ଦ୍ର ରଜନୀରେ କବି ପ୍ରକୃତିର ସୁନ୍ଦର ବେଶକୁ ଦେଖିବାକୁ ପାଇଛନ୍ତି। ଏତେବେଳେ ଆତ୍ମାଭିମାନର କର୍କଶ ଶବ୍ଦ ଶୁଣିବାକୁ ନାହିଁ, ସମଗ୍ର ବିଶ୍ୱମଣ୍ଡଳ ସ୍ତବ୍ଧ, ସଂସାରର ସଂଗ୍ରାମ ତିରୋହିତ ସେତିକି ବେଳେ ଯେପରି କାଠଯୋଡ଼ିର କ୍ଷୀଣଧାର କଳ୍ କଳ ନାଦରେ ଅପୂର୍ବ ସଂଗୀତ ଗାନ କରୁଛି । କବିଙ୍କ ଭାଷାରେ –

ଅବ୍ୟକ୍ତ ଅବୋଧ ଅତି ସୁମଧୁର ଗାନ
କିବା ସେ ନିଗୂଢ଼ ତତ୍ତ୍ୱ ସାମବେଦ ଗାନ
ଅସଂଖ୍ୟ ତାରକା ପନ୍ତି ଗଗନ ମଣ୍ଡଳେ
ଶୁଣନ୍ତି ସେ ମହାଗୀତ ନୀରବ ନିଶ୍ଚଳେ
ଦେଖି ଶାନ୍ତିମୟ ଦୃଶ୍ୟ ଶୁଣି ଏ ସୁସ୍ୱର
ଅପୂର୍ବ ସ୍ୱର୍ଗୀୟ ସୁଖେ ଦୂରେ ମୋ ଅନ୍ତର । (ଅବକାଶ ଚିନ୍ତା ପୃ. ୩୫)

ଏ ତିନୋଟିଯାକ କବିତାର ସାରମର୍ମ ଯେପରି କବିଙ୍କ ଅନ୍ତରକୁ ଦୋହଲେଇ ଦେଉଛି । ତାଙ୍କ ପାଇଁ କାଠଯୋଡ଼ି ''ତାପିତ ହୃଦୟରେ ଶାନ୍ତି ସୁଧା ସଞ୍ଚାରିଣୀ'' ମାତୃକଳ୍ପା ନାରୀଟିଏ । ତାରତୀରରେ ନିଭୃତରେ ବିଚରଣ କଲେ ସେ ମୋହନ ମନ୍ତ୍ରରେ ସବୁ ପାପ ତାପକୁ ହରଣ କରିନିଏ । କବିର କଳୁଷିତ ହୃଦୟରେ ନାନାଦି ସ୍ୱର୍ଗୀୟ  ଚିନ୍ତା ଓ ପ୍ରିୟଭାବ ସୃଷ୍ଟିକରେ ତେଣୁ ଶେଷରେ କହନ୍ତି –

''ତୋର ପଦ ଯୁଗେ ମୁହିଁ ଚିରକାଳ ଚାଣୀ/ଏହିଭାବ ଥାଉ ନିତି ହେ ସୁର ତରୁଣୀ ।''

ପୁଣି ଆଉ ଗୋଟିଏ ନଦୀ ଭାର୍ଗବୀ କଥା ସେ ଅବକାଶ ଚିନ୍ତାରେ କହିଛନ୍ତି । ତାଙ୍କ ଗାଁ ସୁଆଣ୍ଡୋ କଡ଼େ କଡ଼େ ଯେଉଁ ନଦୀ ପ୍ରବାହିତ ହୋଇ ପୂର୍ବସାଗର ଆଡ଼େ ବହି ଯାଇଛି । ତାର କାଚକେନ୍ଦୁ ନିର୍ମଳ ଜଳରେ କେତେକେତେ ମଣିଷ ଓ ଜୀବ  ପରିତୋଷ ଲାଭ କରନ୍ତି । ପରହିତରେ ମାଆପରି ସତେ ଯେପରି ସନ୍ତାନମାନଙ୍କୁ  ଶାନ୍ତି ଓ ଆନନ୍ଦଦାନ କରି ଏ ନଦୀ ପ୍ରବାହିତ ହୋଇ ଯାଉଛି । କବିଙ୍କ ପାଇଁ ସେ ତାଙ୍କ ନିଜ ମାଆଠାରୁ କେବେବି ନ୍ୟୂନ  ନୁହେଁ । କବି କହି ରଖନ୍ତି –

ଦେଖି ନାହିଁ ମୁଁ ମାତୃ ବଦନ/ପାନ କରିନାହିଁ ମାତୃ ସ୍ତନ
ହାଇ ସଦୟ                    ଦେଇ ନିଜପୟ
ବଂଚାଇଲୁ ମୋ ଶିଶୁ ଜୀବନ ଲୋ ତଟିନି !

ପୁଣି କବି ଆଶା ରଖିଛନ୍ତି ଯେତବେଳେ ସମୟ କ୍ରମେ ତାଙ୍କ ପିଣ୍ଡରୁ  ପ୍ରାଣ ଛାଡିଯିବ ଏଇ ଭାର୍ଗବୀ ନଦୀରେ ସେ ପାଉଁଶ ହୋଇ ମିଶିଯିବେ । ତାହାହିଁ ହେବ ତାଙ୍କ ପାଇଁ ଚିରଶାନ୍ତିର ଶେଷକଥା । (କବିତା 'ଭାର୍ଗବୀପ୍ରତି') ଏଇ ଓଡ଼ଧର୍ମୀ କବିତାଟିରେ ତାଙ୍କ ଅନ୍ତରର ପବିତ୍ର କାମନା ମିଶି ସତେ ଯେପରି ତାଙ୍କ ଜୀବନ ନଦୀକୁ ମହାସାଗର ସଂଗମ ପାଇଁ ଭସାଇ ଦେଉଛି ।

ଗୋପବଂଧୁ ଯେ ଜଣେ ମହାନ୍ କବି ହୋଇପାରିବେ 'ଅବକାଶ ଚିନ୍ତା'ର କବିତା ସମୂହ ତାର ବାର୍ତ୍ତା ବହନ କରନ୍ତି । କିନ୍ତୁ ଜୀବନର ଘାଟନିକ ପରିସ୍ଥିତି ସମୂହ ତାଙ୍କୁ ସେ ମହାନତା ଦିଗରେ ସହଯୋଗ କରିନାହିଁ – ଏହାହିଁ ବିଧିର ବୈଚିତ୍ର୍ୟ । 'ବାଣୀ' କବିତାରେ ଯେଉଁ କବି ଆଶା କରିଥିଲେ ଆବର୍ଜନାମୟ ସଂସାରର ଜଂଜାଳ ଭିତରେ ତାଙ୍କ ମାନସ ପ୍ରପୀଡିତ ନ ହେଉ କେବଳ କଳ୍ପନାର ସୁଖ ରାଜ୍ୟରେ କାଳେ କାଳେ ଭ୍ରମଣକରି ସ୍ୱର୍ଗୀୟ ସୁଷମାର ରହସ୍ୟକୁ ସେ ଉନ୍ମୋଚନ କରିବେ – ଅଗଣିତ ଦୁଃଖୀ ଦରିଦ୍ରଙ୍କ ଜୀବନ ଯାତ୍ରାରେ ସାର ଓ ସାରଥୀ ସାଜି ତାହାଠାରୁ ସେ  ବାଧ ହୋଇ ଦୂରେଇ ଯାଇଛନ୍ତି । ତାଙ୍କ କବିତା ପାଇଁ କାବ୍ୟ ସରସ୍ୱତୀଙ୍କୁ ନିବେଦନ କରି ସେ ଯାହା କହିଥିଲେ –

''ରଜୋ ଗୁଣମୟୀ ଦେବୀ ବାଣୀ ସ୍ୱରୂପିଣୀ
ନାନା ଭାବେ ନାନାସ୍ଥାନେ ହୁଏ ତୋ ପ୍ରକାଶ
ଏ ମୂଢ଼ ଅଜ୍ଞାନେ ଦୟା କର ଗୋ ଭାବିନି
ପ୍ରକାଶୁ ଏ ପ୍ରାଣେ ପୁଣ୍ୟ ମଧୁର ଉଚ୍ଛ୍ୱାସ ।'' (କବିତା)

ତାହା ବୋଧହୁଏ ପରିପୂର୍ଣ୍ଣ ହୋଇଥିବାରୁ ଶେଷ କବିତା 'ନୀରବେ' ସେ କହି ରଖିଛନ୍ତି –

''ନୀରବେ ପ୍ରେମିକ ନେତ୍ରେ ଅଶ୍ରୁଢ଼ଳମଳ/ନୀରବେ ସରସୀ ବକ୍ଷେ ହସେ ଶତଦଳ
ନୀରବେ ନିରାଶ ହୃଦେ ବହେ ଦୀର୍ଘଶ୍ୱାସ/ସୁଖେ ଦୁଃଖେ ପରାଣର ନୀରବ ଆଶ୍ୱାସ ।

କିନ୍ତୁ ଚତୁର୍ଦ୍ଦିଗରେ ସେ ମଣିଷର ଚହଳ ଓ ଚିତ୍କାରକୁ ଭେଟିଛନ୍ତି, ମାନବର ଅପଚାର ତାଙ୍କ ଅନ୍ତରାତ୍ମାକୁ ଦୋହଲେଇ ଦେଇଚି । ଜୀବନସାରା ଦୁଃଖ, ଦାରିଦ୍ର୍ୟ, ଅଭିମାନ, ଅନେକ ସମୟରେ ଅପମାନକୁ ମଧ ଭେଟିଛନ୍ତି । କିନ୍ତୁ କବିତାର ସେ ମୋହନ ମନ୍ତ୍ରରୁ ପଥଚ୍ୟୁତ ହେଇ ନାହାନ୍ତି । ଯେତିକି ଲେଖିଛନ୍ତି, ଯାହାବି ଲେଖିଛନ୍ତି ତାହା ଗୋଟାଏ ଯୁଗକୁ ହାତ ବଢ଼େଇ ରହିଛି ଓଡ଼ିଆ ସାହିତ୍ୟରେ । ସେ କାବ୍ୟିକ ଦୃଟେଭିଂଗୀବିରଳ । ଅନନ୍ୟ ହୋଇ ପ୍ରତିଭାତ ରହିଛି । ସେ କହିଥିଲେ ନା ''ଗିରିଶିଖେ ଲୟ ରଖି ଚାଲିବି ମୁକର'' ଜୀବନର ଚଲାପଥରେ ସେ ଚାଲିଚାଲି ହାଲିଆ ହୋଇ ପଡ଼ିଛନ୍ତି । ଶ୍ୟାମଶସୀ ନବଦୁର୍ବାଦଳ ଲତା ଓ ତରୁରାଜି ଦୂରେଇ ଯାଇ କେବଳ ଶୁଷ୍କ ମରୁଭୂମିର ଦୃଶ୍ୟ ପଟଟିଏ ରଖିଦେଇଛନ୍ତି । ସେଠି ଫୁଲ ଓ ଫଳର ପ୍ରତିଶ୍ରୁତି କାହିଁ ? ଯାହାକୁ ସେ ସୁନୀଳ ସୁନ୍ଦର ପାର୍ବତ୍ୟ ଭୂମି ରୂପେ ପରିକଳ୍ପନା କରିଥିଲେ, ଚକ୍ରବାଳରେ ଦେଖୁଥିଲେ ସୁନ୍ଦର ତାରକାପଣ୍ଡ ସେସବୁ ଅନ୍ତର୍ହିତ ହୋଇ ଯାଇ କେବଳ ମରୀଚିକାର ମାୟା ସୃଷ୍ଟି କରୁଥିଲା । ସେହି ଗିରିଶିଖର ହେଉଛି ତାଙ୍କ ଜୀବନର ଲକ୍ଷ୍ୟପଥର ଶେଷପ୍ରାନ୍ତ । କିନ୍ତୁ ସେ ଯେପରି ତାଙ୍କ ପାଦ ଦୁଇଟିକୁ ଜୀବନ ଯାତ୍ରା ପଥରେ ପ୍ରଚଣ୍ଡ ବାଲୁକା ରାଶି ମଧରେ ଛନ୍ଦି ହୋଇ ଯାଉଥିବା ଅନୁଭବ କରୁଛନ୍ତି । ପଥ ଏତେ ବିଷମ ବୋଲି ସେ ମୂଳରୁ ଭାବି ନଥିଲେ । ଏବେ ଅନୁଭବ କରୁଛନ୍ତି ଯେପରି ସେଇ ବାଲିପନ୍ତାର ମଧରେ ଗୋଡ଼ ଦୁଇଟି ଅଚଳ ହୋଇଯିବ । ସଖା ସାଥୀ କେହି ପାଖରେ ହାତଧରି ଉଠାଇ ନେବେ ନାହିଁ । ତଥାପି ସେ ଥକିଯିବେ ନାହିଁ ବୋଲି ମନରେ ସାହସ ସଂଚୟ କରନ୍ତି ଲକ୍ଷ୍ୟସ୍ଥଳ ଯେତେ ଦୂରବର୍ତ୍ତୀ ହେଲେ ବି ସେଠି ପହଂଚିବାକୁ ହେବ – ପଛେ ଜୀବନ ଚାଲିଯାଉ କି ଦୁର୍ଗର ଏ ପ୍ରତିବଦ୍ଧତା, କି ଅଟଳ ଏ ଆଶାବାଦ । କାୟା ଅବସନ୍ନ ହୋଇଗଲେ ସେ ଗିରିଛାୟାକୁ ଆଶ୍ରାକରି ଶୋଇଯିବେ – ହୃଦୟର ସମସ୍ତ ଯନ୍ତ୍ରଣାକୁ ତାରକିତ ଗିରିଶିଖ ଆଗରେ ପ୍ରକାଶ କରିବେ । ତାହାହିଁ ଯାତ୍ରା ଶେଷରେ ଲକ୍ଷ୍ୟବିନ୍ଦୁ । ହୁଏତ ତାଙ୍କ ପିଣ୍ଡରୁ ଏହିପରି ଅବସ୍ଥାର କେବେ ପ୍ରାଣ ଚାଲିଯିବ । ତଥାପି ସେ ବାଲିପନ୍ତାର ମଧରେ ଗିରି ଶିଖରର ସ୍ୱପ୍ନକୁ କେବେବି ପରିହାର କରିପାରିବେ ନାହିଁ । ଛାର ଶଖାଟିଏ ଯଦି ଚାରୁ ଚନ୍ଦ୍ରିକାର ମୁଗ୍ଧ ହୋଇ ଚନ୍ଦ୍ରମସି ପାଖୁ ଧାଇଁ ଧାଇଁ ଜୀବନ ଦେଇ ପାରିଲା ଓ ଶେଷରେ ସେଇ ଚନ୍ଦ୍ରମସି ଦେହରେ ସ୍ଥାନଟିଏ ପାଇ ପାରିଲା ସେ କାହିଁକି ବ୍ୟଥିତ ହେବେ ଓ ଲକ୍ଷ୍ୟପଥରୁ ବିଚ୍ୟୁତ ହେବେ ? ସେ ଅତୁଳନୀୟ ଶୋଭାକୁ ଦେଖିବାର ଆଶା ମଣିଷ ହୋଇ ସେ କଣ ଛାଡି ଦେଇ ପାରିବେ ? ତେଣୁ ତାଙ୍କ ବିଶ୍ୱାସକୁ ମନ ଓ ହୃଦୟରେ ଜାରିତ କାରି ସେ କହିପାରନ୍ତି – ''ଗଲେ ପଛେ ଯାଉ ଯିବ/ଯାହା ହେବ ଦେଖାଯିବ/ଗିରିଶିଖେ ଲୟରଖି ଚାଲିବି ମୁକର ।'' ଅଦ୍ଭୁତ ଏ ପ୍ରୟାସ, ଅଦ୍ଭୁତ ଏ ଆତ୍ମଶକ୍ତି, ଅଦ୍ଭୁତ ଏ ବ୍ୟକ୍ତିତ୍ୱ ସତେରେ ଅତୁଳନୀୟ ନୁହେଁ କି ?

ପୁଣି 'ପଲକ' କବିତାଟିର ଭାବଧାରାକୁ ଲକ୍ଷ୍ୟ କରନ୍ତୁ । କିଏ ସେ ମନୋରମା ପ୍ରୀତି ପ୍ରତିମା ବେଳେବେଳେ ତାଙ୍କ ଚଲାପଥରେ ସ୍ମୃତି ବତୁରା ଅତୀତକୁ ଧରି ଉଭାହେଉଚି ? ସେ ସମ୍ଭବତଃ ତାଙ୍କ ପତ୍ନୀ, ଯାହା ସହିତ ମାତ୍ର

କେତେ ବର୍ଷର ଜୀବନ ଯାପନ ଥିଲା ତାଙ୍କ ପାଇଁ ରହସ୍ୟାଚ୍ଛନ୍ନ । ସେ ଅନୁଭବ କରନ୍ତି ସେ ରୂପମାଧୁରୀକୁ ସେ ହୁଏତ ଉପଭୋଗ କରିଛନ୍ତି, ସ୍ମୃତିରେ ସେ ଛାଇ ରହିଛି ଯଦିଓ ସ୍ୱପ୍ନ ପରି ଦେଖାଦେଇ ମୁହୂର୍ତ୍ତକେ ଅନ୍ତର୍ଦ୍ଧାନ ହୋଇ ଯାଉଛି । ସେ ଯେପରି ତାଙ୍କ ଜୀବନ ମରୁଭୂମିରେ ମଧ୍ୟେ ମଧ୍ୟେ ବହି ଆସୁଥିବା ଶୀତଳ ପବନ, ଯାହା ଦେହ, ମନ ଓ ପ୍ରାଣକୁ ନିସ୍ନାତ କରିଦିଏ । ସେ ଭାବନ୍ତି –

''କାହୁଁ ଏ ଆଶ୍ୱାସ, କାହୁଁ ଏ ବିଶ୍ୱାସ / କାହର ଏ ରୂପକାନ୍ତି
ଏ ବିଜନ  ସ୍ଥଳେ ପ୍ରାଣେ ଏକାବେଳେ/ଦିଏ ସ୍ନିଗ୍ଧ ଶ୍ରାନ୍ତି ଭ୍ରାନ୍ତି ।''
ଅସରନ୍ତି ପାଟ ଏ ଦୁର୍ଗମ ବାଟ/ଚାହିଁଲେ ବୁଡ଼େ ଚେତନା
କିଏ ବା ଚାଲନ୍ତା ନ ଲଭିଲେ ଏହି/ସ୍ୱର୍ଗୀୟ ସ୍ନେହ ସାନ୍ତ୍ୱନା ।''

ମୂର୍ତ୍ତିମତୀ ହୋଇ ପୂର୍ବପ୍ରୀତି ସ୍ମୃତି ଯଦି ଯାତ୍ରା ପଥରେ ବେଳେବେଳେ  ଦର୍ଶନ ନ ଦିଅନ୍ତା ଏକାକୀ ନିର୍ଜନ ରାସ୍ତାରେ ପରକଟିଏ କଣ ଚାଲି ପାରନ୍ତା ? ସେଇ ସ୍ନେହାର୍ଦ୍ର ପବିତ୍ର ସ୍ମୃତି ହୁଏତ ତାଙ୍କୁ ଶକ୍ତି, ସାହସ ଓ ସାମର୍ଥ୍ୟ ଦିଏ – ତାହା ସତେ ଯେପରି ବିଭୁଙ୍କର ଅପାର କରୁଣା ବୋଲି ମନେ କର୍ମର ଜଂଜାଳ ପଥରେ ସେ ଚାଲିବାକୁ  ଶକ୍ତି  ପାଆନ୍ତି । ତେଣୁ ସେ କାହିଁକି ବ୍ୟର୍ଥ ମନୋରଥ ହୋଇ କର୍ମ ପଥରେ ଘାରିହେବେ । ବିଭୁ ଆଶ୍ୱାସନା ହିଁ ତାଙ୍କର କାମ୍ୟ ।

କବି ଗୋପବଂଧୁଙ୍କ ମନରେ ସବୁବେଳେ ପ୍ରାୟ ଆଶା ନିରାଶାର ଦ୍ୱନ୍ଦ୍ୱ ଲାଗିରହେ । ଅଶାନ୍ତି ଓ ଆବେଗରେ ହୃଦୟ ଆଲୋଡ଼ିତ ହୁଏ । ଜୀବନ ପ୍ରତି ଓ ଭବିତବ୍ୟ ପ୍ରତି ଅବିଶ୍ୱାସ ଆସେ । ସତରେ କଣ ବିଭୁକୃପାର ପାତ୍ର ସେ ହୋଇ ପାରିବେ ? ସେଥିପାଇଁ ତାଙ୍କର ତପସ୍ୟା ଅଛିତ? ପ୍ରକୃତିର ଚାରୁବେଶ ତାଙ୍କୁ  ପ୍ରଲୁବ୍ଧ କରିପାରେନା, ବରଂ ସମଗ୍ର ଜୀବନ ଭୟଂକର ମରୁଭୂମି ପରି ଲାଗେ । ସେ ନୈରାଶ୍ୟ ମଧ୍ୟରେ ଏହିପରି ଛଟପଟ ହେଉଥିଲା ବେଶେ କାହାର ଦିବ୍ୟବାଣୀ ଯେପରି ଶୁଣିବାକୁ ପାଆନ୍ତି ।

''ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ/ନିଜ ଅଭ୍ୟନ୍ତରେ ଦେଖ ଫେଡ଼ିଣ ନୟନ
ହୃଦ କପିଳାସେ ତୋର ବହେ ପ୍ରେମଝର/ବିଜେ କରିଛନ୍ତି ତହିଁ ସ୍ୱୟମ୍ଭୁ ଶଙ୍କର ।
ଉଜାଗର ରହି କର ତାଙ୍କ ପ୍ରିୟ କର୍ମ/ପାଇବାକୁ ବାଞ୍ଛା ଯେବେ ଶିବରାତ୍ରି ଧର୍ମ ।
ସମସ୍ତ ଜୀବନ କର ଏକ ଶିବରାତ୍ରି/ ଅନ୍ଧାରେ ନ ହୁଡ଼ ପଥ ହେ ସୁରଥ ଯାତ୍ରି ।
(ଶିବରାତ୍ରି– ଅବକାଶ ଚିନ୍ତା ପୃ ୮୬)

ଏପରି ଦୈବୀ ଭାବନାରେ ମନରୁ ସବୁ ହତାଶା ଭାବ ଦୂର ହୋଇଯାଏ । ସମଗ୍ର ଜୀବନକୁ ସେ ଗୋଟିଏ ଶିବରାତ୍ରି ଭାବେ ପରିକଳ୍ପନା କରି ନିଜକୁ ସେଇ ଦେବତାଙ୍କ ଇଚ୍ଛା ପାଖରେ ସମର୍ପଣ କରି ଆନନ୍ଦ ଅନୁଭବ କରନ୍ତି ।

କଟକ ସହର, ଏହାର ପ୍ରାଚୀନତା, ଐତିହ୍ୟ ଓ ପରଂପରାକୁ ନେଇ 'କଟକର ଶିଳା ସେତୁ', ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ', 'ବାଲିଯାତ୍ରା ସନ୍ଧ୍ୟାରେ ମହାନଦୀ ତୀରେ' ଏହିପରି ତିନୋଟି କବିତା ରଚିତ । ଏ କବିତା ଗୁଡ଼ିକୁ ଜାତୀୟତାବାଦୀ, ଦେଶପ୍ରେମ କବିତା ଭାବେ ଗ୍ରହଣ କରାଯିବ । ଏପରି କବିତା ରଚନାର ଧାରା କବିବର ରାଧାନାଥଙ୍କ ଠାରୁ ଆରମ୍ଭ ହୋଇଥିଲା ଓ ସତ୍ୟବାଦୀର ଏଇ କବି ଥିଲେ ସେ ଧାରାର ଯଥାର୍ଥ ଉତ୍ତର ଦାୟାଦ । ଏ କବିତାର ମର୍ମବାଣୀ ହେଲା ଓଡ଼ିଶାର ଅତୀତ ଗୌରବ  ପାଇଁ ଅନୁଶୋଚନା, ବର୍ତ୍ତମାନର ଦୁରବସ୍ଥାରେ ଅଯୁତର୍ପଣ ଓ ଭବିଷ୍ୟତ ପାଇଁ ଆଶାନ୍ୱିତ ଆହ୍ୱାନ । ରାଧାନାଥ ଯେଉଁ ଆଶାନ୍ୱିତ ଆହ୍ୱାନ ତାଙ୍କ 'ଚିଲିକା' ଖଣ୍ଡ କାବ୍ୟରେ ବା 'ଶିବାଜୀଙ୍କ

ଉତ୍ସାହ ଭକ୍ତି'ରେ ଦେଉଥିଲେ ତାହା ଓଡ଼ିଆ ଠାରୁ ସମଗ୍ର ଦେଶର ଭାଗ୍ୟ ଓ ଭଗୋଳକୁ ଆବୋରି ବସିଥିଲା । ଦେଶର ଭବିଷ୍ୟତ ପାଇଁ ରାଧାନାଥ କେବେବି ବିଭୁକୃପାର ଭିକ୍ଷା କରି ନ ଥିଲେ । କିନ୍ତୁ ଗୋପବଂଧୁ ସମ୍ଭବତଃ ସେପରି କିଛି ଆଶା ଓ ସମ୍ଭାବନାର ସୂଚନା ନ ପାଇ ମହାକାଳ (ସମୟ) ହାତରେ ଉତ୍କଳର ଭବିଷ୍ୟତକୁ ଛାଡ଼ି ଦେଇ କାରୁଣ୍ୟ କରିଛନ୍ତି । ତେଣୁ ମହାବଳୀ  ମହାକଳଙ୍କ ପାଖରେ ଆକୁତି ବାଢ଼ିଛନ୍ତି –

''ହୋଇଅଛି ଶାସ୍ତି କଷଣ ଅପାର/ନ କର ଅଧିକ ଆଉ ଛାରଖାର
ଏଣିକି କରୁଣା ଅଟଇ ବିହିତ/ସାଧ ନବଯୁଗେ ଉତ୍କଳରହିତ ।
ଉତ୍କଳ ତନୟେ ଦିଅ ନବବଳ/ଉତ୍କଳ ପାଦପେ ରସମୟ ଫଳ,
ଉତ୍କଳ–ସରିତେ ପବିତ୍ର ଜୀବନ/ ଉତ୍କଳ କାନନେ ସ୍ୱର୍ଗୀୟ ସୁମନ,
ଉତ୍କଳ ଆକାଶେ ନବ ଯଶଃରବି/ ଉତ୍କଳ ପ୍ରକୃତି ଧରୁ ନବ ଛବି ।''
('ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ' – ଅବକାଶ ଚିନ୍ତା ପୃ. ୪୫)

ସେହିପରି 'ବାଲିଯାତ୍ରା ସନ୍ଧ୍ୟାରେ ମହାନଦୀ ତୀରେ' କବିତାରେ ପ୍ରଭୁ ଚନ୍ଦ୍ରମସିଙ୍କୁ ପ୍ରାର୍ଥନା କରି କବି ଉତ୍କଳର ଦୁର୍ଦ୍ଦଶା ଦୂରକରିବାକୁ  ଅନୁଯୋଗ କରନ୍ତି । ଏବେ ସଂକୀର୍ତ୍ତନ, ନୃତ୍ୟ ଗୀତରେ ବହୁ ଜନମତ୍ତ ହୋଇଥିଲେ ବି ପୂର୍ବର ଶୁଚିତା ବା ପବିତ୍ରତା ଆଉ ନାହିଁ । ସାତ୍ୱିକତା ପରିବର୍ତ୍ତେ ସବୁଠାରେ ରାଜସିକତା ଓ ତାମସିକତାର ଅତିଚାରରେ  ସମୟ ପ୍ରପୀଡ଼ିତ ହେଉଛି ବୋଲି ତାଙ୍କର ଖେଦ । କାରଣ ଏଇ ବାରବାଟୀ ସନ୍ନିକଟସ୍ଥ ମହାନଦୀ ତୀରରେ ଅତୀତରେ  ତୂରୀ ଭେରୀ, ଶିଙ୍ଘା ଘୋର ଘନ ଘୋଷରେ ଆକାଶ ପବନ ପ୍ରକମ୍ପିତ ହୋଇ ଉଠୁଥିଲା । ଆକ୍ରମଣକାରୀ ଶତ୍ରୁମାନେ ଭୟଭୀତ ହୋଇ ପୃଷ୍ଠଭଂଗ ଦେଉଥିଲେ । ଆଜି କିନ୍ତୁ ଯେଉଁ ସଂଗୀତ ବାଲିଯାତ୍ରା ପଡ଼ିଆରେ ପରିବେଷିତ ହେଉଛି ସେଥିରେ ନା ଅଛି ପ୍ରାଣ ନା ଧର୍ମଭାବ । ସେ ସବୁ ସମୟ କ୍ରମେ ମହାନଦୀ ସ୍ରୋତରେ ଭାସି ଯାଉଛି । କିତୁ ବାରବାଟୀର ଦୁର୍ଦ୍ଦଶା ଲଭି ପୃଥିବୀରେ କେତେ ଜାତି ଓ କେତେ ଦୁର୍ଗ ସେମାନଙ୍କ ସାମରିକ ଶକ୍ତିର ପ୍ରତିଷ୍ଠା କରିଛନ୍ତି । ତେଣୁ ଉତ୍କଳ କାହିଁକି ଆଶାହୀନ ହେବ ? ତାଙ୍କର ଦଇନୀ ଚନ୍ଦ୍ରମସିଙ୍କ ପାଖରେ –

ଢ଼ାଳିଦିଅ ସୁଧାକର ନିତ୍ୟ ସୁଧା ଝରୀ/ଉଠୁ ମହାନଦୀ ବକ୍ଷେ ଉତ୍ତୁଙ୍ଗ ଲହରୀ
ସଂଚରୁ ଏ ସଂକୀର୍ତ୍ତନେ ପବିତ୍ର ଉଚ୍ଛ୍ୱାସ/ କର୍ମବୀର, ଧର୍ମବୀର ହୁଅନ୍ତୁ ପ୍ରକାଶ ।

କଟକରେ ଶିଳା ସେତୁକୁ ଦେଖି ସେହି ଦୁଃଖ ଓ ଖେଦ ତାଙ୍କ ମନରେ ମର୍ମରି ଉଠିଛି । ଚଉଦୁଆର ଦୁର୍ଗ ନଷ୍ଟ ହୋଇଯାଇଛି, ବାରବାଟୀ ଦୁର୍ଗ ଓ ପରିଖା ମାଟିରେ ପୋତି ହୋଇ ପଡ଼ିଛି । ଯବନମାନଙ୍କ ଆକ୍ରମଣରେ, ଗୋଳିଗୋଳାରେ ବାରବାଟୀ ଓ ଚଉଦ୍ୱାର ଏକଦା କଂପି ଉଠୁଥିଲା । ଆମର ପାଇକମାନେ ବହୁସଂଖ୍ୟାରେ ଆତ୍ମଦାନ କଲେ ସିନା କିନ୍ତୁ ଯବନମାନଙ୍କୁ ପୂରେଇ ଦେଇ ନଥିଲେ । କିନ୍ତୁ  କାଳ ସେସବୁ ବୀରତ୍ୱ ଓ ଐଶ୍ୱର୍ଯ୍ୟକୁ ସହି ନ ପାରି ଉତ୍କଳପ୍ରତି ରୋଷାୟିତ ହୋଇ ଉଠିଲା । ସେ ପୂର୍ବଗୌରବର ସାକ୍ଷୀ ବାରବାଟୀ ଦୁର୍ଗର ମୁଖଶାଳା ଓ କଟକର ଶିଳା ସେତୁ ନିଶ୍ଚୟ ସେ ବୀରତ୍ୱର ସ୍ମୃତି ଧରି ରଖିଛି ଓ ତାହା ନବୀନ ଉତ୍କଳବାସୀଙ୍କ ମନ ଓ କାନରେ ନିନାଦିତ ହୋଉଥିବ । ଉତ୍କଳବାସୀ ହରାଇ ବସିଥିବା ଆତ୍ମଜ୍ଞାନକୁ ଫେରିପାଇ ସାଧୁ ଅନୁଷ୍ଠାନରେ ଜୀବନ ବିତାନ୍ତୁ  ଏହାହିଁ ତାଙ୍କର ମହାକାଳ ପାଖରେ ବିନତି ।

ଏ କବିତା ସଂକଳନରେ କବି ଉତ୍କଳର ବହୁ ମହାନ୍ ବ୍ୟକ୍ତିତ୍ୱ, କବି, ପୂର୍ବତନ ରାଜାଙ୍କ ସଂପର୍କରେ ନଅଟି କବିତା ରଚନା କରିଛନ୍ତି, ଯାହା ସନ୍ଥପ୍ରଣତି ଓ ବ୍ୟକ୍ତି ନିରାଜନରେ ଉଜ୍ଜଳ ବର୍ଣ୍ଣା । କବି  ସାରଳାଦାସ, ଭକ୍ତକବି ଜଗନ୍ନାଥ ଦାସ,

ବଳରାମ ଦାସ, ଉପେନ୍ଦ୍ର ଭଂଜ, ସାମନ୍ତ ଚନ୍ଦ୍ର ଶେଖର, ସ୍ୱର୍ଗୀୟ ପଣ୍ଡିତ ହରିହର ଦାଶ, ଗଙ୍ଗବଂଶର ରାଜା ଅନଙ୍ଗ ଭୀମ ଦେବ ଓ ସୂର୍ଯ୍ୟବଂଶର ରାଜା ପୁରୁଷୋତ୍ତମ ଦେବଙ୍କ ସଂପର୍କରେ ତାଙ୍କର କାବ୍ୟ ଉଚ୍ଛ୍ୱାସ ଅନୁଭବ କରିବା କଥା । ଭଂଜକବି ଉପେନ୍ଦ୍ରଙ୍କ ସଂପର୍କରେ ସେ ଯେଉଁ କେତୋଟି ପଙ୍‌କ୍ତି ଲେଖିଦେଇ ଗଲେ ତାହା ଓଡ଼ିଆ ସାହିତ୍ୟ ପାଇଁ ଗୋଟିଏ ଐତିହାସିକ ସନନ୍ଦ ହୋଇ ରହିଗଲା ।

''ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବିଲେ ବୋଲେ ଚଷା, ଅନ୍ତଃପୁରେ ଘୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।''

ସେହିପରି ଋଷିପ୍ରତିମ ରାଜପୁତ୍ର ପଠାଣି ସାମନ୍ତଙ୍କ ସଂପର୍କରେ ତାଙ୍କ ଆକଳନ ଓଡ଼ିଶା ପାଇଁ ଓ ତ୍ୟାଗୀ ସାମନ୍ତ ଚନ୍ଦ୍ରଶେଖରଙ୍କ ପାଇଁ ମହକ ସ୍ତୁତିବାଣୀ ଭାବେ ବିବେଚିତ ହୋଇଥାଏ –

ଅରଣ୍ୟ ନିବାସୀ ଜ୍ଞାନ ଅଭିଳାଷୀ
ମୁନି ସମାନ ସରଳ
କେଉଁ ମନ୍ଦଗ୍ରହ ଆବୋରିଛି କହ
ଉତ୍କଳର କର୍ମସ୍ଥଳ ?

ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ'ଫଳିତ ଜ୍ୟୋତିଷ ପାଇଁ ଏକ ମହାନ୍ ଗ୍ରନ୍ଥଭାବେ ଆଜି ବିବେଚିତ ହେଉଛି ଓ ପଞ୍ଜିକାରମାନେ ଏଇ 'ସିଦ୍ଧାନ୍ତ ଦର୍ପଣ'ର ସିଦ୍ଧାନ୍ତକୁ ନେଇ ଗ୍ରହନକ୍ଷତ୍ରର ଗତି ପଥ, ରାଶି ଚକ୍ରର ଗଣନା ଓ ସର୍ବୋପରି ଦେଶପାଇଁ ବିପଦ ଆପଦର ଭାବୀସୂଚନା ନିର୍ଦ୍ଧାରଣ କରୁଛନ୍ତି । ଅଥଚ ତାଙ୍କର ଏହି ମହାନ କୃତିକୁ ପାଗଳର ପ୍ରଳାପ ଭାବେ ଏକଦା ନିର୍ଣ୍ଣୟ କରାଯାଇଥିଲା ଓ ତାଙ୍କୁ ରାଜପ୍ରାସାଦ ଛାଡି ଅରଣ୍ୟ ଜୀବନ ଯାପନ କରିବାକୁ ହୋଇଥିଲା । ମହାମହୋପାଧ୍ୟାୟ ଉପାଧିରେ ସେ ପରେ ଅଳଙ୍କୃତ ହୋଇଥିଲେ ଓ ତା ପଛରେ ଥିଲା ବଙ୍ଗୀୟ ବୈଜ୍ଞାନିକ ଗୁଣଗ୍ରାହୀ ଯୋଗେଶଚନ୍ଦ୍ର ଘୋଷଙ୍କ ଅବଦାନ । ଅଥଚ ପଠାଣିସାମନ୍ତ ଗୋଟିଏ ବାଉଁଶ ନଳୀ ଓ ଦୁଇଖଣ୍ଡି କାଠି ସାହାଯ୍ୟରେ ଜ୍ୟୋତିଷ୍କ ମଣ୍ଡଳୀର ନିର୍ଭୁଲ ଗଣନା କରିପାରିଥିଲେ – ଏହା ଓଡ଼ିଶା ଓ ସମଗ୍ର ଭାରତ ପାଇଁ ଥିଲା ବିସ୍ମୟର କାହାଣୀ ।

ବ୍ରାହ୍ମଣ ସମିତି (ହେରାଗୋହିଣୀ ସାହି, ପୁରୀ) ଛାତ୍ରାବାସରେ ରହୁଥିବା ସ୍ନାତକମାନଙ୍କ ଉଦ୍ଦେଶ୍ୟରେ ଏକଦା କବି ଯେଉଁ ଉଦ୍‌ବୋଧନ ବାଣୀ କବିତା ଆକାରରେ ଶୁଣାଇଥିଲେ ତାହା ଏକ ଉଚ୍ଚାଙ୍ଗ କବିତାର ନିଦର୍ଶନ ହୋଇ ରହିଯାଇଛି । ସେଥିରେ ଜାତିପ୍ରାଣତାର ସ୍ପନ୍ଦନ ସହିତ ମିଶିରହିଛି ମହାମାନବତାର ଲଳିତ ସଂଗୀତ ସେ ବ୍ରାହ୍ମଣ ଯୁବକମାନଙ୍କୁ ଦେଶାଭିମୁଖୀ ହେବାକୁ ଉର୍ଜସ୍ୱଳ ଆହ୍ୱାନ ଦେଇ କହିଛନ୍ତି –

''ଜାତୀୟତା ପୋତେ ଜୀବନ ବୋଇତ / ଯୋଡ଼ିବାତ ପ୍ରତି ଜନର ବିହିତ
ପଡ଼ିବ ହେବାକୁ ଏ ତୋଫାନେ ପାରି / ହେବଟିକି ଭାଇ ପାରଗ କାଣ୍ଡାରୀ ?''
ସେହିପରି ବଳ କର ଅରଜନ/ଆଗହୁଁ ଯେପରି କର ଆୟୋଜନ
ଭାରତ ବାସୀର ଧର୍ମବଳ ସାର / ଧର୍ମବିନା ଆଜି ଏଡ଼େ ଛାରଖାର ।''

କର୍ମଫଳରେ ଅନାସକ୍ତି ଓ ଧର୍ମରେ ଦିବ୍ୟମତି ରଖିବାକୁ କିଶୋର ଓ ଯୁବକମାନଙ୍କୁ ତାଙ୍କର ଉଦ୍‌ବୋଧନ ଥିଲା ଖୁବ୍ ସମୟୋପଯୋଗୀ । ଜାତି ଅଭିମାନ ଛାଡ଼ି ''ପ୍ରେମେ ଆଲିଙ୍ଗନ କର ସର୍ବଜନେ'' ପରି ଯେଉଁ ମହତ୍ତ୍ୱପୂର୍ଣ୍ଣ କଥା ସେ କହିଥିଲେ ପରେ ଜାତିର ପିତା ତାଙ୍କ 'ହରିଜନ' ଆନ୍ଦୋଳନରେ ତାକୁ ପ୍ରତିଫଳିତ କରିଯାଇଛନ୍ତି । ସେତେବେଳକୁ କିନ୍ତୁ ଗୋପବଂଧୁ ଆଉ ଜୀବଦଶାରେ ନ ଥିଲେ । ସତ୍ୟ, ଶମ, ଦମ, ଶୌଚ ଓ ତିତିକ୍ଷା ବ୍ରାହ୍ମଣ ଜାତିର କୁଳଦୀକ୍ଷା ହେଉ ବୋଲି କେବଳ ଗୋପବଂଧୁଙ୍କ ପରି ମହାମାନବ ହିଁ ଉଚ୍ଚାରଣ କରିପାରିବେ । କେବଳ ଉଚ୍ଚାରଣ ନୁହେଁ ଜୀବନରେ ତାର ପରୀକ୍ଷା ସେ ମୃତ୍ୟୁପର୍ଯ୍ୟନ୍ତ, କରିଯାଇଛନ୍ତି ଅବିଚଳିତ ଭାବେ । ଏଇ କବିତାରେ ସେ ହିନ୍ଦୁମାନଙ୍କ ପାଇଁ ଯେଉଁ ଆର୍ଷବାଣୀ ଶୁଣାଇଛନ୍ତି ତାହା ତାଙ୍କ ଆଦର୍ଶ ବ୍ୟକ୍ତିତ୍ୱର ପରୀକ୍ଷା ଓ ପରାକାଷ୍ଠା ହୋଇ ରହିଯାଇଛି । ସ୍ନାତକମାନଙ୍କୁ ତାଙ୍କର ଏ କବିତାରେ ଶେଷ ଉଦ୍‌ବୋଧନ ଥିଲା –

''ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।
ସର୍ବେ ଆମ୍ଭେ ଏକ ଈଶ୍ୱର ସନ୍ତାନ
ସାଧ ବିଶ୍ୱହିତ ତେଜି ଅଭିମାନ ।''

ସେ କେବଳ ଓଡ଼ିଶାର ବା ଭାରତର ନଥିଲେ, ସେଥିଲେ ସମଗ୍ର ମାନବ ସମାଜର ପରମ ପୂଜନୀୟ ବ୍ୟକ୍ତିତ୍ୱ । କବି ଭୀମଭୋଇଙ୍କ ପରି ସେ ସମଗ୍ର ଜଗତ ଓ ମାନବ ସମାଜ ପାଇଁ ହିଁ ଶୋଚନା କରିଥିଲେ । ତାଙ୍କ କବିତାରେ ବିଶ୍ୱପ୍ରାଣତାର ଏହି ପ୍ରତିଧ୍ୱନି ଭୀମ ଭୋଇଙ୍କ ପ୍ରାଣର ବାଣୀ ସମକକ୍ଷ ହେବ ନିଶ୍ଚୟ ।୧।

କାବ୍ୟିକତା, ଶିଳ୍ପକଳା ଓ ଭାବଭୂମି ଦୃଷ୍ଟିରୁ ଆଉ ଦୁଇଗୋଟି କବିତା ସଂପର୍କରେ ଆଲୋଚନା କରି 'ଅବକାଶଚିନ୍ତା' ଆକଳନକୁ ସମାପ୍ତ କରିବାକୁ ହେବ । 'ଚିଲିକା' ଓଡ଼ିଶାର ଦୁଇବିଶିଷ୍ଟ କବିଙ୍କୁ ଏତେ ଆକୃଷ୍ଟ କରିଥିବାର ମର୍ମବାଣୀ କ'ଣ ? ରାଧାନାଥ ଏ ହ୍ରଦକୁ ପ୍ରଥମଥର ପାଇଁ କବିତା ରାଜାରେ ବ୍ୟକ୍ତିତ୍ୱ ପ୍ରଦାନ କରିଥିଲେ । ଚିଲିକା ତାଙ୍କ ପାଇଁ ଲୁଣିଆଁ ପାଣିର ହ୍ରଦଟି, ମାତ୍ର ନ ହୋଇପ୍ରିୟ ସଖି, ଅଂଶହର, ବିପ୍ଳବିଣୀ ଓ ମାତୃକଳ୍ପା ସତ୍ତାଟିଏ ଭାବେ ଦେଖା ଦେଇଥିଲା । ତା ଆଗରେ ସେ ତାଙ୍କ ନିଭୃତ ମନର ନାନା କଥା ଖୋଲିଦେଇ ଖୁବ୍ ଆଶ୍ୱସ୍ତି ଅନୁଭବ କରିଥିଲେ । ଏପରିକି ତାର ପଶ୍ଚିମ ତୀରରେ ତାଙ୍କ ଉତ୍ତର ଜୀବନ ଯାପନ କରିବାକୁ ପ୍ରୟାସ ରଖିଥିଲେ । ଗୋପବଂଧୁ କିନ୍ତୁ ଚିଲିକା କୂଳରେ ବସି ତାକୁ ଉପଭୋଗ କରିବାକୁ ସମୟ ପାଇନାହାନ୍ତି । ରେଲଗାଡ଼ିରେ ଯାଉଥିବା ଅବସ୍ଥାରେ ତାର ଭାସମାନ ଓ ଧାବମାନ ଚିତ୍ରପଟ ମାତ୍ର ତାଙ୍କ ଆଖିରେ ଯାହା ଧରା ଦେଇଛି । ସେ ବ୍ୟଥିତ ହୋଇ କହିଛନ୍ତି –

''ଦୂରେ ଘେନିଯାଏ ନିଦାରୁଣ ଯାନ/ଆସେ ପୁଣି ତରୁ ଶିଳା ବ୍ୟବଧାନ ।
ନିମିଷେ ଲୁଚାଏ ନିମିଷେ ଦେଖାଏ/ସ୍ୱପ୍ନ ଲଭ୍ୟ ପ୍ରିୟ ପ୍ରତିମା ପରାଏ ।''

ସେ ରାଧାନାଥଙ୍କୁ ଯଥାର୍ଥତଃ ସ୍ମରଣ କରିଛନ୍ତି ଯେକି ଭାରତର ବିଭିନ୍ନ ସ୍ଥାନ ପରିଭ୍ରମଣ କରି କୃତିର ଭୀମ ଓ ଭୟଂକର ଅନେକ ରୂପ ଦେଖିଲା ପରେ ଚିଲିକାରେହିଁ ତାଙ୍କ ଶୋଭାଲୁବ୍ଧ ମନ ପରମ ତୃପ୍ତି ଲାଭ କରିଥିଲା । ତେଣୁ ସେ କହିଥିଲେ – ''ଗୁରୁପ୍ରାୟେ ତାଙ୍କୁ ଦୂରୁକରି ଭୀତି / ସଖୀପ୍ରାୟେ ତୋତେ ସ୍ମରୁଥିଲି ନିତି । ଦୃଷ୍ଟ ପୂର୍ବ ହୋଇ ଅଦୃଷ୍ଟ

।୧। ''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ/ଦେଖି ଦେଖି କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ/ ଜଗତ ଉଦ୍ଧାରହେଉ ।'' – ଭୀମ ଭୋଇ–

ପ୍ରତୀତି/ ସୁନ୍ଦର ପଣର ଚିରନ୍ତନ ନୀତି ।'' ପୁଣି ରାଧାନାଥ ମଧ୍ୟ କହିଥିଲେ ''ସୁନ୍ଦରେ ତୃପ୍ତିରେ ଅବଶାଦ ନାହିଁ / ଯେତେତେ ଦେଖୁଥିଲେ ନୂଆ ଦିଶୁଥାଇ ।'' ଗୋପବଂଧୁ ମଧ୍ୟ ସେଇ ଭାବନାରେ ଉଦ୍‌ବୁଦ୍ଧ ହୋଇ କହିଛନ୍ତି –

''ନିରନ୍ତର ଲୋଡେ ସୌନ୍ଦର୍ଯ୍ୟ ବ୍ୟାକୁଳେ/ତେଣୁ ଭାବୁଥିଲି ଆସି ତୋର କୂଳେ,
ଦେଖିବି ତୋ ଶୋଭା ଦିନେ ନିକଞ୍ଚନେ/କର୍ମ ବନ୍ଦେ ଥିଲା ମନକଥା ମନେ,
ଏତେ କାଳ ଅନ୍ତେ ପଡିଥିଲା ଯୋଗ/ଆହା ସେ ସୁଯୋଗ ହେଲାନାହିଁ ଭୋଗ ।''

ଉଭୟ କବି ଚିଲିକା ସହିତ ଉତ୍କଳର ଗୌରବ ବହୁ ଅତୀତକୁ ସଂଯୋଗ କରି ବେଶ୍ କିଛି କ୍ଷୋଭ ପ୍ରକାଶ କରିଛନ୍ତି । ଉତ୍କଳର ସାମୂହିକ ଦୁର୍ଗତି ଦେଖି ଜଣେ କବି ଦେବୀ ବୀଣାପାଣିଙ୍କ କୃପାକଣା କଥା ଉଲ୍ଲେଖ କଲାବେଳେ ଆଉଜଣେ କବି ପ୍ରଭୁ ଜଗତର ଈଶ୍ୱର ଜଗନ୍ନାଥଙ୍କ କଥା ଉଲ୍ଲେଖ କରିଛନ୍ତି । ଆର୍ଯ୍ୟ ଧର୍ମକ୍ଷେତ୍ର ନୀଳାଚଳ ଆଜି ତାର ସମସ୍ତ ଧର୍ମବଳକୁ ହରାଇ ବସିଛି ବୋଲି ଶୋକ କରିଛନ୍ତି । ରାଧାନାଥଙ୍କ 'ମହାଯାତ୍ରା' କାବ୍ୟରେ ପାଣ୍ଡବମାନଙ୍କୁ ସହ୍ୟାଦ୍ରି ଶିଖରକୁ ନେଇ ଅଗ୍ନି ଭବିଷ୍ୟତ ଭାରତର ଯେଉଁ ଦୁର୍ଗତି ଚିତ୍ର ଦେଖାଇଥିଲେ ଓ କହିଥିଲେ –

''ସେହି ଦେଶ, ସେହି ଗରି, ସେହି ନଦନଦୀ
ନଗର, ନଗର, ତୀର୍ଥ, ଆଶ୍ରାମାଦି କରି
ସର୍ବେ ଥିବେ ପୂର୍ବପରି, ମାନବେ କେବଳ
ନାମକୁ ମାନବ ରହି ପଶୁଠାରୁ ହୀନ
ହୋଇଯିବେ ଯୁଗଧର୍ମେ ଭାରତ ମଣ୍ଡଳେ ।''

(ମହାଯାତ୍ରା – ୪ର୍ଥ ସର୍ଗ ଶେଷ ଚାରି ପଙ୍‌କ୍ତି)

ସମ୍ଭବତଃ ସେହି ଦୁର୍ଭାଗ୍ୟର ଚିତ୍ରକୁ ଉତ୍କଳଠାରେ ଆରୋପ କରି ଚିଲିକାକୁ ସାକ୍ଷୀରଖି ଗୋପବଂଧୁ ଏହି ''ରେଲ ଉପରେ ଚିଲିକା ଦର୍ଶନ'' କବିତାର କହିଛନ୍ତି –

''ଅଛି ସେହି ଗିରି ଅଛି ସେ ବିପିନ / ଅଛି ତୋର ଶିଳା ସୁଦୃଢ଼ ପୁଳିନ
କିଂତୁ ନାହିଁ ଆହା ଏବେ ସେ ବୀରତା / ଓଡ଼ିଆ ଜାତିର ପୂର୍ବ ଜାତୀୟତା ।''

ଗୋପବନ୍ଧୁ ଯେ ବହୁସ୍ଥାନରେ ରାଧାନାଥଙ୍କ ଦେଶାତ୍ମବୋଧକ ଭାବନାରେ ପ୍ରଭାବିତ ଏଥିରେ ମତଦ୍ୱୈଧ ଥାଇ ନ ପାରେ । ମୋର କହିବାରେ କୁଣ୍ଠା ନାହିଁ ଯେ ଏସବୁ ଭାବନାର ଆହରଣ ସତ୍ତ୍ୱେ ଗୋପବନ୍ଧୁଙ୍କ କବିତାର ଓଜ ଓ ଦୀପ୍ତି ମଳିନ ହୋଇନାହିଁ । ବରଂ ଅବକାଶ ଚିନ୍ତାର କବିତାଗୁଡ଼ିକ ତାଙ୍କ କାବ୍ୟ ଚେତନାର ମୁକୁର ହୋଇ ରହିଛି ତାଙ୍କର 'ଅନାଥ କଳିକା' ଓ କୋକିଳ କବିତା ଦୁଇଟି ଚମତ୍କାର ପ୍ରତୀକବାଦୀ କବିତା ଠିକ୍ ଯେଉଁପରି ତାଙ୍କର 'ଗ୍ରୀଷ୍ମେ ଖୁଣ୍ଟାଗଛ' କବିତା । ଖୁଣ୍ଟାଗଛଟି ବର୍ତ୍ତମାନ ବାର୍ଦ୍ଧକ୍ୟଗ୍ରସ୍ତ, ତେଣୁ କଙ୍କାଳ ସାର ଓ ସବୁଜ ପତ୍ର ରହିତ । କିନ୍ତୁ ତାର ଥିଲା ଦିନେ ଏକ ରମଣୀୟ ଯୌବନ ଯାହାକୁ ଦେଖି ସମସ୍ତେ ମୁଗ୍ଧ ହେଉଥିଲେ । ଶୀତଳ ଛାୟା ସହିତ ସୁନ୍ଦର ଫୁଲ ଓ ପକ୍ୱଫଳ ହୁଏତ ଗଛଟି ଦେଉଥିଲା । ଏବେ କିନ୍ତୁ ସେ ବୃକ୍ଷଟି ବଶ୍ୟ ଆଶ୍ରମର ବୃଦ୍ଧ ଯତିଟିଏ ପରି । ଯତି ଯେପରି ପରମବ୍ରହ୍ମରେ ଚିତ୍ତ ନିବେଶ କରି ତପସ୍ୟାରତ ଥାନ୍ତି କିନ୍ତୁ ଯୁବକାଳରେ ସେ ସଂସାରର କେତେ ମଙ୍ଗଳ କାମନା କରିଥିଲେ, ବୃକ୍ଷଟି ସେହି ପରି ଖରାବର୍ଷାରେ ଜୀର୍ଣ୍ଣ ଓ ପାପରା ହୋଇଯିବା ପୂର୍ବରୁ ଉପରକୁ ଚାହିଁ କିଛି ମହତ ଉଦ୍ଦେଶ୍ୟରେ ସମ୍ଭବତଃ ତପସ୍ୟାରତ ଅଛି । ସୂର୍ଯ୍ୟ ତାପର ପ୍ରଭାବ ତାକୁ ବିବ୍ରତ କରୁନାହିଁ । ସତେ ଯେପରି ବୃଦ୍ଧ ଯଦି ଜଣେ ନିଜର ଚତୁର୍ଦ୍ଦିଗରେ ଦାବାଗ୍ନି

ପ୍ରଜ୍ୱଳନ କରି ଅନଳକୁଣ୍ଡ ପାଖରେ ତପସ୍ୟାରତ ଅଛନ୍ତି । ତା' ଶରୀର ଏବେ କଙ୍କଯୋଗୀଙ୍କ ଶରୀର ପରି କ୍ଷୁଧା ତୃଷା ବିରହିତ । ରୁଧିର ଆଉ ନାହିଁ, ଅଛି କେବଳ ଅସ୍ଥି ଓ ଚର୍ମ । ତପସ୍ୟାର ପ୍ରଭାବରେ ଉପରକୁ ମଥାଟେକି ରହିଛି ବୃକ୍ଷଟି, ତାକୁ କୌଣସି ବ୍ୟଥା ଲାଗୁନାହିଁ । ଉତ୍ତାପ ବାଧୁ ନାହିଁ । ଗୋବଂଧୁ ଯଦି ଫକୀର ମୋହନଙ୍କ 'ମୁଣ୍ଡା ସାହାଡ଼ା ଗଛ' କବିତା ପରି ନିଜ ବ୍ୟକ୍ତିଗତ ଜୀବନକୁ ଏ କବିତାରେ ପ୍ରତିଫଳିତ କରିଥାନ୍ତେ ତେବେ ଏହା ବ୍ୟକ୍ତିଗତ ପ୍ରତୀକବାଦର ଚମତ୍କାର ଦୃଷ୍ଟାନ୍ତ ହୋଇ ରହିଥାନ୍ତା । ଏ କବିତାଟି ପ୍ରତୀକବାଦୀ କବିତା ନିଶ୍ଚୟ କିନ୍ତୁ ତାହା ମୁନିରଷି ମାନଙ୍କ ପ୍ରତୀକତା କରୁଛି । ସେ ସ୍ମରଣକୁ ଆଣି କହିଛନ୍ତି –

> ''ପଡ଼ଇ ସ୍ମୃତିପଟେ ଅତୀତ କଥା/ଭାରତର ଗୌରବ ଆଶ୍ରମ ପ୍ରଥା ।
> ସମାଜ ସୁରକ୍ଷଣେ ଅପୂର୍ବ ବିଧି / କାହିଁଗଲା ଏବେ ସେ ଅମୂଲ୍ୟ ନିଧି ।''

ବର୍ଣମୁଳକର ଆଶ୍ରମ ଓ ଗୃହସ୍ଥାଶ୍ରମ ମଧରେ ଯେଉଁ ତଫାତ୍ ଗୋପବନ୍ଧୁଙ୍କ ବିଚାରରେ ଅତୀତ ଓ ବର୍ତ୍ତମାନ ମଧ୍ୟରେ ସେଇ ତଫାତ୍ । ସେ ସମ୍ଭବତଃ ନିଜ ଜୀବନରେ ଜନହିତର ତପସ୍ୟା ସାଧନ କରିବାକୁ ଯୌବନ କାଳରେ ପତ୍ନୀର ମୃତ୍ୟୁପରେ ଗୃହସ୍ଥାଶ୍ରମକୁ ପୂରାପୁରି ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ତାଙ୍କ ମତରେ ଗୃହସ୍ଥାଶ୍ରମ ଏକ ମାୟା ସଂସାର । ତାହା କେବେବି ମଣିଷକୁ ଅଭିଳଷିତ ଲକ୍ଷ୍ୟପଥରେ ପହଂଚେଇ ପାରିବ ନାହିଁ । ଜୀର୍ଣ୍ଣ ବୃକ୍ଷଟିଏ ପରି ମଣିଷକୁ ସବୁ ସଂପର୍କ ଓ ସମ୍ବନ୍ଧକୁ ପ୍ରତ୍ୟାଖ୍ୟାନ କରି କେବଳ ବିଭୁଲାଭ ଆଶାରେ ବଂଚିବାକୁ ହେବ । 'କୋକିଳ' ନାମକୁ ଆଉ ଏକ କବିତାରେ କବି କହି ରଖିଛନ୍ତି –

> ''ଭାରତ ପ୍ରାଚୀନ ଆର୍ଯ୍ୟ ମୁନିଗଣ ପରି
> ମହାଲକ୍ଷ୍ୟ ସାଧୁ ଗୁପ୍ତେ ସାଧୁରୀତି ଧରି
> ତେଣୁ ତେଜି ଆଡ଼ମ୍ବର
> ଉଚ୍ଚାରୁ ନିଭୃତେ ବସି ଏ ମହାମନ୍ତର ।''

ସେ ମହାପୁରୁଷମାନେ ବନସ୍ଥଳରେ ବସି ପୃଥିବୀ ପାଇଁ ବେଦ ଉପନିଷଦ ପରି ମହାମନ୍ତ୍ର ଲେଖି ଦେଇ ଯାଇଛନ୍ତି, ଯେଉଁ ତତ୍ତ୍ୱ ମହାଭାରତୀୟ ସଂସ୍କୃତି ରୂପରେ ଏବେବି ଆଦୃତ ହେଉଛି । କେହି ବ୍ୟାସଦେବ ଓ ବାଲ୍ମୀକିଙ୍କ ପରି ମହାପୁରୁଷ ଯେଉଁ ମହାଭାରତ, ଗୀତା ଓ ରାମାୟଣ ଲେଖିଦେଇଗଲେ ସେ ସବୁ ଭାରତୀୟ ସଂସ୍କୃତିର ମୂଳପିଣ୍ଡ ଭାବେ ଗୃହୀତ ହୋଇଛି । କୋଇଲି ସେହିପରି କେଉଁ ଆଦିମ କାଳରୁ ତାର ମଧୁର ସଂଗୀତରେ ଜନମାନସକୁ ବିମୋହିତ କରି ଆସୁଚି – ତାକୁ ପ୍ରବୀଣ ବିହଙ୍ଗ ଭାବେ କବି ସମ୍ବୋଧନ କରିଛନ୍ତି । ତାର କ୍ଷୁଦ୍ର ଓ କଦାକାର ଚେହେରା ମହାବ୍ରତ ସାଧନରେ ଅନ୍ତରାୟ ହେଉନାହିଁ । କେଉଁ ଆଦିମ କାଳରୁ ଏ ପକ୍ଷୀଟି ତାର ମଧୁର କୂଜନରେ ସମସ୍ତଙ୍କୁ ଆନନ୍ଦ ଓ ସ୍ୱର୍ଗୀୟ ପ୍ରେରଣା ଦେଇ ଆସିଛି । ସେ କୁଆ ପରି ରାଉ ରାଉ ହେଉନାହିଁ । ରହୁଛି ନିଭୃତରେ, ଗୋପନୀୟ ଭାବେ । ସଂସାର ପ୍ରତି ଆସକ୍ତ ନୁହେଁ ବୋଲିତ କୁଆ ବସାରେ ଡିମଟି ଛାଡ଼ି ଦେଇ ଆସୁଛି । ତାର ମାତୃ ମମତା ନାହିଁ ବୋଲି ନୁହେଁ କିନ୍ତୁ ସନ୍ତାନ ଓ ବାତ୍ସଲ୍ୟ ପ୍ରତି ସେ ଏତେ ମାୟାଚ୍ଛନ୍ନ ନୁହେଁ । ଗୋପବଂଧୁ ଆଶା କରନ୍ତି ଆଧୁନିକ ଯୁବକମାନେ ଏଇମାନଙ୍କ ଆଦର୍ଶରେ ଅନୁବ୍ରତୀ ହୁଅନ୍ତେ, ସଂଯତ ଜୀବନ ଯାପନ କରନ୍ତେ, ପରର ଉପକାର କରନ୍ତେ । କିନ୍ତୁ ଏ ଯୁଗ ପାଇଁ ଏସବୁ ଅରଣ୍ୟ ରୋଦନ ହୋଇଯାଉଛି । ଅଜ୍ଞାନତାର ତିମିର ଭିତରେ ଭାରତର ଯୁବକମାନ ଜାତୀୟମାନ ଅଭିମାନକୁ ଜଳାଂଜଳି ଦେଇ କେବଳ ନିଜର ଭୋଗ ସର୍ବସ୍ୱତାରେ ବିଭୋର ହୋଇ ରହୁଛନ୍ତି ।

ଏବେ 'ଅନାଥ କଳିକା' କବିତା ପାଶୁ ଆସନ୍ତୁ ପାଠକେ–ଆମ ଅଲୋଚନାର ଏହାହିଁ ଶେଷ ପର୍ଯ୍ୟାୟ । କେତେ କେତେ କଳିକା ଓ ଫୁଲ ବୃନ୍ତଚ୍ୟୁତ ହୋଇ ମାଟିରେ ମିଶିଯାଉଛନ୍ତି – ଆମ ଆଖିରେ ସେମାନେ ପଡୁଛନ୍ତି କି ? କିନ୍ତୁ ଦରଦୀ କବିଟିଏର ଦୃଷ୍ଟିଭଙ୍ଗୀ ଅଲଗା । ସେ ଗାଁ ଗହଳର ଅସଂଖ୍ୟ ଅନାଥ ଓ ଦୁଃସ୍ଥ କିଶୋରୀମାନଙ୍କୁ ହୁଏତ ଦେଖେ, ଦେଖେ ମଧ୍ୟ ବଣମଲ୍ଲୀକୁ –ଯେଉଁ ଫୁଲଟି ବଣରେ ଫୁଟିତା ବାସ ଚହଟେଇ ଝଡିଯାଏ । ସେ ଦେବତାଙ୍କ ଶୀର୍ଷରେ ସ୍ଥାନ ପାଏ ନାହିଁ । ସେହିପରି ଗାଁ ଗହଳରେ  କେତେ ଅନାଥ କଳିକା ସଂପୂର୍ଣ୍ଣ ଭାବେ ଯୌବନ ପ୍ରାପ୍ତି ପୂର୍ବରୁ ରୋଗ, ଶୋକ, ଖାଦ୍ୟାଭାବ, ମରୁଡ଼ି ଓ ବନ୍ୟାରେ ଝଡି ଯାଆନ୍ତି ଯେଉଁମାନେ ଗୋପବନ୍ଧୁଙ୍କ ପରି ସୋହାଗୀ କବିଟିଏକୁ ଦୋହଲେଇ ଦିଅନ୍ତି । ତାଙ୍କ ଦୁଃଖରେ କବି ଅଶ୍ରୁବର୍ଷଣ କରେ । ଆବେଗ ଛଳଛଳ ହୋଇ ଲେଖେ କବିତା । ସେ ଜାଣେ ନବୀନ ମଲ୍ଲୀକାର ଜନନୀ ହେଉଛି ପ୍ରକୃତି ରୂପିଣୀ ଛୋଟିଆ ଗୁଳ୍ମଟିଏ । କେତେ ନିରୀହ ସେ ସତେ କବି କୁହନ୍ତି –

''ନବୀନ ମଲ୍ଲିକା ଚାରୁ କୋମଳ କଳିକା
ପ୍ରକୃତି – ଜନନୀ କୋଳେ ସରଳା ବାଳିକା ।''

ନିରିମାଖୀ ଦରିଦ୍ର  ଦୁଃସ୍ଥ ମାଆ କୋଳର ସରଳା କିଶୋରୀଟିଏ ପରି ସେ ମଲ୍ଲିକଢ଼ି । ସେ ପୃଥିବୀର ଦୁଃଖ, ଝଡ଼, ଝଂଜାଘାତ ହୁଏତ ଭୋଗି ନାହିଁ, କାରଣ ଜୀବନର ପ୍ରଭାତକୁ ସେ ଏ ଯାବତ୍ ଅତିକ୍ରମ କରିନାହିଁ । ସେ ଯୁବତୀ ନୁହେଁ ଯେ ତା'ର ଅପାଙ୍ଗରେ ଛଇ ଛଟକ ଭରିଯିବ – ସେ କିଶୋରୀଟିଏ ମାତ୍ର, କିଛି ଜାଣେନାହିଁ । ବୃନ୍ତର ଆସନରେ ମଲ୍ଲିକଢ଼ିଟି ଯେପରି  ମୃଦୁପବନର ଆନ୍ଦୋଳଳିତ ହେଉଥାଏ ସେହିପରି ପଲ୍ଲୀ ପରିବେଶରେ ସୁନ୍ଦରୀ ବାଳିକାଟିଏ ତାର ଶୈଶବ ଏବେ ମଧ୍ୟ ସେ ଅତିକ୍ରମ କରିନାହିଁ । ଯୌବନର ସରସ ଲାବଣ୍ୟ ତାକୁ ଛୁଇଁ ନାହିଁ । ମଲ୍ଲିକଢ଼ିଟି ହୁଏତ ପୂର୍ଣ୍ଣରୂପେ ପ୍ରସ୍ଫୁଟିତ ହୋଇନାହିଁ । ଭ୍ରମରଟି ତା ଚାରିପାଖେ ଉଡି ଉଡ଼ି ଗୁଂଜନ କରେ ସତ, କିନ୍ତୁ ତାକୁ ଛୁଏଁ ନାହିଁ । ଫୁଲଟି ଫୁଟିବା ଯାଏ ଧୈର୍ଯ୍ୟର ସହ ଅପେକ୍ଷା କରେ । ମନରେ କେତେ ସ୍ୱପ୍ନ ଦେଖେ, ଭାବୀ ପ୍ରମୋଦ କଳ୍ପନାରେ ଉଲ୍ଲସିତ ହୁଏ । କିନ୍ତୁ ବସନ୍ତର କୌଣସି ପ୍ରଦୋଷରେ ସେ କଳିଟି ଯେତେବେଳେ ଫୁଲରେ ରୂପାନ୍ତରିତ ହେଲା ତାର ସୌନ୍ଦର୍ଯ୍ୟ ଓ ସୁବାସରେ ଆକୃଷ୍ଟ ହୋଇ ପାନ୍ଥଟିଏ ତାକୁ ତୋଳିନେଲା, ହୁଏତ ଆଘ୍ରାଣ କଲା, ତା'ପରେ ହାତରେ ଦଳି ମାଟିରେ ଫିଙ୍ଗିଦେଲା । ନୀରବରେ ଫୁଲଟିର ଆଖିରୁ ଶିଶିରରୂପୀ ଅଶ୍ରୁ ବୋହିଗଲା, କେତେ ବିଳାପ କଲା ଭ୍ରମର ପାଇଁ, କିନ୍ତୁ ମଣିଷର ପାଷାଣ ହୃଦୟ ତରଳିଲା ନାହିଁ । କିଶୋରୀ ଝିଅଟିଏ ପାଇଁ ମଧ୍ୟ ଏହିପରି ଘଟଣାର ପୁନରାବୃତ୍ତି ହୋଇପାରେ । ବୃନ୍ତରେ ଫୁଟିବା ପୂର୍ବରୁ ମଲ୍ଲକାଟି ବୃନ୍ତଚ୍ୟୁତ ହେଲାପରି କୋମଳ ବାଳିକାଟି ଯୌବନ ପ୍ରାପ୍ତି ପୂର୍ବରୁ କୌଣସି ନୃଶଂସ ଦ୍ୱାରା ଦଳିତ ଓ ଧର୍ଷିତ ହୋଇପାରେ । କଳିକା ହେଉ ବା ବାଳିକା ହେଉ ତା' ପାଇଁ କବିଙ୍କର ଶେଷକଥା ହେଲା –

''ପ୍ରଣୟର ସ୍ଥାନ ନୁହେଁ ଏ ସଂସାର ଏକା
ପ୍ରେମେ ପ୍ରଣୟୀ ସଙ୍ଗତେ ହେବ ସ୍ୱର୍ଗେ ଦେଖା ।
ଏହି ଦିବ୍ୟ  ସାନ୍ତ୍ୱନାରେ ଆଶ୍ୱାସିଣ ମନେ
କ୍ଷଣେ ଏଥି ରହି ଚଳ ଅମର ଭୁବନେ ।''

ଏ କବିତାଟିର କାରୁଣ୍ୟ ଓ ସୌନ୍ଦର୍ଯ୍ୟ କଳ୍ପନାତୀତ । ମଲ୍ଲିକଢ଼ିଟିଏ କିଶୋରୀ ବାଳିକାର ପ୍ରତୀକତା କରୁଛି ଓ ଖୁବ୍ ସାର୍ଥକତାର ସହିତ କବିଙ୍କ ଚେତନାରେ ଏ ଦୁହେଁ ମିଶି ଯାଉଛନ୍ତି ।  ସତେ ଅତୁଳନୀୟ ଏ କବିତା ।

ଶେଷରେ ଗୋବଂଧୁଙ୍କ 'ଅବକାଶ ଚିନ୍ତା' କବିତା ସଂପର୍କରେ ଏତିକି କୁହାଯାଇ ପାରେ ଯେ ଏଥିରେ ଗୋବଂଧୁଙ୍କ ବିଭୁପ୍ରୀତି, ଦେଶାତ୍ମକ ବୋଧ, ଆଧ୍ୟାତ୍ମିକ ଭାବନା ଓ ପ୍ରକୃତିର ଆଲେଖ୍ୟ ଉପ୍ତବୀଜ  ହୋଇ ରହିଛି । ସେ ବୀଜଟିର ହୁଏତ

ଅଙ୍କୁରୋଦ୍‌ଗମ ଘଟିଛି 'ବନ୍ଦୀର ଆତ୍ମକଥା'ରେ ଓ ତାହା ସୁନ୍ଦର ଛନ ଛନିଆ ଗୁଳ୍ମରେ ପରିଣତ ହୋଇଛି 'କାରା କବିତା'ରେ । ଗଛଟି ହୁଏତ ବନସ୍ପତିରେ ପରିଣତ ହୋଇ ପାରିଥାନ୍ତା ଯଦି ସେ ଆଉ କିଛି ବର୍ଷ ବଂଚି ରହିଥା'ନ୍ତେ । ତାଙ୍କର ଅପରିଣତ ବୟସରେ ମୃତ୍ୟୁ ତାଙ୍କ କବିତାର ବିକାଶରେ କେବଳ ବାଧକ ହେଲା ନାହିଁ, ଓଡ଼ିଶାର ଜାତୀୟ ଜୀବନରେ ଯେଉଁ କ୍ଷତ ଓ ଶୂନ୍ୟସ୍ଥାନ ସୃଷ୍ଟିକଲା ତାହା ଆଉ ପୂର୍ଣ୍ଣ ହେବାର ନୁହେଁ ।

**ବନ୍ଦୀର ଆତ୍ମକଥା :-**

ଏକଦା କବି words worth କବିତାର ସଂଜ୍ଞା ନିର୍ଦ୍ଧାରଣ କରିବାକୁ ଯାଇ କହିଥିଲେ – '' Poetry is emotions recalled in tranquility'' ଲେକ୍ କଣ୍ଟ୍ରିର ଅସଂଖ୍ୟ ରୂପ, ପ୍ରାକୃତିକ ଶୋଭା ଓ ସୌନ୍ଦର୍ଯ୍ୟ ବିଶେଷତଃ ପ୍ରାଣତମା Lucyର ସ୍ମୃତି ଏଇ ରୋମାଣ୍ଟିକ୍ କବିଙ୍କୁ ଏତେ ବେଶୀ ଆଚ୍ଛନ୍ନ କରିଥିଲା ଯେ କବି ତାଙ୍କର ନୀରବ ମୁହୂର୍ତ୍ତରେ ସେମାନଙ୍କୁ ମନ ପକାଇ କବିତା ଲେଖୁଥିଲେ । ଫଳରେ ଆବେଗର ଆତିଶଯ୍ୟରେ ଭାସି ନ ଯାଇ ଯୁକ୍ତିମତ୍ତା ଓ ଆନୁପାତିକତାରେ କବିତାଗୁଡ଼ିକ ଜାରିତ ହୋଇ ପାଠକଙ୍କ ମୁଗ୍ଧ କରୁଥିଲା । କବି ଗୋପବଂଧୁଙ୍କ ସଂପର୍କରେ ଏଇ ସତ୍ୟ ତାଙ୍କ 'ବନ୍ଦୀର ଆତ୍ମକଥା' କବିତା ବନ୍ଦୀରେ ପ୍ରତିପାଦିତ ହୋଇଥିବା ଲକ୍ଷ୍ୟ କରାଯିବ । ୧୯୨୩ ମସିହା ଜାନୁୟାରୀ ତା ୨୩ ରିଖରେ ଯେତେବେଳେ ତାଙ୍କୁ ରାଜଦ୍ରୋହୀ ଭାବେ ସାବ୍ୟସ୍ତ କରି କଟକ ଜେଲରୁ ବିହାରର ହଜାରିବାଗ ଜେଲକୁ ନିଆ ଆହୁରି ଦେଢ଼ବର୍ଷ ପାଇଁ ବନ୍ଦୀଜୀବନ ଯାପନ କରିବାକୁ ନିଆଗଲା ତାଙ୍କର ଅତିପ୍ରିୟ ଓଡ଼ିଶା ଠାରୁ ତାଙ୍କୁ ବିଚ୍ଛିନ୍ନ କରି ନିଆଯାଉଥିବାର ଦୁଃଖରେ ସେ ମ୍ରିୟମାଣ ହୋଇ ପଡୁଥିଲେ ଓ ପ୍ରିୟଜନମାନଙ୍କର ସ୍ମୃତି ତାଙ୍କୁ ଖୁବ୍ ବ୍ୟଥିତ କରୁଥିଲା । ସେହି ବ୍ୟଥା ଓ ବେଦନାରେ କବି ପ୍ରାଣରେ ଯେଉଁ କରୁଣ ମଧୁର ଅନୁଭୂତି ସମୂହ ପ୍ରାଣବନ୍ତ ହୋଇ ଉଠିଥିଲା ତାହାରି କାବ୍ୟ ରୂପ 'ବନ୍ଦୀର ଆତ୍ମକଥା' । ଏଇ କବିତାଗୁଡ଼ିକ ପାଠକଲେ ମନେହେବ ସତେଅବା ସେଇ ଅବସ୍ଥାରେ ରେଳଗାଡ଼ିରେ ହିଁ ଏ କବିତାଗୁଡ଼ିକ ଲେଖାଯାଇଛି । କାରଣ ସ୍ଥାନୀୟ ବାତାବରଣ ଓ ଘଟଣା ପ୍ରବାହର ଅନ୍ତରଙ୍ଗ ଅନୁଭୂତିରେ ଏ କବିତାଗୁଡ଼ିକ ଏତେ ବେଶୀ ଆବେଗ ପ୍ରବଣ ଯେ ତାହା ତାତ୍‌କ୍ଷଣିକ ନ ହୋଇଥିଲେ ଏତେ ପ୍ରାଣସ୍ପର୍ଶୀ ହୋଇ ପାରି ନ ଥାନ୍ତା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏ କବିତାଗୁଡ଼ିକର କେତେକାଂଶ କଟକ ଜେଲରେ ଓ ଅବଶିଷ୍ଟ ଅର୍ଦ୍ଧାଧିକ ଭାଗ ହଜାରିବାଗ ଜେଲରେ ପହଂଚିବାର ଦଶ ପନ୍ଦରଦିନ ଭିତରେ ରଚିତ ହୋଇଥିବା ସମ୍ଭାବନା ଅଧିକ । ପ୍ରଥମ ଚାରୋଟି ଅନୁଚ୍ଛେଦ (ପୃ୧ରୁ ପୃ ୧୦) ସେପ୍ଟେମ୍ବର-ଅକ୍ଟୋବର ୧୯୨୩ର ରଚନା । ଏତେବେଳେ କବି ଥିଲେ କଟକ ଜେଲରେ ।୨। ଅବଶ୍ୟ ତାହା ସ୍ମୃତି ଓ ଅନୁଭୂତି ଏସବୁ କାବ୍ୟ ଚେତନାର ମୂଳଉତ୍ସ । କିନ୍ତୁ ପୁଣିଥରେ କବି words worthଙ୍କ କହିଥିବା କଥାକୁ ସ୍ମରଣକରି କହିବାକୁ ହେଉଛି ଯେ ଭାଗାବେଗ ଦ୍ୱାରା କବଳିତ ନ ହୋଇ ତହିଁରୁ ଯେ କବି ଗୋପବନ୍ଧୁ ଉତ୍ତୁରି ଯାଇଛନ୍ତି ଓ ସମସାୟିକ ତଥା ଭବିଷ୍ୟତର ସମସ୍ୟାବଳୀକୁ ଅତି ସୁନ୍ଦର ଓ ସାବଲୀଳ ଢ଼ଙ୍ଗରେ କାବ୍ୟରୂପ ଦେଇଛନ୍ତି ଏହା ଏକ ଅସାଧାରଣ କାବ୍ୟ-ସଂଗଠନର ସ୍ମୃତି ଉଚ୍ଛ୍ୱାସ ବ୍ୟତୀତ ଅନ୍ୟ କଣ ହୋଇପାରେ ?

ଏହି କାବ୍ୟ ଚେତନା କର୍ମର ପରିପୂରକ ଭାବେ ପ୍ରଥମେ ଆତ୍ମ ପ୍ରକାଶ କରିଥିବା ଲକ୍ଷ୍ୟ କରାଯିବ । ତେଣୁ କଳା ସାଧନାର ବ୍ୟାପକ ବୃତ୍ତରେ ସଂଚରଣ କରିବାପାଇଁ ତାଙ୍କୁ ଯଥେଷ୍ଟ ସମୟ ମିଳି ନ ଥିବା ଅତ୍ୟନ୍ତ ସ୍ୱାଭାବିକ କଥା । ଉତ୍କଳବାସୀଙ୍କ ଅସହାୟ ଜୀବନ ଯାତ୍ରା, ବଢ଼ି, ମରୁଡ଼ି, ମହାମାରୀ, ଅନାହାର ଓ ଅନାଟନ ସେ ଥିଲେ ଯୁଦ୍ଧରତ । ପୁଣି

---

।୨। ''ନୀରବେ ଭୋଗୁଛି ବସି କାରାବାସ/ଚାହୁଁ ଚାହୁଁ ଏବେ ଗଲା ଚାରିମାସ/ ଏହିପରି ଗଲେ ଚଉବିଂଶ ମାସ/ ଫିଟିବ ମୋହର ବନ୍ଧ ନାଗଫାଶ ।'' (ବନ୍ଦୀର ଆତ୍ମକଥା ପୃ.୩)

ରାଜନୈତିକ ଜୀବନରେ ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ଓ ଲୁପ୍ତ ଜାତୀୟତାରୁ ପୁନଃ ପ୍ରତିଷ୍ଠା ଠାରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ପାଇଁ ଅଗ୍ରଗାମୀ ନେତୃତ୍ୱ ପର୍ଯ୍ୟନ୍ତ ବିଭିନ୍ନ ସମାଜ–ରାଜନୈତିକ କାମରେ ବ୍ୟସ୍ତ ଥାଇ ସେ କଳାପ୍ରତି ଅଧିକ ଅନୁରକ୍ତ ହେବାକୁ ସମୟପାଉ ନ ଥିଲେ । କିନ୍ତୁ ଜେଲ ହିଁ ତାଙ୍କୁ ସେହି ମଗ୍ନ କାରୁଣ୍ୟର ଉଦ୍‌ବୋଧନ ପାଇଁ ଦେଇଥିଲା ପ୍ରଚୁର ସୁଯୋଗ । ବୋଧହୁଏ ସେ ଜେଲ ଯାଇ ନ ଥିଲେ 'ଅବକାଶ ଚିନ୍ତା' ପରେ ଆଉ ଦ୍ୱିତୀୟ କବିତା ଗ୍ରନ୍ଥ ଓଡ଼ିଆ ସାହିତ୍ୟ ପାଇ ନଥାନ୍ତା । ଯାହା ଥାନ୍ତା ତାହା କେବଳ ଗଦ୍ୟମାତ୍ର । କିନ୍ତୁ ଜେଲରେ ଅବସ୍ଥାନ ଏହି ଭାବପ୍ରବଣ କାବ୍ୟମାନସକୁ ଯେ ଅଧିକ ଉଦ୍‌ବେଜିତ କରି ପାରିଥିଲା, ଏହା କହିବା ବାହୁଲ୍ୟ ମାତ୍ର । ଏହି ଜେଲରେ ହିଁ ସେ 'ବନ୍ଦୀର ଆତ୍ମକଥା', 'ଧର୍ମପଦ' କାରାକବିତା ଓ 'ନଚିକେତା ଉପାଖ୍ୟାନ' ପରି କାବ୍ୟ ଓ କବିତାମାନ ରଚନା କରିଥିଲେ । ଏ ଦୃଷ୍ଟିରୁ ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା' କପୋଳ କଳ୍ପିତ କବିତା ପଙ୍‌କ୍ତି ମାତ୍ର ନୁହେଁ ବରଂ ଅନ୍ତରରେ ଅନୁରଣିତ ହେଉଥିବା ଉଚ୍ଛଳ ଅନୁଭୂତି ସମୂହର ନୀରବ ପରି ପ୍ରକାଶ (imotions recalled in tranquility).

'ବନ୍ଦୀର ଆତ୍ମକଥା' ଏକ ସମସ୍ୟା ସଚେତନ ପ୍ରତିବଦ୍ଧ କାବ୍ୟ–ପ୍ରୟାସ । ତେବେ କଣ ସେ ଆଭିମୁଖ୍ୟ ? ଖାଲି କଣ ଓଡ଼ିଶାର ଦୁର୍ଗତିର ଚିତ୍ରପଟ, ଓଡ଼ିଶା ବାସୀଙ୍କ ପାଇଁ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଓ ଆହ୍ୱାନ ? ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନକୁ ଆଗେଇ ନେବାର ନେତାସୁଲଭ ସାରଗର୍ଭକ ଅଭିଭାଷଣ ? ସତ୍ୟ, ଅହିଂସା, ସାମ୍ୟ, ମୈତ୍ରୀ, ସଂସ୍କାର ଓ ପରଂପରାରେ ଦୀକ୍ଷିତ ହେବାପାଇଁ କେତୋଟି ତାତ୍‌କାଳିକ ସମାଜ–ରାଜନୈତିକ ସ୍ୱର–ସଂଚାର ? ପଲ୍ଲୀସଂଗଠନ, ଖଦଡ଼ ପରିଧାନ, ସୂତାକାଟିବା ଓ ସମସ୍ତ ଦୁଃଖ କଷ୍ଟକୁ ବୀରପରି ସମ୍ମୁଖୀନ ହେବାପାଇଁ କେତୋଟି ଉଦ୍‌ବୋଧନ ଓ ବଚନିକା ? ମୋ ମତରେ ଏସବୁ ଓ ଏହାଠାରୁ ଆହୁରି କିଛି ଅଧିକ ଯାହା ଚିରନ୍ତନ କାବ୍ୟ ଧର୍ମରେ ଅନୁରଂଜିତ ଏକ ଉଚ୍ଛ୍ୱାସଧର୍ମୀ କବିତା–ପ୍ରବାହ । ତେଣୁ ଏହି କାବ୍ୟ ଚେତନାକୁ କଳନା କଲାବେଳେ ଏହାର ଐତିହାସିକ ଉପଯୋଗିତା ଓ ସମସାମୟିକ ପରିସ୍ଥିତିରେ ଏହାର ପ୍ରାଣ ପ୍ରତିଷ୍ଠାର ବିପୁଳ ବେଦନାବିଦ୍ଧ କାରୁଣ୍ୟକୁ ଭୁଲିଗଲେ ହେବନାହିଁ । କାରଣ 'ବନ୍ଦୀର ଆତ୍ମକଥା'ର ପ୍ରତିଟି ଶବ୍ଦ ଓ ପଙ୍‌କ୍ତି ସହିତ ଜଣେ ସଂଗ୍ରାମୀ ପୁରୁଷର ଜୀବନବ୍ୟାପୀ ଅନୁଭୂତି ଏତେ ବେଶୀ ବିଜଡିତ ଯେ କାବ୍ୟ ଚେତନାଠାରୁ ସେ ସବୁକୁ ଅଲଗା ଭାବେ ବିଚାର କରିବାର ନିରପେକ୍ଷତା ହୁଏତ ସମ୍ଭବ ହେବନାହିଁ । 'ଅବକାଶ ଚିନ୍ତା'ରେ ଯେଉଁ କାବ୍ୟଚେତନାର ଖଣ୍ଡିତ ଆବେଗ ଏକ ବିପୁଳ ପ୍ରତିଶ୍ରୁତିର ଅନ୍ନପ୍ରାଶନ କରିଥିଲା, 'ବନ୍ଦୀର ଆତ୍ମକଥା'ରେ ତାହା ହିଁ ଏକ ବୃହତ୍ତର ନିଷ୍କ୍ରମଣର ପଥ ବାଛି ନେଇଛି । 'ଅବକାଶ ଚିନ୍ତା'ର ଖଣ୍ଡ କବିତାଗୁଡ଼ିକର ଯେଉଁ ଈଶ୍ୱରନିଷ୍ଠା, ଆଧ୍ୟାତ୍ମିକ ଭାବନା ଭକ୍ତିପୂତ କର୍ମମୁଖର ଜୀବନର ସୂଚନା ମିଳିଥିଲା 'ବନ୍ଦୀର ଆତ୍ମକଥା'ରେ ସେ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ସମାଜ ଓ ଜାତୀୟ ଜୀବନର ସମସ୍ତ ଦିଗ ଓ ଦିଗନ୍ତକୁ ଆବୋରି ବସିଛି । ସେ ବ୍ୟକ୍ତିତ୍ୱରେ ତେଣୁ ସତ୍ୟନିଷ୍ଠା, ତ୍ୟାଗ, ଦେଶପ୍ରେମ, ପରଂପରା ଓ ପୁରୋଦୃଷ୍ଟିର ଯେଉଁ ମଧୁର ସମନ୍ୱୟ ଘଟିଛି ତାହାହିଁ ତାଙ୍କ କାବ୍ୟ ଭାବନାରେ ରୂପାୟିତ ହୋଇଥିବା ଏକ ଦୀର୍ଘ କବିତା – 'ବନ୍ଦୀର ଆତ୍ମକଥା' ।

କ'ଣ ସେ ପରଂପରା ? ନିଶ୍ଚିତ ଭାବେ କହିବାକୁ ହେଉଛି ଯେ ବୈଦିକ ଋଷିର ଅମର ସୂକ୍ତ ମାଳାରେ ଯେଉଁ ଭାବନା ଓ ଅନୁଶାସନ ଯୁଗଯୁଗ ଧରି ବନ୍ଦିତ ହୋଇ ଆସିଛି ତାହାହିଁ ଗୋପବଂଧୁଙ୍କ କାବ୍ୟକବିତାରେ ହୋଇଛି ପ୍ରତିଫଳିତ, ହୋଇଛି ରୂପାୟିତ । ସତ୍ୟ, ତ୍ୟାଗ, ତପସ୍ୟା, ନିଷ୍ଠା ଆଦି ମହାମାନବିକ କର୍ମ ପ୍ରେରଣାରେ ସେ କୈଶୋରରୁ ଉଦ୍‌ବୁଦ୍ଧ ହୋଇଥିଲେ । ଏପରିକି ବାଲ୍ୟ ଜୀବନରେ ଜନ୍ମ ପରେ ପରେ ଜନନୀ ବାତ୍ସଲ୍ୟରୁ ବଂଚିତ, ଯୌବନରେ ପତ୍ନୀହରା ଓ ମାତୃହରା, ଉତ୍ତୀର୍ଣ୍ଣ ଯୌବନରେ ସମସ୍ତ ଶାରୀରିକ ଆମୋଦ, ସୁଖ ଓ ସ୍ୱାଚ୍ଛନ୍ଦ୍ୟରୁ ବଂଚିତ ଏହି କବିଙ୍କ କାବ୍ୟ ଚେତନାରେ ତ୍ୟାଗର ଯେଉଁ ମହିମା ପରୀକ୍ଷିତ ହୋଇଥିଲା, 'ବନ୍ଦୀର ଆତ୍ମକଥା'ରେ ତାହାହିଁ ଋଷିସୁଲଭ ଉଦାତ୍ତ କଣ୍ଠରେ ଉଦ୍‌ଘୋଷିତ ହୋଇଛି ।

''ମିଶୁମୋର ଦେହ ଏ ଦେଶ ମାଟିରେ/ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼/ପୂରୁ ତହିଁ ପଡି ମୋର ମାଂସ ହାଡ ।
ସ୍ୱାଧୀନତା ପଥେ ତିଳେ ହେଲେ ନର/ମୋ ଜୀବନ ଦାନେ ହେଉ ଅଗ୍ରସର ।''

ଏ ବାର୍ତ୍ତା ଏକ ସହଜ ଉପଲବ୍ଧିର ଆତ୍ମପ୍ରକାଶ ନୁହେଁ, ବରଂ ଏକ ଗଭୀର ଆଲୋଡ଼ନ ଓ ବିପୁଳ ଆତ୍ମାହୁତିର ସ୍ୱାକ୍ଷର ବହନ କରିଛି । ମୁଁ ଅଧ୍ୟାପକ ଶ୍ରୀଯୁକ୍ତ କାଙ୍ଗାଳି ଚରଣ ପତିଙ୍କ ମନ୍ତବ୍ୟ ସହିତ ସଂପୂର୍ଣ୍ଣ ଏକମତ ଯେ ''ଜାତୀୟ ଜୀବନରେ ଗୋପବନ୍ଧୁ ଏଇ ଯେଉଁ ଆତ୍ମତ୍ୟାଗର ପରଂପରା ସୃଷ୍ଟି କରିଛନ୍ତି ତାହା ଯେ କେତେ ସାଧନା ସାପେକ୍ଷ ଏକ ବିଶାଳ ଆଦର୍ଶ, ତାହା ଆମ୍ଭେମାନେ ସହଜରେ ଉପଲବ୍ଧି କରିପାରୁ ନାହିଁ । ମନୁଷ୍ୟ ଚେତନାରେ ଯେତେବେଳେ ଯଥାର୍ଥରେ ରୂପାନ୍ତର ଘଟେ, ଅହଂଭାବର ମୂଳ ଉତ୍ପାଟିତ ହୁଏ, ଭଗବତ୍ ପ୍ରୀତି ଓ ଦିବ୍ୟପ୍ରେମ ହୃଦୟରେ ପ୍ରସ୍ଫୁଟିତ ହୁଏ, ସେତେବେଳେ ମନୁଷ୍ୟ ଏହିପରି ଆତ୍ମ ନିବେଦନ ପ୍ରୟାସୀ ହୋଇପାରେ ।୩। ଗୋପବଂଧୁ ଜୀବନରେ ସମସ୍ତ ବୈଷୟିକ ଓ ସାଂସାରିକ ସମ୍ଭାବନାକୁ ଓ ଆତ୍ମପ୍ରତିଷ୍ଠା ଲାଭର ସମସ୍ତ ଆବ୍ରୁକୁ ତ୍ୟାଗ କରି ପାରିଥିବାରୁ ଜାତୀୟ ଜୀନରେ ତାହାର ପ୍ରତିରୂପ ତାଙ୍କ କର୍ମସାଧନାରେ ପ୍ରକଟିତ ହୋଇଅଛି, ସେଇ ପୁରୁଷୋତ୍ତମ ହିଁ ତେଣୁ କାରାଗାରକୁ ପବିତ୍ର ପ୍ରଭାସ କ୍ଷେତ୍ରଭାବେ ବରଣ କରି ନେଇପାରେ ।

''ପୂର୍ବ ପୁରୁଷର ପବିତ୍ର ଶ୍ମଶାନ/ଦେଶର ଜାତିର ଗଉରବ ଗାନ,

ପୁଣ୍ୟ ଜନ୍ମମାଟି, ପୁଣ୍ୟ ଦେବାଳୟ/ଉଦ୍ଧରିବା ପାଇଁ କଲେ ତନୁକ୍ଷୟ

ମାନବ ଜନମ ହୁଅଇ ସଫଳ ।''

ଏ ଆଦର୍ଶ ଏକ ଦିବ୍ୟ ଭଗବତ୍ ପ୍ରେରଣାରେ ସ୍ୱାର୍ଗିକ ଓ ସମୃଦ୍ଧ ହୋଇ କବି ଗୋପବନ୍ଧୁଙ୍କ ଚେତନାରେ 'ମଙ୍ଗଳମୟଙ୍କ ଇଚ୍ଛା' ରୂପେ ପ୍ରତିଭାତ ହୋଇଛି । ପୁଣି ଏ ଭାବନା ନିଜ ଜୀବନର ଏକମାତ୍ର ସାଧନ ସାମଗ୍ରୀ ନୁହେଁ, ସମଗ୍ର ଉତ୍କଳୀୟ ଜନତା ପାଇଁ ଏହି ଜାତୀୟ ମମତା ଓ ବିଶ୍ୱଜନପ୍ରୀତି ଆଚରଣୀୟ ହେଉ ବୋଲି ବନ୍ଦୀଶାଳାରେ ତାଙ୍କର ପ୍ରାର୍ଥନା ମଧ ।୪।

'ବନ୍ଦୀର ଆତ୍ମକଥା'ର ପ୍ରଥମାଂଶରେ ସ୍ୱରାଜ୍ୟ ହିଁ ଏକମାତ୍ର ସ୍ୱପ୍ନ ଓ ସାଧନ । ତେଣୁ ଏହି ପର୍ଯ୍ୟାୟରେ କବି ସ୍ୱାଭାବିକ ଭାବେ ଉଦ୍‌ବୋଧନଶୀଳ । ତେଣୁ କର୍ମବୀର କବିର ଉତ୍କଳର ଭାଇ ଭଉଣୀମାନଙ୍କୁ ଆହ୍ୱାନରେ ଯେଉଁ ମହନୀୟ ଅଭିଜ୍ଞାନ ପ୍ରକାଶ ପାଇଛି ତହିଁରେ ସାହସ ଓ ଧୈର୍ଯ୍ୟର ସହିତ ସତ୍ୟ ମାର୍ଗରେ ଅଗ୍ରସର ହେବାପାଇଁ ଅଛି ଅନୁପ୍ରାଣନା । ସମସ୍ତ ତାଡ଼ନା ଓ ଅତ୍ୟାଚାର ସତ୍ତ୍ୱେ ଜନ୍ମଗତ ଦାବୀ ସ୍ୱାଧୀନତାକୁ ହାସଲ କରିବାପାଇଁ ଜନସାଧାରଣଙ୍କୁ ଦେଇଥିବା ଏ ଆହ୍ୱାନରେ ଅଛି ଗଭୀର ଆସ୍ଥା ଓ ବିଶ୍ୱାସ । ଏ ଦୁର୍ଗତି ସବୁଦିନେ ରହିବ ନାହିଁ । ଦିନେ ହେଲେ ଶୁଭ ସମ୍ଭାବନାର ସୂର୍ଯ୍ୟୋଦୟ ହେବ । ମଙ୍ଗଳମୟଙ୍କ ଇଚ୍ଛାରେ ଭାରତ ପାଇଁ ସୁଦିନ ଆସିଛି ଜନତା ମନରେ ଏହି ବିଶ୍ୱାସକୁ ଦୃଢ଼ୀଭୂତ କରିବାପାଇଁ କବି ପାରଂପରିକ ଭାବେ ବୈଦିକ ଚେତନାକୁ କାବ୍ୟ ପରିସରଭୁକ୍ତ କରିଛନ୍ତି । ''ପ୍ରଜାଲାଗି ପ୍ରଜାପତି ସୃଷ୍ଟି ନିର୍ମାଣ କରିଥାନ୍ତି । ପ୍ରଜାଲାଗି ଇନ୍ଦ୍ର ଜଳ ବୃଷ୍ଟି କରେ, ପ୍ରଜାଲାଗି ସୂର୍ଯ୍ୟଚନ୍ଦ୍ର ତାରା ଆଦି ଆକାଶରେ ଉଦିତ ହୁଅନ୍ତି । ଯୁଗଯୁଗର ସନାତନ ହିନ୍ଦୁ ବିଶ୍ୱାସରେ ଏହି କାବ୍ୟ ସ୍ୱର ଖୁବ୍‌ବେଶୀ ପାରଂପରିକ ମନେ ହେଲେବି ନିରସ୍ତ୍ର, ଅହିଂସ ଜନତା

।୩। 'ଗୋପବନ୍ଧୁ ପରଂପରା' – ଗୋପବଂଧୁ ପରିକ୍ରମା ପୃ ୫୭ – ପୂଜ୍ୟପୂଜା ସଂସଦ ପ୍ରକାଶିତ ।
।୪। ଜାତୀୟ ଜୀବନ ବିଶ୍ୱଜନ ପ୍ରୀତି/ଉତ୍କଳ ବାସୀର ହେଉ ଏହାନୀତି
ନୀରବେ ନିଶ୍ଚଳେ ବସି ବନ୍ଦୀଶାଳେ/ମାଗେ ଏହି ଭିକ୍ଷା ଶ୍ରୀପ୍ରଭୁ ପୟରେ। (ବ. ଆତ୍ମକଥା ପୃ ୪)

ପାଇଁ ଏହି ବିଶ୍ୱାସ ହିଁ ବାସ୍ତବରେ ଅସ୍ତ୍ରପରି ନିୟୋଜିତ ହୋଇଛି । ଏହି ପର୍ଯ୍ୟାୟରେ ସେ ମହାତ୍ମାଗାନ୍ଧିଙ୍କୁ ଏକ ନବଯୁଗର ବୈତାଳିକ ଭାବେ ଗଭୀର ଶ୍ରଦ୍ଧା ଅର୍ପଣକରିବା ସଂଗେ ସଂଗେ ନିଜକୁ ଅତି ଅକିଞ୍ଚନ ଓ ତାଙ୍କର ଅନୁଚର ବୋଲି କହିଛନ୍ତି । ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଏହି ଦୈନ୍ୟବୋଧିକା ଖାଲି ଜନତାର ଭାଷା ନୁହେଁ ତାଙ୍କ ଜୀବନର ଏହା ପରୀକ୍ଷିତ ସତ୍ୟାନୁଶୀଳନ ମଧ୍ୟ । ପୁଣି ସ୍ୱାଭାବିକ ଭାବେ ଅରଟ ଚଳେଇବା ପାଇଁ, ଉଚ୍ଚନୀଚ ଜାତିଭେଦ ଓ ଅହଂକାର ବର୍ଜନ ପାଇଁ ଏହି କାବ୍ୟ ପଙ୍‌କ୍ତିମାନଙ୍କରେ ତାଙ୍କ ଆହ୍ୱାନ ଗତାନୁଗତିକ ଓ ବୈଚିତ୍ର୍ୟ ବିରହିତ । ଏହି ଉଦ୍‌ବୋଧନଶୀଳ କାବ୍ୟମାନସ ଭାରତୀୟତାରୁ କ୍ରମେ ଅବରୋହଣକରି ସତ୍ୟବାଦୀ କାବ୍ୟ ଚେତନାର ଉଗ୍ର ଉତ୍କଳୀୟ ଆଭିମୁଖ୍ୟକୁ ଅନୁସରଣ କରିଛି । ବସ୍ତୁତଃ କବି ଗୋପବଂଧୁ ହିଁ ଏହି ଚେତନାରେ ରାଧାନାଥଙ୍କ କାବ୍ୟସ୍ୱର ସହିତ ଯୋଗାଯୋଗ ସ୍ଥାପନ କରିଛନ୍ତି । 'ବନ୍ଦୀର ଆତ୍ମକଥା'ର ୪ର୍ଥ ଅନୁଚ୍ଛେଦଟି ଏହି ଦୃଷ୍ଟିରୁ ଖୁବ୍ ତାତ୍ପର୍ଯ୍ୟ ପୂର୍ଣ୍ଣ ମନେହୁଏ । କବି ରାଧାନାଥ ଯେଉଁ ଖେଦରେ 'ଚିଲିକା' ଖଣ୍ଡକାବ୍ୟରେ ଜାତୀୟ ଦୁର୍ଗତି ପାଇଁ ଗଭୀର ବ୍ୟଥା ପ୍ରକାଶ କରିଥିଲେ (୫) ଓ ସେହି କ୍ଷୋଭର ପରିପୂର୍ତ୍ତି ପାଇଁ ପାଣ୍ଡବମାନଙ୍କୁ 'ମହାଯାତ୍ରା' କାବ୍ୟରେ ଗଣକବି ସାରଳାଦାସଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଶାର ପ୍ରାକୃତିକ ଭୂଗୋଳ ଓ ଜାତୀୟ ତୀର୍ଥକ୍ଷେତ୍ର ସହିତ ପରିଚିତ କରାଇଥିଲେ, କବି ଗୋପବନ୍ଧୁଙ୍କ କାବ୍ୟ ଚେତନାରେ ସେଇ ଆଭିମୁଖ୍ୟ ସ୍ୱତଃ ପ୍ରକଟିତ ହୋଇଅଛି । ଭାରତରେ ଉତ୍କଳ ମହା ପୁଣ୍ୟଧାମ ହେଲେ ମଧ୍ୟ ଭାରତ ପାଞ୍ଜିରେ ତା'ର ନାମ ସ୍ଥାନ ପାଇନାହିଁ । ସାହିତ୍ୟ, ସାହସ, ଧନ ଓ ମାନ – ସବୁ କ୍ଷେତ୍ରରେ ସମସ୍ତଙ୍କ ତଳେ ଓଡ଼ିଶାର ନାମ । ଏପରିକି ଭାରତର ଜାତୀୟ ମହା ସମ୍ମିଳନୀରେ ଉତ୍କଳର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହୋଇନାହିଁ । ଫଳରେ ଓଡ଼ିଶା ପ୍ରତି ଜଗନ୍ନାଥ କରୁଣା କଟାକ୍ଷ ପ୍ରକାଶ କରିବାରେ ଅସହଯୋଗ ସଂଗ୍ରାମର ପବିତ୍ର ଧାରା ଓଡ଼ିଶାରେ ପ୍ରବାହିତ ହୋଇଅଛି । ନିଜେ ଗାନ୍ଧି ଭଗୀରଥ ପରି ଅସହଯୋଗ ଜାହ୍ନବୀକୁ ଉତ୍କଳକୁ ଆଣିଛନ୍ତି ଏବଂ ସେହି ସ୍ରୋତ ଶତଧାରରେ ବିଭକ୍ତ ହୋଇ ଓଡ଼ିଶାର ପୁରପଲ୍ଲୀକୁ ପ୍ଳାବିତ କରୁଛି । ପୁନଶ୍ଚ କବି ନିଜେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ଉଦ୍‌ଗାତା ହେଲେ ମଧ୍ୟ ନିଜକୁ ନିମିତ୍ତ ମାତ୍ର ମନେ କରି ମହାତ୍ମାଗାନ୍ଧିଙ୍କୁ ହିଁ ସମଗ୍ର ଶ୍ରେୟ ପ୍ରଦାନ କରିଛନ୍ତି । ଏହି ପର୍ଯ୍ୟାୟରେ ଉତ୍କଳୀୟ ଗୌରବର ମହିମା ଅତିମାତ୍ରାରେ ପ୍ରଖ୍ୟାପିତ ହୋଇଥିବା ଲକ୍ଷ୍ୟ କରାଯିବ । ରାଧାନାଥଙ୍କ ପରି ଗୋପବନ୍ଧୁ ମଧ୍ୟ ଇତିହାସ ପୃଷ୍ଠ ଉଦ୍‌ଘାଟନ ମାଧ୍ୟମରେ କାଞ୍ଚିବିଜୟ ଉପାଖ୍ୟାନ ଓ ଜଗନ୍ନାଥ-ବଳଭଦ୍ରଙ୍କ ଯୋଦ୍ଧୃବେଶରେ ଯୁଦ୍ଧରେ ଯୋଗଦାନ କଥା ଉଲ୍ଲେଖ କରି ତାଙ୍କ ଭଗବତ୍ ବିଶ୍ୱାସର ଅଧିକତର ପ୍ରତିଷ୍ଠା କରିଛନ୍ତି । ଏ ଦୃଷ୍ଟିରୁ ସତ୍ୟବାଦୀ ଅଗ୍ରଜ ଗୋପବଂଧୁ ରାଧାନାଥୀ କାବ୍ୟ ଚେତନାର ମୌନ ପ୍ରତିବାଦ ନୁହନ୍ତି । ବରଂ ଗୋଟିଏ ଯୁଗ ଚେତନାର ଆଦ୍ୟରେ ରାଧାନାଥ ଓ ଏହାର ଉଗ୍ର ସମର୍ଥନରେ ଗୋପବନ୍ଧୁଙ୍କ ସହିତ ସମସ୍ତ ସତ୍ୟବାଦୀ ଯୁଗର କବିବୃନ୍ଦ ଠିଆ ହୋଇଥିବା ଲକ୍ଷ୍ୟ କରାଯିବ । ଯେଉଁଠି ଗଭୀର ତଦାତ୍ମ୍ୟରେ ଗୋପବଂଧୁ କହନ୍ତି –

''ଏବେ ନୀଳାଚଳେ ବିଜେ ଜଗନ୍ନାଥ/ତେବେ କିମ୍ପା କହ ଉତ୍କଳ ଅନାଥ ?''

ନାହିଁ ପୂର୍ବ ବଳ, ନାହିଁ ପୂର୍ବ ଧର୍ମ/ନାହଁ ପୂର୍ବ ସତ୍ୟ, ନାହିଁ ପୂର୍ବ କର୍ମ / ଉତ୍କଳ ବାସୀର ଦେଖି ଏ ଦୁର୍ଗତି/ଦାରୁଭୂତ ଏବେ ନୀଳାଚଳ ପତି ।''– ଏ କାବ୍ୟସ୍ୱର ଅଙ୍ଗ ଓ ଅତ୍ମାରେ ରାଧାନାଥ କାବ୍ୟସ୍ୱର ସହିତ କେତେ ଅନ୍ତରଙ୍ଗ, ଏଠାରେ

---

।୫। ''କ୍ଷୁଦ୍ର ସିପ୍ରାସ୍ରୋତ ବିଖ୍ୟାତ ଜଗତେ / ମହାନଦୀ ନାମ ରହିଲା ଗୁପତେ /
ସ୍ୱରୂପା ଅଂଶୁପା ଲୋକେ ଅଗୋଚର/ପୂଜାସ୍ପଦ ହେଲା ଗୋଷ୍ପଦ ପୁଷ୍କର ।
ଖର୍ବ ଗୋବର୍ଦ୍ଧନ ଗିରୀନ୍ଦ୍ର ବୋଲାଏ/ମହାତୀର୍ଥ ରୂପେ ଲୋକେ ପୂଜାପାଏ
ସ୍ୱଭାବେ ଗିରୀନ୍ଦ୍ର ହୋଇ ମେଘାସନ/ଲଭିନାହିଁ ଗିରି ସମାଜେ ଆସନ ।''

ଅଧିକ କହିବା ପ୍ରୟୋଜନ ନାହିଁ। କିନ୍ତୁ ତଫାତ୍ ଏତିକି ରାଧାନାଥଙ୍କ କବିତାରେ ସ୍ୱରାଜ୍ୟ ସଂଗ୍ରାମର ବାଣୀ ଉଗ୍ରଭାବ ସ୍ୱରିତ ହୋଇନାହିଁ। କାରଣ ସେ ବଂଚିଥିବା ମଧ୍ୟରେ (ମୃତ୍ୟୁ ୧୯୦୮) ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ସ୍ୱରାଜ୍ୟ ସଂଗ୍ରାମ ଆରମ୍ଭ ହୋଇ ନ ଥିଲା । ଅସହଯୋଗ ଆନ୍ଦୋଳନପରେ (୧୯୨୧) ହିଁ ଏ ସଂଗ୍ରାମ ଏକ ସକ୍ରିୟ ପଦକ୍ଷେପ ନେଇଥିଲା । ଏକ ଜାତୀୟ ଜାଗରଣର ପୁନର୍ନବା କାଳରେ ରାଧାନାଥ ପରୋକ୍ଷରେ ନାନା ଉଦ୍‌ବୋଧନୀ ଶୁଣାଇ ଯାଇଛନ୍ତି । ଗୋପବନ୍ଧୁ କିଂତୁ ନିଜର ଆନ୍ତରିକ ଉପଲବ୍‌ଧି ଓ ଅନୁଭୂତିକୁ ହିଁ କାବ୍ୟ କବିତାରେ ଉଚ୍ଚାରଣ କରିଛନ୍ତି । ଏପରିକି ସ୍ୱରାଜ୍ୟ ଆନ୍ଦୋଳନକୁ ଏକ ଧର୍ମନାବ ଭାବେ ତୁଳନା କିର ତାର ଗତିପନ୍ତତା ପାଇଁ ନେତାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନୁଭବ କରିଛନ୍ତି ।

''ନ ଅଟକେ କାର୍ଯ୍ୟ ନେତାର ଅଭାବେ/ଧର୍ମନାବ ଚଳେ ଧର୍ମର ପ୍ରଭାବେ,
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ/ଉତ୍କଳର ନେତା ନିଜେ ନାରାୟଣ ।''

ତେଣୁ ନନ୍ଦିଘୋଷ ରଥ (ସ୍ୱରାଜ୍ୟ ସଂଗ୍ରାମ) ନିଶ୍ଚିତ ଭାବେ ସିଂହ ଦ୍ୱାରରେ ଲାଗିବ । ଜନତା ଜନାର୍ଦ୍ଦନ ସେ ରଥକୁ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଂଚାଇ ଦେବେ । ଅନ୍ୟ କୌଣସି କବି ଏକ ଚିରନ୍ତନ ଧର୍ମ ବିଶ୍ୱାସ ସହିତ ସ୍ୱରାଜ୍ୟ ସଂଗ୍ରାମ ପରି ଏକ ରାଜନୈତିକ ଅନ୍ଦୋଳନକୁ ଏତେ ଓତପ୍ରୋତ ଭାବେ ମିଶାଇ ଦେଇଥିବା ମନେହୁଏ ନାହିଁ । ଏହି ଆନ୍ତରିକ ଉପଲବ୍‌ଧିରେ ନିଜର ସମସ୍ତ ବ୍ୟକ୍ତିଗତ ବ୍ୟଥା ଓ ବେଦନା, ବନ୍ଦୀଜୀବନର ଦୁର୍ଗତି ଓ ଦୁରବସ୍ଥା ଏଠାରେ ଏତେ ବେଶୀଉର୍ଦ୍ଧ୍ୱ ପାତିତ (Sublimated) ହୋଇ ଯାଇଛି ଯେ ଏହି କାବ୍ୟ ପଙ୍‌କ୍ତିମାନଙ୍କରେ କେଉଁଠି ନିଜର ବ୍ୟକ୍ତିଗତ ବା ପାରିବାରିକ ଚିତ୍ର ପ୍ରକାଶ ପାଇନାହିଁ। ଗଭୀର ଜାତୀୟତାବୋଧ ହିଁ ଏହି କାବ୍ୟର ଏକମାତ୍ର ଅନୁପ୍ରେରଣା, ଯାହା ତାଙ୍କ କାବ୍ୟର ଏକ ଚିରସ୍ଥାୟୀ ଉପାଦାନ ଭାବେ ସ୍ୱୀକୃତି ଲାଭ କରିଛି । ବିଂଶ ଶତାବ୍ଦୀର ଉନ୍ମେଷ ସହିତ ଏହି ଜାତୀୟତାବୋଧ ତାଙ୍କ ବ୍ୟକ୍ତିତ୍ୱକୁ ଖୁବ୍ ବେଶୀ ଆଲୋଡ଼ିତ କରିଛି ଓ କ୍ରମେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବାଟଦେଇ ଏକ ବିଶ୍ୱତୋମୁଖୀ ବିଶ୍ୱାସରେ ପୂର୍ଣ୍ଣତା ଲାଭ କରିଛି। ସଂଗ୍ରାମ ତାଙ୍କ ମାନବବାଦୀ ଚିନ୍ତାଧାରାର ପରିପୂରକ ବୋଲି କୁହାଯାଇପାରେ । ଉତ୍କଳର ଦରିଦ୍ର ଜନତାର ସେବାରୁ ତାହା ଆରମ୍ଭ ହୋଇଥିଲା ଓ ଭାରତୀୟ ମୁକ୍ତି ସଂଗ୍ରାମରେ ଯୋଗଦାନ ଫଳରେ ପରିପୂର୍ଣ୍ଣତା ଲାଭ କରିଥିଲା ।୬। ଯେଉଁ କବି ନିଜର ସଂକୀର୍ଣ୍ଣ ସୀମାରେଖାକୁ ଅତିକ୍ରମ କରି ଉର୍ଦ୍ଧ୍ୱଚେତା ହୋଇପାରେ ସେଇ କେବଳ ଗାଇପାରେ –

''ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।''

ଏ ପ୍ରସଙ୍ଗରେ 'ଅବକାଶ ଚିନ୍ତା' ସଂପର୍କୀୟ ଆଲୋଚନାରେ ଆଗରୁ ସୂଚନା ଦିଆଯାଇଛି ।

'ବନ୍ଦୀର ଆତ୍ମ କଥା'ର ଦ୍ୱିତୀୟ ପର୍ଯ୍ୟାୟ (ହଜାରିବାଗ ଜେଲ୍‌ରେ ଲିଖିତ)ରେ କବି ନିଜର ପ୍ରିୟ ଓଡ଼ିଶା ମାଟିରୁ ବିଦାୟ ଜନିତ ଗଭୀର ଖେଦରେ ଅତିମାତ୍ରାରେ ମ୍ରିୟମାଣ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯିବ ।୭। ଏଠାରେ କାବ୍ୟପଙ୍‌କ୍ତି ଅବ୍‌ଜେକ୍ଟିଭ୍ ନୁହେଁ, ବରଂ ଅଧିକରୁ ଅଧିକ ଅନୁଭୂତି ଓ ସ୍ମୃତି ଚିନ୍ତନରେ ନିମଜ୍ଜିତ । ଉଦ୍‌ବୋଧନ ଶୀଳତା ଅପେକ୍ଷା

---

।୬। ଗୋପବନ୍ଧୁଙ୍କ କବିତାରେ ମାନବିକତା–ଗୋପବନ୍ଧୁପରିକ୍ରମା ପୃ. ୮୨–ପୃ.ପୃ.ସଂ. ପ୍ରକାଶିତ–ଡଃ ଗୋପାଳଚନ୍ଦ୍ର ମିଶ୍ର

।୭। ''ଶାସନ ରକ୍ଷକ କଟୁଆଳଦଳ/ନେଉଛନ୍ତି ମୋତେ ଛଡାଇ ଉତ୍କଳ
ରଖି ଆସିବେ ସେ ଆନ କାରାଗାରେ/କାହିଁ ବହୁଦୂରେ ଉତ୍କଳ ବାହାରେ ।'' (ବନ୍ଦୀର ଆତ୍ମକଥା ପୃ ୧୦୦୧୧)

ବ୍ୟକ୍ତିଗତ ଶୋକ ଓ କାରୁଣ୍ୟର ଉଚ୍ଛ୍ୱାସ ଅଧିକ । କବି ମାନସିଂହଙ୍କ ମତରେ ''ଏକ ମହତ୍ ପ୍ରାଣରୁ ନିସ୍ୟନ୍ଦିତ ହେବା ଫଳରେ କୌଣସି ପ୍ରକାର ଅଳଙ୍କରଣ ପ୍ରଚେଷ୍ଟା ନ ଥିଲେ ମଧ୍ୟ ଏ ଗ୍ରନ୍ଥର ସରଳ ପଦ୍ୟ ଉଦାର କାବ୍ୟରେ ପରିଣତ ହୋଇ ଯାଇଛି । ବୋଧହୁଏ ଏ କବିତା ପଙ୍‌କ୍ତିଗୁଡିକର ଶୋକାକୁଳ ଉଚ୍ଛ୍ୱାସ ପ୍ରବଣତାକୁ ଲକ୍ଷ୍ୟକରି ସମାଲୋଚକ ଭାବେ ମାନସିଂହ ଏ ମତ ବ୍ୟକ୍ତ କରିଛନ୍ତି । ଲକ୍ଷ୍ୟ କରିବାର କଥା 'ବନ୍ଦୀର ଆତ୍ମକଥା'ର କଳେବର ଯେତେ କ୍ଷୁଦ୍ର ହେଲେବି ତାହା ଏକ କାବ୍ୟର ଗୌରବ ବହନ କରିବାକୁ ସମର୍ଥ । ଏଥିରେ ଘଟଣାର ଆବେଗ ମୁଖର ଉପସ୍ଥାପନା ସହିତ ଏକ ଅନୁଭୂତି ପରିପୁଷ୍ଟ ଅନ୍ତରର ଯେଉଁ ମଧୁର ସମନ୍ୱୟ ପ୍ରତିଷ୍ଠିତ ହୋଇଛି ତାହାହିଁ ଏହାକୁ କାବ୍ୟବର୍ଣ୍ଣିତ ଚରିତ୍ରର ଉପଯୋଗୀ ଉତ୍‌କଣ୍ଠା ପ୍ରଦାନ କରିବାରେ ଏକାନ୍ତ ସମର୍ଥ । ଯେଉଁ ଦୃଷ୍ଟିରୁ ରାଧାନାଥଙ୍କ 'ଚିଲିକା' ଏକ ପ୍ରକୃତି ବର୍ଣ୍ଣନା ମୂଳକ କାବ୍ୟ, ସେଇ ଦୃଷ୍ଟିରୁ 'ବନ୍ଦୀର ଆତ୍ମକଥା' ଏକ ସ୍ୱରାଜ ସଂଗ୍ରାମ ଘଟିତ ଅନେକ ଅଭାବିତ ମୁହୂର୍ତ୍ତ ଓ ଅନୁଭୂତିର ସୁନ୍ଦର କାବ୍ୟରୂପ । ଏଥିରେ ନିଜେ ଗୋପବନ୍ଧୁ ହିଁ ନାୟକ । ଘଟଣାବଳୀର ବିକାଶ, ବିସ୍ତାର ଓ ବିଳମ୍ବନ ତଥା ଉତ୍‌କଣ୍ଠାରେ ସେ ନିଜେ ଭାଗ ନିଅନ୍ତି । ପୁଣି ନିଜେ ହିଁ ଗୋଡ଼ ବୁଲେଇ ଦିଅନ୍ତି ଘଟଣାର ଗ୍ରନ୍ଥି ଉନ୍‌ମୋଚନ ଓ ସମାଧାନ ଦିଗରେ । ଏହାକୁ ତେଣୁ କାବ୍ୟ ନ କହି କେବଳ ଦୀର୍ଘ କବିତା କହିଲେ ଠିକ୍ ହେବନାହିଁ । ଡକ୍ଟର ଗୋପାଳ ମିଶ୍ରଙ୍କ ବକ୍ତବ୍ୟ ଅନୁଯାୟୀ ''ବନ୍ଦୀର ଆତ୍ମକଥା ବୃହତ୍ କାବ୍ୟ ନୁହେଁ, କି ଅହଂକାର ପୂର୍ଣ୍ଣ ତଥା କଥିତ ପ୍ରଗତିବାଦୀ କବିତା ନୁହେଁ । ମାତ୍ର ଏହା ଯେ କୌଣସି କାବ୍ୟ ଅପେକ୍ଷା ଗୁରୁତ୍ୱ ପୂର୍ଣ୍ଣ ଓ ସୂକ୍ଷ୍ମ ଅନୁଧ୍ୟାନ ପ୍ରଧାନ ଓ ସର୍ବଶ୍ରେଷ୍ଠ ପ୍ରଗତିଶୀଳ କବିତା । ଉଭୟ କାବ୍ୟ ଓ ପ୍ରଗତିବାଦୀ କବିତାର ଅତୁଟ ଯୋଗ୍ୟତା ଏହି ରଚନାରେ ବିଦ୍ୟମାନ ।୯।

ଏହି ପୁସ୍ତକରେ ଗୋପବନ୍ଧୁଙ୍କ ବହୁ ବିଷାଦ କର ମୁହୂର୍ତ୍ତ ଓ ଜାତୀୟ ଦୁର୍ଗତିର ଚିତ୍ର ପ୍ରତିବିମ୍ବିତ ହୋଇ ଉଠିଛି । ବୋଧହୁଏ ସେଇଥିପାଇଁ ଏ କାବ୍ୟ ଏତେ ଅଶ୍ଳଳ ଓ ମଧୁର । କବି Shelly ଏକଦା କହି ନ ଥିଲେ କି '' Our Sweetest songs are those that tell us saddest thoughts''. ଏହାର ସାର୍ଥକଥା ଏହି କାବ୍ୟର ପଙ୍‌କ୍ତିମାନଙ୍କରେ ବେଶ୍ ପରିଚ୍ଛନ୍ନ ହୋଇ ଉଠିଛି । ଘଟଣା ପ୍ରବାହ କ୍ରମେ ଉତ୍କଳୀୟ ଚାଷୀର ଦୁରବସ୍ଥା, ପେଟପୂରା ଖାଇବାକୁ ପାଉ ନ ଥିବା ଉତ୍କଳୀୟ ମଲ୍ଲମାନଙ୍କର ଅସ୍ଥି କଙ୍କାଳସାର ରୂପ, ଅପ୍ରାପ୍ତ ଯୌବନା ଉତ୍କଳୀୟ କୁମାରୀ କନ୍ୟାର ଅସ୍ଥିଳ ରୂପ, ଶୋଚନୀୟ ଦାରିଦ୍ର୍ୟ ସହିତ ପ୍ରତାପୀ ଜମିଦାର ଓ ଲୋଭୀ ମହାଜନମାନଙ୍କ ଶୋଷଣ ଓ ପଲ୍ଲୀର ହତଲକ୍ଷ୍ମୀ ରୂପ–ସବୁ ତାଙ୍କ ସ୍ମୃତିରେ ଶୋକୋଚ୍ଛ୍ୱାସରେ ପରିଣତ ହୋଇଛି । ଏପରି ଅସଂଖ୍ୟ ପ୍ରତ୍ୟକ୍ଷୀଭୂତ ଅତୀତ ଘଟଣାରେ ସେ ଏତେ ବେଶୀମଗ୍ନ ହେଇ ପଡ଼ିଛନ୍ତି ଯେ ଶେଷକୁ କହିଛନ୍ତି –

''ଉତ୍କଳରଏହି ଚିତ୍ର ନିଦାରୁଣ/ନାଚିବ ମୋ ଆଖି ଆଗେ ପୁଣ ପୁଣ
ଏକେ କାରାବାସ ଦୂର ପରବାସ / ଦେଶ ଦଶା ତହିଁ ମନେ ଦେଲେ କ୍ଳେଶ
କି ଭାବି ପରାଣେ ପାଇବି ଆଶ୍ୱାସ/ପୋଛି ବି ଲୋତକ ଧରି କି ସାହସ ?''

ଏଠାରେ ଏକ ଅଭିମାନୀ ପ୍ରାଣର ଯେଉଁ ଅକୈତବ ପରିଚୟ ମିଳେ ତାହାର ପଟାନ୍ତର ନାହିଁ । ଦେଶ ଓ ଜନତାକୁ କେତେ ଆପଣାର ମନେ କଲେ ଏପରି ସରଳ ତରଳ ଓ ନିରାଭରଣ କାବ୍ୟପଙ୍‌କ୍ତି ଅନ୍ତରର ନିଗିଡ଼ି ଆସିବ ତାହାହିଁ ପାଠକେ ଅନୁଭବ କରିବା କଥା । କିନ୍ତୁ ନିଦାରୁଣ ଯନ୍ତ୍ରଦାନବ (ରେଳଗାଡ଼ି) ସ୍ମୃତି ଆକ୍ରାନ୍ତ ଏଇ ମଣିଷଟି ପାଇଁ ଅଟକି ରହେ ନାହିଁ । ସେ ତାର ନିରୂପିତ ଗତି ପଥରେ ଆଗେଇ ଚାଲେ । ପଛରେ ରହିଯାଏ ସେ ବୁଲିଥିବା କେତେ ଅଂଚଳ ଓ

।୮। ଓଡ଼ିଆ ସାହିତ୍ୟର ଇତିହାସ – ୧ମ ସଂ. ପୃ ୩୫୮.୩୪
।୯। 'ବନ୍ଦୀର ଆତ୍ମକଥା'ରେ ରାଜନୀତିଜ୍ଞ ଗୋପବଂଧୁ – 'ସମାଜ' ବାର୍ଷିକ ସଂଖ୍ୟା, ଜୁଲାଇ ୧୯୭୬

କେତେ କରୁଣ ସ୍ମୃତିରାଜି । ତହିଁରେ ଜେନାପୁରବାସୀଙ୍କ ଦୁର୍ଗତି, କେନ୍ଦ୍ରାପଡା ଓ ଯାଜପୁରବାସୀଙ୍କ ବନ୍ୟାଦୁର୍ଗତି ଓ ଅନ୍ନକଷ୍ଟି, ବ୍ରାହ୍ମଣୀ ଓ କ୍ଷୁଧିତ ଖରସ୍ରୋତାର ଗୋପନ ମନ୍ତ୍ରଣା, ନଦୀମାତୃକା ଓଡ଼ିଶାର ବନ୍ୟା ଦୁର୍ଗତି ଓ ଦୁର୍ଭିକ୍ଷ ଆଦି ବହୁ ଶୋଚନୀୟ ଅଶ୍ରୁଳ ଚିତ୍ର ପ୍ରତିଫଳିତ ହୋଇ ଉଠେ । ଏହା ସହିତ ସ୍ୱରାଜ୍ୟ ସଂଗ୍ରାମୀମାନଙ୍କ ପ୍ରତି ବ୍ରିଟିଶ ସରକାରଙ୍କ ଅଭିସନ୍ଧି ମୂଳକ ଆଚରଣ, ଗ୍ରାମେ ଗ୍ରାମ ଜମିଦାର କର୍ତ୍ତୃକ ଅଗ୍ନ୍ୟୁତ୍ପାତ, ଫସଲ ଚୋରି ଆଦି ଅନେକ ଘଟଣା ଇତିହାସ ମମର୍ଥିତ ତଥ୍ୟପରି ଏ କାବ୍ୟରେ ଜୀବନ୍ତ ହୋଇ ଉଠିଛି । ସବୁ ଠାରୁ ବଳି କରୁଣଚିତ୍ର ପ୍ରକାଶ ପାଇଛି କନିକା ସଂପର୍କରେ । ମୋର ଯେପରି ମନେହୁଏ ଯୁଗ ଯୁଗର ମୂର୍ତ୍ତିମନ୍ତ କାରୁଣ୍ୟ ସତେ ଯେପରି ଏଇ କାବ୍ୟ ପ୍ରବାହରେ ଉତ୍ତରଳ ଗତିରେ ଫିଟିପଡ଼ି ରୁଦ୍ଧଶ୍ୱାସ ହୋଇ ଧାଇଁବାରେ ଲାଗିଛି, ସେଠି ବିରତି ବା ବିଶ୍ରାମ ନାହିଁ । ଖାଲି ଧାଇଁବା ହିଁ ତାର ଏକମାତ୍ର ଧର୍ମ । ଗୋଟିଏ ଚିତ୍ରରୁ ଅନ୍ୟଚିତ୍ରଟି ସ୍ୱତଃ ପ୍ରତିଭାତ ହୋଇ ଉଠୁଛି । ସେଥିପାଇଁ କୌଣସି ସଜ୍ଞାନ ସଚେତନ ଆୟୋଜନ ନାହିଁ । କେବଳ ଅନ୍ତରର ଗଭୀର ଆଲୋଡନର କାକୁସ୍ଥ ଓ ଜଡ଼ ସଡ଼ ଭାବମୂର୍ତ୍ତିଟିଏ ସେ ସୁନ୍ଦରୀ ଦୁଃଖିନୀ କନିକା ସେ ଅଶ୍ରୁଦୀପ୍ତ ନୟନରେ କେବଳ  ହାତପାତି ଠିଆ ହୋଇ ରହିଛି । ପାଟିରୁ ଶବ୍ଦ ଉଚ୍ଚାରିତ ହେଉନାହିଁ । କେବଳ ଧୈର୍ଯ୍ୟ ସ ସାହସ ସଂଚୟ ପାଇଁ ପରାମର୍ଶ ଦେଉଛି । ତାର ଗଭୀର ବିଶ୍ୱାସ ଏ ଅବସ୍ଥା ସବୁଦିନେ ରହିବ ନାହିଁ । 'ନିର୍ବାସିତର ବିଳାପ' କବିତାରେ କବି ମଧୁସୂଦନ ରାଓ ଯେପରି ଇଂରେଜୀ କବି william cowperଙ୍କୁ ଅନୁସରଣ କରି କହିଥିଲେ –

> ''ଥାଆନ୍ତାଯଦି ମୋର ବିହଙ୍ଗ ପକ୍ଷ / ଲଙ୍ଘି ପାହାଡ଼ ଗିରି  ସମୁଦ୍ର ବକ୍ଷ,
> ଦେଖନ୍ତି ପ୍ରିୟଜନ ମୁଖକମଳ/ହୁଅନ୍ତା ମୋ ଉତ୍ତପ୍ତ ପ୍ରାଣ ଶୀତଳ ।''

ଠିକ୍ ସେହିପରି ଜେଲର କକ୍ଷରୁ ଗୋପବନ୍ଧୁ ବିହଙ୍ଗମ ପକ୍ଷରେ ଉଡିଯାଇ କନିକାବାସୀଙ୍କ ରିକ୍ତ ଭଂଗାଘରେପହଂଚି ସେମାନଙ୍କ ପିଠି ଅାଁସି ରାଜ ଅତ୍ୟାଚାର ଜନିତ ଆଘାତ ଓ ପ୍ରହାର–ପରାଣକୁ  ପ୍ରଶମିତ କରି ଫେରି ଆସିବାକୁ ଆଶା ପୋଷଣ କରିଛନ୍ତି । କନିକାରେ ନିରୀହ ପ୍ରଜାମାନଙ୍କ ଉପରେ ଗୁଳିକାଣ୍ଡ ହେବା ଫଳରେ ଯେଉଁ ଦୁଇଜଣ ପ୍ରଜାଙ୍କ କରୁଣ ମୃତ୍ୟୁର ସମ୍ବାଦ ରଟିତ ହୋଇଥିଲା ତାହାହିଁ ତାଙ୍କୁ ଜେଲର ଅହରହ ବିବ୍ରତ କରୁଥିଲା ।  ଅନେକ ସମୟରେ ନିଜକୁ ହିଁ ସେ ଏଥିପାଇଁ ଦାୟୀ କରୁଥିଲେ । କାରଣ ସ୍ୱରାଜ୍ୟ ଆନ୍ଦୋଳନରେ ବ୍ୟସତ ଥାଇ ସେ ଆଉଥରେ କନିକା ଯିବାକୁ ବେଳ ପାଇ ନ ଥିଲେ ।  ହୁଏତ ସେ ପହଂଚି ପାରିଥିଲେ ଏତେବନ ବିପତ୍ତିରୁ  କନିକା ପ୍ରଜାମାନେ ରକ୍ଷା ପାଇଥାନ୍ତେ । ଏଠାରେ କହି ରଖିବାକୁ ହେଉଛି ଯେ ସମସ୍ୟା ସହିତ ଏପରି ଆତ୍ମୀୟତା ବୋଧ ବା ନିବିଡ଼  ବିଜଡିତ ଭାବ ହିଁ ତାଙ୍କ 'ବନ୍ଦୀର ଆତ୍ମକଥା'ର ଆତ୍ମବାଣୀ । କରଣ କବି ନିଜକୁ ସଂପୂର୍ଣ୍ଣ ରୂପେ ଜାତୀୟ ଦାୟ ଓ କାର୍ଯ୍ୟ କାରଣ ପାଖରେ ଉତ୍ସର୍ଗ କରି ଦେଇଥିଲେ ।  ଥିଲେ  ଏକାନ୍ତ ପ୍ରତିବଦ୍ଧ । ତେଣୁ ତାରି  ମର୍ମବାଣୀ ହିଁ ଏ କବିତାରେ ଫିଟି ପଡ଼ିଛି । ଏ ପଙ୍‌କ୍ତିଗୁଡ଼ିକ ଖୁବ୍ ସ୍ୱତଃସ୍ଫୂର୍ତ୍ତ ଓ ଶୋକାବହ । ଖୁବ୍ ପ୍ରତିବଦ୍ଧତାର ସ୍ୱର ଥିଲେ ବି କଳା ଚେତନାରେତାହା ବାଧକ ହୋଇନାହିଁ । ଭାଗ ଭାବର ବୋଲ ମାନିଛି, ତେଣୁ କାବ୍ୟସ୍ୱର ବେଶ୍ ନିୟନ୍ତ୍ରିତ, ସଂଯତ ଓ  ସୁସଂଗଠିତ । ଘଟଣା ପରେ ଘଟଣାର ବର୍ଣ୍ଣନା ପାଠକମାନଙ୍କୁ କେଉଁଠି ଉତ୍ପୀଡିତ କରେ ନାହିଁ । ବରଂ ପାଠକମାନଙ୍କୁ ଭସେଇନିଏ ଓ ତାଙ୍କ ଶୋକାକୁଳ ହୃଦୟ ସ୍ପନ୍ଦନ ସହିତ ସମତାଳରେ ଅନୁସ୍ପନ୍ଦିତ ହୋଇ ଉଠେ । ଏହାହିଁ 'ବନ୍ଦୀର ଆତ୍ମକଥା' କାବ୍ୟର ରସାଭାସ ହୋଇପାରେ, ହୋଇବି ପାରେ କାବ୍ୟିକ ବିଶେଷତ୍ୱ ।

'ବନ୍ଦୀର ଆତ୍ମକଥା'ର ଶେଷପର୍ଯ୍ୟାୟ କବି ଓଡ଼ିଶାର ଦୁର୍ଗତି ମୂଳକ ଅନେକ ଅନୁଭୂତିସିଦ୍ଧ ଘଟଣାର ତାତ୍‌କାଳିକ ବିବୃତି ପ୍ରଦାନ କରିଥିଲେ ମଧ ଜଣେ ସଚ୍ଚୋଟ ଅହିଂସା ସତ୍ୟାଗ୍ରହୀଭାବେ ଅସହଯୋଗ ପାଇଁ ଯେଉଁ କେତୋଟି ମୂଲ୍ୟବାନ ଉପଦେଶ ଦେଇଛନ୍ତି ତାହା ଏତେବେଶୀ ସତ୍ୟ ଓ ବିଶ୍ୱାସରେ ଅନୁରଂଜିତ ଯେ ଓଡ଼ିଆ ସାହିତ୍ୟରେ ଏହା ଏକ ଚିରନ୍ତନ

ଚେତନାର ଉତ୍ସ ଫିଟେଇ ଦେଇଛି । ଫଳରେ ଏକାନ୍ତ ଲକ୍ଷନିଷ୍ଠ ଉଦ୍ଦେଶ୍ୟ ମୂଳକ କାବ୍ୟପଙ୍‌କ୍ତି ମଧ୍ୟ ଆବେଗ ଉଚ୍ଛଳ, କାନ୍ତକୋମଳ ପଦାବଳୀରେ ପରିଣତ ହୋଇ ଯାଇଛି ।  ପୁଣି ତାଙ୍କ କର୍ମଜୀବନର ଭୂମିକାପରି କ୍ରମେ ଓଡ଼ିଶାର ଦୁର୍ଗତ ଚିନ୍ତାରୁ ଭାରତର ସ୍ୱାଧୀନତା ସଂଗ୍ରାମ ପ୍ରତି ଉଦ୍ଦିଷ୍ଟ ଶେଷ କେତୋଟି କାବ୍ୟପଙ୍‌କ୍ତିରେ ଯେଉଁ ଅଭିଜ୍ଞାନ ଓ ଜାତୀୟ ମମତା ପ୍ରକାଶ ପାଇଛି ତାହା ଖୁବ୍ ଉପାଦେୟ ଓ ପରିଚ୍ଛନ୍ନ । କବି ରାଧାନାଥଙ୍କ ପରି ଭାରତର ଦୁର୍ଗତି ସନ୍ଦର୍ଶନରେ ସେ ଅତ୍ୟନ୍ତ ଶୋକାକୁଳ ହୋଇ ଉଠିଛନ୍ତି ଓ ଲେଖିଛନ୍ତି –

> ‘‘ନହୁଷ ଯଯାତି ଶିବି ମହାଯଶା/ ଶାସିଲେ ଯେ ରାଜ୍ୟ ତାର ଏହି ଦଶା
> ରାମ ଯୁଧିଷ୍ଠିର ଯା’ର ନରପତି / ସେ ପ୍ରଜାକୁଳର ଆଜି ଏ ଦୁର୍ଗତି ।’’

ଏହି ଖେଦୋକ୍ତି ମଧ୍ୟରେ ସେ ଛନ୍ଦି ହୋଇ ନ ଯାଇ ଜଣେ ଆଶାବାଦୀ କବି ଭାବେ ଦୁର୍ଗତିର ନିରାକରଣ ପାଇଁ ନୀଳାଚଳ ବିହାରୀ ଜଗନ୍ନାଥଙ୍କ ଉପରେ ସଂପୂର୍ଣ୍ଣ ଆସ୍ଥା ପ୍ରକଟ କରିଛନ୍ତି । ବସ୍ତୁତଃ ତାଙ୍କ କର୍ମ ଓ କାବ୍ୟ ଜୀବନର ପ୍ରେରଣା ଭାବେ ଏଇ ଜଗନ୍ନାଥଙ୍କୁ ହିଁ ସେ ଗ୍ରହଣ କରି ନେଇଛନ୍ତି ।  ଭଗବଦ୍‌ପ୍ରେମୀ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱକୁ ଏଇ ଭାଗବତ ବୋଧ ଏତେ ବେଶୀ ଆଚ୍ଛନ୍ନ କରି ରଖିଥିଲା ଯେ ପ୍ରତ୍ୟେକ କଥାରେ, ବାକ୍ୟରେ ଓ ବକ୍ତବ୍ୟରେ ତାର ସ୍ୱତଃ ପ୍ରକାଶନ ଘଟିଥିବା ଲକ୍ଷ୍ୟ କରାଯିବ । ଏପରିକି ଓଡ଼ିଶା ଓ ନୀଳାଚଳ ପ୍ରତି ଚିର ମମତାପ୍ରବଣ ଏହି କବି ଦୃଢ଼ ସ୍ୱରରେ ଉଚ୍ଚାରଣ କରିଥିଲେ –

> ‘‘ଜଗତ ସରସେ ଭାରତ କମଳ / ତା’ ମଧ୍ୟେ କେଶର ପୁଣ୍ୟ ନୀଳାଚଳ
> ଥିଲେ ଯହିଁ ତହିଁ ଭାରତ ବକ୍ଷରେ/ମନେ ବି ମୁଁ ଅଛି ଆପଣା କକ୍ଷରେ
> ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ/ପ୍ରତିଷ୍ଠାନ ମୋର ପ୍ରିୟ ପୁରୀଧାମ
> ସକଳ ସଲିଳ ପଞ୍ଚତୀର୍ଥ ଜଳ/ପ୍ରତିଧର୍ମାଳୟ ମୋର ନୀଳାଚଳ ।’’

ଏପରି ଏକକ  ଓ ଅଭିନ୍ନ ଦେଶପ୍ରୀତିର ନିଦର୍ଶନ ଅନ୍ୟ କେଉଁ କବିଙ୍କ କାବ୍ୟପଙ୍‌କ୍ତିରେ ପ୍ରକାଶ ପାଇଥିବା ମନେହୁଏ ନାହିଁ । ହଁ, ହୋଇ ପାରନ୍ତି ତାଙ୍କ କାବ୍ୟଗୁରୁ ରାଧାନାଥ ଏଥିରେ ଅନ୍ୟତମ ବ୍ୟତିକ୍ରମ । ‘ବନ୍ଦୀର ଆତ୍ମକଥା’ର ଶେଷ ପଙ୍‌କ୍ତି କୋଡୋଟିର ସମସ୍ତ ଜାତୀୟ ଦୁର୍ଗତିର ଅପନୋଦନ ଓ ଏକ ସୁଭଗ ସମୟର ଆବାହନୀରେ ସ୍ୱାଭାବିକ ଭାବେ କବି ଉତ୍କଳ, ଭାରତ ଓ ବିଶ୍ୱର ଐକ୍ୟ ଚିନ୍ତାରେ ଭକ୍ତ ହୋଇ ଉଠିଛନ୍ତି । ସମସ୍ତ ଜାତୀୟ ଦୁର୍ଗତିକୁ ନୀଳାଚଳ ନାଥ ସମାଧାନ କରିଦେବେ ବୋଲି ଗଭୀର ଆଶା ମଧ୍ୟ ପୋଷଣ କରିଛନ୍ତି । ଏହି ଅଖଣ୍ଡ ବିଶ୍ୱାସ ହିଁ ତାଙ୍କ କାରାଯୁଦ୍ଧ ଜୀବନ ପାଇଁ ଏକମାତ୍ର ଆଶ୍ୱାସନା ଭାବେ ଠିଆ ହୋଇଛି ।

‘ବନ୍ଦୀର ଆତ୍ମକଥା’ ଓ ପରବର୍ତ୍ତି କେତୋଟି ଖଣ୍ଡ କବିତାର ସମବାୟରେ ରଚିତ ‘କାରା କବିତା’ ଗୋଟିଏ କାବ୍ୟିକ ଆବେଗର ଅଭିନ୍ନ ପ୍ରକାଶ ଭାବେ ଗୃହୀତ ହୋଇପାରେ । ତେଣୁ ଏ ସମସ୍ତ କବିତାରେ ଏକ ଭାବଗ୍ରାହୀ ହୃଦୟର ଯେଉଁ ଅମଳିନ ପରିଚୟ ମିଳେ ତାହା ଏକ ଜାତୀୟ  ମହାକାବ୍ୟର ଉଚ୍ଚାରଣ ଭାବେ ନିର୍ଣ୍ଣିତ ହୋଇପାରିବ । ହୃଦୟବର୍ତ୍ତା, ମାନବିକ ଦରଦ, ପରିପୁଷ୍ଟ ଜାତୀୟ ଚେତନାରେ ଏହା ମହାକାବ୍ୟର ବିଷୟ ପରି ଏକ ଚିରନ୍ତନ ଚେତନାର ସ୍ତରକୁ ଛୁଇଁ ପାରିଛି ଓ କ୍ଲାସିକ୍ ସାହିତ୍ୟପରି ପୋଖତ ଭାଷା ଓ ସମୃଦ୍ଧ ଭାବନାର ପରିଚୟ ବହନ କରୁଛି । ପୁନଶ୍ଚ ଜଣେ କ୍ଲାସିକ ସ୍ରଷ୍ଟାପରି ଗୋପବଂଧୁ ଅତିମାତ୍ରାରେ ପରଂପରାର ପଥ ଅନୁସରଣ କରିଥିଲେ ମଧ ଓ ନୀତିବତ୍ତା, ଆଦର୍ଶ, ନିର୍ମଳ ରୁଚି ଓ ଆଚାର ବିଚାର ପ୍ରତି ଧାନନିଷ୍ଠ ହୋଇଥିଲେ ମଧ  ତାଙ୍କ କାବ୍ୟରେ ଉଦାର ପ୍ରଗତିଶୀଳ ଚେତନାର ଅଭାବ ନାହିଁ ।

ପରଂପରାବାଦୀ ଭାବେ ସେ ଯେତିକି ଧର୍ମ, ନୀତି, ସଂସ୍କାର ଆଚାର ଓ ବିଚାର ପ୍ରତି ଧ୍ୟାନଶୀଳ, ସମୟର ଆହ୍ୱାନ ଅନୁସାରେ ନୂତନ ରାଜନୈତିକ ଓ ଆର୍ଥନୀତିକ ଉଦ୍‌ଯୋଗ (ଅରଟ ପ୍ରଚଳନ) ଓ ନୂତନ ସମାଜ ରାଜନୈତିକ ଦର୍ଶନ, ଗାନ୍ଧି ପ୍ରବର୍ତ୍ତିତ ସତ୍ୟ ଓ ଅହିଂସାମାର୍ଗ ପ୍ରତି ସେତିକି ନିର୍ଭରଶୀଳ । ସେହି କେବଳ ଲେଖି ପାରନ୍ତି :–

''କର୍ମ ଭୂମେ କିଏ ନେତା କେବା ନୀତ
ସମସ୍ତେ ନିମିତ୍ତ ବିଧି–ନିୟୋଜିତ ।
ନ କର ଶୋଚନା ରଖ ଧର୍ମେ ସାକ୍ଷୀ,
ଗୂଢ଼ ମୂହ୍ୟ ଭେଦେ ସେ ଅଦୃଶ୍ୟ ଆଖି ।''

ଏଥିରେ ବିଶ୍ୱାସର ବଳଳିଷ୍ଠତା କେବଳ ନୁହେଁ, ବ୍ୟକ୍ତି ଜୀବନରେ ତଥା ରାଷ୍ଟ୍ର ଜୀବନରେ ଏହାକୁ କାର୍ଯ୍ୟରେ ପରିଣତ କରିବାର ଦୁରନ୍ତ ପ୍ରତ୍ୟୟ ଗୋପବଂଧୁ ଦେଖାଇ ଯାଇଛନ୍ତି । ଜଣେ ଜଣେ ବ୍ୟକ୍ତିର ଆତ୍ମାହୁତିରେ ସମଗ୍ରଜାତି ଉର୍ଦ୍ଧ୍ୱାୟିତ ହୋଇଥାଏ  । ଏହି ବିଜ୍ଞାପନହୀନ କର୍ମବୀର ମଣିଷଟିର କୃଚ୍ଛ୍ର ସାଧନାରେ ଓଡ଼ିଆ ଜାତି ଯେ ଭାରତୀୟ ଦରବାରରେ ନିଜସ୍ୱ ଅସ୍ମିତା ଫେରିପାଇଛି – ଏହା ନିଃସନ୍ଦେହ । 'ବନ୍ଦୀର ଆତ୍ମକଥା' ଓଡ଼ିଆ ଜାତିର ଅସ୍ମିତାର ଉଦ୍‌ଘୋଷଣା ଓ ଉଚ୍ଚାଙ୍ଗ ସାହିତ୍ୟର ନିଦର୍ଶନ – ଏଥିରେ ମତଦ୍ୱୈଧ ଥାଇ ନପାରେ ।

**କାରାକବିତା** : ହଜାରିବାଗ କାରଗାରରେ ଥିବାବେଳେ କବି ତେରଟି ଭାବଉଚ୍ଛଳ, ପ୍ରେମ ଢ଼ଳଢ଼ଳ କବିତା ଲେଖିଥିଲେ । ସେ କବିତାଗୁଡ଼ିକ ତାଙ୍କ ପରି କାରୁଣ୍ୟର ପ୍ରତିଛବି ବହନ କରେ । ତାଙ୍କ ପରି ଜଣେ ମହାନ୍ ଜନନେତାଙ୍କ ହୃଦୟରେ ପୁଣି ଏତେ କୋମଳତା ଓ ଆବେଗ ସଂଜାତ ହୋଇପାରେ ଏ କବିତାଗୁଡ଼ିକ ନ ପଢ଼ିଲେ କେହି ସହଜରେ ବିଶ୍ୱାସ କରିବେ ନାହିଁ ।  ତହିଁରୁ ତିନୋଟି କବିତା 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' (କୌଣସି ପ୍ରିୟ ବଂଧୁଙ୍କ ଉଦ୍ଦେଶ୍ୟରେ) ଓ 'ପ୍ରେମର କି ଏହି ପରିଣାମ' (ପତ୍ନୀ ବିୟୋଗ ଜନିତ ଦୁଃଖ) କବିତା ଦୁଇଟି ତାଙ୍କ ବ୍ୟକ୍ତିଗତ ଦୁଃଖ ଓ ଶୋକର ଚିତ୍ର ବହନ କରେ । ଉଭୟ କବିତାର ଭାଷା ଓ ଭାବ ବେଳେବେଳେ ଏକାପରି ମନେହୁଏ । ଅର୍ଥାତ୍ ବଂଧୁଙ୍କୁ ଯେଉଁ ଆବେଗରେ ସେ ଭଲ ପାଉଥିଲେ ପତ୍ନୀଙ୍କୁ ମଧ୍ୟ ସେହି ଆବେଗରେ ହୃଦୟ ଓ ପ୍ରାଣ ଢ଼ାଳି ଦେଇଥିଲେ । ବଂଧୁ ତାଙ୍କୁ କୌଣସି କାରଣରୁ ଭୁଲ୍ ବୁଝିଥିବାରୁ ତାଙ୍କ ପାଇଁ କବିଙ୍କ ଅଭିମାନର ଭାଷା ହୃଦୟ ବିଦାରକ ଶୋକରେ ପରିଣତ ହୋଇଥିଲା ଓ ମନେ ହେଉଥିଲା ଯେପରି କୌଣସି ପ୍ରେମିକାର ଭୁଲ୍ ବୁଝାମଣାର  ଶରବ୍ୟ ହୋଇ କବି ଭାଂଗିପଡ଼ିଛନ୍ତି । ଏ ଭାଷାର କୋମଳତାକୁ ଲକ୍ଷ କରନ୍ତୁ –

''ଫୁଲପରି ପ୍ରେମ ଝାଉଁଳେ କି ବନେ/ପ୍ରେମ ଯେ ଅନନ୍ତ ଅକ୍ଷୟ ଧାରା,
ଦୂରକଲେ ମୋତେ ହେବି କି ଅନ୍ତର/ତୁମେ ଯେ ମୋ ପ୍ରାଣ –ପ୍ରଣୟ କାରା ।
ଏ ଜୀବନେ ପ୍ରେମ ନୁହେଁ ଅବସାନ/ଅନ୍ୟସ୍ଥାନେ ପୁଣି ହେବ ତ ଦେଖା,
ଶୁଦ୍ଧ ନେତ୍ରେ ତହିଁ ଦେଖିବ ମୋ ହୃଦେ/ପ୍ରେମ ରସାଣିତ ଅମୃତ ଲେଖା ।

କବି ନିଜେ ଏ କବିତାଟିରେ ଯଦି ଉତ୍ସର୍ଗରେ 'ଜଣେ ଆଜୀବନ ସହକର୍ମୀଙ୍କ  ପ୍ରତି' ବ୍ରଥିତ ପ୍ରାଣର ଅନ୍ତିମ ଅଶ୍ରୁ ବୋଲି ଲେଖି ନଥା'ନ୍ତେ ତେବେ ଯେ କେହି ପାଠକ ଏହାକୁ କୌଣସି ତରୁଣୀପ୍ରତି ତାଙ୍କର ବ୍ୟର୍ଥ ଓ ବିଷାଦ ଗ୍ରସ୍ତ  ପ୍ରେମ ନିବେଦନ ବୋଲି ଭାବି ନେଇଥାନ୍ତେ । ପ୍ରାଣ ସଂଗୀତ, ମର୍ମବେଦନା, ମନକଥା, ପରାଣ–ସଖା, ଆଦି ଶବ୍ଦାବଳୀଏ କବିତାଟିକୁ ଜଣେ ନାରୀ ଉଦ୍ଦେଶ୍ୟରେ ରଚିତ ବୋଲି ଚିହ୍ନିତ କରିବାକୁ ଯଥେଷ୍ଟ, ପୁଣି ଯେଉଁ

କାରୁଣ୍ୟର ସେ ଲେଖିଛନ୍ତି –

ଜୀବନ କି ଖାଲି ନିରାଶାର ବାଲି/ ମରୁ ମରୀଚିକା ସେନେହ ପ୍ରୀତି
ତେବେ କି ଆଶାରେ କହ ଏ ସଂସାରେ/ପର ଲାଗି ନର ମରୁଚି ନିତି
ପ୍ରେମ ପରା ସହେ, ସହି ସୁଖପାଏ/ପ୍ରେମ ନ ଜାଣଇ କେବେ ଶୋଚନା
ପ୍ରିୟଜନେ ନୁହେଁ ପ୍ରେମିକ ବିମୁଖ/ହେଲେ ହେଉ ଯେତେ ଗୁରୁ ଗଂଜଣା ।

ପୁଣି ଏହା ସହିତ କବି କହୁଛନ୍ତି – ''ମୋ ପ୍ରେମ କି ସତେ କେବଳ ଛଳନା ? '' ''ତୁମେ ତୀବ୍ର କଷାଘାତ ଦେଇ ଏ ହୃଦୟର ସହନସୀମା ପରୀକ୍ଷା କରୁଛ କି ?'' ଆଖିପୋଛି ଦେଖ ମୋ ହୃଦେ ତୋ ହୃଦ (କିପରି ମିଶି ରହିଛି) ଏସବୁ ପଙ୍‌କ୍ତି ଓ ଭାବନା କେବଳ ନାରୀଟିଏକୁ  ହରାଇ ବସିଥିବା ପୁରୁଷଟି ଏହି ପ୍ରକାଶ କରିଥାଏ । ପୁଣି ପଦଟିଏ ଅଛି –

ଗାଢ଼ ଆଲିଙ୍ଗନ, ସୁଚାରୁ ଚୁମ୍ବନ/ଅଶ୍ରୁଧାରା ଯେଉଁ ପ୍ରେମ ବ୍ୟଞ୍ଜନା

ଲୋହିତ ଲୋଚନ, ନିଷ୍ଠୁର ବଚନ/ଓଲଟ ଇକ୍ଷଣେ ତାର ଲାଞ୍ଛନା ।

ଏ ବେଳ ବିଭାବ, ହେଲା ଅନୁଭବ/ଅଳ୍ପ ଦିବସେ ତୁମ ସଙ୍ଗତେ

କେତେ ସୁଖ ଦୁଃଖ, ସୁହାସ ଲୋତକ/ନିଭାଇଲି ଏହି ଅଙ୍ଗେ ଗୁପତେ ।

ଏ ପଙ୍‌କ୍ତିଗୁଡ଼ିକ ହୁଏତ ଅଳ୍ପଦିନ ଏକାଠି ରହିଥିବା ପତ୍ନୀ ପାଇଁ ମଧ୍ୟ ଅଭିପ୍ରେତ ହୋଇପାରେ । କିନ୍ତୁ ଶ୍ରୀ ଜଗବଂଧୁ ସିଂ ଲେଖିଥିବା ପ୍ରବନ୍ଧ ଅନୁଯାୟୀ (୧୯୩୨ ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା) – ''ଯୋଗୀ ଋଷିଙ୍କର ମତିଭ୍ରମ ହେବାର ପ୍ରବାଦ ଅଛି । ମାତ୍ର ନିଜର ଦୁର୍ବଳତା, ନିଜର ତ୍ରୁଟି ସ୍ୱୀକାର କରିବା ଗୋଟାଏ ମହତ ଗୁଣ ଏବଂ  ମହାନୁଭବତାର ଚିହ୍ନ ।'' ଏ ପ୍ରବନ୍ଧ ସହିତ 'ବ୍ୟଥିତ ପ୍ରାଣର ଅନ୍ତିମ  ଅଶ୍ରୁ' କବିତାଟି ସେଇ ଏକା ଶ୍ରାଦ୍ଧ ସଂଖ୍ୟାର ପ୍ରକାଶ ପାଇଥିବାରୁ ମନେ କରିବାକୁ ହେବ ଯେ କବିତାଟି ପ୍ରବନ୍ଧ ଶ୍ରୀ ଜଗବନ୍ଧୁ  ସିଂ 'ସମାଜ' ଶ୍ରାଦ୍ଧ ସଂଖ୍ୟାରେ ପ୍ରକାଶ କରିବାକୁ ଦେଇଥାଇ ପାରନ୍ତି । ମୋଟ ଉପରେ ବଂଧୁଙ୍କ ଉଦ୍ଦେଶ୍ୟରେ ହେଉ ବା ପ୍ରେମିକା ଉଦ୍ଦେଶ୍ୟରେ ହେଉ ଆମକୁ ଭାବ ଓ କଳାଦୃଷ୍ଟିରୁ କବିତାଟିକୁ ବିଚାର କରିବାକୁ ହେବ କବି ପ୍ରେମର ସଂଜ୍ଞା ପ୍ରକାଶ କରିବାକୁ ଯାଇ କହିଛନ୍ତି ଗାଢ଼ ଆଲିଙ୍ଗନ ଚୁମ୍ବନ ଓ ଲୋତକ ଯେଉଁ ପ୍ରେମକୁ ପ୍ରକାଶ କରିଥାଏ ସେଠି  ଯଦି ଅପାଙ୍ଗ ପରିବର୍ତ୍ତେ କ୍ରୋଧ ଭରା ଲାଲ କଟାକ୍ଷ, କର୍କଶ ବାକ୍ୟାବଳୀ ଗାଳିଗୁଲଜ ପ୍ରୟୋଗ କରାଯାଏ ସେଠି ପ୍ରେମ ଲାଞ୍ଛିତ ହେବାକୁ ବାଧ୍ୟ । ଏହାହିଁ ପ୍ରେମର ସାର୍ବଜନୀତତା । ପତ୍ନୀହେଉ, ପ୍ରେମିକା ହେଉ ବା ଅନ୍ତରଙ୍ଗ ବଂଧୁ ହେଉ ଯେଉଁମାନଙ୍କ ସହ ସୁଖଦୁଃଖ, ଭାବ ବିନିମୟର ଜୀବନ କଟାଯାଇଥାଏ ସେଠି ଯଦି କୌଣସି କାରଣରୁ କୋପାନଳ ପ୍ରକାଶ ପାଏ ତେବେ ସେ ବଂଧୁତା ବା ପ୍ରେମ ଭାଂଗିଯିବାକୁ ବାଧ୍ୟ ।

ଜଗବଂଧୁଙ୍କ ସହିତ ଗୋପବନ୍ଧୁଙ୍କ ମତାନ୍ତର ହୋଇଥିଲେ ବି ମନାନ୍ତର ହୋଇ ନ ଥିଲା । ସେ ନିଶ୍ଚୟ ଥିଲେ ତାଙ୍କ ପରମ ବଂଧୁ । କିନ୍ତୁ ୧୯୨୬ ମସିହା ନିର୍ବାଚନରେ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବେ ବିହାର–ଓଡ଼ିଶା ବିଧାନ ସଭା ପାଇଁ ସତ୍ୟବାଦୀର ସତୀର୍ଥ– ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କୁ ଗୋପବଂଧୁ ପ୍ରାର୍ଥୀ କରାଇଲେ । ତାଙ୍କର ପାଠ୍ୟସାଥୀ ଜଗବଂଧୁ ସିଂ କଂଗ୍ରେସ ଟିକେଟ ନ ପାଇ ସ୍ୱାଧୀନ ଭାବେ ଠିଆ ହେବାକୁ ଚାହିଁଲେ । ସେ ସେତେବେଳେ ପୁରୀର ଓକିଲ । ଗୋପବନ୍ଧୁ କିନ୍ତୁ ଅନୁଭବ କଲେ ଲିଙ୍ଗରାଜଙ୍କର ଜିତିବାର  ସମ୍ଭାବନା ଅଧିକ । ତେଣୁ ଅନ୍ୟ ଦୁଇପ୍ରାର୍ଥୀ ଏମାରମଠ ମହନ୍ତ ଗଦାଧର ରାମାନୁଜ ଦାସ ଓ ବଂଧୁ ଜଗବଂଧୁ ସିଂହଙ୍କ ବିରୁଦ୍ଧରେ ଭୋଟ ପ୍ରଚାର କରିବାକୁ ଗୋପବଂଧୁ ବାଧ୍ୟ ହୋଇଥିଲେ ।

ସେତେବେଳେ ବିଭିନ୍ନ ରଂଗର ବାକ୍ସରେ ଭୋଟ କାଗଜ ପକାଇବାକୁ ହେଉଥିଲା। ଲିଙ୍ଗରାଜଙ୍କ ବାକ୍ସ ମଝିର ଥିଆ ହେବା କଥା । ଗୋପବଂଧୁ ଗୋଟିଏ ପ୍ରଚାରପତ୍ର ଛାପିଦେଲେ – ଯେଉଁଥିରେ ଲେଖାଥିଲା – ''ରାଧେ ଗୋବିନ୍ଦ ଭଜ, ଏପାଖ ସେ ପାଖ ବାକ୍ସ ତେଜ, ମଝି ବାକ୍ସରେ ଭୋଟ ଗୁଂଜ ରାଧେ ଗୋବିନ୍ଦ ଭଜ, ସିଂହ, ମହାରାଜ ତେଜ ମଝିବାକ୍ସରେ ଭୋଟ ଗୁଂଜ ।'' ଏ ପ୍ରଚାର ପତ୍ର ଧରି କେତୋଟି ସଂକୀର୍ତ୍ତନ ଦଳ ମଫସଲମାନଙ୍କରେ ଭୋଟ ପ୍ରସାର କଲେ ଓ ପରିଣତିରେ ଦାସେ ଆପଣଙ୍କ ଏହି ଆବେଦନରେ ଲୋକ ଭୁଲିଗଲେ ଓ ଲିଙ୍ଗରାଜ ମିଶ୍ର ଜିତିଗଲେ । ଏ ଘଟଣା ରାଜନୈତିକ ଘଟଣା ଥିଲେ ବି ଗୋପବଂଧୁଙ୍କ ବ୍ୟକ୍ତିଗତ ବଂଧୁତା ଉପରେ ଖୁବ୍ ଆଘାତ ସୃଷ୍ଟି କରିବା କଥା । ଜଗବଂଧୁଙ୍କ ସହିତ ମତାନ୍ତର ତ ହୋଇଥିଲା, ଏବେ ମନାନ୍ତର ହେବାର ବେଳ ମଧ୍ୟ ଉପସ୍ଥିତ । ସେତିକି ବେଳେ ଜଗବଂଧୁଙ୍କ କୋପାନଳର ଶୀକାର ହୋଇଥିଲେ ଗୋପବଂଧୁ ଓ ପରେ ପରେ କୌଣସି ନୀରବ ମୁହୂର୍ତ୍ତରେ ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତା ଲେଖି ଥାଇ ପାରନ୍ତି । ତେଣୁ ଏ କବିତାଟିକୁ ଯଦି କେହି ଭାବୁଥାନ୍ତି ଗୋପବଂଧୁ ହଜାରୀବାଗ ଜେଲ୍‌ରେ ଲେଖିଥିଲେ ଏହା ଭୁଲ୍‌କଥା ହେବ । ଏ କବିତାଟିର ରଚନାକାଳ ୧୯୨୬ ମସିହା ନିଶ୍ଚୟ । ଜଗବଂଧୁଙ୍କ ତାଡ଼ାରେ ଗୋପବଂଧୁଙ୍କ ମମତ୍ୱପୂର୍ଣ୍ଣ ସରଳ ହୃଦୟ ଭାଂଗି ପଡ଼ିଥିଲା । ସେ କଟକ ଆଉ ଫେରିଲେ ନାହିଁ । ଆଉ ଫେରିବେ ନାହିଁ ବୋଲି ମଧ୍ୟ ଅନ୍ୟତମ କଲେଜ ସାଥୀ'ମୁକୁର' ସଂପାଦକ ବ୍ରଜସୁନ୍ଦର ଦାସଙ୍କୁ କହିଯାଇଥିଲେ । ଏ କବିତାଟିକୁ ସେତେବେଳେ ନାନାଦି କାରଣରୁ ସେ ପତ୍ର ପତ୍ରିକାରେ ମଧ୍ୟ ଛାପି ନଥିଲେ । ତେବେ ଜଗବଂଧୁ ସିଂହଙ୍କୁ ନିଶ୍ଚୟ ଦେଇଥିବେ । ଫଳରେ କବିତାଟିର ତାଙ୍କ ଭାବାବେଗର ଚରମ ପ୍ରକାଶ ଘଟିବା ସ୍ୱାଭାବିକ କଥା । ଏହାପରେ ପୃଥିବୀରୁ ଶେଷଯାତ୍ରା ପାଇଁ ଆଉ ବେଶୀ ସମୟ ନଥିଲା । ହଜାରିବାଗ ଜେଲ୍‌ରେସେ ଯେଉଁ କେତୋଟି ଖଣ୍ଡ କବିତା ଲେଖିଥିଲେ ତା' ହେଲା । 'ପିତୃପକ୍ଷ ତର୍ପଣ', 'ବନ୍ଦୀର ବିରହ କଥା', 'ବଂଦୀର ସାଂଧ ଭକ୍ତି' 'ବନ୍ଦୀର ସ୍ୱଦେଶ ଚିନ୍ତା', 'ବନ୍ଦୀର ସଂଧ୍ୟା ଭାବନା, 'କାରାରେ ଜଣେ ବନ୍ଧୁଙ୍କ ବିୟୋଗ ବାର୍ତ୍ତା ଶୁଣିବା ପରେ' । ଏପରିକି ନିଜ ପତ୍ନୀଙ୍କ ସ୍ମୃତିରେ ସେ ଲେଖିଥିବା 'ପ୍ରେମର କି ଏହି ପରିଣାମ' କାରାଗାରରେ ଲେଖିଥିବା ସନ୍ଦେହ ଜନକ । ବରଂ ବଂଧୁତା ତୁଟିଯାଇଥିବା ଧକ୍କାରେ ମ୍ରିୟମାଣ କବି ଏ କବିତାଟି ପରେ ପରେ ଲେଖିଥାଇ ପାରନ୍ତି ବୋଲି ଅନୁମାନ କରାଯାଇପାରେ ।

ପତ୍ନୀଙ୍କ ସହିତ କେତେ ଗଭୀର ପ୍ରୀତି ଥିଲେ ଏପରି ଏକ କବିତା (ପ୍ରେମର କି ଏହି ପରିଣାମ) ଲେଖା ଯାଇପାରେ ତାହା ସହଜରେ କଳ୍ପନା କରାଯାଇ ପାରିବ ନାହିଁ । ଏ କବିତାଟିର ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ପଙ୍‌କ୍ତି ଗଭୀର ପ୍ରେମର ପ୍ରତିପାଦକ ଓ ଶୋକାର୍ତ୍ତ । ଯେ କୌଣସି ପଦ ପଢ଼ନ୍ତୁ ପାଠକ ମୁଗ୍ଧ ହୋଇଯିବ ଓ ଭାବିବ ବଢ଼ିମରୁଡ଼ିରେ ସବୁବେଳେ ଜନସେବାରେ ଅନୁବ୍ରତୀ ଘରଠାରୁ ବାହାରେ ବାହାରେ ରହୁଥିବା ବ୍ୟକ୍ତି ପୁଣି ଏକମାତ୍ର ପୁତ୍ରକୁ ରୋଗ ଶଯ୍ୟାରେ ଛାଡି ବଢ଼ି ଅଂଚଳକୁ ଚାଲିଯାଇଥିବା ବ୍ୟକ୍ତି ସେଇ ଗ୍ରାମ୍ୟବଧୂ ନାରୀଟିକୁ ଏତେ ଭଲ ପାଉଥିଲେ କିପରି ? ଏତେ ଅନ୍ତରଙ୍ଗ ଅନୁଭୂତି ନ ଥିଲେ କଣ ଏପରି ଭାବତରଳ ମନ ଛୁଆଁ କବିତା କେହି ଜଣେ ଲେଖିପାରିବ ?

ତରଳ ତାରୁଣ୍ୟେ ବେନି ହୃଦ ଢ଼ଳ ଢ଼ଳ / ମିଶିଲା ସହଜେ ଯଥା ଜଳ ସଂଗେ ଜଳ
କୋମଳ କୈଶୋରେ ପ୍ରୀତି ହେଲା ଗାଢ଼ରେ/ ସହେ ନାହିଁ ପ୍ରାଣ ହେଲେ ମୁହୂର୍ତ୍ତେ ଅନ୍ତର
ଏକ ହୃଦେ ଲାଗେ ଯେବେ ଦୁଃଖ ଦାଉ ଘାତ/ସଂଗେ ସଂଗେ ଆନ ନେତ୍ରୁଁ ହୁଏ ଅଶ୍ରୁପାତ
ବେନି ପିଣ୍ଡେ ଏକ ଆତ୍ମା ଏକ ମନପ୍ରାଣ/ବେନି ହୃଦେ ଏକ ତନ୍ତେ ବାଜେ ସମତାନ ।''

ପୁଣି ରୂପକ ଛଳରେ କବି ଚାରୁବୀଣା ଓ ଶଙ୍ଗ, ପ୍ରପାତ, ପରି ତିନୋଟି ଚିତ୍ର ଉପସ୍ଥାପନ କରିଛନ୍ତି ଏ କବିତାରେ । ବୀଣାର ତାର ଛିନନ ହୋଇଗଲା ଯାହାଥିଲା ତାଙ୍କ ପାଇଁ ପ୍ରୀତିର ନିଦର୍ଶନ, ପ୍ରପାତ ଯୋଗୁ ଶୃଙ୍ଗ ଦ୍ୱିଖଣ୍ଡିତ ହୋଇଗଲା,

ସେମାନେ ଆଉ ଅବିଚ୍ଛିନ୍ନ ରହି ପାରିବେନି କୁସୁମ ବିତାନ ମରୁଭୂମିରେ ପରିଣତ ହୋଇଗଲା, ଯୌବନରେ ହେଲେ ଉଭୟେ ଏକାଠି ପୃଥିବୀର ବିଦାୟ ନେଇଥାନ୍ତେ, କିନ୍ତୁ ଜୀବନସାରା ବିରହ ଯନ୍ତ୍ରଣା ଓ ଦୁଃଖ ଭୋଗ କରିବାକୁ ସେ ରହିଗଲେ । ତଥାପି ତାଙ୍କର ବିଶ୍ୱାସ ଅଛି ବିଚ୍ଛେଦରେ ପ୍ରେମ ଅଧିକ ମଧୁର ହୋଇଥାଏ । ଶୀତ ନ ଆସିଲେ ଗଛବୃଛରେ କଣ ନବୀନ କୀଶଳୟ ଶୋଭାପାଇବ । ଅର୍ଥାତ୍ ମୃତ୍ୟୁଧାମରେ ପୁଣି ଥରେ ମିଳନର ଆଶା ତାଙ୍କ କବିତାରେ ସର୍ବତ୍ର ଉଜ୍ଜୀବିତ ରହିଛି ।

ବ୍ୟକ୍ତିଗତ ବିଚ୍ଛେଦ ଭାବନାରୁ ମନରେ ଯେଉଁ ପୁନଃ ମିଳନର ଭାବନା ଦୃଢ଼ୀଭୂତ ହୋଇଛି ତାହା ପରିଦୃଶ୍ୟମାନ ଜଗତର ବିଭିନ୍ନ ଦୃଶ୍ୟଗତ ଉପଲବ୍ଧିରୁ ସଂଜାତ । ସୂର୍ଯ୍ୟ ଓ ନଳିନୀ, ଚନ୍ଦ୍ର ଓ ସାଗର, ମଳୟ ଓ ଗିରିଗୁହା, କଳାମେଘ ଓ ବିଜୁଳି, ତରୁ ଓ ତା ଦେହରେ ମାଡ଼ିଥିବା ଲତା, ଗିରିବକ୍ଷ ଓ ଝରଣା, ସରିତ ଓ ସାଗର – ବିଶ୍ୱର ସବୁଆଡ଼େ ମିଳନର ଚିତ୍ର ଯେପରି ଭରି ରହିଛି । ଏପରି ପ୍ରେମର ଉନ୍ମାଦନାରେ ସାଗର ମଧ୍ୟ ବେଳାଭୂମିକୁ ପ୍ରତି ମୁହୂର୍ତ୍ତରେ ଚୁମ୍ବନ ଦେଉଛି । ତେଣୁ ସେ ପ୍ରାଣତମା ପତ୍ନୀଙ୍କୁ ହରାଇ ନିରାଶ କାହିଁକି ହେବେ ? ଗିରି ସାଗର, ନଦୀ, ତପନ, ଶଶୀ ଏ ସମସ୍ତେ କବିଙ୍କୁ ପ୍ରେମରେ ନିସ୍ନାତ କରିଦେବେ । ସମଗ୍ର ବିଶ୍ୱ ହୋଇ ଉଠିବ ତାଙ୍କ ପାଇଁ ପ୍ରେମର ପସରା ପରି । ତେବେ ସେ କାହିଁକି ଆଉ ଦୁଃଖ କରିବେ ? ବରଂ ନିଜସ୍ୱ ଦୁଃଖକୁ ପରିପାର୍ଶ୍ୱ ମଧ୍ୟରେ ବାଣ୍ଟି ଦେବାର ଆନନ୍ଦକୁ ପ୍ରାଣଦେଇ ଉପଭୋଗ କରିବେ । (ତେଣୁ ତାଙ୍କ ମନରେ ଯେଉଁ ବେଦନା ଓ ଅବଶୋସ ପ୍ରକାଶ ପାଇଥିଲା – ''ଶୂନ୍ୟ ସଂସାର ମୋର ଶୂନ୍ୟ ସଦନ/ଚୁମ୍ବନ ଆଲିଙ୍ଗନ ମୋର ସ୍ୱପନ କିଏ ବା ଦେବନେବ ପ୍ରେମ ପୀୟୂଷ । ନୀରବ ହାହାକାରେ ଯିବ ଆୟୁଷ ?'' – ଏ ଦୁଃଖ କ୍ରମେ ତିରୋହିତ ହୋଇଯାଇ ଉଜ୍ଜ୍ୱଳ ଆଶାର ମୟୂଖ ପ୍ରକାଶ ପାଇଛି ।

ଏ ସଂକଳନରେ ଅଛି ଦୁଇଟି ଅତିଦୀର୍ଘ କବିତା । (୧) ପତୃପକ୍ଷ ତର୍ପଣ (୨) ବନ୍ଦୀର ସ୍ୱଦେଶଚିନ୍ତା । ଏ ଦୁଇଟି କବିତାରେ ଗୋପବନ୍ଧୁଙ୍କ ଚିନ୍ତାସ୍ରୋତ ଅବାରିତ ଭାବେ ପ୍ରବାହଶୀଳ । ଏ ଦୁଇଟିକୁ ଦୁଇଟି ଶୁଦ୍ଧ ସୁବର୍ଣ୍ଣ କବିତା (Pure Gem of potery) ବୋଲି କହିବାକୁ ହେବ । ପିତୃପକ୍ଷ ତର୍ପଣ ସମୟ ଆସିଛି କିନ୍ତୁ କବି କାରାବାସୀ, ଜଣେ କାରାବାସୀର ତର୍ପଣ ମୃତ ପିତୃ ପୁରୁଷ ଗ୍ରହଣ କରିବେତ ? – ଏ ସଂଶୟ ପ୍ରଥମରୁ ତାଙ୍କ ମନରେ ଜାତ ହୋଇଛି, ଯଦି ଗ୍ରହଣ ନ କରିବେ ତେବେ ତାଙ୍କର ସମସ୍ତ ଆୟୋଜନ ବ୍ୟର୍ଥ ହୋଇଯିବ । ''ମୁଁ କି ଦୋଷୀ ? ପଚାରିଲେ ଅନ୍ତରେ ଅନାଇଁ ଅନ୍ତରୁ ଉତ୍ତର ଆସେ ନାହିଁ ନାହିଁ ନାହିଁ/ ନୁହେଁ ନରହନ୍ତା କିମ୍ବା ପରଧନ ହାରୀ ପରଶି ନାହିଁ ଏ ତନୁ କେବେ ପରନାରୀ/ଜ୍ଞାତସାରେ ଦେଇନାହିଁ ପରପ୍ରାଣେ ପୀଡା/ଅପରଦେ ଅନ୍ୟପାଶେ ହୋଇନାହିଁ ଛିଡା/କରିନାହିଁ ଶାନ୍ତି ଭଙ୍ଗେ କାହିଁ ଆୟୋଜନ/ଦେଇନାହିଁ ଜାତି, ଧର୍ମ–ବିଦ୍ୱେଷୀଭାଷଣ କରିନାହିଁ ପରନିନ୍ଦା ଈର୍ଷା ସହକାରେ/ ଅପରାଧେ କଳୁଷିତ ତେବେ କି ପ୍ରକାରେ ? (ପୃ.୭)

ବର୍ତ୍ତମାନର ରାଜନୀତି କଥା କବି ଉଠାଇଛନ୍ତି – ଯେଉଁ ରାଜନୀତିକି ଘୋର କଳୁଷମୟ । ପରାଧୀନ ଦେଶରେ ମହତ୍ତ୍ୱପୂର୍ଣ୍ଣ ରାଜନୀତିର ପ୍ରଶ୍ନ ବା କାହିଁକି ଉଠୁଚି ? ଏ ଦେବଭୂମି ଭାରତ ବର୍ଷର ଏପରି ଦୁରବସ୍ଥା ଦେଖି ଅନ୍ତର ଦୁଃଖରେ ଫାଟିଯାଉଛି । ସ୍ୱାଧୀନତା ମାନବର ଜନ୍ମ ଅଧିକାର ବୋଲି ମହାତ୍ମାମାନେ କହି ଯାଇଛନ୍ତି । କିନ୍ତୁ ପରାଧୀନ ଭାରତରେ ତାହା ଏକାନ୍ତ ଦୁର୍ଲଭ ହୋଇପଡ଼ିଛି । ଏ ସବୁ ଦେଖି ତାଙ୍କ ପିତା ଓ ପିତାମହ ଅନ୍ତରୀକ୍ଷରେ ଦେବଗଣ ଓ ଋଷିଗଣ ସହ ବିକଳରେ କାନ୍ଦୁଥିବେ ବୋଲି ଗୋପବଂଧୁ ଅନୁଭବ କରିଛନ୍ତି । ୧୯୨୪ ମସିହା ବେଳକୁ ଭାରତର ଜନସଂଖ୍ୟା ଥିଲା ତିରିଶ କୋଟି । ଏମାନେ ନିଜ ଦେଶରେ ଶ୍ୱାନ ଶୃଗାଳଠାରୁ ବି ଆହୁରି ହୀନଭାବରେ ବଂଚୁଛନ୍ତି । ଦେଶବାସୀ ଅଭାବ ଅନାଟନ ଓ କ୍ଷୁଧାରେ, ସଢୁଛନ୍ତି । ''ଭାରତ ଜନନୀ ମୋର ପର ଘରେ ଦାସୀ ।'' ସେ ତର୍ପଣ

ମାଧ୍ୟମରେ ପିତୃପୁରୁଷ, ଦେବର୍ଷି, ବିଶ୍ୱଦେବା, ମହର୍ଷି, ବ୍ରହ୍ମର୍ଷି, ଭୀଷ୍ମ ପୀତାମହ, ସମସ୍ତ ବସୁ, ଯମ, ଅନଳ,ପବନ ଦେବତାମାନଙ୍କୁ ଆହ୍ୱାନ କରୁଛନ୍ତି ବ୍ୟାକୁଳ ଭାବରେ । ଏପରିକି ଭୂଚର, ଯକ୍ଷ, ପିଶାଚ, କିନ୍ନରମାନେ ମଧ୍ୟ ବାଦ୍ ଯାଉନାହାନ୍ତି । ଅସୁର, ନାଗ, ରକ୍ଷ, ସିଦ୍ଧ ସମସ୍ତଙ୍କୁ ଭକ୍ତିପୂତ ଜଳାଞ୍ଜଳି ପ୍ରଦାନ କରି ଆବାହନ କରୁଛନ୍ତି । ସେମାନଙ୍କୁ ପଚାରିଛନ୍ତି – ସେମାନେ ବିଚାର କରନ୍ତୁ କେଉଁଥିପାଇଁ ତାଙ୍କ ହାତରେ ହାତକଡ଼ି ପିନ୍ଧେଇ ଦିଆଯାଇଛି ? ଖାଲି ସେ ଏକା ନୁହନ୍ତି ଶହଶହ ଭାରତୀୟ ସନ୍ତାନମାନଙ୍କର ଆଜି ଏଇ ଅବସ୍ଥା । ନିଜ ମାଟିରେ ସେମାନେ ପର ପଦାନତ, ବିଚାର ଓ ନ୍ୟାୟ ପ୍ରାର୍ଥୀ । ଏପରିକି ଭାରତର ସର୍ବମାନ୍ୟ ସନ୍ତାନ ମହାତ୍ମାଗାନ୍ଧି ମଧ ବନ୍ଦୀଶାଳାରେ । ଭାରତ ବର୍ତ୍ତମାନ ଅମଲାମାନଙ୍କ ଦ୍ୱାରା ଶାସିତ । ପ୍ରଜାମାନେ ପ୍ରପୀଡ଼ିତ, ବ୍ୟଥିତ ଓ ବ୍ୟାକୁଳ । ଏଠାରେ ଶାସନ କଲେ କେବଳ ପ୍ରହାର ଓ କରପୀଡା । ଏଠି ବର୍ତ୍ତମାନ ଶଠ ଓ ଜମିଦାରମାନେ ସମ୍ବର୍ଦ୍ଧନା ପାଉଛନ୍ତି । ନିରୀହ ପ୍ରଜା ନିର୍ଯାତନା ଭୋଗୁଛି । ଆମେମାନେ ଅହିଂସା ଓ ଶାନ୍ତିମାର୍ଗରେ ଏସବୁ ରାଜ ଅତ୍ୟାଚାରର ପ୍ରତିବାଦ କରୁଛୁ । ବିପ୍ଳବର ନିଆଁ ଚାରିଆଡ଼େ ଲାଗି ଥିଲାବେଳେ ଦମନ ରୂପକ ପବନରେ ସେ ଅଧିକ ପ୍ରଜ୍ୱଳିତ ହେବ ସିନା, କିନ୍ତୁ କେବେ ବି ପ୍ରଶମିତ ହେବନାହିଁ। ବର୍ତ୍ତମାନ ସମଗ ଦେଶରେ ବିପ୍ଳବ ବାତ୍ୟାରୂପେ ପ୍ରବାହିତ ହେଉଛି । ତାକୁ କ'ଣ କାରାଗାର ଦମନ କରିପାରିବ ? ଆମେ ଚାହୁଁଚୁ ଯାହା ହେଲେ ବି ଭାରତରେ ହିଂସାନଳ ଶିଖା ବିସ୍ତାର ନ କରୁ, ରକ୍ତାକ୍ତ ହତ୍ୟାର ବିଭୀଷିକା ବ୍ୟାପି ନ ଯାଉ । କାରଣ ଆର୍ଯ୍ୟ ଋଷିମାନଙ୍କର ଏ ଦେଶ ଅହିଂସାରେ ହିଁ ବିଶ୍ୱାସ ରଖେ । ଆମ ମାନଙ୍କର ସମର ଅହିଂସାର ସମର ମାତ୍ର । ତେଣୁ ମୁଁ ଜଣେ ଶାନ୍ତି ସୈନିକ । ହେ ପିତୃ ପିତାମହ ଗଣ, ଏଥିରେ ମୋର ଦୋଷ କଣ କହିଦିଅ । ନଚେତ୍ ଏ କାରଗାରରେ ଥାଇ ମୁଁ କରୁଥିବା ତର୍ପଣ ପୂର୍ଣ୍ଣ ପ୍ରାଣରେ ଗ୍ରହଣ କର । କିନ୍ତୁ ଏ କଣ ? ମୁଁ ଦେଖୁଛି ତୁମେମାନେ ସମସ୍ତେ କାନ୍ଦୁଛ କାହିଁକି ? ମୁଁ ପରାଧୀନ ବୋଲି କଣ ମୋ ତିଳୋଦକ ଗ୍ରହଣ କରୁନାହିଁ ? ''ଜାତିଧର୍ମ ନିର୍ବଶେଷେ ଭାରତ ତନୟ/ଭୋଗନ୍ତି ସରବେ ଏହିଦଶା ବିପର୍ଯୟ ।'' ସେଥିଲାଗି ମନେ ତବ କରୁଛି ଶୋଚନା/ଦେଖି ଏ ପବିତ୍ର ଭୂମି ଦୁଃସହ, ଲାଞ୍ଛନା ।'' ଶେଷରେ ସ୍ୱର୍ଗବାସୀ ପିତୃ ପିତାମହ ଓ ଦେବତା ତଥା ଋଷିମାନଙ୍କୁ ସେ ବିନତି କରିଛନ୍ତି –

''ସର୍ବସିନ୍ଧୁ ସ୍ରୋତେ କ୍ଷରୁ ମଧୁମୟ ନୀର
ବହୁ ମଧୁମୟ ଗନ୍ଧ ଶୀତଳ ସମୀର
ମଧୁମୟ ରସେ ପୁଷ୍ଟହେଉ ବନସ୍ପତି
ମଧୁମୟ ରସେ ଶୋଭୁ ସର୍ବ ବସୁମତୀ ।
ହେଉ ମଧୁମୟ ଉଷାପ୍ରଦୋଷ ରଜନୀ
ନଭୋଦେଶେ ମଧୁମୟ ରବି ଦିନମଣି
ମଧୁମୟ ରବେ ହେଉ ବିଶ୍ୱ ନିନାଦିତ
ଉଠୁ ବିଶ୍ୱପ୍ରାଣେ ମଧୁ ଅମୃତ–ସଂଗୀତ ।''

ଲକ୍ଷ୍ୟ କରିବା କଥା ଏପରି ବିନୟୋକ୍ତିରେ ସମଗ୍ର ବିଶ୍ୱ କଥା ସେ ଭାବିଲା ବେଳେ ଯେଉଁ ଦେଶ ଦ୍ୱାରା ଭାରତ ପରାଧୀନତାର ଲାଞ୍ଛନା ଭୋଗ କରୁଛି ଓ ଏହାର ବହୁ ସନ୍ତାନ କାରାବାସ ଦଶା ଭୋଗ କରୁଛନ୍ତି ସେ ଦେଶ ବି ବାଦ ଯାଉନାହିଁ । ଭାରତୀୟମାନେ ସବୁବେଳେ ଯେ ସମଗ୍ର ବସୁନ୍ଧାକୁ ଏକ ପରିବାର ଭାବରେ ଦେଖି ଆସିଛନ୍ତି ଗୋପବନ୍ଧୁଙ୍କ ବହୁ କବିତାରେ ଏଇ ବିଶ୍ୱୈକ ଚିନ୍ତା ସ୍ଥାନ ପାଇଛି । ଏପରି ଉଦାରତା ଅତୁଳନୀୟ ମାନବତାବୋଧର ପରିଚାୟକ ନୁହେଁ କି ?

ପରବର୍ତ୍ତୀ ଦୀର୍ଘ କବିତା 'ବନ୍ଦୀର ସ୍ୱଦେଶ ଚିନ୍ତା' ଏକ ସର୍ବକାଳୀନ ଭଲ କବିତା ଭାବେ ପାଠକ ମହଲରେ ଆଦୃତ ହେବ । ଏଠି କାବ୍ୟିକ ସୌନ୍ଦର୍ଯ୍ୟ ସହିତ ଦେଶପ୍ରେମ ମିଶିଯାଇ କବିତାଟିକୁ ବୈଦୁର୍ଯ୍ୟମୟ କରି ଦେଇଛି । କବିତାଟିର ସ୍ୱର ରୋମାଣ୍ଟିସିଜିମ୍‌ରୁ ଆରମ୍ଭ ହେଲେ ପରିଣତିରେ ରାଜ୍ୟର ବହୁ ପ୍ରାକୃତିକ ଭୂଗୋଳର ପରିକ୍ରମାରେ ରସସ୍ନିଗ୍ଧ ହୋଇ ଉଠିଛି । ଏହିପରି 'ମହାଯାତ୍ରା' କାବ୍ୟରେ କବି ରାଧାନାଥ ଓଡ଼ିଶାର ପ୍ରାକୃତିକ ଚିତ୍ରରାଜି ପାଣ୍ଡବମାନଙ୍କୁ ଦେଖାଇବା ବେଳେ ସେମାନେ କେବଳ ମୁଗ୍ଧ ହୋଇ ନ ଥିଲେ ଆଜି ମଧ୍ୟ ପାଠକ କବିଙ୍କ ଅସାଧାରଣ ବର୍ଣ୍ଣନା ନିପୁଣତାରେ ମୁଗ୍ଧ ହେଉଛି । କେବଳ ରାଧାନାଥ ନୁହନ୍ତି ଏ କବିତାଟିର ପରିକଳ୍ପନାରେ ଆସନ୍ତି ମହାନ୍ କବି କାଳିଦାସ ଯାହାଙ୍କ 'ମେଘଦୂତ' ଏକ ଅମୂଲ୍ୟ କାବ୍ୟିକ ସଂପଦ ଭାବେ ଦେଶରେ ଗୃହୀତ ହୋଇଛି । ସେଠି ଯକ୍ଷ ନିର୍ବାସିତ ଦକ୍ଷିଣର ରାମଗିରି ପର୍ବତ ମାଳାରେ ସେ ନିର୍ବାସତ ଜୀବନ ଯାପନ କରୁଛି ଓ ବ୍ୟଥିତ କବି ମେଘ ହାତରେ ଯକ୍ଷର ପ୍ରାୟାପାଶୁ ବାର୍ତ୍ତାପ୍ରେରଣ କରୁଛନ୍ତି । ସେ ଅଛି ଅଳକାପୁରୀରେ କାରୁଣ୍ୟ ଓ ସୌନ୍ଦର୍ଯ୍ୟରେ ଏ କାବ୍ୟଟି ଯୁଗ ଯୁଗପାଇଁ ସଂସ୍କୃତ ସାହିତ୍ୟରେ ମହାନ୍ ସଂପଦ ଭାବେ ବିବେଚିତ ହୋଇଛି ଓ କାଳିଦାସଙ୍କ ରୋମାଣ୍ଟିକ୍ ବର୍ଣ୍ଣନା ନିପୁଣତାର ତାଙ୍କୁ ମହନ କରିଛି । ଗୋପବଂଧୁ ସେହିପରି ହଜାରୀବାଗ ଜେଲରେ ଥାଇ ମଳୟ ମାଧ୍ୟମରେ ରାଜ୍ୟର ବାର୍ତ୍ତା, ଭଲମନ୍ଦ ଶୁଣିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି । ନିଜପ୍ରିୟ ଜନ୍ମଭୂମି ଓଡ଼ିଶାଠାରୁ ବିଚ୍ଛେଦ ଯନ୍ତ୍ରଣା ତାଙ୍କୁ ଖୁବ୍ ବାଧୁଛି ଓ ନିର୍ମମ ନିଃସଙ୍ଗ ଜୀବନରେ ପ୍ରିୟଜନମାନଙ୍କ କଥା ଶୁଣିବାକୁ ମନ ସ୍ୱତଃ ବ୍ୟାକୁଳିତ ହୋଇ ଉଠୁଛି ।

କବାଟ ପାଙ୍କରେ          ଚାହିଁଲେ ବାଙ୍କରେ
  ଥରେ ଥରେ ଆସେ  ଚୋରାପବନ
ସେ କି ଗୁପ୍ତଚର          ବାହାର ଖବର
  ଦେଇ ଲୁଚି ଚାଲିଯାଏ ବହନ ।
ସେ ସ୍ନିଗ୍ଧ ପରଶେ          ନିମିଷ ସଂଭାଷେ
  ତାପିତ ପ୍ରାଣ ମୋ ପୂରେ ପୁଲକେ
କେତେ ସୁଖସ୍ମୃତି          ଜାଗେ ଏ ଅନ୍ତରେ
  କେତେ ଚାରୁଚିତ୍ର ନାଚେ ପଲକେ ।

ତା'ପରେ କବିଙ୍କ ମନରେ ତାଙ୍କ କୈଶୋରର ଓ ଯୌବନର ସ୍ମୃତି ନାଚି ଉଠିଛି । ସେତେବେଳେ ଗାଁ ପାଖ ଭାର୍ଗବୀ ନଦୀତୀରରେ ମନ ଉଲ୍ଲାସରେ ସେ ବୁଲାବୁଲି କରୁଥିଲେ । ତଟସ୍ଥ ପୁନଙ୍ଗ ବକୁଳ ବୃକ୍ଷ ସବୁକୁ ଛୁଇଁ ଛୁଇଁ ବହି ଆସୁଥିଲା ମଧୁର ମଳୟ ସଂଜ ସମୀର । କ୍ଷୀଣତୋୟା ଭାର୍ଗବୀ ନଦୀରେ ଲହରୀମାଳା ଖେଳି ଯାଉଥିଲା । ମନେ ହେଉଥିଲା ଏ ନଦୀ ନୁହେଁ ପଲ୍ଲୀବାଳାଟିଏ ଯେ ଦକ୍ଷିଣ ଦିଗକୁ ତା କୁଞ୍ଚିତ କୁନ୍ତଳକୁ ମେଲେଇ ଦେଇଛି । ଗ୍ରାମ ସୀମନ୍ତିନୀମାନେ କ୍ଷୀଣ ସ୍ରୋତକୁ ଚହଲାଇ ନିର୍ମଳ ଜଳ କଳସୀରେ ଭରି ନେଉଛନ୍ତି । ଫଳରେ ନଦୀସ୍ରୋତରେ ଚମତ୍କାର ନୀଳମଣି ପ୍ରାୟ ଲହରୀଟିଏ ଖେଳି ଯାଉଛି । ଗୋଧୂଳି ବୋଲା ଏତେବେଳେ ଗାଈଆଳ ପିଲାର ଗୋଠବାହୁଡା ବେଳ । ଗୋରୁଗାଈଙ୍କ ପଛେ ପଛେ ବଂଶୀବଜାଇ ଫେରୁଥାଏ ଗୋ-ରକ୍ଷକ ଗାଈଆଳ ପିଲା । ପୁଣି ଏହା ମଧ୍ଧ ବେପାରୀମାନଙ୍କର ହାଟବାହୁଡା ବେଳେ । କିନ୍ତୁ ଆଶ୍ଚର୍ଯ୍ୟର କଥା ସେମାନଙ୍କ କଣ୍ଠରୁ ଭଂଜକବିଙ୍କ ଚଉପଦୀଗୀତ ଶୁଣାଯାଏ । କୁମାରୀମାନେ ସନ୍ଧ୍ୟା ହେତୁ ଯୋଗେଶ୍ୱରୀ ମନ୍ଦିରରେ ଦୀପଜାଳି ଫେରି ଆସିବା ବାଟରେ ପରସ୍ପର ମଧ୍ୟରେ ତର୍କ ଓ ମିଛି ମିଛିକା ମାନ ଅଭିମାନର ଶବ୍ଦ ଉଚ୍ଚାରିତ ହୁଏ । କେହି ବା ବଉଳ ଫୁଲ ଗୋଟୋଉ ଗୋଟୋଉ ସାଙ୍ଗ ସହିତ ଖେଳରେ ମାତିଯାଏ । କେବେ କେବେ ଭାଇଟିଏ ଓ କାଖରେ ପିଲାଟିଏ ଧରି ନବଯୌବନୀ ନାରୀଟିଏ ସେଇ ନଈବନ୍ଧରେ ଆସନ୍ନ ସନ୍ଧ୍ୟାରେ ତରତର ହୋଇ

ଚାଲୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ଝିଅଟି ଶାଶୁ ଘରକୁ ଫେରୁଚି । ସନ୍ଧ୍ୟା ହେବା ପୂର୍ବରୁ ତାର ପହଂଚିବା ଦର୍କାର । ତେଣୁ ତା ମନରେ ଉଦ୍‌ବେଗ ମଧ୍ୟ । କିନ୍ତୁ କାଖରେ ପିଲାଟିକୁ ଧରି ସ୍ଥୂଳଜଘନା ନାରୀଟି ଚାଲିପାରୁଚି କେତେକେ ? ଏଇଟା ପୁଣି ବାଦୁଡିମାନଙ୍କର ପୁନାଙ୍ଗ ଗଛରେ ରଡ଼ି କୋମଳ କାଶିଫଳ ଖାଇବାର ସମୟ । ଗଛଡାଳରେ ଓହଳି ସେମାନେ ଅପୂର୍ବ ଖେଳରେ ମାତି ଯାଆନ୍ତି ଯେପରି । ପୁଣି ନଈରେ କେତେଜଣ ଟୋକା ଗୋବର ପକେଇ ଜାଲର ମାଛ ଧରାରେ ମାତି ରହନ୍ତି । କିଛି  କିଶୋର ନଈବାଲିରେ ବିଭିନ୍ନ ଖେଳରେ ମଧ୍ୟ ରାହାଧରି ମଜ୍ଜି ଯାଆନ୍ତି । ଗୋପବନ୍ଧୁଙ୍କ ଆଖିରୁ ହାତରେ ପାଞ୍ଚଣ ଓ ମୁଣ୍ଡରେ ଘାସଗୋଛା ଧରି ହଳଅଡ଼େଇ ଫେରିଆସୁଥିବା କୋଠିଆ ମଧ୍ୟ ବାଦ ଯାଏନି । ତା' ମୁହଁରେ ବି ଭଂଜଙ୍କ ଚଉପଦୀ  ଶୁଣିବାକୁ ମିଳେ । ସନ୍ଧ୍ୟାମାତ୍ରେ  ଗ୍ରାମର ନିର୍ଦ୍ଦିଷ୍ଟ ଉଚ୍ଚା ପିଣ୍ଡାରେ ଭାଗବତ ପାରାୟଣ ଆରମ୍ଭ ହୋଇଯାଏ। ଭାଗବତର ମଧୁର ପଦାବଳୀ ଭିକାରୀଟିଏକୁ ମଧ୍ୟ ଏତେ ଆକୃଷ୍ଟ କରେ ଯେ ସେ ତାର ପୁଡା ପୁଟୁଳାଧରି ପିଣ୍ଡାରେ ଥକ୍‌କା ମାରି ବସିଯାଏ । ସେଇ ଗାଁ ପିଣ୍ଡାରେ ହୁଏତ ସେ ରାତି ବିତାଇ ଆସନ୍ତା କାଲି ଆଉ କେଉଁ ଗ୍ରାମକୁ ଭିକ ମାଗିବାକୁ ଚାଲିଯିବ । ଗ୍ରାମଲୋକେ କେବେ ବି ଅତିଥି ଚର୍ଚ୍ଚାରେ ହେଳା କରନ୍ତି ନାହିଁ । କେହି ନା କେହି ସେ ଭିକାରୀଟିକୁ ରାତିରେ ଖାଇବାକୁ ଦିଅନ୍ତି । ସେ ତ ଅତିଥି, ତେଣୁ ତାର ସେବା ଦେବ ସେବା ବୋଲି ସେମାନେ ଭାବନ୍ତି ।

ଗୋପବନ୍ଧୁଙ୍କ ଉଚ୍ଚାଟିତ ମନ ବସନ୍ତବାତ ଠାରୁ ଗାଁର ଓ ପ୍ରିୟଜନଙ୍କ ଖବର ଶୁଣିବାକୁ ବ୍ୟଗ୍ର ହୋଇଉଠେ । ସେମାନେ କେତେ ନିଉଛାଳି ହୋଇ ସମାଚାର ଦେଇଥିବେ । ପୁଣି ମନେପଡ଼େ ମଞ୍ଜୁଷା ମୁକୁଟ ମହେନ୍ଦ୍ର ପର୍ବତ କଥା । ଓଡ଼ିଶାର ଦକ୍ଷିଣ ଦିଗରେ ତାର ଅବସ୍ଥିତି । ତେଣୁ ଦକ୍ଷିଣା ପବନ କେତେ ସୁବାସିତ ଫୁଲର ସୌରଭ ବହନକରି ଆସିଥିବ  ତାର ଆଘ୍ରାଣ ଓ ସ୍ପର୍ଶରେ ମନ ଉଚ୍ଚାଟିତ ହୋଇ ଉଠିବା ସ୍ୱାଭାବିକ। ଆମ୍ବ, କଦଳୀ, ନାରୀକେଳ, ଲେମ୍ବୁ ଓ ବେଲରେ ସେ ପାର୍ବତ୍ୟ ଭୂମି ଘଞ୍ଚନୀଳ । ତା' ସହିତ ପୁଣି ସପୁରି, ପଣସ, ଖଜୁରି ଓ ତାଳ ଗଛରେ ପ୍ରାବଲ୍ୟ । କ୍ଷୀଣକାୟା ଋଷିକୁଲ୍ୟା ନଦୀର ଜଳଧାରାକୁ ସ୍ପର୍ଶକରି ସେ ପବନ ନିଶ୍ଚୟ ଆସିଥିବ । ତେଣୁ ସେ ତୀରବାସୀମାନଙ୍କ କେତେ କେତେ ସଂଗୀତ ସହିତ ଚମ୍ପୂତ ଚଉପଦୀର ମଧୁରଗାନ ଶୁଣି ନିଶ୍ଚୟ ଆସିଥିବ । ସେି ଦକ୍ଷିଣାପବନକୁ ଆଲିଙ୍ଗନ କରିବାକୁ ତ ବିଶାଳ ଚିଲିକା ହ୍ରଦ ତା ବକ୍ଷ ମେଲେଇ ଅପେକ୍ଷାକରି ରହିଛି । ଚିଲିକାର ନୀଳ ଜଳରାଶି ସହିତ ଦକ୍ଷିଣା ପବନର ଏହା ଆଲିଙ୍ଗନ ଓ ଚୁମ୍ବନର ବେଳେ । ଖଣ୍ଡେ ଦୂରର ସୋଲରୀ ପର୍ବତ ଏ ଦୃଶ୍ୟ ନିଶ୍ଚୟ ଉପଭୋଗ କରୁଥିବ । ପୁରି ଚିଲିକା ବକ୍ଷରେ ମାଛରଙ୍କା, ଗେଣ୍ଡାଳିଆ, ସାରସ, ହଂସ ପ୍ରଭୃତି ତା ତରଙ୍ଗରେ ଦୋଳି ଖେଳୁଥିବେ ।  ମନେହେବ ଯେପରି ନୀଳଆକାଶରେ ଧାଡ଼ି ଧାଡ଼ି ବକପନ୍ତି ଉଡ଼ି ଚାଲିଛନ୍ତି । ତା'ପରେ କିଂଚିତ  ଆହୁଡ଼ି ସେ ମଳୟ ପବନ  ନିଶ୍ଚୟ ଶ୍ରୀକ୍ଷେତ୍ରଧାମ ଓ ତା ସନ୍ନିକଟସ୍ଥ ମହୋଦଧିକୁ ଛୁଇଁ ଛୁଇଁ ଆସିଥିବ । ଦକ୍ଷିଣ ଦ୍ୱାର ଦେଇ ଓ ନୀଳାଚଳ ନାଥଙ୍କୁ ପ୍ରଣାମ ଜଣାଇ ତାଙ୍କ ମନ୍ଦିରର ଚୂଡାକୁ ଛୁଇଁ ଓ ନେତକୁ ଦୋହଲାଇ ପୁଣି ତା ଗନ୍ତବ୍ୟପଥରେ ଉତ୍ତରକୁ ଗତି କରିଥିବ । ଅତି ବ୍ୟାକୁଳଭାବେ ସେଇ ପୁଣ୍ୟ ଚନ୍ଦବହଠାରୁ ଶ୍ରୀକ୍ଷେତ୍ରର ବାର୍ତ୍ତା ଶୁଣିବାପାଇଁ କବି ଉତ୍‌କଣ୍ଠିତ ହୋଇ ଉଠିଛନ୍ତି । ଜଗତପୂଜ୍ୟ ଠାକୁରମାନେ ନିଶ୍ଚୟ ତାଙ୍କ ପାଇଁ କିଛି ସନ୍ଦେଶ ପଠାଇଥିବେ । ''କହ ବେଗେ ବାୟୁ/କ୍ଷୀଣହୁଏ ଆୟୁ/ରହିଥିବି କେତେ କଳ ଅନାଇ ।'' ସତେ ଯେପରି ବନ୍ଧୁଟିଏ ସହିତ ତାଙ୍କର, କଥାବାର୍ତ୍ତା । ସେ ଜାଣିବାକୁ ଉଦ୍‌ବିଗ୍ନ ଯେ ଶ୍ରୀକ୍ଷେତ୍ର ବାସୀମାନେ ତାଙ୍କ କଥା ମନେ ପକାନ୍ତି ତ ? ସ୍ୱରାଜ୍ୟ କଥା ଭାବନ୍ତି ତ ?'' କିନ୍ତୁ ବାୟୁ ସମ୍ଭବତଃ କିଛି ନ କହି ତାଙ୍କ ଉତ୍‌କଣ୍ଠାକୁ ବଢ଼ାଇ ବଢ଼ାଇ ଉତ୍ତର ଦିଗରେ ପ୍ରବାହିତ ହୁଏ । ଆଗରେ ପଡ଼େ ତାଙ୍କ ଜୀବନର କର୍ମଭୂମି ସତ୍ୟବାଦୀ କ୍ଷେତ୍ର । ତମାଳ ଓ ବକୁଳ ଫୁଲର ସୁଗନ୍ଧରେ ଆମୋଦ ଭରା ରାଧାକୃଷ୍ଣଙ୍କ ଏ ଉପାସନା କ୍ଷେତ୍ରରେ ଚନ୍ଦବହ ନିଶ୍ଚୟ ପ୍ରେମିକ ଶିରୋମଣି ଶ୍ରୀକୃଷ୍ଣ ଓ ପ୍ରେମିକା ଶ୍ରେଷ୍ଠ ରାଧାଙ୍କ ଦେହ ସ୍ପର୍ଶ କରି ଆସିଥିବେ ।

ଦେଉଳେ ପ୍ରବେଶି / ଗୋପୀନାଥ ବଂଶୀ / ରନ୍ଧ୍ରେ ରଚିଥିବ ଅସ୍ଫୁଟ ସ୍ୱନ
ରାଧିକା ଅଂଚଳ / ଉଡାଇ ଚଞ୍ଚଳ/ କରିଥିବ ଜାଣି ବେନିଙ୍କ ମନ ।
ନବଘନ ଚୂଳେ/ଆହା କି ରୁଚିରେ / ହଲିଥିବ ବାଙ୍କ ମୟୂର ଚୂଳ ।

ଯୁଗଳ ମୂର୍ତ୍ତିଙ୍କ ଚାରିପାଖରେ ବଉଳ, ସେବତୀ, ମରୁଆ, ମାଳତୀ, ଚଂପା, ନାଗେଶ୍ୱର, ଦୟାଣା ଓ ଯାଇ ଫୁଲର ବାସ ଚହଟି ଉଠୁଥିବ । ସେମାନଙ୍କ ଦେହରୁ ଓ ମୁଣ୍ଡରୁ ଫୁଲ ଖସି ପଡୁଥିବ । ସେଇ ଦେବଭୂମିର ଗୋପବନ୍ଧୁଙ୍କ ଆଶ୍ରମ ନିଶ୍ଚୟ ଗନ୍ଧବହ ଦେଖିଥିବ । ତେଣୁ ସାଙ୍ଗ ସାଥୀ ଓ ତୀର୍ଥ ପଡୋଶୀମାନେ ଭଲରେ ଥିବା ନଥିବା ସମ୍ବାଦ ପାଇବାକୁ ତାଙ୍କର ଉତ୍‌କଣ୍ଠା ସ୍ୱାଭାବିକ ବଢ଼ିଯାଏ । ସତ୍ୟବନ୍ଦୀର ଛୁରୀଅନା କୁଞ୍ଜ ତାଙ୍କ ପାଇଁ ନିଶ୍ଚୟ କିଛି ସମ୍ବାଦ ପଠାଇଥିବେ । ତା'ପରେ ପଡ଼ିବ ଶୈବପୀଠ ଲିଙ୍ଗରାଜ ମନ୍ଦିର । ସେଠି ପହଂଚିବା ପୂର୍ବରୁ ମଳୟକୁ କେତେ ବିଲ, ଗ୍ରାମ ଅତିକ୍ରମ କରି ଆସିବାକୁ ହୋଇଥିବ ନିଶ୍ଚୟ । କ୍ଷଣକ ପାଇଁ ସେ କ୍ଲାନ୍ତ ଅପନେଶନ କରିଥିବ ଲିଙ୍ଗରାଜଙ୍କ ଦେଉଳ ଶୀର୍ଷରେ । ସେଇଠୁ ନିଶ୍ଚୟ ମଳୟ ଦେଖିଥିବ କିପରି ସର୍ବଗ୍ରାସୀ କନ୍ଦର ପ୍ରଭାବରେ ମନ୍ଦିରମାନେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ପଡୁଛନ୍ତି । କେତେ ପାଷାଣ ପ୍ରତିମା ଭାଂଗି ଭୁଂଜି ମାଟିରେ ଲୋଟୁଛି । ଲୋକେ ସେ ସବୁକୁ ବୋହିନେଇ ତୁଠ ପଥର ଭାବେ ବ୍ୟବହାର କରୁଛନ୍ତି କେତେ ଦକ୍ଷଶିଳ୍ପୀଙ୍କ ହାତଗଢ଼ା ସ୍ଥାପତ୍ୟ ଏଠି ମାଟିତଳେ ଲୁଚି ଯାଇଛି କାଳକ୍ରମେ । ସେ ଶିଳ୍ପୀମାନେ ଆଜି ଆଉ ନାହାଁନ୍ତି । ସେଥିପାଇଁ ଗୋପାବନ୍ଧୁଙ୍କ କ୍ଷୋଭ ଅସୀମ । ପୁଣି ପବନର ଗତି ଖଣ୍ଡଗିରି ପାଖରେ ହୁଏତ କିଛି ମୋଡ଼ ନେଇଛି । ସେଠି ଶିଳାର ବକ୍ଷେ ବକ୍ଷେ ଉତ୍କଳର ଗୌରବର କଥା ଉତ୍‌କୀର୍ଣ୍ଣ ହୋଇ ରହିଛି । ଐର ଖାରବେଳଙ୍କ କେତେ ଯୁଦ୍ଧଯାତ୍ରା ବିଜୟ ଯାତ୍ରାରେ ଏକଦା ପୂର୍ଣ୍ଣ ହୋଇଥିଲା । କେତେ ଶରଣ ଓ ସନ୍ନ୍ୟାସୀ ଓଡ଼ିଶାର ବଭିନ୍ନ ସ୍ଥାନରେ ଆଶ୍ରମ ଗଢ଼ି ଅହିଂସା ଧର୍ମର ପ୍ରଚାର କରୁଥିଲେ– ସେଇ ଖଣ୍ଡଗିରି ଆଜି ଅପାରଗ, ଚକ୍ଷୁ ଦୀପ୍ତିହୀନ ବୃଦ୍ଧ ଲୋକଟିଏ ପରି ଠିଆ ହୋଇଛି । କଳିଙ୍ଗର କେତେ ଐଶ୍ୱର୍ଯ୍ୟ ମହାକାଳ ବକ୍ଷରେ ହଜିଯାଇଛି ତାର ମୂକସାକ୍ଷୀ ଏ ଖଣ୍ଡଗିରିର ପର୍ବତ ଶଯ୍ୟା ଗୁଂଫା ଓ ଦରିମାଳା । ଗୋପବଂଧ କଳ୍ପନା କରନ୍ତି –

ତବ ଆଗମନ ସନ ସନ ସ୍ୱନ
ଶୁଣି ଗିରି ଗୁଂଫା ଦରି – କନ୍ଦର
ଗାଇଥିବ ଗୀତ ଗୌରବ ସଂଗୀତ
ତୁମ ସ୍ୱର ସଂଗେ ମିଳାଇ ସ୍ୱର ।
ପୂର୍ବ ସୁଖସ୍ମୃତି ଦୁଃଖ ମନେ ଆସେ
ବଢ଼ାଏ ବିଷାଦ ଦିଗୁଣ ପ୍ରାଣେ
ତଥାପି ଉଷତ ବିଷାଦ ସଂଗୀତ
ସନ୍ତାପେ ସନ୍ତତ ସାନ୍ତ୍ୱନା ଆଣେ ।

ଖଣ୍ଡଗିରିକୁ ଛାଡ଼ି ଉତ୍ତରା ପଥରେ ଗତି କରୁଥିବା ବେଳେ କଟକ ଓ ଭଗ୍ନ ବାରବାଟୀ ଦୁର୍ଗ ନିଶ୍ଚୟ ତୁମ ଗତିପଥକୁ ରୋଧ କରିଥିବ । ତା'ରି ତୀରରେ ପ୍ରବାହିତ ନୀଳ ନୀରବସନା ମହାନଦୀ । ସେ କେବେ ହେଲେ ତୁମକୁ ସମାଜର କରିବାକୁ ଭୁଲି ନଥିବ । ତାର ବକ୍ଷରେ ଲହରୀମାଳା ପ୍ରେମାଦରରେ ତୁମକୁ ଛୁଇଁବାକୁ ଫୁଲି ଉଠିଥିବେ । ସେତେବେଳେ ତା' ବିସ୍ତୀର୍ଣ୍ଣ ପଠାରୁ ଶୁଭ୍ର କାଶତଣ୍ଡୀ ବଣ ମୃଦୁ ହାସରେ ମୁକ୍ତ ପୋତି ଦେଇଥିବେ । ନିକଟରେ ବାରବାଟୀର ଭଗ୍ନ ଦୁର୍ଗ । ଗନ୍ଧବହକୁ ଏକଦା ଓଡ଼ିଶାର ଗୌରବର ଗାଥା ଶୁଣାଇଛନ୍ତି କାରାବାସୀ କବି । ଚମତ୍କାର ରସିକତା ଧରି କବି କହନ୍ତି

ଯେ– ଓଡ଼ିଶାର ବୀର ରାଜାମାନେ ଅତୀତରେ ରାଜ୍ୟଜୟ କରି ଫେରିଅସିଲା ପରେ ପୁରଅଙ୍ଗନାମାନେ ବନ୍ଧାପନା ଥାଳିରେ ଦୀପ ଧରି ତାଙ୍କୁ ବନ୍ଦେଇବା ପାଇଁ ଗଲାବେଳେ ପବନରେ ସ୍ପର୍ଶରେ କେତେବାର ସେ ଦୀପଶିଖା ନୋହିଲି ଉଠିଥିବ । ବାମାମାନଙ୍କ ମଥାର ଓଢ଼ଣା ମଧ୍ୟ ପବନର ଆଘାତରେ ବାରମ୍ବାର ଖସି ପଡୁଥିବ ଓ ସେ ସୁନ୍ଦରୀ ରାଣୀ ହଂସପୁର ବାସିନୀମାନେ କେତେ ବ୍ୟାଜ କ୍ରୋଧରେ ତୁମକୁ ଗାଳି କରିଥିବେ । ଆଜି ସେଇ ବାରବାଟୀ ଶ୍ମଶାନ ଭୂମି ମାତ୍ର । ଆଉ ସେ ନବତଳ ସୌଧ ଆଜି ନାହିଁ । ତେଣୁ ମହାନଦୀର ନୀଳ ଜଳର ଦର୍ପଣରେ କିଏ ମୁହଁ ଦେଖିବ ? କାଳ ଗ୍ରାସରେ ଉତ୍କଳର ସମସ୍ତ ପୌରୁଷ ଓ ଗୌରବ ଧ୍ୱଂସ ହୋଇ ଯାଇଛି ।

ତା'ପରେ ଉତ୍ତରା ପଥରେ କେତେ ବନଗିରି ପ୍ରାନ୍ତର ଅତିକ୍ରମ କରି କରି ଗନ୍ଧବହ ପ୍ରକୃତିର ବିଚିତ୍ର ରୂପ ରାଶିକୁ ଦେଖି ଦେଖି ପଶ୍ଚିମ ଦିଗକୁ କ୍ରମେ ଗତି କରିଯାଇଥିବ । ଦେଖିଥିବ ସମଗ୍ର ଓଡ଼ିଶାର ଶସ୍ୟ ସଂପଦଭରା କମଳା ଆଳୟର ବିଚିତ୍ର ଓ ବିବିଧ ଶୋଭାରାଶି । କେତେ ଦୁଃଖ କଷ୍ଟରେ ବିଲରେ ଚାଷୀମାନେ ଚାଷବାସ କାମରେ ବ୍ୟସ୍ତ ଥିବେ । ସେମାନେ ଭୟଭୀତ ନ ହୋଇ ଦାରାସୁତ ଓ ସନ୍ତତି ସହିତ ଭଲରେ ଗଣ୍ଡେ ଭାତ ଖାଉଛନ୍ତି ତ ? ଏ ମାନବବାଦୀ ଚେତନାର ତୁଳନା ନାହିଁ । କେବଳ ଦେବୋପମ ମଣିଷଟିଏ ହିଁ ଏପରି ସମ୍ବାଦ ଶୁଣିବାର ମାନଡେରି ବସିପାରେ । ସେତ ଦରିଦ୍ର ଜନତାର ସାଥୀ, ସେ କିପରି ବା ସେମାନଙ୍କ ଦୁଃଖ କଷ୍ଟକୁ ଭୁଲି ଯାଇ ପାରିବ ? ଏଠି ଅନ୍ଧାରୀମୂଳକ ଓ ରାଜ ଅତ୍ୟାଚାର କଥା ଯାହା ତାଙ୍କ ସ୍ମୃତିକୁ ଆଲୋଡ଼ିତ କରିଛି ତାହା ଗଡ଼ଜାତ ରାଜ୍ୟ ଢେଙ୍କାନାଳ ହୋଇପାରେ । ତେଣୁ ସେ ପଚାରିଛନ୍ତି –

''କେହି ରାଜା ଜଣେ ବିଚାରେ କି କ୍ଷଣେ
ପରଜାଏ ମୋର ପୁଅ ସମାନ,
ପରାଜାଙ୍କ ହିତ ମୋ ଜୀବନ ବ୍ରତ
ପରଜା ସୁଖେ ମୋ ସୁଖ ସମ୍ମାନ ।

ରାଜ୍ୟଟିଏ ସିନ୍ଧୁ ସହିତ ତୁଳନୀୟ ହୋଇପାରେ । କିନ୍ତୁ ସେ ସିନ୍ଧୁ ପ୍ରଜାମାନଙ୍କ ରକ୍ତ ବିନ୍ଦୁରେ ହିଁ ଗଠିତ ହୋଇଥାଏ । ରାଜା ଯଦି ପ୍ରଜା ଶକ୍ତିକୁ ଉପେକ୍ଷା କରେ, ପ୍ରଜାମାନଙ୍କୁ ପ୍ରପୀଡିତ କରେ ସେଠି ସଂପର୍କ ଶ୍ୱେନ ଓ କପୋତ ପରି ହୋଇଯିବ । ରାଜା ପ୍ରଜାଙ୍କ ଶକ୍ତି ସ୍ରୋତରେ ମିଶିଯାଇ ନିଜକୁ ଓ ରାଜ୍ୟକୁ ରକ୍ଷା ନ କଲେ ତାର ଅସ୍ତିତ୍ୱ ଅକାରଣ ହୋଇ ଯିବନି କି ? ଏ ଦର୍ଶନ ଗୋପବଂଧୁଙ୍କ ଜୀବନର ଶ୍ରେଷ୍ଠ ଭାବନା ଥିଲା । ଜୀବନସାରା ଓଡ଼ିଶାର ଦୁଃସ୍ଥ ଦୁର୍ଗତ ଜନସଂଖ୍ୟା ପାଇଁ ସେ ନିଜର ସୁଖ, ଶାନ୍ତି ଓ ବିଶ୍ରାମକୁ ତ୍ୟାଗ କରି ଲାଗି ରହିଥିଲେ । କେଡ଼େ ସରଳ ଓ ସ୍ୱଚ୍ଛ ଭାଷାରେ ସେ ଭାବନାର ପ୍ରତିଫଳନ ତାଙ୍କ କବିତାରେ ଘଟିଛି ଦେଖିଲେ ବିସ୍ମିତ ହେବାକୁ ହୁଏ । ଅଥଚ ଏପରି ସୁନ୍ଦର ଓ ସରଳ କବିତା ରଚନାର ଧାର ସ୍ୱାଧୀନତା ପ୍ରାପ୍ତିପରେ ଓଡ଼ିଆ କବିତାରୁ ଯେ କ୍ରମେ ବିଲୁପ୍ତ ହୋଇଗଲା ତାହା ଏକାନ୍ତ କ୍ଷୋଭର ବିଷୟ । ଏଥିପାଇଁ ଯେଉଁ ଉଚ୍ଚଶିକ୍ଷିତ ବୌଦ୍ଧିକ କବିମାନେ ଦାୟୀ ସେମାନଙ୍କୁ କେବେବି ଓଡ଼ିଆ ସାହିତ୍ୟ କ୍ଷମା ଦେବନାହିଁ ।

ସମ୍ବଲପୁରର ସାନ୍ତାଳ ବସ୍ତିମାନଙ୍କ ବାଟ ଦେଇ ସେ ଗନ୍ଧବହ ଯେତେ ବେଳେ ଛୁଟି ଆସିଥିବ ସେ ନିଶ୍ଚୟ ସାନ୍ତାଳ ସୁନ୍ଦରୀମାନଙ୍କ ସମବେତ ନୃତ୍ୟ ଦେଖିଥିବ ଓ ଗାନ ଶୁଣିଥିବ । ସେମାନଙ୍କ ସଙ୍ଗୀତର ଲହରୀ ମଳୟ ସହିତ ମିଶିଯାଇ ଅପୂର୍ବ ମାଦକତା ସୃଷ୍ଟି କରିଥିବ । ପୁଣି ତା' ସହିତ ମିଶି ଯାଇଥିବ ବନ ଫୁଲର ସୌରଭ । ପୁଣି ତୁମେ ସେଠି ମହାନଦୀକୁ ଭେଟିଥିବ ଓ ସେଠାରେ ନିତମ୍ବିନୀମାନେ ନଦୀର ତରଙ୍ଗ ସହିତ ଖେଳି ଅଙ୍ଗ ପ୍ରକ୍ଷାଳନ କରୁଥିବା ଦୃଶ୍ୟ ଦେଖିଥିବ । ଟିକିଏ ଆଗକୁ ହୀରାଖଣ୍ଡ, ମହାନଦୀ ଗର୍ଭରେ ଏଠାରେ ଥିବା ମୂଲ୍ୟବାନ ହୀରାକୁ ନେଇ ବେପାରୀମାନେ

ସୁଦୂର ରୋମରେ ବିକି ପ୍ରଚୁର ଅର୍ଥ ଉପାର୍ଜନ କରୁଥିଲେ । ସେ ସଂପଦ ମାଟି ଗର୍ଭରୁ ଓ ନଦୀଗର୍ଭରୁ ଏବେ ସରିଯାଇଛି । ଏବେ ହୀରାକୁଦ ଧୀବର କୁମାରୀମାନଙ୍କ ପାଇଁ ଉପାର୍ଜନର ମାଧ୍ୟମ ମାତ୍ର । ଶୀତଳଶୀକର କଣା ବହନ କରି ମହାନଦୀକୁ ଛାଡ଼ି ସମ୍ବଲପୁର ଅଧିବାସୀଙ୍କୁ କିଂଚିତ୍ ଆନନ୍ଦଦେଇ ତୁମେ ତୁମ ଗନ୍ତବ୍ୟ ପଥରେ ଆଗେଇବା ବେଳେ ଚଂପକବରଣୀ, ଚାରୁ ମୁହାସିନୀ, ଗୁଣବତୀ କୁଳବଧୂମାନଙ୍କୁ ନିଶ୍ଚୟ ଭେଟିଥିବ । ସେମାନେ ହିଁ ବହୁକାଳୁ ନିଜ ହାତବୁଣା ଶାଢ଼ୀ ପରିଧାନ କରି ଖୁବ୍ ପ୍ରସନ୍ନ ଚିତ୍ତରେ ବିହାର କରୁଛନ୍ତି । ସେମାନେ ହିଁ ସ୍ୱାଧୀନତା ସଂଗ୍ରାମର  ବହୁ ଆଗରୁ ସ୍ୱଦେଶୀ ଭାବନାର ପ୍ରବର୍ତ୍ତକ ହୋଇ ପାରିଛନ୍ତି । ସେମାନଙ୍କ ଶୁଭ ସମାଚାର ଜାଣିବାକୁ ଗୋପବନ୍ଧୁ ଏକାନ୍ତ ବ୍ୟଗ୍ର ହୋଇ ଉଠିଛନ୍ତି । ସେମାନେ ଓଡ଼ିଶାବାସୀ, ତେଣୁ ତାଙ୍କର ଏକାନ୍ତ  ଆତ୍ମୀୟ ମଧ୍ୟ।

ଏହାପରେ ଗନ୍ଧବହ ପାଖରେ କବି ନିଜସ୍ୱ ଅଭିମାନ ପ୍ରକାଶ କରନ୍ତି । କାରାଗାର ବାହାରର ଗଛବୃଛକୁ, ଶାଖା ପଲ୍ଲବକୁ, ପତ୍ର ପୁଷ୍ପକୁ ଗନ୍ଧବହ ଦୋହଲେଇ ଦେଉଥିବା ବେଳେ କାହିଁକି ତାଙ୍କ କକ୍ଷରେ ପ୍ରବେଶ କରି ତାଙ୍କୁ ସ୍ୱଦେଶ ସୁସମାଚାର ଦେବାରେ ଏତେ ବିଳମ୍ବ କରୁଛି ? ବନ୍ଦୀ ବୋଲି କଣ ତାଙ୍କ ପ୍ରତି ମଳୟର ଘୃଣାଭାବ ରହିଛି ? ମଳୟର ତ କୌଣସି ଭେଦଜ୍ଞାନ ରହିବା କଥା ନୁହେଁ । ସମାଜ ନିଷ୍ଠୁର ହୋଇ ଜଣକୁ ତ୍ୟାଗ କଲେବି ପ୍ରକୃତିର କୌଣସି ଉପାଦାନରୁ ସେ ବଂଚିତ ହୁଏ କି ? ସୂର୍ଯ୍ୟ ସେହିପରି ତା' ପାଇଁ ଆଲୋକ ଓ ଚନ୍ଦ୍ର ଶୀତଳ କିରଣ ଢାଳିଦିଏ । ଜଳ, ଫୁଲ, ଫଳ କେହି ମଧ୍ୟ ତାକୁ ଅଧିକାରରୁ ବଂଚିତ କରନ୍ତି ନାହିଁ ।  ନରପ୍ରତି ନର ଅବିଚାର କଲେବି ପ୍ରକୃତି ସବୁବେଳେ ସମଦର୍ଶୀ ଥାଏ । ''ହେ ମଳୟାନୀଳ, ତୁମ ସୁଗନ୍ଧ ଶୀତଳ ପ୍ରବାହରେ ମୋ ଦଗ୍ଧପ୍ରାଣକୁ ଛୁଇଁ ଯାଅ । କେତେ ପୁଣ୍ୟଧାନ ଭ୍ରମଣକରି ତୁମେ ଆସିଛ । ସେ ସବୁର ପ୍ରସାଦ ମୋ ଶିରରେ ଲଗାଇ ତୁମ ପୁଣ୍ୟ ସ୍ପର୍ଶରେ ମୋ ମନର ସମସ୍ତ ଅବସାଦ ଦୂର କରିଦିଅ ।'' ଏ କବିତାର ରୋମାଣ୍ଟିକ ପ୍ରାରମ୍ଭ, ଦେଶପ୍ରାଣତା, ସୌନ୍ଦର୍ଯ୍ୟବୋଧ ଯେ ଏକାନ୍ତ ଅତୁଳନୀୟ ବାରମ୍ବାର ଏକଥା କୁହାଯାଇ ପାରେ । ଏତେ ବଡ଼ କବିତା ଲେଖିବାରେ କେଉଁଠି ମଧ୍ୟ କବି ବ୍ୟତିକ୍ରମ କରିନାହାନ୍ତି । ତାଙ୍କ ଚିତ୍ତ ଓ ଚେତନା ଯେଉଁ ଭାବନାର ବୃତ୍ତର ସନ୍ତରଣ କରିଛି ତାହା ତାଙ୍କୁ ସଚେତନ ଭାବେ କେନ୍ଦ୍ରଗାମୀ କରିଚି । ଦୁଃଖିନୀ ଓଡ଼ିଶା ହିଁ ସେଇ କେନ୍ଦ୍ରରେ ଅଧିଷ୍ଠିତା ଅଶ୍ରୁକାତରା ନାରୀଟିଏ । ତାରି ଦୁଃଖରେ କବି କାରାଗାରରେ ଥାଇବି ଏକାନ୍ତ  ମ୍ରିୟମାଣ । ଏକାନ୍ତ ଅଧୀର । ଗନ୍ଧବାହକୁ ସଖା ଓ ସାଥୀଭାବେ ଆହ୍ୱାନ କରି ତା' ଆଗରେ କେତେ ମନକଥା କହିବସିଛନ୍ତି – ଠିକ୍ କାଳିଦାସଙ୍କ ଯକ୍ଷ ମେଘ ହାତରେ ପ୍ରାଣପ୍ରିୟା ପତ୍ନୀ ପାଖୁ ସନ୍ଦେଶ ପଠାଇବା ବେଳେ କରିଥିବା  ଦିଗନିର୍ଦ୍ଦେଶପରି । ଏଠି ବିପତ୍ନୀକ ଗୋପବନ୍ଧୁଙ୍କ ହୃଦୟରେ ପତ୍ନୀଙ୍କ ସ୍ମୃତି ଥାଇପାରେ କିନ୍ତୁ ଓଡ଼ିଶାର ଦୁଃଖ ଓ ଅଶ୍ରୁରେ ସେ ଏତେ ମ୍ରିୟମାଣ ଯେ ତାଙ୍କୁ ମନେ ପକେଇବାକୁ ବି ସମୟ ପାଇ ନାହାନ୍ତି । ତାଙ୍କର ବିଚ୍ଛେଦ ନିଜ ମାତୃଭୂମି ଠାରୁ – ଯାହା ତାଙ୍କୁ ଚରମ ଦୁଃଖରେ ଛଟପଟ କରୁଛି । ଏ କବିତାର ଅଧିକାଂଶ ଚରଣ ଉଦ୍ଧୃତି ଯୋଗ୍ୟ ଓ ଆବେଦନକ୍ଷମ । ନିଜର ଦୁଃଖ, ଶୋକ ସହିତ ରାଜ୍ୟବାସୀଙ୍କୁ ଭାଗୀଦାର କରି ମାତୃଭୂମିର ସ୍ୱରାଜ୍ୟ ସଂଗ୍ରାମରେ ଝାସ ଦେବାକୁ ଏଥିରେ ମଧ୍ୟ ଅଛି ପରୋକ୍ଷ ଆହ୍ୱାନ । ତେଣୁ ଏ କବିତାର ଗୋପବଂଧୁଙ୍କ ମାନସ–ପଥ ଓ  ମଳୟ–ପଥ ଏକତ୍ରିତ ହୋଇ ଏକ ମଧୁର ସମନ୍ୱୟର କାରୁଣ୍ୟର ଦ୍ରବୀଭୂତ ହୋଇଛି । ତାଙ୍କର ପୂର୍ଣ୍ଣ ବିଶ୍ୱାସ ସେ ଯେଉଁ ଲକ୍ଷ୍ୟ ସାଧନପାଇଁ କାରାବାସର ଯନ୍ତ୍ରଣା ଭୋଗୁଛନ୍ତି ତାଙ୍କ ପ୍ରିୟ ଦେଶବାସୀ ସେ ଲକ୍ଷ୍ୟରେ କେବେ ବି ଅବହେଳା କରିବେ ନାହିଁ । କାବ୍ୟଆତ୍ମା ଓ ଭାବନାଦୃଷ୍ଟିରୁ 'ବନ୍ଦୀର  ଆତ୍ମକଥା', 'ବନ୍ଦୀର ସ୍ୱଦେଶ ଚିନ୍ତା', 'ପିତୃପକ୍ଷ ତର୍ପଣ' – ଏଇ ତିନୋଟି କବିତାର ମର୍ମବିନ୍ଦୁରେ ବେଶୀକିଛି ତଫାତ୍ ନାହିଁ । ପ୍ରଥମ କବିତା ନେତୃ ସୁଲଭତା,  ଦିତୀୟ କବିତାରେ ମାତୃଭୂମିର ପ୍ରତ୍ୟେକ ସ୍ମୃତିର ନିର୍ଭୁଲ ଚିତ୍ରାଙ୍କନ ଓ ୩ୟ କବିତାରେ ଆତ୍ମତ୍ୟାଗର ଓ ବିଭୁଚେତନାର ଦୃଷ୍ଟାନ୍ତ ପରିପୂର୍ଣ୍ଣ ହୋଇ ରହିଛି । ଏ ତିନୋଟି କବିତା ତେଣୁ ଗୋଟିଏ ବୀଣାର

ତିନୋଟି ତାରପରି ସ୍ୱର ଓ ସଂଗୀତ ଉତ୍ପନ୍ନ କଲେବି ସବୁର ନିନାଦରେ ଗୋଟିଏ ମୂର୍ଚ୍ଛନା ହିଁ ଜାତ ହେଉଥିଲା ପରିଲାଗେ । ଦେଶକୁ ଏତେ ଭଲ ପାଉଥିବା ସେଇ ଦୁର୍ଲଭ ବ୍ୟକ୍ତିଟିର ରୂପ ଜଳଜଳ ହୋଇ ଦିଶିଯାଏ ।

* ' ଧର୍ମପଦ'ର କାବ୍ୟିକ ସଫଳତା ଉପରେ ସନ୍ଦେହ ପ୍ରକାଶ କରି ଗୋପବଂଧୁଙ୍କ ପ୍ରିୟ ସତୀର୍ଥ ନୀଳକଂଠ ଦାସ ଏକଦା କହିଥିଲେ ଦେଉଳର ଚୂଳମାରି ସମୁଦ୍ରରେ ଝାସ ଦେଲାବେଳେ ସତେରେ କଣ ସେ ବଢ଼େଇ ପିଲା ''ଜୟ ଜଗଦୀଶ ହରେ'' ବୋଲି ଉଚ୍ଚାରଣ କରିଥିଲା ? କାବ୍ୟ-ବାସ୍ତବତା ପାଇଁ ଏପରି ଏକ ସନ୍ଦେହ ନିରର୍ଥକ ନୁହେଁ । କାରଣ 'ଧର୍ମପଦ' କାବ୍ୟଟି ସଂପୂର୍ଣ୍ଣ ରୂପେ ଜନଶ୍ରୁତି ଉପରେ ଆଧାରିତ କାବ୍ୟଟିଏ । ତେଣୁ ମୂଳ କିମ୍ବଦନ୍ତୀରେ ଥିବା ଉକ୍ତ ଆପାତ ବିଶ୍ୱାସ୍ୟ ଉପାଦାନ 'ଧର୍ମପଦ' ରଚନାର ଭିତ୍ତି ହେଲେ ହେଁ ନିଜର ସାହିତ୍ୟିକ ସୌନ୍ଦର୍ଯ୍ୟବୋଧ ରସ ପିପାସା, ମାନସିକ ଅଭିରୁଚି ତଥା କଳ୍ପନା ବିଳାସର ସାର୍ଥକ ବିନିଯୋଗରେ ଗୋପବନ୍ଧୁ ସମୁଦାୟ କିମ୍ବଦନ୍ତୀଟିକୁ ନୂତନ ଜୀବନ୍ୟାସ ଦେଇ ଏହାକୁ ଏକ କମନୀୟ କଳା-ଶିଳ୍ପରେ ରୂପାନ୍ତରିତ କରି ଦେଇଛନ୍ତି।'' ।୧୦। ସମ୍ଭବତଃ ବଢ଼େଇ ପିଲାର ନାମ କରଣ ମଧ୍ୟ ଗୋପବଂଧୁଙ୍କ କଳ୍ପନା ପ୍ରସୂତ । ରାଧାନାଥଙ୍କ କାବ୍ୟଗୁଡ଼ିକ ପରି ଗୋପବଂଧୁଙ୍କ ପରି ସ୍ରଷ୍ଟାଙ୍କ ପ୍ରତିଭା ସ୍ପର୍ଶରେ ଏ କାବ୍ୟଟି ସତ୍ୟରେ ରୂପାନ୍ତରିତ ହୋଇଯାଇ ତାଙ୍କ ଜାତୀୟ ଚେତନାର ମହାନ୍ ଉଦ୍ଦେଶ୍ୟ ସାଧନ କରୁଛି । ଅର୍ଥାତ୍ ଦେଶପାଇଁ ଆତ୍ମାହୁତିର ଆହ୍ୱାନ ଏହି କାବ୍ୟର ମୌଳିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । କିମ୍ବଦନ୍ତୀ ଆହୃତ ପ୍ରଚାରିତ କଥାବସ୍ତୁକୁ ସେ ସମ୍ଭବଃ ଓମାଲି ସାହେବଙ୍କ ଇଂରାଜୀ ପୁସ୍ତକ ଓ କୃପାସିନ୍ଧୁ ମିଶ୍ରଙ୍କ 'କୋଣାର୍କ' ଇତିହାସରୁ ଆହରଣକରି ତାକୁ ଦେଶାତ୍ମବୋଧ ଓ ଭାଗବତୀୟ ବିଶ୍ୱାସରେ ଜାରିତ କରି କିଛିଟା ନୂତନ ରୂପରେ ପରିବେଷଣ କରିଛନ୍ତି କବିତାରେ କାହାଣୀକୁ ଲେଖିଥିବାରୁ ସ୍ୱାଭାବିକ ଭାବେ ଗୋପବନ୍ଧୁଙ୍କ ଲେଖାରେ ଆବେଗ ଓ ଭାବ ତରଳ ପଦ୍ୟାବଳୀର ରମଣୀୟତା ଦେଖିବାକୁ ମିଳେ ।

ରାଜା ଦେଶରେ ରାଜ୍ୟର ବାରଶହ ଶିଳ୍ପୀ ବାରବର୍ଷ ଧରି ନିଜ ନିଜ ଘରୁ ଦୂରରେ ରହି କୋଣାର୍କ ଠାରୁ ଅର୍କ ମନ୍ଦିର ନିର୍ମାଣ କରୁଛନ୍ତି । ଘରକୁ ମଧ୍ୟ ମଝିରେ ମଝିରେ ଯିବାକୁ ସେମାନଙ୍କୁ ଅନୁମତି ମିଳୁନାହିଁ । ତେବେ କେଉଁପରି ଭାବରେ ସେମାନେ ସେମାନଙ୍କ ଅର୍ଜିତ ଅର୍ଥକୁ ପରିବାରର ପ୍ରତିପୋଷଣ ପାଇଁ ପଠାଉଛନ୍ତି - ତାହାର କୌଣସି ସୂଚନା ନାହିଁ । ସେପରି ସୂଜନା ଥିଲେ ମୁଖ୍ୟ କାରିଗର ବା ସ୍ଥପତି ଗାଁକୁ ଯାଇ ତାର ପୁଅକୁ ଦେଖିଆସି ପାରିଥାନ୍ତା । ଏପରି ନିଷ୍ଠୁର ରାଜାଦେଶ ବିରୁଦ୍ଧରେ ଗୋପବଂଧୁ ଯେ କାହିଁକି ନୀରବତା ଅବଲମ୍ବନ କରିଛନ୍ତି ତାର କିଛି କାରଣନାହିଁ । ତେଣୁ ବଢ଼େଇ ପିଲା ତା ବାପକୁ ଦେଖିବାକୁ ଉଦ୍‌ବିଗ୍ନ ହୋଇଥିବା ସ୍ୱାଭାବିକ । ବାପା ମଧ୍ୟ ଘର ଛାଡ଼ି ଆସିବାବେଳେ ତା ସ୍ତ୍ରୀକୁ ସେଇ କଥା କହି ଆସିଥିଲା ଯେ ଦୀର୍ଘଦିନ ଧରି କାମ ଲାଗି ରହିବ । ତେଣୁ ପୁଅକୁ ସେଠାକୁ ପଠାଇଲେ ସେ ତାକୁ ଦେଖିବ ଓ ଚିହ୍ନିବ । ପୁଣି ବାଡ଼ି ବରକୋଳି କଥାବି ସେ କହିଯାଇଛି । ତାକୁ ନେଇଥିଲେ ପୁଅକୁ ଚିହ୍ନିବା କଷ୍ଟକର ହେବନାହିଁ । କୁକୁରଟିଏ ସ୍ନେହ ବଶତଃ ସାଙ୍ଗରେ ଯାଇଥିବା ସମ୍ଭବ । ତେବେ ଗାଁ ନାମ ଓ ପଥର ଦୂରତା ଉଲ୍ଲେଖ କରିବାରେ ତ କୌଣସି ଅସୁବିଧା ନଥିଲା । ତା'ହେଲେ ଡ଼କ୍ଟର ନଟକବର ସାମନ୍ତରାୟ ପଥ ଅତିକ୍ରମ ସମୟକୁ ତିନିଦିନ ବୋଲି ଅନୁମାନ କରି ନ ଥାନ୍ତେ । ମୁଖ୍ୟ ସ୍ଥପତିର ଘର କେଉଁଠି ସେ କଥା ଓମାଲି ସାହେବ ଓ କୃପାସିନ୍ଧୁ ମିଶ୍ର ମଧ୍ୟ ଉଲ୍ଲେଖ କରି ନାହାନ୍ତି । ଏତେବଡ଼ କାମଟିଏ କରିବାକୁ ଯାଉଥିବା ମୁଖ୍ୟ ସ୍ଥପତିର ପୁଅର ଠିକଣାକୁ ଗୋପନୀୟ ରଖିବା ପଛରେ କାହାର କି ଉଦ୍ଦେଶ୍ୟ ଅଛି ବୁଝି ହେଉନି । ବରଂଗୋପବନ୍ଧୁଙ୍କ କବିତାର କଳ୍ପନା ଶକ୍ତ ଉଦ୍ଦେଶ୍ୟର ଉପଯୋଗିତାକୁ ତାରିଫ୍ କରିବାକୁ ହେବ ଯେ ସେ ଗୋଟିଏ ପ୍ରତୀକ ମୂଳକ ନାମ ଦେଇଛନ୍ତି -ଧର୍ମପଦ । ଓଡ଼ିଶାର ସନ୍ତାନମାନ

---

।୧୦। 'କବି ଗୋପବଂଧୁ କାବ୍ୟସୃଷ୍ଟି ମାନସ : ଏକ ସର୍ବେକ୍ଷଣ' ପୃ ୪୭ - ନଟବର ସମାନ୍ତରାୟ

ସମସ୍ତେ ଧର୍ମପଦରେ ଯାତ୍ରା କରନ୍ତୁ, ଧର୍ମପଦ ପରି ତ୍ୟାଗ କରନ୍ତୁ, ଦେଶ ଗଠନ କାମରେ ଅନୁବ୍ରତୀ ହୁଅନ୍ତୁ – ସମ୍ଭବତଃ ଏହାହିଁ ଏ ନାମକରଣର ଉଦ୍ଦେଶ୍ୟ । ଡକ୍ଟର ସାମନ୍ତରାୟ ପଲ୍ଲୀ କାହାଣୀର ଯେଉଁ ହଳାହଳ କୁମାର କଥା ଉଲ୍ଲେଖ କରିଛନ୍ତି । ତାହା ଏକାନ୍ତ ଦୂରବର୍ତୀ (Far fectched) ପରିକଳ୍ପନା । 'ଶଶୀସେଣା' କାବ୍ୟ ସହିତ 'ଧର୍ମପଦ' କାବ୍ୟର କୌଣସି ଗଠନଗତ ବା ପରିକଳ୍ପନା ଗତ ସଂପର୍କ ନାହିଁ । ହଁ – ଅଣବାପୁଅା ବୋଲି  କୌଣସି ଖେଳସାଥୀ ବଢ଼େଇ ବାଳକକୁ କହିପାରିଥାଏ । କିନ୍ତୁ ତା' ମାଆ କଣ ତାକୁ ବାପର ପରିଚୟ ବାରବର୍ଷଯାଏ ଦେଇ ନ ଥିଲା ? ତା'ହେଲେ ସେ ପୋଥିପତ୍ର, ବସ୍ତୁଶାସ୍ତ୍ର ପଢ଼ି ଏପରି ଯୋଗ୍ୟ ପିଲାଟିଏ ହେଲା କିପରି ? ଚାଟଶାଳୀରେ ପଢ଼ିଲାବେଳେ ତ ବାପାର ନାମ ଲେଖା ହୋଇଥିବ ଓ ତା' ନାମ ମଧ୍ୟ । ଏସବୁ କଥାକୁ କେଉଁ ଉଦ୍ଦେଶ୍ୟରେ ଇତିହାସରେ ଉଲ୍ଲେଖ କରାଯାଇ ନାହିଁ ତାର ରହସ୍ୟ ବୁଝି ହୁଏନା ।

ପୁଣି କୋଣାର୍କ ପରିସରରେ ବାପପୁଅଙ୍କ ସାକ୍ଷାତ, ସ୍ନେହରେ ବାପାର କୋଳେଇନେବା ଓ ମନ୍ଦିରର ଚୂଡ଼ା ମରି ପାରୁ ନ ଥିବାର ସମସ୍ୟା ଉତ୍‌ଥାପନ କଥାରେ କେବଳ କିମ୍ବଦନ୍ତୀକୁ  ଗ୍ରହଣ ନ କରି କିଛି ବାସ୍ତବତାକୁ ପ୍ରତିଫଳନ କରାଯାଇ ପାରିଥା'ନ୍ତା । ଚୂଡ଼ା ମାରି ନ ପାରିଲେ ବାରଶହ ଶିଳ୍ପୀଙ୍କ ମୁଣ୍ଡକାଟ ହେବ ବୋଲି ରାଜାଦେଶ ଥିଲା । କିନ୍ତୁ ଧର୍ମପଦକୁ ଚୂଡ଼ା ନିର୍ମାଣରେ ସେମାନେ ସାହାଯ୍ୟ ନ କରିବାକୁ ତ ରାଜାଦେଶ ନଥିଲା  । ତେଣୁ ଓଜନିଆ ପଥରକୁ ସେ ଏକୁଟିଆ ଏତେ ପଥରକୁ ଉଠାଇ ଥିବାର ଅବିଶ୍ୱାସ କଥା ରଚିତ ହୋଇ ନ ଥାନ୍ତା । ସେ ଯଦି ଅଲୌକିକ ଶକ୍ତସଂପନ୍ନ କୌଣସି ଦେବତାତ୍ମା ହୋଇଥା'ନ୍ତା ତେବେ ଅଲଗା କଥା । ତାକୁ ଶିଳ୍ପୀମାନେ ତେଣୁ  କାର୍ଯ୍ୟରେ ସାହାଯ୍ୟ କରିବାରେ କିଛି ପ୍ରତିବନ୍ଧକ ନଥିଲାବେଳେ ତାକୁ ଆତ୍ମହତ୍ୟା କରିବାକୁ କାହିଁକି ବାଧ କରାଯାଉଥିଲା ? ଗୋପବନ୍ଧୁ ଏ କାବ୍ୟରେ ଧର୍ମପଦର ବିଦ୍ୟାଧ୍ୟୟନ କଥା ଓ ମନ୍ଦିର ନିର୍ମାଣ ଜ୍ଞାନ ଆହରଣ କଥା ଯେତେବେଳେ ଉଲ୍ଲେଖ କରିଛନ୍ତି ତାର ଦକ୍ଷତାକୁ (ବାର ବର୍ଷର ପିଲା ହେଲେ ବି) ନିଶ୍ଚୟ ସ୍ୱୀକାର କରିଛନ୍ତି । ସେ ତାକୁ କୃପାସିନ୍ଧୁ ମିଶ୍ରଙ୍କ ବଢ଼େଇ ପିଲାରୁ ଧର୍ମପଦରେ ପରିଣତ କରିଦେଇଛନ୍ତି । ତାର ଶିଳ୍ପଶାସ୍ତ୍ର ଶିକ୍ଷା ବିଷୟରେ ସୂଚନା ଦେଇଛନ୍ତି । ସେହିପରି ଗୋପବନ୍ଧୁ ମଧ ଧର୍ମପଦର ଜନନୀର ସନ୍ତାନପାଳନ ଓ ତାକୁ ଶିଳ୍ପଶାସ୍ତ୍ର ଅଧୟନ ପାଇଁ ପ୍ରେରଣାଦାନ, ବଂଶ ଓ କୁଳର ମହନୀୟ ଅତୀତ ଗୌରବ ପ୍ରକ୍ଷାପନ କରି ତାର ଚାରିତ୍ରିକ ମହତ୍ତ୍ୱକୁ ପ୍ରଦର୍ଶନ କରିଛନ୍ତି । ସେ ପୁଅଟିର ମୁହଁକୁ ଚାହିଁ ହି ଏକାକିନୀ ବାରବର୍ଷ କଟେଇ ଆସିଛନ୍ତି । ପ୍ରତ୍ୟେକ ମାଆପରି ପୁତ୍ରପ୍ରତି ବାତ୍ସଲ୍ୟ ସ୍ନେହ ପ୍ରଦର୍ଶନ ଓ ତାର ଯତ୍ନନେବାରେ ସେ କେବେବି ଅବହେଳା କରି ନାହାନ୍ତି । ବାପ ବିଷୟରେ ମାଆଠାରୁ ଅନେକ କଥା ଶୁଣିବା ପରେ ସ୍ୱାଭାବିକ ବାପ ପାଖକୁ ଯିବା ପାଇଁ ଧର୍ମପଦ ମନରେ ଉତ୍‌କଣ୍ଠା ଜାଗ୍ରତ ହୋଇଛି ସେତିକି ବେଳେ ମାଆ କିଛି ଆଶଙ୍କାରେ ସଢ଼ିଯାଇ ପୁଅକୁ  କହିଛନ୍ତି –

ମୋ ନେତ୍ର ପିତୁଳୀ ଛାଡ଼ିକରେ ତୋତେ/କ୍ଷଣେ ମୁଁ ପାରିବି ବଂଚି ?
ମୋ ଅନ୍ଧାର ଘରେ ତୁ ଏକା ପ୍ରଦୀପ / ମୋ ହୃଦ ସିନ୍ଧୁକ କଂଚି ।
ଆହୁଲା ତୁ ମୋର ଜୀବନ ବୋଇତେ/ଅନ୍ଧର ଆଶା ଲଉଡି,
ତୋ ବିନେ ନ ଚଳି ଯିବି ସିନା ବାବୁ/ଶୋକ ସିନ୍ଧୁ ଜଳେ ବୁଡ଼ି ।

ଏପରି କହିବାରେ ଅତିଶୟୋକ୍ତି ନାହିଁ । ନାରୀଟି ନିଜ ଚିହ୍ନାଜଣା ପରିବେଶରୁ ହିଁ ଉପମା ମାଧ୍ୟମରେ  ନିଜ ପୁତ୍ରକୁ ମନବେଦନା ଜଣାଇଛି । ଅନ୍ଧାର ଘରେ, ପ୍ରଦୀପ, ହୃଦ  ସିନ୍ଧୁକର ତୁ ହେଉଛୁ ଚାବିକାଠି, ଜୀବନ ବୋଇତର ଆହୁଲା, ଅନ୍ଧର ଆଶାଲଉଡ଼ି, ଶୋକସିନ୍ଧୁର ଜଳ – ଏସବୁ କଥା ଛଳରେ ଗାଁ ଗହଳର ନାରୀମାନେ କଥା ଛଳରେ କହିଥାନ୍ତି । ପାଠୋଇ ହେଉ ବା ଅପାଠୋଇ ନିଜ ଚତୁପାର୍ଶ୍ୱର ନିତିଦିନର ଦେଖା ଉପାଦାନକୁ  କଥାଛଳରେ ପ୍ରକାଶ କରିବାରେ

ମାଆମାନେ ଖୁବ୍ ନିପୁଣ ମନେ ହୁଅନ୍ତି । କବିଙ୍କ ଉପମା ଖଂଜିବାର ଯଥାର୍ଥତାକୁ ଏଠି ଲକ୍ଷ୍ୟ କରି ପାରିବା । ଜୀବନ ବୋଇତଟି ଆହୁଲାଧାରୀ ସନ୍ତାନ ବ୍ୟତୀତ ଶୋକ ସିନ୍ଧୁରେ ବୁଡ଼ିଯିବା ପରିକଳ୍ପନାଟି ଖୁବ୍ ଆନୁପାତିକ, ଉପାଦେୟ ଓ ଉତ୍ପାଦକ ମଧ୍ୟ । ଦାଣ୍ଡ ଧୂଳିରେ ଦେଉଳ ନିର୍ମାଣକରି ଖେଳିବା ଓ ସେଥିରେ କିଛି କାରିଗରୀ କୌଶଳ ପ୍ରଦର୍ଶନ କରିବା ପଛରେ ଜନନୀଙ୍କର ଯେ ପ୍ରେରଣା ଥିଲା ଏହା ବୁଝିହୁଏ । ଶିଳ୍ପତତ୍ତ୍ୱ କଥା ପଚାରିଲା ବେଳେ ଜନନୀ କହିଛନ୍ତି – ''ପଢ଼ିଲେ ଜାଣିବୁ ।'' ତେଣୁ ନିଜର ଉତ୍କଣ୍ଠା ଓ ଆଗ୍ରହରେ ଧର୍ମପଦ ପୋଥିସବୁ ପଢ଼ି କିଛି ବିଦ୍ୟା ଆୟତ୍ତ କରିଥିବାରେ ଅତିକଳ୍ପନା ନାହିଁ । ପ୍ରତ୍ୟେକ ମାଆପରି ଧର୍ମପଦର ମାଆ ମଧ୍ୟ ସ୍ୱାମୀଙ୍କ ଅନୁପସ୍ଥିତିରେ ଦୀର୍ଘ ବାରବର୍ଷ ଧରି କେବଳ ଏଇ ପୁଅଟିର ମୁହଁକୁ ଚାହିଁ ବଂଚି ରହିଛି । ସେ ତେଣୁ ପୁଅର ଆଖିରେ ଲୁହ ଦେଖିଲେ କହିବା ସ୍ୱାଭାବିକ ଯେ – ''ମରିଯାଏଁ ମୁଁ ଲୋ କି ବିକଳେ ଲୁହ ପୋଛି ଦିଅଇ ମୋ ଧନ/ ଏଇ ଭରସାରେ ବାରବର୍ଷ ହେଲା ରହିଛି ଧରି ଜୀବନ ।'' ସେଇ ପୁଅ ବର୍ତ୍ତମାନ ତା ବାପାକୁ ଦେଖିବାକୁ ଯେତେବେଳେ କୋଣାର୍କ ଯାତ୍ରା କରୁଚି ସ୍ୱାଭାବିକ ମାଆର ମନ ଆଶଙ୍କାରେ ଭାଂଗି ପଡ଼ିବା କଥା । କିନ୍ତୁ ପୁଅର ଜିଦିକୁ ସେ ପ୍ରତ୍ୟାଖ୍ୟାନ କରି ପାରୁନାହିଁ ଓ ତା' ହାତରେ କିଛି ବରକୋଳି ବାନ୍ଧି ପୁଡ଼ାଟିଏ ଧରେଇ ଦେଇଚି ।

ଧର୍ମପଦର ମାଆର ମାତୃମୂର୍ତ୍ତି ଯେପରି ସୋହାଗ ସ୍ନିଗ୍ଧ, କରୁଣ ଓ ବ୍ୟଥାହତ ପତ୍ନୀରୂପଟି ମଧ୍ୟ କବିଙ୍କ ଲେଖନୀରେ ତତୋଧିକ ସାର୍ଥକ, ସ୍ୱାଭାବିକ ଓ ହୃଦୟଗ୍ରାହୀ ବୋଲି କୁହାଯାଇପାରେ । ପତିଙ୍କ ଶୁଭ ପ୍ରତ୍ୟାବର୍ତ୍ତନ ପାଇଁ ପଞ୍ଚେଇ ଉପାସନା କରିବାଠାରୁ ଆଖଣ୍ଡଳମଣିଙ୍କୁ ସ୍ମରଣକରି ଗ୍ରାମ ଦେବତାଙ୍କ ପାଖରେ ବାରମ୍ବାର ଅଧିଆ ପଡ଼ିବା, ରବିବାର ବ୍ରତ ପାଳନ କରିବା ନାନା ଦେବାଦେବୀଙ୍କୁ ପୂଜାକରିବାରେ ତାର ନାରୀତ୍ୱର ଉଜ୍ଜ୍ୱଳ ଦିଗଟି ଉଦ୍‌ଘାଟିତ । ଧର୍ମଦେବତାଙ୍କ ମନ୍ଦିର ନିର୍ମାଣକୁ ଲକ୍ଷ୍ୟ ସେ ପୁତ୍ରର ନାମ କରଣ କରିଥିଲା ଧର୍ମପଦ । କେହି ଜଣେ ଖେଳସାଥୀ ଧର୍ମପଦକୁ ଅଣବାପୁଆ ବୋଲି କହିଥିବାରୁ ତା ମନରେ ଯେଉଁ ଦୁଃଖ ସଂଜାତ ହୋଇଥିଲା ତା' ଆଗରେ ନିଜ ବଂଶର ମର୍ଯ୍ୟଦା, ପିତାଙ୍କ ଗୌରବ ପୂର୍ଣ୍ଣ ଶିଳ୍ପ କାର୍ଯ୍ୟରେ ନିପୁଣତା ବଂଶ ଓ ଜାତିର ମର୍ଯ୍ୟଦା ଆଜି ବର୍ଣ୍ଣନା କରି ସେ ତା ପୁଅର ଭାଂଗି ଯାଉଥିବା ମନକୁ ସଜାଡ଼ି ଦେଇଚି । ଧର୍ମପଦ ତାଙ୍କ ଘରର ପୋଷା କୁକୁରଟିକୁ ସାଙ୍ଗରେ ଆଣି କୋଣାର୍କ ଉଦ୍ଦେଶ୍ୟରେ ଚାଲିଆସି କୌଣସି ସ୍ଥାନରେ ସେ ବରକୋଳି ଗୁଡ଼ିକୁ ଖୋଲି ବିକିବା ବାହାନାରେ ବସିଚି । ଆକସ୍ମିକ ଭାବେ ତା ବାପାଙ୍କ ସହିତ ତାର ସାକ୍ଷାତ ଓ ପରେ ପରେ ପରିଚୟ ହୋଇଚି । ବାପା ନାମ ବିଶୁ ମହାରଣା ବୋଲି ସେ କଣ ଜାଣି ନ ଥିଲା ଯେ ସେଥି ପାଇଁ କୋଣାର୍କ ରାସ୍ତାରେ ବସି କୋଳି ବିକୁଥିଲା ? ଏପରି ଏକ ପରିକଳ୍ପନା ଗ୍ରହଣୀୟ ନୁହେଁ । ସେ ଶିଳ୍ପିମାନେ ରହୁଥିବା ସ୍ଥାନକୁ ଯାଇ ତା ବାପନାମ କହି ପଚାରି ପାରିଥାନ୍ତା । ଯାହା ହେଉ ସେତେବେଳେ କାରିଗରମାନେ ଖୁବ୍ ମାନସିକ ଦୁଃଖରେ କାଳ କାଟୁଥିଲେ ନିଶ୍ଚୟ । ମନ୍ଦିରର ସବୁକାମ ସରିଥିଲେ ବି ଚୂଡ଼ାମାରି ପାରୁ ନଥାଏ । ଦିଗ ନିର୍ଣ୍ଣୟରେ କିଛି ଶାସ୍ତ୍ରୀୟ ପ୍ରମାଦ ଯୋଗୁ ବାରମ୍ବାର ଚେଷ୍ଟା କରିବି ସେମାନେ ବିଫଳ ହେଉଥାନ୍ତି । ରାଜା ଲାଙ୍ଗୁଳା ନରସିଂହଦେବ ଯଥା ସମୟରେ କାମ ଶେଷ ନ କଲେ ସେମାନଙ୍କ ମୁଣ୍ଡକାଟ ହେବ ବୋଲି ଧମକ ଦେଇଥାନ୍ତି । ରାଜାଗୋଜା–ତାଙ୍କୁ ପ୍ରକୃତ ଅସୁବିଧା କଥା କିଏ ବା ବୁଝାଇବ । ତେଣୁ ସ୍ଥପତିକୁଳ ଖୁବ୍ ଅସ୍ଥିରତା ମଧ୍ୟରେ ଥା'ନ୍ତି ।

ଏଇପରି ଏକ ଦୁଃସମୟରେ ଧର୍ମପଦର କୋଣାର୍କ ଆଗମନ ଓ ପିତାପୁତ୍ରଙ୍କ ମିଳନ ଯେତେ ମଧୁର ହେବା କଥା ତା ସମ୍ଭବ ହେଉ ନ ଥାଏ । ଏସବୁ କଥା ଶୁଣି ଧର୍ମପଦ ତାର ବିଦ୍ୟାବୁଦ୍ଧିରେ ଥରେ ଚେଷ୍ଟା କରିବ ବୋଲି ଜାତିଭାଇମାନଙ୍କୁ ଅନୁରାଧ କରେ । ସେଥିରେ ସ୍ଥପତିକୁଳ ବିଶ୍ୱାସ ଓ ଅବିଶ୍ୱାସର ଦ୍ୱିଧାରେ ବ୍ୟତିବ୍ୟସ୍ତ ହୋଇ ତାକୁ ଅନୁମତି ଦିଅନ୍ତି ଓ ସେ ଚନ୍ଦ୍ରଲୋକରେ ମନ୍ଦିର ଉପରକୁ ଯାଇ ଅଗ୍ରକୁମ୍ଭର ସ୍ଥିତି ପରୀକ୍ଷାକରେ । ସେପରି ଅବସ୍ଥାରେ କିଛି ବଛାବଛା ସ୍ଥପତି ମନ୍ଦିର ଚୂଡାକୁ ତା' ସହିତ ଯାଇଥିବେ ନିଶ୍ଚୟ । ତାହହିଁ ସେ ପରିସ୍ଥିତିରେ ବାସ୍ତବତା । ଯାହାହେଉ ଶାସ୍ତ୍ର ଅନୁସାରେ

ଧର୍ମପଦ ଅଗ୍ରକୁମ୍ଭକୁ ବସେଇ ଦିଏ ଓ ସମସ୍ତେ ବିସ୍ମିତ ହୁଅନ୍ତି । କିନ୍ତୁ ଜଣେ ବୃଦ୍ଧଶିଳ୍ପୀ ସମ୍ଭବତଃ କହନ୍ତି – ''ପୂରିଲା ଦେଉଳ, ହେବ ତୁମ ଯଶ ନ ରହିବ ଆମ ମଥା ।'' କବି ଗୋପବନ୍ଧୁ ଚାହିଁଥିଲେ ଏଇଠି ପରିସ୍ଥିତିକୁ ନିଜ କବିତାରେ ନିୟନ୍ତ୍ରଣ ଭିତରେ ରଖି ପାରିଥାନ୍ତେ । କିନ୍ତୁ ତାଙ୍କ ଚେତନାରେ କିମ୍ବଦନ୍ତୀ ହିଁ ପ୍ରଭାବଶୀଳ ହୋଇ ଉଠିଛି । କିମ୍ବଦନ୍ତୀର ମୋଡ଼ ପରିବର୍ତ୍ତନ କରିବାରେ କିଛି ଅସୁବିଧା ନ ଥିଲା । କିମ୍ବଦନ୍ତୀକୁ ଆଧୁନିକ କବି ପୁନର୍ନିର୍ମାଣ କରିପାରେ – ଯେପରି ଆଧୁନିକ କବିତାରେ ମିଥ୍ ଭିତ୍ତିକ ବହୁ କାବ୍ୟରେ ସମ୍ଭବ ହେଉଛି । କିନ୍ତୁ ବୃଦ୍ଧ ସ୍ଥପତିଙ୍କ କଥାଶୁଣି ଧର୍ମପଦ କହିଲା – ''ମୁଁ ଶିଳ୍ପୀକୁଳର ଅଧମ ତନୟ/ ଜାତି ଭାଇଙ୍କ କିଂକର । ଦେଉଳ ପୂରଣେ ନାହିଁ ମୋ କରଣୀ/ସେ ସବୁ କାର୍ଯ୍ୟ ତୁମ୍ଭର ।'' ଜାତି ଭାଇଙ୍କର ଆଦେଶେ ସିନା ମୁଁ କଲି କାର୍ଯ୍ୟ ସଂପାଦନ/ଜାତି ପୁଅଙ୍କର ମୁଣ୍ଡ ଗଲେ/ମୋର ଜୀବନେ କି ପ୍ରୟୋଜନ ?'' ବାପ–ପୁଅଙ୍କ କଥୋପକଥନ ଛଳର ଦୃଢ଼ ଯୁକ୍ତି ମାଧ୍ୟମରେ ଧର୍ମପଦ ବାପାଙ୍କୁ ମଧ୍ୟ ବାଧ କରିଚି, ନିଜ ଜୀବନ ଉତ୍ସର୍ଗ କରିବାପାଇଁ । ବାପା ଯେତେ ଅରାଜି ହେଲେ ବି ତାଙ୍କୁ ଶେଷକୁ ଧର୍ମପଦର ଇଚ୍ଛା ପାଖରେ ଆତ୍ମସମର୍ପଣ କରିବାକୁ ହୋଇଛି । କାରଣ ତାହା ଜାତିଭାଇଙ୍କର ଓ ବାରଶହ ସ୍ଥପତିର ମର୍ଯ୍ୟଦାର କଥା ଥିଲା । ସ୍ୱାର୍ଥପର ସ୍ଥପତିମାନେ ମଧ ବିଶୁ ମହାରଣାକୁ ''ବାରଶ ବଢ଼େଇରେ ଦାୟ'' ରହିବାକୁ ବାଧ କରିଛନ୍ତି । ସେ ଯେତେ ''ପୁଅର ଦାୟ'' ରହିବ ବୋଲି ଚାହିଁଛି ତାହା ସେପରି ପରିସ୍ଥିତିରେ ସମ୍ଭବ ହୋଇନାହିଁ । ତେଣୁ ଏକ ସ୍ୱଭାବିକ ପରିଣତି ଆଡ଼କୁ କାବ୍ୟର କାହାଣୀଗତି କରିବାକୁ ବାଧ ହେଉଛି – ତା' ଦ୍ୱାରା କେବଳ ଧର୍ମପଦର ମର୍ଯ୍ୟଦା, ଅକ୍ଷୟ ଯଶ ପ୍ରତିଷ୍ଠିତ ହେବନି ଗୋପବଂଧୁଙ୍କ ଜୀବନର ମହତ୍ତ୍ୱ ମଧ ପ୍ରତିଷ୍ଠିତ ହେବ । ''ସୁଗୁଣ ବିକାଶି ନିମଶେ ମରିବା ଶ୍ରେୟ/ଅର୍ଥହୀନ ଏ ଦୀର୍ଘ ଜୀବନ ବିଶ୍ୱରେ ଅତି ହେୟ ।'' ଏହାହିଁ ଥିଲା ତାଙ୍କ ଜୀବନର ବାର୍ତ୍ତା ଓ ବିଭବ । ନିଜ ଜୀବନରେ ସେ ତାହା ହିଁ ପ୍ରତିପାଦନ କରିଗଲେ । ଜାତି ପାଇଁ ଦେଶର ସ୍ୱାଧୀନତା ପାଇଁ ଦରକାର ହେଲେ ଜୀବନ ଆହୁତି ଦେବାକୁ ସେ କେବଳ ପ୍ରସ୍ତୁତ ହେଉ ନ ଥିଲେ, ତାଙ୍କ ସତୀର୍ଥମାନଙ୍କୁ ସେଇ ପଥରେ ମଧ ଅନୁବ୍ରତୀ କରୁଥିଲେ । ବହୁ ପୁରାଣର ଉପାଖ୍ୟାନକୁ ଉଦ୍ଧାର କରି (ବିଶେଷତଃ ଶିବିରାଜାଙ୍କ କଥା) ଦେଶ ବା ଜାତିପାଇଁ ଆତ୍ମତ୍ୟାଗର ଆବଶ୍ୟକତାକୁ ମଣିଷ ପଣିଆର ନିକଷଭାବେ ସେ ପ୍ରତିପାଦନ କରିଛନ୍ତି । ସେଇତ ପୁଣି 'ବନ୍ଦୀର ଆତ୍ମକଥା'ରେ ଲେଖିଥିଲେ – ''ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼/ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'' ତେଣୁ ନିଜର ଲକ୍ଷ୍ୟ ଓ ଆଦର୍ଶରେ 'ଧର୍ମପଦ' । କାବ୍ୟର ପରିଣତିରେ ତାର ଆତ୍ମଉତ୍ସର୍ଗ ପାଇଁ ସେ ଗୁରୁତ୍ୱ ଦେଇଛନ୍ତି । ଧର୍ମପଦ ବିଶୁ ମହାରଣାର ରକ୍ତଜ ସନ୍ତାନ ହୋଇପାରେ କିନ୍ତୁ ଗୋପବଂଧୁଙ୍କ ମାନସ ସନ୍ତାନ ନୁହେଁ କି ? କିନ୍ତୁ ଶେଷକୁ ''ପ୍ରଭୁ ପରାତ୍ପର ପରମ ଈଶ୍ୱର ଆଶ୍ରାଦିଅ ଶ୍ରୀ ପୟରେ/ପୂରୁତବ ଇଚ୍ଛା ଏ ନର ପରାଣେ ଜୟ ଜଗଦୀଶ ହରେ ।'' ନ ଲେଖିଥିଲେ ଭଲ ହାଇଥା'ନ୍ତା ବୋଲି ଯୁକ୍ତିଛଳରେ ପଣ୍ଡିତ ନୀଳକଂଠ ଦାଶ ଯାହା କହିଛନ୍ତି ସେଥିରେ ଆଧୁନିକ ସମାଲୋଚନକମାନେ ନିଶ୍ଚୟ ଏକମତ ହେବେ । ସେ ପୁଣି ମଧ ଗୋପବଂଧୁଙ୍କ 'ଗୋମାହାତ୍ମ୍ୟ' କବିତା ଗ୍ରନ୍ଥକୁ ପଢ଼ି କହିଥିଲେ – ''ଜାଣେ ଆପେଣେ, ଏ ଗୋପଂଧୁ ଦାସକୃତ ନବାକ୍ଷରୀ ଛନ୍ଦରେ ଲିଖିତ 'ଗୋମାହାତ୍ମ୍ୟ' କାବ୍ୟଟି ନ ଲେଖିଥିଲେ କଣ ଚଳି ନ ଥାନ୍ତା । ଗୋପବନ୍ଧୁ ଅବଶ୍ୟ ଉତ୍ତର ଦେଇଥିଲେ – ''ନୀଳକଣ୍ଠ, ସେମିତି କୁହନି, ପାପ ହବ ।'' ତେବେ ଯେ କୌଣସି ରସ ପିପାସୁ ପାଠକ ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା', 'କାରାକବିତା', 'ଧର୍ମୂପଦ' ଓ ଅବକାଶ ଚିନ୍ତା' ପାଠ କଲା ପରେ 'ନଚିକେତା ଉପାଖ୍ୟାନ' ଓ 'ଗୋ ମାହାରୀ' କବିତା ଗ୍ରନ୍ଥ ଦୁଇଟିରୁ ସ୍ୱତଃ ବିମୁଖ ହୋଇ ଫେରି ଆସିବ– ଏଥିରେ ସନ୍ଦେହ ନାହିଁ । ଅତିରିକ୍ତ ତତ୍ତ୍ୱ ଓ ଦାର୍ଶନିକତାରେ ଏ କବିତା ବହି ଦୁଇଟି ଭାରାକ୍ରାନ୍ତ। ଗୋପବନ୍ଧୁଙ୍କ ଆବେଗପ୍ରବଣ ସୌନ୍ଦର୍ଯ୍ୟଦ୍ରଷ୍ଟା କାବ୍ୟମାନସର କୌଣସି ଚିହ୍ନ ଏ ବହି ଦୁଇଟିରେ ନାହିଁ । ତେଣୁ ଏହାର ଆଲୋଚନାରୁ ନିବୃତ୍ତ ହେବାକୁ ବାଧ ହେଉଛି ।

–୦–

# ସପ୍ତଦଶ ପତ୍ର
# ଦ୍ୱିତୀୟ ୟୁନିଟ୍
# କବି ନୀଳକଣ୍ଠ ଦାସ (୧୮୮୪-୧୯୬୭)

ନୀଳକଣ୍ଠଙ୍କ ବଳିଷ୍ଠ କାବ୍ୟ ରଚନା ପ୍ରୟାସ ସତ୍ୟବାଦୀ ସାହିତ୍ୟ ଯୁଗକୁ ବହୁମାତ୍ରାରେ ପରିପୁଷ୍ଟ କରିଚି । କାରଣ ସତ୍ୟବାଦୀର ସ୍ରଷ୍ଟା ଓ ସତୀର୍ଥ ତିନି ସାହିତ୍ୟିକଙ୍କ ମଧ୍ୟରେ ନୀଳକଣ୍ଠ ହିଁ ଥିଲେ ଅଧିକ ମାତ୍ରାରେ କାବ୍ୟ-କଳା ପ୍ରତି ସଚେତନ । ଗୋପବଂଧୁଙ୍କ କବିତା ପଢ଼ିଲେ ମନେହେବ ସେ ଯେପରି ଏକ ମହାନ୍ ଉଦ୍ଦେଶ୍ୟର ପରିବାହୀ ଭାବେ କାବ୍ୟକବିତାକୁ ପ୍ରୟୋଗ କରିଛନ୍ତି । ଭାଷାରେ ବର୍ଣ୍ଣିଳତାର ଅଭାବ ଅନାୟାସ ଲକ୍ଷ୍ୟ । କିନ୍ତୁ କବିତାର ଜାତୀୟ ଲକ୍ଷ ଅବିସମ୍ବାଦିତ ଭାବେ ଅବଧାରଣୀୟ । କବିତାର ଯେଉଁସବୁ ଗାଠନିକ କଳା ପାଠକକୁ ଆକର୍ଷଣ କରେ ଏ ତିନି କବିଙ୍କ ମଧ୍ୟରୁ ନୀଳକଣ୍ଠଙ୍କ ଠାରେ ତାହା ଥିଲା ଭରପୁର । ତେଣୁ ନୀଳକଣ୍ଠକୁ  କଳାର ସାଧକ ଭାବେ କହିଲା ବେଳେ ଗୋପବଂଧୁଙ୍କୁ କର୍ମର କାବ୍ୟକାର ଭାବେ କୁହାଯାଇପାରେ । ଆମ ଦେଶ, ଜାତୀୟ ସ୍ୱାର୍ଥ, ଜାତିର ଗୌରବ ଓ ତା' ମାଧ୍ୟମରେ ପାଠକକୁ  ଉଜ୍ଜୀବିତ କରିବାର ଲକ୍ଷ୍ୟ ଓ ପରିଣତି । କିନ୍ତୁ ନୀଳକଂଠଙ୍କ କବିତାରେ ଉପମା, ଉତ୍‌ପ୍ରେକ୍ଷା, ରୂପକ, ଚିତ୍ରକଳ୍ପର ପରୀକ୍ଷା ଓ ପ୍ରୟୋଗ କବିତାକୁ ଭିନ୍ନ ଉଚ୍ଚତାକୁ ନେଇଯାଏ । କେହି କେହି ସମାଲୋଚକ ସତ୍ୟବାଦୀକୁ ଏକ ସାହିତ୍ୟ ଯୁଗ ଭାବେ ମାନ୍ୟତା ଦେଉଥିଲାବେଳେ କେହି କେହି ଭାବଧର୍ମ ଦୃଷ୍ଟିରୁ ଏହାକୁ ରାଧାନାଥ ଯୁଗରେ ଅବଶେଷ ବୋଲି କହିଥା'ନ୍ତି । ଅର୍ଥାତ୍ ଏ ସୃଷ୍ଟି ରାଧାନାଥ ଯୁଗର ଏକ ଅବିଚ୍ଛିନ୍ନ ପ୍ରବାହ । ତେବେ ସେ ବିବାଦକୁ ନ ଯାଇ ଆମେ ସାହିତ୍ୟ ଦୃଷ୍ଟିରୁ ବା କଳାଗତ  ଦୃଷ୍ଟିକୋଣରୁ ଏ ସାହିତ୍ୟକୁ ଅବଲୋକନ କରିବା ଉଚିତ ମାର୍ଗ ହେବ ।

ଉଚ୍ଚାଙ୍ଗ ସାହିତ୍ୟ କହିଲେ ଯାହା କୁହାଯାଏ ନୀଳକଂଠଙ୍କ 'କୋଣାର୍କେ' କାବ୍ୟ ଖଣ୍ଡିତ ତାରି ପରିଚୟ ବହନ କରେ । ତେବେ ରାଧାନାଥ ଯୁଗର କାବ୍ୟଧର୍ମ ଓ କଳାଚାତୁରୀଙ୍କୁ ତାଙ୍କ ମୃତ୍ୟୁପରେ ପରେ କାବ୍ୟ କବିତା ଲେଖିଥିବା ଏ କବିମାନେ କେବେବି ଉପେକ୍ଷା କରି ପାରି ନଥାନ୍ତେ । ବରଂ କହିବାକୁ ହେବ ରାଧାନାଥ ତାଙ୍କ କବିତାରେ ଜାତୀୟତାରେ ଯେଉଁ ବୀଜ ବପନ କରିଥିଲେ ସତ୍ୟବାଦୀଙ୍କ କାବ୍ୟ କବିତାରେ ତାହା ଦ୍ରୁମାୟିତ  ହୋଇଛି । କିନ୍ତୁ ରାଧାନାଥଙ୍କ  କବିତାରେ ଯେଉଁ ଚେତନାଟି ଅପ୍ରକାଶ୍ୟ ରହିଥିଲା । ସତ୍ୟବାଦୀ କବିତା ତାହାକୁ ମୂଳଧନ କରି ନିଜର  କାବ୍ୟ-ବ୍ୟକ୍ତିତ୍ୱର  ସ୍ୱତନ୍ତ୍ର ପରିଚୟ ଦେଇ ପାରିଛି – ତାହା ହେଲେ ମାନବତାବାଦ ବା ସାହିତ୍ୟରେ ଉଚ୍ଚାଙ୍ଗ ମାନବତାର ପରିପ୍ରକାଶ ଓ ପ୍ରତିଷ୍ଠା । ଅତୀତ ଇତିହାସକୁ ନେଇ ରାଧାନାଥ ବି କବିତା ଲେଖିଛନ୍ତି – କିନ୍ତୁ ତାଙ୍କ କାବ୍ୟମାନଙ୍କରେ ସେ ଇତିହାସ  ପ୍ରକ୍ଷିପ୍ତ । ଅର୍ଥାତ୍ ନାନାଦି ବିଦେଶୀୟ ଆହରଣକୁ ଅବଲମ୍ବନ କରି  ତାକୁ ପ୍ରତିରୋପଣ କରିବା ପାଇଁ ଏକ କଳାଗତ ମାଧ୍ୟମ । ସେ ଇତିହାସରେ ସତ୍ୟତା ଅଛିକି ନାହିଁ ତାହା  କଳାର ବିପୁଳ ସ୍ଥାପତ୍ୟ ଭିତରେ ଲୁଚିଯାଏ । କିନ୍ତୁ ସତ୍ୟବାଦୀ କବିମାନେ ସେଇ ମର୍ମରେ ଇତିହାସକୁ କବିତା ମାଧ୍ୟମ  ନ ହୋଇ ଲକ୍ଷ୍ୟର ମାଧ୍ୟମ ହୋଇଯାଏ । ସେତିକି ବେଳେ ନୀଳକଂଠ ମନେହୁଅନ୍ତି ଜଣେ ସମନ୍ୱୟ ପନ୍ଥୀକବି । ସେ ରାଧାନାଥଙ୍କ ପ୍ରଭାବକୁ ପୂରା ଛାଡ଼ି ପାରନ୍ତି ନାହିଁ ଅଥଚ ମନେହୁଏ ରାଧାନାଥଙ୍କୁ ସେ ଅତିକ୍ରମ କରି ଯାଇଛନ୍ତି । ତେବେ ତାଙ୍କ ସୃଷ୍ଟିରେ ସେଇ ମାନସିକ ଦ୍ୱନ୍ଦ୍ୱଟି ବିଷୟର ପ୍ରଥମେ ସୂଚନା ଦେଇ ତା'ପରେ ତାଙ୍କ କବିତା ରାଜ୍ୟକୁ ପ୍ରବେଶ କରିବା । ତାଙ୍କର ପ୍ରମୁଖ କାବ୍ୟ 'ମାୟାଦେଶ' ହିଁ ତାଙ୍କ କାବ୍ୟକୃତିର ଶ୍ରେଷ୍ଠ ସମ୍ମାନ ଦାବୀ କରେ ।

'ମାୟାଦେବୀ' ଏକ କାଳ୍ପନିକ କାବ୍ୟ, ପୁଣି ଅଧିକ କାଳ୍ପନିକ, ପରଂପରା ଅସିଦ୍ଧ ରାଧାନାଥ ସାହିତ୍ୟ ବିରୁଦ୍ଧରେ ଉଗ୍ର ପ୍ରତିପାଦରୁ ଏ କାବ୍ୟର ଜନ୍ମ ଓ ବିକାଶ ବୋଲି ସମାଲୋଚକେ କହନ୍ତି, କିନ୍ତୁ ପରିଣତି ଏକ ଦ୍ୱନ୍ଦ୍ୱାତ୍ମକ ପରିବେଶରେ ଉପନୀତ । କବି ନୀଳକଂଠ ରାଧାନାଥଙ୍କ ସୃଷ୍ଟି 'ଚନ୍ଦ୍ରଭାଗା', 'କେଦାରଗୌରୀ' ବା କୌଶଲ୍ୟା କଣ୍ଠର ସତ୍ୟର ଯେଉଁ ସକରୁଣ ଅପଳାପ ଶୁଣି ଥିଲେ ତାହାର ପ୍ରତିବାଦ ଇତିହାସର ପୀଠିକା ଉପରେ କରିଛନ୍ତି 'ମାୟାଦେବୀ'ରେ । କିନ୍ତୁ ସେ ପ୍ରକାଶ କରିଥିବା ଇତିହାସ ସତ୍ୟକି ? ହୁଏତ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ମହତ୍ୱପୂର୍ଣ୍ଣ ଉଗ୍ର ଜାତି ପ୍ରେମର ପରାକାଷ୍ଠାରେ ପ୍ରକୀର୍ତ୍ତିତ । କିନ୍ତୁ ଭାବରାଜ୍ୟରେ ମୃତ୍ୟୁହୀନ ରାଧାନାମୀ ସାହିତ୍ୟର ପ୍ରତିବାଦ କରିବାକୁ ଯାଇ ସେଇ ରୋମାଣ୍ଟିକ ଦୃଷ୍ଟି ବଳୟରେ ତରୁଣ ନୀଳକଂଠ ମଧ୍ୟ ଛନ୍ଦି ହୋଇ ଯାଇଛନ୍ତି । ରାଧାନାଥଙ୍କ ପରି ଅତି ମାନବିକ ଓ ଅତିଭୌତିକ ବହୁପଦ୍ଧତିର ଆଶ୍ରୟ ନେଇଛନ୍ତି । ସ୍ୱପ୍ନବାଣୀ ଓ ମୃତ୍ୟୁପରେ ଦୈବୀ ନିର୍ଦ୍ଦେଶ (ଯାହା 'ଉଷା'ର ସ୍ପଷ୍ଟ) ପରି କେତେକ ଆତ୍ମିକ ଓ କାବ୍ୟିକ ପଦ୍ଧତି ପାଖରେ ଅଲକ୍ଷ୍ୟରେ ଆତ୍ମସମର୍ପଣ କରିଛନ୍ତି କବି ନୀଳକଂଠ । ଏହାର ଏକମାତ୍ର କାରଣ ହୋଇପାରେ କବିମାନେ ବାସ୍ତବତାର ନଗ୍ନ ରୂପ ଦେଖିବାରେ ତଥାପି ସେ ଯାବତ୍ ଅଛନ୍ତି କୁଣ୍ଠିତ ଓ ପରାଙ୍ମୁଖ । ତେଣୁ କଳ୍ପନା ହେଉଛି ତାଙ୍କର ପ୍ରଥମ ଆଶ୍ରୟ । କିନ୍ତୁ ମଣିଷ ଜୀବନର ବହୁ ଆକାଂକ୍ଷିତ ସତ୍ୟାନୁଭୂତିରେ ଏ କଳ୍ପନା ଏତେ ଭାବରେ ଉଜ୍ଜ୍ୱଳ ଓ ଉଚ୍ଛକିତ ଯେ ଏହାକୁ ସତ୍ୟ ବୋଲି ନ କହି ରହି ହୁଏ ନାହିଁ । ଯେଉଁ ଚିରନ୍ତନ ଜୈବିକ ସତ୍ୟ ପାଖରେ ରାଧାନାଥଙ୍କ ନାୟକ ନାୟିକା ଆତ୍ମଝାସ ଦେଇଛନ୍ତି, ସେଇ ସତ୍ୟର ଅନ୍ୟ ଏକ ପ୍ରସ୍ଥ ସାମାନ୍ୟ ଅସାମାଜିକ ଶାଳୀନତା ଭିତରେ ନୀଳକଂଠ ଉଦ୍‌ଘାଟନ କରିଛନ୍ତି ମାତ୍ର ।

ପଣ୍ଡିତ ନୀଳକଂଠଙ୍କ ପ୍ରଥମ ଲେଖିଥିବା କେତେକ କବିତା 'ଭକ୍ତିଗାଥା' ଓ 'ପ୍ରଣୟନୀ' (ଅନୁବାଦିତ କାବ୍ୟ) ନାମରେ ପରିଚିତ । ନିଜେ କବି ସ୍ୱୀକାର କରିଛନ୍ତି ଛାତ୍ରମାନଙ୍କ ଆବୃତ୍ତି ନିମନ୍ତେ ଦରକାର ହେବାରୁ 'ଭକ୍ତିର ଉଦ୍‌ବୋଧନ' ନାମରେ ଗୋଟିଏ କବିତା ସେ ଲେଖିଥିଲେ । କିଛି ଶିଶୁ କବିତା ମଧ୍ୟରେ ସେହି କ୍ରମରେ ଲେଖିଛନ୍ତି । କିନ୍ତୁ ଏହା ମଧ୍ୟରେ ତାଙ୍କ ପ୍ରଚଣ୍ଡ ପ୍ରତିଭାର ପରିଚୟ ମିଳେନାହିଁ । ଏହାର କ୍ରମିକ ବିକାଶ ହୋଇଛି 'କୋଣାର୍କେ କାବ୍ୟର ପ୍ରଥମ ପର୍ଯ୍ୟାୟ 'ରାମଚଣ୍ଡୀରେ ରାତି' ଓ 'ରାମଚଣ୍ଡୀରେ ସକାଳ' ନାମକୁ ଦୀର୍ଘ କବିତାରେ । ପିଲାମାନଙ୍କୁ କୋଣାର୍କ ଦେଖେଇବାକୁ ସାଙ୍ଗରେ ନେଇ ସେ ଭୟଙ୍କର ବର୍ଷା ଓ ବଜ୍ର ବିଦ୍ୟୁତ୍‌ର ସମ୍ମୁଖୀନ ହୁଅନ୍ତି । ତାଙ୍କ ମନ ଭିତରେ ଅତୀତର ମହିମାବନ୍ତ କିଛି ଘଟଣାବଳୀ ଉପ୍ତବୀଜ ହୁଏ । ତରୁଣ କବିଙ୍କ ମନରେ ଭାବପ୍ରବଣତାର ଯେଉଁ ଆବେଗ ଆସିଛି ତାହା ଅଧିକ ପ୍ରକଟିତ ହୋଇଛି କାହାଣୀମୁଖୀ କାବ୍ୟ 'ମାୟାଦେଶ'ରେ । ସେ କହି ରଖିଛନ୍ତି ଏହା ଏକ ମେଘମେଦୁର ରାତ୍ରିର ଫଳଶ୍ରୁତି । ଛାତ୍ର ଗହଣରେ ଉନ୍ନିଦ୍ର ନୀଳକଣ୍ଠ ରାମଚଣ୍ଡୀର ବାଲିବନ୍ତରୁ ଅତୀତ ଓଡ଼ିଶାର ଅନେକ ମହିମାଦୀପ୍ତ କାହାଣୀ ଖୋଜିଚନ୍ତି । ସେଠି ସେ ଅନୁଭବ କରିଛନ୍ତି ରାଧାନାଥଙ୍କ କାବ୍ୟ-ସ୍ଥିତି । ଏକ ପକ୍ଷରେ ରାଧାନାଥଙ୍କୁ ସ୍ୱୀକୃତି ଦେଇ ନିଜର ସ୍ୱକୀୟତା ରକ୍ଷା ନିମନ୍ତେ ପ୍ରଥମ ପର୍ଯ୍ୟାୟର ତାଙ୍କର ମୃଦୁ ପ୍ରତିବାଦ ମଧ୍ୟ କରିଛନ୍ତି । ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟତ ଏଇ ଭିତ୍ତିଭୂମି ଉପରେ ରଚିତ । ତେଣୁ ନୀଳକଣ୍ଠ କହୁଛନ୍ତି –

(କ) ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାନୀ କାବ୍ୟ-ନାୟିକା ନାଟିକେ ଆଚରି
ବିଦେଶୀ ସୁମନରୁ ଆସିବେ ତିଳେ ନାଚଣା-ଖେଳେ
ଚାହୁଁ ଚାହୁଁ ପୁଣି ମିଶିବେ ନୀଳ-ଜଳଧି ଜଳେ ।

ପୁଣି 'ନନ୍ଦିକେଶ୍ୱରୀ' କାବ୍ୟକୁ ଉପଲକ୍ଷ୍ୟ ଦେଇ ଲେଖନ୍ତି –

(ଖ) ଘର ଛାଡ଼ି କିଂପା ଯିବେ ସେ ବୀରବଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?
କଉଶଲା ଗାଂଗ ଧଉଳି ହ୍ରଦ ଦର୍ପଣେ ନାଚେ
କବିଙ୍କି ସୁମରି ବିରାଗେ ମୁଖ ଫେରାଅ ପଛେ ।''

ଏଠି ରାଧାନାଥଙ୍କ ତୃତୀୟ କାବ୍ୟ 'ନନ୍ଦିକେଶ୍ୱରୀ'କୁ ଉପଲକ୍ଷ୍ୟ ଦିଆଯାଇ କବି କହୁଛନ୍ତି ସେସବୁ ଇତିହାସ ମମର୍ଥିତ କଥା ନୁହେଁ । କବିଙ୍କ ଉତ୍ତୁଙ୍ଗ କଳ୍ପନା ଶକ୍ତି ପାଇଁ ତାଙ୍କୁ ସ୍ମରଣ କରି ଅତୀତ ଓଡ଼ିଶା ଆଡ଼କୁ ଦୃଷ୍ଟିପାତ କର । ଚନ୍ଦ୍ରଭାଗାଙ୍କୁ ସେ ଯବନାନୀ କାବ୍ୟ ନାୟିକା ବୋଲି କହିଛନ୍ତି । କାରଣ ବିଦେଶୀ କାବ୍ୟରୁ ରାଧାନାଥ ଏ ବିଷୟ ବସ୍ତୁକୁ ଆଣି କୋଣାର୍କ ନିକଟବର୍ତ୍ତୀ ନଦୀ ଚନ୍ଦ୍ରଭାଗା ଓ ସମୁଦ୍ରର ବେଳାଭୂମି ତଥା ରାମଚଣ୍ଡୀ ପାଖାପାଖି ଅଂଚଳ ଉପର ଏହାକୁ ପ୍ରତିରୋପଣ କରିଛନ୍ତି । ସେ ଯେଉଁ ବିରାଗ କଥାଟି ଉଠାଇଛନ୍ତି ତାହା ଅତୀତର ଗୌରବରାଜି ଓ ବର୍ତ୍ତମାନର ଶୂନ୍ୟତା ଉପରେ ଆରୋପିତ ହୋଇପାରେ ।

ତେଣୁ ଏ ଦୁଇ ପଙ୍‌କ୍ତିରେ କେଉଁଠି ରାଧାନାଥଙ୍କର ପ୍ରତି ଜୁଗୁପ୍‌ସା ବା ଅନାଦର ନାହିଁ । ବରଂ ଅଛି ସ୍ୱୀକୃତି ଓ ଅନୁମୋଦନ । ଆବଶ୍ୟ ଏତେ ବେଶୀ ବିଦେଶୀ ଉପାଦାନକୁ ସେ ତାରିଫ୍ କରି ପାରିନାହାନ୍ତି । ପୁଣି କେଦାର ଗୌରୀ କାବ୍ୟର କାହାଣୀକୁ ଅବଲମ୍ବନ କରି ପଣ୍ଡାମାନଙ୍କ ମିଥ୍ୟାଭକ୍ତି ନୀଳକଂଣ୍ଠଙ୍କ ମନରେ ଭାବାନ୍ତର ଆଣିଥିଲା । ସେ ଏସବୁ ମିଛ ଅବତାରଣା କଥା ଶୁଣି ପ୍ରତିକ୍ରୀୟାଶୀଳ ହୋଇ ପଡ଼ିଥିଲେ । ପୁଣି ଏକଦା ସେ ଯାଇଥିଲେ ଗଡ଼ଜାତ ଭ୍ରମଣରେ । ବାଟରେ ଘୋର ବର୍ଷା ହେଲା । ସନ୍ଧ୍ୟାକୁ ମେଘ ଛାଡ଼ିଗଲା । ନୀଳକଂଠ ବିଶ୍ରାମ ନେଲେ ଢ଼େଙ୍କାନାଳ ରାଜ୍ୟର ସୀମାରେ ଥିବା ଭା'ପୁରଡାକ ବଙ୍ଗଳାରେ । ସେଇଠାରେ ଅତି ଆକସ୍ମିକ ଭାବରେ ଜଣେ ଦରିଦ୍ର ବ୍ୟକ୍ତି ତାର ଜୀର୍ଣ୍ଣ ତାନ୍‌ପୁରା ବୀଣାଟିକୁ ସଜାଡ଼ି ଅତୀତର ଏହି ବୀରତ୍ୱ ବ୍ୟଞ୍ଜନକ କାହାଣୀଗୀତ ଆକାରରେ ପରିବେଷଣ କରିଥିଲା । ନୀଳକଂଠ ନିଜେ କହି ରଖିଛନ୍ତି – ''ଏଇ ଲୋକଟି ସଂଗେ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା କହିବା ଦରକାରନାହିଁ । ସେତିକିବେଳେ ଇଂରେଜୀ କବି Scottଙ୍କ 'ଶେଷ ବନ୍ଦୀ ଭାରତୀ' (Lay of the last Minstrel) କଥା ମୋ ମନେ ପଡ଼ିଥିଲା । ମୁଁ ଭାବିଲି, ଏହିପରି ଗୋଟେ ଭାଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ମୋର ସେଇ ଭାଟ କଥାଟି ମନେ ପଡ଼ିଲା । ମୁଁ 'ମାୟାଦେବୀ' କାବ୍ୟ ଆରମ୍ଭ କରି ପୁଣି ସପ୍ତାହକେ ଶେଷ କରି ପକାଇଲି । ତଥାପି ଏ କାବ୍ୟ ଲେଖା ହୋଇ ନ ଥିଲା, ସେଦିନ ରାତିରେ ପ୍ରବଳ ବର୍ଷା ଯୋଗ କୋଣାର୍କ ଅଦର୍ଶନ ଜନିତ ଅତୃପ୍ତି ତାଙ୍କ କବି–ପ୍ରାଣକୁ ଓ କାବ୍ୟ–ପ୍ରୟାସକୁ ଅଧିକ ଉଦ୍‌ବେଳିତ କରିଦେଲା । ଏସବୁ ପ୍ରତିକ୍ରିୟା, ଅସନ୍ତୋଷ ଓ ଆକସ୍ମିକତା ଭିତର ଜନ୍ମ ନେଇଛି ମାୟାଦେବୀ । ସ୍ଥାନ ନିର୍ବାଚନ ପାଇଁ ଭଗ୍ନ ଶିଶୁପାଳଗଡ଼ ଓ ବୀଣାବାଦକ ଭାଟକୁ ଭେଟିଥିବା ଢ଼େଙ୍କାନାଳର ନିଛାଟିଆ ଡାକବଙ୍ଗଳା ନୀଳକଂଠଙ୍କ ସ୍ମୃତିରେ ମିଶି ଯାଇଛନ୍ତି । ପ୍ରଥମ ସ୍ଥାନଟି ପ୍ରତିକ୍ରିୟାର ଓ ଅପର ସ୍ଥାନଟି ଆସକ୍ତିର ।

'ମାୟାଦେବୀ'ର ଆରମ୍ଭ ନାଟକୀୟ ଓ ରୋମାଣ୍ଟିକ୍ – ଏହା ସ୍ୱୀକାର କରିବାକୁ ହେବ । ପୁଣି ରଂଗମଂଚର ନାଟକପରି ଗୋଟିଏ ପରେ ଗୋଟିଏ ଦୃଶ୍ୟ ଏଥିରେ ଫିଟି ପଡ଼ିଛି କ୍ରମାନ୍ୱୟରେ, ମନରେ ଆଣୁଚି ନାଟକୀୟ ଉତ୍‌କଣ୍ଠା ଓ ବିସ୍ମୟ । ସତେ ଯେପରି ସୂତ୍ରଧର ଭାବରେ ନାନ୍ଦୀ ଆସି ବୀଣାଧରି ଓ ତାର ସଜାଡ଼ି ଗାଉଛି କବିତା, ପୁଣି ଉତ୍କଳ ରାଜଦୂତ ବିଶ୍ୱନାଥ ଯାଇ ପହଂଚୁଛନ୍ତି କାଶ୍ମୀରରେ ଗୁଆ ଓ ଶ୍ରୀଫଳ ଧରି, ବିଭାଘର ପ୍ରସ୍ତାବ ନେଇ । ସେଇ ରଙ୍ଗମଂଚରେ

ପୁଣି ଉତ୍କଳ ରାଜକୁମାର ନରସିଂହଙ୍କ ସହିତ ଜମ୍ବୁଦୀପ (ଜାମ୍ମୁ)ର ରାଜକୁମାରୀଙ୍କ ବିବାହ ସ୍ୱୀକୃତି ଧରି ସେ ଫେରି ଆସୁଛନ୍ତି  ସମଭିବ୍ୟାହାରରେ । ନରସିଂହ ସେତେବେଳେ କିନ୍ତୁ ଅନ୍ୟ ଏକଦୃଶ୍ୟ ପଛରେ ଅବତୀର୍ଣ୍ଣ । ଧଂକସଗଡ଼ର (ଢ଼େଙ୍କାନାଳ ଆଧୁନିକ ନାମ) ରାଜଭ୍ରାତା ତସ୍କର ଟଙ୍କ ସହିତ ଯୁଦ୍ଧରତ । ଘଟଣାକ୍ରମେ ଶିଶୁପାଳଗଡ଼ର ଅନତିଦୂରରେ ଭ୍ରମଣ  ରଣ ତରୁଣୀଙ୍କ ସହିତ ତାଙ୍କର ସାକ୍ଷାତ ହୁଏ । ସେ ଭଗ୍ନ ଶିଶୁପାଳଗଡ଼ର ରାଜକନ୍ୟା । ପରେ ଶିଶୁପାଳଗଡ଼ରେ ତା’  ସହିତ ରାଜକୁମାର ମିଳନ ହୁଏ, ସେଠାରେ ସେ ରାତ୍ରି ଯାପନ କରନ୍ତି, ବୃଦ୍ଧ ସାମନ୍ତଙ୍କ ଆଖିରୁ ଆନନ୍ଦାଶ୍ରୁ ବୋଲି ଯାଉଥାଏ – ସବୁ ଯେପରି ନାଟକୀୟ ଘଟଣାପରି ରଙ୍ଗମଂଚରେ ଘଟି ରାଜଜେମାଙ୍କ ରୂପ ବର୍ଣ୍ଣନାରେ ରାଧାନାଥ ଓ ମଧ୍ୟଯୁଗୀୟ କବିମାନଙ୍କ ପ୍ରଭାବରେ ନୀଳକଂଠ ବହୁଭାବରେ ପ୍ରଭାବିତ । ଦେଖନ୍ତୁ କିପରି ସେ ବର୍ଣ୍ଣନା –

ବର୍ତ୍ତୁଳ ବରଂଗ ଉଜ୍ଜ୍ୱଳ ଚିକୁର
ଭରି ପୃଷ୍ଠ, ଲମ୍ବି କୁଅଁର ତଳ
ବିମଳ ଲଲାଟେ ବିଶାଳ ଲୋଚନ
ଚାରୁଚଳା ପାଙ୍ଗେ ଦେଖାଏ ଖେଳ ।
ଗଜଦଂତ–ଶାଶେ ସରମର ସାଶେ
ଗଢ଼ିଛି କି ବିଧି ? ହୁଏ ପରତେ
ସୁରବାଳା କିବା ଦେବପୁର ଛାଡ଼ି
କଉତୁକେ ଖେଳେ ସେହୁ ମରତେ ।
ବିପିନ ବିହାରେ କନ୍ଦୁକ ଫୋପାଡ଼ି
ଶଇଳ–ସାଗରେ ଖେଳଇ ବାଳା,
ରଂଜହଂସ ମାଳା ନ ଚାଇ ତରଙ୍ଗ
ଲେଉଟଇ ଭେଟି ପୁଳିନ–ଶିଳା ।’’

ଏ ଚିତ୍ର ସହିତ ରାଧାନାଥଙ୍କ ଚନ୍ଦ୍ରଭାଗାର କନ୍ଦୁକ କ୍ରୀଡ଼ା ଓ ଲମ୍ବଚିକୁର ତୁଳନୀୟ । ଚନ୍ଦ୍ରଭାଗା ସମୁଦ୍ର ବେଳାରେ ଖେଳୁଥିଲା ବୋଲି ଏଠି ଶିଶୁପାଳଗଡ଼ର ରାଜକୁମାରୀ ଅରଣ୍ୟ–ସାଗରର ଶିଳାରୂପକ ପୁଳିନରେ କନ୍ଦୁକ ଖେଳୁଚି । ପୁଣି ରାଧାନାଥଙ୍କ ପରି ପାଠକ ମନରେ ପୌରାଣିକ ଭ୍ରାନ୍ତି ସୃଷ୍ଟି କରିବା ପାଇଁ  ନୀଳକଂଠ ଜମ୍ବୁଦେଶର ବର୍ଣ୍ଣନାରେ ଲେଖିଛନ୍ତି–

ଦେବ ଦେବୀକୁଳ ଓହ୍ଲାଇ ସେ ଦେଶେ
ବେଳେବେଳେ ଆସି ମର୍ତ୍ତ୍ୟ ବିଳାସେ
ଅମୃତ ଭୋଜନ ପାରିଜାତ ବାସ
ଭୁଲନ୍ତି ସେ ବନ–ବିହାର–ରସେ ।

ଏହା ସତ୍ୟର ଅପଳାପ ନୁହେଁ  କି ? ତଥାପି କାବ୍ୟିକ–ସତ୍ୟତା ପାଇଁ ଏହା ଅପରିହାର୍ଯ୍ୟ ମନେ ହୁଏ । ଏତିକି ତଫାତ୍ ରାଧାନାଥ ଗ୍ରୀକ୍‌ର କଥାଗୁଡ଼ାକୁ ଆଣି ଓଡ଼ିଆ କବିତାରେ ରୂପାନ୍ତରିତ କରିଛନ୍ତି, ନୀଳକଂଠ ଆମରି ଦେଶର କଥାବସ୍ତୁ ଉପରେ ନିର୍ଭରଶୀଳ ।

ପୁଣି ଏ ନାଟକୀୟତା ମଧ୍ୟରେ ରୋମାଣ୍ଟିକ୍ ପରିବେଶ ସୃଷ୍ଟି କରିଛି  ଜମ୍ମୁ ରାଜଜେମାଙ୍କ ସ୍ୱପ୍ନ କାହାଣୀ । ମନେହୁଏ ଏଠି ମଧ ନୀଳକଂଠ ରାଧାନାଥଙ୍କ ପରି ବାସ୍ତବତାର ନଗ୍ନରୂପ ଦେଖିବାର ଭୀତ ଓ ସଂକୁଚିତ । ଫଳରେ ସେ ଏକ ଅଲୌକିକ ସ୍ୱପ୍ନ ବୃତ୍ତାନ୍ତର ଆଶ୍ରୟ ନେଇଛନ୍ତି । ''ସଜନୀ, କିପରି ମୁଁ ସେ କଥା କହି ପାରିବି ? ମୋ ନାରୀକଂଠରେସେ ଭାବକୁ ଫୁଟାଇବା ପାଇଁ ଭାଷା ନାହିଁ । ଗୋଟିଏ ଜ୍ୟୋତିର ବଳୟ ଭିତରେ ସତେ ଅବା ସେ ଏକ ଜ୍ୱଳନ୍ତ ସୂର୍ଯ୍ୟର ଦୀପ୍ତିଧରି ଠିଆହେଲେ । ସ୍ୱପ୍ନରେ ମୋ ହାତ ଧରିଲେ । ମୋ ଦେହରେ ପୁଲକ ଆସିଲା, ଆସିଲା ବେପଥୁ । ସେ କହିଲେ, ''ସୁନ୍ଦରି, ଭୟ କାହିଁକି ?  ଦୁରନ୍ତ ଯବନ କଣ କରି ପାରିବ ? ଦେଖ, ବହୁ ଦୂରରେ ନୀଳାଚଳ ଧାମ । ସେଠାରେ ତୁମେ ନିଃଶଙ୍କ ରହିବ । ମୋର ଆଖି ମୁଦି ହୋଇଗଲା – ପୁଲକ ଓ ବିସ୍ମୟରେ । ତା'ପରେ ହିମ କିରୀଟ ହିମାଦ୍ରିର ତୁହିନ ଭେଦ କରି ମୁଁ ଆକାଶକୁ ଉଠିଲି । ସୂର୍ଯ୍ୟଙ୍କ ସମ୍ମୁଖୀନ ହେଲି । ସୁନୀଳ ଆକାଶର ତାରକା ମେଳରେ ଘୁରିବାକୁ ଲାଗିଲି । ତଳକୁ ଚାହିଁଲି  ଚାରିଆଡ଼େ ଯେପରି ଝଡ଼ ମେଘ ବ୍ୟାପି ରହିଛି । କ୍ରମେ ତାହା ଆକାଶକୁ ଆଚ୍ଛନ୍ନ କଲା । ବନ, ପର୍ବତ, ଭୂମି ଭାଗ ଅଦୃଶ୍ୟ ହେଲା । ସତେ ଯେପରି ଚତୁର୍ଦ୍ଦିଗରେ ଏକ ମହାପାରାବାରର ସୃଷ୍ଟି ହୋଇଗଲା । ସୂର୍ଯ୍ୟ ଛିଡ଼ି ପଡ଼ିଲେ ମୁଁ ମଧ୍ୟ ତାଙ୍କ ସହିତ ଆକାଶରୁ  ଖସି ପଡ଼ିଲି ସେହି ମହାପାରବାରର ଗର୍ଭରେ ।

ଛୋଟ ପିଲାଙ୍କୁ ଭୁଲେଇଲା ପରି ଏ କଥା ନୀଳକଂଠଙ୍କ ଚିନ୍ତାମାନସର ଦ୍ୱନ୍ଦ୍ୱ ଓ ଦୈନ୍ୟର ପରିଚୟ ଦେଉ ନାହିଁ କି ? ଏ ଦ୍ୱନ୍ଦ୍ୱ ରାଧାନାଥ ସାହିତ୍ୟରୁ ଉଦ୍ଭୂତ – 'ଉଷା' ବା 'ପାର୍ବତୀ' କାବ୍ୟର ସୁପର ନ୍ୟାଚୁରାଲ ପରିକଳ୍ପନାର ଗୋଟିଏ ପ୍ରତିଧ୍ୱନି ମାତ୍ର । 'ଉଷା' କାବ୍ୟର ଗୋଟିଏ ଜ୍ୟୋତି ଆସି ନୁରୁରାଜ ବନିତାଙ୍କ ଗର୍ଭରେ ପଶିବା ପରି ବା 'ପାର୍ବତୀ' କାବ୍ୟରେ ପାର୍ବତୀଙ୍କୁ କୌଶଲ୍ୟାର ସ୍ୱପ୍ନ ବୃତ୍ତାନ୍ତ ପରି 'ମାୟାଦେବୀ' କାବ୍ୟର ଏକ ଅତି ଭୌତିକ ବ୍ୟାପାର । ଏହା ରାଧାନାଥଙ୍କ ପ୍ରଭାବର ପ୍ରତିବାଦ ବା ସମର୍ଥନ ତାହା ସମାଲୋଚନାର  ବିଚାର ବିଷୟ । ପୁଣି ବିଶ୍ୱନାଥଙ୍କ କାଶ୍ମୀର ଯାତ୍ରା । କେତେ ପାହାଡ଼ ପର୍ବତର ସର୍ପିଳ ପଥ ଅତିକ୍ରମକରି ବିଶ୍ୱନାଥ ତାଙ୍କ ଅନୁଗାମୀମାନଙ୍କ ସହ ଉତ୍ତରରୁ ଉତ୍ତରକୁ ଚାଲିଛନ୍ତି । ଯେଉଁ ଉତ୍ତରାପଥର ଭୀମ ଭୟଂକର ଦୃଶ୍ୟ ରାଧାନାଥଙ୍କ ଚିତ୍ତବୃତ୍ତିକୁ ଏକଦା କରିଥିଲା ଭାରାକ୍ରାନ୍ତ, ସ୍ମୃତିକୁ ଉତ୍‌ପୀଡିତ, ତାଙ୍କ ଅସ୍ମିତା ହୋଇଥିଲା ନିମଗ୍ନ (ଚିଲିକା) ସେଇ ଦୃଶ୍ୟକୁ ଏବେ ନୀଳକଂଠ ନିଜ କାବ୍ୟର ସାମଗ୍ରୀ କଲେ । ଅବଶ୍ୟ ଏଥିରେ ସ୍ୱଦେଶୀ ଉପାଦାନଇ କେବଳ ।  କିଂତୁ ସ୍କଟ୍ ଓ ଟେନିସନ୍‌ଙ୍କ ସାହିତ୍ୟ ବାଟେ ଭଂଜରୁ ରାଧାନାଥଙ୍କୁ ଯାତ୍ରା କଲାବେଳେ ତାଙ୍କ  କବିମାନସ ରାଧାନାଥୀ ସାହିତ୍ୟର ବିପୁଳ ଐତିହାସିକ ଓ ଭୌଗୋଳିକ ବିଶେଷତ୍ୱରେ ବିମୁଗ୍ଧ ହୋଇଥିବ ନିଶ୍ଚୟ । ପୁଣି ଚିଲିକା କେତେ ମୌନ ଐତିହାସିକ କାହାଣୀର ରଙ୍ଗସ୍ଥଳୀ । ତା' ସ୍ମୃତିରେ ଶ୍ରୀମତୀ ମାଣିକ, ରକ୍ତବାହୁ, ପଦ୍ମାବତୀ ଆଦିଙ୍କ ସ୍ମୃତି ତଥାପି ଦେଦୀପ୍ୟମାନ । ନୀଳକଂଠ ପୁଣୀ ସେଇ ଦୃଷ୍ଟି  ଭୂଗୋଳ ଓ ଇତିହାସର ସତୀର୍ଥ, ସେଇ  ଚିନ୍ତାର  ଚଲାବାଟରେ ଅନ୍ୟତମ  ପଥୁକୀ । ରାଜସ୍ଥାନର  ରୁକ୍ଷ ମରୁକାନ୍ତାର ରାଧାନାଥଙ୍କ ରୋମାଣ୍ଟିକ୍ ଦୃଷ୍ଟିକୁ ପ୍ରତିହତ କଲାବେଳେ ସେଠି ନୀଳକଂଠ ହିନ୍ଦୁସ୍ଥାନର କେତେ କେତେ  କୀର୍ତ୍ତିକୁ ଲୋଡିଛନ୍ତି । ଲୋହିତ ଭାତିନ୍ଦା, ପଞ୍ଚନଦ, ତିରୋରୀ ଯୁଦ୍ଧ, ଥାନେଶ୍ୱର, ପୃଥ୍ୱୀରାଜ, ଇନ୍ଦ୍ରପ୍ରସ୍ଥ, ଚମ୍ବଲ, ଗୁଆଲିଅର, ବେତ୍ରବତୀକୂଳ, କୌସାମ୍ବୀ–କଟକ, କାଲିଞ୍ଜରନାଥ ଆଦି ପୌରାଣିକ ଓ ଐତିହାସିକ ସ୍ଥାନ ତାଙ୍କ ସ୍ମୃତିକୁ ଦୋହଲାଇ ଦେଇଛି । ଏଠାରେ ଅବଶ୍ୟ ରାଧାନାଥଙ୍କ ରୂପପ୍ରାଣ ଦୃଷ୍ଟିଭଂଗୀ ନାହିଁ, ଅଛି କଠୋର କର୍ମର ବଜ୍ର–ବଂଧନା  ଉତ୍କଳଦୂତ ବିଶ୍ୱନାଥ କବି ନୁହନ୍ତି । ନୀଳକଂଠଙ୍କ ଚିନ୍ତାରେ ତେଣୁ ଜଗନ୍ନାଥ ଦେଶର ଦୂତ ଉପଯୋଗୀ ସ୍ୱାଭାବିକ ଦୃଶ୍ୟ ଅଧିକ ପ୍ରକଟିତ ହୋଇଛି । ଏକଦା ଏ ଜାତିର ଗର୍ବ ଓ ଗୌରବର କାହାଣୀମାନ ଅଧିକ ଆନ୍ଦୋଳିତ ହୋଇଛି । ସେଠାରେ ରାଧାନାଥଙ୍କ ରୋମାଣ୍ଟିକ୍ ଦୃଷ୍ଟିନାହିଁ ବା ବ୍ୟକ୍ତିଗତତା ନାହିଁ ଅଛି  ପରିଦୃଶ୍ୟମାନ ବର୍ଣ୍ଣନା । ତଥାପି ଏପରି ଏକ ବର୍ଣ୍ଣନା ପଦ୍ଧତି ଉଭୟ କବି ମାନି ନେଇଛନ୍ତି । ଉଭୟଙ୍କ ଚିନ୍ତାରେ ପ୍ରାନ୍ତୀୟ ଭୂଗୋଳ ଓ ଜାତୀୟ ଇତିହାସ ଜୀବନ୍ତ ହୋଇ ଉଠିଛି ।

ପୁନଶ୍ଚ କାବ୍ୟର ଶେଷ ପର୍ଯ୍ୟାୟରେ ନୀଳକଂଠ କିପରି ଅଲକ୍ଷ୍ୟରେ ରାଧାନାଥୀ ଚିନ୍ତାମାନସ ପାଖରେ ନିଜ କାବ୍ୟିକ ପ୍ରୟାସକୁ ସମର୍ପଣ କରିଛନ୍ତି – ତାହା ତାତ୍ତ୍ୱିକ ବିଚାରର ବିଷୟ । ସମଗ୍ର ରାଧାନାଥୀ ସାହିତ୍ୟରେ ଅତିମାନବିକ ଚିତ୍ର ଭରପୂର । ପାଠକର ଶିଶୁ ସୁଲଭ ଧର୍ମଭୀରୁ ମନ ଉପରେ ଭ୍ରମ ସଂପାତ କରି ନିଜ କାବ୍ୟର ବିଷୟବସ୍ତୁକୁ ଗ୍ରହଣ କରେଇ ନେବାଥିଲା ରାଧାନାଥୀ କାବ୍ୟ କୌଶଳର ଗୋଟାଏ ଦିଗ । ନୀଳକଂଠ ସେହି ପଦ୍ଧତିକୁ ଗ୍ରହଣ କରି 'ମାୟାଦେବୀ' କାବ୍ୟର ଉପସଂହାରରେ ମୃତା ମାୟାଦେବୀଙ୍କୁ ଅବରୁଦ୍ଧ ସିନ୍ଦୁକ ଭିତରୁ ପୁଣି ଥରକ ପାଇଁ ଜୀବନ୍ୟାସ ଦେଇଛନ୍ତି । ମିଳନର ମାର୍ମିକତାରେ କାବ୍ୟକୁ ସୁନ୍ଦର ଓ ଉପଭୋଗ୍ୟ କରାଯାଇ ପାରିବ ବୋଲି ଆଶା କରି ଏକ ଅନାବଶ୍ୟକ ପରିସ୍ଥିତିର ପରିକଳ୍ପନା କରିଛନ୍ତି । ଦେଖନ୍ତୁ କିପରି –

''ସୁରକୁଳେ ଡରି ବିହାରଟି ପୁଣି
କରନ୍ତି ମରତେ ଦେବତା ମାନେ,
ଭୁଲି ସେ ରହନ୍ତି ନର ଲୋକ ପରି
ଚେତାଇଲେ ପୁଣି ପଡ଼ଇ ମନେ ।
ମର୍ତ୍ତ୍ୟଲୋକେ କେବେ ସଉକେ ଆସନ୍ତି
ସରଗୁ ଦେବତା ସୁର-ସୁନ୍ଦରୀ
ଏ ମରତେ ପୁଣି ଆଦରି ବସନ୍ତି
ତୀର୍ଥନାମେ ପୁର, ବିପିନ, ଗିରି ।''

ଏ ଯୁକ୍ତି ସହିତ ରାଧାନାଥଙ୍କ 'ଉଷା' କାବ୍ୟର ନୁରୁରାଜ ନଳିନୀ ଉଷା ଓ ବାହିନୀପତି ସୁତ ଜୟନ୍ତର ମର୍ତ୍ତ୍ୟ ବିହାର ଯୁକ୍ତି ସମାନ ନୁହେଁ କି ? ରାଧାନାଥଙ୍କ ମତରେ ଉଷା ଥିଲେ ଶାପଗ୍ରସ୍ତ । ତିଳୋତ୍ତମା ଓ ଜୟନ୍ତ ଥିଲେ ଚିତ୍ରରଥ । ସୁରଲୋକରେ ଏମାନେ ପୂଜ୍ୟ ଦେବତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ବ୍ୟତିକ୍ରମ କରିଥିବାରୁ ଅଭିଶପ୍ତ ହୋଇ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଥିଲେ । ବିବାହ ଓ ମିଳନ ମାତ୍ରେ ଏମାନଙ୍କର ମୃତ୍ୟୁହେବ ଓ ପୁନଶ୍ଚ ସୁରଲୋକକୁ ଫେରି ଆସିବେ ବୋଲି ଶାପ-ନିର୍ଦ୍ଦେଶ ଥିଲା । ସେହିପରି 'ମାୟାଦେବୀ' କାବ୍ୟରେ ଏକ ଦୁର୍ବଳ ପୂର୍ବଜନ୍ମ ବୃତ୍ତାନ୍ତ ମାଧ୍ୟମରେ ଏକ ପୌରାଣିକ ଭାକ୍ତିକ-ମିଥ୍ୟା ସୃଷ୍ଟି କରିବାରେ ନୀଳକଂଠଙ୍କ ମାନସିକ ଦ୍ୱନ୍ଦ୍ୱ ବେଶ୍ ପ୍ରତିପନ୍ନ ହୁଏ ।

''ନରସିଂହ ଥିଲେ ତପନ ଏ ଭବେ
ମାୟାଥିଲେ ଛାୟା ତପନ ଜାୟା,
ଜମ୍ବୁ-ଜେମା ଥିଲେ ବିଶ୍ୱକର୍ମା ସୁତା
ଆଦରି ମରତେ ମାନବ – କାୟା ।''

ପୁଣି ତାଙ୍କ ପରିକଳ୍ପନାରେ ଶିବେଇ ସାମନ୍ତରା ଥିଲେ ବିଶ୍ୱକର୍ମା, ବିଶ୍ୱନାଥ ଥିଲେ ବୃହସ୍ପତି । ଶୁକ୍ର ସୁତ ହେଉଛନ୍ତି ଯବନ ନୃପତି । ଦିନେ ସୂର୍ଯ୍ୟଙ୍କ ପ୍ରତି ବିମନ ହୋଇ ଚନ୍ଦ୍ର ଛାୟାଙ୍କ ପାଖୁ ଭରସା ପାଇଁ ଆସିଥିଲେ । ସୂର୍ଯ୍ୟପତ୍ନୀ ଛାୟାଙ୍କ ଅଭିଶାପରେ ସେ ଧଂକସ ନଗରରେ ଟଂକର ଭାଇ ଭାବରେ ଜନ୍ମ ନେଲେ । ବିଶ୍ୱକର୍ମାଙ୍କ ଦୁହିତା ସଂଜ୍ଞା ସୂର୍ଯ୍ୟଙ୍କ ପ୍ରତି ଆକୃଷ୍ଟ ହେଲେ । ସୁରଗୁରୁ ବୃହସ୍ପତି ସେଥିରେ ମଧ୍ୟସ୍ଥତା କରିଥିଲେ । ସୂର୍ଯ୍ୟ କିନ୍ତୁ ଛାୟାଙ୍କୁ ହିଁ ବିବାହ କଲେ । ପ୍ରେମ

ପାଗଳିନୀ ସଂଜ୍ଞା ଭ୍ରମରେ ଜମ୍ବୁ ନବରରେ ଜନ୍ମଗ୍ରହଣ କଲେ । ଛାୟା ସ୍ୱର୍ଗର ରମଣୀ ସଂଜ୍ଞାଙ୍କୁ ଭଉଣୀ ଭାବରେ ଦେଖୁଥିଲେ । ତା'ପରେ ଦେଖନ୍ତୁ ନୀଳକଂଠଙ୍କ 'ମାୟାଦେବୀ' କାବ୍ୟ ।

''ପ୍ରଚଣ୍ଡ ତପନେ ଝଲସିବେ ସଂଜ୍ଞା
ଜାଣି ଶିଶୁପାଳ ଆସିଲେ ଛାୟା
ପରାଗେ ଜ୍ୟୋତିଷ ପ୍ରତିଚକ୍ଷୁ ପରି
ଆଦରିବେ ବୋଲି ସଂଜ୍ଞାର କାୟା ।
ସେ ତପନ ବଧୂ ସୁର ଗୁରୁ ଠାରୁ
ସେହି ସେ ସ୍ୱରଗେ ମାଗିଲେ ବର,
ସଂଜ୍ଞାର ପରଶେ ଘେରିବେ ତା' ହୃଦେ
ବରଜି ଆସିବେ ନର ଶରୀର ।
ଜମ୍ବୁଜେମା–ହୃଦେ ରହିଥିଲେ ମାୟା
ଛାୟା ରହିଥିଲେ ସଂଜ୍ଞାରେ ଘେରି
ସିନ୍ଧୁକରୁ ମାୟା ଉଠି ନରସିଂହେ
କହିଥିଲେ ସବୁ ସଂଶୟ ଫେଡ଼ି ।''

ଏ କାବ୍ୟରେ ଏଇ ପୂର୍ବଜନ୍ମ ବୃତ୍ତାନ୍ତ ଯେପରି ସ୍ଥାନ ପାଇଛି ସେ କଥା ନ କହି କେବଳ ନରସିଂହଙ୍କ ସହିତ ସମୁଦ୍ରରେ ମାୟାଦେବୀଙ୍କର ମିଳନ ହୋଇଥିଲେ ଯଥେଷ୍ଟ ହୋଇଥାନ୍ତା । କିନ୍ତୁ ରାଧାନାଥଙ୍କ କବିତାର ପ୍ରଭାବ ନୀଳକଂଠଙ୍କ ଉପରେ ଏତେ ବେଶୀଥିଲା ଯେ ସେ ଏକ ଅଲୌକିକ ଶୂନ୍ୟବାଣୀ ପରି ଘଟଣା ସୃଷ୍ଟି କରିଛନ୍ତି । ଏହା ରାଧାନାଥୀ ସାହିତ୍ୟର ଉଗ୍ରପ୍ରତିବାଦ ନା ମୌନସମର୍ଥନ ? ପ୍ରତିବାଦର ସ୍ୱର କ୍ରମେ କ୍ଷୀଣତର ହୋଇ ସଂପୂର୍ଣ୍ଣ ବିଲୀନ ହୋଇ ଯାଇଥିବା ଦେଖାଯିବ ।

ତଥାପି ଭାବରାଜ୍ୟରେ ମୃତ୍ୟୁ ନାହିଁ । ରାଧାନାଥ ଯେଉଁଠି କୋଣାର୍କ ମନ୍ଦିରର ଭଗ୍ନାବଶେଷ ଦେଖି ବ୍ୟଥିତ ହୋଇଛନ୍ତି, ଉତ୍କଳୀୟ ଶିଳ୍ପୀଙ୍କ ଉତ୍ତୁଙ୍ଗ ଶିଳ୍ପକଳାର ନିଦର୍ଶନ ଏ ମନ୍ଦିର କେବଳ ଆରାଧ୍ୟ ଦେବତାର ଅପକର୍ମରେ ଭାଂଗିଯାଇଥିବ ବୋଲି କଳ୍ପନା କରିଛନ୍ତି, ନୀଳକଂଠ ସେଠାରେ କୋଣାର୍କ ମନ୍ଦିର ନିର୍ମାଣର ରହସ୍ୟ ଉଦ୍‌ଘାଟନ କରିବାରେ ପ୍ରବୃତ୍ତ ହୋଇଛନ୍ତି । ରାଧାନାଥ କହୁଛନ୍ତି –

ସେ ପୂର୍ବ ଗୌରବ ସାକ୍ଷିଣୀ/ମୁଖଶାଳା ମାତର
ପ୍ରତିଧ୍ୱନି ଛଳେ ପାନ୍ଥକୁ / ଆଜି ଦିଏ ଉତ୍ତର । – 'ଚନ୍ଦ୍ରଭାଗା'

ଏହା ସୂର୍ଯ୍ୟଙ୍କର ବ୍ରାହ୍ମଣ କୁମାରୀ ଚନ୍ଦ୍ରଭାଗା ପ୍ରତି ଆସକ୍ତି ଓ ଅପକର୍ମର କାହାଣୀମାତ୍ର । ପୁଣି କ'ର ସେ ପ୍ରତିଧ୍ୱନି ? ସୂର୍ଯ୍ୟ ଦେବତାଙ୍କ ଅନ୍ୟାୟ ଓ ଅପକର୍ମ – ଯେଉଁଥିପାଇଁ ଏ ବିପୁଳ ମନ୍ଦିର ହେଲା ଧରାଶାୟୀ ? ରାଧାନାଥଙ୍କ ଜାତୀୟବାଦୀ ମନ କୋଣାର୍କ ମନ୍ଦିରର ଧ୍ୱଂସ ପଛରେ ଅନ୍ୟ କୌଣସି ପ୍ରାକୃତିକ କାରଣ ବା କାରିଗରୀ ପ୍ରମାଦକୁ ମାନିବାକୁ ପ୍ରସ୍ତୁତ ନୁହେଁ । ତେଣୁ ଜଣେ କବି (ରାଧାନାଥ) କଳାପ୍ରାଣ ତାର ସହିତ ଧ୍ୱଂସର ରହସ୍ୟ ସଂଧାନ କଲାବେଳ ଆଉ ଜଣେ କବି

(ନୀଳକଂଠ) ନିର୍ମାଣ-ରହସ୍ୟର ବେଣୁଧ୍ୱନିର ମତୁଆଳ । କେତେ ସାମଞ୍ଜସ୍ୟ ପୁଣି କେତେ ବୈଷମ୍ୟ ! ନୀଳକଂଠଙ୍କ ଭାଷାରେ, ''ସମବୈଭବରେ ସୁଖ ନଥାଏ, ପ୍ରକୃତ ସୁଖ ଥାଏ ବୈଷମ୍ୟରେ ।'' ଏ ବୈଷମ୍ୟ ହିଁ ନୀଳକଂଠଙ୍କ କାବ୍ୟ-ମାନସକୁ କରିଥିଲା ବିଭୋର । ରାଧାନାଥ ଉତ୍ତର ଜୀବନ କାଳରେ 'ଚନ୍ଦ୍ରଭାଗା' ରଚନା କଲାବେଳେ ନୀଳକଣ୍ଠ 'କୋଣାର୍କେ' ରଚନା କରିଥିଲେ ଜୀବନର ମଧ୍ୟାହ୍ନରେ । ସମ୍ଭବତଃ ଯୌବନ କାଳରେ । ତେଣୁ ଜଣେ ମୃତ୍ୟୁର ରହସ୍ୟ ଦେଖିଲା ବେଳେ ଆଉ ଜଣେ ସୃଜନର ରହସ୍ୟରେ ଥିଲେ ମତୁଆଳ । ଏହା ଏକାନ୍ତ ସ୍ୱାଭାବିକ ମଧ୍ୟ ।

ଏବେ 'ମାୟାଦେବୀ'ର **କାହାଣୀ ଭାଗ** ଉପରେ ସାମାନ୍ୟ ଦୃଷ୍ଟିପାତ କରିବା । କାହାଣୀର ଆରମ୍ଭ ହୁଏ ଉତ୍କଳର ଗଂଗବଂଶର ରାଜକୁମାର ନରସିଂହ ଦେବ ଓ ଧଂକସ ଗଡ଼ର ରାଜା ଟଙ୍କଙ୍କ ମଧ୍ୟରେ ସମ୍ଭବତଃ ଏକାମ୍ର କାନନରେ । ଟଙ୍କ ପରାଜିତ ହୋଇକି ନିଜର ସ୍ପର୍ଦ୍ଧା ହରାଇ ନାହାନ୍ତି । ତାଙ୍କୁ ନରସିଂହ ତସ୍କର ବୋଲି କହିବାରୁ ସେ ଉତ୍ତର ଦେଇଛନ୍ତି-

''କିଏ ସେ ତସ୍କର କୁମାର, ଏ ଦେଶେ
ପରଧନେ ବଳେ କାହାର ମତି
କାହାଧନ ଭୁଂଜି ରହିଛ ଏ ଭୂମେ
ତୁମ୍ଭେପରା ଚୋରଗଂଗ ସନ୍ତତି ?
ବ୍ୟାଘ୍ର ରାଜ ଜନେ ଯାଇଥିଲେ କିସେ
ଗୋଦାବରୀ ଡେଇଁ କେରଳ ଦେଶେ
ଉତ୍କଳ ସଇନ ପଶିଥିଲେ କିହେ
ତବ ପିତୃପଦ ସଂପଦ ନାଶେ ?

ତେଣୁ ଟଙ୍କ ପଚାରିଛନ୍ତି କାହାର ନିମନ୍ତ୍ରଣରେ ତୁମେ ପିତାମହ ଚୋରଗଙ୍ଗ ଏ ରାଜ୍ୟକୁ ଆସିଥିଲେ ? କେଉଁ ସ୍ୱତ୍ୱରୁ କହୁଛ ଏ ତୁମର ରାଜ୍ୟ ? ଧଂକସ ଗଡ଼ ଓ ଏକାମ୍ର କାନନ ତୁମର ଗୌରସୀ ସଂପତ୍ତି ନୁହେଁ । ଏପରି ଅଭିଯୋଗର ଉତ୍ତର ନରସିଂହଙ୍କ ପାଖରେ ନ ଥିଲା । ଟଙ୍କ କହୁଥିଲେ - ମୁଁ ତ ପରାଜିତ, ମୁଁ ବା ଆଉ କ'ଣ କହିବି ? ଏଠି ଘରର ପୁଅ ତସ୍କର ବୋଲାଉଛି । ଏହା ଭାଗ୍ୟର ଉପହାସ ନୁହେଁ କି ? ଟଙ୍କଙ୍କୁ ଆଲିଙ୍ଗନ କରି ନରସିଂହ ଏ ସମସ୍ୟାର ସମାଧାନ କରି ଦେଇଛନ୍ତି । ଯୁବରାଜ ନରସିଂହ ଖୁବ୍ ଆଦର ଓ ଅଭ୍ୟର୍ଥନା ମଧ୍ୟରେ ଧଂକସ ଗଡ଼ରେ ସାତଦିନ ରହିଗଲେ । ଟଂକ ସହିତ ତାଙ୍କର ଆତ୍ମୀୟତାର ବଂଧନ ଗାଢ଼ତର ହୋଇଗଲା । ନରସିଂହ ଏକାମ୍ରପୁରର ଘଞ୍ଚ ଅରଣ୍ୟାନି ବାଟଦେଇ ଫେରୁଥିଲେ । ଯୁବସୁଲଭ ଉନ୍ମାଦନାରେ ପାରିଧିରେ ମଧ୍ୟ ମାତିଗଲେ । କେଶରୀ ବଂଶର ରାଜାଙ୍କ ଅମର କୀର୍ତ୍ତି ଲିଙ୍ଗରାଜ ମନ୍ଦିର ସମେତ ଅନେକ ମନ୍ଦିର ଦର୍ଶନରେ ତାଙ୍କ ଚିତ୍ତ ସାତ୍ତ୍ୱିକତାରେ ପୂରି ଉଠୁଥିଲା । ଅଦୂରରେ ଥିଲା ଶିଶୁପାଳ ଗଡ଼ । ତାରି ଉପକଣ୍ଠରେ ପରିଚାରୀମାନଙ୍କ ସାଙ୍ଗରେ ବୁଲୁଥିଲେ ରାଜକୁମାରୀ ସେଇଠି ନରସିଂହଙ୍କ ସହିତ ସେମାନେ ଚତୁରାକ୍ଷ ହୋଇଗଲେ ।

ଚାହିଁଲେ କୁମାର ରହିଲେ ଚମକି
ରହିଗଲା କିପାଁ ଚଳନେ ପଦ,
ଚମକେ ମରମେ ଥରିଲା ଶ୍ରୀଅଙ୍ଗ
କୁମାର ଫୁଟିଲା ରୋମାଂଚ-ମୁଦ !

ପରିଚାରୀଙ୍କ ମାଧ୍ୟମରେ ପରିଚୟ ପଚାରି ରାଜକୁମାରଙ୍କୁ ପ୍ରଣାମ କଲେ ରାଜକନ୍ୟା । କୁଶଳ ପୁଚ୍ଛିଲେ ମଧ୍ୟ । ତାପରେ ସେ ନିଜ ବାଟରେ ଚାଲିଗଲେ କିନ୍ତୁ ନରସିଂହଙ୍କ ପ୍ରାଣରେ ଛାଡ଼ିଗଲେ ଅତୃପ୍ତିର ଦୀର୍ଘଶ୍ୱାସ । ସେଇ ଦେଖାପରେ କୁମାର ନରସିଂହ ହୋଇ ଉଠିଥିଲେ ଏକାନ୍ତ ଅନ୍ୟମନସ୍କ ଓ ଆନମନା । ଅନ୍ତରର ଅତୃପ୍ତି ଓ ବିଷାଦ ଖେଳି ଯାଉଥିଲା । ଅନିକିନୀମନେ ଚିନ୍ତିତ ହୋଇ ପଡ଼ିଥିଲେ । କୁମାରଙ୍କ ପ୍ରାଣର ଶୀତଳତା ଓ ମନରେ ଉଲ୍ଲାସ ଦେବା ପାଇଁ କେତେ ବନ୍ଦୀଙ୍କୁ ଆଣି ଗୀତ ଶୁଣାଇଲେ । ସେସବୁ ଗୀତ ପ୍ରେମ, ପ୍ରଣୟ, ତ୍ୟାଗ ଓ ବିରହରେ ଥିଲା ଏକାନ୍ତ ବିଷାଦ-ମଧୁର । ନରସିଂହ ପାରିଧିରେ ଥିଲେ ସତ, କିନ୍ତୁ ସେଥିରେ ତାଙ୍କ ମନ ନ ଥିଲା । ସେଇ କୁମାରୀଟିକୁ ଦେଖିବାକୁ ପ୍ରାଣ ଛଟପଟ ହେଉଥିଲା ।

''ବିଷାଦଟି ସିନା ପୀରତି - ଜୀବନ,
ମରମ ବିଷାଦେ ପୀରତି ଶୋହେ,
ଦୁର୍ଦ୍ଦିନେ ବଢ଼ଇ ଧରଣୀ-ସଂପଦ,
ଶିଶିର-ବିପିନେ ମଳୟ ବହେ ।''

ବହୁ ଗୀତରେ, ବହୁ ପ୍ରତୀକରେ, ବହୁ ଉପମା ଓ ରୂପକରେ ପ୍ରେମର ସେଇ ମଧୁର ସମ୍ମୋହନକୁ ବୁଝାଇବା ପାଇଁ କବି ନୀଳକଂଠ ଦୀର୍ଘ କେତେ ପୃଷ୍ଠା ବ୍ୟାପି ଗୁଡ଼ିଏ ଗୀତ ଲେଖି ଚାଲିଛନ୍ତି । ଯାହା ନରସିଂହଙ୍କ ପ୍ରାଣରେ ଶୀତଳତା ଆଣିବା ପାଇଁ ଅଭିପ୍ରେତ । ସେଇ ଏକାମ୍ର କାନନରେ ଦିନେ ଅଗ୍ନିକୁ ବାନ୍ଧି ବୁଲୁବୁଲୁ କ୍ରମେ ସାଥୀ ସୈନିକମାନେ ବିଚ୍ଛିନ୍ନ ହୋଇ ଯାଇଛନ୍ତି । ନରସିଂହ ଫେରିବା ବାଟ ପାଉ ନାହାନ୍ତି । କିନ୍ତୁ ଶୁଣିଲେ ଗୋଟିଏ ଉନ୍ମୁକ୍ତ ପ୍ରାଚୀର ରୁଦ୍ଧ ଦ୍ୱାରରୁ କୌଣସି ଲଳନାର ସଂଗୀତ ଭାସି ଆସୁଛି । ସମୟ ପ୍ରଦୋଷାତୀତ । ସେ ଖୁବ୍ ପ୍ରତ୍ୟୟର ସହିତ ସେ କାମିନୀ ପାଖୁ ଚାଲି ଆସିଲେ । ପ୍ରାୟାନ୍ଧକାର ମଧ୍ୟରେ ପୁଣିଥରେ ସେମାନେ ଚତୁରାକ୍ଷ ହେଲେ । ନରସିଂହ ପଚାରିଲେ -''କିଏ ତୁମ୍ଭେ ନାରୀ ? କିପାଇଁ ବିପିନେ ? କାହିଁକି ବିଷାଦ ସଂଗୀତ ସ୍ୱର ।'' ପରିଚାରୀମାନେ ପରିଚୟ ଦେଲେ - ''ସେ ହେଉଛନ୍ତି ଶିଶୁପାଳଗଡ଼ ରାଜକନ୍ୟା ।'' ଲଜ୍ଜାରେ ସେ ଲାଜକୁଳୀ ଲତାପରି ଝାଉଁଳି ଯାଉଥିଲେ । ଯେପରି । ନରସିଂହ ଶିଷ୍ଟାଚାର ରକ୍ଷାକରି ଫେରି ଆସିବା ପୂର୍ବରୁ ରାଜଜେମାଙ୍କ ଚୋରା ଚାହାଣୀରେ ତୀରବିଦ୍ଧ ହୋଇ ସାରିଥିଲେ । କେଉଁଠି ତୁରଗକୁ ଛାଡ଼ି ଆସିଥିଲେ, କେଉଁଠି ଆଶେଟନରେ ଆସିଥିବା ସହଚାରୀମାନଙ୍କୁ ଛାଡି ଆସି ବୋଲି ପରିଚୟ ଦେଲେ । ପ୍ରହରୀ ତାଙ୍କୁ ପୁରର ଦୁଆର ଖୋଲି ବିନୟର ସହିତ ପାଛୋଟି ନେଲା । ଅତିଥିମାନଙ୍କ ପାଇଁ ଶିଶୁପାଳ ଗଡ଼ ଉନ୍ମୁକ୍ତ ଥିଲା । ସେଇ ମଉକାରେ ଅତୀତରେ ଅନେକ ଦୁଷ୍ଟମନା ଅତିଥି ଗଡ଼କୁ ଲୁଣ୍ଠନ କରି ଧନସଂପଦ ବୋହି ନେଇଥିବାର ନଜିର ମଧ୍ୟ ଥିଲା । ଗଡ଼ର ବୃଦ୍ଧ ସାମନ୍ତଙ୍କ ସହିତ ତାଙ୍କର ଭେଟ ହେଲା । ସେ କହିଲେ ଏ ବନରେ ଆଜି ପାରିଧି କରିବାକୁ ଆସି ରାଜକୁମାରଙ୍କ ସୈନ୍ୟ ଓ ସାଦୀମାନେ ଦୟାନଦୀ ସେ ପାଖରେ ଅଛନ୍ତି । ତେଣୁ ତୁମର ଭୟ କରିବାର କିଛି ନାହିଁ । ନରସିଂହ ନମସ୍କାର କରି କହିଲେ ''ମୁଁ ସେଇ ପାରିଧି ଉଦ୍ଦେଶ୍ୟରେ ଆସିଥିଲି । ଏବେ ସନ୍ଧ୍ୟା ହୋଇଗଲା । ମୁଁ ଅନ୍ଧାରରେ ବାଟ ନ ପାଇ ସେଠାକୁ ଆସିଛି । ଏଇଠି କେଉଁଠି ଘୋଡାକୁ ବାନ୍ଧି ଦେଇଥିଲି ଅନ୍ଧାରରେ ଖୋଜି ପାଇଲି ନାହିଁ । ବୃଦ୍ଧ ସାମନ୍ତ କହିଲେ-

'' ଆସ ତେବେ ବାବୁ ଏ ଭଂଗା କୁଟୀରେ,
ନାହିଁ ତ ପୂରୁବ ସଂପଦ-ଶିରୀ,
ଦଳେ ଦଳେ ଦସ୍ୟୁ ଲୁଣ୍ଠନ କରମେ
ଯାଇଛି ଏ ଗଡ଼ ବିଭବ ସରି ।''

ଆପଣ ମୋର ଅତିଥି । କିଛି ଦେଇ ନ ପାରିଲେ ବି ହୃଦୟର ଆଦର ଓ ଯତ୍ନ ଦେଇ ଆପଣଙ୍କୁ ଯାହା କିଛି ଭୋଜନ ଦେଇପାରିବି । ଏଇ ଭଂଗା ଖଟରେ ରାତିରେ ଆପଣ ଶୟନ କରିବେ । ଧଂକସଗଡ଼ର ଟଙ୍କ ସହୋଦର ବଳି ମୋ ଜେମାକୁ ବିବାହ କରିବାକୁ କଟାଳ କରିଛି । କିନ୍ତୁ ଜେମାଙ୍କର ସେଥିରେ ସମ୍ମତି ନାହିଁ । ସେ ପ୍ରତିଜ୍ଞା କରିଛି ଯେ ବଳିକୁ ନାଶ କରିବ ସେ ତାରି ଗଳାରେ ବରଣର ମାଳା ଦେବ । ରଜନୀରେ ବାରମ୍ବାର ଆସି ସେ ବଳି ଏ ଗଡ଼କୁ ଲୁଣ୍ଠନ କରି ଏହାକୁ ଶ୍ମଶାନରେ ପରିଣତ କରି ଦେଇଛି । ତେଣୁ ଅତିଥି ଆସିଲେ ତାଙ୍କୁ ପୂର୍ବପରି ଆପ୍ୟାୟିତ କରିବାକୁ ମୋର କିଛି ନାହିଁ ।

ଏଇ ସମୟରେ ଜେମାମଣି ସେ ଘରକୁ ପଶିଆସୁ ଆସୁ ନରସିଂହଙ୍କୁ ଦେଖି ସ୍ତମ୍ଭୀଭୂତ ହୋଇ ଠିଆ ରହିଲେ । ଅତିଥି ରମଣୀଙ୍କୁ ଓ ରମଣୀ ଅତିଥିଙ୍କୁ କେତେ ସମୟ ଧରି ନିର୍ନିମେଷ ନୟନରେ ଚାହିଁ ରହିଲେ । ଅତିଥିଙ୍କ ପାଇଁ କିଛି ସମୟ ପରେ ବ୍ୟଞ୍ଜନ ପରଶି ଦେଲେ, ପଲଙ୍କ ଝାଡି ଶେଯ ସଜାଇ ଦେଲେ । ଜେମା କୁମାରଙ୍କୁ ଚାହିଁ ରହନ୍ତି, କୁମାରଙ୍କ ଦୃଷ୍ଟି ପଡ଼ିଲା । ମାତ୍ରେ ନିଜ ଆକବ ଫେରାଇ ତଳକୁ ମୁହଁ ପୋତନ୍ତି । ଅତିଥି ଶୋଇବାକୁ ଗଲା ବେଳେ ଜେମା ତାନ୍‌ପୁରା ଧରି ପାଖ ଘରେ ଗୀତ ଗାଇଲେ ବରେଣ୍ୟ ଅତିଥିଙ୍କ ନିଶି-ସତ୍କାର ପାଇଁ । ଏଇ ସମୟରେ ସମ୍ଭବତଃ ନରସିଂହଙ୍କୁ ଖୋଜି ଖୋଜି ସେନାପତି ଓ କିଛି ସୈନ୍ୟ ଘୋଡା ଛୁଟେଇ ଆସି ପହଂଚିଲେ । ସେମାନଙ୍କ ସଂଭାଷରୁ ବୃଦ୍ଧ ସାମନ୍ତ ଓ କୁମାରୀ ଜେମାମଣି ଜାଣିଲେ ଯେ ସେହିଁ ରାଜପୁତ୍ର ବୀର ନରସିଂହ । ସେଇ ମୁହୂର୍ତ୍ତରେ ସୈନ୍ୟ ଓ ସେନାପତିଙ୍କ ସହିତ ଟଙ୍କର ଭାଇ ବଳୀକୁ ବିନାଶ କରିବା ପାଇଁ ପ୍ରତିଜ୍ଞା କରି ନରସିଂହ ବାହାରିଗଲେ । ବଳୀକୁ ହତ୍ୟାକରି ପୁନଶ୍ଚ ସେଇ ରାତିରେ ଶିଶୁପାଳଗଡ଼କୁ ନରସିଂହ ଫେରି ଆସିଥିଲେ । ସୈନ୍ୟମାନେ ଶିବିରରେ ରାତ୍ରିଯାପନ କରିବା କଥା । ତା'ପରେ ବାରମ୍ବାର ସେମାନଙ୍କର ସେଇଠି ମିଳନ ହୁଏ ରାଜକୁମାରୀଙ୍କ ବରଣମାଳାକୁ ପ୍ରୀତିପୂର୍ଣ୍ଣ ହୃଦୟରେ ଗ୍ରହଣ କରନ୍ତି ଯୁବରାଜ ନରସିଂହ । ବୃଦ୍ଧ ସାମନ୍ତଙ୍କ ମନରୁ ସମସ୍ତ ଦୁଶ୍ଚିନ୍ତା ନିଷ୍କାସିତ ହୋଇଥିଲା । ସେ ସ୍ୱସ୍ତି ଅନୁଭବ କରୁଥିଲେ ।

ଦିନେ ଜେମାମଣିଙ୍କୁ କୋଳରେ ବସାଇ ଆଦର କରୁଥିଲାବେଳେ ନରସିଂହଙ୍କ ଆଖିରୁ ଉଷ୍ମ ଲୋତକ କେତେ ବିନ୍ଦୁ ଝରି ଜେମାଙ୍କ କପୋଳ ସ୍ପର୍ଶ କଲା । ସେ ଚମକି ଉଠିଲେ, ଆଖିରୁ ଲୁହ ପୋଛିଦେଇ ସେ କାନ୍ଦୁଥିବାର କାରଣ ପଚାରିଲେ । ଯୁବରାଜ କହିଲେ, ସେ ଏକାମ୍ର କାନନରେ ଟଙ୍କ ସହିତ ଯୁଦ୍ଧରତ ଥିଲାବେଳେ ତାଙ୍କ ପିତା ଅନଙ୍ଗଭୀମ ଦେବ ଜମ୍ମୁ ରାଜଜେମାଙ୍କୁ ତାଙ୍କ ବିବାହ ପାଇଁ ବାର୍ତ୍ତାପଠାଇ ସବୁ କଥା ସ୍ଥିରକରି ଦେଇଛନ୍ତି ତାଙ୍କ ଅଜ୍ଞାତରେ । ବିବାହ ପାଇଁ ନିର୍ବନ୍ଧ କରି ଦେଇଛନ୍ତି । ବାରବାଟୀ ଦୁର୍ଗରେ ସମସ୍ତେ ତୁମକୁ ମାୟାଦେବୀ ନାମରେ ନାମିତ କରିଛନ୍ତି । ପିତାଙ୍କ ସତ୍ୟ ପାଳନ କରିବାକୁ ସମସ୍ତେ ବ୍ୟଗ୍ର । ମାୟାଦେବୀ କହିଲେ ସେଥିରେ ବ୍ୟସ୍ତ ହେବାର କଣ ଅଛି ? ଜମ୍ମୁ ରାଜଜେମା ଆପଣଙ୍କ ରାଣୀ ଭାବରେ ଉତ୍କଳ ଆସିଲେ କ୍ଷତି କିଛି ନାହିଁ । ମୁଁ ତାଙ୍କର ପରିଚାରିକାପରି ତାଙ୍କର ସମସ୍ତ ସେବା କରି ପାରିବି । ନିର୍ବନ୍ଧ ସାରିବା ପରେ ପରେ ଅନଙ୍ଗଭୀମ ଦେବ ଦେହତ୍ୟାଗ କରନ୍ତି ଓ ଜମ୍ମୁ ରାଜଜେମା ଉତ୍କଳକୁ ରାଜବଧୂ ଭାବେ ଆସନ୍ତି । ରାଜାଙ୍କ ମୃତ୍ୟୁ ଜନିତ ହବିଷ୍ୟ ପାଳନ କରନ୍ତି ମାୟାଦେବୀ । ତାଙ୍କ ଜୀବନର ଗତିପଥ ବଦଳିଯାଏ । ସେ ନିଜର ଅନ୍ତରର ଦୁଃଖକୁ ଗୋପନ ରଖି ସମସ୍ତଙ୍କୁ ଖୁସି କରିବାରେ ଲାଗି ପଡ଼ନ୍ତି । କେହି ନରସିଂହଙ୍କୁ ଚପଳ ବୋଲି କହିଲେ ସେ ଆକଟ କରନ୍ତି । ତାଙ୍କ ପାଇଁ ଉଚ୍ଛଳା ପ୍ରେମରେ ସେ ଭରପୂର । ପ୍ରାଙ୍ଗଣରେ କନ୍ଦୁକ ଧରି ଖେଳନ୍ତି । ଉପବନରେ ମନଇଚ୍ଛା ବୁଲି ସମୟ କାଟନ୍ତି । ପାଳିତ କୁରଂଗ ସହିତ ଖେଳନ୍ତି । ସବୁବେଳେ ମୁହଁରେ ହସି ଫୁଟେଇବାକୁ ଚେଷ୍ଟା କରନ୍ତି । ଦିନୁ ଦିନ ତାଙ୍କ ଦେହରେ ଜ୍ୟୋତି ଫୁଟି ଉଠି ସୁରବଳା ପରି ସେ ଦେଖାଗଲେ । ଦେହରେ ଉଚ୍ଛଳା ଯୌବନ, ଅନ୍ତରରେ ନରସିଂହଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ । ନରସିଂହ ମଧ ବିଷାଦରେ ସାନଭାଇ ହାତରେ ରାଜ୍ୟଶାସନ ଭାର ଛାଡ଼ି ଦେଇ ଉଦାସୀନ ଭାବରେ ସମୟ ବିତାଉଥିଲେ ।

ଏହା ମଧ୍ୟରେ ଜମ୍ବୁ ରାଜଜେମା ଶିଶୁପାଳଗଡ଼କୁ ନାରିକେଳ ଆଦି ସମ୍ଭାର ପଠାଇ ନରସିଂହଙ୍କ ପାଇଁ ମାୟାଦେବୀଙ୍କ ହାତ ମାଗି ବସିଲେ । ସେ ମାୟାଙ୍କୁ ଦେଖିବାକୁ ଏକାମ୍ର କ୍ଷେତ୍ରକୁ ଆସିବେ ଏଥିପାଇଁ ନରସିଂହଙ୍କ ଠାରୁ ଅନୁମତି ନେଇଥିଲେ । ନରସିଂହ ସେତେବେଳେ ଥିଲେ ଉତ୍ତରାପଥରେ । ଜଳଦସ୍ୟୁଙ୍କ ସହିତ ସମୁଦ୍ରରେ ଯୁଦ୍ଧରତ । ଚତୁରଙ୍ଗ ସେନା ସହିତ ଜମ୍ବୁ ରାଜଜେମା ଆସିଲେ ମଧ୍ୟ । ତାଙ୍କୁ ଗଡ଼ଦୁଆରରୁ ମାୟାଦେବୀ ପାଛୋଟି ନେଲ । ଆତିଥ୍ୟ ଉପଚାର ଦେବାରେ କିଛି ଊଣା ନ ଥିଲା । ଜମ୍ବୁ ରାଜଜେମା କହିଲେ, ''ଭଉଣୀ, ଏ ଦାସୀପାଇଁ ଏତେ ପରିଚର୍ଯ୍ୟା କାହିଁକି ? ତୁମେ ରାଜବାଟୀକୁ ଚାଲ, ସେଇଠି ମୁଁ ତୁମର ସେବା କରିବାର ସୁଯୋଗ ପାଇବି । ନରସିଂହ ଏତେ ଉଦାର ବୋଲି ମୁଁ ଜାଣି ନ ଥିଲି । ସେ ଆକାଶର ତପନ ହେଲେ ତୁମେ ଉଜ୍ଜ୍ୱଳ ତାରକା । ତୁମେ ହିଁ ରାଜ ମହିଷୀ ହେବାକୁ ଉପଯୁକ୍ତା । ମୁଁ ତାରା ଭଳି ରୋହିଣୀ ଓ ସୁଧାଂଶୁଙ୍କ ମିଳନ ଦେଖିବାକୁ ଚାହେଁ । ତୁମ ଦୁହିଁଙ୍କ ମିଳନ ଦେଖିଲେ ମୋ ପ୍ରାଣ ଶୀତଳ ହେବ । ତୁମେ ମନା ନ କରି ମୋ ସାଙ୍ଗରେ ଚାଲ ।

ମାୟାଦେବୀ କହିଲେ, ''ଜଂବୁ ଜେମା, ତୁମେ ମୋର ଭଗ୍ନୀ ପରି । ତେଣୁ ମିଛ କାହିଁକି କହିବି ? ସେପରି ସ୍ୱର୍ଗସୁଖ ମୋ ଜୀବନରେ ସମ୍ଭବ ନୁହେଁ । ସେ ଆସିବେ ବୋଲି କହି ଯାଇଛନ୍ତି । ମୁଁ ତ ତାଙ୍କୁ ପ୍ରତିଦିନ ଆସୁଥିବାର ଦେଖୁଛି । ସୂର୍ଯ୍ୟ ଉଦୟ ଓ ଅସ୍ତରେ ମୁଁ ତାଙ୍କୁ ସବୁଦିନେ ଭେଟୁଛି । ଏଇ ପଲଙ୍କରେ ସେ ବସିଥିଲେ, ତାଙ୍କୁ ହିଁ ସ୍ମରଣ କରି ମୁଁ ଏଇ ପଲଙ୍କରେ ପଡ଼ିଯାଏ । ମୋର ହୃଦୟର ଦର୍ପଣରେ ସବୁବେଳତ ତାଙ୍କରି ଛବି ନାଚିଉଠୁଚି, ଜାଗରଣରେ ଓ ସ୍ୱପ୍ନରେ ମୁଁ ତାଙ୍କୁ ଦେଖୁଛି । ତୁମର ସୁଖ ମୁଁ ମୋ ନିଜସ୍ୱ ଆନନ୍ଦରେ ଅନୁଭବ କରୁଛି । ମୁଁ ତୁମକୁ ଚାତକ ପରି ଚାହିଁ ବସିଥିଲି । ମୋ ହୃଦୟ ଖୋଲି ତୁମକୁ ମୋ ମନକଥା କହିବାକୁ ସୁଯୋଗ ପାଇଛି ।

ରାଜବଧୂଙ୍କୁ ମାୟାଦେବୀ କହିଲେ, ''ସତ କି ସପନ ମୁଁ ଜାଣି ପାରୁନାହିଁ । କିନ୍ତୁ ମୋ ପ୍ରାଣରେ ଏହିପରି ଭାବଟିଏ ଫୁଟି ଉଠୁଚି ଓ ସୋହାଗ ବିଷାଦରେ ଅନ୍ତର ପୂରି ଉଠୁଛି । ମୁଁ ସାଗର ଜଳରେ ଭାସି ଯାଉଛି । ନରସିଂହ ମୋତେ ତାଙ୍କ ଦୁଇ ହାତରେ ସମୁଦ୍ରରୁ ଛାଣି ଧରୁଛନ୍ତି । ଏଇ ସମୟରେ ଶୂନ୍ୟବାଣୀ ହେଉଛି – ''ଏ ରମଣୀକୁ ତୁମେ ଏ ଭବପୁରେ ପାଇ ପାରିବନି'' ମାୟାଦେବୀଙ୍କ ନିଦ ଭାଙ୍ଗିଗଲା । ଘର ଉଜ୍ଜ୍ୱଳ ଜ୍ୟୋତିରେ ବିଭାସୁଥିଲା । ନରସିଂହଙ୍କ ମୁହଁରେ ଦେବଜ୍ୟୋତି ଫୁଟି ଉଠୁଥିଲା ସେ କହିଲେ – ''ଏ ଜନ୍ମରେ ମୁଁ ତୁମର ଚରଣ ସେବା ପାଇ ପାରିବିନି ।'' ତା'ପରେ ସେ ଉଭାନ ହୋଇଗଲେ ଆଉ ମୁଁ ଯେଉଁ ଅନ୍ଧାରକୁ ସେଇ ଅନ୍ଧାରରେ ବୁଡ଼ିଗଲି । ସେହିଦନୁ ମୁଁ ସବୁଆଡ଼େ ତାଙ୍କୁ ହିଁ ଦେଖୁଚି । ସ୍ମରଣରେ ସେ ସବୁ କଥା ମନେପଡ଼ିଲେ ପ୍ରାଣ ଶୁଖି ଯାଉଛି ।

''ସଧବା ମରଣ                    ସୋହାଗେ ଦେଖୁଛି
        ଜ୍ୟୋଛନା–ଧବଳ ବିପିନ ବିଲ,
ଅବଶ ଲାଗୁଛି                    ଦିନୁ ଦିନ ମୋତେ
        ତୁଟିଯାଉ ଅଛି ତରୁଣ–ବଳ ।''

ତାଙ୍କୁ ହିଁ ଦେବତା ପରି ଅନ୍ତରରେ ବସାଇ ବିଭ୍ରାନ୍ତ ହୋଇ ବଣରେ ବୁଲୁଚି, ନାଚୁଚି ଆଉ ତାଙ୍କରି ଆଳତି କରୁଚି । ମୋତେ ବିନୟ ଦେବାକୁ ତାଙ୍କୁ ଯଦି ବେଳ ନ ମିଳିବ ତେବେ ତାଙ୍କ ସହିତ ଏକାମ୍ରକୁ ଆସି ମୋ ବୃଦ୍ଧ ପିତାଙ୍କୁ ଆଶ୍ୱାସନା ଦେବ । ନରସିଂହ ମୋର ପ୍ରାଣର ସଂପଦ ଆଉ ତୁମେ ମୋର ପ୍ରାଣର ଜୋସର । ମୋର ସ୍ମୃତିକୁ ହୃଦୟରେ ଧରି ତାଙ୍କୁ ପ୍ରାଣ ଅର୍ପଣ କରିବ । ତୁମେ ମୋର ଭଗିନୀ । କେବେବି ଯେପରି ତାଙ୍କ ଉପରେ ତୁମେ ବିରାଗ ପ୍ରକାଶ କରିବ ନାହିଁ । ମୋ ପ୍ରତି ବିରସ ହେବ ନାହିଁ । ମୋର ହୃଦୟ ସହିତ ହୃଦୟ ମିଶାଇ ମୋତେ ସୁଖୀ କରାଅ ଭଉଣୀ ।

ମାୟାଦେବୀ ତାଙ୍କ ନମ୍ର କରଲତା ପ୍ରସାରଣକରି ଜଂବୁ ରାଜ ନନ୍ଦିନୀଙ୍କୁ ଆଲିଙ୍ଗନ କରନ୍ତେ ଶୀତଳ ନିଷ୍ପ୍ରାଣ ବାହୁ ବଂଧନୀ ତୁଟିଗଲା । କନକପ୍ରତିମା ମାଟିରେ ଲୋଟି ପଡ଼ିଲେ ଓ ମୁଖର ଜ୍ୟୋତି ଫିକା ପଡ଼ିଗଲା । ଜଂବୁ ରାଜଜେମା ଥରିଥରି ପଲଙ୍କରେ ଢ଼ଳି ପଡ଼ିଲେ । କିଛି ସମୟ ପରେ ସାଷ୍ଟାଗ ହୋଇ ସେ ମାୟାଦେବୀଙ୍କ ମୃତ ଶରୀରକୁ ଚାହିଁ ରହିଲେ । ସହସା ଶିଶୁପାଳ ଗଡ଼ରେ କ୍ରନ୍ଦନର ରୋଳ ଖେଳିଗଲା । ପରିଚାରୀମାନେ ପାଣିଛିଞ୍ଚି କେତେ ପ୍ରକାର ଉପଚାର କଲେ । ପ୍ରବୀଣ ସାମନ୍ତ ଥକ୍କା ମାରି କାନ୍ଥକୁ ଆଉଜି ତଳେ ବସି ରହିଲେ । ତାଙ୍କ ଜ୍ୟୋତିହୀନ ନୟନରେ ଆଉ ଝିଅପାଇଁ ଲୁହ ନ ଥିଲା । ବିଷାଦଗ୍ରସ୍ତ ମୌନ ଜମ୍ବୁ ରାଜଜେମାଙ୍କୁ ଦୁହିତା ବୋଲି ସମ୍ଭାଷଣ କରି ଆଶ୍ୱାସନା ଦେଲ । ଆଉ କହିଲେ – ମୁଁ ଆଉ ଯେତେ ଦିନ ବଂଚିଥିବି ତୁମେ ନରସିଂହଙ୍କ ସହିତ ନିଶ୍ଚୟ ଆସିବ । ମୁଁ ତୁମ ଦୁହିଁଙ୍କୁ ଦେଖି ଖୁସି ହେବି । ମ୍ରିୟମାଣ ସାମନ୍ତ ସେ ଘର ଛାଡ଼ି ଯିବା ପୂର୍ବରୁ ଜେମାଙ୍କ ଶବ–ସଂସ୍କାରପାଇଁ ଆଦେଶ ଦେଇଗଲେ । କିନ୍ତୁ ମାୟାଦେବୀଙ୍କ ସହଚରୀ କହିଲେ– ମୋତେ କାଲି ଜେମା କହିଛନ୍ତି ସେ ମରିଗଲେ ତାଙ୍କ ଶବ ଦାହ କରାଯିବ ନାହିଁ । ସିନ୍ଧୁକରେ ପୂରାଇ ପିଣ୍ଡକୁ ତଟିନୀରେ ଭସାଇ ଦିଆଯିବ । ‘‘ଏଇ ଦୟାନଦୀ ମୋ ମୃତ ପିଣ୍ଡକୁ ବଡ଼ ଦେଉଳ (ଲିଙ୍ଗରାଜ ମନ୍ଦିର) ଦେଖାଇ ବାରବାଟୀର ସୌଧ ଚୂଳ ଦେଖିବାର ସୁଯୋଗ ଦେବ । ତା’ପରେ ମହାନଦୀରେ ମୋ ପିଣ୍ଡକୁ ଭସାଇ ଦେବ ଯେ ସେ ସମୁଦ୍ରରେ ଭାସି ଭାସି ଯାଇ ନରସିଂହ ଯେଉଁଠି ଜଳଦସ୍ୟୁମାନଙ୍କ ସହିତ ସମୁଦ୍ରରେ ଲଢ଼େଇ କରୁଛନ୍ତି ସେଠି ପହଂଚିବ । ରାଜନ ମୋତେ ତାଙ୍କ ଶ୍ରୀକରରେ ଛୁଇଁବେ ।’’ ଜଂବୁ ରାଜଜେମା ଅତି ଯତ୍ନରେ ନିଜ ହାତରେ ତାଙ୍କ ପାଇଁ ସିନ୍ଦୁକରେ ଶେଯ ପାତି ଦେଲେ ଓ ତାଙ୍କ ମରପିଣ୍ଡକୁ ଧରାଧରି କରି ଶୁଆଇ ଦେଲେ । ସଜନୀମାନଙ୍କ ଗହଣରେ ଦୟାନଦୀର ଧାରେ ଧାର ଖୁବ୍ ରାଜକୀୟ ସମ୍ଭାର ସହକାରେ ସିନ୍ଦୁକଟିକୁ ଭସାଇ ଭସାଇ ଟାଣି ଟାଣି ନିଆହେଲା । ତା’ପରେ ଦୟାନଦୀରୁ କାଠଯୋଡ଼ି ଓ ସେଠାରୁ ମହାନଦୀ ଦେଇ ନିମ୍ନମାର୍ଗରେ ସମୁଦ୍ରକୁ ସିନ୍ଦୁକଟିକୁ ଭସାଇ ଦିଆଗଲା ।

ସେତେବେଳେ ନରସିଂହ ତାମ୍ରଲିପ୍ତ ବନ୍ଦର ପାଖାପାଖି ସମୁଦ୍ର ଅଂଚଳରେ ଜଳଦସ୍ୟୁମାନଙ୍କୁ ଦମନ କରିବାରେ ବ୍ୟସ୍ତଥିଲେ । ସେଇ ସମୟରେ ବାରବାଟୀ କଟକରୁ ତାଳପତ୍ର ଲେଖା ନେଇ ଚରଟିଏ ତାଙ୍କ ସାକ୍ଷାତ କଲା । ସେଥିରେ ଜମ୍ବୁ ରାଜଜେମାଙ୍କ ଶିଶୁପାଳଗଡ଼ ଆସିଥିବା କଥା ଉଲ୍ଲେଖ ଥିଲା । ରାଣୀଙ୍କ ପ୍ରତି କୃତଜ୍ଞତାରେ ନରସିଂହ ଚଳଚଞ୍ଚଳ ହୋଇ ଉଠିଥିଲେ । ଶିଶୁପାଳ ଗଡ଼ର ପ୍ରତିଟି ସ୍ମୃତି ତାଙ୍କ ଆଖିରେ ନାଚି ଉଠୁଥିଲା । କିପରି ମାୟାଦେବୀଙ୍କୁ ଭେଟିବେ ସେଥିପାଇଁ ମନ ହେଉଥିଲା ଚଳଚଂଚଳ । ବାରବାଟୀ କଟକକୁ ଫେରି ଆସୁଥିଲେ ନରସିଂହ । କିନ୍ତୁ ଏଇ ସମୟରେ ଆଉ ଜଣେ ଡଗର ତାଙ୍କୁ ସାକ୍ଷାତ୍ କରି ମାୟାଦେବୀଙ୍କ ମୃତ୍ୟୁ ସମ୍ବାଦ ଦେଇଥିଲା ।

ପଡ଼ିଗଲେ ବୀର, ପଡ଼ିଯାଏ ଯଥା
କାଟିଦେଲେ ମୂଳ ବିଶାଳ ଶାଳ !
ସ୍ତିମିତେ ଚାହିଁଲେ ସଇନି–ପଟଳ
ଚଳ ପାରାବାର ହେଲାକି ସ୍ଥିର !

ରାଜା ଅସ୍ଥିର ହୋଇପଡିଲେ ନିଜକୁ ଦୋଷୀ ମଣିଲେ । କର୍ତ୍ତବ୍ୟର ଅନୁରୋଧରେ ଅନେକଦିନ ଧରି ଶିଶୁପାଳଗଡ଼କୁ ଯାଇନଥିବାରୁ ଅଭିମାନରେ ମାୟାଦେବୀ କଣ ଜୀବନ ହାରିଦେଲେ ? ରାଣୀ ଅନେକ ବୁଝେଇଲା ପରେ ନୌକାଧରି ସେ ଯେଉଁ ଗତିପଥରେ ମାୟାଦେବୀଙ୍କ ଶବ ସିନ୍ଧୁକରେ ଭାସି ଆସୁଥିବା ସିନ୍ଧୁକକ ଧରି ରାଜାଙ୍କୁ ସାକ୍ଷାତ ପାଇଁ ଆସି ପହଂଚିଥିଲେ । ଜଳରେ ଭାସୁଥିବା ସିନ୍ଧୁକକୁ ଓଟାରି ଆଣିବା ଖୁବ ଆୟାସସାଧ ଥିବା କଥା ନାବିକମାନେ କହିଲେ ।

ନରସିଂହ ଯାଇ ସିନ୍ଧୁକ ଖୋଲି ମାୟାଦେବୀଙ୍କ  ମୃତ ପିଣ୍ଡକୁ ଛୁଇଁବା ମାତ୍ରେ ଶୁଣାଯାଏ ମାୟାଦେବୀ ବଂଚି ଉଠିଲେ । ଚତୁର୍ଦ୍ଦିଗ ତିମିରିତ ହୋଇଗଲା । ଉଭୟ ରାଜା ଓ ରାଣୀ ସେଦିନ ସିନ୍ଧୁକକୁ ଜାଗି ରହିଲେ । କିନ୍ତୁ ସକାଳକୁ ଦେଖିଲା ବେଳକୁ  ସିନ୍ଦୁକ ଭିତରୁ ସେ ମର ପିଣ୍ଡ ଉଭାନ୍ ହୋଇଯାଇଥିଲା । ନଦୀଧାରରେ କେବଳ ସିନ୍ଦୁକଟି ହିଁ ଦୋହଲି ଦୋହଲି ଭାସୁଥିଲା । ସମ୍ଭବତଃ ଶୂନ୍ୟବାଣୀ ହୋଇଥିଲା –

''ନରସିଂହ ଥିଲେ ତପନ ଏ ଭବେ,
ମାୟାଥିଲେ ଛାୟା ତପନ–ଜାୟା,
ଜଂବୁ ଜେମା ଥିଲେ ବିଶ୍ୱକର୍ମା ସୁତା
ଆଦରି ମରତେ ମାନବ–କାୟା ।'୩

ସୂର୍ଯ୍ୟଙ୍କର ଦୁଇପତ୍ନୀ ମଧ୍ୟରୁ ସଂଜ୍ଞା ଥିଲେ ଜମ୍ବୁ ରାଜକୁମାରୀ ।  କୃଷ୍ଣପୁତ୍ର ଶାମ୍ବଙ୍କ ନିମନ୍ତ୍ରଣ କ୍ରମେ ରବି ଆସି ବାରବାଟୀ କଟକରେ ଜନ୍ମ ନେଇଥିଲେ । ସଂଜ୍ଞା ଜମ୍ବୁ ରାଜକନ୍ୟା ଭାବେ ଜନ୍ମ ନେଲେ କାଶ୍ମୀର ଉପତ୍ୟକାରେ । ସେତେବେଳକୁ ସୂର୍ଯ୍ୟଙ୍କ ଅନ୍ୟତମା ପତ୍ନୀ  ଛାୟା ମାୟାଦେବୀ ନାମଧରି ଏକାମ୍ର ତୀର୍ଥ ଉପକଣ୍ଠସ୍ଥ ଶିଶୁପାଳ ଗଡ଼ରେ ଜନ୍ମ ଲାଭ କରିଥିଲେ । ସଂଜ୍ଞାଙ୍କ ସ୍ପର୍ଶ ମାତ୍ରେ ସେ ନାରୀ ଶରୀର  ବର୍ଜନ କରି ପୁଣି ସ୍ୱର୍ଗକୁ ଫେରି ଆସିବେ ବୋଲି  କଥା ଥିଲା । କାରଣ ଛାୟା ସଂଜ୍ଞା କେହି କାହାକୁ ଛାଡ଼ି ରହିବା ସମ୍ଭବ ନଥିଲା । ଶେଷକୁ ରାଜା ନରସିଂହ ଶିଳ୍ପୀମାନଙ୍କୁ ଡକାଇ ଚନ୍ଦ୍ରଭାଗା ନଦୀକୂଳରେ କୋଣାର୍କ ମନ୍ଦିର ନିର୍ମାଣ ଆରମ୍ଭ କଲେ ଓ ସେଇ ବେଢ଼ାରେ ଆଉ ଯେଉଁ ନିବୁଜ ମନ୍ଦିରଟି ଏବେବି ଅକ୍ଷୁର୍ଣ୍ଣ  ଭାବେ  ପରିବ୍ରାଜକଙ୍କ ମାନଙ୍କ ଦୃଷ୍ଟି ଆକର୍ଷଣ କରେ ସେ  ମନ୍ଦିର ମାୟାଦେବୀଙ୍କ ନାମରେ ହୋଇଛି ନାମିତ ।

ଏ କାହାଣୀଟି ଚାରଣ ଗୀତିକାର ଠାରୁ ଶୁଣି  ନୀଳକଂଠ ଅଭିଭୂତ ହୋଇଥିଲେ ନିଶ୍ଚୟ । ତାଙ୍କ ସଜ୍ଞାନରେ 'ଚନ୍ଦ୍ରଭାଗା' କାବ୍ୟର ବିଷାଦକର ଶେଷାଂଶ  ଜୀବନ୍ତଥିଲା । ସେ ଲେଖି ବସିଲେ 'ମାୟାଦେବୀ' କାବ୍ୟ ଯାହା ଓଡ଼ିଆ ସାହିତ୍ୟର ଅନ୍ୟତମ ଟ୍ରାଜିକ୍ କାବ୍ୟଭାବେ ରାଧାନାଥଙ୍କ ପ୍ରତିସ୍ପର୍ଦ୍ଧୀ ହୋଇପାରିଥିଲା ।

ଏବେ ଏସବୁ ପ୍ରତିକ୍ରିୟା ଓ ସମର୍ଥନ ସତ୍ତ୍ୱେ ଯାହାକିଛି ଏ କାବ୍ୟରେ ନୀଳକଂଠଙ୍କର ଏକାନ୍ତ ଆପଣାର ସେଇ ଆଙ୍ଗିକ ବିଭବ ଉପରେ ଆଲୋଚନା କରିବା ସଂଗତ ମନେ କରୁଛି । ଏ କାବ୍ୟର ପ୍ରବେଶ ପୃଷ୍ଠାରେ କବି ମାନସିଂହଙ୍କ ମନ୍ତବ୍ୟ ଖୁବ୍  ତାତ୍ପର୍ଯ୍ୟପୂର୍ଣ୍ଣ। ସେ କହନ୍ତି, ''କୋଣାର୍କେ' କାବ୍ୟ, ଇତିହାସ ନୁହେଁ, ମୁଖ୍ୟ ଭାବରେ କାବ୍ୟ, ଇତିହାସ ପୀଠିକା ମାତ୍ର । କାବ୍ୟ ଉତ୍କର୍ଷ ଫଳରେ ହିଁ ନିରସ ଇତିହାସ ଜୀବନ୍ତ ହୋଇ ଉଠିଛି । ଭାଷା, ଭାବ, ଚରିତ୍ର ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଙ୍କାରାଦି ଯେ କୌଣସି ଦିଗରୁ ବିଚାରକରି  ବସିଲେ 'କୋଣାର୍କେ' ଓଡ଼ିଆ ଭାଷାରେ ଅନୁପମ କାବ୍ୟ । ସମୃଦ୍ଧ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାହିଁ । ନାନା ରୀତିର ପ୍ରୟୋଗ ଓ ପ୍ରବାହରେ ଏ କାବ୍ୟ ଲୀଳାମୟ । ଆଗରୁ କହିଛି ଏ କାବ୍ୟର ନାଟକୀୟତାରେ ପାଠକମାତ୍ରେ ମୁଗ୍ଧ ହେବେ ।  ଦୃଶ୍ୟପଟ ପରେ  ଦୃଶ୍ୟପଟ, ଗୋଟିଏ ଅଭିନୟ ପରେ ଆଉ ଗୋଟିଏ ଅଭିନୟ, ମଝିରେ ମଝିରେ ପାଠକକୁ ଆଗ୍ରହାନ୍ୱିତ କରିବା ନିମନ୍ତେ ନାନାବିଧ ସଂଗୀତର ସଂସ୍ଥାନ, ଅତିମାନବିକ ପରିକଳ୍ପନା, ସ୍ୱପ୍ନ କାହାଣୀ, – ଏ ସବୁ ଏହି କାବ୍ୟକୁ ଚମତ୍କାର ଏକ ନାଟକରେ ପରିଣତ କରିଦେଇଛି । ପୁଣି ନାଟକର ବିଭିନ୍ନ ପାତ୍ରପାତ୍ରୀ ମୁହଁରେ ବିଭିନ୍ନ ଭାଷାର ବ୍ୟବହାର ପରି ଏ କାବ୍ୟରେ ଭାଷାର ସେଇ ଅଭିଜାତ ଓ  ଗ୍ରାମ୍ୟ ପ୍ରୟୋଗ  କ୍ଲିଷ୍ଟତା ଓ ସରଳତା, ଓଜଃ ଓ  ପ୍ରଶାନ୍ତି ଏ କାବ୍ୟକୁ ରହସ୍ୟମୟ କରିଛି । ପ୍ରଥମ କେତୋଟି  ସର୍ଗ ପାଠକ ମନରେ କାବ୍ୟିକ ଆବେଗର ଧାରାକୁ ଖଣ୍ଡିତ କଲାବେଳେ

ପରବର୍ତ୍ତୀ ସର୍ଗ (ମାୟାଦେବୀଙ୍କ ସହିତ ନରସିଂହଙ୍କ ପରିଚୟ ପରଠାରୁ) ଗୁଡ଼ିକରେ ଘଟଣା ସଂସ୍ଥାନ ଖୁବ୍ ଦ୍ରୁତତର, ଗତିଶୀଳ ଓ ଆବେଗମୁଖୀ ହୋଇ ପାରିଛି । ପାଠକ ଆଉ ଅଟକି ରହେନାହିଁ, ଅର୍ଥ ବୁଝିବାକୁ ଭାଷାକୋଷ ଖୋଜେ ନାହିଁ, ମନରେ ତାର ଅଧିକରୁ ଅଧିକ କୌତୁହଳ ଓ ଉତ୍କଣ୍ଠା ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହେ । ଅବଶ୍ୟ ରସଗ୍ରାହୀ ପାଠକ ଏତେ ଉପମା ବୈଚିତ୍ର୍ୟ ଓ ଶବ୍ଦର ଜାଲରେ ଛନ୍ଦି ହୋଇ ମଝିରେ ମଝିରେ ଝୁଣ୍ଟିପଡ଼େ । ଏକାର୍ଥ ବୋଧକ ବହୁ ଉପସାର୍ଗିକ ଶବ୍ଦ ଗଠନ କରି ନୀଳକଂଠ ନିଜ ପାଣ୍ଡିତ୍ୟର ପରିଚୟ ଦେଉ ଦେଉ ପାଠକର ବୋଧଗମ୍ୟତାକୁ ଭୁଲି ବସନ୍ତି । ତଥାପି ଭାବ ପ୍ରକଟନ ପାଇଁ ଏ ଶବ୍ଦଜାଲ ଅଧିକ କ୍ଷଣ ଅନ୍ତରାୟ ହୋଇପାରେ ନାହିଁ ।

ଏ କାବ୍ୟର କେତୋଟି ବୌଦ୍ଧିକ ରୂପକଳ୍ପ ଓ ରାଶିରାଶି ଉପମା ନୀଳକଂଠଙ୍କ ଏକାନ୍ତ ନିଜସ୍ୱ ଭାବରେ ସମାଲାଚନାର ନଜରକୁ ଆସନ୍ତି । ଆଜିର ଅତ୍ୟାଧୁନିକ କବିତାର ପ୍ରାଣଭାବର ଯେଉଁ ଶକ୍ତିଶାଳୀ ଉଦ୍‌ବୋଧନକ୍ଷମ ଚିତ୍ରକଳ୍ପ ଆତ୍ମପ୍ରକାଶ କରୁଛି ନୀଳକଂଠ ସେ ସମୟରେ ଏଇ 'ମାୟାଦେବୀ' କାବ୍ୟରେ ତାର ପରୀକ୍ଷା ମୂଳକ ଆରମ୍ଭ କରିଥିଲେ । ଗତାନୁଗତିକ ପ୍ରତୀକ ଓ ରୂପକକୁ ପରିହାର କରି ଏ ଦେଶର ଆଧୁନିକ କବିମାନେ ନୂତନ ଇମେଜ ଓ ସିମ୍ବଲ ଆଡ଼କୁ ୧୯୨୫ ମସିହା ପରେ ପରେ ଦୃଷ୍ଟି ପକାଇଛନ୍ତି । ନୀଳକଂଠଙ୍କ ସମୟକୁ ତଥାପି ପାରଂପରିକ ରୂପକ (Convoutional metaphor) ସାହିତ୍ୟର ଦରବାର ଦଖଲ କରିଥିଲେ ମଧ୍ୟ ନୀଳକଂଠଙ୍କ କାବ୍ୟର ଅନେକ ପଙ୍‌କ୍ତିରେ ଦୂତନତାର ଆଭାସ ମିଳିଥାଏ ।

''ସେହି ସେ ନର୍ମମେ ସହଚରୀ ଜନେ
ଆବେଗ ଫିଟାଇ କହଇ କେବେ
ଶୀତେ ପରବତ ଫଟାଇ ତୁହିନେ
ରୁଦ୍ଧବାରି ସେ କି ଅଳପେ ସ୍ରବେ ।''

ଶୀତକାଳର ପର୍ବତ ଫଟାଇ ଜଳ ଆକାରରେ ତୁହିନ ଧୀରେ ଧୀରେ ବହି ଯାଏ । ସେହିପରି ଅନ୍ତରକୁ ବୁଝୁ ନ ଥିବା ସହଚରୀମାନଙ୍କୁ ଶିଶୁପାଗଡ଼ର ଜେମାମଣି ବେଳେ ବେଳ ନିଜର ଅନ୍ତରର କଥା କହି ଦିଅନ୍ତି । କିମ୍ବା –

''ରୁକ୍ଷ ସେନାପତି ଦେଖି ନ ଦେଖିଲେ
ତରୁଣ–ସମ୍ଭାଷ–ପାଟଳ ରେଖା
ଜଳବେଣୀ–କଂପେ ଝରଇ ତଟିନୀ
ବୁଝେକି ସେ କଂପ ଶଇଳଶିଖା ?''

ରୁକ୍ଷ ସେନାପତି ଯୁବରାଜ ନରସିଂହଙ୍କ ତରୁଣ ଜନୋଚିତ ମୁହଁର ଲଜ୍ଜାନମ୍ର କାନ୍ତିଙ୍କୁ ଦେଖି ମଧ୍ୟ ଦେଖି ପାରୁ ନ ଥିଲେ, ଯେଉଁପରି ତଟିନୀ କୌଣସି ଜଳବେଣୀରେ କଂପିତ ଭାବେ ବୋହି ଯାଉଥିବା ଦୃଶ୍ୟକୁ ଶୈଳର ଶିଖର ଅଂଚଳ ଅନୁଭବ କରିପାରେ ନାହିଁ । ଏଇଟି ରୂପକଳ୍ପ ନୁହେଁ ଉପମା ମାତ୍ର – ମାତ୍ର କି ବୌଦ୍ଧିକ ଏ ଉପମା ! ସେହିପରି ପ୍ରଣୟର ରୀତିକୁ ଏକ ଚିତ୍ରକଳ୍ପରେ କିପରି ପ୍ରକାଶ କରାଯାଇଛି ଦେଖନ୍ତୁ –

''ପାଇଲେ ମଣଇ 'ହଜିଯିବ ଧନ'
ହଜିଗଲେ ମଣେ ପାଇବ ପୁଣି
ସଂଚି ଧନ ଯଥା ମଣଇ କୃପଣ
ତେସନେ ପ୍ରଣୟେ ପରାଣ ବାଣୀ ।''

ପ୍ରେମର କି ଚମତ୍କାର ରୂପକଳ୍ପିକ ପ୍ରୟୋଗ ! ପାଇବା ଓ ହଜାଇବା ପରି ଆଶଙ୍କାଜନିତ ଅମୂର୍ତ୍ତ ଭାବନା ସହିତ କୃପଣର ସଂଚିତ ଧନକୁ ତୁଳନା କରିବା (କାଳେ ହଜିଯିବ ବା ଚୋର ନେଇଯିବ ବୋଲି କୃପଣ ମନର ଭୟ) ଖୁବ୍ ଯଥାର୍ଥ (appropriate) ନୁହେଁ କି ?

କିମ୍ବା ''ପରିବାରୀ ଜନେ ଦେଖନ୍ତି ସୁହାସ
ନ ଜାଣନ୍ତି ସେହୁ ବେଦନା ତିଳେ
ଗ୍ରୀଷମ ସନ୍ତାପେ ଶୁଖଇ ପଲ୍ଲବ
ବାଧଇ କି ତାହା ପତତ୍ରୀ-ନିଡ଼େ ?''

ଉପରେ ହସୁଥିବା ଦେଖି ପରିବାର ଲୋକମାନେ ଝିଅଟିର ମନର ବେଦନାକୁ ବୁଝିବାକୁ ଅକ୍ଷମ ହୁଅନ୍ତି, ଯେଉଁପରି ଗ୍ରୀଷ୍ମର ଉତ୍ତାପରେ ପତ୍ରଗୁଡ଼ିକ ଶୁଖିଗଲେବି ଡାଳରେ ବସା ବାନ୍ଧିଥିବା ଚଢ଼େଇର ନୀଡ଼ ଗଛର ବେଦନାକୁ ବୁଝିପାରେ ନାହିଁ କିମ୍ବା ତାକୁ କିଛି ବାଧେ ନାହିଁ । ଏ ମଧ୍ୟ ଗୋଟିଏ ଭଲ ଚିତ୍ରକଳ୍ପର ନମୂନା । ମୁଁ ତ ଆଶ୍ଚର୍ଯ୍ୟ ହୁଏ ରାଧାନାଥ ଓ ନୀଳକଂଠ କବିତାରେ ଏତେ ସୁନ୍ଦର ଚିତ୍ରକଳ୍ପ ପ୍ରୟୋଗ କରିଥିଲା ବେଳେ ସେମାନେ ଗୁରୁତ୍ୱର ସହିତ ଏ ଦିଗରେ ଆଲୋଚନାର ପରିସର ଭିତରକୁ ଆସନ୍ତି ନାହିଁ ଯେଉଁପରି ତାଙ୍କ ପରବର୍ତ୍ତୀ କବି ସଚ୍ଚିଦାନନ୍ଦ ରାଉତରାୟ ବା ଗୁରୁପ୍ରସାଦ ମହାନ୍ତି ଆସନ୍ତି । ଏହାର କାରଣ ନିଶ୍ଚୟ ସମାଲୋଚନାର ଅନୁସନ୍ଧାନର ବିଷୟ ହେବ ।

ପୁଣି ନରସିଂହଙ୍କ ସୈନ୍ୟମାନେ ନିଜ ନିଜ ଦଳବଳ ସହ ବଣ ଭିତରେ ବିଭିନ୍ନ ଦିଗରେ ଯାଉଥିବା ବେଳର ଦୃଶ୍ୟକୁ ନରାଜ ଛାଡ଼ି ମହାନଦୀ ବହୁ ଶାଖାରେ ଅନୂପ ଅଂଚଳରେ ପ୍ରବାହିତ ହେଉଥିବା ଦୃଶ୍ୟ ସହିତ ଉପମିତ କରାଯାଇଛି । ଏପରି ଏକ ଉପମାରେ ଦୃଷ୍ଟି ସାମ୍ୟକୁ ଲକ୍ଷ୍ୟ କରାଯାଇପାରେ । ପ୍ରାସାଦର ମୁକୁଟରେ କିମ୍ବା ଦେଉଳର ଚୂଡାରେ ରହିରହି ଦୋହଲି ଦୋହଲି ବାଜୁଥିବା ଘଣ୍ଟା ଶବ୍ଦକୁ ତରୁଣ ମନରେ ଫୁଟି ଉଠୁଥିବା କ୍ଷିପ୍ର ଭାବରାଜି ମଧ୍ୟରେ ସଂଯମର ଅଭ୍ୟୁଦୟକୁ ଉପମିତ କରାଯାଇଛି । ଏସବୁ ଉପମାରେ ନୀଳକଂଠଙ୍କ ବୌଦ୍ଧିକତାର ମାତ୍ରା ଅଧିକ । ଏସବୁ ଉପମା ରସପ୍ରିୟ ପାଠକ ଓ ସମାଲୋଚକକୁ ଅଧିକ ଭାବେ ଉଦ୍‌ବୋଧିତ (evocate) କରିପାରେ ନାହିଁ। ତଥାପି ଏସବୁ ପ୍ରୟୋଗରେ ପ୍ରାଚୀନ ଗତାନୁଗତିକତାର ଯେ ବ୍ୟତିକ୍ରମ ଘଟିଛି ଏକଥା ଅନାୟାସରେ କୁହାଯାଇପାରେ ।

ଆଉ ଅଧିକ ଆଲୋଚନାର ଅବକାଶ ନାହିଁ । କାବ୍ୟରେ ଯେଉଁ ଆବେଗ ପାଠକ ମନକୁ ଆଚ୍ଛନ୍ନ ଓ ଉଦ୍‌ବୁଦ୍ଧ କରେ ତାହାରି ଐକ୍ୟ ଏ କାବ୍ୟକୁ ମଂଜୁଳ ଓ ଚିତ୍ରାମୟ କରି ରଖିଛି । ପାଠକର ମନ କେଉଁଠାରେ କ୍ଳାନ୍ତ ହୁଏ ନାହିଁ, ପାଠକ ବିରକ୍ତି ଅନୁଭବ କରେ ନାହିଁ । ଯେ କୌଣସି ସାର୍ଥକ ସୃଷ୍ଟି ପାଇଁ ଏହାହିଁ ଆଭିମୁଖ୍ୟ ହେବା କଥା । ଏ କାବ୍ୟକୁ ବାରମ୍ବାର ପାଠକରିବା ପାଇଁ ପାଠକ ମନରେ ଆଗ୍ରହ ଆସେ, ମନରେ ତଥାପି ଅତୃପ୍ତି ଲାଗିରହେ । ପୁନଶ୍ଚ ଶିଶୁପାଳଗଡ଼ର ଯେଉଁ ଦୁରବସ୍ଥାର ଚିତ୍ର ବୃଦ୍ଧ ସାମନ୍ତଙ୍କ ମୁହଁରେ କବି କୁହାଇଛନ୍ତି, ତାହା ଖୁବ୍ ବର୍ଣ୍ଣନାଧର୍ମୀ ହେଲେବି ସତ୍ୟର ଅପ୍ରତ୍ୟୟ ନୁହେଁ । ଏହା ଏହା କାବ୍ୟଟିର ମୁଖ୍ୟ କରୁଣ ରସକୁ ଇଂଗିତ କରୁଛି ଓ ମାୟାଦେୀଙ୍କ ଅସହାୟ ମୃତ୍ୟୁରେ ଏହି କରୁଣରସ ପରିପୁଷ୍ଟ ହୋଇଛି । ପ୍ରେମର ଯେଉଁ ମହିମାଦୀପ୍ତ ନିଷ୍ଠା ଓ ତ୍ୟାଗର ଚିତ୍ର ଏଥିରେ ଫୁଟି ଉଠିଛି ତାହାର ପରିସମାପ୍ତି ପାଠକ ପ୍ରାଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିବାକୁ ସକ୍ଷମ । ଓଡ଼ିଆ କାବ୍ୟ ସାହିତ୍ୟର ପ୍ରବହମାନତାର ବିୟୋଗାନ୍ତକ ଧାରାର ଯେଉଁ ଅଭାବ ରାଧାନାଥ ଅନୁଭବ କରିଥିଲେ, ଗୋବନ୍ଧୁଙ୍କ 'ଧର୍ମପଦ' ଓ ନୀଳକଂଠଙ୍କ 'ମାୟାଦେବୀ' ତହିଁରେ ଗୋଟିଏ ଗୋଟିଏ ଅର୍ଘ୍ୟମାତ୍ର । ମାୟାଦେବୀ ଚରିତ୍ରରେ ସେଇ କାରୁଣ୍ୟ ଓ ସହାନୁଭୂତି ସୃଷ୍ଟି କରିବାରେ ନୀଳକଂଠ ସାର୍ଥକତା ଲାଭ କରିଛନ୍ତି - ଏହା କହିବା ବାହୁଲ୍ୟ ମାତ୍ର ।

ଏ କାବ୍ୟ ସଂପର୍କରେ ମୋର ଯାହା କହିବାର ଥିଲା ମୁଁ କହିସାରିଛି ଓ ନୀଳକଂଠଙ୍କ 'ରାମଚଣ୍ଡୀରେ ରାତ୍ରି ଓ ସକାଳ' କବିତାକୁ ନେଇ ଓଡ଼ିଆ ସାହିତ୍ୟର ସମାଲୋଚକମାନେ ରାଧାନାଥଙ୍କୁ ଯେପରି କଟାକ୍ଷ କରୁଥିଲେ ତାହା ବିରୁଦ୍ଧରେ ମୁଁ ପ୍ରତିବାଦ କରିଛି ମାତ୍ର । ଏପରି ତୁଳନାତ୍ମକ ସମୀକ୍ଷାରେ ନୀଳକଂଠଙ୍କ ସୃଷ୍ଟିର ଅବମୂଲ୍ୟାୟନ ହେଉନାହିଁ, ବରଂ ମର୍ଯ୍ୟଦା ବଢୁଛି । 'ମାୟାଦେବୀ' ପଢ଼ଇଲାବେଳେ ଓଡ଼ିଆ ସାହିତ୍ୟ ରାଜ୍ୟକୁ ମୋର ଦୃଷ୍ଟି ସ୍ୱତଃ ସଂପ୍ରସାରିତ ହୋଇ ଯାଇଛି । ମୋର ଧାରଣା ଜନ୍ମିଛି – ସବୁ ସାହିତ୍ୟ ବର୍ଗ-ସାହିତ୍ୟ (classics) ସ୍ତରକୁ ଉନ୍ନୀତ ହୋଇପାରେ ନାହିଁ, ସବୁ ସାହିତ୍ୟ ପୁରାଣ ସାହିତ୍ୟପରି ଶାଶ୍ୱତ ନୁହେଁ, କାରଣ ସବୁ ସାହିତ୍ୟ ନିଖିଳର ବ୍ୟଥା ଓ ବେଦନାକ ଚିରନ୍ତନ ମହାକାଳର ଏକକରେ ମାପି, କାଳର ସମସ୍ତ କ୍ଷୟକାରୀ ଶକ୍ତିକୁ ଉଲ୍ଲଙ୍ଘନ କରି ବଂଚିପାରେ ନାହିଁ । ଏଥିପାଇଁ ଯେଉଁ ବଳିଷ୍ଠ ଆତ୍ମାନୁଭୂତି, ଅନୁପ୍ରାଣନା, ଅନୁସନ୍ଧିତ୍ସା ଓ ଜ୍ଞାନ (ଧୀଶକ୍ତି) ଦରକାର ତାହା ସବୁ ଲେଖକଙ୍କ ପାଖରେ ନ ଥାଏ । ସବୁ ଲେଖକ ସେଥିପାଇଁ ବ୍ୟାସ ବାଲ୍ମୀକି, କାଳିଦାସ, ସାରଳାଦାସ, ଜଗନ୍ନାଥ ଦାସ, ଫକୀର ମୋହନ, ରାଧାନାଥ ଓ ଗୋପବଂଧୁ ହୋଇ ପାରନ୍ତି ନାହିଁ । ସବୁ ସାହିତ୍ୟ ବିଶାଳ ବୋଧିଦ୍ରୁମ ପରି ଚେରକୁ ପରିବେଶରେ ରସସିକ୍ତ କରି ଅନନ୍ତକାଳ ପାଇଁ ନିଜ ଶାଖା ପ୍ରଶାଖାକୁ ବିସ୍ତାରିତ କରିପାରେ ନାହିଁ । ପୁଣି ସବୁ ସାହିତ୍ୟରେ ମଣିଷ ଜୀବନର ବିପୁଳ ବୈଚିତ୍ର୍ୟର ପ୍ରତିଛବି ଫୁଟି ପାରେ ନାହିଁ । ଅସରନ୍ତି ଯାତ୍ରା ରହସ୍ୟର କାକଳି ଶୁଭେନାହିଁ । ସେଥିପାଇଁ ବହୁ ସୃଷ୍ଟି ମରିଯାଏ, ସେମାନଙ୍କ କବର ପାଖରେ କେହି ପରପିଢ଼ିର ଲେଖକ ଥରକପାଇଁ ମଧ ପ୍ରତିବେଦନାର ଅଶ୍ରୁ ଅର୍ଘ୍ୟ ବାଢ଼ନ୍ତି ନାହିଁ । ସାହିତ୍ୟରେ ବହୁ ସୃଷ୍ଟି ଅସହାୟ ଅପମୃତ୍ୟୁ ଅହରହ ଘଟୁଥାଏ । କିନ୍ତୁ ସତ୍ୟବାଦୀର ସାଧକମାନଙ୍କ କବିତାର ଯେ ମୃତ୍ୟୁ ନାହିଁ ତାହା ଏବେ ମଧ ପ୍ରତିପାଦିତ ହୋଇ ଚାଲିଛି । ସମାଲୋଚନାର ଅନ୍ୱେଷଣ, ଜୀବନକୁ ବଝି ବୁଝାଇବାର କାରୁକଳା ଏମାନଙ୍କ ସୃଷ୍ଟିକୁ ଏବେ ମଧ ମନ୍ଦିରର ଭାସ୍କର୍ଯ୍ୟ ପରି ଆଦରଣୀୟ କରି ରଖିଛି । କଳ୍ପନା ମଧରେ ପ୍ରଚଣ୍ଡ ମାନବିକ ସତ୍ୟର ଅନ୍ୱେଷଣ, ଜୀବନକୁ ବୁଝି ବୁଝାଇବାର ନୂତନ କାରୁକଳା, ଏସବୁ ସୃଷ୍ଟିକୁ କେବେବି ମଳିନ କରିବ ନାହିଁ । ନୀଳକଂଠଙ୍କ ମାୟାଦେବୀ ସେଇ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ଏକ ପୌରାଣିକ ସଂପତ୍ତି (classic property) ଭାବରେ ବିବେଚିତ ହେବ । ସକଳ ମାନସିକ ଦ୍ୱନ୍ଦ୍ୱ ପ୍ରତିବାଦ ଓ ସମର୍ଥନ ସତ୍ତ୍ୱେ ଏ କାବ୍ୟରେ ଏପରି ଏକ ସୂକ୍ଷ୍ମ ଭାବ ବୋଧ ରହିଛି ଯାହା ପାଠକର ମନ ଓ ପ୍ରାଣକୁ ନିଶ୍ଚୟ ଆଚ୍ଛନ୍ନ କରି ବସିବ । ଅସତ୍ୟ ଓ କଳ୍ପନାରୁ ଜୀବନର ଶାଣିତ ସତ୍ୟଆଡ଼କୁ ପାଠକକୁ ଘେନିଯିବ । ପାଠକ ସବୁଭୁଲି ସେଇ ସୁକୁମାରୀ ତରୁଣୀ ମାୟାଦେବୀଙ୍କ ଶାଶ୍ୱତ ପ୍ରଣୟ ପାଖରେ ନିଜର ଦୃଷ୍ଟି ବଳୟକୁ କେନ୍ଦ୍ରାୟିତ କରି ବସିବ – ଜଣାଇବ ସମମର୍ମିତା ଓ ସହାନୁଭୂତି । ଏହା ନୀଳକଂଠଙ୍କ ସୃଷ୍ଟିର ସର୍ବବାଦୀ ସମ୍ମତ ଅନୁମୋଦନ ମାତ୍ର । କିନ୍ତୁ ତାରୁଣ୍ୟର ଏଇ ଉଚ୍ଛଳଧାରା ରାଜନୀତିର କୁଟୀଳ ଗୈରିକତାରେ ଭିନ୍ନମୁଖୀ ହୋଇଗଲା । ଚିରଦିନ ସାହିତ୍ୟରେ ସ୍ୱକୀୟ ନାୟିକାର ଉପାସକ କବି ପରକୀୟା ରାଜନୀତିକୁ ବରଣ କରି ସାହିତ୍ୟର ଏ ରସଉଚ୍ଛଳ ଅମ୍ଳାନ ଧାରାକୁ ବିଖଣ୍ଡିତ କରିବସିଲେ– ଏହାହିଁ ଓଡ଼ିଆ ସାହିତ୍ୟ ପାଇଁ ଏକାନ୍ତ ଶୋଚନାର କଥା ।୧।

---

*।୧। ଦ୍ରଷ୍ଟବ୍ୟ – 'ସାରଳାରୁ ସଂପ୍ରତି'–ମାୟାଦେବୀ : ଏକ ମାନସିକ ଦ୍ୱନ୍ଦ୍ୱ – ନିତ୍ୟାନନ୍ଦ ଶତପଥୀ*

*ସତ୍ୟବାଦୀ ସାହିତ୍ୟଯୁଗ – ସଂପାଦନା–ନିତ୍ୟାନନ୍ଦ ଶତପଥୀ, ପ୍ରଫେସର ସତ୍ୟବାଦୀ ଚେୟାର*

*ଆଧୁନିକ ଓଡ଼ିଆ କାବ୍ୟଧାରା (ନବଜାଗରଣଯୁଗ)–ଡକ୍ଟର ନରେନ୍ଦ୍ରନାଥ ମିଶ୍ର ପ୍ରକାଶନ–ବିଶ୍ୱଭାରତୀ*

*ସତ୍ୟବାଦୀ ଯୁଗ–ଲେ. ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ*

## – 'ଖାରବେଳ' –

ଅତୀତ ଗୌରବ ଓ କଳିଙ୍ଗ ସମ୍ରାଟଙ୍କ ଆଉ ଏକ ଯୁଦ୍ଧଜୟ ଓ ପ୍ରେମକାହାଣୀ 'ଖାରବେଳ' ୧୯୨୦ ମସିହାରେ ରଚିତ । ଠିକ୍ 'ମାୟାଦେବୀ' ପରେ ପରେ । ସମ୍ରାଟଙ୍କ ବୀରତ୍ୱ ଓ ପ୍ରେମରେ ନିଷ୍ଠା ବା ସ୍ୱକିୟା ନାୟିକାରେ ଅନୁରକ୍ତି ପ୍ରଦର୍ଶନ ଏ କାବ୍ୟରେ ମୁଖ୍ୟ ବିଷୟ ବସ୍ତୁ । କବିଙ୍କର କହିବା କଥା ଆମେ ଏବେ ଯାହାକୁ ଓଡ଼ିଶା ବୋଲି କହୁଛେ ପ୍ରାଚୀନ କାଳରେ ତାହା ଉତ୍କଳ ଉଡ୍ର ଓ କଳିଙ୍ଗ – ଏହିପରି ତିନୋଟି ରାଜ୍ୟରେ ବିଭକ୍ତ ଥିଲା । ମେଦିନୀପୁର, ମୟୂରଭଂଜ, କେନ୍ଦୁଝର, ସିଂହଭୂମି, ମାଳଭୂମି ଥିଲା ପ୍ରାଚୀନ ଉତ୍କଳ ଅନ୍ତର୍ଭୁକ୍ତ । ବର୍ତ୍ତମାନର ଢ଼େଙ୍କାନାଳ, ଅନୁଗୁଳ, ହିଂଦୋଳ, ସଂବଲପୁର, ରାୟପୁର ଥିଲା ପ୍ରାଚୀନ ଉଡ୍ରଦେଶ । ବ୍ୟାଘ୍ର ରାଜ ବଂଶର ରାଜାମାନେ ଏଠାରେ ବହୁକାଳ ଧରି ରାଜତ୍ୱ କରୁଥିଲେ । ବାଲେଶ୍ୱର, ପୁରୀ, କଟକ, ଗଂଜାମ ଆଦି ଅଂଚଳ ଥିଲା ବିଶାଳ କଳିଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ । ଦକ୍ଷିଣରେ ଏ ସାମ୍ରାଜ୍ୟ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଆଜିକୁ ୨୨୦୦ ବର୍ଷ ତଳ କଳିଙ୍ଗର ଚେତରାଜ ବଂଶରେ ଖାରବେଳ ନାମକ ମହା ପରାକ୍ରାନ୍ତ ରାଜା ରାଜତ୍ୱ କରୁଥିଲେ । ସେତେବେଳେ ଓଡ଼ିଶାର ବଣିକମାନେ ପାରସ୍ୟ ଉପକୂଳ ପର୍ଯ୍ୟନ୍ତ (ବର୍ତ୍ତମାନର ଇରାନ୍) ସମୁଦ୍ରରେ ବାଣିଜ୍ୟ କରୁଥିଲେ । ଖାରବେଳ ସାମର୍ଥରେ ଦକ୍ଷିଣର ପାଣ୍ଡ୍ୟ ରାଜ୍ୟଠାରୁ ଉତ୍ତରର ମଗଧ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ପଶ୍ଚିମର ବର୍ତ୍ତମାନର ଆନ୍ଧ୍ର ରାଜ୍ୟ (ସେତେବେଳେ ସାତକର୍ଣ୍ଣି)କୁ ଜୟକରି ମହାରାଷ୍ଟ୍ର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେ ଜୈନଧର୍ମାବଲମ୍ବୀ ଥିବା ଜଣାଯାଏ । କିନ୍ତୁ ରାଜସୂୟ ଯଜ୍ଞ ମଧ୍ୟ କରିଥିଲେ । ସମ୍ଭବତଃ ଭୁବନେଶ୍ୱର ନିକଟବର୍ତ୍ତୀ କୌଣସି ସ୍ଥାନରେ ତାଙ୍କର ରାଜଧାନୀ ଥିଲା ଓ ସେ ସିନ୍ଧୁତୀରବର୍ତ୍ତୀ କୌଣସି କୃଷକରାଜ୍ୟର କନ୍ୟା ଧୂସିଙ୍କୁ ଭଲ ପାଇ ବିବାହ କରିଥିଲେ । ସିନ୍ଧୁନଦୀର ପଶ୍ଚିମ କୂଳରେ ପୂର୍ବ ଆଫଗାନ ଅଂଚଳରେ ବଜିର ବୋଲି ଗୋଟିଏ ଛୋଟ ରାଜ୍ୟଥିଲା । ଧୂସି ସେହି ବଂଶର ରାଜାଙ୍କର କନ୍ୟାଥିଲେ । ଖାରବେଳ ୨୪ ବର୍ଷ ବେଳେ ରାଜା ହୋଇଥିଲେ । ସେ ପ୍ରାୟ ୩୦ ବର୍ଷକାଳ ରାଜତ୍ୱ କରିଥିଲେ । ତା'ପରେ ଧୂସିଙ୍କ ସହିତ ସନ୍ୟାସ ଅବଲମ୍ବନ କରି ଉଦୟଗିରିରେ ସନ୍ୟାସୀ ପରି ରହିଲେ । ଏଇ ଉଦୟଗିରି (ଖଣ୍ଡଗିରି)ରେ ଆଜି ପରିବ୍ରାଜକମାନେ ଯେଉଁ ରାଣୀ ନଅର, ରାଣୀ ହଂସପୁରର ଗୁମ୍ଫା ଓ ଖୁମ୍ବମାନଙ୍କୁ ଦେଖୁଛନ୍ତି, ବିଶାଳ ତିନିଥାକିଆ ରଙ୍ଗାଳୟ ମଧ୍ୟ ରହିଛି ସେସବୁ ଖାରବେଳ ନିର୍ମାଣ କରିଥିଲେ । ଏଇଠି ହାତୀ ଗୁମ୍ଫାନାମକ ଯେଉଁ ଶିଳାଲେଖା ଅଛି ସେଥବରେ ବ୍ରାହ୍ମୀଭାଷା (ଖରୋଷ୍ଟ୍ରୀଲିପି)ରେ ସେ ନିଜ ରାଜତ୍ୱ ସମୟର କିଛି ବିବରଣୀ ଲେଖାଇଛନ୍ତି । ସେଥିରୁ ଅନୁମିତ ହୁଏ ଧୂସିଙ୍କ ଆଦେଶରେ ଜୈନ ସନ୍ୟାସୀଙ୍କ ପାଇଁ ଅନେକ ପଥର ଖୋଜନ କରି ଗୁଂଫାମାନ ନିର୍ମାଣ କରିଥିଲେ । ବିଶାଳ ଉଲଗ୍ନ ଜୈନମୂର୍ତ୍ତି ଏବେବି ଅକ୍ଷୁର୍ଣ୍ଣ ରହିଛି । ନୀଳକଂଠଙ୍କ ମତରେ ଖାରବେଳ ଚେତରାଜ ଐରବଂଶର ୩ୟ ରାଜାଥିଲେ ।

ସେତେବେଳେ ବାଲି, ସୁମାତ୍ରା ଆଦି ଦ୍ୱୀପାଞ୍ଚଳରେ କଳିଙ୍ଗର ବଣିକମାନେ ନିର୍ବିଘ୍ନରେ ବାଣିଜ୍ୟ କରୁଥିଲେ ବି ଆରବ ସାଗରରେ ପାରସ୍ୟ ଆଡ଼କୁ ଯାଇ ବାଣିଜ୍ୟ କରିବାକୁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିଲେ । ସେଥିପାଇଁ କଳିଙ୍ଗ, ଉଡ୍ର, ଉତ୍କଳ ଓ ପରେ ପାଣ୍ଡ୍ୟରାଜ୍ୟ ସହିତ ମିତ୍ରତା ହେତୁ ସେମାନଙ୍କର କିଛି ସୈନ୍ୟଧରି ସେ ପଶ୍ଚିମକୁ ରାଜ୍ୟ ଜୟ ପାଇଁ ଯାତ୍ରା କରିଥିଲେ । ବଜିର ଓ ପୁର ପ୍ରଭୃତି କେତୋଟି ରାଜ୍ୟରେ କୃଷକ ରାଜାମାନେ ରାଜ୍ୟ ଶାସନ କରୁଥିଲେ ଓ ସେମାନଙ୍କର କୃଷକ ସୈନ୍ୟ ବାହିନୀ ମଧ୍ୟ ଥିଲେ । ଆମର ଯେମିତି ପାଇକ ନାମରେ କୃଷକମାନେ ଦୀର୍ଘକାଳ ଧରି ରାଜାଙ୍କ ସହିତ ଯୁଦ୍ଧଯାତ୍ରାରେ ଯୋଗ ଦେଉଥିଲେ ସେମିତି ଭାରତର ଅଧିକାଂଶ ଦ୍ରାବିଡ଼ ରାଜ୍ୟରେ କୃଷକମାନେ ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରୁଥିଲେ । ବଜିର ରାଜା ସିନ୍ଧୁପ୍ରଦେଶର ପଶ୍ଚିମ ପର୍ଯ୍ୟନ୍ତ ବ୍ୟାପିଥିଲା । କିନ୍ତୁ ବୈଦେଶିକ ଆକ୍ରମଣରେ (ଯଥା ଆଲେକ୍‌ଜାଣ୍ଡର ବା ସିକନ୍ଦର ଇତ୍ୟାଦି) ରାଜ୍ୟଟି ବାରମ୍ବାର ଲୁଣ୍ଠିତ ହେଉଥିଲା । ଖାରବେଳଙ୍କ ସମୟରେ ଅର୍ଥାତ୍

ଖ୍ରୀ.ପୂ.୧ମ ଶତାବ୍ଦୀ ବେଳକୁ ଗ୍ରୀକ୍‌ବୀର ଡିମେଷ୍ଟ୍ରିଅସ୍ ଯାହାକୁ ଏ କାବ୍ୟରେ ଦତ୍ତିମ ବୋଲି ନୀଳକଂଠ ନାମକରଣ କରିଛନ୍ତି, ସେ ବଜିର ଓ ପୁର ପ୍ରଭୃତି ରାଜ୍ୟକୁ ନିଜ ଶାସନାଧୀନ କରି କୃଷକମାନଙ୍କୁ ଲୁଣ୍ଠନ କରୁଥିଲେ । ସେଥିପାଇଁ ଭୟଭୀତ ହୋଇ ବଜିର ରାଜା ତାଙ୍କ ରାଜଧାନୀ ସିଂହପଥକୁ ଛାଡ଼ି କୌଣସି ମିତ୍ରରାଜାଙ୍କ ପାଖରେ ଆଶ୍ରୟ ନେଇଥିଲେ । ବଜିର ରାଜ କନ୍ୟା ଧୂସିଙ୍କୁ କୃଷକପତି କନ୍ୟାଭାବେ ପାଳନ କରୁଥିଲେ । ଏଇ ଦତ୍ତିମ ଜୋର ଜବରଦସ୍ତ କରି ନାବିକ ଓ ବଣିକମାନଙ୍କଠାରୁ ପାରସ୍ୟ ସାଗରରେ କର ଆଦାୟ କରିବାରୁ ତାଙ୍କୁ ଜବତ୍ କରିବାଲାଗି ଖାରବେଳ ଯୁଦ୍ଧ ଯାତ୍ରାରେ ଯାଇଥିଲେ ।

ଖାରବେଳ ପ୍ରଥମେ ପଟଳ ନାମକ ସ୍ଥାନରେ ଛାଉଣି ପକେଇ ରହି ପାଖାପାଖି ବଜିର ଓ ପୁର ରାଜ୍ୟରୁ କୃଷକ ସେନା ସଂଗ୍ରହରେ ଲାଗି ପଡ଼ିଥିଲେ । ସେମାନେ ପ୍ରପୀଡ଼ିତ ହେଉଥିବାରୁ ଖାରବେଳଙ୍କୁ ସାହାଯ୍ୟ କରିବା କଥା । ଦିନେ ଘୋଡାରେ ଚଢ଼ି ସିନ୍ଧୁନଦୀ ପଶ୍ଚିମ ପାଖେ ବାଟ ଯାଉଥିବା ବେଳେ ବାଟ ଭୁଲିଗଲେ । ଅଦୂରରେ କେତେକ କୃଷକ ବାଳିକା ଖେଳୁଥିଲେ ଏବଂ ନଈକୂଳ ପଥରପିଣ୍ଡ ଉପରେ ଧୂସି ଆନମନା ହୋଇ ବସି ରହିଥିଲେ । ଖାରବେଳ ଧୂସିଙ୍କୁ ବାଟ ପଚାରି ଫେରି ଆସୁଥିବାବେଳେ ତାଙ୍କ ପ୍ରତି ଗଭୀର ଭାବେ ଆସକ୍ତ ହୋଇ ପଡ଼ିଥିବା ଅନୁଭବ କଲେ । ଏଇଠୁ କାବ୍ୟର ଆରମ୍ଭ ।

ବଜିରବାଳା ଧୂସି କିନ୍ତୁ ସେଇ ପଥର ପିଣ୍ଡ ଉପରେ ବସି ଅଶ୍ୱାରୋହୀଙ୍କ ଫେରନ୍ତା ପଥକୁ ଅପଲକ ନୟନରେ କେତେ କ୍ଷଣ ଚାହିଁ ରହିଥିଲେ । ସେତେବେଳେ ସେ ଖାରବେଳଙ୍କ ନାମ ହୁଏତ ଶୁଣିଥିଲେ କିନ୍ତୁ ସେ ସେଇ ଅଶ୍ୱାରୋହୀ ବୋଲି ଜାଣି ନ ଥିଲେ । ନିଜ ପରିଚୟ ମଧ୍ୟ ତାଙ୍କୁ ଦେଇ ନଥିଲେ । ସେ ବି ପଟଳକୁ କାହିଁକି ଆସିଛନ୍ତି ତାର କାରଣ ମଧ୍ୟ ବୁଝି ନ ଥିଲେ । ସେମାନଙ୍କ ସାକ୍ଷାତ ଥିଲା ଆକସ୍ମିକ, ସମ୍ଭବତଃ ବିଧି ନିର୍ଦ୍ଦିଷ୍ଟ । ତାଙ୍କର ଅନ୍ୟମନସ୍କତାକୁ ଦେଖି ଜଣେ ସଖୀ ପରିଚାରୀ କହିଲା –

''ଜାଣିଛୁ ଜାଣିଛୁ ବାଟବଣା ଯୁବା
ଆସି କହୁଥିଲେ କଥା,
ରାଜବାଳା ତୁହି ରାଜସୁତ କିସେ,
ଦେଲେ କି ପ୍ରାଣ ବାରତା ?''

ଧୂସି କିନ୍ତୁ ବ୍ୟଥାର ସହିତ ସହଚରୀଙ୍କୁ କହିଲେ ''ମୋତେ ପରିହାସ କରି ରାଜବାଳା ବୋଲି କାହିଁକି କହୁଚ ? ଏ ସମ୍ଭାଷଣ ମୋତେ ଆଉ ଭଲ ଲାଗୁନାହିଁ । ମୋ ଜୀବନର ସବୁ ସୁଖ ଓ ଶାନ୍ତି ଅଳ୍ପ ବୟସରୁ ସରିଯାଇଛି । ଧୂସି ଆଖିରୁ ଲୁହ ପୋଛିଲେ । ଦ୍ରାବିଡ଼ ଲଳନା ସଖୀ ବୁଝିଲେ ତାଙ୍କ କଥା ଧୂସିଙ୍କୁ ବହୁତ କଷ୍ଟ ଦେଇଛି । ପଲ୍ଲୀରେ ରହୁଥିବା ଏ ଦ୍ରାବିଡ଼ ବାଳିକାମାନେ ମୂଳରୁ ହିଁ ଜାଣିଛନ୍ତି ଧୂସି ରାଜବଳା । କିନ୍ତୁ କର୍ମ କଷଣକୁ ସେ କୃଷକ ପତିଙ୍କ ଘରେ ପାଳିତା କନ୍ୟା ଭାବେ ଜୀବନ ନିର୍ବାହ କରୁଛନ୍ତି । ଝୀନ କି ଦୋଷ କରିଛି ନିଜେ ବୁଝି ପାରୁ ନ ଥିଲା । ସେ ବାପାଙ୍କୁ (କୃଷକପତି) ପଚାରିଲା – ତୁମେ ପରା ଧୂସି ରାଜବଳା ବୋଲି କହିଥିଲା । ଏବେ ସେ କଥା କହିଲେ ସେ କାନ୍ଦୁଛି କାହିଁକି ? ମୋର ଭୁଲ୍ କେଉଁଠି ? କୃଷକପତି କନ୍ୟା ଝୀନକୁ ବୁଝାଇଦେଲେ ସେ କିଛି ଭୁଲ୍ କରିନି । କିନ୍ତୁ ଧୂସିର ପୁରୁଣା କଥା ବୋଧହୁଏ ମନେ ପଡୁଚି, ସେଥିପାଇଁ କାନ୍ଦୁଚି । ସେତ ରାଜକନ୍ୟା, କିନ୍ତୁ ନିୟତିର କ୍ରୂର ବିପାତରେ ସେ ଗ୍ରାମ୍ୟ ବାଳିକା ପରି ଏଠି ଜୀବନ ଯାପନ କରୁଛି । ବାପା କହିଲେ –

''ଥିଲା ତା ନବର ବଜିର ମହଲେ/ଶତଦାସୀ ସେବା କରୁଥିଲେ ତାରେ,
ଖେଳୁଥିଲା ସେହୁ ମଣିମାଣିକେ
ଫାଟିଲା କପାଳ ଅଳ୍ପ ବୟସେ/ କାହିଁଗଲେ ବାପ ଭାଇ କେଉଁଦେଶେ
ବଢୁଚି ସରଳା  କୃଷକ ପାଖେ ।''

ବାପା ଝୀନକୁ ପୁଣି ପଚାରିଲେ, ସେତ ତାର ସବୁ ଦୁଃଖକୁ ଭୁଲି ଏଠି ଚଳୁଥିଲା । ଆଜି କ'ଣ କିଛି ଘଟିଲାକି ଯେଉଁଥି ପାଇଁ ସେ ଏତେ  ବିମର୍ଷ ହୋଇ ପଡ଼ିଚି ?

ଝୀନ କହିଲା ଜଣେ ରାଜପୁରୁଷପରି ଚେହେରାର ଲୋକ ଘୋଡାରେ ଆସି ତାକୁ କଣ ପଚାରୁଥିଲେ । ତା' ପରଠାରୁ ସେ ଖୁବ୍ ବିରସ ହୋଇ ପଡ଼ିଛି ।

ତା'ପରେ ଗ୍ରାମପତି ଯାଇ ଖାରବେଳଙ୍କୁ ତାଙ୍କ ଶିବିରରେ ଭେଟି ସେମାନଙ୍କର ଦୁଃଖକଥା ଜଣାଇଥିଲେ । ଦତ୍ତିମ ଯେପରି ପ୍ରତିବର୍ଷ ବଢ଼ିପାଣି ମାଡ଼ିଆସିଲାପରି ଆକ୍ରମଣ କରି ସବୁ କିଛି ଲୁଣ୍ଠି ନେଉଛି । ଦତ୍ତିମ ତ୍ରାସରେ ବଜିରପତି ସିଂଧୁକୂଳ ବସତି ଛାଡ଼ି  ଜଙ୍ଗଲର ଲୁଚି ରହୁଛି କିମ୍ବା ପୋତି ବାହି କାଳ କାଟୁଛି । ସେ ଯଦି ଚାହିଁବେ କୃଷକ ସେନାମାନେ ଦତ୍ତିମ ସହିତ ଯୁଦ୍ଧରେ ତାଙ୍କୁ ସହଯୋଗ କରିବେ । ଘରକୁ ଫେରି ଏ କଥା ଗ୍ରାମପତି ଧୂସିକୁ କହିଥିଲେ ଓ ଧୂସି ଯୁବକ ବେଶରେ ସୈନ୍ୟ ଚାଳନା କରି ଯୁଦ୍ଧରେ ଯୋଗଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ।  ରଣ-କୌଶଳ ସହିତ, ଅଗ୍ନିଚାଳନା ସହ ତାଙ୍କର ପରିଚୟ ଅଛି । ବାପାଙ୍କ ସହିତ ମୃଗୟାରେ ଯାଇ ଶିକାର କରିଛନ୍ତି । ତେଣୁ ତାଙ୍କର ଯୁଦ୍ଧପାଇଁ ଭୟ ନାହିଁ । ସେହି ସେନାପତିଭାବେ ସୈନ୍ୟ ପରିଚାଳନା କରିବେ । ଗ୍ରାମପତି ଗ୍ରାମସଭା ଡାକି ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଲେ । କାହା କାହା ମଧରେ ଖାରବେଳଙ୍କ ଶକ୍ତି ଓ ସାମର୍ଥ୍ୟ ପ୍ରତି ସଂଶୟ ଜାତ ହେଲାତ କେହି କେହି ହଠାତ୍ ଏ ଯୁଦ୍ଧ କାହିଁକି ବୋଲି କହିଲେ ।  କିନ୍ତୁ ଗ୍ରାମପତି ଖୁବ୍ ସ୍ପଷ୍ଟ ଭାବରେ ସେମାନଙ୍କୁ ଖାରବେଳଙ୍କ ବଳ ବିକ୍ରମ ଓ ଏପର୍ଯ୍ୟନ୍ତ ଜିଣିଥିବା ଯୁଦ୍ଧର ବିବରଣୀ ଶୁଣାଇବା ପରେ ସେମାନଙ୍କ ମନରେ ସାହସ ଓ ଶକ୍ତି ସଂଚାର ହୋଇଥିଲା । ଯୁଦ୍ଧରେ ଯୋଗଦେବାକୁ ସମସ୍ତେ ନିଷ୍ପତ୍ତି ନେଇଥିଷଲ । ସ୍ୱାଧୀନତା ପାଇଁ ସମ୍ମୋହଥିଲା ଯୁଗର ବାର୍ତ୍ତା । ସେ ଆସ୍‌ପୃହା ଉତ୍କଳ-କଳିଙ୍ଗ ଠାରୁ ବଜିର ପର୍ଯ୍ୟନ୍ତ ଯୁବଜନୋଚିତ ଉନ୍ମାଦନା ଭାବେ ପ୍ରତ୍ୟକ୍ଷୀଭୂତ ହେଉଥିଲା । କିନ୍ତୁ ଧୂସିଙ୍କୁ ଦେଖିବା ପରଠାରୁ ଖାରବେଳଙ୍କ ମନରେ ଆସିଥିଲା ଦ୍ୱନ୍ଦ୍ୱ । ସମ୍ଭବତଃ ତାଙ୍କ ମନ ମଧ୍ୟରେ ପ୍ରେମର ତରଙ୍ଗ ଖେଳୁଥିଲା, ଯାହା ସେ କାହା ଆଗରେ ପ୍ରକାଶ କରିପାରୁ ନ ଥିଲେ । ତାଙ୍କ  ମନରେ ଶତ୍ରୁ ଦତ୍ତିମ ପ୍ରତି  ମଧ୍ୟ ଭୀତି ବଢ଼ିଯାଇଥିଲା । ଏହା ଥିଲା ହୃଦୟ ଜୂର ହୋଇଯିବାର ଲକ୍ଷଣ । କିନ୍ତୁ ବଜିରର କୃଷକ ସୈନ୍ୟମାନଙ୍କ ମଧରେ ଫିଟିଥିଲା ନବ ଉଦ୍‌ମାଦନା । ସୈନ୍ୟପରି ଚାଳନା କରୁଛନ୍ତି  ନିଜେ ଧୂସି ଯୁବସୈନିକ ବେଶରେ ।

ବିମଳ ବସନ                    ବିମଳ ଭୂଷଣ
ବିମଳ ବରନ ସେ ସେନାପତି
ଉଜଳେ ସଇନ                    ତରୁଣ ଅରୁଣ
ଉଜଳେ ଯେସନ ବନ ବ୍ରତତୀ ।

ସୈନ୍ୟମାନେ ଏ ସୌମ୍ୟଦର୍ଶନ ଯୁବକଙ୍କୁ ସେନାପତି ଭାବରେ ପାଇ ମୁଗ୍ଧ ହୋଇ ଯାଉଥିଲେ । ସେ ସୈନ୍ୟମାନେ ଏ ସୌମ୍ୟଦର୍ଶନ ଯୁବକଙ୍କୁ ସେନାପତି ଭାବରେ ପାଇ ମୁଗ୍ଧ ହୋଇ ଯାଉଥିଲେ । ସେ ବୀର କିଏ ନ ଜାଣିଲେ ବି

ସେମାନେ କିନ୍ତୁ ତାଙ୍କ ଆଗମନରେ ହୋଇ ଉଠିଥିଲେ ଆଶାନ୍ୱିତ । ସୈନ୍ୟ  ବାହିନୀ ବୀର ଦର୍ପରେ ଆଗକୁ ଆଗକୁ ମାଡ଼ି ଚାଲିଥିଲେ । ଏ ବୃଷଳ ସୈନ୍ୟମାନଙ୍କୁ ଦେଖି ଖାରବେଳ ବିସ୍ମିତ ହେଉଥିଲେ ଓ ସେମାନଙ୍କ ସେନାପତିଙ୍କ ସହିତ ଆଲୋଚନା ରତ ରହୁଥିଲେ । ଉଭୟଙ୍କ ମଧ୍ୟରେ  ବେଳେ ପ୍ରୀତିପୂର୍ଣ୍ଣ ଯୁକ୍ତି ତର୍କ ବି ଲାଗୁଥିଲା, ଖାରବେଳ ନିଜର ଅଭିଜ୍ଞତା । ପ୍ରକାଶ କରି ଯୁବ ସେନାପତିଙ୍କୁ ମନ୍ତ୍ର ମୁଗ୍ଧ କରି ଦେଉଥିଲେ । ଧୂସି ଯେତେବେଳେ ହସି ହସି ନିଜର ମତାମତ ଉପସ୍ଥାପନ କରୁଥିଲେ ଖାରବେଳ ମୁଗ୍ଧ ହୋଇ  ମଉନ ଭାବେ ଶୁଣୁଥିଲେ । ଖାରବେଳ ଅଲକ୍ଷ୍ୟରେ ଯୁବକଙ୍କ ପ୍ରତି ଆସକ୍ତ ହୋଇ ଉଠୁଥିଲେ ।

ଦିନୁ ଦିନ ଦୁଇଜଣେ ମିଶିଯାଏ ପରାଣ

ବିଚିତ୍ର ପୀରତି ଲୀଳା, କାହାର ଏ ଭିଆଣ ?

ଖାରବେଳ ଭାବୁଥିଲେ ଏ ବୃଷଳପତି ଓ ବଜିର ବୀର ସେନାପତି ମୋତେ କେତେ ପ୍ରକାର ଆଦର ଅଭ୍ୟର୍ଥନା ଦେଉଛନ୍ତି । ସେମାନଙ୍କର ଆଶା ଦୃଢ଼ତର ହୋଇଛି ମୋ ସାହାଯ୍ୟରେ ସେମାନେ ତାଙ୍କ ହୃଦରାଜ୍ୟ ଫେରିପାଇବେ । ଶାନ୍ତ ଓ ସୁଖରେ ଜୀବନ ନିର୍ବାହ କରିବେ । ସତେରେ କଣ  ମୁଁ ତାଙ୍କ ଆଶା ପୂରଣ କରିପାରିବି ? ବେଳେବେଳେ ତାଙ୍କ ମନରେ ଆଶଙ୍କା ଜାତ ହେଉଥିଲା କିନ୍ତୁ ସେନାପତିଙ୍କ  ଉତ୍ସାହଦୀପ୍ତ କଥା ଶୁଣି ସେ ଆଶଙ୍କା ଦୂରୀଭୂତ ହେଉଥିଲା । ସେ ସେ ଯୁବ ସେନାପତିଙ୍କୁ ଚାହିଁଲା ମାତ୍ରେ –

ଚାହିଁଲେ ଫୁଟଇ ସୁମନ ହାସ,
ସଂଗୀତ ତାର ବଚନ–ପ୍ରକାଶ
ଅଂଗେ ଅଂଗେ ଝରେ ତରଳ ଦ୍ୟୁତି
ସମର–ରଂଗେ ପ୍ରକଟେ କୀରତି ।

ଖାରବେଳ ଭାବୁଥିଲ ସେ ଧୂସି ସଂପର୍କରେ ଏ ଯୁବକକୁ  ପଚାରିବେକି ? ପୁଣି ଭାବନ୍ତି ନା, ପଚାରିବା ବୋଧହୁଏ ଠିକ୍ ହେବନି । '' ଜଗତେ କେତେ ଅଛନ୍ତି ତ ନାରୀ/ କିପାଁ ପରାଣ ହୁଏ ଏତେ ଘାରି ?'' ଖାରବେଳ ନିଜ ମନକୁ ଆୟତ୍ତ କରି ଆଗକୁ ଆସୁଥିବା ଯୁଦ୍ଧ କଥା ଚିନ୍ତା କରନ୍ତି ।

ସେତେବେଳେ ଜୈନ ଓ ବୌଦ୍ଧ ସନ୍ନ୍ୟାସୀମାନେ ଯୁଦ୍ଧ ନିବାରଣ ପାଇଁ ପ୍ରଚାର କରୁଥିଲେ । ଏହିପରି ଜଣେ ସନ୍ନ୍ୟାସୀ  ସୁଗତ ପ୍ରଚାର କରୁଥିଲେ ଇନ୍ଦ୍ରିୟଭୋଗ ସ୍ପୃହାପରି ଏ ଯୁଦ୍ଧ ନିଶା । ଏଥିରୁ ନିବୃତ୍ତ ନ ହେଲେ ମଣିଷ ସମାଜ ପାଇଁ ଶାନ୍ତି ଓ ମୁକ୍ତି ନାହିଁ । ସେ ନିଜ ଆଡୁ ଦତ୍ତିମ ପାଖୁ ଯାଇ ଯୁଦ୍ଧବନ୍ଦ ପାଇଁ ପ୍ରସ୍ତାବ ଦେବେ । ଗରିବ କୃଷକ ରକ୍ତରେ ଏ ଯୁଦ୍ଧର ହୋରି ଖେଳ କାହିଁକି ? ସେଇ ଯବନ ଦେଶରୁ ତ ଦିନେ ସିକନ୍ଦର ଆସିଥିଲେ ଓ ଅସୀବଳରେ ସମସ୍ତ ଧରଣୀକୁ ଅଧିଗତ କରିବା ପାଇଁ  ମନରେ ଲାଳସା ପୋଷଣ କରିଥିଲେ । ଅଥଚ ମଲାବେଳେ କାନ୍ଦିକାନ୍ଦି ମାଟିକୁ ଓଦା କରି ଦେଇଥିଲେ । ଜୀବନସାରା ଭୁଲ୍‌କାମ କରିଛନ୍ତି ବୋଲି ନିଜେ ସ୍ୱୀକାର କରିଥିଲେ । ଏ ଦତ୍ତିମତ ପୁଣି ସେଇ ରାଜ୍ୟରୁ (ଗ୍ରୀସ୍) ଆସି ଯୁଦ୍ଧରେ ରକ୍ତନଦୀ ବୁହାଇବାକୁ ବସିଛନ୍ତି । ସୁଗତଙ୍କୁ କଥାବାର୍ତ୍ତାରେ ସମ୍ଭବତଃ ଦତ୍ତିମ ଆକୃଷ୍ଟକରି ନେଇଥିଲା । ସେ ଯୁଦ୍ଧବଳ ପ୍ରସ୍ତାବରେ ରାଜି ବୋଲି କହି ସୁଗତଙ୍କୁ ଭୁଲାଇ ଦେଇଥିଲା । ତା' କଥାରେ  ସତମଣି ସୁଗତ ଫେରି ଆସି ଖାରବେଳଙ୍କ  ଶିବିରରେ ସେଇବାର୍ତ୍ତା ଦେଇଥିଲେ । କିନ୍ତୁ ବଜିର ସେନାପତି ଯୁବବେଶୀ ଧୂସି ଏ ପ୍ରସ୍ତାବକୁ ଛଳନା ବୋଲି କହି ଯୁଦ୍ଧ ପ୍ରସ୍ତୁତିରେ ହେଳା ନ କରିବାକୁ ଖାରବେଳଙ୍କୁ ପରାମର୍ଶ

ଦେବା ସହିତ ନିଜେ ପାର୍ବତ୍ୟ ପଥରେ ଦତ୍ତିମ ସେନାବାହିନୀକୁ ପଛଆଡୁ ଆକ୍ରମଣ କରିବାପାଇଁ କୌଶଳ ପ୍ରକାଶ କରିଥିଲେ । ମିଳିତ ବାହିନୀ ମରୁଭୂମିର ବାଲୁକା ଶଯ୍ୟାକୁ ଅତିକ୍ରମ କରି ଉତ୍ତର ପଥରେ ପାର୍ବତ୍ୟ ଅଂଚଳ ଆଡ଼କୁ ଆଗେଇ ଚାଲିଲେ । ସମ୍ଭବତଃ ସେମାନେ ବଜିର ରାଜଧାନୀ ସିଂହପଥ ଆଡ଼େ ଆଗେଇ ଯାଉଥିଲେ । ତାହାହିଁ ଥିଲା ଧୂସିଙ୍କ ଜନ୍ମଭୂମି । ଅତି ସଂକଟପୂର୍ଣ୍ଣ ପାର୍ବତ୍ୟ ଅଂଚଳ ।

ଏହି ସମୟରେ ସମ୍ବାଦ ଆସିଲା ଯେ ସୁଗତଙ୍କ କଥାରେ ଭୁଲି ଦତ୍ତିମ ଯୁଦ୍ଧ ବନ୍ଦ କରି ନିଜ ଦେଶକୁ ଫେରିଯାଇଛନ୍ତି । କିନ୍ତୁ ତାହା ଦତ୍ତିମର କୌଶଳମାତ୍ର ଥିଲା । ଚାନ୍ଦିନୀ ରାତିରେ ସେ ଲୁଚି ଲୁଚି ଆସି ବଜିର ନିକଟରେ ରଣଭେରୀ ସିଂଘାନାଦରେ ରାତ୍ରି ଆକାଶକୁ ଚମକେଇ ଦେଲା । ଖାରବେଳ ଓ ତାଙ୍କ ସୈନ୍ୟମାନେ ଏ ପ୍ରତାରଣାରେ ସଂତ୍ରସ୍ତ ହୋଇ ଉଠିଲେ । ଆର୍ଯ୍ୟ ରାଜାମାନେ ଏପରି କପଟାଚରଣରେ ଅଭ୍ୟସ୍ତ ନ ଥିଲେ । ସହଯୋଗୀ ପାଣ୍ଡ୍ୟ ସୈନ୍ୟମାନେ ମଧ୍ୟ ବିଚଳିତ ହୋଇ ଉଠିଲେ କିନ୍ତୁ ବଜିର ବୀର ସେନାପତି ଏ କପଟାଚରଣର ଚନ୍ଦବାରି ଆଗରୁ ସିନ୍ଧୁଧାରେ ଧାରେ ନିଜ ସୈନ୍ୟମାନଙ୍କୁ ଚାଳନାକରି ଦତ୍ତିମକୁ ପଛରୁ ଆକ୍ରମଣକରିବା କୌଶଳରେ ଆଗେଇ ଯାଇଥିଲେ । କିନ୍ତୁ କ୍ଷଣକ ପାଇଁ ହେଲେ ମଧ୍ୟ ଖାରବେଳଙ୍କ ମନରେ ଏକ ପାପଚିନ୍ତା ଆସିଥିଲା – ସମ୍ଭବତଃ ସେ ସୌମ୍ୟ ସେନାପତି ନିଜ ସୈନ୍ୟମାନଙ୍କୁ ଧରି ଦତ୍ତିମ ସହିତ ଗୋପନରେ କିଛି ମନ୍ତ୍ରଣା କରୁଛନ୍ତି । ନଚେତ୍ ସେ ଯୁଦ୍ଧକ୍ଷେତ୍ରରୁ ଉଭାନ୍ ହୋଇଗଲେ କାହିଁକି ? ଏ ଅଚିହ୍ନା ବଜିର ରାଜ୍ୟରେ ତାଙ୍କୁ କିଛି ବାଟ ଦେଖାଯାଉ ନ ଥିଲା । ତଥାପି ନିରାଶ ନ ହୋଇ ଖାରବେଳ ପ୍ରତିଶିଙ୍ଘାନାଦରେ ଗଗନ, ପବନ, ଗିରି ଦରୀ ଉଚ୍ଛୁଳେଇ ଦେଲେ । ତୁରଙ୍ଗ ଓ ହାତୀମାନେ ଗର୍ଜିଉଠିଲେ । ଦୂରରୁ ଭେରୀନାଦ ଶୁଣାଯାଉଥିଲା । କଳିଙ୍ଗ ସେନାମାନେ ପ୍ରତିଭେରୀ ନାଦରେ ବଣଭୂମିକୁ ଉଚ୍ଛୁଳେଇ ଦେଲେ । ସେତେବେଳେ ଦତ୍ତିମର ସୈନ୍ୟମାନେ ଗିରି ଶିଖରରେ ପହଂଚି ଯାଇଥିଲେ । କଳିଙ୍ଗ ବାହିନୀ ଦୃଢ଼ ଭାବରେ ଅବରୋଧ କରିବା ଆରମ୍ଭ କରିଦେଲେ । ସମ୍ଭବତଃ ଉଭୟପକ୍ଷ ସକାଳର ଆଗମନକୁ ଅପେକ୍ଷା କରୁଥିଲେ । ସେତେବେଳେକୁ ପଛପଟରୁ ବଜିର ସୈନ୍ୟମାନେ ଦତ୍ତିମ ସୈନ୍ୟକୁ ଘେରି ବସିଥିଲେ । ଆଗରେ ବିଶାଳ କଳିଙ୍ଗ ସେନା । ଦତ୍ତିମ ପଳେଇ ଯିବାକୁ ଚେଷ୍ଟାକରି ବିଫଳ ହେଉଥିଲେ, କାରଣ ଦୁଇପାଖରୁ ବର୍ତ୍ତମାନ ତାର ସୈନ୍ୟମାନେ ଘେର ଭିତରେ ଅବରୁଦ୍ଧ । ସକାଳ ହୋଇ ଆସୁଥିଲା । ଗିରି ପଥରେ ବାଟ ନ ପାଇ ଦତ୍ତିମର ସୈନ୍ୟମାନେ ଛିନ୍ନଛତ୍ର ହୋଇ ଯାଉଥିଲେ । ଯୁଦ୍ଧ ଅପେକ୍ଷା ଆତ୍ମରକ୍ଷା ଓ ପଳାୟନ ଥିଲା ସେମାନଙ୍କ ପାଇଁ ଏକମାତ୍ର ବାଟ । ସେମାନେ ବାଧହୋଇ ଚିରାଳକୁ ନତକରି ଯୁଦ୍ଧ ବିରତି ଘୋଷଣା କଲେ । ତଥାପି ଶହଶହ ଶର, ବର୍ଚ୍ଛା, ଆଶୁଗ କଳିଙ୍ଗ ସେନା ଉପରକୁ ଫିଙ୍ଗୁଥାନ୍ତି । ନିଜେ ଖାରବେଳ ପିନ୍ଧିଥିବା ମୁକୁଟ ବାଳ କିରଣରେ ଜକଜକ କରୁ ଥିବାରୁ ଶତ୍ରୁ ସେନାମାନେ ତାଙ୍କୁ ହିଁ ଶର ନିକ୍ଷେପ କରି ଚାଲିଥାନ୍ତି । ଖାରବେଳ ପର୍ବତର ଶିଖର ଦେଶରେ ବଜିର ପତାକା ମାଳ ମାଳ ଦେଖି ଆଶ୍ୱସ୍ତ ହେଲେ ଯେ ଶତ୍ରୁ ବର୍ତ୍ତମାନ ସଂପୂର୍ଣ୍ଣ କବଳିତ । ଆଉ ଅଯଥା ରକ୍ତପାତ କାହିଁକି ? ତାହାହିଁ ଆର୍ଯ୍ୟର ଯୁଦ୍ଧ-ଧର୍ମ । କିନ୍ତୁ ଏହି ସମୟରେ ତାଙ୍କ ଅଲକ୍ଷ୍ୟରେ ଏକ ଶର ଆସି ତାଙ୍କ କଂଚୁକ ଭେଦ କରି ବକ୍ଷରେ ଆଘାତ ଦେଲା । ସେ ଅଶ୍ୱପୃଷ୍ଠରୁ ଢ଼ଳିପଡ଼ିଲେ । ସେତେବେଳକୁ ଦତ୍ତିମର ସୈନ୍ୟମାନେ ବନ୍ଦୀ ହୋଇ ସାରିଥିଲେ । ଦତ୍ତିମ କିନ୍ତୁ ପରାଜୟର ଗ୍ଲାନିରେ କୌଣସି ଗୋପନ ବାଟ ଧରି ପଳାୟନ କରିଥିଲା । ବଜିର ସୈନ୍ୟମାନେ ଜୟ ଜୟ କାରରେ ଚତୁର୍ଦ୍ଦିଗ ମୁଖରିତ କରୁଥିଲେ । ବଜିର ସେନାପତି କିନ୍ତୁ ବିମର୍ଷ ଚିତ୍ତରେ ଖାରବେଳଙ୍କୁ ତୋଳିଧରି ସେବା ଶୁଶ୍ରୁଷାରେ ଲାଗିଥିଲେ । ସୁଗତଙ୍କୁ ଡକାଇ ସହସା ଚେର ମୂଳ ଔଷଧର ଲେପ କ୍ଷତସ୍ଥାନରେ ଦିଆଗଲା । ବଜିର ରାଜଧାନୀକୁ ତାଙ୍କୁ ବୋହି ନିଆଯାଇଥିଲା । ଧୂସି ନିଜେ ତାଙ୍କ ଶଯ୍ୟା ପାଖରେ ବସି ବାରମ୍ବାର ଖାରବେଳଙ୍କ ନାଡ଼ି ପରୀକ୍ଷା କରୁଥିଲେ । ସେ କିନ୍ତୁ କଥା କହିପାରୁ ନ ଥିଲେ । ଧୂସି କିନ୍ତୁ ଆଶା ହରାଇ ନଥିଲେ । ସେ ଜାଣିଥିଲେ ତାଙ୍କ ପ୍ରେମ ଶକ୍ତିରେ ଖାରବେଳ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ସେ ନିଜକୁ ଅପରାଧୀ ମନେ କରୁଥିଲେ । ତାଙ୍କରି ପାଇଁ

ସିନା ସେ ବଜିରକୁ  ଯୁଦ୍ଧ କରିବାକୁ ଆସିଲେ ଓ ଗିରି ସଂକଟକୁ ଜଗି ରହିଥିଲେ । ବଜିର ରାଜା ଧୂସିଙ୍କ ବାପା ତାକୁ ଖାରବେଳଙ୍କ ଦେହ କଥା ପଚାରିଲାମାତ୍ରେ ଧୂସି କଣ ବା ଉତ୍ତର ଦେବେ । ତାଙ୍କ ଛାତିରୁ ଦୀର୍ଘଶ୍ୱାସ ଓ ଆଖିରୁ ଲୁହ ବୋହି ଚାଲିଥିଲା । ବାପା ବୃଦ୍ଧ ପିତା ବୁଝିଗଲେ – ଏହା ପ୍ରେମର ଆଦ୍ୟ ସ୍ଫୁରଣମାତ୍ର ।

ଭୀମକାନ୍ତ ଏ ପୀରତି/ଅଦ୍ଭୁତ ଏହାର ଗତି/କେ ଗାଇବ ସେ ପୀରତି ଚିତ୍ର ବିଧାନ ? ଖାରବେଳଙ୍କ ଶଯ୍ୟା ପାଖରେ କେତେଦିନ ଓ କେତେ ବିନିଦ୍ର ରାତି ବିତାଇ ଧୂସି ସେମିତି ତାଙ୍କ ସେବାରେ ମଗ୍ନ ରହୁଥିଲେ । ବାପା ଓ ଭାଇ କଳିଙ୍ଗ ଶିବିରକୁ ଯାଇ ଧୂସିଙ୍କର ଏ ସେବା ଦେଖି ବିସ୍ମିତ ହୁଅନ୍ତି । ସବୁବେଳେ ସେ ପ୍ରାଣର ଆବେଗରେ ଖାରବେଳଙ୍କୁ ଚାହିଁ ରହିଥାଏ, ପଲକ ବି ପଡ଼େ ନାହିଁ । କେତେଦିନ ପରେ ଆଖି ଫିଟାଇ ସେଇ ସେବାୟିତ୍ରୀଙ୍କ ଚାହିଁ ଖାରବେଳ ''ସେନାପତି'' ବୋଲି ସମ୍ବୋଧନ କରନ୍ତେ ଧୂସି ଚମକି ଉଠିଲେ । ଶିରରେ ମୁକୁଟ ଓ ପୃଥୁଳ ଉରରେ କଂଚୁକ ଥିବା ସତ୍ତ୍ୱେ ତାଙ୍କ ଛାତି ଯେପରି ଥରି ଉଠୁଥିଲା । ଖାରବେଳ କହିଲେ ମୋ ଛାତିରେ ହାତଦେଇ ଦେଖ କେଉଁ ସ୍ମୃତିରେ ଏ ଛାତି ଥରି ଉଠୁଛି । ଡାକିଲେ କିଛି ଉତ୍ତର ଦେଉନା କାହିଁକି ? ମୋତେ ସିଧାସଳଖ ଚାହୁଁ ନାହିଁ କାହିଁକି ? ମୋ ସହିତ କିଛି ଛଳନା କରୁ ନାହିଁତ ?

ଖାରବେଳ ଆରୋଗ୍ୟ ଲାଭ କଲାମାତ୍ରେ ପଟଳର ସେଇ ନଦୀକୂଳ ପଥର ମୁଣ୍ଡିଆ ପାଖୁ ଯିବାକୁ ବ୍ୟସ୍ତ ହୋଇ ପଡୁଥିଲେ । ସାଙ୍ଗରେ ଥିଲେ ପୁରୁଷ ବେଶରେ ଧୂସି । ଏବେ ମଧ୍ୟ ସେ ନିଜର ପରିଚୟ ଖାରବେଳଙ୍କୁ ଦେଇ ନଥାନ୍ତି । ସେ ଏବେବି  ତାଙ୍କର ସୌମ୍ୟଦର୍ଶନ ପ୍ରିୟ ସେନାପତି । ବେଳେବେଳେ ସେ ଏକାକୀ ସେଇ ପ୍ରସ୍ତର ପିଣ୍ଡପାଖୁ ଯାଇ କାହାକୁ ଖୋଜି ହେଉଥିଲେ । ନ ପାଇ ଶିବିରକୁ ଫେରୁଥିଲେ ବିଷାଦ ଭାବନା ନେଇ । ସେନାପତିଙ୍କ ହୃଦୟ ଦୃଦୟ ଥରି ଉଠୁଥାଏ । ତାଙ୍କ ଭାବନା ଉଚ୍ଛଳା ପ୍ରେମ ସହିତ ସଂଶୟ ବସାବାନ୍ଧିଥାଏ । ''ସତେ କଣ ସେ ବୀର ସେଇଦିନ ନିକାଞ୍ଚନରେ ମୋତେ ଦେଖି ମନେ ରଖିଛନ୍ତି ।'' ଏ କଂଚୁକ  ତଳୁ ସେ ସେଦିନର ତରୁଣୀକୁ  କାହିଁକି ଆବିଷ୍କାର କରୁ ନାହାଁନ୍ତି ? କବି କହୁଛନ୍ତି –

''ଖାରବେଳ ସିନା ପୁରୁଷ ପିପାସା–
ବିଭ୍ରମେ କରନ୍ତି ରତି,
ତରଳ ହୃଦୟେ କବଚ କିରୀଟ
କିଂପା ଦର ସେନାପତି ?''

ବାରମ୍ବାର କଳିଙ୍ଗରୁ ରାଜମାତା ଚର ପଠାଇ ଶୀଘ୍ର ଫେରିବାକୁ ଖାରବେଳଙ୍କୁ ସନ୍ଦେଶ ଦେଲେଣି । ଏତେକାଳ ବିଦେଶରେ ରହିବାରୁ ତାଙ୍କ ମନରେ ଅସ୍ଥିରତା ସ୍ୱାଭାବିକ ବଢ଼ି ବଢ଼ି ଚାଲିଚି । ଏବେ କଳିଙ୍ଗ ଶିବିରରେ ଫେରିବା ପାଇଁ ଚହଳ ପଡ଼ିଲାଣି । ଉତ୍ତରା ପବନ ପଡ଼ିବାମାତ୍ରେ ପଟଳ ଶିଳାପିଣ୍ଡ ପାଖୁ ଯାଆନ୍ତି । ସରଳ କୃଷକବଳା ବେଶରେ ଧୂସି ସେଇଠି ତାଙ୍କୁ ଦେଖା ଦିଅନ୍ତି । କେବେ ତାଙ୍କୁ ନ ପାଇ ଖାରବେଳ ବିଷାଦ ମଗ୍ନ ହୋଇ ଫେରି ଆସନ୍ତି । ଭାବନ୍ତି ତାଙ୍କ ବିଷୟରେ ଯୁବ ସେନାପତିଙ୍କୁ ସବୁକଥା କହି ଅନ୍ତରକୁ ଆଶ୍ୱସ୍ତ କରିବେ । ଏ ଦୂର ବିଦେଶରେ ତାଙ୍କର ଆଉ କିଏ ବା ସଖା ଅଛି ଯାହାକୁ ମନ କଥା କହି ପାରିବେ ? ଖାରବେଳଙ୍କର ସେ ବିଷାଦ ମଗ୍ନ ମୁହଁକୁ ଦେଖିବ ସେନାପତିଙ୍କୁ ଖୁବ୍ ଭଲ ଲାଗେ । ବୁଝିପାରନ୍ତି ନାହିଁ ବୀର ଖାରବେଳଙ୍କୁ ସେଇ ବିଷାଦ ମଗ୍ନ ଅବସ୍ଥାରେ ଦେଖିବାକୁ ତାଙ୍କୁ କାହିଁକି ଏତେ ଭଲ ଲାଗୁଚି ? ରୋଗ ଶଯ୍ୟା ପାଖରେ ତାଙ୍କର ଅନୁଭୂତି ଠିକ୍ ବିପରୀତ ଲାଗୁଥିଲା । ଏବେ ସେ ଏକା ଏକା ବୁଲି ଯାଉଛନ୍ତି । ସେନାପତିଙ୍କ ବ୍ୟବହାରରେ କିଛି ଆଶଙ୍କା ମଣୁଛନ୍ତି କି ? ଛଦ୍ମବେଶ କଥା ଜାଣି ରାଗିବେନିତ ? ସେ ତ ମନେ ମନେ

ସେଇ ନିରୀହା କୃଷକ କନ୍ୟା ଧୂସିକୁ ଖୋଜୁଛନ୍ତି – ଯାହାର ନାମ ମଧ୍ୟ ଏ ଯାଏ ଜାଣି ନାହାନ୍ତି । କଣ କରିବେ – ଧୂସି ଭାବି ପାରୁ ନ ଥିଲେ । ତାଙ୍କ ମନ ଆଶା ଓ ଆଶଙ୍କାରେ ଦୋଳାୟିତ ହେଉଥିଲା । ସେ ବାଭୁଥିଲେ ସଖା ବୋଲି ସମ୍ବୋଧନ କରି ଏତେ ଆଦର କରୁଛନ୍ତି । ଅଥଚ ଏ ଯାଏ ସେ ନିଜର ଛଦ୍ମରୀତିକୁ କାହିଁକି ପରିହାରକରି ପାରୁ ନାହାନ୍ତି ? ସେ ଭାବୁଛନ୍ତି କି କାଳ ସେ ତାଙ୍କ ଲାଏକ ହେବେ ନାହିଁ, କାଳେ ତାଙ୍କ ପ୍ରେମରୀତିକୁ ଖାରବେଳ ପ୍ରତ୍ୟାଖାନ କରିବେ ? କୃଷକ ପତି ମଧ୍ୟ ତାଙ୍କ ଆଗରେ ମୋ ସ୍ୱରୂପକୁ ଲୁଚେଇ ରଖିଛନ୍ତି । ସେ ଯଦି ଏଥିପାଇଁ ବିପରୀତ ମଣନ୍ତି ? ଏହିପରି ନାନା ଦୁଃଶ୍ଚିନ୍ତାର ଧୂସିଙ୍କ ମନ ଓ ପ୍ରାଣ ଦୋଳାୟିତ ହେଉଥିଲା । ସେ ଭାବୁଥିଲେ –

ଭାଷା ନାହିଁ ମୁଖେ ଦେବି ଜଣାଇ / ବଳ ନାହିଁ, ହୃଦ ଦେବି ଫିଟାଇ,
ଦେଖାଇବି ମୁଖ ନାହିଁ ସାହସ / ଆପଣେ ସୁମରି ଘୋଟଇ ତ୍ରାସ ।

ଖାରବେଳ ଖେଦରେ ସଢ଼ି ଯାଉଥିଲେ । ବହୁଜନର ପ୍ରତୀକ୍ଷାପରେ ଆଜି ସେ କିଂଚିତ୍ ଦୂରରୁ ସିନ୍ଧୁ ପୁଳିନରେ ସେଇ ରମଣୀମଣିଙ୍କୁ ସଖୀମାନଙ୍କ ମେଳରେ ଦେଖି କିଛି କହି ପାରି ନ ଥିଲେ । ସ୍ୱଭାବ ଲଜ୍ଜା ଓ ସଂଭ୍ରମତା ତାଙ୍କୁ ବାନ୍ଧି ରଖିଥିଲା । ସେ ଶିବିରକୁ ଫେରି ଆସିଥିଲେ । ପଟଳରେ ଶିବିରପକାଇ ରହିଛନ୍ତି ଖାରବେଳ । ସେନାପତି କରୀଟ ଓ କଂଚୁକ ପିନ୍ଧି ତାଙ୍କୁ ଦେଖା କରିବାକୁ ଗଲେ ସେଇ ସେନାପତି ବେଶରେ । ଖାରବେଳ ତାଙ୍କୁ ''ସଖା'' ବୋଲି ସମ୍ଭାଷଣ କରି କଣ କହିବାକୁ ଯାଉଥିଲେ । ଯୁବ ସେନାପତି କିନ୍ତୁ ମଥା ପୋତି ତଳକୁ ଚାହିଁ ରହିଲେ । ତାଙ୍କ ଦେହରେ ବେପଥୁ ଓ ସ୍ୱେଦ ସ୍ପଷ୍ଟ ବାରି ହେଇଥିଲା । ଖାରବେଳ କହିଲେ ବିଦେଶ ଛାଡ଼ି ଯିବା ପୂର୍ବରୁ ଯେଉଁ କଥାଟି ମୋ ମନକୁ ଅହ ରହ ଛଟପଟ କରୁଛି ତୁମକୁ ନ କହି ରହିପାରୁନାହିଁ । ଭାରତରେ ମୁଁ ମହାନ ବୀର ଭାବରେ ପରିଚିତ ହୋଇଛି କିନ୍ତୁ ତୁମକୁ ସମପ୍ରାଣଭାବି ବୟସରେ ଯଥେଷ୍ଟ କମ୍ ହେଲେ ବି ତୁମକୁ ମୋ ମନକଥା ନ କହି ରହିପାରୁନାହିଁ । ଏଇ ପଟଳରେ ସଧୁ ପୁଳିନରେ ଗୋଟିଏ ଝିଅ ବସିଥିବାର ଦେଖିଥିଲି । ତାକୁ ମୁଁ ଏବେ ମଧ୍ୟ ଭୁଲି ପାରୁନାହିଁ । ଆଜି ସେଇ ରମଣୀମଣିକୁ ସ୍ୱପ୍ନ ପରି ତଟିନୀ କୂଳରେ ଦେଖିଲି ।

''ଯାଉଛ କୃଷକ ପୁରେ ଜାଣି ତ ପାରିବ ତାରେ,
କି କହିବି ସଖା ଆଉ ନ ପାଏ ଭାଷା,
ପଚାରି ବୁଝିବ ଥରେ ଦେଖି କି ପାରିବି ତା'ରେ
ଜଣାଇକି ପାରିବି ମୁଁ ପ୍ରାଣ ଆଶା ?''

ସେନାପତି ଉଠି ଚାଲିଗଲେ, କୌଣସି ପ୍ରକାର ସମବେଦନା ଜଣାଇବାକୁ ତାଙ୍କର ଭାଷା ନ ଥିଲା । ସେ ଚର ହାତରେ ଚିଠି ଖଣ୍ଡେ ଲେଖି ପଠାଇଲେ । ସେନାପତି ଲେଖିଛନ୍ତି ''କୃଷକ ପତିଙ୍କ ଭବନରେ ଆଜି ସଂଧ୍ୟାବେଳେ ସେ ରମଣୀ ସହିତ ଦେଖା ହେବ ।'' ତେବେ ତାଙ୍କ ମନରେ ଏ ଛନକା କାହିଁକି ? ପ୍ରେମରେ ପୁଣି ଏତେ ଯାତନା ଥାଏ ସେ ଭାବିପାରୁ ନ ଥିଲେ । ଖାରବେଳଙ୍କ ମରମ ଥରି ଉଠୁଥାଏ । କୃଷକପୁରରେ ସେ ବାଳିକା ସହିତ ଦେଖା ହେଲେ ତାକୁ ସେ କ'ଣ କହିବେ ? ବଜିର ସେନାପତି ସମ୍ଭବତଃ ଏ ମିଳନର ବ୍ୟବସ୍ଥା କରିଛନ୍ତି – ନ ଯିବେ ବା କିପରି ?

ସକାଳ ହେବାମାତ୍ରେ ସେଇ ଭାବନା ହିଁ ତାଙ୍କୁ ଆକ୍ରାନ୍ତ କରି ରଖିଲା । ପ୍ରଦୋଷ କଥା ଭାବିଲା ବେଳକୁ ପ୍ରୀତି ସୁଖରେ ମନ ଆମୋଦିତ ହୋଇ ଉଠେ । ଯାହାକୁ ଏତେଦିନ ଧରି ନିକଟରେ ପାଇବାକୁ ସେ ଅପେକ୍ଷା କରିଛନ୍ତି ତାକୁ

ଭେଟିବେ । ଅଶ୍ୱ ପୃଷ୍ଠରେ ସେ ବାହାରି ପଡ଼ିଲେ ତାଙ୍କୁ ସ୍ୱାଗତ କରିବା ପାଇଁ କୃଷକ ପତି ଅଧବାଟର ଅପେକ୍ଷା କରିଥିଲେ । ପ୍ରୀତିର ସ୍ୱରୂପ କିପରି ନୀଳକଂଠଙ୍କ ଲେଖନୀରେ ଫୁଟି ଉଠିଛି ଦେଖନ୍ତୁ ପାଠକେ !

ଆହା ସେ ପୀରତି　　　　କି ବିଚିତ୍ର ରସ
　　ଜଗତ ମୁକୁରେ ଦେଖଇ ମୁଖ,
ତାମସେ ତପନେ　　　　ଜଳେ ସ୍ଥଳେ ନଭେ
　　ଝଳଇ ପୀରତି ସପନ ସୁଖ
ସରମ ସଂକୋଚେ　　　　ସେ ପୀରତି ପୁଣି
　　ଗୋପନ-ମଉନେ ମରମେ ଥରେ,
ଆପଣେ ଆଚରି　　　　ଛଳନା ନିମିଷେ
　　ମୋହନ ସେ ରସେ ତରୁଣ ଭୁଲେ ।

ଖାରବେଳ ଭବନରୁ ଭବନ ପାରିହୋଇ ଘର ଭିତରକୁ ଯାଉଥିଲେ । ଅଶ୍ଚର୍ଯ୍ୟ  କଥା ଯୁବ ସେନାପତି କୁଆଡ଼େ ଗଲେ ? ଏ ଘରଗୁଡ଼ିକ ଏପରି ଶୂନ୍ୟ କାହିଁକି ? ସେତେବେଳେ ତାଙ୍କ ମନର ଅବସ୍ଥା ପ୍ରବୀଣମାନେ ବୁଝି ପାରିବେ ନାହିଁ । ସେ ଡରିଡରି ଚାରି ଆଡକୁ ଚାହିଁ ଅନ୍ଦର ମହଲକୁ ଯାଉଥାନ୍ତି । ହଠାତ୍ ଦେହଳୀ ପାଖରେ ଠିଆ ହୋଇ ସେ ତାଙ୍କର ଇପ୍‌ସିତା ନାରୀକୁ ଘର ଭିତରେ ଦେଖି ବିସ୍ମିତ ହୋଇଗଲେ । ସେତେବେଳେ ତାଙ୍କ ପାଦ ପାଖରେ ଧୂସି କିରୀଟକୁ ସମର୍ପଣ କରୁଥିଲେ । ବଜିର-ଯୁବକ ଯେଉଁ ବକ୍ଷ କବଚ ପିନ୍ଧିଥିଲେ ତାକୁ ମଧ୍ୟ ସେ ଦେଖିବାକୁ ପାଇଲେ । ସେତେବେଳେ ସମ୍ଭବତଃ ପିତା କହୁଥିଲେ – ''ଏହି ତବ ବୀର ବଜିର ଯୁବକ, ବଜିର ବାଳା । ହେ, ବୀର ବାଳିକାର ଦୋଷ ଧରିବ ନାହିଁ । ସେ ତୁମପ୍ରତି ପୂର୍ଣ୍ଣ ସମର୍ପିତା । ଏଥିପାଇଁ ମୋର ପୂର୍ଣ୍ଣ ଅନୁମୋଦନ ରହିଛି । ସେତେବେଳକୁ ଲୁହଧାରରର ଧୂସିଙ୍କ ଲଜ୍ଜାରୁ ତା କପୋଳ ଦ୍ରବି ଯାଉଥାଏ, ସେ ଖାରବଳଙ୍କୁ ଚାହିଁ ପାରୁ ନ ଥାନ୍ତି । ଖାରବେଳ ମଧ ତାଙ୍କ ମୁହଁକୁ ଥରେ ଥରେ ଚାହିଁ ମୁହଁ ତଳକୁକରି ଦେଉଥାନ୍ତି । ବହୁ ଯତ୍ନ କରି ଖାରବେଳ ତାଙ୍କ ଦକ୍ଷିଣ ହାତରେ ତରୁଣୀର ଦକ୍ଷିଣ ହାତକୁ ଧରି ରଖିଲେ । ଉଭୟ ତରୁଣ ତରୁଣୀଙ୍କ ମନରେ ଓ ହୃଦୟରେ ସେତେବେଳେ ରୋମାଞ୍ଚ ଖେଳି ଯାଉଥିଲା । ଖାରବେଳ ଧୂସିଙ୍କ ହାତଧରି ନିକଟବର୍ତ୍ତୀ ପଲଙ୍କରେ ବସିଲେ ଓ କେତେ ସମ୍ଭାଷଣରେ ତାଙ୍କର ମନକଥାକୁ ପ୍ରକାଶ କରୁଥିଲେ । ବାରମ୍ବାର ତାଙ୍କ ନାସାରୁ ଦୀର୍ଘଶ୍ୱାସ ବିନିର୍ଗତ ହେଉଥିଲା । ତରୁଣୀ ଧୂସିଙ୍କ ଦେହରେ ଖେଳିଯାଉଥିଲା ବେପଥୁର ତରଙ୍ଗ । ସେମାନେ ନବ-ଦଂପତି ରୂପେ ସେଇ କୃଷକପୁର ନୈଶ ଉତ୍ସବରେ ସ୍ୱୀକୃତି ଲାଭ କଲେ ।

ଏହା ଏକ ସରଳ ଓ ଚମତ୍କାର ପ୍ରେମ କାହାଣୀ । ଦୂସିଙ୍କ ସେନାପତି ଭାବେ ଯୁଦ୍ଧରେ ଯୋଗଦାନ ଏକ ମେଲୋଡ୍ରାମା ପରି ଲାଗିଲେ ମଧ ପ୍ରେମର ଉତ୍ସବରେ ତାହାହିଁ ଥିଲା ଏକାନ୍ତ ସ୍ୱାଦ୍ୟ ଓ ସୁନ୍ଦର । ଧୂସି ସଜ୍ଞାନରେ ଖାରବେଳ ଅବଚେତନରେ ଧୂସିଙ୍କୁ ଭଲ ପାଇଁ ବସିଥିଲେ । ଏ ପ୍ରେମ କାହାଣୀର ଆରମ୍ଭ ବିକାଶ ଓ ପରିଣତି ଅତି ଚମତ୍କାର । ଏ କାବ୍ୟଟି ତାଙ୍କର 'ମାୟାଦେବୀ' କାବ୍ୟପରି ବୀରତ୍ୱ ଓ ପ୍ରେମର ଏକ ବିଚିତ୍ର ସମନ୍ୱୟ । କିନ୍ତୁ ମାୟାଦେବୀର କାରୁଣ୍ୟ ଓ ବ୍ୟଞ୍ଜନା 'ଖାରବେଳ'ରେ ନାହିଁ । ଗୋଟିଏ ନୀଳକଂଠଙ୍କ ବୌଦ୍ଧିକ ଚେତନାର ବିସ୍ଫୋରଣ ହେଲେ ଅନ୍ୟଟି ପ୍ରେମର ଏକ ସରଳ ଭାବବିନ୍ୟାସ । 'ମାୟାଦେବୀ' କରୁଣାନ୍ତକ ହୋଇଥିବାରୁ ପାଠକ ମନରେ ଅଧିକ ପ୍ରଭାବ ବିସ୍ତାରକରେ, କିନ୍ତୁ 'ଖାରବେଳ' ମିଳନାନ୍ତକ ଓ ରାଜୋଚିତ । ଏଠି କୁମାର ଖାରବେଳଙ୍କର ପ୍ରେମର ପ୍ରବାହରେ ଭାସି ଯିବାର ନାହିଁ, କିନ୍ତୁ ପ୍ରେମ ଆନ୍ତରରେ ଉପ୍ତବୀଜ ହୋଇ ତାର ବିକାଶ ଓ ପରିଣତି ଯୁଦ୍ଧକୁ ପ୍ରଚ୍ଛଦରେ ରଖି ଚମତ୍କାର ପରିକଳ୍ପନାରେ ସମାହିତ ହୋଇଛି । ଉଭୟ

କାବ୍ୟ ବୀରରସ ଓ ଶୃଙ୍ଗାର ରସର ସମନ୍ୱୟରେ ମହିମାନ୍ୱିତ । ଗୋଟିରେ ଅଛି ଐଶ୍ୱର୍ଯ୍ୟମୟ ଆଲୋଡ଼ନ, ଅନ୍ୟଟିରେ ସରଳ ଗ୍ରାମ୍ୟ ବାଳିକାର ପ୍ରୀତି ନିବେଦନ ଓ ପିତାଙ୍କ ହୃତ୍-ରାଜ୍ୟକୁ ଫେରିପାଇବା ପାଇଁ ଯୁଦ୍ଧର ଯୋଗଦାନ । ଗୋଟିଏର ଭାଷା ଖୁବ୍ ତତ୍‌ସମ ଶବ୍ଦ ବହୁଳ ସଂସ୍କୃତ ଅନୁସାରୀ, ଅନ୍ୟଟିର ଭାଷା ସରଳ ଓ ସାବଲୀଳ । କିନ୍ତୁ ଉଭୟ କାବ୍ୟରେ ପ୍ରେମର ପରିପ୍ରକାଶ ପାଇଁ ବହୁ ଉପମା ଓ ରୂପକର ସାହାଯ୍ୟ ନିଆଯାଇଛି । ପ୍ରଥମେ ଉପମା ଓ ଉତ୍‌ପ୍ରେକ୍ଷା ପ୍ରୟୋଗରେ ଚମତ୍କାରିତାକୁ ଦେଖନ୍ତୁ -

ଖର ରବିକରେ ଫାଟିଲା ସତେ କି
ନବପ୍ରେମ-କୁହେଳିକା,
ସ୍ମରଣ ପଲକେ ଝାଉଁଳି ପଡ଼ିଲା
ବିଷାଦେ ଧୂସି ବାଳିକା ।

କିମ୍ବା- ନ ପାଅ ଗୋ ଧୂସି ବେଦନା ଏସନ
ଏ ନବ ବୟସେ ତବ,
ପାହାନ୍ତି କାକର ନ ସହିଲେ କାହୁଁ
ସଜଫୁଲ ବିକଶିବ ?

କିମ୍ବା - ବଢ଼ି ପଶି ଛାଡିଯାଏ ଅନୂପ ଭୂମେ
ତେସନ ସେ କାଳେ ଯାଉଥିଲେ ଯବନେ ।

ପ୍ରତିବର୍ଷ ବଢ଼ିପାଣି ତଳ ଅଂଚଳରେ ମାଡ଼ିଗଲାପରି ପ୍ରତିବର୍ଷ ଯବନମାନଙ୍କ ଆକ୍ରମଣ ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରି ଦେଉଥିଲା । ଚମତ୍କାର ଉପମାଟିଏ ନୁହେଁ କି ? ଆଉ ଗୋଟିଏ ଉତ୍‌ପ୍ରେକ୍ଷା ଅଳଙ୍କାର ଦେଖନ୍ତୁ -

"ଇନ୍ଦ୍ରିୟ ଭୋଗ ଯଥା ନ ମାନେ ବାଧା
ତେସନଟି ଖଡଗେ ଶୋଣିତ କ୍ଷୁଧା ।"

କିମ୍ବା - ଡାକୁଛି କେବେ କେବେ ମଧୁର ନାଦେ
ପ୍ରଭାତେ ଅଳି ଯଥା ଡାକେ କୁମୁଦେ ।

ଦ୍ୱିତୀୟ ଉଦାହରଣଟି ଖାରବେଳ ଆହତ ହୋଇ ପଡ଼ିଥିବା ବେଳେ ଛଦ୍ମବେଶୀ ସେନାପତିଙ୍କ ଆଚରଣ ଓ ବିକଳ ଭାବକୁ ଲକ୍ଷ୍ୟ କରି ରଚିତ ।

ଏ କାବ୍ୟଟି ପ୍ରାଚୀନ ରୀତି ବା ରାଗ ରାଗିଣୀରେ ଲିଖିତ ହୋଇଥିଲେ ମଧ୍ୟ ଲାଗେ ଆଧୁନିକ ପରି । ପ୍ରଥମ ଛାନ୍ଦଠାରୁ ଚତୁର୍ବିଂଶଛାନ୍ଦ ପର୍ଯ୍ୟନ୍ତ ସେ ଯେଉଁ ବୃତ୍ତ (Meter) ବ୍ୟବହାର କରିଛନ୍ତି ତାହା ରୀତିଯୁଗୀୟ ଶୈଳୀ ଉପରେ ତାଙ୍କ ପାଣ୍ଡିତ୍ୟ ଓ ପରାକାଷ୍ଠାର ଉଜ୍ଜ୍ୱଳ ନିଦର୍ଶନ ହେଇଉଠେ । ସମସାମୟିକ ଭାବେ ଅନ୍ୟ କୌଣସି ଆଧୁନିକ କବି ଏକାବେଳକେ ରାଗ-ଭୂପାଳ,ବିଭାସ ଗୁଜ୍ଜରୀ, ମତୁଆରୀ, ଆହାରୀ ଖଣ୍ଡ ବୃତ୍ତ, ମଙ୍ଗଳଗୁଜ୍ଜରୀ, ଆହାରୀ-ଭଂଗବୃତ୍ତି, କଲ୍ୟାଣ ଆହାରୀ, ରାମକେରୀ, ଖଣ୍ଡ-ଭୂପାଳ, ଲଳିତ କାମୋଦୀ, ଦୀର୍ଘ ମତୁଆରୀ, ଚକ୍ରକେଳି, ମଂଚଳ, ପୂର୍ଣ୍ଣ ଭୈରବୀ, ନଟବାଣୀ, କଳହଂସ କେଦାର, ମଂଗଳ ବରାଡ଼ି, ଘଂଟାରବ, କୃଷ୍ଣ କାମୋଦୀ, ଶଙ୍କରାଭରଣ ମାଳବ, ଆଷାଢ଼ ଶୁକ୍ଳବାଣୀ,

– ଏତତ ରାଗ ରାଗିଣୀରେ କାବ୍ୟରଚନା କରିଥିବାର ନଜିର ନାହିଁ। ଏହା ତାଙ୍କର ପାଣ୍ଡିତ୍ୟ କେବଳ ନୁହେଁ କାବ୍ୟ–ରସିକତା ମଧ୍ୟ । ଏତ ପ୍ରାୟ ଚବିଶିଟି ବୃତ୍ତରେ ଚବିଶଟି ଅଧ୍ୟାୟ ରଚିତ । ସମସାମୟିକ ଭାବେ କୌଣସି କବି ଚାରିପାଞ୍ଚୋଟି ବୃତ୍ତ ସହିତ ମଧ୍ୟ ପରିଚିତ ନୁହନ୍ତି । ସେଥିପାଇଁ ପ୍ରାଚୀନ ରୀତି ହେଲେ ବି କାବ୍ୟଟି ଏତେ ବେଶୀ ଆଧୁନିକ ଲାଗୁଚି । ଧୂସି ଓ ଖାରବେଳଙ୍କ ପ୍ରଣୟ ସତ୍ୟ କି କାଳ୍ପନିକ ତା କହି ହେବନି । କିନ୍ତୁ ପଣ୍ଡିତ ନୀଳକଂଠ ଧୂସିଙ୍କୁ ତାଙ୍କର ଏକମାତ୍ର ରାଣୀଭାବେ ଚିହ୍ନିତ କରିଛନ୍ତି । ଏ ନାମକରଣରୁ ଏହା କୌଣସି କୃଷକ ବା ଦ୍ରାବିଡ଼ ବାଳିକାର ନାମକରଣ ବୋଲି ଅନୁମାନ କରାଯାଇପାରେ । ନୀଳକଂଠ ଗ୍ରନ୍ଥାବଳୀର ୧ମ ଭାଗରେ ମୁଖବନ୍ଧରେ ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ ବାସୁଦେବ ମହାପାତ୍ର ଲେଖିଛନ୍ତି – ''ସୁସ୍ଥ ହୋଇ ପଟଳକୁ ଫେରି ସେହିଠାରେ ଖାରବେଳ କୃଷକ ପୁରରେ ଧୂସିଂକୁ ଚିହ୍ନିଲେ ।'' ନୀଳକଂଠ କିନ୍ତୁ କାବ୍ୟରେ ସେମାନଙ୍କୁ ନବଦଂପତି ବୋଲି କହିଛନ୍ତି ଓ କୃଷକ ରାଜାଙ୍କ ଘରେ ସେମାନଙ୍କ ମିଳନ ପାଇଁ ଉତ୍ସବ ଆୟୋଜନ ହୋଇଥିବା କଥା ଇଂଗିତରେ ସୂଚାଇଛନ୍ତି । ତେଣୁ କାଳ୍ପନିକ ନ ହୋଇ ଏହା ସତ୍ୟ ହୋଇ ପାରିଥାଏ ବୋଲି କୁହାଯାଇପାରେ । ତେବେ କାବ୍ୟରେ ଏ ବିବାହ ପ୍ରସଙ୍ଗ ବିସ୍ତାରିତ ହୋଇଥିଲେ ମନ୍ଦ ହୋଇ ନ ଥାନ୍ତା ।

ତେବେ ସତ ହେଉ କି କାଳ୍ପନିକ ହେଉ ସେ ବିଚାର ଅଳିକ । ଆମର ରସ–ବିଚାର ଓ ସୌନ୍ଦର୍ଯ୍ୟ–ବିଚାର କରିବା କଥା। ପ୍ରେମର ଯେଉଁ ସଂଯତ ଓ ମୋହନ ଆକର୍ଷଣର କଥା କବି ଦୀର୍ଘ ସାତ ଆଠୋଟି ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି ତାହା ଖୁବ୍ ଆକର୍ଷଣୀୟ ହୋଇଛି । ଉଭୟ 'ମାୟାଦେବୀ' ଓ 'ଖାରବେଳ' କାବ୍ୟରେ ପ୍ରେମର ଚିତ୍ର ସଂଯତ ଓ ଉପମା, ଉତ୍ପ୍ରେକ୍ଷା, ରୂପକ ଓ ଠାଏ ଠାଏ ରୂପକଳ୍ପରେ ପାଠକକୁ ସମ୍ମୋହିତ କରେ । ତାହାହିଁ ନିଳକଂଠଙ୍କ କାବ୍ୟ ରଚନାର ସାର୍ଥକତା ।

## 'ରାମଚଣ୍ଡୀରେ ରାତି ଓ ସକାଳ'

ନୀଳକଂଠଙ୍କ ମୌଳିକ ରଚନା ଭାବେ କାବ୍ୟ କଳାଦୃଷ୍ଟିରୁ ଏ ଦୀର୍ଘ କବିତାଟି 'ଖାରବେଳ' ପରେ ତୃତୀୟ ସ୍ଥାନ ଅଧିକାର କରିବ ବୋଲି ମୋର ବିଶ୍ୱାସ । ଇତିହାସ ବିବୃତି ବହୁଳ ଏହି ଦୀର୍ଘ କବିତାକୁ କବି ମାନସିଂହ ଖଣ୍ଡକାବ୍ୟ ଭାବରେ ଗ୍ରହଣ କରିଛନ୍ତି, ଇତିହାସକୁ କେବଳ ପୀଠିକାମାତ୍ର ବୋଲି କହିଛନ୍ତି । ଭଗ୍ନ କୋଣାର୍କକୁ ୧୯୧୭ ମସିହାରେ ସତ୍ୟବାଦୀର ଛାତ୍ରମାନଙ୍କ ସହିତ ବୁଲିବାକୁ ଜାତିର ଅଧଃପତିତ ଓଡ଼ିଆ ଜାତିର ଗୌରବମୟ ସମଗ୍ର ପ୍ରାଚୀନ ତାଙ୍କ ମନରେ ଖେଳିଗଲା । ସୁପ୍ତ କିଶୋର ଛାତ୍ରମାନଙ୍କ ସ୍ୱପ୍ନ ପର୍ଯ୍ୟାୟ ଭାବରେ 'ରାମଚଣ୍ଡୀରେ ରାତି'ରେ ସେହିସବୁ ଭାବନା ଓ ଗରିମାମୟ ଉତ୍କଳଚିତ୍ର ପ୍ରଭାଦୀପ୍ତ ହୋଇଉଠିଛି । ପ୍ରାୟ ବର୍ଷକ ପରେ ଅର୍ଥାତ୍ ୧୯୧୮ ମସିହାରେ 'କୋଣାର୍କେ' କାବ୍ୟର 'ରାମଚଣ୍ଡୀରେ ରାତି ଓ ସକାଳ' ତଥା 'ମାୟାଦେବୀ' କାବ୍ୟ ରଚିତ ହୋଇଛି । 'ମାୟାଦେବୀ' କାବ୍ୟତ ଅପୂର୍ବ ଓ ସ୍ୱୟଂ ସଂପୂର୍ଣ୍ଣ । ତେବେ 'ରାମଚଣ୍ଡୀରେ ରାତି ଓ ସକାଳ'କୁ ସେଇ କାବ୍ୟ ମାନସିକତାର ଦେହଳି ଭାବେ ଗ୍ରହଣ କରାଯାଇପାରେ । ମାନସିଂହଙ୍କ ମତରେ ଏ କବିତା ପର୍ଯ୍ୟାୟରେ ସ୍କଟ୍, ଟେନିସନ ଆଦି ଭିକ୍ଟୋରିଆନ୍ କବିମାନଙ୍କ ପ୍ରତିବିମ୍ବ ସୁସ୍ପଷ୍ଟ । ସହଜେତ ସେ ଧାରାର ଆଦି ପ୍ରବର୍ତ୍ତକ ହେଉଛନ୍ତି କବିବର ରାଧାନାଥ । ତେଣୁ ତାଙ୍କ ଦୃଷ୍ଟିଭଂଗୀର ପ୍ରତିଫଳନ ମଧ୍ୟ ଅନେକ ସ୍ଥାନରେ ଦେଖିବାକୁ ମିଳିବ । ତେବେ ସରଳ କାବ୍ୟ ପଙ୍କ୍ତି ସହିତ ବିଷମ ଓ କ୍ଲିଷ୍ଟ କାବ୍ୟପଙ୍କ୍ତିର ସମାହାର ସମଗ୍ର କାବ୍ୟରେ ଅନାୟାସ ଲକ୍ଷ୍ୟ। ଏଇ ଦୀର୍ଘ କବିତାର ଆରମ୍ଭ କେତେ ସରଳ ଓ ସାବଲୀଳ ଦେଖନ୍ତୁ –

''ଆଜି ଯେ କୁଆଁର ପୁନିଅଁ କେତେ ସୁଖ ଶରଧା
ମାଆ ଭଉଣୀଙ୍କ ଆଦର ନବ-ବସନ-ପିନ୍ଧା ।
ମନେ ପହୁନାହିଁ ବାବୁହେ ଲାଗି ଯାଇଛି ନିଦ,
ମାଆ ଭଉଣୀ, ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦୀ ଲଗାଇ  ଚାହିଁ ଥିବେ ଜନନୀ
ପିଠାପଣା ଖାଉ ନ ଥିବେ ଆଜି ସୁଖେ ଭଗିନୀ ।''

କିନ୍ତୁ ସମଗ୍ର ଦୀର୍ଘ କବିତାଟି ଏଇ ରୀତିରେ ଲିଖିତ ନୁହେଁ । ସମଗ୍ର ରାତି ଭରି ପିଲାମାନେ କୁଆଁର ପୁନିଅର ଚନ୍ଦ୍ରିକାକୁ ଉପଭୋଗ କରିବେ ବୋଲି କବି ଭାବିଥିଲେ, କିନ୍ତୁ ତା' ହେଲା ନାହିଁ । କୁଆଡ଼େ ଥିଲା 'ବାଆ ବତାସି' ମାଡ଼ି ଆସିଲା । ମୂଷଳ ଧାରାରେ ବର୍ଷା ହେଲା । ଜ୍ୟୋସ୍ନା ରାତି ତିମିରିତ ହୋଇ ଉଠିଲା । ପିଲାମାନେ ଓଦାମୋଦା ହୋଇ ତିନି କିଲୋମିଟର ଦୂରବର୍ତ୍ତୀ ରାମଚଣ୍ଡୀ ମନ୍ଦିରରେ ବିନିଦ୍ର ରାତି କଟାଇଲେ । ନୀଳକଂଠ ବ୍ୟଥିତ ସ୍ୱରରେ  ଆକୁତି କରିଛନ୍ତି -

ଥୟ ହୁଅନ୍ତୁ କି ବତାସି, ମେଘ ଯାଆନ୍ତୁ ଥିଲି,
ପୁନିଅଁ ବିହାରେ ବୁଲନ୍ତେ ଶିଶୁ ଏଥି ବାହାରି,
ଚାନ୍ଦିନୀ ଧବଳ ବିତାନେ, ସିକତିଳ ପ୍ରାନ୍ତରେ
ଶିଶୁ ସଂଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ ।

ଏହାପରେ କବିଙ୍କ ମନରେ ତାଙ୍କ ବାଲ୍ୟସ୍ମୃତି ଜାଗରୁକ ହୋଇଛି । ସେ କିଶୋର ବୟସରେ କୋଣାର୍କ ଦେଖିବାକୁ କାହା କାହା ସହିତ ଆସିଥିଲେ । ମନ୍ଦିର ଗାତ୍ରରେ କେତେ କମନୀୟ କାରୁଶିଳ୍ପ ଦେଖିଥିଲେ । କେଉଁଠି ଯୁଦ୍ଧ ହେଉଥିବାର ଚିତ୍ର-ଅଶ୍ୱାରୋହୀ, ଗଜାରୋହୀ ହୃଷ୍ଟପୃଷ୍ଟ ବୀରମାନଙ୍କ ପଥରମୂର୍ତ୍ତି, ସେ ସବୁ ଚନ୍ଦ୍ରକିରଣରେ ଉଦ୍‌ଭାସିତ ହୋଇ ଉଠୁଥାଏ । ସେ ସବୁ ପଥର ଖୋଦେଇ ଚିତ୍ରମାଳା ଜୀବନ୍ତ ପରି ମନେ ହେଉଥିଲେ। ସେ ସବୁ ଦେଖିବାକୁ ସତ୍ୟବାଦୀର ଛାତ୍ରମାନେ କିଂତୁ  ସୁଯୋଗ ପାଇଲେନି । ସେଥିପାଇଁ ନୀଳକଂଠଙ୍କ ଅବସୋସ ରହିଗଲା। ଚନ୍ଦ୍ରିକା-ଧବଳ-କୋଣାର୍କ-ପ୍ରନ୍ନ - କୀରତିମାଳା ଦେଖିବା ପଛେ ନୋହିଲା । ବର୍ଷା ବତାସ ଟିକେ ଥୟ ଧରନ୍ତା ହେଲେ । ପିଲାମାନେ ଟିକେ ଆରାମରେ ଶୋଇ ପଡନ୍ତେ । ତା'ତ ହେଲାନାହିଁ ନିଳକଂଠଙ୍କ ରୋମାଣ୍ଟିକ୍ କାବ୍ୟମାନସ ହଠାତ୍ ଅତୀତ-ଆମୁଖ ହୋଇ ପଡ଼ିଲା

ପ୍ରଥମେ ତାଙ୍କ ମନରେ ଅତୀତର ନୌବାଣିଜ୍ୟ ଛବି ପ୍ରତିଫଳିତ ହୋଇଛି । ନିଃଶଙ୍କ କଳିଙ୍ଗ ସାଧବମାନ ବୋଇତ ବାହି ସମୁଦ୍ର ପଥର ଦୂର ଅଂଚଳକୁ ବାଣିଜ୍ୟ କରିବାକୁ ଯାଉଥିଲେ । ବଣିକ-ବନିତାମାନେ ସମୁଦ୍ର କୂଳରେ କେତେ ପୂଜା ଆରାଧନା କରି ସେମାନଙ୍କୁ ବିଦାୟ ଦେଉଥିଲେ । କେବେ ଧନରତ୍ନ ଧରି ପବନର ଗତିରେ ପାଲ ଉଡାଇ ଫେରି ଆସୁଥିଲେ ତ କେବେ ତୁମୁଳ ତୋଫାନରେ ସମୁଦ୍ର ଗର୍ଭରେ ବଣିକର ବୋଇତ ଖଣ୍ଡବିଖଣ୍ଡିତ ହୋଇ କେବଳ କେତେଖଣ୍ଡ କାଠପଟା ସମୁଦ୍ର ଲହଡିରେ କୂଳକୁ ଭାସି ଆସୁଥିଲା । ଆତଙ୍କରେ ବଣିକ  ବନିତାର ଛାତି ସତେକି ଫାଟିଯାଉଥିଲା ।

ଦ୍ୱିତୀୟ ପର୍ଯ୍ୟାୟରେ ଶୋଇ ଶୋଇ ପାରୁ ନ ଥିବା ବାଳକମାନଙ୍କୁ ସମ୍ବୋଧନ କରି କବି ନୀଳକଂଠ କୋଣାର୍କ ମନ୍ଦିରର ଲୋକ ବିଶ୍ୱାସ ସଂପର୍କରେ ସୂଚନା ଦେଉଛନ୍ତି । ସମୁଦ୍ର ବକ୍ଷରେ ଅରୁଣ ରଥରେ ବସି ସୂର୍ଯ୍ୟ ଦେବତା କୋଣାର୍କ ମନ୍ଦିରକୁ ପ୍ରତ୍ୟେହ ଆସୁଥିଲେ । ଚନ୍ଦ୍ରଭାଗା ନଦୀର (ଯେଉଁ ନଦୀ କୁଶଭଦ୍ରା ଓ ପ୍ରାଚୀନଦୀ ସହିତ ସମୁଦ୍ରକୁ ସଂଯୋଗ

କରୁଥିଲା, ତାରି କୂଳରେ ସୂର୍ଯ୍ୟ ମନ୍ଦିର ନିର୍ମତ ହୋଇଥିଲା) ବୀଚିମାଳାରେ ଗାଧୋଇ ଭକ୍ତମାନେ ପୁଣ୍ୟ ଅର୍ଜନ କରୁଥିଲେ ସେମାନଙ୍କ ପାପତାପ ସବୁ ଏ ନଈଧୋଇ ଦେଉଥିଲା । ପୁଣି କିମ୍ବଦନ୍ତୀ କହେ କଳାପାହାଡ଼ କୋଣାର୍କ ମନ୍ଦିରର ଦେବାଦେବୀଙ୍କୁ ଭାଂଗି ପକେଇବା ବେଳେ ଏଠି ପୂଜା ପାଉଥିବା ରାମଚଣ୍ଡୀ ନାରୀ ବେଶରେ ମାଠିଆଟିଏ ଧରି ପାଣି ଆଣିବାକୁ କୁଶଭଦ୍ରା ନଦୀକୁ ଯାଇ ଆଉ ଫେରି ନଥିଲେ । କଳାପାହାଡ଼ ଦେଖିଲା କୁଶଭଦ୍ରାରେ କେବଳ ମାଠିଆଟିଏ ଭାସୁଚି ।  କୁଶଭଦ୍ରା ନଦୀ ଘୁଞ୍ଚି ଆସିଚି ଓ ସମୁଦ୍ର ଦୂରକୁ ଫେରି ଯାଇଛି । ଏଠି ନଦୀକୂଳରେ ଥିବା ଚରିତ୍ର ବନ୍ଦରରର ଆଉ ସତ୍ତା ନାହିଁ । ସେହିପରି କାଳର କବଳରେ ତୁଙ୍ଗ କୋଣାର୍କ ମଧ୍ୟ ଭାଙ୍ଗିପଡ଼ିଛି । ଚାରି ଆଡ଼େ ବିକ୍ଷିପ୍ତ ହୋଇ ପଡ଼ିଛି ତାର ପ୍ରସ୍ତରଗୁଡ଼ିକ । କୋଣାର୍କ ଗାତ୍ରର ସୂକ୍ଷ୍ମ ସ୍ଥାପତ୍ୟ କାମଗୁଡ଼ିକ ଭାଗ୍ୟ ଆଦରି ପଡ଼ି ରହିଛନ୍ତି । ପ୍ରକାଣ୍ଡ ଧ୍ୱସ୍ତ ଶିଳାଖଣ୍ଡ ମାନ ଇତିହାସର ସାକ୍ଷ ବହନକରି ଛିନ୍ନଛତ୍ର ହୋଇ ପଡ଼ିଛନ୍ତି । ମୁଖଶାଳା ମଧ୍ୟ ଅଧା ଭାଂଗି ପଡ଼ିଛି । ଆଉ ଚଉଦ୍ୱାରରେ ସମର ଦୁନ୍ଦୁଭି ଶୁଭୁନାହିଁ, ଯାଜପୁର ନଗ୍ରର ଦଶାଶ୍ୱ ମେଧ ଘାଟରେ ଆଉ ଯଜ୍ଞ ହେଉନାହିଁ, ତୋଷାଳୀ କଟକରେ ଆଉ କେହି ଦ୍ୱିତୀୟ ନାରୀ ଦଣ୍ଡୀ ମହାଦେବୀ ନାମରେ ଜନ୍ମ ନେଇ ନାହିଁ ବା ପ୍ରଜାଶାସନ କରିନାହିଁ । ଖାରବେଳଙ୍କ ରାଜତ୍ୱରେ ମଗଧର ଉତ୍ତରସୀମା ହିମାଳୟଠାରୁ ଦକ୍ଷିଣରେ ପାଣ୍ଡ୍ୟରାଜ୍ୟ କୁମାରିକା ପର୍ଯ୍ୟନ୍ତ ଯେ କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା, ତାହା ଏବେ ସ୍ୱପ୍ନପ୍ରାୟ । ଅତୀତର ତାମ୍ରଲିପ୍ତ ବନ୍ଦରରୁ ନାବିକ ଓ ସାଧବମାନେ ବାଣିଜ୍ୟ କରି ବହୁ ଦୂରବର୍ତ୍ତୀ ଅଂଚଳକୁ ସମୁଦ୍ର ପଥରେ ଯାଉଥିଲେ ତାହା ଏବେ ଇତିହାସର କଥା ହୋଇଗଲାଣି ।

ରାଜା ତୃତୀୟ ଅନଙ୍ଗଭୀମ ଦେବଙ୍କ  ସୁପୁତ୍ର ନରସିଂହ ଦେବଙ୍କ ଆଦେଶାନୁସାରେ ୧୩ ଶହ ଖ୍ରୀଷ୍ଟାବ୍ଦ ମଧ୍ୟ ଭାଗରେ କଳିଙ୍ଗ ଓ ଉତ୍କଳର ପ୍ରନ୍ତ ଶିଳ୍ପୀମାନେ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ । ସେ ସଂପର୍କରେ ଥିବା କିମ୍ବଦନ୍ତୀ ଓ ଧର୍ମପଦର ଆତ୍ମାହୁତି ସଂପର୍କରେ ଏହି ଏକାଦଶ ପରିଚ୍ଛେଦରେ ସୂଚନା ଦିଆଯାଇଛି ।

ଦ୍ୱାଦଶ ଅଧ୍ୟାୟରେ ପିଲାମାନ ସ୍ୱପ୍ନ ଦେଖୁଥିବା କଥା ପରିକଳ୍ପନା କରାଯାଇଛି । ସେ ସ୍ୱପ୍ନ କେତେବଳେ ଭୟଂକର ତ କେତେବେଳେ ମଧୁର । ଯାହା ଅସମ୍ଭବ, ସ୍ୱପ୍ନରେ ତାହା ସମ୍ଭବ ହୁଏ । ପିଲାମାନଙ୍କ ସ୍ୱପ୍ନ ନୀଳକଂଠଙ୍କ ନିଜ ରୋମାଣ୍ଟିକ୍ ପରିକଳ୍ପନା ମାତ୍ର । ସ୍ୱପ୍ନରେ ବୋଇତ ଭାସିଯାଉଛି । ସାଗର ବକ୍ଷରେ ତୁହିନାଚ୍ଛାଦିତ ପର୍ବତଟାଏ ଉଠୁଛି, ଚାହୁଁ ଚାହୁଁ ସେ ପର୍ବତ ସ୍ୱର୍ଗ ରାଜ୍ୟରେ ଶୀତଳ ଜଳ ଭଣ୍ଡାରରେ ପରିଣତ ହୋଇଯାଉଚି, କେତେ ପର୍ବତ ସେଇ ସୁର ନଦୀରେ ଭାସି ଆସୁଛନ୍ତି –ତାଙ୍କ ଶିଖର କେବଳ ଦେଖାଯାଉଛି, ଲୋକମାନେ ଗଛ ଉପରେ ଚଢ଼ି ଭାସିବାରେ ଲାଗିଛନ୍ତି, ସେ ଗଛ ପୁଣି ବୋଇତରେ ପରିଣତ ହୋଇଯାଉଛି, ଗିରିପ୍ରପାତ ପରି ଶୈଳ ଶିଖରରୁ ପଡ଼ି ସେ ବୋଇତ ରମ୍ୟ ନଗରୀରେ ପରିଣତ ହୋଇ ଯାଉଛି, ଚାହୁଁ ଚାହୁଁ ସେ ନଗରର ଶ୍ରୀସଂପଦ  କୁଆଡ଼େ ଉଭେଇ ଯାଇ ତାହା ଶୁଷ୍କ ମରୁଭୂମିରେ ପରିଣତ ହୋଇ ଯାଉଚି ସେହି ମରୁଭୂମିରେ ପୁଣି ବରଫ ବାହୀ ହିମତରଙ୍ଗିଣୀଟିଏ ବୋହି ଯାଉଛି – ଏହିପରି ନାନାଦି ଉଦ୍‌ଭଟ ଓ ଅସମ୍ଭବ ପରିକଳ୍ପନାରେ ଏ ସ୍ୱପ୍ନ ଖୁବ୍ ରୋମାଣ୍ଟିକ୍ ମନେ ହୁଏ । ଏ ଗୁଡ଼ିକ ଏ ଦୀର୍ଘ କବିତାରୁ ବାଦ ଦେଇ କେବଳ ଇତିହାସ ଭିତ୍ତିକ ହୋଇଥିଲେ ରମଣୀୟ ହୋଇଥାନ୍ତା । ଏପରି ସ୍ୱପ୍ନ ଦେଖାର କିଛି ଭିତ୍ତି ଓ ଯଥାର୍ଥତା ଅଛି ବୋଲି ମନେ ହେଉନାହିଁ ।

ତ୍ରୟୋଦଶ ଅଧ୍ୟାୟରେ କବି ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟର ବିଷୟ ଉପରେ ସୂଚନା ଦେଇ କହିଛନ୍ତି –

ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାନୀ କବି–ନାୟିକା ନାଟିତକ ଆଚରି
ବିଦେଶୀ ସୁମନରୁ ଆସିବେ ତିଳେ ନାଚଣା ଖେଳେ
ଚାହୁଁ ଚାହୁଁ ପୁଣି ମିଶିବେ ନୀଳଜଳଧି ଜଳେ ।

ଚନ୍ଦ୍ରଭାଗା ଓ ସୁମନ୍ୟୁ ଅର୍ଥାତ୍ କନ୍ୟା ଓ ପିତା ଏମାନେ ଗ୍ରୀକ୍ କବି ଓଭିଡ୍‌ଙ୍କ 'ମେଟାମରଫସିସ' କାବ୍ୟର ଚରିତ୍ର । କିନ୍ତୁ ରାଧାନାଥ ସେମାନଙ୍କୁ ସ୍ଥାନୀୟ ନାମ ଦେଇ ଓଡ଼ିଶାର ପରିବେଶ ମଧ୍ୟରେ ରୋପଣ କରିଛନ୍ତି । ଏ କାହାଣୀଟି ସଂପୂର୍ଣ୍ଣ ଭାବେ ଓଭିଡ୍‌ଙ୍କ Dane & Daphane କାବ୍ୟର ଭାଷାନ୍ତର ବୋଲି କୁହାଯାଇପାରେ । ସେଇ ଚନ୍ଦ୍ରଭାଗା ସମୁଦ୍ରରେ ଝାସଦେଇ ନୀଳ ତରଙ୍ଗ ମଧ୍ୟରେ ମିଶିଯାଇଥିଲେ । ସମ୍ଭବତଃ ନଦୀଠାରେ ନାରୀ ସତ୍ତାକୁ ଆରୋପ କରିଛନ୍ତି କୁଶଳୀ କାବ୍ୟଶିଳ୍ପୀ ରାଧାନାଥ । ପୁଣି ଜାମ୍ବବତୀ ସୁତ କୃଷ୍ଣ ପୁତ୍ର ଶାମ୍ବ କୁଷ୍ଠ ରୋଗରୁ ମୁକ୍ତି ପାଇବା ପାଇଁ ଏଇଠି ସୂର୍ଯ୍ୟ ଉପାସନା କରିଥିବା କଥା ପୁରାଣରେ ଉଲ୍ଲିଖିତ ଅଛି ।

ଚତୁର୍ଦ୍ଦଶ ଅଧ୍ୟାୟଠାରୁ ପ୍ରସ୍ଥ ପ୍ରସ୍ଥ ହୋଇ ଐତିହାସିକ ଓ ବେଳେବେଳେ ପୌରାଣିକ ଘଟଣାବଳୀ ପ୍ରକାଶ ପାଇଛି । ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ ସନ୍ଧାନ କରିବା ପାଇଁ ଶବର ରାଜ ବିଶ୍ୱାବସୁ ରହୁଥିବା ଜଙ୍ଗଲ ଅଂଚଳକୁ ପଠାଇଥିଲେ । ପରେ ଜଗନ୍ନାଥ ଘଞ୍ଚ ଜଙ୍ଗଲରୁ ଜନପଦକୁ ଅଣାହେଲେ । ପୁରୀ ଶ୍ରୀକ୍ଷେତ୍ରରେ ତାଙ୍କ ପାଇଁ ମନ୍ଦିର ତିଆରି ହେଲା । ଶବର ରାଜଙ୍କ ବଂଶଧର ଦଇତା ଓ ବିଦ୍ୟାପତି (ବ୍ରାହ୍ମଣ)ଙ୍କ ବଂଶଧର ପତି ବା ପଣ୍ଡାରୂପେ ଉଭୟେ ତାଙ୍କୁ ପୂଜା କରିବାର ଅଧିକାର ପାଇଲେ । ତା'ପରେ ମୌର୍ଯ୍ୟ ରାଜା ଅଶୋକଙ୍କ କଳିଙ୍ଗ ଯୁଦ୍ଧର ଘଟଣା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀର । ତାଙ୍କ ପରେ ଖାରବେଳଙ୍କ ଉତ୍ତରା ପଥରେ ଯୁଦ୍ଧଯାତ୍ରା ସଂପର୍କୀୟ ସୂଚନା ଓ ବାନପ୍ରସ୍ଥ ଆଚରଣ କରି ଖଣ୍ଡଗିରିଠାରେ ରାଣୀଙ୍କ ସହିତ ସନ୍ନ୍ୟାସ ଜୀବନ ଯାପନ । ଧଉଳିଗିରିରେ ଅଶୋକଙ୍କ ଶିଳାଲେଖ ଓ ଖଣ୍ଡଗିରିରେ ଖାରବେଳଙ୍କ ଗୁମ୍ଫା ନିର୍ମାଣ ଓ ଶେଷ ଜୀବନ ଯାପନ । ଯବତ୍ ଐତିହାସିକ କଥାର ସୂଚନା ଦେଇଦେଇ ନୀଳକଂଠ ଆଗେଇ ଚାଲିଛନ୍ତି ।

ପଞ୍ଚଦଶ ଅଧ୍ୟାୟରେ ରହିଛି ରକ୍ତବାହୁ ପ୍ରସଙ୍ଗ । ସିଂହଳ ରାଜା ଥିଲେ ବୌଦ୍ଧ । କିନ୍ତୁ ତାଙ୍କ ଭାଇ ରକ୍ତବାହୁ ଓଡ଼ିଶା – କଳିଙ୍ଗରୁ ଧନଧାନ୍ୟ ଲୁଣ୍ଠନ କରିବା ପାଇଁ ଚିଲିକା ବାଟଦେଇ ତତ୍‌କାଳୀନ କଳିଙ୍ଗ ରାଜ୍ୟକୁ ଆକ୍ରମଣ କରିଥିଲା । ଫେରିବା ବେଳେ ଚିଲିକା ଗର୍ଭରେ ତୋଫାନରେ ପଡ଼ି ଲୁଣ୍ଠନ ସଂପତ୍ତି ସହିତ ଜଳମଗ୍ନ ହୋଇଥିଲା– ଏ କଥା ରାଧାନାଥଙ୍କ 'ଚିଲିକା' ଖଣ୍ଡ କାବ୍ୟର ଆଧାରରେ ସୂଚନା ଦିଆଯାଇଛି । ପୁଣି ରାଧାନାଥଙ୍କ 'ଯଯାତି କେଶରୀ' କାବ୍ୟର ବିଷୟକୁ ଲକ୍ଷ୍ୟ କରି ଯାଜପୁରରେ ଅଶ୍ୱମେଧ ଯଜ୍ଞପାଇଁ କାବ୍ୟକୁବ୍ଜରୁ ଦଶସହସ୍ର ବାହ୍ମଣ ଆଣିଥିଲେ ଓ ସେମାନେ କାଳକ୍ରମେ ଏ ରାଜ୍ୟରେ ରହିଗଲେ– ଏକଥା ଉଲ୍ଲେଖ କରାଯାଇଛି । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର (୧୧ଶ ଶତାବ୍ଦୀ) ଥିଲା ସେଇ କେଶରୀ ରାଜାଙ୍କ କୀର୍ତ୍ତି । ତା'ପରେ ଗଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠା ହଏ ଚୋରଗଙ୍ଗ ଦେବଙ୍କ ସମୟରୁ । ସୁବର୍ଣ୍ଣ କେଶରୀଙ୍କ ସହିତ କେରଳ ଅଂଚଳରୁ ରାଜ୍ୟଜୟ କରିବାକୁ ଆସିଥିବା ଚୋରଗଙ୍ଗଙ୍କ ସହିତ ଧବଳେଶ୍ୱର ପଠା ଅଂଚଳରେ ଯୁଦ୍ଧ ହୁଏ । ରାଧାନାଥ ତାଙ୍କ 'ନନ୍ଦିକେଶ୍ୱରୀ' କାବ୍ୟରେ ଲେଖନ୍ତି ରାଜକନ୍ୟା ନନ୍ଦିକା ଚୋରଗଂଗଙ୍କ ବୀରତ୍ୱରେ ମୁଗ୍ଧ ହୋଇ ତାଙ୍କୁ ପତି ରୂପେ ପାଇବାକୁ ଓ ଅପୁତ୍ରିକ ରାଜା ସୁବର୍ଣ୍ଣ କେଶରୀଙ୍କ ଜାମାତା ଭାବେ ବରଣ କରିବାକୁ ନିଜକୁ ତାଙ୍କ ପାଖରେ ସମର୍ପଣ କରି ଦିଅନ୍ତି । ଏ କାହାଣୀ ମଧ୍ୟ ସେଇ ଓଭିଡ୍‌ଙ୍କ Scige of Coriuth କାବ୍ୟରେ ଅବଲମ୍ବନରେ ଲେଖା ଯାଇଛି । ରାଧାନାଥ ନନ୍ଦିକାଙ୍କ ପ୍ରତି ସହାନୁଭୂତି ଜଣାଇଥିଲେ ବି ଚୋରଗଂଗଙ୍କ ପ୍ରତ୍ୟାଖ୍ୟାନ କଥା କହିଛନ୍ତି । ନନ୍ଦିକା ତେଣୁ ଲଜ୍ଜା ଓ ଅପମାନରେ ଆତ୍ମହତ୍ୟା କରିଥିବା କଥା ଶୁଣାଇ କାବ୍ୟକୁ କରୁଣାନ୍ତକ କରିଛନ୍ତି । ନୀଳକଂଠ ସମ୍ଭବତଃ ରାଜକନ୍ୟାଙ୍କ ଏ ଦୁର୍ଦ୍ଦଶାକୁ ଅନୁମୋଦନ କରି ନପାରି ଲେଖୁଛନ୍ତି –

''ଘରଛାଡ଼ି କିଂପା ଯିବେ ସେ ବୀର ବଳା ନନ୍ଦିକା,  
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?

କଉସୁଲା ଗାଂଗ ଧଉଳି ଏହି ନୟନେ ନାଚେ
କବିଙ୍କୁ ସୁମରି ବିରାଗେ ମୁଖ ପେରାଅ ପଛେ ।''

ଏ ଚାରିଧାଡ଼ି କବିତା ଓଡ଼ିଆ ସାହିତ୍ୟ ସମାଲୋଚକମାନେ ରାଧାନାଥୀ ସାହିତ୍ୟ ବିରୁଦ୍ଧରେ ନୀଳକଂଠଙ୍କ ପ୍ରତିକ୍ରିୟା ବୋଲି କହିଥାନ୍ତି । କିନ୍ତୁ ତାର ବ୍ୟାଖ୍ୟା ଠିକ୍ ବିପରୀତ ବୋଲି ମୁଁ ଆଗରୁ କହି ସାରିଛି । ତେଣୁ ଏଠାରେ ଆଉ ଅଧିକ କହିବାର ଅବକାଶ ନାହିଁ । ତା'ପରେ ୨ୟ ଅନଙ୍ଗଭୀମ ଦେବଙ୍କ ସମୟରେ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ଓ ସୂର୍ଯ୍ୟ ବଂଶର ରାଜା ପୁରୁଷୋତ୍ତମ ଦେବଙ୍କର ୧୬ଶ ଶତାବ୍ଦୀର କାଂଚି ରାଜାଙ୍କ ସହିତ ଯୁଦ୍ଧ, ପଦ୍ମାବତୀଙ୍କର ଓଡ଼ିଶା ଆଗମନ କଥା ସୂଚୀତ । ପ୍ରତାପରୁଦ୍ର ଦେବଙ୍କ ସମୟରେ ଚୈତନ୍ୟଙ୍କର ଓଡ଼ିଶା ଆଗମନ ଓ ବୈଷ୍ଣବ ଧର୍ମର ପ୍ରଚାର, ପଞ୍ଚସଖା, ମୁକୁନ୍ଦ ଦେବଙ୍କ ଗୋହୀରା ଟିକିର ଯୁଦ୍ଧ ଓ ମୃତ୍ୟୁ, ବାରବାଟୀ ଦୁର୍ଗର ପତନ ଏସବୁ ଠିକେ ଠିକେ ସୂଚନାତ୍ମକ ଭାବେ ଉଲ୍ଲେଖ କରାଯାଇଛି ।

ସପ୍ତଦଶ ଓ ୧୮ଶ ଅଧ୍ୟାୟରେ ବାରବାଟୀ ଦୁର୍ଗର ନିର୍ମାଣ ଅନଙ୍ଗଭୀମ ଦେବଙ୍କ ସମୟରେ ହୋଇଥିବା କଥା ଓ ରାଜଧାନୀ ପ୍ରତିଷ୍ଠା କଥା ଉଲ୍ଲେଖ କରାଯାଇଛି । ସେଇ ଦୁର୍ଗ ବିଷୟରେ କିଛି ଅଧିକ ତଥ୍ୟ ପରିବେଷିତ ହୋଇଛି । ଊନବିଂଶ ଓ ବିଂଶ ଅଧ୍ୟାୟରେ ଉତ୍କଳୀୟ ରାଜାଙ୍କ ଯୁଦ୍ଧଯାତ୍ରା ସମ୍ଭବତଃ ଯେଉଁ ଛବିଗୁଡ଼ିକ କୋଣାର୍କର ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି ତାରି ଭିତ୍ତିରେ କବିତାରେ ବର୍ଣ୍ଣନା ଦିଆଯାଇଛି ମୁସଲମାନ ମାନଙ୍କ ଆକ୍ରମଣରେ ବାରବାଟୀର ଗୌରବ ତୁଟିଗଲା, ଦୁର୍ଗ ମଧ୍ୟରେ ମସଜିଦ୍ ଗଢ଼ି ଉଠିଲା ସବୁଦିନ ପାଇଁ ଉତ୍କଳୀୟ ରାଜାମାନଙ୍କ ଗୌରବର ସୂର୍ଯ୍ୟ ଅସ୍ତମିତ ହୋଇଗଲେ–ତାରି କରୁଣ ଚିତ୍ର ଦିଆଯାଇଛି ।

ବାଇଶ ଅଧ୍ୟାୟରେ ମର୍କତ କେଶରୀଙ୍କ କାଠଯୋଡ଼ି ପଥର ବଂଧ, ମତ୍ସ୍ୟକେଶରୀଙ୍କ ପୁରୀ ଓ ଯାଜପୁରର ଅଠରନଳା, ଲଳିତେନ୍ଦ୍ର କେଶରୀଙ୍କ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିର୍ମାଣ ଓ ଅନଙ୍ଗ ଭୀମ ଦେବଙ୍କ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାଣ ବିଷୟରେ ସୂଚନାରେ କୁହାଯାଇଛି । ତେଇଶ ଅଧ୍ୟାୟରେ ଦାକ୍ଷିଣାତ୍ୟର କଳବର୍ଗ ସୀମା ଡେଇଁ ଗଜପତି ରାଜାମାନେ ରାଜ୍ୟ ବିସ୍ତାର କରିଥିବା ଓ ତାମ୍ରଲିପ୍ତରେ ବାରମ୍ବାର ବିଦ୍ରୋହ ଓ ଜଳଦସ୍ୟୁମାନଙ୍କ ଅତ୍ୟାଚାର ପ୍ରସଙ୍ଗ ଉଠାଯାଇଛି । ଜଳ ଦସ୍ୟୁମାନଙ୍କୁ ଉତ୍କଳୀୟ ବଣିକମାନଙ୍କ ନାବିକ–ସୈନ୍ୟ ବାହିନୀ ପରାସ୍ତ କରିବାରେ ସକ୍ଷମ ହୋଇଥିବା ସୂଚିତ । ନୃପକେଶରୀ ଗୌଡ ରାଜାଙ୍କ ସହିତ ଯୁଦ୍ଧରେ ମତ୍ତ ରହି ଶେଷରେ ବିଜୟ ହାସଲ କରିଥିଲେ ବି ଓ ଶତ୍ରୁମାନଙ୍କୁ ଗଙ୍ଗାର ଉତ୍ତରକୁ ଘଉଡେଇ ଦେବାକୁ ସମର୍ଥ ହୋଇଥିଲେ ବି ଶେଷରେ ଆହତ ହୋଇ ପ୍ରାଣବଳି ଦେଇଥିଲେ । ସେଇ ଯୁଦ୍ଧର ବିବରଣୀ ବିସ୍ତାରିତ ଭାବେ ଏ ଅଧ୍ୟାୟରେ ପ୍ରଦତ୍ତ । ତେବେ ଏତେଗୁଡାଏ କଥା ଇଂଗିତରେ କୁହାଯାଇଛି ଯେ ତାର ଐତିହାସିକତାକୁ ଉଦ୍‌ଘାଟନ କରିବା କଷ୍ଟକର । ଅତିରିକ୍ତ ଐତିହାସିକତା କବିତାର ସ୍ୱଚ୍ଛନ୍ଦ ଗତିରେ ବରାବର ବାଧାସୃଷ୍ଟି କରୁଛି । ନୀଳକଂଠଙ୍କ ପାଣ୍ଡିତ୍ୟ ଓ ଇତିହାସ ସଚେତନତା ଫୁଟିଯାଇପାର କିନ୍ତୁ କବିତାର ସୁକୁମାର ସୌନ୍ଦର୍ଯ୍ୟ ତୁଟି ତୁଟି ଯାଉଛି । ଏତେବେଶୀ ସୂଚନା କବିତାକୁ କ୍ଲିଷ୍ଟ କରିବାକୁ ବାଧ୍ୟ ହେଉଛି । ସେଇ ଯୁଦ୍ଧ, ସେନାନି, ଧ୍ୱଜ, ତୁଂଗବୀରମାନଙ୍କ କଥା ପଢ଼ଇ ପଢ଼ି ଯେ କୌଣସି ପାଠକର ମୁଣ୍ଡବ୍ୟଥା ହେବ । ମନେହେବ ଯେପରି ଗୋଟିଏ ଅଧ୍ୟାୟରୁ ଆଉ ଗୋଟିଏ ଅଧ୍ୟାୟର କୌଣସି ନୂତନତା ନାହିଁ । ଇତିହାସର ଆଧିକ୍ୟ ଭିତରେ ଏ ଦୀର୍ଘ କବିତାରେ କଳା, ସୌନ୍ଦର୍ଯ୍ୟ ଓ ଲାଳିତ୍ୟ ଫୁଟି ପାରୁନି । ଏପରିକି କବିତାରେ ପ୍ରଦତ୍ତ ଇତିହାସକୁ ବୁଝାଇବା ପାଇଁ ପାଦଟୀକାବି ଅକୁଳାନ ଓ ଅସମର୍ଥ ହେଉଛି । ନୀଳକଂଠ କହନ୍ତି ଯେ ସମସ୍ତ ଗୀତର ମର୍ମ ପ୍ରବାଦରୁ ସଂଗୃହୀତ । ତେଣୁ ଏ ପ୍ରବାହ ସହିତ ପରିଚିତ ନଥିବା ପାଠକ କିପରି କବିତାର ମର୍ମ ଉଦ୍‌ଘାଟନ କରିପାରିବ ? କେଉଁ ଧଳଭୂମି ଜେମା ରଣପୁର କୁମାରଙ୍କୁ ବିବାହକରି ସୁବର୍ଣ୍ଣରେଖା କୂଳରେ ପହଂଚିଲା

ବେଳକୁ ଶୁଣିଲେ ଯେ ପଠାଣ ସେନାମାନେ ଉତ୍କଳକୁ ଆକ୍ରମଣ କରିବାକୁ ସଜବାଜ ହେଉଛନ୍ତି । ସେ ନିଜେ ବାରବାଟୀକୁ ସନ୍ଦେଶ ପଠାଇ ସାଗର ତୀରକୁ ଯାଇ ତାମ୍ରଲିପ୍ତରେ ଥିବା ନାବିକ-ବାହିନୀକୁ ସଜ କରି ନିଜେ ପୁରୁଷ ବେଶରେ ପଠାଣ ସୈନ୍ୟଙ୍କୁ ଆକ୍ରମଣକରି ତତ୍‌କାଳୀନ ରାମ ଅଂଚଳରୁ ତଡ଼ି ଦେଇଥିଲେ । ଉତ୍କଳ ରାଜାଙ୍କ ସହିତ ଧଳଭୂମ ରାଜକୁମାରୀ ମିଶି ଏପରି କିଛି ଯୁଦ୍ଧ କରିଥିବା ଇତିହାସ ସମର୍ଥିତ ନୁହେଁ । କେବଳ ଜନଶୃତି ମାତ୍ର । ଉତ୍କଳର ରାଣୀ ତାଙ୍କୁ କନ୍ୟା ରୂପେ ଗ୍ରହଣ କରି ରଣପୁର ରାଜକୁମାରଙ୍କ ସହିତ ବିବାହ ବିଧି ସମାପନ କରିଥିଲେ । ଏସବୁ ଜଟିଳ କଥାକୁ ପିଲାମାନେ ସେଦିନ ରାମଚଣ୍ଡୀ ମନ୍ଦିରରେ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ଦେଖୁଛନ୍ତି । ଏହାର ସମ୍ଭାବ୍ୟ ସତ୍ୟ ପ୍ରତି ନୀଳକଂଠ ଅନୁସାରେ ସେଇ ବୟସରେ ପିଲାମାନେ କେଉଁ ସ୍ୱପ୍ନ ଦେଖିବା କଥା ନୀଳକଂଠ ସେଥିପ୍ରତି ସଚେତନ ନାହାନ୍ତି । କାହାଣୀ ପରେ କାହାଣୀ, ଘଟଣା ପରେ ଘଟଣା ବିରକ୍ତିକର ପୁନରୋକ୍ତି ସତ୍ତ୍ୱେ କେବଳ କହି ଚାଲିଛନ୍ତି ।

ନୀଳକଂଠଙ୍କର କହିବାର ଉଦ୍ଦେଶ୍ୟ କେବଳ ବାରବାଟୀର ଗଜପତି ରାଜାମାନେ ନୁହନ୍ତି ଗଡ଼ଜାତର ରାଜାମାନେ ମଧ୍ୟ ଉତ୍କଳର ସ୍ୱାଧୀନତା ରକ୍ଷା ପାଇଁ, ଏହାକୁ ମୁସଲମାନ ଶତ୍ରୁମାନଙ୍କ ଆକ୍ରମଣରୁ ରକ୍ଷା କରିବାପାଇଁ ଲଢ଼େଇ କରୁଥିଲେ । ଅଶ୍ୱ ପୃଷ୍ଠରେ ଶହ ଶହ ମାଇଲ ରାସ୍ତା ଓ ନଦୀ ପାରହୋଇ ପାରୁଥିଲେ । ସେତେବେଳେ ସମ୍ଭବତଃ ରଥୀପୁରା ଖୋର୍ଦ୍ଧାକୁ କେନ୍ଦ୍ରକରି ପାଇକମାନେ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିଲେ ଓ ଗଡ଼ଜାତର ରାଜାମାନେ ଗଜପତିଙ୍କ ସହିତ ଯୁଦ୍ଧରେ ଯୋଗ ଦେଉଥିଲେ । ଏପରିକି ଗଜପତି ରାଜା ଦକ୍ଷିଣରେ ଯୁଦ୍ଧରେ ବ୍ୟସ୍ତ ଥିଲାବେଳେ ଚରଠାରୁ ଉତ୍ତରର ପଠାଣ ସେନାଙ୍କ ଆକ୍ରମଣର ସନ୍ଦେଶପାଇ ରଣପୁର ରାଜା ସାମନ୍ତଶେଖର ନରେନ୍ଦ୍ର ଅଶ୍ୱପୃଷ୍ଠରେ ସୈନ୍ୟ ଚାଳନାକରି ଶେଷକୁ ଦେଶ ପାଇଁ ଆତ୍ମାହୁତି ଦେଇଥିଲେ । କିନ୍ତୁ ଯବନମାନେ ପଛଘୁଞ୍ଚା ଦେବାକୁ ବାଧ ହୋଇଥିଲେ । ଏହା ୨୬ତମ ଅଧ୍ୟାୟରେ ବର୍ଣ୍ଣନା ।

ସେହିପରି ୨୭ତମ ଅଧ୍ୟାୟରେ କଣ୍ଟିଲୋ ରାଜାଙ୍କ ବୀରତ୍ୱର କାହାଣୀ ପ୍ରଦତ୍ତ । ନୌକାରେ ଆସୁଥିବା ସୈନ୍ୟମାନଙ୍କୁ ଏ ରାଜା ମହାନଦୀରେ କାଠବନ୍ଧ ବନ୍ଧାଇ ରୋକି ଦେଇଥିଲେ । ନୀଳକଂଠଙ୍କ ଭାଷାରେ –

> ''ଅରାତି ଗୁପତେ ଆସିଲା ଡ଼େଇଁ ସାତକୋଶିଆ
> ପଲକେ ପୂରୁବ ପୁରୁଷେ ତବ ଜଗିଲେ ବାଟ,
> ଭଙ୍ଗାରିକା ନୀଳମାଧବ ଦେଲେ ଭୀମ କୁହାଟ
> ବନ୍ଧ ଗିରିନଦୀ-ଆରବେ କାଠେବାଂଧି ଗରଭ
> ମହାନଦୀ ଫେନ ଗର୍ଜନେ ଉଛେ ଫିଙ୍ଗିଲା ନାବ ।

ଶତ୍ରୁସେନାମାନେ ମହାନଦୀରେ ଭାସି ମରିଗଲେ । ନିଜେ ନୀଳମାଧବ ଏ ରାଜ୍ୟକୁ ରକ୍ଷାକଲେ ବୋଲି ଜନଶ୍ରୁତି କହେ । ଏ ଠିକ୍ ଜଗନ୍ନାଥ ଓ ବଳଭଦ୍ର ଧଳାଘୋଡା ଓ କଳାଗୋଡାରେ ବସି ପୁରୁଷୋତ୍ତମଙ୍କ ପାଇଁ କାଂଚି ଯୁଦ୍ଧରେ ଯୋଗଦେବା ପରି କଥା । ନିଜେ ଭାକ୍ତିକ ମିଥ୍ୟାରେ ବିଶ୍ୱାସ କରୁ ନ ଥିବା ପଣ୍ଡିତ ନୀଳକଂଠ କିପରି ନିଜ କାବ୍ୟରେ ତାହାର ଉପଯୋଗ କରିଛନ୍ତି – ତାହା ଦେଖିବାର କଥା । ଏତେ ବେଶୀ କାହାଣୀ, କିମ୍ବଦନ୍ତୀ, ଜନଶ୍ରୁତି ଉପରେ ନିର୍ଭରଶୀଳ ହୋଇ କବିତା ରଚନା କରିବାରେ କି ଆବଶ୍ୟକତା ଥିଲା । କେବଳ ପିଲାମାନଙ୍କ ମନରେ ଅତୀତ ଗୌରବର ଗାଥା ଶୁଣାଇବା ପାଇଁ ନୁହେଁ କି ? ତାହା ହିଁ ଥିଲା ସତ୍ୟବାଦୀ କବିତାର ବିଶ୍ୱାସ ଓ ବିରୋଧାଭାସ । କିନ୍ତୁ ଲକ୍ଷ୍ୟଥିଲା ପିଲାମାନଙ୍କୁ ଉଦ୍‌ବୋଧିତ କରିବା –

''ନୀଳାଚଳୁ ରକ୍ତ ଚିରାଳ ଯିବ ନାହିଁ ସାଗରେ
ଭକ୍ତ ଯଜ୍ଞବେଦୀ ଉତ୍କଳ ନ ହାରିବ ସମରେ
ଗଜପତି ଶୀର ଲଇଁବ ନାହିଁ ଭାରତ-ଖଂଡେ
ସାମନ୍ତ ରାଜନ ଭୋଗିବେ ନାହିଁ ଯବନ-ଦଣ୍ଡେ ।''

ତା'ପରେ କବି ରାମଚଣ୍ଡୀଙ୍କୁ ପଚାରିଛନ୍ତି ଏ ଉତ୍କଳ ଭୂମିର ଅତୀତ ସଂପର୍କରେ । କୋଣାର୍କ ମନ୍ଦିରର ଶୀର୍ଷରେ ଏକ ଶକ୍ତିଶାଳୀ ଚୁମ୍ବକ ରହି ଯାହାଜ ମାନଙ୍କୁ ଆକୃଷ୍ଟ କରି ଆଣୁଥିଲା କି ? ଗୋରା ଜଳଦସ୍ୟୁମାନେ କେବେ ଏ ମନ୍ଦିରରେ ଲୁଚି ରହିଥିଲେ କି ? ସେମାନେ ସମୁଦ୍ର ପଥରେ ଆସୁଥିବା ବୋଇତମାନଙ୍କୁ ଲୁଣ୍ଠନ କରୁଥିଲେ କି ? ଚୀନ ପରିବ୍ରାଜକ ହୁଏନ୍‌ସାଂ ଓ ଆକବରଙ୍କ ରାଜସଭାର ଆବୁଲ ଫଂଜଲ କୋଣାର୍କ ବିଷୟରେ କି ତଥ୍ୟ ଦେଇଯାଇଛନ୍ତି ? ଏଠି ଆଖ ପାଖରେ ସତେରେ କଣ ଉତ୍କଳ ଗଙ୍ଗରାଜାଙ୍କ ସୌଧ ଥିଲା ? ଏ ପ୍ରଶ୍ନ ରାମଚଣ୍ଡୀଙ୍କୁ ଥିଲା ସେଦିନ ରାତିରେ ? କିଏ କିପରି ଚନ୍ଦ୍ରଭାଗା ନଦୀ ଗର୍ଭରେ ଏତେ ପଥର ପୋତି ଏ ମନ୍ଦିର ନିର୍ମାଣ କରିଥିଲା ? ଏତେ ବଡ଼ ବଡ଼ ଶିଳାପିଣ୍ଡ କିପରି ଏଠିକୁ ଅଣାଯାଇଥିଲା ? ମନ୍ଦିର ଗାତ୍ରରେ କେଉଁଠି ଶିଷ୍ୟମାନଙ୍କ ଆଗରେ ବସି ଶିକ୍ଷା ଦେଉଛନ୍ତି, କେଉଁଠି ରାଜାଙ୍କ ଅଭିଷେକ ଉତ୍ସବ ସମାହିତ ହେଉଛି । କେଉଁଠି ରାଜା ବ୍ରାହ୍ମଣମାନଙ୍କୁ ଶଙ୍ଖରେ ପାଣି ଦେଇ କିଛି ପ୍ରତିଶ୍ରୁତି ଦେଉଛନ୍ତି, କେଉଁଠି ସନ୍ନାସୀ ଆଗରେ ରାଜା ଯାଚକ ଭାବେ ବସି ରହିଛନ୍ତି । କେଉଁଠି ସୈନ୍ୟସାମନ୍ତ ଧରି ରାଜାଙ୍କ ଯୁଦ୍ଧଯାତ୍ରା, କେଉଁଠି ବା ରାଜା ବିଜୟୋଲ୍ଲାସରେ କରୁଛନ୍ତି ପ୍ରତ୍ୟାବର୍ତ୍ତନ, ଗାନବାଜ୍ୟ ଉତ୍ସବ ମୁଖରିତ ରାଜପୁରୀ, କେଉଁଠି ନର୍ତ୍ତକୀର ନୃତ୍ୟ ତ କେଉଁଠି ହାତୀ ପୃଷ୍ଠରେ ମାହୁନ୍ତ ଦର୍ପଭରେ ବସି ରହେ ଓ ପଛରେ ନିଷାଦୀ । ପଦାତିମାନଙ୍କର ଆଶେଟନର ଦୃଶ୍ୟ - କିପରି ପଥର ଶିଳ୍ପୀମାନେ ଏତେ ଜୀବନ୍ତ ଭାବେ କୋଣାର୍କ ମନ୍ଦିର ଗାତ୍ରରେ ଫୁଟାଇ ପାରିଥିଲେ ?

ପୁଣି ଏଇ ରାମଚଣ୍ଡୀର ଅନତିଦୂରେ ରାମଚନ୍ଦ୍ର ବେଲେଶ୍ୱରଠାରେ ଶିବଙ୍କୁ ପୂଜାକରି ଥିବା କିମ୍ବଦନ୍ତୀ ରହିଛି । ତାର ସତ୍ୟାସତ୍ୟ କେବଳ ରାମଚଣ୍ଡୀ ଜାଣନ୍ତି । ମାଆକୁ ନିଉଛାଳି ହୋଇ କବି କଳାପାହାଡ଼ ଆକ୍ରମଣ ବୃତ୍ତାନ୍ତ ସଂପର୍କରେ ପଚାରିଛନ୍ତି, ଯେଉଁଥିପାଇଁ ରାମଚଣ୍ଡୀ ବାଧ ହୋଇ କୋଣାର୍କ ମନ୍ଦିର ପରିସରରୁ ପଳେଇ ଆସିଥିଲେ । ରାଜ୍ୟ ଶାସନ ଠାରୁ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ କବିଙ୍କର ଅନେକ ପ୍ରଶ୍ନ ରାମଚଣ୍ଡୀଙ୍କୁ । ସେସବୁ ପ୍ରଶ୍ନ ରହିଛି ନିରୁତ୍ତର । ସକାଳ ହୋଇ ଆସୁଛି, ବାଆବତାସି ଥମି ଯାଇଛି । ପିଲାମାନେ ଧୀରେ ଧୀରେ ନିଦରୁ ଉଠିଲେଣି । ବାଳସୂର୍ଯ୍ୟଙ୍କ ଉଦୟର ସମସ୍ତ ସମ୍ଭାବନା ପୂର୍ବ ଆକାଶରେ ପ୍ରକାଶ ପାଇଲାଣି । କଳିସୁରଧୁନୀ ହେଉଛି ଚିତ୍ରୋତ୍ପଳା ଅର୍ଥାତ୍ ମହାନଦୀ । ସେ ଚନ୍ଦ୍ରଭାଗା ନଦୀର ଜନନୀ ସ୍ୱରୂପିଣୀ। ଏହି ଚନ୍ଦ୍ରଭାଗାରେ ସେଦିନ ମାୟାଦେବୀଙ୍କ ବିଗ୍ରହ ସିନ୍ଦୁକରେ ଭାସୁଥିବାର କୁମାର ନରସିଂହ ଦେଖିଥିଲେ । ସେ ଥିଲେ ପ୍ରକୃତିରେ ସୂର୍ଯ୍ୟଙ୍କ ପତ୍ନୀ ଶାପଗ୍ରସ୍ତା ଛାୟା । ଏକାମ୍ର କାନନରେ ତାଙ୍କର ନରସିଂହଙ୍କ ସହିତ ସାକ୍ଷାତ ଘଟିଥିଲା । ତାଙ୍କ ପ୍ରଣୟ ଶେଷକୁ ତାଙ୍କ ଅଂତିମ କାଳକୁ ଡାକି ଆଣିଥିଲା । ସେଇଥିପାଇଁ ସୂର୍ଯ୍ୟ ମନ୍ଦିର ପାଖରେ ମାୟାଦେବୀଙ୍କ ନାମରେ ଆଉ ଗୋଟିଏ ମନ୍ଦିର ରାଜା ତୋଳେଇ ଦେଇଥିଲେ । ସେଇ କଥା ହିଁ 'କୋଣାର୍କେ' କାବ୍ୟର ୨ୟ ଭାଗ ଅର୍ଥାତ୍ 'ମାୟାଦେବୀ' କାବ୍ୟରେ କୁହାଯାଇଛି ।

ଆଗରୁ କୁହାଯାଇଛି 'ରାମଚଣ୍ଡୀରେ ରାତି' ଦୀର୍ଘ କବିତାରେ ପ୍ରାଥମିକ ସରଳତା ଓ ସ୍ୱଚ୍ଛତା ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଉପଲବ୍‌ଧ ହୁଏ ନାହିଁ । ଦୀର୍ଘ ସମାସାନ୍ତ ପଦ ଓ ନାନାଦି ଐତିହାସିକ ସୂଚନାତ୍ମକତାରେ ଦୀର୍ଘ କବିତାଟି ଖୁବ୍ ଜଟିଳ

ଓ ନିରସ ହୋଇଉଠେ। ତଥ୍ୟରେ ଭରପୁର ଓ ବର୍ଣ୍ଣନା ରକତାରେ ବିହ୍ୱଳ ଏ କବିତାଟି ଇତିହାସ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । କୁହାଯାଇପାରେ ପଦ୍ୟାକାରରେ ଓଡ଼ିଶାର ଇତିହାସ ହିଁ ଲେଖା ହୋଇଛି କିନ୍ତୁ କାବ୍ୟ ଆବେଗ ଓ କାବ୍ୟ ସୌନ୍ଦର୍ଯ୍ୟ ପାଇଁ ଆମକୁ ନୀଳକଂଠଙ୍କ ରଚିତ କାବ୍ୟମାନଙ୍କୁ ହିଁ ଅନୁଧ୍ୟାନ କରିବାକୁ ହେବ ।

ତାଙ୍କର ଦୁଇଟି ଅନୁବାଦ-କାବ୍ୟ 'ପ୍ରଣୟିନୀ' ଟେନିସନଙ୍କ The Princess କାବ୍ୟର ଓ 'ଦାସ ନାଏକ' ସେଇ କବି ଟେନିସନ୍‌ଙ୍କ Enoch Anden କାବ୍ୟର ଛାୟାରେ ରଚିତ । ନୀଳକଂଠ ପ୍ରଥମଟିକୁ କୌତୁକ କାବ୍ୟ ନାମରେ ନାମିତ କରିଛନ୍ତି । କିନ୍ତୁ ଆରଟି ନିଶ୍ଚିତ ଭାବେ କରୁଣାନ୍ତକ । ପ୍ରଥମଟି ୧୯୧୯ ମସିହାରେ ଗ୍ରାମରେ ଓ ୨ୟଟି ୧୯୨୩ ମସିହାରେ ହଜାରିବାଗ ଜେଲରେରଚିତ । ତେବେ ଏସବୁ ମୌଳିକ କାବ୍ୟ ହୋଇ ନଥିବାରୁ ଆଲୋଚନାର ଅବକାଶ ନାହିଁ । ସେହିପରି 'ଭକ୍ତିଗାଥା' ନାମରେ ରଚିତ କବିତା ଗୁଡ଼ି, ବିଶେଷ ପାଙ୍‌କ୍ତେୟ ହୋଇପାରିଛି ବୋଲି ମୁଁ ଭାବୁନାହିଁ । ତେଣୁ ଏହି ସୂଚନା ସହିତ ଏଠାରେ କବିଙ୍କ ସଂପର୍କୀୟ ଆଲୋଚନାକୁ ଶେଷ କରିବାକୁ ଉଚିତ ମନେ କରୁଛି ।

-୦-

## ସପ୍ତଦଶ ପତ୍ର
## ତୃତୀୟ ୟୁନିଟ୍
# କବି ଗୋଦାବରୀଶ ମିଶ୍ର

**ପ୍ରଫେସର ନିତ୍ୟାନନ୍ଦ ଶତପଥୀ**

**ବ୍ୟକ୍ତିତ୍ୱର ବିକାଶ :**

କବି ଗୋଦାବରୀଶଙ୍କ କାବ୍ୟ–ବ୍ୟକ୍ତିତ୍ୱ ସଂପର୍କରେ ଡକ୍ଟର କୁଂଜବିହାରୀ ଦାଶ କହିଛନ୍ତି – ''ସାହେବୀ ଢଙ୍ଗର ଶାଣିତ ଶିଷ୍ଟାଚାର ଅତିକ୍ରମକରି ଭିତରେ ପଶିଲେ ଆବିଷ୍କୃତ ହୁଏ ଗୋଟିଏ ମନ – ଜାତୀଅତାରେ ଭାରତୀୟ, ଉଦାରତାରେ ବିଶ୍ୱଜନୀନ, କିନ୍ତୁ ଉପାଦାନରେ ଖାଣ୍ଟି ଓଡ଼ିଆ । ରାଜନୀତି ବା କୁଟନୀତିରେ ନୁହେଁ, ସେ ମନ ତାର ଶ୍ରେଷ୍ଠ ଅଭିବ୍ୟକ୍ତି ଦେଇଚି ଲୋକ–କବିତାରେ । ତାଙ୍କ ପ୍ରାଣର ପରିଧି ଦୂରରୁ ଦୂରକୁ ପ୍ରସାରିତ, କଳନାରେ ଆଣିହୁଏ ନାହିଁ । କିନ୍ତୁ ତାର କେନ୍ଦ୍ରବିନ୍ଦୁ ସହଜରେ ଧରାପଡେ । ଏହା ଗ୍ରାମରେ, ଭାଲେରୀ, ସୋଲରୀ, ମାମୁଁ ଭଣଜା ବା ଘଣ୍ଟଶିଳାରେ, ସଂଯୋଇ ବା ଶାଳିଆରେ, 'କାଳିଜାଇ'ରେ ହଜିଥିବା ଶୋକ–ଉଚ୍ଛ୍ୱସିତ ତରଙ୍ଗରେ ବା ନିଃକ୍ଷେଷଣରେ ନିଭିଯାଇଥିବା ପଲ୍ଲୀକୁଟୀରର ଭଗ୍ନାବଶେଷରେ । ...... ସେ ସହରକୁ ମନରେ ଗ୍ରାମକୁ ଅନୁଭବରେ ପାଇଛନ୍ତି । ସେ ସହରରେ ମନୀଷୀ, ଗ୍ରାମରେ କବି । ଆପାତ ବିରୁଦ୍ଧ ବୋଧ ହେଲେ ହେଁ ଏକ ବ୍ୟକ୍ତିତ୍ୱର ଦୁଇ ଅବତାର ପରସ୍ପରର ପରିପୂରକ ହୋଇଅଛି ।

**–ସାହିତ୍ୟିକ–**

କବି କିଶୋରୋତ୍ତୀର୍ଣ୍ଣ ବୟସରେ ବାପ ମାଆଙ୍କୁ ହରାଇଥିଲେ । ଘରେଥିଲେ ସତୁରୀ ବର୍ଷର ବୁଢ଼ୀମା ଓ ବାଲ୍ୟ ବିବାହିତା ପତ୍ନୀ । ଏହି ଦୁଃଖୀ ପରିବାରରେ କବିଙ୍କ ଜୀବନ ଏକ ମହନୀୟ ମାନବୀୟ ଆଦର୍ଶରେ ଗଢ଼ା ହୋଇଥିଲା । ନିଜ ଆତ୍ମଜୀବନୀରେ ପରିବାର ଓ ନିଜର କୈଶୋର କଥା ଚିତ୍ରଣ ହୋଇଛି । ପାରିଦ୍ର୍ୟ, ରୋଗବ୍ୟାଧି, ଶାସନର ନିପୀଡନ ମଧ୍ୟରେ ବି ଗ୍ରାମ ଓ ପରିବାର ଜୀବନରେ ମାନବୀୟ ସ୍ନେହ, ମମତା ବୋଧ ଓ ସମଦର୍ଶିତା ମନୁଷ୍ୟର ଜୀବନକୁ ସୁଖସନ୍ତୋଷମୟ କରୁଥିଲା । ତାଙ୍କ ଭାଷାରେ – ''ଦରିଦ୍ର କୁଡ଼ିଆରେ ଖାଇବା, ପିନ୍ଧିବା ଆଦି ଆଡୁ ଖେଣ୍ଟ ଯେତେ ବେଶୀହୁଏ, ଲୋକ ବୋଧହୁଏ ପେରସ୍ପରର ସ୍ନେହ ଡୋରୀକୁ ଗୁଳ୍ମଗଛର ଚେରପରି ଚାରିଦିଗକୁ ମେଲାଇ କ୍ଷତିପୂରଣ କରି ନିଅନ୍ତି, ହୃଦୟ ସହିତ ହୃଦୟ ମିଳାଇ ରଖନ୍ତି ନୟନର ବାରିଧାରାରେ ।'' (ଅର୍ଦ୍ଧାତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ) ପୁରୀ ଜିଲ୍ଲାସ୍କୁଲରେ, କଟକର ରେଭେନ୍ସା କଲେଜରେ ସେ ନିଜ ପାରିବାରିକ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରି ଉଚ୍ଚ ଶିକ୍ଷା ଲାଭା କରିଥିଲେ । ପରେ ସେଇ ଏକକ ମାନସିକ ଦୃଢ଼ତାରେ କଲିକତାରେ ମଧ୍ୟ ଏମ୍.ଏ. ପାଶ୍ କରିଥିଲେ । ବହୁ ବଡ଼ ବଡ଼ ଚାକିରୀର ପ୍ରଲୋଭନ ଓ ସମ୍ଭାବନାକୁ ଛାଡ଼ି ଗୋପବନ୍ଧୁ ଦାସଙ୍କ ଅନୁରୋଧ କ୍ରମେ ସତ୍ୟବାଦୀ ବନ ବିଦ୍ୟାଳୟରେ ସ୍ୱଳ୍ପ ବେତନରେ ଶିକ୍ଷକଭାବେ ଯୋଗ ଦେଲେ । ଏଇଠି ହିଁ ଗୋପବନ୍ଧୁଙ୍କ ସଂପର୍କରେ ଆସି ମାଟି ପିଣ୍ଡୁଳାଟି ମଜଭୁତ୍ ଇଟାରେ ପରିଣତ ହୋଇଯାଇଥିଲା ।

୧୯୦୬ ମସିହାରେ ଜଗନ୍ନାଥ ମନ୍ଦିରର ସିଂହଦ୍ୱାରଠାରେଆୟୋଜିତ ସଭାରେ ଗୋପବନ୍ଧୁ ଅନଳବର୍ଷୀ ଭାଷଣ ଦେଉଥିଲେ । କଲିକତାରେ ବଙ୍ଗଭଂଗ ପରେ (୧୯୦୫) ଜାତୀୟବାଦୀମାନେ ଯେଉଁ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରିଥିଲେ ଏ ସଭାଥିଲା ତାର ଅଂଶବିଶେଷ ଗୋଦାବରୀଶ ନିଜ ଆତ୍ମଜୀବନୀରେ ସେଇ ପ୍ରଥମ ସାକ୍ଷାତକୁ ମନେ ପକାଇ ଲେଖିଛନ୍ତି – ''ମୁଁ ଗୋପବନ୍ଧଉ ବାବୁଙ୍କୁ ସେଇଦିନ ଦେଖିଲି । ତାଙ୍କ ମୁଖମଣ୍ଡଳରୁ ଯୌବନର ଜ୍ୟୋତି ବାହାରୁଥାଏ । କଳାଦାଢ଼ି ତାର ଶୋଭା ବଢେଇ ଦେଉଥାଏ । ସେ ରହି ରହି ଥଙ୍ଗେଇ ଥଙ୍ଗେଇ ଅନର୍ଗଳ ସ୍ୱରରେ ସିଂହ ଗର୍ଜନରେ ବକ୍ତୃତା ଦେଉଥାନ୍ତି ।'' (ପୃ.୬୦) ଏ ଆକର୍ଷଣ ପରବର୍ତ୍ତୀ ଅବସ୍ଥାରେ ଗଭୀର ହୋଇଥିଲା ଯେଉଁଦିନ ରେଭେନ୍ସା କଲେଜ ଛାତ୍ରଭାବେ (୧୯୦୯) ଗୋପବନ୍ଧୁଙ୍କ ସହିତ ତତ୍‌କାଳୀନ କିଛି କଲେଜଛାତ୍ରଙ୍କ ସହ ଧବଳେଶ୍ୱର ଯାଇ ଗୋପବନ୍ଧୁଙ୍କ ଆହ୍ୱାନରେ ଜୀବନରେ ସତ୍ୟ ଆଚରଣ କରିବେ ବୋଲି ଶପଥ ନେଇଥିଲେ । ଏକଥା ସର୍ବବାଦୀ ସମ୍ମତ ଯେ ଗୋପବନ୍ଧୁ ନିଜେ ଥିଲେ ସତ୍ୟର ଉପାସକ ଓ ଦେଶ ସେବାର ଉଜ୍ଜଳ ଦୀପଦଣ୍ଡୀ । କ୍ରମେ ସେଇ ବ୍ୟକ୍ତିତ୍ୱର ସଂଚାର ପଥରେ ଭ୍ରାମ୍ୟମାଣ ଗୋଦାବରୀଶ ତାଙ୍କ ପ୍ରତି ଏତେ ଆସକ୍ତ ହୋଇ ପଡ଼ିଥିଲେ ଯେ ତାଙ୍କୁ ''ମୋ ଜୀବନର ଦେବତା'' ବୋଲି ଗ୍ରହଣକରି ନେଇଛନ୍ତି ଓ ଅତି ଅକପଟଭାବେ ଆତ୍ମଜୀବନୀରେ ତାହା ଉଲ୍ଲେଖ କରିଛନ୍ତି । ପୁଣି କହି ରଖିଛନ୍ତି – ''ଏ ଭବପାରାବାରରେ ମୋ କ୍ଷୁଦ୍ର ଜୀବନ ତରୀର କର୍ଣ୍ଣଧାର ସେ । ମୋ ପ୍ରାଣର ଉପାସ୍ୟ ଦେବତା । ଦୁର୍ବଳ ମୁହୂର୍ତ୍ତମାନଙ୍କରେ ଆଜିସୁଦ୍ଧା ମୁଁ ତାଙ୍କରି ମୂର୍ତ୍ତି ଆଖି ଆଗରେ କଳ୍ପନାରେ ଦେଖି ସାନ୍ତ୍ୱନା ପାଏ । ଗୋପବନ୍ଧୁଙ୍କ ପରି ସୁହୃଦ୍, ପଥପ୍ରଦର୍ଶକ ଓ ଦର୍ଶନ ଗୁରୁ ନିତାନ୍ତ ବିରଳ ।'' (ପୃ.୬୦) ଯେଉଁଦିନ ଗୋଦାବରୀଶ ଏଇ ପଥପ୍ରଦର୍ଶକ ସୁହୃଦ୍‌ଙ୍କ ଡାକରାରେ କଲିକତାରୁ ଏମ୍.ଏ. ପାଶ୍ କରି ସାକ୍ଷୀଗୋପାଳ ଷ୍ଟେସନ୍‌ରେ ଟ୍ରେନରୁ ଓହ୍ଲେଇଇଲେ ସେଦିନ ସେ ଯେ ଏକ ନିଶ୍ଚିତ ଅନିର୍ଦ୍ଦିଷ୍ଟ ପଥରେ ପାଦ ଦେଇଛନ୍ତି, ଏହା ବୁଝଇଥିଲେ ମଧ୍ୟ ଷ୍ଟେସନ୍‌ରେ ଅପେକ୍ଷାରତ ଗୋପବନ୍ଧୁ ଓ ଅନ୍ୟମାନଙ୍କୁ ଦେଖି ସବୁ ଭୁଲି ଯାଇଥିଲେ । ତାଙ୍କ ଆଗମନ ଓ ବନବିଦ୍ୟାଳୟରେ ଶିକ୍ଷକଭାବେ ଯୋଗଦାନ ସଙ୍ଗେ ସଙ୍ଗେ ତାଙ୍କ ପାଇଁ ଯେଉଁ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା ଗୋପବଂଧୁ ଭାବତରଳ ଭାଷାରେ ତାଙ୍କୁ ସ୍ୱାଗତ କରି ଯାହା କହିଥିଲେ ମୋଟାମୋଟି ତାର ସାରାଂଶ ଥିଲା, ''ଯେଉଁ ଶିକ୍ଷକମାନେ ବିଦ୍ୟାଳୟକୁ ଦେବମନ୍ଦିର ବୋଲି ମନେ କରିବେ ଶିକ୍ଷକତାକୁ ଜାତୀୟ କାର୍ଯ୍ୟ ଭାବେ ବରଣ କରିନେବେ, ଧର୍ମ ଓ ସାତ୍ତ୍ୱିକ ଭାବରେ ପ୍ରମୋଦିତ ହୋଇ ଛାତ୍ରମାନଙ୍କ ଠାରେ ଦେବତ୍ୱର ବିକାଶ କରାଇ ପାରିବେ ଏବଂ ଯେଉଁମାନେ ଛାତ୍ରମାନଙ୍କୁ ଗଢ଼ିବାରେ ଭଗବାନଙ୍କ ପ୍ରତି ମନୁଷ୍ୟର ପରମ କର୍ତ୍ତବ୍ୟ ସଂପାଦନ କରୁଛନ୍ତି ବୋଲି ମନେ କରିବେ, ସେଇମାନେ ଏଠାରେ ସମବେତ ହୋଇଛନ୍ତି ।'' ଗୋଦାବରୀଶ ଏ ବକ୍ତବ୍ୟ ଶୁଣି ଏତେ ଉଦ୍‌ବୁଦ୍ଧ ହୋଇଯାଇଥିଲେ ଯେ ଆତ୍ମଜୀବନୀରେ ଲେଖିଛନ୍ତି – ''ମୋତେ ସେଦିନ ଆଉଥରେ ବ୍ରତ ହେଲାପରି ଲାଗିଲା । ମୋ ଆଖିରୁ ଅବିରଳ ଲୁହ ବହି ଯାଉଥାଏ । ମାତ୍ର ମୁଁ ପାଟି ଫିଟାଇ କିଛି କହି ପାରିଲି ନାହିଁ ।

ପୁନଶ୍ଚ ଏହି ବନବିଦ୍ୟାଳୟରେ ଶିକ୍ଷକତା କରୁଥିଲାବେଳେ ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନ ଶିକ୍ଷକ ହୋଇଯିବାକୁ ଗୋଦାବରୀଶଙ୍କୁ ଆମନ୍ତ୍ରଣ ଆସିଥିଲା । ସେ ତାଙ୍କ ଗାଁ ବାଣପୁର ଠାରୁ ଖୋର୍ଦ୍ଧା ପାଖ ହେବ ଓ ଅଧିକ ଦରମା ମିଳିବ ବୋଲି ସମ୍ଭବତଃ ଯିବାକୁ ନିଷ୍ପତ୍ତି ନେଇଥିଲେ ଟା ନିଜ ମନକଥା ଗୋପବନ୍ଧୁଙ୍କୁ ଜଣେଇଲେ । ଗୋପବନ୍ଧୁ କିଛି ନ କହି ଶିକ୍ଷକମାନଙ୍କର ଗୋଟାଏ ସଭା ଡକାଇଲେ ଓ ନିର୍ବାକ ନିଶ୍ଚଳଭାବେ ଗୋଦାବରୀଶଙ୍କୁ କୁଣ୍ଢାଇ ପିଲାଙ୍କ ପରି କାନ୍ଦିବାରେ ଲାଗିଲେ । ଗୋଦାବରୀଶଙ୍କ ସରଳ ହୃଦୟ ଏଇ ପରିବେଶରେ ବିଚଳିତ ହୋଇ ଯାଇଥିଲା । ସେ ଆତ୍ମଜୀବନୀରେ ଲେଖିଛନ୍ତି, ''ମୁଁ ମଧ କାନ୍ଦିଲି । ଚାରିଟା ଲୁହଧାର ମିଶି ବନ୍ୟାରେ ପରିଣତ ହୋଇଗଲା । ମୁଁ ସେଥବରେ ଭାସିଗଲି, ମୋ ଇଚ୍ଛା ବଦଳିଗଲା ।'' ବସ୍ତୁତଃ ଗୋଦାବରୀଶଙ୍କ ବ୍ୟକ୍ତିତ୍ୱ ଥିଲା ଏହିପରି ଏକ ସରଳ ସ୍ୱଚ୍ଛ ବିଚଳିତ ପ୍ରାଣ ମହନୀୟ ବ୍ୟକ୍ତିତ୍ୱ । କୈତବତା ତାଙ୍କ ଜାତକରେ ନ ଥିଲା । କୁଟିଳତା ତାଙ୍କୁ ପ୍ରାୟ ଛୁଇଁ ନ ଥିଲା ।

ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ପ୍ରତି ଗୋଦାବରୀଶଙ୍କ ଆକର୍ଷଣ ଥିଲା ଏକାନ୍ତ ବୈଷ୍ଣବ ଜନୋଚିତ ଭକ୍ତିଭାବାପନ୍ନ । ସେଠି ଯୁକ୍ତି ବା ତର୍କର ସ୍ଥାନ ନ ଥିଲା । କେବଳ ଢଳିଯିବା ଓ ଢାଳିଦେବା ହିଁ ଥିଲା ତାଙ୍କ ସ୍ନେହ-ମେଳ୍ଚର ମାନସିକତାର ଏକମାତ୍ର ପରିଚୟ । ଏହି ନିବିଡ଼ ଓ ସୂକ୍ଷ୍ମ ଆବେଗପୂର୍ଣ୍ଣ ବନ୍ଧନର ସ୍ମୃତି ତାଙ୍କ 'ଜୀବନ ଦେବତା' କବିତା ଧରି ରଖିଛି ।

''ପରାଣ ଦେବତା କରି ପୂଜନ୍ତି ଯତନେ / ଦିବାନିଶି ହୃଦପୀଠ ସ୍ନେହ ସିଂହାସନେ
ନଇବେଦ୍ୟ ରୂପେ ଯାହା ଧରିଚି ମୁଁ ଚିତ୍ତେ/ତୁମ ଯୋଗ୍ୟ କରି ଯେବେ ପାରନ୍ତି କିଂଚିତେ,
ତୁମରି ନିର୍ଦ୍ଦେଶେ ଆଜି ହୃଦପୀଠେ ଧରି/କରମ ସାଧନ ପୀଠେଅଛି ଅବତରି,
ଏ ରୁକ୍ଷ ବିଷମ ପଥେ ବିହରି ହରଷେ/ମିଳିବି ଯାବତ ଯାଇ ଦୂର ଧ୍ରୁବ ପାଶେ ।
ସେତେବେଳେ ସନମାନେ ନଇବେଦ୍ୟ ଧରି/ପୂଜାତବ, ଆରାଧ୍ୟ ହେ, ପାରିବି ଆଚରି ।''

ଅତୁଳନୀୟ ଏ ଆନୁଗତ୍ୟ, ଅତୁଳନୀୟ ଏ କାବ୍ୟପଙ୍କ୍ତି । ଆଉଗୋଟିଏ ସମୟର କଥା କହିଲେ ଗୋଦାବରୀଶଙ୍କ ବ୍ୟକ୍ତିତ୍ୱ ଗଠନ ଦିଗରେ ଗୋପବନ୍ଧୁଙ୍କ ଅବଦାନ ବିଷୟରେ ଜଣାଯିବ । ଜଣେ ଗୋରା ସାହେବ ସତ୍ୟବାଦୀ ବନବିଦ୍ୟାଳୟ ପରିଦର୍ଶନରେ ଆସିଥାନ୍ତି । ସତ୍ୟବାଦୀର ଆଦର୍ଶ ଶିକ୍ଷାଦାନ ପଦ୍ଧତି, ତାର ଶିକ୍ଷକମାନଙ୍କ ନିଷ୍ଠା ଓ ଓଡ଼ିଶାର ବିଭିନ୍ନ ଅଂଚଳରୁ ଛାତ୍ରଙ୍କୁ ଆକର୍ଷଣ କରି ଆଣିବାର ଶକ୍ତି ଥିଲା ଅନନ୍ୟ । ସମସ୍ତେ କହୁଥିଲେ, ''ସେତ ସ୍କୁଲ ନୁହେଁ, ମଣିଷ ତିଆରି କାରଖାନା ।'' ସାହେବ ନୀରବ, ଗମ୍ଭୀର ଓ ବିସ୍ମୟାଭିଭୂତ ହୋଇ ପଡିଲେ । ବିଦ୍ୟାଳୟର ଦାରିଦ୍ର୍ୟ ସତ୍ତ୍ୱେ ମହତ୍ତମ ଲକ୍ଷ୍ୟ ସାଧନ ପାଇଁ ଆନୁବ୍ରତ୍ୟ ତାଙ୍କୁଛମୁଗ୍ଧ କରୁଥିଲା । ସ୍କୁଲ ପାଇଁ ଉପଯୁକ୍ତ ବାତାବରଣ (Infrastructure) ନାହିଁ ବୋଲି ସେ ପ୍ରଥମରୁ ଯେଉଁ ବିରକ୍ତି ପ୍ରକାଶା କରିଥିଲେ ଗୋପବନ୍ଧୁଙ୍କ କଥାରେ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲେ । ଗୋପବନ୍ଧୁଙ୍କ ନିଷ୍ଠାକୁ ଲକ୍ଷ୍ୟ କରି ପରେ ଗୋଦାବରୀଶ କବିତାରେ ଲେଖିଲେ,

''ସେହି ସତ୍ୟବାଦୀ ଗୁପ୍ତ ବୃନ୍ଦାବନ
ବଉଳ ତମାଳ ତଳେ
କଳିଯୁଗେ ଆଜି ଦ୍ୱାପର ବିଧିଲୋ
ଦିଶୁଛି ଆବର ଥରେ ।
ଦାସ ଗୋପବନ୍ଧୁ ଗୋପ ବାଳଲୀଳା
କରିଛି ଭିଆଣପୁଣି
କହ ଜମ୍ବୁଦ୍ୱୀପେ କେ ନାହିଁ ନାଆଁଲୋ
ସେ ଦାସ ପୁଅର ଶୁଣି ।
ନିଜ ଘର ସୁଖ ନ ଜାଣେ ନିଜର
ବାଳୁଚେ ନାହିଁଛି ଦେଖି
କେତେ ପରପିଲା ପିଅର ପ୍ରାଏଲୋ
ବଢ଼ାଏ କୁଶଳେ ରଖି ।'' (୧)

(୧) ଏ ତଥ୍ୟ ଗୋପବନ୍ଧୁଙ୍କ ଜୀବନୀ 'ହେ ସାଥି, ହେ ସାରଥି, ରୁ ଉଦ୍ଧୃତ ପୃ. ୮୭ ଲେ : ନିତ୍ୟାନନ୍ଦ ଶତପଥୀ

ଗୋପବନ୍ଧୁ ସ୍ୱାଧୀନତା ସଂଗ୍ରାମ, ଅସହଯୋଗ ଆନ୍ଦୋଳନ ଓ ଜାତୀୟ କଂଗ୍ରେସରେ ଯୋଗ ଦେବାପରେ ସତ୍ୟବାଦୀ ବନ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରି ଦେଇଥିଲେ । ତା' ପୂର୍ବରୁ ସେ ଗୋଦାବରୀଶଙ୍କୁ ବିଚ୍ଛିନ୍ନାଞ୍ଚଳ ଚକ୍ରଧର ପୁରକୁ ନେଇ ସେଠାରେ ଓଡ଼ିଆ ସ୍କୁଲର ପ୍ରଧାନ ଶିକ୍ଷକଭାବେ ଅବସ୍ଥାପିତ କରିଥିଲେ । ସେ ସ୍କୁଲ ମଧ୍ୟ ଜାତୀୟ ସ୍କୁଲ ହୋଇଗଲା ଓ ଇଂରୋଜ ସରକାରଙ୍କ ବିଷଦୃଷ୍ଟିରେ ରହିଲା । ଗୋପବନ୍ଧୁ ୧୯୨୨ ମସିହାରେ ଦି' ବର୍ଷ ପାଇଁ ଜେଲ ଗଲାପରେ ବୋଧହୁଏ ଆର୍ଥିକ ଦୂରବସ୍ଥାର ସମ୍ମୁଖୀନ ହୋଇ ଚକ୍ରଧରପୁର ଜାତୀୟ ସ୍କୁଲ ଅଂଚଳ ହୋଇଗଲା । ସତ୍ୟବାଦୀ ବନବିଦ୍ୟାଳୟକୁ ଫେରିଯିବାକୁ ତାଙ୍କୁ ବାରମ୍ବାର ଅନୁରୋଧ କରାଗଲା, କିନ୍ତୁ ଗୋପବନ୍ଧୁ ବିହୀନ ସତ୍ୟବାଦୀ ଜାତୀୟ ସ୍କୁଲରେ ସେ ରହିବାକୁ ମନ କଲେ ନାହିଁ । ସେ ଶାଳିଆ ନଦୀକୂଳରେ ଘଣ୍ଟଶିଳା ପାହାଡ଼ ତଳେ ଗୋଟିଏ ଆଶ୍ରମ ନିର୍ମାଣ କରି ଏକ ପ୍ରକାର ସ୍ୱରାଜ୍ୟ ସନ୍ନ୍ୟାସର ଜୀବନ ଯାପନ କରିବାକୁ ଉଚିତ ମରିଲେ । ଏତେ ଅଭାବ ଯେ ଏଇଠି ଦୁଇଦିନ ପୋଡାତାଳ ଖାଇ ସମୟ ଅତିବାହିତ କରିଥିଲେ ବୋଲି, କବିତାରେ ଲେଖିଛନ୍ତି ।

''ଚାହୁଁ ଚାହୁଁ ବିତିଗଲା ଗୋଟିଏ ବରଷ
ଆଜିଲୋ ପାଳୁଛି ବୋଉ, ତୋ ଶ୍ରାଦ୍ଧ ଦିବସ ।
ଦୁଇଦିନ ବିତାଇଛି ଖାଇ ପୋଡାତାଳ
ଆଜିକି ବଦଳିଯିବ କାଲିର କପାଳ ?'' (ଶ୍ରାଦ୍ଧଦିବସ)

ଆତ୍ମ ଜୀବନୀରେ ଗେଦାବରୀଶ ଏଇ ସମୟର ଉତ୍କଟ ଦାରିଦ୍ର୍ୟ ଓ ଅର୍ଥାଭାବକୁ ନେଇ ଲେଖିଛନ୍ତି – ''ମନୁଷ୍ୟ ଜୀବନରେ ସର୍ବସ୍ୱ ହରାଇ ଦାଣ୍ଡର ଭିକାରୀ ହେବତ ହେବ ଗୋପବନ୍ଧୁଙ୍କ ପରି ପୁରୁଷର ପ୍ରଭାବରେ ପଡି ।'' (ପୃ.୫୦) ଏପରି ସରଳ ନିଷ୍କପଟ ହୃଦୟବତ୍ତା ଅନ୍ୟତ୍ର ଦୁର୍ଲ୍ଲଭ ମନେହେବ । ଗୋପବନ୍ଧୁଙ୍କୁ ସେ ଅନ୍ତରରେ କେଉଁଆସନ ଦେଇଥିଲେ ଏଇଥରୁ ସ୍ପଷ୍ଟ ହେବ । ପୁଣି ଆତ୍ମଜୀବନୀର ୧୪୮ ପୃଷ୍ଠାରେ ଲେଖିଛନ୍ତି ନୀଳକଂଠଙ୍କ ସଂପର୍କରେ । ''ମୁଁ ଯେ ନୀଳକଂଠ ବାବୁଙ୍କର କେବଳ ବନ୍ଧୁ ବା ସହକର୍ମୀ ଥିଲି ।' ନୁହେଁ, ତାଙ୍କର ଅନୁଗତ ଭୃତ୍ୟ ମଧ୍ୟ ଥିଲି । ଦୁହେଁ ଏକାଠି ଗାଧୋଇଲେ ମୁଁ ତାଙ୍କ ପାଲଟା ଲୁଗା ଚୁପୁଡ଼ି କାନ୍ଧରେ ଧରୁଥିଲି ଏବଂ ଘରକୁ ଫେରିଲେ ତାଙ୍କ ଖଡ଼ମ ଓ ପାରି ଆଣି ଗୋଡ଼ଧୁଆ ଜାଗାରେ ରଖୁଥିଲି । କେତେକ ପିଲା ।ନୀଳକଂଠବାବୁଙ୍କ ସମାଲୋଚକ ଥବଲେ । ସେମାନେ ମୋତେ 'ବୁକୁଚାବୁହା ଚାକର' ନାଁ ଦେଇଥିଲେ ।'' (ପୃ. ୧୪୮) । ଏପରି ସରଳ ନିଷ୍କପଟକତା କହୁଥିବା କବିଟିଏ କବିତାରେ କଣ ଲେଖୁଥିବେ ତାହା ଅନୁମାନ କରାଯାଇପାରେ । ତାଙ୍କ କବିତା ତାଙ୍କ ଅନ୍ତରଙ୍ଗ ଅନୁଭୂତିର ପରିପ୍ରକାଶ, ସତ୍ୟର ଅକୁଣ୍ଠୋଭ ଅବତାରଣା,। ସରଳ ପଦାବଳୀର ସମାହାର ଓ ଆବେଗଶୀଳ ମାନବତାବାଦର ଉନ୍ମୀଳନ ହେବଇ ହେବ ।

**ଗୋଦାବରୀଶଙ୍କ ଗୀତି କବିତା :**

ଗୋଦାବରୀଶଙ୍କ କବିତାଜଗତ ବିଷୟରେ ସମାଲୋଚକ ଡକ୍ଟର ନରେନ୍ଦ୍ରନାଥ ମିଶ୍ର କହନ୍ତି – ''କବି ନିଜ ଦୀର୍ଘ ଜୀବନରେ ବହୁ ବିଚିତ୍ର ଅନୁଭୂତି କ୍ଷୁଦ୍ର କ୍ଷୁଦ୍ର କବିତା ଆକାରରେ ଲିପିବଦ୍ଧ କରିଯାଇଛନ୍ତି । ତାଙ୍କର ଦୃଷ୍ଟିକୋଣ ଜନମୁଖୀ ଓ ଉଦାର । କ୍ଷୁଦ୍ର ଓ ବୃହତ୍, ସାମାନ୍ୟ ଓ ମହତ୍ ସର୍ବତ୍ର ତାଙ୍କ କବିପ୍ରାଣ ଆତ୍ମୀୟତା ସ୍ଥାପନରେ ସକ୍ଷମ । ଗୋଦାବରୀଶଙ୍କ କର୍ମଜୀବନ ଓ କବିଜୀବନ ଅଙ୍ଗାଙ୍ଗୀ ଭାବେଜଡିତ । ଶିକ୍ଷକ, କର୍ମୀ, ରାଜବନ୍ଦୀ, ଜେନନେତା, ବହୁଭାବରେ ବ୍ୟସ୍ତ କର୍ମପ୍ରାଣ ଗୋଦାବରୀଶଙ୍କ ବ୍ୟକ୍ତିତ୍ୱର ସ୍ପର୍ଶ ତାଙ୍କ କବିତାରୁ ମିଳେ ।''(୨) ଏ ମନ୍ତବ୍ୟ ସତ୍ୟବାଦୀର ତିନିପ୍ରମୁଖ କବିଙ୍କପାଇଁ

୨– ଆଧୁନିକ ଓଡ଼ିଆ କାବ୍ୟଧାରା–ନବଜାଗରଣ ଯୁଗ ପୃ.୨୧୨/୨୧୩ ଡକ୍ଟର ନରେନ୍ଦ୍ରନାଥ ମିଶ୍ର

ପ୍ରଯୁଜ୍ୟ ମଧ୍ୟ । କାରଣ ଏମାନେ ନିଜ ନିଜର କର୍ମ ଜୀବନକୁ କବିତାରେ ପ୍ରତିଫଳିତ କରିଛନ୍ତି । ସେମାନେ ପ୍ରଥମେ କର୍ମୀ ହେଲେ ପରେ କବି । ତେଣୁ କର୍ମଜୀବନ ଓ କବି ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହେବାକୁ ବାଧ୍ୟ । ଗୋଦାବରୀଶଙ୍କ ଜୀବନରେ କର୍ମର କ୍ଷେତ୍ର ଯେଉଁପରି ବିସ୍ତୃତ ଥିଲା ପ୍ରାଣରେ କର୍ମର ପ୍ରେରଣା ମଧ୍ୟ ସେହିପରି ଥିଲା ଖୁବ୍ ପରିବ୍ୟାପ୍ତ । ତେଣୁ ଯେତେବେଳେ ଯେଉଁ ଭାବ ଓ ଆବେଗର ସେ ସମ୍ମୁଖୀନ ହୋଇଛନ୍ତି ତାକୁ ଖଣ୍ଡ କବିତା ମଧ୍ୟରେ ପ୍ରକାଶ କରିବାକୁ କୁଣ୍ଠା ରଖି ନାହାନ୍ତି । ଏ ସମସ୍ତ କବିତା ତାଙ୍କର ପାଞ୍ଚୋଟି ପୁସ୍ତକରେ ସଂକଳିତ ହୋଇଛି । ସେ ସବୁ ହେଲା 'କଳିକା, 'କିଶଳୟ', 'ଚୟନ', 'ଗୀତିଗୁଚ୍ଛ' ଓ 'ଗୀତାୟନ' । ବହୁ କବିତାରେ ଫକୀର ମୋହନ ଓ ନନ୍ଦକିଶୋର ବଳଙ୍କ କବିତାର ପ୍ରଭାବ ଲକ୍ଷ୍ୟ କରାଯିବ । କାରଣ ସେମାନଙ୍କ କବିତାପରି ଗୋଦାବରୀଶଙ୍କ କବିତା ମଧ୍ୟ ପଲ୍ଲୀଭିତ୍ତିକ, ମାନବିକ ସମ୍ବେଦନଶୀଳ, ପ୍ରକୃତିପ୍ରେମ ପାରିବାରିକ, ମଣିଷେତ୍ତର ପ୍ରସଙ୍ଗକୁ ନେଇ ବିରଚିତ । କବିଙ୍କ ବ୍ୟକ୍ତିଗତ ଜୀବନକୁ ନେଇରଚିତ କବିତାଗୁଡିକରେ ଜୀବନର ବହୁକରୁଣଓ ଦୁଃଖଦ ସ୍ମୃତି ଉଜ୍ଜୀବିତ ହୋଇଛି । ପିତା ମାତା, କନିଷ୍ଠା ଭଗିନୀ, ଜେଜିମାଙ୍କ ମୃତ୍ୟୁ ଜନିତ ଦୁଃଖରେ ବି କବିତା ବିରଚିତ । ବହୁ ଦୁଃଖ ଓ ଦାରିଦ୍ର୍ୟ ମଧ୍ୟରେ ପିତୃହରା ସନ୍ତାନକୁ ମାଆ ଲାଳିତ ପାଳିତ କରି ବଡ଼ାଇଥିଲେ । ଅଥଚ ସେଇ ମାଆ ମଧ୍ୟ ଶୁବ୍ ଶୀଘ୍ର ତାଙ୍କୁ ଏକାକୀ କରି ଚାଲିଗଲେ । 'ପିଣ୍ଡଦାନ' ନାମକ କବିତାରେ ସେଇ ସ୍ମୃତିକୁ କବି ମନେ ପକାଇଛନ୍ତି ।

ତୁହି ଗଲାଦିନୁ ନେତ୍ରେ ଦେଖେ ମୁଁ ଅଧିକେ
ଶାଗପେଜ ଭୁଂଜି ବୋଉ ବଞ୍ଚିବା ତୋ ଦୁଃଖେ
ଦେଖି ଏ ଜଗତଭରା ଶିରୀ ଅତୁଳନ
ସେହିଶାଗ ପେଜେ ମୋର ଚାହିଁଅଛି ମନ ।
ତୃପତେ ତୋ ଶ୍ରାଦ୍ଧଦିନେ ଭୁଂଜି ଶାଗ ଜାଉ
ରହିଲେ କି ବଡ଼ ପିଣ୍ଡ ବଢ଼ାଇବି ଆଉ ?

ଗୋଟିଏ ଭିକାରିଣୀକୁ ଦେଖିକବି ନିଜ ବୃଦ୍ଧାପିତାମହୀଙ୍କ ସ୍ମୃତିକୁ ମନେ ପକେଇଛନ୍ତି –

''କୁଟୀର କୋଣକୁ ତାର କେ ଥିଲା ମୋ ।ବିନେ ?
କେତେ ନିର୍ଯାତନା ମୁହିଁ, ଦେଇନି ଜୀବନେ ।
କାନେ ନାହିଁ, ଶୁଣାଇଛି ବୁଢ଼ୀମାଆ ଡାକ
ନାତି ହୋଇ ଦିନେ ତାର ମାଡ଼ି ନାହିଁପାଶ ।
ତା' ଶୂନ୍ୟ କୋଳଟି ଦିନେ ନାହିଁ ମୁଁ ପୂରାଇ
କିଶୋର ବୟସ ସାରା ପ୍ରବାସେ କଟାଇ ।'' 'ବୈତରଣୀତୀରେ' (କିଶଳୟ)

ସତ୍ୟବାଦୀରୁ ସମ୍ଭବତଃ ଚକ୍ରଧରପୁର ଯାତ୍ରା ପୂର୍ବରୁ ସେ ବାଧ୍ୟ ହୋଇ ତାଙ୍କ ସ୍ତ୍ରୀ ଓ ପିଲା ଦୁହିଁଙ୍କୁ ଗାଆଁରେଛାଡି ଆସିଥିଲେ । ଏଣିକି ଜୀବନପଥ ଥିଲା ଅନିର୍ଦ୍ଦିଷ୍ଟ । ଜୀବନ ଦେବତା ଗୋପବନ୍ଧୁ ତାଙ୍କୁ କୁଆଡ଼େ କାହିଁକି ନେଇ ଯାଉଛନ୍ତି ସେ ବିଷୟରେ ପ୍ରଶ୍ନ ପଚାରିବାରା ସାହାସ ତାଙ୍କର ନ ଥିଲା । ଯିବା ପାଇଁ ମତାମତର ପ୍ରଶ୍ନ ଉଠୁ ନ ଥିଲା । ସେତିକି ବେଳର ଚିତ୍ତ ଆନ୍ଦୋଳନ ଜନିତ କେତୋଟି କବିତା 'କୁସୁମ'ରେ ପ୍ରକାଶ ପାଇଛି ।

''ଆଜି ମୋର ଦିନ ଆସିଛି, ରଣେ ହୋଇବି ଆଗ
ରିପୁ କାରାବାସେ ଜାଳିବି ମାତୃ–ପୀରତି ଯାଗ ।
ଏତେବେଳେ ପାଶୁ ସଂଗିନୀ ଗଲେ ଅନ୍ତର ହୋଇ
ଏକାମୋରେଛାଡ଼ି ଅସାଧ କର୍ମ ସାଧନ ପାଇଁ
ଛାଡ଼ିଗଲେ କିଂପା କହିବି ? ଦେଲି ଅନ୍ତର କରି
ମୋ କଠୋର ପଥେ ନୋହିବେ ସୁଖେ ସଂଗିନୀ ଭାଳି ।'' –'ବିଜୟ ନିଶୀଥେ'

ସେହିପରି ନିଜଗ୍ରାମ ଛାଡ଼ି ଗଲାବେଳେ ତାଙ୍କର ଗ୍ରାମ ନିକଯବର୍ତ୍ତୀ ଶାଳିଆ ନଦୀ, ଘଣ୍ଟିଶିଳା ପର୍ବତ ତାଙ୍କର ସ୍ମୃତିକୁ ଅଧିକ ଉତ୍‌ପୀଡିତ କରିଛି । 'କିଶଳୟ'ରେ ପ୍ରକାଶିତ ଗୋଟିକଏ କବିତାରେ ଲେଖିଥିଲେ –

''ଯହିଁ ଯେବେ ଭ୍ରମୁଥିବି ପରାଣ ଉଷତେ
ସେତେବେଳେ ନେତ୍ରନୀର ଢାଳୁଥିବି ହେଜି
ମୋ ଶାଳିଆ ଘଣ୍ଟଶିଳା ଆସିଛି ମୁଁ ତେଜି ।
ତୋତେ ଛାଡ଼ି ମାଗୋ ସତ ଯାଉଛି ପ୍ରବାସେ
ମୋ ମନ ଜୀବନ ଗୋଟି ରହିଲା ତୋ ପାଶେ ।'' – 'ଯାଉଛି'

ଚକ୍ରଧରପୁରେ ସେଂଯୋଇ ନଈକୂଳରେ ବସି ନିଜଗାଁ ନିକଟବର୍ତ୍ତୀ ଶାଳିଆ ନଈ କଥା ସବୁବେଳେ ଭାବିଛନ୍ତି । 'କଳିକା' କବିତା ସଂକଳନରେ ପ୍ରକାଶିତ ଆଉ ଗୋଟିଏ କବିତାରେ ସେ ମାନସିକ ଦୁଃଖ ପ୍ରକଟିତ ହୋଇଛି –

''ସବୁତ ହେଲା ମୋ ସ୍ୱପ୍ନ ଦୂର ପ୍ରବାସେ ଆଜି
ଅର୍ଦ୍ଧ ବିସ୍ମରଣେ ବୁଡୁଛି ସେ ମୋ ସଂପଦ ରାଜି ।'' (ସଂଯୋଇତୀରେ ସକାଳ)

କିନ୍ତୁ ତାଙ୍କର ଏକମାତ୍ର ଆଶ୍ୱାସନା ଥିଲା ଜୀବନଦେବତା (ଗୋପବଂଧୁ) ଯେଉଁ ଦାୟିତ୍ୱ ତାଙ୍କ ଉପରେ ଲଦି ଦେଇଛନ୍ତି ଅକୁଣ୍ଠ ଭାବରେ ସେ ସେସବୁ କରିଯିବେ । ଗୋଟିଏ କବିତାରେ ତାର ଭାବ କିପରି ପ୍ରତିଫଳିତ ଲକ୍ଷ୍ୟ କରନ୍ତୁ ।

ସାଧି ଯାଉଅଛି ନିତି ପୁଲକିତ ମନେ
ପରାଣ ଦେବତା ପେଷିଛନ୍ତି ଯେ କରମେ ।
କର୍ମକୁ କରିଛି ପରା ପରାଣ ପ୍ରତିମା
ଦେଖୁଛକି ଆନ ଅଛି ମୋର କର୍ମବିନା ?
କର୍ମେ ମୁଁ କରିବି ଜାଣ ଏ ଅଙ୍ଗ ନିପାତ
ସଂପଦ, ସୋହାଗ, ଭୋଗେ ନ ବଢ଼ାଇ ହାତ । 'ପ୍ରବାସ ପ୍ରଭାତେ' (ଗୀତାୟନ)

ସମ୍ଭବତଃ ନୀଳକଂଠଙ୍କ ପ୍ରଭାବରୁ ତାଙ୍କର ଶ୍ରାଦ୍ଧ, ପିଣ୍ଡଦାନ ଆଦିରେ ଏତେ ବିଶ୍ୱାସ ନ ଥିଲା । ତଥାପି ଲୋକାଚାରକୁ ଡରି ସେ ତାହା କରୁଥିଲେ । ଏଥିରୁ ମନେହେବ ନୀଳକଂଠଙ୍କ ପରି ତାଙ୍କ ବ୍ୟକ୍ତିତ୍ୱ ଏତେ ଦୃଢ଼ ନୁହେଁ । ନୀଳକଂଠ ନିଶ

ରଖିବା ଫଳରେ ବ୍ରାହ୍ମଣ ଶାସନର ମୁରବୀମାନେ ବାସି ଏହା ବିରୁଦ୍ଧରେ ନିଶାପା କରିଥିଲେ । କେହି କେହି ରକ୍ଷଣଶୀଳ ସତ୍ୟବାଦୀ ବନବିଦ୍ୟାଳୟକୁ ପୋଡ଼ିଦେଲେ । ତଥାପି ନୀଳକଂଠ ତାଙ୍କ ବିଶ୍ୱାସରେଥିଲେ ଅଟଳ । ସେ ଜୀବନରେ ଆଉ ନିଶ କାଟିନାହାନ୍ତି । କିନ୍ତୁ ଗୋଦାବରୀଶ 'ମାତୃଶ୍ରାଦ୍ଧେ' କବିତାରେ ଲେଖୁଛନ୍ତି –

ପିଣ୍ଡଦାନେ ଲବେ ବୋଉ, ପ୍ରତ୍ୟୟ ମୋ ନାହିଁ
ବାଢ଼ଇ ପିଣ୍ଡ ମୁଁ ସିନା ଲୋକାଚାର ପାଇଁ ?
ଦୁଇଦିନ ବିତାଇଛି ଖାଇ ପୋଡା ତାଳ
ଆଜିକି ବଦଳିଯିବ କାଲିର କପାଳ ? (ଗୀତାୟନରେ ପ୍ରକାଶିତ)

ଏହା ମଧ୍ୟ ସେ ଜାଣିଥିଲେ ଯେ ଏପରିକିଛି ଭୋଜନବାଜି ନାହିଁ ଯେଉଁଥିରେ ଭାଗ୍ୟର ପରିବର୍ତ୍ତନ ଘଟିବ । ଗୁଡାଏ ସଂପଦ ଚାଲିଆସିବ । କର୍ମ ଏବଂ ଉଦ୍ୟମ ବଳରେ ହିଁ କେବଳ ମଣିଷ ସିଦ୍ଧ ଲାଭ କରିପାରିବ । 'ଜାଗର ନିଶୀଥେ' କବିତାରେ ସେଇ ଭାବନା କିପରି ପ୍ରତିଫଳିତ ଦେଖନ୍ତୁ –

''ମୁଁ ଜଣେ ସାମାନ୍ୟ ଦେବଧାରୀ ମର୍ତ୍ତ୍ୟେ/ଗମା ସ୍ୱଳ୍ପ ଉପାଦାନେ
କଠୋର ସାଧନେ ସିଦ୍ଧିରୁ କିଂଚିତେ/ଲଭିପାରେ ମାତ୍ର ପ୍ରାଣେ ।''

ଜନସେବା ଓ ପରୋପକାର ଥିଲା ସତ୍ୟବାଦୀ ତୀର୍ଥ କ୍ଷେତ୍ରରେ ପ୍ରଥମ ସାଧନା, ଦ୍ୱିତୀୟରେ ତାହା ସ୍ୱାଧୀନତା ସଂଗ୍ରାମ ବା ଦୋପାଇଁ ପ୍ରାଣ ଉତ୍ସର୍ଗ କରିବାରେ ତପସ୍ୟାରେ ରୂପାନ୍ତରିତ ହୋଇଥିଲା । ଗୋପବନ୍ଧୁ ଥିଲେ ଏଇ ଚେତନାର ଚାରଣ ଓ ଗୋଦାବରୀଶ ଥିଲେ ତାର ସତ୍ୟବଦ୍ଧ ଅନୁଗାମୀ । ସତ୍ୟବାଦୀର ଆଦର୍ଶ ଥିଲା –

''ପର ପାଇଁ ମନ / ପର ପାଇଁ ଧନ / ପର ପାଇଁ ନିଜପ୍ରାଣ
ପରହିତେ ସବୁ / ଯେବେ ଲଗାଇବୁ / ହରିସେବା ତାକୁ ଜାଣ ।''

ବନ ବିଦ୍ୟାଳୟ ଛାତ୍ରମାନଙ୍କ ସହିତ ଗୋଦାବରୀଶଙ୍କ ସଂପର୍କ ଥିଲା ପିତାପୁତ୍ରର ସଂପର୍କ ପରି ଆଦର୍ଶ ଓ ନିଷ୍ଠାପର । ସେମାନଙ୍କ ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହେଉଥିଲେ ସେ । ଅତି ଅକପଟ ଭାବେ ସେମାନଙ୍କ ସହିତ ମିଶିଯାଉଥିଲେ ଯାହା ବନବିଦ୍ୟାଳୟ ପାଇଁ ଏକ ଲିଜେଣ୍ଡରେ ପରିଣତ ହୋଇ ଯାଇଛି । କୌଣସି ପିଲାକୁ ପ୍ରବଳ ଜର ହେବାରୁ ତା' ଶଯ୍ୟା ପାଖରେ ରାତିଦିନ ବସି ସେ ସେବା ଶୁଶ୍ରୁଷା କରୁଥିଲେ । ଔଷଧ ଓ ପାଚନ ଦେଉଥିଲେ । ଏହି ମଧୁର ସଂପର୍କକୁ ଅନେକ କବିତାରେ ସେ ପ୍ରକାଶ କରିଥିଲେ ବି 'ନିମିଷକେ ଦେଖା' ନାମକୁ କବିତାଟିଏ ତାର ଅକପଟ କାରୁଣ୍ୟ ପାଇଁ ବହୁଚର୍ଚ୍ଚିତ ହୋଇଛି । ତାଙ୍କର ସମସ୍ତ ସେବା ସତ୍ତ୍ୱେ ପିଲାଟି ମରିଯାଇଥିଲା ଓ ତାକୁ ନିଜେ ଗୋଦାବରୀଶ ଚିତାନଳରେ ଦାହ କରିଥିଲେ । ସେଇ କବିତାଟିର କେତୋଟି ପଦ ଏଠାରେ ଉଦ୍ଧାର କରାଗଲା ।

ରୋଗ ଶେଯ ପାଶେ ବାବୁହେ ଚାହିଁଥିଲି ମୁଁ ବସି
କ୍ଷଣୁ କ୍ଷଣେ ପୁଣି ବଦନ ଆନ ଆସିଲା ଦିଶି ।
ମୁହିଁ ପାଶେ ବସି ରହିଲି ଏଡ଼େ ନିଷ୍ଠୁର ପରା
ନିରେଖିଲି ଉଡିଯିବାର ଶେଷ ପବନଧାରା ।

ନିଜେମୁହିଁ ଚିତା ଅନଳେ ଦେଲି ଯତନେ ଜାଳି
ଯେହୁତୁମ ଜଳା ଚିତାରେ ଦିନେ ଥାଆନ୍ତା ଜଳିଲ
ବଂଧୁଗଣ ମେଳେ ବାବୁହେ, ନେଲି ମଉନେ ବହି
ଫେରିଲି ଯା ପ୍ରାଣପ୍ରତିମା କାହିଁ ବିସର୍ଜି ଦେଇ ।
ସେ ସକଳ କଥା ଏବେ ମୁଁ ନିତି ହେଉଛି ଭାଳି
ଆଉ କ୍ଷଣେ ହେଲେ ତୁମରି ସେବା ଥାଆନ୍ତି କରି । 'ନିମିଷକେ ଦେଖା (କିଶଳୟ)

ଏପରି ମାନବିକ ସଂବେଦନା ଓ ଦରଦର ତୁଳନା ନାହିଁ । ଏ କବିତାରେ ଉଚ୍ଚାଙ୍ଗ କଳା ବିଭବ ଥାଇ ନ ପାରେ, କିନ୍ତୁ ଗୋଦାବରୀଶଙ୍କ ପ୍ରାଣ ଓ ହୃଦୟର ଯେଉଁ ଅନାବିଳ ସ୍ପର୍ଶ ରହିଛି ତାହା ଅନ୍ୟତ୍ର ବିରଳ । ଏଇ ସମ୍ବେଦନଶୀଳତା ମଣିଷଠାରୁ କ୍ରମେ ପଶୁପକ୍ଷୀ, ଗଛବୃଛ, ଫୁଲ ପକ୍ଷୀ, ଆଡକୁ ବି ପ୍ରବାହିତ ହୋଇଯାଇଛି । ଜୀବଜଗତ ଓ ପ୍ରକୃତି ଜଗତର ସାମାନ୍ୟ ସାମାନ୍ୟ ଘଟଣାରେତାଙ୍କ କବିପ୍ରାଣ ସ୍ପନ୍ଦିତ ହୋଇ ଉଠିଛି । କୁନ୍ତଳା କୁମାରୀଙ୍କ ଶେଫାଳୀ ଫୁଲା ପରି ସେ ମାଳତୀ ଫୁଲକୁ ଦେଖି ଲେଖିଛନ୍ତି –

''ତୋ ଜୀବନେ ଅଛି ଯଦି ଏତେ ଚାହିଁ ବସା
ଏ ମହା ସାଧନା ସଂଗେ ଏ ନିରାଶ ଆଶା,
ତୋ ହାତର ଏତେ ମାଳା ବାସୀ ହୁଏ ଯେବେ
ମୋ ପରାଣା ନିରାଶାର ହେତୁ କିବା ଭବେ ।'' (ମାଳତି ଫୁଲ)

'ଚୟନିକା' କବିତା ଗ୍ରନ୍ଥରେ 'ଶ୍ମଶାନ ଓ ସୁମନ', 'ସାଗର ସମାଧି', 'ନିର୍ଝର', 'ମଦନମାଳତି', 'କୁସୁମ' କବିତା ସଂକଳନରେ 'ଗଛଫୁଲ' ଓ 'ପ୍ରଦୋଷ' କବିତା ଦୁଇଟି, ଗୀତିଗୁଚ୍ଛରେ 'ସନ୍ଧ୍ୟାତାରା', ସାୟାହ୍ନ ଭାବନା, 'ମହେନ୍ଦ୍ର ତନୟା' କବିତା । କେତୋଟି ପ୍ରକୃତିର ଚିତ୍ରରେ ମଂଜୁଳ । ବେଳେବେଳେ ଏ ମଂଜୁଳତା କେବଳ ପରିଦୃଶ୍ୟମାନ ନ ହୋଇ ଆନ୍ତରିକ ବେଦନାର ସ୍ୱର ବହନ କରେ । ତେଣୁ ରୋମାଣ୍ଟିକ୍ ମନେହୁଏ । 'କାଳିଜାଇ' କ୍ଲାସିକ୍ କବିତାରେ ପ୍ରକୃତିର ବିପୁଳ ନିଷ୍ଠୁରତା ପରେ ଯେଉଁ ନିଶ୍ଚୁପତା ଚିଲିକାକୁ ଆବୋରି ବସେ ତାର କାରୁଣ୍ୟ ପାଠକକୁ ଦୋହଲେଇ ଦିଏ ।

''ଚିଲିକା ପାଣିରେ / ଦୋଳୁଛି ଲହରୀ / ବୋହୁଛି ଶୀତଳ ବାଆ
ସୋରି ସୋରି ଖରା / ଢଳି ଯାଉଛିଲୋ / ଖେଳୁଛି ସହସ୍ର ନାଆ
ପାହାଡ ଚଢ଼େଇ / ଉଡୁଅଛି ରାବି/ ମନେ କି ଅଛି ତା ଧୋକା,
ପାଣିତଳେ ଛାଇ / ବୁଲି ଯାଉଛିଲୋ /ଜାଇଟି ନାହିଁଛି ଏକା ।''

ଚିଲିକାର ପ୍ରକୃତି ଯେମିତି ତୋଫାନ ପୂର୍ବରୁ ଥିଲା, ସେମିତି ଅଛି । ଆକାଶରେ ପକ୍ଷୀଙ୍କର ଜୀବନଯାତ୍ରା ପୁଣି ଆରମ୍ଭ ହୋଇଯାଇଛି, ଶୀତଳ ବାଆ ବୋହୁଛି, ଚିଲିକା ଲହରୀ ମାଳାରେ ଖରା ପୁଣି ଢ଼ଳିବାରେ ଲାଗିଛଇ – କିନ୍ତୁ ଶାଶୁଘରକୁ ଯାଉଥିବା ନ ବୌଢ଼ା ଝିଅଟି ଯାହାର ନାମ ଜାଇ ସେ ଆଉ ଜୀବନରେ ନାହିଁ । ଡଙ୍ଗା ବୁଡ଼ିବା ସହିତ ସେ ସଲିଳ ସମାଧି ଲାଭ କରିଚି ଚିଲିକା ବକ୍ଷରେ । ଏ କବିତାର ଭାବ, ଭାଷା, ଉପସ୍ଥାପନା ଓ କାରୁଣ୍ୟ ଅତୁଳନୀୟ । ଏଇ

ଗୋଟିଏ କବିତା ପାଇଁ ଗୋଦାବରୀଶ ଆଜି ଜଣେ ବିଶିଷ୍ଟ କବି ଭାବେ ଚର୍ଚ୍ଚିତ ହେଉଛନ୍ତି । ଲୋକସ୍ମୃତିରୁ ଏ କବିତାର ବିଲୟ ଗତ ଶତାବ୍ଦୀରେ ହୋଇନାହିଁ, ଏ ଶତାବ୍ଦୀର ମଧ୍ୟ ହେବ ନାହିଁ । ଓଡ଼ିଆ ସାହିତ୍ୟର ଇତିହାସରେ ଡକ୍ଟର ନଟବର ସାମନ୍ତରାୟ ଗୋଦାବରୀଶଙ୍କ ଗୀତି କବିତା ସଂପର୍କରେ କହିଛନ୍ତି ''ସତ୍ୟବାଦୀର ବିଶିଷ୍ଟ ଜୀବନ ପ୍ରବାହ ଗୋଦାବରୀଶଙ୍କ କେତେକ କ୍ଷୁଦ୍ର କବିତାରେ ସାହିତ୍ୟିକ ରୂପ ବିଭବରେ ଅଭିବ୍ୟକ୍ତି ଲାଭ କରିଛି । ×××ବିଷୟ ବସ୍ତୁର ଏ ନୂତନା ଓଡ଼ିଆ ଗୀତି କବିତା ରାଜ୍ୟରେ ଏକାନ୍ତ ମୌଳିକ । ×××ଗୋଦାବରୀଶଙ୍କ ଗୀତି କବିତା ତାଙ୍କ ଜୀବନରେ ସର୍ବଶ୍ରେଷ୍ଠ ଅନୁଭୂତିର ସର୍ବଶ୍ରେଷ୍ଠ ରୂପାୟନ ।'' (ଓ. ସା.ଇତିହାସ ପୃ. ୬୦୯) କେଉଁଠି ଅନାଥ ପିଲାଟିଏକୁ ଦେଖି କେଉଁଠି ଭିକାରୁଣୀ ବୁଢ଼ୀଟିଏକୁ ଦେଖବ, କେଉଁଠି ବିଧବା ନାରୀଟିଏକୁ ଦେଖି ସେ କବିତା ଲେଖିଛନ୍ତି । ସେ ସବୁ କବିତା ଖୁବ୍ ପାଙ୍‌କ୍ତେୟ ହୋଇଛି ବୋଲି ମୋର ମନେ ହେଉନାହିଁ । ତଥାପି କଳାଗତ ସମୃଦ୍ଧିପ୍ରତି ଦୃଷ୍ଟି ନ ଦେଇ, ଉପମା, ରୂପକ ଓ ରୂପକଳ୍ପର ଚମକ ପ୍ରତି ଆକୃଷ୍ଟ ନ ହୋଇ ସେ ସରଳ ତରଳ କବିତା ଗୁଡିଏ ଲେଖିଯାଇଛନ୍ତି । କିଏ ରସୋତ୍ତୀର୍ଣ୍ଣ ହୋଇଛନ୍ତି କି ନାହିଁ ତାଙ୍କର ସେଥିପାଇଁ ନିଘାନାହିଁ । ଇଂରେଜୀ ସାହିତ୍ୟ ସହିତ ଭଲ ପରିଚୟ ନ ଥିଲେ ସେ ଦଶବାରୋଟି ଇଂରେଜୀ କବିତା ଅବଲମ୍ବନରେ ଓଡ଼ିଆା କବିତା ଲେଖି ନ ଥାନ୍ତେ ନିଶ୍ଚୟ । କିନ୍ତୁ ତାଙ୍କ ସମୟକୁ ୟୁରୋପୀୟ କବିତାରେ ଯେଉଁ କଳାଗତ ଓ ଭାବଗତ ପରିବର୍ତ୍ତନ ଆସିଛି ସେଥିପାଇଁ ସେ ସଚେତନ ହୋଇ ନାହାଁନ୍ତି । ତେଣୁ ଓଡ଼ିଆ ଗୀତିକବିତାରେ ଆଉ ଜଣେ ଚିନ୍ତାମଣି ମହାନ୍ତି ଭାବେ ସେ ରହି ଯାଇଛନ୍ତି । ବେଶ୍ କିଛି ଗୀତିକବିତା ଲେଖିଛନ୍ତି କିନ୍ତୁ କବିତାର ନୂତନ ଆଙ୍ଗିକ ବିଭବ ପ୍ରତି ଆଦୌ ସଚେତନ ହୋଇନାହାନ୍ତି । କଲିକତାରେ ରେହି ଏମ୍.ଏ. ଅଧ୍ୟୟନ କରିଥିବାରୁ ବଙ୍ଗଳା କବିତା ସଂପର୍କରେ ଆସିଥିବା ଆଶା କରାଯାଏ । କିନ୍ତୁ ରବୀନ୍ଦ୍ରନାଥଙ୍କ ପ୍ରଭାବରୁ ସଂପୂର୍ଣ୍ଣ ମୁକ୍ତ ରହି କଲ୍ଲୋଳ କବିଙ୍କ କାବ୍ୟଧାରା ପ୍ରତି ସେ କିପରି ଦୃଷ୍ଟିପାତ କରି ନ ଥିଲେ, ତାହା ଚିନ୍ତା କରି ହେଉନି । ସେଇ କଲିକତାରେ ରେହି କବି ସଚ୍ଚିରାଉତରାୟ ତ ପୁଣି ଆଧୁନିକ ଓଡ଼ିଆ କବିତାର ଜଣେ ଶ୍ରେଷ୍ଠ ପଥିକୃତ୍ ହୋଇଗଲେ । ସତ୍ୟବାଦୀ କାବ୍ୟର ଭାବ ଭୂମିକୁ ସେ ଅତିକ୍ରମ କରିଯାଇ ପାରିଥିଲେ ଓଡ଼ିଆ ଗୀତି କବିତାରେ ତାଙ୍କ ସ୍ୱର ପ୍ରତିଷ୍ଠିତ ହୋଇ ପାରିଥାନ୍ତା । ତଥାପି ଗାଥା କବିତାରେ ତାେଙ୍କ ନେତୃତ୍ୱ ଅବ୍ୟାହତ ରହିଛି ତାଙ୍କର 'ଆଲେଖିକା' ହିଁ ତାଙ୍କର ଶ୍ରେଷ୍ଠ ସାହିତ୍ୟିକ କୃତିଭାବେ ସମ୍ମାନ ପାଇବାକୁ ହକଦାର । ତେଣୁ ତାରି ବିଷୟରେ ଅଧିକ ଆଲୋଚନାର ଆବଶ୍ୟକତା ରହିଛି । ଗୋଦାବରୀଶଙ୍କ ଗୀତି କବିତାକୁ ନେଇ ତାଙ୍କୁ କେହି କେହି ପଲ୍ଲୀ ଭାବନାର କବି, ପ୍ରକୃତିର ଚିତ୍ରକାର, ମାନବତା ବୋଧର ଉଦ୍‌ଗାତା, ଦେଶାତ୍ମବୋଧର ପୂଜାରୀ, ରୋମାଣ୍ଟିକ୍ କାବ୍ୟଧାରାର ଅନୁବ୍ରତୀ ଭାବେ ପ୍ରମାଣ କରିବାକୁ ଅବଶ୍ୟ ଚେଷ୍ଟା କରିଛନ୍ତି, କିନ୍ତୁ ଏପରି ଚିତ୍ରଣ ଅନେକ ସମୟରେ ତାଙ୍କ ବ୍ୟକ୍ତିତ୍ୱ ପ୍ରଭାବ ଜନିତ । ଅର୍ଥାତ୍ ଭଲ ମଣିଷ ଭାବେ, ନିଃସ୍ୱାର୍ଥପର ରାଜନେତା ଭାବେ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଭାବେ ତାଙ୍କୁ ଓଡ଼ିଶାର ଲୋକେ ଖୁବ୍ ଭଲ ପାଆନ୍ତି, ଆଦର କରନ୍ତି । ସେଇ ଆଦର ତାଙ୍କ କବିତା ଆଡକୁ ବି ସଂପ୍ରସାରିତ ହୋଇ ଯାଇଛି । କୁଟୀଳତାହୀନ ବ୍ୟକ୍ତିତ୍ୱ, ସରଳ ମନା ମଣିଷ ଭାବେ ତାଙ୍କର ପ୍ରତିଷ୍ଠା ଅଧିକ । କିନ୍ତୁ କବିତା କ୍ଷେତ୍ରରେ 'ଆଲେଖିକା' ଓ 'କାଳିଜାଇ'କୁ ଛାଡିଦେଲେ ତାଙ୍କର ଆଉ ଯେ କାଳଜୟୀ ସୃଷ୍ଟିନାହିଁ – ତାହାହିଁ ବିଷାଦକର ସତ୍ୟ ବୋଲି ଗ୍ରହଣ କରିବାକୁ ହେବ । ତେଣୁ ଗାଥା କବିତାର ରଚୟିତା ଭାବେ ତାଙ୍କର ବିଶେଷତ୍ୱକୁ ସନ୍ଧାନ କରିବା ଆମର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ମନେ କରେ ।

## ଗାଥା କବିତା

ବାରିପଦାଠାରେ ବାରିପଦା ସାହିତ୍ୟ ସଂସଦରେ ଅଭିଭାଷଣ ଦେଇ ଗୋଦାବରୀଶ ଏକଦା କହିଥିଲେ – ''କବିତା ବହୁମୁଖୀ ହେବା ଦରକାର । କାବ୍ୟ ହେଉଛି ଉପନ୍ୟାସର ପଦ୍ୟଗତ ଅଭିବ୍ୟକ୍ତି । ଗଦ୍ୟରେ ଯେପରି କ୍ଷୁଦ୍ରଗଳ୍ପ ଲେଖାଯାଇପାରେ, ସେହିପରି ପଦ୍ୟରେ  ମଧ୍ୟ କବିତା ଆକାରରେ ତାହାର ବିକାଶ ସମ୍ଭବପର । ଅନ୍ୟାନ୍ୟ ଅନେକ

ଭାଷାରେ ଗଳ୍ପ ଗର୍ଭକ ପଦ୍ୟମାନ ଅଛି । ଓଡ଼ିଆରେ ଏହି ଗଳ୍ପ-ପଦ୍ୟ ସଂଖ୍ୟା ଆଙ୍ଗୁଠି ପବରେ ଗଣି ହେବ ।'' (ଭଜ ପ୍ରଦୀପ ୬/୩, ୧୯୩୬ ମସିହା) ।

ଗୋଦାବରୀଶଙ୍କ ପୂର୍ବରୁ ଫକୀରମୋହନ କିଛି ଗାତା-କବିତା ଲେଖିଥିଲେ । ଯଶୋବନ୍ତ ଦାସଙ୍କ 'ଟୀକା ଗୋବିନ୍ଦଚନ୍ଦ୍ର'କୁ କେହି କେହି ଗାଥାକବିତା କହିଥା'ନ୍ତି । କିନ୍ତୁ ତାହାକୁ ଗାଥା କବିା ନ କହି ଖଣ୍ଡକାବ୍ୟ ଆଖ୍ୟା ଦିଆଯାଇପାରେ । ତେଣୁ ଫକୀର ମୋହନଙ୍କ 'ରାମରଥ କଥା', 'ଜଗାଇ ମାଧାଇ', 'ସତୀଲୁକ୍ରେସିଆ', 'ଗର୍ଦ୍ଦଭର ସୂକ୍ଷ୍ମ ବୁଦ୍ଧି', 'ଶଙ୍ଖୀ ବିରାଡ଼ି ଓ ବଣି ପକ୍ଷିଣୀ', 'ଭୂଆଁ ବିରାଡ଼ି ଓ କାଳିଆ କୁକୁର', 'ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ', 'ପାତୁଆ ପାତୁଈ', ଏହିପରି କେତୋଟି କବିତା ଏହି ଗାତା-କବିତା ପର୍ଯ୍ୟାୟରେ ବୋଲି କହିବାକୁ ହେବ । ସାଂଗୀତିକତା ସହିତ ଭାବ ବିନୋଦନ, ବର୍ଣ୍ଣନାତ୍ମକତା ସହିତ ରସାଭାସ କାହାଣୀଧର୍ମିତା ସହିତ କାବ୍ୟିକତା ଏସବୁ କବିତାର ମୁଖ୍ୟଉତ୍ପାଦନ । ଛୋଟହେଉ ବା ବଡ଼ ହେଉ ଗୋଟିଏ କାହାଣୀ କହିବା ପାଇଁ ଏସବୁ କବିତାରେ ତତ୍ପରତା ଉଲ୍ଲେଖଯୋଗ୍ୟ । ତାଙ୍କର ଅନ୍ୟାନ୍ୟ କବିତା ଅପେକ୍ଷା ଏ କବିତାଗୁଡ଼ିକର ସିଦ୍ଧି ସହଜରେ ବାରି ହୋଇପଡ଼େ । ପାଠକ ମନରେ ମଧ୍ୟ ରେଖାପାତ କରେ ।

କିନ୍ତୁ ଗୋଦାବରୀଶ ଯେ ଏତେ ସେଂଖ୍ୟକ ଦୀର୍ଘ ବଲାଡ୍ ଲେଖିଗଲେ ସେଥିପାଇଁ ତାଙ୍କ ଅଗ୍ରଜ ଫକୀରମୋହନଙ୍କ ପ୍ରଭାବ ଅପେକ୍ଷା ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଅଧିକ ବୋଲି ସ୍ୱୀକାର କରିବାକୁ ହେବ । ଇଂରେଜୀ ସାହିତ୍ୟରେ ରାଶି ରାଶି ଏହିପରି ବ୍ୟାଲାଡ଼ ରହିଛି । ଅନେକ ବ୍ୟାଲାଡ଼୍‌ରେ ଲେଖକର ନାମ ନାହିଁ । କିନ୍ତୁ ସେ ସବୁ ବହୁ ପୁରାତନ ବୋଲି କହିବାକୁ ହେବ । ଆଧୁନିକ ଓ ଆଧୁନିକତମ ବ୍ୟାଲାଡ଼୍ ଗୁଡ଼ିକରେ କବିର ନାମୋଲ୍ଲେଖ ଅବଶ୍ୟ ରହିଛି । ଲୋକସାହିତ୍ୟପରି ଲୋକମାନସରେ ଅନେକ ବ୍ୟାଲାଡ୍ ଉପ୍ତବୀଜ ହୋଇ ପରେ ଗୋଷ୍ଠୀ ଦ୍ୱାରା ପ୍ରଚାରିତ ହୋଇଛି । ଏଥିରେ ବୀରତ୍ୱର ଗାଥା ପ୍ରାଥମିକ ଅଧିକାର ପାଇଥିଲା ବେଳେ ପରେ ପ୍ରେମ କାହାଣୀ, ଇତିହାସ ଓ କିମ୍ବଦନ୍ତୀ ଭିତ୍ତିକ ଆଖ୍ୟାନ ସମୂହ ସ୍ଥାନ ପାଇଛି । ଏପରିକି ଆମ ପୁରାଣ ସାହିତ୍ୟରେ ସ୍ଥାନେ ସ୍ଥାନେ ମୁଖ୍ୟଘଟଣା ପ୍ରବାହକୁ ଛାଡି ଯେଉଁ ଆଖ୍ୟାୟିକା ଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି । ସେ ସବୁକୁ ଅନାୟାସରେ ଗାଥା କବିତା ବୋଲି କୁହାଯାଇ ପାରିବ । କେହି ପଚାରିପାରନ୍ତି ତା' ହେଲେ। ରାଧାନାଥଙ୍କ ରଚିତ ସବୁ କାହାଣୀଧର୍ମୀ କବିତା ଏହି ଗାଥା କବିତା ଅନ୍ତର୍ଭୁକ୍ତ ହେବକି ? ଏହାର ସିଧା ଉତ୍ତର ହେଲା - ହେବନାହିଁ । ଗୋଟିଏ ଉଦାହରଣ ଦେଇ କଥାଟି ବୁଝାଇ ଦେବା । କବି ନୀଳକଂଠ ଗୋଟିଏ ଚାରଣ (ଭାଟ ବଂଶୀୟ) ଠାରୁ ବୀଣା ମାଧମରେ ଗାନା କରୁ ଥିବା ମାୟାଦେବୀ ଉପାଖ୍ୟାନଟିକୁ ଶୁଣିଥିଲେ । କିନ୍ତୁ ସେ ପରେ ସେଇ ଉତ୍ସକୁ ନେଇ ରଚନା କଲେ 'ମାୟାଦେବୀ' କାବ୍ୟ । ରାଧାନାଥ ହୁଅନ୍ତୁ ବା କବି ନୀଳକଂଠ ହୁଅନ୍ତୁ ଏମାନେ ଗାଥା କବିତାର ସରଳ ଓ ସ୍ୱଚ୍ଛ ଆବେଦନ ଠାରୁ ନିଜ ନିଜ କାବ୍ୟକୁ ଦୂରେଇ ନେଇ ବିଦଗ୍ଧ ଗୋଷ୍ଠୀ ପାଇଁ ପ୍ରାୟ ଲେଖିଯାଇଛନ୍ତି । ଏଥିରେ କେତେ ଆଳଙ୍କାରିକ ସମାବେଶ, କାବ୍ୟିକ ଆଟୋପ, କେତେ ଇମେଜ୍ (ରୂପକଳ୍ପ) ଓ ରୂପକ ଦେଖିବାକୁ ମିଳେ । ଏହାର ପରିସର ମଧ୍ୟ ଖୁବ୍ ବ୍ୟାପକ । ଏସବୁ ବୌଦ୍ଧିକ ଚେତନାରେ ଭରପୂର ଉଚ୍ଚାଙ୍ଗ କାବ୍ୟ ସାହିତ୍ୟ । ପୁରାଣ ସାହିତ୍ୟ ପରେ କାବ୍ୟ ସାହିତ୍ୟ ଓ ତା'ପରେ କବିତା । ତେଣୁ ରାଧାନାଥଙ୍କ ସୃଷ୍ଟି ସମୂହକୁ କାବ୍ୟ-ସାହିତ୍ୟ ଅନ୍ତର୍ଭୁକ୍ତ କରାଯିବ । ଏଥିରେ ଚାରଣ-ଜୀବନ ଦେଖିବାକୁ ମିଳିବନି, ଅଥଚ ଗୋଦାବରୀଶଙ୍କ 'କାଳିଜାଇ' ଗୋଟିଏ ଶୋକାତୁର କାହାଣୀ ଅବତାରଣା ଆଧାରରେ ମଣିଷର ଚାରଣ-ଜୀବନକୁ ଉଖାରି ଦିଏ । ଏମିତି ଅନେକ ଗାଥା ଲେଖି ପାଶ୍ଚାତ୍ୟ କବିମାନେ ଗଛର ଗଣ୍ଡିରେ ଝୁଲାଇ ଦେଉଥିଲେ । କେହି ବା ବକଳକୁ କାଢ଼ି ସେଇ ଗଣ୍ଡିରେ ଶୋକାଚ୍ଛନ୍ନ ବା ଭୀରତ୍ୱବ୍ୟଞ୍ଜନ କାହାଣୀଟିଏ ପଦ୍ୟାକାରରେ ଲେଖି ଦେଉଥିଲେ । ସେ ସବୁକୁ ଉଚ୍ଚାଙ୍ଗ କବିତାର ସମ୍ମାନ ମିଳିନାହିଁ । ଖୁବ୍ ବେଶୀହେଲେ ଏସବୁକୁ ଚାରଣ କବିତା ବୋଲି କୁହାଯାଇ ପାରିବ । ଆମର 'ଟୀକାଗୋବିନ୍ଦଚନ୍ଦ୍ର' କିନ୍ତୁ ଗାଥା କବିତାର ସମ୍ମାନ ପାଇଛି ।

କାରଣ ଭିକ ମାଗି ବୁଲୁଥିବା ଯୋଗୀମାନେ ଏ କବିତାକୁ କେନ୍ଦରା ମାଧମରେ ଖୁବ୍ ଲୋକପ୍ରିୟ କରାଇ ପାରିଛନ୍ତି । ରାଧାନାଥଙ୍କ ଏସବୁ କାବ୍ୟ ବା କାବ୍ୟାଂଶକୁ କୌଣସି ଯୋଗୀ କେନ୍ଦରା ମାଧ୍ୟମରେ ବୋଲି ପ୍ରଚାର କରୁଥିବାର ନଜିର ନାହିଁ । ବହୁ କ୍ଲିଷ୍ଟ ଶବ୍ଦରେ ରଚିତ କାବ୍ୟ ବା କାବ୍ୟାଂଶ ଗାଥା କବିତା ଉପଯୋଗୀ ହୁଏ ନାହିଁ । ତାର କାରୁଣ୍ୟ ଓ ସାରଲ୍ୟ ପାଠକକୁ ମୁଗ୍ଧକରିବା ଚାହିଁ । ଗୋଦାବରୀଶଙ୍କ 'କାଳିଜାଇ' ଶ୍ରୋତାକୁ ଯେତେ ମୁଗ୍ଧ କରେ ସେହିପରି କରୁଣ ହେଲେବି ନୀଳକଂଠଙ୍କ 'ମାୟାଦେବୀ' କରିପାରେ ନାହିଁ । କାରଣ 'ମାୟାଦେବୀ' କାବ୍ୟ ନୀଳକଂଠଙ୍କ ପାଣ୍ଡିତ୍ୟର ବିପୁଳ ପରାକାଷ୍ଠା ବହନ କରେ । ଏହାର ପରିସର ମଧ୍ୟ ଖୁବ୍ ଦୀର୍ଘ । ବ୍ୟାଲାଡ୍‌ର ରଚୟିତା ସବୁବେଳେ ପରସିର ପ୍ରତି ସଚେତନଥାଏ । ପାଣ୍ଡିତ୍ୟ ଓ ବ୍ୟାପ୍ତି ବ୍ୟାଲାଡ୍‌ର ଆବେଦନକୁ ଜଖମ କରିଦେଇ ପାରେ, କିନ୍ତୁ ସରଳତା, ଆଶୁ ଓ କାରୁଣ୍ୟ ପାଠକ ହେଉ ବା ଶ୍ରୋତା ହେଉ ସେମାନଙ୍କୁ ମୁଗ୍ଧ କରି ରଖିବାକୁ ବାଧ । ଡକ୍ଟର ଶରତ ଚନ୍ଦ୍ର ପ୍ରଧାନ ଚମତ୍କାର ଆନାଲଜିଟିଏ ଦେଇଛନ୍ତି । ସେ କହନ୍ତି – ''ଯେପରି ନଦୀ ପ୍ରବାହ କାଳରେ ବିଭିନ୍ନ ତଟଭୂମିର ସଂସ୍ପର୍ଶରେ ଆସି କେତେବେଳେ କ୍ଷିପ୍ରଗାମୀ ନୃତ୍ୟରତା ବାଳିକା, କେତେବେଳେ ଉପଳ–ଶୟନା ସନ୍ୟାସିନୀ, କେତେବେଳେ ପୂର୍ଣ୍ଣଗର୍ଭା ଅଳସୀନାରୀ ଓ କେତେବେଳେ ବା ପ୍ରରୟାତୁରା ବିମୁଗ୍ଧା କିଶୋରୀ ପାଲଟିଯାଏ ଠିକ୍ ସେହିପରି ଗାଥାକବିତା ନାନା ବିବର୍ତ୍ତନ ଦେଇ ଆଧୁନିକ ରୂପ ଲାଭ କରିଛି । (୩) ତେଣୁ ଅତୀତର ଗାଥା କବିତା ଓ ଆଧୁନିକ ଗାଥାକବିତା ମଧରେ ଅନେକ ପାର୍ଥକ୍ୟ ଅବଶ୍ୟମ୍ଭାବୀ ଗୋଦାବରୀଶଙ୍କ ଗାଥାକବିତା ଓଡ଼ିଆ ସାହିତ୍ୟର ପରଂପରାରୁ ପ୍ରାୟ ବିଚ୍ୟୁତ ପାଶ୍ଚାତ୍ୟ ବାଲାଡ୍‌ର ରୂପ ଓ ରୁଚିକୁ ଆତ୍ମସାତ୍ କରିଛି । ତେଣୁ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', ନୀଳାମ୍ବର ଦାସଙ୍କ 'ଦେଉଳତୋଳା', ସାରଳା ମହାଭାରତରେ ପ୍ରଦତ୍ତ ରାଶିରାଶି ଆଖ୍ୟାନ ଠାରୁ ଭିନ୍ନ – ଯଦିଓ ଗାଥା କବିତାର ଇତିହାସରେ ଏସବୁ ଉସଭାବେ ତଥାପି ପରିଗଣିତ ହେଉଛି । କିନ୍ତୁ ରାଧାନାଥଙ୍କ ସମୟରୁ ଓଡ଼ିଆ କବିତାରେ ସ୍ୱଦେଶ, ପ୍ରକୃତି, ପ୍ରେମ, ସୌନ୍ଦର୍ଯ୍ୟକୁ ନେଇ ଯେଉଁ ନୂତନତା ଫୁଟି ଉଠିଲା ସେଥିପାଇଁ ପାଶ୍ଚାତ୍ୟ ବ୍ୟାଲାଡ଼ ଲେଖକମାନେ ନୁହଁନ୍ତି ଇଂରେଜୀ ରୋମାଣ୍ଟିକ୍ କବିମାନେ ହିଁ ଦାୟୀ । ଏଇ ଚାରୋଟି ଉପାଦାନ ସତ୍ୟବାଦୀ କବିତାକୁ ଖୁବ୍ ଆକୃଷ୍ଟ କରିଥିଲା ଓ ତାହା ରାଧାନାଥୀୟ ପ୍ରଭାବଜନିତ ବୋଲି ସ୍ପଷ୍ଟ ବାରିହେଉଥିଲା । ତେଣୁ ଗାଥା କବିତାରେ ଗୋଦାବରୀଶ ପ୍ରାଚୀନ ଉତ୍କଳୀୟ ଛାଞ୍ଚକୁ ସଂପୂର୍ଣ୍ଣ ପରିହାର କରି ସ୍ୱଦେଶ ପ୍ରୀତି, ଅତୀତ ଇତିହାସର ବୀରତ୍ୱବ୍ୟଞ୍ଜକ କାହାଣୀ ଓ କାରୁଣ୍ୟକୁ ଅଧିକ ଗୁରୁତ୍ୱ ଦେଇଥିବା ମନେ ହୁଏ । ତଥାପି ରାଧାନାଥ ଯେଉଁ ଦୃଷ୍ଟିରୁ ଥିଲେ ରୋମାଣ୍ଟିକ୍ ତାହାର ନଜିର ଗୋଦାବରୀଶଙ୍କ କବିତାରେ ଉପଲବ୍ଧ ହୁଏନାହିଁ । ଗୋଦାବରୀଶ ଗାଥା କବିତାରେ ତେଣୁ ପ୍ରକୃତିର ବୈଚିତ୍ର୍ୟ ଓ କାବ୍ୟିକ ସୌନ୍ଦର୍ଯ୍ୟ ଉପଲବ୍ଧ ହୁଏ ନାହିଁ । ସେ ଏଥିପାଇଁ ରାଧାନାଥଙ୍କ ପରି ରୋମାଣ୍ଟିକ୍ କବି ନ ଥିଲେ । ତଥାପି ସ୍ୱଦେଶପ୍ରୀତି ଓ ଅତୀତ ଇତିହାସର ପ୍ରଖ୍ୟାପକ ଭାବେ ତାଙ୍କୁ ରୋମାଣ୍ଟିକ୍ ବୋଲି କହିବାକୁ ହେବ ଯଦିଓ 'କାଳିଜାଇ'ର ଅନନ୍ୟକରୁଣ–ଚେତନା ଓଡ଼ିଆ ସାହିତ୍ୟରେ ଏବେ ମଧ୍ୟ ଅନତି କ୍ରମ୍ୟ ବିବେଚିତ ହେଉଅଛି ।

ତାଙ୍କର ଗାଥା କବିତାର ସମାହାର 'ଆଲେଖିକା' ନାମରେ ପ୍ରକାଶିତ । ଏହା ବ୍ୟତୀତ ଖଣ୍ଡ କବିତା ସମାହାର 'ଗୀତି ଗୁଚ୍ଛ'ରେ ତାଙ୍କର 'ଗଡରକ୍ଷା', 'ଉପବାସେ' ଓ 'ମୁଁ ଚକ୍ଷାପୁଅ' ନାମରେ ତିନୋଟି ବ୍ୟାଲାଡ୍ ଓ ଅନ୍ୟତ୍ର 'ଧରଣୀଦର' ଶୀର୍ଷକ ବ୍ୟାଲାଡଟିଏ ରହିଛି । ତେଣୁ ତାଙ୍କ ଗାଥାକବିତାର ସଂଖ୍ୟା ଚଉଦ ମାତ୍ର । ବିଷୟ ବସ୍ତୁ ଦୃଷ୍ଟିରୁ ଏଗୁଡିକୁ ତିନୋଟି ଭାଗରେ ବିଭକ୍ତ କରାଯାଇପାରେ ।

(୩) ଗୋଦାବରୀଶ ପରିକ୍ରମା– ପୂଜ୍ୟପୂଜା ସଂସଦ ପ୍ରକାଶନ – ସଂପାଦନା–ନିତ୍ୟାନନ୍ଦ ଶତାପଥୀପଅ. ୧୫୫ ଅକ୍ଟୋବର ୧୯୮୬ ମସିହାରେ ପ୍ରକାଶିତ ଏ ପୁସ୍ତକଟି ଆଦି ଦୁଷ୍ପ୍ରାପ୍ୟ । ଏଥିରେ ଡକ୍ଟର ଶରତ୍‌ଚନ୍ଦ୍ର ପ୍ରଧାନଙ୍କ ପ୍ରବନ୍ଧ ''ଗୋଦାବରୀଶ : କଥାକୃତି ଓ କୃତିତ୍ୱ ପ୍ରବନ୍ଧଟି ସ୍ଥାନିତ ହୋଇଥିଲା ।

(୧) କିମ୍ବଦନ୍ତୀ ଭିତ୍ତିକ – 'କାଳିଜାଈ', 'ମାମୁଁ ଭଣଜା', 'ସାକ୍ଷୀଗୋପାଳ', 'ଗାଲମାଧବ' ଓ 'ଗଡରକ୍ଷା' ।

(୨) ଇତିହାସ ଭିତ୍ତିକ – 'ଅଭିରାମ ସିଂହ', 'ଅର୍ଜୁନ ସିଂହ', 'ବିକ୍ରମ ସିଂହ', 'ପଦ୍ମାବତୀ', 'ଦୁଃଖୀଧଡ଼', 'କଳାପାହା'', 'ଧରଣୀଧର' ଓ 'ଉପବାସେ' ।

(୩) ରୂପକଥା ଭିତ୍ତିକ – 'ମୁଁ ଚଷାପୁଅ' ।

ଇତିହାସ ଭିତ୍ତିକ ବହୁ ଗାଥା କବିତା ମଧ୍ୟରେ କିମ୍ବଦନ୍ତୀ ଓ କିମ୍ବଦନ୍ତୀ ଭିତ୍ତିକ ଗାଥା କବିତାରେ ଇତିହାସର ଅନୁପ୍ରବେଶକୁ କବି ପ୍ରତିହତ କରିପାରି ନାହାନ୍ତି । ଉଭୟରେ ଓନିଶାର ଅତୀତ, ଓଡ଼ିଆ ଜନଜୀବନ, ପରଂପରା ଓ ଐତିହ୍ୟ ସ୍ୱଚ୍ଛରୂପେ ପ୍ରତିଫଳିତ ହୋଇଛି । ବୀର ପୁରୁଷମାନଙ୍କର ଦେଶପାଇଁ ଆତ୍ମାହୁତି, ସେମାନଙ୍କ ଶୌର୍ଯ୍ୟ ଓ ମହନୀୟତାର ପ୍ରସ୍ତଚ୍ଛେଦରେ କବିତାଗୁଡିକ ବାଙ୍ମୟ ହୋଇ ଉଠିଛି । କବି ବହୁତଦିନ ଧରି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁରରେ ଅବସ୍ଥାନ କରିଥିଲେ । ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେଠାରେ ଓଡ଼ିଆ ସ୍କୁଲର ମୁଖ୍ୟଭାବେ ଓଡ଼ିଆ ଭାଷାର ସଂରକ୍ଷଣ, ପ୍ରଚାର ଓ ପ୍ରସାର କାମରେ ଖୁବ୍ ଅନୁବ୍ରତୀ ଥିଲେ । ତେଣୁ 'ଅଭିରାମ ସିଂହ', 'ବିକ୍ରମ ସିଂହ', 'ଅର୍ଜୁନ ସିଂ' ଓ 'ଗଡରକ୍ଷା' କବିତା ଚତୁଷ୍ଟୟରେ ସେ ଅଂଚଳର କାହାଣୀ, କିମ୍ବଦନ୍ଦୀ ଓ ଇତିହାସକୁ ପେଣ୍ଟାଫେଣ୍ଟି କରି ଗାଥା–ହର୍ମ୍ୟ ନିର୍ମାଣ କରିଛନ୍ତି । ଉଦ୍ଦେଶ୍ୟ ଅତୀତକୁ ସାକ୍ଷୀରଖି ବର୍ତ୍ତମାନକୁ ଗଢ଼ିବାରେ ପ୍ରୟାସୀ ହେବା । କ୍ରମେ ଓଡ଼ିଆ ବୀରମାନଙ୍କ ଶୌର୍ଯ୍ୟ ଓ ବୀର୍ଯ୍ୟକୁ ଭୁଲି ବସୁଥିବା ପିଢ଼ି ପାଖରେ ଅତୀତର ସ୍ଥିତି ଓ ସଂପଦକୁ ଉଜ୍ଜୀବିତ କରି ବର୍ତ୍ତମାନ ପାଇଁ ସେମାନଙ୍କୁ ସଚେତନ କରିବା । ତେଣୁ କବିତାଗୁଡିକ ସ୍ଥାନୀୟତାକୁ ହିଁ ଅଧିକ ଭାବେ ଆଧାର କରି ଗଢ଼ିଉଠିଥିବା ସ୍ୱାଭାବିକ । କିନ୍ତୁ କବିଙ୍କ ପରିଚର୍ଯ୍ୟାରେ ସେ ସବୁ ଆଉ ଶୁଷ୍କ ଇତିହାସ ହୋଇ ନ ରହି ଖୁବ୍ ଆକର୍ଷଣୀୟ ହୋଇ ଉଠିଛି । ଇତିହାସକୁ କାବ୍ୟିକ ସତ୍ୟତାରେ ପରିଣତ କରି ଘଟଣା ପ୍ରବାହକୁ ବେଳେବେଳେ କଳ୍ପନାର ପୁଟ ଦେଇ ସୁନ୍ଦର ଭାବେ କବି ପରିବେଷଣ କରିଛନ୍ତି । ଐତିହାସିକ ପୁରୁଷମାନେ କବିକଳ୍ପନାରେ  ନୂତନ ବିଗ୍ରହ ନେଇ ଝଲସି ଉଠିଛନ୍ତି । ପାଶ୍ଚାତ୍ୟ ଗାଥାକବିତାର ବିଭବ ଓ ଶୌର୍ଯ୍ୟକୁ କବି ସେମାନଙ୍କ ମଧ୍ୟରେ ସନ୍ଧାନ କରିଛନ୍ତି ।

'ଅଭିରାମ ସିଂହ' କବିତାରେ ଅରକ୍ଷ ବିଧବାରାଣୀ ଦେଢ଼ବର୍ଷର କଅଁଳା ଶିଶୁକୁ କୋଳରେ ଧରି ଅତି ଅସହାୟ ଭାବେ ରାଇରଙ୍ଗପୁର ରାଜ ଉଆସରେ ଆଶ୍ରୟ ନିଅନ୍ତି । ଶିଶୁଟି କ୍ରମେ ସମସ୍ତଙ୍କ ଆଦର ଯତ୍ନରେ ବଡ ହୁଏ । କୈଶୋରରେ ତାର ଶକ୍ତି, ସାମର୍ଥ୍ୟ ଓ ଧନୁର୍ବିଦ୍ୟାର ପରୀକ୍ଷାପାଇଁ ରାଇରଂଗପୁର ରାଜା ଆୟୋଜନ କରନ୍ତି । ସେ ଶାଳତରୁଟିଏ ଉପାଡ଼ି ଦେଇ ତା ସାମର୍ଥ୍ୟର ପରୀକ୍ଷାଦିଏ । ରାମଚନ୍ଦ୍ର ଏକଦା କୈଶୋରରେ ସେହିପରି ସପ୍ତଶାଳ ଛେଦନ କରିଥିବା କାହାଣୀ ରାମାୟଣରେ ବର୍ଣ୍ଣିତ । ମନେହୁଏ ତା'ରି ଅନୁସରଣରେ କବି ଏଠାରେ ଶାଳବୃକ୍ଷ ଉତ୍ପାଟନ ବିଷୟ ବର୍ଣ୍ଣନା କରିଛନ୍ତି ।

ବାଇବେଲର ଗୋଟିଏ କାହାଣୀ – ରାଜା ସୋଲେମାନ୍‌ଙ୍କ ପାଖରେ ନ୍ୟାୟ ପାଇବା ଆଶାରେ କଳହରତା ଦୁଇଜଣ ନାରୀ ଆସି ପହଂଚନ୍ତି । ଗୋଟିଏ ଶିଶୁକୁ ଧରି ଉଭୟେ ତା'ର ମାଆ ବୋଲି ଦାବୀ କରନ୍ତି । ରାଜା ସେମାନଙ୍କୁ ପରୀକ୍ଷା କରିବା ପାଇଁ ଶିଶୁଟିକୁ ଦୁଇଖଣ୍ଡକରି ବାଣ୍ଟି ନେବାପାଇଁ ଆଜ୍ଞାଦେଇ ସେମାନଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କରନ୍ତି । ପ୍ରକୃତ ଜନନୀ ଯିଏ ସେ କ'ଣ କେବେବି ତା' ଜନ୍ମିତ ଶିଶୁ ଦୁଇଖଣ୍ଡ ହେବାକୁ ଚାହିଁବ ? ସେ କାନ୍ଦି କାନ୍ଦି ରାଜାଙ୍କୁ ଏପରି କଠିନ ଆଦେଶରୁ ନିବୃତ୍ତ ରହିବାକୁ ଅନୁଯୋଗ କରିଛି । ଅଧିକଂତୁ ଶିଶୁଟିକୁ ଆର  ନାରୀଟି ହାତରେ ଅର୍ପଣ କରାଗଲେ ସେ ଖୁସି ହେବ ବୋଲି ଅଭିଳାଷ ପ୍ରକାଶ କରିଛି । ରାଜା ଅନୁଭବ କରିଛନ୍ତି ଯେସେହିଁ ପ୍ରିଁଟକୃତ ଶିଶୁର ଜନ୍ମଦାତ୍ରୀ । ତେଣୁ ତା'ରି କୋଳରେ ଶିଶୁକୁ ଅର୍ପଣ କରିବାକୁ ଆଦେଶ ଦେଇଛନ୍ତି । ସେହି ଉପାଖ୍ୟାନର ଅନୁସରଣରେ ସମ୍ଭବତଃ ଏ ଗାଥା

।କବିତାରେ ଗୋଦାବରୀଶ ପରିକଳ୍ପନା କରିଛନ୍ତି ଶିଶୁଟି ମୁଣ୍ଡକୁ ଶରନିକ୍ଷେପ ପାଇଁ ରାଜାଦେଶ କଥା । ବିଦେମାନ ଦୁଇରାଜପୁତ୍ରଙ୍କ ଆଗରେ ଶିଶୁଟିକୁ ରଖାଯାଇଛି ଓ ତା ମୁଣ୍ଡକୁ ଶର ନିକ୍ଷେପ ପାଇଁ ରାଜାଦେଶ ପ୍ରକାଶ ପାଇଛି । ପରିଣତିରେ ପିଲାଟିର ମୃତ୍ୟୁ ହୁଅନ୍ତା ଅବଶ୍ରମ୍ଭାବୀ । ତେଣୁ ଜଣେ ଭାଇ ଏପରି କଠିନ ପରୀକ୍ଷାରୁ ନିବୃତ୍ତ ହେବାକୁ ଇଚ୍ଛା ପ୍ରକାଶ କରିବା ସହିତ ଶିଶୁଟି ଉପରେ ତାର ଦାବୀ ନାହିଁ ବୋଲି ଘୋଷଣା କରିଛି । ରାଜା ସ୍ୱାଭାବିକ ତାକୁହିଁ ଶିଶୁଟିକୁ ଅର୍ପଣ କରିଛନ୍ତି । ଅନ୍ୟ ଭାଇକୁ ତା ଅଭିଷନ୍ଧି ଓ କ୍ରୁରତା ପାଇଁ ରାଜଦଣ୍ଡ ଭୋଗ କରିବାକୁ ହୋଇଛି ।

ପାଶ୍ଚାତ୍ୟ ଗାଥାରେ ନାଇଟ୍‌ମାନେ ସେମାନଙ୍କ ବୀରତ୍ୱର ପରାକାଷ୍ଠା ପାଇଁ ପୁରସ୍କାର ସ୍ୱରୂପ ସୁନ୍ଦରୀ ରମଣୀକୁ ବିବାହ କରିବା ପରି କୁଚଙ୍ଗପୀଢ଼ର ମେଳି ଦମନକରି ଅଭିରାମ ସିଂହ ମୟୂରଭଂଜ ନରେଶ ଦାମୋଦର ଭଂଜଙ୍କ କନ୍ୟାର ପାଣିଗ୍ରହଣ କରିଛନ୍ତି । ଷଢ଼େଇକଳା ରାଜ୍ୟକୁ ସେ ଉଦ୍ଧାର କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି । ପିତୃହତନ୍ତା ଶରସୁଆଁ ନୃପ ଲୋକନାଥ ସିଂହଙ୍କ ସହ ରେକ୍ତାକ୍ତ ସଂଘର୍ଷପରେ ସେ ବିଜୟୀ ହୋଇ ତାଙ୍କୁ କ୍ଷମାଦେଇ ରାଜଗାଦି ସମର୍ପଣ କରିଛନ୍ତି । ,ଥିରେ ଅଭିରାମ ସିଂହଙ୍କ ମହାନୁଭବତାର ବିପୁଳ ପରିଚୟ ମିଳିଛି । ମାଆ ଏପର୍ଯ୍ୟନ୍ତ କେଶ ମୁକୁଳା ରଖିଥିଲେ, ଏବେ ପୁଅର ବୀରତ୍ୱର ସଂପୂର୍ଣ୍ଣ ପରିଚୟ ପାଇ ମୁକୁଳକେଶକୁ ଯତ୍ନରେ ବାନ୍ଧିଛନ୍ତି । କବିତାର ପରିଣତି ନିଶ୍ଚୟ ସୁଖଦ କିନ୍ତୁ ନାଟକୀୟ ମଧ୍ୟ । ବାଳକବୀର ଅଭିରାମ ସିଂହ ପିତୃହନ୍ତାଙ୍କ ପ୍ରତିଶୋଧ କ୍ଷମାଦ୍ୱାରାହିଁ ନେଇଛନ୍ତି । ତାଙ୍କର ମାନବିକତା ଓ ମହତ୍ୱ ବସ୍ତୁତଃ ସତ୍ୟବାଦୀ ଯୁଗର କାବ୍ୟଚେତନାର ଅନାନ୍ୟ ବିଭବ ।

ଏଇ କବିତାରେ ଅଭିରାମ ଭଂଜଙ୍କ ଚରିତ୍ରରେ କବି ଉଚ୍ଚମାନବିକତାର ଭାବଧାରା ଫୁଟେଇ ଚରିତ୍ରଟିକୁ ଅନନ୍ୟ କରି ପାରିଛନ୍ତି । ସେତେବେଳେ ଦେଶ ।ବିଦେଶୀ ଶାସନର ଅଧୀନ । ଦେଶିଆ ରାଜାମାନେ ନିଜ ନିଜର ପ୍ରାସାଦରେ ପ୍ରାୟ ବନ୍ଦୀଭାବରେ ଜୀବନ ଯାପନ କରୁଛନ୍ତି । କାରଣ ସେମାନଙ୍କ ରାଜପଦବୀର ଆଉ କୌଣସି ପାରଂପରିକ ମୂଲ୍ୟ ନାହିଁ । ଇଂରେଜ ସରକାରଙ୍କ ଇଚ୍ଛାନୁସାରେ ସେମାନେ ପରିଚାଳିତ । ତାଙ୍କୁ ସନ୍ତୁଷ୍ଟ କରିବାରେ ଦେଶୀୟା ରାଜାମାନଙ୍କର ସମୟ ବିତିଯାଏ ।

ବିଦେଶୀ ଗୋରାଙ୍କ ପୂଜାରେ ବରହୁଁ / ଛଅ ମାସ ଯାଏ ବିତି
ତହୁଁ ସିନା ମର୍ତ୍ତ୍ୟେ ବୋଲାନ୍ତି ରାଜାଲୋ / ପ୍ରକଟ କରନ୍ତି କୀର୍ତ୍ତି ।

ସେମାନଙ୍କର ଶଙ୍ଖମଲମଲ ପଥରର ଉଆସ । କିନ୍ତୁ ତା'ର ଚଉପାର୍ଶ୍ୱରେ ଗରିବ ପ୍ରଜାଙ୍କର ଭଂଗା ଚାଳିଆଘର । ଏ ବୈଷମ୍ୟର ଯେପରି ଅନ୍ତ ନାହିଁ । ଗୋଦାବରୀଶଙ୍କ ମାନବବାଦୀ ଚେତନା ଖୁବ୍ ଉଜ୍ଜ୍ୱଳ ଭାବେ ପ୍ରକାଶ ପାଇଛି–

ହେଲେ ଏ ବିଭବ କାଳ କଳଙ୍କକି / ସଂସାରେ ହୋଇବ ସାର
ମିଛ ନ ହୋଇବ ଶାସ୍ତ୍ରର କଥା ହେ / ବୀରଭୋଗ୍ୟା ବସୁନ୍ଧରା ।

ବୀରବାଳକ ଅଭିରାମ ସିଂହ ସତେଯେପରି ଏଇ ସତ୍ୟବାଦୀ ଭାବଧାରାର ପ୍ରତୀକ । ସେହିପରି 'ଅର୍ଜୁନସିଂହ' କବିତାରେ ଇତିହାସକୁ ଅଧିକ ଭାବେ ଅନୁସରଣ କରାଯାଇଛି । ଅର୍ଜୁନ ସିଂହ ସିପାହୀ ବିଦ୍ରୋହରେ ଯୋଗଦେଇ ଇଂରେଜ ଶାସନ ବିରୁଦ୍ଧରେଲଢ଼ି କାଶିଧାମରେ (ବର୍ତ୍ତମାନ ବନାରସ) ବନ୍ଦୀ ହୋଇଥିଲେ । ତେଣୁ ତାଙ୍କୁ ନିଜରାଜ୍ୟ ସିଂହଭୂମ ହରେଇବାକୁ ହେଲା । ଏ ରାଜ୍ୟ ହେଲା ଇଂରେଜ ଶାସନର ଖାସ୍ ମାହାଲ । କିନ୍ତୁ ଅର୍ଜୁନ ସିଂହଙ୍କ ଜୀବନର କଳାଦିଗଟି ହେଲା ସୁରାଶର ତରୁଣୀ 'ସିଂହାସିନୀ'କୁ ବଳାତ୍କାରରେ ଅପହରଣ କରି ଆଣିବା । ପରିଣତିରେ ସିଂହଭୂମର ରକ୍ଷାକବଚ ଏଇ ସୁରାଶମାନେ ରାଜ୍ୟଛାଡି ଅନ୍ୟତ୍ର ବସବାସ କରିବାକୁ ଚାଲିଗଲେ । ସେମାନେ ଏଣିକି କୃଷିକାର୍ଯ୍ୟରେ

ମନ ଦେଇ ଲଙ୍ଗଳକଟା ନାମକ ସ୍ଥାନରେ ଜୀବନ ଯାପନ କଲେ । ଏହାପରେ କୋହ୍ଲମାନେ ମେଳି କରି ନାନାପ୍ରକାର ଅନର୍ଥ କଲେ ଓ ତାଙ୍କ ମେଳି ଭାଂଗିବା ପାଇଁ ଅର୍ଜୁନ ସିଂହ ଓଉଦିଆ ଶ୍ରୀପତି ଓ ତାଙ୍କୁ ନିଯୁକ୍ତ କରନ୍ତି । ଫଳରେ କିଛିକାଳ ପାଇଁ ଅର୍ଜୁନ ସିଂହ ନିରଙ୍କୁଶ ଭାବେ ରାଜତ୍ୱ କଲେ କିନ୍ତୁ ଭାଗ୍ୟ ବିଡ଼ମ୍ବନାରେ ଇଂରେଜମାନଙ୍କ ଦ୍ୱାରା କବଳିତ ହୋଇଥିଲେ । ସିଂହାସିନୀ ହିଁ ହୋଇଛି ଅର୍ଜୁନ ସିଂହଙ୍କ ବିପର୍ଯ୍ୟୟର କାରଣ । ସିଂହାସନୀର ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ସଂପର୍କରେ ଗୋଦାବରୀଶ କହି ରଖିଛନ୍ତି –

ହସନ୍ତେ ବାଳୀ ସେ ବନଫୁଲ ।ପ୍ରାୟେ / ମୁହଁତ ଦିଶଇ ତୋରା
ବନସ୍ତେ ଉଡିଲା ଶାରୀଟି ପରିରେ / ସ୍ୱର ଶୁଭଯାଏ ପରା ।

ତେଣୁ ଏପରି ସୁନ୍ଦରୀ ନାରୀ ବିପଦର କାରଣ ହେବା ହିଁ ସାର । ଏସବୁ ପଙ୍କ୍ତିରେ ରାଧାନାଥୀୟ ରୋମାଣ୍ଟିକ୍ ଭାବଧାରାର ଉଚ୍ଛଳ ପ୍ରବାହ ଲକ୍ଷ୍ୟ କରାଯିବ । 'ଅର୍ଜୁନ ସିଂହ' ବୀର ଓ ପ୍ରେମିକ ମଧ୍ୟ । ସୁନ୍ଦରୀ ନାରୀକୁ ବୀରମାନେ (ନାଇଟ୍‌ସ) ଏହିପରି ଅପହରଣକରି ଆଣିବା କଥା ବହୁ ଇଂରେଜୀ କବିତାରେ ଉତ୍‌କୀର୍ଣ୍ଣ । କିନ୍ତୁ ସେ ଥିଲେ ସ୍ୱଦେଶପ୍ରିୟ ବ୍ୟକ୍ତି । ସିପାହୀ ବିଦ୍ରୋହରେ ଯୋଗଦେଇ ରାଜ୍ୟ ଓ ଜୀବନ ହରାଇବାକୁ ଶ୍ରେୟ ମଣିଥିଲେ ବୋଧହୁଏ ।

ପରବର୍ତ୍ତୀ ବିକ୍ରମସିଂହ ଗାଥାରେ ସେଇ ସିଂହଭୂମର ପୋଡାହାଟ ଓ ଆନନ୍ଦପୁର ରାଜ୍ୟର କଥା ବର୍ଣ୍ଣିତ । ଭାଟମୁହଁରେ ଏ ଅଂଚଳର ରାଜା ବିକ୍ରମ ସିଂହଙ୍କ ନାନାଦି କୀର୍ତ୍ତିଗାନର ଚିତ୍ର ଉତ୍‌କୀର୍ଣ୍ଣ । ଆନନ୍ଦପୁର ନରେଶ ବିଶ୍ରମ ସିଂହ ପତାକା ପାଇଁ ପୁରୀ ଅଭିମୁଖେ ଅଭିଯାନ କରିଛନ୍ତି, କାରଣ  ଗଜପତି ରାଜାଙ୍କ ପୁତ୍ର ଏହି ଆନନ୍ଦପୁରର ପତାକାକୁ ଲୁଣ୍ଠନ କରି ନେଇଛି । ପତାକା ପାଇଁ ଯୁଦ୍ଧ କରିବା ତାଙ୍କର ସଂକଳ୍ପ । କିନ୍ତୁ ଗଜପତିରାଜା ତାଙ୍କୁ ବୀରତ୍ୱର ପରୀକ୍ଷା ଦେବାପାଇଁ ଆହ୍ୱାନ କରନ୍ତି । ସେ ଗଜପତିଙ୍କ ପାଟଖଣ୍ଡା ଟେକି ତାକୁ ବୁଲାଇ ପାରିଲେ ଯୋଦ୍ଧାଭାବେ ବିବେଚିତ ହେବେ । ଏ ଶକ୍ତି ପରୀକ୍ଷାରେ ସେ (ବିକ୍ରମ ସିଂହ) କିନ୍ତୁ ହାରିଯାଇଛନ୍ତି । ମହାନୁଭବ ଗଜପତି ତେଣୁ ପତାକାଟିକୁ ଗୋଟିଏ ଭାଟହାତରେ ଅର୍ପଣ କଲେ ଓ ବିକ୍ରମ ସିଂହ ଗଜପତି ରାଜାଙ୍କ ଶ୍ରେଷ୍ଠତ୍ୱକୁ ସ୍ୱୀକାର କଲେ । ଡକ୍ଟର ଶରତଚନ୍ଦ୍ର ପ୍ରଧାନଙ୍କ ମତରେ ''ଏହି ବିକ୍ରମ ସିଂହ ଗାଥା ସହ ଡେନ୍‌ମାର୍କର ମାର୍କସ ଷ୍ଟିଙ୍ଗ ବଲାଡର କେତେକାଂଶରେ ସାଧର୍ମ୍ୟ ରହିଛି । ମାର୍କସ୍‌ଷ୍ଟିଙ୍ଗ ମଧ୍ୟ ପତାକାଧରି ଏକ ରୋମାଞ୍ଚକର ଅଭିଯାନରେ ଯାତ୍ରା କରିଛି ।'' ତାଙ୍କ ମତରେ ଏକ ବୃହତ୍ ଗାଥାର ଏହା ଅଂଶମାତ୍ର । ଗୋଦାବରୀଶ ଏହାଦ୍ୱାରା ପ୍ରଭାବିତ ହୋଇ ପାରିଥା'ନ୍ତି ।

ଓଡ଼ିଆ ନାରୀ ସଂପ୍ରଦାୟର ମହନୀୟତା ପ୍ରତିପାଦନ କରିବାଲାଗି ସମ୍ଭବତଃ 'ଗଡ଼ରକ୍ଷା' ଗାଥା କବିତାଟି ରଚିତ ହୋଇଛି । ଏହା କିମ୍ବଦନ୍ତୀ ଆଧାରିତ । ବରାହଭୂମିର କୌଣସି ଯୁବକ, ଶତ୍ରୁର ମୁକାବିଲା କରିବା ପାଇଁ ଯୁଦ୍ଧରତ ଥିଲାବେଳେ ତାଙ୍କ ସାହସିନୀ ପତ୍ନୀ ତୂଣୀରରୁ ଶର ତାଙ୍କ ହାତକୁ ପାଖେ ପାଖେ ରହି ବଢ଼େଇ ଦେଉଥିଲେ । ଯୁବକ ଧନୁରୁ ଶର ବର୍ଷଣ କରି ଚାଲିଥିଲେ ଓ ଗୋଟିଏ ଶର ନିକ୍ଷେପ ହେଲାମାତ୍ରେ ଆଉ ଗୋଟିଏ ଶର ତୂଣୀରରୁ ତାଙ୍କ ପ୍ରାଣଧିକା ପତ୍ନୀ ବଢ଼େଇ ଦେଉଥିଲେ । ବିଜୟର ସମସ୍ତ ସମ୍ଭାବନା ସତ୍ତ୍ୱେ ଶତ୍ରୁର ଏକ ଭୟାବହ ଶର ଯୁବକଙ୍କୁ ଆଘାତକରିବାକୁ ଯାଉଥିବା ଦେଖି ତାଙ୍କ ପତ୍ନୀ ଯୁବକଙ୍କ ଆଗରେ ଠିଆ ହୋଇଯାଇ ନିଜେ ଶରର ଆଘାତରେ ଜୋବନଦାନ କରିଥିଲେ । ଫଳରେ ତାଙ୍କ ପତ୍ନୀ ଶ ତ୍ରୁସୈନ୍ୟଙ୍କୁ ପରାହତ କରିବା ସମ୍ଭବ ହୋଇଥିଲା । ସେ ପରେ ବିଜୟୀ ହୋଇଥିଲେ । ଗୋପବଂଧୁ ଯେଉଁପରି ଧର୍ମପଦର ଜୀବନଦାନରେ ସ୍ଥପତିକୁଳକୁ ରାଜରୋଷରୁ ରକ୍ଷା କରିଥିଲେ ଗୋଦାବରୀଶ ସମ୍ଭବତଃ ଜୀବନ ଦାନର ସେହି ମହନୀୟତାକୁ ଏଠି ଜଣେ ନାରୀର ସାହସରେ ଫିଟେଇ ନାରୀଜାତିର ଉତ୍ଥାନ ଓ ପୁରୁଷ ସହିତ ସମକକ୍ଷ ହୋଇ ସବୁକାର୍ଯ୍ୟରେ ଯୋଗଦାନ କରିବାକୁ ପରୋକ୍ଷ ଆହ୍ୱାନ ଦେଇଛନ୍ତି ।

ସେହିପରି 'ଦୁଃଖୀଧନ' ଗାଥା–କବିତାରେ ଦେଶପାଇଁ ବଇରଣ ଟେକିଧରି ଯେଉଁ ଯୁବକ ପ୍ରାଣପାତ କରନ୍ତି ସେ ଜଲେଇଆଣୀଙ୍କ ସ୍ନେହର ଧନ ହୋଇଥିଲେବି ନିଜ ରାଜ୍ୟ ପାଇଁ ଜୀବନଦାନର ଅପୂର୍ବ ଦୃଷ୍ଟାନ୍ତ ଦେଖାଇଛନ୍ତି । ତା' ଦ୍ୱାରା ସୁନାଗଡ଼ ରାଜ୍ୟ ବିଜୟ ଲାଭ କରିଛି ସତ କିନ୍ତୁ ଦଲେଇଆଣୀଙ୍କ ସ୍ନେହ ସୋହାଗର ସନ୍ତାନ ଦୁଃଖୀଧନ ଯୁଦ୍ଧକ୍ଷେତ୍ରରେ ନିଃଶେଷ ହୋଇ ଯାଇଛନ୍ତି । ଏ କବିତାର କରୁଣ୍ୟ ଓ ବୀରତ୍ୱ ଗାଥା କବିତା ଉପଯୋଗୀ ନିଶ୍ଚୟ । ତାଙ୍କ ମାତା କାନ୍ଦି କାନ୍ଦି କହୁଛନ୍ତି –

''ଝୁରନ୍ତି ବାବୁରେ ଚାଲିକ ତୁ ଗଲୁ / ସାରି ଏ ଜଗତ୍ର ଲୀଳା
ଏ କୋଇର ବଳା କୋଳକୁ ମୋରରେ / ଚଉଦ ବରଷ ପିଲା ?
ଏ ଦେହ ଧରି ମୁଁ ବଂଚି କି ପାରିବ । ମୁହୂର୍ତ୍ତେ ମହୀରେ ସତେ
ତୁହି ଯେଉଁବାଟେ ଯାଇଛୁ ବାବୁରେ / ଘେନି ବେଗେ ଯାଅ ମୋତେ ।''

ସମ୍ଭବତଃ ଏଇ କାରୁଣ୍ୟ ଅଧିକମାତ୍ରାରେ ତାଙ୍କ 'କାଳିଜାଇ' କବିତାର ଉପଲବ୍ଧ ହୁଏ । 'କାଳିଜାଇ' ଓଡ଼ିଆ ସାହିତ୍ୟର ଏକ ପୌରାଣିକ ସଂପତ୍ତି ଯାହାର ଚିରନ୍ତନ କାରୁଣ୍ୟ ବୟସ ନିର୍ବିଶେଷରେ ପ୍ରତ୍ୟେକ ପାଠକର ପ୍ରାଣକୁ ଛୁଇଁଯାଏ । ସମ୍ଭବତଃ ଚିଲିକା ଗର୍ଭରେ ଘଟିଥିବା କୌଣସି ଲୋକପ୍ରଚଳିତ କାହାଣୀକୁ ଆଧାର କରି ତାଙ୍କର କାଳିଜାଇ କବିତା ରଚିତ । କେତେ ସ୍ୱପ୍ନ ଓ ଅଭିଳାଷ ନେଇ ଶାଶୁଘରକୁ ଚିଲିକା ବକ୍ଷରେ ନୌକାଯୋଗେ ଯାତ୍ରା କରୁଥିବା ଝିଅଟି ପ୍ରକୃତିର କରାଳ ରୋଷର ଶୀକାର ହୋଇ ନୌକାବୁଡ଼ିରେ ପ୍ରାଣ ହରେଇଚି । ତା ଜୀବନର ଏକ ଦୁର୍ଘଟଣାରେ ସ୍ଥାନୀୟଲୋକେ ବିଚଳିତ ହୋଇ ଚିଲିକା ଗର୍ଭରେ ଥିବା ଏକ ନାତିଉଚ୍ଚ ପାର୍ବତ୍ୟ ଶଯ୍ୟାରେ ମନ୍ଦିରଟିଏ ତାରି ନାମରେ ତୋଳାଇ ଦେଇ ତାକୁ ଦେବୀରେ ରୂପାନ୍ତରିତ କରି ଦେଇଛନ୍ତି । ସେ ନିଜ ଜୀବନ ବିନିମୟରେ ନୌକାରେ ଯାତ୍ରା କରୁଥିବା ଶହଶହ ପଙ୍ଖାରୀଙ୍କ ଜୀବନ ରକ୍ଷାର ବେଜ୍ର କବଚରେ ପରିଣତ ହୋଇ ଲୋକ ବିଶ୍ୱାସରେ ଦେବୀମାତାରେ ରୂପାନ୍ତରିତ । ତେଣୁ ପ୍ରତ୍ୟେକ ନୌଯାତ୍ରୀ ଏଇ ଦେବୀଙ୍କ ଉଦ୍ଦେଶ୍ୟରେ ଚିଲିକାଯାତ୍ରାବେଳେ ହାତଟେକି ଆଜି ଯାତ୍ରାର ସଫଳତା ପାଇଁ ପ୍ରାର୍ଥନା କରିଥାନ୍ତି । ଜୀବନ ବିନିମୟରେ କୁମାରୀଟିଏ ଆଜି ଦେବୀରେ ପରିଣତ ହୋଇ କେତେ କାହାର ପୂଜା ଆରାଧନା ଓ ନୈବେଦ୍ୟ ପାଇବା ପାଇଁ ଅପାରଂପରିକ ଦେବୀରେ ପରିଣତ ହୋଇ ଯାଇଛନ୍ତି ।

କବିତାର ଅନ୍ତର୍ନିହିତ ସ୍ୱର ଗଭୀର ଅଶ୍ରୁ ଓ କାରୁଣ୍ୟରେ ଆନ୍ଦୋଳିତ । ଏ କବିତାଟି ଶୁଣିଲେ ଯେତେ ନିଷ୍ଠୁର ହେଲେବି ନାରୀ ଆଖିରୁ ଲୁହଧାର ବୋହିଯିବାକୁ ବାଧ୍ୟ । ସହଯାତ୍ରୀ ଜନ୍ମଦାତା ପିତାଙ୍କ ଅଶ୍ରୁ ଓ ରୋଦନ ଏକାନ୍ତ ମର୍ମସ୍ପର୍ଶୀ । ପୁଣି ଚିଲିକାର ଭୟଂକର ଉତ୍ତାଳ ରୂପ ସହିତ ଝଡ ଶେଷର ସ୍ୱାଭାବିକ ସ୍ଥିର ଓ ସମ୍ଭ୍ରାନ୍ତ ରୂପ ପ୍ରକୃତିର ଉଭୟ ଭୀମ ଓ ଶାନ୍ତ ରୂପକୁ ଚିହ୍ନାଇଦିଏ । ଚିଲିକା ଗର୍ଭରେ ଉଠିଥିବା ଝଡର କବଳରୁ ସମସ୍ତେ ବଂଚିଗଲେ, ଏକମାତ୍ର ଜାଇ ଆଉ ଫେରିଲାନାହିଁ । ବାପା ଫେରିଆସି ମାଆଙ୍କ ପାଖରେଏ କଥା ବର୍ଣ୍ଣନା କଲାବେଳେ ମାଆଙ୍କ ହୃଦୟର ନୀରବ ବ୍ୟଥା ଯେପରି ସମଗ୍ର ବାତାବରଣକୁ ଛଳଛଳ କରି ଦେଉଥିଲା । ଶୁଣୁଥିବା ଲୋକୋ ହୋଇଯାଇଥିଲେ ନିର୍ବାକ ଓ ଅଶ୍ରୁସିକ୍ତ । ସରଳ ତରଳ ପଦାବଳୀ ସହିତ ଉପଯୁକ୍ତ ଶବ୍ଦବସାଣର ବିପୁଳ କୃତିତ୍ୱ ଏ କବିତାର ବିଶେଷତ୍ୱ । ଗୋଟିଏ ମାତ୍ର ଉଦାହରଣରୁ ଏ କବିତାର ରସୋତ୍ତୀର୍ଣ୍ଣ ଆବେଦନର କାରଣ ସ୍ପଷ୍ଟହେବ । ଜାଇ ଶାଶୁଘରକୁ ଗଲାବେଳେ ଗାଉଛି –

''ଏଡେ ହୀନିମାନ କରିବାକୁ ଯେବେ / ମନରେ ଥିଲା ବିଚାର
ଏକୁଡ଼ି ଶଳରେ କିମ୍ପାଇ ବାପାହେ / ତଣ୍ଟି ଚିପି ନ ମାରିଲ ?
ଝିଅକୁ ନିଶ୍ଚିନ୍ତେ ପଠାଇ ଦେଉଛୁ/ବନସ୍ତକୁ ଜାଣୁ ଜାଣୁ
କପାଳ ଆଦରି ଯାଉଛି ବୋଉଲୋ/ପାସୋରି ନ ଦେବୁ ମନୁ ।''

ଏଇ ଉଦ୍ଧୃତିଟି ଗାଁ ଗହଳର ଝିଅ ବିବାହ କାଳୀନ କାନ୍ଦଣାର ଅନୁରୂପ – ଯାହା ସମସ୍ତେ ଅନୁଭବ କରିଛନ୍ତି । ଏଇଥିପାଇଁ ସମ୍ଭବତଃ ଲୋକରତ୍ନ ଡକ୍ଟର କୁଂଜ ବିହାରୀ ଦାଶ କହିଛନ୍ତି – ''ତାଙ୍କ କବିତାର ଧାରା ଗୋଟିଏ, ଏହା ଲୋକଗୀତର ଧରା । ହୃଦୟର ଉଚ୍ଛ୍ୱାସରୁ ଏହାର ଜନ୍ମ ।

ସେହିପରି କିମ୍ବଦନ୍ତୀ ବା ଲୋକକଥା ଆଧାରିତ ଏକ ଗାଥା କବିତା – 'ମାମୁଁ ଭଣଜା' । ରାଧାନାଥଙ୍କ 'ଚିଲିକା' କାବ୍ୟର ଚିଲିକା ତୀରବର୍ତ୍ତୀ ଓ ଅନତିଦୂରସ୍ଥ ପ୍ରାୟ ସମସ୍ତ ପ୍ରାକୃତିକ ପରିବେଶର ବର୍ଣ୍ଣନା ରହିଛି । 'ଚିଲିକା ଏ ଦୃଷ୍ଟିରୁ ଏକ ଅପୂର୍ବ କଳାକୃତି । ଏହାର ସମକକ୍ଷ ନ ହେଲେ ବି ପାହାଡ଼ ପର୍ବତକୁ ଚରିତ୍ରିତକରି ଗାଥା–କବିତା ରଚନା କରିବାରେ ଗୋଦାବରୀଶଙ୍କ ଅପୂର୍ବ ଦକ୍ଷତା ନିଶ୍ଚୟ ପ୍ରଣିଧାନ ଯୋଗ୍ୟ । ଅତୀତରେ ଲୋକକଥାରେ ଏହିପରି ପାହାଡ଼ ପର୍ବତ ବୃକ୍ଷ ଲତା ଆଦିକୁ ଚରିତ୍ରିତ କରି ଅନେକ କାହାଣୀ ରଚିତ ହେଉଥିଲା । ଯେଉଁପରି କାଞ୍ଚନ ଗଛକୁ ନେଇ କଞ୍ଚନବତୀ ଉପାଖ୍ୟାନ । କିନ୍ତୁ କ୍ରମେ ସାହିତ୍ୟରୁ ଏ ଧାରା ଅଚଳ ହୋଇଗଲା । ମାମୁଁ ଭଣଜା ପାହାଡ଼ର ଲୋକ କଥାଟି ହେଲା ବାଣପୁରର ରାଜା ଥିଲା ବାଣାସୁର । ତାଙ୍କର ଭଣଜା  ହେଲେ ଘୁମ ସରର ରାଜା ଯମେଶ୍ୱର ସିଂହ । ଯମେଶ୍ୱର ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୁଷତ୍ତମ ଯାଉଥିଲେ । ବାଟରେ ବାଣପୁର ଦେଇ ଯିବାକୁ ହେବ । କିନ୍ତୁ ମାମୁଁ ହୋଇବି ବାଣାସୁର ତାଙ୍କୁ ବାଟ ଛାଡିଲା ନାହିଁ, ଯୁଦ୍ଧ ହେଲା । ଯୁଦ୍ଧରେ ଯମେଶ୍ୱର ପରାସ୍ତ ହେଲେ ଓ ମାମୁଁଙ୍କ ପାଦତଳେ ପଡି ତାଙ୍କୁ କ୍ଷମା ମାଗିଲେ । ମାମୁଁ କିନ୍ତୁ ଏତେ ରାଗିଥିଲେ ଯେ ଗୋଇଠା ମାଡରେ ଭଣଜାକୁ ହତ୍ୟା କଲେ । ଘୁମୁସରର ପାଇକମାନେ ଅଧିକ ସଂଖ୍ୟାରେ ଆସି ବାଣାସୁରକୁ ଆକ୍ରମଣକଲେ । ସେମାନଙ୍କ ଦ୍ୱାରା ମାମୁଁ ବାଣାସୁର ଶେଷରେ ନିହତ ହେଲେ । ସମ୍ଭବତଃ ମାମୁଁ ଓ ଭଣଜା ଉଭୟେ ଯେଉଁଠି ନିହତ ହୋଇଥିଲେ ସେଠାରେ ସେମାନଙ୍କ ଅସ୍ଥି ମେଦମାଂସ ପାହାଡରେ ପରିଣତ ହୋଇଗଲା । ଲୋକକଥାରେ ଅଛି ଯେ ମାମୁଁ ପାହାଡ଼ ଦିନକୁ ଦିନ ସଂକୁଚିତ ହୋଇ ଯାଉଛି, ଛିଡି ଛିଡି ଯାଉଛି ଓ ଭଣଜା ପାହାଡର ଅଭିବୃଦ୍ଧି ଘଟୁଛି । ଏହି କିମ୍ବଦନ୍ତୀକୁ ନେଇ ଚରିତ ଗୋଦାବରୀଶଙ୍କ ଗାଥା–କବିତା 'ମାମୁଁ ଭଣଜା' ।

'ଗାଲ ମାଧବ' ଗାଥା–କବିତାରେ ପ୍ରାଚୀନ କାଳର ଜଗନ୍ନାଥ ମନ୍ଦିର ତୋଳା ଉପାଖ୍ୟାନ ସହିତ ଗାଲମାଧବ ବାଲୁକାସ୍ତୂପ ମଧ୍ୟରୁ ସେହି ମନ୍ଦିରକୁ ଉଦ୍ଧାର କରିଥିବା ବିବରଣୀ ଜନାର୍ପିତ ହୋଇଛି । ଇନ୍ଦ୍ରଦ୍ୟୁମ୍ନଙ୍କ ଅନେକ ପରେ ହୁଏତ ଗାଲମାଧବ ରାଜତ୍ୱ କରିଛନ୍ତି ନୀଳାଚଳରେ । ଭୂଇଁ ମଧ୍ୟରୁ ସେ ମନ୍ଦିରଟିକୁ ଖୋଦନ କରି ଉଠାଇଲା ବେଳେ ମନ୍ଦିର କହିଛି –

''ସ୍ତିରୀ ମୁହଁ ଏଡ଼ିଜନେ ଯେବେପୁଣି / ଯଶେ ବଳାଇବେ ମନ,
ସେତେବେଳେ ମୋରେ ଉଠାଇଲେ ନୃପ / ଭୂଇଁରୁ ଉଠିବି ଜାଣ ।''

ଅର୍ଥାତ୍ କାମିନୀ କାଂଚନ ଲୋଭରୁ ନିବୃତ୍ତ ହେବା ପାଇଁ ମନ୍ଦିରର ରାଜାମାନଙ୍କୁ ଏ ତାତ୍ତ୍ୱିକ ଉପଦେଶ ଖୁବ୍ ଆକର୍ଷଣୀୟ ଓ ରୋଚକ ମଧ୍ୟ ।

ତାଙ୍କର 'ଧରଣୀଧର' ଓ 'ମୁଁ ଚଷାପୁଅ' ଗାଥା କବିତା ଦୁଇଟି ଇତିହାସ ଓ କାଳ୍ପନିକତାର ସମନ୍ୱୟରେ ସୁନ୍ଦର ମାର୍ମିକ ବ୍ୟାଖ୍ୟା ପ୍ରଦାନକରେ । ଧରଣୀଧର ଜାତି ଭାଇଙ୍କୁ ରକ୍ଷା କରିବାକୁ ମାଛ କାନ୍ଦଣା ନଈରେ ବନ୍ଧ ବାନ୍ଧିବାକୁ କେଉଁଝରର ରାଜାଙ୍କ ନିର୍ଦ୍ଦେଶରେ ନିଷ୍ପାପର ଭାବେ ଲାଗି ଥିଲେ ବି କେବଳ ବେଠି ଓ ବେପାରୀ ମାଧ୍ୟମରେ ଏଡେବଡ଼ ପ୍ରକଳ୍ପ ମୁଣ୍ଡିମାରିବା ସପକ୍ଷରେ ନ ଥିଲେ । ପୁଣି ରାଜକର୍ମଚାରୀ ମାନେ ଅଖିଆ ଅପିଆ କାମ କରୁଥିବା ଦୁଃସ୍ଥ ଶ୍ରମିକମାନଙ୍କ ପିଠିରେ କୋରଡା ପ୍ରହାର ଦେଉଥିଲେ । ମହାରାଣୀପୁତ୍ର ଭାବେ ପରିଚିତ ଧରଣୀଧର ଏଥିରେ ବ୍ୟଥିତ ହୋଇ ବେଠି

ବେଗାରୀ ପରିବର୍ତ୍ତେ ମୂଲ ବା ମଜୁରୀ ଦେଇ କାମ ହାସଲାକରିବାକୁ ରାଜାଙ୍କୁ ପ୍ରସ୍ତାବ ଦିଅନ୍ତି । ରାଜାଙ୍କ ପାର୍ଶ୍ୱଚରମାନେ ରାଜାଙ୍କୁ କୁମନ୍ତ୍ରଣା ଦେବାରୁ ସେ ଧରଣୀଧରର ପ୍ରସ୍ତାବରେ ସମ୍ମତି ଦିଅନ୍ତି ନାହିଁ । ପରିଣତିରେ ଧରଣୀଧର ତାର ଆଦିବାସୀ ଜାତିଭାଇମାନଙ୍କୁ ଅନ୍ୟାୟ ଆଦେଶ ବିରୁଦ୍ଧରେ ଏକଜୁଟ୍ କରି କାମବନ୍ଦ କରିଦିଏ । ସେତେବେଳେ ଫକୀରମୋହନ ସେନାପତି ଥା'ନ୍ତି ରାଜାଙ୍କ ଦେଓ୍ୱାନ୍ । ସେ ଧରଣୀଧରର ପ୍ରଚଣ୍ଡ ବ୍ୟକ୍ତିତ୍ୱ ଓ ସତ୍ୟ-ସନ୍ଦେଶରେ ଅଭିଭୂତ ହେଲେ ବି ରାଜାଙ୍କ ସ୍ୱାର୍ଥକୁ କର୍ମଚାରୀଭାବେ ସମର୍ଥନ କରନ୍ତି । ଭୂୟାଁମାନଙ୍କ ନେତା ଭାବରେ ଧରଣୀଧରର ଖ୍ୟାତି ଦିନକୁ ଦିନ ବଢ଼ିଚାଲେ । ରାଜାମଧ୍ୟ ତାକୁ ସାମ୍ନା କରିବାକୁ ଭୟ କରନ୍ତି । ଫକୀର ମୋହନ କୌଶଳକରି ସରକାରଙ୍କୁ ଅଧିକ ସୈନ୍ୟ ପଠାଇବାର ବ୍ୟବସ୍ଥା କରନ୍ତି । ଶେଷକୁ ଇଂରେଜ ସୈନ୍ୟମାନଙ୍କ ପାଖରେ ଧରଣୀଧର ବନ୍ଦୀ ହୁଏ । ମେଳି ଭାଂଗିଯାଏ । ଚୁହାଡ଼ ଚମ୍ରାର ଜନଜାତିର ନେତା ଓ ଦିଗ୍‌ଦ୍ରଷ୍ଟା ଧରଣୀଧର ଶେଷଜୀବନରେ ଆଳିରାଜ୍ୟରେ ଜୀବନଯାପନ କଲେବି ପ୍ରଚଣ୍ଡ ସ୍ୱାଧୀନଚେତା ଏହି ବ୍ୟକ୍ତି ପାଗଳ ହୋଇ ଯାନ୍ତି । ଆଳି ବଜାରର ବେପାରୀମାନେ ତାଙ୍କୁ ମୁଠାଏ ମୁଠାଏ ଖାଇବାକୁ ଦେଇ ତାଙ୍କ ଗୁଣଗାନରେ ବିମୋହିତ ହୁଅନ୍ତି । ଏପରିକି ଧରଣୀଧର ପାଇଁ ଆଗ ତର୍କାରୀ ସାଇତି ରଖିଥିବା ଘରଣୀମାନେ ଦୀର୍ଘଶ୍ୱାସ ପକାଇ ପରସ୍ପରକୁ କହନ୍ତି - ମେଳିଆ ଧରଣୀଧର କଇଦୀରୁ ଆସି ଏଠି ପାଗଳ ହୋଇ ଏକୁଟିଆ ଅଖିଆ ଅପିଆ ପଡି ରହିଛି । ତାରି ପାଇଁ ଭାତ ଓ ଶାଗତର୍କାରୀ ସେମାନେ ସାଇତି ରଖିଛନ୍ତି । ସୁନ୍ଦର ସୌମ୍ୟ ଚେହେରା, ଦୀର୍ଘ ନାଶା, ଉନ୍ନତ କପାଳ, ମୁଣ୍ଡରେ ଗୋଛେ ବାଳ, ଏ ମଣିଷଟିର ରାଜପୁରୁଷ ଯୋଗ୍ୟ ଚେହେରା ଦେଖିଲେ ଯେ କେହି ମୁଗ୍ଧ ହେବଇ । ସେହିଁ ଶେଷରେ ଦେଶଦ୍ରୋହୀଭାବେ ସରକାରଙ୍କ ଆଖିରେ ଗଣା ହେଲେ ବି ଜନତାର ହୃଦୟ ରାଜ୍ୟରେ ସେ ସମ୍ରାଟଭାବରେ ଅଭିଷିକ୍ତ ସମସ୍ତଙ୍କ ଆଦରଣୀୟ ମହାରାଣୀପୁତ୍ର ଧରଣୀଧର ଭାବେ ଇତିହାସରେ ପରିଚିତ ହୋଇଛି । ଗୋଦାବରୀଶ ତାରି ଜୀବନର ଅଂଶାବଶେଷକୁ ସୁନ୍ଦର ଗାଥା -କବିତାରେ ପରିଣତ କରିନେଇଛନ୍ତି । ଡକ୍ଟର ପ୍ରଧାନଙ୍କ ଭାଷାରେ 'ଧରଣୀଧର' ରାଷ୍ଟ୍ରୀୟ ଚେତନା ଉଦ୍ରେକକାରୀ ନିଷ୍ପେସିତ ଜନଜାତିର ମାର୍ମିକ ଲିପି ।(୪)

'ସାକ୍ଷୀ ଗୋପାଳ' ସେହିପରି ଲୋକକଥା ଆଧାରିତ ଏକ ପରିକଳ୍ପନା ଯାହା ଏବେ ବି ଲୋକମୁଖରେ କଥିତ ହୁଏ । ମଣିଷର ମିଥ୍ୟାଚାର ବିରୁଦ୍ଧରେ ଦେବତା ମଧ୍ୟ ସାକ୍ଷ ଦେବାକୁ ଅବତୀର୍ଣ୍ଣ ହୋଇ ଆସନ୍ତି - ଏହାହିଁ ଏ ଗାଥା କବିତାର ମର୍ମବାଣୀ । ନରସିଂହ ଭଟ୍ଟ ମିଶ୍ର ତାଙ୍କ ବଂଧୁ ଶ୍ରୀବତ୍ସ ମାଷ୍ଟାନ୍‌ଙ୍କ ସହିତ ତୀର୍ଥ ଯାତ୍ରାରେ ଯାଇ ନିଜ କନ୍ୟାକୁ ଶ୍ରୀବତ୍ସଙ୍କ ପୁତ୍ରସହ ବିବାହ ଦେବେ ବୋଲି କୌଣସି ଏକ କ୍ଷେତ୍ରରେ (ସମ୍ଭବତଃ ବୃନ୍ଦାବନ) ଶପଥ କରିଥିଲେ । କିନ୍ତୁ ଘରକୁ ଫେରି ସମ୍ଭବତଃ କାହାର ଚାପରେ ନିଜ ସତ୍ୟକୁ ରକ୍ଷା କରିବାକୁ ଚାହିଁଲେ ନାହିଁ । ଗ୍ରାମ୍ୟ ନ୍ୟାୟରେ ଆବଶ୍ୟକ ପଡିବାରୁ ଶ୍ରୀବତ୍ସ ମାଷ୍ଟାନ ସେଇ ତୀର୍ଥ କ୍ଷେତ୍ରକୁ ଯାଇ ଗୋପାଳଙ୍କୁ ସବୁକଥା ଜଣାଇଲେ ଓ ତାଙ୍କ ସାଙ୍ଗରେ ଆସି ଗ୍ରାମରେ ସାକ୍ଷ ଦେବାକୁ କାକୁତି ମିନତି କଲେ । ବୃନ୍ଦାବନରୁ ଗୋପାଳ ତାଙ୍କ ସହିତ ଆସିବାକୁ ରାଜି ହେଲେ । ଆଗେ ଆଗେ ମାଷ୍ଟାନ ଓ ପଛେ ପଛେ ଗୋପାଳ । ସର୍ତ୍ତଥିଲା ଗୋପାଳଙ୍କ ପାଦର ନୂପୁର ନିକ୍ୱଣ ଶବ୍ଦ ଶୁଣୁଥିବା ଯାଏ ମାଷ୍ଟାନ ଜାଣିବେ ଯେ ଅନ୍ୟମାନଙ୍କୁ ଅଦୃଶ୍ୟ ଓ ତାଙ୍କୁ କେବଳ ଦୃଶ୍ୟ ଭାବରେ ତାଙ୍କ ପଛେ ପଛେ ଗୋପାଳ ଚାଲିଛନ୍ତି । ସମ୍ଭବତଃ ନଦୀବାଲିରେ ସେ ଶବ୍ଦ ଆଉ ନ ଶୁଭିବାରୁ ମାଷ୍ଟାନ ବ୍ରାହ୍ମଣ ସନ୍ଦିଗ୍ଧ ଚିତ୍ତରେ ପଛକୁ ଚାହିଁଦେବାରୁ ଜୀବନ୍ତ ଠାକୁର ପଥର ମୂର୍ତ୍ତିରେ ପରିଣତ ହୋଇଗଲେ । ସେହି ମୂର୍ତ୍ତି ପରେ ସତ୍ୟବାଦୀରେ ସଂସ୍ଥାପିତ ହୋଇ ପୂଜା ପାଇଲେ । ଗୋପବଂଧୁଙ୍କ ବହୁ କଥିତ ବନବିଦ୍ୟାଳୟ ଏଇଠି ଅବସ୍ଥିତ । ଗୋଦାବରୀଶ ସେଠାରେ ଜଣେ ଶିକ୍ଷକ ଥିବାରୁ ଏ କାହାଣୀ ପଣ୍ଡାମାନଙ୍କ ମୁହଁରେ ମହାନ୍ ବିଶ୍ୱାସରେ ପରିଣତ ହୋଇ ଥିବା ନିଜେ

(୪) ଗୋଦାବରୀଶ କଥାକୃତି ଓ କୃତିତ୍ୱ - ଗୋଦାବରୀଶ ପରିକ୍ରମା ପୃ. ୧୬୫

ଅନୁଭବ କରିଛନ୍ତି ନିଶ୍ଚୟ । ତେଣୁ ଏ ଗାଥା କବିତାଟି ରଚନାରେ ସେଇ କଥାକୁ ରୂପଦେଇଛନ୍ତି ଓ ତା ସହିତ ଗୋପବନ୍ଧୁ ଓ ବନବିଦ୍ୟାଳୟକୁ ସ୍ମରଣରେ ଆଣିଛନ୍ତି ।

ତେଣୁ କହିବାକୁ ହେବ ଯେ ଗୋଦାବରୀଶଙ୍କ ଗାଥା–କବିତାର ବିଷୟ ବିନ୍ୟାସ ଖୁବ୍ ବ୍ୟାପ୍ତି ଭିତ୍ତିକ । ମଣିଷ, ଦେବତା ଓ ପ୍ରକୃତି – ଏ ତିନୋଟିର ସମନ୍ୱୟରେ ତାଙ୍କ କାବ୍ୟ ମାନସ ସଂଚରଣଶୀଳ । ସେଥିରେ ଜାତୀୟତା ବା ସ୍ୱାଦେଶିକତା, ମାନବିକ ସମ୍ବେଦନା, ଅଛି ଓ ଆବେଗର ମାତ୍ରା ଅଧିକ । ବଳାତ ସ୍ୱାଭାବିକ ବର୍ଣ୍ଣନାତ୍ମକ ଶୈଳୀରେ ରଚିତ ଏବଂ ଗୀତି ଧର୍ମୀ ମଧ୍ୟ । ବାରମ୍ବାର 'ଲୋ' 'ଲୋ' ଉଚ୍ଚାରଣ ଦ୍ୱାରା ଏହାକୁ ଯେତିକି ସାଂଗୀତକ ରୂପ ଦିଆଯାଇଛି ସେତିକି ଗ୍ରାମୀଣ ଚେତନାକୁ ରୂପାନ୍ୱିତ କରାଯାଇଛି । ଗାଥା କବିତାକୁ ଆଗେ ଚାରଣ ଗୀତି ବୋଲି କୁହାଯାଉଥିଲା । ତେଣୁ ଗୋଦାବରୀଶ ଏସବୁ ଚାରଣଗୀତି ରଚନା କରି ଅତୀତ ଇତିହାସକୁ ସ୍ମରଣ କରିବା ସହିତ ସମାଜର ଘଟଣା ପ୍ରବାହ ସହିତ ତାଳମେଳ ରକ୍ଷାକରି ପାଠକପାଇଁ ''ଆଲେଖିକା'ରେ ଅମୂଲ୍ୟ ସଂପଦ ରଖିଯାଇଛନ୍ତି । ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆଜାତି ପଅଥିବୀ ପୃଷ୍ଠରେ ଜୀବିତ ଥିବ ସେ କଣ କେବେହେଲେ ତାଙ୍କ ଅମର ଗୀତି ଦୁଃଖୀଧନ ଓ କାଳିଜାଇ'ର ନିମ୍ନଲିଖିତ ପଙ୍କ୍ତିକୁ ଭୁଲିଯାଇ ପାରିବ ?

''ତୁନି ହୁଅ ଧନ ନକାନ୍ଦ ଆଉରେ
ସଂଜତ ଆସୁଛି ମାଡ଼ି
ବେଗେ ବେଗେ ସିନା ପାଦ ଚାଳିଗଲେ
ଏ ବନସ୍ତ ହେବା ପାରି ।'' 'ଦୁଃଖୀଧନ'
''ମେଘ ଚାଲିଗଲା ମେଘର ବାଟେ ସେ
ବତାସି ହୋଇଲା ଥିର
ପଡିଗଲା ଖରା ନିର୍ମଳ ହୋଇଲୋ
ପାଣିହୁଏ କଳ କଳ
ପାହାଡ଼ ଚଢ଼େଇ ଉଡୁଅଛି ରାବି
ମନେ କି ଅଛି ତା ଧୋକା
ପାଣିତଳ ଛାଇ ବୁଲିଯାଉଛି ଲୋ
ଜାଇଟି ନାହିଁଛି ଏକା ।'' 'କାଳିଜାଇ'

କବି Goldsmithଙ୍କ ବିଷୟରେ କେହି ସମାଲୋଚକ କହିଛନ୍ତି ସେ ଯଦି ଆଉକିଛି ନ ଲେଖି କେବଳ 'The Deserted Village' କବିତାଟି ଲେଖିଥାନ୍ତେ ତେବେ ମଧ୍ୟ କବି ଭାବେ ଅମର ହୋଇ ରହିଥା'ନ୍ତେ । ଗୋଦାବରୀଶଙ୍କ ସଂପର୍କରେ ଅନୁରୂପ ଭାବେ କୁହାଯାଇପାରେ ସେ ଆଉ କିଛି ନ ଲେଖି କେବଳ 'ଆଲେଖିକା' ଲେଖିଥିଲେ ତହିଁରେ ପ୍ରଦତ୍ତ 'କାଳିଜାଇ' କବିତା ପାଇଁ ଅତ୍ତଳନମ୍ବର କବିଭାବେ ନିଶ୍ଚିତ ଭାବେ ଇତିହାସରେ ସ୍ଥାନ ପାଇଥାନ୍ତେ ।

–୦–

# ତୃତୀୟ ୟୁନିଟ୍

# କୁନ୍ତଳା କୁମାରୀ ସାବତ (୧୯୦୦-୧୯୩୮)

### ସବୁଜ ସମସାମୟିକକ ଓଡ଼ିଆ କବିତାର ଦୁଇଟି ସ୍ୱର:
### ଜାତୀୟତା ବାଦୀ ଚେତନା ଓ ଆଧିଭୌତିକତା :

ସବୁଜ ସମସାମୟିକ ଓଡ଼ିଆ କବିତାରେ ସ୍ପଷ୍ଟଭାବେ ଦୁଇଟି ସ୍ୱର ଶୁଣିବାକୁ ମିଳିଥାଏ । ସବୁଜର ଆଦ୍ୟ ରୋମାଣ୍ଟିକ୍ ସ୍ୱର ସହିତ ଏ ଦୁଇଟି ସ୍ୱର-ଚେତନା ସମାନ୍ତରାଳ ଭାବରେ ଗତିଶୀଳ । ପ୍ରଥମ ସ୍ୱରଟି ପ୍ରାକ୍-ସବୁଜ ସାହିତ୍ୟର ଅର୍ଥାତ୍ ସତ୍ୟବାଦୀ ଚିନ୍ତାଧାରାର ପ୍ରଧାବନ ତ ଅନ୍ୟଟି ଓଡ଼ିଆ କାବ୍ୟ-ସାହିତ୍ୟର ଏକ ପାରମ୍ପରିକ ଉଚ୍ଛ୍ୱାସ- ଆଧିଭୌତିକ ଚେତନା । ଏହି ଚେତନା ସହିତ କେତେକ ପରିମାଣରେ ଶଂସିତ ସମୟରେ ରବୀନ୍ଦ୍ର କାବ୍ୟ-ମାନସର ରହସ୍ୟବାଦୀ ଆଧ୍ୟାତ୍ମିକ ଚିନ୍ତାଧାରା ମିଶିଯାଇଛି । ସତ୍ୟବାଦୀ କବିଗୋଷ୍ଠୀ ଓଡ଼ିଶାର ଜାତୀୟ ଦୁର୍ଗତିକୁ ଚିତ୍ରଣକରି ଏ ଜାତିର ଚିନ୍ତା-ମାନସରେ ଏକ ଜୀବନ୍ତ ପ୍ରେରଣା ସୃଷ୍ଟି ଦିଗରେ ଅନୁବ୍ରତୀ ଥିଲେ । ସେଇ ପ୍ରେରଣାର ରୂପ ଶଂସିତ କାଳରେ ଯେଉଁ କବିମାନଙ୍କୁ ଅଧିକ ଉଦ୍‌ବୁଦ୍ଧ କରିଛି, ସେମାନଙ୍କ ମଧ୍ୟରେ କବି ପଦ୍ମଚରଣ, କବି କୁନ୍ତଳାକୁମାରୀ, କାନ୍ତକବି ଲକ୍ଷ୍ମୀକାନ୍ତ ଓ ଗୋଦାବରୀଶ ମହାପାତ୍ର ଅଗ୍ରଗଣ୍ୟ । ସତ୍ୟବାଦୀର କବିଗୋଷ୍ଠୀ ମହାଭାରତୀୟ ଅନୁପ୍ରେରଣାରେ ଯେତେବେଳେ ଓଡ଼ିଶାର ସୀମା-ସରହଦ ଛାଡ଼ି ବ୍ୟାପକ-କ୍ଷେତ୍ରରେ କର୍ମଭୂମିକା ବିସ୍ତାର କରି ଦେଇଛନ୍ତି, ଠିକ୍ ସେତିକିବେଳେ ସତେ ଯେପରି ସେମାନଙ୍କ ସାଧନା, ନିଷ୍ଠା ଓ ଉଦ୍ଦେଶ୍ୟର କାବ୍ୟିକ ଉତ୍ତରାଧିକାରତ୍ୱ ନେବା ପାଇଁ ଏଇ ଚାରିଜଣ କବି ଆଗେଇ ଆସିଛନ୍ତି । ରାଧାନାଥ-ମଧୁସୂଦନୋତ୍ତର ଓଡ଼ିଆ ସାହିତ୍ୟରେ ଏହି ଜାତୀୟତାବାଦୀ ଚେତନା ତଥା ଆଧିଭୌତିକ ଭାବଧାରା ପ୍ରାୟ ୧୯୩୫ ମସିହା ପର୍ଯ୍ୟନ୍ତ ସମାନ୍ତରାଳ ଭାବରେ ଗତିକରିଆସିଛି । ସବୁଜର ସାମୟିକ ଉଚ୍ଛ୍ୱାସ ମଧ୍ୟ ଏ କାବ୍ୟ-ପ୍ରେରଣାକୁ ଖଣ୍ଡିତ କରିପାରିନାହିଁ । ପୁନଶ୍ଚ ଏହି ଜାତୀୟତାବାଦୀ ଚେତନା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳମାନଙ୍କର ଏକତ୍ରୀକରଣ ଓ ଭାଷା ସାହିତ୍ୟ ଦୃଷ୍ଟିରରୁ ଏକ ବୃହତ୍ତର ଉତ୍କଳ ପ୍ରଦେଶ ଗଠନ ପରିକଳ୍ପନାରୁ ଆରମ୍ଭ ହୋଇଥିଲେ ମଧ୍ୟ କ୍ରମେ ଭାରତୀୟ ମୁକ୍ତି-ସଂଗ୍ରାମ ଆଡ଼କୁ ଗତି ପରିବର୍ତ୍ତନ କରିଛି । ଏଥିପାଇଁ ୧୯୨୧ ମସିହାର ଗାନ୍ଧି-କର୍ତ୍ତୃକ ପରିଚାଳିତ ଅସହଯୋଗ ଆନ୍ଦୋଳନ, ୧୯୩୦ର ଲବଣ ସତ୍ୟାଗ୍ରହ ଅଧିକ ଇନ୍ଧନ ଯୋଗାଇଛି । ଏପରିକି ସତ୍ୟବାଦୀର ଯେଉଁ କବିଗୋଷ୍ଠୀ ଓଡ଼ିଶାର ଅତୀତ ଓ ଐତିହ୍ୟକୁ ଇତିହାସର ଅନ୍ଧକାରରୁ ଖୋଜି ଲୋଡ଼ି ବହୁ କାହାଣୀ କିମ୍ବଦନ୍ତୀକୁ ଅବଲମ୍ବନ କରି କାବ୍ୟକବିତାରେ ଏକଦା ଉଜ୍ଜୀବିତ କରିଥିଲେ ତଥା ସୁପ୍ତ ଓଡ଼ିଆ ଚିନ୍ତାମାନସର ଖୁବ୍ ଉଦ୍ଦୀପନା ସୃଷ୍ଟି କରିଥିଲେ, ସେମାନେ ୧୯୨୧ ବେଳକୁ ଭାରତୀୟ ମୁକ୍ତି-ସଂଗ୍ରାମର ସମ୍ମୁଖ ସମରରେ ଝାସଦେଇ ୧୯୨୪ ପରେ କାବ୍ୟ-କବିତାର ସରଣୀରୁ ପ୍ରାୟ ଅବ୍ୟାହତ ନେଇଥିବା ଉପଲବ୍‌ଧି କରାଯିବ । ପୁନଶ୍ଚ ୧୯୨୮ରେ ଗୋପବନ୍ଧୁଙ୍କ ମୃତ୍ୟୁପରେ ଭାରତୀୟ ଜାତୀୟ ସଂଗ୍ରାମର ପିଚ୍ଛିଳ ରାସ୍ତରେ ସତ୍ୟବାଦୀ ଜୀବନଦର୍ଶନ କ୍ରମେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ୧୯୩୪ରେ ମଧୁବାବୁଙ୍କ ମୃତ୍ୟୁପରେ ଶଂସିତ ସମୟର କାବ୍ୟ କବିତାରେ ପ୍ରକାଶିତ ହେଉଥିବା କ୍ଷୀଣାୟୁ ଉତ୍କଳୀୟ ଚେତନାରେ ପ୍ରାୟ ବିରତି ଆସିଥିବା ଲକ୍ଷ୍ୟ କରାଯିବ । ପୁଣି ୧୯୩୬ରେ ଉତ୍କଳ ପ୍ରଦେଶ ଗଠନ ୧୯୦୩-୧୯୩୫ର ସଂଗ୍ରାମର ଏକ ଅବଶ୍ୟମ୍ଭାବୀ ପରିଣତି । ଏହା ପରେ ଓଡ଼ିଆ କାବ୍ୟ-କବିତା ବିତାନରେ ଆଉ ସତ୍ୟବାଦୀ ଚେତନାର ସ୍ୱରସମ୍ଭାର ଶୁଣାଯିବାର ଅବକାଶ ନାହିଁ । ପୁଣି ୧୯୩୫ ମସିହା ପରେ ପରେ ଓଡ଼ିଆକାବ୍ୟ-କବିତାରଏକ ଅଭ୍ୟୁଦୟବାଦୀ ବାସ୍ତବ-ମନନଶୀଳତା ଭିତରେ ସତ୍ୟବାଦୀର

ଉଗ୍ର ଚେତନା ଲୀନ ହୋଇଯାଇଛି କିମ୍ବା ଭାରତୀୟ ମୁକ୍ତି-ସଂଗ୍ରାମର ଆକୃତି ଭିତରେ ଏକ ଭିନ୍ନ ରୂପ ପରିଗ୍ରହ କରିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ବାଣୀ ବିତାନରେ ଉତ୍କଳ-ଭାରତୀ କୁନ୍ତଳାକୁମାରୀ ସାବତଙ୍କ ସାହିତ୍ୟସାଧନା ଇତିହାସ ପୃଷ୍ଠାରେ ନିଶ୍ଚିତଭାବେ ଉଲ୍ଲିଖିତ ରହିବ । ବିଶେଷତଃ ଜଣେ ଏକକ ନାରୀକଣ୍ଠର ଏହି ସ୍ୱର-ସମ୍ଭାର ସେ ସମୟରେ ଓଡ଼ିଶାବାସୀଙ୍କୁ ଯେ ବହୁତ ବେଶୀ ଚମତ୍କୃତ କରିଦେଇଛି, ଏଥିରେ ସନ୍ଦେହନାହିଁ । ସେଥିପାଇଁ କବି କୁନ୍ତଳାକୁମାରୀ ଅନେକ ସମ୍ବର୍ଦ୍ଧନା ଓ ପ୍ରଶସ୍ତି ପାଇଛନ୍ତି । ପୁଣି ସେ ସମୟର ପ୍ରତିଷ୍ଠିତ ମାସିକ ପତ୍ରିକା 'ଉତ୍କଳ ସାହିତ୍ୟ'ର ସମ୍ପାଦକ ଶ୍ରୀ ବିଶ୍ୱନାଥ କର ଓ 'ସହକାର'ର ସମ୍ପାଦକ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଦୃଷ୍ଟି ଅତି ସାର୍ଥକଭାବେ ଆକର୍ଷଣ କରିଛନ୍ତି । ମୋଟ ଉପରେ ଓଡ଼ିଆ ସାହିତ୍ୟରେ ତାଙ୍କ ନେତୃତ୍ୱ ଆପେ ଆପେ ପ୍ରତିଷ୍ଠିତ ହୋଇଯାଇଛି । ଡକ୍ଟର ହରେକୃଷ୍ଣ ମହତାବଙ୍କ ମନ୍ତବ୍ୟ – ''ପ୍ରଜାତନ୍ତ୍ରରେ ତାଙ୍କର କବିତା ପ୍ରତି ସଂଖ୍ୟାର ସମ୍ମୁଖ ପୃଷ୍ଠାରେ ଶୋଭାପାଏ । ସ୍ୱାଧୀନତାର ଅଗ୍ରଣୀ ସେବକମାନଙ୍କ ପରି ସେ ଏହି ପୀଡ଼ିତ, ମୂର୍ଚ୍ଛିତ ଉତ୍କଳ ଜନସମାଜର ମୂକ ମୁଖରେ ଭାଷା ଫୁଟାଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସ୍ୱାଧୀନ ଆକାଂକ୍ଷାକୁ ବହୁ କଣ୍ଠରେ ଗାଇଯାଇଛନ୍ତି'' – ଏ ଦୃଷ୍ଟିରୁ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ ।''

**କୁନ୍ତଳାକୁମାରୀ କାବ୍ୟମାନସ : ଏକ ଅନୁଧ୍ୟାନ**

କୁନ୍ତଳାକୁମାରୀଙ୍କ କାବ୍ୟ ଚେତନାରେ ରହସ୍ୟବାଦୀ ଆଧିଭୌତିକ ଚେତନା ଓ ଦେଶପ୍ରୀତିମୂଳକ ଉଦ୍ଦୀପନା ଯୁଗପତ୍ ପ୍ରକାଶ ପାଇଛି । ତାଙ୍କ କାବ୍ୟ ପରସିର 'ଅଞ୍ଜଳି' (୧୯୨୨) ଠାରୁ 'ଓଡ଼ିଆଙ୍କ କାନ୍ଦଣା' (୧୯୩୬) ଯାଏ ବିକ୍ଷିପ୍ତଭାବରେ ପରିବ୍ୟାପ୍ତ। ଅବଶ୍ୟ ମୃତ୍ୟୁ ପର୍ଯ୍ୟନ୍ତ ସେ ବରାବର ଲେଖନୀଚାଳନା କରିଥିଲେ, କିନ୍ତୁ ସେସବୁ ରଚନା ବହୁଭାବରେ ଥିଲା ଆକର୍ଷଣହୀନ ଓ ଉଦ୍ଦେଶ୍ୟନିଷ୍ଠ । ଏପରିକି କୁନ୍ତଳାକୁମାରୀ ଯେଉଁଠାରେ ତାଙ୍କ କାବ୍ୟ-ଜିଜ୍ଞାସାର ଏଇ ଦୁଇଟି ମୁଖ୍ୟ ସ୍ୱରକୁ ପରିହାରକରି ରାଧାକୃଷ୍ଣଙ୍କୁ ତାଙ୍କ କାବ୍ୟରେ ରୂପାୟିତ କରିଛନ୍ତି, ସେସବୁ କବିତା ତାଙ୍କ କଳାକୃତିର ଔଜ୍ଜ୍ୱଲ୍ୟ ଆହରଣ କରିଥିଲେ ମଧ୍ୟ ଏକ ପ୍ରତିଷ୍ଠିତ ଦାର୍ଶନିକ ମତବାଦକୁ ବୃନ୍ଦାବନର ଆଭୀର ଶ୍ରୀକୃଷ୍ଣ ଓ ଆଭୀରୀ ରାଧା, ଲଳିତା ଆଦିଙ୍କ ମୁହଁରେ ପ୍ରକାଶ କରିବାକୁ ଚେଷ୍ଟାକରି ବିଫଳ ହୋଇଛି । ବୈଷ୍ଣବ କାବ୍ୟ-କବିତାର ରସସିକ୍ତ ପ୍ରାଣ-ପ୍ରବାହକୁ ମଧ୍ୟ ପ୍ରସ୍ଫୁଟିତ କରାଇପାରିବାରେ ସଫଳ ହୋଇପାରି ନାହିଁ । ତେଣୁ ଏହି କାବ୍ୟଟି ତାଙ୍କ ଚିନ୍ତାଦୋଳିତ କାବ୍ୟଚେତନାର ଏକ ଚମତ୍କାର ବିସ୍ଫୋରଣ, ଯେଉଁଥିରେ କୁନ୍ତଳାକୁମାରୀଙ୍କ ନାରୀ ମନର ଚିରନ୍ତନତା ହିଁ ପ୍ରକାଶ ପାଇଛି । ରାଧା ଓ କୃଷ୍ଣ ତେଣୁ ଏଠାରେ ନିମିତ୍ତ ମାତ୍ର । ପୁନଶ୍ଚ କୁନ୍ତଳାକୁମାରୀଙ୍କ ମୂଳ ରଚନାରେ ଏହି କବିତାଗୁଡ଼ିକ ବିକ୍ଷିପ୍ତ ଏବଂ ଶ୍ରୀକୃଷ୍ଣ ଶ୍ରୀମତୀ ନାମ ବର୍ଜିତ । ବୃଥା ଦୈବୀକରଣରେ ତାଙ୍କ କାବ୍ୟାନୁଚିନ୍ତା ଓ କାବ୍ୟ-ମାନସକୁ ଅଯଥା ଶୃଙ୍ଖଳିତ କରାଯାଇଛି । ଏହାଦ୍ୱାରା କାବ୍ୟର ମହତ୍ତ୍ୱ ତ ବଢ଼ିନାହିଁ ବରଂ ଯୁଗୋପଯୋଗିତା ବ୍ୟାହତ ହୋଇଛି ଏବଂ ତାଙ୍କୁ ଅଯଥା ଓଡ଼ିଆ ସାହିତ୍ୟର ମଧ୍ୟଯୁଗକୁ ଟାଣି ନିଆହୋଇଛି । 'ପ୍ରେମ ଚିନ୍ତାମଣି'ର କବି ରହସ୍ୟବାଦୀ ଗୀତିକବି । ଏଥିରେ କୂଟ ବୈଷ୍ଣବତତ୍ତ୍ୱ ନାହିଁ କିମ୍ବା ଜଟିଳ ଦାର୍ଶନିକ ଚିନ୍ତାନାହିଁ । କୁନ୍ତଳାଙ୍କ ପ୍ରେମଶୀଳା ମନର ସ୍ୱଚ୍ଛଳ ପରିପ୍ରକାଶ ଏହି କାବ୍ୟରେ ଉପଭୋଗ୍ୟ ।୧।

କୁନ୍ତଳାଙ୍କ କାବ୍ୟଚେତନା ଯେ ସର୍ବ ଧର୍ମର ସମନ୍ୱୟମୂଳକ ଉଦାର-ପ୍ରୀତି-ପ୍ରଣୋଦିତ ହୋଇ ଉଠିଥିଲା, ତାହା ତାଙ୍କର ପ୍ରାରମ୍ଭିକ ଉଚ୍ଛ୍ୱାସଧର୍ମୀ କବିତା ରଚନା 'ଅଞ୍ଜଳି' (୧୯୨୨)ରୁ ପ୍ରତିପନ୍ନ ହୁଏ । 'ପୂଜାପଦ୍ଧତି' କବିତାରୁ ଏହା ସ୍ପଷ୍ଟ –

---

(୧) ଡକ୍ଟର କୁଂଜବିହାରୀ ଦାଶଙ୍କ ମନ୍ତବ୍ୟ-କୁନ୍ତଳାକୁମାରୀ ଗ୍ରନ୍ଥମାଳା – ମୁଖଶାଳା

''ହରି ହରି କେହି ଡାକୁଚି ସତତ ପ୍ରଭୁ ପ୍ରଭୁ କେହି କହେ,
ତୁମ୍ଭନାମ ମୁଖେ ନ ଦେଇ କେହି ବା ତୁମ ପାଇଁ ଦୁଃଖ ସହେ ।
କାଷ୍ଠ ପାଷାଣରେ କେ ଦେଖେ ମୂରତି
ମାନବ ରୂପେ ବା କେ କରଇ ପ୍ରୀତି
ଜନନୀ ଭାବରେ କେ କରୁଛି ନତି, ପିତୃଭାବ କେହି ବହେ ।
ଆକାର ବିନୁ କେ ତୁମ ରୂପ ଦେଖେ
ସାରା ସଂସାରରେ ତୁମକୁ ନିରେଖେ
କେବା ତୁମ ରୂପ ହୃଦପଟେ ଲେଖେ, କେବା ଶାଳଗ୍ରାମ ବହେ ।
କୃଷ୍ଣ ରୂପେ କେହି କରେ ଆରାଧନା
ଖ୍ରୀଷ୍ଟ କହି କେହି କରୁଚି ବନ୍ଦନା
ସବୁ ତ ପ୍ରାର୍ଥନା, ସବୁ ତ ବନ୍ଦନା, ସବୁ ସତ୍ୟ, ମିଥ୍ୟା ନୁହେଁ ।'' ।୨।

ନିରାଭରଣ ମନ ଓ ନିଷ୍କପଟ ହୃଦୟର ଏଇ ସରଳ ବିଜ୍ଞପ୍ତି ତାଙ୍କ କାବ୍ୟଚେତନାରେ ସର୍ବତ୍ର ଉପଲବ୍ଧ ହୁଏ । କେତେବେଳେ ସରଳ ଶିଶୁପରି ସେ ଅଳିକରି ଲୋଟିଯାଉଛନ୍ତି ତ କେତେବେଳେ ପ୍ରିୟତମ/ଭଗବାନ୍ଙ୍କ ଉଦ୍ଦେଶ୍ୟରେ ତାଙ୍କର ଅଜସ୍ର ଅଭିଯୋଗ ଓ ଆକ୍ଷେପୋକ୍ତି ଅଜାଡ଼ି ହୋଇ ପଡୁଛି । କେତେବେଳେ ବା ଏକ ଶୋକାୟିତ ହୃଦୟର ଆର୍ତ୍ତି ଓ ଆକୁତି ପ୍ରକାଶ ପାଉଛି । କବି ସେଇ ପରମ ପ୍ରିୟତମଙ୍କ ଚରଣତଳେ ଲୋଟିପଡ଼ି ଆପଣାକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦେଇଛନ୍ତି। ହୃଦୟର ବେଦିକୁ କେତେ ରୂପରେ ସଜାଇ ପରମ ପ୍ରିୟତମ/ଦେବତାର ଅଭିଷେକ ପାଇଁ ସେ ପ୍ରତୀକ୍ଷା କରି ବସିରହିଛନ୍ତି। କେତେ ମାନ ଅଭିମାନର ଲୌକିକ ଅଭିବ୍ୟକ୍ତିରେ ତାଙ୍କର ଏହି କବିତାଗୁଡ଼ିକ ଶବଳିତ । ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, 'ଅଞ୍ଜଳି'ର ବହୁ କବିତା କୁନ୍ତଳାକୁମାରୀଙ୍କ ଆଦ୍ୟ-ଜୀବନର ପ୍ରଣୟଉଚ୍ଛଳ ତାରୁଣ୍ୟ ସୁଲଭ ଅନୁଚିନ୍ତରେ ଥିଲା ଏକାନ୍ତ ଲୌକିକ । ଏସବୁ କବିତାକୁ ତାଙ୍କର ପରମ ପ୍ରିୟତମ କୌଣସି ବ୍ୟକ୍ତି ସାମାନ୍ୟ ପରିବର୍ତ୍ତନ ସହ ଭଗବତ୍ - ଚେତନା ଆଡ଼କୁ ମୁହାଁଇ ଦେଇଥିଲେ । ଫଳରେ କବିତାଗୁଡ଼ିକ ବ୍ୟକ୍ତିଗତ ପର୍ଯ୍ୟାୟରୁ କ୍ରମେ ସାର୍ବଜନୀନ ହୋଇପାରିଥିଲା ଏବଂ ଓଡ଼ିଆ ସାହିତ୍ୟର ପାରମ୍ପରିକ କାବ୍ୟ ଚେତନାର ଦାରା ସହିତ ସାମିଲ୍ ହୋଇଯାଇଥିଲା । ଉଦାହରଣ ସ୍ୱରୂପ ତାଙ୍କର ନିମ୍ନ କବିତା -

''ତୁମ୍ଭ ପୂଜାପାଇଁ ସଖା ହେ ସଜାଡ଼ିଛି ବେଦିକା
ଶୁଦ୍ଧ, ଶାନ୍ତ ହୋଇ ବସିଛି ଦୀନା ତବ ସେବିକା ।
ତୁମ୍ଭେ ଆସ ଆସ ବୋଲି ତ ନିତି ଡାକୁଛି କେତେ
ଯେତେ ହେଉଅଛି ନିରାଶ ପ୍ରେମ ବଢୁଛି ତେତେ ।
ତୁମ୍ଭେ ବଡ଼ ମୁଁ ତ ସାନ ହେ, ତୁମ୍ଭ ଆଦରେ ବଡ଼
ତୁମ୍ଭେ ସଜଫୁଲ ସରି ହେ, ମୁଁ ତ ଫୁଟନ୍ତା କଢ଼ ।
ତୁମ୍ଭେ ତେଜୋବାନ ଆଦିତ୍ୟ ମୁଁ ତ କ୍ଷୀଣ ଚନ୍ଦ୍ରମା
ଲଭି  ତବାଲୋକ ସଖା ହେ ବଢ଼େ ମୋର ସୁଷମା ।''

।୨। ପୂଜାପଦ୍ଧତି-ଅଂଜଳି-କୁ.କୁ. ଗ୍ରନ୍ଥମାଳା ପୃ. ୨୯

ଜଣେ ଜ୍ଞାନୀ, ପ୍ରଜ୍ଞାବାନ୍, ବୟସ୍କ ପ୍ରୌଢ଼-ବ୍ୟକ୍ତିଙ୍କ ପାଖରେ କୁନ୍ତଳାକୁମାରୀଙ୍କ ମନ ଓ ପ୍ରାଣ ସମର୍ପଣର ଏଇ ଏକାନ୍ତ ବ୍ୟକ୍ତିଗତ ବ୍ୟାପାରଟି କାବ୍ୟ-କବିତାର ଅସରନ୍ତି ଆଦ୍ୟ ଉତ୍ସ ଖୋଲିଦେଇଥିଲା । ପ୍ରିୟତମର ଅଦର୍ଶନଜନିତ ବ୍ୟଥା, ପୁଣି ଦର୍ଶନଜନିତ ଉଚ୍ଛଳତା ତାଙ୍କୁ ଯୁଗପତ୍ ବିଷାଦ ଓ ଆନନ୍ଦରେ ମୁହ୍ୟମାନ କରିଦେଉଥିଲା । ଏହା ହିଁ ଥିଲା କୁନ୍ତଳାକୁମାରୀ କାବ୍ୟସାଧନାର ଆଦ୍ୟ ଇତିହାସ, ''କିନ୍ତୁ ସେଇ ନିପୁଣ ହାତର କରାମତିରେ ଏସବୁ କବିତା ଚିରନ୍ତନ ଚେତନାରେ ରୂପାନ୍ତରିତ ହୋଇଗଲା । ମାନବିକ ଦୁର୍ବଳତାରୁ ଏସବୁ କବିତା କ୍ରମେ ବିଭୁପ୍ରେମ ଆଡ଼କୁ ନିୟନ୍ତ୍ରିତ ହୋଇଯାଇଛି ।''୩। ତେଣୁ ପରବର୍ତ୍ତୀ କବିତାରେ ପ୍ରିୟତମ ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ପରମ-ପ୍ରଣୟିନୀ ପ୍ରେମିକାଭାବରେ କୁନ୍ତଳାକୁମାରୀ ନିଜର ରାଶି ରାଶି ଲୌକିକ ଅନୁଭୂତିକୁ ନିବେଦନ କରିଯାଇଛନ୍ତି । ସତେ ଯେପରି ମୀରାଙ୍କ ପରି ସେ ପ୍ରେମପାଗଳିନୀ ହୋଇ ପ୍ରିୟତମ ଦୟିତ ଉଦ୍ଦେଶ୍ୟରେ ଗାଇଛନ୍ତି –

''ତୁମ ଗୀତ ଯଦି ଗାଇବାକୁ ଦେଲ ମୋତେ ଦିଅ ରାଗ -ରାଗିଣୀ
ତୁମରି ଲଳିତ ବେଣୁ ବାଇବାକୁ ଅଙ୍ଗୁଳିରେ ଦିଅ ମୋହିନୀ ।
ତୁମେ ବଡ଼ ସିନା ତୁମରି ନିକଟେ, ମୋ ନିକଟେ ପ୍ରାଣ-ସଙ୍ଗାତ
ତୁମେ ବଡ଼ ସିନା ଆକାଶ ଉର୍ଦ୍ଧ୍ୱରେ, ମୋ ହୃଦୟେ ପ୍ରେମ-ସଖା ତ ।
ତୁମେ ବଡ଼ ସିନା ତୁମ ମହିମାରେ ମୋ ପ୍ରେମରେ ତୁମେ ରାଜା ହେ
ରୁପା ସୁନା ନୁହେଁ ମନର ଭକ୍ତିରେ କରେ ମୁଁ ତୁମର ପୂଜା ହେ ।
'କରିଛ ବାରଣ' (ଅଂଜଳି) ପୃ ୫୭

ପୁଣି କି ଅତୁଟ ବିଶ୍ୱାସ ତାଙ୍କ ମନରେ ! ସତେ ଯେପରି ସେଇ ସଜ ସରାଗ ମନରେ ସଂଶୟର କୌଣସି କଳାଦାଗ ପଡ଼ିନାହିଁ, କୌଣସି ଅପ୍ରତ୍ୟୟ ନାହିଁ, ପ୍ରିୟତମ-ଦର୍ଶନ – ଉନ୍ମୁଖ ସେଇ ପ୍ରାଣଶତଦଳଟି ବିକଚ ହୋଇ ଉପରକୁ ଚାହିଁରହିଛି ।

''ହୃଦ-କୁଞ୍ଜବନ ହୋଇଯାଉ ମରୁ, ଆକୁଳ ପିପାସା ସରୁ ମୋ ମନରୁ
କ୍ଷୀଣ ହେଉ ଆଖି, ନୀର ଯାଉ ଶୁଖି, ଲୁଚିଯାଉ ଶିରୀ, ହୁଏଁ ଚିରଦୁଃଖୀ
ଯାଉ ଦିନ ମୋର, ପାହୁ ବିଭାବରୀ, ବିଶ୍ୱାସ ଦେଖା ମୁଁ ପାଇବି ତୁମରି ।'' 'ପୂଜା' (ଅଂଜଳି)

ଏହି କାବ୍ୟ-ଜିଜ୍ଞାସା ବେଳେବେଳେ ଦୁଃଖ ଓ ଅବସୋସକୁ ଅବଲମ୍ବନ କରି କୁନ୍ତଳାକୁମାରୀଙ୍କୁ ଅତ୍ୟନ୍ତ ବିଷାଦିନୀ କରିଦେଇଛି । ତାଙ୍କର ବହୁ କବିତାରେ ଦୁଃଖର ଯେଉଁ ପ୍ରତିଫଳନ ଘଟିଛି, ତାହା ତାଙ୍କ ବ୍ୟକ୍ତିଗତ ଜୀବନର ଏକାନ୍ତ ଅନୁଭୂତି ଓ ମାନସିକ-ସଂଘର୍ଷ ମାତ୍ର, ଏହା ସବୁଜମାନଙ୍କ ପରି ଏକ ମାନସିକ ବିଳାସ ନୁହେଁ । କୁନ୍ତଳାକୁମାରୀଙ୍କ ଜୀବନ ଚରିତରୁ ଏହା ସ୍ପଷ୍ଟ ପ୍ରତିପନ୍ନ ହୁଏ । ବହୁ ମାନସିକ ଅଭାବ ଓ ଅଭିକ୍ଷେପରେ କବି ଯେ ପ୍ରପୀଡ଼ିତା ଥିଲେ, ତାହା ତାଙ୍କ କବିତାର ନିମ୍ନ ପଙ୍କ୍ତିମାନଙ୍କରୁ ଉପଲବ୍ଧ ହେବ-

---

।୩। କୁନ୍ତଳାକୁମାରୀ ଜୀବନ ଚରିତ – ଚକ୍ରଧର ମହାପାତ୍ର ପୃ. ୬୯/ପୃ୬୭ ''ଅଂଜଳିର ପ୍ରଣୟ ମଧୁର ଶତଶତ କବିତାକୁ ତାଙ୍କ ପ୍ରିୟତମ କୈଳାସ ଚନ୍ଦ୍ର ଈଶ୍ୱରଙ୍କ ନାମରେ ପରିବର୍ତ୍ତିତ କରି ଦେଇଥିଲେ । ସେ କହିଥିଲେ – ''କୁନ୍ତଳା, ତୁଚ୍ଛବ୍ୟକ୍ତିର ପୂଜା କରନାହିଁ ।''

''ଦୁଃଖ ମୋର ନିତି କୁଟୀର ଅତିଥି ସୁଖ ମୁକ ଦେଖିନାହିଁ
ଦୁଃଖ ମୋର ସାର ଭାଗ ଏ ଜୀବନେ ସୁଖପାଇଁ ସ୍ଥାନ କାହିଁ ?
ଦୁଃଖ ମୋର ବନ୍ଧୁ, ଦୁଃଖ ମୋର ସଖା, ଦୁଃଖ ମୋ ହୃଦୟବାସୀ
ଅର୍ଚ୍ଚନା ମନ୍ଦିରେ ହୃଦବେଦିପରେ ଦୁଃଖ ମୋର ଫୁଲରାଶି ।'' 'କାମନା' (ଅଂଜଳି)

ଏବଂ ଏହି ବ୍ୟକ୍ତିଗତ ହତାଶା ଓ ବିଷାଦବାଦିତାର ସମାଧାନ ଯେଉଁପରି ଭାବରେ ଯୁଗେ ଯୁଗେ କବିମାନେ ଲୋଡ଼ିଛନ୍ତି, କୁନ୍ତଳାକୁମାରୀ ମଧ୍ୟ ସେଥିରୁ ବାଦ୍ ଯାଇନାହାନ୍ତି । ତେଣୁ ସ୍ୱାଭାବିକ ଭାବରେ କବି ନିଜ ଜୀବନର ସମସ୍ତ ଅଶ୍ରୁ-ଅଭିଳାଷ, ହା-ହତାଶ, ବ୍ୟର୍ଥତା ଓ ଅବସାଦକୁ ବଭୁପଦାରବିନ୍ଦରେ ଅଜାଡ଼ି ଦେଇ ଆଶାୟିତ ହୋଇଉଠିଛନ୍ତି । ହୁଏତ ଏଇଥିପାଇଁ ତାଙ୍କ କବିତାରେ ସେ ଧରାପଡ଼ିଛନ୍ତି ସାଧିକା ଓ ଭକ୍ତ, ପ୍ରଣୟିନୀ ଓ ପ୍ରେମିକାରୂପେ । ଏ ପ୍ରଣୟ ମନୁଷ୍ୟେତର ଏକ ବିପୁଳ ଚିରନ୍ତନ ସହିତ ଏକାନ୍ତ ସ୍ୱାଦ୍ୟ ଓ ମଧୁର । ପରମ ପ୍ରେମାସ୍ପଦ ପାଇଁ ତେଣୁ ତାଙ୍କର ଅପେକ୍ଷାର ଶେଷ ନାହିଁ । ଏହାହିଁ ତାଙ୍କ କାବ୍ୟମାନସରେ ଆଧିଭୌତିକ ଉପାଦାନର ରହସ୍ୟ । ଏଠି ସ୍ତରେ ସ୍ତରେ ନିଜକୁ ଏପରି ପ୍ରକାଶ କରିଛନ୍ତି, ଯେପରି ଜଣାପଡ଼େ ''ଗୋଟିଏ ଗୁଳ୍ମାଚ୍ଛନ୍ନ ବ୍ରତତୀ ତା'ର ପ୍ରାଣପଣ ଚେଷ୍ଟାକରିଛି ସମସ୍ତ ବାଧାବନ୍ଧନକୁ ଭାଙ୍ଗି ଓ ଏଡ଼ି ବାହାରକୁ ଆସିବାକୁ ମୁକ୍ତ ଆକାଶର ସୂର୍ଯ୍ୟାଲୋକ ସହିତ ପରିଚୟ ପାଇବା ଲାଗି । ନିରବଚ୍ଛିନ୍ନ ସଂଗ୍ରାମରେ ଲତାର ଦେହଶ୍ରୀ ରୁଗ୍ଣ, ନିସ୍ତେଜ ଦେଖାଗଲେ ମଧ୍ୟ ତା'ର ଶିରାରେ ଶିରାରେ ଆନନ୍ଦର ପ୍ରବାହ ଖେଳୁଛି ଏଇଥିପାଇଁ ଯେ, ସେ ସୂର୍ଯ୍ୟଙ୍କ ସହିତ ପରିଚିତ ହୋଇପାରିଛି ।''୪। ଏହାହିଁ କୁନ୍ତଳାକୁମାରୀଙ୍କ କାବ୍ୟଚେତନାର ଅନ୍ୟତମ ଆଶ୍ୱାସନା ଓ ପରିଚୟ । ତେଣୁ ସମସ୍ତ ଛିନ୍ନ ହୃଦୟବୀଣାର ତାରକୁ ସଜାଡ଼ିଧରି ସେ ଆନନ୍ଦଘନ ପ୍ରିୟତମ କଳ୍ପିତ ଦେବତାର ସଙ୍ଗୀତ ହିଁ ଗାନ କରିଛନ୍ତି ଏବଂ ଏହି ଗାନର ପ୍ରଣାଳୀ ଏତେ ଆନ୍ତରିକ, ଆସକ୍ତ ଓ ବ୍ୟକ୍ତିଗତ ଯେ, ମନେହୁଏ ସତେ ଅବା କୁନ୍ତଳାକୁମାରୀ କୌଣସି ପ୍ରେମାସ୍ପଦ ତରୁଣ ପାଖରେ ନିଜର ରକ୍ତମାଂସ ଅନୁଭୂତିର କାମନାସିକ୍ତ ଆକୁତି ହିଁ ବାଢୁଛନ୍ତି ଏବଂ ତାଙ୍କରି ଆନନ୍ଦର ପ୍ରତିଫଳନ ନେଇ ସମଗ୍ର ପ୍ରକୃତି ଓ ପରିଚିତ-ପରିଧି ମଧ୍ୟ ରସୋଚ୍ଛଳ ହୋଇଉଠୁଛି । ତାଙ୍କ ପାଇଁ ଅନ୍ୱେଷଣର ଶେଷ ନାହିଁ । ରାଧା ଯେପରି ତାଙ୍କ ବଂଶୀବାଦନ ଶୁଣି କେଶବାସ ଅସମ୍ଭାଳ ହୋଇ କଦମ୍ବମୂଳକୁ ଧାଇଁ ଯାଉଥିଲେ ।୫। ସେଇପରି କୁନ୍ତଳାକୁମାରୀ ବେଶଭୂଷା ଛାଡ଼ି, ମୁହଁପୋଡି ଉଷ୍ଣ ଲୋତକରାଶି ଢ଼ାଳିଦେଉଥିଲେ । ସେଇ ପ୍ରାଣ-ସଙ୍ଗାତର ପଦପାତ ଶୁଣିବାପାଇଁ ଚମକିଉଠି ଏଣେତେଣେ ଚାହାନ୍ତି । ଆକୁଳ ଅନ୍ତର ଓ ପିପାସା ନେଇ କେତେ ସରିତ ଓ ସାଗର, ବିଜନ ଅରଣ୍ୟ ଓ ଉପତ୍ୟକା ସ୍ୱପ୍ନରେ ଓ ଜାଗରଣରେ ଖୋଜିବାରେ ଲାଗନ୍ତି ।

ଏହି କାବ୍ୟମାନସର ଓ ଏହି ସନ୍ଧାନର ସ୍ୱାଭାବିକ ପରିଣତି ହେଉଛି ରହସ୍ୟବାଦ । ଯୁଗେ ଯୁଗେ ରହସ୍ୟବାଦୀ କବିମାନେ ସେଇ ପରମ ସତ୍ତାର ଅନ୍ୱେଷଣରେ କେତେ କଳ୍ପନାକୁ ଆବୋରିଛନ୍ତି । ଧୂଳିକଣା ଭିତରେ ତା'ର ସମଗ୍ର ସୃଷ୍ଟିର ପ୍ରତିଫଳନ ଦେଖିଛନ୍ତି, ଜଳବିନ୍ଦୁ ମଧ୍ୟରେ ସେଇ ପରମର ସୃଷ୍ଟି ରହସ୍ୟର ପ୍ରତିବିମ୍ବନ ଦେଖିଛନ୍ତି, ତଥାପି ସେମାନଙ୍କ ସନ୍ଧାନର ଅନ୍ତ ନାହିଁ। କୁନ୍ତଳାକୁମାରୀଙ୍କ ଆଦ୍ୟ କାବ୍ୟ ପ୍ରେରଣାର ଏହି ଆଧିଭୌତିକତା ତାଙ୍କୁ ତେଣୁ ଏକ ଅନନ୍ତ ଅସୀମର କଳ୍ପନାରେ ସ୍ୱାର୍ଗିକ କରିଛି ।

''ଲତା ପତରରେ, କୁସୁମ ଫଳରେ ଜଳେ ସ୍ଥଳେ ନଭେ ପବନେ
ଭାସିବୁଲୁଛି କି ତା' ଅରୂପ ରୂପ ମଜାଇ ତୋ' ପ୍ରାଣ ଗୋପନେ ।''

---

।୪। କୁନ୍ତଳାକୁମାରୀ (କବି ଓ କବିତା) - ଡଃ ମାୟାଧର ମାନସିଂ-ମା. ଗ୍ରନ୍ଥାବଳୀ ପୃ. ୫୦୮
।୫। ରହସ୍ୟ ମଂଜରୀ - ୧୫ ଛାନ୍ଦ - ଦେବ ଦୁର୍ଲ୍ଲଭ ଦାସ

କିମ୍ବା– ‘‘ଏତେ ସେ ନିକଟ ହୋଇଅଛି ମୋର ତେଣୁ ଦେଖିପାରୁନାହିଁ
ଆଖି ଦେଖେ ସବୁ ତଥାପି ନିଜର ତାରାକୁ ନ ପାରେ ଚାହିଁ ।’’ ‘ଆକୁଳେ’ (ଅଂଜଳି)

ସେଇ ଅଶବ୍ଦ, ଅରୂପ, ଦୂରତମ, ପୁଣି ନିକଟତମ ରହସ୍ୟ ‘ଅଞ୍ଜଳି’ର ବହୁ କବିତାରେ ପ୍ରତିପନ୍ନ । କବିଚେତନାରେ ଏ ରହସ୍ୟ ବହୁ ଅବୋଧ ପ୍ରତୀତି ସୃଷ୍ଟି କରିଛି, ତା’ର ଅନୁଭୂତିକୁ ଅନୁରଣିତ କରିଛି । ସେ ରହସ୍ୟର ଜାଲରେ ଆପେ ଧରାଦେଇ ଯେପରି ଛନ୍ଦି ହୋଇଯାଇଛି । ତେଣୁ ପୃଥିବୀର ସମଗ୍ର ସତ୍ତା ଭିତରେ ଦେଖୁଛି ସେଇ ଅରୂପର ରୂପ, ଶୁଣୁଚି ସେଇ ଅଶବ୍ଦର ଶବ୍ଦ । ଏହି ଇନ୍ଦ୍ରିୟୋତ୍ତର ଅନୁଭୂତି କୁନ୍ତଳାକୁମାରୀଙ୍କ ପରବର୍ତ୍ତୀ ବହୁ କବିତାର ମର୍ମବାଣୀ ।

‘ଅଞ୍ଜଳି’ର ଏଇ ସରଳ ଶିଶୁସୁଲଭ ବିଶ୍ୱାସ ଓ ଅସହାୟ ଆତ୍ମସମର୍ପଣର ବିଭୁଚେତନା ତାଙ୍କର ପରବର୍ତ୍ତୀ କବିତା ସଙ୍କଳନ ‘ଉଚ୍ଛ୍ୱାସ’ (୧୯୨୪)ରେ ଚମତ୍କାର କାଳାତୀତ କଳାସୃଷ୍ଟିର ସ୍ୱାକ୍ଷର ବହନ କରିପାରିଛି । କୁନ୍ତଳାକୁମାରୀ ଅନ୍ୟ କୌଣସି କାବ୍ୟ–କବିତା ରଚନା ନ କରି ‘ଉଚ୍ଛ୍ୱାସ’ର ଏହି ଛ’ଟି ସମ୍ବୋଧ ଗୀତି ବା ଓଡ଼୍ ପାଇଁ ଓଡ଼ିଆ ସାହିତ୍ୟରେ ଚିର–ପ୍ରଶସ୍ତି ପାଇପାରିଥାନ୍ତେ । କବି ନନ୍ଦକିଶୋର ବଳ ଯଥାର୍ଥ ମନ୍ତବ୍ୟ ଦେଇଛନ୍ତି – ‘‘ଏତେ ଅଳ୍ପ ବୟସରେ ଓ ସାହିତ୍ୟ ଚର୍ଚ୍ଚାରେ ପ୍ରତିକୂଳ ଡ଼ାକ୍ତରୀ ବିଦ୍ୟାନୁଶୀଳନ ମଧ୍ୟରେ, ନାରୀ କାହିଁକି, ପୁରୁଷ ଲେଖକ ଓ କବି ମଧ୍ୟରେ ସୁଦ୍ଧା କୁନ୍ତଳାଙ୍କ ପ୍ରତିଦ୍ୱନ୍ଦୀ ଉତ୍କଳରେ ବିରଳ । କବି ପ୍ରକୃତରେ ପରମେଶ୍ୱର ଓ ମାନବାତ୍ମାରେ ଈଶ୍ୱରସତ୍ତା ଉପଲବ୍ଧି କରିଛନ୍ତି । ଧୂପଧୁନା ସୌରଭ, ପୂଜାପୁଷ୍ପ ଚନ୍ଦନର ପରିମଳ ଏଥିରେ ସୁଲଭ ।’’୬। ପ୍ରକୃତରେ ଏଇ ଛ’ଟି ଓଡ଼୍ଧର୍ମୀ କବିତାରେ କୁନ୍ତଳାକୁମାରୀ ଚିନ୍ତା ଓ ଆବେଗର ଶୀର୍ଷତମ ବିନ୍ଦୁ ଆରୋହଣ କରିପାରିଛନ୍ତି । ଏସବୁ କବିତା ଯେଉଁପରି ତାଙ୍କ କାବ୍ୟମାନସର ସ୍ୱଚ୍ଛ, ସୁନ୍ଦର, ଲଳିତ ଓ ଉଦାର ଚେତନାର ପରିଚୟ ଦିଏ, ସେହିପରି ଅନ୍ତର୍ଦୃଷ୍ଟି ଓ ଦିବ୍ୟଦୃଷ୍ଟିର ମଧ୍ୟ ପରିଚୟ ପ୍ରଦାନକରେ । ପ୍ରକୃତିର ବିପୁଳ ଆଲେଖ୍ୟ ମଧ୍ୟରେ ନିଜର ପରିଚିତ ଜଗତ୍‌ଠାରୁ ଆନ୍ତର୍ଜାତିକ ଓ ବିଶ୍ୱ ପରିକ୍ରମାର ଉତ୍ତରଣ ଏ କବିତାଗୁଡ଼ିକରେ ସ୍ପଷ୍ଟ ଉପଲବ୍‌ଧି କରାଯିବ । ଆଫ୍ରିକାର କାଫ୍ରି କୁଟୀରଠାରୁ ରୋମ୍ ପର୍ଯ୍ୟନ୍ତ, ଫର୍ଡ଼ିନାଣ୍ଡଙ୍କ ଠାରୁ ନିମାଇଁଙ୍କ ପର୍ଯ୍ୟନ୍ତ, ବୁଦ୍ଧଙ୍କଠାରୁ ଯୀଶୁ ଓ ମହମ୍ମଦଙ୍କ ପର୍ଯ୍ୟନ୍ତ, ବିଧବାଠାରୁ ଚଣ୍ଡାଳ, ପତିତ ପର୍ଯ୍ୟନ୍ତ ବହୁ ସମାଜ ଓ ତାଙ୍କ କବିତାକୁ ବିବିଧ ଓ ବିଚିତ୍ର କରିପାରିଛି । ସତେ ଯେପରି ତାଙ୍କ ଚେତନା ଦିଗଦିଗନ୍ତରେ ପକ୍ଷ ବିସ୍ତାରକରି ଉଡ଼ିଯାଇଛି ଏବଂ ସୌନ୍ଦର୍ଯ୍ୟ ଚେତନା ସହିତ ବିମଳ ଭକ୍ତିଭାବନା ମିଶି ତାଙ୍କ କାବ୍ୟଜିଜ୍ଞାସାକୁ ଦାର୍ଶନିକସୁଲଭ ନିରୀକ୍ଷଣରେ ଉଜ୍ଜ୍ୱଳିତ କରିଅଛି ।୭। ‘ଅଞ୍ଜଳି’ କାବ୍ୟସ୍ୱରର ନୈରାଶ୍ୟବୋଧ ‘ଉଚ୍ଛ୍ୱାସ’ର କାବ୍ୟସ୍ୱରରେ ଆଶାର ଆଲୋକରେ ଉଜ୍ଜ୍ୱଳ ।

‘‘ଶେଫାଳି, ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ
ମରିବାକୁ ଫୁଟିନାହିଁ ଭବ ତରୁଡାଳରେ,
ଅଛି ରମ୍ୟ ଉପବନ ଯହିଁ ଫୁଟ ଚିରଦିନ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସେ
ମୋହିବି ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ ।’’୮।

---

।୬। କୁନ୍ତଳାକୁମାରୀ ଗ୍ରନ୍ଥମାଳା – ପୃ ୬୬ – ‘ଉଚ୍ଛ୍ୱାସ’ର ଭୂମିକା–ଶ୍ରୀ ନନ୍ଦକିଶୋର ବଳ
।୭। କୁନ୍ତଳାକୁମାରୀ ଗ୍ରନ୍ଥମାଳା – ମୁଖବନ୍ଧ – ଡକ୍ଟର କୁଂଜବିହାରୀ ଦାଶ
।୮। ଶେଫାଳୀ ପ୍ରତି – ଉତ୍କଳ ସାହିତ୍ୟ – ୨୫ ଭାଗ, ୧୩୨୮ ସାଲ (୧୯୨୨ମସିହା) ପ୍ରଥମେ ପ୍ରକାଶିତ

ତାଙ୍କ ଆତ୍ମୋପଲବ୍ଧି ଓ ଜୀବନଦର୍ଶନ ଯେ ଗଭୀର ଆଶାବାଦିତାର ଉଜ୍ଜ୍ୱଳ ମୟୂଖରେ ଦୀପ୍ତିମାନ୍ – ଏହା ଉପର ଲିଖିତ 'ଶେଫାଳି ପ୍ରତି' କବିତାରୁ ପ୍ରତିପନ୍ନ, କିନ୍ତୁ ଏହି କବିତାଟି ବ୍ୟକ୍ତିଗତ ପ୍ରେମମୂଳକ କବିତା ବୋଲି ବହୁ ସମାଲୋଚକ ମତ ବ୍ୟକ୍ତ କରିଥାନ୍ତି । କେବଳ ଏହି କବିତାଟି କାହିଁକି – 'ଅଞ୍ଜଳି' ଓ 'ଉଚ୍ଛ୍ୱାସ'ର କବିତା ମଧ୍ୟରୁ କେତେକ ବା ଅଧିକାଂଶ କିପରି ଜଣେ ବ୍ୟକ୍ତିଙ୍କୁ କେନ୍ଦ୍ରକରି ଲିଖିତ ହୋଇଥିଲା – ତାହା ଅସ୍ୱୀକାର କରିବାର ଉପାୟନାହିଁ, କିନ୍ତୁ ସେହି ବ୍ୟକ୍ତି–କୈନ୍ଦ୍ରିକ କବିତାଗୁଡ଼ିକ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଭକ୍ତି ମୂଳକ ବା ଅଧ୍ୟାତ୍ମ ଚିନ୍ତାମୂଳକ ଭାବରେ ଯେ ପ୍ରକାଶିତ ହୋଇଥିଲା, ଏସବୁ କରିଥିଲେ ଡାକ୍ତର ରାଓ । ଏହି କବିତାଗୁଡ଼ିକର ସୁରକ୍ଷା ପାଇଁ, ଅଥବା ପାଠକର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାପାଇଁ ହୁଏତ ଆଉ ଅନେକ କବିତା ପରେ ଲେଖାଯାଇଥିଲା, ଯାହା କବିର କବିତା, ପ୍ରେମିକାର ଆକୁଳତା ନୁହେଁ । ପ୍ରେମ ଉପାସିକା କୁନ୍ତଳାକୁମାରୀଙ୍କ କାବ୍ୟରେ ସଫଳତାର ଚରମ ବିକାଶ ଘଟିଛି ଏହି ପର୍ଯ୍ୟାୟରେ । ମାତ୍ର ଛ'ଟି ଓଡ୍ ରଚନା କରି କବି କୀଟସ୍ ଯେପରି ଇଂରାଜୀ ସାହିତ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଆସନର ଅଧିକାରୀ, କୁନ୍ତଳାକୁମାରୀଙ୍କ 'ଉଚ୍ଛ୍ୱାସ'ର ଏହି ଛ'ଟି ଓଡ୍ ସେହି ସମ୍ମାନ ଦାବିକରେ । ଏ କବିତାଗୁଡ଼ିକର କାରୁଣ୍ୟ, ନମନୀୟତା, ହୃଦୟବତ୍ତା ଏବଂ ସର୍ବୋପରି ସମ୍ମୋହିତ ଆତ୍ମଜିଜ୍ଞାସା ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଓଡ୍ ଶିଳ୍ପୀ ମଧୁସୂଦନଙ୍କ ପରେ କୁନ୍ତଳାକୁମାରୀଙ୍କୁ ହିଁ ଚରମ ପ୍ରତିଷ୍ଠା ଦେଇପାରିଛି । ମଧୁସୂଦନଙ୍କ କାବ୍ୟମାନସ ଅଧିକ ତତ୍ତ୍ୱ ଓ ଦର୍ଶନାଭିଳାଷୀ, ତେଣୁ ଓଜଃ ଓ ପ୍ରଶାନ୍ତିରେ ମହିମାନ୍ୱିତ, କିନ୍ତୁ କୁନ୍ତଳାକୁମାରୀଙ୍କ ଓଡ୍‌ଗୁଡିକ ଆତ୍ମାନୁଭୂତିରେ ଶବଳିତ, ଅଶ୍ରୁଉଚ୍ଛ୍ୱାସର ବିଧୌତ, ପ୍ରେମ ପୁଲକରେ ଉଚ୍ଚକିତ, ତେଣୁ ଆବେଗଧର୍ମୀ ଓ ପ୍ରାଣବନ୍ତ । ମଧୁସୂଦନଙ୍କ ଓଡ୍‌ଗୁଡ଼ିକ ପାଠକକୁ ଏକ ଅବାଙ୍ମାନସଗୋଚର ଅତୀନ୍ଦ୍ରିୟ ରାଜ୍ୟରେ ଲୀନ କରିଦିଏ, କିନ୍ତୁ କୁନ୍ତଳାକୁମାରୀଙ୍କ ଓଡ୍‌ଗୁଡ଼ିକ ସହିତ ପାଠକ ନିଜ ବ୍ୟକ୍ତିଗତ ଜୀବନର ସଖ୍ୟ ସ୍ଥାପନ କରିପାରେ, ଜୀବଦ୍ଦଶାର ନିକଟବର୍ତ୍ତୀ ଅନୁଭୂତିଗୁଡ଼ିକର ପ୍ରତିଫଳନ ଦେଖିପାରେ । ଅନେକ ସମୟରେ ଜାଗତିକ ଉପଲବ୍ଧିରେ ତାଙ୍କ ଓଡ୍‌ଗୁଡ଼ିକ ଖୁବ୍ ହୃଦୟନିଷ୍ଠ ।

''ଫଙ୍କ ବିନା ପଙ୍କଜ କି ନପାରିବୁ ଫୁଟି
କଣ୍ଟକ ମୃଣାଳ ବିନା ନପାରିବୁ ଉଠି
ଜଳପରେ ହସି ହସି ଦେଖାଇବୁ ରୂପରାଶି
ପୁଣ୍ୟର ଜନମ ସତେ ଏ ପାପ ମହୀରେ
ମହତ ଜନମ ସତେ ଦରିଦ୍ର କୁଟୀରେ ।''୯।

କୁନ୍ତଳାଙ୍କ କାବ୍ୟମାନସର ଏହି ନମନୀୟ ତଲ୍ଲୀନତା ପାଠକପ୍ରାଣରେ ରେଖାପାତ କରେ । ଏହି ଅନ୍ତରଭରା ଅନୁଭୂତି ଓ ଏହାର ଆତ୍ମୀୟ ପରିପ୍ରକାଶର ତୁଳନା ନାହିଁ । ବିଶେଷତଃ ଆଧୁନିକ କାବ୍ୟ କବିତାରେ ପ୍ରକୃତି ପ୍ରତି କବି କ୍ରମେ ଉଦାସୀନତା ପ୍ରକାଶ କରୁଥିବାବେଳେ, ଏପରିକି ପ୍ରକୃତିକୁ ସମ୍ପୂର୍ଣ୍ଣ ପରିହାର କରିଥିବାବେଳେ କୁନ୍ତଳାକୁମାରୀଙ୍କ ଓଡ୍‌ଗୁଡ଼ିକରେ ନିବିଡ଼ ପ୍ରକୃତିପ୍ରାଣତା ଏବଂ ବେଳେବେଳେ ପ୍ରକୃତି ସହିତ ସାଙ୍ଗୀକରଣ ଭାବ ନିଶ୍ଚିତଭାବେ ଏ ସାହିତ୍ୟର ଏକ ସଜଳ ସ୍ମୃତିଭାବେ ଜୀବନ୍ତ ରହିବ । କବି କଲିନ୍ସ୍, ଶେଲୀସ କୀଟସ୍ ଯେପରି ପ୍ରକୃତିର ବହୁ ବିଭାବକୁ ସେମାନଙ୍କ ଓଡ୍‌ଗୁଡ଼ିକରେ ଜୀବନ୍ୟାସ ଦେଇ ଗଭୀର ଆତ୍ମଜିଜ୍ଞାସା ପ୍ରକାଶ କରିଛନ୍ତି ଏବଂ ବେଳେବେଳେ ୱାଡ଼ସ୍‌ୱାର୍ଥ ଯେପରି ରହସ୍ୟବାଦୀ ଚିନ୍ତାର ଅନ୍ତରାଳରେ ଆତ୍ମଗୋପନ କରିଛନ୍ତି, ସେହିପରି କୁନ୍ତଳାକୁମାରୀ ତାଙ୍କ ଓଡ୍‌ଗୁଡ଼ିକରେ ପ୍ରକୃତି ସହିତ ପୂରାପୂରି ହଜିଯାଇ ଏକ ରହସ୍ୟବାଦୀ ଦାର୍ଶନିକ ଚେତନାରେ ତଟସ୍ଥ ହୋଇପଡ଼ିଛନ୍ତି ।୧୦।

---

।୯। 'କମଳପ୍ରତି' (ଉଚ୍ଛ୍ୱାସ) – ଉ.ସା. ୨୫ ଭାଗ ୧୯୨୫ରେ ପ୍ରଥମେ ପ୍ରକାଶିତ

।୧୦। Collins-Ode to skylark, P.B. Shelley-Ode to the Westwind Wordsworth-Ode on intimations of Immortality.

''ଜଣାଇ ପାରିବୁ କି ନଭୋଦେଶବାସୀ
କାହିଁ ମୋର ଘର, କିପାଁ ମୁଁ ପ୍ରବାସୀ
ଆସିଅଛି କେଉଁ ଦୂର ରାଇଜରୁ କହିବୁ କି କ୍ଷୁଦ୍ର ତାରା ?
କ୍ଷୁଦ୍ର ତୋର ହାସ୍ୟ ଗଗନର ପ୍ରାନ୍ତେ କେତେ କଥା କହେ ପରା ।''

କୁନ୍ତଳାକୁମାରୀଙ୍କ ଏହି କବିତାରେ ବିଭିନ୍ନ ଇତିହାସ, ଜୀବନ କାହାଣୀର ଉତ୍କର୍ଷ-ଚିତ୍ର, ଆତ୍ମଦର୍ଶନ ଏବଂ ଜାତୀୟ ସମୁନ୍ନତିର ନାନା ଚିତ୍ର ପ୍ରକାଶପାଇଛି । ଯେତେଦୂର ଜଣାଯାଏ, ଏହାହିଁ ତାଙ୍କର ପ୍ରଥମ ପ୍ରକାଶିତ କବିତା ।୧୧। ଏହି ଗୀତି-କବିତାଗୁଡ଼ିକର ଭାବପ୍ରାଞ୍ଜଳତା, ଶବ୍ଦଗଂନର ଋଜୁତା, ଅଭିବ୍ୟକ୍ତିର ସ୍ୱତଃସ୍ଫୂର୍ତ୍ତତା ପାଠକ ମନରେ ଏକ ସାଙ୍ଗୀତିକ ସମ୍ମୋହ ଛାଡ଼ିଯାଏ । ବିଶେଷତଃ ତାଙ୍କ ରଚିତ 'ଶେଫାଳୀ ପ୍ରତି' ଓ 'ସହକାର ପ୍ରତି' ଓଡ୍ ଦୁଇଟି ପାଠକଲେ କବି କୀଟସ୍‌ଙ୍କ ଓଡ୍ ସମ୍ପର୍କରେ Stopford Brookeଙ୍କ ମନ୍ତବ୍ୟ '' They are above criticism pure gold of poetry,virgin gold'' ସ୍ମୃତିପଥାରୂଢ଼ ହୁଏ । ବାକ୍‌ସଂଯମ ଓ ଭାବସାନ୍ଦ୍ରତାର ଅଭାବରୁ ତାଙ୍କ ଓଡ୍ କବିତାଗୁଡ଼ିକ ବେଳେବେଳେ ଅତିରିକ୍ତ ଦୀର୍ଘ ଓ ବର୍ଣ୍ଣନାବହୁଳ । ତେଣୁ ଚିନ୍ତାରେ ପୁନରୁକ୍ତି ଏସବୁର ପ୍ରଧାନ ଦୁର୍ବଳତା । ତଥାପି ଏଇ କବିତାଗୁଡ଼ିକ ମୂଳରୁ ଶେଷଯାଏ ପଢ଼ିଲେ ଯେପରି ଧାରଣା ହୁଏ ଯେ, ଗୋଟିଏ ଛଳଛଳ ନାରୀପ୍ରାଣ କେବଳ ବହିଯିବାକୁ ହିଁ ଚେଷ୍ଟା କରୁଛି । ତାଙ୍କ ନାରୀ-ମନ ଉଚ୍ଛନ୍ନ ହେଛି ପ୍ରାଣ-ପ୍ରକାଶପାଇଁ, କାହା ଆଗରେ ପ୍ରକାଶ କରୁଛି ସେଥିପାଇଁ ଖାତିର ନାହିଁ । ତାଙ୍କ ନିକଟରେ ଚେତନ ଅଚେତନର ପ୍ରଭେଦ ନାହିଁ । 'ଉଚ୍ଛ୍ୱାସ'ରେ ସେ ପ୍ରଥମେ ଆଉ କାହାକୁ ନ ପାଇ ତାରା, ଗଙ୍ଗଶିଉଳି, ସହକାର, କାମିନୀ ଫୁଲକୁ ଶୁଣାଇଲେ ପ୍ରାଣର କଥା, ତା'ପରେ ନିଜ ଦେଶ ଓ ବୃହତ୍ତର ପ୍ରକୃତି, ଶେଷରେ ପ୍ରକୃତିର ସ୍ରଷ୍ଟା ଈଶ୍ୱର । ବାଦକ ବଂଶୀର ଛିଦ୍ରରେ ହାତ ମାରୁମାରୁ ହଠାତ୍ ଯେପରି ମନୋମତ ସୁର ପାଇଯାଏ, କୁନ୍ତଳା ଏଣୁ ତେଣୁ ଗାଉ ଗାଉ ଈଶ୍ୱରଙ୍କ କଥା ଗାଇବାକୁ ଆସି ହଠାତ୍ ତାଙ୍କ ପ୍ରାଣ-ବୀଣାର ଗୋଟାଏ ତାର ରେହାତ ମାରିଦେଇଛନ୍ତି, ଯାହାର ସୁର୍ ତାଙ୍କର ସକଳ ବ୍ୟକ୍ତିତ୍ୱକୁ ଏପରି ଝଂକୃତ କରିଦେଲା ଯେ, ସେ ଆଉ ସେ ସୁର୍‌ର ମୋହ ଜୀବନଯାକ ଚାଡ଼ିପାରିଲେ ନାହିଁ ।୧୨।

**ଜାତୀୟତାବାଦୀ ଚେତନା :**

କିନ୍ତୁ ତାଙ୍କ ପ୍ରାଣ – ବୀଣାର ଆଉ ଗୋଟିଏ ନିର୍ଦ୍ଦିଷ୍ଟ ଓ ନିରୂପିତ ସ୍ୱର ହେଉଛି ଦେଶମାତୃକା ପ୍ରତି ତାଙ୍କର ଆନୁଗତ୍ୟ । ଏ ଆନଗତ୍ୟ ତାତ୍କାଳିକ ବା କାର୍ଯ୍ୟଘେନା ନଥିଲା, ଥିଲା ଅତ୍ୟନ୍ତ ଆସକ୍ତ ଓ ଆତ୍ମନିଷ୍ଠ । ହୁଏତ ଏଇ ପ୍ରବଳ ଆସକ୍ତି ତାଙ୍କ ଦେଶାତ୍ମବୋଧମୂଳକ କବିତାଗୁଡ଼ିକୁ କାଳୋତ୍ତୀର୍ଣ୍ଣ  ସୃଷ୍ଟିର ଆଲିଙ୍ଗନ ଦେଇନାହିଁ । ତାହା କେବଳ ଅନେକ ଆଶା, ଆଦର୍ଶ, ଉତ୍ସାହ ଓ ପ୍ରେରଣାରେ ପୂର୍ଣ୍ଣ । ଉତ୍କଳର ତରୁଣ-ତରୁଣୀଙ୍କ ମନରେ ଆତ୍ମଚୈତନ୍ୟ, ପ୍ରାଣ-ପ୍ରାଚୁର୍ଯ୍ୟ ଓ କର୍ମ-ଜୀବନରେ ଉନ୍ମାଦନା ସୃଷ୍ଟି କରିବାପାଇଁ ସେ ସମୟରେ ଏହି କବିତାଗୁଡ଼ିକର ଉପଯୋଗିତାକୁ ଅସ୍ୱୀକାର କରିହେବନାହିଁ । ସାହସ ଓ ସାଧନାର ମନ୍ତ୍ରରେ ଏ କବିତାଗୁଡ଼ିକ ସନ୍ଦୀପିତ । ପୁଣି କାବ୍ୟକଳା ଦୃଷ୍ଟିରୁ ଏହି କବିତାମାନଙ୍କ ମଧ୍ୟରୁ ଅନେକ ପଙ୍‌କ୍ତି ଖୁବ୍ ସ୍ମରଣୀୟ । ଏପରିକି ତାଙ୍କର ତତ୍କାଳୀନ ଉଦ୍‌ବୋଧନଶୀଳ କବିତାଗୁଡ଼ିକ ଯେ ବହୁ ସମଭାବାପନ୍ନ ଚିନ୍ତା-ମାନସକୁ ଆଲୋଡ଼ିତ କରିପାରିଥିଲା, ଏହା ଶ୍ରୀ ଗୋଦାବାରୀଶ ମହାପାତ୍ରଙ୍କ ୨୬/୬/୧୯୨୬ ତାରିଖର ଗୋଟିଏ ଚିଠିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ – ''ଉତ୍କଳ ସାହିତ୍ୟାକାଶରେ ଆପଣ କେବଳ ତାରାରୂପେ ନରହି ଲଞ୍ଜାତାରାରୂପେ ତୁମୁଳ

।୧୧। 'ତାରାପ୍ରତି' – ଉ.ସା ୨୫ ଭାଗ, ଜୁନ୍ ୧୯୨୨ ମସିହା
।୧୨। କବି ଓ କବିତା – ମାନସିଂହ ଗ୍ରନ୍ଥାବଳୀ – ପୃ. ୨୦୧

ପରିବର୍ତ୍ତନ ଘଟାଇବେ ବୋଲି ମୁଁ ଆଶାକରେ । ସେହି ଭୀଷଣ ପରିବର୍ତ୍ତନର ମୁହୂର୍ତ୍ତରେ ଆମ୍ଭେମାନେ ଯେତେଦୂର ପାରୁ ବିଜୟ ଢ଼କ୍‌କା ବଜାଇବାକୁ ପଛାଇବୁ ନାହିଁ । ଉତ୍କଳର ଯୁବକ-ଯୁବତୀଙ୍କର ଜୀବନନାଟିକା ଚିପି ସେମାନଙ୍କ ସୁପ୍ତ ଜୀବନରେ ଦୁନ୍ଦୁଭି ଶୁଣାଇବା ପାଇଁ ଆପଣ ଲେଖନ୍ତୁ କବିତା । ୧୮ । ନୀଳକଣ୍ଠ ମଧ୍ୟ ଏହିପରି ଉତ୍ସାହଦୀପ୍ତ ବାକ୍ୟରେ ତାଙ୍କୁ ଜାତୀୟତାବାଦୀ କବିତା ଲେଖିବାକୁ ପରାମର୍ଶ ଦେଇଥିଲେ । ପୁଣି ଆଗରୁ କୁନ୍ତଳା କୁମାରୀ ଡାକ୍ତର ରାଓଙ୍କ ପ୍ରେରଣାରେ ନିୟମିତ ଖଦଡ଼ ବସ୍ତ୍ର ପରିଧାନ ତଥା ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରୁଥିଲେ । ତେଣୁ ଏସବୁ ତାଙ୍କ କାବ୍ୟମାନସକୁ କ୍ରମେ ଜାତୀୟତାବାଦୀ ଚେତନାଆଡ଼କୁ ଅନୁବର୍ତ୍ତିତ କରିନେଇଥିବା ସ୍ପଷ୍ଟ ଲକ୍ଷ୍ୟ କରାଯିବ । 'ଅର୍ଚ୍ଚନା' (୧୯୨୭)ର ଗୀତିଧର୍ମୀ କବିତା ଓ ପ୍ରଗୀତଗୁଡ଼ିକରେ ଜାତି ଚେତନାର ଏହି ଅକୁଣ୍ଠ ଆବେଗ ପ୍ରଥମେ ମୁକୁଳିତ ହୋଇପଡ଼ିଥିଲେ ମଧ୍ୟ 'ସ୍ଫୁଲିଙ୍ଗ' (୧୯୨୯) ଓ 'ଆହ୍ୱାନ' (୧୯୩୦) କବିତାଗୁଚ୍ଛ ପ୍ରକାଶନ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ଉଗ୍ର ସ୍ୱରପ୍ରକାଶର ଅପେକ୍ଷା ରଖେ । ତେଣୁ 'ଅର୍ଚ୍ଚନା'ର ସରଳ ଅନୁଭୂତି 'ସ୍ଫୁଲିଙ୍ଗ' ଓ 'ଆହ୍ୱାନ'ରେ କ୍ରମେ ଅଧିକ ସମାଜରାଜନୀତିକ ସଚେତନତାରେ ମଗ୍ନ । ଉଦାହରଣ ସ୍ୱରୂପ 'ଅର୍ଚ୍ଚନା'ର ଗୋଟିଏ ପ୍ରଗୀତର ପଂକ୍ତି –

''ପଖାଳ ଭାତକୁ ନମିଳେ ଲୁଣ
ତବତ ସାଥୀକୁ ନାହିଁ ତିଅଣ
ଗୋରୁ ହେଲେ ହଡା, ଲୋକେ ହେଲେ ମଡ଼ା
ସାର କୁଲିଗିରି ଚାହା ବଗିଚା କାମ ।''

ସହିତ 'ଆହ୍ୱାନ'ର –''ସାବରମତୀର ସ୍ୱରାଜ୍ୟ ସୈନିକ/ଉଠ ଭାରତର ଯୁବକ ନିର୍ଭୀକ
ଉଠ ଭାରତର ବୀରପୁତ୍ରଯାକ/ସେନାପତି ଆଜି ଦେଇଛନ୍ତି ଡାକ ।'' –

ଏହି ସ୍ୱର ତୁଳନା କଲେ ତାଙ୍କ ସମାଜ ଚେତନା ଓ ରାଜନୈତିକ ସଚେତନତାର ମୂଳଧର୍ମ ଉପଲବ୍ଧି କରାଯାଇପାରିବ । 'ଆହ୍ୱାନ' ସତ୍ୟାଗ୍ରହ ସଂଗ୍ରାମରେ ଯୋଗଦେବା ଲାଗି ମହାତ୍ମାଜୀଙ୍କର ଏକ ଆହ୍ୱାନ । ବିଦେଶୀଙ୍କ ଅର୍ଥନୈତିକ ଶୋଷଣ, ନିପୀଡ଼ନ, ଦେଶବାସୀଙ୍କ ଉତ୍କଟ ଦାରିଦ୍ର୍ୟ, ରୋଗବ୍ୟାଧି, ରାଜା ଜମିଦାରଙ୍କ ବିଳାସବ୍ୟସନ, ବିଦେଶୀ ପଦଲେହୀଙ୍କର ବିଶ୍ୱାସଘାତୀ ଭୂମିକା, ରାୟବାହାଦୁର, ଦେୱାନ୍ ବାହାଦୁର ଆଦି ପଦଲାଭଲାଳସା, ଦେଶ ପ୍ରେମୀମାନଙ୍କ କଳାପାଣି ଓ ଫାଶୀକାଠ ପୁରସ୍କାର ପ୍ରଭୃତି ଦେଶର ଘୋର ଅସହାୟ ଅବସ୍ଥାର ଚିତ୍ର ଏଥିରେ ପ୍ରଦତ୍ତ । ଏହି ପୁସ୍ତିକାଟି ତତ୍କାଳୀନ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇ ସମଗ୍ର ଓଡ଼ିଶାରେ ଯେପରି ଚାଞ୍ଚଲ୍ୟ ଖେଳାଇଦେଇଥିଲା, କବି ମହଲରେ କୁନ୍ତଳା କୁମାରୀଙ୍କୁ ସେହିପରି ସୁପ୍ରତିଷ୍ଠିତ କରିଥିଲା ।୧୩। 'ଆହ୍ୱାନ'ର ଏହି ରାଜନୈତିକ ସଚେତନତା 'ସ୍ଫୁଲିଙ୍ଗ'ରେ ନାହିଁ । 'ସ୍ଫୁଲିଙ୍ଗ'ର ଅନୁଭୂତି ଓଡ଼ିଆ ସମାଜ ଓ ମଣିଷକୁ କେନ୍ଦ୍ରକରି ସଂପ୍ରସାରିତ । ମଣିରେ ଦୁଃଖରେ କବି କେଉଁଠି ବ୍ୟଥିତା ତ କେଉଁଠି ଜାତୀୟ ଜୀବନର ଦୁର୍ଗତିରେ ଅବସାଦଗ୍ରସ୍ତା । ଧନୀନିର୍ଦ୍ଧନ, ଶୋଷକ ଓ ଶୋଷିତ ମଧ୍ୟରେ ଥିବା ଯୁଗଯୁଗର ବ୍ୟବଧାନ ନାରୀକବିଙ୍କ ଦୃଷ୍ଟିକୁ ଏଡିଯାଇନାହିଁ, କିନ୍ତୁ ଏହି ଦୁର୍ଦ୍ଦଶାର ମୋଚନ ପାଇଁ ତାଙ୍କ କାବ୍ୟ ସ୍ୱରରେ ଉଗ୍ରତା ନାହିଁ, ଅଛି ଅଭିଯୋଗ । ସମାଜରେ ଥିବା ବ୍ୟବଧାନକୁ ସେ ଗୋଟିଏ କବିତାରେ ନିମ୍ନମତେ ଇଙ୍ଗିତ କରିଛନ୍ତି ।

''ଅଗାଧ ଐଶ୍ୱର୍ଯ୍ୟ ତବ ମୁଁ ଦୀନ ମୂଳିଆ/ତୁମେ ଶୁଭ୍ର ସିଂହାସନେ ମୁଁ ପାଦତଳିଆ,
ମୋ ରକତ ସିନ୍ଧୁ ମନ୍ଥି ଦରପ ମଦରେ/ଦୁଇଦିନ ହସିଥାଅ ଭାସି ଅମୃତରେ ।

* * *

ବୋଲାଉଛ ବାବୁ ବସି ଉଚ୍ଚ ଆସନରେ/ଲାଜ ଲୁଚାଅ କିନ୍ତୁ ମୋ ଦତ୍ତ ବସନରେ ।
ମୋ ଦତ୍ତ ଅଶନ ପୁଣି ନିୟତ ଭୋଜନ/ତୁଙ୍ଗ ପ୍ରାସାଦରେ ତୁମେ, ତଳେ ମୋ ରୋଦନ ।''

ଅଭିଶପ୍ତର ଅଭିମାନ' (ସ୍ଫୁଲିଙ୍ଗ)

ଏହିଭଳି ଅନେକ ପଂକ୍ତିରେ ଦଳିତ, ଲାଞ୍ଛିତ ଓ ସମାଜର ପତିତ ପ୍ରତି ତାଙ୍କ କବିଚିତ୍ତର କରୁଣା କୋମଳ କାରୁଣ୍ୟ ପ୍ରକାଶ ପାଇଛି । ପୁଣି ଏଇ ଗ୍ଲାନିକର ପରିସ୍ଥିତି ଭିତରେ କବି ଅନ୍ତରେ ଆଶାର ଅସରନ୍ତି ବିଶ୍ୱାସ ସୃଷ୍ଟି ହୋଇପାରିଛି ଏବଂ ଚଣ୍ଡିଦାସଙ୍କ ପରି ସେ ମଣିଷର ମହାନତାକୁ ଘୋଷଣାକରି ଗାଇଛନ୍ତି –

''ଶୁଣ ହେ ମଣିଷ ଭାଇ/ଝୁରିମରିବାକୁ, ବୁଡ଼ିମରିବାକୁ ମଣିଷ ଜନମି ନାହିଁ ।''

ଏହି ପ୍ରସଙ୍ଗରେ ଊନବିଂଶ ଶତାବ୍ଦର ଜଣେ ବିଶିଷ୍ଟ ମାନବବାଦୀ ଇଂରେଜ କବି Swinburneଙ୍କ ''Glory to man in the highest ! For man is the master of things.'' କିମ୍ବା କବି ବିହାରୀଲାଲଙ୍କ ''ମାନୁଷ୍ ଆମାର୍ ଭାଇ ବଡ଼ ପ୍ରିୟ ଧନ/ମାନୁଷ୍ ମଙ୍ଗଲ ସଦା କରି ଅକିଞ୍ଚନ'' – ପାଠକର ସ୍ମୃତିରେ ଆନ୍ଦୋଳିତ ହୁଏ । ମାନବସମାଜର ଐକ୍ୟ, ପ୍ରୀତି ଓ କଲ୍ୟାଣ କାମନାରେ ଯୁଗେ ଯୁଗେ ସାହିତ୍ୟରେ ଅମୃତର ବାର୍ତ୍ତା ପରିବେଷିତ ହୋଇଛି । କୁନ୍ତଳାକୁମାରୀ ସେଇ ଚେତନାର ଏକ କ୍ଷୀରତମ ପ୍ରକାଶ । ସମାଜର ତଥାକଥିତ ରକ୍ଷିତ ସ୍ୱାର୍ଥ ବିରୁଦ୍ଧରେ କବିର ଏହି ମସୀଦୀପ୍ତ କୃପାଣ କାଏମୀ ସ୍ୱାର୍ଥର ସ୍ୱର୍ଣ୍ଣସିଂହାସନକୁ ହୁଏତ ଦୋହଲେଇ ଦେଇପାରିନାହିଁ । ତଥାପି ଏଇ ମଣିଷ ପାଇଁ କୁନ୍ତଳାକୁମାରୀଙ୍କ କାବ୍ୟଚିନ୍ତାରେ ଅଶେଷ ସ୍ନେହ ଓ ଆଶୀର୍ବାଦର ଧାରା ଉତ୍ସାରିତ ହୋଇଛି । ସାହସ ଓ ସାଧନାର ମନ୍ତ୍ରରେ ତାହା ସନ୍ଦୀପିତ । କବିତାଟି ପଢ଼ାଯାଉ –

''ଦୁଃଖ ଯେଦିନ ଘୋଟିଆସେ ମୋର ରୁଦ୍ର ତିମିର ବେଶେ

ସେଦିନ ଯେସନେ ଭୟେ ନ ମରିବି ତୀବ୍ର ନିରାଶା କ୍ଲେଶେ ।

ଅଶ୍ରୁ ଯେଦିନ ବୃଷ୍ଟି ପରାଏ ନେତ୍ରେ ବୁହାଏ ଧାର

ସେଦିନ ଯେସନେ ଭୁବନେ ଭୁବନେ ନ ଜାଗିବ ହାହାକାର ।

ମୃତ୍ୟୁ ଯେଦିନ କରାଳ ଲୋଚନେ ତରାଟି ଚାହିଁବ ମୋତେ

ନିଜର ମହତ୍ତ୍ୱେ ବରିବି ତାହାକୁ ନ ମରିବି ଅଣାୟତ୍ତେ ।'' 'ସାହାସ' (ସ୍ଫୁଲିଙ୍ଗ)

ଏହି କାବ୍ୟ–ପ୍ରୟାସର ବିପୁଳତା ରାଶି ରାଶି କବିତାର କ୍ଳାନ୍ତିକର ଓ ପୁନରାବୃତ୍ତ ଭାବଚେତନା ଭିତରୁ ବେଳେବେଳେ ଉପରିଲିଖିତ ପଂକ୍ତି ପରି ନିଜ ସ୍ଥିତିର ଉଦ୍ଧତ ଇସ୍ତାହାର ଘୋଷଣା କରିଯାଇଅଛି । ବାରବାଟୀ ଭାଙ୍ଗିଛି, କୋଣାର୍କ ମାଟିରେ ଲୋଟିଛି, ଓଡ଼ିଶାର ସେଦିନର ବାଣିଜ୍ୟ ବିଭବ ଲୋପପାଇଛି, ତଥାପି ତାରୁଣ୍ୟ ବଞ୍ଚିଛି । ତା' ଉପରେ କବିଙ୍କର ନିବିଡ଼ ଆସ୍ଥା ରହିଛି । ସେ ତରୁଣ ଉତ୍କଳକୁ ଆହ୍ୱାନ ଜଣାଇଛନ୍ତି – ''କହ କେ ସଗର କୁଳ ଉଦ୍ଧରିବ ଭାଇ/ଦେଶପ୍ରେମୀ କର୍ମବୀର ଭଗୀରଥ କାହିଁ ?'' କିମ୍ବା ତାଙ୍କ ପ୍ରାଣରେ ଆଶାବାଦିତାର ଉଚ୍ଛ୍ୱାସ – ''ଅନନ୍ତ ମରଣ ଏ ଜାତି କପାଳେ ଲେଖିନାହିଁ ବିଶ୍ୱଧାତ୍ରୀ/ ଜାଗିବେ ଜାଗିବେ ଦେଢ଼ କୋଟି ଆତ୍ମା ଅମୃତ–ପଥଯାତ୍ରୀ ।'' 'ସ୍ଫୁଲିଙ୍ଗ'ରେ କବି ଅଗ୍ନିର ସ୍ଫୁଲିଙ୍ଗ

।୧୩। ମୁଖବନ୍ଧ – କୁନ୍ତଳା କୁମାରୀ ଗ୍ରନ୍ଥମାଳା – ସଂପାଦନା ଡକ୍ଟର କୁଞ୍ଜବିହାରୀ ଦାଶ ।

ବା କ୍ୱଳମାନ ଶିଖାନୁହନ୍ତି, ବରଂ ନିଜେ ବେଦନା, ଦୁଃଖ ଓ ଅନୁଶୋଚନାରେ ଜଳି ଜଳି ନିଷ୍କୃତିର ପନ୍ଥା ଖୋଜିଛନ୍ତି ଏବଂ ପରେ ପରେ ଏହିପନ୍ଥା ମିଳିଯାଇଛି 'ପ୍ରେମ ଚିନ୍ତାମଣି'ରେ (୧୯୩୦) ''ପ୍ରେମ-ଚିନ୍ତାମଣି'ର ରଚନାକାଳ କିନ୍ତୁ ଏପ୍ରିଲ, ମେ' ୧୯୨୮ ମସିହା) । ମାନବିକ ପ୍ରଣୟ ଚେତନାର ଦୁର୍ବାର ପ୍ରଣୟସ୍ରୋତରେ ଭାସି ଭାସି କୁନ୍ତଳାକୁମାରୀଏ କବିତାଗୁଡ଼ିକ ରଚନା କରିଛନ୍ତି । ବହୁ କବିତା ମଧ୍ୟରେ ଏହି ଆବେଗ ଓ ଉଷ୍ମତା ସ୍ପଷ୍ଟ ।

''ଆତ୍ମା ଚିହ୍ନିଲା ଆତ୍ମାର ସାଥୀ/ ନ ଫୁଟିଲା ମୁଖେ କଥା
ସରିତ ଚିହ୍ନିଲା ସାଗର ତରଙ୍ଗ/ପାଦପ ଚିହ୍ନିଲା ଲତା
ଦୀପ ଆଲିଙ୍ଗିଲା ଅନଳ ଶିଖାଟି/ହେମ ଆଦରିଲା ହୀରା,
ରକ୍ତେ ଛୁଟିଲା ଉଷ୍ମ ଆନନ୍ଦ/ଚମକାଇ ଶିରା ଶିରା ।'' 'ପ୍ରେମଚିନ୍ତାମଣି' କୁ.କୁ ୬ ପୃ ୨୫୮

ଏ ଅନୁଭୂତି ରକ୍ତମାଂସ - ଦେହଧାରୀ ମଣିଷର, ତତ୍ତ୍ୱାନ୍ୱେଷୀ କବିର ନୁହେଁ । ସମାଜରେ ଦୂଷିତ ହୋଇଯିବା ଭୟରେ କୁନ୍ତଳାକୁମାରୀ ଏ କବିତାଗୁଡ଼ିକୁ ରାଧାକୃଷ୍ଣ ଲୀଳାରେ ପରିଣତ କରିଦେବାପାଇଁ ଶ୍ରୀ ଚକ୍ରଧର ମହାପାତ୍ରଙ୍କୁ ଅନୁରୋଧ କରିଥିଲେ ମଧ୍ୟ, ତାଙ୍କ କାବ୍ୟଚେତନାର ମୌଳିକତା ଏ କବିତାଗୁଡ଼ିକରେ ଖଣ୍ଡିତ ହୋଇନାହିଁ ।୧୪। ବରଂ ବହୁକବିତା କାଳାତୀତ ସୃଷ୍ଟିରେ ପରିଣତ ହୋଇଛି । ଏଥିରେ ସଂଯୋଜିତ 'ଚାତକିନୀ', 'ନବନୀରଦ' ଓ 'ନୀରପାନ' - ଏ ତିନୋଟି ପର୍ଯ୍ୟାୟ ଯଥାକ୍ରମେ ପ୍ରଣୟର ଉତ୍କଣ୍ଠା, ପ୍ରତୀକ୍ଷା ଓ ମିଳନର ସ୍ୱରବହନ କରି ଲୌକିକ ଚେତନାରୁ ଅତିଲୌକିକ ଭାବନା ଆଡ଼କୁ ଅଗ୍ରସର ହୋଇଅଛି । କୁନ୍ତଳାକୁମାରୀ ଶ୍ରୀ କୃଷ୍ଣକୁମାର ବ୍ରହ୍ମଚାରୀ (ପରେ ତାଙ୍କ ସ୍ୱାମୀ)ଙ୍କୁ ସାକ୍ଷାତ୍ ଶ୍ରୀକୃଷ୍ଣ ଦର୍ଶନ ବୋଲି ଗ୍ରହଣ କରିନେଇଥିବା ତାଙ୍କର ବହୁ ଚିଠିରୁ ଅନୁମିତ ହୁଏ । ପରେ ଅବଶ୍ୟ ଏ ସ୍ୱପ୍ନ ବାସ୍ତବ ଜୀବନର ସଂଘର୍ଷରେ ଭାଙ୍ଗିଯାଇଛି, କିନ୍ତୁ ଏଇ ଉଚ୍ଛ୍ୱସିତ ନାରୀପ୍ରାଣଟି ଅବୋଧ ଆକୁଳତାରେ ଜୀବନ ପାଇଁ ଗୋଟିଏ ଆଶ୍ରୟ ବରଣ କରିନେଇଛି ମାତ୍ର । ଏହାଦ୍ୱାରା ତାଙ୍କ ଜୀବନରେ ଯାହା ଲାଭ ବା କ୍ଷତି ହୋଇଥାଉ ନା କାହିଁକି, ଓଡ଼ିଆ ସାହିତ୍ୟ କେତୋଟି ଅମର କବିତା ପାଇପାରିଛି । ତେଣୁ ତାଙ୍କ କାବ୍ୟମାନସର ବୈପ୍ଳବିକ ସ୍ୱର ବ୍ୟକ୍ତିଗତ ଜଟିଳ ଜୀବନ-ସ୍ରୋତରେ କ୍ରମେ ଶିଥିଳ ହୋଇପଡିଥିବା ସ୍ୱାଭାବିକ । ଏତେ ଜଞ୍ଜାଳ, ଏତେ ମାନସିକ ବ୍ୟସ୍ତତା, କ୍ଷୁବ୍ଧ ପରିସ୍ଥିତି ଓ ଜୀବନଯନ୍ତ୍ରଣା ଭିତରୁ ନିଷ୍କୃତି ପାଇଁ ଅହରହ ଆକୁଳତା ମଧ୍ୟରେ ସେ କ'ଣ ସମାଜରେ ଏକ ବିପ୍ଳବର ଅଗ୍ରଦୂତ ହୋଇପାରିଥାନ୍ତ ? ବରଂ ଗଭୀର ବିଭୁଚେତନା ଭିତରେ ନିଜକୁ ଓ ନିଜ ପରିସ୍ଥିତିକୁ ଭୁଲିବାକୁ ଚେଷ୍ଟାକରିଛନ୍ତି । 'ପ୍ରେମଚିନ୍ତାମଣି' ତେଣୁ ତାଙ୍କ କାବ୍ୟ-ମାନସର ଏକ ସମନ୍ୱୟମୂଳକ ଅବଶ୍ୟମ୍ଭାବୀ ପରିଣତି - ଏହା ସ୍ୱୀକାର କରିବାକୁ ହେବ । ପୁନଶ୍ଚ ଏହି କାବ୍ୟଟି ତାଙ୍କ ଚିନ୍ତାଦୋଳିତ କାବ୍ୟଚେତନାର ଚମତ୍କାର ଦୃଷ୍ଟାନ୍ତ ଭାବରେ ଗୃହୀତ ହୋଇପାରିବ । ରାଧାନାଥୋତ୍ତର ଯୁଗର ଏହି କବି ରାଧାକୃଷ୍ଣ, ଲଳିତା, ବିଶାଖା ଆଦି ଚରିତ୍ରକୁ ନେଇ ଏକ ରାସ-ନାଟିକା ଲେଖିବାର ପରିକଳ୍ପନା କେବେ କରିନଥିଲେ, ଏହା ତାଙ୍କ ପାଣ୍ଡୁଲିପିରୁ ସ୍ପଷ୍ଟ । କିନ୍ତୁ ପରେ ଶ୍ରୀ ଚକ୍ରଧର ମହାପାତ୍ରଙ୍କ ଯୋଜନା ଓ ଅନୁରୋଧ ଅନୁସାରେ ସେ ବହିର ନାମ 'ପ୍ରେମଚିନ୍ତାମଣି' ଓ ନାୟକ-ନାୟିକାଙ୍କୁ ଜଗଦ୍‌ବରେଣ୍ୟ ଶ୍ରୀମତୀ ଓ ଶ୍ରୀକୃଷ୍ଣ ଭାବରେ ଗ୍ରହଣ କରିଛନ୍ତି । ୧୫। ଏପରି ସଜ୍ଜୀକରଣରେ କୁନ୍ତଳାକୁମାରୀଙ୍କ ମୂଳ କାବ୍ୟଚେତନା ଏକ ବାଧବାଧକତାରେ ବୈଷ୍ଣବ ଧର୍ମଦର୍ଶନ ଆଡ଼କୁ ମୁହାଁଇ ଯାଇଛି ଏବଂ ଏହାର ଗୀତିଚେତନା ଓ ରସୋପଲବ୍‌ଧିରେ ଘୋର ଅନ୍ତରାୟ ସୃଷ୍ଟି ହୋଇଛି । ସେଇଥିପାଇଁ 'ପ୍ରେମଚିନ୍ତାମଣି' କାବ୍ୟଗ୍ରନ୍ଥର ସମାଲେଚନାରେ ଶ୍ରୀ ମାନସିଂହ ଏପରି ଏକ ଉତ୍କଟ ଏବଂ

---

।୧୪। 'କୁନ୍ତଳାକୁମାରୀ ଜୀବନ ଚରିତ' - ଚକ୍ରଧର ମହାପାତ୍ର ପୃ. ୨୪୮
।୧୫। କୁନ୍ତଳାକୁମାରୀ ଗ୍ରନ୍ଥମାଳା - 'ପ୍ରେମଚିନ୍ତାମଣି'- ମୁଖବନ୍ଧ ପୃ. ୨୩୮

ଯଥାର୍ଥ ମନ୍ତବ୍ୟ ଦେବାକୁ ବାଧ ହୋଇଛନ୍ତି । ତାଙ୍କ ମତରେ – ''ପ୍ରେମଚିନ୍ତାମଣି କୁନ୍ତଳାକୁମାରୀ କାବ୍ୟ ପ୍ରତିଭାର ମୂର୍ଚ୍ଛା ଓ ପତନ ଛଡା ଅନ୍ୟ କିଛି ନୁହେଁ ।'' ।୧୬। ପୁନଶ୍ଚ ଏହି କାବ୍ୟର ମୁଖବନ୍ଧରେ ବୈଷ୍ଣବ କାବ୍ୟ–ସାହିତ୍ୟରସିକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି କୁନ୍ତଳାକୁମାରୀଙ୍କୁ ବାଧତଃ ଚିରାଚରିତ ବୈଷ୍ଣବ କାବ୍ୟଦର୍ଶନ ଓ ଭାବନା ନେଇ ବିଚାର କରିଛନ୍ତି । ତେଣୁ ସତେ ଯେପରି ମନେହୁଏ ଏକ ମହାନ୍ ସତ୍ୟ ଗୋପନୀୟ ହୋଇ ରହିଯାଇଛି । କୁନ୍ତଳାକୁମାରୀ ନିଜେ କୌଣସି ନିର୍ଦ୍ଦିଷ୍ଟ ଧର୍ମଦର୍ଶନ ପ୍ରତି ଆକୃଷ୍ଟ ଥିବା ତାଙ୍କ ରଚନାରୁ ବା ଜୀବନରୁ ପ୍ରତିପନ୍ନ ହୁଏ ନାହିଁ । ସେ ପ୍ରଥମେ ଖ୍ରୀଷ୍ଟିୟାନ୍, ପରେ ବ୍ରାହ୍ମ, ପୁଣି ବିବାହ ପରେ ହିନ୍ଦୁ । ତାଙ୍କ କାବ୍ୟ–କବିତାରେ ପୁଣି ନିର୍ଦ୍ଦିଷ୍ଟ କୌଣସି ଧର୍ମ ପ୍ରତି ଆସକ୍ତି ପ୍ରକାଶ ପାଇନାହିଁ,ବରଂ ବିଶ୍ୱପ୍ରାଣତା ଓ ମାନବିକ ଦରଦର ରାଗିଣୀରେ ତାଙ୍କ ମୁଖ୍ୟ କାବ୍ୟଚିନ୍ତା ରମଣୀୟ । ତେଣୁ 'ପ୍ରେମଚିନ୍ତାମଣି'କୁ ତା'ର ତଥାକଥିତ ରାସନାଟ୍ୟ ରୂପକରୁ ଉଦ୍ଧାରକରି 'ଗ୍ରନ୍ଥମାଳା'ର ସଂକଳକ ଡକ୍ଟର କୁଞ୍ଜବିହାରୀ ଦାଶ ଓଡ଼ିଆ ସାହିତ୍ୟ ଓ ନାରୀକବିଙ୍କ ପ୍ରତି ସମୁଚିତ କର୍ତ୍ତବ୍ୟ କରିପାରିଛନ୍ତି । ପୁଣି ଏଥିରେ ପ୍ରକାଶିତ ଅଧିକାଂଶ କବିତା 'ଉତ୍କଳ ସାହିତ୍ୟ'ରେ ଭିନ୍ନ ଭିନ୍ନ ସମୟରେ ଛଦ୍ମ ନାମରେ ପ୍ରକାଶ ପାଇଥିଲା । ତେଣୁ 'ଚମ୍ପୂ' ପରିନାଟକୀୟ କାବ୍ୟଚତନାର ଅନୁସରଣ ଏଥିରେ ଯେତେ ନଥିଲା, ଅଧିକ ଥିଲା ପ୍ରୀତିବିହ୍ୱଳ ପାରମାର୍ଥିକ ଗୀତି – କବିତାର ଉଚ୍ଛଳ ସତ୍ତା । ସେ ଯେଉଁଠି ନାୟିକା ଭାବରେ ତାଙ୍କର କବି ପ୍ରେମିକଙ୍କୁ ପ୍ରଣୟ–ରାଜ୍ୟର ଭାବେତିହାସ ନିବେଦନ କରିଛନ୍ତି ଏବଂ ମାନସ–ନାୟକର ପ୍ରଣୟ ଭାବକୁ ନିଜର ଭାଷା–ତୂଳିକାରେ ବିଚିତ୍ର ବର୍ଣ୍ଣବିନ୍ୟାସ ଦେଇଛନ୍ତି, ସେହି କଥା ସେ ଅତ୍ୟନ୍ତ ଅସାଧାରଣ ସାହସିକତା ସହକାରେ ବ୍ୟକ୍ତ କରିଛନ୍ତି ବୋଲି ସୁଧୀ ନରନାରୀ ତାଙ୍କୁ ଚିରଦିନ ସମ୍ମାନ କରିବେ ।'' ।୧୭।

**କାବ୍ୟଭାବନାର ଶେଷପର୍ଯ୍ୟାୟ ବାସ୍ତବବାଦୀ ଚେତନା :**

କବିଙ୍କ କାବ୍ୟ ପରିକ୍ରମାର ଶେଷପର୍ଯ୍ୟାୟରେ ତାଙ୍କୁ ବାସ୍ତବବାଦୀ ହୋଇଥିବା ଦେଖିବାକୁ ମିଳେ । ମଣିଷର ଅଜସ୍ର ଦୁଃଖ ଦୁର୍ବିପାକର ସନ୍ଦର୍ଶନରେ ତାଙ୍କ ମନର ଗଭୀର ଈଶ୍ୱରବିଶ୍ୱାସ ବେଳେବେଳେ ଟହଲି ଯାଇଛି । ଏପରିକି ବ୍ୟକ୍ତିଗତ ଜୀବନର ନୈରାଶ୍ୟ ଓ ବିପର୍ଯ୍ୟୟ, ଏକ ଅସମଞ୍ଜସ (incompatible) ବିବାହର ପରିଣତି, ଦିଲ୍ଲୀ ରହଣୀ କାଳରେ ଜୀବନର ବ୍ୟାପକ ପରିଧି ଓ ଅନୁଭୂତି ତାଙ୍କୁ କ୍ରମେ ଅଧିକ ବାସ୍ତବବାଦୀ କରିଦେଇଛି । ପ୍ରବାସୀ ଓଡ଼ିଆ ସମ୍ମେଳନ (୧୯୩୪) ଉପଲକ୍ଷେ କଲିକତାରେ ଅବସ୍ଥାନ କାଳରେ ସେଠାରେ ଥିବା ଓଡ଼ିଆଙ୍କ ଦୁର୍ଦ୍ଦଶା ଦେଖି ଓ ବ୍ୟଥିତା ହୋଇଥିଲେ । ଏହାହିଁ ପରେ ପରେ 'ଓଡ଼ିଆଙ୍କ କାନ୍ଦଣା'ର ସରଳ ତରଳ କବିତାଗୁଡ଼ିକର ଜନ୍ମ ଇତିହାସ । ଏ ପୁସ୍ତକଟି ୧୯୩୬ ଏପ୍ରିଲ୍ ପହିଲାରେ ପ୍ରକାଶିତ ହୋଇଥିଲା ଏବଂ ଏଥିରେ ଓଡ଼ିଆ ବାଳୁତ ପୁଅର ଭାବନା, ଓଡ଼ିଆ ବୋହୂର କାନ୍ଦ, ପତିତାର କାନ୍ଦ, ଓଡ଼ିଆ ପୁଅଙ୍କ କଥାବାର୍ତ୍ତା ଶୀର୍ଷକରେ ପ୍ରତ୍ୟେକ ବ୍ୟବସାୟିକ ଜାତିର କରୁଣ ଚିତ୍ର ଖଞ୍ଜିଦିଆଯାଇଥିଲା । ଏହି ଉତ୍କଟ ବାସ୍ତବବାଦୀ କବିତାଗୁଡ଼ିକରେ କୁନ୍ତଳାକୁମାରୀଙ୍କ ଓଡ଼ିଆ ଜାତିପ୍ରୀତିର ଚରମ ଦୃଷ୍ଟାନ୍ତ ଲକ୍ଷ୍ୟ କରାଯିବ । ଯେତେଦୂର ମନେହୁଏ, ଏହି ପର୍ଯ୍ୟାୟରେ 'ଗଡ଼ଜାତ କୃଷକ' ହିଁ (୧୯୩୭) ତାଙ୍କର ଅନ୍ତିମ ଓଡ଼ିଆ ରଚନା । ଏହି ଗାଥା–କବିତାରେ ଗଡ଼ଜାତର ଜଣେ ଦୁଃସ୍ଥ ଚାଷୀ ଗୋକୁଳି ନାଏକର ଦାରିଦ୍ର୍ୟପୀଡିତ ଜୀବନର ଦୁଃସ୍ଥତାକୁ ପ୍ରକାଶ କରି ଭଗବାନ୍‌ଙ୍କ ସଂସାରର ଏହି ଉତ୍କଟ ବୈଷମ୍ୟ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି –

''ଗୋକୁଳି ନାଏକ ଗୋକୁଳି ନାଏକ ସବୁ ତୁ ସହୁ,
ମିଛରେ ଡାକୁ ତୁ ଭଣ୍ଡଠାକୁରଙ୍କୁ ହେ ମହାପ୍ରଭୁ !

---

।୧୬। କବି ଓ କବିତା – ମାୟାଧନ ମାନସିଂ ଗ୍ରନ୍ଥାବଳୀ–ପୃ. ୫୧୨

।୧୭। ଶ୍ରୀମତୀ ସରଳା ଦେବୀଙ୍କ ଅଭିମତ – କୁ.କୁ. ଗ୍ରନ୍ଥମାଳା– ମୁଖଶଳା

ପଥର ପଥର ଥିବ ଚିରକାଳ, ବୋଲି ସିନ୍ଦୂର/
ଡାକିଲେ ତୋ ଦୁଃଖ ଶୁଣିବ କି ସେ ରେ, ହେଲୁ ବାତୁଳ ?
ଏ ଦିଅଁ ଦେବତା ଧରମ ତ ସବୁ ତୁମ ବଇରି,/
ଗରିବ ଦଳିବା ପାଇଁକିରେ ବାବୁ, ଜନ୍ମ ତାଙ୍କରି ।'' ।୧୭।

ଈଶ୍ୱରଙ୍କ ପ୍ରତି ଏ ଅବିଶ୍ୱାସ, ଏ ସଂଶୟବାଦିତା କେବଳ ଅଭାବର ଘୂର୍ଣ୍ଣିରେ ଜଡ଼ସଡ଼ ଗୋକୁଳି ନାଏକର ନୁହେଁ, ପରିସ୍ଥିତିର ଗ୍ରାସରେ ଗ୍ରସ୍ତା ଓ ଭାଗ୍ୟର ବିଦ୍ରୂପରେ ଲାଞ୍ଛିତା କୁନ୍ତଳାକୁମାରୀଙ୍କ ମନର ଏକାନ୍ତ ପ୍ରତିକ୍ରିୟା ମଧ୍ୟ । ସମଗ୍ର ଦେଶରେ ଥିବା ଉତ୍କଟ ଦାରିଦ୍ର୍ୟ, ବୈଷମ୍ୟ ଓ ବିଭେଦ ତାଙ୍କ ଅନ୍ତରକୁ ଦୋହଲେଇ ଦେଇଛି । ଗୋକୁଳି ନାଏକ ଏହାରି ପ୍ରତୀକ ମାତ୍ର । କୁନ୍ତଳାକୁମାରୀ ତେଣୁ ଅନୁଶୋଚନା ପ୍ରକାଶ କରି କହିଛନ୍ତି – ଧନବନ୍ତ ଲୋକମାନେ ଯଦି ଗରିବମାନଙ୍କ ଦୁଃଖ ବୁଝୁଥାନ୍ତେ, ତେବେ ଖାଇବାକୁ ନ ପାଇ ରୋଗ–ବାଧକାରେ କାହିଁକି ପୋକମାଛି ପରି ଅମୃତର ସନ୍ତାନ ମରି ଶୁଅନ୍ତା ? ଗୋକୁଳି ନାଏକ ଜୀବନରେ ରାଜ–ପ୍ରୀପୀଡ଼ନର ଯେଉଁ ଦୁଃଖ ଓ ଦୁର୍ଦ୍ଦଶା ଆସିଛି, ତାହା ସ୍ୱାଧୀନତା ପୂର୍ବବର୍ତ୍ତୀ ରାଜା–ଜମିଦାର–ଶାସିତ ଅପଶାସନର ଦୃଷ୍ଟାନ୍ତ ମାତ୍ର । ରାଶି ରାଶି ଖଣ୍ଡକବିତାରେ କବି ମଣିଷଜୀବନ ଓ ଜାତୀୟ ଜୀବନର ଯେଉଁ ଦୁର୍ଗତିକୁ ବର୍ଣ୍ଣନା କରିପାରି ନ ଥିଲେ, 'ଗଡ଼ଜାତ କୃଷକ' କାବ୍ୟରେ ତାହା ଜୀବନ୍ତ ଭାବରେ ଚିତ୍ରିତ । ଭାଷା ଓ ଭାବର ପ୍ରାଞ୍ଜଳତାରେ, ବର୍ଣ୍ଣିତ ବିଷୟର ବାସ୍ତବବାଦୀ କାରୁଣ୍ୟରେ ତଥା ବର୍ଣ୍ଣନା ଭଙ୍ଗୀର ନିରାଭରଣ ସାବଲୀଳତାରେ ଏ କାବ୍ୟଟି ରାଧାନାଥୋତ୍ତର କାବ୍ୟରଚନା କ୍ଷେତ୍ରରେ ଏକ ବ୍ୟତିକ୍ରମ ପରି ମନେହୁଏ । ବିଶେଷତଃ କାବ୍ୟର ବିଷୟବସ୍ତୁ ଭାବରେ ଏହି ସମୟରେ ପୁରାଣବର୍ଣ୍ଣିତ ଚରିତ୍ରର ବିଚିତ୍ର ପଟୁଆର ଓଡ଼ିଆ କାବ୍ୟସାହିତ୍ୟରେ ପର୍ଯ୍ୟାପ୍ତଭାବେ ଦେଖିବାକୁ ମିଳେ ଏବଂ ସେଇ ଭାବଧାରାରେ ଅନୁପ୍ରାଣିତ ହୋଇ କୁନ୍ତଳାକୁମାରୀ ମଧ୍ୟ ଗଙ୍ଗାଧରଙ୍କ ଆଦର୍ଶରେ ସାବିତ୍ରୀ–ସତ୍ୟବାନ୍‌ଙ୍କ ଉପାଖ୍ୟାନକୁ ନେଇ 'ମଣିକାଞ୍ଚନ' ଅପୂର୍ଣ୍ଣ କାବ୍ୟ ରଚନା କରିଛନ୍ତି । କିନ୍ତୁ 'ମଣିକାଞ୍ଚନ' ତାଙ୍କ ବାସ୍ତବବାଦୀ ଚେତନାକୁ ପରିତୃପ୍ତ କରିପାରି ନ ଥିବାରୁ ସେ ଦେଶବାସୀଙ୍କ ପ୍ରକୃତ ଦୂରବସ୍ଥା ପ୍ରତି ଦୃଷ୍ଟିନିକ୍ଷେପ କରି 'ଗଡ଼ଜାତ କୃଷକ' ରଚନା କରିଛନ୍ତି । 'ମଣିକାଞ୍ଚନ' ଯେପରି ଗଙ୍ଗାଧରୀୟ ଆଦର୍ଶର ଶେଷ ଶିଖା, 'ଗଡ଼ଜାତ କୃଷକ' ସେହିପରି ଆଧୁନିକ କାବ୍ୟଚେତନାର ଆଦ୍ୟତମ ପ୍ରକାଶ । ମୋଟ ଉପରେ, କୁନ୍ତଳାକୁମାରୀଙ୍କ କାବ୍ୟଚେତନା କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା କମିଟ୍‌ମେଣ୍ଟକୁ ଅବଲମ୍ବନ କରି ଗଢ଼ିଉଠିନାହିଁ । ବିବିଧତା ହିଁ ଏହି କାବ୍ୟମାନସର ବୈଚିତ୍ର୍ୟ । ତେଣୁ 'ମଣିକାଞ୍ଚନ' ଅପୂର୍ଣ୍ଣ କାବ୍ୟରେ ମଧ୍ୟଯୁଗୀୟ କାବ୍ୟାଦର୍ଶ ସହିତ ଏକ ଆଦର୍ଶବାଦୀ ମନୋବୃତ୍ତିର ଚମତ୍କାରମିଳନ ଲକ୍ଷ୍ୟ କରାଯିବ । ସେହିପରି 'ଗଡ଼ଜାତ କୃଷକ' କାବ୍ୟଚେତନାରେ ସେ ଆଦର୍ଶବାଦୀ ନୁହନ୍ତି – ବାସ୍ତବବାଦୀ । ପୁଣି କାବ୍ୟ ଆଙ୍ଗିକରେ ସେ ଗଙ୍ଗାଧରୀୟ ଶୃଙ୍ଖଳା ବା ମଧ୍ୟଯୁଗୀୟ ଆଳଂକାରିକତା ଯଥାସମ୍ଭବ ପରିହାର କରିବାକୁ ଚେଷ୍ଟା କରିପାରି ନାହାନ୍ତି । ଯେପରି ମନେହୁଏ ଗଙ୍ଗାଧର ଆଦର୍ଶର ଅନୁବର୍ତ୍ତୀ ହୋଇ ସେ କାବ୍ୟ–ଜୀବନର ଆଦ୍ୟ କାଳରେ ହିଁ 'ମଣିକାଞ୍ଚନ' ରଚନା କରିଥିଲେ । ପୁନଶ୍ଚ ସେ କାଳରେ ଆଧୁନିକ କୌଣସି

।୧୭। 'ଗଡ଼ଜାତ କୃଷକ' (ମୃତ୍ୟୁପରେ ୧୯୩୯ରେ ପ୍ରକାଶିତ – କୁ.କୁ. ଗ୍ର–ପୃ. ୩୦୪
।୧୮। କୁନ୍ତଳାକୁମାରୀ ଜୀବନ ଚରିତ – ପୃ ୫୮ – ଚକ୍ରଧର ମହାପାତ୍ର
।୧୯। ମଣିକାଞ୍ଚନ ୧ମ ସର୍ଗ–କୁ.କୁ. ଗ୍ର–ପୃ. ୩୨୪

ସମାଲୋଚକ ତାଙ୍କୁ ଆହ୍ୱାନ କରିଥିଲେ ଯେ, ସେ ଖଣ୍ଡକବିତା ଲେଖୁଛନ୍ତି, କିନ୍ତୁ ରାଧାନାଥଙ୍କ ପରି ଚରିତ୍ର-ଚିତ୍ରଣ ଦେଇ ଅଳଙ୍କାର ସହିତ କାବ୍ୟ ଲେଖିପାରିବେ ନାହିଁ । ତେଣୁ ସେ 'ମଣିକାଞ୍ଚନ' ନାମରେ କାବ୍ୟଟିଏ ଆରମ୍ଭ କରିଥିଲେ ଓ ତାହାର କେତୋଟି ସର୍ଗ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । ଏହା ଏହିପରି ଏକ ବିବାଦୀୟ ମନୋବୃତ୍ତିରୁ ସୃଷ୍ଟି ହୋଇଥିଲା । ।୧୮।  ବହୁ ପଂକ୍ତିରେ ଏହି ପ୍ରଭାବର ଧାରା ସ୍ୱଷ୍ଟ ।୧୯। ରାଜା ଅଶ୍ୱପତିଙ୍କର ଏହି ମନ୍ତବ୍ୟରେ ଆମେ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ କର୍ତ୍ତବ୍ୟପରାୟଣ ରାଜା ରାମଚନ୍ଦ୍ରଙ୍କ ଚିନ୍ତାର ସାମ୍ୟ ଉପଲବ୍ଧି କରିବା । ପୁଣି ପ୍ରକୃତି ଚେତନାରେ କୁନ୍ତଳାକୁମାରୀ ଗଙ୍ଗାଧରନଙ୍କ ଅର୍ଶକୁ ଅନୁଶୀଳନ କରିଛନ୍ତି । ତାଙ୍କର ଏହି ଅପୂର୍ଣ୍ଣ କାବ୍ୟରେ ପୁଣି ଯମକ, ଅନୁପ୍ରାସ, ଉତ୍‌ପ୍ରେକ୍ଷା ଆଦି ଅଳଙ୍କାରର  ବହୁଳ ପ୍ରୟୋଗ ଦେଖିବାକୁ ମିଳେ, କୁନ୍ତଳାକୁମାରୀଙ୍କ ଏ କାବ୍ୟରେ ସ୍ଥାନେ ସ୍ଥାନେ ତାହାର ପ୍ରତିଫଳନ ସ୍ୱଷ୍ଟ ।  ପୁଣି ଆଶ୍ରମର ବାତାବରଣ ମଧ୍ୟରେ ସତ୍ୟବାନ ଓ ତାଙ୍କର ଦୁଇ ସଖା ବସନ୍ତ ଓସୁରଥଙ୍କ ସହିତ ସହଚରୀମାନଙ୍କ ଗହଣରେ ସାବିତ୍ରୀଙ୍କ ପ୍ରଥମ ସାକ୍ଷାତ ପାଠକର ସ୍ମୃତିରେ 'ପ୍ରଣୟବଲ୍ଲରୀ'ର କଣ୍ୱ ଆଶ୍ରମ ପରିବେଶ କଥା ଉଜ୍ଜୀବିତ କରେ । କୁନ୍ତଳାକୁମାରୀ ସତ୍ୟବାଦୀ ଓ ସବୁଜ କାବ୍ୟଚେତନାର ସମ୍ପର୍କରେ ଆସି ପରେ ପରେ ଗଙ୍ଗାଧରୀୟ କାବ୍ୟମାନସର ଏହି ଆଦର୍ଶବାଦୀ ସ୍ୱରକୁ ପରିହାର କରିଥିବା ଅନୁମାନ କରାଯାଇପାରେ ।

କୁନ୍ତଳାକୁମାରୀଙ୍କ ଓଡ଼ିଆ କବିତାଗୁଡ଼ିକରେ ତାଙ୍କ କାବ୍ୟଜୀବନର ଅଙ୍ଗୀକାର ସ୍ୱଷ୍ଟ ପ୍ରକାଶପାଇଛି । ବିଶେଷତଃ 'ଓଡ଼ିଆଙ୍କ କାନ୍ଦଣା' ଓ 'ଗଡ଼ଜାତ କୃଷକ' ଏ ଦୃଷ୍ଟିରୁ ଇତିହାସର ସାମଗ୍ରୀ ହୋଇ ରହିବ । ୧୯୩୬ ପୂର୍ବରୁ ଓଡ଼ିଶାର ଜନଜୀବନରେ ଦୀର୍ଘ କାଳ ଧରି ଯେଉଁ ଆଶା ଓ ଆଶଙ୍କାର ଝଞ୍ଜା ପ୍ରବାହିତ ହେଉଥିଲା ତାହାହିଁ ସତ୍ୟବାଦୀର କବିମାନଙ୍କୁ ଓଡ଼ିଶାର ପାଣି ପବନ, ଅତୀତ ଓ ଐତିହ୍ୟର ଗର୍ବ ଓ ଗୌରବ ସହିତ ଏତେ ବେଶୀ ଜଡ଼ିତ କରିଦେଇଥିଲା । ଗୋପବନ୍ଧୁଙ୍କ ମୃତ୍ୟୁ ଓ ମଧୁବାବୁଙ୍କ ମୃତ୍ୟୁପରେ ଓଡ଼ିଶାର ଚିରପୋଷିତ ସ୍ୱତନ୍ତ୍ର ପ୍ରଦେଶ ଆଶା ଭୁଶୁଡ଼ି ପଡୁଥିବାବେଳେ କୁନ୍ତଳାକୁମାରୀଙ୍କ ଦରଦୀ କାବ୍ୟସ୍ୱରରେ ବୋଧହୁଏ ଅତି ବିଶ୍ୱସ୍ତଭାବେ ଓଡ଼ିଶାର ସତ୍ୟବାଦୀ ଚେତନାର ଅନିର୍ବାଣ ଦୀପଶିଖା ହିଁ ଜଳିଉଠିଥିଲା । କାରଣ ନିଜେ ସତ୍ୟବାଦୀର କବିଗୋଷ୍ଠୀ ଭାରତୀୟ ମୁକ୍ତି-ସଂଗ୍ରାମର ସ୍ରୋତରେ ଝାସ ଦେଇ ମୂଳ ଲକ୍ଷ୍ୟକୁ (ଅର୍ଥାତ୍ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ) ମଧ୍ୟ ପାସୋରି ବସିଥିଲେ । କୁନ୍ତଳାକୁମାରୀ କିନ୍ତୁ ଦିଲ୍ଲୀରେ ଥାଇ ମଧ୍ୟ ଓଡ଼ିଶାର ଏଇ ମୌଳିକ ଦାବି ପ୍ରତି ଉଦାସୀନ ନ ଥିଲେ । କିନ୍ତୁ ୧୯୩୬ ଏପ୍ରିଲ୍ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଯିବା ପରେ କୁନ୍ତଳାକୁମାରୀ ଆଖି ପକେଇଥିଲେ ଓଡ଼ିଶାର ଅରଣ୍ୟାନୀ ଗଡ଼ଜାତର ଅଗଣିତ ଦୁଃସ୍ଥ ଓଡ଼ିଆମାନଙ୍କ ପ୍ରତି । ସେମାନଙ୍କ ପ୍ରତି ସେତେବେଳେ ଚାଲିଥିବା ନିଷ୍ପେଷଣ ଓ ଲୁଣ୍ଠନର ଇତିହାସ ସ୍ୱାଧୀନତା ସଂଗ୍ରାମର ବୃହତ୍ତର ଲକ୍ଷ୍ୟ ଓ ଅନ୍ୱେଷଣ ଭିତରେ ଘୋଡ଼େଇ ହୋଇ ଯାଉଥିଲେ । ତାହାହିଁ 'ଗଡ଼ଜାତ କୃଷକ'ରେ ଆତ୍ମପ୍ରକାଶ କରିଛି । ସତୀର୍ଥ ନହେଲେ ବି ସତ୍ୟବାଦୀ କାବ୍ୟସ୍ୱରର ଏଇ ଦୁର୍ବାର ସ୍ୱର-ସମ୍ଭାର କୁନ୍ତଳାକୁମାରୀଙ୍କ କାବ୍ୟଚେତନାରେ ମୃତ୍ୟୁର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ହିଁ ପ୍ରତିଫଳିତ । ୧୯୩୮ରେ ତାଙ୍କର ଅପରିଣତ ମୃତ୍ୟୁ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି । କବି ସଚ୍ଚିଦାନନ୍ଦଙ୍କ ଭାଷାରେ ତାହାହିଁ ପ୍ରତିଫଳିତ –

---

।୨୦। 'କୁନ୍ତଳା କୁମାରୀ ସ୍ମରଣିକା' ରେ ପ୍ରକାଶିତ – ସଂ/ଲେ ରାଧାମୋହନ ଗଡ଼ନାୟକ

''ନୁହେଁ ସେ ତ ଖାଲି ନାରୀ, ଖାଲି ମାତା ଅବା ଖାଲି କବି
ଜାତୀୟ ସମରେ ସେ ଯେ ସଇନିକ ତୋଳିଛି ଭୈରବୀ ।
ଆଗ ସେ ଧରିଛି ଅସି ପଛେ ସିନା ଧରିଛି ଲେଖନୀ
ତେଣୁ ତା'ର ପ୍ରତି ଗାନେ ଥରିଉଠେ ଦେଶର ଧମନୀ ।'' ।୨୦।

ଏବଂ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ କଳନାରେଏହାର ପ୍ରତିଲିପି ନିମ୍ନମତେ ପ୍ରକାଶିତ – ''ଗାଇବା ଯେପରି ପକ୍ଷୀମାନଙ୍କର ନୈସର୍ଗିକ ପ୍ରକୃତି, କବିତା ସେହିପରି କୁନ୍ତଳା ପକ୍ଷରେ ପ୍ରାକୃତିକ ଥିଲା । ଓଡ଼ିଆ ଭାଷାରେ ସେ ଯେଉଁ ଜୀବନୀଶକ୍ତି ସଂଚାରିତ କରିଯାଇଛି, ଓଡ଼ିଆ ଜାତି ଆଜି ତାହା ହୃଦୟଙ୍ଗମ କରିନାହିଁ, ଦିନେ କରିବ । ବୋଧହୁଏ ଆଜି ତା ବେଳ ଆସିଛି ।୨୧।

–୦–

୨୧। କୁନ୍ତଳା କୁମାରୀ ଜୀବନ ଚରିତ – ଚକ୍ରଧର ମହାପାତ୍ର – ପୃ. ୩୯୬
।୫୬। ମୁଁ ଆସୁଛି – ସରୀସୃପ ପୃ. ୫୦, ଝଙ୍କାର, ମାର୍ଚ୍ଚ ୧୯୬୪
।୫୭। ସାତତାରାର ଦୀପ ଓ ପରବର୍ତ୍ତୀ କବିତା–ଆଲୋଚନା ବାଲଗୋପାଳ ପୁରୋହିତ

# ଚତୁର୍ଥ ୟୁନିଟ୍
## ବୈକୁଣ୍ଠନାଥ ପଟ୍ଟନାୟକ (୧୯୦୪) :

ବୈକୁଣ୍ଠନାଥ ତାଙ୍କ ଗ୍ରନ୍ଥାବଳୀର ୧ମ ଭାଗ ପୃ ୩୨ଷ୍ଠାରେ କହି ରଖିଛନ୍ତି ''କଲେଜରେ ଅଧ୍ୟୟନ କାଳରେ ମୁଁ ରବୀନ୍ଦ୍ରନାଥ, ରୋମାରୋଲାଁ, ଶରତଚନ୍ଦ୍ର, ୱାଲଟ୍ ହୁଇଟ୍‌ମ୍ୟାନ, ସେଲି, ୱାର୍ଡସ୍‌ୱର୍ଥ ଓ ବ୍ରାଉନିଂଙ୍କୁ ପଢ଼ିଥିଲି । ବ୍ରିଟିଶ୍ କବିମାନଙ୍କ ମଧ୍ୟରେ ୱାର୍ଡସୱର୍ଥ ଓ ସେଲିଙ୍କର ପ୍ରଭାବ ମୁଁ ବହୁପରିମାଣରେ ଅନୁଭବ କରିଅଛି । ଏକୁଟିଆ ଥିଲାବେଳେ ମୁଁ ମନେମନେ ସେମାନଙ୍କ ଲେଖାକୁ ଆବୃତ୍ତି କରିଥାଏ । ପ୍ରାପ୍ତ ବୟସ୍କ ହୋଇମଧ୍ୟ ୱାର୍ଡସୱର୍ଥଙ୍କର କେତେକ ପଙ୍‌କ୍ତି ଆବୃତ୍ତି କରି ନିଜେ ନିଜେ ଉପଭୋଗ କରେ ।'' ଏଥିରୁ ଧାରଣା କରାଯାଇପାରେ କବି ବୈକୁଣ୍ଠନାଥ ରୋମାଣ୍ଟିକ୍ କବିତା ପ୍ରତି ଅଧିକ ଆକୃଷ୍ଟଥିଲେ, କାରଣ ସେଲି, ୱାର୍ଡସ୍‌ୱର୍ଥ ଆଦି କବିମାନେ ଥିଲେ ଇଂରେଜୀ କବିତାରେ ରୋମାଣ୍ଟିକ୍ ଯୁଗର ପ୍ରତିନିଧି । ଓଡ଼ିଶାରେ ରାଧାନାଥ ତାଙ୍କ କାବ୍ୟ ଜୀବନର ଆରମ୍ଭରୁ ହିଁ ଏହି ରୋମାଣ୍ଟିକ୍ କବିମାନଙ୍କ ସୃଷ୍ଟି ପ୍ରତି ଆକୃଷ୍ଟଥିଲେ । ଓଡ଼ିଆ ସାହିତ୍ୟରେ ସେହିଁ, ପ୍ରଥମେ ରୋମାଣ୍ଟିକ୍ କବିତା ପ୍ରଚଳନ କରିଥିଲେ, ପରେ ତାଙ୍କୁ ଅନୁସରଣ କରି କବି ଗଂଗାଧର ମେହେର, ଫକୀର ମୋହନ ଓ ନନ୍ଦକିଶୋର ମଧ୍ୟ ରୋମାଣ୍ଟିକ୍ ଧାରାରେ କବିତା ରଚନା କରିଥିଲେ । କେବଳ ମଧୁସୂଦନ ଥିଲେ ନିଆରା ଧରଣର କବି, ଅର୍ଥାତ୍ ବିଭୁଚେତନା ସମ୍ବଳିତ ଆଧିଭୌତିକ ଭାବଧାରାର କବି । ଆଶ୍ଚର୍ଯ୍ୟ କଥା ଏ କବି ସବୁଠାରୁ ଅଧିକ ପରିମାଣରେ ବୈକୁଣ୍ଠନାଥଙ୍କୁ ଅନୁସରଣ କରିଥିଲେ । ସେ ସବୁ କଥା ମୁଁ ଆଗରୁ ସବୁଜ କାବ୍ୟଧାରା ଓ ସବୁଜ କବିତା ଶୀର୍ଷକରେ ଆଲୋଚନା କରିଛି । ତେଣୁ ଏଠାରେ ତାର ପୁନରାବୃତ୍ତି ଅନାବଶ୍ୟକ । ସେ ସବୁ ବୈକୁଣ୍ଠନାଥଙ୍କ କାବ୍ୟ ଜୀବନର ପ୍ରାରମ୍ଭ କାଳୀନ ରଚନା । ଆହୁରି ମଧ୍ୟ କହିଛି କବି ବୈକୁଣ୍ଠନାଥଙ୍କ କାବ୍ୟଚେତନାର ଆରମ୍ଭ ଅଛି, ବିକାଶ ଅଛି କିନ୍ତୁ ତାହା ପରିଣତିକୁ ଛୁଇଁ ନାହିଁ । ଅର୍ଥାତ୍ ବିକାଶ ପର୍ବରେ ଯେଉଁ ପ୍ରକାର କାବ୍ୟରୁଚି ସେ ଦେଖାଇଛନ୍ତି ତାହା ପ୍ରାୟ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ବିଶେଷ କିଛି ପରିବର୍ତ୍ତନ ଆସିନାହିଁ । ତେଣୁ ଏ ପର୍ଯ୍ୟାୟରେ ଆମର କେବଳ ତାଙ୍କ ବିକାଶ କାଳୀନ କବିତା ସଂପର୍କରେ ଆଲୋଚନ କରିବା ଯାହାକୁ ଲକ୍ଷ୍ୟ କରି କବି ମାନସିଂହ କହିଥିଲେ – ''ତଥା କଥିତ ସାମୂହିକ 'ସବୁଜ' କବିତା ମଧ୍ୟରେ ତାଙ୍କର ରଚନା ସବୁଠାରୁ ଅସ୍ୱଷ୍ଟ । ସାହିତ୍ୟରେ ଯାହା ଶ୍ରେଷ୍ଠ କବିତା ବୋଲି ଧରାଯାଇଥାଏ ସେଥିରେ ଆମେ ଏକାଧାରରେ ବୁଦ୍ଧି ଓ ହୃଦୟାବେଗର ଏକ ରହସ୍ୟମୟ ସମନ୍ୱୟ ଦେଖୁ । ବୈକୁଣ୍ଠନାଥଙ୍କ କବିତାରେ ତାହା ଘଟିପାରି ନାହିଁ । ତାଙ୍କର ତରୁଣ ବୟସର କବିତାଗୁଡ଼ିକ ତେଣୁ ପଢ଼ିବାକୁ ବା ଶୁଣିବାକୁ ଭଲ ଲାଗେ, କିନ୍ତୁ ତାର ମେସେଜ ବା ବାଣୀଟା (ବାର୍ତ୍ତା)କଣ ତାହା ସହଜରେ ବୁଝାପଡ଼େ ନାହିଁ'' ।୧। ୧୯୨୩ରୁ ୧୯୭୩ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ତାଙ୍କ କାବ୍ୟ ଜୀବନ ଗତିଶୀଳ । କିନ୍ତୁ ଶେଷ ତିରିଶ ବର୍ଷ ବା ଚାଳିଶବର୍ଷ ମଧ୍ୟରେ କବିତାର ଭାବ, ଭାଷା ଓ ଅଭିବ୍ୟକ୍ତି ପ୍ରାୟ ଅପରିବର୍ତ୍ତିତ ହୋଇ ରହିଛି। ପ୍ରାରମ୍ଭିକ କାବ୍ୟ ଜୀବନକୁ ସବୁଜ ଭାବେ (୧୯୨୩ରୁ ୩୩) ଚିହ୍ନିତ କଲାବେଳେ ବିକାଶ ପର୍ବର କବିତାକୁ ସାମ୍ୟବାଦୀ ଦୃଷ୍ଟିଭଂଗୀ, ମାନବବାଦୀ ଦୃଷ୍ଟିଭଂଗୀ, ବ୍ୟକ୍ତିଗତ ଦୁଃଖ, ଓ ଶୋକ, ମହାମାନବମାନଙ୍କ ପ୍ରତି ଶ୍ରଦ୍ଧା ନିବେଦନ ଓ ବୌଦ୍ଧ ଓ ବୈଷ୍ଣବ ଭାବନା ପ୍ରତି ଆକର୍ଷଣ ଏଇ ପରି କେତୋଟି ବିଭାଗରେ ବିଭକ୍ତ କରାଯାଇପାରେ । ସେ ସବୁକୁ ପର୍ଯ୍ୟାୟ କ୍ରମେ ବିଚାର କରିବା । ଏ ପ୍ରବନ୍ଧର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ତାଙ୍କ ତାରୁଣ୍ୟରେ ଲେଖିଥିବା କବିତାରେ ଥିଲା ଅତିରିକ୍ତ କଳ୍ପନା ପ୍ରବରତା, ଯୌବନ ପୂଜା ଦୂରବର୍ତ୍ତୀ ଦେଶ ପାଇଁ ଆକର୍ଷଣ, ପ୍ରକୃତି ପ୍ରେମ ଓ ବୈପ୍ଲବିକ ମନୋଭାବ । ସେ ଜିଦିକରି ସତ୍ୟବାଦୀ ବନବିଦ୍ୟାଳୟରେ ପଢ଼ିବାକୁ ୧୯୧୫ ମସିହାରେ ଆସିଥିଲେ । ସତ୍ୟବାଦୀର ସୁଦୃଶ୍ୟପଲ୍ଲୀ, ନାରିକେଳ ଛୁରୀଅନା କୁଞ୍ଜ, ବକୁଳ ବୃକ୍ଷ ସମୂହ ତାଙ୍କ ଆକୃଷ୍ଟ

।୧। ଓଡ଼ିଆ ସାହିତ୍ୟର ଇତିହାସ ପୃ ୩୭୧–୩୭୨, ଡକ୍ଟର ମାୟାଧର ମାନସିଂହ, ଗ୍ରନ୍ଥମନ୍ଦିର ପ୍ରକାଶିତ ।

କରିଥିଲା, କିନ୍ତୁ ଏହାର ଜଳବାୟୁ ତାଙ୍କ ଦେହରେ ଯାଉ ନ ଥିଲା ।  ପୁନଶ୍ଚ ଗୁରୁକୁଳାଶ୍ରମର ଛାତ୍ରଙ୍କୁ ସତ୍ୟବାଦୀର ଅନ୍ତେବାସୀ ଛାତ୍ରମାନଙ୍କ ଉପରେ ଲଦିଦେବାକୁ ଏହାର ଆଚାର୍ଯ୍ୟମାନେ ପ୍ରୟାସ କରୁଥିଲେ । ଏହାକୁ ବୈକୁଣ୍ଠନାଥଙ୍କ ଛାତ୍ରପ୍ରାଣ ପସନ୍ଦ କରୁ ନ ଥିଲା । ବୈକୁଣ୍ଠନାଥଙ୍କୁ ଏଠାରେ ନିମୁନିଆ ଜର ଆକଣ୍ଠ କରି ଦେଇଥିଲା । ଏପରିକି ସେ ବଂଚିବାର ସମ୍ଭାବନା ମଧ୍ୟ ଲୋପ ପାଇ ଆସିଥିଲା । କିନ୍ତୁ ଆଚାର୍ଯ୍ୟ ହରିହରଙ୍କ ସେବା ଓ ଯତ୍ନରେ ସେ ବଂଚିଗଲେ ଓ ଅଷ୍ଟମ ନବମ ଓ ଦଶମ ତିନିବର୍ଷ ସେଠାରେ ଶିକ୍ଷା ଗ୍ରହଣ କରିଥିଲେ । ତା'ପରେ ଏକାଦଶ ଶ୍ରେଣୀ ବେଳକୁ ସେ ଢ଼େଙ୍କାନାଳ ହାଇସ୍କୁଲକୁ  ଚାଲି ଆସିଥିଲେ ଓ ସେଠାରେ ଅନ୍ନଦାଶଙ୍କରଙ୍କ ସହିତ ତାଙ୍କର ସଖ୍ୟ ସ୍ଥାପନ  ହୋଇଥିଲା । ଏଇ ଢ଼େଙ୍କାନାଳରେ ହିଁ ସେ ତାଙ୍କର ପ୍ରଥମ କବିତା ଲେଖିଥିଲେ । ଯାହା ସେଠାର ହାତଲେଖା ପତ୍ରିକାରେ ପ୍ରକାଶିତ ହୋଇଥିଲା । ପିଲାଦିନେ ତାଙ୍କୁ ଭକ୍ତଚରଣ ଦାସ ଓ ମଧୁସୂଦନ ରାଓଙ୍କ କବିତା ବିଶେଷ ପ୍ରଭାବିତ କରିଥିଲା । ଏହା ବ୍ୟତୀତ  ପିଲାଦିନେ  ତାଙ୍କୁ ବଡ଼ମ୍ବାର (ଜନ୍ମସ୍ଥାନ) ଚନ୍ଦନଯାତ୍ରା, ଗୋଟିପୋ ସଂଗୀତ, ଯାତ୍ରା, ଯାନୁଘଣ୍ଟ ପରଶୁରାମ ମୋହନ ଗୋସେଇଁଙ୍କ ରାମଲୀଳା, ବାଦୀପାଲା ତାଙ୍କ କିଶୋର ମନ ଓ ହୃଦୟକୁ  ବିଶେଷ ପ୍ରଭାବିତ  କରୁଥିଲା । କଲେଜରେ ଅଧ୍ୟୟନ କାଳରେ ବଙ୍କିମ ଚନ୍ଦ୍ରଙ୍କ 'ଆନନ୍ଦ ମଠ', ମାଇକେଲ ମଧୁସୂଦନ ଦତ୍ତଙ୍କ 'ମେଘନାଦ ବନ୍ଧ', ଜୟଦେବ, ଚଣ୍ଡୀଦାସ, ବିଦ୍ୟାପତି, ବିଲ୍ୱମଙ୍ଗଳ, ରାୟ ରାମାନନ୍ଦ, ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', 'ମଥୁରାମଙ୍ଗଳ', ବିଦଗ୍ଧ ଚିନ୍ତାମଣି ଆଦି ପୁସ୍ତକ ତାଙ୍କୁ ଆକୃଷ୍ଟ କରିଥିଲା । ସମ୍ଭବତଃ ସେ ସବୁରେ ପ୍ରଭାବ ତାଙ୍କ କାବ୍ୟ ଜୀବନର ବିକାଶ ପର୍ବରେ ଅଧିକ ଭାବେ ଉପଲବ୍ଧ ହେବ । ବୈକୁଣ୍ଠନାଥ ବି.ଏ. ପାଶ୍ କଲାପରେ ଶିକ୍ଷକତା କରିବା ଆଶାରେ ଟ୍ରେନିଂ ନେଇଥିଲେ ଓ ପରେ ଶିକ୍ଷକତା ବି କଲେ । ମଧୁସୂଦନଙ୍କ ପରି ତାଙ୍କ ଶିକ୍ଷକ ଜୀବନ ତାଙ୍କ କବିତାରେ ପ୍ରଭାବ ବିସ୍ତାର କରୁଥିଲା । ତେଣୁ ତାଙ୍କ ବିକାଶ ପର୍ବର ରଚନା ଏସବୁ ବିଭାବ (Factor)  ଦ୍ୱାରା ପ୍ରଭାବିତ ହୋଇଥିବାରୁ  କବିତା ମଧ୍ୟ ହୋଇଥିଲା ଅନୁରୂପ । ତାଙ୍କ କବିତା ସଂପର୍କରେ ସୁସମାଲୋଚକ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର କହନ୍ତି – ''ଆପାତଃ ସ୍ୱୈର ଚେତନା ମଧ୍ୟରେ କେତେ ଶାଶ୍ୱତୀ କଳ୍ପନା, ଚିରାୟତ ସାହିତ୍ୟର ସ୍ପନ୍ଦନ, ଛାୟା ଓ ଛଟା ତାଙ୍କ କବିତାରେ ପଙ୍କ୍ତିରେ ବିକୀର୍ଣ୍ଣ ହୋଇଅଛି । କେଉଁ ଏକ ସୀମାହୀନ ଅତୀତର ପୃଷ୍ଠା ଉନ୍ମୋଚନ କରିଥିଲେ ଜନକ ନନ୍ଦିନୀ ସୀତା, କେଉଁ ତୁଷାର ଶୁଭ୍ର ହିମଗିରି, କୁହେଳି ଧୂମାୟିତ ଆକାଶ ତଳେ ଉମା ତପସ୍ୟାରତା ଥିଲେ, କେଉଁ ଅଳକାପୁରୀରେ ବିରହିଣୀ ଯକ୍ଷବାଳା ନୀଳ କୁନ୍ତଳ ରାଶିକୁ ଉନ୍ମୁକ୍ତ କରି ପ୍ରତିକ୍ଷାରତା ଥିଲା – ଏ ସମସ୍ତ  ବର୍ଣ୍ଣନାର ନୀଳ ତଟିନୀ ବେଣୀଧାର ପ୍ରବାହରେ କବି ନିଜର ସ୍ୱପ୍ନର ତରୀ ଭସାଇ ଚାଲିଛନ୍ତି । ଲଜ୍ଜାବତୀ ରାତ୍ରି, ଲତା ପ୍ରୀତି, ସୋହାଗବନ୍ଧ–ପାଜପ, ମୁଗ୍ଧ ପିକ,  ଶୂନ୍ୟ କୁଂଜରେ ମୃଗ ନୟନର ଅଶ୍ରୁ, କଣ୍ଟକିତ କୁସୁମ ଶେଯରେ ରାଜ ଜେମାର ଜାଗର ରାତ୍ରି, ଏହିସବୁ କମନୀୟ ଚିତ୍ର ମଧ୍ୟରେ ଏକ ପ୍ରଣୟାତୁର, ଉଦାସୀ, ମୋହମୁଗ୍ଧ, ରୂପଲୁବ୍ଧ, ସୌନ୍ଦର୍ଯ୍ୟାତୁର କବି ହୃଦୟର ଆବେଗଜଡ଼ିତ ହୃଦୟସ୍ପର୍ଶୀ  ସଂଗୀତର ବିଚିତ୍ର ତାନ ଓ ଲୟ ଲକ୍ଷ୍ୟ କରିହୁଏ'' ।୨। ତାଙ୍କ କବିତା ରଚନାର ଏ  ଆଭିମୁଖ୍ୟ ଯୌବନରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପ୍ରାୟ ଅପରିବର୍ତ୍ତିତ ରହିଛି । ବିଶେଷତଃ ସନେଟ ରଚନା ଶୈଳୀକୁ ସେ ଆପଣେଇ ନେଇଥିବାରୁ ତାଙ୍କର ଯୌବନରେ ରଚିତ କବିତା ଓ ବାର୍ଦ୍ଧକ୍ୟରେ ରଚିତ କବିତାର ଭାବ ଧର୍ମରେ ଖୁବ୍ ବେଶୀ ତଫାତ୍ ଦେଖାଯାଏନା ।

'ଅରୁଣ ଶ୍ରୀ' କବିଙ୍କ ପ୍ରଥମ କବିତା ସଂକଳନ । ଏଥିରେ ୧୯୨୩ ଠାରୁ ୧୯୩୫ ପର୍ଯ୍ୟନ୍ତ ରଚିତ କବିତା ସ୍ଥାନିତ ହୋଇଛି । ଏସବୁ ତାଙ୍କର ସବୁଜ ପର୍ଯ୍ୟାୟର କବିତା ପ୍ରାୟ ୧୯୩୩–୩୫ ପର୍ଯ୍ୟନ୍ତ  ବିସ୍ତାରିତ ହୋଇ ରହିଛି । ପ୍ରାୟ ସମସ୍ତ କବିତା ତଳେ ସେ ପ୍ରକାଶନ ତାରିଖ ଦେଇଥିବାରୁ ଏ ସମସ୍ତ କବିତାକୁ ସବୁଜ ପର୍ଯ୍ୟାୟରେ ନିଆଯିବା ନିରାପଦ ହେବ । ଏହ ପରବର୍ତ୍ତୀ କବିତା କାବ୍ୟ ସଂଚୟନ (୧୯୪୩)ରେ ସ୍ଥାନିତ ହୋଇଥିବାର ସମ୍ଭାବନା ଅଧିକା କାରଣ

।୨। 'କବି ବୈକୁଣ୍ଠନାଥ' – ବୈକୁଣ୍ଠ ପରିକ୍ରମା – ପୃ. ୪୭ – ଡକ୍ଟର ନରେନ୍ଦ୍ରନାଥ ମିଶ୍ର

'ଅରୁଣ ଶ୍ରୀ' ପରି 'କାବ୍ୟସଂଚୟନ'ରେ ସେ କବିତାଗୁଡିକର ପ୍ରକାଶନର ତାରିଖ ସର୍ବତ୍ର ଦେଇ ନାହାନ୍ତି । ତାଙ୍କର ବହୁ ଆଲୋଚିତ 'ନବଯୌବନ' (୧୯୨୩) କବିତା ଅରୁଣ ଶ୍ରୀରେ ସ୍ଥାନିତ ହେବା ଅଧିକ ସଂଗତ ହୋଇଥାନ୍ତା । ତେବେ ସମ୍ଭବତଃ 'ଅରୁଣ ଶ୍ରୀ'ର ପ୍ରକାଶନ କାଳରେ ସେ ଏ କବିତାଟିକୁ ହାତ ପାଖରେ ପାଇନାହାନ୍ତି । ଏମିତି ମଧ୍ୟ ଅନେକ କବିତା ରହିଛି ଯାହାକୁ ସମୟାନୁସାରେ ସଜ୍ଜିତ କରାଯାଇନାହିଁ । ତା'ଫଳରେ କବିଙ୍କୁ ଆକଳନ କରିବାରେ ବାଧା ସୃଷ୍ଟି ହୋଇଛି । ତେବେ ମୋଟାମୋଟି 'କାବ୍ୟ ସଂଚୟନ'ର ଭଲ କବିତା ଗୁଡିକ ୧୯୩୫ ମସିହା ପରବର୍ତ୍ତୀ ରଚନାଭାବେ ଗ୍ରହଣ କରିନେବା ନିରାପଦ ହେବ । ତଦନୁସାରେ ଆଲୋଚନା ମଧ୍ୟ ସୁଗମ ହେବ ।

**କାବ୍ୟ ସଂଚୟନ** :– ତାଙ୍କ ଚେତନାର ତରଳ ମାନସିକ ତାକୁ ବାଦ୍‌ଦେଲେ କିଛି ଗୁରୁତ୍ୱ ପୂର୍ଣ୍ଣ କବିତା କାବ୍ୟ ସଂଚୟନର ପୃଷ୍ଠା ମଣ୍ଡନ କରେ ଯାହା ଉପରେ ଅଧ୍ୟାପକ ବିଭୁଦତ୍ତ ମିଶ୍ର ସର୍ବ ପ୍ରଥମେ ଆଲୋଚନା କରିଯାଇଛନ୍ତି । ତେବେ ଭାବାତ୍ମକତା ଦୃଷ୍ଟିରୁ କବିତା ଗୁଡ଼ିକୁ ବର୍ଗୀକରଣ କରାଯାଇନାହିଁ । ତେଣୁ ଏଠାରେ 'କାବ୍ୟସଂଚୟନ'ଠାରୁ ଜୀବନର ଉତ୍ତରକାଳୀନ କବିତା ଗୁଡ଼ିକୁ ଏଇ ବିକାଶ ପର୍ଯ୍ୟାୟର କବିତା ଭାବେ ନେବାକୁ ହେବ । କାବ୍ୟ ସଂଚୟନର କେତୋଟି କବିତାର ଉଲ୍ଲେଖ କାଳ କବି ନିଜେ ନିର୍ଦ୍ଦେଶ କରି ଯାଇଛନ୍ତି । ସମ୍ଭବତଃ ସେସବୁ ୧୯୩୫ ମସିହା ପୂର୍ବବର୍ତ୍ତୀ ରଚନା ଅନ୍ତତଃ ଭାବଚେତନା ଦୃଷ୍ଟିରୁ । ଉଦାହରଣ ସ୍ୱରୂପ ଯୌବନକୁ ନେଇ କବି ଏକାଧିକ କବିତା ଲେଖିଛନ୍ତି । ସେସବୁ ଭାବାବର୍ତ୍ତ ଦୃଷ୍ଟିରୁ ସବୁଜ କାଳୀନ କବିତା ଭାବେ ନେବା ଉଚିତ ହେବ । ତେଣୁ କାବ୍ୟ ସଂଚୟନରେ ଥିବା 'ନବଯୌବନ' (ଗ୍ରନ୍ଥାବଳୀ ୧ମ ଭାଗ ପୃ. ୨୫୫) 'ଯୌବନ ପୂଜା' (୧୯୨୭) (ଗ୍ରନ୍ଥାବଳୀ୧ମ ଭାଗ ପୃ.୩୩୫), ଠାରୁ ସଂଧ୍ୟା ଆରତି ପର୍ଯ୍ୟନ୍ତ କବିତାକୁ ତାର ଭାବ ଓ ଭାଷା ଦୃଷ୍ଟିରୁ ଅନାୟାସରେ ୧୯୩୪-୩୫ ପୂର୍ବବର୍ତ୍ତୀ କବିତାଭାବେ ଗ୍ରହଣ କରିବାକୁ ହେବ । ତେଣୁ 'ଅମ୍ବାପାଳିର ଉତ୍କଣ୍ଠା' (ଗ୍ରନ୍ଥାବଳୀ ୧ମ ଭାଗ ପୃ. ୩୭୮) କବିତାଠାରୁ ବୈକୁଣ୍ଠନାଥଙ୍କ କବିତାର ବିକାଶ ପର୍ବ ଆରମ୍ଭ ହେଲା ବୋଲି କହିବାକୁ ହେବ ଯଦିଓ ଅନ୍ୟ ଦୁଇଟିମାତ୍ର କବିତା 'ଯାତ୍ରାସଂଗୀତ' ଓ 'ମୂକ ଭଗବାନ' ୧୯୩୪-୩୫ ପୂର୍ବବର୍ତ୍ତୀ ହେଲେ ବି ସେଥିରେ କାବ୍ୟ ଚେତନାର ବିକାଶର ସ୍ୱରୂପ ଉପଲବ୍ଧ ହୋଇଥିଲା । ତେଣୁ ଏ କବିତା ଦୁଇଟି ସବୁଜ ସୃଷ୍ଟିରେ ବ୍ୟତିକ୍ରମ ବୋଲି କହିବାକୁ ହେବ । ତେବେ କାବ୍ୟ ଚେତନାର ବିକାଶ ପର୍ବରେ ଯେ ବୈକୁଣ୍ଠନାଥ ସବୁଜ ତରଳ ମାନସିକତା ନେଇ ତଥାପି ଅନେକ କବିତା ରଚନା ନ କରିଛନ୍ତି ତା କହି ହେବନି । ମୋଟ ଉପରେ କବିତା ରଚନାର ଗୋଟିଏ ବିଭାଜନ ରେଖା କବି ମାନସରେ ନଥିଲାବେଳେ ସମାଲୋଚକମାନେ କବିତାର ବର୍ଗୀକରଣ କଲାବେଳେ ଏପରି ବିଭାଜନ ରେଖା ଟାଣିବାକୁ ବାଧ୍ୟ ହୋଇଥାନ୍ତି। ତେଣୁ ବୁଦ୍ଧଙ୍କୁ ନେଇ ତାଙ୍କ ରଚିତ କବିତାରୁ ତାଙ୍କ ମାନସିକ ବିକାଶର ମୋଟାମୋଟି ଗୋଟିଏ ଛାଞ୍ଚ ଉପଲବ୍ଧ ହେଉଥିବା ଦେଖିବାକୁ ମିଳେ ।

**ବୁଦ୍ଧଙ୍କୁ ନେଇ ରଚିତ କବିତା** :– 'ଅମ୍ବାପାଳିର ଉତ୍କଣ୍ଠା', 'ଅମ୍ବପାଳିର ବୁଦ୍ଧବନ୍ଦନା', 'ଭାରତଭିକ୍ଷୁ', 'ଭିକ୍ଷୁଗୀତି', 'ବୁଦ୍ଧ ଜନ୍ମ', 'ମହାନିର୍ବାଣ', 'ବୁଦ୍ଧ ଓ ରାହୁଳ', 'କିସ୍‌ସା ଗୌତମୀ' ଏହା ବ୍ୟତୀତ ତାଙ୍କର ବୁଦ୍ଧଙ୍କୁ ନେଇ ଅନ୍ୟ ଏକ କବିତା 'ବୁଦ୍ଧବନ୍ଦନା' ଉପସନା ସଂଗୀତ ଭାବେ ଉତ୍କଳସାହିତ୍ୟ ୩୫ ଖ ଭାଗ ୨ୟ ସଂଖ୍ୟା, ମେ ୧୯୩୨ ମସିହାରେ ପ୍ରକାଶ ପାଇଥିଲା ଯାହା 'ଅରୁଣ ଶ୍ରୀ' କବିତାଗ୍ରନ୍ଥରେ ସଂକଳିତ ହୋଇଛି । ଆପାତତଃ ଏଇ ଆଠୋଟି କବିତା ବୁଦ୍ଧଦେବ ଓ ତାଙ୍କ ସଂପର୍କ ଓ ସାନ୍ନିଧ୍ୟ ପାଇଁ ଆକୁଳ ଦୁଇଜଣ କ୍ଲିଷ୍ଟାନାରୀ ଅମ୍ବାପାଳି ଓ ଗୌତମୀଙ୍କୁ ନେଇ ରଚିତ । ଏହା ମଧ୍ୟରୁ ୨ଟି କବିତାକୁ ଗାଥାକବିତା ପର୍ଯ୍ୟାୟଭୁକ୍ତ କରାଯାଇପାରିବ । କାରଣ ଗୋଟିଏ ଗୋଟିଏ କାହାଣୀକୁ ଅବଲମ୍ବନ କରି , କବିତା ବିରଚିତ । ତେବେ ଏଇ ଆଠୋଟି କବିତା ହିଁ ବୈକୁଣ୍ଠ ନାଥଙ୍କୁ ସବୁଜର ଯୌବନ ଉନ୍ମୁଖ କାବ୍ୟ ଭାବନାଠାରୁ ଦୂରେଇ ଦେଇଥିଲା । ପ୍ରଥମ କବିତା ବୁଦ୍ଧ ବନ୍ଦନାର ପ୍ରକାଶ କାଳ (୧୯୩୨)ରୁ ମନେହୁଏ ବୈକୁଣ୍ଠ କାବ୍ୟମାନସ ଏକ

ଭିନ୍ନ ଧାରାକୁ ଅବଲମ୍ବନ ପାଇଁ କାବ୍ୟ ପ୍ରୟାସ ଆରମ୍ଭ କରିଥିଲା । 'ବୁଦ୍ଧବନ୍ଦନା' କବିତାରେ କୌଣସି ମୁକ୍ତି ପ୍ରୟାସୀ ଭିକ୍ଷୁ ବୁଦ୍ଧଦେବଙ୍କ ପାଖୁ ମୁକ୍ତିଭିକ୍ଷା କରୁଛି –

ପାପ ତାପ କଳୁଷପ୍ରାଣେ ବରିବାକୁ ତବ ଦୀକ୍ଷା
ଶ୍ରାନ୍ତ କ୍ଷୁବ୍ଧ ଭିକ୍ଷୁ ଆସିଛି ଦିଆ ହେ ମୁକ୍ତି ଭିକ୍ଷା
ମୁକ୍ତ କର ହେ ମୁକ୍ତ ମୋ ମନ ମନ୍ଦିର ଅବରୁଦ୍ଧ
ବୁଦ୍ଧ ହେ, ବୁଦ୍ଧ ହେ, ଅବିନଶ୍ୱର ଶୁଦ୍ଧ । (ଅରୁଣ ଶ୍ରୀ – ଗ୍ରନ୍ଥାବଳୀ ପୃ. ୭୯)

ଭିକ୍ଷୁ ଯାଚ୍ଞା କରୁଛି ଯେ ସେ ଜୀବନ ବ୍ୟାପୀ କରିଥିବା ପାପ ସମୂହକୁ ଆଜି ଅଶ୍ରୁ ଜଳରେ ନିର୍ବାପିତ କରିଦେବାକୁ ବୁଦ୍ଧଙ୍କ ପାଦକଞ୍ଜରେ ସ୍ଥାନ ପାଇବାର ଆଶାରେ ଧାଇଁ ଆସିଛି । ଜୀବନରେ ଭେଟିଥିବା ସମସ୍ତ ନାରକୀୟା ଲୀଳା ଆଜି ଶେଷ ହେଉ, ସକଳ ମୋହର ମଧ୍ୟ ଇତି ହେଉ, ସକଳ ଦୈନ୍ୟ ଆଧି ଓ ବ୍ୟାଧିର ବିଲୋପ ହେଉ । ତେଣୁ ସେ ସଂଘର ଶରଣ ପ୍ରାର୍ଥୀ । ଆଜିଠାରୁ ଗୈରିକ ବାସ ପିନ୍ଧି ସେ ଜଣେ ଭିକ୍ଷୁ ଭାବେ ଭିକ୍ଷାନ୍ନରେ ହିଁ କେବଳ ଜୀବନ ବିତେଇବ ।

ଏଇ ସମାନ ଯତି ଓ ଆବେଗରେ ମଧ୍ୟ ଅପେକ୍ଷା କରି ବସିଛି ଅମ୍ବାପାଳି । ସେ ଥିଲେ ବୈଶଳୀର ରାଜନଟୀ । କିନ୍ତୁ ସେ ବହୁଭୋଗ୍ୟା ଆନନ୍ଦରେ ଜୀବନ ପାଇଁ ତୃପ୍ତି ପାଇ ନାହାନ୍ତି । ହୁଏତ ପ୍ରଚୁର ଅର୍ଥ ଓ ଉପଢ଼ୌକନ ପାଇଛନ୍ତି । କିନ୍ତୁ ସେସବୁ ଲାଗୁଛି ଏକାନ୍ତ ଅଳୀକ । ତେଣୁ ତାଙ୍କର ପ୍ରତୀକ୍ଷା –

''ଆଜି ମୋର ପୁରେ/ଆସିବେ ସଜନୀ/ଜଗତ ଆଲୋକ ଗୋ
ବାମ ବାହୁ ଆଜି / ତରେ ଘନଘନ/ଅଂଗ ପୁଲକଗୋ
କି ଦେଇ ପାରିବି/ଦେବତା ପୟରେ/କହିବୁ କି ସହିରେ
ଆସିବେ ବୁଦ୍ଧ/ଫୁଟାଇ ପଦ୍ମ/ବୃକ୍ଷ ଏ ମହୀରେ ।

ଅମ୍ବାପାଳି ଉପଲବ୍ଧି କରିଚି ଯେ ତାର ଯୌବନ ଚିତ୍ତ ବିକାରରେ କ୍ଷୁଣ୍ଣ ହୋଇଯାଇଛି କ'ଣ ଦେଇ ସେ ମହାନ ବୁଦ୍ଧଙ୍କୁ ଆଜି ପୂଜା କରିବ ? ତାର ଯାହାକିଛି ସଂପଦ ଅଛି ତାଙ୍କ ଚରଣ ତଳେ ହୁଏତ ଅମ୍ବାପାଳି ଢ଼ାଳିଦେବ, କିନ୍ତୁ ସେ ଏ ପତିତାର ଅର୍ଘ୍ୟକୁ ଗ୍ରହଣ କରିବେ ତ ? ଆଜି କିନ୍ତୁ ନାନାଦି ଶୁଭ ଶକୁନ ସେ ଦେଖି ବିହ୍ୱଳ ହୋଇ ପଡୁଛି । ମଳୟ କୁଂଜରେ ଶୁଭୁଚି କୋକିଳର ଗାନ, ଭ୍ରମର ଯେପରି କେଉଁ ପ୍ରିୟଜନର ବାର୍ତ୍ତା ଦେବାକୁ ଗୁଂଜନରତ, ଜଗତ ବନ୍ଦନୀୟ ସେ ମହାପୁରୁଷଙ୍କ ଆଗମନୀ ପାଇଁ ଆଜି ଗନ୍ଧବହକ ଚଂଚଳ ହୋଇ ଉଠିଛି । ସେ ଅମ୍ବାପାଳିଙ୍କୁ ଭୀକ୍ଷୁପୀର ଦୀକ୍ଷା ଦେବେତ ? ତେଣୁ ଅମ୍ବାପାଳି କହିଛି –

''ସେ ଚିରମୁକ୍ତ ଚିରପ୍ରଶାନ୍ତ/ଦେବେ କି ଭିକ୍ଷୁ ଦିକ୍ଷା
ଭିକ୍ଷୁର ଥାଳ ଶିରେ ବହିନିତି/ବିଶ୍ୱେ ମାଗିବି ଭିକ୍ଷା ।''

ଏ କବିତାର ଶବ୍ଦସଜ୍ଜା ଓ ଭାବ–ତରଳ ନିବେଦନରେ ପାଠକମାତ୍ରେଇ ବିହ୍ୱଳ ହେବେ । କୌଣସି କ୍ଲିଷ୍ଟତା ନାହିଁ, କୌଣସି ଦ୍ୱିଧା (ambiguity) ମଧ୍ୟ ନାହିଁ । ହୃଦୟକୁ ଦୋହଲେଇ ଦେବାପରି ଏ ଗୋଟିଏ କବିତା ଅମ୍ବପାଳି ସଂପର୍କରେ ତାଙ୍କର ଆଉ ଗୋଟିଏ କବିତା 'ଅମ୍ବପାଳୀର ବୁଦ୍ଧ ବନ୍ଦନା' (ଉତ୍ତରାୟ ବୈ. ଗ୍ରନ୍ଥାବଳୀ୨ୟ ଭାଗ ପୃ.୫୦)

ମନେ ହୁଏ ତାଙ୍କର ପରିଣତ ବୟସର ରଚନା । ଏ କବିତାର ଭାଷା ଓ ଭାବ ବିନ୍ୟାସ ସ୍ୱତଃ ତାଙ୍କ କବିତାର ପରିଣତତା (maturity)କୁ ଚିହ୍ନେଇ ଦିଏ । ଛଅଟି  ସନେଟ୍‌ରେ ଏ କବିତାଟି ବିନ୍ୟାସ ସ୍ୱତଃ ତାଙ୍କ ଏଥିରେ ଅମ୍ବପାଳିର ପଶ୍ଚାତାପ ହିଁ ପ୍ରତିଫଳିତ । ଅମ୍ବାପାଳି କହୁଛି ତାର ଆଗରେ ଓ ପଛରେ ସହସ୍ର ସ୍ତାବକ ତା ସୌନ୍ଦର୍ଯ୍ୟର ସ୍ତୁତିକାରୀ ଓ ଭିକ୍ଷାସୀଭାବ ଆତଯାତ ହେଉଥିଲେ । ସେମାନେ ସମସ୍ତେ ଥିଲେ ତା ଦେହ ପ୍ରତି ପ୍ରଲୁବ୍ଧ । ସେମାନଙ୍କ ଗହଣରେ ତଥାପି ଅମ୍ବପଲ୍ଲି ଏତେ ଏକାକୀ ହୋଇ ପଡିଥିଲେ ଯେ ସେ ନିଜର ଅନ୍ତର କଥା ବୁଦ୍ଧଙ୍କୁ ନିବେଦନ କରି କହୁଛନ୍ତି –

''ଜୀବନ ଏସନେ ପ୍ରଭୁ ବଣ୍ୟ ଶ୍ୱାନ ପରି/ଖାଇଛନ୍ତି ରକ୍ତଲୋଭୀ ପଳପଳ କରି
ନିସ୍ତାରନ ପାଇ କାହିଁ ଆସିଛି ପଳାଇ/ତୁମ ପଦପ୍ରାନ୍ତେ ନିଃସ୍ୱ ସ୍ଥାନ ନେବା ପାଇଁ ।''

ତାଙ୍କର ହୁଏତ ଅର୍ଥ, ପ୍ରତିପତ୍ତି, ଖ୍ୟାତି, ପ୍ରାସାଦ, ଉଦ୍ୟାନ ସବୁଥିଲା, କିନ୍ତୁ ଦେହକୁ ପଣ୍ୟକରି ସେ ଆଉ କେତେଦିନ ବା ବଂଚି ପାରିଥାନ୍ତେ । ସେ ଜୀବନ ତାଙ୍କ ପାଇଁ ଦୁଃଷଣୀୟ ହୋଇ ଉଠିଲା । ପ୍ରାଣ ତାଙ୍କର ଛଟପଟ ହୋଇ ଉଠିଛି – ସେତେଯେପରି ତାଙ୍କର ବିଶାଳ ପ୍ରାସାଦରେ ସେ ସରୀସୃପ ଅଜଗରମାନଙ୍କ କବଳରେ ହିଁ ଛଟପଟ ହେଉଥିଲେ । ତାଙ୍କର ସମସ୍ତ ଦମ୍ଭ, ଅହଂକାର, ରୂପର ଗର୍ବ ଆଜି ଚୂନା ହୋଇ ଯାଇଛି । ଯାହାକିଛି ବାକୀ ଅଛି ତାକୁ ସଂଘର ପଦରେ ଢ଼ାଳିଦେଇ ସେ ଏ ମାନସିକ ଯନ୍ତ୍ରଣାରୁ ମୁକ୍ତି ଚାହାନ୍ତି । ଦେବତା ମନ୍ଦିରରେ ଧୂପକାଠି ପରି ଜାଳିଦେବାକୁ ଅନେକଥର ଭାବିବି ସେ ପିଶୁନଲାଳସୀମାନଙ୍କ କବଳରୁ ମୁକ୍ତି ପାଉ ନ ଥିଲେ । ସେମାନେ ଥିଲେ ତାଙ୍କ ରୂପର ସ୍ତାବକ, ପୁଣି ଆତ୍ମାର ଘାତକ । ଅଗ୍ନିଦଗ୍ଧ ବନ  ମୃଗୀପରି ସେ ବଂଚିଥିଲେ । ଆଜି ସେଇ ବୃଶ୍ଚିକମାନଙ୍କ ଦଂଶନରୁ ସେ ମୁକ୍ତି ଲୋଡନ୍ତି ଓ ସଂଘର ଆଶ୍ରୟ ପାଇଁ ପ୍ରାର୍ଥନା କରନ୍ତି । ଦୁର୍ବହ ଐଶ୍ୱର୍ଯ୍ୟଭୋଗ ତାଙ୍କୁ ଯେପରି ଉପହାସ କରୁଚି, ସେ ବୁଦ୍ଧଙ୍କ ପୟରରେ ତେଣୁ ଆକୁତି ବାଢ଼ନ୍ତି –

କର ଆଶୀର୍ବାଦ ଘେନି ଏ ନାରୀସର୍ବସ୍ୱ/ନବ କଳେବର ହେଉ ରହୁ ଧର୍ମ ଯଶ
ଭୁଲିବି ରଜନୀ ସ୍ମୃତି ବିମୁଣ୍ଡନ କରି/ଗୈରିକ ବେସନେ ହେବି ଅପୂର୍ବ ସୁନ୍ଦରୀ ।

ବୁଦ୍ଧଙ୍କୁ  ପୁନଶ୍ଚ ସେ କହନ୍ତି – ଆପଣ ସାଧନାରେ ସିଦ୍ଧିଲାଭ କରି ଏ ପାତକୀ ପାଇଁ କ'ଣ କୃପଣ ହେବେ ? ମୋର ଏ ବିଦଗ୍ଧ ଆତ୍ମା ପାଇଁ କରୁଣର ଅମୃତ ଦେବେ ନାହିଁ ? ମୁଁ ଜାଣେ ମୁଁ ସେଥିପାଇଁ ଅଭାଜନ । କିନ୍ତୁ ଆପଣଙ୍କ ସ୍ପର୍ଶମାତ୍ରେ  ପାଷାଣ ସୁନା ହୋଇଯିବ, ମୋର ସବୁ ଘୃଣ୍ୟ ଅସୁନ୍ଦର ପଣ ଉଭେଇଯିବ । ମୋତେ ଉଜ୍ଜୀବିତ କର ପ୍ରଭୁ ।'' ପ୍ରଥମ କବିତା 'ଅମ୍ବାପଦ୍ଦିର ଉତ୍‌କଣ୍ଠା' ଠାରୁ ଏ କବିତାରେ କବି କାବ୍ୟ ଜିଜ୍ଞାସା ଅଧିକ ପରିପକ୍ୱ ଓ ଉଚ୍ଛଳ ହୋଇ ଉଠିଛି । ଅଦ୍ଭୁତ ଏ ରଚନା ବୋଲି କହିବା ବ୍ୟତୀତ ମୋର ଏହାକୁ ଆକଳନ କରିବାକୁ ଭାଷା ନାହିଁ । ସେହିପରି ତାଙ୍କର ଆଉ ଗୋଟିଏ ଗାଥା କବିତା 'କିସ୍‌ସା ଗୌତମୀ' । ବୌଦ୍ଧ ଜାତକରୁ ସଂଗୃହୀତ ଗୋଟିଏ କାହାଣୀ ଉପରେ ଏ କବିତାଟି ରଚିତ । ପୁତ୍ର ବିଧୁରା ଗୌତମୀ ପୁତ୍ରର ଜୀବନ ଫେରି ପାଇବାପାଇଁ ବୁଦ୍ଧଙ୍କୁ ନିଉଛାଳି ହେବା ଓ ତମାଗତ ତାଙ୍କୁ କୌଣସି ଏକ ମୃତ୍ୟୁରହିତ ପରିବାରରୁ ମୁଠାଏ ସର୍ଷପ ସଂଗ୍ରହ କରି ଆଣିବାକୁ କହିବା ପରେ କିସ୍‌ସା ବୁଲିବୁଲି ଥକିପଡ଼ିଛନ୍ତି ପଛେ ଏପରି ଗୋଟିଏ ମୃତରହିତ ପରିବାରର ସନ୍ଧାନ ନ ପାଇ ବୁଦ୍ଧଙ୍କ ପାଖୁ ଫେରି ଆସିଛନ୍ତି । ତା'ପର କଥା କବିଙ୍କ ଲେଖନୀରେ କିପରି ଉତ୍‌କୀର୍ଣ୍ଣ ଶୁଣନ୍ତୁ ପାଠକେ !

''କହିଲେ କିସ୍ସା ଗୌତମୀ ''ପ୍ରଭୁ ଭ୍ରମିଲି ଲକ୍ଷଘର
ମୁଠାଏ ତ ଦୂର ସର୍ଷପ (ସୋରିଷ) ଏକ ନୁହେଁ ସମ୍ଭବପର ।
ଯେତେ ଯହିଁ ଗଲି ଅରୁର ଲୀଳା, ମୃତ୍ୟୁ ଅଟ୍ଟହାସ
ଚୂର୍ଣ୍ଣ କଲା ମୋ କ୍ଷୁର୍ଣ୍ଣ ପରାଣ ପ୍ରସ୍ତର କଲା ପ୍ରାସ ।
ଦେଖିଛି ସଦ୍ୟ-ସନ୍ତାନ-ହରା ନୟନୁଁ ଶୁଷ୍କ ନୀର
ଚିତ୍ର ପ୍ରତିମା ସମାନ ଅଚଳ ! ସ୍ତନୁ ବହିଯାଏ କ୍ଷୀର !
ସଦ୍ୟ ବିଧବା ଷୋଡଶୀ ତରୁଣୀ ବର୍ଷେ ହୋଇନି ବିଭା
ଉତ୍ସବ ବାଜା ନିଭିଚିକି ନାହିଁ ବାଡିରେ ରାବଇ ଶିବା ।''

କେଉଁଠି ପତ୍ନୀ ପତିକୁ, ମାତା ଯୁବ ସନ୍ତାନକୁ ହରାଇଛି, କେଉଁ ମାତା ଗୋଟି ଗୋଟି କରି ସାତୋଟି ସନ୍ତାନକୁ ହରାଇ ଅନ୍ଧପରି ଅଣ୍ଡାଳି ହେଉଚି ତଥାପି ଆଉ ଗୋଟିଏ ସନ୍ତାନ କୋଳକୁ ଆଣିବାକୁ ତାର ପ୍ରଚେଷ୍ଟା ଲାଗି ରହିଛି, କେଉଁ ତରୁଣୀ ପ୍ରଥମ ସନ୍ତାନକୁ ହରାଇ ଆଉ ଗୋଟିଏ ପାଇଁ ପୂଜା ଆରାଧନାରେ ଲାଗି ପଡ଼ିଛି । ଗୌତମୀ ତାକୁ ପଚାରନ୍ତେ ସେ ଉତ୍ତର ଦେଇଛି – ''ଆମ ଭାଗ୍ୟ ଦୋଷରୁ ସିନା ଆମ ପ୍ରଥମ ସନ୍ତାନଟିକୁ ହରାଇଲୁ । ତା ପିଅର ଛ'ମାସ କାଳ ଅନ୍ନ ଛୁଇଁଲେ ନାହିଁ, ସୁନାପରି ଗୋରା ଦେହ କଳାକାଠ ପଡ଼ିଗଲା । ସେ ଆଶାବାଦି ସ୍ୱାମୀଙ୍କୁ ବୁଝାଇ ଦେଇଛି – ''ଭାଗ୍ୟରେ ଥିଲେ କାଲି ଯିବ ଘରପୂରି ।'' ଗୌତମୀ ପ୍ରତିଟି ପରିବାରରେ ଜୀବନର ଏ ଛାୟାବାଦି ଖେଳ ଲାଗିଥିବା ଦେଖି ଆସିଲେ, ତାଙ୍କର ମୋହଭଂଗ ହେଲା । ତଥାଗତଙ୍କ ପୟରରେ ଲୋଟିଯାଇ କହିଲେ –

''ସହି ହେବ ଶତ ସନ୍ତାନ ଶୋକ ରହିଛି ରହିବ ପ୍ରାଣ
ସକାଳ ଶୋକରୁ ବଳି ଅସହ୍ୟ ଆତ୍ମାର ଅପମାନ ।''
ଲୋଡା ନାହିଁ ହୃତ ସନ୍ତାନ ପ୍ରଭୁ ! ମୋ ଭଳିଛନ୍ତି ଶତ
ଆତ୍ମୋପମାନ-ଅଜ୍ଞାନ-ତମୁଁ କଢ଼ାଇ ନିଅ ହେ ପଥ ।''

ବୌଦ୍ଧ ଜାତକ କହେ ପରେ ପରେ ଗୌତମୀ ସଂଘରେ ଯୋଗଦେଇ ଭିକ୍ଷୁ ବେଶରେ ଜୀବନ ବଂଚିଲେ, ଦ୍ୱାରରୁ ଦ୍ୱାରକୁ ଯାଇ ଭିକ୍ଷା ସଂଗ୍ରହ କଲେ । ରମଣୀୟ ଦେହପ୍ରତି ତାଙ୍କର ସମସ୍ତ କାମନା ବାସନା ତୁଟିଗଲା । ଏ କବିତାଟିର ରଚନା ସମୟ ୧୯୩୬ ବୋଲି ଉଲ୍ଲିଖିତ ହୋଇଛି, ସମ୍ଭବତଃ 'ଅମ୍ବାପାଳିର ଉତ୍କଣ୍ଠା' ପରେ ପରେ । କାରଣ ଏ ଉଭୟ କବିତାରେ ମଣିଷର ଜୀବନ, ସୌନ୍ଦର୍ଯ୍ୟ, ଭ୍ରାନ୍ତି ଓ ପ୍ରଣୟ ପ୍ରତି ସମାନ ଭାବେ ଅଛି ଜୁଗୁପ୍ସା ଓ ପ୍ରତ୍ୟାଖ୍ୟାନ । ଏ ଦୁଇଟି ବୈକୁଣ୍ଠନାଥଙ୍କ ଅମର କୃତିଭାବେ ବିବେଚିତ ହେବ ।

ତା' ପରବର୍ତ୍ତୀ କବିତା 'ମହନିର୍ବାଣ' ବୁଦ୍ଧଦେବଙ୍କ ଜୀବନାବସାନ ପ୍ରାକ୍-ମୁହୂର୍ତ୍ତକୁ ନେଇ । ବୁଦ୍ଧଦେବ ତାଙ୍କ ସଂଘର ବାର୍ତ୍ତା ପ୍ରଚାର କରି କରି ଚାଲିଛନ୍ତି । ବର୍ଦ୍ଧକ୍ୟ ହେତୁ ଚରଣ ଦୁଇଟି କ୍ଳାନ୍ତ ହୋଇ ପଡୁଛି – ସତେ ଯେପରି ଆଉ ଆଗକୁ ଯିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି । ଶିଷ୍ୟବର୍ଗ ଘୋର ଅବସୋସ ଓ ଆଶଙ୍କା ମଧ୍ୟରେ ଅନୁସରଣ କରୁଛନ୍ତି । ତଥାଗତ ପ୍ରିୟଶିଷ୍ୟ ଆନନ୍ଦଙ୍କୁ ଗୋଟିଏ ଯୁଗ୍ମ ଶାଳ ତରୁର ଛାୟାଘେରା ପରିବେଶରେ ତାଙ୍କର ଅନ୍ତିମ ଶଯ୍ୟା ବିରଚନା କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ତାଙ୍କୁ କ୍ଳାନ୍ତି, ଅବସାଦ ଘୋଟି ରହିଛି ମନ ଓ ଦେହ କ୍ରମେ ଅବସନ୍ନ ହୋଇ ଆସୁଛନ୍ତି । ସେତେବେଳକୁ ସେ ଅଶୀତି ବର୍ଷରେ ପଦାର୍ପଣ କରିଥାନ୍ତି । ଦ୍ୱୀପର ଗର୍ଭରୁ ସତେ ଯେପରି ତୈଳ ସରି ସରି ଆସୁଥାଏ । ବିନା ଶେଚନାରେ, ବିନା ଦୁଃଖରେ ସେ ମୃତ୍ୟୁଶଯ୍ୟା ରଚନା ନିମନ୍ତେ ଶିଷ୍ୟମାନଙ୍କୁ ଉପଦେଶ ଦେଉଛନ୍ତି –

ନିର୍ବାଣ ଉନ୍ମୁଖ ଶିଖା ଦିଶେ ସୁମଧୁର
ନିବଶେଷ ଗରଭୁତୈଳ ଯେହ୍ନେ ସେ ଆତୁର
ମିଶିବାକୁ ମହାକାଳ ଆତୁର ଅନ୍ଧାରେ
ଧ୍ୱନିଯଥା ମହାଶୂନ୍ୟ ଶାନ୍ତି ନୀଳିମାରେ ।
ଝରିବା ପାଦପ ଅଙ୍ଗୁ ପଳିତ ପତର
ନାହିଁ ତ ବୈଚିତ୍ର୍ୟ, ନୁହେଁ ପ୍ରକୃତି ଅନ୍ତର
ଜନମିଲେ ମୃତ୍ୟୁ ଧ୍ରୁବ ଫେରିବ ତରଙ୍ଗ
ସାଗର ବେଳାରେ ଥରେ ହେଲେ ଗତିଭଙ୍ଗ । ଗ୍ରନ୍ଥାବଳୀ ପୃ ୪୬୬

ଏ କବିତାର ଭାବ ଓ ଭାଷା ଏତେ ସୁନ୍ଦର, ଏତେ ଅର୍ଥ ବହ, ଏତେ ଆବେଦନଶୀଳ ପାଠକମାତ୍ରେ ନିଶ୍ଚୟ ଅବବୋଧ କରୁଥିଲେ । ଏପରି କବିତା ଯେ 'ଡ଼ଗରେଲ' ହୋଇ ନ ପାରେ ଏକଥା ମାନସିଂହ ବଂଚିଥିଲେ ସ୍ୱୀକାର କରିବାକୁ ବାଧ ହୋଇଥାନ୍ତେ । ଅନେକ ସମଭାବ ସଂପନ୍ନ କବିତା ନ ଲେଖି ବୁଦ୍ଧଦେବଙ୍କ ଜୀବନକୁ ଭିତ୍ତି କରି ଏହିପରି କେତୋଟି କବିତା ଲେଖିଥିବାରୁ ବୈକୁଣ୍ଠନାଥ ନିଶ୍ଚୟ ଇତିହାସରେ ବଂଚି ରହିବେ ଓ ସମାଲୋଚନାମାନଙ୍କ ଦୃଷ୍ଟି ସର୍ବଦା ଆକର୍ଷଣ କରିବେ । ଏ ସବୁ କବିତାକୁ ଶୁଦ୍ଧ ସୁବର୍ଣ୍ଣ କବିତା ଭାବେ ନାମିତ କରାଯାଇ ପାରିବ ।

ପରବର୍ତ୍ତୀ କବିତା 'ବୁଦ୍ଧ ଓ ରାହୁଳ' ସନେଟ ଶୈଳୀରେ ରଚିତ, ତେଣୁ ହ୍ରସ୍ୱ ତାର କଳେବର । କିନ୍ତୁ ଏଇ ଚଉଦାଳି କବିତାଟିରେ ରାହୁଳ ଜନନୀ ଯଶୋଧାରଙ୍କର ଯେଉଁ ଆବେଗ ଓ ଅଶ୍ରୁ ଏକାକାର ହୋଇଛି ତାର ପଟାନ୍ତର ନାହିଁ । ବୁଦ୍ଧ ନଗର ପରିକ୍ରମ କରି କପିଳବସ୍ତୁକୁ ଆସୁଛନ୍ତି । ଜନନୀ ଯଶୋଧରା ପୁତ୍ର ରାହୁଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି –

''ଆସିଛନ୍ତି ସେ ନିଷ୍ଠୁର ! ହୁଏ ପଛେ ମୁହିଁ ନାରଖାର
ଯାଅ ବତ୍ସ ! ମାଗଯାଇ ସନ୍ତାନର ଚିର ଅଧିକାର ।''

ସେତେବେଳେ ବଂଶ ବନରେ ତଥାଗତ ବିଶ୍ରାମ ନେଉଥାନ୍ତି । ରାହୁଳ ପହଞ୍ଚି ତାଙ୍କର ଅଧିକାର ପିତାଙ୍କୁ ମାଗି ବସିଲେ । ବୁଦ୍ଧ ଉତ୍ତର ଦେଲେ.......

''ଚିରଭିକ୍ଷୁ ତବ ପିତା ! ଭିକ୍ଷା ବତ୍ସ ତା' ଜୀବନ ସାର''

ତୁମେ ତୁମ ପିତାଙ୍କ ପରି ସଂଘରେ ଆଶ୍ରୟ ନେଇ ଭିକ୍ଷାକୁ ଜୀବନର ସାର ସଂପଦ କରି ବଂଚିବାକୁ ପ୍ରସ୍ତୁତ ଅଛ କି ? ତା'ହେଲେ ଯାଅ ଦ୍ୱାରେ ଦ୍ୱାରେ ବୁଲି ଭିକ୍ଷାହିଁ ମାଗ ''ବହ ଏ ଗୈରିକ ବାସ ଶ୍ରେଷ୍ଠ ନିର୍ବାଣର ଦୀକ୍ଷା ।'' କେହି କେହି ପାଠକ ଏହାକୁ ସଂସାର ତ୍ୟାଗୀ ପିତାଙ୍କ ନିଷ୍ଠୁରତା ବୋଲି କହି ପାରନ୍ତି । କିନ୍ତୁ ଯେ ଅଜସ୍ର ମାନବର ଦୁଃଖ ଓ କଷ୍ଟକୁ ନିରାକରଣ କରିବାକୁ ସଂସାରରେ ଜନ୍ମ ଗ୍ରହଣ କରିଛନ୍ତି ସେ କଣ କେବେ ଗୋଟିଏ ସନ୍ତାନର ମୋହରେ ଛନ୍ଦି ହୋଇ ଲକ୍ଷ୍ୟଚ୍ୟୁତ ହୋଇପାରିବେ ?

ବୁଦ୍ଧଙ୍କ ସଂପର୍କରେ ରଚିତ ଅନ୍ୟ ତିନି ଚାରୋଟି କବିତା 'ବୁଦ୍ଧଜନ୍ମ', 'ଭାରତଭିକ୍ଷୁ', ଭିକ୍ଷୁଗୀତି ଏତେବେଶୀ ପ୍ରଭାବଶାଳୀ କବିତା ନୁହେଁ । ତଥାପି ଚାରୋଟି ଚଉଦାଳି ରୀତିରେ ରଚିତ 'ଭାରତ ଭିକ୍ଷୁ' ସଂପର୍କରେ କିଛି କହିବା ପ୍ରାସାଙ୍ଗିକ ହେବ । ଦେବତାଙ୍କୁ ସମ୍ଭବତଃ ସ୍ରଷ୍ଟାଙ୍କୁ ନିବେଦନ କରି ବୈକୁଣ୍ଠ ନାଥ କହନ୍ତି –

ଦେଖିଛି ଦେବତା, ତାର  ଦୀନ ଭିକ୍ଷୁରୂପ/ପୃଷ୍ଠେ ବହି ସୃଷ୍ଟି ବ୍ୟଥା ଅତ୍ୟାଚାର ସ୍ତୂପ
ଦ୍ୱାରେ ଦ୍ୱାରେ ବୁଲି କରେ ଅଶ୍ରୁ ଦୁଃଖ ଭିକ୍ଷା/ ତୁମେ ତ ଦେଇଛ ତାକୁ ଚିର ଭିକ୍ଷୁଦୀକ୍ଷା ।

ସେଇ ଭିକ୍ଷୁର ଶୀର୍ଣ୍ଣ ଅଙ୍ଗରୁ ଶୋଣିତ ବହୁଥିଲେ ବି ତାର ଚିତ୍ତ ଚିର ଅବିଚଳିତ ଓ ନିର୍ଭୟ । ସବୁ ମଣିଷମାନେ ପୃଥିବୀରେ ଯେଉଁ ବାଟରେ ଚାଲିଛନ୍ତି ତାକୁ ଏଡିଦେଇ ସେ ନିଆରା ରାସ୍ତା ବାଛି ନେଇଛି । ତାର ନା ଥାଏ ସଂସାର, ନା ଥାଏ ପାର୍ଥିବ ଆସକ୍ତି । ସେ ଚିର ପ୍ରଶାନ୍ତ ମୂର୍ତ୍ତି ଭିକ୍ଷୁ । ତା ମନରେ ଶଙ୍କା ନଥାଏ, କାହା ପ୍ରତି ସନ୍ଦେହ ବା ଆକ୍ଷେପ ନଥାଏ । ତାର ମୁଖ ସବୁବେଳେ ସମୁଜ୍ୱଳ – ଯାହାକୁ ଦେଖିଲେ ଦୁଃଖୀର ଦୁଃଖ  ତତ୍‌କ୍ଷଣାତ୍ ଅପସରି ଯାଏ ।

''ମରୁଭୂମେ ଫୁଟାଏ ସେ ଜୀବନର ଫୁଲ
ନିର୍ଯାତିତ ଦୁଃଖ ବହି ନେବାକୁ ଆକୁଳ ।''

ସେ ଗୃହତ୍ୟାଗୀ, ସଂସାର ତ୍ୟାଗୀ, ଦେବା ଓ ରାଜ୍ୟତ୍ୟାଗୀ ମହାମନା ମହାପୁରୁଷ। ତାର ପଦପାତରେ ପଦ୍ମ ଫୁଟିଯାଏ, ତାର ସ୍ମିତ ହସରେ ଦରିଦ୍ର ମଣିଷର ଦୁଃଖ ଅପସରିଯାଏ । ସେ ଚାଲିଥାଏ ଯେ ଚାଲିଥାଏ। ସାଙ୍ଗରେ ଥାନ୍ତି ଶିଷ୍ୟବର୍ଗ । ଯେଉଁଠି ନିପୀଡ଼ନ, ଯେଉଁଠି ରାହାହୀନ ମଣିଷଟି ଛଟପଟ ହେଉଥାଏ, ଯାହର ଦୁଃଖରେ ସାହା ହେବାକୁ କେହି ଧାଇଁ ଆସନ୍ତି ନାହିଁ ସେଇଠି ସେ ପହଂଚିଯାଏ, ଲକ୍ଷ ଲକ୍ଷ ଅଭିଶପ୍ତ ମଣିଷମାନଙ୍କ ପାଇଁ ଗୈରିକ ବସନ ପିନ୍ଧି ସେ ଭିକ୍ଷାଥାଳ ଧରି ବୁଲୁଥାଏ ।

ବୁଦ୍ଧଙ୍କ ପ୍ରତି ଓ ତାଙ୍କ ତ୍ୟାଗପାଇଁ ସମ୍ଭବତଃ କବି ବୈକୁଣ୍ଠ  ତାଙ୍କ ପ୍ରତି ବିଶେ ଭାବେ ଆକୃଷ୍ଟ ହୋଇ ପଡ଼ିଥିଲେ । ତେଣୁ ଏସବୁ କବିତାରେ ତାଙ୍କର ବୁଦ୍ଧଙ୍କ ପ୍ରତି ମନ ଓ ପ୍ରାଣର ସମର୍ପଣ ଭାବ ପ୍ରକାଶ ପାଇଛି – ଯେଉଁଥିରେ କୌଣସି ଆଢ୍ଟ ବା ଆବିଳତା ନାହିଁ । ଜୀବନର ସାୟାହ୍ନରେ କବି ବୈକୁଣ୍ଠନାଥ 'ବୁଦ୍ଧ କର ହେ କ୍ଷମା'  ଓ ବୌଦ୍ଧଲାମା ନାମକ ଦୁଇଟି କବିତା ରଚନା କରିଛନ୍ତି  ଯାହା ତାଙ୍କ 'ଉତ୍ତରାୟଣ' କବିତା ଗ୍ରନ୍ଥରେ ସଂକଳିତ ହୋଇଛି । (ଗ୍ରନ୍ଥାବଳୀ ୨ୟ ଭାଗ ପୃ ୪୪) କବିତାଟି ୯/୧୧/୬୨ରେ ରଚିତ ହୋଇଥିବା ସୂଚୀତ ହୋଇଛି । କବି ପାଦଟୀକାରେ କହିରଖିଛନ୍ତି ଯେ କବିତାଟି ୧୯୬୨ ମସିହାରେ ଅପ୍ରତ୍ୟାଶିତ ଭାବେ ଭାରତ ଉପରେ ଚୈନିକ ଆକ୍ରମଣ ଉପଲକ୍ଷେ ରଚିତ । ମଣିଷ ସମାଜକୁ ଓ ଯୁଦ୍ଧଖୋର ରାଷ୍ଟ୍ରନେତାମାନଙ୍କୁ କ୍ଷମା କରିଦେବାକୁ ସେ ବୁଦ୍ଧ ଦେବଙ୍କୁ ଯାଚ୍‌ଞା କରିଛନ୍ତି । ଗୋଟିଏ ଦେଶରେ ବୁଦ୍ଧ ଓ ବୌଦ୍ଧ ଧର୍ମର ଜନ୍ମ ଓ ଅନ୍ୟଦେଶରେ (ଚୀନ) ଏ ଧର୍ମ ଏବେ ବି ଅବଲମ୍ବିତ ଓ ବୁଦ୍ଧଦେବ ପରି ପୂଜିତ । ତଥାପି ଏ ଦୁଇଦେଶ ମଧ୍ୟରେ ଯୁଦ୍ଧ ରକ୍ତପାତ ହୋଇପାରେ ଏହା କେବଳ ଅକଳ୍ପନୀୟ ନୁହେଁ ଅସ୍ପୃହଣୀୟ ମଧ୍ୟ । ତେଣୁ କ୍ଷୋଭରେ କବି ଗାଇଛନ୍ତି –

''ଯେ ଭୂଇଁରେ ଗଲ ଧର୍ମ ଶସ୍ୟବୁଣି/ଅଧିକାରୀ ତହିଁ ରକ୍ତ ପିପାସୁ ଶୁଣୀ
ଶୋଣିତ ସିକ୍ତ ଧରିତ୍ରୀ ନିରୁପମା / ବୁଦ୍ଧ କର ହେ କ୍ଷମା ।''

ଧର୍ମ ଓ ସଂଘ ଅମର ରହିବ, ଶଇତାନର ବଲୋପ ହେବ ଏହାହିଁ ଏ କେବିତାରେ କବିଙ୍କ ଆଶାନ୍ୱିତ ଆହ୍ୱାନ । ଅନ୍ୟ କବିତାଟି ବୌଦ୍ଧ  ଲାମାଙ୍କ ପ୍ରତି  ଚୀନା ସରକାରଙ୍କ ବର୍ବରତାର ପ୍ରତିବାଦ ବୋଲି କହିବାକୁ ହେବ । ସମ୍ଭବତଃ କୌଣସି ତିବ୍ବତୀୟ ଲାମାଙ୍କ ଗୋଡହାତ କାଟି ପଙ୍ଗୁକରି ଦିଆଯାଇଥିଲା । ତଥାପି ତାଙ୍କ ମୁହଁରୁ ସଂଘ ଓ ଧର୍ମର ଜୟବାଣୀ ଶୁଣାଯାଉଥିଲା । ସେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କହୁଥିଲେ – ''ଜୟ ତୁ ବୁଦ୍ଧ/ଜୟ ତୁ ସଂଘ/ଧର୍ମର ହେଉ ଜୟ ।'' (ବୈ. ଗ୍ରନ୍ଥାବଳୀ ୨ୟ ଭାଗ ପୃ ୧୭୨)

ତାଙ୍କ ରଚିତ ରାଶିରାଶି କବିତା ମଧ୍ୟରେ ଏଇ କେତୋଟି କବିତା ତାର କଳାଗତ କୁଶଳତା ଓ ଭାଗବତ ମାଧୁର୍ଯ୍ୟ ପାଇଁ ସ୍ୱତଃ ମୁଣ୍ଡଟେକେ ଓ ତାଙ୍କ କାବ୍ୟ ଜୀବନର ଏକ ସ୍ୱତନ୍ତ୍ର ପରିଚୟ ଲେଖିଦିଏ – ଯାହା କେବେ ବି ନିଭିବାର ନୁହେଁ ।

**ବୈଷ୍ଣବ କବିତା :–**

ବୈକୁଣ୍ଠ ନାଥ ଯେଉଁପରି ବୌଦ୍ଧ ନ ଥିଲେ ସେହିପରି ବୈଷ୍ଣବ ମଧ୍ୟ ନ ଥିଲେ । ଥିଲେ ଭାବ ବିଭୋର କବିପ୍ରାଣ ସାଧାରଣ ମଣିଷ ମାତ୍ର । କିନ୍ତୁ କେବେ ଓ କାହିଁକି ସେ କୃଷ୍ଣଙ୍କ ପ୍ରତି ଆକୃଷ୍ଟ ହେଲେ ତାର ରହସ୍ୟ ଭେଦ କରିବା ସହଜ କଥା ନୁହେଁ । ସେଇ ମର୍ମରେ ସମଗ୍ର ଜୀବନକାଳ ମଧ୍ୟରେ ସେ କେତୋଟି କବିତା ଲେଖିଯାଇଛନ୍ତି । ସେ ଯେ ବୈଷ୍ଣବ ଧର୍ମ ଅପେକ୍ଷା ବୈଷ୍ଣବ କବିମାନଙ୍କ ରଚନା ପ୍ରତି ଅଧିକ ଆକୃଷ୍ଟ ହୋଇଥିଲେ ସେ ବିଷୟରେ ତାଙ୍କ ଜୀବନୀରେ ସେ କହିଛନ୍ତି – ‘‘ମାତ୍ର ପାଞ୍ଚଜଣ ସହଜିଆ ଗୁରୁ ଯଥା ଜୟଦେବ, ଚଣ୍ଡୀଦାସ, ବିଦ୍ୟାପତି ବିଲ୍ୱମଙ୍ଗଳ ଠାକୁର ଓ ରାୟ ରାମାନ୍ଦଙ୍କ ଜୀବନୀ ମୋତେ ବହୁକାଳରୁ ଅନୁପ୍ରାଣିତ କରି ଆସିଛି । ସେମାନଙ୍କ ସହିତ ଉତ୍କଳୀୟ କବି ଦୀନକୃଷ୍ଣ ଓ ଅଭିମନ୍ୟୁ ସେହିପଙ୍କ୍ତିର ବୋଲି ମୁଁ ବିଶ୍ୱାସ କରେ । ଏହି ବୈଷ୍ଣବ କବିମାନେ ଯେଉଁ ରସତତ୍ତ୍ୱର ପ୍ରମାଣ ରଖିଯାଇଛନ୍ତି ତାହା ଏତେଦୂର ନିଗୂଢ଼ ଓ ରହସ୍ୟପୂତ ଯେ ସେମାନଙ୍କ କଥା ଲେଖିବାର ସମୟରେ ମୁଁ ଅତ୍ୟନ୍ତ ଭୀତତ୍ରସ୍ତ ହୋଇଯାଏ। କେତେଥର ନିଜକୁ କହିଛି – ସେହି ରସତାତ୍ତ୍ୱିକ କବି ସମାଜ ସୁକୌଶଳୀ ଖଳୀକାରପରି ନାଗସାପ ସହିତ ଖେଳି ପାରନ୍ତି । ମୁଁ ସେଇ ସର୍ପକୁ ଖେଳେଇବା ଚେଷ୍ଟା କରୁଚି । ଚୋଟ ନ ଖାଇଲେ ଈଶ୍ୱରଙ୍କ ଦୟା ବୋଲି ମନେ କରିବି ।’’।୩। ଏଇ ମର୍ମରେ ତାଙ୍କର କେତୋଟି କବିତା ‘ଅରୁଣ ଶ୍ରୀ’ ଠାରୁ ଶେଷ ପର୍ଯ୍ୟନ୍ତ ରଚିତ କବିତା ଗ୍ରନ୍ଥମାନଙ୍କରେ ପ୍ରକାଶ ପାଇଛି ଯେଉଁମାନଙ୍କ ଶୀର୍ଷକ ଉଲ୍ଲେଖ କରାଯିବ – ବିଲ୍ୱମଙ୍ଗଳ (ଗ୍ରନ୍ଥାବଳୀ ୧ମ ଭାଗ ପୃ. ୫) ରାଧାକୃଷ୍ଣ (ଗ୍ରନ୍ଥାବଳୀ ପୃ. ୪୭), ରାମୀ–ପୃ ୭୪, ବା ଭଲ (ପୃ. ୧୦୨), ‘ଗୋପବାଳକର ପ୍ରୀତି ଅନୁଭୂତି’ (ପୃ. ୨୯୦), ଗୋପବଳାର ଅଭିଯୋଗ– (ପୃ ୨୯୧) ବିଲ୍ୱମଙ୍ଗଳ (ଗ୍ରନ୍ଥାବଳୀ ୨ୟ ଭାଗ ପୃ ୨୬) ମୀରାବାଈ (ପୃ. ୩୧) ‘ନିମାଇଁ ସନ୍ୟାସ ରାମାନୁଜ’ ଦୀନକୃଷ୍ଣ, ‘ଗୋପୀଭାଷା’ର ‘କ୍ଷୁବ୍ଧା ଗୋପିନୀ’ ଓ ‘ଉତ୍କଣ୍ଠିତା ଶ୍ରୀ ରାଧା’, ଅଚ୍ୟୁତ, ପରକୀୟା (ରାମୀ) ଶ୍ରୀରାଧା (ପୃ ୨୯୪), ‘କିଶୋର କୃଷ୍ଣ’ (ପୃ ୩୪୧) ସହଜତତ୍ତ୍ୱ (ପୃ ୪୪୦), ଚିନ୍ତାମଣି (ପୃ ୪୪୫), ବିଲ୍ୱମଙ୍ଗଳ (ପୃ ୪୫୧), ବିଲ୍ୱମଙ୍ଗଳ ଚିନ୍ତାମଣି (ପୃ. ୪୫୬), ପଥ ସଂଗୀତ (ପୃ. ୪୫୮)। ଏ କବିତାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କଲେ ଏଥିରେ ବୈଷ୍ଣବ ତତ୍ତ୍ୱ ଅପେକ୍ଷା କାବ୍ୟ କୁଶଳତାର ନିଦର୍ଶନ ଅଧିକ ଭାବ ମିଳିଥାଏ। ବୈକୁଣ୍ଠନାଥଙ୍କ ଏଇ ବୈଷ୍ଣବୀୟ ଦୃଷ୍ଟିଭଂଗୀକୁ ବ୍ୟବଚ୍ଛେଦ କରିବାକୁ ହେଲେ ଏସବୁ କବିତାର ଅନୁଧ୍ୟାନ ସର୍ବାଦୌ ଆବଶ୍ୟକ ।

ବିଲ୍ୱମଙ୍ଗଳ ଠାକୁର ଥିଲେ ଏକାନ୍ତ କୃଷ୍ଣଭକ୍ତ । କୃଷ୍ଣଙ୍କୁ ନିଜ ସମକ୍ଷରେ ପାଇବାକୁ ଓ ଦେଖିବାକୁ ଅପେକ୍ଷା କରି କରି ସେ ନ ଆସିବାରୁ ସମ୍ଭବତଃ ନିଜ ହାତରେ ସେ ନିଜର ଆଖି ଦୁଇଟିକୁ ନଷ୍ଟକରି ଦେଇ ଅନ୍ଧ ହୋଇ ଯାଇଥିଲେ । ଜୀବନର ମରୁଭୂମିରେ ସେ ଏକମାତ୍ର ନନ୍ଦନବନ ପରି ଭାବି ଗିରିଧାରୀଙ୍କୁ ଚାହିଁ ଚାହିଁ ଆଖିରୁ ଲୁହର ଉତ୍ସ ଫିଟାଇ ଦେଇଥିଲେ । ସମ୍ଭବତଃ ନିଜର କିଛି ପାପ ଓ ଦୁଷ୍କୃତି ପାଇଁ ପ୍ରଭୁ ତାଙ୍କୁ ଦେଖା ଦେଉନାହାନ୍ତି ବୋଲି ଅଭିମାନରେ ଆଖି ନଷ୍ଟକରିଦେଇ ସେ ବ୍ୟାକୁଳ ଭାବେ ତାଙ୍କର ବେଣୁନାଦକୁ ହିଁ ଅପେକ୍ଷା କରି ରହିଥିଲେ । (‘ବିଲ୍ୱମଙ୍ଗଳ’ ଗ୍ରନ୍ଥାବଳୀ ୧ମ ପୃ. ୫)

---

।୩। ବୈକୁଣ୍ଠନାଥ ଗ୍ରନ୍ଥାବଳୀ–୧ମ ଭାଗ ୧ମ ସଂସ୍କରଣ ପୃ. ୩୭

କାବ୍ୟ ମୋଦୀମାନେ ଜାଣନ୍ତି ଯେ ବିଲ୍ୱମଙ୍ଗଳ ଠାକୁର ଚିନ୍ତାମଣି ନାମକୁ ଏକ ବେଶ୍ୟାର ପ୍ରେମରେ ଖୁବ୍ ଆସକ୍ତ ଥିଲେ । କିନ୍ତୁ ଦିନେ ପ୍ରୀତିମୟୀ ଚିନ୍ତାମଣି ତାଙ୍କୁ ଆଘାତ ଦେଇ ବିଶ୍ୱସ୍ରଷ୍ଟା ଚିନ୍ତାମଣିଙ୍କୁ ଭଜିବାକୁ ଉପଦେଶ ଦେଇଥିଲେ । ଦୀକ୍ଷା ଗ୍ରହଣ ପରେ ମଧ୍ୟ ତାଙ୍କର ଆତ୍ମଶୁଦ୍ଧି ହୋଇ ନଥିଲା । ତେଣୁ କୌଣସି ଶ୍ରେଷ୍ଠିଙ୍କ ସୁନ୍ଦରୀ ପତ୍ନୀଙ୍କ ପ୍ରତି ମୋହଗ୍ରସ୍ତ ହୋଇଥିଲେ । ଶେଷକୁ କଳ୍ପଲୋକର ଚିନ୍ତାମଣି ତାଙ୍କୁ ବୋଧହୁଏ ନିଜର ରୂପଲୁବ୍ଧ ଚକ୍ଷୁ ଦୁଇଟିକୁ ଫୁଟାଇ ଦେବାକୁ ଇଂଗିତ ଦେଇଥିଲେ । ତେଣୁ ଏ ୨ୟ କବିତା ବିଲ୍ୱମଙ୍ଗଳ ଅନ୍ଧ ହୋଇଯିବା ପରବର୍ତ୍ତୀ ଅନୁଭୂତି । ତାଙ୍କରି ଅନୁଭବ କବିଙ୍କ ଲେଖନୀରେ କିପରି ଚମତ୍କାର ରୂପନ୍ୟାସ ନେଇଛି ଦେଖନ୍ତୁ –

''ଶୋଚନା ନ କରିବୁ / ମୁଁ ନୁହେଁ ଅନୁତପ୍ତ/ଆତ୍ମାକୁ କେତେ ଆଉ କରନ୍ତି ଅଭିଶପ୍ତ ?
ଦିଶଇ ବିକଳାଙ୍ଗ ? ଅଶେଷ ଯନ୍ତ୍ରଣା/ଆତ୍ମକୃତ ପାପର କାହିଁ ଅବା କ୍ଷମା ?
ଫୁଟାଇ ଦେଲି ହାତେ ରୂପେ ବେଳିଲି କଳି/ଝରିବା ପୁଷ୍ପେ ବୃଥା ହେବାର ନିଉଛାଳି ।
ଫିକା ପଡ଼ିବ ରୂପ ଭସ୍ମ ହେବ ଦେହ/ ବିକଚ ପଦ୍ମ ଛାଡ଼ି ଖତ ଗଦାରେ ସ୍ନେହ ?
ଏ ଲାଜ କଲି ଲୋପ, ନ ବହିବୁ ରୋଷ/ତୁଚ୍ଛର ନାଶେ ତିଳେ ନାହିଁ ମୋ ଅବସୋସ ।
ଅଖଣ୍ଡ ବଂଶୀନାଦ ଭୁଲାଏ ଭୋକଶୋଷ/ତମାଳ ତଳ ଉଭା ମୂରତି ନଟବର ।''

ଚମତ୍କାର ଏ ପଦପଙ୍‌କ୍ତି । ସତେ ଯେପରି ତାଙ୍କ ପ୍ରିୟ ବୈଷ୍ଣବ କବିମାନେ ଏ ପଦାବଳୀରେ ଆବିର୍ଭୂତ ହୋଇ ଯାଇଛନ୍ତି । ସେଇମାନଙ୍କ ସ୍ୱର ସହିତ ସ୍ୱର ମିଳେଇ ସେମାନଙ୍କୁ ଅତିକ୍ରମ କରିଯିବାକୁ ଚେଷ୍ଟାରତ ଅଛନ୍ତି କବି ବୈକୁଣ୍ଠନାଥ ।

ପୁନଶ୍ଚ ଆଉ ଗୋଟିଏ କବିତା 'ବିଲ୍ୱମଙ୍ଗଳ' (ଗ୍ରନ୍ଥାବଳୀ ୨ୟ ଭାଗ ପୃ ୪୫୧)ରେ କବି ବ୍ୟାକୁଳ ହୋଇ ସତେ ଯେପରି ବିଲ୍ୱମଙ୍ଗଳଙ୍କ ଦୁଃଖ ଓ ଅନୁତାପକୁ ନିଜେ ଆତ୍ମସାତ୍ କରିଛନ୍ତି –

''ଗୋପାଳ ! ଗୋପାଳ ! ଜୀବନବଂଧୁ ! / ପରମାତ୍ମୀୟ ହାତଧରି ନିଅ ଡାକି
ନିରାଶ୍ରୟକୁ ଆଶ୍ରୟ ଦିଅ / ସୁଖ ଦୁଃଖର ସାଥୀ ।''
ଅୟୁତ ଗୋଧନ କର ହେ ଚାରଣ/ଏ ଧେନୁକୁ ଯାଅ ଭୁଲି
ମେଘ ଅନ୍ଧାରେ ମଧୁର ବଇଁଶୀ/ଲହର ଆସେ ଉଛୁଳି ।

ଜଣେ କବି କୃଷ୍ଣପ୍ରେମରେ ଆସକ୍ତ ନ ହେଲେ ତା ଲେଖନୀରୁ ଏପରି ଶବ୍ଦାବଳୀ ନିର୍ଗତ ହେବନାହିଁ । ଅବଶ୍ୟ ସମସାମୟିକ ପ୍ରୟୋଗବାଦୀ ଓଡ଼ିଆ କବିତା କାଳରେ କବି ବୈକୁଣ୍ଠନାଥଙ୍କ ଏ ମାଧୁର୍ଯ୍ୟଭରା ପଦାବଳୀ ଆଦୃତ ହୋଇ ନ ଥିଲା । ସମାଲୋଚକମାନେ ମଧ୍ୟ ଏଥିପ୍ରତି ନୀରବତା ଅବଲମ୍ବନ କରିଥିଲେ । କିନ୍ତୁ ଆଜି ପଢ଼ିଲେ ମନେ ହେଉଛି ସତେ ଯେପରି ସଂଗୀତ ଯୁଗର କବିମାନଙ୍କ ସହିତ ଏକମାତ୍ର ବୈକୁଣ୍ଠନାଥ ହିଁ ସଂଯୋଗ ସେତୁ ସ୍ଥାପନ କରି ଯାଇଛନ୍ତି । ଆଉ ଗୋଟିଏ 'ବିଲ୍ୱମଙ୍ଗଳ' ଶୀର୍ଷକ ଗୀତିକବିତା ଗୁଚ୍ଛରେ କବି ସାତୋଟି ଗୀତିକବିତା ଲେଖି ସଂଗୀତା ମୋଦୀମାନଙ୍କୁ ଚମତ୍କାର ରସ ପରିବେଷଣ କରିଛନ୍ତି । ପୁଣି ତାଙ୍କର 'ବିଲ୍ୱମଙ୍ଗଳ ଚିନ୍ତାମଣି' ଶୀର୍ଷକ କବିତାଟି ସଂଳାପ ଆକାରର ବିରଚିତ ହୋଇ ଚମତ୍କାର ରସାଚ୍ଛେଦନ ସୃଷ୍ଟି କରୁଛି । (ଗ୍ରନ୍ଥାବଳୀ ୨ୟ ଭାଗ ପୃ ୪୫୬) । ନିଜେ ରଚୟିତା ପାଦଟୀକାରେ କହିଛନ୍ତି – ''ପଞ୍ଚପରକୀୟା ସାଧକ ମାନଙ୍କ ମଧ୍ୟରୁ ବିଲ୍ୱମଙ୍ଗଳ ଠାକୁର ସମ୍ଭବତଃ ସର୍ବଜ୍ୟେଷ୍ଠ । ତାଙ୍କ ପରକୀୟା ନାୟିକା ଚିନ୍ତାମଣି ତାଙ୍କୁ କାମନାର ଅଭେଦ୍ୟ ଗହ୍ୱରରୁ ଟାଣି ଆଣି ମୁକ୍ତିପଥ ନିର୍ଦ୍ଦେଶ କରି ଗୁରୁସ୍ଥାନ ଅଧିକାର କରିଥିଲେ ।'' ଚିନ୍ତାମଣି ବାରନାରୀ ହେଲେ ବି ବିଲ୍ୱମଙ୍ଗଳଙ୍କ ପାଇଁ ବରନାରୀରେ ରୂପାନ୍ତରିତ

ହୋଇ ଯାଇଥିଲେ । ତୁଚ୍ଛ ନାରୀ ପ୍ରେମରେ ବିଲ୍ୱମଙ୍ଗଳଙ୍କ ଏକାନ୍ତ ଆସକ୍ତିକୁ ଦେଖି ଚିନ୍ତାମଣି ତିରସ୍କାରକରି ସେଦିନ ତାଙ୍କୁ ଗୃହ ସମ୍ମୁଖରୁ ଫେରାଇ ଦେଇଥିଲେ । କହିଥିଲେ –

''ନରକ ଗନ୍ଧ ବହି ଆଣିଅଛ ଦେହେ/ସଂପାଦି କାହିଁ ରଖିବି ଆଦରେ ସ୍ନେହେ ?
ଫେରିଯାଅ ଆଜି ରହିବାର ନାହିଁ ସ୍ଥାନ/କରୁଣା ବାରିଧି ଶ୍ୟାମ ସୁଧାନିଧି
ବତାଇବେ ଏକା ଜ୍ଞାନ ।'' (କବିତା–ବିଲ୍ୱମଙ୍ଗଳ–ଚିନ୍ତାମଣି)

ବିଲ୍ୱମଙ୍ଗଳ କହିଲେ – ଏତେ ରାତିରେ ମୁଁ କୁଆଡ଼େ ଯିବି । ଅନ୍ଧାରରେ ମୁହଁକୁ ମୁହଁ ଦିଶୁନାହିଁ ପଥଘାଟ ପାଇବି କିପରି ? ଏତେ ଆଦର ଯତନ ପରେ ଏ ତିରସ୍କାର କଣ ମୁଁ ସହିପାରିବି । ଏତେ ଆଲୋକ ପଛ ଅନ୍ଧାରପରି ମୋତେ ବାଟବଣା କରିଦେବ । କିନ୍ତୁ ଚିନ୍ତାମଣି ଥିଲେ ନିର୍ବଚଳ । ସେ କହିଲେ ସେଇ ପରମ ସ୍ରଷ୍ଟାଙ୍କ ଇଚ୍ଛାରେ ଅନ୍ଧାର ପାଖେ ପାଖେ ଆଲୋକ ଖେଳିଥାଏ । ତୁମେ ଉଚ୍ଚ ସ୍ୱରରେ ଗୋପାଳ, ଗୋପାଳ ବୋଲି ଡାକ । ସେ ନିଶ୍ଚୟ ଧାଇଁ ଆସିବେ ଓ ତୁମକୁ କୋଳକୁ ଟେକି ନେବେ । ସେହିସବୁ ନିୟନ୍ତ୍ରଣ କରୁଛନ୍ତି । ସେ କଣ ତୁମ କୃଷ୍ଣପ୍ରୀତିର ମହତ୍ୱ ରଖିବେନି ?

ଏପରିକି 'ପଥସଂଗୀତ' ଶୀରୋନାମାରେ ବିଲ୍ୱମଙ୍ଗଳଙ୍କୁ ନେଇ ସେ ସାତୋଟି ସଂଗୀତ ମଧ୍ୟ ରଚନା କରିଛନ୍ତି ଯାହାର କାବ୍ୟିକ ମୂଲ୍ୟ ଯଥେଷ୍ଟ ରହିଛି ବୋଲି ମୁଁ କହିବି । ଏବେ କବିତା ପରି ଗୀତିକବିତା ଏକ ଶାଖା ଭାବରେ ବିବେଚିତ ହେଉଛି, ବିଶେଷତଃ ଯେଉଁ ଗୀତି କବିତାରେ ରୂପକ, ଉପମା, ରୂପକଳ୍ପ ଆଦି ରହିଛି ତାକୁ ଉତ୍କୃଷ୍ଟ କବିତା ଭାବେ ମଧ୍ୟ ସ୍ୱୀକୃତି ମିଳୁଛି । ସେଇ ଦୃଷ୍ଟିରୁ ଏ ସାତୋଟି ଗୀତିକବିତା ଉଚ୍ଚାଙ୍ଗ ସାହିତ୍ୟ ଭାବେ ନିଶ୍ଚୟ ବିବେଚିତ ହେବ । 'ବିଲ୍ୱମଙ୍ଗଳ–୧' ସଂଗୀତରେ ବିଲ୍ୱମଙ୍ଗଳ ପ୍ରଭୁଙ୍କୁ ଖେଦଜଣାଇ କହୁଛନ୍ତି –

''ଚକ୍ଷୁ ନେଲ/ଚାରଣନେଲ/ହୃଦୟେ ରୋପି ଯନ୍ତ୍ରଣା
କି ଅଛି ଆଉ/ହେ ମହାବାହୁ/ନେବାକୁ କର ମନ୍ତ୍ରଣା ?''

କିମ୍ବା 'ବିଲ୍ୱମଙ୍ଗଳ–୬' ଗୀତିରେ ସେଇ ଖେଦର ଗଭୀରତାକୁ ଅନୁଭବରେ ଆଣନ୍ତୁ ପାଠକେ ?

''କେଉଁ ସଜେ ତୁମେ ବଜାଅ ମୁରଲି/ଶୁଣୁନାହିଁ ବେନି ବଧିରା କାନ,
କୁଟାଖିଅ ପରି ଭଉଁରୀରେ ବୁଲି/ଅଥଳ ସାଗରେ ଆକୁଳେ ପ୍ରାଣ ।''

ଏହିପରି ଏ ୭ଟି ସଂଗୀତ ଖୁବ୍ ହୃଦୟ ଛୁଆଁ ଓ ମନଲୋଭା ହୋଇ ପାରିଛି । ସତରେ ଏ ପଦପଙ୍କ୍ତିର ତୁଳନା ନାହିଁ । ଅଥଚ ଏହିପରି ଅନେକ କବିତା ସେତେବେଳେ ଯେ ଆଧୁନିକ ମାନଙ୍କ ଆଖିର ଆଢୁଆଳରେ ରହିଗଲା– ତାହା କ୍ଷୋଭର ବଷୟ ।

'ବିଲ୍ୱମଙ୍ଗଳ' ଶୀର୍ଷକ ପରି 'ଚିନ୍ତାମଣି' ଶୀର୍ଷକରେ ମଧ୍ୟ ସେ କେତୋଟି କବିତା ଲେଖି ଯାଇଛନ୍ତି ଯାହା ପାଠକର ମନ ଓ ହୃଦୟକୁ ନିଶ୍ଚୟ ରସସିକ୍ତ କରିବ । ଯେଉଁ ଉଦ୍ଦାମ ପ୍ରୀତିକୁ ପ୍ରତ୍ୟାଖ୍ୟାନ କରି ଚିନ୍ତାମଣି ବିଲ୍ୱମଙ୍ଗଳଙ୍କ ଆଖି ଫିଟାଇ ଦେଇଥିଲେ, ତାଙ୍କୁ କୃଷ୍ଣ ଗତପ୍ରାଣ କରାଇ ପାରିଥିଲେ ସେ ନାରୀ ଯେ କେତେ ମହିମାମୟୀ ବୈକୁଣ୍ଠନାଥଙ୍କ କବିତାରେ ତାର ଭାବସତୀତ୍ୱ ଫୁଟିଉଠିଛି । ଚିନ୍ତାମଣି ଝଡ଼ ବର୍ଷା ଘନଘୋର ରାତିରେ ବିଲ୍ୱମଙ୍ଗଳଙ୍କୁ ଘର ଦ୍ୱାର ମୁହଁରୁ ଫେରାଇ ଦେଇ କମ୍ ଅନୁତପ୍ତା ହୋଇ ନାହାନ୍ତି । ବୈକୁଣ୍ଠନାଥଙ୍କ ଯାଦୁକାରୀ ଭାଷାରେ ତାର ଅନ୍ତର୍ବେଦନା କିପରି ଫୁଟି ଉଠିଛି ଦେଖନ୍ତୁ –

''ଘଉଡାଇ ଦେଲି ଫେରି ନ ଚାହିଁଲା/ କାହିଁ ଚାଲିଥିବ ଏକା
ନାରକୀ ନାରୀର ଭାଗ୍ୟ ଉଆଁସେ/ଆଉଥରେ ସତେ ଫୁଟିବକି  ଶଶୀରେଖା ?
ଦେହର ଅଦେହ ଖୋଜୁଥିଲା ସେତ/ଅଶାନ୍ତ ଝଡ ଭଳି !
ବରଜର ଜୀବ ପଥ ଖୋଜୁଥିଲା/ମୋତେ ସେ ଗୋପିନୀ କଳି !
ଦେବତା ଆଖିରେ ଅନ୍ଧପୁତୁଳି ଲଗାଇଥାନ୍ତି / କେତେଦିନ ଅବା ଆଉ
ଶୋକ ନରକରେ ଭସ୍ମ ହୁଏ ମୁଁ/ ସେ ଯେ ଦେବାତ୍ମା ଶିବ ଦରଶନ ପାଉ ।''

କିଂଶୁକ ପାଖରେ ପ୍ରୀତି ନିବେଦନ କରି ଷଟ୍‌ପଦ ମଧୁ ଆହରଣ କରି ନ ପାରିବା ଓ ଟାଙ୍ଗର ଭୂଇଁରେ ଶ୍ୟାମଳ ଶସ୍ୟ ନ ଫଳି ପାରିବା ପରି କଥା ଏ । ପରମ ପ୍ରିୟ  ବିଲ୍ୱମଙ୍ଗଳ ତାଙ୍କ ସାଧନାରେ କୃଷ୍ଣ ପ୍ରାପ୍ତି ହୁଅନ୍ତୁ – ଏହାହିଁ ଥିଲା ଚିନ୍ତାମଣିଙ୍କର ଏକମାତ୍ର କାମନା । ତେଣୁ ବିଲ୍ୱମଙ୍ଗଳଙ୍କ ପ୍ରୀତିଉନ୍ମାଦ ପୌରୁଷକୁ ସେ ଶ୍ୟାମ ଆମୁକ କରିଦେଇ ନିଜେ ମୁକ୍ତି ଅଭିଳାଷିଣୀ ହୋଇ ଉଠିଥିଲେ । ବିଲ୍ୱମଙ୍ଗଳଙ୍କ ମୁକ୍ତିରେ ସେ ମଧ ମୁକ୍ତ ହୋଇଯିବେ ଓ ଯମୁନାର  ନୀଳ ଜଳରାଶିରେ ଜୀବନର ସବୁ ପାପତାପକୁ ଧୋଇଦେବେ ବୋଲି ଆଶାୟୀ ହୋଇ ଉଠିଥିଲେ ଓ ଅନୁଜ୍ଞା କରିଥିଲେ – ''ପଥ ଦେଖନ୍ତୁ କ୍ଷିପ୍ର ଆକୁଳେ ଅନାଥ ରଣ/ଗୋବିନ୍ଦ ବନମାଳୀ ।'' ପ୍ରୀତିର ଏଇ ଉତ୍ତରିତ ଅନୁଭବ ସମ୍ଭବତଃ କବି ବୈକୁଣ୍ଠନାଥଙ୍କୁ ମୋହ ମୁଗ୍ଧ କରି ଦେଇଥିଲା । ନଚେତ୍ ବିଲ୍ୱମଙ୍ଗଳ ଓ ଚିନ୍ତାମଣିଙ୍କୁ ନେଇ ସେ ଏତେ ଗୁଡ଼ାଏ କବିତା କିପରି ଲେଖି ପାରିଥାନ୍ତ ? ଉଦ୍ଦାମ ପ୍ରୀତିକୁ ପ୍ରତ୍ୟାଖ୍ୟାନ କରି କିପରି ବା ଚିନ୍ତାମଣି ବିଲ୍ୱମଙ୍ଗଳଙ୍କ ଗୁରୁହୋଇ ପାରନ୍ତେ ? ଆଧୁନିକ ବାସ୍ତବତା ହୁଏତ ଏ ଅନୁଭବକୁ ସ୍ୱୀକୃତି ଦେବନାହିଁ, କିନ୍ତୁ ସେଇ ଅପାର୍ଥିବ ପ୍ରୀତିଲୀଳାର ଜୟକାର ଆମ ଚାରିଶହ ବର୍ଷର ମଧ୍ୟଯୁଗୀୟ କାବ୍ୟ ଓ ଗୀତି କବିତା କରି ନାହିଁକି ? ବୈକୁଣ୍ଠନାଥ ଯେ ସେହି ଅବିର୍ଷ କାବ୍ୟଧର୍ମର ପୁନରୁତ୍ଥାନରେ ନିଜର ସମସ୍ତ କାବ୍ୟରସିକତାକୁ ବିନିଯୁକ୍ତ କରି ଦେଇଥିଲେ ସେଥିପାଇଁ ସେ ଅବଶ୍ୟ ସ୍ମରଣୀୟ ରହିବେ ।

ବୈଷ୍ଣବୀୟ ଚେତନାରେ ଲେଖା ଯାଉଥିବା କବିତାରେ ରାଧାକୃଷ୍ଣ ହିଁ ସର୍ବଶ୍ରେଷ୍ଠ ପ୍ରସଙ୍ଗ ରୂପେ ଦେଖାଦିଅନ୍ତି । ମଧ୍ୟଯୁଗୀୟ କବିମାନେ କେହି କେହି ତାଙ୍କରି ଉପରେ କବିତା ଓ କେହି  କାବ୍ୟ ରଚନା କରିଯାଇଛନ୍ତି । ଶ୍ରୀକୃଷ୍ଣଙ୍କୁ କବି ବୈକୁଣ୍ଠନାଥ ବିଶ୍ୱର ଦେବତା ଓ ଶ୍ରୀରାଧାଙ୍କୁ ବିଶ୍ୱବିରହିଣୀ ପରମ ବୈଷ୍ଣବୀ ଭାବେ ପରିକଳ୍ପନା କରିଛନ୍ତି । ତେଣୁ ଲେଖିଛନ୍ତି –

ମାନବ ଆକୁଳେ ଆତ୍ମା ବିରହିଣୀ ରାଧା/ଲୋକଚକ୍ଷୁ ଅନ୍ତରାଳେ ଜଳି ଭୟ ବାଧା
ଚଳେ ଶୂନ୍ୟ ଅଭିସାରେ ଶ୍ରାବଣ ନିଶିଥେ/''କୃଷ୍ଣ ଚିର ପ୍ରାଣପ୍ରିୟ'' ଆକୁଳେ ସଂଗୀତେ ।

ଏଠି ବୈଷ୍ଣବ କବି ଅଭିମନ୍ୟୁଙ୍କ ରାଧାପରି ବୈକୁଣ୍ଠନାଥଙ୍କ ରାଧା 'ଶୂନ୍ୟ–ଅଭିସାର'ରେ ମାତି ରହନ୍ତି । ତେଣୁ ସେ ଅପ୍ରାକୃତ ପ୍ରେମମୂର୍ତ୍ତି ନୁହନ୍ତି ତ ଆଉ କଣ ? ଅବିନ୍ୟାର ପ୍ରଭାବରେ ତତ୍ତ୍ୱ ବିକାରଗ୍ରସ୍ତ ହେବାପରି ରାଧାକୃଷ୍ଣ ମିଳନକୁ ଦୈହିକ ମିଳନ ଭାବେ ସହଜିଆ ବୈଷ୍ଣବମାନେ ପରିକଳ୍ପନା କରନ୍ତି । କିନ୍ତୁ ବୈକୁଣ୍ଠନାଥ ଏ ପ୍ରେମକୁ 'ନିତ୍ୟ ବ୍ୟାକୁଳତା', 'ମୃତ୍ୟୁ ଅବସାଦ', 'ଅଶ୍ରୁ ବିରହ', 'ବାସନା ବିକୃତ ଜନପ୍ରାଣ ପରମାଦ', ବିହ୍ୱଳ ସ୍ୱପ୍ନ ଆଜି ନାନା ରୂପକ ଛନ୍ଦରେ ଉପସ୍ଥାପନ କରିଛନ୍ତି ।

ଉତ୍ତରାୟଣର 'ଗୋପୀଭାଷା' ବିଭାଗଟି ଗୋପୀ, ରାଧା ଓ ଶ୍ରୀକୃଷ୍ଣ ଏହି ମର୍ମରେ ବିଭାଜିତ । ଅଚ୍ୟୁତଙ୍କ ଠାରୁ ଏ ପର୍ଯ୍ୟାୟର ଆରମ୍ଭ ଓ 'ଉତ୍କଣ୍ଠିତା ରାଧା'ଙ୍କ ପାଖରେ ଶେଷ । ଏ ଅଧ୍ୟାୟଟି କେତୋଟି  କ୍ଷୁଦ୍ର ଓ ଦୀର୍ଘ କବିତାର

ସମାହାର ହେଲେ ବି ଏକ ଚମତ୍କାର ଭାବାବେଗରେ ପାଠକକୁ ଆଚ୍ଛନ୍ନ କରିରଖେ । ମଧ୍ୟଯୁଗୀୟ ସାହିତ୍ୟରେ ଗୋପୀ ଓ ଶ୍ରୀରାଧାଙ୍କ ବିଷୟରେ ଅନେକ କଥା ଲେଖା ଯାଇଥିଲେ ବି ବୈକୁଣ୍ଠନାଥଙ୍କ 'ଗୋପୀଭାଷା' ତାର ସ୍ୱରସଜ୍ଜା, ବିଷୟ ବିକ୍ଷେପ ତଥା ରାଧାଙ୍କ ମାନ ଅଭିମାନର କାରୁଣ୍ୟରେ ଆଧୁନିକ ସମଜଦାର ପାଠକକୁ ମୁଗ୍ଧ କରି ରଖେ । 'ଅଚ୍ୟୁତ' ଗୋପୀଭାଷାର ପ୍ରଥମ କ୍ଷୁଦ୍ର କବିତା ହେଲେ ବି ଖୁବ୍ ପ୍ରଭାବଶାଳୀ । କବି ସେଇ ମହାପୁରୁଷଙ୍କ ପରିଚୟ ଦେବାକୁ ଯାଇ କହନ୍ତି –

''ଅଚ୍ୟୁତ, ତୁମେ ନୁହେଁ ଖାଲି ନଟବର/ବଜାଇ ବଂଶୀ ଅଲକ୍ଷେ ବାଜିକର
ଦୁନିଆ ଗୋଟାକୁ ବନାଇଲ ତୁମେ ନାରୀ/ମର୍ମେ ମର୍ମେ ଅଗ୍ନି ଦହନ ଭରି ।
ମିଳନ ବାସନା, ବିରହ ଅନଳ ଜାଳି/ବଂଶୀ ଡାକଇ ଆଳି !
ମୁଗ୍ଧ ଗୋପିକା ବେପଥୁ ଅଙ୍ଗେ/ଛୁଟେ ଗୃହମାୟା ଛାଡ଼ି ।
ତୁଚ୍ଛ କରେ ସେ ସଂସାର ସ୍ୱାମୀବାଦ/ କୁଳଟା କରାଏ ତୁମରି ବଂଶୀନାଦ ।''

ଏ ପଦ ପଙ୍କ୍ତି ଗୁଡ଼ିକ ଏତେ ସରଳ ଓ ସାବଲୀଳ କେବଳ ଉଦ୍ଧୃତି ମାତ୍ରେଇ କବିଙ୍କ ବକ୍ତବ୍ୟ ସହଜରେ ବୁଝାପଡ଼େ । ତେଣୁ 'ଉଦ୍ଧୃତି' ଉପରେ ମୁଁ ଅଧିକ ଗୁରୁତ୍ୱ ଦେଇଛି । ଏଇ 'ଗୋପୀଭାଷା'ର ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱାମୀବାଦକୁ ଲଂଘନ କରି ଆସନ୍ତି ଜଣେ ଗୋପୀ, ସେଇ ଶ୍ରୀମୁଖକୁ ଦେଖିବାପାଇଁ ଓ ସେଇ ବଂଶୀନାଦକୁ ଶୁଣିବା ପାଇଁ ସେ ଏତେ ଅଣଆୟତ୍ତ ଯେ ଦେହ ମନ ବେଶ ବାସ ସବୁ ଭୁଲି, ସକଳ ଲଜ୍ଜାତ୍ୟାଗ କରି ଧାଇଆସନ୍ତି । ସେ ସମସ୍ତ ଗୋପୀଙ୍କ ପ୍ରତିନିଧି ହୋଇପାରନ୍ତି । ଶ୍ରୀକୃଷ୍ଣଙ୍କ ଚାହାଣୀ ଓ ଚପଳତା ମନେ ପଡ଼ିବାମାତ୍ରେ ତାଙ୍କର ଗଭା ଖୋଲିଯାଏ, ବେଶବାସ ଅସମ୍ଭାଳ ହୋଇ ଯାଏ । ତାଙ୍କରି ମନଲୋଭା ହେବାପାଇଁ କେତେମନ୍ତେ ସେ ନିଜକୁ ସାଜସଜ୍ଜା କରି ଧାଇଁ ଆସନ୍ତି କଦମ୍ବ ମୂଳକୁ । ସେ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରନ୍ତି – ତୁମେଇ ତ ଏ ଦେହ ଓ ମନରେ ଏତେ କ୍ଷୁଧା ଜାଳିଦେଲ, ଏ ଧରଣୀ ବୁକୁରେ ତୁମେଇ ରୂପ-ସମୁଦ୍ରର ଏକମାତ୍ର ସୁଧାଧାର । ତୁମରି ପାଇଁ ଏ ଗୋପିନୀ ଜାତିକୁଳ ଧର୍ମ ସବୁ ଭୁଲିଗଲା । କେତେ ଟାହି ଟାପରା ସମସ୍ତଙ୍କ ଠାରୁ ଶୁଣିବାକୁ ହେଉଛି । ମୋର ଛିଟ ପ୍ରଜାପତିପରି ବେଶକୁ ଦେଖି ନୀଳାମ୍ବରୀ କେବେବା କଳାମେଘୀ ଶାଢ଼ୀକୁ ଦେଖି ସେମାନେ ଏ ବିଟପୀ ବେଶ୍ କାହିଁକି ବୋଲି କହି ଟାପରା କରୁଛନ୍ତି । କିନ୍ତୁ ଏ ଜଗତ ଜାଣେନାହିଁ ଯେ ଯାହା ବେଶରେ ମୋହି ମୁଁ ନିଜକୁ ଏତେ ମାତ୍ରାରେ ସଜେଇ ଥାଏ ସେ ଅନ୍ତରରେ ଜଣେ ପରମ ବୈରାଗୀ । ତା ପ୍ରୀତି ସୁଧାରେ ସେ ସମସ୍ତଙ୍କୁ ବାୟାଣୀକରି ଦେଇପାରେ, ଯମୁନା ପୁଳିନକୁ ଯାଇ ଅସହାୟା ଗୋପୀଟି ତାର ଦେହମନ ଯୌବନ ତୁମକୁ ହିଁ ସମର୍ପି ଦେବାକୁ ବାଧ ହୁଏ । ଅଥଚ ତୁମେ ଏତେ ନିଷ୍ଠୁର କାହିଁକି ? କାହିଁକି ତେବେ ଅହରହ ବଂଶୀନାଦ କରି ଆମକୁ ଅସ୍ଥିର କରୁଛ ? ଆମେ ତ ତୁମର ଆଜୀବନ କିଣା ଚାକର ହୋଇ ରହିଛୁ । କେତେ ଦହଗଞ୍ଜ ହେଉଚୁ । ଅଥଚ ଚାରିଦିନ ହେବ ତୁମେ ଦେଖା ନ ଦେଇ କେଉଁଠି ଲୁଚିଛ ! ଏଇବାଟେ ଯାଉଛ, ଅଥଚ କିଣାଜନଟି ଏତେସରି କରୁଛ କାହିଁକି ? ତା' ଅପେକ୍ଷା ବିଷଦେଇ ମାରିଦେବା ଭଲ ହେବନିକି ? ''କାଚିତ୍ ଗୋପୀ'' ବୋଲି ସଂସ୍କୃତରେ ଯାହା କୁହାଯାଇଛି ଏ ସେଇ ନୁହନ୍ତି କି ? କି ଆକୁଳତା ଆଉ ବୈକୁଣ୍ଠନାଥଙ୍କ ପଦବିନ୍ୟାସରେ କି କୋମଳ କାରୁଣ୍ୟ । ଏତ ଗୋପୀମାତ୍ର କିନ୍ତୁ ନିଖିଳ ଗୋପୀଭାବେ କବି ଶ୍ରୀରାଧାଙ୍କୁ ଯେଉଁପରି ଉତ୍କୀର୍ଣ୍ଣ କରିଛନ୍ତି ତାହା ପରବର୍ତ୍ତୀ ପ୍ରସଙ୍ଗରେ ଦେଖନ୍ତୁ । 'ଉତ୍ତରାୟଣ'ର ଗୋପୀଭାଷା ଅଧ୍ୟାୟରେ ଶ୍ରୀରାଧାଙ୍କୁ 'ନିଖିଳଗୋପୀ' ଭାବେ କବି ଉପସ୍ଥାପନ କରିଛନ୍ତି । ଏଠି ସନେଟ୍ ରୀତିରେ ଓ କେଉଁଠି ବା ବ୍ୟତିକ୍ରମରେ ରାଧାଙ୍କୁ ଦୀର୍ଘ ଏକ କବିତାରେ ଉପସ୍ଥାପନ କରାଯାଇଛି । କୃଷ୍ଣଙ୍କ ବଂଶୀନାଦ ଶୁଣିବା ମାତ୍ରେ ରାଧା ସବୁ ବିରହ ଅଶ୍ରୁବ୍ୟଥା, ମାନ ଅଭିମାନକୁ ବିସ୍ମୃତ ହୋଇ ମିଳନଙ୍କୁ ସ୍ଥଳକୁ ଧାଇଁ

ଆସନ୍ତି । କେବେ ସେ ବିରହିଣୀ ଓ କେବେ ରାସର ରାଣୀ ବା ମହାନାୟିକା ସେ । ଶ୍ରୀ ରାଧା କେତେବେଳେ ଅଶ୍ରୁମୁଖୀତ କେତେବେଳେ ହାସ୍ୟବଦନା । କବିଙ୍କ ଭାଷାରେ –

''କେବେ ବିରହିଣୀ / କେବେ ସେ ରାସର ରାଣୀ
କେତେ ଭଂଗୀରେ/ ପରଷଇ ରସ ଜାଣି ।
ଅଶ୍ରୁମୁଖୀ ସେ / କେବେ ବା ହାସ୍ୟମୟୀ
କଳା ନାଦିନୀ ସେ / ଜୀବନ ଝରଣା/ଗର୍ବିତା ମହୀ ବହି ।''

ତେଣୁ ରାଧା ଛଳଛଳ ଝରଣାଟିଏ, ଯେ ସଗର୍ବରେ ମହୀକୁ ସିକ୍ତ କରିଦିଏ । ରାଧାଙ୍କ ରୂପଶୋଭା ପରି ତାଙ୍କ ପ୍ରୀତି ମଧ୍ୟ ଅବିନାଶୀ ଓ ଅକଳ୍ପନୀୟ । ବିଜୁଳିକୁ ବଳି ପ୍ରଶାର ଯାହାର ଗତି ଯାହାକୁ ଧ୍ୟାନ କରି କରି କେତେ ଯତି ପରାହତ ହୋଇଛନ୍ତି ସେଇ ସୃଷ୍ଟିର ଚିରନ୍ତନ ଶୋଭା ଧାରୀ ମୋହନ ଇନ୍ଦ୍ରଜାଲ ଶ୍ରୀରାଧା କେବେ ପୁରନାରୀ ପରି ଘରକୋଣରେ ବନ୍ଦିନୀତ କେବେ ଗତାଗତ ପଥରେ ଚଂପାଫୁଲ ଫୁଟେଇ ହାବ ଭାବ ହାସରେ କୃଷ୍ଣପ୍ରୀତିକୁ ଉପଜୀବ୍ୟ କରି ସେ ଅଭିସାର ପଥରେ ଗତିଶୀଳା । ତାଙ୍କ ରୂପକୁ ବର୍ଣ୍ଣନା କରିବାକୁ ଯାଇ କବି ପୁନଶ୍ଚ କହି ରଖିଛନ୍ତି –

''ପଲ୍ଲବଘେରା ସେ ନୀଳ ଅପରାଜିତା
ଭାଷା ସନ୍ଧାନୀ ବ୍ୟଥିତା ସେ ବା' କବିତା
ପାହାନ୍ତି ତାରା ଆପଣା ଭାବରେ ଭୋଳା
ଦୂର ପଲ୍ଲୀରେ/ଏକା ନୀଳକଇଁ/ଅଧ ନିମୀଳିତ ଡୋଳା ।

କଳା ମେଘରେ ବିଜୁଳି ପରି ତାଙ୍କର ଗତି, ଆଉ ବର୍ଷୁକ ଉନ୍ମୁକ୍ତ କଳାମେଘ ପରି ତାଙ୍କର ଉଦ୍ଦାମ କେଶରାଶି । ସେ ସବୁବେଳେ ଗଭୀର ଜଳରେ ଇନ୍ଦ୍ରବର ପରି ଶ୍ୟାମ ବଂଧୁଙ୍କୁ ହିଁ ଖୋଜୁଥାଏ ସେଇ ନିତ୍ୟାନନ୍ଦମୟୀ ଅନୁପମ ପ୍ରୀତି କୁଶଳା ନାରୀକବି ମନରେ ଦେହ ଓ ବିଦେହର ଭ୍ରମ ସୃଷ୍ଟି କରିପାରେ । କବି ହୁଏତ ଭାବେ ଦେହ କଣ ଏତେ ଶୋଭାର ଉତ୍ସକୁ ଧରିପାରେ ? ପୁଣି ଭାବେ ସେଇଥି ପାଇଁ ତ ସେ ବିଦେହୀ – ମନରେ ମନରେ ତାର ବିଚରଣ । କୃଷ୍ଣ ନାମରେ ସେଇ ଅନୁପମା ସୁନ୍ଦରୀ ସମସ୍ତ ପାପକୁ ଅକାତରେ କ୍ଷମା କରି ଦେଇପାରେ । ତାଙ୍କ ରୂପଶୋଭା ବର୍ଣ୍ଣନା କରିବା ପାଇଁ ଯୁଗେ ଯୁଗେ କବିମାନେ ଅକ୍ଷମତା ହିଁ ପ୍ରକାଶ କରିଛନ୍ତି । ପ୍ରଭାତ ସୂର୍ଯ୍ୟର ମୟୂଖ ପରି ଶ୍ରୀରାଧା ସବୁବେଳେ ନିଜ ରୂପରେ ଶୋଭା ବିସ୍ତାର କରିଥାନ୍ତି । ଗତାଗତ ବେଳେ ସେ ଆଖିପତା ମେଲିଦେଲେ ସେଥିରେ କୃଷ୍ଣବିରହ ବ୍ୟଥା ହିଁ ବିକୀରିତ ହୋଇଥାଏ । ଶ୍ୟମ ନାମ ସ୍ମରଣକରି ସେ ଗଭାରେ ଫୁଲଟିଏ ଖୋସିଦେଲେ ମୁକୁଳା ବେଣୀର ରୂପ ବନ୍ୟାରେ ପୃଥିବୀ ରାଣୀ ତାର ଥଳକୂଳ ହରାଇ ବସେ । ଏତେ ଶୋଭାର ଭଣ୍ଡାର ଧାରଣ କରି ମଧ୍ୟ ପୃଥିବୀର ରୂପଗର୍ବ ଚୂନା ହୋଇଯାଏ । ତାର ଅଙ୍ଗେ ଅଙ୍ଗେ ଶ୍ୟାମ ନାମରେ ଗୀତ ଯେପରି ପ୍ରତିଧ୍ୱନିତ ହେଉଥାଏ, ସତେ ଯେପରି ସେ ''ନଖିଳାନନ୍ଦ ଶୋଭାର ସେ ପାଟରାଣୀ।'' ପୁଣି ତାଙ୍କ ବିରହିଣୀ ବେଶ ଯେ ଦେଖିଛି ସେ ଧନ୍ୟ ହୋଇଯାଇଛି । ସତେ ଯେପରି ବୃନ୍ଦାବନର ଅରଣ୍ୟ, ଗିରି ଆକାଶ, ହୃଦୟଭେଦୀ ଶୋକରେ ଆଚ୍ଛନ୍ନ ହୋଇ ଉଠିଛନ୍ତି । ବୃନ୍ଦାବନର ଅଧିବାସୀଙ୍କ ଛାତି ତାଙ୍କ ଦୁଃଖରେ ସତେ ବା ଚିରି ହୋଇ ଯାଉଛି । ଯାହାପାଇଁ ନିଶି ଉଜାଗର ରହି ସେ ବାସକ ସଜ୍ଜା ଭାବେ ଅପେକ୍ଷା

।୪। କବିତା–ରାଧାକୃଷ୍ଣ–ଉତ୍କଳସାହିତ୍ୟ ୩୭ ଭାଗ, ବୈଶାଖ ୧୩୩୯, ୧ମ ସଂ ବା ଏପ୍ରିଲ ୧୯୩୩ ମସିହାର ରଚନା

କରିଛନ୍ତି, କୁଳକାମିନୀ ହୋଇ ଲଜ୍ଜାକୁ ଛାଡିଛନ୍ତି, ତାଙ୍କ ସମଗ୍ର ଅମରାବତୀ ବି ଆଜି ବିଷ ତୁଲ୍ୟ । ଆଖିରୁ ଝରଣା ପରି ବହିଯାଉଛି ଅବାରିତ ଅଶ୍ରୁଧାରା । ଶୂନ୍ୟକୁ ଚାହିଁ ସତେ ଅବା ବିରହିଣୀ ରାଧା ପ୍ରଳାପ କରୁଛନ୍ତି । ନଚେତ୍ ତମାଳ ତରୁକୁ କୋଳାଗ୍ରତ କରିବାକୁ ସେ କାହିଁକି ଧାଆଁନ୍ତେ । ତାଙ୍କରି କ୍ରନ୍ଦନ ସତେ ଯେପରି କଳାମେଘରେ ଚଡ଼ଚଡ଼ ହୋଇ ଶୁଣାଯାଉଛି । ଘନ ଅନ୍ଧାର ଭିତରେ ଶ୍ରାବଣର ବାରିଧାରା ଯମୁନାରେ ବନ୍ୟାର ପ୍ଲାବନ ସୃଷ୍ଟି କରିଛି । କୃଷ୍ଣ ଅଦର୍ଶନରେ ଜ୍ୱାଳା ତାଙ୍କୁ ଯେ ଅଥୟ କରୁଚି – ସମଗ୍ର ପ୍ରକୃତି ସେଥିପାଇଁ ଶୋକାତୁର । ରାଧା ବିରହ ବ୍ୟଥାରେ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରୁଛନ୍ତି କାଳେ ହଠାତ୍ ଶ୍ୟାମ କେଉଁଠି ପହଂଚିଯିବେ । ସେ କହୁଛନ୍ତି –

''ତୁମେ ନା ମୁରଲୀ ମୁଁ ତା ମନୋରମ ସ୍ୱନ
ମୋ ଦୀନତା ଦେଖି ହସନ୍ତି ଜଗତ ଜନ
ସୁରଭିକୁ ଛାଡ଼ି ଜୀଏ କି ରଜନୀଗନ୍ଧା ?
ଛନ୍ଦ କବିତା ସମାନ ଏ ଜୀବ ବନ୍ଧା ।''

କୃଷ୍ଣ ବିରହେ ତନୁରେ ତୀବ୍ର ଜ୍ୱର / କେବେ ହୁଏ ମୂକ କମ୍ପରେ ଥରଥର ।
ତନୁ ହୁଏ କ୍ଷୀଣ ଭୂତ ଗ୍ରାସ କଲାପରି/ଅଶନେ ଥରୁଚି ଅବାରିତ ଲୁହ ଝରି ।''

ଛନ୍ଦକୁ ଛାଡ଼ି କବିତା କେବେ ବିହ୍ୱଳ ହୋଇଗଲା –ସେଥିପାଇଁ ନିଶ୍ଚୟ ଛାନ୍ଦସିକ କବି ବୈକୁଣ୍ଠନାଥ ଓ ତାଙ୍କ ସମସାମୟିକ କବି ରାଧାମୋହନ ଗଡ଼ନାୟକଙ୍କ ମନରେ ଗଭୀର ବ୍ୟଥା ସୃଷ୍ଟି ହୋଇଥିଲା । ରାଧା ମୋହନ ଆଧୁନିକ ମୁକ୍ତ ଛନ୍ଦର ଧାରାକୁ ଶେଷ ଜୀବନରେ ମାନିନେଇଥିଲେ ହୁଏତ, କିନ୍ତୁ ବୈକୁଣ୍ଠନାଥ ଶେଷ ପର୍ଯ୍ୟନ୍ତ ଛନ୍ଦକୁ ଛାଡ଼ି ପାରି ନଥିଲେ – ଯେଉଁପରି ତାଙ୍କ ବିଚାରରେ, ରାଧାକୃଷ୍ଣଙ୍କୁ ଛାଡିବା ଅସମ୍ଭବ, ଏବେ ରାଧିକାଙ୍କ ଏ ଦୁଃସ୍ଥ ଦୁର୍ଗତ ଅବସ୍ଥା ଦେଖି ଗୋପୀମାନଙ୍କ ସହିତ ନିଖିଳ ବିଶ୍ୱ ହାହାକାର କରୁଛି, ବୃନ୍ଦାରଣ୍ୟ ଶ୍ମଶାନପଦା ପରି ମନେ ହେଉଛି, ଶୁକ ଶାରୀ ପିକ ନୀରବ ହୋଇ ଯାଇଛନ୍ତି । ଷୋଳସହସ୍ର ଗୋପନାରୀ କେବଳ କାନ୍ଦିବାରେ ଲାଗିଛନ୍ତି ।

ଶ୍ରୀକୃଷ୍ଣ ପରମାତ୍ମା ହେଲେ ରାଧା ଜୀବାତ୍ମା । ଉଭୟଙ୍କ ମିଳନରେ ହିଁ ବୃନ୍ଦାରଣ୍ୟ ସୁନ୍ଦର ହୋଇ ଉଠେ । କୃଷ୍ଣଙ୍କ ବିରହରେ ରାଧା ଯେ କିପରି ଛଟପଟ ହୁଅନ୍ତି ତା ସମସ୍ତେ ଦେଖନ୍ତି । କେହି କେହି ସମବେଦନା ଜଣାନ୍ତି, କେହିବା ଥଟ୍ଟା କରନ୍ତି ।

''ଅୟୁତ ଯୁଗର ପ୍ରୀତିବନ୍ଧନ–ଡୋରି/ଟାଣେ ଦେହ ମନ ଅଜ୍ଞାତେ କରେ ଚୋରି
ସ୍ୱେଦ ରୋମାଞ୍ଚେ ହରାଇ ବସଇ ଚେତା/ନୟନ ତେଜରେ କୃଷ୍ଣ ବିରହ ବ୍ୟଥା
ଆଷାଢ଼ ଗଗନ କୃଷ୍ଣ ଜଳଦ ଘୋଟେ/ ''ହା' କୃଷ୍ଣ'' ବୋଲି କେବେ ସେ ଭୂତଳେ ଲୋଟେ ।''

ଏସବୁ କାବ୍ୟପଙ୍କ୍ତି ପଢ଼ିଲାପରେ ସତେ ଯେପରି ମନେହୁଏ କେହି ମଧ୍ୟ ଯୁଗର କବିଟିଏ ରାଧାଙ୍କ ବିରହରେ ବ୍ୟଥାଗ୍ରସ୍ତ ହୋଇ ଏ ସୁଲଳିତ ପଦାବଳୀ ଲେଖି ଚାଲିଛି । କିନ୍ତୁ ତାରି ଭିତରେ ଆଧୁନିକତାର ଯେଉଁ ରୂପକଗୁଡ଼ିକ ଖଂଜି ଦିଆଯାଇଛି ତାକୁ ଚିତ୍ତର ଆସ୍ୱାଦନ କରିବା କଥା । ଉତ୍କଣ୍ଠିତା ରାଧା ପୁଣି ସ୍ମରଣ କରନ୍ତି ସେହିଦିନକୁ ଯେଉଁଦିନ ଲୁଚି ଲୁଚି ଆସି କୃଷ୍ଣ ତାଙ୍କ ପାଦରେ ଅଳତା ଲଗାଇ ଦେଇଥିଲେ । ପୁଣି ବେନିପାଦରେ 'କୃଷ୍ଣ' ବୋଲି ତାଙ୍କ ନାମ ଲେଖିଦେଇଥିଲେ । ଶ୍ରୀକୃଷ୍ଣଙ୍କ ଇଚ୍ଛା ହିଁ ତାଙ୍କର ଏକମାତ୍ର ଆନନ୍ଦମୟ କାମନା । ସେଥିରେ ସେ କେବେବି ବାଧା ଦେଇ

ପାରନ୍ତିନି । କେତେ ପ୍ରକାର ଚାଟୁକଥାରେ ସେ ରାଧାଙ୍କ ମନକୁ ମୋହି ଦିଅନ୍ତି । ରାଧା ଭାବନ୍ତି ସେ ହସକୁ ଚାଟୁବାଣୀ ଶୁଣୁ ଶୁଣୁ ତାଙ୍କ ଜୀବନ ଚାଲିଯାନ୍ତା କି ! କୁଳଟା ଶ୍ରେଣୀରେ ପଛେ ତାଙ୍କ ନାମ ଲେଖା ହେଉ–ସେଥିପାଇଁ ତାଙ୍କର ତିଳେମାତ୍ର ଭ୍ରୂକ୍ଷେପ ନଥାଏ । ରାଧା କହନ୍ତି –

> ''ଗରବ ମୋହରି ତୁମେ କାୟା ମୁହିଁ ଛାୟା
> ଜ୍ଞାନୀଏ କହିବେ ଅରୂପ ପ୍ରୀରତି ମାୟା
> ଲାଗିଥାଉ ମାୟା କୋଟିଏ ଜନମ ଧରି
> ପ୍ରତି ଜନମରେ ପ୍ରୀତି ନୂଆ ରୀତି/ଆହ୍ଲାଦେ ନେବି ବରି ।''

ଦୀର୍ଘ ୧୨ ପୃଷ୍ଠାରଏ କବିତା – ସମାନା ଯତି ଓ ଲୟରେ ଲେଖି ଚାଲିଛନ୍ତି ବୈକୁଣ୍ଠନାଥ । କେଉଁଠି ଦ୍ୟୁରୁକ୍ତି ନାହିଁ, ପାଠକ କ୍ଲାନ୍ତି ଅନୁଭବ କରିବାର ନାହିଁ । ଶବ୍ଦ ଗଠନର ଚମତ୍କାରିତା ବିରହ ଭାବନାକୁ ମନମତାଣିଆ କରି ଦେଉଛି । ସତେଯେପରି ନିଜେ କବି ଶ୍ରୀରାଧା ଓ ତାଙ୍କ ପ୍ରିୟ ପରମ ହେଉଛନ୍ତି ଶ୍ରୀକୃଷ୍ଣ ।

ଅଲୌକିକ ପୁରୁଷ ଓ ନାରୀଙ୍କ ଠାରୁ ଆମେ ଯେତେବେଳେ ଇତିହାସର ପୁରୁଷ ଓ ନାରୀମାନଙ୍କ ପାଖୁ ଆସିବା ଏଇ ବୈଷ୍ଣବୀୟ ଚିନ୍ତା ଚେତନାକୁ ନେଇ କବି ସବୁବେଳେ ଚଣ୍ଡିଦାସ ଓ ତାଙ୍କ ପ୍ରେମିକା ରାମୀର ଉପାଖ୍ୟାନ କହିବାକୁ ଆଗଭର ହୋଇ ଉଠିଛନ୍ତି । ଗ୍ରନ୍ଥାବଳୀର ୧ମ ଓ ୨ୟ ଭାଗରେ ସେହି ସଂପର୍କୀୟ କବିତା ସଂଖ୍ୟା ସର୍ବମୋଟ ତିନୋଟି । ତେବେ ରାଧାକୃଷ୍ଣ ପ୍ରେମର ଇତୀର୍ଣ୍ଣତା ଏ କବିତାରେ ମିଳେନାହିଁ – ତାହାହିଁ ଶୋଚନାର କଥା । (କବିତା 'ରାମୀ' ଗ୍ରନ୍ଥାବଳୀ ୧ମ ଭାଗ ପୃ ୭୪, ଓ ଅନ୍ୟକବିତା 'ପରକୀୟା' – ରାମୀ ଓ 'ଚଣ୍ଡୀଦାସ'–ଗ୍ରନ୍ଥାବଳୀ ୨ୟ ଭାଗ ପୃ ୩୭୧ ଓ ୩୭୨)

ତାଙ୍କର 'କୁବ୍‌ଜା' ନାମରେ ଗୋଟିଏ କବିତା 'ଉତ୍ତରାୟଣ' କବିତା ସଂକଳନରେ ସ୍ଥାନିତ । ଏ କବିତାଟି ପୁନଶ୍ଚ କୃଷ୍ଣ ଓ କୁବ୍‌ଜା ପ୍ରସଙ୍ଗକୁ ନେଇ ଏକ ରସୋତ୍ତୀର୍ଣ୍ଣ କବିତା ବୋଲି କହିବାକୁ ହେବ । ଅବହେଳିତା ଗୋପୀନୀ କୁବ୍‌ଜା ତାର କୌଣସି ସଜନୀକୁ କହୁଛି –

> ଗନ୍ଧବାସ୍ତେ ଭରଇ କାନନ ଭୂଇଁ/ସେଇ ପରକାରେ ସଜନି ! ସିନାରେ ମୁହିଁ
> ନାହିଁ ରୂପଭେକ ଦେହମନ ସବୁ କୁଜା/ଲଜ୍ଜା ଭୁଲି ମୁଁ ନିଶିଦିନ କରେ ଶ୍ୟାମ ବଂଧୁରେ ପୂଜ ।

ସେ ମୋ ପରି ଅସୁନ୍ଦରୀ ପାଖକୁ କେଉଁ ଗୁଣରେ ବା ଆସିବ । ତେବେ ତା ବଂଶୀନାଦକୁ ମୁଁ ସବୁବେଳେ କାନ ଡେରିଥାଏ । ସେ ସ୍ୱନରେ ମୋ ପୋଡାମନ ଉଚ୍ଛନ୍ନ ହୋଇ ଉଠେ ।

> ଆସିବ ଆସିବ କାନେ କିଏ କହେ/ସକଳ କରିବ ଚୋରି
> ଗଭୀର ରାତିରେ ପ୍ରୀତି ଯାଚିଦେବ/ଚାହିଁ ଥାଆ ସୁନା ଗୋରୀ ।

ଅଥଚ ବର୍ଷ ପରେ ବର୍ଷ ଗଡ଼ିଯାଏ ସେ ଆସେ ନାହିଁ । ମଳୟ ଧରାକୁ ସୁରଭିରେ ଭରିଦିଏ କୋଇଲି ପଞ୍ଚମ ତାନରେ ଚୂତ ବୃକ୍ଷରୁ କୂଜନ କରେ । ବସନ୍ତ ଯାଏ, ଗ୍ରୀଷ୍ମ ଯାଏ, ବର୍ଷା ଋତୁ ଆସେ । କ୍ଷେତରେ ଓ ପର୍ବତରେ ସବୁଜ ଲହରୀ ଖେଳିବୁଲେ, କଦମ୍ବ କୋରକ ରୋମାଞ୍ଚିତ ହୋଇ ଉଠେ । କୁବ୍‌ଜାଙ୍କ ଧ୍ୟାନ ସତେ ଯେପରି ବାଉଳା ହୋଇ ଉଠୁଛି । ସେ ଆସୁଛନ୍ତି କି ?

''ଆସୁଚିକି ରାଜା ଛାଡ଼ି ତା' ସିଂହାସନ
ଖତଗଦାକୁ ବା କାହିଁକି ରସିବ ମନ
ନାରକୀ ନାରୀ ମୁଁ ବ୍ୟର୍ଥେ ଭରମେ/ଗୋଳା ଗରଳକୁ ପିଇ
ବାଟ ଅବାଟେ ମୁଁ ଧାଇଁ ଧାଇଁ ବୁଲେ /ଜୀର୍ଣ୍ଣ ବାସକୁ ସିଇଁ ।

ସେ ସତେ କଣ ଦେଖାଦେବେ ? ହୁଏତ ତାଙ୍କୁ ଗୋଳା ଚନ୍ଦନରେ ଭୂଷିତ କରିଦେବାକୁ କୁବ୍‌ଜା ଅପେକ୍ଷା କରି ରହନ୍ତି । ନଟବର ଗିରୀଧାରୀ ଆସିଲେ ସେ ରାତିକ ପାଇଁ ତାଙ୍କୁ ନିଜ ପଣତ କାନିରେ ବାନ୍ଧି ରଖିବ କେବେବି ଛାଡ଼ିବ ନାହିଁ । କବିତାଟିର ସମାପ୍ତି ଏଇଠି କିନ୍ତୁ ଶ୍ରୀକୃଷ୍ଣଙ୍କ ଆଗମନରେ ଓ ସ୍ପର୍ଶରେ କୁବ୍‌ଜାର ଦେହ ଓ ମନରେ ଆସିଥିବା ପରିବର୍ତ୍ତନ ବିଷୟରେ କିଛି ଲେଖା ଯାଇଥିଲେ କବିତାଟି ପୂର୍ଣ୍ଣତା ପାଇଥାନ୍ତା । ଏମିତି ଅଧାଅଧା ରହିଗଲା ପରିଲାଗିଲା । (କୁବ୍‌ଜା – ଉତ୍ତରାୟଣ, ଗ୍ରନ୍ଥାବଳୀ ୨ୟ–ପୃ. ୨୬୪)

'କୁବୁଜା' ପରି ଆଉ ଗୋଟିଏ କବିତା 'ଅଭିଆଡ଼ୀଟାଣ' ପୌରାଣିକ ସ୍ୱୀକୃତି ନ ପାଇ ଥିଲେ ବି କବି ଅନ୍ତରରେ ମହାର୍ଘ ସ୍ଥାନଟିଏ ବାଛି ନେଇଛି କବି ବୈକୁଣ୍ଠନାଥଙ୍କ କୃଷ୍ଣ ପ୍ରୀତିର ଅନ୍ୟତମ ନିଦର୍ଶନ ଧରି । ଅଭିଆଡ଼ୀଟି ସତେ ଯେପରି ଆଉ ଜଣେ ମୀରାବାଇ । ତାର ବାନ୍ଧବୀର ବିଭାଘରରେ ଆଲୋକସଜ୍ଜା ଆଖି ଚମକେଇ ଦେଉଛି କିନ୍ତୁ ତା' ଘରେ ଦୀପାଲୋକ ମଳିନତାରେ ସେ ମନେମନେ ସେଇ ପରମପ୍ରେମିକ ଶ୍ରୀକୃଷ୍ଣଙ୍କୁ ହିଁ ତାର ବର ଭାବେ ବରଣ କରି ଅପେକ୍ଷା କରିଛି । ବିବାହ ଉତ୍ସବକୁ ଆସିଥିବା ସାଙ୍ଗଟି ତାକୁ ପଚାରିଛି –

''ରୋଷଣୀ ଆଲୁଏ ସବୁରି ଧିଆନ/ଆମେ ଯେ ଅପୂଜା ଫୁଲ
ପୁରୁନାହୁଁ ଥରେ ବ୍ରଜବନ୍ଧୁକୁ/କେବେ ଦେବେ ପୂଜା ମୂଲ ।''
ମିଛଟାରେ ପାଳୁ ତା' ପୂଜା ବରତ/ବୟସ ଯାଉଛି ଖସି
ଶୁଣିଛୁ କେବେ କି ମଉଳା ଫୁଲକୁ/ଷଟ୍‌ପଦ ଆସେ ରସି ।

ଅଭିଆଡ଼ୀ କୃଷ୍ଣପ୍ରୀତି ପ୍ରତ୍ୟାଶୀ ଝିଅଟି ଉତ୍ତର ଦେଇଛି – ''ଆମବର ବ୍ରଜର ରାଜା । ସେ କେଉଁ ଖଞ୍ଜରେ ଆସି ହାତଧରି ନେବେ କେହି ବି ଜାଣିବେ ନାହିଁ । ଦେଖିଲୁନି କି କିପରି ସେ ରୁକ୍ମଣୀଙ୍କୁ ନେଇଯାଇଥିଲେ । କୁବୁଜାକୁ ଯେ କୁଜରେ ହାତ ଛୁଆଇଁ ଦେଇ ସୁନ୍ଦରୀ ନାରୀରେ ପରିଣିତ କରିଥିଲେ, ମୁଁ କଣ ତା' ଠାରୁ ଅଧିକ ହୀନିମାନ ? ମୋର ମନ କହୁଛି ସେ ନିଶ୍ଚୟ ମୋ ରୂପରେ ବିମୋହିତ ହୋଇ ମୋର ହୋଇ ଦିନେ ପରିଚୟ ଦେବେ, ସେ କ୍ଷୀଣ ଦୀପା ଲୋକରେ ହିଁ ଆସିବେ ରୋଷଣୀ ଓ ଆତସବାଜୀରେ ସେ ଧରାଦେବେ ନାହିଁ । ''ସେଇ ମୋର ସ୍ୱାମୀ/ଦିନ ତାର ଗଣି/ଅଭିହାଡ଼ୀ ଲୁହ ଝାରେ ।'' ମନ ନ ମାନିଲେ ବିଭାଘର ପରେ ବି ବରଘର ବୋହୂଟିକୁ ତଡ଼ି ଦେଇ ପାରନ୍ତି, କିନ୍ତୁ ଶ୍ୟାମ ପ୍ରୀତି ବାତୁଳୀ ଅଭିଆଡ଼ୀ ଝିଅଟିଏ ତାଙ୍କୁ ବିବାହ କଲାପରେ ଲେଉଟି ଆସିଥିବା କେଉଁଠି ଶୁଣା ଅଛିକି ? ଆଜନ୍ମରୁ ମୁଁ ତାଙ୍କରି ପାଇଁ ପ୍ରତ୍ୟାଶିତା । ତେଣିକି ଯାହା ମୋ ଭାଗ୍ୟରେ ଥିବ ତାକୁ ମୁଁ ଭୋଗିବାକୁ ଡରବି କାହିଁକି ? –ଏପରି ଏକ ପରିକଳ୍ପନାରେ ଅନ୍ୟ କୌଣସି କବି କବିତାଟିଏ ଲେଖିଛନ୍ତି ବୋଲି ମୋର ମନେ ହୁଏ ନାହିଁ । ଅବଶ୍ୟ ଗୀତି କବିମାନେ ଶ୍ୟାମ–ପ୍ରେମରେ ମଜ୍ଜି ଯାଇ ଅନେକ ସଂଗୀତ ରଚନା କରିଛନ୍ତି, କିନ୍ତୁ ବୈକୁଣ୍ଠନାଥଙ୍କ ଏ 'ଅଭିଆଡ଼ୀର ଟାଣ' ଏକ ଶୁଦ୍ଧ ସୁବର୍ଣ୍ଣ କବିତା ବୋଲି କହିବାକୁ ହେବ । କବି ଏଇ ବୈଷ୍ଣବୀୟ ଚେତନାରେ 'ମୀରାବାଈ', 'ନିମାଇଁ ସନ୍ୟାସ', 'ଦୀନକୃଷ୍ଣ' ଶୀର୍ଷକ ଆଉ କେତୋଟି କବିତା ଲେଖିଥିଲେ ବି ତାକୁ ସନ୍ଥପ୍ରଣତି ପର୍ଯ୍ୟାୟରେ ଆଲୋଚନା କରିବା ଅଧିକ ଉପାଦେୟ ମନେ କରୁଛି ।

**ପ୍ରେମ ଓ ପ୍ରଣୟ** – ଉପରିଲିଖିତ ଆଲୋଚନାରୁ ଜଣାଯିବ ପ୍ରେମ ଓ ପ୍ରଣୟ କବି ବୈକୁଣ୍ଠନାଥଙ୍କ କବିତାର ଏକ ବିଶିଷ୍ଟ ବିଭାବ । କିନ୍ତୁ ଏ ପ୍ରଣୟ ଦେହଧର୍ମୀ ନୁହେଁ, ନୁହେଁ ମଧ୍ୟ ଆତ୍ମସର୍ବସ୍ୱ । ତାଙ୍କ କବିତାର ପ୍ରେମ ସଂପର୍କରେ ବିଶିଷ୍ଟ ସମାଲୋଚକ ଅଧ୍ୟାପକ ଚିନ୍ତାମଣି ବେହେରା କହିଛନ୍ତି – ''ସତ୍ୟ, ସୌନ୍ଦର୍ଯ୍ୟ ଓ ପ୍ରେମ ଅତି ଅନ୍ତରଙ୍ଗ ଭାବେ ତାଙ୍କ କବିତାରେ ଜଡ଼ିତ । ଏ ଉପଲବ୍‌ଧି ମୂଳତଃ ରୋମାଣ୍ଟିକ୍ କବି କୀଟସ୍‌ଙ୍କ ନିକଟରୁ ଆସିଥିଲେ ବି ଏବଂ ଓଡ଼ିଆ କବି ରାଧାନାଥଙ୍କ କବିତାରେ ସେ ଅନୁଭୂତି ପ୍ରଥମେ ପ୍ରକାଶ ପାଇଥିଲେ ବି ସବୁଜକବି ବୈକୁଣ୍ଠନାଥ ସେ ଅନୁଭୂତିକୁ ପୂର୍ଣ୍ଣତର ଭାବରେ ଉପଲବ୍ଧି କରି ଗାଇଛନ୍ତି –

> ସୌନ୍ଦର୍ଯ୍ୟ ପରମ ସତ୍ୟ / ସତ୍ୟ ସହି ପରମ ସୁନ୍ଦର
> ପୀରତି ଆଦର୍ଶେ ଆହା ପାଇ ଧନ୍ୟ ମାନବ ଅନ୍ତର ।'' (ଜାହ୍ନବୀ)

ସତ୍ୟ, ସୌନ୍ଦର୍ଯ୍ୟ, ପ୍ରୀତି ଆଦର୍ଶର ସୂତ୍ରରେ ଗ୍ରଥିତ ଏଇ ପ୍ରେମ, ବୈକୁଣ୍ଠନାଥଙ୍କ ମତରେ ସମୁଦାୟ ମନୁଷ୍ୟ କର୍ମର ଉଦ୍ଦୀପକ, ଜୀବନର ସର୍ବଶ୍ରେଷ୍ଠ ପାରମିତା, ମୁକ୍ତି ଓ ପୂର୍ଣ୍ଣତା ପ୍ରଦାନକାରୀ ଜୀବନର ପୂର୍ଣ୍ଣତମ ମହାଶକ୍ତି । ('କାବ୍ୟ ସଂଚୟନ ଓ କବି ବୈକୁଣ୍ଠନାଥ' – ଚିନ୍ତାମଣି ବେହେରା ବୈକୁଣ୍ଠନାଥ ପରିକମା–ସଂପାଦନା ନିତ୍ୟାନନ୍ଦ ଶତପଥୀ ପୃ. ୧୫୯) । ତେଣୁ ଏପରି ପ୍ରେମରେ ଦେହ କାମନା ନାହିଁ, ରହିଛି ସମର୍ପଣର ସଂକଳ୍ପ, ଭୋଗ ପରିବର୍ତ୍ତେ ତ୍ୟାଗର ତପସ୍ୟା । ତାଙ୍କ ଗ୍ରନ୍ଥାବଳୀର ୨ୟ ଭାଗରେ 'ଗତ–ଦେବଜାନୀ ପ୍ରସଙ୍ଗ' (ପୃ ୪୩୮), 'ଜୟଦେବ–ପଦ୍ମାବତୀ' (ପୃ ୪୪୦) ପ୍ରସଙ୍ଗ, 'ବିଲ୍ୱମଙ୍ଗଳ–ଚିନ୍ତାମଣି' ପ୍ରସଙ୍ଗ, 'ବିୟେତ୍ରିଶ' ପ୍ରସଙ୍ଗ, ଚଣ୍ଡୀଦାସ–ରମୀ ପ୍ରସଙ୍ଗରେ ରଚିତ କବିତା 'ପ୍ରୀତି ବିରହିଣୀ' (ପୃ ୩୦୫) – ଏସବୁ କବିତା ଠିକ୍ ଭାବେ ସଂପାଦିତ ହୋଇପାରିଲେ ତାଙ୍କ ପ୍ରେମ–ଆଭିମୁଖ୍ୟର ଚିରନ୍ତନତାକୁ ପ୍ରକାଶ କରିପାରନ୍ତା । ଏସବୁ କବିତା ଏଇ ପ୍ରେମ ପର୍ଯ୍ୟାୟରେ ଗ୍ରନ୍ଥାବଳୀରେ ସଂପାଦିତ ହେବା ନିହାତି ଦରକାର । ପ୍ରେମରେ କବି ବିରହ, ତ୍ୟାଗକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କବି Dryden କହିଥିବା ପରି –

> ''Pain of love be sweeten for
> Than all other pleasures are''

ବୈକୁଣ୍ଠନାଥ ଯେଉଁଠି ଯେତେବେଳେ ସୁଯୋଗ ପାଇଛନ୍ତି ପ୍ରେମକୁ ହିଁ ଖୋଜିଛନ୍ତି । ଏପରିକି ମଉଳା ଫୁଲରେ ଆସଞ୍ଜିତ ଶିଶିର ବିନ୍ଦୁରେ, ବନସ୍ପତି ମଧ୍ୟରେ, କୌମୁଦୀ ପ୍ଲାବିତ ପାରାବାର ମଧ୍ୟରେ ସେ ପ୍ରେମର ସତ୍ତାକୁ ଖୋଜିଛନ୍ତି । 'ପ୍ରୀତିଅନୁଭୂତି' ଶୀର୍ଷକ ଏକ କବିତାରେ କବି ପ୍ରେମିକାର ଦେହ ସାନ୍ନିଧ୍ୟ ନ ଚାହିଁ ଦୂରବର୍ତ୍ତିନୀ ହୋଇ ରହିବାକୁ ଚାହିଁଛନ୍ତି ॥ ତାଙ୍କର ସେ ପାଖକୁ ଆସିଲେ କାଳେ ତାଙ୍କ ସ୍ୱପ୍ନ ଭାଂଗିଯିବ । ତେଣୁ କହି ରଖିଛନ୍ତି –

> ଅସୀମ ପ୍ରଣୟେ ଚିତ୍ତ ବୃତ୍ତିଲୟ/ତ୍ୟାଗ ମନ୍ତ୍ର କରେଁ ମୁଁ ଗୋ ସବୁଜୟ
> ଆସ ନାହିଁ ପଛେ ତରେ ହେଲେ ମୋର ବାସେ/ଆସ ନାହିଁ କେବେ ମୋ ସୁଖ ସ୍ୱପ୍ନ ନାଶେ
> ନୀରସ ମର୍ତ୍ତ୍ୟେ ଦିଅନାହିଁ କେବେ ଧରା/ ମୁଁ ଗୋ ଦୂରୁ ଥରେ ଚାହିଁ ହୋଇବି ଆତ୍ମହରା
> ନୀରବତାରେ ଓ ଲୋତକ ମଧ୍ୟରେ ସେ ପ୍ରୀତିର ପରିଣତିକୁ ଉପଲବ୍ଧି କରିବାରେ ପକ୍ଷପାତୀ ।
> (ପ୍ରୀତି ଅନୁଭୂତି – ଗ୍ରନ୍ଥାବଳୀ ୧ମ – ପୃ ୨୮୬)

ପୁନଶ୍ଚ 'ରୂପକଥା' କବିତାରେ ସେ ପ୍ରେମର ଯେଉଁ ସଂଜ୍ଞା ପ୍ରକଟ କରିଛନ୍ତି ତାହା ଲୋକକାହାଣୀ ଭିତ୍ତିକ । ମିଥିଳାପୁରର ସାଧବଘର ଝିଅ–ଅନୁପମ ସୁନ୍ଦରୀ ତାକୁ ପ୍ରେମ ନିବେଦନ କରିବାକୁ ଆସି କେତେ ରାଜପୁତ୍ର ବ୍ୟର୍ଥ

ହୋଇ ଫେରିଯା'ନ୍ତି । ଶେଷକୁ ଯୋଗୀଟିଏ ବୀଣା ବଜାଇ ଦିନେ ତା' ଦ୍ୱାରରେ ଉପସ୍ଥିତ ହୁଏ ଓ ତରୁଣୀର ଧୈର୍ଯ୍ୟ ମିଳେଇଯାଏ । ''ଭସ୍ମବେଳାତନୁ ବସନ ଗଇରିକ ମୋହିଲା/ବରଣମାଳା ଗଳେ ଲମ୍ବାଇଲା ନବ ଛଇଳା ।'' ସେଇ ସଂଗୀତ ମଧ୍ୟରେ ସେ ଅମର ପ୍ରୀତିର ଉତ୍ସକୁ ସନ୍ଧାନ କରିପାରିଲା । ଯୋଗୀ ମିଥିଳା ରାଜଦାଣ୍ଡରେ ଚାଲି ଯାଉ ଯାଉ ଯେପରି ଅନୁଭବ କରୁଥିଲେ –

''ମରଣ ଛାୟା ମୋର ପରାଣ ଘେରିଥିଲା ସୋହାଗୀ
ଜିଣିଛି  ମରଣକୁ ପୀରତି ଗୀତେ ଆଜି ତୋ ଲାଗି ।'' (୧୯୨୭)

ମୃତ୍ୟୁର ଛାୟାରେ  ସନ୍ତୁଳିତ ପ୍ରାଣ ପ୍ରୀତିବଳରେ ମୃତ୍ୟୁକୁ ବି ଅତିକ୍ରମ କରିପାରେ – ଏହାର  ଦୃଷ୍ଟାନ୍ତ ଆମ ସାହିତ୍ୟରେ ଅନେକ ଅଛି । ମହାଭାରତର 'ସାବିତ୍ରୀ–ସତ୍ୟବାନ' ଉପାଖ୍ୟାନ ଅନ୍ୟତମ ସମ୍ଭବତଃ ଏହିପରି କୌଣସି ପ୍ରେମକୁ ବୈକୁଣ୍ଠ ନାଥ ଜୀବନସାରା ଖୋଜିଥିଲେ ଓ ସେଥିପାଇଁ ଦହି ହେଉଥିଲେ । ସେ ପ୍ରୀତିଥିଲା ଆଲୋକ ଅନ୍ଧାରରେ ତିଳତଣ୍ଡୁଳିତ ଏକ ଛାୟାବାଜି । ହୁଏତ ସ୍ୱପ୍ନରେ ଧରା ଦେଉଥିଲା  କିନ୍ତୁ ବାସ୍ତବରେ ଦୂରବର୍ତ୍ତୀ ହୋଇ ଯାଉଥିଲା ।

ପ୍ରେମରେ ବା ପ୍ରୀତିରେ କବି ସବୁଠାରେ ଶ୍ୟାମସୁନ୍ଦରଙ୍କୁ ହିଁ ଭେଟୁଛନ୍ତି । 'ପ୍ରୀତିକଷଟୀ' କବିତାରେ କହି ରଖିଛନ୍ତି–

''ଶ୍ୟାମ ପ୍ରୀତିରସ ଢ଼ଳିନାହିଁ ଯା'ର ମତି
ତା' ପୀରତି କାମ–ଜମ୍ବଳେ ଶେଷ ଗତି ।''

ପୁନଶ୍ଚ କହୁଛନ୍ତି, ''ଶ୍ୟାମ ପ୍ରସଙ୍ଗେ ଜନମି ନାହିଁ ଯା ରତି

ପ୍ରୀତି ଅଯୋଗ୍ୟା ହେଉପଛେ ମହାସତୀ ।''

ଏତ ଏକ ଅଦ୍ଭୁତ ସର୍ତ୍ତ ଆତ୍ମପ୍ରତ୍ୟୟର । ମର୍ତ୍ତ୍ୟରେ ଓ ସାଧାରଣ ଜୀବନ ଯାତ୍ରାରେ ଏପରି ପ୍ରୀତି ମିଳିବ  ବା କାହୁଁ ? କବି କିନ୍ତୁ ସେହିପରି ପ୍ରୀତି ପାଇଁ ଅନୁରାଗୀ ଯେଉଁ ପ୍ରୀତି ଶ୍ୟାମସୁନ୍ଦରଙ୍କ ଅର୍ଚ୍ଚନା, ଆରାଧନା ଓ ସମର୍ପଣରେ ପବିତ୍ରିତ ।  ମଣିଷ ଏତେ ସାଧାରଣ ଯେ ସେ କବି ବାଞ୍ଛିତ ଏପରି ପ୍ରୀତିକୁ ଆପଣାର କରିବା ସମ୍ଭାବନା ଖୁବ୍ କ୍ଷୀଣ । କିନ୍ତୁ କବି ବୈକୁଣ୍ଠନାଥଙ୍କ ବୈଷ୍ଣବୀୟ ଚେତନା ସାଧାରଣ ପୁରୁଷ–ନାରୀ ପ୍ରଣୟରେ ବି କୃଷ୍ଣଚନ୍ଦ୍ରଙ୍କୁ ଆଦର୍ଶ ଭାବେ ଧରିରଖେ । ତେଣୁ କବି କୁହନ୍ତି, ''ବ୍ରଜରସରେ ଯେଉଁ ନାରୀ ଜଡିତ ହୋଇନାହିଁ ତାରପ୍ରୀତି ମାୟାର ଖେଳନା ମାତ୍ର ଓ ତାହା ବିଭୀଷିକା ଗ୍ରସ୍ତ ପ୍ରେମ ବୋଲି କହିବାରେ ତାଙ୍କର ଦ୍ୱିଧା ନାହିଁ । ସେ ଯେଉଁ ନିର୍ଗୁଣ ପ୍ରେମ କଥା କହନ୍ତି ('ସିଂହାବଲୋକନ') ତାହା ସଂପୂର୍ଣ୍ଣ ଅହଂକାର ଶୂନ୍ୟ ଓ ତ୍ରିତାପର ଉର୍ଦ୍ଧ୍ୱରେ । କାରଣ ମର୍ତ୍ତ୍ୟରେ ପ୍ରେମ ସହିତ କାମନା ସବୁବେଳେ ଲାଗି ରହିଥିବାରୁ ତାହା ଦୁଃଖ ଓ ଶୋକର କାରଣ ହୋଇଥାଏ । ସେ ପ୍ରେମ ଏପରିକି ପ୍ରତିପତ୍ନୀଙ୍କ ପ୍ରେମ ମଧ୍ୟ କିଛିଦିନ ପରେ ଭିନ୍ନମୁଖୀ ହୋଇଯାଏ । ସେମାନଙ୍କ ମଧ୍ୟରେ ବାକ୍ ଯୁଦ୍ଧ କ୍ରମେ ହାତାହାତି ଯୁଦ୍ଧରେ ପରିଣତ ହୋଇଯାଏ । ଅଧରାମୃତର ଦିଅ ବେଶୀଦିନ ପାଇଁ ସ୍ଥାୟୀ ରହେ ନାହିଁ । ଜୀବନ ହୋଇଯାଏ ତାଳିପକା, ରମଣ ହୋଇଯାଏ ପୁରୁଣା ଓ ଉତ୍ତେଜନାହୀନ । ସ୍ୱାମୀସ୍ତ୍ରୀ ପରସ୍ପର ବିରୁଦ୍ଧରେ ରକ୍ତ ଚାଉଳ ଚୋବାଇଲା ବେଳେ ତାଙ୍କୁ ସେଥିରୁ କିସବା ନିବୃତ୍ତ କରିବ ? ତେଣୁ ପ୍ରୀତି  ବିନୋଦିନୀ ରସ ମୂଳାଧାର ଶ୍ରୀରାଧାଙ୍କ କୃପା ବିନା ପ୍ରେମ ଦୁର୍ଲଭ, ତାହା ବଜାରର ପଣ୍ୟମାତ୍ର । ('କାମ ଓ ପ୍ରେମ' – ଗ୍ରନ୍ଥାବଳୀ ୨ୟ ପୃ. ୩୯୭)

ତଥାପି ବୈକୁଣ୍ଠନାଥ ପୃଥିବୀର କେତୋଟି ଚିରନ୍ତନ ଆଦର୍ଶ ପ୍ରେମ କଥା କହି ରଖିଛନ୍ତି ଯାହା କାମନାକୁ ଅତିକ୍ରମ କରି ହୃଦୟ ଓ ମନରାଜ୍ୟକୁ ସିକ୍ତ କରିଥାଏ । ସେ ପ୍ରେମକୁ 'ସନାତନ ଛନ୍ଦ' ଭାବେ କବି କଳ୍ପନା କରିଛନ୍ତି । ପୁରାଣରୁ ଇତିହାସ ଓ କାବ୍ୟକବିତା ଯାଏ ସେପରି କେତୋଟି ପ୍ରେମ କାହାଣୀକୁ ତାଙ୍କ ଗ୍ରନ୍ଥାବଳୀରେ ସନ୍ଧାନ କରାଯାଇପାରେ ।

**'କଚ ଦେବଯାନୀ'**: – ବୃହସ୍ପତିଙ୍କ ପୁତ୍ର କଚ ଅସୁର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଶିଷ୍ୟ ଭାବରେ ତାଙ୍କ ଆଶ୍ରମରେ ଥିଲେ ଅଧ୍ୟୟନ ରତ । ସେଇଠି ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନି କଚଙ୍କ ପ୍ରେମରେ ବିଭୋର ହୋଇ ତାଙ୍କୁ ବିବାହ ପାଇଁ ନିବେଦନ କରନ୍ତି । କିନ୍ତୁ ଗୁରୁକନ୍ୟାଙ୍କୁ ବିବାହ କରିବାକୁ କଚ ମନା କରିଦିଅନ୍ତି –

''ହେ ଗୁରୁ ତନୟା ତୁମେ ମୋ ଧର୍ମ ଭଗିନୀ
ବିକ୍ଷତ ଆତ୍ମାର ଚିର ଶୁଶ୍ରୁଷା କାରିଣୀ
ଦିବ୍ୟ ଆସନୁଁ ଖସି ଦେଖାନାଇଁ ଛଳନା
ନିଃସ୍ୱ ବ୍ରହ୍ମଚାରୀ ଠାରେ ଅଛି କିବା ବାସନା ?''

କଚ ଯେଉଁ ସିଦ୍ଧି ପାଇଁ ଶୁକ୍ରଚାର୍ଯ୍ୟଙ୍କ ଆଶ୍ରମରେ ତପସ୍ୟା କରୁଥିଲେ ତାହା ଅଧୁରା ରହିଲେ ମଧ୍ୟ ସେ ଦେବଯାନୀଙ୍କୁ ଗ୍ରହଣ କରି ନ ଥିଲେ । କିନ୍ତୁ ଦେବଯାନୀଙ୍କର ତାଙ୍କ ପ୍ରତି ଥିଲା ଅମାପ ପ୍ରେମ ଓ ଶ୍ରଦ୍ଧା । ଜନକଲ୍ୟାଣ ପାଇଁ କଚ ପ୍ରୀତିବତୀ ନାରୀକୁ ମଧ ଉପେକ୍ଷା କରି ପାରନ୍ତି, କାରଣ ତାଙ୍କର ପ୍ରେମଥିଲା ଲକ୍ଷ୍ୟ ଓ ସାଧନାରେ ସିଦ୍ଧି ପାଇଁ ଅଭିପ୍ରେତ । ରବୀନ୍ଦ୍ରନାଥଙ୍କ 'ବିଦାୟ ଅଭିଶାପ'ରେ ଏ ପ୍ରେମର ଯେଉଁ ପରିଣତି ଦେବଯାନୀଙ୍କ କ୍ରୋଧ ଓ କଚକ ସ୍ମିତହସ ସହିତ ମହାନୁଭବତା – ''ଆମି ଦିନୁଁ ଅଭିଶାପ ତୁମି ଧନ୍ୟ ହବେ/ସବ୍‌କିଛୁ ଭୁଲିଯିବେ ବିପୁଳ ଗୌରବେ ।'' ପ୍ରେମର ଯେଉଁ ଉଚ୍ଚତାକୁ ଆରୋହଣ କରିପାରେ ବୈକୁଣ୍ଠନାଥଙ୍କ ଏ କବିତାରେ ତାହା ସମ୍ଭବ ହୋଇନାହିଁ । ଦେବଯାନୀ ସ୍ୱାଭାବିକ ଭାବ ଯେଉଁ ଅଭିଶାପ କଚଙ୍କୁ ଦେଇଛନ୍ତି ସେଥିରେ ତାଙ୍କର ପ୍ରେମ ଯେପରି ପରାଜୟ ଲାଭ କରିଛି । ''ତୁମର କୁଶଳ ବାର୍ତ୍ତା ପଚାରି ମୋର ବା ଆଉ କି ଲାଭ ? ତୁମେ ନାରୀର ସ୍ୱପ୍ନ ଓ ପ୍ରେମକୁ ଚୂନା କରି ଦେଇଛ । ତେଣୁ ଅଭିଶାପ ଦେଉଛି ତୁମର ଦର୍ଶନ ଓ ଜ୍ଞାନ ମୋହ କ୍ଲୀବତ୍ୱରେ ଆଚ୍ଛାଦିତ ହୋଇଯିବ । ତୁମେ ଯେଉଁ ବିଦ୍ୟା ପିତାଙ୍କଠାରୁ ହାସଲ କରିଛ ତାକୁ ପ୍ରୟୋଗ କରିବାର ସାମର୍ଥ୍ୟ ହରାଇବ । ଏ ପ୍ରେମର ସଂଯତ ଭାଷା ଓ ବର୍ଣ୍ଣନା ବୈକୁଣ୍ଠନାଥଙ୍କ ପ୍ରେମ ଭାବନାରେ ସର୍ବତ୍ର ଲକ୍ଷ୍ୟ କରାଯିବ ।

ଜୟଦେବ–ପଦ୍ମାବତୀ ପ୍ରସଙ୍ଗ ଦେଖନ୍ତୁ । ପଦ୍ମାବତୀଙ୍କୁ ତାଙ୍କ ପିତା ପୁରୀ ତୀର୍ଥରେ ଯେଉଁ ସୌମ୍ୟସୁନ୍ଦର ଯୁବକଙ୍କ ହାତରେ ସମର୍ପଣ କରିଦେଇଥିଲେ ସେ ଥିଲେ କିନ୍ତୁ କୃଷ୍ଣ–ଜଗନ୍ନାଥ ପ୍ରାଣ ରସିକ କବି ଜୟଦେବ । ସେ ଗୀତ ବୋଲିବେ ଓ ଅନବଦ୍ୟ ନୃତ୍ୟ ଭଂଗୀରେ ପଦ୍ମାବତୀ ମୃଦଙ୍ଗ ତାଳେ ତାଳେ ଜଗମୋହନଙ୍କୁ ମୁଗ୍ଧ କରିବେ । ଜୟଦେବ ଅନୁଭବ କରୁଥିଲେ ଯେପରି ଦାରୁବ୍ରହ୍ମ ଦିବ୍ୟ ଶ୍ୟାମସୁନ୍ଦର ରୂପଧରି ଉଭା ହୋଇ ଯାଉଛନ୍ତି ଏ ଗୀତ ଶୁଣିବାକୁ ଓ ନୃତ୍ୟ ଦେଖିବାକୁ । ସେଇ ଆତ୍ମାନୁଭୂତି ଜୟଦେବ ନିଜର ସମସ୍ତ କାମନା ବାସନାକୁ ବଳିଦେଇ ସାରିଥିଲେ । ଚାହୁଁଥିଲେ ପ୍ରିୟ ସଖୀଭାବେ ପଦ୍ମାବତୀ ଏଥିରେ ଅନୁମୋଦନ ଜଣାଇବେ । ସେମାନ ଜଗନ୍ନାଥଙ୍କ ସେବାଦାସ ଓ ସେବାଦାସୀ ହୋଇଯିବେ । ଜଗନ୍ନାଥଙ୍କୁ ସମର୍ପଣ କରିଥିବା ଦେହକୁ ଆଉ କଣ କେହି ମର୍ତ୍ତ୍ୟର ମଣିଷ ଉପଭୋଗ କରିପାରେ ? ସେଇ ପରମ ରସକୁ ଉପଭୋଗ କରୁକରୁ ଜୀବନ ଚାଲିଯିବ–ସେଠି ଆଉ ନାରୀ–ପୁରୁଷର ସ୍ୱାଭାବିକ ଅନୁଭବ କାହିଁକି ? ପଦ୍ମାପତି ଜୟଦେବଙ୍କ ମନକଥା

ତାଙ୍କ ମୁହଁରୁ ଶୁଣି ସେଥିପାଇଁ ସମର୍ଥନ ଜଣାଇବା ସହିତ ନିଜକୁ ଶ୍ୟାମ ସୁନ୍ଦର ଜଗନ୍ନାଥଙ୍କୁ ହିଁ ଅର୍ପଣ କରି ବସିଲେ । ଥରେ ଜଗନ୍ନାଥଙ୍କୁ ପ୍ରିୟ ଦୟିତ୍ ଭାବେ ଗ୍ରହଣ କଲାପରେ ଆଉ କେଉଁ ପୁରୁଷ ପାଇଁ ତାଙ୍କ ମନ ବାଞ୍ଛା ପ୍ରକଟ କରିବାକୁ ହେବ କି ? ଜୟଦେବ କହିଲେ –

‘‘ପୁଣ୍ୟ ସେ ତୋର ପୟର ଯୁଗଳ ଆଲକ୍ତେ ଦେବି ଲେଖି
ବ୍ରହ୍ମ ଭୋଗ୍ୟା ଚିନ୍ତାମଣି ମୋ ପ୍ରଣତି ଦେଉଛି ଟେକି ।’’

ପଦ୍ମାବତୀଙ୍କୁ ଜୟଦେବ ପୁନଶ୍ଚ କହିଲେ – ତୁମେ ଦେବତା ଭୋଗ୍ୟା ହେବାକୁ ଜନ୍ମ । ତୁଚ୍ଛ ମାନବ ପାଖରେ କାହିଁକି ନିଜକୁ ସମର୍ପଣ କରିବ ।’’ ସେଇଦିନୁ ପଦ୍ମାବତୀ ଜୟଦେବଙ୍କ ନିର୍ଦ୍ଦେଶକୁ ହିଁ ଶୀରୋଧାର୍ଯ୍ୟ କରି ଆସିଛନ୍ତି । ଉଭୟେ କୃଷ୍ଣରତ ପ୍ରାଣ– ଉଭୟେ ରାଧା ଭାବରେ ବିହ୍ୱଳ । ଜଣେ ସଂଗୀତ ହେଲେ ଆଉ ଜଣେ ସେ ସଂଗୀତର ପ୍ରତିଧ୍ୱନି । ବିରହିଣୀ ରାଧାଙ୍କ ଭାଗ୍ୟ ସହିତ ସମସରି ହେବାକୁ ପଦ୍ମାବତୀ କାହିଁକି ବା ଆଶା ରଖିବେ ? ଜୟଦେବ ହିଁ ତାଙ୍କ ପାଇଁ ଆଧ୍ୟାତ୍ମିକ ଗୁରୁ । ଠାକୁର ସେବାରେ ସେମାନେ ଜୀବନର ଅବଶିଷ୍ଟ ସମୟ ବିତେଇଦେବେ । କେତେବେଳେ ଯଦି ମନକୁ ଦେହ କାମନା କାବୁ କରିବାକୁ ବସିବ ମନ୍ଦିରର ସେଇ ଚକ୍ରକୁ ଚାହିଁ ତାକୁ ଭୁଲିଯାଇ ପାରିବେ । ‘‘ଅନଳ ଦହନ କ୍ଷଣକାଳ ଗଲେ ସହି/ବଂଶୀବଦନ ଶୁଭିବ ଶ୍ରବଣେ କୌମୁଦୀ ପ୍ଲୁତ ମହୀ ।’’ ପ୍ରେମର ଏ ତ୍ୟାଗ ଅନବାଦ୍ୟ । ସମ୍ଭବତଃ ଜୀବନର ଶେଷଭାଗ ପର୍ଯ୍ୟନ୍ତ ଏ ପତି ଓ ପତ୍ନୀ ଜଗନ୍ନାଥଙ୍କ ସେବା ଦାସ ଭାବେ ନିଜ ବାସନା କାମନାକୁ ତାଙ୍କଠାରେ ସମର୍ପି ବଂଚିଥିଲେ । ଏ ପ୍ରେମର ବିକଳ୍ପ ନାହିଁ ବୋଲି କହିବାକୁ ହେବ ।

ଆଗରୁ ବିଲ୍ୱମଙ୍ଗଳ–ଚିନ୍ତାମଣି ପ୍ରେମ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି । ତେଣୁ ଏଠାରେ ପୁନରାବୃତ୍ତି ନିଷ୍ପ୍ରୟୋଜନ । ଉଭୟଙ୍କ ପ୍ରେମ ପ୍ରଥମରୁ ଦେହସମ୍ବନ୍ଧୀ ଥିଲା ନିଶ୍ଚୟ । କିନ୍ତୁ ସାମାନ୍ୟ ଜଣେ ବହୁଭୋଗ୍ୟା ନାରୀପାଇଁ ବିଲ୍ୱମଙ୍ଗଳ ଠାକୁରଙ୍କ ଅତିରିକ୍ତ ଆସକ୍ତିକୁ ଚିନ୍ତାମଣି ଭିନ୍ନ ରାହାରେ ପରିଚାଳିତ କରି ଦେଇଥିଲେ । ଚିନ୍ତାମଣି ପ୍ରେମ ବଲ୍ଲଭାରୁ ଗୁରୁ ମହନିୟା ହୋଇଯାଇଥିଲେ । ଏ ପ୍ରେମରେ ଚିନ୍ତାମଣି ତ୍ୟାଗକୁ ବିଶେଷ ଭାବେ କବି ସ୍ୱୀକୃତି ଜଣାଇଛନ୍ତି, ଯାହା ଫଳରେ ସ୍ତୈଣ ପୁରୁଷଟି, ମହାନ୍ ଶୁଦ୍ଧଚେତା କୃଷ୍ଣ ଭକ୍ତରେ ବିବର୍ତ୍ତିତ ହୋଇ ଯାଇଥିଲେ । ଅନୁଭବ କରିଥିଲେ ସେ ଅମୃତକୁ ଛାଡ଼ି ଏ ଯାବତ ଫୁଲରୁ ବିଷକୁ ହିଁ ଆହରଣ କରିଛନ୍ତି । ସେ ନର୍କଗାମୀ ହୋଇ ଯାଇଛନ୍ତି । ଏବେ ଦଇତ୍ୟାରି କେଶବ ହିଁ ତାଙ୍କପାଇଁ ସବୁକିଛି । କିନ୍ତୁ ଚିନ୍ତାମଣି ମଧ୍ୟ ପ୍ରିୟତମ ପ୍ରେମିକ ବିଲ୍ୱମଙ୍ଗଳଙ୍କୁ ହରାଇ ଶୂନ୍ୟ ହୋଇ ପଡ଼ିଥିବା କଥା ଅନୁଭବ କରିଛନ୍ତି । ବର୍ଷା, ଝଡ, ଦୁର୍ଦ୍ଦିନରେ ଘରୁ ବାହାର କରି ଦେଇଥିବାରୁ କମ୍ ଦୁଃଖରେ ଦ୍ରବି ଯାଉ ନାହାନ୍ତି । ତାଙ୍କ ବିନା ସେ ବଂଚିବେ ବା କିପରି ? ସେତ ଥିଲେ ତାଙ୍କ ଅନ୍ତରତମ ଦେବତା, ଗାୟତ୍ରୀଗାନ ପରି ପୂତ ଓ ପବିତ୍ର । ସେ ଦେବତା ପରି ମଣିଷଟି ଆଖିର କେତେଦିନ ଆଉ ରୂପର ଓ ପ୍ରେମର ଅନ୍ଧପୁତୁଳି ବାନ୍ଧି ପାରିଥାନ୍ତେ ଚିନ୍ତାମଣି ? ତେଣୁ ଏ କବିତାରେ ଉଭୟଙ୍କର ଚେତନାରେ ଯେଉଁ ତ୍ୟାଗର ବର୍ତ୍ତିକା ଜଳି ଉଠିଛି ତାହା ପ୍ରେମର ଚିରସ୍ଥାୟୀ ସଂଜ୍ଞା ବ୍ୟତୀତ ଆଉ କିଛି ହୋଇ ନପାରେ । ସାଧାରଣ ମଣିଷମାନଙ୍କ ପାଇଁ ଏ ପ୍ରେମ ସହଜଲବ୍ଧ ନୁହେଁ । ଏ ପ୍ରେମ ଦେହରୁ ଦେହାତୀତ ଓ ମାଟିରୁ ସ୍ୱର୍ଗ ପର୍ଯ୍ୟନ୍ତ ବିସ୍ତୃତ । ତେଣୁ ବିଲ୍ୱମଙ୍ଗଳ ଓ ଚିନ୍ତାମଣି ହିଁ ଏପରି ପ୍ରେମର ଉପଭୋକ୍ତା ହୋଇ ପାରନ୍ତି ।

ସେହିପରି ମଧ୍ୟ ଥିଲା ମିରାବାଈଙ୍କ ତ୍ୟାଗପୂତ ପ୍ରେମ । ସେ ବାଧ୍ୟତଃ ଥିଲେ ବିବାହିତା ଓ ସନ୍ତାନର ଜନନୀ । କିନ୍ତୁ ମନ ଓ ଧ୍ୟାନରେ ସେ ପାର୍ଥିବ ପ୍ରେମ ଓ ସଂପଦ ପ୍ରତି ଥିଲେ ଅନାକୃଷ୍ଟ । ପ୍ରିୟତମ ବଲ୍ଲଭ ଗିରୀଧାରୀନାଥଙ୍କ ପାଇଁ ମନ୍ଦିରରେ ଘଣ୍ଟାଘଣ୍ଟା ଦିନ ଦିନ ବିତେଇ ଦେଉଥିଲେ । ତାଙ୍କୁ ମଣିଷ ଭାବି ତାଙ୍କରି ପ୍ରେମରେ ଆବିଷ୍ଟ ହୋଇ ରହୁଥିଲେ ।

ମେବାରର ମହାରାଣୀ ଥିଲେ ବି ଥିଲେ ଚିର ସନ୍ନ୍ୟାସିନୀ । ଉନ୍ମାଦନାର ସହିତ ସେ କୃଷ୍ଣଙ୍କୁ ହିଁ ଭଲ ପାଉଥିଲେ । ସମସ୍ତ ପାର୍ଥିବ ଆଶା ଓ ବାସନାକୁ ବଳି ଦେଇ ପ୍ରେମ, ଭକ୍ତି ଓ ବିଶ୍ୱାସରେ ଗିରିଧାରୀଙ୍କ ପଥର ମୂର୍ତ୍ତିକୁ ଆଲିଙ୍ଗନ କରୁଥିଲେ । ତାଙ୍କ ବିରହରେ ଶୋକ ସାଗରରେ ନିମଜ୍ଜିତ ହେଉଥିଲେ । ତାଙ୍କରି ପାଇଁ ମନେ ମନେ ଲେଖିଯାଉଥିଲେ ଅସଂଖ୍ୟ ପ୍ରେମସ୍ନିଗ୍ଧ ଗୀତି କବିତା । ଦେବତା ଓ ମଣିଷ ମଧ୍ୟରେ ଏ ପ୍ରେମର କାହାଣୀ ଚିରନ୍ତନ ହୋଇ ସମଗ୍ର ଭାରତରେ ପ୍ରଚାରିତ ହୋଇଛି ।

ବୈକୁଣ୍ଠନାଥ ଜଣେ ବିଶିଷ୍ଟ କବି ଥିବାରୁ କବିର ନିଜସ୍ୱ ପ୍ରେମ ବିଷୟରେ ବିଶେଷ ଉଚ୍ଚାରଣ ନ କରିଥିଲେ ବି ତାଙ୍କ କାବ୍ୟସମ୍ଭାର କେବେବି ପ୍ରେମ ବିରହିତ ନୁହେଁ । ଅବଶ୍ୟ ସେ ଗୋଟିଏ କବିତାରେ ଭଂଜ କବି ଲେଖିଯାଇଥିବା ପ୍ରେମ କାହାଣୀଗୁଡ଼ିକୁ ଅସ୍ୱୀକାର କରିଛନ୍ତି, କିନ୍ତୁ ବୈଷ୍ଣବ କବିମାନଙ୍କ ରଚିତ ପ୍ରେମାନୁଭାବକୁ ନିଜ କାବ୍ୟର ଅନ୍ୟତମ ଉପାଦାନ ଭାବେ ଗ୍ରହଣ କରିଛନ୍ତି । ପୁନଶ୍ଚ ମର୍ତ୍ତ୍ୟପ୍ରେମକୁ ସର୍ବତ୍ର ବୈଷ୍ଣବୀୟ ଦୃଷ୍ଟିଭଙ୍ଗୀରେ ଜାରିତ କରିବାକୁ ଚାହିଁଛନ୍ତି । ତଥାପି କବି ଭାବରେ ନିଜ ପ୍ରେମିକା, ନିଜ ପତ୍ନୀ ପାଇଁ ନିଶ୍ଚୟ କିଛି ତାଙ୍କ କବିତାରେ ବାର୍ତ୍ତାଥିବ ବୋଲି ଆଶା କରିବା କଥା । 'କବି ପ୍ରେୟସୀ' ନାମରେ ସେ ଦୁଇଟି କ୍ଷୀଣ ବ୍ୟବଧାନରେ ଲେଖିଛନ୍ତି । ପୁଣି ଲେଖିଛନ୍ତି 'କବି ପ୍ରିୟା ପ୍ରତି' କବିତା (କାବ୍ୟ ସଂଚୟନ, ଗ୍ରନ୍ଥାବଳୀ-୧ - ପୃ. ୪୪୯), 'ପ୍ରଣୟର ଆଦ୍ୟାଶଙ୍କା' ପରି କବିତା । 'ବାସର ଗୃହ' ମଧ୍ୟ ତାଙ୍କର ଅନ୍ୟତମ କବିତା-ବେଶ୍ ଚର୍ଚ୍ଚିତ ମଧ୍ୟ । ଏସବୁ କବିତାରୁ ତାଙ୍କ ବ୍ୟକ୍ତିଗତ ପ୍ରେମ ଅଭିଜ୍ଞତା ବିଷୟରେ କିଛି କୁହାଯାଇପାରେ । କୌଣସି ଅନ୍ତରଙ୍ଗ ବଂଧୁଙ୍କୁ ସେ ସନ୍ଧାନ କରାଯାଇପାରେ । କିନ୍ତୁ ତାଙ୍କ ପ୍ରେମ କବିତା ସବୁବେଳେ ଛାୟାଲୋକ ଘେରା ରହସ୍ୟାଚ୍ଛନ୍ନ । ପ୍ରେମ ସହିତ ପ୍ରଜ୍ଞା ଦାର୍ଶନିକତାର ଅତିରିକ୍ତ ମିଶ୍ରଣ ହେତୁ ଏ ପ୍ରେମ କବିତା ପାଠକ ମାନସରେ ପ୍ରେମ ଭାବ ଉଦ୍ରେକ ନ କରି ବରଂ ବୈରାଗ୍ୟ ଆଣେ । କିନ୍ତୁ 'ଗ୍ରାମ୍ୟ ପ୍ରଣୟ' ନାମରେ ରଚିତ ତାଙ୍କ କବିତା ପାଠକ ମନରେ ଯେଉଁ ପ୍ରେମ ଭାବନା ଉଜ୍ଜୀବିତ କରେ, ତାହା କୌଣସି ବିଦଗ୍ଧ ପ୍ରଣୟ ନୁହେଁ ।

ଚାଷୀ ମୂଲିଆ ଘର । ପୁରୁଷଟି କାମ କରି ମୂଲ ମଜୁରୀ ନଆଣିଲେ ସେମାନେ ଚଳିବେ କିପରି, ଖାଇବେ କଣ ? କିନ୍ତୁ ପୁରୁଷଟି ଆଜି କାମକୁ ଯିବାକୁ ପ୍ରସ୍ତୁତ ନୁହେଁ । ତାର ଇଚ୍ଛା ତାର ପ୍ରାଣପ୍ରିୟାକୁ କୋଳରେ ଧରି ଅଶେଷ ଚୁମ୍ବନରେ ଛାଇଦେବ । ତାର ମାଂସଳ ଛାତିକୁ ନିଜ ଛାତିରେ ଜଡାଇ ଧରିବ । ସେ ପ୍ରତ୍ୟୁତ୍ତରରେ ତରୁଣୀକୁ କହେ –

> ''କୁଟୀର – ଆଲୋକ ଶୂନ୍ୟ–ହୃଦୟରାଣୀ/କାହିଁକି ବସିଛି କେସନେ ପାରୁନୁ ଜାଣି ?
> ପିଆଇଛ କେତେ କୋମଳ ଅଧର ସୁଧା/ବକ୍ଷେ ଆସନ ଦେଇଛୁ, ତେବେ ତ କ୍ଷୁଧା–
> ନିଭିନାହିଁ ତିଳେ ପିପାସା ପରାଣ ରାଣୀ/ଯେତେ ଗୋ ପିଇଲେ ଛଣାସୁଧା ସେଇ ବାଣୀ
> କେଉଁ ରାଇଜର କିବା ତୁ, ନ ପାରେଁ ବୁଝି/ଚାହିଁ ତୋର ଆଖି ଆସେ ମୋ ନୟନ ମୁଦି ।

ଉତ୍ତରରେ ନାରୀଟି କୁହେ ''ମୋ ପରି ଦୁଃଖିନୀର ହୃଦୟର ରାଜା ତୁମେ । ଏ ଅଭାଗିନୀକୁ ଆଜ ଲାଜ ଦିଅନା, ମୋର କିବା ରୂପ ? ଏ ସଂସାରତ ରୂପର ଖଣି । ଆକାଶରେ ଯେତେ ତାରକା ଅଛନ୍ତି ଏ ସଂସାରରେ ସେତିକି ହୁଏତ ରୂପବତୀ ନାରୀ ଥିବେ । ତୁମ ରୂପ ଗୁଣକୁ ମୁଁ କିବା ସରି ? କିନ୍ତୁ ଲୋକେ କାଳ ତୁମକୁ ଟାହି ଟାପରା କରିବେ – ମୁଁ ତା' ସହି ପାରିବି କି ? କିନ୍ତୁ ପୁରୁଷଟି କହେ ତୋ ଆଖି ଓ ଦେହରେ କ'ଣ ଅଛି କେଜାଣି ତୋତେ ଛାଡି ଆଜି କାମକୁ ଯିବାକୁ ମନ କହୁନାହିଁ । ତୋ ଠାର ମୋ ଆଖି ବି ଫେରୁନାହିଁ । ଅସରନ୍ତି ସୁଧା ସାଗରକୁ ଚାହିଁ କେହି କଣ ଫେରି ଯାଇପାରେ । ବରଂ ମନ ଭରି ଆକଣ୍ଠ ପିଇଯିବାକୁ ସେ ଚାହେଁ । ତୋତେ ଦେଖିଲେ କେତେ କେତେ କଥା କହିବାକୁ ଇଚ୍ଛାହୁଏ, କିନ୍ତୁ

କହି ପାରେନା । ତୋ ଦେହବାସରେ ମୁଁ ସବୁକିଛି ଭୁଲିଯାଏ – ସେଠି କିଏ ନିନ୍ଦା କି ପ୍ରଶଂସା  କରିବ ସେ ଭାବନା କଣ ଆଉ ମୋ ମନରେ ଥାଏ !

ଏଭଳି ଚଟୁଳ ଚାଟୁବାଣୀ ଶୁଣ ନାରୀଟି କହେ– ନାରୀର ରୂପମଧୁ ଦି'ଦିନର । ସେ ପୁଣି ସରିଗଲେ ତୁମେ କ'ଣ କରିବ ? କାଲିପାଇଁ କିଛି ଥାଉ, ତୁମେ ଯାଅ ବରଂ ଗାଁରେ ବୁଲି ଆସିବ । ଏତେବେଳେ ହେଲାଣି ଗୋରୁ ଗୋଠରୁ ଫେରିଲେନି । ସଂଜ ହେଇଗଲାଣି, ମୁଁ ବତୀ ଲଗେଇବି ।'' ଏତକ କହି ନାରୀଟି ତରତର ହୋଇ ଉଠି ଯାଉଥିବା ବେଳେ ପୁରୁଷଟି ତା ଶ୍ଲଥ ଲୁଗାକାନିକୁ ଟାଣିଧରେ କହେ –

''ତୋ ପରି ଚନ୍ଦ୍ରଦୂରୁ ହସି ହସି ଆସେ/ମଲ୍ଲୀ କେତକୀ ସମାନ ତୋ ଦେହ ବାସେ
ଦୂରବଣୁ ଡାକେ କୋଇଲି ତୁହାଇ ତୋତେ /ରହ ତିଳେ ଆଉ ଛାଡ଼ି ଯାଅନାହିଁ ମୋତେ ।''
ମାୟାମୃଗ ଅବା ଆସିଅଛୁ ହୋଇ ବଣା/ମର୍ତ୍ତ୍ୟ ସରଗ ପଡୁନାହିଁ ମୋତେ ଜଣା ।
ଏଡେ ଶୋଭା ତୋର କେଉଁ ଫୁଲ କଲୁ ଚୋରି/ରହି ଆଉ ଥରେ ଦେଖିନିଏ ଭଲ କରି ।''

ଏଇ ଚଟୁଳ ଉକ୍ତିପ୍ରତ୍ୟୁକ୍ତିରେ ପ୍ରେମର ଯେଉଁ ଗଭୀର ବାସ୍ନା ଛୁଟୁଛି ତାହା ପଲ୍ଲୀ କୁଟୀରକୁ କେବଳ ନୁହେଁ ପାଠକକୁ ମଧ୍ୟ ମୋହମୁଗ୍ଧ କରି ରଖୁଛି । ଏଠି ପ୍ରେମରେ ବୈରାଗ୍ୟ ନାହିଁ, ବିପର୍ଯ୍ୟାସ ନାହିଁ । ପ୍ରତିଦିନର ଥିଲା ଘଟଣାରେ ଯାହା ଅଧିକ ଥାଏ ତାହାହିଁ ଏ ପ୍ରେମର ପରିଚୟ । ବୈକୁଣ୍ଠ ନାଥଙ୍କ ସମଗ୍ର ଅନୁଭୂତି ସଂପନ୍ନ ମାନବିକ ପ୍ରେମ କବିତାରେ ଏ କବିତାଟି ଯେ ସର୍ବଶ୍ରେଷ୍ଠ ଏ କଥା କହିବାରେ ମୋର କୁଣ୍ଠା ନାହିଁ । ଏପରି ଗ୍ରାମ୍ୟ ପ୍ରଣୟପାଇଁ ନାଗରିକମାନେ ମଧ୍ୟ  ପ୍ରଲୁବ୍ଧ  ହେବେ – ତଥାପି ପାଇବେ କି ନା ସଂଶୟାଛନ୍ନ । (ଗ୍ରାମ୍ୟ ପ୍ରଣୟ' – କାବ୍ୟ ସଂଚୟନ – ଗ୍ରନ୍ଥାବଳୀ ୧ମ ଭାଗ– ପୃ ୪୧୫) କାରଣ ଗାଁ ଗହଳର ଦୁର୍ଲଭ ପରିବେଶ ସହରରେ ବା କାହୁଁ ମିଳିବ ?

ଏ ବିଷୟରେ ଆଉ ଅଧିକ ଆଲୋଚନା ନ କରି କବି ଦାନ୍ତେ ଓ ତାଙ୍କ ପ୍ରେୟସୀ ବିଏତ୍ରିଶ ମଧ୍ୟରେ ଥିବା ପ୍ରେମ ଓ ପ୍ରଣୟ ସଂପର୍କରେ କିଛି ସୂଚନା ଦେଇ ଏ ପ୍ରସଙ୍ଗକୁ ସାଙ୍ଗ କରିବି । ପାଠକମାତ୍ରେ ହୁଏତ ଜାଣନ୍ତି ଇଟାଲୀୟ କବି ଦାନ୍ତେ ଥିଲେ ଜଣେ ଉତ୍‌କୃଷ୍ଟ  କାବ୍ୟ ରଚୟିତା – ଯାହାଙ୍କୁ କ୍ଲାସିକ୍ କବିର ମାନ୍ୟତା ଦିଆଯାଇଥାଏ । ତାଙ୍କର Divine crmedyରେ ପ୍ରଣୟନୀ ବିୟେତ୍ରିଶ ସଂପର୍କରେ ଯେଉଁ ପ୍ରେମଭାବନା ରହିଛି ତାର ଉତ୍ସ ସଂପର୍କରେ କବି ବୈକୁଣ୍ଠନାଥ ସାମନ୍ୟମାତ୍ର ସୂଚନା ଦେଇ ବିହ୍ୱଳ ହୋଇ ଉଠିଛନ୍ତି । ବୈକୁଣ୍ଠକ ମତରେ –

''ଧନ୍ୟ ଯେ ଚାଖିଛି ରୂପ ପ୍ରୀତି ମାଦକତା/ଲଭିଛି ଯେ ରୂପାଲୋକେ ଜୀବନର ସତ୍ତା
ନୟନ ଅରୁଣା ଲୋକେ ମରିଛି ଯେ ତରେ/ଧନ୍ୟ ଯେ ବହିଛି ପ୍ରୀତି କ୍ଷତ ମରମରେ ।''

ସେଇ ପ୍ରୀତିର କ୍ଷତକୁ ମରମରେ ବିଦାନ୍ତେ ସାରା ଜୀବନ ବିୟେତ୍ରିଶଙ୍କୁ ଖୋଜିଛନ୍ତି – କିନ୍ତୁ ଆଉ ପାଇ ନାହାନ୍ତି । ସେଇ ମହାନ୍ ପ୍ରୀତିର କ୍ଷତ ବହୁ କବିଙ୍କ ଅନ୍ତରରେ ଦାଗ ସୃଷ୍ଟି କରିଛି –ବୈକୁଣ୍ଠନାଥ ସେମାନଙ୍କ ମଧ୍ୟରୁ ଅନ୍ୟତମ ଅବସାନରେ (ବିୟେତ୍ରିଶଙ୍କ ମୃତ୍ୟୁ) ଯେ ଦୁଃଖ ତାହା କେବଳ ଦାନ୍ତେଙ୍କର ନୁହେଁ, ସମଗ୍ର ନିଖିଳର । ତେଣୁ କବି କହି ରଖିଛନ୍ତି –

''ରୂପପ୍ରୀତି ଜୀବନର ପରମ ଗୌରବ/ଜୀବନ ମରୁରେ ରଚେ ନିତ୍ୟ ମହୋତ୍ସବ
ବ୍ୟବଧାନେ ଲୁପ୍ତ ହୁଏ ଦେଶକାଳସୀମା/ଶିଖାଇ ଗୋ ଧନ୍ୟ କଲ ପୀରତି ମହିମା ।''

ତେଣୁ ଦେଶ କାଳସୀମାନଙ୍କୁ ଅତିକ୍ରମ କରି ବିୟେତ୍ରିଶ ପାଇଁ ଦାନ୍ତେଙ୍କ ପ୍ରେମ ସବୁ କବିଙ୍କ ମନ ଓ ପ୍ରାଣରେ ଦୁଃଖର ଅନଳଶିଖା ସତେ ଯେପରି ଜାଳିଦେଇଛି । ଏ ପ୍ରୀତି ବିଶ୍ୱପ୍ରୀତିରେ ପରିଣତ ହୋଇଛି । ପ୍ରେମକୁ ନେଇ କବିତା ରଚନା କରୁଥିବା କବିମାତ୍ରେଇ ଦାନ୍ତେଙ୍କ ଦୁଃଖ ନିଜ ମର୍ମରେ ଅନୁଭବ କରିବାକୁ ବାଧ୍ୟ ହୋଇଛନ୍ତି । ବାଳିକା-ପ୍ରେମିକା ବିୟେତ୍ରିଶଙ୍କ ମୃତ୍ୟୁ ଦାନ୍ତେଙ୍କୁ କେବଳ ମହାକବିରେ ପରିଣତ କରିନାହିଁ ତାଙ୍କୁ ଶିଖାଇ ଦେଇଛି - ଏ ସୃଷ୍ଟିରପ୍ରଚ୍ଛନ ରହସ୍ୟ ହେଉଛି ରୂପର ଶିଖା । ସେ ରୂପ ସସୀମ ହେଲେବି ସେ ଅସୀମର ବାର୍ତ୍ତାହିଁ କେବଳ ଗାନ କରିଥାଏ । ('ବିୟେତ୍ରିଶ' - କାବ୍ୟସଂଚୟନ-ଗ୍ରନ୍ଥାବଳୀ ୧ମ ପୃ. ୪୫୩)

**ସନ୍ଥ ପ୍ରଣତି ଅଧ୍ୟାୟ** :- ବୈକୁଣ୍ଠନାଥଙ୍କ କବିତାର 'ସନ୍ଥପ୍ରଣତି' ପର୍ଯ୍ୟାୟକୁ କେବେବି ଉପକ୍ଷୋ କରି ହେବନାହିଁ । ଜୀବନର ଉତ୍ତରାୟଣରେ ଏପରି ଅନେକ କବିତା ଲେଖି ସେ ପୃଥିବୀରେ ମହାନ୍ ବ୍ୟକ୍ତିତ୍ୱମାନଙ୍କ ଉପହାର ଦେଇଛନ୍ତି । ସେମାନଙ୍କ ମଧ୍ୟରେ 'ଜନନାୟକର ଆତ୍ମକଥା' (ଜୁନ୍, ଜୁଲାଇ, ୧୯୨୮) ସମ୍ଭବତଃ ଗୋପବନ୍ଧୁଙ୍କ ତିରୋଧାନରେ ରଚିତ ଓ ସେଇବର୍ଷ ଉତ୍କଳ ସାହିତ୍ୟରେ ପ୍ରକାଶିତ), ରମ୍ୟାରଲାଁ (ଫରାସୀ ଦାର୍ଶନିକ ଓ ଶ୍ରେଷ୍ଠ ଲେଖକ), 'ସ୍ମୃତିତର୍ପଣ' (୧୯୩୪-ବିଶ୍ୱନାଥ କରଙ୍କ ମୃତ୍ୟୁରେ), ଗର୍କୀ (୧୯୩୬), ବନ୍ଦୀ ଅପର୍ଣା (୧୯୩୬), ଗଣବନ୍ଧୁ ଗାନ୍ଧି (ପୃ.୧୫-୨ୟଭାଗ) 'ନିମାଇଁ ସନ୍ନ୍ୟାସ' (ପୃ ୬୨ ୨ୟଭାଗ), ସନ୍ଥବିନୋବା (ପୃ ୬୪), ବରିସ୍ ପାଷ୍ଟେରନାକ୍ (ପୃ ୬୫) ଆଚାର୍ଯ୍ୟ ହରିହର (ପୃ. ୬୭), ଲୁମୁମ୍ବା (ପୃ ୬୮), ଦୀନକୃଷ୍ଣ (ପୃ ୬୯), ରାଣାପ୍ରତାପ (ପୃ ୭୨), ଗୋଦାବରୀଶ (ପୃ ୭୩), ଗୋପବାବୁ (ପୃ ୭୪), ଲକ୍ଷ୍ମୀନାରାୟଣ (ପୃ ୭୬), 'ପରାଜୟ' (ନେତାଜୀ ସୁବାସଙ୍କ ସଂପର୍କରେ (ପୃ ୧୨୯), ଆଲେକ୍‌ଜାଣ୍ଡର (ପୃ ୧୭୫), ଭଗବତୀ ସ୍ମୃତି (ପୃ ୨୬୬), ଲେନୀନ୍ (ପୃ ୩୧୨), ଗର୍କୀସ୍ମରଣେ (ପୃ ୩୧୫), ଦୀନବଂଧୁ ଆଇଜାକ୍ (ପୃ ୩୩୦), ଠାକୁର ଅନୁକୂଳଚନ୍ଦ୍ର (ପୃ ୩୪୪), ମାର୍ଟିନ୍ ଲୁଥର୍ କିଙ୍ଗ୍ (ପୃ ୩୫୩), ଶିଳ୍ପୀ ଗୋପାଳଚରଣ (ପୃ. ୪୧୨), ଆୟୁବ୍ (ପୃ ୪୨୫), ବିଶ୍ୱବଂଧୁ ଜବାହର (ପୃ ୪୨୮), ସର୍ବୋଦୟ (ଗାନ୍ଧିଙ୍କ ଜନ୍ମତିଥିରେ (ପୃ ୪୮୫), ଚାରୁମଜୁମଦାର (ପୃ ୪୯୬) ।

ଓଡ଼ିଶର, ଭାରତର ଓ ପୃଥିବୀର ବିଭିନ୍ନ ବ୍ୟକ୍ତିତ୍ୱମାନଙ୍କ ସଂପର୍କରେ କବିତା ରଚନା ପଦ୍ଧତି ଓଡ଼ିଆ କବିତାରେ ସବୁଜମାନେ ହିଁ ଆରମ୍ଭ କରିଥିଲେ । କିନ୍ତୁ ସେଥିରେ ଅଗ୍ରଗାମୀ ନେତୃତ୍ୱ ନେଇଥିଲେ କବି ବୈକୁଣଠନାଥ । ପରେ ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ, କୁନ୍ତଳା କୁମାରୀ, ଗୋଦାବରୀମିଶ୍ର ଓ ମହାପାତ୍ର, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ ଏହି ପଦାଙ୍କ ଅନୁସରଣ କରିଥିଲେ । କଳା ଓ କାରିଗରୀ ଦୃଷ୍ଟିରୁ ବୈକୁଣ୍ଠନାଥଙ୍କ କବିତା ରସୋତ୍ତୀର୍ଣ୍ଣ ନୁହେଁ ବୋଲି ଅନାୟସରେ କୁହାଯିବ । ମନେହୁଏ ସେ ଆରମ୍ଭରୁ ହିଁ ଯେପରି ପ୍ରେମ, ପ୍ରଣୟ ଓ ସୌନ୍ଦର୍ଯ୍ୟର କବିଭାବେ ଆତ୍ମପ୍ରକାଶ କରିଛନ୍ତି । ଏ ଧାରାର ପ୍ରାରମ୍ଭ ହୋଇଥିଲା ତାଙ୍କ କାବ୍ୟଗୁରୁ ମଧୁସୂଦନ ରାଓଙ୍କ ପାଖରୁ । ସେ ଏପରି କବିତାକୁ 'ଏଲେଜି' ବୋଲି ନାମ କରଣ କରିଥିଲେ - ତେଣୁ ମୃତ୍ୟୁଜନିତ ଶୋକରେ ହିଁ ଏ କବିତା ଗୁଡିକ ପ୍ରଥମେ ପ୍ରଥମେ ଲେଖା ଯାଉଥିଲା । କିନ୍ତୁ ସବୁଜ ଗୋଷ୍ଠୀର ଏ ଶ୍ରେଷ୍ଠ କବି କେବଳ ମୃତ୍ୟୁ ନୁହେଁ ନାନାଦି କାରଣରୁ ଏସବୁ କବିତା ରଚନା କରିଛନ୍ତି ।

୧୯୨୮ ମସିହା ନେତ୍ରୋତ୍ସବ ଦିନ ଗୋପବଂଧୁଙ୍କ ଜୀବନଦୀପ ସବୁଦିନ ପାଇଁ ନିଭିଯାଇଥିଲା ମାତ୍ର ୫୧ ବର୍ଷ ବୟସରେ । ସେହିମାସ ଅର୍ଥାତ୍ ଜୁଲାଇ ମାସ । 'ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଲା 'ଜନନାୟକଙ୍କ ଆତ୍ମ କଥା' କବିତା । କିଏ ସେ ଜନନାୟକ ଯେ ଦେଶ ଓ କାଳର ସମସ୍ତ ସୀମା ଅତିକ୍ରମ କରି କଳ୍ପନାତୀତ ଦେଶକୁ ଯାତ୍ରା କରୁଛନ୍ତି । ତେଣୁ ମୃତ୍ୟୁକୁ ସମ୍ବୋଧନ କରି କବି କହନ୍ତି, ଦୀନମାନବର ପ୍ରିୟ ସଖାଙ୍କ ଅବସାନରେ ଅନ୍ତର କାହିଁକି ଆଜି ବ୍ୟାକୁଳ

ହେଉଛି ? ସେ ପ୍ରିୟମଣିଷ ଗୋପବଂଧୁ ଆଜି ମୃତ୍ୟ ଯାତ୍ରାରୁ ଫେରିଆସିବାକୁ ହୁଏତ ଜଗନ୍ନାଥଙ୍କ ପାଖରେ ଦଇନୀ କରୁଛନ୍ତି । ପୃଥିବୀ ପଛେ ନର୍କର ରୂପାନ୍ତର ହେଉ, ଯନ୍ତ୍ରଣାଗାର ହେଉ, ମୃତ୍ୟ ଜରାରୋଗ ଶୋକର ଆଗାର ହେଉ ତଥାପି ସେଇ ପୃଥିବୀକୁ ଫେରିଯିବାକୁ ଜନନାୟକ ଚାହାନ୍ତି । ଯଦି ମୃତ୍ୟୁ ମୁକ୍ତିର ଦେହଳି ହୋଇଥାଏ ତେବେ ସେ କଣ୍ଠଫଟେଇ କହିବେ –

''ସ୍ଥଗିତ କର ସେ ମୃତ୍ୟୁ ଯାତ୍ରା ଆୟୋଜନ/ମୁକ୍ତିର ସକଳ ସ୍ୱପ୍ନ ସବୁ ପ୍ରଲୋଭନ
ରଖ ଦୂରେ ଯାଏଁ ଫେରିଦିଅ ଅବସର/ମର୍ତ୍ତ୍ୟଛାଡ଼ି ଯିବି ନାହିଁ ଆକୁଳ ଅନ୍ତର ।

ଜନନାୟକ ହୁଏତ ମୃତ୍ୟୁ ଦେବତାଙ୍କୁ ନିଉଛାଳି ହୋଇ କହୁଛନ୍ତି – ତାଙ୍କ ପ୍ରିୟ ଦେଶବାସୀ ତାଙ୍କୁ ନ ଦେଖି ଛଟପଟ ହେଉଥିବେ । ମୁଠେ ଅନ୍ନପାଇଁ ସେମାନେ ଦିବାରାତ୍ର ସଂଗ୍ରାମ କଲେବି ସେମାନଙ୍କ ପେଟ ପୁରୁନାହିଁ । କେଉଁଠି ଶିଶୁଟିଏ ମାଆ ସାଙ୍ଗେ ସାଙ୍ଗେ ଚାଲିଛି, ପେଟରେ ତାର ଦାନା ନାହିଁ ମାଆର ପରିଧାନ ଛିନ୍ନ ବସନ ମାତ୍ର । ସାରା ରାଜ୍ୟରେ ବଢ଼ି ମରୁଡ଼ିରେମୃତ୍ୟୁର ତାଣ୍ଡବ ଲୀଳା ଲାଗିଛି ନିୟତି ଯେପରି ଏ ନିଃସ୍ୱ ମଣିଷମାନଙ୍କୁ ଉପହାସ କରୁଛି । ଏ ପୃଥିବୀରେ କେତେ ମଣିଷ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରୁଥିଲାବେଳେ ଏ ଦୀନଦରିଦ୍ର ମଣିଷମାନେ ପେଟ ପୁରାଇ ଖାଇବାକୁ ମଧ୍ୟ ଅଧିକାର ପାଉ ନାହାନ୍ତି । ଏପରି ସମୟରେ ମୃତ୍ୟ ପାଖରେ କିଛି ଅବକାଶ ପାଇଁ ନିଉଛାଳି କରନ୍ତି ପ୍ରିୟ ଜନନାୟକ । ପୁଣି ଦେଶର କବିମାନଙ୍କୁ ସେ ଆହ୍ୱାନ କରି କହନ୍ତି –

''ଗାଅଗାଅ ସେ ସଂଗୀତ ମୋର ପ୍ରାଣଭରି/ନ ପାରିଲି ଦିନେ ଯାହା ମୁହଁ ପୂର୍ଣ୍ଣ କରି
ତୁମ କଣ୍ଠୁ ଶୁଣିଆଜି ଲଭିବି ଆରାମ/କହ ପୂରାଇବ ତୁମେ ମୋର ମନସ୍କାମ ।''

ସେ ତ ଥିଲେ ନିଜେ ଜଣେ କବି । ଦରିଦ୍ର, ନିଃସ୍ୱ ପାଇଁ ତାଙ୍କ ଅନ୍ତର କାନ୍ଦି ଉଠୁଥିଲା ଓ ତାହା କବିତା ଆକାରର ନିଗିଡ଼ି ଯାଉଥିଲା । ତାଙ୍କର ବିଶ୍ୱାସ କବିମାନଙ୍କର ସଂଗୀତ କେବେ ବ୍ୟର୍ଥ ହେବନାହିଁ । ସେଇ ଗୀତ ଶୁଣୁ ଶୁଣୁ ସେ ଏକ ସୁନ୍ଦର ମରଣକୁ କୋଳାଗ୍ରତ କରିନେବେ ।

ସେଇ ଆବେଗ ଓ ଉଚ୍ଛ୍ୱାସ ବୈକୁଣ୍ଠନାଥଙ୍କ କବିତାରେ ମହାନ୍ ସଂପାଦକ ବିଶ୍ୱନାଥ କରଙ୍କ ମୃତ୍ୟୁରେ ପ୍ରକାଶ ପାଇଛି । ୧୯୩୪ ମସିହାରେ ତାଙ୍କର ମୃତ୍ୟୁ ହୁଏ । ସବୁଜ ଗୋଷ୍ଠୀର ଏଇ ତରୁଣ କବିମାନଙ୍କୁ ଲୋକଲୋଚନକୁ ଆଣିବାକୁ ଅବିସମ୍ବାଦିତ ଭାବ ବିଶ୍ୱନାଥ କର ହିଁ ଥିଲେ ଅଗ୍ରଦୂତ । ସେ ଯେ ଆଜି ଆଉ ନାହାନ୍ତି କବି ବିଶ୍ୱାସ କରି ପାରୁ ନାହାନ୍ତି । ଅଥଚ ଜ୍ୱଳନ୍ତ ଅଗ୍ନିଶିଖାରେ ସେ ଅନ୍ୟମାନଙ୍କ ପରି ତାଙ୍କ ମରଶରୀରକୁ ଦାହକରି ଆସିଛନ୍ତି । ସତେ ଯେପରି ପରମ ଆତ୍ମୀୟ କେହିଜଣେ ଚାଲିଗଲେ । ତାଙ୍କରି ପାଇଁ ଏକାବେଳକେ ୧୮ଟି ସନେଟ୍ ଲେଖିବା କମ କଳା କୁଶଳତାର ଅପେକ୍ଷା ରଖେନାହିଁ । କବି ବିଶ୍ୱନାଥ କରଙ୍କୁ ଏତେ ଭଲ ପାଉଥିଲେ ଯେ ତାଙ୍କ ମୃତ୍ୟୁରେ ସତେ ଯେପରି ସେ ସ୍ଥିତିହରା ହୋଇ ପଡ଼ିଛନ୍ତି । ସେ କେବଳ ସଂପାଦକ ମାତ୍ର ନ ଥିଲେ କବିଙ୍କ ପାଇଁ ଥିଲେ ବନ୍ଧୁ, ସହୋଦର, ମନ୍ତ୍ରଦ୍ରଷ୍ଟା ଦିବ୍ୟ ଆଶିଷ ଭରା ବିଶାଳ ବ୍ୟକ୍ତିତ୍ୱ । ସେ ଟଳି ପଡିଲେନି ଯେ ତାଙ୍କ ବାହୁ ଛାୟାତଳେ ଯେଉଁମାନେ ଆତ୍ମପ୍ରକାଶ କରୁଥିଲେ ସେମାନେ ଦିଶାହରା ହୋଇଗଲେ । କବିଙ୍କ ସ୍ମୃତି ତର୍ପଣରୁ ପଦେ ଉଦ୍ଧାର କରିବା ଉଚିତ ମନେ କରୁଚି । ୨୫ ତମ ସନେଟରେ କବି କହିଛନ୍ତି –

''କ୍ଷମ ଅପରାଧ ମମ ମୁଁ ଅଶ୍ରୁ ଆତୁର
ହରିଛି ବିଶ୍ୱାସ, ଦିବ୍ୟଜ୍ଞାନ ମୃତ୍ୟୁ କ୍ରୂର

ଆଜି ଯେ ମାନବ ଆତ୍ମା ହରିଛ କୌଶଳେ
ବଂଚିଥିଲି ସେହି ପ୍ରୀତି ପୁଣ୍ୟ ପ୍ରଭାତଳେ ।''

ଏ ଆକୁତି, ଏ ଉଚ୍ଚାରଣ, ଏ ଭଲପାଇବାରେ କଣ ବିକଳ୍ପ ଥାଇପାରେ ? ଉତ୍କଳ ସାହିତ୍ୟର ସଂପାଦକ ଓ ତରୁଣ କବିମାନଙ୍କ ମଧ୍ୟରେ ସେହିପରି ଆବେଗପୂର୍ଣ୍ଣ ସଂପର୍କ ଥିଲା ଯାହା ବାର୍ଦ୍ଧକ୍ୟ ଓ ତାରୁଣ୍ୟ ନିର୍ବିଶେଷରେ ବାନ୍ଧି ହୋଇ ରହିଥିଲା । ଆଜି ସମ୍ଭବତଃ ସେପରି ସାହିତ୍ୟ ଯୁଗ ତୁଟିଗଲା । ଜଣେ ସଂପାଦକଙ୍କ ମୃତ୍ୟୁରେ କବି ୨୫ଟି ସନେଟ୍ ରଚନା କରିବା ପରମ ବିସ୍ମୟ ହୋଇ ରହିଗଲା କେବଳ ।

ସେହିପରି ପାରଳାଖେମୁଣ୍ଡିର ଅନ୍ଧ ଗାୟକ ଅପର୍ଣ୍ଣା ପରିଚ୍ଛାଙ୍କ ପ୍ରତି କବି ତାଙ୍କ ଶ୍ରଦ୍ଧା ନିବେଦନ କରିଛନ୍ତି । ଅପର୍ଣ୍ଣା ପରିଚ୍ଛା କେତେବର୍ଷ ପାଇଁ ସତ୍ୟବାଦୀ ବନବିଦ୍ୟାଳୟରେ ସଂଗୀତ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସମ୍ଭବତଃ ସେଇଠି କବିଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ଅପର୍ଣ୍ଣା ପରିଚ୍ଛାଙ୍କ ମୃତରେ ବୈକୁଣ୍ଠନାଥ ଲେଖିଲେ –

ଦରିଦ୍ର ଦେଶର ଶିଳ୍ପୀଦୃଷ୍ଟି ଅନ୍ତରାଳେ/ଜନମି ମୁଦିଲ ଆଖି ଲେଖାଥିଲା ଭାଲେ
ଲେଖିଲା ବା ନାହିଁ କାଳ ଅମର ଅକ୍ଷରେ/ତୁମ କୀର୍ତ୍ତିଗାଥା, କେହି ନ ପୁଛିବେ ଥରେ ।

କବିଙ୍କ ବିଚାରରେ ପରିଚ୍ଛା ଥିଲେ କାନନ ମଲ୍ଲୀକା କିମ୍ବା ଶ୍ମଶାନ ତୁଳସୀ । ତେଣୁ ତାଙ୍କୁ ଯାହା ମିଳିବାର କଥା ମିଳିନାହିଁ । ଦାରିଦ୍ର୍ୟ ଓ ଅଶ୍ରୁରେ ସମଗ୍ର ଜୀବନ ଅତିବାହିତ କରି ସେ ହଜିଯାଇଛନ୍ତି ।

ଆତତାୟୀର ଗୁଳିଚୋଟରେ ଗରବଂଧୁ ଗାନ୍ଧିଙ୍କର ବିଲୟ ଘଟେ ଜାନୁୟାରୀ, ୧୯୪୮ ମସିହାରେ । ଭାରତ କିଂଚିତ୍ ପୂର୍ବରୁ ସ୍ୱାଧୀନତା ପାଇଥିଲା ସତ କିନ୍ତୁ ଶିଶୁରାଷ୍ଟ୍ର ତଥାପି ଗୋଡରେ ଠିଆ ହେବାକୁ ଶିଖି ନ ଥିଲା । ଅଥଚ ଭାରତମାତାର ସର୍ବଶ୍ରେଷ୍ଠ ପୁତ୍ର ସମସ୍ତଙ୍କ ଆଖିରେ ଅଶ୍ରୁର ଝରଣା ଛୁଟାଇ ଆତତାୟୀର ଗୁଳିଚୋଟର ବିଦ୍ଧହେଲେ । ସମଗ୍ର ଭାରତୀୟ ଜନତା ପାଇଁ ସେଦିନ ଥିଲା ମର୍ମନ୍ତୁଦ ଶୋକର ମୁହୂର୍ତ୍ତ । ଦେଶର ସୁବିଶାଳ ବନସ୍ପତି ଯେପରି ଝଂଜା ଘାତରେ ଟଳି ପଡ଼ିଲା । ମୂକ ଶିଶୁପ୍ରତି ମୁହଁରେ ପ୍ରତିବାଦ ନ ଥିଲା, ବିରକ୍ତି ବି ନଥିଲା । ମୃତ୍ୟୁକୁ ହସି ହସି ସେ ବରଣ କରିଥିଲେ । କେବଳ 'ହେ ରାମ' ଶବ୍ଦ ଦୁଇଟି ଶେଷ ବେଳକୁ ଉଚ୍ଚାରଣ କରି ପାରିଥିଲେ । ସେ ଥିଲେ ଅବିଚଳ, ସ୍ଥିତିପ୍ରଜ୍ଞ ଓ ଆଦର୍ଶର ପୂଜାରୀ । କବିଙ୍କ ମନରେ ସଂଶୟ ଦେଖା ଦେଇଛି ଓ ସେ ପ୍ରଶ୍ନ ପଚାରିଛନ୍ତି –

ବିଶ୍ୱ ନିଃସ୍ୱଜନେ, ମାତ୍ର ଉପୁଜେ ସନ୍ଦେହ/ଯାହା ଲାଗି ଯେବାଲକ୍ଷେ ପାତ କଲ ଦେହ ।
ରଖିବେ ମର୍ଯ୍ୟାଦାଟି କି ? ଯିବେ ସେହିବାଟେ/ ଅବାଶେଷ ସବୁ ରାମଧୁନି, ଗୀତାପାଠେ ?

**ସ୍ମୃତିତର୍ପଣ** :– କବିଙ୍କର ସେଦିନର ସଂଶୟ ଆଜି ଅକ୍ଷରେ ଅକ୍ଷରେ ପ୍ରତିପାଦିତ ହୋଇଛି । ଜାତିର ପିତାଙ୍କ ମହତ୍ତ୍ୱ ଓ ଆଦର୍ଶକୁ ଭୁଲି ନେତାମାନେ ଲୁଣ୍ଠନ, ଧର୍ଷଣ ଓ କ୍ଷମତା ଲାଳସାରେ ମାତିଛନ୍ତି । ଗାନ୍ଧିଜୀଙ୍କ ଗଣପୂଜା, ଗଣସେବା, ଗଣର ମଙ୍ଗଳ ଆଜି ଆଉ ସାରତତ୍ତ୍ୱ ହୋଇନାହିଁ । ଏ ଦେଶର ଶାସକବର୍ଗ ଓ ନେତାମାନେ ଗାନ୍ଧିଜୀଙ୍କ ଉପରେ ଲେଖିଛନ୍ତି ଯେଉଁଠି ଗାନ୍ଧି ଭାରତର ଜନସାଧାରଣଙ୍କୁ କହିଯାଇଛନ୍ତି ଯେ ସେ ଜଣେ ସମସ୍ତଙ୍କ ପରି ସାଧାରଣ ମଣିଷ ମାତ୍ର । ତେଣୁ ତାଙ୍କୁ ଦେବତାଜ୍ଞାନ କରି ଦୂରେଇ ଦେବା ତାଙ୍କୁ ଅପମାନ ବ୍ୟତୀତ ଆଉ କିଛି ହୋଇ ନ ପାରେ । ନିଃସ୍ୱମାନବର ବ୍ୟଥାକୁ କେତେ ବା ସେ ଦୂର କରିପାରିଛନ୍ତି ? ବରଂ ତାଙ୍କର ତ୍ରୁଟି ବିଚ୍ୟୁତିକୁ ପ୍ରଚାର କରିବା ପାଇଁ ସେ ସମସ୍ତଙ୍କୁ ଅନୁଯୋଗ କରିଯାଇଛନ୍ତି । ତାଙ୍କର ଶେଷ ପରାମର୍ଶ ହେଉଛି ଭାରତୀୟମାନେ ସତ୍ୟପଥରୁ ବିଚ୍ୟୁତ ନ ହୁଅନ୍ତୁ ।

ଗାନ୍ଧିଶିଷ୍ୟ ସନ୍ଥ ବିନୋବା ପଦବ୍ରଜରେ ଭାରତର ଭ୍ରମଣ କରି ଗାନ୍ଧିବାର୍ତ୍ତା ପ୍ରଚାର କରୁଥିବା ବେଳେ ମଧ୍ୟ ପ୍ରଦେଶର ଜଣେ ଦୁର୍ଦ୍ଧାନ୍ତ ଡାକୁ ତାଙ୍କ ଶାନ୍ତି ଡାକରାରେ ଆତ୍ମସମର୍ପଣ କରିଥିଲା । ଆଇନ୍ କାନୁନ୍ ଯାହାର ପଢ଼ା ପାଉ ନଥିଲା ସେଇ ପାପୀ, ନରଦନ୍ତା ଦସ୍ୟୁ ବିନୋବାଙ୍କ ସରଳ ଆହ୍ୱାନରେ କେଉଁ ମନ୍ତ୍ରବଳରେ ଉଦ୍‌ବୁଦ୍ଧ ହୋଇ ନୂଆ ଜୀବନ ପାଇଁ ଭିକ୍ଷା ମାଗି ବସିଲା ? ସନ୍ଥ ବିନୋବା ଯେପରି ଥିଲେ ଜଣେ ଅଦ୍ଭୁତ ଯାଦୁକର ଓଡ଼ିଶାରେ ତାଙ୍କରି ଅନୁଗାମୀ ସନ୍ଥ ଆଚାର୍ଯ୍ୟ ହରିହର ମଧ ଥିଲେ ଜଣେ ପୁଣ୍ୟକର୍ମା ମହାନ୍ ଗାଂଧିବାଦୀ ଯାହାର ଆପଣାର ବୋଲି କିଛି ଧନ ସଂପଦ ନଥିଲା । ଗାନ୍ଧି ବିନୋବାଙ୍କ ପରି ଆଣ୍ଠୁ ଲୁଚୁ ନ ଥିବା ଖଦଡ଼ ଧୋତି ପିନ୍ଧି ଓ କୁର୍ତ୍ତାହୀନ ଦେହରେ ଧଳା ଖଦଡ଼ ଚାଦରଟିଏ ପକେଇ ସ୍ୱାଧୀନତା ସଂଗ୍ରାମର ବାଣୀଠାରୁ ସର୍ବୋଦୟର ସାମ୍ୟବାଣୀ ଶୁଣାଇ ସେ ରାଜରାସ୍ତାରେ ଚାଲି ଯାଉଥିଲା ବେଳେ ଶହଶହ ଲୋକ ତାଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରୁଥିଲେ ।

କବିଙ୍କ ଆଖିରୁ ଧରା ଦେଇଛନ୍ତି ଆଉ ଜଣେ ବୈଷ୍ଣବ କବି ଦୀନକୃଷ୍ଣ ଦାସ । କୁଷ୍ଠ ବ୍ୟାଧିରେ ପ୍ରପୀଡିତ ହୋଇବି ଗରୁଡ଼ସ୍ତମ୍ଭ ପାଖରେ ଠିଆ ହୋଇ ସେ ଯେଉଁ ଅନବଦ୍ୟ ଜଣାଣ ଲେଖି ଯାଇଛନ୍ତି ତାହା ଏ ଭକ୍ତଜନଙ୍କ କର୍ଣ୍ଣକୁ ପବିତ୍ରିତ କରୁଛି । ସେ ଜଣାଣ ପାଠମାତ୍ରେ ଭକ୍ତ ଆଖିରୁ ଛୁଟୁଛି ଅଶ୍ରୁଧାରେ । ସେଇ କବିଙ୍କୁ ଠାକୁର ରାଜା ତାଙ୍କ ନାମରେ କବିତାଟିଏ ଭଣିତା କରିବାକୁ ଅନୁରୋଧ କଲାବେଳେ କହିଥିଲେ– ବରଂ ଛାତିର କାତି ବିନ୍ଧ କରି ମରିଯିବି ଜଗନ୍ନାଥଙ୍କ ବ୍ୟତୀତ ଆଉ କାହାପାଇଁ ଗୀତଭଣିତା କରିବିନାହିଁ । ଖାଦ୍ୟନାହିଁ, ବସ୍ତ୍ରନାହିଁ –ରାଜାନୁଗ୍ରହରେ ସବୁ ପରିପୂର୍ଣ୍ଣ ହୋଇ ଯାଇଥାନ୍ତା । ଅଥଚ କବି କହିଲେ –

''କବି ଯା କରେ ମୂର୍ଖକୁ ସ୍ତୁତି/ଏଥିରୁ ବଳି ନାହିଁ ବିପତ୍ତି
ଏଥିରୁ ବଳି ଛାତିରେ କାତି/ ମାରି ମରିବା ଭଲ ହେ ।''

ଏତ ଅହଂକାର ନୁହେଁ ସ୍ୱାଭିମାନ ମାତ୍ର । ବୈକୁଣ୍ଠ ସେଇ ବ୍ୟାଧିଗ୍ରସ୍ତ କବିଙ୍କ ପାଇଁ କବିତା ଭଣିତା କରି ଲେଖିଛନ୍ତି –

''ବଡ଼ ଦାଣ୍ଡର ଧୂଳିକଣା ଦେହେ ବୋଳି
ମଙ୍ଗଳ ତୁମେ ଧୂପ ଆଳତିରେ/ବସର ନୀତିରେ
ବୀଣାତାନ ଦେଲି ଖୋଲି ।''
ତୁମ ଶ୍ରୀଙ୍ଗ ଶ୍ରୀବତ୍ସ ପଦ ଧ୍ୟାଇ
ବଳିଦିଅ ପ୍ରଭୁ/ପିଇଯାଏଁ ବିଷ/ ଶତ୍ରୁକୁ କରେ ଭାଇ ।''
ଛିଡିଛି ଅଙ୍ଗ/ପଙ୍ଗୁର ବାକି/ରହିଛି ଯେ ଅଭିମାନ
ସେ ନୀଳ–ଶଇଳେ/ଚୂନା ହୋଇଯାଉ/ଦମ୍ଭୋଳି ହୃଦେ ହାଣୀ ।''

କବି ଦୀନକୃଷ୍ଣଙ୍କ ସଂପର୍କରେ ଯେତେ କହିଲେବି ତାହା ଅକୁଳାନ ହେବ । ତାଙ୍କରି ପରି କବି ବୈକୁଣ୍ଠ ମଧ ବୈଷ୍ଣବ ଚେତନାରେ ଉଦ୍‌ବୁଦ୍ଧ ଯେତେ ଯେତେ କବିତା ଲେଖିଛନ୍ତି ସେ ସଂପର୍କରେ ଆଗରୁ କୁହାଯାଇଛି । (କବିତା–ଦୀନକୃଷ୍ଣ, 'ଉତ୍ତରାୟଣ' – ବୈ. ଗ୍ରନ୍ଥାବଳୀ ୨ୟ ଭାଗ ପୃ ୬୯)

ପଣ୍ଡିତ ଗୋଦାବରୀଶ, ଗୋପବଂଧୁ ଚୌଧୁରୀ, ଲକ୍ଷ୍ମୀନାରାୟଣ ସାହୁଙ୍କ ପରି ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ କବି ବୈକୁଣ୍ଠନାଥ ସେମାନଙ୍କ ମୃତ୍ୟୁର ଅଶ୍ରୁତର୍ପଣ କରିଥିଲେ ବି ଗୋପବଂଧୁ ଚୌଧୁରୀଙ୍କ ବ୍ୟକ୍ତିତ୍ୱ ପ୍ରତି ତାଙ୍କର ଥିଲା ଅଧିକ

ଶ୍ରଦ୍ଧା ଓ ସମର୍ପଣର ଭାବନା । ତତ୍କାଳୀନ ବ୍ରିଟିଶ୍ ସରକାରଙ୍କର ସେ ଜଣେ ଆଇ.ସି.ଏସ୍. ଅଫିସର ହେଲେବି ମହାତ୍ମାଗାନ୍ଧି ଓ ଗୋପବଂଧୁଙ୍କ ଡକାରେ ଚାକିରୀ ଛାଡ଼ି ସ୍ୱାଧୀନତାର ସଂଗ୍ରାମରେ ଯୋଗଦାନ କରିଥିଲେ । ଭାରତର ସ୍ୱାଧୀନତା ପ୍ରାପ୍ତିପରେ ତାଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେଲେ ବି ଗୋପବଂଧୁ ଚୌଧୁରୀ କ୍ଷମତାଠାରୁ ଦୂରରେ ରହି ବିନୋବାଙ୍କ ଭାବନାରେ ଉଦ୍‌ବୁଦ୍ଧ ହୋଇଥିଲେ ଓ ନିଜପତ୍ନୀ ରମା ଦେବୀଙ୍କ ସହିତ ସର୍ବୋଦୟ କାର୍ଯ୍ୟରେ ଜୀବନର ଶେଷ ପର୍ଯ୍ୟନ୍ତ ଲାଗାଥିଲେ । ତାଙ୍କ ଉଦ୍ଦେଶ୍ୟରେ କବି ବୈକୁଣ୍ଠନାଥ ଯଥାର୍ଥରେ କହିଛନ୍ତି –

''ବଂଚି ନିଜ ଲାଗି ଆମେ ମରୁ ପଳେପଳେ / ବଂଚି ଆମ ଲାଗି ତମେ ଅମର ଭୂତଳେ
ସୁଦୂର ଆଦର୍ଶ ବଂଶୀସ୍ୱନେ କୃତକୃତ୍ୟ/ଆନନ୍ଦ ଅଶ୍ରୁରେ ଯେହ୍ନେ ସର୍ବାଙ୍ଗ ଆପ୍ଲୁତ
ଭୁଲଇ ଅଶନବାର ହେଲ ପଥଚାରୀ/ଡାକିଲେ ପଛରୁ ଯେତେ ଦେଖ ଧ୍ୱଜାଧାରୀ
କଲ ନାହିଁ କର୍ଣ୍ଣପାତ, ଚାଲିଲେ ଧସି/ଶୁଣି ନିଃସ୍ୱ ଦଳିତର ସକରୁଣ ବଂଶୀ ।''

ତାଙ୍କରି ତିରୋଧାନରେ ସହସ୍ର ସୁପ୍ତ ଜନତାର ହୃଦୟରେ ଅଶ୍ରୁର କୋହ ସୃଷ୍ଟି ହୋଇଛି ସତ କିନ୍ତୁ ବିଶ୍ୱାସ ମଧ ଜାଗିଛି ଯେ ଗୋପବନ୍ଧୁ–ରମାଦେବୀଙ୍କ ପରି ସ୍ୱାର୍ଥତ୍ୟାଗୀ ମଣିଷ ଏ ଭୂଖଣ୍ଡରେ ଜନ୍ମ ହୋଇଥିଲେ । ଅଗଣିତ ଜନତାର ସେମାନେ ଥିଲେ ବାପ ଓ ମାଆ ।

ଓଡ଼ିଶାର ଆଉ ଜଣେ କ୍ଷୀଣଜୀବୀ ବିଶାଳ ବ୍ୟକ୍ତିତ୍ୱ ଥିଲେ ଭଗବତୀ ଚରଣ ପାଣିଗ୍ରାହୀ, ଉତ୍କଳ କମ୍ୟୁନିଷ୍ଟପାର୍ଟିର ପ୍ରତିଷ୍ଠାତା। କବି ବୈକୁଣ୍ଠନାଥଙ୍କ ପ୍ରିୟ ସବୁଜ ବଂଧୁ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ସେ ଥିଲେ କନିଷ୍ଠ ଭ୍ରାତା । ପ୍ରଥମେ କଂଗ୍ରେସରେ ଯୋଗଦେଇ ସେ Congress for Socialist Actionର ଜଣେ ସକ୍ରିୟ ସଭ୍ୟଥିଲେ । କିନ୍ତୁ ପରେ ପରେ କଂଗ୍ରେସର ଏ ଦିଗରେ ନିଷ୍କ୍ରିୟତାକୁ ଅନୁଭବ କରି ଅନେକ ଗଣମୁଖୀ Action ପାଇଁ ସେ ଗଢ଼ିଲେ କମ୍ୟୁନିଷ୍ଟ ପାର୍ଟି। ୨ୟ ପୃଥିବୀ ମହାଯୁଦ୍ଧ ସମୟରେ କମ୍ୟୁନିଷ୍ଟ ପାର୍ଟି ମିତ୍ରପକ୍ଷକୁ ଅସହଯୋଗ କରିବାକୁ ଘୋଷଣା କରିବା ଫଳରେ ଭଗବତୀଙ୍କୁ କାରାବାସ ଦଣ୍ଡ ମିଳିଥିଲା ଓ ୧୯୪୩ ମସିହାରେ ସେଇ କାରାଗାରରେ ସେ ସବୁଦିନ ପାଇଁ ଆଖିବୁଜି ଦେଇଥିଲେ । ତାଙ୍କରି ସ୍ମୃତିରେ ବ୍ୟଥିତ କବି ବୈକୁଣ୍ଠନାଥ ଗାଇଛନ୍ତି –

''ନବ ପ୍ରଭାତର ସଂଗୀତ ତୁମେ / ନବ ଜୀବନର ଭାଷା
ବହି ଆଣିଥିଲ ମୃତ୍ୟୁ ଗହନେ/ମୈତ୍ରୀ ଶାନ୍ତି ଆଶା
××× ନବୀନ ଯୁଗର ହେ ଅଭିମନ୍ୟୁ/ଭେଦିଲ ଭେଦ ବ୍ୟୂହ
ଗଣ ଆଦର୍ଶ ପରମ ସତ୍ୟେ/ବ୍ୟକ୍ତି କି କଲେ ଉହ୍ୟ ।''

ଏହାହିଁ ଥିଲା ସାମ୍ୟବାଦୀ ମାନଙ୍କର ଆଦର୍ଶ । ସମଷ୍ଟି ସର୍ବସ୍ୱ ସେମାନଙ୍କର ଚିନ୍ତାଧାରା, ସେଥିପାଇଁ ବ୍ୟକ୍ତି ବଳି ପଡିଲେବି ସେମାନଙ୍କର ଭାଲେଣୀନ ଥିଲା ।

ଏ ପ୍ରସଙ୍ଗରେ ବହୁ ଦେଶୀ ଓ ବିଦେଶୀ ବ୍ୟକ୍ତିତ୍ୱଙ୍କ ଉପରେ କବି ଲେଖନୀ ଚାଳନା କରିଥିଲେ ମଧ ନେତାଜୀ ସୁଭାଷ ବୋଷଙ୍କ ସଂପର୍କରେ ତାଙ୍କ ଭାବନାକୁ ଉଦ୍ଧାରକରି ଏ ସଛ ପ୍ରଣତି ପର୍ଯ୍ୟାୟ ଆଲୋଚନା ଶେଷ କରାଯିବ । ନେତାଜୀ ସୁଭାଷ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ କାଳରେ ଆଦାଜ୍ ହିନ୍ଦ ଫୌଜ ଗଢ଼ି ସିଂହାପୁରରେ ହିଁ ଇଂରେଜମାନଙ୍କ ସହିତ ଏକ ପ୍ରତ୍ୟକ୍ଷ ଯୁଦ୍ଧର ଘୋଷଣା କରନ୍ତି । ତାଙ୍କ ଆଜାଦ୍ ହିନ୍ଦ ଫୌଜରେ ବର୍ମା ଓ ସିଂହାପରରେ ଥିବା ବହୁ ବିଦେଶୀ

ଭାରତୀୟ ଯୋଗ ମଧ୍ଧ ଦିଅନ୍ତି । ସମ୍ଭବତଃ ନେତାଜୀ ଆହ୍ୱାନ ଦେଇ କରାନ୍ତି ଯେ ବିଦେଶରେ ଯେତେ ଭାରତ ସନ୍ତାନ ଅଛନ୍ତି ଜନନୀର ମୁକ୍ତି ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ସମର ଯଜ୍ଞରେ ସମସ୍ତେ ଯଥାଶକ୍ତି ସାହାଯ୍ୟ କରନ୍ତୁ । ସେମାନେ ଅର୍ଥ, ବୁଦ୍ଧି, ଅସ୍ତ୍ରଶସ୍ତ୍ର ସାହାଯ୍ୟ କରିପାରନ୍ତି । ସେଇମାନଙ୍କ ଯଜ୍ଞାହୁତିରେ ପରଦେଶ ହେଲେବି ସେଠାରେ ହିନ୍ଦୁସ୍ଥାନ ସରକାର ଗଢ଼ିବାକୁ ସେ ଘୋଷଣା କରିଦିଅନ୍ତି । 'ଜୟହିନ୍ଦ୍' ହିଁ ଥିଲା ତାଙ୍କର ଯୁଦ୍ଧ ଧ୍ୱନିର ଆହ୍ୱାନ । ଜଣେ ଅଶୀବର୍ଷର ବୃଦ୍ଧା ନଇଁନଇଁ ଆସି ତାର ସମଗ୍ର ସଂଚିତ ସମ୍ବଳ ମାତ୍ର ଦୁଇଟି ମୁଦ୍ରା ଦେଇ ନେତାଜୀଙ୍କୁ ତାହା ଗ୍ରହଣ କରିବାକୁ ଅନୁନୟ କରିଥିଲା । ତାଙ୍କୁ ''ଜନନୀ'' ବୋଲି ସୁଭାଷ ବୋଷ ସମ୍ବୋଧନ କରିଥିଲେ ଏପରି ଏକ ସ୍ୱାର୍ଥତ୍ୟାଗକୁ ମହାନ ଭାବେ ଉପସ୍ଥାପନ କରିଥିଲେ ? ସେହି ରାଜ୍ୟରୁ ସନ୍ଥ ଯୁବସନ୍ନାସୀ ବହୁ ଆଗରୁ ୧୬ଶ ଶତାବ୍ଦୀରେ ନିଜ ମାଆଙ୍କଠାରୁ ଅନୁମତି ଚାହିଁ କହିଥିଲେ । ''ଦିଅ ମା' ବିଦାୟ ମୋତେ ! ଚଳିବି ସନ୍ନ୍ୟାସେ/ଧରୁନାହିଁ, ମନ ଆଉ ତିଳେ ଗୃହ ବାସେ ଆକୁଳ କରୁଛି ସୃଷ୍ଟି–ଲୋତକର ସୁଅ/ଦିବାନିଶି ଡାକେ ଶ୍ୟାମ ବଂଶୀ ''ଛାଡ଼ ମୋତେ ।'' ଏ ଦୁଇ ମହାପୁରୁଷଙ୍କ ପାଇଁ ବଙ୍ଗଭୂମି ଧନ୍ୟ ହୋଇଛି । ଏଇ ଭୂଇଁ ପୁଣି ଆହୁରି କେତେ ମହାମାନବକୁ ଜନ୍ମ ଦେଇଛି ଯେଉଁମାନଙ୍କ ବିଷୟରେ ବୈକୁଣ୍ଠନାଥ ହୁଏତ ଶୋକଗୀତି ଲେଖି ପାରି ନାହାନ୍ତି । ସେମାନେ ହୋଇ ପାରନ୍ତି ରାମକୃଷ୍ଣ, ବିବେକାନନ୍ଦ, ରବୀନ୍ଦ୍ରନାଥ ଓ ପ୍ରଥମେ ବିପ୍ଳବୀ ଓ ପରେ ଆଧ୍ୟାତ୍ମିକବାଦୀ ଋଷି ଅରବିନ୍ଦ । ମୋଟ ଉପରେ ଏତେ ବ୍ୟାପକ ଭାବେ ଓ ଏତେ ମହାତ୍ମାମାନଙ୍କ ସଂପର୍କରେ ବୈକୁଣ୍ଠନାଥ ଏ ସନ୍ଥପ୍ରଣତି ଅଧ୍ୟାୟ ଉତ୍‌ଥାପନ କରି ଓଡ଼ିଆ କବିତାର ଖୁବ୍ ବଡ଼ ଅଭାବକୁ ପରିପୂର୍ଣ୍ଣ କରିଛନ୍ତି ବୋଲି କହିବାରେ ମୋର ଦ୍ୱିଧା ନାହିଁ ।

**ମାନବତାବାଦୀ ଚିନ୍ତାଧାରା** :– ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗର କବିତାରେ ମାନବତାବାଦୀ ଚିନ୍ତାଧାରାର ବ୍ୟାପକ ଉନ୍ମେଷ ଘଟିଥିବା କଥାରେ ସମାଲୋଚକମାନେ ପ୍ରାୟ ଏକମତ । ଦରିଦ୍ର ନିଃସ୍ୱ, ଦୁଃଖୀ, ରଙ୍କୀମାନେ ସାହିତ୍ୟର ଦରବାରକୁ ଏଇ ସମୟରେ ହିଁ ଅନୁପ୍ରବେଶ କରିପାରିଲେ । ଅବଶ୍ୟ ଫକୀରମୋହନଙ୍କ ସୃଷ୍ଟିରେ ସାମଗ୍ରିକ ଭାବେ ସେଇମାନଙ୍କ ଦୁଃଖ ଓ ଦୁର୍ଗତିର ସ୍ୱର ଶୁଣିବାକୁ ମିଳିଥିଲା । ସତ୍ୟବାଦୀର କବିମାନେ ଦେଶ ସେବାକୁ ବ୍ରତଭାବେ ଗ୍ରହଣ କରିନେଇଥିଲେ ଓ କବିତା ଥିଲା ତାର ପରିପ୍ରକାଶ । କିନ୍ତୁ ସବୁଜ ଗୋଷ୍ଠୀର କବିମାନେ ଏ ବିଭାବ ପ୍ରତି ମୂଳରୁଏତେ ଆବିଷ୍ଟ ନ ଥିଲେ । ବରଂ ପରିପାର୍ଶ୍ୱର ଦୁଃଖ ଓ ଯନ୍ତ୍ରଣାକୁ ଭୁଲିଯିବା ପାଇଁ ସେମାନେ ଦୂରବର୍ତ୍ତୀ କାଳ୍ପନିକ ରାଜ୍ୟକୁ ଚାଲି ଯିବାକୁ ଶ୍ଳାଘ୍ୟ ମଣିଥିଲେ । କିନ୍ତୁ ଏମାନଙ୍କ ମଧ୍ୟରେ ବୈକୁଣ୍ଠ ନାଥ ଥିଲେ ଭିନ୍ନ ଭାବନର କବି । ତାଙ୍କ କବିତାରେ ମଝିରେ ମଝିରେ ମଣିଷମାନଙ୍କ କଥା ଶୁଣା ଯାଉଥିଲା –ସେ ହରିଜନଟିଏ ହେଉ ବା ଉମାପରି ଦାରିଦ୍ର୍ୟ ପ୍ରପୀଡିତା ନାରୀଟିଏ ହେଉ । ଏ ଭାବନା ବୈକୁଣ୍ଠନାଥଙ୍କ କବିତାର ବିକାଶ ପର୍ବରେ ହିଁ କିଛି ପ୍ରତିଶ୍ରୁତି ନେଇ ଆସିଥିଲା । ହତ୍ୟା, ମୃତ୍ୟୁ, ଶୋକ ଆଦିରେ କବି ଏତେ ବିବ୍ରତ ହୋଇ ପଡୁଥିଲେ ଯେ ସ୍ୱତଃ ସେଥିପାଇଁ କବିତାର ଉତ୍ସ ଖୋଲି ଯାଉଥିଲା । କେବଳ ମଣିଷ ନୁହେଁ ମଣିଷେତରର ଦୁଃଖ ଓ କଷ୍ଟରେ ସେ ଦୋହଲି ଯାଉଥିଲେ । କେତେବେଳେ ଚିଲିକାରେ ପକ୍ଷୀବଧକୁ ଲକ୍ଷ୍ୟକରି କବିତା ଲେଖିଲେଣିତ କେତେବେଳେ ବୁଲାକୁତୀର ବ୍ୟଥାରେ ତରଳି ଗଲେଣି । ମ୍ୟୁନିସିପାଲଟି ମେହେନ୍ତର ବୁଲା ମାଆକୁତୀକୁ ମାରିଦେବାକୁ ଧରିନେଲା ପରେ ତାର ସ୍ତନ୍ୟପାୟୀ ଛ'ଟା ଛୁଆଙ୍କର ଅବସ୍ଥା କଣ ହେବ ଏକଥା ତ ସେମାନେ ଭାବିଲେନି । ତେଣୁ କବିଙ୍କ ତିନିଜଣଯାକ ସନ୍ତାନ ସମ୍ମିଳିତ ସ୍ୱରରେ ବାପାଙ୍କ ପାଖରେ ପ୍ରତିବାଦ କରନ୍ତି – ''ତୁମେ କାହିଁକି ସେ କୁକୁରଧରା ଲୋକମାନଙ୍କୁ ବାରଣକଲ ନାହିଁ । ଗୋଟାଏ କୁକୁର ପାଇଁ ବର୍ତ୍ତମାନ ଛଟା ଶିଶୁ ଖାଇବାକୁ ନ ପାଇ ମରିଯିବେ । ସେମାନେ କାନ୍ଦିକାନ୍ଦି କାନ ଫଟେଇ ଦେଉଛନ୍ତି । କବି କିନ୍ତୁ ନିର୍ବିକାର ଓ ନିରୁପାୟ । ଯାହାକୁ ସେମାନେ ଟେକିଲେଣି ସେ ଆଉ ଫେରିବାର ନୁହେଁ । ତେବେ ତାଙ୍କ ମାନବବାଦୀମନ ପିଲାମାନଙ୍କ ଦୁଃଖ ପାଖରେ ହାରମାନେ ଓ ସେ ଆଦେଶ ଦିଅନ୍ତି ଆଜିଠାରୁ

ତୁମେ ଷୋଳଜଣ ହେଲ ଭାଇ ଭଉଣୀ – ଗୋଟିଏ ରୋଷେଇରେ ସମସ୍ତେ ଖାଇବ ।'' ଏ ମାନବିକତାର ତୁଳନା ନାହିଁ । ('ବୁଲାକୁତୀ' ଗ୍ରନ୍ଥାବଳୀ ୨ୟ ଭାଗ ପୃ ୨୩) ।୫।

କାବ୍ୟ ସଂଚୟନରେ ତଥା ବୈକୁଣ୍ଠନାଥ ଗ୍ରନ୍ଥାବଳୀର ୧ମ ଭାଗରେ ଆଉ କେତୋଟି କବିତା ଅଛି ସେମାନଙ୍କ ଶୀର୍ଷକ ହେଲା ।'ବନ୍ୟାବିପ୍ଳବ' (ପୃ ୪୨୨), ଯୁଗ୍ମରୂପ (ପୃ ୪୬୧), ରିକ୍ସାବାଲା(ପୃ ୪୯୩) 'ହରିଜନ' ପୃ ୫୦୮, (ପୁନଶ୍ଚ ଗ୍ରନ୍ତାବଳୀର ୨ୟ ଭାଗରେ 'ହରିଜନ' ପୃ. ୫୦୮), ନରଦେବତା (ପୃ ୫୪୫) 'ଉମା' (ପୃ ୫୫୮) ଏଇ ମାନବବାଦୀ ସ୍ୱରର ବାର୍ତ୍ତାବହନ କରେ । କେତେ ଘର, ମୂକ ଗୃହପାଳିତ ପଶୁ, କେଉଁଠି ଅଶକ୍ତ ବୃଦ୍ଧ ବୃଦ୍ଧା ମହାବନ୍ୟାରେ ଭାସି ଯାଉଛନ୍ତି । ଘର ଛାଡ଼ି ଲୋକମାନେ ନଦୀବନ୍ଧକୁ ପଳାଇ ଆସି ବର୍ଷା, କାକରରେ ସଡୁଛନ୍ତି । କେହି ଜନସେବୀ ହୁଏତ ଅକୁଳନ ହେଲେବି କିଛି ଖାଦ୍ୟ ଆଣି ସେମାନଙ୍କ ପାଖରେ ପହଁଚୁଛନ୍ତି । କିନ୍ତୁ ଧନୀମାନଙ୍କର ଏଥିପାଇଁ ଶୋଚନା ନାହିଁ । ସେଇମାନଙ୍କ ସୌଧଆଡ଼କୁ ଅଙ୍ଗୁଳି ଦେଖାଇ କେହି ସାମ୍ୟବାଦୀ କହୁଛି – ''ଧ୍ୱଂସ ବିନା ଦରିଦ୍ରର ଅନ୍ୟଗତି ନାହିଁ ।'' ଅର୍ଥାତ୍ ଏଇ ଦୁଃସ୍ଥ ଦରିଦ୍ର ପ୍ରପୀଡିତ ମାନେ ହିଁ ଦିନେ ଏକାଠି ହୋଇ ନୃଶଂସ ଧନୀମାନଙ୍କ ସୌଧକୁ  ମାଟିରେ ମିଶାଇ ଦେବେ । କିନ୍ତୁ ବୃଦ୍ଧ ବ୍ୟକ୍ତି ଜଣେ ସେମାନଙ୍କ ଭାଗ୍ୟକୁ ଦୋଷ ଦେଇ ଭଗବାନଙ୍କ ପାଖରେ ଗୁହାରି କରିବାକୁ ଶ୍ଳାଘ୍ୟ ମଣୁଛନ୍ତି ।

''ବନ୍ୟାକ୍ଲିଷ୍ଟ ବୃଦ୍ଧ କହେ ''ଲୋଡାନାହିଁ ବାବୁ ଅଭିଶାପେ
ସୃଷ୍ଟିର ମଙ୍ଗଳ ହେଉ ଆମେ ପଛେ  ମରୁଁ ଆତ୍ମପାପେ ।
ଜଗନ୍ନାଥ, ଜଗନ୍ନାଥ ସେହି ଏକା ଭରସା ଜୀବନେ
କହି ନୀରବିଲା ବୃଦ୍ଧ ସାଶ୍ରୁନେତ୍ରେ ନମେ କବି ଜଣେ ।''

ସାମ୍ୟବାଦୀର ଧ୍ୱଂସଲୀଳା ମଣିଷର କାମ୍ୟ ନୁହେଁ, ବରଂ ଭଗବାନଙ୍କ ଲୀଳା ଓ ଉଦ୍ଦେଶ୍ୟକୁ ନତଶୀରରେ ଗ୍ରହଣ ପରମ  କାମ୍ୟ ବୋଲି ତାର ବିବେକ କହେ । କବି ବୈକୁଣ୍ଠନାଥ ସଚ୍ଚିଦାନନ୍ଦ ରାଉତରାୟଙ୍କ ପରି ବୈପ୍ଳବିକ ମାନବବାଦରେ ବିଶ୍ୱାସ କରି ନାହାନ୍ତି । ତେଣୁ ଦୁଃଖ କଷ୍ଟକୁ ଭଗବାନ ପ୍ରେରିତ ବୋଲି ବାର୍ତ୍ତା ପ୍ରଚାର କରିଛନ୍ତି । ତାଙ୍କ 'ଯୁଗ୍ମରୂପ' କବିତା (ପୃ ୪୬୧) ଏଇ ବନ୍ୟା ବିପ୍ଳବର ଏକ ଅଂଶ ବୋଲି କହିବାକୁ ହେବ । ବନ୍ୟାରେ ରାଜ୍ୟ ଉଚ୍ଛନ୍ନ ହେବାକୁ ବସିଛି । ଅଗଣିତ ମଣିଷ ଓ ପଶୁ ବନ୍ୟାରେ ଭାସିଗଲେଣି । ସ୍ୱେଚ୍ଛାସେବୀମାନେ ବନ୍ୟାକ୍ଲିଷ୍ଟମାନଙ୍କ ପାଇଁ ଭିକ୍ଷାସଂଗ୍ରହ କରି ବୁଲୁଛନ୍ତି । ସେମାନେ କରୁଣ ଆର୍ତ୍ତିଶୁଣି ନାରୀ ଜଣେ ଦ୍ୱାର ମୁହଁରେ ଉଭାହୋଇ କାନ୍ଦିବାକୁ ଲାଗନ୍ତି । ସେ ସମ୍ଭବତଃ ଦିନ ପାଇଟି କରି ବଂଚୁଥିବା ଗରିବ କାମବାଲୀଟିଏ । ଭିକ୍ଷାର୍ଥୀମାନେ ବନ୍ୟାକ୍ଲିଷ୍ଟମାନଙ୍କ ଉଦ୍ଦେଶ୍ୟରେ କରୁଣ ସଂଗୀତ ଶୁଣି ସେ କାନ୍ଦିପକାଏ, ଅଥଚ ସେଇ ସୌଧରେ ବାସ କରୁଥିବା ଅସାମାନ୍ୟ ଷୋଡଶୀ ସୁନ୍ଦରୀ  କାନରେ ଏ ବାର୍ତ୍ତା ପହଂଚେ ନାହିଁ । ଏ ଦୁଇନାରୀଙ୍କର ବିପରୀତ ରୂପ ଦେଖି କବି ସ୍ତବ୍ଧ ହୋଇଯାନ୍ତି । ଭାବନ୍ତି ଏହାହିଁ କଣ ସୃଷ୍ଟିର ବୈଚିତ୍ର୍ୟ ?

ସେଇପରି 'ରିକ୍ସାବଲା' କବିତାରେ (ଗ୍ରନ୍ଥାବଳୀ୧ମ ପୃ ୪୯୩) ରିକ୍ସାବଲାର ଦୁର୍ଗତି ପ୍ରତି କବିଙ୍କର ଦରଦ ସ୍ପଷ୍ଟ ବାରିହେଲେ ବି ବାସ୍ତବତାକୁ ଉପେକ୍ଷା ନ କରି ପରିସ୍ଥିତିର ଚିତ୍ର ଆଙ୍କିଛନ୍ତି । ଆସନ୍ନ ବର୍ଷ ଭୟରେ ରିକ୍ସାବାଲାଟି କୌଣସି ଧନୀଘର ବାରଣ୍ଡା ଉପରକୁ ଆଶୟ ପାଇଁ ଚାଲି ଆସିଛି । କନ୍ଦୁ ଘରର ଦାସୀ ଓ ଘରଣୀ ତାକୁ କୋଡ଼ି ଦାକି ଆଦି ଗାଳିରେ ପୋତିଦେଇଛନ୍ତି । ଗୃହ ସ୍ୱାମୀତାକୁ ଚୋର ବୋଲି ଭାବି ଥାନାକୁ ପଠାଇ ଦେବାକୁ ମସୁଧା କରିଛନ୍ତି । ଚାକର

।୫। ଏ କବିତାଟି ପୁରୀଠାରେ ୯୫୩ ମସିହାରେ ରଚିତ ହୋଇଥିବା ଉଲ୍ଲେଖ ଥିବାରୁ ଏହା ନିଶ୍ଚିତ ଭାବେ କବିଙ୍କ ସବୁଜ–ଫସଲ ନୁହେଁ ।

ମଧ୍ଯ ସେହିପରି ରୁକ୍ଷ ବ୍ୟବହାର ଦେଖାଇଛି । ବିଚରା ଆଶ୍ରୟ ଆଶାୟୀ ବୁଢ଼ା ରିକ୍ସାବାଲା ସେଇ ମେଘରେ ତିନ୍ତିବୁଡ଼ି ତା ରିକ୍ସା ଧରି ଚାଲି ଆସେ । ତା ମନରେ ନଇ ଆରପାରିରେ ରହୁଥିବା ତା ପିଲାମାନଙ୍କ ଚିନ୍ତା ବଡ଼ ହୋଇ ଦିଶେ । ସେମାନେ କିଛି ଖାଇ ନ ଥିବେ । ସେ ତା' ଆୟରୁ ଜିନିଷ ପତ୍ର କିଣି କରି ନେଲେ ହୁଏତ ରୋଷେଇ ହେବ । ଏ ବାସ୍ତବତା ଆମ ବଡ଼ ଲୋକମାନଙ୍କ ଅମଣିଷ ପଣିଆକୁ ହିଁ ପ୍ରତିପନ୍ନ କରିଥାଏ । ମାନବତାବାଦର ବିଲୋପରେ ପୃଥିବୀ ରୁକ୍ଷ ହୋଇଯିବ ବୋଲି କବିଙ୍କ ମନରେ ଆଶଙ୍କା ଦାନାବାନ୍ଧେ ।

'ନର ଦେବତା' କବିତାର ମର୍ମବାଣୀ ଉଚ୍ଚମାନବିକତା ବୋଧ ଉପରେ ପ୍ରତିଷ୍ଠିତ । ନିଜ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଥିବାରୁ ଜଣେ ରାଜା ସ୍ୱେଚ୍ଛାରେ ବେଳାଏ ଅଶନ ତ୍ୟାଗ କରିଛନ୍ତି । ଦୁଃସ୍ଥ ପ୍ରଜାମାନଙ୍କ କଥା ଭାବି ଅହରହ କାନ୍ଦୁଛନ୍ତି । କବି କହୁଛନ୍ତି –

''ଯେ ଦେଶେ ଏସନ ରାଜାଚିତ ଅବିପନ୍ନ
ସେ ଦେଶେ ମରଣ ସିନା ମଧୁର ସପନ
ଯେ ଦେଶେ ଏସନ ନର–ଦେବତା ପୂଜାରୀ
କି ଭୟ ଭାବନା କିସ କରିବ ଭଗାରି ?

ଅପରପକ୍ଷରେ କବି ଅନ୍ୟ କୌଣସି ରାଜ୍ୟର ରାଜାଙ୍କୁ ଧିକ୍କାର କରିଛନ୍ତି । କାରଣ ସେ ରାଜାର ପ୍ରଜାମାନେ ଘର ଛାଡି ଖାଦ୍ୟ ସଂଗ୍ରହ ଆଶାରେ ଅନ୍ୟ ରାଜ୍ୟକୁ ଦାଦନ ଭାବେ ଯାଆନ୍ତି । ସେ ରାଜା କେବଳ ଭୋଗବିଳାସ ପ୍ରମତ୍ତ । ଏଇ ଦୁଇ ରାଜାଙ୍କ ବୈଷମ୍ୟ ଛଳରେ କବି ମାନବତାର ମହାନ୍ ସତ୍ୟ ଓ ତତ୍ତ୍ୱକୁ ଉପସ୍ଥାପନ କରି ନାହାନ୍ତି କି ?ଜଣେ ନର–ଦେବତା ହେଲେ ଆଉ ଦପକ ମୂଢ଼ ପିଶାଚ ହୋଇ ପାରନ୍ତି । ନର–ଦେବତାରୂପୀ ରାଜାଠାରେ ମହାନ୍ ମାନବତାର ସନ୍ଧାନ ମିଳିଲା ବେଳେ ଭୋଗସର୍ବସ୍ୱ ରାଜା ପାଖରେ ମିଳେ ପଶୁତ୍ୱର ପରାକାଷ୍ଠା ।

ଛୋଟ କବିତାଟିଏ ହେଲେ ବି 'ତରୁଣ ଶକ୍ତି' କବିତାରେ କବି ଦୁଇ ପ୍ରକାର ଯୁବକର ଯେଉଁ ଚିତ୍ରପଟ ଅଙ୍କନ କରିଛନ୍ତି ତାହା ଏକ ପକ୍ଷରେ ମାନବତାବୋଧ ଓ ଅପର ପକ୍ଷରେ ପୈଶାଚିକତାର ସଂଦେଶ ବହନ କରେ । ଜଣେ ଯୁବକ ପାଖରେ ଅଛି ଉଚ୍ଚ ଅଭିଳାଷ, ସତ୍ୟ, ପ୍ରୀତି ପ୍ରତି ନିଷ୍ଠା, ବାକ୍ୟରେ ଅଟଳତା, ଅଛି ବଳିଷ୍ଠ ସାହସ, ପୌରୁଷ ଓ ପ୍ରତିଷ୍ଠା କିନ୍ତୁ ଅନ୍ୟ ଯୁବକଟି ଅସଂଯତ, ପ୍ରଚଳ୍ଭ, ଘୃଣା ବମାଚାରୀ, ମିଥ୍ୟାଚାର ଓ ଅନ୍ତଃସାର ଶୂନ୍ୟତା । ଜଣେ ଯୁବକ ନିଃସ୍ୱମାନଙ୍କ ସେବାକୁ ଜୀବନର ବ୍ରତଭାବେ ବରଣକରି ନେଇଥିଲା ବେଳେ ଅନ୍ୟଜଣକ ଆସ୍ଫାଳନ, ପ୍ରଗଲ୍ଭତା, ନୀତିହୀନତାକୁ ଜୀବନର ପାଥେୟ କରି କ୍ରମେ କ୍ଲୀବ ହୋଇ ପଡୁଛି । ଜଣେ ମାନବ କଲ୍ୟାଣ ପ୍ରୟାସୀ କବି ସମାଜର ଏ ଯେଉଁ ରୂପ ପ୍ରଦାନ କରିଛନ୍ତି ତାହା କେବେବି ବାହୁଲ୍ୟ ନୁହେଁ, ବରଂ ଆମ ସମାଜରେ ନିତିଦିନ ଏପରି ମଣିଷ ଆତଯାତ ହେଉଛନ୍ତି । ମାନବତାବାଦୀ କବି ସମାଜର ସେ ରୁଗ୍ଣ ଓ ଗୌରବର ଚିତ୍ରକୁ କେବଳ ସ୍ୱରାୟିତ ଯାହା କରିଛନ୍ତି । (ତରୁଣ ଶକ୍ତି–ରଚନା ସମୟ ୧୯୩୭)

ବୁଦ୍ଧଦେବଙ୍କ ସଂପର୍କରେ ରଚିତ ସମସ୍ତ କବିତାରେ ଉଚ୍ଚ ମାନବିକ ମୂଲ୍ୟବୋଧର ଚିହ୍ନ ଦେଖିବାକୁ ମିଳେ । ବୁଦ୍ଧଦେବ ଥିଲେ ମୈତ୍ରୀ, କରୁଣା ଓ ଦୟାର ସାଗର । ତେଣୁ ସମସ୍ତ ପାପୀ ତାପୀଙ୍କୁ ସେ ଅକାତରେ କୋଳେଇ ନେଉଥିଲେ । ଯେଉଁମାନେ ଅକାତରେ ଶିଶୁ ହତ୍ୟା କରୁଥିଲେ ନାରୀ ଧର୍ଷଣ କରୁଥିଲେ, ଗରିବ ଲୋକଙ୍କ ସଂପଦ ଲୁଣ୍ଠନ କରୁଥିଲେ, ଧର୍ମ ଓ ନ୍ୟାୟକୁ ହତ୍ୟାକରି ବଂଚୁଥିଲେ ସେମାନଙ୍କୁ ବୁଦ୍ଧଦେବ କ୍ଷମାଦେଇ ସଂଘ ଶରଣ ପଶିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ବାର୍ତ୍ତାଥିଲା –

''ଧର୍ମ ଅମର ! ମରେ ସିନା ଶଇତାନ/ପୌରୁଷବଳେ ସଂଘର ରହୁମାନ
ଶତ୍ରୁନିଧନେ ଜାଗହେ କଲ୍‌କୀ/ମାନବ ମୈତ୍ରୀ/କର ହେ ସଂସ୍ଥାପନା
ବୃଦ୍ଧ କର ହେ କ୍ଷମା ।'' (ଗ୍ରନ୍ଥାବଳୀ ୨ୟ ପୃ ୪୪)

ସେଥିପାଇଁ ବୌଦ୍ଧଧର୍ମକୁ ଯୁଗେ ଯୁଗେ ମହାନ୍ ମାନବିକ ଧର୍ମଭାବେ ଗ୍ରହଣ କରାଯାଇଛି । ଯୀଶୁଖ୍ରୀଷ୍ଟଙ୍କ ଆଗରୁ ଜନ୍ମନେଇ ବୁଦ୍ଧ ସବୁ ପାପୀତାପୀଙ୍କୁ କ୍ଷମା କରି ଦେଇଥିଲେ ବୋଲି ଶୁଣାଯାଏ । ଯୀଶୁଖ୍ରୀଷ୍ଟ ତ ସହଜେ କହିଥିଲେ, ''ପ୍ରଭୁ ଏ ପାପୀମାନଙ୍କୁ କ୍ଷମାଦିଅ, ଏମାନେ କଣ କରୁଛନ୍ତି ଜାଣୁ ନାହାନ୍ତି ।''

ମାଟିଆ ବୁରୁଜରେ ୧୯୪୬ ମସିହାରେ ଯେଉଁ ଗଣହତ୍ୟା ହୋଇଥିଲା ସେଥିରେ ଅସହାୟ ଓ ଦଳିତ ସାତଶହ ଓଡ଼ିଆ କୁଲିଙ୍କୁ ରାତିକ ମଧ୍ୟରେ ହତ୍ୟା କରାଯଇଥିଲା । ଯେଉଁମାନେ ଏ ଗଣହତ୍ୟାରେ ଥିଲେ ଭାଗୀଦାର ସେମାନେ ଖୁବ୍ ବାହାଦୁରୀର ସହିତ କାମ କରିଛନ୍ତି ବୋଲି ଦାବୀ କରରୁଥିଲେ । କବି ବୈକୁଣ୍ଠନାଥ ସେମାନଙ୍କୁ ଶ୍ଳେଷକରି କହିଛନ୍ତି ସେମାନେ ସାତଶ ଶୀର କାଟି ଦେଇଥିବାରୁ ଶକ୍ତିରେ ଓ ବୁଦ୍ଧିରେ ବୀର ବୋଲି ଦାବୀ କରୁଛନ୍ତି – ହେଲେ ଗଣହତ୍ୟାକାରୀ ଭାବେ ସେମାନଙ୍କ ନାମ ଲିପିବଦ୍ଧ ହୋଇ ରହିବ । ପରୋକ୍ଷରେ ନିରୀହ ଓ ନିରସ୍ତ୍ର ମଜୁରିଆ ଶ୍ରେଣୀର ଲୋକଙ୍କୁ ରାତିରେ ଶୋଇଥିବା ଅବସ୍ଥାରେ ହାଣିଦେବା କେବେବି ବୀରତ୍ୱର ପରାକାଷ୍ଠା ଭାବେ ବିବେଚିତ ହେବନାହିଁ । ଘାତକମାନେ ସବୁ ଦିନେ ଘୃଣ୍ୟ ଓ ଅମଣିଷ ବିବେଚିତ ହେବେ ।

ସେହିପରି ୧୯୪୬ ମସିହା ଶେଷ ଭାଗରେ ନୂଆଖାଲି ଅଂଚଳରେ ହିନ୍ଦୁ–ମୁସଲିମ୍ ଦଙ୍ଗା ଭୟଂକର ରୂପ ଧାରଣ କରିଥିଲା । ସେଠାରେ ଶିଶୁଠାରୁ ବୃଦ୍ଧ ବୃଦ୍ଧାଯାଏ କେହି କି ରକ୍ଷା ପାଇ ନଥିଲେ । ଧର୍ମାଚାରୀ ମୌଳବାଦୀମାନେ ରକ୍ତର ସୁଅ ବୁହାଇ ଦେଲେ । ପରେ ସେଇ ଦଙ୍ଗାଗ୍ରସ୍ତ ଅଂଚଳରେ ସାଂପ୍ରଦାୟିକ ସଦ୍‌ଭାବ ଆଣିବା ପାଇଁ ଗାନ୍ଧି ପଦଯାତ୍ରା ଓ ଅନଶନ ଆରମ୍ଭ କରିଥିଲେ । ମାନବତାର ମହାନ ପ୍ରତୀକ ମହାତ୍ମାଗାନ୍ଧି ମଣିଷ ମଣିଷ ଭିତରେ ଥବା ବୈରତା ଓ ଘୃଣା ଭାବକୁ ଦୂର କରିବାକୁ ଧର୍ମ ଓ ବର୍ଗ ନିର୍ବିଶେଷରେ ପ୍ରଚାର କରିଥିଲେ । ଭାଇ ଭାଇ ଭାବରେ ହିନ୍ଦୁ ମୁସଲିମ୍ ଚଳିବାକୁ ଆହ୍ୱାନା ଦେଇଥିଲେ । ସମ୍ଭବତଃ ସେଇଥିପାଇଁ ପରେ ହିନ୍ଦୁ ମୌଳବାଦୀ ନାଥୁରାମ ଗଡ଼୍‌ସେର ଗୁଳି ଚୋଟରେ ତାଙ୍କୁ ପ୍ରାଣ ଦେବାକୁ ପଡ଼ିଥିଲା । ତଥାପି ସେ ସତ୍ୟ ଓ ଧର୍ମ ପଥରୁ ବିଚଳିତ ହୋଇ ନଥିଲେ । ମମତା ଓ ମୈତ୍ରୀର ମହାନ୍ ପୂଜାରୀଭାବେ ତାଙ୍କୁ ସମଗ୍ର ପୃଥିବୀ ପରେ ବୁଝିଥିଲା ଓ ଅଶେଷ ଆବରର ଅର୍ଘ୍ୟ ଢ଼ାଳି ଦେଇଥିଲା ।

ବୈକୁଣ୍ଠନାଥ ତାଙ୍କ ଜୀବନ କଥାରେ କବି ମଧୁସୂଦନ ରାଓଙ୍କୁ ତାଙ୍କ କାବ୍ୟ ଗୁରୁଭାବେ ସ୍ୱୀକାର କରିଛନ୍ତି । ମଧୁସୂଦନଙ୍କ 'ବସନ୍ତ ଗାଥା'ର 'ପତିତା' କବିତାର ଛାୟାପାତ କଟିଛି ବୈକୁଣ୍ଠନାଥଙ୍କ 'ବିପଥ ଗାମିନୀ' (ପୃ ୧୩୬, ଗ୍ରନ୍ଥାବଳୀ୨ୟ ଭାଗ)ର । ମଧୁସୂଦନ ଲେଖିଥିଲେ –

ସେହିପରି ବୈକୁଣ୍ଠନାଥ ତାଙ୍କ 'ବିପଥ ଗାମିନୀ' କବିତାରେ କୌଣସି ସମାଜ ପରିତ୍ୟକ୍ତା ନାରୀକୁ କହୁଛନ୍ତି –

ଆସ ମୋ ପାଶେ ବସ ବିପତ ଗାମିନୀ/ ଆସ ଗୋ ପରିତ୍ୟକ୍ତା କୁଳ କଳଙ୍କିନୀ
ଆସ ଗୋ ପଥଲୋଷ୍ଟ୍ର ଘୃଣ୍ୟ ହତଆଶ/ଢ଼ାଳ ଅକାତରେ ଗୋ ଏ ବକ୍ଷେ ତୁମ ପ୍ରାସ ।
ସେ କ୍ଷତ ଦେବି ପୋଛି କାଢ଼ି ଦେବି ତୋ ଘୂଣ/ହେବୁ ଜଗନ୍ମୋହିନୀ କାମିନୀ ନିପୁଣ ।

ସେ ପୁନଶ୍ଚ ପତିତା ନାରୀକୁ ପଚାରିଛନ୍ତି ଭୋଗରେ କଣ ମନ ତୃପ୍ତ ହୁଏ ନା ଆଶା ପୂର୍ଣ୍ଣ ହୁଏ ? ରକ୍ତମାଂସକୁ ପଣ୍ୟ କଲେ ନାରୀର କ୍ଷୁଧା କେବେ ବି ମେଣ୍ଟେ ନାହିଁ । ତେଣୁ ଏ ମିଥ୍ୟା ସଂସାରରେ ଦୈନିକ ନିଜକୁ ପଣ୍ୟ କରି କାହିଁକି

ଶୂନ୍ୟ ହାତରେ ଫେରୁଛ ? କାହିଁକି ପୁଣି ଆଖିରୁ ଲୁହର ଧାର ନିଗିଡ଼ି ଯାଉଛି ? କୁକୁରକୁ ଶାସ୍ତ୍ରଜ୍ଞାନ ବା କାମୁଡା ଘୋଡା ମୁହଁରେ ଚୁମ୍ବନ ଦାନ କରି ତୁ ପୁଣି କାହିଁକି ନିଜ ଜୀବନ ପାଇଁ ଅଭିମାନ କରୁଛୁ ? ଘୃଣ୍ୟ ମଣିଷକୁ ବପୁଭୋଗ ଦେଇ ତୁ କେବେବି ମଣିଷର କାମନା ରୂପକ ଶାଶ୍ୱତ ରୋଗକୁ ଛଡାଇ ପାରିବୁନି । ସେମାନେ ସବୁ ଲୋଳି ଜିହ୍ୱ, ଅମାପ ସେମାନଙ୍କର କ୍ଷୁଧା । ତେଣୁ କୁହୁଡ଼ି ପଛରେ ଧାଇଁ କାହିଁକି ତୋ ନିଜ ପାପଭାରାକୁ ବଢ଼ାଇ ଚାଲିଛୁ ? ଆ, ତୋତେ ମୁଁ ନବ ଉଷାର ସଂଗୀତ  ଶୁଣାଇବି, ତୁ ବର୍ତ୍ତିକା ପରି ଗଣହିତରେ ଏଣିକି ଜଳିଉଠିବୁ । ସେ କଳଙ୍କିତ ସରଣୀକୁ ଛାଡ଼ି ଆ, ମୋ ପାଖରେ ବସ । ତୋତେ କବି ହିଁ ଜୀବନର ଅବଶିଷ୍ଟ ଦିନପାଇଁ ଠିକଣା ରାସ୍ତା ଦେଖାଇବ ।

'ଦିନବଂଧୁ ଆଇଜାକ୍' କବିତାରେ (ଗ୍ରନ୍ଥାବଳୀ୨ୟ ପୃ ୩୩୦) କବି ବିଶିଷ୍ଟ ଡାକ୍ତର ଆଇଜାକ୍ ସାନ୍ତାଙ୍କୁ ସ୍ମରଣ କରିଛନ୍ତି ଯେକି ଘରକୁ ଡାକି କୁଷ୍ଟରୋଗୀଙ୍କ ସେବା କରୁଥିଲେ । ଯେଉଁମାନଙ୍କୁ ସମାଜରେ ଅନ୍ୟମାନେ କୁତ୍ସିତ କହିସବୁ ସୁଖ ସୌଭାଗ୍ୟରୁ ବଂଚିତ  କରୁଥିଲେ ଡାକ୍ତର ସାନ୍ତା ସେମାନଙ୍କୁ ନନ୍ଦନବନର ପାରିଜାତ ଭାବେ ଜ୍ଞାନ କରି ସୋହାଗ ବିଛେଇ ଦେଉଥିଲେ । ସେହି ଥିଲେ ପ୍ରକୃତରେ ଯୀଶୁଖ୍ରୀଷ୍ଟଙ୍କ ଦୂତ ସଦୃଶ, ତାଙ୍କ ହୃଦୟ ଥିଲା ସେହପରି ପବିତ୍ର ଓ ମହନୀୟ । ଜୀବନ ସାରା ମାନବତାର ମଧୁର ସଂଗୀତ ଗାନ କରିକରି ବାର୍ଦ୍ଧକ୍ୟରେ ସେ ଝଡ଼ିପଡ଼ିଥିଲେ । କବି ତାଙ୍କୁ ମହାମାନବର ଆସନ ଦେଇ ମାନବଜାତିର ବଂଧୁଭାବେ ଗ୍ରହଣ କରିଦେଇଛନ୍ତି ।

ସେହିପରି ଠାକୁର ଅନୁକୂଳଚନ୍ଦ୍ରଙ୍କୁ ମଧ ମହା ମାନବତାର ପ୍ରତୀକଭାବେ  ଗ୍ରହଣ କରି ନେଇଛନ୍ତି । ସ୍ନେହ, ମମତା, ପ୍ରୀତିର ଉତ୍ସ ପ୍ରେମମୟ ପୁରୁଷଭାବେ ତାଙ୍କୁ ଦେଖିଛନ୍ତି । ତାଙ୍କୁ ପ୍ରେମିକ ଋଷି ପୁରୁଷୋତ୍ତମ ଭାବେ ସମ୍ବୋଧନ କରିଛନ୍ତି । କହିଛନ୍ତି –

> ''ଧର୍ମ ପ୍ରେମର ବିଜୟ ସତ୍ୟ/ଧରିଚାଲ  ସତସଙ୍ଗ
> ପଥ ହୁଡ଼ିବାର ନୁହେଁ ତୋ ଧର୍ମ/ନୁହଇ ପୃଷ୍ଟଭଂଗ ।'' (ଠାକୁର – ଗ୍ରନ୍ଥାବଳୀ ୨ୟ ୩୪୪ ପୃ.)

ସର୍ବୋଦୟୀମାନଙ୍କୁ କବି କଠୋର ଭାବେ ଆକ୍ରମଣ କରିଛନ୍ତି । ତାଙ୍କ ମତରେ ସର୍ବୋଦୟୀମାନେ ଶାସକ ଗୋଷ୍ଠୀର ପରିତୋଷରେ କର୍ମରତ ।  ଜନତା ଆଖିରେ ଜଳକା ଲଗାଇ ଯେଉଁମାନେ ମାରି ଖାଇ ଯାଉଛନ୍ତି ସେମାନେ ସର୍ବୋଦୟର ଚେଲା ସାଜିଲେ ସମାଜ କଣ ରକ୍ଷା ପାଇ ପାରିବ ? ସର୍ବୋଦୟ ପାକରେ ଏପରି କିଛି ମନ୍ତ୍ର ଅଛି କି ଯାହା ପ୍ରୟୋଗରେ ସାପ ତାର ଦଂଶନକୁ ଛାଡ଼ିବ ?  ସର୍ବୋଦୟୀମାନେ ପଚାସଢ଼ା ଗୋଡ଼କୁ ସୁସ୍ଥ କରି ପାରିବେ କି ? ତାଙ୍କୁ ଅତି ଉଗ୍ର ଭାଷାରେ କବି ଆକ୍ରମଣ କରି କହିଛନ୍ତି –

> ''କେତେଦନ କାମ ଦେଖାଇବ ଆଉ / ଶାସାନ କାଳର ଘୁଣଖିଆ କାଠଯନ୍ତ୍ର ?''

କବି ତାଙ୍କର ବହୁ କବିତାରେ କେଶବ କୃଷ୍ଣଙ୍କୁ ହିଁ ସାମାଧାନର ଶେଷ ପନ୍ଥାଭାବେ ଘୋଷଣା କରିଛନ୍ତି । ସେ ଶାନ୍ତି ଓ ପ୍ରେମର ପ୍ରତିଷ୍ଠା ପାଇଁ ନିଜର ସନ୍ତାନମାନଙ୍କ ସମେତ ବଂଶ ବିଲୋପ କରିଦେଇଥିଲେ । ତାଙ୍କୁ ସ୍ତୁତିକଲେ ଆଧୁନିକ ମଣିଷର ସବୁ ଦୁର୍ଦ୍ଦଶା ଦୂରେଇ ଯିବ ତାଙ୍କର ନିର୍ଭର ପ୍ରତିଶ୍ରୁତି ଓ ଶେଷ ସମାଧାନ ବାଣୀକୁ ଆଧୁନିକ ମଣିଷମାନେ କିପରି ଭାବେ ଗ୍ରହଣ କରିବେ ତାହା ହିଁ ସମସ୍ୟା । କବି ତଥାପି ମଙ୍ଗଳକାମୀ ମାନବତାର ମନ୍ତ୍ର ପ୍ରଚାର କରି ଚାଲିଥିବ ଜୀବନର ଶେଷ ପର୍ଯ୍ୟନ୍ତ, କିଏ ଶୁଣୁ ବା ନ ଶୁଣୁ ସେଥିପାଇଁ ସେ  ଶୋଚନା କାହିଁକି କରିବ ?

ବୈକୁଣ୍ଠନାଥଙ୍କ ପ୍ରିୟବଂଧୁ ସବୁଜସଖୀ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ବିଖ୍ୟାତ କବିତା 'କିଏ ଶଳା ଶଇତାନ' ସଂପର୍କରେ ପାଠକମାତ୍ରେ ଅବଗତ  ଅଛନ୍ତି । କିନ୍ତୁ କବି ବୈକୁଣ୍ଠ ନାଥ ଯେ 'ଶୟତାନ ଚିହ୍ନୋଟ' ନାମରେ କବିତାଟି,

ଲେଖିଥିଲେ ସେ ବିଷୟରେ  ଛାତ୍ର ଓ ଅଧ୍ୟାପକମାନେ କେବେ ବି ଆଲୋଚନା କରନ୍ତି ନାହିଁ । କବିତାଟିର ଆରମ୍ଭରେ କାଳିନ୍ଦୀ ଚରଣଙ୍କ କବିତାକୁ ଉପଲକ୍ଷ୍ୟ ଦିଆଯାଇଛି ଓ କୁହାଯାଇଛି –

''ବଂଧୁ ପୁଛିଲ କିଏ ଶଳା ଶଇତାନ ? /ଲୋଡାନାଇଁ ତିଳେ ଏଥିପାଇଁ ସଖା ପୁରାଣ ଶାସ୍ତ୍ରଜ୍ଞାନ ।''

ଆଖି ଖୋଲିଲା ମାତ୍ରେ ପୃଥିବୀରେ ଭୂତପ୍ରେତଙ୍କ ଦିବାଲୋକ ଅଭିସାର ସମସ୍ତଙ୍କୁ ଜଣା ପଡ଼ିବ । ସେ ଶଇତାନ ମଣିଷ ଓ ଶିଶୁମାନଙ୍କ ଖାଦ୍ୟ କ୍ଷୀରରେ ଖାର ମିଶାଏ, ଚାଉଳରେ ମିଶାଏ ଗୋଡ଼ି, ଖାଇବା ତେଲରେ ମିଶାଏ ଅଗରା – ଏଇ ଶଇତାନମାନେ ବିଶ୍ୱସାରା ଚାରିଆଡ଼େ ଖେଦି ରହିଛନ୍ତି – ମଣିଷ ମଣିଷର ରକ୍ତକୁ ନିର୍ବିକାରରେ ପିଇ ଚାଲିଛି, ହତ୍ୟା ଲୁଣ୍ଠନ, ନାରୀ ହରଣ, ଧର୍ଷଣ ସବୁ ଦିନେ ସବୁଠାରେ ଚାଲିଛି । ଶଇତାନର ବିରାଟ ସୌଧ ଆଲୋକମାଳା ଦିବାପରି ଉଜ୍ଜ୍ୱଳ ଦେଖାଯାଏ ଶାସକ, ପାଳକ, ପୋଲିସ୍, ବିଚାରକ, ବ୍ୟବସାୟୀ ଓ ବେଦଜ୍ଞ ବ୍ରାହ୍ମଣ – ସମସ୍ତେ ଯେପରି ଆସୋ ଆସକ୍ତ । ଶ୍ରମିକମାନେ ଏଇ ଶଇତାନଙ୍କ ହାତରେ କ୍ଷମତାର ଚାବି ଧରେଇ ଦେଇ ଏଣେ ମନ୍ଦିରରେ ମୁଣ୍ଡବାଡ଼େଇ କେତେ ନିଜସ୍ୱ ଦୁଃଖପାଇଁ କାନ୍ଦନ୍ତି । ତେଣେ ଶଇତାନ କିନ୍ତୁ ଦେବତାଙ୍କୁ ବି ନିଶାପାଣି ଦେଇ ଶୁଆଇ ଦେବାର କୌଶଳ ଜାଣେ ଓ ପ୍ରୟୋଗ କରେ, ସେ ନିର୍ବିଘ୍ନରେ ତା' ଦଳ ବା ଗୋଷ୍ଠୀକୁ ଧରି ଏଣେ ଲୁଣ୍ଠନ କାମରେ ମାତିଥାଏ । ଆରେ ସେଇ ଶଇତାନ ଓ ଦିନେ ପୁଣି ବାସୁଦେବ ଓ ଦେବକୀଙ୍କ ହାତରେ ବେଡ଼ି ପକାଇ ସେ ଦୁହିଁଙ୍କୁ କାରାଗାରରେ ରଖି ପାରିଥିଲା । ସେଇମାନେ ନାରୀର ଇଜତ୍‌ମାନ ଲୁଣ୍ଠନ କରନ୍ତି ଓ ବିଚାରକ ହାତରେ ଟଙ୍କା ସୁନା ଗଂଜୁଦେଇ ବିଚାର ମୁହଁରେ ତାଲା ପକାଇ ଦେଇ ପାରନ୍ତି । ତେଣୁ ଖୁନୀ ମଧ୍ୟ ମୁକୁଳିଯାଏ ଅନାୟାସରେ । ସେମାନଙ୍କ ସଂଖ୍ୟା ବର୍ତ୍ତମାନ ଦେଶରେ ଏତେ  ଅଧିକ ଯେ ତାଙ୍କ ତାଲିକା ଯେତେ ଦେଲେବି ତଥାପି ହିସାବ ଭୁଲ୍ ହୋଇଯିବ ।  କଳ୍କୀ ବା ନୃସିଂହ ଅବତାର ପାଇଁ ହିଁ କେବଳ ପ୍ରତୀକ୍ଷା । ବସୁଧା ମା'ର ଆକୁତି, ଅଶ୍ରୁ ଓ ଶୋକ ସହିତ କବି ମଧ୍ୟ ତାର ହୃଦୟର ପୀଡାକୁ ମିଶାଇ କବିତା ଲେଖେ ଓ ଅପେକ୍ଷା ରଖେ କେବେ ସ୍ତମ୍ଭ ଫଟାଇ ସେ ପୁନର୍ଜନ୍ମ ନେବେ ଓ  ପାପାତ୍ମା ହିରଣ୍ୟକଶ୍ୟପୁମାନଙ୍କୁ ଧ୍ୱଂସ କରିବେ ।

ଭିଏତନାମ୍‌ର ଯୁଦ୍ଧ କ୍ଷେତ୍ରରେ ସେଦିନ ଏଇ ଶଇତାନ ମୃତ୍ୟୁର ଦାନବ ମଣିଷ ହତ୍ୟାର ବିଭୀଷିକା ଖେଳେଇ ଦେଇଥିଲା । ଗଣତନ୍ତ୍ରର ଦ୍ୱାହି ଦେଇ ତୋପ, କମାଣରେ ଜନପଦ ଓ ସହରକୁ ଧ୍ୱଂସ କରି ଚାଲିଥିଲା । କେତେ ନାରୀ ଓ ଅସହାୟ ଶିଶୁ  ବୃଦ୍ଧ ବୃଦ୍ଧା ପଥର ଭିକାରୀ ହୋଇଗଲେ, କେତେ ସହସ୍ର ପୁରୁଷ ଓ ନାରୀ ଘରଦ୍ୱାର ଛାଡ଼ି ବଣ ଜଙ୍ଗଲରେ ଆଶ୍ରୟ ନେଲେ । ବୋମାମାଡ଼ରେ କେତେ ମଧ୍ୟ ମରି ଶୋଇଲେ । କିନ୍ତୁ ଏତେ ମଣିଷକୁ ଶକ୍ତିଶାଳୀ ଆମେରିକା ମାରିଦେଲା ପରେ ବି ସେମାନେ ରକ୍ତବୀର୍ଯ୍ୟ ପରି ସତେ ଯେପରି ବଂଚି ଉଠିଲେ ଓ ମାତୃଭୂମି ପାଇଁ ଯୁଦ୍ଧରେ ମାତିଗଲେ । ସତେ ଯେପରି ସେମାନେ ଦୁର୍ମଦ ଓ ଅଜେୟ ମଣିଷର ଦଳ ।  ମାର୍କିନ ଶାସକଙ୍କ ଯୁଦ୍ଧନିଶା ପଙ୍ଗୁ ହୋଇଗଲା ସିନା ସେ ଭିଏତ୍‌ନାମର ମାତୃପ୍ରେମୀ, ଦେଶପ୍ରେମୀ ସନ୍ତାନମାନେ ପରାଜୟ ସ୍ୱୀକାର କଲେ ନାହିଁ । ମାତୃଭୂମି ପାଇଁ ଲକ୍ଷ ଭିଏତନାମ୍ ବାସୀ ଆତ୍ମବଳି ଦେଲେ । କ୍ଷୁଦ୍ର ହେଲେ ବି ଭିଏତ୍‌ନାମର ମଣିଷମାନେ ମାନବିକତା ବୋଧରେ ଓ ଦେଶପ୍ରେମରେ ପୃଥିବୀ ପାଇଁ ଆଦର୍ଶ ହୋଇ ରହିଗଲେ । (ଭିଏତନାମ୍ ଗ୍ରନ୍ଥାବଳୀ–୨ ପୃ ୪୮୮) ଏଇ ମର୍ମରେ କବି ନକ୍ସଲ ନେତା ଚାରୁ ମଜୁମ୍‌ଦାରଙ୍କୁ କୁର୍ଣ୍ଣିସ୍ କହିଛନ୍ତି, କାରଣ ସେ ସମାଜର ସ୍ୱାର୍ଥବର୍ଗଙ୍କ ବିରୁଦ୍ଧରେ ଗରିବମାନଙ୍କ ପକ୍ଷଦେଇ ଲଢ଼େଇ କରିଥିଲେ । ଯେଉଁମାନେ ଦେଶକୁ ଲୁଣ୍ଠନ କରୁଛନ୍ତି, ଧର୍ମନାମରେ ଓ ତଥାକଥିତ ଗଣତନ୍ତ୍ର ନାମରେ ମଣିଷ ରକ୍ତରେ ହୋରୀ ଖେଳୁଛନ୍ତି ତାଙ୍କୁ ଚାରୁମଜୁମ୍‌ଦାର ଛାଡୁ ନ ଥିଲେ । ତେଣୁ କବି ତାଙ୍କୁ କୁର୍ଣ୍ଣିସ୍ କ୍ରାନ୍ତିକାରୀଭାବେ ଉପସ୍ଥାପନ କରିବା ସହିତ ଲେଖିଛନ୍ତି –

''ଅଷ୍ଟମ ସେଇ ଗର୍ଭକୁ ଏକା/ପଙ୍ଗୁ ମୁଁ ବସେ ଚାହିଁ
ଆସିବେ କେଶବ ବାଜିବ ଶଙ୍ଖ/ଏ ଧରା ଲଭିବ ତ୍ରାହି ।''
(କବିତା – ଚାରୁମଜୁମ୍ଦାର, ବୈ. ଗ୍ରନ୍ଥାବଳୀ ୨ୟ ଭାଗ ପୃ. ୪୯୬)

କେଉଁ ପନ୍ଥାରେ ଗଲେ ଦେଶରେ ମାନବତାର ପ୍ରତିଷ୍ଠା ହେବ ? ରାଜନୀତିରେ କେତେ ପନ୍ଥୀ ଉଭାହୋଇ ରହିଛନ୍ତି । କିଏ ସମାଜବାଦୀ ତ, କିଏ ଲେନିନ୍–ମାର୍କ୍ସପନ୍ଥୀ, କିଏ ଗାନ୍ଧିବାଦୀ ତ, କିଏ ନକ୍ସଲପନ୍ଥୀ – ଚିନ୍ତା ଓ ଚେତନା ଦୃଷ୍ଟିରୁ ଦୁଇ ବିପରୀତ ଦିଗରେ ଏମାନଙ୍କ ସ୍ଥିତି ଓ ଚିନ୍ତାଧାରା । କିଏ ଲୋହିଆ ସୋସାଲିଷ୍ଟ ପନ୍ଥୀ ତ କିଏ ସ୍ୱତନ୍ତ୍ରବାଦୀ (ରାଜ ଗୋପାଳଚାରୀଙ୍କ ଦଳ), କିଏ ଋଷିପନ୍ଥୀ ତ କିଏ ମାର୍କିନ ପନ୍ଥୀ । ଏତେ ମତବାଦ ଭିତରେ ବିଚରା ଦରିଦ୍ର ମଣିଷଟିର ଅବସ୍ଥା ଯେଉଁ ପଥର ଚାପା ତଳେ ସେଥିରୁ ତାର ନିଷ୍କୃତି ନାହିଁ । ତେଣୁ କବି କଳ୍ପନା କରନ୍ତି ହୁଏତ ବିଭୁକ୍ଷିତ ମଣିଷମାନେ ଦିନେ ନା ଦିନେ ତାଙ୍କ ଦାବୀ ଓ ଅଧିକାର ଛଡାଇ ନେବେ । ତାକୁ ଯେଉଁପନ୍ଥୀ କୁହ ପଛେ – ତାର ସେପରି କିଛି ରାଜନୈତିକ ପରିଚୟ ନଥିବ । ସେ ମଣିଷକୁ ଚିହ୍ନିବ, ମଣିଷର ହିତ ପାଇଁ କାମ କରିବ, ନିଜ ସ୍ୱାର୍ଥକୁ ଉପେକ୍ଷା କରି ସେ ଗଣର ମଙ୍ଗଳରେ ଜୀବନ ଢ଼ାଳିଦେବ । ତାଙ୍କୁ 'କଲ୍କୀ' ବୋଲି ବି କୁହାଯାଇପାରେ । (କହ ଏବା କେଉଁ ପନ୍ଥୀ–ଗ୍ରନ୍ଥାବଳୀ –୪୯୮) କଳାବଜାରରେ ପତାକା ଉଡୁଛି । ରାଜନୀତି ବଲାଙ୍କ ଗରିବକୁ ନାତ ମାରି ଚାଲିଛନ୍ତି, ନୀଳଚକ୍ରରୁ ପତାକା ଖସି ପଡୁଛି – ନିଜେ ଜଗତର ନାଥ ଜଗନ୍ନାଥ ଦାରୁଭୂତ ମୁରାରିରେ ପରିଣତ ହୋଇ ଯାଇଛନ୍ତି । ଅନାହାରକ୍ଲିଷ୍ଟ ଜନତା ମଲେ କି ଗଲେ ସେଥିପାଇଁ ଶାସନର ପରୁଆ ନାହିଁ । କ୍ଷୁବ୍ଧ ଜନତା ବେଶୀ ପାଟିକଲେ କିଛି ଅର୍ଥ ବିନିଯୋଗ କରି ପନ୍ଦର ଦିନ ବା ମାସେ ସେମାନଙ୍କ ପାଇଁ ଅନ୍ନଛତ୍ର ହୁଏତ ଖୋଲି ଦିଆଯିବ । ତା'ପରେ ଯେଉଁ କଥାକୁ, ସେଇକଥା, ଶୋଷଣ ପୂର୍ବପରି ଅବ୍ୟାହତି ରହିବ, ଦୁର୍ନୀତି ନୀତିରେ ପରିଣତ ହୋଇଯିବ । ଜନତା ଜନାର୍ଦ୍ଦନକୁ କାହିଁକି କି, ବା ଭୟ କରିବ । ନିର୍ବାଚନ ଆସିଲେ ସେମାନଙ୍କୁ ଭୁଲେଇ ଭାଲେଇ, ଲାଞ୍ଚ ରୀସପତ୍ ଦେଇ ଭେଟି ହାତେଇବା କଣ ରାଜନୀତିଜ୍ଞମାନଙ୍କୁ ବେଶ୍ ଜଣା । କବି ପୁଣି ସେହି ଗ୍ରସ୍ତ ଜନତାକୁ କଲ୍‌କୀ ଆଖ୍ୟା ଦେଇ ଆହ୍ୱାନ କରନ୍ତି ଓ କହନ୍ତି –

ଧରଣୀ ଆର୍ତ୍ତି ଅସହ୍ୟ ହେଲେ / ସହଜ ତୁମରି ଆବିର୍ଭାବ
ସତ୍ୟ କର ଏ ଶାସ୍ତ୍ରବାଣୀ କି/କଂସ କାରାରେ / ନବୀନ ଉଷାର ଜନ୍ମଲାଭ ।

ବଂଶୀ, ମାଟି, କଲ୍‌କୀ, କଂସ କାରା – ଏସବୁ ଆନୁଷଙ୍ଗ ତାଙ୍କ ମତରେ ନବମାନବତାବାଦର ଆବିର୍ଭାବର ପୂର୍ବାଭାସ । ଏ ମାଟି ସେଇପରି ଜଣେ ବୀରପୁରୁଷଙ୍କୁ ହୁଏତ ଜନ୍ମ ଦେବ ଯେ ମାନବର ଦୁଃଖ, ଶୋଷ, ନିର୍ଯାତନାକୁ ଗରଳ ପରି ପାନ କରିଯିବେ । ଦୁଷ୍ଟ, ଦୁର୍ମତି ଅନାଚାରୀମାନଙ୍କୁ ସେ ପୃଥିବୀରୁ ଲୋପ କରି ଭଲମଣିଷମାନଙ୍କୁ ବଂଚିବା ପାଇଁ ଅଭୟ ଦାନ କରିବେ । ତେଣୁ ସର୍ବହରାମାନଙ୍କୁ ଆହ୍ୱାନ କରି କବି କହିଛନ୍ତି –

''ସାତ ସମୁଦ୍ର ଉଛୁଳି ଉଠିବ/ପ୍ଲାବିତ ହେବ ଏ ଧରା
ପ୍ରଳୟ ଜାଗିବ ଝଡ଼ ଗରଜିବ/ବଜ୍ର ଡାକିବ/ଉଠରେ ସର୍ବହରା ।''

ଆଜି ଯେଉଁମାନେ ନରକଂକାଳ ପରି ଦିଶୁଛନ୍ତି, ଶିଶୁକୁ କୋଳରେ ଧରି ନାରୀଟିଏ ଦାନାକନା ଓ ପାଣି ପାଇଁ ହାତ ପାତି ତା' ପାଉନାହିଁ, ଅସ୍‌କରା ଟିଣରୁ ଅନ୍ନ ଖାଇ ହୁଏତ ମୃତ୍ୟୁ ମୁଖରେ ପଡୁଛି, ପେଟ ବିକଳରେ ଗେଣ୍ଡା, ଶାମୁକା, ଅମ୍ଳ ପତ୍ରକୁ ଆହାର କରୁଛି, ଯେଉଁ ଦେଶରେ କାଜି (ବିଚାରକ), କଟୁଆଳ (ପୋଲିସ୍) ହାତ ମିଳେଇଛନ୍ତି ଆପଣା ଆପଣା ସ୍ୱାର୍ଥପାଇଁ, ଶାସକପଟଳ ଶାର୍ଦ୍ଦୁଳ, ଶୃଗାଳ ଓ ମଣିଷଖିଆ ବାଘରେ ପରିଣତ ହୋଇଛନ୍ତି, ଗର୍ଭିଣୀ ନାରୀ ଯେଉଁଠି ଧର୍ଷିତା

ହେଉଛି, ନରହତ୍ୟା ଓ  ନାରୀ ହତ୍ୟା ହୋଇଛି ଦେହ ସୁହା କଥା, ନେତାମାନେ ସର୍ବନାଶା ଲାଳସା ଅଗ୍ନିରେ ଆହୁତି ପ୍ରଦାନ କରୁଛନ୍ତି, ଭଗବାନଙ୍କ ଆନନ୍ଦମୟ ସୃଷ୍ଟିରେ ଯେଉଁମାନେ ଗରଳ ମିଶାଉଛନ୍ତି – ସଭ୍ୟତାର ଏ ଅଳିଆଗଦାକୁ ଜାଳିପୋଡ଼ି ଧ୍ୱଂସ କରିଦେବାକୁ ଓ ଅଭାବୀ ମଣିଷକୁ ସାହା ଦେବାକୁ ସେଇ କଲ୍‌କୀର ଆବିର୍ଭାବ ନିଶ୍ଚୟ ଦିନେ ହେବ – ଏହା କବିଙ୍କର ସର୍ବଶେଷ ମାନବତାବାଦୀ ଆହ୍ୱାନ ଓ ବରାଭୟ ବୋଲି କହିବାକୁ ହେବ ତାଙ୍କର ଶେଷ ସମୟର ଲେଖା କବିତାଗୁଡ଼ିକର ସଂକଳନ 'ଅନ୍ୟାନ୍ୟ କବିତା' ଏହିପରି କିଛି ବୈପ୍ଲବିକ ଚେତନାକୁ ଉପସ୍ଥାପନ କରେ ଯାହା ହୋଇପାରେ କବିର ବିଶ୍ୱାସ ଓ ମଣିଷ ସମାଜକୁ ବାର୍ତ୍ତା ମଧ୍ୟ । ବୈକୁଣ୍ଠନାଥଙ୍କ ଏସବୁ କବିତା  ଏବେବି ଚର୍ଚ୍ଚାର ପରିଧିକୁ ଆସି ନ ଥିବାରୁ ତାଙ୍କ ମାନବତାବାଦୀ ବୈପ୍ଲବିକ କାବ୍ୟସ୍ୱରର ଗୁରୁଗମ୍ଭୀର ବାର୍ତ୍ତା ଅପ୍ରକଟ ହୋଇ ଯାଇଛି । ମନେହୁଏ ଯେତେବେଳେ ସାମ୍ୟବାଦୀ କବିମାନଙ୍କ କାବ୍ୟସ୍ୱର ପ୍ରୟୋଗବାଦୀ ଉତ୍ପୀଡ଼ନରେ ପଥହରା ହୋଇ ଯାଇଛି ସେତିକି ବେଳେ ବୈକୁଣ୍ଠନାଥ, ରଘୁନାଥ ଦାସ (ଶ୍ରୀ ଜଟାୟୁ) ଓ ରବିନ୍ଦ୍ରନାଥ ସିଂହ ତଥାପି ଉତ୍ପୀଡ଼ିତ ମାନବ ସମାଜକୁ ଆଶା ଭରସାର ବାଣୀ ଶୁଣାଇ ଚାଲିଛନ୍ତି ସେମାନଙ୍କ କବିତା ମାଧ୍ୟମରେ । ତାଙ୍କ ବାର୍ତ୍ତା ଯେପରି କହିଚାଲିଛି ନିର୍ବିର୍ଯ୍ୟ ହୋଇ ଶୋଇ ରହିଲେ କିଏ ସେ ନୂତନ ସୂର୍ଯ୍ୟର ଆବାହନ କରିବ ? ଏଇ ମଣିଷକୁ ତେଣୁ ଜାଗିବାକୁ ହେବ, ସଂଗ୍ରାମ କରିବାକୁ ହେବ । କାରଣ ମଣିଷ ହିଁ ସକଳ ଶକ୍ତିର ଉତ୍ସ ଓ ଅଗ୍ନିଶିଖା, ସେହି ସବୁ ଜଳିପୋଡ଼ି ଧ୍ୱଂସ କରି ନୂତନ ସୃଷ୍ଟିକୁ ଆବହନ କରିବ । କେଶବ, ଅଚ୍ୟୁତ, ନଟବର, କଲ୍‌କୀ ଓ ବଂଶୀଧ୍ୱନି ଏସବୁ ତାଙ୍କ କବିତାର ରୂପକ ଭାବେ ମାନବତାର ଆହ୍ୱାନ ପାଇଁ ଜାଗ୍ରତ ହୋଇ ଅପେକ୍ଷା କରୁଛନ୍ତି । ଦେଶର ସ୍ୱାର୍ଥ ଓ ଦେଶର ମଙ୍ଗଳ ପାଇଁ ବୈକୁଣ୍ଠନାଥ ଯେଉଁ କ୍ରାନ୍ତିକାରୀ ଆହ୍ୱାନ ତାଙ୍କ ଜୀବଦ୍ଦଶାରେ ଦେଇଯାଇଛନ୍ତି ତାହା ଅତୁଳନୀୟ ଓ ପର୍ଯ୍ୟାପ୍ତ କହିଲେ ଅତ୍ୟୁକ୍ତି ହେବନାହିଁ ।

–୦–

# ଚତୁର୍ଥ ୟୁନିଟ୍

# କବି ମାୟାଧର ମାନସିଂହ (୧୯୦୫-୧୯୭୩)

ମାନସିଂହ ସବୁଜ ସମସାମୟିକ କବି ହେଲେ ବି ସବୁଜର ପ୍ରତିକ୍ରିୟାରେ ତାଙ୍କ କାବ୍ୟମାନସ ସଂଗଠିତ । ଏ ଆଭିମୁଖ୍ୟ ତାଙ୍କ ଲିଖିତ 'ପରଧର୍ମ' ପ୍ରବନ୍ଧରେ ପ୍ରତିପାଦିତ ହୋଇଛି ।

> ''ଏ ଦେଶରେ ଯେ କିଆ, ପୋଲାଙ୍ଗ ଫୁଟି ଝଡି ପଡୁଛି, ସେ ଖବର ନରଖି ଏମାନେ ଚାମେଲୀ, ଗୋଲାପ, ବେଲଫୁଲ ଓ ହାସ୍ନା ହେନାର ଗନ୍ଧ ଆଣି ଆମକୁ ଶୁଙ୍ଘାଇଲେ । ସାଧବ ଝିଅ ନଈରେ ଗାଧୋଇଲା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବ ବାଳକୁ ସୁନା ଫରୁଆରେ ପୂରେଇ ପାଣିରେ ଭସାଇ ଦେଇ ଅନାଇ ରହିଛି । ସେ ଦୃଶ୍ୟ କବିମାନେ ଦେଖିପାରୁ ନାହାନ୍ତି, ସେମାନେ ସବୁଜପରୀ ଓ ଆସ୍‌ମାନ ପରୀର ନୃତ୍ୟ ଆମକୁ ଦେଖାଉଛନ୍ତି ।''
>
> (ପରଧର୍ମ-ସହକାର ୧୩/୧୧ ସଂ, ମାର୍ଚ୍ଚ ୧୯୩୩)

ଏଇ ପ୍ରତିକ୍ରିୟାରୁ ସ୍ୱାଭାବିକ ସେ ଓଡିଶାର ଗୌରବାବହ ପରଂପର ଓ ଅତୀତ ଆଡ଼କୁ ଆକୃଷ୍ଟ ହୋଇଛନ୍ତି । ଏପରି ଦୃଷ୍ଟିଭଂଗୀ ରୋମାଣ୍ଟିକ୍ ଚେତନାର ଅଂଶ ବିଶେଷ ହେଲେ ବି ମାନସିଂହ ରାଧାନାଥଙ୍କ ପରି ଅତୀତକୁ ନେଇ ଭ୍ରମାତ୍ମକ କାଳ୍ପନିକ ଗଳ୍ପ ସୃଷ୍ଟି କରିନାହାନ୍ତି । ବରଂ ତାଙ୍କ ଉପରେ ସତ୍ୟବାଦୀର ପ୍ରଭାବ ଅକ୍ଷୁର୍ଣ୍ଣ ଥିବା ଉପଲବ୍‌ଧି ହୁଏ । ତେଣୁ ସାଧବ ଝିଅଠାରୁ କୋଣାର୍କ ବାଟ ଦେଇ ବାରବାଟୀ ପର୍ଯ୍ୟନ୍ତ ଜାତୀୟ ଜୀବନର ନାନାଦି ସ୍ମୃତିକୁ ସେ କବିତାରେ ରୂପାନ୍ୱିତ କରିଛନ୍ତି । କଳ୍ପନାର ଅତିରିକ୍ତତା ଅବଶ୍ୟ ତାଙ୍କୁ ଜଣେ ରୋମାଣ୍ଟିକ୍ କବି ଭାବେ ଚିହ୍ନାଏ । କିନ୍ତୁ କବିତାର ଭାବଭୂମି ଗଢ଼ିଉଠେ ଜାତୀୟତାର ଅନୁପ୍ରେରଣାରୁ । ଫଳରେ ଏସବୁ କବିତାରେ ଅତୀତ ପ୍ରତି ଝୁରି ହେବାର ଭାବ ସହିତ ନିଃସାର ନିଃଶେଷିତ ବର୍ତ୍ତମାନ ପାଇଁ କାରୁଣ୍ୟ ମଧ ବାରିହୋଇପଡେ । ସବୁଜମାନେ ଯେଉଁ ସମୟରେ ଓଡ଼ିଶାର ଜାତୀୟ ସ୍ୱପ୍ନ, ଆକାଙ୍‌କ୍ଷା ଓ ଆକୁତି ସହିତ ସାମିଲ୍ ହେବାକୁ ମାନସିକ କୁଣ୍ଠା ପ୍ରକାଶ କରିଛନ୍ତି ମାନସିଂହ ସେହି ସମୟରେ 'ମହାନଦୀର ଜ୍ୟୋତ୍ସ୍ନା ବିହାର' କବିତାରେ ଲେଖିଛନ୍ତି -

'' ହାୟରେ ଉତ୍କଳ ଭୂମି ! ପ୍ରକୃତି ସୁନ୍ଦର
ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି ।
କାନନେ କେଦାରେ ଲକ୍ଷେ ଶୋଭାର ବହର
ତାଉ ତୋର କହ କିଂପା ଏତେ ହତଶିରୀ ?
ଏ ସ୍ୱର୍ଗ ସୁଷମା ଯାର କରିବି ବିଶ୍ୱାସ
କେମନ୍ତେ କହଲୋ ତାର ଅନ୍ନର ଅଭାବ ?
ସୁରାସମ ମୁଗ୍‌ଧ କରେ ମୋର ଯା ନିଶ୍ୱାସ
ତା' ଦେହେ ସମ୍ଭବ କାହୁଁ ଦୁର୍ଦ୍ଦିନ ପ୍ରଭାବ ?''

ଏ କବିତାଟି ଉତ୍କଳ ସାହିତ୍ୟ ୩୩ ଭାଗ/୬ ସଂ, ନଭେମ୍ବର ୧୯୨୯ରେ ପ୍ରକାଶ ପାଇଥିବାରୁ ସବୁଜମାନଙ୍କ ସମସାମୟିକ କବିତା ଓ କାବ୍ୟ ଚେତନାଠାରୁ କେତେ ଦୂରବର୍ତ୍ତୀ ପାଠକମାତ୍ରେ ଅନୁଭବ କରିପାରିବେ । ଏହି ମର୍ମରେ ବିଭିନ୍ନ ସମୟରେ ରଚିତ 'ମା ଓଡ଼ିଶା', 'ଉତ୍ତିଷ୍ଠ ଉତ୍କଳ', 'ବନ୍ଦେ ଉତ୍କଳ ଜନନୀ', 'ବୋଇତ ବନ୍ଦାଣ', 'ତଅପୋଇ ବିଳାପ', 'ବିଜୟ ଲକ୍ଷ୍ମୀ' ଆଦି କବିତା ତାଙ୍କ ଜାତୀୟବାଦୀ ଚେତନାକୁ ସ୍ପଷ୍ଟ କରି ଦେଇଛି । ସବୁଜମାନେ ଯଦି ଏହିପରି କିଛି କବିତା ସେତେବେଳେ ଲେଖିଥାନ୍ତେ ଆମ୍ଭମାନଙ୍କ ବନ୍ଦନୀୟ ହେଇ ନଥାନ୍ତେ କି ? କାରଣ ଏହାହିଁ ଥିଲା ସେତେବେଳେ ପରାଧୀନ ଓଡ଼ିଶାର ଜାତୀୟ ଆକାଙ୍କ୍ଷା ଓ ଅଭିଳାଷ । କବିଟିଏ ସେଥିପ୍ରତି ବା ଯୁଗର ଆହ୍ୱାନପ୍ରତି ଉଦାସୀନ ରହିଲେ ଯୁଗ କାହିଁକି ତାଙ୍କୁ ଯୁଗସ୍ରଷ୍ଟାର ସମ୍ମାନ ଦେବ । ତେଣୁ ସବୁଜ ସମସାମୟିକ କବିଭାବେ ମାନସିଂହ ଓ ସେହି କ୍ରମରେ କୁନ୍ତଳା କୁମାରୀ, ରାଧାମୋହନ ଗଡ଼ନାୟକ, ଗୋଦାବରୀଶ ମହାପାତ୍ର ଓ କାନ୍ତକବି ଲକ୍ଷ୍ମୀକାନ୍ତ ପ୍ରମୁଖ କବିମାନେ ଏକକ ଭାବେ ବହୁ ବିପୁଳ ସଫଳତା ଓ ସ୍ୱୀକୃତିର ଅଧିକାରୀ ହୋଇ ନାହାନ୍ତି କି ? ପୁଣି ତାଙ୍କ ସଶ୍ରଦ୍ଧ କାବ୍ୟଚେତନା ମଧ୍ୟକୁ ଓଡ଼ିଶାର ବହୁ ପୁଣ୍ୟକର୍ମା ମନୀଷୀସ୍ୱତଃ ପଶି ଆସିଛନ୍ତି । ସ୍ୱଭାବ କବି ଗୋପାଳକୃଷ୍ଣଙ୍କ ଠାରୁ ରାଧାନାଥ, ରାଜକୁମାର ଶୁଭେନ୍ଦ୍ର, ଗୋପବନ୍ଧୁ ଓ ଭଗବତୀ ଚରଣଙ୍କ ସଂପର୍କରେ ରଚିତ କବିତା ତାଙ୍କ ବ୍ୟକ୍ତି ନିରାଜରେ କାବ୍ୟିକ ଦୃଷ୍ଟିକୁ ମହିମାନ୍ୱିତ କରିଛି । ଏ ମନୀଷୀମାନେ ହିଁ ଏଇ ମାଟିର ବାଣୀକୁ ମୁଖର କରି ଯାଇଛନ୍ତି ଓ କବି ପ୍ରାଣରେ ଛାଡ଼ି ଯାଇଛନ୍ତି ସେମାନଙ୍କ ପାଇଁ ଗଭୀର ଶ୍ରଦ୍ଧାଶୀଳ ମମତ୍ୱବୋଧ ।

**ଭାରତୀୟତା :**

କବି ମାନସିଂହ କେବଳ ଓଡ଼ିଶାର ଜାତୀୟ ଭାବନା ଭିତରେ ନିଜ କାବ୍ୟ ପ୍ରୟାସକୁ ସୀମିତ ନ ରଖି କ୍ରମେ ମହାଭାରତୀୟ ଜାତୀୟ ସ୍ୱଳନ ମିଶରେ ମିଶାଇ ଦେଇଛନ୍ତି । ପରିଣତ ବୟସରେ ମହାତ୍ମାଗାନ୍ଧି ଓ ସ୍ୱରାଜ୍ୟ ସଂଗ୍ରାମକୁ ନେଇ ରାଶିରାଶି କବିତା ରଚନା କରିଛନ୍ତି । ହୁଏତ ତାହା ମଧ୍ୟରୁ ଅନେକ କବିତା ପାଙ୍‌କ୍ତେୟ ହୋଇନାହିଁ କିନ୍ତୁ ସ୍ୱରାଜ୍ୟ ସଂଗ୍ରାମର ପୃଷ୍ଠଭୂମିରେ ବିରଚିତ 'କମଳାୟନ' କାବ୍ୟ ନିଶ୍ଚିତ ଭାବ କାବ୍ୟ ବିଷୟର ନୂତନତା ଓ ପରିକଳ୍ପନାର ପରିବ୍ୟାପ୍ତି ପାଇଁ ଓଡ଼ିଆ ସାହିତ୍ୟର ଇତିହାସରେ ଗୌରବପୂର୍ଣ୍ଣ ସ୍ଥାନ ଅଧିକାର କରିବ । ଏଠାରେ ତାଙ୍କ କାବ୍ୟଚେତନାର ସଂଚାରପଥ ଦୂର ଅତୀତ ନୁହେଁ, ବରଂ ଜାତୀୟ ସଂଗ୍ରାମର ପୃଷ୍ଠଭୂମିରେ ନିଜ ସମୟର ଓ ସମାଜର ଚିତ୍ର କେତୋଟି ବାସ୍ତବ ଓ କାଳ୍ପନିକ ଚରିତ୍ର ଏଥିରେ ଆରୋପିତ ହୋଇଛି । ମାନସିଂହ ନିଜେ ଏ କାବ୍ୟ ସଂପର୍କରେ କହିଛନ୍ତି – ''ଜୀବନରେ ଯାହା ମହତ, ଯାହା ସୁନ୍ଦର ଓ ଯାହା ସତ୍ୟ ମୁଁ କେବଳ ତାହାର ଉପାସକ ଓ ଭକ୍ତ । କୌଣସି ଗୋଷ୍ଠି ଦଳ ବା ଇଜମ୍‌ର ପ୍ରଚାରକ ରୂପେ ଠିଆହେବା ମୋର ସ୍ୱଭାବ ବିରୁଦ୍ଧ । ମୁଁ ମୋର 'କମଳାୟନ' କାବ୍ୟରେ ତାହାହିଁ ଦେଖାଇବାକୁ ଯାଇଛି ଯେ ଦଳ ବା ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତାର ରାଜନୀତିକ ଦଳ ଛାଡ଼ି ବିରାଟ ମାନବ ଜାତିର ସେବାରେ ବାହାରି ପଡ଼ିଛି । କୌଣସି ଶ୍ଳୋଗାନ ମନୁଷ୍ୟର କଲ୍ୟାଣ ଆଣି ପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ ।'' (ମୁଁ କାହିଁକି ଲେଖେ, 'ଡଗର' ୧୪/୧ ସଂ–୧/୭/୧୯୫୦)

ପ୍ରାକ୍-ସ୍ୱାଧୀନତା କାଳରେ ଯେତେବେଳେ କବି ରାଉତରାୟ, ଅନନ୍ତ ପଟ୍ଟନାୟକ ପ୍ରମୁଖ କବିମାନେ ବାମପନ୍ଥୀ ଚେତନା ଓ ମାର୍କିଷ୍ଟ ମତବାଦକୁ ନେଇ କବିତା ଓ କାବ୍ୟ (ବାଜିରାଉତ) ରଚନା କରୁଛନ୍ତି ମାନସିଂହ ସେତେବେଳେ ମଣିଷ ଜୀବନର ମହିମାଗାନ ପାଇଁ କମଳ ଓ କରୁଣାର ପ୍ରେମକାହାଣୀ ଓ ଦେଶ ସେବାର ଆନୁବ୍ରତ୍ୟକୁ ନେଇ ରଚନା କରୁଛନ୍ତି 'କମଳାୟନ' – କାରଣ ତାହାହିଁ ସେତେବେଳେ ଥିଲା ଆମ ଦେଶପାଇଁ ଖୁବ୍ ବଡ଼ ଆହ୍ୱାନ । ଜଣେ ଗାନ୍ଧିଙ୍କ

ଅହିଂସା ସଂଗ୍ରାମରେ ଦେଶର ଅନେକ ବଡ଼ ବଡ଼ ଚିନ୍ତାଶୀଳ ଲୋକ ଯୋଗ ଦେଇଥିଲେ ଓ ଭାରତ ସ୍ୱାଧୀନତା ଆଡ଼କୁ କ୍ରମେ ଆଗେଇ ଯାଉଥିଲା । ତେଣୁ କବି ମାନସିଂହଙ୍କ ଦୃଷ୍ଟିରେ ଶ୍ରେଣୀ ସଂଘର୍ଷ ଅପେକ୍ଷା ଗାନ୍ଧିବାଦ ଓ ଭାରତର ସ୍ୱାଧୀନତା ସଂଗ୍ରାମ ଅଧିକ ଗୁରୁତ୍ୱ ବହନ କରିଥିଲା । ପୁଣି ତାଙ୍କ ଚେତନାରେ ଭାରତୀୟତା ବିଶ୍ୱ ଆତ୍ମୀୟତାର ଦ୍ୱାର ଖୋଲିଦେବା ପାଇଁ ହୋଇ ଉଠୁଥିଲା ଉନ୍ମୁଖ । ତେଣୁ ଗାନ୍ଧି ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶରେ ପ୍ରଭାବିତ କମଳ ଲୋଚନ ଓ କରୁଣା ସେହି ମହାନ୍ ମାନବିକ ବାର୍ତ୍ତାକୁ ପ୍ରଚାର କରିବାକୁ ଭାରତ ବାହାରକୁ ଚାଲିଯିବା ଖୁବ୍ ତାତ୍‌ପର୍ଯ୍ୟର ବିଷୟ ନୁହେଁ କି ? ବୋଧହୁଏ ଏହାହିଁ କବି ମାନସିଂହଙ୍କର ମାନବ ସମାଜ ପାଇଁ ପ୍ରତିବଦ୍ଧତା ବୋଲି ଗ୍ରହଣ କରିବାକୁ ହେବ । କବି ଶ୍ରୀ ରାଉତରାୟ ଯଥାର୍ଥରେ କହିଛନ୍ତି – ''ମାନସିଂହ ଥିଲେ ସେଇ ମୁହୂର୍ତ୍ତ, ଯାହା ଏକ ଐଶ୍ୱର୍ଯ୍ୟମୟ ଅତୀତକୁ ଏକ ବିଚ୍ଛିନ୍ନ ଦୂରତ୍ୱରୁ ନିରୀକ୍ଷଣ କରିବାର ଆନନ୍ଦ ଓ ଅଭିମାନରେ ପୂର୍ଣ୍ଣ, ଅଥଚ ଯାହା ବର୍ତ୍ତମାନର ଯନ୍ତ୍ରଣା ଓ ଜଟିଳତାରୁ ଯଥା ସମ୍ଭବ ବିଚ୍ଛିନ୍ନ ହୋଇ ରହିବାକୁ ନିଜର କାବ୍ୟତାର୍ଥ ବୋଲି ମନେ କରି ଆସିଛି ।'' (କବି ମାୟାଧର ମାନସିଂହ – ଏକ ସ୍ୱପ୍ନ ପ୍ରୟାଶ ମାନସିଂହ ପୃ. ୧୪୬ – ସଚ୍ଚିଦାନନ୍ଦ ରାଉତରାୟ)

ଓଡ଼ିଶା ପ୍ରତି ଏକାନ୍ତ ଆତ୍ମୀୟତାରୁ ଓଡ଼ିଶାର ବିପୁଳ ଯଥା ମନୀଷୀ କେତେଜଣଙ୍କୁ ନେଇ ଯେଉଁପରି ସେ କେତୋଟି କବିତା ରଚନା କରିଥିଲେ ଭାରତ ପ୍ରତି ତାଙ୍କର ଉଚ୍ଛ୍ୱସିତ ଦେଶପ୍ରଣତାର ନିଦର୍ଶନ ସ୍ୱରୂପ 'ଅଗ୍ରଣୀଭାରତ', 'ଭବିଷ୍ୟତ ଭାରତବର୍ଷ', 'ରହ ଭାରତୀୟ' ଓ 'କମଳାୟନ' କାବ୍ୟ ସମେତ ଗାନ୍ଧି, ରବୀନ୍ଦ୍ରନାଥ, ଗୋପବନ୍ଧୁ ଓ ବିନୋବାଙ୍କ ପ୍ରତି ଅନ୍ତରର ଗଭୀର ଶ୍ରଦ୍ଧା ନିବେଦନରେ କେତୋଟି କବିତା ରଚନା କରିଛନ୍ତି । ଏପରି କାବ୍ୟଚେତନାରେ ସବୁଜଠାରୁ କବି ମାନସିଂହ ଯେ ଏକାନ୍ତ ଦୂରବର୍ତ୍ତୀ ଏକଥା ଦୁହାଇ କହିବାରେ ଆବଶ୍ୟକତା ନାହିଁ ।

**ରୋମାଣ୍ଟିକ୍ ଭାବନା :**

ମାନସିଂହଙ୍କ ପ୍ରେମ କବିତାକୁ ଓ ପ୍ରକୃତି ଚେତନା ସମ୍ବଳିତ କବିତାକୁ ଲକ୍ଷ୍ୟ କରି ଅନେକେ ତାଙ୍କୁ ରୋମାଣ୍ଟିକ୍ କବି ଭାବେ ଚିହ୍ନିତ କରିଥାନ୍ତି । କିନ୍ତୁ ଯେଉଁ ଦୃଷ୍ଟିରୁ ସବୁଜମାନେ ରୋମାଣ୍ଟିକ୍ ମାନସିଂହ ସେହି ଦୃଷ୍ଟିରୁ ରୋମାଣ୍ଟିକ୍ ନୁହନ୍ତି । ସବୁଜ କବିମାନେ ଯୌବନର ତାଡ଼ନାରେ ଏକ ଅବାସ୍ତବ ପରୀ ରାଜ୍ୟକୁ ପଳାୟନ କରିଛନ୍ତି । ନିଜେ ଅନ୍ନଦା ଶଙ୍କର ତାଙ୍କ 'ପରୀମହଲ' କବିତାରେ ସବୁଜ ପରୀର ଆଗମନୀପାଇଁ ସ୍ୱାଗତିକା ରଚନା କରିଛନ୍ତି ଏବଂ ଦୂରବର୍ତ୍ତୀ ନୈରାଜ୍ୟକୁ ପଳାୟନର ପ୍ରୟାସ କରିଛନ୍ତି –

''ସବୁଜ ପରୀ, ଆସ/ପତ୍ର ରହେ କାନ ଡ଼େରି/ଉର୍ଦ୍ଧ୍ୱେ ଚାହେଁ ଘାସ
ଶୀତଗଲା ବନେ ବନେ ପଲ୍ଲବ ଝଡାଇ/ଉତ୍ତରା ପବନେ ତାର ଉତ୍ତରୀ ଉଡ଼ାଇ
ଦିଗେ ଦିଗେ ସଂଚରିଲା ଶୁଷ୍କ ତାର ଶ୍ୱାସ/ସବୁଜ ପରି, ଆସ ।
ଯୌବନରେ ମନ୍ତ୍ର ସଖି, ଜୀର୍ଣ୍ଣ ଜରା ନାଶ ।'' କିମ୍ବା ''ଚାଲ ପଳାଇ....... ଉଡାଇ ।''

ତାଙ୍କରି ପ୍ରଭାବରେ କବି ବୈକୁଣ୍ଠନାଥ ମଧ୍ୟ ତାଙ୍କ 'ପ୍ରଣୟୀର ସ୍ୱପ୍ନ' କବିତାରେଏକ କାଳ୍ପନିକ ନୈରାଜ୍ୟର ସ୍ୱପ୍ନ ଦେଖିଛନ୍ତି –

''ଯହିଁ ସନ୍ଧ୍ୟା ସ୍ନିଗ୍ଧ ଆସେ ନୟନେ ଚାହେଁ
ଯହିଁ ମଳୟ ଅସୀମ ପ୍ରଣୟର ଗୀତଗାଏ
ଯହିଁ ନିତ୍ୟ ନବୀନ ଯୌବନ ବୀଣା ବାଏ
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।''

ତେଣୁ ନିକଟବର୍ତ୍ତୀ ପୃଥିବୀକୁ ଏକ ମୃତ ଦେଶ ମନେକରି କଳ୍ପନାରେ ଅନ୍ୟ ଏକ ରାଜ୍ୟକୁ ଉଡ଼ିଯିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି ବୈକୁଣ୍ଠନାଥ –

''କଳ୍ପନା ଚାଲ ପବନ ସହିତେ, ଏହି ମୃତ ଦେଶେ ଜୀବନ ନାହିଁ ଗୋ ଜୀବନ ନାହିଁ ।''
(ନବବର୍ଷ ସଂଗୀତ)

କବି କାଳିନ୍ଦୀ ଚରଣଙ୍କ କବିତାରେ ଏହି ଦୂରସଂଚାରୀ ସ୍ୱପ୍ନ ଅତୀତ ବିଧୁରତାର ଆଭିମୁଖ୍ୟ ନେଇ ଠିଆହୁଏ ତାଙ୍କ 'ଲୋହିତ ବ୍ୟଥା' କବିତାରେ ।

'ଦୂର ଅତୀତର ଶୁଭୁଥିଲା ଭାଷା / କି ଗହନ ବ୍ୟଥା ଦୁରନ୍ତ ଦୁରାଶା
ସଂଖ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଙ୍ଗେ/ ସଜନ ନୟନେ ଚାହିଁଥିଲା ବନ ପଥେ ।''

ମୋଟ ଉପରେ ସବୁଜ କବିମାନେ ଯେତେବେଳେ ଏକ କାଳ୍ପନିକ ବାୟବିୟ ସ୍ଥିତି  ପାଇଁ ମନରେ ସ୍ୱପ୍ନ ଓ ଆକୁଳତା ପ୍ରକାଶ କରୁଥିଲେ ସେମାନଙ୍କୁ ରୋମାଣ୍ଟିକ୍ କହିବା ଛଡା ଅନ୍ୟ କିଛି ପରିଭାଷା ନାହିଁ । କିନ୍ତୁ  ମାନସିଂହ ତାଙ୍କ କବିତାରେ ଯେଉଁଠି ଅତୀତ ଆମୁଖତା ଦେଖାଇଛନ୍ତି ତାହା ସ୍ୱପ୍ନ ପ୍ରୟାଣ ନ ହୋଇ ଜାତୀୟ ଭାବନାର ବେଦନା ଦାୟକ ଚିତ୍ର ବହନ କରିଛି । ହେଲେ ହେଁ କୁତ୍ରାପି ସେ ନିକଟକୁ ଉପେକ୍ଷା କରି ଦୂରବର୍ତ୍ତୀ କାଳ୍ପନିକ ଭୂମି ପ୍ରତି ଆକୃଷ୍ଟ ହୋଇ ନାହାନ୍ତି । ସବୁଜ କବିମାନଙ୍କ ପରି ସେ ପ୍ରେମ ଓ ଯୌବନରେ ଉପାସନା ନିଶ୍ଚୟ କରିଛନ୍ତି – କିନ୍ତୁ ସେ ପ୍ରେମ ଓ ଯୌବନ ପୂଜା ବାସ୍ତବତାର ଭାବଭୂମି ଉପରେ ପିଣ୍ଡିତ । ତେଣୁ ତାଙ୍କ  କବିତା ସବୁଜ କବିତା ପରି ସଂପୂର୍ଣ୍ଣ ରୂପେ ବାସ୍ତବତା ବିରହିତ ନୁହେଁ । ଧରନ୍ତୁ 'ହେମଶସ୍ୟ'ରେ ସେ ଯେଉଁ ପ୍ରିୟଭୂମିର ସ୍ୱପ୍ନରେ ଅବଗାହନ କରିଛନ୍ତି ତାହା କାଳ୍ପନିକ ପରୀରାଜ୍ୟ ନୁହେଁ ବରଂ ସମୁଦ୍ର ବେଳାରେ ବିସ୍ତୀର୍ଣ୍ଣ ଦିଗମ୍ବରା ପ୍ରକୃତିକୁ ଦେଖି ସେ ମନ୍ତ୍ରମୁଗ୍ଧ ହୋଇ ଗାଇ ଉଠିଛନ୍ତି –

''ବିସ୍ତୀର୍ଣ୍ଣ ପ୍ରକୃତି ଯହିଁ ଦିଗମ୍ବର ବେଶେ
ବୃକ୍ଷହୀନ ହେମକାନ୍ତ–ସିକତା ବିସ୍ତାରେ
ମହୋଦଧି ତଟପ୍ରାନ୍ତେ । ସିନ୍ଧୁ ସିକତାରେ
କ୍ରୀଡନ୍ତି ନିଶୀତେ ଯହିଁ ଜଳ କନ୍ୟାଗଣ
କିଆକୁଞ୍ଜେ ଲୁଚକାଳି, କୋମଳ ଚରଣ
ବୁଡ଼େ ନାହିଁ ବାଲୁକାରେ । ବର୍ଷାରମ୍ଭେ ତହିଁ
ପୁନ୍ନାଗ କୁସମ ଗଂଧ ପ୍ରାଣଦିଏ ଦହି
ଢ଼ାଳେ ଚୂର୍ଣ୍ଣ–ମଣି–ଚୂଡ଼ ଦୀର୍ଘ ଉର୍ମିବାର
ସେ ଭୂମିର ପଦତଳେ, ତା' ଗୁରୁଗର୍ଜନ
ରଚେ ତହିଁ ଶାଶ୍ୱତିକ ମୃଦଙ୍ଗ ଘୋଷଣ ।'' 'ପ୍ରିୟଭୂମି' (ହେମଶସ୍ୟ)

ଏଠି କଳ୍ପନା ନାହିଁ କହିଲେ ଠିକ୍ ହେବନାହିଁ, କିଂତୁ କଳ୍ପନା ଯେପରି ବାସ୍ତବତା ସହିତ କବି ମାନସରେ ବିଜଡିତ ହୋଇ ରହିଛି–  କବିର ଚେତନା ବେଦୀରେ ପ୍ରତିଷ୍ଠା ଲୋଡ଼ୁଛି । 'କୋଣାର୍କ'ର ଭଗ୍ନ ମନ୍ଦିର ଗାତ୍ରରୁ ମୃଦଙ୍ଗ ମୁରଜ ବଦିନୀ ସୁନ୍ଦରୀତନ୍ୱୀ ସୁକୁମାରୀମାନେ ରାକାନିଶୀବାରେ ଉଲ୍ଲସିତ ଜୌଲୁସରେ ନୃତ୍ୟରଚନା କରିବା ଓ ସାଗର ଅପ୍ସରୀ

ସେମାନଙ୍କ ସହିତ ଆସି ମିଳିତ ହେବା ସେହିପରି ଉଦ୍‌ଭଟ ପରିକଳ୍ପନା ହେଲେବି ଭଗ୍ନ ମନ୍ଦିରରକୁ ନେଇ ତାଙ୍କର କାରୁଣ୍ୟ ତାଙ୍କୁ ରେମାଣ୍ଟିକ୍ ବାସ୍ତବବାଦୀ ଭାବେ ପରିଚିତ କରେ । ମାନସିଂହଙ୍କୁ ବିଷାଦବୋଧ ଜାତୀୟ ଜୀବନର ଦୁର୍ଗତିରେ ସଂଗଠିତ –ସେଠି ନିରୁତା ରୋମାଣ୍ଟିକ୍ କବିର ବ୍ୟକ୍ତିଗତ ବିଷାଦବାଦ (melancholy) ନାହିଁ କିମ୍ବା ସବୁଜ କବିମାନଙ୍କ ପରି ପରିଦୃଶ୍ୟମାନ ପରିସ୍ଥିତିକୁ ଅସ୍ୱୀକାରର ଉତ୍‌କଣ୍ଠା ନାହିଁ । ସବୁଜମାନଙ୍କୁ ସେଥିପାଇଁ ରୋମାଣ୍ଟିକ୍ କାବ୍ୟାଦର୍ଶର ଶେଷ ଦୀପଶିଖା ଭାବେ ଚିହ୍ନିତ କରାଯାଇଛି ଅଥଚ କବି ମାନସିଂହ  ସମସାମୟିକ ଭାବେ ଲେଖୁଥିଲେ ବି ତାଙ୍କ କବିତାରେ ରୋମାଣ୍ଟିକ୍ ବିଷାଦବାଦ ପରିବର୍ତ୍ତେ ରୋମାଣ୍ଟିକ୍ ବାସ୍ତବତାର ସ୍ୱର ପ୍ରକଟିତ ହୋଇ ଉଠୁଛି । ଏହାହିଁ ତାଙ୍କୁ ସବୁଜ କବିମାନଙ୍କଠାରୁ ନିରାପଦ ଦୂରତ୍ୱରେ ଅବସ୍ଥାପିତ କରିପାରିଛି ।

ଆଗରୁ ସୂଚନା ଦେଇଛି ପ୍ରେମାନ୍ୱେଷଣରେ ସବୁଜ କବିମାନେ ନିତ୍ୟ ପ୍ରାତ୍ୟହିକତା ଓ ନିକଟବର୍ତ୍ତୀ ସତ୍ୟକୁ ଉପେକ୍ଷା କରି ଦୂରବର୍ତ୍ତୀ ସ୍ୱପ୍ନରେ ପ୍ରମତ୍ତ ହୋଇଛନ୍ତି । କବିମାନସିଂହ ତାଙ୍କ ଆଦ୍ୟ ତାରୁଣ୍ୟରେ ଲେଖିଥିବା 'ତରୁଣ କବିର ଆଶା' (ଉ.ସା. ଏପ୍ରିଲ ୧୯୨୮)ରେ ସେମିତି କିଛି  ଚିନ୍ତାଧାରା ପୋଷଣ କରିନାହାନ୍ତି, ତା' ନୁହେଁ ।

> ''ଭାବିଥିଲି ଯିବି ଅସୀମ ପଥେ
> ସୁରଭି ଶୀତଳ ମଳୟ ରଥେ
> କୁସୁମ ଫଗୁଳ ଫଗୁଣ–ପୁରେ/ବାହି ଗୋ ଦୂରେ ।''

କିନ୍ତୁ ପରେ ପରେ ସଚେତନ ହୋଇ ବାସ୍ତବତାର ଉପଲବ୍ଧି କରିଛନ୍ତି । ତେଣୁ ସେଇ କବିତାରେ ଲେଖିଛନ୍ତି –

> ''ଭାବିଥିଲି ଦୂଇ ମଣିଷପ୍ରାସ
> ମଧୁର କରିବି ଧରଣୀବାସ
> ଏକଇ ଅଦେଶେ, ଜୀବର ହିତେ / ଧରଣୀ ପୀଠେ ।''

ସେଇଠି କିନ୍ତୁ ସଶରୀର ବାସ୍ତବ ନାରୀର ପ୍ରୀତି ତାଙ୍କୁ କରିଛି ମାଟି–ମନସ୍କ । ଯେଉଁ ପ୍ରେୟସୀର ସାନ୍ନିଧରେ ସେ ପୃଥିବୀର ବାଧାବିଘ୍ନକୁ ଅତିକ୍ରମକରି ଯିବାକୁ ପ୍ରୟାସ ରଖିଛନ୍ତି ସେ ମଧ ପରେ ପରେ ବାସ୍ତବତାକୁ ଉପଲବ୍ଧି କରି କହିଛନ୍ତି –

> ''ହାଇରେ ତରୁଣ କବିର ଆଶା
> ଏଡ଼େ ବିରାଟ ସେ, ପାଏ କି ଭାଷା
> ଆକାଶ ବସୁଧା କେତେ ସେ କରେ/ନିମିଷକରେ ।''

ତେଣୁ ସବୁଜର କାବ୍ୟସ୍ୱର ରୋମାଣ୍ଟିକ୍  ବିଳାସ କୁହାଗଲେ ଏ କାବ୍ୟସ୍ୱରକୁ ରୋମାଣ୍ଟିକ୍ ବାସ୍ତବତା ବୋଲି କହିବାକୁ ହେବ । ନିଜ କଥା ତୁଲାଇ ପାରୁ ନ ଥିବା ଗରିବ କବିଟିଏ ତା ବ୍ୟକ୍ତିଗତ କରୁଣ ସ୍ଥିତି ପ୍ରତି ଏତେ ସଚେତନ ଯେ ସେ କହିବାକୁ ଦ୍ୱିଧା ରଖିନି ''ଜଗତର ବ୍ୟଥା ଦୂରେଇବା ଓ ଧରାରେ ସ୍ୱର୍ଗ ସୃଷ୍ଟି କରିବା କେବଳ ସୁଦୂର ସ୍ୱପ୍ନ ମାତ୍ର । ତାର କଳ୍ପନା ଓ ବିଚାର ଏତେ ବଡ଼ ଯେ ସେଥିପାଇଁ ସେ ଭାଷା ପାଏ ନାହିଁ । ଧୂପ ସଂସ୍କରଣର ଶେଷ କବିତା 'ପ୍ରେମ ଓ ମୃତ୍ୟୁ' – ଯେଉଁ କବିତାରେ କବି ଆଉଥରେ ରୋମାଣ୍ଟିକ୍ ସ୍ୱପ୍ନ ଦେଖିଛନ୍ତି –

‘‘ଶୁଣିବ ଯେବେ ପ୍ରିୟା ମୋ ମୋର
ପ୍ରଣୟୀତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ସେ ତାର ଦେହର ଛାଇ
ପାରିବ ଯଦି ଭସ୍ମପରେ
ପଦ୍ମ ପଦ ଚାଳିବ ଧୀରେ
ଜୀବନ ପୁଣି ଅଭିବି ସଖି,
ନିଶ୍ଚୟ ମୁଁ ମରଣ ପାରେ ।’’

ଖୁବ ଦୂରବର୍ତ୍ତୀ ସ୍ୱପ୍ନଟିଏ ନିଶ୍ଚୟ । ମୃତ୍ୟୁ ପରେ ଆଉଥରେ ଜୀବନଧରି ଫେରି ଆସିବା ଅସମ୍ଭବ ବ୍ୟାପାର । ଏଇ ଦୁଇଟି କବିତାକୁ ଛାଡ଼ି ଦେଲେ ‘ଧୂପ’ର ଅନ୍ୟ କୌଣସି କବିତାକୁ ରୋମାଣ୍ଟିକ୍ କୁହାଯାଇ ପାରିବ ନାହିଁ ବୋଲି ମୋର ଦୃଢ଼ ବିଶ୍ୱାସ । କାରଣ ଆଉ ସବୁ କବିତା ଦେହକୁ କେନ୍ଦ୍ରକରି ସଂଚାରିତ– ତେଣୁ ବାସ୍ତବ ଧର୍ମୀ । ଅବଶ୍ୟ ଏ ପ୍ରେମରେ କେତେବେଳେ କେତେବେଳେ ଆଦର୍ଶର ପରିପ୍ରଚାର ନ ଘଟିଛି ନୁହେଁ, ତଥାପି ତାକୁ ରୋମାଣ୍ଟିକ୍ କହି ହେବନାହିଁ । ତା’ହେଲେ ସବୁଜ କବିମାନଙ୍କଠାରୁ ନିଜର ପ୍ରେମଭାବନା, ପ୍ରଣୟଭାବନା, ଚିନ୍ତା ଓ ଚେତନାରେ କବିମାନସିଂହ ଏତେ ସ୍ୱତନ୍ତ୍ର ଓ ନିଆରା ଜଣା ଯାଆନ୍ତେ ନାହିଁ । ଏଇ ଦୃଷ୍ଟିରୁ ମାନସିଂହଙ୍କ ପଲ୍ଲୀ କବିତାର ସ୍ୱରୂପ ଉଦ୍‌ଘାଟନ ପ୍ରାସଙ୍ଗିକ ହେବ ନିଶ୍ଚୟ ।

**ପଲ୍ଲୀଜୀବନା ଲେଖା :**

ସବୁଜର ପ୍ରତିକ୍ରିୟାରେ ତାଙ୍କ କାବ୍ୟମାନସ ସଂଗଠିତ ବୋଲି ଆଗରୁ ସୂଚନା ଦିଆଯାଇଛି । ସବୁଜ କବିମାନେ ପଲ୍ଲୀ ବହୁଳ ଓଡ଼ିଶାର ବିପୁଳ ଜୀବନଗାଥା ଓ ରୂପ ବିଭବକୁ ଭୁଲି ସୁଦୂରର ଆକର୍ଷଣରେ ଉଚ୍ଛ୍ୱସିତ ହୋଇ ଉଠିଥିଲେ । ଅବଶ୍ୟ ସେମାନଙ୍କ ବହୁପୂର୍ବରୁ କବି ନନ୍ଦକିଶୋର ପଲ୍ଲୀର ଐଶ୍ୱର୍ଯ୍ୟମୟ ସୌନ୍ଦନର୍ଯ୍ୟକୁ ଦେଖି ନାନାଦି ସ୍ୱପ୍ନ ଓ କଳ୍ପନାର ଚିତ୍ର ଅଙ୍କନ କରିଥିଲେ । କବିମାନସିଂହ କିନ୍ତୁ ପ୍ରଥମରୁ ପଲ୍ଲୀର ସୁଖ ଦୁଃଖର ସ୍ମୃତିପ୍ରତି ଦୃଷ୍ଟିପାତ କରିଛନ୍ତି କିନ୍ତୁ ରୋମାଣ୍ଟିକ୍ କାବ୍ୟ ଚେତନାର ଭାଷାରେ ସେ ଅତୀତ ବିଧୁର ନୁହନ୍ତି ବରଂ ଅତୀତ ଆମୁଖ ବୋଲି କହିବାକୁ ହେବ । ପଲ୍ଲୀର ଅଗଣିତ ଦୁଃଖ ଓ ଦୁର୍ଗତିର ଚିତ୍ର ପ୍ରଦାନ ବେଳେ ସେ ମଣିଷମାନଙ୍କ ଅସହାୟତା ସହିତ ଆତ୍ମୀୟତା ସ୍ଥାପନ କରିଛନ୍ତି, ସେମାନଙ୍କୁ ଅଜସ୍ର ସହାନୁଭୂତି ଜଣାଇଛନ୍ତି । ‘ରେଙ୍ଗୁନ୍ ଚିଠି’, ‘ବର୍ଷା ସଂଧ୍ୟା’, ‘ଘରପଶା’, ବିଲଲକ୍ଷ୍ମୀ’, ‘କଣ୍ଟକାଟ’, ‘ନଷ୍ଟପଲ୍ଲୀ’, ଆଦି ‘ମାଟି ବାଣୀ’ରେ ସଂକଳିତ କବିତାଗୁଡ଼ିକ ବସ୍ତୁତଃ ମାଟିର ପ୍ରାଣଉଚ୍ଛଳ କାରୁଣ୍ୟର ବାଣୀ । ‘ଜେମା’ କାବ୍ୟ (୧୯୩୭ ରେ ଲିଖିତ ୧୯୪୭ରେ ପ୍ରକାଶିତ) ସାମଗ୍ରିକ ଭାବେ ଏଇ ଦୃଷ୍ଟିଭଂଗୀର ପ୍ରତିନିଧିତ୍ୱ କରେ । ପଲ୍ଲୀର ବର୍ଷାକାଳୀନ ଦୃଶ୍ୟ ବର୍ଣ୍ଣନାରେ ତଥା ପଲ୍ଲୀର ଶ୍ୟାମଳ ପ୍ରାନ୍ତର ତଥା ପ୍ରକୃତିର ବିପୁଳ ବିଭୂତିର ଚିତ୍ରରେ ସେ ଅଗ୍ରଜ କବି ନନ୍ଦକିଶୋରଙ୍କ ପଦାଙ୍କ ଅନୁସରଣ କରିଥିଲେ ମଧ୍ୟ ପଲ୍ଲୀଚିତ୍ରର ଅଗଣିତ ସମସ୍ୟା ପ୍ରତି ସଚେତନ ହୋଇ ଉଠିଛନ୍ତି ଏବଂ ଏହି ସଚେତନତା ତାଙ୍କ କାବ୍ୟ ସ୍ୱରକୁ ବେଦନା ବ୍ୟଥିତ କରିଛି । ସାହୁକାରର ଶୋଷଣ ଓ ସେଥିରୁ ଆତ୍ମରକ୍ଷା କରିବାକୁ ପଲ୍ଲୀ କୃଷକ ଓ ଦରିଦ୍ର ଜନତାର ବିଷାଦ ପୂର୍ଣ୍ଣ ମୁହୂର୍ତ୍ତର ଚିନ୍ତାରେ ତାଙ୍କ କବିତାର ମାନବବାଦୀ ସ୍ୱର ସତ୍ୟବାଦୀ କାବ୍ୟ ସ୍ୱର ସହିତ ବରଂ ସମତା ରକ୍ଷା କରେ କେତେ ଗୋକୁଳି ନାଏକ ଓ ଦିନା ପଧାନଙ୍କ କାତର ଦୃଷ୍ଟି କବିର ସମମର୍ମୀ ଅନ୍ତରକୁ ଥରାଇଦିଏ । ପୁଣି ସେଇ ଶୋଷଣପିଷ୍ଟ ଜୀବନକୁ ଶ୍ୟାମଳ ଧାନକ୍ଷେତ ଓ ପକ୍ୱ ଶସ୍ୟର ମୋହ ମୁହୂର୍ତ୍ତକ ପାଇଁ

ଆନନ୍ଦମୁଖର  କରେ ମଧ୍ୟ । ସେଇଠି କେତେ ପୁନିଅଁପର୍ବ, କେତେ ବୋଇତ ବନ୍ଦାଣର ସାଂସ୍କୃତିକ ପଦଚିହ୍ନ, କେତେ ଆନନ୍ଦ ଉତ୍ସାହର କାଳରବ ପୁଣି କୁଟିଳ ପ୍ରକୃତିର କ୍ରୁର ଦୃଷ୍ଟିରେ ନଷ୍ଟ ପକ୍ଷ ମୈନାକ ପରି ବାତ୍ୟା ବିଧ୍ୱସ୍ତ ସେଇ ପଲ୍ଲୀର ଶ୍ମଶାନିତ ବିରୂପ ମଧ୍ୟ ତାଙ୍କ କବିତାରେ ରୂପନିଏ । ସେଠି ଗ୍ରାମ ଦାଣ୍ଡରେ ଶିଶୁର କ୍ରୀଡ଼ା, ଗ୍ରାମ୍ୟ ନାରୀର ନିତିଦିନିଆ ଝଗଡ଼ା, ମାଟି ସଂଗେ ମାଟି ହେଉଥିବା କୃଷକର ଚିରନ୍ତନ ଜୀବନ ସଂଗ୍ରାମ, ଭୋଜିଭାତ, ଗୀତ ଓ ଭାଗବତ ସବୁ ଯେପରି ନିସ୍ତବ୍ଧ ହୋଇଯାଏ ।  ପଲ୍ଲୀର ନିରୀହ ମଣିଷଟି ବିଚରା ପ୍ରକୃତିର ତାଣ୍ଡବ ଦେଖି ଦେଖି ଭଗବାନଙ୍କୁ ହିଁ ସ୍ମରଣ କରୁଥାଏ । ଚିଲିକାର ଜଳାବର୍ତ୍ତ ମଧ୍ୟରେ ଅବସ୍ଥିତ ଦ୍ୱୀପ ପୁଞ୍ଜରେ କବି ଆଜନ୍ମରୁ ଯୌବନ ପର୍ଯ୍ୟନ୍ତ ବହୁ ବର୍ଷ ଅତିବାହିତ କରି ବହୁ ଦୁର୍ଲଭ ଅନୁଭୂତି ସଂଗ୍ରହ କରିଥିଲେ। ସେଇ ଅନୁଭୂତି ମଧ୍ୟରେ ସମାଜ ପରିତ୍ୟକ୍ତା ନାରୀ ଓ ବୈଧବ୍ୟ ବରଣ କରିଥିବା ନାରୀର ଶୋକାୟିତ ମୁହୂର୍ତ୍ତମାନ ମଧ୍ୟ ପ୍ରତିଫଳିତ ହୋଇଅଛି  । ଠାଏ ଠାଏ ତାଙ୍କ କବି ଆତ୍ମାର ଆକୁତି ଓ ବିଦ୍ରୋହ କିପରି ପ୍ରକାଶ ପାଇଛି ଗୋଟିଏ ଉଦାହରଣରୁ ତାହା ସ୍ପଷ୍ଟ ହେବ। ଅବଶ୍ୟ ଭାବଭୂମି ସହିତ ବାସ୍ତବର ଚମତ୍କାର ମହାବସ୍ଥାନରେ 'ମାଟିର ସତୀତ୍ୱ' କବିତାଟି ଖୁବ୍ ଆବେଦନକ୍ଷମ ହୋଇ ଉଠିଛି ।

''ରାଜ ଅତ୍ୟାଚାରର ପ୍ରପୀଡିତ କୌଣସି ଗରିବ ଚାଷୀ ଗ୍ରାମ ଓ କ୍ଷେତ ଛାଡ଼ି ଚାଲିଯାଏ । ଅନେକ ଦିନ ପରେ ଭିଟାମାଟି ଓ ଜନ୍ମଭୂମିର ମମତା ମୋହରେ  ଫେରିଆସି କୃଷକଟି ଦେଖେ ଯେ ପ୍ରଚୁର ଫସଲରେ ତା' କ୍ଷେତ ଫାଟି ପଡୁଛି । ରଜାର ଚାଷୀ ପ୍ରଚୁର ସାର ଦେଇ ତା'ଠାରୁ ଯଥେଷ୍ଟ ଅଧିକା ଫଳାଇ ପାରିଛି । ଚାଷୀର ମନେହେଲା – ଏ ବସୁଧା ଗୋଟିଏ ଗଣିକା । ସେ ନିର୍ବିଚାରରେ ସମସ୍ତଙ୍କୁ ତା ଦେହ ଦାନ କରିପାରେ । ଯେ ରଖିଲା ସେ ତାଆରି, ପୁରାତନ ପ୍ରିୟ ମଣିଷଙ୍କୁ ପୂରାପୁରି ପାଶୋରି ବସେ ।''

ଏଇ ପ୍ରତିକ୍ରିୟାରୁ ତାଙ୍କ କବିତାରେ ପରେ ପରେ ଅଧଃପତିତ ଅବହେଳିତ ଶ୍ରେଣୀ ପ୍ରତି ପ୍ରଚୁର  ସହାନୁଭୂତିର ଚିତ୍ର ଉତ୍‌କୀର୍ଣ୍ଣ ହୋଇଛି । ରିକ୍‌ସାବାଲା, ମଜ୍‌ଦୁର, କୃଷକ, ବଢ଼େଇ, କିରାଣି, କଳାକାର, ସ୍କୁଲ ଶିକ୍ଷକ ପରି ଅର୍ଥନୀତିକ ନିର୍ମମ ପେଷଣ ତଳେ ସମାଜର ନିତ୍ୟପେଷିତ ଏଇ ତଳିଆ ଜୀବମାନେ ତାଙ୍କ କବିତାରେ ଜୀବନ୍ୟାସ ନେଇଛନ୍ତି । ସୋନଙ୍କ ପ୍ରତି କବି କଣ୍ଠର ଦରଦ ଓ ଆତ୍ମୀୟତା ପ୍ରକୃତରେ ଏକ ବିସ୍ମୟର ବ୍ୟାପାର । ଏ କବିତାଗୁଡ଼ିକ ପାଠକ କଲେ ସ୍ୱତଃ  ମନେହେବ ଏ ରଚନା 'ଧୂପ' ବା 'ସାଧବଝିଅ'  ପ୍ରଣେତା କବିଙ୍କର ସ୍ୱର ନୁହେଁ – ଆଉ କୌଣସି ବାସ୍ତବବାଦୀ ବା ସାମ୍ୟବାଦୀର ଏ ସ୍ୱର । ଅଥଚ ସେତେବେଳେକୁ କବି ସଚ୍ଚିଦାନନ୍ଦଙ୍କ କବିତାରେ ସମାଜର ଏଇ ବୈଷମ୍ୟ ବିରୁଦ୍ଧରେ ଉଗ୍ର ଅବତାରଣା ତଥାପି ସ୍ପଷ୍ଟ ହୋଇ ନଥାଏ । ଏସବୁକୁ ୧୯୩୪–୩୫ରେ ଲିଖିତ କବିତା ବୋଲି ନିଜେ କବି ସୂଚନା ଦେଇଛନ୍ତି– ଯଦିଓ କବିତାଗୁଡିକର ପ୍ରକାଶନା ୧୯୪୨ । ଏପରି କାବ୍ୟଚେତନା ସମୟର ସ୍ପନ୍ଦନ ତଥା ତାଙ୍କ ପ୍ରଣୟମୂଳକ କବିତାର ବାହ୍ୟ ପ୍ରତିକ୍ରିୟାରେ ସଂଗଠିତ ହୋଇଥିବା ଅନୁମାନ କରାଯାଇପାରେ । ତେଣୁ ଏକ ସାମୟିକ ଉଚ୍ଛ୍ୱାସ ଭାବେ ମାନସିଂହଙ୍କ ଯୁବ ସୁଲଭ ଚେତନାରେ ଥରକପାଇଁ ମାତ୍ର ଏ ଭାବଧାରା ଜନ୍ମ ନେଇ ପୁଣି ସବୁଦିନ ପାଇଁ ନିଭିଯାଇଥିବା ଅତ୍ୟନ୍ତ ତାତ୍‌ପର୍ଯ୍ୟର ବିଷୟ । ନିଜେ କବି ସ୍ୱୀକାର କରିଛନ୍ତି ସେ କୌଣସି ମତବାଦ ଦ୍ୱାରା ପ୍ରଭାବିତ ନୁହନ୍ତି ତେଣୁ ସାମ୍ୟବାଦ  ତାଙ୍କ କବିତାର ମନ୍ତ୍ର ବା ସାଧନ ନୁହେଁ । କେବଳ ବିପନ୍ନ ମଣିଷର ଛବି–ଯାହା ତାଙ୍କ ମନରେ ରେଖାପାତ କରିଛି ତାହାହିଁ ଏ କବିତାଗୁଡ଼ିକର ବିଷୟ ବସ୍ତୁ ହୋଇପାରେ ତଥାପି କହିବାକୁ ହେବ ଏ କବିତାଗୁଡ଼ିକର ସ୍ୱର ପ୍ରଚ୍ଛନ୍ନ ବିଦ୍ରୋହ ମୁଖର । କୃଷକର ମିହନ୍ତରେ ଯେଉଁ ଶସ୍ୟ ଉତ୍ପନ୍ନ ହୁଏ ତାକୁ ଲୁଣ୍ଠନ କରେ ମଧ୍ୟ ସ୍ୱତ୍ୱାଧିକାରୀ । ଖରା ବର୍ଷା କାକରର ପଳପଳ ରକ୍ତଢ଼ାଳି ଯେ ଉତ୍ପାଦନ କରେ ସେ ତାର ଉପଭୋକ୍ତା ନୁହେଁ । ସେହିପରି  ଶ୍ରମିକ ଓ ମଜଦୁରମାନେ ମଧ୍ୟ ଉତ୍କଟ ଆର୍ଥନୀତିକ ଶୋଷଣ ଓ ବୈଷମ୍ୟରେ ପ୍ରପୀଡିତ । ସମାଜର ଏଇ ଉତ୍କଟ ବିଷମ ବ୍ୟବସ୍ଥା ବିରୁଦ୍ଧରେ  ମାନସିଂହଙ୍କ ସ୍ୱରରେ ଆଗ୍ନେୟ ଆହ୍ୱାନ ନଥିଲେ ମଧ୍ୟ ରହିଛି ଗଭୀର ମାନବିକ ଅନ୍ତର୍ଦାହ । ତେଣୁ ଚିରଦିନ ଅଭାବରେ ସଢୁଥିବା କିରାଣି, ସ୍କୁଲ ଶିକ୍ଷକ, କଳାକାର

ଆଦିଙ୍କ ପାଇଁ ତାଙ୍କ ସ୍ୱରରେ ଦରଦ ପୂରି ରହିଛି । ମାନବିକତାର ଅମ୍ଲାନ ଚିରନ୍ତନତାରେ ଏ ସ୍ୱର ଅତିମାତ୍ରାରେ ସାର୍ବଜନୀନ । ଏହା ସଚ୍ଚିରାଉତରାଙ୍କ କବିତାପରି ଝଡର ଝଂକାର କିମ୍ବା ବାତ୍ୟାର ବିଷାଣ ନ ହୋଇପାରେ, କିନ୍ତୁ ଅପାଙ୍‌କ୍ତେୟ ମଣିଷମାନଙ୍କ ପାଇଁ ଏହି କାବ୍ୟ ପୁରୁଷର ଅଭିବ୍ୟକ୍ତିରେ ଯେ ଭରି ରହିଛି ଆନ୍ତରିକ ସମ୍ବେଦନା – ଏହା ଭୁଲିବାର ନୁହେଁ । କବି ରାଉତରାୟ ବୋଧହୁଏ ସେଇଥିପାଇଁ ମାଟି କାମୁଡ଼ି ପଡି ରହିଥିବା ପ୍ରତିକ୍ରିୟା ହୀନ ଜନତା ପ୍ରତି ମାନସିଂହଙ୍କ ଦରଦକୁ ଲକ୍ଷ୍ୟକରି କହିଥିଲେ – ''ମୁଁ ଅତୀତକୁ ରୂପାନ୍ତର ମଧ୍ୟରେ ପାଇବାକୁ ଚାହୁଁଥିଲା ବେଳେ ସେ ଅତୀତକୁ ଅତୀତ ମଧ୍ୟରେ ହିଁ ଖୋଜୁଥିଲେ । ଏହାହିଁ ଥିଲା ଆମ ଦୁଇଜଣଙ୍କ ଦୃଷ୍ଟିକୋଣ ମଧ୍ୟରେ ଏକ ବିରାଟ ବ୍ୟବଧାନ ।''

(ମାନସିଂହ ପରିକ୍ରମା– କବି ମାନସିଂହ : ଏକ ସ୍ୱପ୍ନ ପ୍ରୟାଣ – ସଚ୍ଚିଦାନନ୍ଦ)

ସଚ୍ଚିବାବୁଙ୍କ କବିତାରେ ଥିଲା ସମାଜର ପରିବର୍ତ୍ତନ ପାଇଁ ବୈପ୍ଳବିକ ଆହ୍ୱାନ, ରକ୍ତାକ୍ତ ସଂଗ୍ରାମର ଆଦ୍ୟ ଆବାହନୀ, କିନ୍ତି ମାନସିଂହଙ୍କ କବିତାରେ ଥିଲା ସାମାଜିକ ବାସ୍ତବତାର କାରୁଣ୍ୟ ବିମର୍ଷ ଯଥାଯଥ ଚିତ୍ରଲିପି ଓ ଦୁଇସ୍ଥପ୍ରତି ସମବେଦନା । କିନ୍ତୁ ଅତି କ୍ଷୋଭର କଥା ମାନସିଂହ କାବ୍ୟ ଚେତନାରେ ଉପ୍ତବୀଜ ଏହି ଆଭିମୁଖ୍ୟଟି ଅଗ୍ରଧାବିତ ହେଲାନାହିଁ । ବରଂ ତାଙ୍କ କାବ୍ୟ ଚେତନାକୁ ପ୍ରଣୟସୁଲଭ ଅନୁଚିନ୍ତା ଓ ଆଧିଭୌତିକ ଭାବନା ଅଧିକ ଭାବେ ଆଚ୍ଛନ୍ନ କରି ରଖିଲା ଓ ଇନ୍ଦ୍ରୟଗ୍ରାହ୍ୟ ଜଗତରୁ ତାଙ୍କ କବିତାକୁ ଅତୀନ୍ଦ୍ରିୟ ଚେତନା ଆଡ଼କୁ ମୁହାଇଁ ନେଲା । ତେଣୁ ଓଡ଼ିଆ ସାହିତ୍ୟର ଇତିହାସ ତାକୁ ସାମ୍ୟବାଦୀ ଭାବଧାରାର କବିଭାବେ ପରିଚିତ କରାଇ ନାହିଁ । ତାଙ୍କ କାବ୍ୟ ସାଧନାର ଏକ ପ୍ରମୁଖ ଅଂଶ ପ୍ରେମ ଭାବନାରେ ନିସ୍ନାତ ହୋଇଥିବାରୁ ସାହିତ୍ୟର ଇତିହାସ ତାଙ୍କୁ ପ୍ରେମର କବିଭାବେ ସନାକ୍ତ କରିଅଛି । ବୋଧହୁଏ ତାହହିଁ ମାନସିଂହ କାବ୍ୟ କବିତାର ସର୍ବଶ୍ରେଷ୍ଠ ପରିଚୟ ମଧ୍ୟ ।

**ମାନସିଂହଙ୍କ କବିତାରେ ପ୍ରେମ ଭାବନା** :– ସବୁଜ କବିତାରେ ସଶରୀର ନାରୀପ୍ରେମର ଚିତ୍ର ଗୌଣ, କାରଣ ସେମାନେ ଏକ କାଳ୍ପନିକ ଓ ଚିନ୍ତାଧାର ପ୍ରେମ ରାଜ୍ୟରେ ସଂଚରଣ କରିବାକୁ ଅଧିକ ପସନ୍ଦ କରିଛନ୍ତି । କେଉଁଠି କଦବା ଯଦି ପ୍ରେମିକା ପାଇଁ ମୁଷ୍ଟିମେୟ କବିତା ରଚନା କରିଛନ୍ତି ତାହା ନିଜର ବିବାହିତା ନାରୀଟି ପାଇଁ ଅଭିପ୍ରେତ । ଖୁବ୍ ବେଶୀ ହେଲେ ସେହିଁ ହୋଇପାରେ 'କବିପ୍ରେୟସୀ' (ବୈକୁଣ୍ଠନାଥ) କିନ୍ତୁ ମାନସିଂହଙ୍କ ରଚିତ ରାଶିରାଶି କବିତାରେ ପ୍ରେମର ବିଳାସ ଓ ବିକାଶ ବିବିଧ ଓ ବିଚିତ୍ର ରୀତିରେ ବର୍ଣ୍ଣନା । ପରକୀୟାରୁ ସ୍ୱକିୟା ବାଟ ଦେଇ କ୍ରମେ ଏକ ଇନ୍ଦ୍ରିୟାତୀର ଅନୁଚିନ୍ତାରେ ଏ କବିତା ଯେତିକି ଦୌହିକ ଓ ଭୌତିକ ସେତିକି ଦେହାତୀତ ଓ ଆଧିଭୌତିକ । ଯେପରି ମନେହୁଏ ସବୁଜର ପ୍ରତିକ୍ରିୟା ହିଁ ଏହି ପ୍ରେମାନୁଚିନ୍ତା ସଂଗଠିତ । କାରଣ ସବୁଜ କବି ମାଟିର ମୋହକୁ ତ୍ୟାଗକରି ପ୍ରେମ ପାଇଁ ପରୀରାଜ୍ୟକୁ ହିଁ ପଳାୟନ କରିଥିଲା । ତେଣୁ ପ୍ରେମିକା ପରିଚିତ ମାଟିର ନଥିଲା, ଥିଲା କଳ୍ପଲୋକର । କବିମାନସିଂହଙ୍କ କବିତାରେ ସବୁଜର ଏଇ ଯୌବନ ସୁଲଭ ଦିଶାହୀନ କାବ୍ୟ ଚିନ୍ତା ବିରୁଦ୍ଧରେ ଉଗ୍ର ପ୍ରତିବାଦର ସ୍ୱର ପ୍ରକାଶ ପାଇଥିଲା –

''ଉତ୍ତରଳ ଯଉବନ କେତେକାଳ ଥିବ ଉତ୍ତରଳ
ପରୀରାଣୀ ଦେଉଥିବ କେତେକାଳ ଚୁମ୍ବନ କୋମଳ
କେତେଦିନ କ୍ରୀଡ଼ାକରି ସ୍ୱପନ ସଂଗେ ତେଜି ବାସ୍ତବତା
ଲଘୁ ମଧୁରତା/ପାଉଥିବ ଜ୍ୟୋସ୍ନା ସଂଗେ ରତିକ୍ରୀଡ଼ା ନୀରବ ତରଳ ।''

(ଉତ୍ତରଳ ଯୌବନ – ସେଥିଲେ କବି)

ତେଣୁ ସମ୍ଭବତଃ କୌଣସି ଦୈହିକ ଅନୁଭୂତିକୁ ନେଇ ପରିପୁଷ୍ଟ ତାଙ୍କର ଆଦ୍ୟ ଯୌବନର କେତେକ କବିତା 'ଧୂପ' (୧୯୩୧) ନାମରେ ସଂକଳିତ ହୋଇ ମାନସିଂହ କାବ୍ୟପ୍ରତିଭାର ଚୂଡାନ୍ତ ସ୍ୱାକ୍ଷର ବହନ କରିଛି । କିନ୍ତୁ କବି ମାନସିଂହ ପ୍ରେମ ଭାବନରେ ରୀତିଯୁଗୀୟ ପ୍ରଭାବ ବିଶେଷତଃ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'ର ପ୍ରଭାବକୁ ମୁକ୍ତ ହୋଇ ପାରିନାହାନ୍ତି । ତେଣୁ ବିଦଗ୍ଧ ଚିନ୍ତାମଣିର କୃଷ୍ଣଙ୍କ ରାଧାବିରହ ବ୍ୟଥା ତାଙ୍କ ଭାବନାକୁ ଅନୁପ୍ରେରିତ କରିଥିବା ନିମ୍ନ ପଙ୍କ୍ତିମାନଙ୍କରୁ ସ୍ପଷ୍ଟ ହେବ ।

''ଧନ୍ୟ ମୁଁ ହେବି / ପ୍ରିୟା ଯହିଁ ଅଛି / ହେଲେ ତହିଁ ଶିଳାତଳ
ତା ପଦ ପରାଶେ/ପାଷାଣ ମୋ ହିୟା/ଚମକିବ ଥରଥର ।''

କିମ୍ବା କୌଣସି ପ୍ରେମଦୂତୀକୁ ମଧ୍ୟଯୁଗୀୟ ରୋମାଣ୍ଟିକ୍ କବିପରି ସେ ସମ୍ବୋଧନ କରି ବାର୍ତ୍ତା ପଠାଇଛନ୍ତି –

''କହିବ ହେ ପୁଣି/ତୋର ଗୁଣ ଗୁଣି/ନ ସରଇ ତାର ଦିନ
ଯହିଁ ବସେ ଖାଲି / ତୋର ନାମ ଲେଖି / ଶୋକ କରେ ତାର କ୍ଷୀଣ ।
ତୋର ପରିଧେୟ / ଦେହେ ଯାକିଧରି/ଅସୀମ ସେ ସୁଖପାଏ
ତୋର ନାମପୁଣି/ଖୋଳି ହେଉଅଛି/ଶରୀରର ଠାଏ ଠାଏ ।''

ବନ୍ଦନୀପ୍ରିୟା ପାଖକୁ ମଳୟ ହୋଇ ଲଘୁପକ୍ଷ ବିସ୍ତାର କରି ଉଡିଯିବାର ପରିକଳ୍ପନା କେତେ ରୋମାଣ୍ଟିକ୍ ତାହା ଅଧିକ କହିବା ବାହୁଲ୍ୟ ହେବ । ଓଡ଼ିଆ କାବ୍ୟ କବିତାରେ ଇତିହାସରେ ମାନସିଂହ ଥିଲେ ରୋମାଣ୍ଟିକ୍ କାବ୍ୟଶୈଳୀର ଅଭ୍ୟୁତ୍ଥାନ ପଛୀ । ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବିତା ସଂପର୍କରେ ଆସି ରାଧାନାଥଙ୍କ କାବ୍ୟ ଦୃଷ୍ଟିଭଂଗୀ ଯେପରି ଭିନ୍ନ ବାଟର ପରିଚାଳିତ ହୋଇଥିଲା କବି ମାନସିଂହଙ୍କ କାବ୍ୟାନୁଭୂତିରେ ତାହା ସୁସ୍ପଷ୍ଟ । ତେଣୁ ସେ କହିଛନ୍ତି– ''କାବ୍ୟଯୋଗ୍ୟ ଅନୁଭୂତି ଲେଖକର ଜୀବନରେ ଘଟିଥିଲେ ହେଁ ଇଂରେଜ କବିମାନଙ୍କ ସଂଗେ ପରିଚୟ ଘଟି ନଥିଲେ ସେ ଅନୁଭୂତି ଏ ପ୍ରକାର ଆତ୍ମପ୍ରକାଶ କରି ନଥାନ୍ତା । ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି, କିନ୍ତୁ ଇଂରେଜୀ ସାହିତ୍ୟ ପ୍ରତ୍ୟେକ କବିର ବ୍ୟକ୍ତିଗତ ବିଭିନ୍ନ ଅଭଜ୍ଞତାରେ ଅବଳିତ । ('ଧୂପ'ର ମୁଖବନ୍ଧ) । ତେଣୁ ଇଂରେଜ ସାହିତ୍ୟର ତତ୍‌କାଳୀନ ଛାତ୍ର ମାନସିଂହ କୀଟସ୍ ସେଲୀବାଇରନ୍, ୱାଡ଼ସୱାର୍ଥ ପ୍ରମୁଖ କବିଙ୍କ ପରି ନିଜର ବ୍ୟକ୍ତିଗତ ପ୍ରେମପ୍ରଣୟ ଓ ବିରହର ଉଚ୍ଛ୍ୱାସପୂର୍ଣ୍ଣ ଭାବନାଗୁଡ଼ିକୁ ଏକ ଉପଯୋଗୀ ଆନ୍ତରିକ ଶୈଳୀରେ ପ୍ରକାଶ କରିବାକୁ କୁଣ୍ଠା ରଖି ନାହାନ୍ତି । ତେଣୁ ଖୁବ୍ ଶୀଘ୍ର ରୀତିଯୁଗୀୟ ଶୈଳୀକୁ ସେ ଅତିକ୍ରମ କରି ଯାଇଛନ୍ତି । ତାଙ୍କ କବିତାର ପଙ୍କ୍ତିମାନଙ୍କରୁ ସ୍ପଷ୍ଟ ହୁଏ ଯେ କୌଣସି ବିବାହିତ ଗୃହିଣୀର ପରକୀୟା ପ୍ରେମରେ ସେ ଇନ୍ଦ୍ରିୟାଚ୍ଛନ୍ନ ଭାବେ ଆସକ୍ତ ଥିଲେ । ସେଇ 'ବନ୍ଦିନୀପ୍ରିୟା' କବିତାରେ ନିମ୍ନ କେତୋଟି ପଙ୍କ୍ତିକୁ ଲକ୍ଷ୍ୟ କରନ୍ତୁ –

''ଦୂରବାସୀ ପ୍ରିୟ/ଭରେ ନିତି ବ୍ୟଥା/ତୁମ ପାଇଁ ବନ୍ଦିନୀ
ଉପାୟ କି ଅଛି/ନେଇଛି ତ ଆନ / ଶରୀର ତୁମର କିଣି
ରୂପତାରେ ଦିଅ/ସ୍ନେହ ମାଗେ ପ୍ରିୟ/ଲକ୍ଷ ଯୋନ ଦୂରୁ
ଦିନେ ଦିନେ ଖାଲି/ମଙ୍ଗଳଧୂପ /ମୋ ନାମେ ଉଠୁ ସେ ପୁରୁ ।''

ତେଣୁ କୌଣସି ପରକୀୟା ହିଁ 'ଧୂପ' କବିତାର ପ୍ରେରଣା ଉତ୍ସ । କିନ୍ତୁ କେବଳ କ'ଣ ଏଇ ପ୍ରେରଣା ? ମାନସିଂହ ନିଜେ ସ୍ୱୀକାର କରିଛନ୍ତି – ''କୌଣସି ନିର୍ଦ୍ଦିଷ୍ଟ ନାରୀ ବା ପୁରୁଷ ଯେ ମୋର ସାହିତ୍ୟିକ ଜୀବନର ମୂଳଉତ୍ସ – ଏ କଥା ସ୍ୱୀକାର କରିବାର କୌଣସି କାରଣ ମୁଁ ଦେଖୁନାହିଁ । ଜୀବନ ପଥରେ ବହୁ ଅଭିଜ୍ଞତା ମଧ୍ୟରେ ସେମାନଙ୍କ ସହିତ

ଦେଖାଦେଖି ଓ ଚିହ୍ନାଚିହ୍ନି । ସେହି ସ୍ଥାନ ଓ ସେହି କାଳରେ, ସେହି ଅବସ୍ଥାରେ ଅନ୍ୟ କେହି ଆସିଥିଲେ ମଧ୍ୟ ହୁଏତ ସେଇ ଆତ୍ମିକ ଆଲୋଡ଼ନ ଘଟିଥାନ୍ତା । ଗୋଲାପ ଓ ପଦ୍ମ ତୋଳିବାକୁ ଗଲେ, ରୂପ ଓ ସୌରଭ ଭୋଗ ସଂଗେ କିଛି ପଙ୍କଲେପନ ଓ କଣ୍ଟକାଘାତ ଯେପରି ସହିବାର ହିଁ କଥା । ମୋ ଭାଗ୍ୟରେ ତାହାହିଁ ଘଟିଥିବାରୁ ଜଗତର ପ୍ରତ୍ୟେକ ଜିନିଷକୁ ଆଲୋକ ଅନ୍ଧକାରର ମିଶ୍ରଣ ବୋଲି ମୁଁ ଦେଖିବାକୁ ଶିଖିଛି । କବିର ମଧ୍ୟ ଜ୍ଞାନଦନ୍ତ ଦିନେ ଉଠେ ।''

(ମୁଁ କାହିଁକି ଲେଖେ – 'ଡଗର' ୧୪/୧୨, ୧/୭/୫୦)

ମାନସିଂହଙ୍କ ଏହି ଅଭିବ୍ୟକ୍ତିର ବୈଶିଷ୍ଟ୍ୟ 'ଧୂପ'ର ପ୍ରଥମ କବିତା 'ତରୁଣ କବିର ଆଶା'ରୁ ସ୍ପଷ୍ଟ ପ୍ରତିପନ୍ନ ହେବ । ଏଠାରେ ଯେଉଁ ସ୍ମୃତିର ଯେଉଁ କ୍ଷତଚିହ୍ନ ପ୍ରକାଶିତ କୈଶୋର ସାଥୀ କୌଣସି ବାଳିକା ଉଦ୍ଦେଶ୍ୟରେ ତାହା ନିବେଦିତ (୧) ପରବର୍ତ୍ତୀ ପର୍ଯ୍ୟାୟରେ 'ଧୂପ' ନାୟିକା ପରକୀୟା ସହିତ ସାକ୍ଷାତ୍ ତାଙ୍କ ଆଦ୍ୟ କାବ୍ୟଚେତନାର ଓମରଖାଏମୀ ଦୃଷ୍ଟି ଭଂଗୀକୁ (୨) ପରବର୍ତ୍ତିତ କରିଦେଇ ଓଡ଼ିଆ ସାହିତ୍ୟର ମଧ୍ୟଯୁଗଆଡ଼କୁ ସ୍ୱତଃ ଅଭିସାରିତ ହୋଇଯାଇଛି । ସମ୍ଭବତଃ ତରୁଣ  ବୟସରେ ତାଙ୍କ ଚିନ୍ତାରେ ଆସିଥିବା ଅନେକ ଅପ୍ରତିହତ ପ୍ରଭାବ ତାଙ୍କ କବିତାରେ ସ୍ୱତଃ ପ୍ରତିଫଳିତ ହୋଇଯାଇଚି । ତାଙ୍କ ଆସକ୍ତ ପ୍ରେମ (Passionate love) ଚେତନା ଭିତରେ ଏକାଧିକ ନାରୀଙ୍କର ଯେ ଅଭ୍ୟୁଦୟ ଘଟିଛି ତାହା ତାଙ୍କ କବିତା ପଙ୍କ୍ତିରୁ ସ୍ପଷ୍ଟହୁଏ । ଏପରିକି ତାଙ୍କ ରୋମାଣ୍ଟିକ୍ ଦୃଷ୍ଟିବଳୟ ମଧ୍ୟରୁ ଅନୁପମା ସୁନ୍ଦରୀ ଇରାନୀ କିଶୋରୀ ମଧ୍ୟ ବାଦ୍ ଯାଇନାହିଁ ।୩। (କ)

ତେଣୁ ମଧ୍ୟଯୁଗୀୟ ବୈଷ୍ଣବ ପ୍ରେମ କବିତାପରି ତାଙ୍କ ପ୍ରେମ କବିତା ବିରହ ମିଳନରେ । ଅଶ୍ରୁ ଉଚ୍ଛ୍ୱାସରେ,କାମନା ଓ ଆସକ୍ତିରେ ରସସିକ୍ତ । ନାରୀ ରୂପର ଆକଣ୍ଠ ଉପଭୋଗର ପ୍ରଲୁବ୍ଧତା ସହିତ କାମନା ନିର୍ବାହଣ ଜନିତ ବହୁ ଗୈରିକ ଚିନ୍ତା ତାଙ୍କ କବିତାରେ ଦ୍ୱୈତ ସ୍ୱର ସୃଷ୍ଟି କରିଚି । କେତେବେଳେ ସେ ପ୍ରବାହରେ ଭାସି ଯାଇଛନ୍ତି ତ କେତେବେଳେ ସଚେତନ ହୋଇ ଆପଣାକୁ ସନ୍ଧାନ କରିଛନ୍ତି । ପୁଣି ସ୍ୱକୀୟାର ଆଗମନରେ ତାଙ୍କ ପ୍ରେମ କବିତା ଯେଉଁ ଐଚ୍ଛିକ  ଭିନ୍ନଗତି ଧାରଣ କରିଛି ସେଥିରେ ଏକଦା ଉଚ୍ଛଳ ପ୍ରଣୟାନୁଚିନ୍ତା ପ୍ରତି ଆଉ ସ୍ୱୀକୃତି ନାହିଁ, ବରଂ ଅଛି ତୀବ୍ର କଟାକ୍ଷ ଓ ବିରୋଦାଭାସ । ଅନ୍ତତଃ 'ଦେହ ଓ ସ୍ନେହ', 'ହିସାବ ନିକାଶ' ଏବଂ 'ଶେଷ କଥା' କବିତା ତିନୋଟିକୁ ଲକ୍ଷ୍ୟକଲେ ଏହା  ପ୍ରତିପନ୍ନ ହେବ ।

''ପାଇଲି ମୁଁ ସ୍ନେହ ରତ୍ନ ଦେହେ ଅବଗାହି
ମୁକ୍ତାପାଇ ଫେରିଚି ମୁଁ ଗୁଞ୍ଜା ଖୋଜି ଯାଇ ।'' (ଦେହ ଓ ସ୍ନେହ – ହେମବାସ୍ୟ)
ମରମେ ଦେଲାତ ମୋର ସେନେହର ଭାଦ୍ରବ–ଜାହ୍ନବୀ
ଅକାଳେ ଅକ୍ଷେତ୍ରେ କିଂତୁ ଅବିଚାରେ ଗଲି ମୁହିଁ ପ୍ଳାବି,

---

।୧। ''ବାଲ୍ୟତର ସାଥୀ ନାହିଁ ତା ପାଶେ/ବାଳିକା ସେ ଗଲା ଆନର ଆଶେ
କହାଚଳେ ସୁଖେ ଛନ୍ଦିବ ବାହୁ/କହ ସେ ଆଉ ।''

।୨। ''ପାଖରେ ଥାଆନ୍ତା ରସ କବିତା/ଚିର ଯଉବନ ପ୍ରଣୟ ଗୀତା
ପ୍ରେୟସୀ ଗାଆନ୍ତା ଚୁମ୍ବନ୍ତି ମୁଖ/ପୂରନ୍ତା ବୁକ ।''

(ତରୁଣ କବିର ଆଶା 'ଧୂପ')

।୩।(କ) ''ଇରାନୀ କିଶୋରି, ଗୁଲବଦନ ତବ ନହୁଏ ପାଶୋରି
ଭୁଲିବି କିପରି ମୁଁ ରୂପକି ହୁଏ ଭୁଲି/ଅଳିଭା ରେଖା ରଚେ ବୁକୁରେ ସେ ତୁଳି ।

(ଇରାନୀ କିଶୋରୀ –ହେମପୁଷ୍ପ)

କାହା ସ୍ନେହ, କରେଦେଲି, କାହା ପାଇଁ କଲି ଅଭିସାର
ଯୋଗ ଦୋଷେ ସ୍ନେହ ମୋର ହୋଇଗଲା ଦୃଶ୍ୟ ବ୍ୟଭିଚାର ।
(କବିତା–'ଶେଷକଥା' – ଜୀବନଚିନ୍ତା)

ପୁନଶ୍ଚ ଆଉ ଗୋଟିଏ କବିତାରେ ତାଙ୍କ ପ୍ରେମର ଅସ୍ୱୀକାର ଦେଖନ୍ତୁ –

''ରାଗ ଅଭିମାନ କରୁଛି ଭାବୁଛ ? ହେ ପୁରାତନୀ
ତୁମ ପାଇଁ ଖାଲି ଘୃଣାରେ ଚମକେ ମୋର ଧମନୀ ।
ମିଥ୍ୟାଚାରିଣୀ, ପାପ ବିଳାସିନୀ,
ତବ ଭୁଲାଣରେ ପୂଜା ହେଲା ଯାହା କବି ଲେଖନୀ ।''
(ହିସାବ ନିକାଶ–ସହକାର ୨୩/୧ମ ଏପ୍ରିଲ ୧୯୪୨)

'ଧୂପ'ରୁ 'ହେମ ଶସ୍ୟ' (୧୯୩୩)କୁ ଯାତ୍ରାକାଳରେଏକ ସ୍ୱାଭାବିକ କାବ୍ୟ–ଆଲୋଡ଼ନ ତାଙ୍କର ବହୁ କବିତାରେ ପ୍ରତିଫଳିତ । କାରଣ ଏ ଯାତ୍ରା ପରକୀୟା ଚେତନାରୁ ସ୍ୱକୀୟର ପ୍ରଣୟମୁଗ୍ଧ ନିରୂପିତ ପରିସର ମଧ୍ୟକୁ ଏକ ପ୍ରତିବନ୍ଧ ଯାତ୍ରା । 'ନିଦ୍ରିତ ଭଗବାନ' କବିତାଟି ସତେ ଯେପରି ଏହିକାବ୍ୟ ପ୍ରତିକ୍ରିୟାର ଆତ୍ମବାଣୀ ବହନକରେ ।୪। ଏହି ନୂତନ ଯାତ୍ରାର ସ୍ୱର 'ବଧୂପ୍ରବେଶ', 'ଯଗଳଜୀବନ', 'ପ୍ରେମସ୍ପର୍ଶ', 'ଦେହ ଓ ସ୍ନେହ', ଆଜି 'ହେମଶସ୍ୟ'ର ବିଂଶାଧିକ ସନେଟ୍ ମଧ୍ୟରେ ପ୍ରମୂର୍ତ୍ତ । ପୁଣି ତାରୁଣ୍ୟର ତରଳ ଇନ୍ଦ୍ରିୟପର ପ୍ରେମ ମିଳନ ବିରହର ଉତ୍ତାପରେ ପରିପକ୍ୱ ହୋଇ କ୍ରମେ ରୂପୋତ୍ତର ଓ ଇନ୍ଦ୍ରିୟାତୀତ ହୋଇ ଉଠିଛି ଏଥିପାଇଁ ମାନସିଂହଙ୍କ 'ଧୂପ' କବିତା ସଂକଳନରେ ଯେଉଁ ମାନସିକ ସଂଘର୍ଷ ସୃଷ୍ଟି ହୋଇଛି ତାହା ଏକାନ୍ତ ଅବଧାରଣୀୟ । ତାଙ୍କ ମତରେ ପ୍ରେମ ଜୀବନରେ ଥରେ ନୁହେଁ, ଅନେକଥର ଆସିପାରେ

''ପ୍ରେମକି ଥରେ ଆସି ଥରକେ ହୁଏ ଶେଷ
ଜରକୁ ଦେଲେ ସଁପି, ନରହେ ଅବଶେଷ ? '' (ପ୍ରେମର ପରିମାପ–ଧୂପ)

ଏ ସଂଶୟ ଓ ମାନସିକ ଦୋଳନ ଏକ ବାସ୍ତବ ଅନୁଭୂତିର ଅଭିବ୍ୟକ୍ତି ମାତ୍ର । ତେଣୁ ଏହି ଆତ୍ମ କଥନକୁ ମାନସିଂହଙ୍କ ଇନ୍ଦ୍ରିୟ ଲବ୍ଧ ପ୍ରେମ ଚେତନାର ଏକ ଚୂଡାନ୍ତ ଦୃଷ୍ଟିଭଂଗୀ ଭାବେ ଧରି ନିଆଯାଇପାରେ । କବିଙ୍କର ପ୍ରେମ ଭାବନା 'ଧୂପ'ରେ ଯେପରି ଉଦ୍ଦାମ ଓ ଉଦ୍‌ବେଳ, 'ମେହଶସ୍ୟ'ରେ ସେହିପରି ଶାନ୍ତ ଓ ସମାହିତ । ତେଣୁ ତାଙ୍କ ପ୍ରଣୟଚେତନାର ପୃଷ୍ଠ ଭୂମିରେ ପରିବର୍ତ୍ତନର କୌଣସି ବିପର୍ଯ୍ୟୟ ଆସି ନାହିଁ । ସତେ ଯେପରି ଏକଇ କଣ୍ଠରୁ 'ଧୂପ' ଓ 'ହେମଶସ୍ୟ'ର ସଂଗୀତ ସମାନ ଆବେଗ, ଯତି ଓ ଆନ୍ତରିକତାରେ ନିସୃତ ହୋଇ ଆସିଛି । ସ୍ୱକୀୟା ଓ ପରକୀୟା ପ୍ରେମାନୁଭୂତିକୁ ଏତେ ସାର୍ଥକ ଭାବରେ ଏବଂ ସମଆନ୍ତରିକତାରେ ଧରି ରଖିଥିବା କାବ୍ୟାନୁଚିନ୍ତା ଓଡ଼ିଆ ସାହିତ୍ୟରେ ବିରଳ । ତେଣୁ ଏହା

।୩।(ଖ) ''କେତେ ଗୋ ଏହିପରି ପ୍ରଣୟ ଭିକାରିଣୀ
ଭିକ୍ଷା କରି ମୋର ପ୍ରାଣକୁ ନେଲେ କିଣି
ସବୁରି ଦାବୀଅଛି, ଫେରି ଗୋ ଯିବେ କିଂପା
ପ୍ରଣୟ ବିପଣୀରେ ସରେ କି କିଣା ବିକା ।'' (ପ୍ରେମର ପରିମାପ–ଧୂପ)

।୪। ''ଦେବ ଶିଶୁଚଳେ ନରକର ଅଭିସାରେ – ଭଗବାନ ତୁମେ ନିଦ୍ରିତ କେଉଁଠାରେ ।
ଉତ୍କଳ ସାହିତ୍ୟ ୩ ନଭେମ୍ବର ୧୯୨୮

ନିଃସନ୍ଦେହରେ କୁହାଯାଇପାରିବ ଯେ କବି ମାନସିଂହ ଆଗେ ପ୍ରେମିକ ଓ ପରେ କବି। ପ୍ରେମ ହିଁ ତାଙ୍କ କବିତାର ଅନ୍ତର୍ନିହିତ ଉତ୍ସ । ଏ ପ୍ରେମ ସାଧନା ବୟସରେ ବୃଦ୍ଧି ସହିତ ବହୁ ବିଚିତ୍ର ବିଭୂତିରେ ପର୍ଯ୍ୟବସିତ ହୋଇ ଥିଲେ ବି ନାରୀଠାରୁ ହିଁ ଏ ପ୍ରେମ ସାଧନାର ଆରମ୍ଭ । ମହାପାତ୍ର ନୀଳମଣି ସାହୁଙ୍କ ଆକଳନ ଅନୁସାରେ ''କବି ଭଲ ପାଇଛନ୍ତି ରୂପବତୀ ଓ ରସବତୀ ନାରୀର ସାକାର ରୂପ ଓ ନିରାକାର ରସ ମାଧୁର୍ଯ୍ୟକୁ । ସେଇ ନାରୀ ହିଁ ତାଙ୍କ ଦେହଜ ପ୍ରେମକୁ ମୁକ୍ତି ଦେଇଛି ମାନସିକ ଅବଚେତନକୁ ଦେଇଛି ଗତି ଓ ଶକ୍ତି'' ।୫। ମାନସିଂହଙ୍କ ବହୁ କବିତାରେ ପରିଣିତା ବଧୂଙ୍କ ଉଦ୍ଦେଶ୍ୟରେ ଗଭୀର କୃତଜ୍ଞତା ଓ ସମ୍ମାନବୋଧ ଜ୍ଞାପିତ ହୋଇଛି । ଏଠାରେ ତାଙ୍କ କାବ୍ୟ ଚିନ୍ତାରେ ଆଉ ଦ୍ୱନ୍ଦ୍ୱ ବା ବିଚ୍ୟୁତି ନାହିଁ, ବରଂ ପ୍ରାକ୍-ବିଚ୍ୟୁତି ପ୍ରତି ରହିଛି ଗଭୀର ଅନୁଶୋଚନା । ତେଣୁ ଏ ପର୍ଯ୍ୟାୟର ପ୍ରେମ କବିତାରେ ଆସିଛି ସମାହିତ ଆନୁପାତିକତା । ପୁନଶ୍ଚ ପ୍ରେମ ଭାବନାକୁ କବିମାନେ ଯୁଗେ ଯୁଗେ ସନେଟ୍‌ର ଆଙ୍ଗିକରେ ପ୍ରକାଶ କରି ଥିବା ପରି କବି ମାନସିଂହ ମଧ୍ୟ ସେହି ଛାଞ୍ଚକୁ ଅବଲମ୍ବନ କରିଛନ୍ତି । ପ୍ରଣୟିନୀ Lawcaଙ୍କ ଉଦ୍ଦେଶ୍ୟରେ ରଚିତ ପେଟ୍ରାର୍କଙ୍କ ସନେଟ୍ ଠାରୁ ସାର୍ ଫିଲିପ୍ ସିଡ୍‌ନୀଙ୍କ 'Astrophel and Stella' ବାଟଦେଇ ୱାର୍ଡସୱ୍ୱର୍ଥଙ୍କ ସନେଟ୍ ପର୍ଯ୍ୟନ୍ତ ଇଂରେଜୀ ସାହିତ୍ୟରେ ଯେଉଁ ଗତିଶୀଳତା ପରିଲକ୍ଷିତ ହୁଏ ଓଡ଼ିଆ ସାହିତ୍ୟରେ ଫକୀର ମୋହନଙ୍କ ପରେ କବି ମାନସିଂହ ହିଁ ଯଥାର୍ଥରେ ତାହାର ଯୋଗସୂତ୍ର ରକ୍ଷା କରିପାରିଛନ୍ତି । ଓଡ଼ିଆ ସନେଟ୍‌ର ପ୍ରଥମ ମାଙ୍ଗଳିକ ଯେଉଁ କବିଙ୍କ କାବ୍ୟ ରଚନାରେ ଶୁଣାଯାଇଥିଲା ସେହି ଭକ୍ତକବି ମଧୁସୂଦନ କିନ୍ତୁ ସନେଟ୍‌ର ଏହି ଆତ୍ମଧର୍ମ ପ୍ରତି ଅବହେଳା କରି କେବଳ ଚଉଦ ପାଦୀ ରଚନା ପ୍ରତି ଦୃଷ୍ଟି ଦେଇଥିଲେ । କିନ୍ତୁ ଇହ ଜୀବନରେ ସୁଖ ଦୁଃଖର ଭୋକ୍ତାଭାବେ ଅନ୍ତରର ଅନନ୍ତ ଆକୁଳତାକୁ ଆମ ଆଗରେ ପ୍ରକାଶ କରିବା ପାଇଁ ମାନସିଂହଙ୍କ ସନେଟ୍ ଗୁଡ଼ିକରେ ହିଁ ରହିଛି ଜାଗ୍ରତ ଆକୁଳତା । ବେଳେବେଳେ ପୁଣି ଏକ ଶାଶ୍ୱତ ଅଦୃଶ୍ୟ ଶକ୍ତି ପାଖରେ ବେଦନାର୍ତ୍ତ ହୃଦୟର ଆକୃତି ନିବେଦନ କରି କବି ଆଧିଭୌତିକ ରହସ୍ୟର ସମୀପସ୍ଥ ହୋଇଛନ୍ତି । 'ଅକ୍ଷତ'ର ୮ଟି ସନେଟ୍ ଓ 'ଜୀବନଚିତା'ର ୨ଟି ସନେଟ୍‌ରେ ଈଶ୍ୱରଙ୍କ ପ୍ରତି ପ୍ରେମର ଭାବ ପ୍ରକଟିତ । ଇଂରେଜ କବି ଦଂପତ୍ତି ରସେଟିଙ୍କ ସନେଟ୍ ମାଳାପରି ପ୍ରେମ ଓ ଆଧିଭୌତିକ ଭାବଧାରାର ଏକ ମୁଗ୍ଧ ସମନ୍ୱୟ ମାନସିଂହଙ୍କ ସନେଟ୍ ଗୁଡିକରେ ଉପଲବ୍ଧ ହେବ ।୬।

'ହେମଶସ୍ୟ'ର ସନେଟ୍ ଗୁଡ଼ିକ ଏକ ଦାମ୍ପତ୍ୟ ଜୀବନର ଆନନ୍ଦ ଉତ୍ସାହ, ବ୍ୟଥା ବେଦନା, ସାମୟିକ ମାନ ଅଭିମାନର କ୍ରମିକତାକୁ ରକ୍ଷାକରି ଯଥାର୍ଥତଃ ଏକ କାବ୍ୟ ଆବେଗରେ ସଂପ୍ରସାରିତ ଓ ସମୃଦ୍ଧ । ପ୍ରଣୟର ଶାନ୍ତ ସ୍ନିଗ୍ଧ ବାରିଧାରାରେ ଏ କାବ୍ୟଚେତନା ପରିପୁଷ୍ଟ, ମାର୍ଜିତ ଓ ରୁଚିଶୀଳ । 'ଧୂପ'ର ପ୍ରେମ ହେବ ଶରତ୍‌କାଳୀନ ନଦୀ ପରି ନିର୍ମଳ ଓ ମୃଦୁ ପ୍ରବାହିନୀ । କିନ୍ତୁ ଭାବ, ଭାଷା ଓ ଛନ୍ଦ ଦୃଷ୍ଟିରୁ 'ହେମଶସ୍ୟ' ସଂଯମ ଗୌରବ ଅର୍ଜନ କରିଥିଲେ ହେଁ 'ଧୂପ'ର ସେଇ ସରସ ଶିଳ୍ପ ଗୌରବ ଏଥିରେ ସନ୍ଧାନ କରିହୁଏ ନାହିଁ । ସମାଲୋଚକ ଚିନ୍ତାମଣି ବେହେରା ଯଥାର୍ଥରେ

---

।୫। ଗୁଣସୁମରି ହୁଅନ୍ତି ବିକଳ - ମାନସିଂହ ପରିକ୍ରମା ପୃ ୧୩୪ ପ୍ରକାଶ-ପୂଜ୍ୟପୂଜା ସାଂସଦ

।୬। 'ସୋହାଗ' (ହେମଶସ୍ୟ)-

ଶେଷେ ଯେବେ ମୁଖ ମୋର ଉର୍ଦ୍ଧ୍ୱେ ନେଇ ତୋଳି
ଦିଅ ଓଷ୍ଠେ ଚିରପ୍ରିୟ ସେ ଚୁମ୍ବନ ବୋଳି
ସହସା ଭୁଲଇ ମୁହିଁ କଠିନ ସଂସାର
ଲାଞ୍ଛନା ଓ ଦୁର୍ଭାଗ୍ୟର ନିଷ୍ଠୁର ପ୍ରହାର
ଦେବତାର ମହାପ୍ରାଣ ପଶେ ଏ ଶରୀରେ
ଚେତନା ମୋ ଅତୀନ୍ଦ୍ରିୟ ହୁଏ ଧୀରେ ଧୀରେ ।''

କହନ୍ତି – ପ୍ରଣୟର ସରସ ପୀୟୂଷରତ୍ନ ଏଇ ଯେ କବି ହରାଇ ବସିଲେ ତାର କ୍ଷତି ପୂରଣ ପରବର୍ତ୍ତୀ ସୃଷ୍ଟିରେ ବହୁ ଦିଗରୁ କରିଥିଲେ ହେଁ ପ୍ରେମାମୃତର ସ୍ୱାଦୁ ଲାଭ କରିବାକୁ ଏହି ରୂପପ୍ରାଣ କବି ଆଉ ସମର୍ଥ ହୋଇ ପାରି ନାହାନ୍ତି । ଏହାର ଏକ ମୁଖ୍ୟ କାରଣ ରୂପଜ ପ୍ରେମ ପ୍ରତି କବିଙ୍କ ଶିଳ୍ପ ଚେତନାରେ ସଚେତନ ବିଦ୍ରୋହ '' ।୭। ତେଣୁ ପରେ ନାରୀକୁ କେବଳ ପୁରୁଷର ପ୍ରଣୟିନୀ ଦୃଷ୍ଟିରେ ନ ଦେଖି ସମଗ୍ର ମାନବ ଜାତିର ଜନୟିତ୍ରୀ, ପୁରୁଷର ନିତ୍ୟ ସଂଜୀବନୀ ଓ କଲ୍ୟାଣମୟୀ ସର୍ବଂସହା ଧରିତ୍ରୀ ରୂପିଣୀ ବୋଲି ପରିକଳ୍ପନା କରି ତାରି ପାଦ ଦେଶରେ ପ୍ରଣତି ବାଢିଛନ୍ତି । –

''ଜନୟିତ୍ରୀ ମାନବ ଜାତିର

ହେ ନାରି ! କରଇ ନମସ୍କାର ।'' ('ନବଜନନୀ' – ହେମଶସ୍ୟ)

ଏହି ପର୍ଯ୍ୟାୟରେ ତେଣୁ କବି ଦେହର ସୌନ୍ଦର୍ଯ୍ୟ ଅପେକ୍ଷା ଆତ୍ମାର ସୌନ୍ଦର୍ଯ୍ୟ ପ୍ରତି ଅଧିକ ଧ୍ୟାନ ନିବିଷ୍ଟ ହୋଇଥିବା ଲକ୍ଷ୍ୟ କରାଯିବ । ଏଣିକି ପାଠକେ ଏକ ଆତ୍ମାନୁସନ୍ଧାନୀ ତଟସ୍ଥ ମନର ସନ୍ଧାନ ପାଇ ପାରିବେ – ଯାହା 'ଧୂପ'ର ମୋହ ମୁକ୍ତି ପରେ 'ହେମଶସ୍ୟ'ର ଶୃଙ୍ଖଳିତ ଅଭିସାର ମଧ୍ୟରେ 'ନିତ୍ୟ ସ୍ୱୟଂବର'ର ମୁହୂର୍ତ୍ତ ଲୋଡିଛି । ମାନସିଂହ ନିଜେ ସ୍ୱୀକାର କରିଛନ୍ତି – ''ପ୍ରୀତିର ଆଜି ଅଛି, କିନ୍ତୁ ଶେଷ ନାହିଁ । ପ୍ରତ୍ୟେକ ଦିନର ଉଷା ପରି ପ୍ରୀତି ନିତ୍ୟନୂତନ । ବନ୍ଧନରେ ତାର ମୁକ୍ତି ଏବଂ ଏହି ବଂଧନ ବା ସ୍ୱକୀୟା ହିଁ ପ୍ରୀତିପଦ ପ୍ରତି ସ୍ୱର୍ଗର ଅନୁଭୂତି ଢାଳିଦିଏ ।'' (ନିତ୍ୟ ସ୍ୱୟଂବର') ।୮। ଏଇଥି ପାଇଁ ଯୁଗେ ଯୁଗେ ରୂପପ୍ରାଣ କବି ଚାହେଁ ଧରାବତରଣ । ଧନ ମାନ ପରିବାର ଓ ଜୀବନର ସମସ୍ତ ବିଜୟ ସ୍ମୃତି ଅପେକ୍ଷା ସେଇ ପ୍ରଣୟାନୁଭୂତି ତା ପାଇଁ ଅତି ମୂଲ୍ୟବାନ ଐଶ୍ୱର୍ଯ୍ୟ ଭାବରେ ସ୍ମୃତି କୋଷରେ ସଂଚିତ ରହିଯାଏ । ପ୍ରକୃତିରେ ଏ ସ୍ୱର ଓଡ଼ିଆ କବିତାରେ ସଂପୂର୍ଣ୍ଣ ନୂତନ ନୁହେଁ କି ? ।୯।

କବି ପ୍ରେମାନୁଚିନ୍ତାରେ ରବିନ୍ଦ୍ରନାଥଙ୍କ ପରି ଦ୍ୱୈତବାଦୀ । ନାରୀ ପୁରୁଷର ପ୍ରେମ ମିଳନ ମଧ୍ୟରେ କବି ରବୀନ୍ଦ୍ରନାଥ ଅନୁଭବ କରିଛନ୍ତି ନିଖିଳର ସ୍ପନ୍ଦନ, ଅନନ୍ତର ଅନୁଭୂତି । ବିଚ୍ଛେଦରେ ମଧ ତାର ଅବସାନ ନାହିଁ । ଅନାଦିକାଳର ହୃଦୟ ଉତ୍ସରେ ସେହି ଯୁଗଳ ପ୍ରେମର ପ୍ରଣୟସ୍ରୋତ ଚିରଚଞ୍ଚଳ । ଜନ୍ମ ଜନ୍ମ ଧରି ପ୍ରିୟ ତାର ପ୍ରିୟାକୁ ବିଭିନ୍ନ ରୂପରେ ଭଲପାଇ ଆସିଛି । ପୁରାତନ ନୂତନ ରୂପରେ ଆତ୍ମ ପ୍ରକାଶ କରିଛି ।

ସେ ଭଲ ପାଇବାର ମୃତ୍ୟୁ ନାହିଁ । ତାହା ରୂପ ଗାନ ସ୍ପର୍ଶ ଲବ୍ଧ ମରଣଶୀଳ ସ୍ତରରୁ ମରଣାତୀତ ହୋଇପାରିଛି । ନିଖିଳର ବେଦନାରେ ହୋଇଛି କାଳଜୟୀ ଓ ସମୟ ନିର୍ବିଶେଷ । ରବୀନ୍ଦ୍ର ନାଥ 'ଅନନ୍ତପ୍ରେମ' କବିତାକୁ ଲକ୍ଷ୍ୟ କରନ୍ତୁ –

---

।୭। ମାନସିଂହଙ୍କ କାବ୍ୟ ପ୍ରତିଭା – କାବ୍ୟ ଓ କଳାକାର – ଅଧ୍ୟାପକ ଚିନ୍ତାମଣି ବେହେରା

।୮। 'ନିତ୍ୟ ସ୍ୱୟଂବର' (ହେମଶସ୍ୟ– ମାନସିଂହ ଗ୍ରନ୍ଥାବଳୀ ପୃ ୧୫୦)
ପ୍ରୀତିର ଆଜି ଅଛି ଶେଷତ ନାହିଁ / ନିତି ସେ ନୂଆ ଉଷା ପରିରେ
ବନ୍ଧନେ ତହିଁ ,କା ମୁକତି ପାଇ/ସ୍ୱରଗ ଅନୁଭୂତି ଶରୀରେ ।''

।୯। 'ଧରାବତରଣ' (ହେମଶସ୍ୟ– ମାନସିଂହ ଗ୍ରନ୍ଥାବଳୀ ପୃ. ୧୬୬)
ମୁଗ୍ଧା ଏକ କିଶୋରୀର ଲାଜ–ପ୍ରେମ – ମଧୁର ଚାହାଣୀ
ନିଷ୍ପାପ ସେ ସ୍ୱପ୍ନମୟ, ରସମୟ, ବିମଳ ଦି'ଆଖି
ପାଇବାକୁ ସେ ଦୁଇର ପରିପୂର୍ଣ୍ଣ ଆତ୍ମ ସମର୍ପଣ
ହେ ସଖି ! କରୁଚି ମୁଁ କି ଜନ୍ମେ ଜନ୍ମେ ଧରାବତରଣ !

''ଆମରା ଦୁଜନେ ଭାସିୟା ଏସେଛେ ଯୁଗଲ ପ୍ରେମେର ସ୍ରୋତେ
ଅନାଦି  କାଲେର ହୃଦୟ ଉସ୍ ହତେ ।
ଆମରା ଦୁଜନେ କରିଅଛି ଖେଲା କୋଟି ପ୍ରେମିକର ମାଝେ
ବିରହ ବିଧୂର ନୟନ ସଲିଲେ, ମିଳନ୍ ମଧୁର ଲାଜେ
ପୁରାତନ ପ୍ରେମ ନିତ୍ୟ ନୂତନ ସାଜେ ।''

ରବୀନ୍ଦ୍ରନାଥ ଜଣେ ପ୍ରକୃତ ବୈଷ୍ଣବ ଭାବରେ ପ୍ରେମର ଏଇ ବ୍ୟାପକତାକୁ ସ୍ୱୀକାର କରି କହିଛନ୍ତି – ''ଯାହାକୁ ଆମେ ଭଲ ପାଇ କେବଳ  ତାଆରି ମଧ୍ୟରେ ଆମେମାନେ ଅନନ୍ତର ପରିଚୟ ପାଉ । ଏପରିକି ଜୀବ ମଧ୍ୟରେ ଏହି ଅନନ୍ତକୁ ଅନୁଭବ କରିବାର ଅନ୍ୟନାମ ହେଉଛି ପ୍ରେମ । ପ୍ରବୃତ୍ତି ମଧ୍ୟରେ ଅନୁଭବ କରିବାର ନାମ ହେଉଛି ସୌନ୍ଦର୍ଯ୍ୟ–ସମ୍ଭୋଗ । ସମସ୍ତ ବୈଷ୍ଣବଧର୍ମ ମଧ୍ୟରେ ପ୍ରେମର ଏଇ ଗଭୀର ତତ୍ତ୍ୱଟି ନିହିତ ରହିଅଛି ।'' ପ୍ରେମର  ଚିରନ୍ତନତା ଓ ସନାତନୀ ସ୍ଥିତିକୁ କବି ମାନସିଂହ ବହୁ ପଙ୍କ୍ତିରେ ସ୍ୱୀକାର କରିଯାଇଛନ୍ତି –

''ଅୟୁତ ଅୟୁତ ଜନମ ବିତାଇ / ପୁଣିଗୋ ପୁରୁଣା ଧରଣୀ ତଳେ
ଜନମ କି ଆମେ ଯୁଗଳ ପରାଣ/ମାନବ ଶରୀର ମାନବ ଘରେ ।
ତୁମେଇ ମୋହର ସଖୀ ସନାତନୀ/ଜନମେ ଜନମେ ସାନ୍ତ୍ୱନା ।''

(ବିରହୀ ଗାଥା–ହେମଶସ୍ୟ)

ତେଣୁ ମୃତ୍ୟୁରେ ମଧ୍ୟ ଏ ପ୍ରେମର ଅବସାନ ନାହିଁ ଯେଣୁ ତାହା ଅମର ଓ ଅବିନଶ୍ୱର । ମୃତ୍ୟୁର ଧ୍ରୁବ ଶାସନକୁ ଭେଦ କରି ଦୁର୍ଭେଦ୍ୟ ଏକ ସ୍ଥିତିର ସଂଗ୍ରାମରେ ଏ ପ୍ରେମ ଚିରଚଞ୍ଚଳ ଓ ସ୍ମୃତି ଉଚ୍ଛଳି ହୋଇ ଉଠେ ।

''ମରଣ କପାଟ ପଡ଼ିବ ଯେବେ ଗୋ/ଏଇ ଜନମର ସରଣୀ ଶେଷେ
ନୂତନ ପଥରେ ଯାତ୍ରା କି ହେବ/ପୁଣି ଗୋ ନୂତନ ଯୁଗଳ ଦେଶେ
ତାରାରେ ତାରରେ ଯିବାକି ମିଶିଗୋ/ ବିପୁଳ ବ୍ୟୋମର ସଂଗତେ,
ଭ୍ରମିବା ଯୁଗଳ ଜ୍ୟୋତିର୍ମନ୍ତ ଅଗଣ ତାରକା ସଙ୍ଗତେ ।''

(ବିରହୀ ଗାଥା–ହେମଶସ୍ୟ)

ପ୍ରେମର ସଂଜ୍ଞା କ'ଣ ଦିଆଯାଇପାରେ । ସେତ ମନ ଓ ହୃଦୟର ଅବ୍ୟକ୍ତ ଅନୁଭବ । ଅବଶ୍ୟ  କବି ଅଭିମନ୍ୟୁ ସମାନ୍ତ ସିଂହାର ପ୍ରେମର ସଂଜ୍ଞା ନାନାଦି ରୂପକ ଛନ୍ଦରେ ଦେଇ ଯାଇଛନ୍ତି ।

ଅନଳ ନୁହଇଁ ଦେହ ଦହଇ । (ବିଶ୍ୱ ଚିନ୍ତାମଣି)

କିନ୍ତୁ  ମାନସିଂହଙ୍କ ସଂଜ୍ଞା କେବେବି ଅଭିମନ୍ୟୁଙ୍କ ସଂଜ୍ଞାକୁ ଅତିକ୍ରମ କରିପାରିବ ନାହିଁ । ତଥାପି କବି କହନ୍ତି –

''ପ୍ରେମ ନାମ ପରିପୂର୍ଣ୍ଣ ଆତ୍ମ ସମର୍ପଣ
××× ସେହି ସେ ପ୍ରକୃତ ପ୍ରେମ ବିଶ୍ୱାସ ପରମ
××× ଗ୍ରହଣ ନକରି ଖାଲି ତ୍ୟାଗ ପରସ୍ପରେ ।'' (ପ୍ରେମର ସଂଜ୍ଞା –୭ ହେମଶସ୍ୟ)

ପ୍ରବୃଦ୍ଧ ବୟସରେ ପ୍ରେମ ସଂପର୍କରେ କବି ମାନସିଂହଙ୍କ ଚେତନାରେ ଯେଉଁ ଚିରନ୍ତନତା ପ୍ରତ୍ୟକ୍ଷୀଭୂତ ହୋଇଛି ତାହା 'ଜେମା' ଓ 'କମଳାୟନ' କାବ୍ୟରେ ଲକ୍ଷ୍ୟ କରାଯିବ । ଏ କାବ୍ୟରେ ପ୍ରେମର ଉଚ୍ଛ୍ୱାସ ପରିବର୍ତ୍ତେ ଏକ ଦୁଃଖ କାତର କାରୁଣ୍ୟ ଭୋଗର ସମସ୍ତ ଉତ୍ସକୁ ପ୍ରତ୍ୟାଖ୍ୟାନ ଭାରତୀୟ ନାରୀର ତ୍ୟାଗରେ ବରଂ ସୂର୍ଯ୍ୟସ୍ନାତ ହୋଇ ଉଠିଛି । କମଳାୟନ, କାବ୍ୟରେ ସେ ଅବିନାଶଙ୍କ ମୁହଁରେ ଯାହା କହିଛନ୍ତି ତାହା ଜେମା ଜୀବନରେ ଅନୁଭବର ସାମଗ୍ରୀ ମଧ୍ୟ ହୋଇପାରେ ।

''ପ୍ରେମ ନୁହେଁ ଦେହ, ଦେହୁଁ ଭୋଗ ଅନ୍ୱେଷଣ
ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ
ପ୍ରେମ ପୂର୍ଣ୍ଣ-ସମର୍ପଣ ଏକ ଅନ୍ୟ ପାଇଁ
ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ ।'' (କମଳାୟନ)

ଜେମା ଜୀବନରେ ପ୍ରେମର ଏଇ ତ୍ୟାଗପୂତ ଅଭିଜ୍ଞାନ ତାର କୁମାରୀ ଜୀବନରେ ସମସ୍ତ ସ୍ୱପ୍ନ ଓ ସମ୍ଭାବନାକୁ ଲୁଣ୍ଠିତ କରି ତାକୁ କଠୋର ପରୀକ୍ଷାର ସମ୍ମୁଖୀନ କରାଇଛି । ଗୁରୁଜନଙ୍କ ଇଚ୍ଛାରେ ସ୍ୱୀକୃତିରେ ସେ ମୃତାଭଗ୍ନୀର ସ୍ୱାମୀକୁ ବିବାହ କରିଥିଲା, କିନ୍ତୁ ତାରୁଣ୍ୟର ସୋହାଗ ସ୍ନିଗ୍ଧ ସ୍ୱପ୍ନିଳ ଜୀବନ ତାପାଇଁ ରହିଗଲା ଅପହଞ୍ଚ । ସ୍ୱାମୀ ହେଲେ ପଳାତକ । ଆଉ ଫେରିଲେନି । ଭାଉଜଙ୍କ ଭାଇ ଜେମାପ୍ରତି ମମତା ପ୍ରବଣ ହୋଇ ଉଠନ୍ତି, କିନ୍ତୁ ଦୃଢ଼ତା ନିଷ୍ଠ ପଲ୍ଲୀତରୁଣୀ ସେପରି ଆସକ୍ତିରେ ପ୍ରେମ ଅପେକ୍ଷା ଇନ୍ଦ୍ରିୟ-ଭୋଗ-ଲିପ୍ସା ଅଧିକ ଥିବା ସନ୍ଧାନ କରେ । ତେଣୁ ଜୀବନରେ ସମସ୍ତ ଦୈହିକ ଆକର୍ଷଣକୁ ବିସର୍ଜନ ଦେଇ ଭଉଣୀର ସନ୍ତାନ ଓ ବୃଦ୍ଧା ଶାଶୁଙ୍କ ସେବାରେ ମୃତ୍ୟୁ ପର୍ଯ୍ୟନ୍ତ ଜେମା ପ୍ରାଣ ଓ ମନ ଢାଳିଦିଏ । ଏହି ସଂକଳ୍ପ ପଛରେ ଏକ ଭାରତୀୟ ନାରୀର ଯେଉଁ କଠୋର ଆତ୍ମ-ତ୍ୟାଗର ଦୃଷ୍ଟାନ୍ତ ମିଳେ ତାହାର ପଟାନ୍ତର ନାହିଁ ।

ସେହିପରି କମଳଲୋଚନ ଓ କରୁଣାର ପ୍ରେମ ଭିତରେ ପ୍ରେମର ସାଧନା ଓ ତପସ୍ୟା ଦେଖିବା ପାଇଁ କରୁଣାର ପିତା ଅବିନାଶଙ୍କ ଅଭିଳାଷ ପରିଣତ ହୋଇଛି ପିତୃ ଆଶୀର୍ବାଦର ଉଜ୍ଜ୍ୱଳ ଆଲୋକରେ । ମନରୁ ଅନ୍ଧକାର ଓ ହୃଦୟରୁ ଆଶଙ୍କା ଓ ଦ୍ୱନ୍ଦ୍ୱ ତୁଟି ଯାଇଛି । ତରୁଣ ତରୁଣୀ ସତେ ଯେପରି ଉପଲବ୍ଧି କରିଛନ୍ତି – ଦେଶ ଜାତି ଓ ଧର୍ମଠାରୁ ପ୍ରେମ ବଡ଼ । କାରଣ ପ୍ରେମ ହିଁ ଅପରିଚିତକୁ ପରିଚିତ କରେ, ଦୂରକୁ କରେ ନିକଟତର, ଦୁଇଟି ହୃଦୟକୁ ନିବିଡ଼ ମମତାରେ ନିଷିକ୍ତ କରିଦିଏ ଯାହା କରୁଣାର ପ୍ରାକ୍ ମୃତ୍ୟୁକାଳୀନ କାରୁଣ୍ୟରେ ଫୁଟି ଉଠିଛି ।

''କାହିଁଥିଲ ତମେ, ଆଉ କାହିଁଥିଲି ମୁହିଁ
ଦୁଇ ଅଜ୍ଞାତରେ ଆଣି କେ ଦେଲା ମିଶାଇ
ସୁଧାଉତ୍ସ ଏ ଜଗତେ ପ୍ରୀତିର ବନ୍ଧନ
ଛାତିରେ ଲଗାଏ ଆଣି ଦୂର ପରଜନ ।'' ('କମଳାୟନ')

ଏଠି ରୂପର ଉତ୍ସ ନାହିଁ, ଆତ୍ମାର କଥାହିଁ କୁହାଯାଇଛି । 'କମଳାୟନ' କାବ୍ୟରେ ପ୍ରେମର ଶକ୍ତି ଓ ସାମର୍ଥ୍ୟ ପରୀକ୍ଷିତ ହୋଇ ତାହା ଆଧାତ୍ମିକ ଆସ୍ପୃହାରେ ଶେଷ ପରିଣତି ଲାଭକରିଛି – ଯେଉଁଠି ବ୍ୟକ୍ତିଗତ ପ୍ରେମ ମାନବକଲ୍ୟାଣରେ ହୋଇଛି ଉର୍ତ୍ସଗୀକୃତ ।

କବିମାନସିଂହଙ୍କ ପ୍ରେମ ଜଗତ ଯେତିକି ବିଚିତ୍ର ଓ ବିବିଧ ସେତିକି ବର୍ଣ୍ଣାଢ଼୍ୟ ମଧ୍ୟ ଏହି ପ୍ରେମ ଚିନ୍ତାକୁ ଓଡ଼ିଆ ମଧ୍ୟଯୁଗୀୟ ସାହିତ୍ୟ, ଇଂରାଜୀ ରୋମାଣ୍ଟିକ୍ ଯୁଗର ସାହିତ୍ୟ, ରାଧାନାଥଙ୍କ ରୂପପ୍ରାଣତା ଓ ବିଂଶ ଶତାବ୍ଦୀର ପ୍ରଥମ ତିନିଦଶକ ମଧ୍ୟରେ ପରିପୁଷ୍ଟ ରବିନ୍ଦ୍ରନାଥଙ୍କ ଚିନ୍ତାସ୍ରୋତ ପ୍ରଭାବିତ ଓ ପରିପୁଷ୍ଟ କରିଅଛି । ତାଙ୍କ ପ୍ରେମ ଚେତନା ପରଂପରାରେ ପରିପୁଷ୍ଟ ହୋଇଥିଲେ ବି ସେଥିରେ ଥିଲା ନୂତନ ଉଚ୍ଛ୍ୱାସର ଆବହବାର୍ତ୍ତା । ଅଭିମନ୍ୟୁ, ରାଧାନାଥ  ବାଇରନ୍, କୀଟସ୍ ଓ ରବିନ୍ଦ୍ରନାଥ ହିଁ ସମଭାବରେ, ଏପରି ଏକ ସମନ୍ୱୟକ୍ଷମ କାବ୍ୟମାନସରେ ପୁନର୍ଜନ୍ମ ନେଇପାରନ୍ତି । ଇରାନୀ କିଶୋରୀର ଗୁଲ୍‌ବଦନଠାରୁ ପରକୀୟା ପ୍ରିୟାର କରକଙ୍କଣର ରୁଣୁଝୁଣୁ ଶବ୍ଦର ଆସକ୍ତ ଇନ୍ଦ୍ରିୟାଚ୍ଛନ୍ନ ତା ବାଟଦେଇ ସ୍ୱକୀୟାର ଧୀରଚାଲି, ମଧୁର ଆଳାପ ଓ ଦେହମୁକ୍ତି ପର୍ଯ୍ୟନ୍ତ  ରାଶି ରାଶି କବିତାରେ ଯେଉଁ ମଧୁର ଆସକ୍ତି ମାନସିଂହ ପ୍ରକାଶ କରିଛନ୍ତି ତାହା ଯେ କିପରି ଓ କେଉଁ ପରିବେଶରେ ଏକ ମହାନ୍ ଆଧିଭୌତିକ ଅନୁଭୂତି ଆଡ଼କୁ ମୁହାଁଇ ଯାଇଛି, ତାହା ନିର୍ଣ୍ଣୟ କରିବାକୁ ଗଲେ ବିସ୍ମିତ ହେବାକୁ ହୁଏ । ଦେହଜ ପ୍ରେମ ଓ ପରିପାର୍ଶ୍ୱଠାରୁ  ପଳାୟନର ସ୍ୱର ଅନ୍ତତଃ 'ସମର ବିମୁଖ' ଓ 'ଦକ୍ଷିଣାପ୍ରତି' କବିତା ଦୁଇଟିରେ ସ୍ପଷ୍ଟବାରି ହୋଇ ଯାଇଛି ।

''ସେହି ଦେଶେ ନିଅ ମୋତେ, ଭୁଜପାତି ଧର ମତେ ଧର  
ସନାତନ ସ୍ୱପ୍ନେ ଯିବି ଏ ଜଂଜାଳ ତେଜି ସଂସାରର  
××× ବିଦ୍ରୋହେ ଉଠୁଛି ମନ ହେ ଦକ୍ଷିଣେ ଇଚ୍ଛା ତେଜି ଦୂରେ  
ଏ ସମାଜ, ଏ ଅନୀତି, ଯା'ନ୍ତି ଚାଲି ତବ ସିନ୍ଧୁକୂଳେ ? '' (ଦକ୍ଷିଣାପ୍ରତି – ଜୀବନ ଚିତା)

କିମ୍ବା

''ଜଗତର ଅଜାଣତେ ଆପଣା ସ୍ୱପନେ  
କୁଟୀର ତୋଳିବି ବୋଲି ପୋଷିଥିଲି ମନେ,  
××× ଯାଏଁ ଚାଲି ସେହି ସ୍ଥାନେ ପାଇବି ନିସ୍ତାର  
ନଥିବ ଯେଉଁଠି ଜୀବନର ଅତ୍ୟାଚାର ।''  
(ସମର ବିମୁଖ– ଜୀବନଚିତା)

କିନ୍ତୁ ସବୁଜର  ପଳାୟନଠାରୁ ଏ ପଳାୟନ ଚିନ୍ତାରେ କିଛି ମୌଳିକ ପ୍ରଭେଦ ଅଛି। ଗୋଟିଏ ସ୍ୱର ପୃଥିବୀର ଓ ସଂସାରର କୌଣସି ଜଟିଳ ପରିସ୍ଥିତି ସହିତ ପରିଚିତ ନ ହେଉଣୁ ପଳାୟମାନ, ଆଉ ଗୋଟିଏ ସ୍ୱର ନିଜ ପ୍ରେମ ଓ ପୃଥିବୀ ସହିତ ପରିଚୟର ପ୍ରତିକ୍ରିୟାରେ ଆତ୍ମ ସମର୍ପଣକାମୀ । ସିନ୍ଧୁକୂଳ, ନୀଳ ଆକାଶ, ଦିଗ୍‌ବଳୟ ଆଦି ପରିକଳ୍ପନା (Concept) ସେହି ପଳାୟନର ଆଧିଭୌତିକ ଉତ୍ତାପ ବହନକରି ମାନସିଂହଙ୍କ ପ୍ରେମ ଚେତନାକୁ ଏକ ନୂତନ ପର୍ଯ୍ୟାୟରେ ପହଂଚାଇ ଦେଇଛି ଓ କାବ୍ୟ ଚେତନାର ଉତ୍ତରଣ ସାଧିତ ହୋଇଛି ।

**ଆଧିଭୌତିକ ଚେତନା** – ରାଧାନାଥ  ଓ ତାଙ୍କ ସମସାମୟିକ କବିମାନଙ୍କ ଭାବନାରେ ଯେଉଁ ତିନୋଟି ଚେତନା ଉନବିଂଶ ଶତାବ୍ଦୀର ଶେଷଭାଗରୁ ଉପ୍ତବୀଜ ହୋଇ କ୍ରମେ ବନସ୍ପତିରେ ପରିଣତ ହୋଇଥିଲା ସେ ସବୁକୁ ରୋମାଣ୍ଟିକ୍, ଜାତୀୟତାବାଦୀର ଓ ଅଧିଭୌତିକ ଚେତନାଭାବେ ବିନାଦ୍ୱିଧାରେ ନାମିତ କରାଯାଇ ପାରିବ । କବି ରାଧାନାଥ ରୋମାଣ୍ଟିକ୍ ଓ ଜାତୀୟତାବାଦୀ ଚେତନାର ପରକୃତ୍ ଥିଲା ବେଳେ କବି ମଧୁସୂଦନ ଓ ଭୀମଭୋଇଙ୍କ କବିତାରେ ଆଧିଭୌତିକ ଚେତନା ସଂପ୍ରସାରିତ ହୋଇଥିଲା । ଏହି ଚେତନାଟି ସତ୍ୟବାଦୀ ଯୁଗର କବି ଗୋପବଂଧୁ, କୁନ୍ତଳା କୁମାରୀ,  କାନ୍ତକବି

ଲକ୍ଷ୍ମୀକାନ୍ତ ଓ କିଛି ପରିମାଣରେ ସବୁଜକବି ବୈକୁଣ୍ଠନାଥଙ୍କ କାବ୍ୟ କବିତାରେ ପ୍ରତିଭାତ ହୋଇ କବି ମାନସିଂହଙ୍କ ଉତ୍ତର-କାଳୀନ କବିତାରେ ବିସ୍ଫୋରିତ ହୋଇ ଉଠିଛି – ଅନ୍ତତଃ 'ଜୀବନଚିତା', 'ଅକ୍ଷତ' ଓ 'କୃଶ'ର ଅନେକ କବିତା ଏହାର ସାକ୍ଷ୍ୟ ବହନ କରିବେ । ତାରୁଣ୍ୟର ଉଚ୍ଛଳ ପ୍ରଣୟ ମଧ୍ୟରେ ଦିନେ କବି ମାନସିଂହ ଏକ ସର୍ବଶକ୍ତିମାନ ପାରମାର୍ଥିକ ଶକ୍ତି ସଂପର୍କରେ ଯେଉଁ ସଂଶୟ ଓ ଜିଜ୍ଞାସା ପ୍ରକାଶ କରିଥିଲେ ତାହା ତାଙ୍କର ନାସ୍ତିକ୍ୟ ମନୋବୃତ୍ତିର ପରିଚୟ ଥିଲା । କଠୋର ଜୀବନ ଯୁଦ୍ଧରେ ନିତ୍ୟ ପରାହତ, ଦୁର୍ବଳ, ଦରିଦ୍ର, ଦୀନକବି ବିଧାତାର କୌଣସି ଅନୁଗ୍ରହ ଲାଭରୁ ବଂଚିତ ବୋଲି ମନେ ମନେ ଅନୁଭବ କରୁଥିଲେ । 'ବିଶୁଦ୍ଧ ସନ୍ଦେହ' ଓ 'ଜିଜ୍ଞାସା' – କବିତା ଦୁଇଟିର ନାମକରଣରୁ ତାର ଥିମ୍ ସଂପର୍କରେ ସୂଚନା ମିଳେ ।

''ମାନବର ଦୁଃଖ କଷ୍ଟ, ଜଗତର ପ୍ରାସ / କ୍ରମେ କ୍ରମେ ନିଏ ମୋର ଈଶ୍ୱର ବିଶ୍ୱାସ
ଗଭୀର ନିରାଶାମୟ ଏ ଜୀବ ସଂସାରେ/ଏକମାତ୍ର ଆଶା ଖାଲି ମାନବ ଆତ୍ମାରେ ।''

–ବିଶୁଦ୍ଧ ସନ୍ଦେହ (ହେମଶସ୍ୟ)

କିମ୍ବା

''ସେଦିନ ବିଶ୍ୱାସେକରି ସ୍ନିଗ୍ଧ ପରିହାସ
ବହୁଦୂରେ ରଖିଅଛି ସେଦିନ ଈଶ୍ୱରେ
କବିର କଳ୍ପନା ବୋଲି ଆଜି ମୁଁ ଚିତ୍ତରେ
ଭାଳେ ଖାଲି ଦୁଇ ମଧ୍ୟେ ସତ୍ୟ କୁପଥରେ ।''

– ଜିଜ୍ଞାସା (ହେମଶସ୍ୟ)

ଚତୁର୍ଦ୍ଦିଗରେ ଉଠୁଥିବା ନିତ୍ୟ ହାହାକାରକୁ ଦେଖି କବି କେଉଁ ଶିବ, ଶୁଭଙ୍କର ଦେବତାର ବିଶ୍ୱାସ ବା ମନରେ ପୋଷଣ କରିପାରିଥା'ନ୍ତା ? କିନ୍ତୁ ସେଇ ସଂଶୟ ମଧ୍ୟରେ ବି କବି ବେଳେ ବେଳେ ଭଗବାନଙ୍କ ପ୍ରତି ଯେ ଆସ୍ଥାଶୀଳ ହୋଇ ଉଠି ନାହାନ୍ତି, ସେପରି ନୁହେଁ ।

''ସନ୍ଧାନ ମିଳଇ ଏକ ବିରାଟ ସ୍ରଷ୍ଟାର
ସ୍ତବ୍ଧ ଚିତ୍ତବୃତ୍ତି କରେ ମହିମା ଯାହାର ।'' ବିରାଟ ସ୍ରଷ୍ଟା – (ହେମଶସ୍ୟ)

ଏସବୁ ଚିନ୍ତାଧାରାରୁ ସ୍ପଷ୍ଟ ପ୍ରତୀତ ହେବ ଯେ କବି ମାନସିଂହ ଥିଲେ ସମନ୍ୱୟବାଦୀ । ଈଶ୍ୱରଙ୍କ ସ୍ଥିତି ସଂପର୍କରେ ତାଙ୍କର କୌଣସି ଏକମୁଖୀ ନିର୍ଦ୍ଦିଷ୍ଟ ମତାମତ ନାହିଁ, ଯଦିଓ ବେଳେବେଳେ କାବ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି । କିନ୍ତୁ ଏହି ସମୟରେ ସବୁଜ କବିମାନେ ରବିନ୍ଦ୍ରନାଥଙ୍କ କାବ୍ୟ ଭାବନା ସଂପର୍କରେ ଆସି ନିଜ ଚିନ୍ତାରେ ପ୍ରତିଫଳିତ କରିଥିବା ଉପାଦାନଗୁଡିକ ପ୍ରତି କବି ମାନସଂହ ସଚେତନ ହୋଇଛନ୍ତି । ତେଣୁ ''ଦେହର ଜଡ଼ ଅନୁଭୂତିରୁ ଆତ୍ମାର ଚେତନାଲୋକକୁ, ରୂପର ପୁଷ୍ପିତ ପ୍ରାଙ୍ଗଣରୁ ଅରୂପର ଅଳକାପୁରୀକୁ ଏବଂ ସୀମାର ସଂକୀର୍ଣ୍ଣ ନିଗଡରୁ ବୃହତ୍ତର ଭୂମା ପରିସରକୁ ଅନ୍ତରର କବି ମନୁଷ୍ୟଟି କ୍ରମଶଃ ଗତିଶୀଳ ହୋଇଛି ଓ ପ୍ରଣୟିନୀର ରୂପାଲୋକରେ ମଧ୍ୟ ଅରୂପର ସନ୍ଧାନ କରିଛି । କବି ପ୍ରାଣର ପ୍ରଣୟାଭିସାର ଦେହ କାରାଗାରର ଇନ୍ଦ୍ରିୟ ବଂଧନୀ ମଧ୍ୟରେ ଆରମ୍ଭ ହୋଇଥିଲେ ହେଁ ପରିଣତିରେ ଏକ ସିଦ୍ଧିଦାମରେ ଆସି ପହଂଚିଛି, ଯେଉଁ ଧାମକି ମୁକ୍ତି, ସୌନ୍ଦର୍ଯ୍ୟ ଓ ନିଜେ ଆନନ୍ଦର ଗୋଲୋକ ।୮। ଏକ ନୂତନ ପ୍ରଣୟର ଆଧିଭୌତିକ

।୮। ମାନସିଂହଙ୍କ 'କାବ୍ୟ ପ୍ରତିଭା – 'ଡଗର' ଅଗଷ୍ଟ ୧୯୫୭ ପରେ 'କାବ୍ୟ ଓ କାଳାକାର'ରେ ସ୍ଥାନିତ ଅଧ୍ୟାପକ ଚିନ୍ତାମଣି ବେହେରା ।

ଚିତ୍ର ତାଙ୍କ ରଚିତ 'କ୍ରୁଶ୍'ର ବହୁ ସନେଟ୍‌ରେ ସ୍ପଷ୍ଟ । ଏହି ପ୍ରଣୟରେ ଆଉ ରୂପର ମୋହ ବା ଦୈବିକ ଲାଳସାର ଚିହ୍ନ ନାହିଁ, ଅଛି ଏକ ଅବର୍ଣ୍ଣନୀୟ, ଅନନୁଭୂତ ଆତ୍ମାସ୍ଫୀତିର ସ୍ୱପ୍ନ । ପାର୍ଥିବ ଅପ୍ରାପ୍ତିରେ ନୁହେଁ ବରଂ ଅପାର୍ଥିବ କାମନାରେ ବିରହୀ କବି ଏଠାରେ ଅଶ୍ରୁ ବର୍ଷଣ କରେ । ଜୀବନର ବହୁ ସୁଖ ଦୁଃଖର ଅନୁଭୂତିକ ସେଇ କଳ୍ପିତ ଈଶ୍ୱରଙ୍କ ପାଖରେ ସମର୍ପି ଦେବାକୁ କବି ବ୍ୟାକୁଳ ହୋଇ ଉଠନ୍ତି ।୯।

ମାନସିଂହ ନିଜେ ସ୍ୱୀକାର କରିଛନ୍ତି – ''ନିଜ ଜୀବନର ଓ ସହଯାତ୍ରୀ ଜୀବ ଗ୍ରାମର ଦୁଃଖ ଦୁର୍ଦ୍ଦଶାର କଥା ଭାବୁଁଭାବୁଁ ଲେଖକ ବେଳେ ବେଳେ ଗୌତମ ବୁଦ୍ଧଙ୍କ ସଂଗେ ନିରୀଶ୍ୱର ହେଲାବେଳକୁ ତେଣେ ରାମକୃଷ୍ଣ ପରମହଂସଙ୍କ ଈଶ୍ୱର କୁଟୁମ୍ବିତା ଦେଖି ସ୍ତବ୍ଧ ହୁଏ । ଏ ରହସ୍ୟର ଠିକ୍ ଉତ୍ତର କିଏ ଦେବ ? ××× ବୁଦ୍ଧ ଏଥିପାଇଁ ସୃଷ୍ଟି ଓ ସ୍ରଷ୍ଟାର ତତ୍ତ୍ୱ ନେଇ ସମୟ ବୃଥା ନଷ୍ଟ ନକରି ଆତ୍ମକର୍ଷଣ ଦ୍ୱାରା ସଂସାର ଦୁଃଖରୁ ନିର୍ବାଣ ଲାଭ କରିବାକୁ ଉପଦେଶ ଦେଇଥିଲେ । କିନ୍ତୁ ମନୁଷ୍ୟର ଚିତ୍ତ ସବୁବେଳେ ଏକ ଅଦୃଶ୍ୟ ଶକ୍ତି ସଂଗେ ନିଜକୁ ସମର୍ପିତ ରଖି ଏକ ପ୍ରକାର ମାନସିକ ସୁଖ ଆସ୍ୱାଦନ କରିବାକୁ ଚାହେଁ । ××× ଆଗେତ କହିଛି ଲେଖକ ଭକ୍ତ ବା ସାଧକ ନୁହେଁ । ସେ ଇହ ଜୀବନର ସୁଖଦୁଃଖର ଏକ ଭୋକ୍ତାମାତ୍ର । ମନୁଷ୍ୟ ନିଜ ଅନ୍ତରର ଦୁଃଖ ଅନ୍ୟ ଆଗରେ କହି ସୁଖପାଏ । ଲେଖକ ଅନ୍ୟଗତି ନ ଦେଖି ଈଶ୍ୱର ନାମକୁ ସେହି ଶାଶ୍ୱତ ରହସ୍ୟମୟ ଅଦୃଷ୍ଟ ପୁରୁଷ ନିକଟରେ ତାହାହିଁ କରିବାକୁ ଯାଉଛି ।'' ୧୦। ଏହି ଭାବଧାରା 'ଅକ୍ଷତ'ର ବହୁ କବିତାରେ ଉଚ୍ଚାରିତ ।

''ନାନା ଧର୍ମ, ନାନା ଶାସ୍ତ୍ର, ନାନା ଦରଶନ
ପଢ଼ିମାତ୍ର ଭାରାକ୍ରାନ୍ତ କଲି ମୋର ଶିରେ
କସ୍ତୁରିକା ମୃଗସମ ଭ୍ରାନ୍ତ ଅନ୍ୱେଷଣ
କରି ମୁଁ ଫେରିଛି ଶେଷେ ତବ ସନ୍ନିଧିରେ ।'' ('ଏକ ଓ ବହୁ' ଅକ୍ଷତ)

ପୁଣି ସେଇ ବିଶ୍ୱସ୍ରଷ୍ଟାକୁ କବି ଚତୁର୍ଦ୍ଦିଗରେ ସନ୍ଧାନ କରନ୍ତି । ରେଣୁ ଠାରୁ ଆରମ୍ଭ କରି ନଭମଣ୍ଡଳୀର ତାରକାରାଶି ପର୍ଯ୍ୟନ୍ତ ସବୁଠାରେ ସେ ପରିବ୍ୟାପ୍ତ ହୋଇ ରହିଛନ୍ତି –

''ଏ ଧରଣୀ ରନ୍ଧ୍ରେ ରନ୍ଧ୍ରେ, ଅଣୁ ଅଣୁ ଭେଦି
ଅଛନ୍ତି ସେ, ଖିଳବିଶ୍ୱ ତାଙ୍କ ପୂଜାବେଦୀ ।'' ('ବିଶ୍ୱରୂପ' ଅକ୍ଷତ)

ମୋଟ ଉପରେ କବି ମାନସିଂହଙ୍କ ପରିଣତ କାବ୍ୟସ୍ୱରରେ ଈଶ୍ୱରାନୁଭୂତି ଓ ଆଧିଭୌତିକ ଭାବ ବିଳାସ ଅନୁଧ୍ୟାନ କଲେ ପାଠକମାତ୍ରେଇ ବିସ୍ମୟରେ ଅଭିଭୂତ ହେବ । ଉଦ୍ଦାମ ଦେହଜ ପ୍ରଣୟରୁ ଏହି ଅତୀନ୍ଦ୍ରିୟ ଚେତନା ଆଡ଼କୁ ଦ୍ରୁତ ପଳାୟନ ବୋଧହୁଏ ତାଙ୍କ ପାଇଁ ଥିଲା ଏକମାତ୍ର ସମାଧାନ । ତେଣୁ ପରବର୍ତ୍ତୀ କାବ୍ୟ ସ୍ୱରରେ ଏଇ ଯେ ଉତ୍ତରଣ

---

।୯। 'ନୂତନପ୍ରଣୟ' (କ୍ରୁଶ) –

''ଆଜି ଦେହ ଖୋଜେ ଏକ ଦୁର୍ଲଭ ବିଦେହୀ
ଚିତ୍ତ ଖୋଜେ ଏକ ତେଜି ବିରାଟ ନିଖିଳେ
କୋଜେ ଅରୂପରେ ରୂପକ୍ଲାନ୍ତ ନେତ୍ର ଦୁଇ
ସ୍ନାତ ହୋଇ ଉଠେ ଗଣ୍ଡ ଅନାସକ୍ତ ନୀରେ ।''

।୧୦। 'ଅକ୍ଷତ'ର ମୁଖ ବନ୍ଧରେ କବିମାନସିଂହଙ୍କ ବକ୍ତବ୍ୟ –

ଓଡ଼ିଆ ସାହିତ୍ୟକୁ 'ଧୂପ'ର ଧୂଆଁ ଓ ଅଗୁରୁଚନ୍ଦରେ ନୁହେଁ ଯଜ୍ଞର ପରମ ପବିତ୍ର ହବିଃଗନ୍ଧରେ ଆମୋଦିତ କରି ରଖିଛି । କବି ମାନସିଂହ ଏହି ପର୍ଯ୍ୟାୟରେ ତେଣୁ ଜଣେ ଯାଜ୍ଞିକ ଭାବେ ଆତ୍ମ ପ୍ରକାଶ କରିଛନ୍ତି । ସେଇ ପରମ ହୋତାର ବାଣୀ 'ଅକ୍ଷତ' (୧୯୪୬) 'ଜୀବନ ଚିତା' (୧୯୪୭), 'କୁଶ' (୧୯୪୪ରୁ ୫୬ ମଧ୍ୟରେ ରଚିତ)ର ରାଶି ରାଶି କବିତାରେ ଏକ ପୋଖତ ଓ ପରିପକ୍ୱ କାବ୍ୟମାନସର ପରିଚୟ ବହନ କରିଛି । ପୁଣି ଅତୀନ୍ଦ୍ରିୟ ଜଗତର ନିବିଡ଼ ରହସ୍ୟାନୁଭୂତି ଓ ଆଧିଭୌତିକ ଭାବ ବିଳାସ ମଧ୍ୟରେ ସେ ଜୀବନ ଓ ଜଗତ୍ ପ୍ରତି ଶିଳ୍ପୀପ୍ରାଣର ମୌଳିକ ସମ୍ବେଦନଶୀଳତାକୁ କେଉଁଠି କ୍ଷୁଣ୍ଣ ହେବାକୁ ଦେଇ ନାହାନ୍ତି । ସାଧାରଣ ମଣିଷ ପ୍ରତି ସତ୍ୟବାଦୀ ଯୁଗର କବି ଓ କବିଗୁରୁ ରବୀନ୍ଦ୍ରନାଥଙ୍କ ପରି ତାଙ୍କ କବିତାରେ ସର୍ବତ୍ର ସହାନୁଭୂତିର ସ୍ୱର ପ୍ରକଟିତ ହୋଇଅଛି । ଆତ୍ମଶକ୍ତିରେ ଗରୀୟାନ ହୋଇ ଅସହାୟମାନଙ୍କ ସେବାରେ ଜୀବନ ବିନିଯୋଗ କରିବାକୁ ସେ ପରମ ସ୍ରଷ୍ଟାଙ୍କ ଆଶିଷ ଭିକ୍ଷା କରିଛନ୍ତି । (କବିତା 'ଶେଷକଥା'– ଜୀବନଚିତା ଦ୍ରଷ୍ଟବ୍ୟ)

କବିମାନସିଂହଙ୍କ କାବ୍ୟସ୍ୱରରେ ଏ ଯେ ପରିବର୍ତ୍ତନ ତାହା ବହୁମାତ୍ରାରେ ରବିନ୍ଦ୍ରନାଥଙ୍କ ଚିନ୍ତାଧାରା ଦ୍ୱାରା ପରିପୁଷ୍ଟ ହୋଇଛି – ଏକଥା ସ୍ୱୀକାର ନ କଲେ ସତ୍ୟର ଅପଳାପ ହେବ । ରବୀନ୍ଦ୍ରନାଥଙ୍କ ଆଧାତ୍ମ୍ୟ ଚିନ୍ତାରେ ଯେଉଁ ରହସ୍ୟବଳୀ ଉପାଦାନ ପରିଲକ୍ଷିତ ହୁଏ ବାସ୍ତବଜୀବନର ପ୍ରାତ୍ୟହିକ ପ୍ରସଙ୍ଗରେ ତାହାର ଯଥାର୍ଥ୍ୟ ସୁସ୍ପଷ୍ଟ । ତେଣୁ ତାଙ୍କ ମତରେ ବ୍ୟକ୍ତି ବା ଜାତିର ମୁକ୍ତିମାର୍ଗ ସୁଖ ଦୁଃଖ ସମ୍ବଳିତ ଆମର ପ୍ରାତ୍ୟହିକ ଜୀବନ ମଧ୍ୟରେ ହିଁ ଉପଲବ୍ଧି କରାଯାଇ ପାରିବ । ତେଣୁ ଆମ ଦୈନନ୍ଦନ ଜୀବନର ଅଭିବ୍ୟକ୍ତି ଲାଭ କରୁଥିବା ମମତା, ଆତ୍ମପ୍ରକାଶ, ପ୍ରତିବେଶୀ ପ୍ରୀତି ଓ ଦରିଦ୍ର ଜନତାର ସେବା ହିଁ ତାଙ୍କ ନିକଟରେଏକ ବଳିଷ୍ଠ ମୁକ୍ତିମାର୍ଗୀ, ମାନବଧର୍ମ ଭାବେ ଗୃହୀତ । ରବୀନ୍ଦ୍ରନାଥଙ୍କ 'ମୁକ୍ତି' କବିତାର (ନୈବେଦ୍ୟ) ଓ ଗୀତାଞ୍ଜଳିର ଭାବଧାରାକୁ କବି ମାନସିଂହ ତାଙ୍କର ବହୁ କବିତାରେ ଆତ୍ମସାତ୍ କରିଛନ୍ତି । ସମସାମୟିକ କାବ୍ୟିକ ପଚ୍ଛଭୂମିରୁ କବି ରବୀନ୍ଦ୍ରନାଥଙ୍କୁ କଦାପି ଉପେକ୍ଷା କରାଯାଇ ପାରିବ ନାହିଁ, କାରଣ ମାନସିଂହଙ୍କ ସମେତ ବହୁ ଓଡ଼ିଆ କବି ଏପରିକି ପ୍ରଗତିବାଦୀ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସୃଷ୍ଟିରେ ରବିନ୍ଦ୍ରନାଥଙ୍କ କାବ୍ୟ ଚେତନାର ମୁଦ୍ରାଙ୍କ ସ୍ପଷ୍ଟ ବାରିହୋଇଯାଏ । ରବିନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇବା ପରେ ଏପରି ପ୍ରଭାବ ବହୁ ପ୍ରାନ୍ତୀୟ ସାହିତ୍ୟ ସମେତ ଓଡ଼ିଆ ସାହିତ୍ୟରେ ଅଧିକମାତ୍ରାରେ ଉପଲବ୍ଧ ହେବା ସ୍ୱାଭାବିକ ।୧୧।

ଏଠାରେ ଲକ୍ଷ୍ୟ କରିବାର କଥା ଯେ ମାନସିଂହଙ୍କ କବିତାର ପ୍ରେମ–ପ୍ରଣୟ–ଦେବ ସର୍ବସ୍ୱ ଚିନ୍ତାଧାରାର ଏ ପରିବର୍ତ୍ତନ କଣ ସ୍ୱାଭାବିକ ନା ଏକ ବାହ୍ୟଶକ୍ତିର ପ୍ରତିଘାତ ଜନିତ ପରିଣତି ? ତାଙ୍କ କବିତାର ଉଚ୍ଛଳ ପ୍ରଣୟମୂଳକ ଚେତନା ଓ ଅନୁଷଙ୍ଗଠାରୁ 'ଅକ୍ଷତ', 'ଜୀବନଚିତା' ଓ 'କୁଶ'ର ଆଧାତ୍ମିକ ଜୟଯାତ୍ରା ପଚ୍ଛରେ ରବୀନ୍ଦ୍ର ଚେତନାର ସଂକ୍ରମଣକୁ ପାଠକମାତ୍ରେ ସ୍ୱୀକାର କରିବେ । କାରଣ ଭାବନା ଓ ଭାବ–ସଂପ୍ରେକ୍ଷଣରେ ଏତେ ସାମଞ୍ଜସ୍ୟ କେବେ ହେଲେ ଆକସ୍ମିକ ହୋଇ ନ ପାରେ । ଲକ୍ଷ୍ୟ କରିବାର କଥା ଯେ ଏ ସଂକ୍ରମଣରୁ ୧୯୨୫–୪୭ ଓଡ଼ିଆ କବିତା ଆଦୌ ମୁକ୍ତ ନୁହେଁ । ଏହି ଦୃଷ୍ଟିରୁ ରବିନ୍ଦ୍ରନାଥଙ୍କ କବିତାର ଅନେକ ଆଭିମୁଖ୍ୟ ମଧ୍ୟରୁ କେବଳ ମଣିଷ ଦେବତାର ବା ଲାଞ୍ଛିତ ନରନାରାୟଣଙ୍କ ଉପାସନା ଓ ସମକାଳୀନ ଓଡ଼ିଆ କବିତାରେ ଏହାର ଅନୁବର୍ତ୍ତନ ସଂପର୍କରେ ସାମାନ୍ୟ ସୂଚନା ଦେଇ ଏ ଆଲୋଚନା ଶେଷ କରିବି ।

---

।୧୧। ରବୀନ୍ଦ୍ରନାଥଙ୍କ 'ମୁକ୍ତି' (ନୈବେଦ୍ୟ), 'ସୀମାୟ ପ୍ରକାଶ', 'ଅସମାପ୍ତ', 'ଅପମାନିତ', 'ଦୀନେର ସଙ୍ଗୀ', 'ଧୂଲାମନ୍ଦିର' ଓ 'ଗୀତାଞ୍ଜଳିର' ଆହୁରି ଅନେକ କବିତା – ରବୀନ୍ଦ୍ରନାଥଙ୍କ 'ସଞ୍ଚୟିତା'ର 'ଅଭିସାର' ଏ କବିତାଗୁଡ଼ିକ ସହିତ କବିମାନସିଂହଙ୍କ 'ଆକାଙ୍କ୍ଷିତ ଶୂନ୍ୟତା', 'ମୁକ୍ତିନାହିଁ ମାଗେ', 'ଧରଣୀବାସ', 'ବିରହୀଗାଥା', 'ବିଶ୍ୱ ଦେବାଳୟ', 'ନିଦ୍ରିତ ଭଗବାନ', ନୂତନ ପ୍ରଣୟ, 'ତୁମର ପ୍ରୟୋଜନ', 'ବିଶ୍ୱଆକର୍ଷଣ', 'ଜୀବନ ତାରକା' ଆଦି ଅନେକ କବିତା ତୁଳନୀୟ ।

ରବୀନ୍ଦ୍ରନାଥ ମାର୍କିଷ୍ଟ ଚିନ୍ତାଧାରା ଦୃଷ୍ଟିରୁ ବିପ୍ଳବୀ ନ ଥିଲେ ବି ତାଙ୍କ କବିତାରେ ସାଧାରଣ ମଣିଷପ୍ରତି ଅସୀମ ମମତାର ସ୍ୱାକ୍ଷର ସ୍ପଷ୍ଟ । ସେମାନଙ୍କ ମଧ୍ୟରେ ସେ ଜୀବନର ନିରଳସ ଓ ଅକୃତ୍ରିମ ପ୍ରକାଶ ଦେଖି ସିକ୍ତ ହେଉଥିଲେ । ସେହିମାନଙ୍କ ଜୀବନ ଯାତ୍ରାରୁ ପାଉଥିଲେ ସୃଷ୍ଟିର ବିପୁଳ ପ୍ରେରଣା । ତାଙ୍କର 'ଦୁଇ ବିଘା ଜମି', 'ପତିତା', 'କାଙ୍ଗାଳିନୀ ମେୟେ', 'ଦେବତାର ଗ୍ରାସ', ଓ ଆଗରୁ ସୂଚନା ଦିଆଯାଇ ଥିବା 'ଗୀତାଞ୍ଜଳି'ର ବହୁ କବିତାରେ ନିମ୍ନଶ୍ରେଣୀର ମଣିଷର ଦୁଃଖ ଓ ବେଦନାର ଚିତ୍ର ଭରି ରହିଛି । କବିପ୍ରାଣର ଅଫୁରନ୍ତ ସହାନୁଭୂତିର ସ୍ରୋତ ସେମାନଙ୍କ ଆଡ଼କୁ ଲମ୍ବି ଯାଇଛି । ସେ ନରଠାରେ ନାରାୟଣଙ୍କ ସନ୍ଧାନ କରିଛନ୍ତି । ତାହାହିଁ ତାଙ୍କ କବିତାରେ ମଣିଷ ଦେବତା ଉପାସନାର ବୈପ୍ଳବିକ ଭୂମିକା ସୃଷ୍ଟିକରିଛି ।

''କେତେକ ଶତାବ୍ଦୀ ଧରେ ନାମେ ଶିରେ ଅସମ୍ମାନ ଭାର
ମାନୁଷେର ନାରାୟଣ ତବୁଓ କରମ ନମସ୍କାର
ତବୁ ନତ କରି ନାଆଁରେ, ଦେଖିବାରେ ପାଓନାକି
ଚନମେଛେ ଧୂଳାର-ତଳେ ହାନି ପତିତର ଭଗବାନ

ଅପମାନ ହତେ ହବେ ସେଥା ତୋରେ ସବାର ସମାନ । ('ଅପମାନିତ' – ଗୀତାଞ୍ଜଳି)

କିମ୍ବା ''ଭଜନ, ପୂଜନ, ସାଧନ ଆରାଧନ ସମସ୍ତ ଥାକ୍‌ପଡ଼େ
ରୁଦ୍ଧଦ୍ୱାରେ ଦେବଲୟେର୍ କୋଣେ କେନ୍ ଆଛିସ୍ ଓରେ !
ଅନ୍ଧକାରେ ଲୁକିୟେ ଆପନ ମନେ / କାହାର ତୁି ପୂଜିସ୍ ସଂଗୋପନେ ?
ନୟନ ମେଲେ ଦେଖ୍ ଦେଖି ତୁଇ ଚେୟେ/ଦେବତା ନାଇ ଘରେ ।''

('ଧୂଳାମନ୍ଦିର' – ଗୀତାଞ୍ଜଳି)

କବିମାନସିଂହଙ୍କ ବହୁ କବିତାରେ ଏହି ଭାବଧାରା ବିଚ୍ଛୁରିତ ହୋଇ ପଡ଼ିଥିଲେ ବି 'ଦେବପୂଜା' କବିତାରେ ଏହାର ଶାଣିତ ଅଭିବ୍ୟକ୍ତି କିପରି ରବିନ୍ଦ୍ର କବିତାର ଭାବସାମ୍ୟ ରକ୍ଷା କରିଛି ଲକ୍ଷ୍ୟ କରନ୍ତୁ –

''ପୂରୋହିତ, ଶୁଦ୍ଧପୂତ ହୋଇ ଦେଉଳରେ କା' ପୂଜା କର ହେ
ସୃଷ୍ଟିଯାର ଉଦାର ଆଲୋକ ସେ ଦିଅଁ କି ଅନ୍ଧକାରେ ରହେ ?
ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପି ବିରାଜିତ ଯେ ଭୁବନେଶ୍ୱର
କ୍ଷୁଦ୍ର ରୁଗ୍‌ଣ, ଅନ୍ଧକାର ଗୃହେ, ତାର କିଂପା ଆରାଧନା କର ?
ଦେଶ ଦେଶ ଆଗପଛେ ତବ, ଶତ ଶତ ନରନାରାୟଣ
ଯାଙ୍କୁ ତୁମେ ପଛେ ଦେଇ ପେଲି, ଦେବତାରେ ଲଭିବ ବ୍ରାହ୍ମଣ ?
ଦେବତାକୁ ବାହାରେ ରଖିଲ, ଛୁଇଁବାକୁ ଡରିଲ ତାହାରେ
କାରେ ତୁମେ ଗଲ ପୂଜିବାକୁ ଦେଉଳର କ୍ଷୁଦ୍ର ଅନ୍ଧକାରେ ?
ଏବେ କାଠ ପଥର ନପୂଜି, ଆସ ପୂଜ ଜୀବନ୍ତ ଦେବତା
ଯା' ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁ କଥା ।
ବାଦକର ମନ୍ତ୍ରପାଠତବ, ବନ୍ଦକର କର୍ପୂର ଆଳତି
ଦେଉଳର ବାହାରେ ଦେବତା ହାତ ପାତି ଉଭା ହୋଇଛନ୍ତି ।''

('ଦେବପୂଜା' – ଜୀବନ ଚିତା)

ଆଉ ଅଧିକ ଉଦାହରଣ ଦେବା ଆବଶ୍ୟକତା ନାହିଁ । ରବିନ୍ଦ୍ର ନାଥଙ୍କ ଗୀତାଞ୍ଜଳିର ଏ ଭାବ ଭାବନା ରାଧାମୋହନ ଗଡନାୟକଙ୍କ 'ଅର୍ଘ୍ୟ', କବି ସଚ୍ଚିଦାନନ୍ଦଙ୍କ ଆଜିର ଯୌବନର ରଚନା 'ପାଥେୟ', କବି ବିନୋଦ ନାୟକଙ୍କ 'ମନ୍ଦିର ଭଗ୍ନ ' ଓ 'ଅମୁହାଁ ଦେଉଳ, ବୈକୁଣ୍ଠନାଥଙ୍କ 'ମୂକଭଗବାନ', ଜ୍ଞାନିନ୍ଦ୍ର ବର୍ମାଙ୍କ 'ମୂର୍ତ୍ତି ଓ ମନ୍ଦିର' ଡମ୍ବରୁଧର ପରିଡ଼ାଙ୍କ 'ମାନବ ଦେବତା' ଏପରିକି ମାର୍କ୍ସିଷ୍ଟ କବି ଅଛନ୍ତି । ପଟ୍ଟନାୟକଙ୍କ 'ଅଲୋଡା ଲୋଡ଼ା' କବିତା ସଂକଳନର 'ବୃଦ୍ଧ ତୁମର ଦିବସ ଯାଇଚି ଚାଲି'ରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି ।୧୨। ପୁନଶ୍ଚ ପରିଣତ କାଳରେ କବି ମାନସିଂହ ସ୍ୱରାଜ୍ୟ ସଂଗ୍ରାମ ଓ ମହାତ୍ମାଗାନ୍ଧିଙ୍କୁ ନେଇ ରାଶି ରାଶି କବିତା ରଚନା କରିଥିଲେ ହେଁ ସେସବୁ କବିତାରେ ତା ସୁକୁମାର ଓ ସରସ ଚିନ୍ତାର ଅବକ୍ଷୟ ହିଁ ପ୍ରକଟିତ ହୋଇଛି । ଏହି ଅବକ୍ଷୟ ପରେ ବୁଦ୍ଧଙ୍କୁ ନେଇ ରଚିତ ଉତ୍ତର ପଚାଶର କବିତାମାନଙ୍କରେ ଆହୁରି ସ୍ପଷ୍ଟ ବାରିହୁଏ । ଅବଶ୍ୟ ଏ ପର୍ଯ୍ୟାୟରେ କବି ନିଜକୁ ନିରୀଶ୍ୱରବାଦୀ ବୋଲି ପ୍ରମାଣ କରିବାକୁ ଉଦ୍ୟମ କରିଛନ୍ତି, କିନ୍ତୁ ତାଙ୍କ କାବ୍ୟକଳାର ସେଇ ସୁକୁମାର ଆବେଦନଶୀଳତା ଅତି ଦ୍ରୁତ ଗତିର ହୋଇ ପଡ଼ିଛି କେନ୍ଦ୍ରଚ୍ୟୁତ ।୧୩। କବିତାରେ ବୌଦ୍ଧିକତାର ବପୁଳ ବିଚ୍ଛୁରଣ ମଧ ତାଙ୍କୁ ତାଙ୍କର ପୂର୍ବ ଗୌରବ ଫେରାଇ ଦେଇ ପାରିନାହଁ । ଏପରିକି ୧୯୬୨ରେ ପ୍ରକାଶିତ କ୍ଷୁଦ୍ର କବିତାବଳୀ 'ବିନ୍ଦୁ ଓ ସିନ୍ଧୁ'ର ଦାର୍ଶନିକ ମନନଶୀଳତା ଓ ପ୍ରଜ୍ଞାବାଦ ତାଙ୍କ କବିତାର ପୂର୍ବତନ ପ୍ରାଣ ପ୍ରାଚୁର୍ଯ୍ୟକୁ ପ୍ରତିରୋପିତ କରି ପାରିନାହିଁ ଏହାହିଁ କ୍ଷୋଭର ବିଷୟ ।

ତଥାପି ଓଡ଼ିଆ ସାହିତ୍ୟର ଇତିହାସରେ ପ୍ରାକ୍-ସ୍ୱାଧୀନତା ଓଡ଼ିଆ କାବ୍ୟଧାରରେ କବି ମାନସିଂହ ଏକ ଅଭ୍ରାନ୍ତ ଓ ଅମଳିନ ସ୍ୱାକ୍ଷର ଭାବେ ଚିର ଜାଜ୍ୱଲ୍ୟମାନ ରହିବେ । କାରଣ ଓଡ଼ିଆ କବିତାକୁ ସେ ଯେଉଁ ଉତ୍ସାହ, ପ୍ରାଣିତ ଆବେଗ ଓ ବେଦନା ବିଧୁର ମାଧୁର୍ଯ୍ୟ ପ୍ରଦାନ କରିଯାଇଛନ୍ତି ତାହା ପ୍ରଗତିଶୀଳ କବିତାର ପ୍ରବଳ ଝଂଜାଘାତରେ କିମ୍ବା ପ୍ରୟୋଗବାଦୀ କବିତାରେ ନାନାଦି ବୌଦ୍ଧିକ ପରୀକ୍ଷା ନିରୀକ୍ଷା ମଧ୍ୟରେ ତଥାପି ଏ ଯାବତ୍ ମଳିନ ହୋଇନାହିଁ । ପ୍ରୟୋଗବାଦୀ କାବ୍ୟ ଚେତନା (୧୯୫୦-୭୦) ଠାରୁ ଦୂରରେ ରହିମଧ କବି ମାନସିଂହ ଆଜି ଐତିହାସିକ କାବ୍ୟପୁରୁଷ ଭାବରେ ତଥାପି ଦୀପ୍ତ ତେଜରେ ଦାଉଦାଉ ଜଳୁଛନ୍ତି - ତାହାହିଁ ଆଶ୍ଚର୍ଯ୍ୟର ବିଷୟ । କାରଣ ଜୀବନରେ ଯାହା ମହତ, ଯାହା ସୁନ୍ଦର, ଯାହା ସତ୍ୟ କବିଥିଲେ । ତାର ଉପାସକ ଓ ଭକ୍ତ କୌଣସି ଗୋଷ୍ଠୀ ଦଳ ବା ଇଜିମ୍‌ର ପ୍ରଚାରକ ରୂପ ଠିଆହେବା ଥିଲା ତାଙ୍କର ନୀତିବୁରୁଦ୍ଧ ।।'କମଳାୟନ' କାବ୍ୟରେ କବି ତାହାହିଁ ପ୍ରମାଣିତ କରିବାକୁ ଯାଇଛନ୍ତି ଯେ ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ଲୋଚନ ତାର ରାଜନୀତିକ ଦଳ ଓ ଦେଶ ଛାଡ଼ି ବିରାଟ ମାନବ ଜାତିର ସେବାରେ ବାହାରି ପଡ଼ିଛି । କବିଙ୍କର ଦୃଢ଼ ବିଶ୍ୱାସ ଯେ ''କୌଣସି ଶ୍ଲୋଗାନ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା ଓ ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ ।୧୪। ଗୋଟିଏ ଦୃଷ୍ଟିରୁ ପ୍ରାକ୍-ସ୍ୱାଧୀନତା କାଳୀନ ଶ୍ଲୋଗାନ ଧର୍ମୀ ପ୍ରଗତିବାଦୀ କବିତା ୧୯୫୦ ପରେ ତାର ବମ୍ ପରିବର୍ତ୍ତନ କରି ବ୍ୟକ୍ତି ମଣିଷର ଚିନ୍ତାଚେତନା ଓ ଅବଚେତନ ପ୍ରତି ଅଧିକ ଆସକ୍ତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯିବ । ମାନସିଂହଙ୍କ ଭାବି-ଭାଷ ଏ ଦିଗରୁ କେତେ ଅଭ୍ରାନ୍ତ ତାହା ସାବ୍ୟସ୍ତ ହୋଇଯାଏ । କିନ୍ତୁ କେଜାଣି କାହିଁକି କବି ମାନସିଂହ ନିଜକୁ ଆଧୁନିକ କବିତାର ଏଇ ବିପୁଳ ପରୀକ୍ଷାଗାରରୁ ଦୂରରେ ରଖି ବୁଦ୍ଧଙ୍କ ମାୟାବାଦ ଭିତରେ ହଜିଗଲେ ଓ ହରାଇ ବସିଲେ କାବ୍ୟନେତୃତ୍ୱ ଅବଶ୍ୟ ଓଡ଼ିଆ ସାହିତ୍ୟର ଇତିହାସ ଏହାର କାରଣ ନିର୍ଣ୍ଣୟ କରିବ ।

।୧୨। ଅନନ୍ତପଟ୍ଟନାୟକ -କାହିଁ ଭଗବାନ କାହିଁ ବା ସ୍ୱର୍ଗ କହ/ କାହାପାଇଁ ବସି ଗଢ଼ାଅ ଏ କାଠମାଳି
ପୃଥିବୀ କା' ପାଇଁ କରିଲ ଦେଉଳମୟ/ଶ୍ରମିକ ମରେ ଯେ ଶରୀରୁ ରକ୍ତଢ଼ାଳି ।

।୧୩। 'ମୁଁ କାହିଁକି ଲେଖେ' - 'ଡଗର' ୧୪ ବର୍ଷ / ୧ମ ସଂ-୧.୭.୧୯୫୦

''ଏବେ ମୁଁ ବହୁ କାଳଧରି ଅପୌତ୍ତଳିକ । ହିନ୍ଦୁ ଦେବାଦେବୀଙ୍କ ପ୍ରତିମାକୁ ମୁଁ ନମସ୍କାର କରେନା । ମୋର ବର୍ତ୍ତମାନର ବଦ୍ଧ ଧାରଣା ଯେ ଏଇ ପୌତ୍ତଳିକତା ଓ ବ୍ରାହ୍ମଣ ନିର୍ଭର ସାମାଜିକ ଜୀବନ ପରିତ୍ୟାଗ ନ କଲେ ସାମାଜିକ ଭାବରେ ହିନ୍ଦୁ ସମାଜ କେବେ ସଭ୍ୟ ଓ ଉନ୍ନତ ହୋଇ ପାରିବେ ନାହିଁ ।''

'ବୁଦ୍ଧଂ ଶରଣଂ ଗଚ୍ଛାମି' - ଝଙ୍କାର ୨/୫ ସଂ ଅଗଷ୍ଟ ୧୯୫୦, ମାୟାବାଦ ଝଙ୍କାର ୩/୮ ସଂ, ନଭେମ୍ବର-୧୯୫୧ ।

।୧୪। 'ମୁଁ କାହିଁକି ଲେଖେ' ମାନସିଂହ - ଡଗର ୧୪ବର୍ଷ/୧ମ ସଂ, ୧/୭/୧୯୫୦.

## ସପ୍ତଦଶ ପତ୍ର
## ପଞ୍ଚମ ୟୁନିଟ୍

# କବି ଅନନ୍ତ ପଟ୍ଟନାୟକ (୧୯୧୩)

ଓଡ଼ିଆ ସାହିତ୍ୟର ତଥାକଥିତ ଇତିହାସ କବି ମାନସିଂହଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ରେ କବି ଅନନ୍ତ ପଟ୍ଟନାୟକଙ୍କ ଉପରେ ଯେଉଁ ଖଣ୍ଡିତ ମନ୍ତବ୍ୟ ଦିଆଯାଇଛି, ତାହା ଆଧୁନିକ କବିତା ପ୍ରତି ମାନସିଂହ-ମାନସର ଚରମ ପ୍ରତିକ୍ରିୟାର ସୂଚନା ମାତ୍ର ।୧। କବି ପଟ୍ଟନାୟକଙ୍କ କାବ୍ୟ-ଜୀବନର ଦୀର୍ଘ ଚାଳିଶି ବର୍ଷର ସାଧନା ପ୍ରତି 'ଓଡ଼ିଆ ସାହିତ୍ୟର ଇତିହାସ' ପ୍ରଣେତା ମାନସିଂହଙ୍କର ମାତ୍ର ଦୁଇଟି ବାକ୍ୟର ଏହି ମନ୍ତବ୍ୟ ଯେକୌଣସି ସଚେତନ ସମାଲୋଚକ ଓ ପାଠକ ମନରେ ନିଶ୍ଚୟ କୌତୂହଳ ସୃଷ୍ଟି କରିବ । ଏହି ଏକାନ୍ତ ବିଷାଦବାଦୀ ପ୍ରଚାର-ନିରପେକ୍ଷ କବି-ବ୍ୟକ୍ତିତ୍ୱଟି ନିଜକୁ ଯେ ବୁଝାଇବାରେ ସମର୍ଥ ହୋଇପାରି ନାହିଁ- ଏହା ଅନେକ ପରିମାଣରେ ସତ୍ୟ । କିନ୍ତୁ କବି କ'ଣ କେବଳ ନିଜର ଡିଣ୍ଡିମ ପିଟି ନିଜ କବିତାର ବିପୁଳ ଭାଷ୍ୟ ରଚନା କରିବ ନା ପାଠକ ତଥା ସମାଲୋଚକ ପାଇଁ କିଛି ଚିନ୍ତା କରିବାର ଉପାଦାନ ରଖିଯିବ - ଏହା ଏକାନ୍ତ ବିଚାରର ବିଷୟ । ନିଜ କାବ୍ୟମାନସ ଓ ସମାଜ ପରିପ୍ରେକ୍ଷୀରେ କବି-ଜୀବନ ସମ୍ପର୍କରେ ଗୋଟିଏ କବିତାରେ ସେ ସ୍ପଷ୍ଟ କହିଛନ୍ତି - ''ସେ ନିଜକୁ ଯେତିକି ଖୋଲି ମେଲିଦେବାକୁ ଚେଷ୍ଟା କରିଛନ୍ତି ସେତିକି ଆଘାତ ପାଇ ବୁଜି ବୁଜି ହୋଇଯାଇଛନ୍ତି । ଆଖିପତା ଲୁହରେ ଭିଜିଯାଇଛି । ସେ ନିଜଠାରେ ହିଁ ସଙ୍କୁଚିତ ହୋଇ ହଜିଯାଇଛନ୍ତି । ସତେ ଅବା ସେ ଏକ ଟସରର କୀଟ । ଗୋଟିଏ ଗୁଟି ପ୍ରସ୍ତୁତ କରି ତା'ରି ଭିତରେ ଲୁଚି ବସି ରହିଛନ୍ତି । କିନ୍ତୁ ଏଇ ଗୋଟିଏ ନେଇ ସିଝାଇ ତା'ରି ତନ୍ତୁରେ ଯେଉଁ ଚାଦର ବୁଣାଯିବ ତାହା କେତେ କେତେ ସୌମ୍ୟ ଓ କମନୀୟ ତନୁରେ ଶୋଭାପାଇବ ।''

> ''ସେଇ କି ମୋହର ସାର୍ଥକ ପ୍ରୀତି ଖିଏ !
> ବୁଜି ବୁଜି ହୋଇ ସେଇଥି ପାଇଁକି ନିଜର ଭିତରେ ଜୀଏଁ ।''

['ପ୍ରକାଶ' - ('ଛାଇର ଛିଟା' - ପୃ. ୪୫) -ଝଙ୍କାର, ୧୧/୮ମ ସଂଖ୍ୟା ।]

ସତେ ଯେପରି ସମୟର ସମୁଦ୍ର ବେଳାରେ କବି ଏ ଛୋଟ ବୀଚି ମାତ୍ର । ନିଜ ଆନନ୍ଦରେ ତାହା ନାଚିଉଠେ । ନୀରବରେ କେଉଁ ଅବୋଧ ପରିତୋଷରେ ତାହା ଉଦ୍‌ଫୁଲ୍ଲିତ ହୁଏ । ତା'ର କାରଣ କବି ଜାଣିବାକୁ ଚେଷ୍ଟା କରିନି, କେହି ପଚାରିନି ମଧ୍ୟ । ତେଣୁ ଯେତେ ନିର୍ଦ୍ଦୟ ବିଚାର କବିର ଛାତିକୁ ବିଦୀର୍ଣ୍ଣ କଲେ ମଧ୍ୟ ତଥାପି ସେଇ ଛୋଟ ତରଙ୍ଗଟି ସମୟ-ସମୁଦ୍ର କୂଳରେ ନାଚିଉଠୁଥିବ ।୨। ଜଣେ କବିର ଏହି ଆତ୍ମକଥନ କେତେ ନିଷ୍ପାପର ତାହା ତା'ର କବିତାରୁ ହିଁ ପ୍ରତୀତ ହେବ । କାରଣ କବିର କବିତା ତା'ର କେତୋଟି ନିର୍ଦ୍ଦିଷ୍ଟ ଆତ୍ମଦର୍ଶନ ଉପରେ ଆଧାରିତ । ପୁଣି ସେଇ ଆତ୍ମଦର୍ଶନ ମଧ୍ୟରେ ଆମେ ଶଂସିତ ଯୁଗର ଅସ୍ୱସ୍ତି ଓ ଆଶ୍ୱାସନାର ଚିତ୍ର ମଧ୍ୟ ପାଇପାରିବା । ଏଇ ଦୃଷ୍ଟିରୁ କବି ଅନନ୍ତ ପଟ୍ଟନାୟକଙ୍କ

।୧। ଓଡ଼ିଆ ସାହିତ୍ୟର ଇତିହାସ - ୧ମ ସଂ-ପୃ ୩୮୧ - ଡଃ ମାୟାଧର ମାନସିଂହ
।୨। 'କବି' - କିଂଚିତ୍ - ୨ୟ ସଂସ୍କରଣ - ପୃ ୫୨.

କାବ୍ୟମାନସର ପରିକ୍ରମା କଲାବେଳେ ଏଇ କବିଙ୍କର କାବ୍ୟ ଉନ୍ମେଷ ସମ୍ପର୍କରେ କେତୋଟି ଅପ୍ରକାଶିତ ତଥ୍ୟ ପ୍ରତି ପାଠକମାତ୍ରେ ଅବହିତ ହେବା ସର୍ବାଦୌ ଆବଶ୍ୟକ ।

**ପ୍ରାରମ୍ଭିକ କାବ୍ୟଚେତନା :**

କବି ମୁଖ୍ୟତଃ ଯେତେବେଳେ ସ୍କୁଲ ଓ କଲେଜର ଛାତ୍ର, ସେତେବେଳେକୁ ସତ୍ୟବାଦୀ କାବ୍ୟାନୁଚିନ୍ତା ପ୍ରାୟ ଶିଥିଳ ହୋଇଆସିଥିଲା । କିନ୍ତୁ ସତ୍ୟବାଦୀର ଯୋଗଜନ୍ମା ବ୍ୟକ୍ତିତ୍ୱଗଣ ଓଡ଼ିଶାର ରାଜନୀତିକ୍ଷେତ୍ରରେ ଓ ଜାତୀୟ ରଙ୍ଗମଞ୍ଚରେ ପ୍ରଭୂତ ପ୍ରତିଷ୍ଠାର ଅଧିକାରୀ ହୋଇପାରିଥିଲେ । କବି ପଟ୍ଟନାୟକଙ୍କ ଛାତ୍ରଜୀବନରୁ ସ୍ୱରାଜ୍ୟ ଆନ୍ଦୋଳନ ପ୍ରତି ଓ କଂଗ୍ରେସ ପ୍ରତି ତାଙ୍କ କିଶୋର ଚିତ୍ତରେ ପ୍ରବଳ ଆସକ୍ତି ପ୍ରକାଶ ପାଇଥିଲା । ତାଙ୍କ ଉପରେ କବି କୃଷ୍ଣମୋହନ ପଟ୍ଟନାୟକ ଓ ଜନସେବୀ ଉତ୍କଳମଣିଙ୍କ ପ୍ରଭାବ ଥିଲା ଅପ୍ରତିହତ । ତେଣୁ ଏଇ ସମୟରୁ  ସ୍ୱରାଜ୍ୟକୁ ସ୍ୱାଗତକରି ଛୋଟ ଛୋଟ ପ୍ରଗୀତ ରଚନାରେ ସେ ଆଗ୍ରହ ପ୍ରକାଶ କରୁଥିଲେ । ଏପରିକି କବି ପଟ୍ଟନାୟକ ନିଜେ ସ୍ମରଣ କରନ୍ତି ଯେ, ସେ  କଲେଜରେ ଯୋଗଦେବା ପୂର୍ବରୁ କବି ରାଧାନାଥଙ୍କ 'ଦରବାର' ଅନୁକରଣରେ ଲେଖିଥିବା ଏକ ଜାତୀୟତାବାଦୀ କବିତାଗୁଚ୍ଛକୁ ତାଙ୍କ ବଡ଼ବାପା ତତ୍‌କାଳୀନ ସରକାରଙ୍କ  ଭୟରେ ପୋଡ଼ିଦେଇଥିଲେ । ସେମାନଙ୍କର ଜମିଦାର ପରିବାର ଥିବାରୁ ଏପରି କବିତା ହୁଏତ ନିଶ୍ଚିତ ବିପଦକୁ ଆହ୍ୱାନ କରିଆଣିଥାନ୍ତା ।୧୯୩୦ରେ ଲବଣ ଆନ୍ଦୋଳନ ବେଳେ ଏହିପରି ଜାତୀୟ ଉଦ୍ଦୀପନାମୂଳକ ଗୀତ ଲେଖି ଓ ବୋଲି ସେ ସେତେବେଳେ ଓଡ଼ିଶା କଂଗ୍ରେସର ଅପ୍ରତିଦ୍ୱନ୍ଦ୍ୱୀ ନେତା ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ନୀଳକଣ୍ଠ କିନ୍ତୁ ପଢ଼ାପଢ଼ି ଛାଡ଼ି ଏଥିରେ ମାତିଥିବା ଏଇ କିଶୋର ଯୁବକକୁ ଅତ୍ୟଧିକ ସ୍ନେହରେ ସେଦିନ ଭର୍ତ୍ସନା କରିଥିଲେ, ''ପାଠ ନପଢ଼ି ଏସବୁ କ'ଣ କରୁଛ ?'' ଏହି ମନ୍ତବ୍ୟ ଅନେକ ପରିମାଣରେ କବି ପଟ୍ଟନାୟକଙ୍କ ପରବର୍ତ୍ତୀ ଜୀବନକୁ ନିୟନ୍ତ୍ରିତ କରିଥିଲା । ରେଭେନ୍‌ସା କଲେଜର ଛାତ୍ର ଭାବରେ ଯୋଗଦେବା ପୂର୍ବରୁ ୧୯୩୦ର ସେ ଲବଣ ଆନ୍ଦୋଳନ ସଂକ୍ରାନ୍ତରେ ମାତ୍ର ମାସଟିଏ ପାଇଁ ଆଲିପୁର ସେଣ୍ଟ୍ରାଲ ଜେଲ୍‌ରେ ଅବରୁଦ୍ଧ ହୋଇଥିଲେ । ୧୯୩୧-୩୫ରେ ରେଭେନ୍‌ସା କଲେଜର ଛାତ୍ର ଥିଲାବେଳେ ସେ କିଛି କିଛି ରୋମାଣ୍ଟିକ୍ ପ୍ରେମ-କବିତା ଯେ ରଚନା ନ କରିଛନ୍ତି ତା ନୁହେଁ । କାରଣ ସେତେବେଳେ କଲେଜ ଛାତ୍ରଙ୍କ ଚିନ୍ତା-ମାନସରେ ସବୁଜ କାବ୍ୟଚେତନାର ତଥା ମାନସିଂହଙ୍କ ଅନୁଭୂତି-ଉଚ୍ଛଳ ପ୍ରେମ-କବିତାର ନିଶ୍ଚିତ ପ୍ରଭାବ ସୃଷ୍ଟି ହୋଇଥିଲା । ଏହିପରି ଅନୁଭୂତିର ପରିପ୍ରକାଶ ତାଙ୍କର ଆଦ୍ୟ ଜୀବନରେ ରଚିତ ଅନେକ କବିତାରେ ସ୍ପଷ୍ଟ ଲକ୍ଷ୍ୟ କରାଯାଇପାରେ -

''ଦୂର ସୁଦୂରର ଆହ୍ୱାନ ଆସି/ଅନ୍ତରେ ଦିଏ କମ୍ପନ ରାଶି
ବର୍ଷାରାଣୀର ନୂପୁର ଥରିଲା ପ୍ରୀତି ଚଞ୍ଚଳରେ
ଚିର ଯୌବନ ବର୍ଷା ନଁଲା ନିବିଡ଼ ତରଳରେ.........।''

'ଚୈତ୍ରଧାରା' - ('ଅଲୋଡ଼ାଲୋଡା', ପୃ. ୯୮)

କିମ୍ବା ଅନ୍ୟ ଏକ ସମସାମୟିକ କବିତା 'ତୃଷ୍ଣା'ରେ ତାଙ୍କ କାବ୍ୟଚିନ୍ତାର ସେଇ ରସଉଚ୍ଛଳ ଚେତନା ସ୍ପଷ୍ଟ ବାରିହୁଏ -

''ଚଇତ ପ୍ରୀତିର ମାଧୁରୀ ବୋଲିଲୋ ତନୁ ମନେ ପ୍ରିୟ ବିଳସ
ଛପି ଛପି ଯାଉ ଯଉବନ ରାଗେ ସଜଳ ଯାତନା ଅଳସ ।''

*  *  *

ଖୋଲ ଆଖି ପ୍ରିୟା ଗଭୀର ହେଲାଣି ରଜନୀ ।'' 'ତୃଷା' - ('କିଞ୍ଚିତ' - ପୃ. ୯୩)

ଏଇ ତରୁଣ ବୟସର ଅନେକ ରଚନା ମଧ୍ୟରୁ ଏ ଦୁଇଟି କବିତାକୁ କେବଳ ଉଦାହରଣ ସ୍ୱରୂପ ଏଠାରେ ଉପସ୍ଥାପିତ କରାଯାଇଛି । ଏ କବିତା ଦୁଇଟିରେ ସବୁଜ କାବ୍ୟଚେତନାର ରୋମାଣ୍ଟିକ୍ ଭାବ ଓ ଶବ୍ଦବିଳାସ ବେଶ୍ ଲକ୍ଷ୍ୟ କରାଯାଇପାରେ । 'ଚୈତ୍ର ଆକାଶ', 'ବାଦଲ', 'ସୃଜନର ସ୍ୱର', 'ସ୍ୱପ୍ନ ବେଦନା', 'ଦୂର ବେଣୁବନ', 'ମତୁଆଳ ବେତସ ନିଳୟ', 'ବ୍ୟାକୁଳ ଯୂଥିକା', 'ଅଳସ ବନାନୀ', 'ଶୀର୍ଣ୍ଣାତଟିନୀ', 'ଆମ୍ର ମୁକୁଳ', 'ବର୍ଷାରାଣୀ', 'ପ୍ରେମ ସୁଧାରସ', 'ତାରକା', 'ଜୋଛନା', 'ଯଉବନ ଖେଳା', 'ନିର୍ଜନ ରାଜପଥ', 'ଡାହୁକୀ', 'ଚିରଯୌବନ', 'ସପନ ସରିତ' ଆଦି ରୋମାଣ୍ଟିକ୍ ଆସୋସିଏସନ୍ ଓ ଶବ୍ଦବିଳାସ ପାଠକ ମନରେ ହଠାତ୍ ସବୁଜ କାବ୍ୟଚେତନାର ଭ୍ରାନ୍ତି ସୃଷ୍ଟି କରେ । କବି ଯେ ତାଙ୍କ ତରୁଣ ବୟସରେ ଏକ ନିର୍ଦ୍ଦିଷ୍ଟ କାବ୍ୟମନନ ପ୍ରତି ଅଭିଷିକ୍ତ (committed) ହୋଇପାରି ନ ଥିଲେ, ତାହା ଏହିପରି ଅନେକ କବିତାରୁ ସ୍ପଷ୍ଟ ହୁଏ । ନିଜେ ତାଙ୍କ ସହିତ ଏହି ସମାଲୋଚକର ଏକ ସାକ୍ଷାତକାରରେ କବି ସ୍ୱୀକାର କରିଛନ୍ତି ଯେ, ତାଙ୍କ ପ୍ରାରମ୍ଭିକ କାବ୍ୟଚେତନା ଉପରେ କବି ବୈକୁଣ୍ଠନାଥଙ୍କ ପ୍ରଭାବ ବେଶ୍ ପ୍ରତିଫଳିତ ହୋଇଥିଲା ।୩। କିନ୍ତୁ ପରେ ପରେ ଅନନ୍ତ ପଟ୍ଟନାୟକଙ୍କ କବିତାରେ ବ୍ୟକ୍ତିଗତ ଅନୁଭୂତିର ବର୍ଣ୍ଣିଳ ଚିତ୍ର ଅପେକ୍ଷା ସାମାଜିକ ଭାବବ୍ୟଞ୍ଜନାର ବିକାଶ ଅଧିକ ଲକ୍ଷ୍ୟ କରାଯିବ । ଯେଉଁଠି ସେ ରାଗାନୁଗା (romantic) ହୋଇଛନ୍ତି ବା ଏପରି କିଛି ଅନୁଭୂତିକୁ ରସୋତ୍ତୀର୍ଣ୍ଣ କରିଛନ୍ତି, ସେଠାରେ ସେ ସବୁଜ ଚେତନାଠାରୁ ଏକ ସଚେତନ ଦୂରତ୍ୱ ରକ୍ଷା କରିଛନ୍ତି । ଏହାର କାରଣ–ସ୍ୱରୂପ ସ୍ପଷ୍ଟତଃ ତାଙ୍କର ସ୍ୱରାଜ୍ୟ ଆନ୍ଦୋଳନ ଓ ସାମ୍ୟବାଦୀ ଆନ୍ଦୋଳନ ସହିତ ସମ୍ପର୍କକୁ ନିର୍ଣ୍ଣୟ କରାଯାଇପାରେ । ୧୯୩୪–୩୫ ବେଳକୁ ଶ୍ରୀ ଅନନ୍ତ ପଟ୍ଟନାୟକ ଯେ ସମସାମୟିକ ଐତିହାସିକ ଓ ସାମାଜିକ ପ୍ରକ୍ରିୟାଦ୍ୱାରା ଅଧିକ ଉଦ୍‌ବୁଦ୍ଧ ହୋଇଛନ୍ତି – ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ । ବିଶେଷତଃ ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ଭଗୀରଥ କମ୍ରେଡ୍ ଶ୍ରୀଭଗବତୀ ଚରଣଙ୍କ ସମ୍ପର୍କରେ ଆସି ଓ କମ୍ୟୁନିଷ୍ଟ କନ୍‌ସ୍ପିରାସି ଅଭିଯୋଗରେ ୧୯୪୦ ରେ ଦୁଇବର୍ଷ ଜେଲ୍‌ରେ କଟାଇଲା ପରେ କବି ଅନନ୍ତ ପଟ୍ଟନାୟକଙ୍କ ତରୁଣ କାବ୍ୟମାନସର ସମସ୍ତ ସୁକୁମାର ଅନୁଭୂତି କ୍ରମେ ଏକ ସମାଜ – ରାଜନୈତିକ ଦର୍ଶନକୁ ଅବଲମ୍ବନ କରି ଗତିଶୀଳ ହୋଇଅଛି ।୪। ତା ୨୯/୧୧/୧୯୩୫ ଠାରୁ ଛଅଦିନ ବ୍ୟାପୀ କଟକଠାରେ ଅନୁଷ୍ଠିତ 'ନବଯୁଗ ସାହିତ୍ୟ ସଂସଦ'ର ଆଦ୍ୟ ଉତ୍ସବରେ ତାଙ୍କ ରଚିତ ସଙ୍ଗୀତ 'ଉଦ୍‌ବୋଧନୀ'ରୁ ଏହି ଭାବଚେତନାର ପ୍ରଥମ ଝଲକ ମିଳିଥିଲା –

''ନବୀନ ଯୁଗର ତୁରଣ ଜାଗରେ ଜାଗ ବନ୍ଧନହରା
ବକ୍ଷ ଶୋଣିତେ ଲକ୍ଷ ଜୀବନେ ଖେଳାଅ ଆଲୋକଧାରା ।
ଛିନ୍ନ କରରେ ବନ୍ଧନରାଜି କ୍ରନ୍ଦନ ହେଉ ଶେଷ
ଲୁପ୍ତ ହେଉରେ ଜାତି ଉପଜାତି ଖଣ୍ଡିତ ଶତ ଦେଶ ।
*　　　*　　　*
ଭାଜି ପଡୁ ଆଜି ଅର୍ଗଳରାଜି ଘେନ ବିଜୟର ମାଳା ।''୫।

---

।୩। କବି ଅନନ୍ତ ପଟ୍ଟନାୟକ – ଏକ ଅନୁଧ୍ୟାନ – ନବରବି, ପୂଜା ସଂଖ୍ୟା, ଅକ୍ଟୋବର ୧୯୭୫

।୪। ଏସବୁ ତଥ୍ୟ କବିଙ୍କ ସହିତ ମୁହାଁମୁହିଁ ଆଲୋଚନାରୁ ସଂଗୃହୀତ ତା ୨୦/୭/୭୫

।୫। ଏ ସଂଗୀତଟି ମାଳତୀ ଚୌଧୁରୀଙ୍କ କଣ୍ଠରେ ସ୍ୱରାୟିତ ହୋଇଥିଲା ଓ 'ନବଭାରତ', ଧନୁ ୧୩୪୨ ସାଲରେ ପ୍ରଥମେ ପ୍ରକାଶିତ ହୋଇଥିଲା ।

ଏହା ପରେ ପରେ ସମାଜ ଓ ରାଜନୀତିକ ପରିସ୍ଥିତି ବିରୁଦ୍ଧରେ ତାଙ୍କ କାବ୍ୟମାନସର ପ୍ରତିକ୍ରିୟା ପ୍ରଚଣ୍ଡଭାବେ ଗତିପନ୍ନ ହୋଇପାରିଛି ଏବଂ ତାଙ୍କ କାବ୍ୟମାନସରେ ସର୍ବହରାମାନେ ହିଁ ବଡ଼ ଆସନ ଅଧିକାର କରିଛନ୍ତି । ଏସବୁ କବିତାରେ ସ୍ପଷ୍ଟଭାବେ ଏକ ସାମାଜିକ ବିପ୍ଳବର ସ୍ୱର ପ୍ରକାଶ ପାଇଛି । ଏହିପରି କେତୋଟି କବିତା ମଧ୍ୟରୁ 'ଦେବତା ନାହିଁ ଭୁବନବନେ' ଓ 'ଯୁଗମାନବ'କୁ ଉଦାହରଣ ସ୍ୱରୂପ ନିଆଯାଇପାରେ ।୬।

ଏହି ବୈପ୍ଳବିକ କାବ୍ୟ ମାନସ ପରେ ପରେ ସଚେତନ ଭାବରେ ସବୁଜ  କାବ୍ୟାନୁଚିନ୍ତା ଠାରୁ ନିଜକୁ ଯେ ଦୂରେଇ ନେଇ ପାରିଛି, ତାହାର  ସ୍ୱର ଏକ କାବ୍ୟ–ପ୍ରତିକ୍ରିୟା ରୂପେ ତାଙ୍କ କବିତାରେ ପ୍ରକାଶିତ । ସମସାମୟିକ ରୋମାଣ୍ଟିକ୍ ଓ ଆଧିଭୌତିକତାବାଦୀ କବିମାନଙ୍କୁ ଲକ୍ଷ୍ୟ କରି ସେ ଗୋଟିଏ କବିତାରେ କହିଛନ୍ତି –

''ଯୁଗାନ୍ତର ରାତିରେ ଆଗାମୀର ଆଭାସ କାହିଁ ତୁମର ?
ପ୍ରଳୟର ପ୍ରଶ୍ନରେ ପ୍ରାଣର ଉତ୍ତର କାହିଁ ତୁମର ?
ବୈରାଗ୍ୟର ବରପତ୍ରରେ ଭାସୁଛ, ଆହା ଭାସୁଛ !''
(ହାତ ବଢ଼ାଇ–କିଞ୍ଚିତ୍ – ପୃ. ୬୮)

ସମସାମୟିକ ଭାବେ ରଚିତ ତାଙ୍କ ପ୍ରବନ୍ଧ 'ସାହିତ୍ୟରେ ଶ୍ରେଣୀପରତା'ରେଏ ଭାବ ପରିଷ୍କାର ହୋଇଯାଇଛି – ''ରହସ୍ୟବାଦ ଚିରଦିନ ସତ୍ୟକୁ ଗୋପନରେ ରଖି ମିଥ୍ୟାକୁ ପ୍ରଶ୍ରୟ ଦେଇଛି । କ୍ଷତକୁ ପରୀକ୍ଷା ନ କରି, ତା'ର ଅନାମୟର ଉପାୟ ନ ଖୋଜି, ତାକୁ ଆବୃତ କରିଛି ମଖମଲି ଘୋଡଣୀରେ । ଏ ରହସ୍ୟବାଦୀର ସାହିତ୍ୟ ଧର୍ମଭାବରେ ବିଶେଷଭାବେ ଆଚ୍ଛନ୍ନ ଥାଇ ଅମଙ୍ଗଳକୁ ମଧ୍ୟ ମଙ୍ଗଳ ମନେକରିଛି । ବରଂ ଦାରିଦ୍ର୍ୟର ଯଶୋଗାନ କରିଛି, ବିଧି–ବ୍ୟବସ୍ଥା, ସାମାଜିକ ସଂସ୍ଥା ବିରୁଦ୍ଧରେ ଠିଆ ହୋଇନି । କିନ୍ତୁ ଦେଖୁନାହିଁ ଡକାୟତ ହେଉଛନ୍ତି ଧନୀମାନେ । ××× ରହସ୍ୟବାଦମୂଳକ ସାହିତ୍ୟ ସବୁବେଳେ ଯୁକ୍ତିହୀନ, ଅଦ୍‌ଭୁତ ଓ ଅସ୍ପଷ୍ଟ ଭାବରାଜ୍ୟରେ ପୂର୍ଣ୍ଣ ।୭। ପୁନଶ୍ଚ ସବୁଜ କବିତାରେ ଥିବା ଆସ୍‌ମାନ୍ ପରୀ, ସ୍ୱର୍ଣ୍ଣମହଲ ଓ ପଳାୟନର ସ୍ୱର ବିରୁଦ୍ଧରେ କବି ଯେ କ୍ରମେ ବାସ୍ତବବାଦୀ ଓ ସଚେତନ ହୋଇଛନ୍ତି – ଏଥିରେ  ସନ୍ଦେହ ନାହିଁ । ତେଣୁ ପରେ ରଚିତ ଆଉ ଏକ କବିତାରେ ସେ ସବୁଜମାନଙ୍କୁ ଆହ୍ୱାନ କରି କହିଛନ୍ତି – ''ତୁମକୁ କ'ଣ ଶୁଭୁନାହିଁ ? କେଉଁ ଦୂର ଆକାଶର ସ୍ୱପ୍ନରେ ତୁମେ ପ୍ରମତ୍ତ ? ନିରୁଦ୍ଦେଶ୍ୟ ଆନନ୍ଦରେ କୁଆଡ଼େ ଚାଲିଛ ? କେଉଁ ଆତ୍ମାନନ୍ଦ ପୁଲକରେ ତୁମେ ବିହ୍ୱଳ ?  କାହିଁ ସେହି ପ୍ରେୟସୀ, ଯାହାପାଇଁ ଏତେ କବିତାର ଆସର ? ସେହି ରୂପ– ଅନିନ୍ଦିତା ପ୍ରେୟସୀର ସ୍ୱପ୍ନ ଆଜି ଦିଗେ ଦିଗେ ଭାଜିପଡୁନାହିଁ କି ? ଚାରିଆଡ଼େ ମୃତ୍ୟୁର ମରୀଚିକା । ଯୌବନର ଉଦ୍ଦାମ ଉଲ୍ଲାସ ନୁହେଁ, ତାପକ୍ଳିଷ୍ଟ ଝାଉଁବଣର ସାଇଁ ସାଇଁ ଶବ୍ଦ ଚତୁର୍ଦ୍ଦିଗରେ ମୁଖରିତ ହେଉଛି । ତେଣୁ ହେ ପ୍ରିୟ କବି, ସେ ପଥରୁ ଫେରିଆସି ଥରେ କମନୀୟ ବାସ୍ତବତା ପ୍ରତି ଦୃଷ୍ଟିପାତ କର । କବିତାରେ ଅଗ୍ନିର ସ୍ଫୁଲିଙ୍ଗ ଜାଳିଦିଅ । କବି, ତୁମକୁ କ'ଣ ଶୁଭୁ ନାହିଁ ତୁମରି ଗର୍ଭର ଶିଶୁ ରକ୍ତାକ୍ତ ହୋଇପଡ଼ିଚି । ଚତୁର୍ଦ୍ଦିଗରେ କ୍ଷୁବ୍‌ଧ ହାହାକାରର ପ୍ରତିଧ୍ୱନି ।  ପୁଞ୍ଜିପତିର ପ୍ରହାରରେ ମଣିଷ କ'ଣ ଧ୍ୱଂସ ହୋଇଯିବ ?।୮। ଏହି କାବ୍ୟମାନସ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ ଶେଷବେଳକୁ ପ୍ରାୟ ତା'ର

---

।୬। ଦେବତା ନାହିଁ ଭୁବନ ବନେ – (ଛାଇରଛିଟା) ପୃ. ୧୦୯, ଯୁଗମାନବ– ନବଭାରତ, ମାର୍ଚ୍ଚ ୧୯୩୫

।୭। ସାହିତ୍ୟରେ ଶ୍ରେଣୀ ପରତା – 'ଆଧୁନିକ' ଭାଗ ୧/୫ ମ ସଂ ନଭେମ୍ବର ୧୯୩୩

।୮। ଛାଇରଛିଟା କବିତା ଗ୍ରନ୍ଥରେ 'ଅଶ୍ରୁଉଦ୍‌ବୋଧନ' ପୃ ୧୫୬ରୁ ୧୬୪–କବିତାର ଭାବାନୁସରଣ

ଗତି ଓ ଆଭିମୁଖ୍ୟ ସ୍ଥିର କରିନେଇଚି । ଏହି ଆଭିମୁଖ୍ୟକୁ ଓଡ଼ିଆ କବିତାର ଇତିହାସରେ ଏକ ପ୍ରଗତିବାଦୀ ବା ମାର୍କସୀୟ କାବ୍ୟଚେତନା ଭାବରେ ନାମିତ କରାଯାଇଛି ।

**ସାମ୍ୟବାଦୀ କାବ୍ୟଚେତନା :**

କେବଳ କବି ଅନନ୍ତ ପଟ୍ଟନାୟକ ବା ଭଗବତୀ ପାଣିଗ୍ରାହୀଙ୍କ ସତୀର୍ଥ ମନମୋହନ, ସଚ୍ଚିଦାନନ୍ଦ, ରଘୁନାଥ, କାଳିନ୍ଦୀଚରଣ ଆଦିଙ୍କ କାବ୍ୟଚେତନାରେ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ଏହି ସମୟରେ ପରିବର୍ତ୍ତନର ଯେଉଁ ସୂତ୍ରପାତ ହୋଇଛି – ତାହା ଏକାନ୍ତ ପ୍ରଣିଦାନଯୋଗ୍ୟ । ଏହାର କିଞ୍ଚିତ୍ ପୂର୍ବରୁ ଇଂଲଣ୍ଡ, ଫ୍ରାନସ୍ ଓ ରୁଷିଆରେ ଏହି ପରିବର୍ତ୍ତନବାଦୀ କାବ୍ୟଚେତନାର ଆଦ୍ୟସ୍ୱର ଶୁଣାଯାଇଥିଲା – ସେ ବିଷୟରେ ଆଗରୁ ସୂଚିତ ହୋଇଚି । କ୍ଷୟଶୀଳ, ପରମ୍ପରା-ପୀଡ଼ିତ ସମାଜ-ବ୍ୟବସ୍ଥା ବିରୁଦ୍ଧରେ ତଥା ସମସ୍ତ ପ୍ରଥା ଓ ପରମ୍ପରା ବିରୁଦ୍ଧରେ ଏହି ନୂଆ ଧରଣର କବିତାରେ ଥିଲା ଏକ ନିର୍ଦ୍ଦିଷ୍ଟ ଆହ୍ୱାନ । ମଣିଷର ସ୍ପନ୍ଦନ, ତା'ର ଜୀବନଯୁଦ୍ଧ, ତା'ର ଜୟ ପରାଜୟ, ସ୍ୱେଦ ଓ ଅଶ୍ରୁ ହେଲା ଏହି ନୂତନ କବିତାର ଅଭିଲିପି ଏବଂ ସମଗ୍ର ଭାବରେ ଏହି କବିତା ଏକ ନୂତନ ସମାଜ-ରାଜନୈତିକ ଦର୍ଶନକୁ ଆମନ୍ତ୍ରଣ କରି ଆଣିଥିଲା-ଯାହାର ନାମ ଥିଲା ସାମ୍ୟବାଦ (communism) । ସେଥିପାଇଁ ଏହି କାବ୍ୟଚେତନାରେ ହିଂସା ଓ ଧ୍ୱଂସକୁ ମଧ୍ୟ ଯଥେଷ୍ଟ ପ୍ରଶୟ ଦିଆଯାଇଥିଲା । ଏପରିକି ଗାନ୍ଧିଜୀଙ୍କ ନିରୁପଦ୍ରବ ଅହିଂସା ମନ୍ତ୍ରରେ ସମଗ୍ର ଭାରତ ଉଦ୍‌ବୁଦ୍ଧ ହୋଇ ଯେତେବେଳେ ସ୍ୱାଧୀନତାର ସଂଗ୍ରାମ ଚଳାଇ ନେଉଥିଲା, ଏହି ପ୍ରଗତିବାଦୀ କବିମାନେ ଏହି ଚିନ୍ତାରୁ କକ୍ଷଚ୍ୟୁତ ହୋଇ ମାର୍କ୍ସ୍ ଓ ଏଞ୍ଜେଲ୍ସ୍ ପ୍ରବର୍ତ୍ତିତ ଚିନ୍ତାଧାରା ଓ ତଦ୍‌ଦ୍ୱାରା ସାମାଜିକ କ୍ଷିପ୍ର ପରିବର୍ତ୍ତନ ପ୍ରତି ଅଧିକ ବିଶ୍ୱାସ ସ୍ଥାପନ କରିଥିଲେ ।

ଏହି କ୍ରମରେ କବି ଅନନ୍ତ ପଟ୍ଟନାୟକଙ୍କ କେତୋଟି କବିତାରେ ସ୍ପଷ୍ଟ ପ୍ରକାଶ ପାଇଥିବା ବୈପ୍ଲବିକ ଆଭିମୁଖ୍ୟ ପ୍ରତି ଦୃଷ୍ଟିପାତ କରାଯାଇପାରେ । ସେତେବେଳେ ମୋଗଲବନ୍ଦିରେ ଚାଲିଥାଏ ଜମିଦାରମାନଙ୍କର ଅତ୍ୟାଚାର ଓ ଲୁଣ୍ଠନ, ଆଉ ଗଡ଼ଜାତ ରାଜାମାନଙ୍କର ହୁଙ୍କାପିଟା ଅନ୍ଧାର ଶାସନ । ଏ ସବୁକୁ ଘଣ୍ଟ ଘୋଡାଇ ନିଜର ଏକଚ୍ଛତ୍ର ଶାସନ କାଏମ୍ ରଖିଥାଏ ବ୍ରିଟିଶ ସରକାର । ୧୯୩୫ ବେଳକୁ ଏହିପରି ଜମିଦାରମାନଙ୍କର ଜୁଲମ ବିରୁଦ୍ଧରେ 'କୃଷକ ସଭା' ଓ ତା' ପଛକୁ ଗଡ଼ଜାତରେ ଚାଲିଥିବା ଅନ୍ଧାରି ଶାସନ ବିରୁଦ୍ଧରେ 'ପ୍ରଜା-ଆନ୍ଦୋଳନ'ର ସୂତ୍ରପାତ ହୁଏ, ଆଉ ସେଇ ସମୟକୁ କଂଗ୍ରେସ ପ୍ରଜା-ସୋସାଲିଷ୍ଟ ପାର୍ଟି ଗଠିତ ହୋଇଥାଏ । ତା'ରି ମଧ୍ୟରେ ଜନ୍ମନିଏ କମ୍ୟୁନିଷ୍ଟପାର୍ଟିର ପ୍ରଥମ ଅଙ୍କୁର । ସେତେବେଳେ କିନ୍ତୁ କମ୍ୟୁନିଷ୍ଟପାର୍ଟି ବେଆଇନ । ତେଣୁ ତାହା ପ୍ରକାଶ୍ୟରେ ସଂଗ୍ରାମ କରିପାରେନାହିଁ । କିନ୍ତୁ ଏ ସମୟକୁ ଏ ସବୁ ଶୋଷଣ ଓ ଜୁଲମ୍ ବିରୁଦ୍ଧରେ ଯେ ଏକ ନୂତନ ସୋସାଲିଷ୍ଟ ଭାବଧାରାର ଅଭ୍ୟୁଦୟ ଘଟିସାରିଥିଲା, ଏହା ନିଃସନ୍ଦେହ ।୯। ଏବଂ ସେଇ ଭାବଧାରାକୁ ଚଳେଇନେବା ପାଇଁ ଓ ନିଷ୍ପେଷିତ ଜନପ୍ରାଣରେ ମୁକ୍ତିର ପିପାସା ଓ ହୃଦୟରେ ବିଦ୍ରୋହର ଅଗ୍ନି ଜାଗ୍ରତ କରିବା ପାଇଁ ଶ୍ରୀ ପଟ୍ଟନାୟକ ଗୀତ ଆକାରରେ ଯେଉଁ ଚିନ୍ତାଧାରା ପ୍ରକାଶ କରିଥିଲେ ତାହା ୧୯୩୯ରେ 'ରକ୍ତଶିଖା' ନାମରେ ଶ୍ରୀ ରାଉତରାୟଙ୍କ ଯୁଗ୍ମ-ଭଣିତାରେ ପ୍ରକାଶିତ ହୋଇଛି । ଏହି ସଂକଳନରେ କବି ପଟ୍ଟନାୟକଙ୍କ ରଚିତ 'ମୁକ୍ତି ସଂଗୀତ', 'ଆଗେ ଚାଲ', 'ସର୍ବହରା', 'ଆମେ ମୂଳିଆର ଜାତି ଜାଗିବୁ' କବିତା ଚାରୋଟିରେ ଯେଉଁ ବୈପ୍ଲବିକ କାବ୍ୟମାନସର

---

।୯। 'ରକ୍ତଶିଖା' – ୧ମ ସଂଖ୍ୟା– ନବଯୁଗ ଗ୍ରନ୍ଥମାଳ ନ.୧, ୧୯୩୯ ମୁଖବନ୍ଧ

।୧୦। ଆମେ ମୂଳିଆର ଜାତି ଜାଗିବୁ–ରକ୍ତ ଶିଖା ପୃ.୧୧, ପ୍ରଗତି – ୧ମ ବର୍ଷ ୮ମ ସଂଖ୍ୟା

ପରିଚୟ ମିଳିଛି ତାହା ଆଜି କଳ୍ପନା କରିହେବ ନାହିଁ ।୧୦। ଏହି ଆଭିମୁଖ୍ୟରେ ସାଲିସ୍‌ର ପ୍ରଶ୍ନ ନାହିଁ, ଏହା ଅତ୍ୟନ୍ତ ରୋକ୍‌ଠୋକ୍, ସ୍ପଷ୍ଟ ଭାଷଣ । 'ପ୍ରଳୟ ଆବାହନ' ଓ 'ଆରେ ଦୁର୍ଭାଗା ଦେଶ' କବିତା ଦୁଇଟିରେ ଅତି କଠୋର ଭାବେ ଏହି ପ୍ରତିକ୍ରିୟା ପ୍ରକାଶିତ ହୋଇଛି –

''ସର୍ବହରାର ଦଳ / ଚାଲ ଚାଲ ଖରତର/ଚୂରଚୂର ଜଞ୍ଜିର କାରାରେ
କଣ୍ଠେ ଖେଳୁ ହେ ତବ/ବିଦ୍ୟୁତ୍ ଦ୍ୟୁତି ନବ/ବକ୍ଷେ ବିକଶୁ ପ୍ରୀତିଧାରାରେ
ମତ୍ତ ପାଗଳ ସମ/ହସ ହସ ଅନୁପମ /ବୈଶାଖୀ ଘୂର୍ଣ୍ଣିର ତୁଲରେ'' ।୧୧।

ଏହି କବିତା ଦୁଇଟିରେ ଯେଉଁ ହିଂସାତ୍ମକ ଆହ୍ୱାନ ଦିଆଯାଇଛି ତାହା ଯଥାର୍ଥରେ ମାର୍କସ୍ ପ୍ରଦର୍ଶିତ ସାମ୍ୟବାଦ ପ୍ରତିଷ୍ଠାର ମାର୍ଗ ମାତ୍ର । ପୁଣି ଅନ୍ୟ ଏକ କବିତାରେ ସେ ସିଧା ସଳଖ ଭାବରେ ସମାଜପତିର ଅନ୍ୟାୟ ବିରୁଦ୍ଧରେ ଆହ୍ୱାନ ଦେଇଛନ୍ତି ଓ ସମାଜରେ ପ୍ରଚଳିତ ସମସ୍ତ ଧର୍ମର ଗ୍ଲାନିକୁ ଅସ୍ୱୀକାର କରିଛନ୍ତି । ଭଗବାନ୍‌ଙ୍କ ଦୟା ବା କରୁଣାର ଉପଯାଚକ ନ ହୋଇ ହାତ ଓ ହତିଆର ଉପରେ ନିର୍ଭର କରିବାକୁ ତାଙ୍କର ଏ ଆହ୍ୱାନ ମାର୍କସୀୟ ଚେତନାର ପ୍ରତିଫଳନ ମାତ୍ର ।୧୨। ଏହି ନୂଆ ଭାବଧାରାରେ ଶ୍ରମିକ ହିଁ ସବୁଠାରୁ ପୂଜ୍ୟତମ ବ୍ୟକ୍ତି । କାରଣ ତା'ରି ଶ୍ରମରେ ସମାଜର ଭାରକେନ୍ଦ୍ର ଅବସ୍ଥାପିତ ଓ ମେରୁଦଣ୍ଡ ଦୃଢ଼ୀଭୂତ । କିନ୍ତୁ ଯୁଗେ ଯୁଗେ ଏଇ ଶ୍ରମିକ-ସମାଜ ଅର୍ଦ୍ଧଭୁକ୍ତ ଓ ଅବହେଳିତ ହୋଇ ପଡିରହିଥିଲା । ତା'ରି ଉଦ୍ଦେଶ୍ୟରେ ଏଇ ନୂତନ ଢ଼ାଞ୍ଚାରେ କବିତାରେ କୁର୍‌ବାନି କରାଯାଇଛି :

''ମଜଦୁର ଚାଷୀ ବକ୍ଷରେ ରଚେରେ ଯେହୁ ନାଚ
ତାକୁରେ ଆଜି ବିପ୍ଳବୀ ତୁ ମାରଣ ବିଷ ଯାଚ
ଧ୍ୱଂସ ପାଉ ଶୋଷକକୁଳ ସାମ୍ରାଜ୍ୟ ପିଶାଚ
ମଜଦୁର ଚାଷୀ ରାଜ୍ୟ ହେଉ, ଲଭରେ ଅଧିକାର
ସାମ୍ୟବାଦୀ ଅଗ୍ରଣୀ ତୁ ହୁଅରେ ଆଗୁସାର ।'' 'ଆଗେ ଚାଲ' (ରକ୍ତଶିଖା, ପୃ. ୫)

କିମ୍ବା ବହୁ ପରେ ରଚିତ ଆଉ ଏକ କବିତାରେ ଏଇ ଭାବଧାରା ପୁନଶ୍ଚ ପ୍ରକାଶିତ –

''କାନ୍ଧର କୋଦାଳ ଆଉ ହାତର ନିହାଣରେ ମୋର
ହସର ହାତୁଡ଼ି ଆଉ ଦୈନ୍ୟର ଦାଆରେ ମୋର
ଲୌହର ଲେଖନୀ ଆଉ କୋଇଲାର ତୂଳୀରେ ମୋର
ନଭରେ ଗର୍ଭରେ ରୋଇ ଭୂମିର ଭ୍ରୂଣ ଚାଲିଲି ମୁଁ ଚାଲିଲି'' ।୧୩। ('ଚାଲିଲି ମୁଁ ଚାଲିଲି')

ଏଇ ନୂତନ ଭ୍ରୂଣ ଯଥାର୍ଥରେ ସମାଜ ପାଇଁ ଏକ ବହୁଜନ-ଆକାଙ୍କ୍ଷିତ ସାମାଜିକ ଜିଜ୍ଞାସା ସାମ୍ୟବାଦ ଛଡା ଆଉ କିଛି ନୁହେଁ । ଏହାରି ପଥକୁ ରୁଦ୍ଧ କରିବାକୁ ତଥାକଥିତ ବୁର୍ଜୋୟା ଗୋଷ୍ଠୀ ଗଳଦ୍‌ଘର୍ମ ହୋଇ ଲାଗିପଡ଼ିବେ, କେତେ

---

।୧୧। 'ପ୍ରଳୟ ଆବାହନ' (ଅଲୋଡ଼ା ଲୋଡା-ପୃ ୩୭) – ପ୍ରଥମେ ଅତନୁ ଛଦ୍ମନାମରେ 'ଆଧୁନିକ' – ୧ମ ବର୍ଷ ୧ମ ସଂଖ୍ୟାରେ ପ୍ରକାଶିତ । ୧୯୩୬

।୧୨। 'ବୃଦ୍ଧ ତୁମର ବୟସ ଯାଇଛି ଚାଲି' (ଅଲୋଡା ଲୋଡା ପୃ. ୪୩)

।୧୩। 'ଚାଲିଲି ମୁଁ ଚାଲିଲି' – (ଅଲୋଡା ଲୋଡା – ପୃ ୩୯) ଝଙ୍କାର ୭ମ ବର୍ଷ/୧ମ ସଂଖ୍ୟା ଏପ୍ରିଲ ୧୯୫୫

ଗୁଳିଗୋଳା–ବାରୁଦର ସ୍ତୂପ ଉପରେ ଠିଆ ହୋଇ ସାମ୍ୟବାଦର ଜୟଯାତ୍ରାକୁ ଅବରୋଧ କରିବେ । ତଥାପି କୋଟି କୋଟି ନିରନ୍ନ ଓ ନିରୀହ, ଶ୍ରମିକ ଓ ଶୋଷିତ ମଣିଷର ଆଶା, ବିଶ୍ୱାସର ଏହି ନୂତନ ସାମାଜିକ ପ୍ରତ୍ୟୟ ଦୁର୍ବିନୀତ ଗତିରେ ମାଡ଼ିଚାଲିବ । ଏକ ଚମତ୍କାର ପ୍ରତୀକଧର୍ମୀ ଚିତ୍ରଚେତନା ମଧ୍ୟରେ କବି ପଟ୍ଟନାୟକ ଏଇ ଭାବଧାରାକୁ ଅତ୍ୟନ୍ତ କଳାତ୍ମକ ଭାବେ ପ୍ରକାଶ କରିଛନ୍ତି –

''ମୃତ୍ୟୁର ଜଳେ ପହଁରି ତୋଳେ ଯେ ତୋ ଲାଗି ରକ୍ତକଇଁ,
କୃଷ୍ଣନାଗର ଦଂଶନେ ସେ କି ପଡ଼ିବ ନଇଁରେ ପଡ଼ିବ ନଇଁ ?''
'ଝରରେ ରୁଧିର' ('କିଞ୍ଚିତ' – ପୃ. ୭)

ଏଇ ଚିନ୍ତାଧାରା 'ଏଇ ମଇ ଦିବସ' କବିତାରେ, 'ରକ୍ତତାରକା' ଏବଂ 'ଆଉ କେତେଦୂର' କବିତାରେ 'ନୂଆଗଡ଼'ର ପ୍ରତୀ କକଳ୍ପନା ମଧ୍ୟରେ ପ୍ରକାଶ କରାଯାଇଛି । ସମଗ୍ର ପାରମ୍ପରିକ ସମାଜ ବ୍ୟବସ୍ଥାକୁ ସେ ଏକ କାରାଗାରଭାବେ ପରିକଳ୍ପନା କରି ବନ୍ଦୀ ଜନତାକୁ ଏ କାରଗାର ଭାଙ୍ଗି ଆଗେଇ ଚାଲିବାକୁ ଉଦ୍‌ବୋଧନ ଦେଇଛନ୍ତି । ସେମାନଙ୍କ କାନ୍ଧରେ ଜନନୀ ଓ ଜାୟାର ଶବ । କାନରେ ପଡୁଛି ଅନାହାରୀ ଶିଶୁର ଆର୍ତ୍ତ ଚିତ୍କାର । ବଜ୍ର ଶପଥ ନେଇ ତାକୁ ନ୍ୟାୟ ପ୍ରତିଷ୍ଠା ପାଇଁ ଆଗେଇବାକୁ ହେବ ।

''ବନ୍ଦୀ ଜନତା ଭାଙ୍ଗି କାରାର ଜାଲେ/ବରିନିଏ ଆମ ରକ୍ତ ତାରାକା ଭାଲେ ।
ମୁକ୍ତି ଆମୋଦେ ଚାଲି ବିଳସ, ହସି/ବିଶ୍ୱରଦରବାରେ ।''
('ଏଇ ମଇ ଦିବସ' ('ଛାଇର ଛିଟା'– ପୃ. ୧୩୨))

ଏ ବନ୍ଦୀ ଜନତାକୁ ଚାଲିବାକୁ ହେବ କବି–କଳ୍ପନାର ଏକ ନୂତନ ମାନଚିତ୍ର 'ନୂଆଗଡ଼' ପର୍ଯ୍ୟନ୍ତ, ଯେଉଁଠି ଶୋଷର ଆଉ ଜୁଲମ ନଥିବ, ମାଲିକ ଓ ମୂଲିଆର ତଫାତ୍ ନଥିବ, ଅଭାବ ଓ ଅନଟନ ନଥିବ, ସେଠି ସୋହାଗ ଓ ହର୍ଷରେ ତରୁଣର ଛାତି ବିସ୍ଫାରିତ ହୋଇଉଠୁଥିବ ।୧୪। କବି ପଟ୍ଟନାୟକଙ୍କ ବହୁ କବିତାରେ ସାମ୍ୟବାଦର ପ୍ରତୀକ ଭାବରେ ଏଇ ରକ୍ତକଇଁ, ଲାଲସୂର୍ଯ୍ୟ, ରକ୍ତତାରକା, ରକ୍ତକରବୀ ଆଦି ଚିତ୍ରକୁ ଗ୍ରହଣ କରାଯାଇଛି । ସଚେତନ ପାଠକମାନେ ଫ୍ରାନ୍ସର କବି ଲୁଇ ଆରାଗଁଙ୍କ କବିତା Red Trainର ପ୍ରତୀକସାମ୍ୟ ଲକ୍ଷ୍ୟ କରିପାରିବେ । ତେଣୁ ଶଂସିତ ଯୁଗର କବିମାନଙ୍କ କାବ୍ୟମାନସ ସହିତ ପରିଚୟ ସ୍ଥାପନରେ କୌଣସି ଜଟିଳତା ନାହିଁ । ଅତି ସ୍ୱଷ୍ଟ ଓ ଉଦ୍ଦେଶ୍ୟମୂଳକ ଭାବରେ ଗୋଟିଏ ସ୍ୱର ପ୍ରକାଶିତ– ସେ ସ୍ୱର ସାମ୍ୟବାଦର । କବି ପଟ୍ଟନାୟକଙ୍କ 'ଶାନ୍ତିଶିଖା'ରେ ପ୍ରକାଶିତ ଦୁଇଟି କବିତା– 'ଏ କି ଡାକ ଆଜି' ଓ 'ଆସିଚି ମୁଁ ଆସିଚି'ରେ ଏଇ ଭାବଧାରା ଅତି ମୁକ୍ତ ଓ ପ୍ରାଞ୍ଜଳ । ହରିତ, ସବୁଜ, ଶ୍ୱେତନୀଳ ଆଦି ସବୁ ଆଜି 'ଲାଲେଲାଲ୍' ହୋଇଯାଉଚି ବୋଲି ପ୍ରଥମ କବିତାଟିରେ କହିଛନ୍ତି । ସେଇ ନୂତନ ଆଲୋକର ବର୍ଣ୍ଣାଳୀରେ ସର୍ବହରା ମଣିଷର ପ୍ରାଣ ଓ ଚିତ୍ତ ଉଚ୍ଚାଟିତ । କୌଣସି ନିର୍ଦ୍ଦେଶ (ଯାହା ଦାସତ୍ୱର ଚିହ୍ନ) ତାକୁ ଆଉ ସେ ମାନିବାକୁ ପ୍ରସ୍ତୁତ ନୁହେଁ । ଗତ କାଲିର ଅନ୍ଧାରି ସରଣୀକୁ ଛାଡ଼ି ସେ ଏକ ନୂତନ ସରଣୀ ବାଛିନେଇଛି – ସେ ସରଣୀ ସଂଗ୍ରାମର, ରକ୍ତପାତର ଓ ସାମ୍ୟ ପ୍ରତିଷ୍ଠାର। ଯେଉଁ ପୁଞ୍ଜିପତି ଧନାଢ଼୍ୟ ବ୍ୟକ୍ତିମାନେ ଏକ ସମତୁଳ ସମାଜ ପ୍ରତିଷ୍ଠା ଦିଗରେ ଅନ୍ତରାୟ ହୋଇ ଠିଅହେବେ ସେମାନେ ସାମ୍ୟବାଦର ଏଇ ନୂତନ ଯାତ୍ରା ପାଖରେ ତିଷ୍ଠି ପାରିବେ ନାହିଁ । ତେଣୁ କବି ଶ୍ରମ ଓ ଶ୍ରମିକର ସାମାଜିକ ମୂଲ୍ୟର ଉଦ୍‌ଘୋଷଣାରେ ଲେଖିଛନ୍ତି –

''ଲଙ୍ଗଳର ପଥ ରୋଧ କର କିଏ ? ପ୍ରସ୍ତର !
ଶସ୍ୟର ସ୍ମିତ ରୋଧ କର କିଏ ? ପଙ୍ଗପାଳ !
ଆତ୍ମାର କଣ୍ଠ ରୋଧ କର କିଏ ? ଆତତାୟୀ !'' (ଆସିଛି ମୁଁ ଆସିଛି – ଶାନ୍ତିଶିଖା)

---

।୧୪। 'ଆଉ କେତେ ଦୂର' – (ଅଲୋଡା ଲୋଡା ପୃ–୬୨)

ଏପରିକି ଭାରତର ସ୍ୱାଧୀନତା ସଂଗ୍ରାମ ସହିତ ଅତି ପାଖାପାଖି ଭାବରେ ଶ୍ରୀ ପଟ୍ଟନାୟକଙ୍କ କାବ୍ୟଚେତନାର ଏ ଗଣମୁକ୍ତି ଆଭିମୁଖ୍ୟଟି ଅଗ୍ରଧାବିତ ହୋଇଅଛି । ସେଇ ଦୃଷ୍ଟିରୁ ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ସାମ୍ୟବାଦ ପ୍ରତିଷ୍ଠା ହୋଇ ନ ଥିବାରୁ ଓ ତଥାପି ସମାଜରେ ଧନୀ, ନିର୍ଦ୍ଧନ, ମାଲିକ ଓ ମୂଲିଆର ଉତ୍କଟ ବ୍ୟବଧାନ ଥିବାରୁ କବି ପଟ୍ଟନାୟକ ଅତ୍ୟନ୍ତ କ୍ଷୋଭରେ ସମର ସରିନଥିବା କଥା ଉଲ୍ଲେଖ କରିଛନ୍ତି । ।୧୫। ଏ ସମର ତେଣୁ ପୃଥିବୀର କୌଣସି ଭୌଗୋଳିକ ଭୂଖଣ୍ଡର ସ୍ୱାଧୀନତା ପ୍ରାପ୍ତିରେ ସୀମିତ ନୁହେଁ, ସମଗ୍ର ମାନବଜାତିର ମୁକ୍ତି ପ୍ରତି ଏହା ଅଭିପ୍ରେତ । ସମଗ୍ର ବିଶ୍ୱଜନତା ଯେଉଁଠି ସମାନ ଏବଂ ମଣିଷର ମତା ଉର୍ଦ୍ଧ୍ୱକୁ ଉତ୍ତୋଳିତ – ଏହିପରି ଏକ ବିଶ୍ୱଜନୀନ ଆଦର୍ଶର ସ୍ୱପ୍ନରେ ତାଙ୍କ ସାମ୍ୟବାଦୀ କାବ୍ୟଚେତନା ପରିପୁଷ୍ଟ । ତେଣୁ ଏହି ନବାଦର୍ଶକୁ ସେ 'ମୁକ୍ତିର ଚମ୍ପୂପତି', 'ଗଣାଧିପ' ଭାବେ ନାମିତ କରିଛନ୍ତି । ପୌରାଣିକ ମିଥ୍‌ର ଆଶ୍ରୟ ନେଇ 'ତୁମକୁ ସ୍ୱାଗତ କରେ' (ଅ. ଲୋ. ପୃ. ୩୦) ରେ ସେ କହିଛନ୍ତି – ''ଦାନବର ସ୍ୱର୍ଣ୍ଣପୁରରେ ଶତ ଶତ ସୀତାର ନିଃଶ୍ୱାସ ଏବଂ ଶତ ଶତ ଦେବକୀର ନିପୀଡିତ ବିଫଳ ମାତୃତ୍ୱର ଅଭିଶାପ, କେତେ କୃଷ୍ଣାର ଗଞ୍ଜନା ଏବଂ କୋଟି କୋଟି ନିରସ୍ତ୍ର ପାଇଁ ଏହି ସାମ୍ୟବାଦ ହିଁ ଏକମାତ୍ର ଆଶ୍ୱାସନା । ଏହି ସାମବାଦ ହିଁ ଉର୍ମିଳ ସାଗରରେ ସେତୁବନ୍ଧ ଏବଂ କୁରୁକ୍ଷେତ୍ରରେ ଧର୍ମର ଜୟଧ୍ୱନି । ବୁଦ୍ଧ, ଯୀଶୁ, ନାନକ, ଗାନ୍ଧି ଯୁଗେ ଯୁଗେ ଅହିଂସା ମାର୍ଗରେ ତା'ରି ରାସ୍ତାକୁ ଓଳେଇ ତାକୁ ସ୍ୱାଗତ କରିଆସିଛନ୍ତି । ମଣିଷ–ସଭ୍ୟତା ପାଇଁ ଏହାଠାରୁ ବଳି ବରାଭୟ ଓ ବିଶ୍ୱାସପ୍ରଦ ଆଶ୍ୱାସନା ଥାଇନପାରେ । ପୁନଶ୍ଚ ଏହି ସାମାଜିକ ଦର୍ଶନକୁ କବି ଧରିତ୍ରୀର ଶୁଭବାରିବାହ ଭାବରେ ନାମିତ କରିଛନ୍ତି ଏବଂ ଏହାରି ଆଗମନରେ ପୃଥିବୀର ଶୁଷ୍କ ବୃକ୍ଷଲତା ପଲ୍ଲବିତ ହୋଇଉଠିବେ ବୋଲି ଦୃଢ଼ ଆସ୍ଥା ସ୍ଥାପନ କରିଛନ୍ତି । ମଣିଷର ପରିଚୟ ହେବ ସେ ବିଶ୍ୱବାସୀ । ଶ୍ରମ ହିଁ ହେବତା'ର ଏକମାତ୍ର ତପସ୍ୟା । ଯେତେ କଂସ, ଦୁଃଶାସନ, ସେମାନେ ଧ୍ୱଂସ ହେବେ ।୧୬। ଏହିପରି ଏକ ଶ୍ରମନିର୍ଭର ଶୋଷଣମୁକ୍ତ ବିଶ୍ୱ–ସମାଜର ପରିକଳ୍ପନାରେ କବିଙ୍କ ସାମ୍ୟବାଦୀ ଚେତନା ଅତ୍ୟନ୍ତ ସୁଦୂରପ୍ରସାରୀ ଓ ବ୍ୟାପ୍ତିଭିତ୍ତିକ । ଏପରିକି ଗୋଟିଏ କବିତାରେ ସେ ପୁଞ୍ଜିବାଦୀ ରାଷ୍ଟ୍ର ଆମେରିକାର ରାଷ୍ଟ୍ରନାୟକଙ୍କୁ ବ୍ୟଙ୍ଗ କରିବାକୁ ପଶ୍ଚାତ୍ ପଦ ହୋଇନାହାନ୍ତି । ଏକ ପକ୍ଷରେ ମେହନତୀ ମଣିରେ ଶ୍ରମ ଓ ଝାଳର ସଂଗ୍ରାମ, ଅପର ପକ୍ଷରେ ଯୁଦ୍ଧଖୋର ରାଷ୍ଟ୍ରଶକ୍ତିର ମଣିଷମାରଣ ନୀତି–କୋରିଆ, କେନିଆ ଓ ମାଳୟର ଯୁଦ୍ଧ ହିଁ ତାହାର ଇତିହାସକୁ ଜୀବନ୍ତ କରାଏ । ଲେଖକ ଆଶା କରିଛନ୍ତି ଦିନେ ଡଲାର୍‌ର ଅଟ୍ଟାଳିକା ଭାଙ୍ଗିଯିବ, ସମସ୍ତ ସଂଗୀନ ଓ ବନ୍ଧୁକକୁ ବେଖାତିର କରି ଶ୍ରମିକ ଓ ସାମ୍ୟବାଦର ରାଷ୍ଟ୍ର ନିଶ୍ଚୟ ପ୍ରତିଷ୍ଠିତ ହେବ । ।୧୭। ଏହି ଆଭିମୁଖ୍ୟ ଶ୍ରୀ ସୁନନ୍ଦ କରଙ୍କ ସମ୍ପାଦିତ 'ଆଗାମୀ କାଲି' (୧୯୪୭)ରେ ଶ୍ରୀ ପଟ୍ଟନାୟକଙ୍କ ଲିଖିତ କବିତାଗୁଡ଼ିକରେ ସ୍ପଷ୍ଟ ।

**ଶାନ୍ତି ଶିଖାର ଶାନ୍ତି କାମନା :**

୧୯୪୩ରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ମୃତ୍ୟୁ ପରେ ଓଡ଼ିଆ ସାହିତ୍ୟକୁ ଆଗନ୍ତୁକ ଏଇ ନବତମ ବଳିଷ୍ଠ କାବ୍ୟଭାବନା ଦିଗ୍‌ଦର୍ଶନ ହରାଇଥିଲେ ମଧ୍ୟ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧର ବିଳମ୍ବିତ କ୍ଷୟକ୍ଷତି କଥା ୧୯୪୨ ପରେ ଭାରତୀୟ ମୁକ୍ତି–ସଂଗ୍ରାମର ହିଂସାତ୍ମକ ଆଭିମୁଖ୍ୟ ଓ ଏହାର ତ୍ୱରାନ୍ୱିତ ଗତି ପ୍ରତି ସଚେତନ ହୋଇ କବି ଅନନ୍ତ ପଟ୍ଟନାୟକ ସମୟର ସହସା ଆବଶ୍ୟକତାକୁ ଉପଲବ୍ଧି କରି କବିତାର ଆଭିମୁଖ୍ୟ ପରିବର୍ତ୍ତନ କରିଛନ୍ତି । ଅବଶ୍ୟ ଏଇ ସମୟରେ ଓ

।୧୫। ସରିନି ସମର (ଛାଇର ଛିଟା–ପୃ ୧୪୬)

ସରିନି ସମର ସରିନି ସମର ଆରେ/ ଶାନ୍ତ ହୁଅନା କ୍ଷୁବ୍‌ଧ ହୃଦୟ ସୁଖେ

ଆଜି ବି ଧରଣୀ ନଇଁଚି ଅଶ୍ରୁଭାରେ/ ଜୁଟିନି ଅନ୍ନ କୋଟି ନିରନ୍ନ ମୁଖେ ।''

।୧୬। ଚେତାଇ ଡୋତେ ବିଶ୍ୱବାସୀ– ଶାନ୍ତି ଶିଖା . ପୃ. ୩୬

।୧୭। ଆହେ ମହାଗଣକ – ଶାନ୍ତି ଶିଖା ପୃ. ୩୬

ପରେ ତାଙ୍କର ବହୁ ବୈପ୍ଳବିକ କବିତା ଛଦ୍ମନାମର ପ୍ରକାଶିତ ହୋଇଛି । ଏସବୁ ଛଦ୍ମନାମ ମଧ୍ୟରେ 'ଅତନୁ', 'ଅଣାକାର', 'ବୋଧିସତ୍ୱ', 'କୁମାରୀ ଯଶୋଧାରା' ଆଦି ଅନ୍ୟତମ । କିନ୍ତୁ ତାଙ୍କ କବିତାରେ ଯୁଦ୍ଧ ଓ ତଜ୍ଜନିତ ଶାନ୍ତିର ଆକାଙ୍କ୍ଷା ଯେ ଏ ସମୟରେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ – ଏହା ଏଡାଇ ଦିଆଯାଇ ନ ପାରେ । ଯେଉଁ କବି ସଂଘର୍ଷ ବା ସମର ପାଇଁ ଆହ୍ୱାନ ଦେଇଛି, ସେଇ କବି ପୁଣି ଆଖିରେ ଦେଖିଛି ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ (୧୯୩୯–୪୫)ର ଭୟାବହ କ୍ଷୟକ୍ଷତି । ସମାଜ ଓ ସଭ୍ୟତାର ଏଇ ଭୟଙ୍କର ଦୁର୍ଗତି ପ୍ରତି ସେ ଅତ୍ୟନ୍ତ ସଚେତନ ଭାବେ ଚିନ୍ତାକ୍ରାନ୍ତ । ଦ୍ୱିତୀୟ ମହାଯୁଦ୍ଧକାଳୀନ ଓ ପରବର୍ତ୍ତୀ କବିତା କେତୋଟିର ସମଷ୍ଟି 'ଶାନ୍ତିଶିଖା' (୧୯୫୧) । ଦେଶର ଅବସ୍ଥା ପ୍ରତି କବିଙ୍କର ସଚେତନତା ଓ ଶାନ୍ତିପାଇଁ ଜାଗ୍ରତ ଆକୁଳତା ହେଉଛି ପ୍ରତ୍ୟେକ କବିତାର ପ୍ରାଣପ୍ରବାହ । 'ସାଇରନ୍ ବାଜେ', 'ହଟାଅ ହଟାଅ' କବିତା ଦୁଇଟିରେ ଯୁଦ୍ଧକାଳୀନ ହତାଶା, ଆଶଙ୍କାର ଚିତ୍ରପ୍ରଦତ୍ତ । ସାଇରନ୍ ବାଜିବା ମାତ୍ରେ ସମସ୍ତେ ଟ୍ରେଂଚ ଭିତରେ ବା ସେଲ୍ଟରରେ ଆଶ୍ରୟ ନେଉଛନ୍ତି । ଜୀବନଯାତ୍ରା ବ୍ୟାହତ ଓ ବ୍ୟାଧିତ । ଜୀବିତ ମଣିଷ ସମାଧିସ୍ତମ୍ଭ ପରି ନିର୍ବାକ୍ ଭାବରେ ଚାହିଁ ରହିଛି ଏବଂ ସଭ୍ୟତାର ଏଇ ଉତ୍କଟ ବର୍ବରତାର ଚିହ୍ନ ରୂପେ ଭଗ୍ନ ସୌଧମାଳା ଦଣ୍ଡାୟମାନ । ଯାନ ବାହନ ରାସ୍ତାରେ ଅଛି, କିନ୍ତୁ ଚାଳକ ନାହିଁ । ଶିଶୁ ମୁଖର ଗାନକୁ ବନ୍ଦକରି ଦିଆଯାଉଛି । ମୋଟ ଉପରେ ଜୀବନର ବିଜ୍ଞାପନ ସଂପୂର୍ଣ୍ଣ ନୀରବ ଓ ନିରୁତ୍ତର, ସତେ ଯେପରି ତାହା ମୃତ୍ୟୁ ପାଇଁ ପ୍ରତୀକ୍ଷା ମାତ୍ର । ଏଇ ସାଇରନ୍ (ମୃତ୍ୟୁର ସଙ୍କେତ) ମଣିଷ ମନର ସମସ୍ତ ଶାନ୍ତି ଓ ମୈତ୍ରୀର ଗୌରବକୁ ଲୁଣ୍ଠନ କରିଛି । ମାଆର ଆଖିରେ ଲୁହ, ପ୍ରଣୟିନୀ ଛାତିରେ ଛୁରିକା ବିଦ୍ଧ, ଶିଶୁର ହସ ଲୁଣ୍ଠିତ । ଏହାହିଁ ଯେପରି ଏକ ମାନବବାଦୀ କବି ଚକ୍ଷୁରେ ଯୁଦ୍ଧଜନିତ ଭୟାବହ ଦୃଶ୍ୟର ଏକ କରୁଣ ଚିତ୍ରପଟ । ତେଣୁ ତାଙ୍କ କବିତାରେ ମଣିଷର ଚିରନ୍ତନ ଆକାଙ୍କ୍ଷା, ଶାନ୍ତି ଓ ମୈତ୍ରୀ ପାଇଁ ଜାଗ୍ରତ ଆକୁଳତାର ସ୍ୱର ପ୍ରକାଶ ପାଇଛି । ଅତି ବ୍ୟାକୁଳ ଭାବରେ ସେ ଗାଇଛନ୍ତି –

> ''ହଟାଅ ହଟାଅ ମୃତ୍ୟୁବାହିନୀ ଦୁଆରୁ
> କିଏ ଅଛ କାହିଁ ଆରେ ବିଦଳିତ ଜନତା
> ପ୍ରାଣ ଦେଇ ଆଣ ଶାନ୍ତି ଓଟାରି ଲୁହରୁ ।
> ଦୈତ୍ୟ କବଳୁଁ ଉଦ୍ଧର ପ୍ରୀତି ମମତା ।।'' ('ହଟାଅ ହଟାଅ' – 'ଶାନ୍ତିଶିଖା', ପୃ. ୬)

ଏଇ ଯୁଦ୍ଧର ଭୟାବହତା ଭିତରୁ ତାଙ୍କର 'ଶାନ୍ତିର କପୋତ' ('ଶାନ୍ତିଶିଖା', ପୃ.୧)ର ପରିକଳ୍ପନା ସବୁକାଳର ଯୁଦ୍ଧ ବିରୁଦ୍ଧରେ ଏକ ଉଦ୍ଧତ ଉଦ୍‌ଘୋଷଣା । ସେତେବେଳେ କୋରିଆ ଓ ମାଳୟଠାରେ ଚାଲିଥିବା ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ବିରୁଦ୍ଧରେ ଜାତୀୟତାବାଦୀମାନଙ୍କର ସଂଗ୍ରାମ ଓ ପ୍ରାଣଦାନ ପ୍ରତି ସେ ଅତ୍ୟନ୍ତ ସହାନୁଭୂତି ସମ୍ପନ୍ନ ହୋଇପଡ଼ିଛନ୍ତି । ଏକ ନୂଆ ପୃଥିବୀର ଅଭ୍ୟୁଦୟ ପରିକଳ୍ପନାରେ ସେ ଅତ୍ୟନ୍ତ ଆଶାୟୀ । ବାରୁଦର ବଉଦକୁ ଅତିକ୍ରମ କରି ଶାନ୍ତିର ଦୂତ ଶାନ୍ତି କପୋତ ଉଡ଼ିଯିବ ଏବଂ ସମଗ୍ର ବିଶ୍ୱରେ ଶାନ୍ତିର ବାଣୀ ପ୍ରଚାର କରିବ । ପୁଣି 'ଏସିଆର ମର୍ମପାଖେ' ('ଶାନ୍ତିଶିଖା' ପୃ. ୮) କବିତାରେ ସେ ପରିପକ୍ବନା କରିଛନ୍ତି ଯେ ଏକ ନୂତନ ଏସିଆ ହାତରେ ଶାନ୍ତିର ପତାକା ଧରି ଏକ ନୂତନ ଶପଥ ପାଇଁ ଆହ୍ୱାନ ଜଣାଉଛି । ଧ୍ୱଂସ ନୁହେଁ, ସୃଷ୍ଟି ତା'ର ଏକମାତ୍ର କାମନା । ଦୁନିଆର ସମସ୍ତ ଦୁଃଖ ଓ ଯନ୍ତ୍ରଣାକୁ ଛାତିରେ ବହନକରି ତଥାପି ତାଙ୍କୁ ଶାନ୍ତି ଉଦ୍ଦେଶ୍ୟରେ ଯାତ୍ରା କରିବାକୁ ହେବ, ଆଲୋକର ସନ୍ଧାନ କରିବାକୁ ହେବ । ମୃତ୍ୟୁର ଭୟ ଦଳି ମଣିଷର ଜୀବନ ସଂଗ୍ରାମ ଆଗୁଆଳ ହେବ । ଶିଶୁର କଟାଳ, ବିଲର ମଟାଳ, ଖେତ, ଖଳା, ଖାଦାନ – ଏକ ନୂଆ ରୀତିରେ ହସିଉଠିବ । ମଣିଷ ସଭ୍ୟତା ଏକ ନୂତନ ପ୍ରତ୍ୟୟ ଓ ସନନ୍ଦରେ ହେବ ଆତ୍ମହରା ('ଆଣ ନୂଆ ରୀତିରେ' – 'ଶାନ୍ତିଶିଖା' ପୃ. ୧୬) ।୧୮। ଏହିପରି ଅନେକ କବିତାରେ କବିଙ୍କ ଯୁଦ୍ଧକାଳୀନ ଦୃଷ୍ଟିଭଙ୍ଗୀ ଶାନ୍ତିର ଦୁର୍ବାର କାମନାରେ

---

।୧୮। ଏ କବିତାଟି କଲିକତାରେ ଅନୁଷ୍ଠିତ ଶାନ୍ତି ସମ୍ମିଳନୀ (୧୯୫୨)ରେ ପଠିତ ହୋଇଥିଲା । ସେତେବେଳେ କୋରିଆ ଯୁଦ୍ଧରେ ମୃତ ଓ କ୍ଷତବିକ୍ଷତ ଜାତୀୟବାଦୀମାନଙ୍କ ପ୍ରତି ଭାରତ ସମବେଦନା ଜ୍ଞାପନ କରିଥିଲା ।

ପୂର୍ବକଥିତ ବିପ୍ଳବାତ୍ମକ ମାର୍କସୀୟ-ଲେନିନ୍ ଚିନ୍ତାଧାରାଠାରୁ ଅପସାରିତ ହୋଇଯାଇଛି । ଏହା ସ୍ୱାଭାବିକ ମଧ୍ୟ । ତେଣୁ ତାଙ୍କ କବିତାରେ ଦ୍ୱିତୀୟ ମହାଯୁଦ୍ଧଠାରୁ କୋରିଆଯୁଦ୍ଧ ଶେଷ ପର୍ଯ୍ୟନ୍ତ ଏକ ଶୃଙ୍ଖଳିତ ଶାନ୍ତିନିର୍ଭର ଚିନ୍ତାଧାରା ଅବ୍ୟାହତ ଭାବେ ପ୍ରକାଶ ପାଇଛି :

''ଶାନ୍ତି ଭରସା ଆଶା/ଶାନ୍ତି ମରମ ଭାଷା
ଶାନ୍ତି ଜୀବନ ପତ ସାହାରେ/ଶାନ୍ତି ସରିତ ପ୍ରୀତି  ବାହାରେ......।''

['ଶାନ୍ତିର କପୋତ'  ('ଶାନ୍ତିଶିଖା'-ପୃ.୧)]

ବିଶେଷତଃ ୧୯୪୫ରେ ଜାପାନର ନାଗାସାକି ଓ ହିରୋସୀମାରେ ଆମେରିକାର ପରମାଣୁବୋମା  ନିକ୍ଷେପ ଓ ଲକ୍ଷ ଲକ୍ଷ ନିରୀହ ଜନତାଙ୍କ ମୃତ୍ୟୁଜନିତ ମୃତ, ଅର୍ଦ୍ଧମୃତ ଓ ପୀଡିତର ଆର୍ତ୍ତନାଦ କବିଙ୍କ ଦରଦୀ ଅନ୍ତରରେ ପ୍ରତିଧ୍ୱନିତ ହୋଇଛି । ଏହିଶାନ୍ତି ପରିକଳ୍ପନା ଦେଶକାଳ-ପାତ୍ରର ସୀମାରେଖା ଡେଇଁ ଏକ ବୃହତ୍ତର ମଣିଷ  ସମାଜର ମୈତ୍ରୀ ଅଭିମୁଖୀ ପ୍ରଚାରରେ  ମୁଖର । ସେ ଶାନ୍ତି, ସାହୁକାରର ଲୋଲୁପ ଋଣଜାଲ ନୁହେଁ, କୋଇଲା କଳା ଓ ଚଟକଳର ଶ୍ରାନ୍ତ ଶ୍ରମିକର ଅଶ୍ରୁ ଓ ସ୍ୱେଦ ନୁହେଁ, କିମ୍ବା ମୂଲିଆର ଶ୍ରମରେ ମାଲିକର ସମ୍ପତ୍ତି ବୃଦ୍ଧି ନୁହେଁ, କିମ୍ବା ମଣିରେ ବ୍ୟକ୍ତିଗତ ସ୍ୱାଧୀନତାକୁ ବନ୍ଧାପକାଇବା ନୁହେଁ, ଏହି ଶାନ୍ତି ପରିକଳ୍ପନାରୁ କବି ଏକ ସୁଖୀ, ସୁନ୍ଦର, ଶ୍ରମନିର୍ଭର ସାମ୍ୟବାଦୀ ସମାଜର ଉଚ୍ଚ ଗୌରବଗାନରେ ମୁଗ୍ଧ ହୋଇ ନିଜ ଦେଶର ସ୍ୱାଧୀନତା ପରବର୍ତ୍ତୀ ପରିସ୍ଥିତିକୁ ମଧ୍ୟ ବ୍ୟଙ୍ଗ କରିଛନ୍ତି :

''ଶାନ୍ତି ନୁହେଁ, ଦିଲ୍ଲୀ ବାରବାଟୀ ପୁରେ/ଧଳା କଳା କ୍ଳବ ଘରେ

ମଦ୍ୟପାୟୀ ନୃତ୍ୟ ତଳେ/ବ୍ୟୁରୋକ୍ରାସି ବୁଟ୍ ବଳେ

ମସୁଧାର-ଅସିଧାର-ରୀତି ହୃଦଫଟାଳି ।'' ('ଆହେ ମହାଗଣକ')

**ଅସ୍ତିତ୍ୱବାଦୀ ଚେତନା :**

ଯୁଦ୍ଧ ପୃଥିବୀ ମଣିଷ ପ୍ରାଣରେ ଆଣିଛି ନବ-ଜାଗୃତିର ଆକାଙ୍କ୍ଷା । ଏକ ଅସହାୟ 'ନେତିବାଦ'ରୁ ଆସିଛି ଦୃଢ଼ 'ଅସ୍ତିତ୍ୱବାଦ' (Existentialism) । ଭୟଙ୍କର ମାରଣାସ୍ତ୍ର ପାଖରେ ବ୍ୟକ୍ତି-ମଣିଷର ବଞ୍ଚିବାର ସଫଳ ସ୍ୱପ୍ନ ଯେତେବେଳେ ଚୂରିହୋଇଯାଇଛି, ମଣିଷ ନିଜକୁ ତା' ନିଜ ଗଡ଼ା ଗୋଷ୍ଠୀ-ସମାଜ ଓ ଧର୍ମଠାରୁ ବଡ଼ ମନେକରିବା ସ୍ୱାଭାବିକ । ଏଇ ଅସ୍ତିତ୍ୱବାଦର ସ୍ୱର ୟୁରୋପୀୟ ସାହିତ୍ୟରେ ଆଲୋଚ୍ୟ ସମୟରେ ଜାଁପଲ ସାର୍ତ୍ରେ, ଆଲ୍ବୟାର କାମ୍ୟୁ ତଥା ଫ୍ରାନଜ୍ କାଫ୍‌କାଙ୍କ କଥା-ସାହିତ୍ୟରେ ବ୍ୟାପ୍ତ ହୋଇଥିବା ଲକ୍ଷ୍ୟ କରାଯିବ । ''ଦ୍ୱିତୀୟ ମହାଯୁଦ୍ଧ ପରେ ନାଜୀବାହିନୀ ହାତରେ ୟୁରୋପୀୟ ସାହିତ୍ୟ, ସଂସ୍କୃତିର ଉତ୍ସଦେଶ ଫ୍ରାନ୍ସର ବିପର୍ଯ୍ୟୟ ଫରାସୀ ଦାର୍ଶନିକ ଓ ସାହିତ୍ୟିକମାନଙ୍କର ମନର ଶୂନ୍ୟତାକୁ ପ୍ରକଟିତ କରିବା ସଙ୍ଗେ ସଙ୍ଗେ  ଚିରାଚରିତ ବିଶ୍ୱାସରେ ଗଭୀର ସଙ୍କଟ  ସୃଷ୍ଟି କରିଥିଲା । ସାହିତ୍ୟିକ, ଦାର୍ଶନିକ ଜାଁପଲ ସାର୍ତ୍ରେ ଏହି ସଙ୍କଟରୁ ମୁକ୍ତି ପାଇଁ ଅସ୍ତିତ୍ୱବାଦୀ ଦର୍ଶନକୁ ସାହିତ୍ୟରେ ରୂପାୟିତ କରିଥିଲେ । ଏହି ବିଶ୍ୱାସର ସଙ୍କଟ କେବଳ ଯୁଦ୍ଧୋତ୍ତର ଫ୍ରାନ୍ସର ଭୌଗୋଳିକ ସୀମା ମଧ୍ୟରେ ସୀମିତ ନଥିଲା, ତାହା ଥିଲା ୟୁରୋପର ଚିନ୍ତାଶୂନ୍ୟତା,ବିଶ୍ୱାସ, ସଙ୍କଟ ତଥା ସାରା ପୃଥିବୀର ସମସ୍ୟା । ତେଣୁ  ସାର୍ତ୍ରେଙ୍କ ପ୍ରଚାରିତ ସାହିତ୍ୟତତ୍ତ୍ୱ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଥିଲା ।''।୧୯। ଉଣାଅଧିକେ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ ଭାରତୀୟ ଚିନ୍ତାମାନସରେ ସେହି ଦ୍ୱନ୍ଦ୍ୱ

।୧୯। ସାଂପ୍ରତିକ ସାହିତ୍ୟ – ବିଭୂତି ପଟ୍ଟନାୟକ ପୃ. ୧୨୩

ସୃଷ୍ଟି କରିଥିଲା, ଯହିଁରୁ ଉଦ୍ଭୂତ ହୋଇଥିଲା ସମାଜ, ଧର୍ମ-ବ୍ୟବସ୍ଥା ପ୍ରତି ଏକ ଅନାସ୍ଥାଭାବ । ବିଶେଷତଃ ମାର୍କସିଷ୍ଟ କବିମାନେ ଯେଉଁ ସମାଜର ପରିକଳ୍ପନା କରିଥିଲେ, ସେ ସମାଜରେ ଧର୍ମ ବା ସମାଜପତିର କୌଣସି ଗୁରୁତ୍ୱ ନାହିଁ, ଏପରିକି ଏମାନେ ଅସ୍ୱୀକୃତ ମଧ୍ୟ । କିନ୍ତୁ ଯୁଦ୍ଧ ମଣିଷ ମନର ସେଇ ଭାବନାକୁ ଆହୁରି ଅସହାୟ କରି ତା' ମନରେ ପାରମ୍ପରିକ ମୁକ୍ତି କାମନା ଅପେକ୍ଷା ଯେକୌଣସି ମତେ ବଞ୍ଚିବାର ଯେଉଁ ଆନ୍ତରିକ ଆସକ୍ତି ସୃଷ୍ଟି କରିଥିଲା, ସମସାମୟିକ ସାହିତ୍ୟ ଚେତନାରେ ଏହା ଅନେକ ସ୍ପଷ୍ଟ ହୋଇପାରିଛି । ଏହି ପରିପ୍ରେକ୍ଷୀରେ କବି ଅନନ୍ତ ପଟ୍ଟନାୟକଙ୍କ କବିତା 'ମୁଁ ଅଛି', ''ଫୁଟିବି ମୁଁ ଫୁଟିବି', 'ମୁଁ ଏଇ ଜନ୍ମିଲି ଆରେ' ଆଦିକୁ ଆଲୋଚନା ପରିସରଭୁକ୍ତ କରାଯାଇପାରେ । ସବୁ ଧ୍ୱଂସ, ସବୁ ରୋଗ ଓ ମୃତ୍ୟୁ ମଧ୍ୟରେ ମଣିଷ ତଥାପି ବଞ୍ଚିବ । ଯୁଦ୍ଧ ମଣିଷ ସମାଜକୁ ଧ୍ୱଂସର ସାହାରାର ପରିଣତ କଲେ ବି ତଥାପି ସେଠାରେ ରହିବ ଜୀବନର ସବୁଜ ଓଏସିସ୍ । ମଣିଷ ଜାତିକୁ ଯୁଦ୍ଧ ନିଶ୍ଚିହ୍ନ କରିପାରିବ ନାହିଁ । ମଣିଷର ଦୁର୍ବାର ଜୀବନ-ସଂଗ୍ରାମ ତଥାପି ରହିବ ଅବ୍ୟାହତ ।୨୦। ଅନ୍ୟ ଏକ କବିତାରେ ଏହି ସ୍ଥିତିବାଦୀ ଚେତନା ଆହୁରି ଉଦ୍ଧତ ଭାବରେ ପ୍ରକାଶିତ । ଆଣବିକ ଯୁଗର ଯୂଇ ଆଉ ଜିନିଆ ହୋଇ ଏଇ ମଣିଷ ତଥାପି ବଞ୍ଚିବ ଓ ଆତ୍ମପ୍ରକାଶ କରିବ । ତାହାର ପ୍ରସ୍ଫୁଟିତ ପାଖୁଡାରେ ଶାନ୍ତି ଓ କ୍ରାନ୍ତିର ସଙ୍ଗୀତ ଉଚ୍ଚାରିତ ।୨୧। ପୁଣି ସେଇ ଅସ୍ତିତ୍ୱକୁ ଧ୍ୱଂସ କରିବାକୁ ସମସ୍ତ କମାଣ ମଧ୍ୟ ଅସମର୍ଥ ହୁଏ ସେ ପ୍ରବୁଦ୍ଧ ଓ ନିତ୍ୟ ଅଭାଜନ । ଶସ୍ୟହୀନ ପ୍ରୀତିର ପନ୍ତାରେ ଏବଂ ବୀର୍ଯ୍ୟହୀନ କାଳର କାନ୍ତାରରେ ତା'ର ଜନ୍ମ ସଂପୂର୍ଣ୍ଣ ରହସ୍ୟାଚ୍ଛନ୍ନ । କିଏ ତା'ର ବାପା, ମାଆ, ଭାଇ ଓ ଭଉଣୀ ? କେଉଁଟି ତା'ର ସମାଜ ଓ ଧର୍ମସଂସ୍କାର ସେ ଜାଣେନାହିଁ । ସେ କେବଳ ଜନ୍ମନେଇଛି ଓ ଅଛି । ଏହାହିଁ ଯେପରି ଏକମାତ୍ର ପରିଚୟ ।୨୨।

**ବାସ୍ତବବାଦୀ-ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ :**

ଏହି ସ୍ଥିତିବାଦୀ ଭାବଧାରା ବହୁ କବିତାରେ ପ୍ରଚାରିତ ହୋଇଥିଲେ ମଧ୍ୟ ଏହି କବିଙ୍କ କାବ୍ୟମାନସ ଉତ୍ତର-ପଚାଶରେ ଏକ ଭିନ୍ନ ଧାରାରେ ଗତିଶୀଳ ହୋଇଛି । ଏହି ଭାବନାରେ ସ୍ୱାଧୀନତା ପରବର୍ତ୍ତୀ ସ୍ୱପ୍ନଭଙ୍ଗର ଦୃଷ୍ଟାନ୍ତ ଯେତିକି ବିମୂର୍ତ୍ତ, ଏକ neoromantic ଦୃଷ୍ଟିଭଙ୍ଗୀ ମଧ୍ୟ ସେତିକି ପ୍ରତିପନ୍ନ । ଏକ ଅଦ୍ଭୁତ ମିଶ୍ର ପ୍ରକ୍ରିୟା ପରି ମନେହେଲେ ବି ସ୍ୱାଧୀନତା ପରବର୍ତ୍ତୀ, ବିଶେଷତଃ ଉତ୍ତର-ପଚାଶର କବିତାରେ ଏହା ଏକ ନିଶ୍ଚିତ ବିଭାବ ଭାବରେ ବହୁ ସମସାମୟିକ କବିଙ୍କ କାବ୍ୟମାନସକୁ ଆବୋରି ବସିଛି । ତେଣୁ କବି ପଟ୍ଟନାୟକ ତାଙ୍କ କବିତାରେ ବିପ୍ଳବାତ୍ମକ ଆଭିମୁଖ୍ୟ ତଥା ସ୍ଥିତିବାଦୀ ଚେତନାକୁ ପରିହାର କରି ଏକ ବାସ୍ତବବାଦୀ ରୋମାଣ୍ଟିକ୍ ଭାବବିଳାସ ଭିତରେ ଆତ୍ମମଗ୍ନ ହୋଇଛନ୍ତି । ଏଥିରେ ବିସ୍ମିତ ହେବାର କିଛି ନାହିଁ । ହୁଏତ ଏହା ହୋଇପାରେ ରଣକ୍ଳାନ୍ତ ସୈନିକର ମୁହୂର୍ତ୍ତକର ପଛଘୁଞ୍ଚା (retreat) କିମ୍ବା ସ୍ୱାଧୀନତା ପରବର୍ତ୍ତୀ ସାମାଜିକ ଜୀବନର ବାସ୍ତବ ଚିତ୍ର ଦର୍ଶନଜନିତ ବିତୃଷ୍ଣା ଓ ବୈରାଗ୍ୟ । ତେଣୁ କବିଙ୍କ ରଚିତ ସ୍ୱାଧୀନତା ପରବର୍ତ୍ତୀ ରଚନାରେ ଏହି ଆଭିମୁଖ୍ୟ ଅତି ସ୍ପଷ୍ଟ ଭାବରେ ପ୍ରକଟିତ । ଉଦାହରଣ ସ୍ୱରୂପ -

> ''ମେଘକନ୍ୟା ସେ, ପ୍ରେମ ଅନନ୍ୟା ଝରେ/ଖୋଲା କବରୀରୁ ଉଡାଏ କୃଷ୍ଣଚୂଡା,
> ମରୁପ୍ରାନ୍ତରେ ବେସୁରା ବଂଶୀ ବଜା, ସଜଳ ହୃଦେ ତା' ହୃଦ ଉତ୍ତାପ ବୁଡ଼ା ।
>
> * * *

।୨୦। 'ମୁଁ ଅଛି' - ଶାନ୍ତିଶିଖା ପୃ. ୭

।୨୧। ଫୁଟିବି ମୁଁ ଫୁଟିବି - ଶାନ୍ତିଶିଖା - ପୃ. ୧୩

।୨୨। ମୁଁ ଏଇ ଜନ୍ମିଲି ଆରେ - ଛାଇର ଛିଟା - ପୃ ୧. ଝଙ୍କାର ଏପ୍ରିଲ ୧୯୫୭

ଘରକରଣାର ଦୁର୍ବହ ଭାରେ ନତା/ଶ୍ରମାତୁର ଦେହେ ଶତ ଦାରିଦ୍ର୍ୟ ଦାହ
ପ୍ରୀତି–ଇତିହାସ ପୃଷ୍ଠାର ଚିରା ସୂଚୀ/ଅପମୃତ୍ୟୁରେ ଆଗାମୀର ଅବଗାହ !''

['ମେଘକନ୍ୟା' ('କିଞ୍ଜଳ୍କ' – ପୃ. ୧୭)]

ଏ କବିତାର ପ୍ରଥମ ଅଂଶ ଓ ଦ୍ୱିତୀୟ ଅଂଶକୁ ସତର୍କତାର ସହିତ ବ୍ୟବଚ୍ଛେଦ କଲେ ଆମେ ଏକ ରୋମାଣ୍ଟିକ୍ ଚେତନା ସହିତ ବାସ୍ତବବାଦୀ ଚେତନାର ସମାହାର ଉପଲବ୍ଧି କରିବା । ଜଣେ ସଂଗ୍ରାମୀ କବିର କବିତାରେ ମେଘକନ୍ୟା, କୃଷ୍ଣଚୂଡା, ବେସୁରା ବଂଶୀଆଦି ଶବ୍ଦବିଳାସ ଅତି ବେଖାପ ମନେହେଲେ ବି ଏହା ହିଁ ନିର୍ଦ୍ଦିଷ୍ଟ ଭାବେ ସ୍ୱାଧୀନତା ପରବର୍ତ୍ତୀ କାଳର କାବ୍ୟାନୁଚିନ୍ତାର ସୂଚନା ବହନ କରିଅଛି । କେବଳ ଅନନ୍ତ ପଟ୍ଟନାୟକ କାହିଁକି, ଶ୍ରୀ ସଚ୍ଚି ରାଉତରାୟ, ଶ୍ରୀ ବିନୋଦ ନାୟକ, ଡକ୍ଟର କୁଞ୍ଜବିହାରୀ ଦାଶ, ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ଆଦି ବହୁ କବିଙ୍କ ସଂପର୍କରେ ଏହି ମନ୍ତବ୍ୟ ସିଧାସଳଖ ପ୍ରଯୁଜ୍ୟ ହୋଇପାରିବ । କବି ପଟ୍ଟନାୟକଙ୍କ 'କିଞ୍ଜଳ୍କ' କବିତା ସଙ୍କଳନ (୧୯୭୫)ର ଅଧିକାଂଶ କବିତା ଏହି ପର୍ଯ୍ୟାୟଭୁକ୍ତ । ପୁନଶ୍ଚ ଏହାପରେ ରଚିତ 'ବର୍ଷାର ସନ୍ଧ୍ୟା' (ଜୁନ୍ ୧୯୫୮), 'ସାୟାହ୍ନେ' (ଅଗଷ୍ଟ ୧୯୫୮), 'ପାଣିଖରା' (ସେପ୍ଟେମ୍ବର ୧୯୫୮), 'ଛବିର ଛାଇ' (ଅକ୍ଟୋବର ୧୯୫୮), 'ଆଉ ଏବେ ଡ଼େରି କିଆଁ, (ଅକ୍ଟୋବର ୧୯୫୭), 'ଜହ୍ନର ଝଡ଼ ଆଜି ନଇଁଲା', 'କାର୍ତ୍ତିକ ବର୍ଷା' ଆଦି ବହୁ କବିତାରେ ଏହି ଦୃଷ୍ଟିଭଙ୍ଗୀ ପ୍ରତିଫଳିତ । ଏ ସବୁ କବିତାରେ ତାଙ୍କ କାବ୍ୟମାନସର ଏକ ବିମର୍ଷ ବେଦନା ସହଜରେ ଉପଲବ୍ଧି କରାଯିବ ।

''ଆଜି ଶ୍ଳଥ–ଚୁମ୍ବନ ନିଶା ଗୋ/ଆଜି ନିର୍ଦ୍ଦୟ ଦୟା–ବିସାରେ ମେଘର
ହଜିଯାଏ ପ୍ରୀତି–ଦିଶା ଗୋ/ଲୁଣ୍ଠିତ ପ୍ରୀତି–କୁଟୀରେ ଅନାଇ
ଲୋଡୁଥିବ କେଉଁ ପ୍ରାଣର କହ୍ନାଇ/ଅନାହାରେ ଗାଇ କେଦାରେ କାମୋଦୀ
ଆହରି ଆହାରୀ –କଳସାରେ ।'' ('କାର୍ତ୍ତିକ ବର୍ଷା' – 'କିଞ୍ଜଳ୍କ' ପୃ. ୭୩)

ଅଦିନ ବର୍ଷାର ସନ୍ଦର୍ଶନରେ କବି ମନର ଭାବନାରାଜି ଦୂରକୁ ଦୂରକୁ ସଞ୍ଚରଣ କରିଯାଇଛି, ପୁଣି ନିକଟବର୍ତ୍ତୀ ଦୁଃଖ ଓ ଖେଦର ଘୂର୍ଣ୍ଣିରେ ହୋଇଛି ଧରଣୀଲଗ୍ନା । ଏହି ବିମର୍ଷ ବେଦନା ଭିତରେ ଆସିଛି ପ୍ରେମ, ପ୍ରଣୟ ପ୍ରତି ଏକ ସ୍ୱାଭାବିକ ଆହତ ଦୃଷ୍ଟିଭଙ୍ଗୀ – ଏହାକୁ ଆଣ୍ଟିରୋମାଣ୍ଟିକ୍ ଚେତନା ମଧ୍ୟ କୁହାଯାଇପାରେ । ମୁଁ ଶ୍ରୀ ଦୀପକ ମିଶ୍ରଙ୍କ ମନ୍ତବ୍ୟ ସହ ସଂପୂର୍ଣ୍ଣ ଏକମତ ଯେ – ''ରୂଢ଼ ବାସ୍ତବବାଦ ଉପରେ ତାଙ୍କର ପ୍ରେମ ପ୍ରତିଷ୍ଠିତ ହୋଇଥିବାରୁ ଏହା କେତୋଟି ଗୀତିମୟ ଉଚ୍ଛ୍ୱାସ ବା ଭାବପ୍ରବଣ ଉଦ୍‌ବୋଧନ ନଦେଇ ସମାଜ ତଥା ଜୀବନର ଏକ ସାମୂହିକ ଆଲୋଡ଼ନର ଚିତ୍ର ଦେଇଥାଏ ।୨୩। ଉଦାହରଣ ସ୍ୱରୂପ ତାଙ୍କର ସ୍ପଷ୍ଟ କଥନ –

''ପ୍ରେମେ ନାହିଁ ମୋର ମଦିର ଆବେଶ, ନାହିଁ ଅବସାଦ ଗନ୍ଧ
ଆଗୋ, ମୁଲାୟମ ସୁରେ ରଚିତ ନୁହେଁ ମୋ ଛନ୍ଦ,
କୋଟି ଜୀବନର ବିକ୍ଷତ ପ୍ରାଣ ସ୍ୱପ୍ନେ କରିଛି ଅନ୍ଧ
ନବ ଯୌବନେ ସିକ୍ତ ହୃଦୟ ପ୍ରଳୟର ପାଶେ ଠିଆରେ ।''

('ଲୋଡାନାହିଁ' – 'ଅଲୋଡ଼ାଲୋଡା' ପୃ. ୭)

---

।୨୩। କବି ଅନନ୍ତ ପଟ୍ଟନାୟକଙ୍କ ସଂପର୍କୀୟ ଆଲୋଚନା–ଝଙ୍କାର –ମାର୍ଚ୍ଚ ୧୯୬୮ – ଶ୍ରୀ ଦୀପକ ମିଶ୍ର

ତାଙ୍କ ପ୍ରୀତି ପ୍ଲଟୋନିକ୍ ଓ ପଳାୟନମାନ ନୁହେଁ । ଶୂନ୍ୟତା, ହା ହା କାର ଓ ବିରହ ଯନ୍ତ୍ରଣାରେ ସେ ସଢ଼ନ୍ତି ନାହିଁ । ସମାଜ-ଆର୍ଥନୀତିକ ଚାପରେ ପେଷିହୋଇ ଆଧୁନିକ କବି ପ୍ରେମର ସେଇ ରୋମାଣ୍ଟିକ୍ ସ୍ୱପ୍ନ ପ୍ରବଣ ରୂପକୁ ଭୁଲିବସିଛି । ଅନ୍ତର କେବଳ ହଳାହଳର ବିଷଜ୍ୱାଳାରେ ପ୍ରଜ୍ୱଳିତ । ପୁଣି ସେ ହୁଏତ ପିରାଣିର ପତ୍ନୀ । ତେଣୁ ତା ଜୀବନର ଅସୀମ ସ୍ୱପ୍ନ ସ୍ୱପ୍ନରେ ହିଁ ମିଳେଇଯାଏ ।  କାଳି-ବାକିର ଜୀବନ ସମସ୍ତଙ୍କ ଆକଟ ଓ ଆପଟ ସହିବାକୁ ବାଧ । ସେପଟେ ଆକାଶଛୁଆଁ କୋଠାଘରେ ପିଆଲାର ଝନତ୍କାର, କ୍ରୁଁ ଛଇଳୀ, ଛାତ ଉପରେ ବୁଲି ବୁଲି ବହି ପଢୁଛି । ବହିପଢ଼ା ତା'ର ଆଳ ମାତ୍ର । କେଉଁ ନାଗର ତାକୁ ପାଚେରୀ ଉହାଡ଼ରୁ କଣେଇ କଣେଇ ଚାହୁଁଛି । ଏଣେ କିରାଣି ସ୍ତ୍ରୀର ବଉଳପାଟକୁ ଯାତନାର ଉଈ ଖାଇଯାଉଛି । କେତେ ବ୍ୟର୍ଥ କାମନା କୋରି କୋରି ତା' ଜୀବନକୁ ତଳିତଳାନ୍ତ କରୁଛି । ଫୁଲସଞ୍ଜରେ କରଜ ଟଙ୍କା ଆଦାୟ ପାଇଁ କାବୁଲି ଆସି ଡାକଦିଏ । ତା'ର ଋଣର ବୋଝ ଅଷାଢୁଆ ସୂତା ପରି ଅସରା ।୨୪। ପ୍ରେମ ଓ ପ୍ରଣୟ ପ୍ରତି ତେଣୁ ତାଙ୍କର  ବକ୍ତବ୍ୟ ଏକାନ୍ତ ବାସ୍ତବବାଦୀ । ତାଙ୍କ କବିତାରେ ପ୍ରେମ ଫୁଲର ନୁହେଁ, ଫସଲର ନୁହେଁ, ଏ ପ୍ରେମ ଶିଳାର ଆଉ ସୈକତର ।

''ଦେହରେ ପରା ଚଇତ ବନ ! / ସ୍ନେହରେ ପରା ମରୁ !
କାହିଁକି ମାଗ ନିମେଷ ଆଗୋ/ସରୁ ଏ ଯୁଗ ସରୁ !
ସେ ସଖି ! ଝରୁ ଏ ଯୁଗ ଝରୁ ।'' ('ଲେଉଟାଣି' - 'ଛାଇର ଛିଟା' - ପୃ. ୧୫୪)

ଅତ୍ୟନ୍ତ  ନୈରାଶ୍ୟରେ ତେଣୁ କବି-ମନର ଗହଳ ଆଶା ଓ ମହଳ ଭାଷା ଏକାକାର ହୋଇଛି ।  ସରାଗ ବିଲରେ ଖାଲି ବିରାଗର ଶସ୍ୟ । ଭାଇ ଭାଇ ଭିତରେ ହଣାକଟା ଓ କଳିତକରାଳ । ଦୂତ ପଠାଏ ଶାନ୍ତିବାର୍ତ୍ତା, ଏଣେ ଘରଣୀ ଥାଳ ଧରି ଦାଣ୍ଡରେ ଠିଆହୁଏ ।୨୫। ଏଇଭଳି ଅନେକ କବିତାରେ ଆମ ସାମାଜିକ ଜୀବନର ବେଦନାର୍ତ୍ତ କାହାଣୀର ବର ଉଦ୍‌କୂଳ । ତାଙ୍କ ନବତନ ରୋମାଣ୍ଟିକ୍ ଚେତନାକୁ ନିୟନ୍ତ୍ରିତ କରିଛି ବହୁ ବେଦନା ଦାୟକ ବ୍ୟକ୍ତିଗତ ଅନୁଭୂତି  ।

''-ଚାଉଳ ଆଉ ଗହମର ହା ହା କାରରେ/ପଳିତ ପତ୍ରଟିଏ ଭଳି
ଛିନ୍ନ ହସର କବିତାଟି ମୋର, / ଆଜିର-ତୁମର ତ ?
ଆଃ, ହରିତ ହୋଇଥିବ,/ଚାହାଣିର ସକଳ ଉଷ୍ମତାରେ ହିଁ ! / କେତେ କାହାର !''
('ଶୁକ୍ଳ ମେଘର ସୋଫାରେ' - 'ଛାଇର ଛିଟା' - ପୃ ୯୨)

ଏହି ସମୟରେ ସେ ଜୀବନକୁ ଏକ ଛାୟାବାଜି କିମ୍ବା ବଂଚନାର ବିଷାକ୍ତ ଆଘାତ ଭାବରେ ଗ୍ରହଣ କରିଛନ୍ତି । ତେଣୁ କବି ପୂର୍ବତନ ସମସ୍ତ ସଂଗ୍ରାମର ସର୍ତ୍ତକୁ ଭୁଲି ଯେପରି ବାସ୍ତବତା ଦ୍ୱାରା ଅତିମାତ୍ରାରେ କବଳିତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଏ । ଏହି ମର୍ମରେ ସ୍ୱାଧୀନତା ପରବର୍ତ୍ତୀ ଆମ ସମାଜର ବହୁ ଚିତ୍ର ତାଙ୍କ କବିତାରେ ପ୍ରତିଫଳିତ ହୋଇଥିଲେ ବି ଶଂସିତ କାଳରେ କବି ସମାଜ ବ୍ୟବସ୍ଥା ବିରୁଦ୍ଧରେ ଉଗ୍ର ସ୍ୱର ଉତ୍ତୋଳନ ନକରି ପ୍ରାୟ ଆତ୍ମଗୋପନ କରିଛନ୍ତି । ଏଇ ପୃଷ୍ଠଭଙ୍ଗର ଭୂମିକା ଉପରେ ତାଙ୍କ କବିତାର ଦୁର୍ବଳତାକୁ ବିଚାର କରାଯାଇପାରେ । ବେଳେବେଳେ ବ୍ୟକ୍ତିଗତ ପ୍ରେମାନୁରାଗକୁ ଉତ୍କଟ ବାସ୍ତବତାର ପରିବେଶ ମଧ୍ୟରେ ପ୍ରକାଶ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସଂଗ୍ରାମ ବିମୁଖ ମନ ଯେଉଁ ନବୀନ ରୋମାଣ୍ଟିକ୍ ଆଭିମୁଖ୍ୟକୁ ଆବୋରି ବସିଛି, ତାହା ଉତ୍ତର-ପଚାଶର ଅନେକ କବିତାରେ ପ୍ରାଂଜଳ । ଏହିପରି

---

।୨୪। 'ନୂଆ ବୋହୂଟି ସେ ଅନେଇ ଥାଏ' - 'ଅଲୋଡା ଲୋଡ଼ା ପୃ ୭୭, ଝଙ୍କାର ମାର୍ଚ୍ଚ ୧୯୬୮
।୨୫। 'ବରଫ ଧରିଚି ଫୁଲ' - କିଂଚିତ୍ ପୃ. ୪୨
।୨୬। 'ଚଇତି ଚିଠି ଆଜି' - ଝଙ୍କାର ୬ଷ୍ଠ ବର୍ଷ-୧ମ ସଂଖ୍ୟା, ଏପ୍ରିଲ ୧୯୫୪

କେତୋଟି କବିତାର ଉଦାହରଣ 'ଚଇତି ଚିଠି ଆଜି', 'ଚଲା ବଉଦରେ', 'ଅସରା ଶ୍ରାବଣର' ଇତ୍ୟାଦି ।୨୬। ମେଘ, ପଳାଶ, ବଉଳ, କେତକୀଦଳ, ପଦ୍ମକଳିକା, ଅସରା ଶ୍ରାବଣ, ସ୍ନେହର ସଳିତା ଆଦି ଶବ୍ଦପୁଞ୍ଜ ଓ ଚିତ୍ରଚେତନା ମଧ୍ୟରେ ତାଙ୍କ କବିତାର ରୋମାଣ୍ଟିକ୍ ଧାରା ସ୍ପଷ୍ଟ ହୋଇଉଠେ, କିନ୍ତୁ ଏଇ କବିତାରେ ଏପରି ପଙ୍‌କ୍ତି ରହିଛି, ଯାହା ଜଣେ କଲ୍ୟାଣଦ୍ରଷ୍ଟା କବିର ପୌରାଣିକ ବାଣୀପରି ଚିର ସତେଜ ଓ ସ୍ମରଣୀୟ ।

''ଜୀବନ ନୋହେ ପରା ନିୟମ ନିଗଡ଼ ଗୋ,
ଦେଏଣା-ପାଉଣାର ହିସାବ କଷାକଷି
ନିମେଷ ପରିଚୟ ନିମେଷ ଉପଚୟ
ମଦିର ପରଶରେ ଅଧୀର ହସାହସି ।'' ('ଅସରା ଶ୍ରାବଣର' - 'କିଂଚିତ୍' - ପୃ. ୧୨)

ପ୍ରାକ୍-ସ୍ୱାଧୀନତା କାଳୀନ ତାଙ୍କ କବିତାର ତୀବ୍ର ଓ ଶାଣିତ ଭାବପ୍ରତ୍ୟୟକୁ ଏ ଦୁର୍ବଳତା ଶଂସିତ  କାଳରେ ଅତି କ୍ଲିଷ୍ଟ ଓ ଅସ୍ପଷ୍ଟ କରିଦେଇଛି । ଏହି ସମୟରେ ରଚିତ ଅଧିକାଂଶ କବିତାରେ ଆନୁପ୍ରାସିକ ଶବ୍ଦସମ୍ଭାର ଓ ଅତ୍ୟଧିକ ସୂଚନାତ୍ମକତା ବହୁ ସମୟରେ ଅର୍ଥର ପ୍ରତ୍ୟୟ  ସୃଷ୍ଟିରେ ଅନ୍ତରାୟ ସୃଷ୍ଟି କରିଅଛି । ବହୁ କବିତାର ଭାବ ଓ ଆଙ୍ଗିକରେ ଏହି ଦୁର୍ବଳତା ପରିଲକ୍ଷିତ ହେଲେ ବି ସ୍ୱାଧୀନତା ପରବର୍ତ୍ତୀ ସମାଜର ବାସ୍ତବ ଚିତ୍ରକୁ ପ୍ରକାଶ କରିବାରେ ତାଙ୍କ କବିତାରେ ସଯତ୍ନ ଉଦ୍ୟମ ରହିଅଛି ।

''କାଲି ସନ୍ନ୍ୟାସୀ ଆଜି ମନ୍ମଥ-ସାଥୀ,/ଫୁଟ୍‌ପାଥ୍ କୋଳେ ନିଶିଗଂଧାର ରାସ,
ସଖି, ସଂଗୀତ ଘନ ଶୃଙ୍ଗାର-ଜବା, / ପୂର୍ଣ୍ଣିମା ଜଳେ, ପତ୍ନୀ କି ପଳାତକା,
ବ୍ୟର୍ଥ ଗୃହୀ କି ସୁରା ସ୍ୱପ୍ନର ଦାସ, /ସଖିଲୋ, ପାଛ ତୁମେ ପ୍ରସ୍ତର ଗଭା ।''
('ସମ୍ବାଦ' - 'କିଂଚିତ୍', ପୃ. ୧୩)

ଏହିପରି ଅନେକ ବିସମ୍ବାଦରେ ତାଙ୍କ କବିତାର ସ୍ୱର ବେଶ୍ ବ୍ୟଞ୍ଜନାତ୍ମକ । ଏଠି ଶ୍ରେଷ୍ଠୀ ପଦ୍ମଭୂଷଣ ଉପାଧି ପାଏ, ଅଥଚ ଭିକାରି ମୁଠାଏ ତଣ୍ଡୁଳ ପାଏନାହିଁ । ବନ୍ୟାକ୍ଲିଷ୍ଟଙ୍କ ପାଇଁ ସାମାନ୍ୟ ସାହାଯ୍ୟ ଦେବାକୁ ପରାଙ୍ମୁଖ ଧନପତି ସଭା-ସମିତିରେ ପରମ କାରୁଣିକ ଭାବରେ ଲୁହ ଗଡାଏ । ଏହିପରି ବହୁ ବିରୋଧାଭାସର ସମଷ୍ଟି ଏ 'ସମ୍ବାଦ' । ତେଣୁ କବି ସ୍ୱରାଜ୍ୟକୁ 'ମୃତ୍ୟୁର ସ୍ୱରାଜ୍ୟ' ବୋଲି କହିଛନ୍ତି ଏବଂ ଡାକୁ ହାତରେ ଚରଖା ଚାଲୁଥିବା କଥା କ୍ଷୋଭରେ ପ୍ରକାଶ କରିଛନ୍ତି । ବୁଦ୍ଧ ଆଉ ଗାନ୍ଧିର ଦେଶରେ ଅନାହାରରେ କେତେ ଶିଶୁ ଲୋଟିଯାଉଛନ୍ତି । ଏପରି ସ୍ୱରାଜ୍ୟ ନ ଆସିବା ବରଂଭଲ ।୨୭। ନିମ୍ନ କବିତାଟିରେ ଏଇ ସାମାଜିକ ବ୍ୟଞ୍ଜନାର ସ୍ୱର ଆହୁରି ତୀବ୍ର ।

''ଆଜି ତ ମଣିଷ ଢ଼ଳିପଡ଼େ ଭୋକେ,/ଆଜି ତ ଶିଶୁର ଛାତିରେ ଗୁଳି,
ମୁହେଁ ମୁହେଁ ଖାଲି ସାମ୍ୟବାଦ ହୋ ! /ହାତୁଁ ହାତେ ଛୁରୀ ଯାଉଛି ବୁଲି ! ×××
କାଲି ଯେଗାଇଲା ଜନ-ବଂଦନା/ହାତରେ ତା' ଚୋରା ପୁଂଜିବାନା !
ସତ୍ୟାଗ୍ରହୀର ସତ୍ୟ-ଶିବିରେ/ଆଜି ତ ସାହେବୀ ଡିନର ଖାନା !''
('ରକ୍ତ ସାଗରେ ମର୍ମ ଫୁଟେ' - 'ଛାଇର ଛିଟା' - ପୃ. ୫୨)

---

।୨୭। 'ଆସନା' - କିଂଚିତ୍ - ପୃ. ୮୩

କାଲି ଯେ ଥିଲା ସତ୍ୟାଗ୍ରହୀ ଜନସେବୀ, ଆଜି ସେ ଉପଭୋଗ ପ୍ରମତ୍ତ । ସ୍ୱାଧୀନତା ପରେ ଆମ ସମାଜର ଏହି ଦୂରବସ୍ଥା କବି ଅନ୍ତରକୁ ବ୍ୟଥା ଜର୍ଜର କରିଛି । ଜୀବନର ବଡ଼ଦାଣ୍ଡରେ ବସି ଖଞ୍ଜଣି ବଜାଉଥିବା ଏହିପରି ଅସଂଖ୍ୟ ଅସହାୟ ମଣିରେ ଦୁଃଖ ଦୂର ହୋଇନାହିଁ । ମଣିଷ କୁକୁର ପରି ଅଇଁଠାପତ୍ର ଓ କୁଡୁଅରୁ ସାଉଁଟି ସାଉଁଟି ଆହାର ଲୋଡୁଛି । କେଉଁଠି ମା'ର ସ୍ତନରେ ମୁହଁ ଲଗାଇ ସନ୍ତାନ ଓହଳିଛି – ସେଠି ସ୍ତନ୍ୟ ନାହିଁ । ଜନନୀ ଭିକ୍ଷାଶିନୀ । କେତେ ଅଖ୍ୟାତ ଓ ଅନାମୀ ସଭ୍ୟତାର ଏଇ ଦରବାରରେ ଦୁଃଖ ଓ ଆର୍ତ୍ତିର ଆସାମୀଭାବରେ ଠିଆ ହୋଇଛନ୍ତି । ଆମ ସମାଜର ଆର୍ଥନୀତିକ  ବିଭାଜକ ରେଖା ଉପରେ ଠିଆହୋଇ କବି ଯେଉଁ ଦୃଶ୍ୟ ଉପଲବ୍ଧି କରିଛନ୍ତି, ତାହା ହିଁ ସନ୍ତାପର ସହିତ ଉଲ୍ଲେଖ କରିଛନ୍ତି । ବହୁ ବ୍ୟଥାଦାୟକ ଘଟଣାସ୍ରୋତ ତାଙ୍କ ଅନ୍ତରକୁ ଜଡୀଭୂତ କରିଅଛି । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ତାଙ୍କ ସ୍ୱାଧୀନତା ପରବର୍ତ୍ତୀ କବିତାରେ ପ୍ରାକ୍-ସ୍ୱାଧୀନତା କାଳୀନ କାବ୍ୟଚେତନାର ବିପ୍ଳବାତ୍ମ ଉଗ୍ରତା ନାହିଁ । ଏପରିକି ଉତ୍ତର-ଷାଠିଏରେ କ୍ରମେ କ୍ଷୀଣଗର୍ଭା ହୋଇ ଉତ୍ତର-ଷଷ୍ଠ ଦଶନ୍ଧିର ମଧ୍ୟଭାଗରୁ ପ୍ରାୟ ଅତିମାତ୍ରାରେ ନିର୍ବାକ୍ । ଏହାର କାରଣ ହେଇପାରେ, ସମାଜ ପ୍ରତି ତାଙ୍କର ରୁଦ୍ଧ ଅଭିମାନ ଓ ନୀରବ ପ୍ରତିକ୍ରିୟା । କାହା ଆଗରେ କବି ମନ କଥାକୁ ଫିଟାଇ କହିବ ? କିଏ ଶୁଣିବ ତା'ର ସେଇ ବ୍ୟଥାର ସଙ୍ଗୀତ ? ସେଇ ଆହତ ଆଶାର ସ୍ୱର ଏକଦା ତାଙ୍କ କବିତାରେ ରୂପ ନେଇଥିଲା –

''ଦୁନିଆରେ ତେବେ କା' ଆଗେ କହିବି କଥା
ସତେ କି ସାଥିରେ ! ଖୋଲିବ ମଣିଷ ଆଖି ?
ସତେ କି ଧରଣୀ ପାସୋରି ଦୁଃଖ ବ୍ୟଥା,
ଶାନ୍ତିର ସୁଖ-ସାମ୍ୟେ ଆଣିବ ଡାକି ।''('କାହା ଆଗେ ସାଥି ?' – 'ଶାନ୍ତିଶିଖା'-ପୃ. ୨୭)

ବୋଧହୁଏ କମ୍ୟୁନିଷ୍ଟ ପାର୍ଟି ସହିତ ତାଙ୍କ ସମ୍ପର୍କ ଶିଥିଳ ହୋଇ ଆସିଥିବା କାଳରେ ତାଙ୍କ ଲେଖନୀର ଉଗ୍ରତା କ୍ରମେ ଶୀତଳ ହୋଇଯାଇଛି । ତଥାପି କବି ଅନନ୍ତ ପଟ୍ଟନାୟକ ଆଧୁନିକ ଓଡ଼ିଆ କବିତାର ଇତିହାସରେ ଏକଦା ଜ୍ୱଳମାନ ଅଗ୍ନିଶିଖା ଭାବେ ଐତିହାସିକ ଗୌରବ ପାଇବେ-ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ଯେକୌଣସି କବିର କାବ୍ୟଜୀବନ ବହୁ ସଫଳତା ଓ ବିଫଳତାର ସମାହର । କବି ପଟ୍ଟନାୟକ ସେଥିରୁ ବାଦ୍ ଯାଇନାହାନ୍ତି । କାବ୍ୟ ମର୍ମରେ ତୀକ୍ଷ୍ଣ ହେବାକୁ ଚେଷ୍ଟାକରି କାବ୍ୟ-ଆଙ୍ଗିକରେ ବହୁ ସମୟରେ ଅତ୍ୟନ୍ତ ଜଟିଳ ହୋଇ ପଡ଼ିଛନ୍ତି । ତାଙ୍କର ବହୁ କବିତାରେ ବିଶ୍ଲେଷଣ ମନୋବୃତ୍ତି (analytical mind) ଦେଖାଇଛନ୍ତି ଏବଂ ଉଦାହରଣ-ବହୁଳତାରେ ବହୁ କବିତା ଅଯଥା ଦୀର୍ଘ ହୋଇପଡ଼ିଛି । ଫଳରେ ପାଠକ ମନରେ ଭାବନାର ଐକ୍ୟ ସୃଷ୍ଟିରେ ଘୋର ବ୍ୟାଘାତ ଉପୁଜିଛି । ଶବ୍ଦର ଆନୁପ୍ରାସିକ ଆବେଗରେ ପାଠକକୁ ଭସେଇ ନେବାକୁ ଚେଷ୍ଟାକରି ସେ ବେଳେବେଳ ଲକ୍ଷ୍ୟଚ୍ୟୁତ ହୋଇ ପଡ଼ିଛନ୍ତି । ଯେପରି ମନେହୁଏ ଏପରି ଶବ୍ଦ ସଂଯୋଜନା ପ୍ରତି କବିଙ୍କର ରହିଛି ଅହେତୁକ ଆକର୍ଷଣ, ଫଳରେ ତାଙ୍କ କବିତା ପୂର୍ବ ଆବେଦନର ଗୌରବ ହରାଇବସିଛି । 'ପ୍ରେମର ପୀତାଭ ପତ୍ର', 'କୋଇଲିର କୋଇଲା କାଟି', 'ଡୋଳାର ଡୋଳି', 'ବଧୂର ବିଧୁରତା', 'ଯୁଗର ଜାରଜ-ଜାର-ଜ୍ୟୋସ୍ନାର ଜଳଯାତ୍ରା', 'ଘାସର ଘୂର୍ଣ୍ଣି', 'ତୃଣର ତାନ୍‌ପୁରା' ଏହିପରି ରାଶି ରାଶି ଶବ୍ଦଚୟନ କବିତା ପାଇଁ ଏକ ସାଙ୍ଗୀତିକ ଇଫେକ୍ଟ ଦେଉଥିଲେ ମଧ୍ୟ ବେଳେବେଳେ ଅତ୍ୟନ୍ତ ଅପ୍ରାସଙ୍ଗିକ ଓ ଅବୋଧ ମନେ ହେଉଛି, ଫଳରେ ଭାଷାର ଚମତ୍କାରିତାରେ ଭାବର ପ୍ରତିପାଦ୍ୟତା ଅନ୍ୟମନସ୍କ ହୋଇପଡ଼ିଛି ।

---

।୨୭। 'ଏଇ ଶରତର ସକାଳ ଉଖାରି ଦେଲି' – ଝଙ୍କାର ୬ଷ୍ଠ ବର୍ଷ/୮ମ ସଂ, ନଭେମ୍ବର ୧୯୫୪ 'ଏଇମାତ୍ର ସାତଟା କୋଡିଏ' –ଝଙ୍କାର ୧୧ବର୍ଷ /୧ମ ସଂ, ଏପ୍ରିଲ ୧୯୫୯.

ତେଣୁ ତାଙ୍କର ବହୁ କବିତା ସହିତ ସଠିକ୍ ଯୋଗାଯୋଗ ରକ୍ଷା କରିବାରେ ପାଠକ ଅସମର୍ଥ ହୋଇପଡ଼େ । ବେଳେବେଳେ ଏପରି ମନେହୁଏ, କବି ନିର୍ଦ୍ଦିଷ୍ଟ କିଛି ନକହି କେବଳ ଶବ୍ଦର ଚାତୁରୀରେ ସମସ୍ତ ଶକ୍ତିର ଅପବ୍ୟୟ କରିଛନ୍ତି ମାତ୍ର । ଭାବସାନ୍ଦ୍ରତା (Compactness) ର ଅଭାବରୁ ବହୁ କବିତା ଅଯଥା ଦୀର୍ଘ ଓ ବେଳେବେଳେ କେନ୍ଦ୍ରଚ୍ୟୁତ । ଉଦାହରଣ ସ୍ୱରୂପ – 'ଏଇ ଶରତ୍‌ର ସକାଳ ଉଖାରିଦେଲି' ('କିଞ୍ଚିତ୍' – ପୃ. ୨୮) ବା 'ଏଇ ମାତ୍ର ସାତଟା କୋଡିଏ' ('ଛାଇର ଛିଟା' – ପୃ. ୩୪) କବିତା ଦୁଇଟିକୁ ନିଆଯାଇପାରେ ।୨୭। ପ୍ରଥମ କବିତାରେ ଥିବା ବହୁ ଖଣ୍ଡିତ ଚେତନାକୁ ଯୋଡ଼ିବା ପାଇଁ ନିର୍ଦ୍ଦିଷ୍ଟ ଶକ୍ତିଶାଳୀ ସ୍ଥାପତର (archetype) ର ଅଭାବରୁ କବିତାଟିର ସାମଗ୍ରିକ ଭାବ ଆବେଦନରେ ଘୋର ବ୍ୟାଘାତ ଉପୁଜିଛି । ଦ୍ୱିତୀୟ କବିତାଟି ମଧ୍ୟ ଏହି ଯୁକ୍ତିର ପୂର୍ଣ୍ଣ ପୋଷକତା କରିଥାଏ । ତାଙ୍କ କାବ୍ୟମାନସ ବିଶାଳତାର ପରିଧିରେ ଗତିଶୀଳ ଓ ଅନୁସନ୍ଧିତ୍ସା ପ୍ରବଣ ହେଲେ ମଧ୍ୟ ପାଠକ ସହିତ ଯୋଗାଯୋଗ ସ୍ଥାପନରେ ଅତି ଶୋଚନୀୟ ଭାବେ ପରାହତ । ଏହିସମୟର ବିକ୍ଷିପ୍ତ ଚିନ୍ତାରାଜିକୁ ଯୋଡ଼ିବା ପାଇଁ କୌଣସି ସମନ୍ୱୟକ୍ଷମ ଶକ୍ତିମତ୍ତା ଅଭାବରୁ ପ୍ରାକ୍–ସ୍ୱାଧୀନତାକାଳୀନ କାବ୍ୟ–ଆବେଗ ଓ ଶାଣିତତା ଏ କବିତାଗୁଡ଼ିକ ହରାଇ ବସିଛନ୍ତି । ମାନିବାକୁ ହେବଯେ ଏହି ସମୟରେ ରଚିତ ଅନେକ କବିତା ବୁଦ୍ଧିବାଦ ଦ୍ୱରା ଆକ୍ରାନ୍ତ – ତେଣୁ ସାଧାରଣ ପାଠକ ପାଇଁ ଏଥିରେ 'ରକ୍ତଶିଖା', 'ଶାନ୍ତିଶିଖା' କିମ୍ୱା ମହାତ୍ମାଗାନ୍ଧିଙ୍କ ସ୍ମୃତିରେ ରଚିତ 'ତର୍ପଣ କରେ ଆଜି' (୧୯୪୭) କବିତା ସଙ୍କଳନର ସିଧାସଳଖ ଆବେଦନ ଏ ସମୟର କବିତାରେ ଆଶା କରିବା ଅନାବଶ୍ୟକ । ବହୁ କବିତାର ଐତିହାସିକ ଓ ପୌରାଣିକ ସୂଚନାମାଳା (reference) ସହିତ ପାଠକ ପରିଚିତ ନହେଲେ ଅର୍ଥବୋଧ ଅସମ୍ଭବ ହୋଇପଡ଼ିବ । ତେବେ ପାଠକର ତ ପୁଣି କବିତା ପ୍ରତି କିଛି ଦାୟିତ୍ୱ ଅଛି । ତେଣୁ ଡକ୍ଟର ମାନସିଂହଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ପୁନର୍ମୁଦ୍ରିତ ହେବା ସମୟରେ ଉପଯୁକ୍ତ ସମ୍ପାଦନା ଦ୍ୱାରା ଶ୍ରୀ ପଟ୍ଟନାୟକଙ୍କ କବିତା ସମ୍ପର୍କରେ ପ୍ରକାଶ ପାଇଥିବା ମନ୍ତବ୍ୟଜନିତ ପ୍ରମାଦ ଦୂର ହୋଇପାରିବ ବୋଲି ଆଶା କରିବା ଅସଙ୍ଗତ ହେବନାହିଁ ।

–୦–

## ସପ୍ତଦଶ ପତ୍ର

## ପଞ୍ଚମ ୟୁନିଟ୍

# କବି ବିନୋଦଚନ୍ଦ୍ର ନାୟକ (୧୯୧୧)

### ରୋମାଣ୍ଟିକ୍ କବି ବିନୋଦଚନ୍ଦ୍ର ନାୟକ (୧୯୧୧) :-

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଶ୍ରୀ ବିନୋଦଚନ୍ଦ୍ର ନାୟକ ଜଣେ ବିବାଦୀୟ ବ୍ୟକ୍ତିତ୍ୱ । ତାଙ୍କ କାବ୍ୟସ୍ୱରରେ ସବୁଜର ପଳାୟନବାଦୀ ଚିହ୍ନ ଯେତିକି ଉଗ୍ର, ଜୀବନ ପ୍ରତି ଏକ ଗଭୀର ମନନଶୀଳତାରେ ସମସ୍ତ ସମସ୍ୟାକୁ ଲଂଘନ କରିଯିବାର ଦୃଷ୍ଟିଭଙ୍ଗୀ ସେତିକି ଜାଗ୍ରତ । ତେଣୁ ତାଙ୍କୁ କେହି କେହି ସମାଲୋଚକ ପଳାୟନବାଦୀଭାବେ ନାମିତ କରିଥିବାବେଳେ ଏହି ପଳାୟନକୁ ଆଧୁନିକ ଜୀବନଜଞ୍ଜାଳରୁ ମୁକ୍ତି ଓ ଏକ ମାନସିକ ଆବଶ୍ୟକତା ଭାବରେ ମଧ୍ୟ କେହି କେହି ଚିହ୍ନିତ କରିଛନ୍ତି । ତାଙ୍କ କବିତାରେ ବ୍ୟାପକଭାବେ ଯେଉଁ ଭୌଗୋଳିକ ପରିକ୍ରମାର ଚିତ୍ର ପ୍ରକଟିତ ହୋଇଛି, ତାହା କେତେବେଳେ ଆକାଶରେ ସଂଚରଣଶୀଳ ତ କେତେବେଳେ ସୁଦୂରର ଏକ ରୋମାଣ୍ଟିକ୍ ପରିବେଶରେ ଭ୍ରାମ୍ୟମାଣ । ବୋଧହୁଏ ଏଇଥିପାଇଁ ସମାଲୋଚକ ମାନସିଂହ ଶ୍ରୀ ନାୟକ ଓ ଏହି ଗୋଷ୍ଠୀର କାବ୍ୟଚେତନାକୁ 'ବୈଦେଶିକୀ' ବୋଲି ନାମିତ କରିଛନ୍ତି । ତାଙ୍କ ମତରେ ଏପରି ଚେତନା ଓଡ଼ିଆ ସାହିତ୍ୟରେ ଏକ ନୂତନତାର ଇନ୍ଦ୍ରଜାଲ । ତେଣୁ ସ୍ୱାଧୀନତା ପରବର୍ତ୍ତୀ ଅତ୍ୟନ୍ତ ଆତ୍ମମଗ୍ନ କବିମାନଙ୍କ ସହିତ ଶ୍ରୀ ନାୟକଙ୍କୁ ତୁଳନା କରିବାକୁ ଯାଇ ସେ ନିମ୍ନ ମନ୍ତବ୍ୟ ଦେଇଛନ୍ତି । ''ଏଇ ନୂତନମାନଙ୍କ ସହିତ ଆଉ ଦଳେ ଦେଖାଦେଇଛନ୍ତି ଯେଉଁମାନେ ଆତ୍ମକୈନ୍ଦ୍ରିକ ନୁହନ୍ତି ସତ, କିନ୍ତୁ ସେମାନେ ସେମାନଙ୍କର ସମସ୍ତ ଭରସା ଢ଼ାଳିଦେଇଛନ୍ତି ଅପରିଚିତ, ଅଦେଖା ଓ ଅନିକଟ ଉପରେ-ତାକୁଇ ନୂତନତାର ଶ୍ରେଷ୍ଠ ଲକ୍ଷଣ ଧରି । ଏମାନଙ୍କ ନିକଟରେ ଓଡ଼ିଶା, ତା'ର ମାଟି, ତା'ର ଇତିହାସ ଓ ସଂସ୍କୃତିର କୌଣସି ଅର୍ଥନାହିଁ । 'ମଡ଼ର୍ଣ୍ଣ' ହେବାକୁ ହେଲେ, ଲେଖକ ନିଜକୁ ସଂପୂର୍ଣ୍ଣ ରୂପେ ଐତିହ୍ୟମୁକ୍ତ ଓ ସ୍ଥାନୀୟ ଚେତନାଶୂନ୍ୟ ହୋଇଥିବାର ଦେଖାଇଦେବା ଦରକାର ବୋଲି ବୋଧହୁଏ ଏମାନଙ୍କର ବିଶ୍ୱାସ । ଏ ଦଳର ଅଗ୍ରଣୀ ହେଉଛନ୍ତି ବିନୋଦଚନ୍ଦ୍ର ନାୟକ । ଓଡ଼ିଶାର ଏକ ଦୂର ପ୍ରାନ୍ତୀୟ ଅଞ୍ଚଳର ପଲ୍ଲୀ ଗ୍ରାମରେ ବସି, ଶ୍ରୀ ନାୟକ ନିଜର ଚତୁଃପାର୍ଶ୍ୱକୁ ଏକାବେଳକେ ଭୁଲିଯାଇ, ଦୀର୍ଘ ମୈରବରଜନୀର ନିଃସଙ୍ଗତା, ଅରୋରାବୋରିଆଲିସ୍‌ର ଆଲୋକଛଟା, ବିଷୁବୀୟ ଆଫ୍ରିକାରେ ବାନରମାନଙ୍କର ନୃତ୍ୟ ବା ଜାଞ୍ଜିବର ଦ୍ୱୀପ-ସୁନ୍ଦରୀମାନଙ୍କର ଲବଙ୍ଗପୁଷ୍ପ ତୋଳିବା ବେଳର ସ୍ମିତହାସ୍ୟକୁ ବର୍ଣ୍ଣନା କରିଥାନ୍ତି ।୧। ଶ୍ରୀ ନାୟକଙ୍କ ସମଗ୍ର କାବ୍ୟ ପରିକ୍ରମାରେ ଏଇ ଦୂରବର୍ତ୍ତୀ ଭୌଗୋଳିକ ସ୍ଥାନପ୍ରତି ଆସକ୍ତି ଓ ପ୍ରକୃତିର ରୋମାଣ୍ଟିକ୍ ଚେତନାର ମାତ୍ରାଧିକ୍ୟ ଅନୁଭବ କରାଯିବ, କିନ୍ତୁ ତାଙ୍କ କବିତାର ଜଣେ ସହୃଦୟ ସମାଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ମନ୍ତବ୍ୟ ଶ୍ରୀ ନାୟକଙ୍କ କବିତାର ଏଇ ଆକାଶୀ ସତ୍ତାକୁ ଚମତ୍କାର ଯୁକ୍ତି ମାଧ୍ୟମରେ ସମର୍ଥନ ଜଣାଏ । ଶ୍ରୀ ମହାନ୍ତିଙ୍କ ମତାନୁସାରେ ଯେ ବିପ୍ଳବୀ ସେ ମଧ୍ୟ ପଳାୟନପନ୍ଥୀ ହୋଇପାରେ । ସଂଗ୍ରାମ ଓ ପଳାୟନ ଗୋଟିଏ ମୁଦ୍ରାର ଦୁଇଟି ପାଖ। ସେ ପରେ ପରେ ବିଂଶ ଶତକର ତୃତୀୟ ଦଶକରେ ସବୁଜ କବିତାରେ ପ୍ରକଟିତ ହୋଇଥିବା ପଳାୟନର ସ୍ୱରକୁ ଏକ ମାନସିକ ବିଳାସ ବୋଲି ନାମିତ କରିଥିବାବେଳେ ଶ୍ରୀ ବିନୋଦ ନାୟକଙ୍କ କବିତାରେ ଅତି ଉଗ୍ରଭାବେ ପ୍ରକଟିତ ଏହି ସ୍ୱରକୁ ଏକ ଯୁଗୋପଯୋଗୀ

।୧। ଓଡ଼ିଆ ସାହିତ୍ୟର ଇତିହାସ-ଡ଼କ୍ଟର ମାୟାଧର ମାନସିଂହ-ପୃ. ୩୮୮

ପ୍ରୟୋଜନ ବୋଲି ଦୃଢ଼ସ୍ୱରରେ କହିଛନ୍ତି । ତାଙ୍କ ମତରେ ଏହାହିଁ ଶ୍ରୀ ନାୟକଙ୍କ କବିତାର ସାହିତ୍ୟିକ ପରିବେଶ ଓ ପୃଷ୍ଠଭୂମି – ''ଜୀବନର ନାନା କ୍ଲେଦାକ୍ତ ଅନୁଭୂତି ଓ ଦୁର୍ନିବାର ମୁକ୍ତିର ଆକୁତି ବିନୋଦ ନାୟକଙ୍କ କବିତାର ଆଙ୍ଗିକରେ ଆଣିଛି ସୁଦୂରତା ଓ ବ୍ୟାପକତାର ଇଙ୍ଗିତ । ପରାଧୀନ ପ୍ରପୀଡ଼ିତ ପରିବେଷ୍ଟନୀର କାରାପ୍ରାଚୀର ଲଙ୍ଘି ତାଙ୍କର ଅତ୍ୟାଚାରିତ ଆତ୍ମା ଶାନ୍ତି ପାଇଛି ମାଡାଗାସ୍କାରର ବର୍ଷାଭିଜା ଲବଙ୍ଗ କ୍ଷେତରେ, ଅଷ୍ଟ୍ରେଲିଆର ନାଗଫେଣୀ କଣ୍ଟକିତ ମରୁପ୍ରାନ୍ତରରେ, ସୁମେରୁର ଏସ୍କିମୋ କୁଟୀରରେ ବା ଯାଯାବରର ବେଦୁଇନ୍ ଦେଶରେ । ବିନୋଦ ନାୟକଙ୍କ କବିତା ଯଥାର୍ଥରେ ସୁଦୂରର ସଙ୍ଗୀତ । ଯାହା ନିକଟରେ, ଯାହା ଦୁଇହାତରେ ପାଇବାର ସୀମା ଭିତରେ, ଯାହା ସୁଲଭ ସେ ସବୁ ଅତି ମାମୁଲି, ଅତି ଦୈନନ୍ଦିନ, ଅତି ରଙ୍ଗଛଡା । ତେଣୁ ଦେଶକାଳପାତ୍ରର ସଂକୀର୍ଣ୍ଣ ସୀମା ଛାଡ଼ି ବିନୋଦ ନାୟକଙ୍କ କବିତା କରିଛି ନୂତନ ଜାତି ଓ ନୂତନ ପ୍ରକୃତିର ସନ୍ଧାନ ।''୨। ଶ୍ରୀଯୁକ୍ତ ମହାନ୍ତିଙ୍କ ଏହି ମନ୍ତବ୍ୟକୁ ବହୁପରେ ଶ୍ରୀ ନବକିଶୋର ପଣ୍ଡା ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ।୩। କିନ୍ତୁ ଏଇ ଦୁଇ ଶ୍ରେଣୀୟ ମନ୍ତବ୍ୟ ଯେ ପରସ୍ପର–ବିରୋଧୀ ଓ ଆପାତତଃ ବିବଦମାନ – ଏହା ଶ୍ରୀ ନାୟକଙ୍କ କାବ୍ୟ ଓ କବିତାର ଏକ କ୍ରମିକ ଧାରାବାହିକ ପରିକ୍ରମାରୁ ସ୍ପଷ୍ଟ ହେବ ।

**ପ୍ରାରମ୍ଭିକ କାବ୍ୟଚେତନା (ଆହରଣ ଓ ଅନୁସରଣ) :**

ଶ୍ରୀ ନାୟକଙ୍କ କାବ୍ୟଜୀବନର ପ୍ରାରମ୍ଭିକ ସ୍ମୃତି ବହନକରିଥିବା କେତେକ କବିତା ୧୯୩୩ରେ ସବୁଜ ସାହିତ୍ୟ ସମିତିଦ୍ୱାରା ପ୍ରକାଶିତ 'ହୈମନ୍ତୀ' ସଙ୍କଳନରେ ପ୍ରକାଶ ପାଇଛି । ୧୯୩୪ ଠାରୁ ୧୯୪୧ ମଧ୍ୟରେ ସମସାମୟିକ ପତ୍ରପତ୍ରିକା 'ସହକାର', 'ନବଭାରତ', 'ନବୀନ', 'ଯୁଗବାର୍ତ୍ତା', 'ଡ଼ଗର' ଆଦିରେ ମଧ୍ୟ ଏହି ପ୍ରାରମ୍ଭିକ ପର୍ଯ୍ୟାୟର କେତେକ କବିତା ସ୍ଥାନିତ ହୋଇଛି । ଏ ସବୁ କବିତାରେ ଶ୍ରୀ ନାୟକ ସବୁଜର ଐଚ୍ଛିକ ଅନୁକରଣ ଓ ରବୀନ୍ଦ୍ରନାଥଙ୍କ ଅନୁସରଣରେ ନିଜ କାବ୍ୟପ୍ରତିଭାର କୌଣସି ଉଲ୍ଲେଖଯୋଗ୍ୟ ପ୍ରତିଶ୍ରୁତି ଦେଇ ପାରିନାହାନ୍ତି । କାରଣ 'ହୈମନ୍ତୀ' ପ୍ରକାଶନ ସମୟକୁ କବି ଅଷ୍ଟମ ଶ୍ରେଣୀର ଛାତ୍ର ମାତ୍ର । ଏ ବୟସରେ କାବ୍ୟଚେତନାରେ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଅପେକ୍ଷା ପ୍ରତିଷ୍ଠିତମାନଙ୍କୁ ଅନୁକରଣ କରିବାର ସ୍ପୃହା ସ୍ୱାଭାବିକ ଭାବେ ଦେଖାଦେଇଛି । ଦୁଷ୍ପ୍ରାପ୍ୟ 'ହୈମନ୍ତୀ'ର କବିତାଗୁଡ଼ିକ ପ୍ରତି ଦୃଷ୍ଟିପାତ କଲେ ଏହା ସ୍ପଷ୍ଟ ହେବ ।୪। ଏପରିକି ଏ ସମୟର କାବ୍ୟଚେତନାରେ ଆପାତବିରୋଧୀ ଭାବଧାରାର ମଧ୍ୟ ଅଭାବ ନାହିଁ । 'ବିଦାୟ ବିପ୍ଳବ' (୧୯୩୪) କବିତାରେ ଜୀବନ ପାଇଁ ରଣର ଆହ୍ୱାନ ଶୁଣି କବିତାକୁ ପରିହାର କରି ବାସ୍ତବ କ୍ଷେତ୍ରରେ ପଦାର୍ପଣ କରିବାକୁ ଯେଉଁ ଆତ୍ମପ୍ରତ୍ୟୟ ପ୍ରକାଶ କରିଛନ୍ତି, ପରେ 'ପରାଜୟ' (୧୯୩୯) କବିତାରେ ତାହା ପରାଭବର ଗ୍ଲାନିରେ ମଳିନ ହୋଇଯାଇଛି । ''ବିଜୟୀ ମୁଁ ନୁହେଁ ସଖି, ରଣେ ହେଲା ମୋର ପରାଜୟ'' – ବିପ୍ଳବ ଓ ରଣଆହ୍ୱାନର ପରିକଳ୍ପନା ମାତ୍ର ଏଥିରେ ପ୍ରକାଶିତ, ନଚେତ୍ ତା'ର ସୁଦୃଢ଼ ଓ ସ୍ପଷ୍ଟ କୌଣସି ସତ୍ତା ତାଙ୍କ କବିତାରେ ବାରିହୁଏ ନାହିଁ । ପୁଣି ''ପରାଜୟକୁ ଉତ୍ସାହର ନବୀନ ଅର୍ଚ୍ଚନା'' ବୋଲି ମଧ୍ୟ କହିଛନ୍ତି, କିନ୍ତୁ ଏ ଉତ୍ସାହର ଉତ୍ସ ଓ ଗତି ଏ କବିତାରେ ନିର୍ଣ୍ଣିତ ହୋଇ ପାରିନାହିଁ ।୫। ଏପରି ଭାବଧାରାରେ ସବୁଜ କବି ଅନ୍ନଦାଶଙ୍କର ଓ କାଳିନ୍ଦୀ ଚରଣଙ୍କ ପ୍ରତ୍ୟକ୍ଷ ପ୍ରଭାବ ବେଶ୍ ବାରିହୁଏ । ଏହି ସମୟରେ ରଚିତ ଆଉ ଏକ କବିତା 'ଅଶ୍ରୁର ଅର୍ଘ୍ୟ' (୧୯୩୩)ରେ ସେ କଜଳନୟନା କୌଣସି ସଜନୀକୁ ଆହ୍ୱାନ କରି କବିର ମୃତ୍ୟୁ ପରେ ତା'ର ଚିତାଭସ୍ମ ପାଖରେ ପଦଚାଳି ଦୁଇଧାର

।୨। ନୀଳଚନ୍ଦ୍ରର ଉପତ୍ୟକା –ମୁଖବନ୍ଧ – ପୃ ୩ – ଶ୍ରୀ ସୁରେନ୍ଦ୍ର ମହାନ୍ତି

।୩। ପୋହଳା ଦୀପର ଉପକଥାର ଭୂମିକା – ଶ୍ରୀ ନବକିଶୋର ପଣ୍ଡା

।୪। 'ହୈମନ୍ତୀ'ର ପ୍ରତିମା ଦର୍ଶନ, ହୈମନ୍ତୀ, ଜୀବନରାଧା, ଶୃଙ୍ଗାର, ବୁକୁର ବୀଣା ଆଦି କବିତା ।

।୫। 'ବିଦାୟ ବିପ୍ଳବ' – ନବଭାରତ, ଜୁଲାଇ ୧୯୩୪ ସଂଖ୍ୟା

।୬। ଅଶ୍ରୁର ଅର୍ଘ୍ୟ – ସହକାର ୧୫ ବର୍ଷ/୨ୟ ସଂ ଜୁନ୍ ୧୯୩୪

ଅଶ୍ରୁ ନିଗାଡ଼ିଦେବା ପାଇଁ ଅତି ରୋମାଣ୍ଟିକ୍ ଭାବେ ଅନୁଯୋଗ କରିଛନ୍ତି ।୬। ଏ ସ୍ୱରରେ ମାନସିଂହଙ୍କ 'ଧୂପ' କବିତାର – ''ଶୁଣିବ ଯେବେ ପ୍ରିୟା ଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ/ଆସିବ ମୋର ଭସ୍ମପାଶେ ଦେବ ଗୋ ତାରେ ଦେହର ଛାଇ........'' ଇତ୍ୟାଦି ପଙ୍‌କ୍ତିମାନଙ୍କର ପ୍ରଭାବ ଲକ୍ଷ୍ୟ କରାଯିବ । ପୁନଶ୍ଚ ତାଙ୍କ ପ୍ରାରମ୍ଭିକ କାବ୍ୟ ଚେତନାରେ କବି ରବୀନ୍ଦ୍ରନାଥ ପ୍ରଭାବ ତାଙ୍କ 'ମନ୍ଦିରଭଗ୍ନ', 'ଅମୁହାଁ ଦେଉଳ' ଓ 'ଭଙ୍ଗା ଦେଉଳ' ଏପରିକି 'ହୈମନ୍ତୀ'ର 'ନୀରାଜନା' କବିତାରେ ସ୍ପଷ୍ଟ । ରବୀନ୍ଦ୍ରନାଥଙ୍କ 'ଧୂଲା ମନ୍ଦିର' ବା 'ଦୀନେର ସାଥୀ' ପ୍ରଭୃତି କବିତାର ଭାବଧାରାର ଅନୁସରଣରେ କବି ଶ୍ରୀନାୟକ ଦେବପୂଜା ଓ ମନ୍ତ୍ରପାଠବନ୍ଦ କରିବାକୁ ତରୁଣ ସୁଲଭ ଉଗ୍ର ଆହ୍ୱାନ ଶୁଣାଇଛନ୍ତି, କିନ୍ତୁ ଲକ୍ଷ୍ୟ କରିବାର କଥା ଯେ ମନ୍ଦିର ଭାଙ୍ଗି ସାମ୍ୟର ମନ୍ତ୍ର ଉଚ୍ଚାରଣ କରିବାକୁ ସେ ଯେଉଁ ସ୍ୱର ଉତ୍ତୋଳନ କରିଛନ୍ତି, ତାହା କବିତାରେ ଧାରାବାହିକତା ରକ୍ଷାକରି ପାରିନାହିଁ । ତେଣୁ ଏହା ସାମୟିକ ଉଚ୍ଛ୍ୱାସର ସ୍ୱର ରୂପେ ପ୍ରକାଶପାଇ ନିଭିଯାଇଛି । ଏହି ଉଚ୍ଛ୍ୱାସରେ ମାନବ –ଦେବତାର ଉପାସନା ପାଇଁ ସମସାମୟିକ ବହୁ କବିଙ୍କ ପରି ସେ ସ୍ୱର ଉଚ୍ଚାରଣ କରିଥିଲେ ମଧ ପରବର୍ତ୍ତୀ କାବ୍ୟବିକାଶରେ ଆନ୍ତରିକ ଉତ୍ତାପ ଅଭାବରୁ ଏ ସ୍ୱର ଅତି କରୁଣଭାବେ ପରିତ୍ୟକ୍ତ ହୋଇପଡ଼ିଛି । ଏ କବିତାଗୁଡ଼ିକରେ କାଳିନ୍ଦୀଚରଣଙ୍କ 'ପୁରୀମନ୍ଦିର' ଓ ମାନସିଂହଙ୍କ 'ଦେବପୂଜା', 'ମୂକଦେବତା' ଆଦି କବିତାର ଭାବସାମ୍ୟ ଲକ୍ଷ୍ୟ କରାଯିବ ।୭। ପୁନଶ୍ଚ ଶ୍ରୀ ନାୟକ ଏଇ ଦେଉଳ ପର୍ଯ୍ୟାୟ କବିତାଗୁଡ଼ିକରେ ସାମାଜିକ ବିପ୍ଳବର ଯେଉଁ ସ୍ୱର ଉଚ୍ଚାରଣ କରିଛନ୍ତି, ନିଜେ ହିଁ ପରେ ତାହାର ବିରୋଧ କରିଛନ୍ତି ।୮। କାରଣ ଏ ସ୍ୱର ତାଙ୍କର ନିଜସ୍ୱ ନ ଥିଲା । ତେଣୁ ମୁଖ୍ୟତଃ ଜଣେ ରୋମାଣ୍ଟିକ୍ କବିଭାବେ ସେ ଆଦ୍ୟରୁ ଆତ୍ମପ୍ରକାଶ କରିଛନ୍ତି । 'ହୈମନ୍ତୀ'ର କବିତାଗୁଡ଼ିକରେ ପ୍ରେମ, ନାରୀର ଦେହ ଲାଳସା ଓ ପ୍ରକୃତିର ଅତି ଆସକ୍ତ ଇନ୍ଦ୍ରିୟାଛନ୍ନ ରୂପ ହିଁ ଅଧିକ ପ୍ରକଟିତ ।୯। ବସ୍ତୁତଃ ୧୯୩୨–୩୩ଠାରୁ ୧୯୫୧ ('ନୀଳଚନ୍ଦ୍ରର ଉପତ୍ୟକା'ର ପ୍ରକାଶନ ସମୟ) ପର୍ଯ୍ୟନ୍ତ ତାଙ୍କ କବିତା ଏହିପରି ରୋମାଣ୍ଟିକ୍ ପରିବେଶର ସଂଚାରପଥରେ ଭ୍ରମଣଶୀଳ । ତେଣୁ ସମସାମୟିକ ଭାରତୀୟ ମୁକ୍ତି ସଂଗ୍ରାମର ଆକୃତି କିମ୍ଭା ମାର୍କସୀୟ ଚିନ୍ତାଧାରାର ସଫଳ ପ୍ରକାଶ ତାଙ୍କ କବିତାର ଆଭିମୁଖ୍ୟ ରୂପେ ଦେଖାଦେଇନାହିଁ । ବରଂ ତାଙ୍କ ଜନ୍ମ ସ୍ଥାନର ରୋମାଣ୍ଟିକ୍ ପ୍ରକୃତି ପ୍ରଥମରୁ ହିଁ ତାଙ୍କ କାବ୍ୟଚେତନାକୁ ପ୍ରଭାବିତ କରିଛି – ଏହା ତାଙ୍କ ଚିଠିରୁ ସ୍ପଷ୍ଟ ହୁଏ ।୧୦। ଏହି ପ୍ରାକୃତିକ ପରିବେଶରୁ ସେ କ୍ରମେ ଦୂରତମ ଭୌଗୋଳିକ ଭୂଖଣ୍ଡର ରୂପବିଭବ, ସ୍ନିଗ୍ଧତା ଓ ରୁଦ୍ରତା ପ୍ରତି ଆକୃଷ୍ଟ ହୋଇଛନ୍ତି । ସମାଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତି ଏହାକୁ ସମୟର ଉଗ୍ର ଆବଶ୍ୟକତା ବୋଲି ଯେତେ କହିଲେ ବି ଶ୍ରୀ ନାୟକଙ୍କ କାବ୍ୟସ୍ୱରରୁ ଏହି ଆବଶ୍ୟକତାର ଗୁରୁତ୍ୱ ଉପଲବ୍‌ଧି କରିହୁଏ ନାହିଁ ।

---

।୭। ମନ୍ଦିର ଭଗ୍ନ – ନବଭାରତ ୪ର୍ଥ ବର୍ଷ/୯ମ ସଂଖ୍ୟା, ୧୯୩୮
ଅମୁହାଁ ଦେଉଳ – ନବଭାରତ ୪ର୍ଥ ବର୍ଷ/୧ମ ସଂଖ୍ୟା, ୧୯୩୮
''ମାନବର ଅତ୍ୟାଚାରେ କାରାଗାରେ ରୁଦ୍ଧ ଯେ ଦେବତା
ତେଣୁ ନାହିଁ ପଶେ କାନେ ପୂଜାରୀର ବ୍ୟର୍ଥ ଆକୁଳତା
ମଙ୍ଗଳର ଶଙ୍ଖ ତେଣୁ ଆଉଥରେ ନାହିଁ ଉଠେ ବାଜି
ଅମୁହାଁ ଦେଉଳ ପାଖୁ ଫେରିଯାଅ ହେ ପୂଜାରୀ, ଆଜି ।''

।୮। କବିଛାତ୍ର– ଡଗର ୨ୟ ବର୍ଷ /୧୩ ସଂ, ଡିସେମ୍ବର ୧୯୩୮

।୧୦। ''ଘର ମୋର ସୁନ୍ଦରଗଡ଼'' । କେବେ ବେଦବ୍ୟାସ ପରା ଏଠାରେ ମହାଭାରତ ରଚନା କରିଥିଲେ । ସଂସ୍କାର ସେତିକି ମାତ୍ର । ନିରାଟ ପାହାଡ଼ ଆଉ ଆୟୁହୀନ ନଦୀ । ବାସ୍ ଏତିକିମାତ୍ର ମୋର କାବ୍ୟାରମ୍ଭର ଭୂମିକା ।''
ମୋ ପାଖୁ କବିଙ୍କ ଚିଠି–୨୨/୧୨/୭୫

**ରୋମାଣ୍ଟିକ୍ କାବ୍ୟମାନସ :**

ଶ୍ରୀ ନାୟକଙ୍କ ଦୃଷ୍ଟି-ବଳୟ ମଧ୍ୟରେ ଯେଉଁ ଦୁଇଟି ବିଶିଷ୍ଟ ଦିଗ ପ୍ରକାଶ ପାଇଛି, ତାହା ପ୍ରକୃତି ଓ ନାରୀକୁ କେନ୍ଦ୍ରକରି ଗତିଶୀଳ । ଆଗରୁ ସୂଚିତ ହୋଇଛି ଯେ, ତାଙ୍କ ପ୍ରକୃତି ଅତ୍ୟନ୍ତ ଇନ୍ଦ୍ରିୟଗ୍ରାହ୍ୟ । ପୂର୍ବାନୁଲୋଚିତ ସବୁଜ କବିମାନଙ୍କ ଆଦ୍ୟତମ କବିତାପରି ଏହି କବିଙ୍କ ପ୍ରାମ୍ଭିକ କବତାଗୁଡ଼ିକରେ 'ସନ୍ଧ୍ୟାରାଣୀ', 'ବାରୁଣୀବାଳା', 'ଫଗୁଣମେଘ', 'ଜ୍ୟୋସ୍ନା', 'ଲଘୁବତାସ', 'ସୁନାମେଘ', 'ନୀଳପାଟ', 'ରୁଣୁଝୁଣୁ ନୂପୁର', 'ଶିଶିର' ଆଦିର ଆକର୍ଷଣ ଅତ୍ୟନ୍ତ ଅପ୍ରତିତ । ଏସବୁ କବିତାର ସଂଖ୍ୟା ଏତେ ଅଧିକ ଯେ ସେ ସବୁର କାବ୍ୟଧାରା ଅଧିକ ଉଲେଖ ନକରି କେବଳ କେତୋଟି କବିତାର ନାମୋଲ୍ଲେଖ କରିଦେଲେ ଯଥେଷ୍ଟ ହେବ । ଏହିପରି କବିତା ମଧ୍ୟରୁ 'ଧରଣୀବାସ', 'ହୈମନ୍ତୀ', 'ଗୋଟି, ବସନ୍ତର ସନ୍ଧା', 'ବିଦାୟ ଅଭିନୟ', 'ମାଳି', 'ହେମନ୍ତ' ଆଦିକୁ ଗ୍ରହଣ କରାଯାଇପାରେ । ପ୍ରକୃତି ପୁଣି କେତେବେଳ ମଧ୍ୟଯୁଗୀୟ ଓଡ଼ିଆ କବିତା ପରି ତାଙ୍କ କବିତାରେ ଏକ ଆଲମ୍ବନ ବିଭାବ, ଯଥା – ''ଛପି ଛପି ଆସେ ନୀଳନଭ ତଳେ ସୁନାମେଘ,/ କେଉଁ କିଶୋରୀର ଅଭିସାରେ ମନ ଉଦ୍‌ବେଗ ।'' ଏହା ଏକାନ୍ତ ପାରମ୍ପରିକ ଭାବଧାରା ନୁହେଁ କି ? କଳସୀ କାଖରେ ଚଷା ଝିଅର ପ୍ରତ୍ୟାବର୍ତ୍ତନ, ଗୋଠବାହୁଡା ଧେନୁପଲ, ଚକୁଆ ଚକୋଇର ବିଚ୍ଛେଦ, କପୋତ କପୋତୀର ବିଳାପ ଆଦି ଚିତ୍ର ପାଠକ ମନରେ କେବଳ ମଧ୍ୟଯୁଗୀୟ ଆସକ୍ତ ରୋମାଣ୍ଟିକ୍ ଚେତନା ବ୍ରତୀତ ଅନ୍ୟ କୌରସି ଉଦ୍‌ବୋଧନଶୀଳତା ଆଣେନାହିଁ ।୧୧। ପରବର୍ତ୍ତୀ ଆଉ ଏକ କବିତା 'ବିଦାୟ ଅଭିନୟ'ରେ ରାତ୍ରିଠାରୁ ପ୍ରଭାତର ବିଦାୟକାଳୀନ ପ୍ରାକୃତିକ ରୂପବର୍ଣ୍ଣନାର ଚିତ୍ର ଅତ୍ୟନ୍ତ ଗତାନୁଗତିକ : ''ଯୁଗ ଯୁଗ ଧରି ଅଭିଯାନ ମୋର ଚଳେ ପ୍ରିୟ ଦୂର ଧରଣୀ କୂଳେ/ଉଷାର ମଧୁପ ମାଗେ ମୁଁ ବିଦାୟ ଶିଶିର ସ୍ୱରୂପା ଷୋଡଶୀ ଫୁଲେ ।'' ପ୍ରାକୃତିକ ପରିବେଶରେ ଘଟୁଥିବା ଏଇ ନିତ୍ୟପ୍ରବୃତ୍ତ ବିରହ-ମିଳନର ଚିତ୍ର ମଣିଷ ଜୀବନ ପାଇଁ ମଧ୍ୟ ସତ୍ୟ ।୧୨।

ବୋଧହୁଏ ୧୯୪୧ ବେଳକୁ ଶ୍ରୀ ନାୟକଙ୍କ ଏହି ପାରମ୍ପରିକ କାବ୍ୟଚତନା ଏକ ସଚେତନ ପରିବର୍ତ୍ତନର ସମ୍ମୁଖୀନ ହୋଇଛି । ଏହି ପରିବର୍ତ୍ତନର ସ୍ୱର ବହନ କରିଛି ତାଙ୍କ କବିତା 'ମାଳି' । ମାଳିର ଗୁନ୍ଥା ଫୁଲହାରରେ ରାଜଜେମାଙ୍କ ସହିତ କେଉଁ ସ୍ୱପ୍ନରାଜ୍ୟର ରାଜକୁମାରଙ୍କ ହାତ ଛନ୍ଦାହେବ, ଅଥଚ ସେ ନିଜେ ନିତାନ୍ତ ଅପାଙ୍‌କ୍ତେୟ । ଏଇ ଉପଲବ୍‌ଧିରୁ ତା' ମନରେ ଯେଉଁ ବୈପ୍ଳବିକ ଭାବନା ଆସିଛି, ତାହା ତା'ର ବେଉସା ପ୍ରତି ଘୃଣା ଓ ଅନାଦରରେ ଅଭିବ୍ୟଞ୍ଜିତ । ତେଣୁ ସେ ହୀନଚାକର ପ୍ରତି ହେଉଥିବା ଅବହେଳାର ପ୍ରତିବାଦ କରି ଚାକିରି ଛାଡ଼ି ଦେବାକୁ ଚାହେଁ ।୧୩। ଏଇ କବିତାଟିକୁ ଯଦି ଶ୍ରୀ ନାୟକଙ୍କ କାବ୍ୟମାନସର ଏକ ସନ୍ଧିକ୍ଷଣ ବୋଲି ବିଚାର କରାଯିବ, ତେବେ ଲକ୍ଷ୍ୟ କରାଯିବ ଯେ, ଏହାପରେ ରଚିତ ତାଙ୍କ କାବ୍ୟରେ ରୋମାଣ୍ଟିକ୍ ଚେତନାର ଏକ ଭିନ୍ନ ଉନ୍ମେଷ ଘଟିଛି । ସେ ଆଉ ପାରମ୍ପରିକ ବର୍ଣ୍ଣନାମ୍ ରୂପବିଳାସ ମଧ୍ୟରେ ଆତ୍ମପ୍ରକାଶ ନକରି ଅତି ସଚେତନଭାବେ ନିଜକୁ ଏଇ ପରିବେଶରୁ ପୃଥିବୀର ଦୂରଗାମୀ ଭୌଗୋଳିକ ପରିବେଶ ଭିତରକୁ ଟାଣିନେଇଛନ୍ତି । ସେଠାରେ ତେଣୁ ଯେଉଁ ଚନ୍ଦ୍ର, ଜ୍ୟୋସ୍ନା, ଆକାଶ, ମଳୟ ବା ବସନ୍ତର ସନ୍ଧାନ କରିଛନ୍ତି ତାହା ଏସ୍କିମୋ କୁଟୀରର, ସୁମେରୁର ବରଫାଚ୍ଛନ୍ନ ଶୀତକଟୀ ବନ୍ଧର, ଅଷ୍ଟ୍ରେଲିଆର ଗୁଳ୍ମାକୀର୍ଣ୍ଣ ମରୁଭୂମିର, ମାଡାଗାସ୍କାର ଲବଙ୍ଗକ୍ଷେତର ବା ଫରାସୀ ସୁରାର । ଏସବୁ ତେଣୁ ବିଦେଶୀୟ ଭୌଗୋଳିକ ପରିବେଶର । ଏପରି ଏକ ଚୈତନିକ

---

।୧୧। (କ) 'ଗୋଟିଏ ବସନ୍ତର ସନ୍ଧ୍ୟା' – ନବଭାରତ ୫ମ ବର୍ଷ/୭ମ ସଂ, ୧୯୩୯

(ଖ) 'ହୈମନ୍ତୀ' – ନବଭାରତ ୫ମ ବର୍ଷ/୬ଷ୍ଠ ସଂଖ୍ୟା

।୧୨। 'ବିଦାୟ ଅଭିନୟ', ନବଭାରତ ୬ଷ୍ଠବର୍ଷ/୩ୟ/୪ର୍ଥ ମିଳିତ ସଂ

।୧୩। 'ମାଳି – 'ଆରତି' ପତ୍ରିକାରେ ପ୍ରଥମେ ପ୍ରକାଶିତ ଓ ପରବର୍ତ୍ତୀ ଅଂଶ 'ଡ଼ଗର' ୪ର୍ଥ ବର୍ଷ ୧୯୩ ସଂଖ୍ୟାରେ (୧୯/୩/୪୧) ପ୍ରକାଶିତ ।

ଲମ୍ଫପ୍ରଦାନ ପଛରେ ଏଇ ରୋମାଣ୍ଟିକ୍ କବିଙ୍କ ମନରେ ସୁଦୂରର ଯେଉଁ ଅଦେଖା ସଙ୍ଗୀତ ପ୍ରତିଧ୍ୱନିତ ହୋଇଛି, ତାହା କେବଳ ଆତ୍ମଗୋପନର ଅଭିଳାଷ ମାତ୍ର । ହାତପାହାନ୍ତିରେ ଅସଂଖ୍ୟ ସ୍ୱର ଓ ସ୍ୱାକ୍ଷର, ସାଧନା ଓ ସଂଗ୍ରାମର ଧାରା, ସମସ୍ୟା ଓ ହତାଶାର ଚିହ୍ନ ଥିଲାବେଳେ, ଏପରି ଏକ ସୁଦୂରର ସମୃଦ୍ଧି ତାଙ୍କ କାବ୍ୟମାନସର ସେଇ ନାରୀ ଓ ପ୍ରକୃତିପ୍ରିୟ ଭାବନାକୁ ହୁଏତ ଦୂରତାର ଏକ ଆଶ୍ଚର୍ଯ୍ୟ ଚମକ ଦେଇପାରେ, କିନ୍ତୁ ଲକ୍ଷ୍ୟ କରିବାକୁ ହେବ ଯେ ମୌଳିକ ଆଭିମୁଖ୍ୟର କିଛି ପରିବର୍ତ୍ତନ ଘଟିନାହିଁ । ଏପରିକି ମାଳିର କ୍ଷୋଭ ମଧ୍ୟ ପରବର୍ତ୍ତୀ ଧାରାବାହିକତା ରକ୍ଷା କରିନପାରି, ରୂପ କଥାର ସାଧବ ଝିଅ ସ୍ମୃତି ପାଖରେ ମଳିନ ହୋଇଯାଇଛି । ମୋଟ ଉପରେ ଶ୍ରୀ ନାୟକ ତାଙ୍କ କାବ୍ୟଚେତନାରେ କୌଣସି ବୈପ୍ଳବିକ ଚିନ୍ତାଧାରାକୁ ଯେ ଗତିଶୀଳ କରିପାରିନଥାନ୍ତେ, ଏହା ତାଙ୍କର ନିମ୍ନ ବକ୍ତବ୍ୟରୁ ସ୍ପଷ୍ଟ – ''କିନ୍ତୁ ପଳାୟନର ଅନ୍ୟ କାରଣଟି ନିତାନ୍ତ ମନୋମୋହକର । ଜୀବନର ଜଟିଳତା, ଶ୍ରେଣୀ–ସଂଗ୍ରାମର କୁଟିଳତା, ଆର୍ଥନୀତିକ ପରିସ୍ଥିତିର ଦୁର୍ଗତି ଯେତେବେଳେ ବଞ୍ଚିରହିବା ପ୍ରବୃତ୍ତିକୁ ଜର୍ଜରିତ କରିଦିଏ, ମାନବ ସେତେବେଳେ ପଳାତକ ସାଜେ ପ୍ରକୃତିର ମୁକୁଳାମନ୍ଦିର ଦ୍ୱାରରେ । ଏ ଶ୍ରେଣୀ–ସଂଗ୍ରାମରେ ସେ ପରାଜିତ ହୋଇପାରେ, କିନ୍ତୁ ଏ ପରାଜୟରେ ମୁକ୍ତି ଅଛି, ସୁଗତି ଅଛି ।''୧୪। ଏପରିକି ଏହି ପରାଜୟକୁ 'ଉତ୍ସାହର ନବୀନ ଅର୍ଚ୍ଚନା' ଭାବ ସେ ବରଣ କରିପାରନ୍ତି । ଏହି ନେତିବାଦୀ ଯୁକ୍ତି ପଛରେ ତାଙ୍କ କଳାଚେତନାର ଅବିମିଶ୍ର ଦିଗଟି ଝଟକିଉଠେ । କବି କେବଳ କଳାର ସାଧକ ମାତ୍ର । ସମସ୍ୟାର ଅଗ୍ନିଶିଖାରେ ସେ ଦଗ୍‌ଧୀଭୂତ ହେବାକୁ ପ୍ରସ୍ତୁତ ନୁହେଁ, ବରଂ ସେ ସେଥିରୁ ପଳାୟନ କରି ସ୍ୱପ୍ନ ମଧ୍ୟରେ ସଞ୍ଚରଣ କରିବାକୁ ଚାହେଁ । ତାହାହିଁ ଯଦି ଶ୍ରୀ ନାୟକଙ୍କ ଦୃଷ୍ଟିକୋଣରେ ସମସ୍ୟା ଠାରୁ ମୁକ୍ତି ଭାବରେ ନାମିତ ହୋଇପାରେ, ତେବେ ତାଙ୍କ କବିତାର ମୂଲ୍ୟାୟନ ଏଇ ଦୃଷ୍ଟିରୁ ହେବା ବାଞ୍ଛନୀୟ ।

୧୯୪୨ରେ ତାଙ୍କର ଦୁଇଟି ବିଶିଷ୍ଟ କବିତା 'ସେଲିମ୍‌ର ସ୍ୱପ୍ନ' ଓ 'ସୁମେରୁରେ ସନ୍ଧ୍ୟା' ପ୍ରକାଶନ ସଙ୍ଗେ ସଙ୍ଗେ ଶ୍ରୀ ନାୟକ ଓଡ଼ିଆ କବିତା କ୍ଷେତ୍ରରେ ଏକନୂତନ ସ୍ୱର ବାର୍ତ୍ତାବହଭାବେ ପ୍ରମାଣିତ ହୋଇଗଲେ ।୧୫। ପ୍ରଥମ କବିତାଟିର ଘଟଣାସ୍ଥାନ ଆରବ ମରୁଭୂମିର ଏକ କ୍ଷୁଦ୍ର ମରୁଦ୍ୱୀପ । ସେଇଠି ଦୁଇଟି ଶିଶୁ ସେଲିମ ଓ ଜାହାନ୍ନାରାର ବାଲିଖେଳ କ୍ରମେ ମମତ୍ୱରେ ପରିଣତ ହୁଏ, କିନ୍ତୁ ମୌଲବୀ–କନ୍ୟା ଜାହାନ୍ନାରା ଅନ୍ୟ କାହର ପରିଣୀତା ବଧୂଭାବରେ ଗୃହ ମଣ୍ଡନ କରେ । ବିଚରା ସେଲିମ୍ ତା'ରି ବିରହରେ ବ୍ୟର୍ଥ ବଂଶୀରେ ଛନ୍ଦହୀନସୁର ତୋଳେ । କିନ୍ତୁ ଲକ୍ଷ୍ୟ କରିବାର କଥା ଯେ, ଅସଂପୃକ୍ତ ହେଲେବି ଏ କବିତାରେ ମାଡାଗାସ୍କାର ଲବଙ୍ଗ କ୍ଷେତର ବର୍ଣ୍ଣନା ଓ ଉପଳବ୍ରଥିତ ନାଇଜର୍ ନଦୀତୀରରେ ଦିଗମ୍ବରୀ ନିଗ୍ରୋ ଯୁବତୀମାନଙ୍କର କାମଉଦ୍‌ବେଗ ଗତି ଓ ଅଭିସାର ସହିତ ପରବର୍ତ୍ତୀ ସେଲିମ୍ ଓ ଜାହାନ୍ନାରା ଉପାଖ୍ୟାନର କୌଣସି ସମ୍ପର୍କ ନାହିଁ । କିନ୍ତୁ କବିଙ୍କ କାବ୍ୟ–ବିଳାସର ଏହା ଏକ ମୁଖ୍ୟ ଅଂଶ ରୂପେ ଗୃହୀତ । ସେହିପରି ଦ୍ୱିତୀୟ କବିତାଟିରେ କବି ଉତ୍ତରମେରୁର ଶୀତକଟୀବନ୍ଧ ନିକଟରେ ପହଞ୍ଚିଛନ୍ତି । ଏଠାରେ ମଧ୍ୟ ବଲ୍‌ଟିକ ଉପସାଗରର ନୈଋତ କୋଣରେ ଅସ୍ତରବିର ଦୃଶ୍ୟ, ସାଇବିରିଆର ଘାସ ଆଚ୍ଛନ୍ନ ପ୍ରାନ୍ତରରେ ବଲ୍‌ଗାହରିଣର ଦଳ, ଶ୍ୱେତ ଭାଲୁ, ଶିଲ୍‌ମାଚ, ଏସ୍କିମୋ ଘରଣୀର ବଣ୍ୟ ପାତିହଂସର ମାଂସ ରନ୍ଧନ, କୋକିଶିଆଳୀର ରୋମ ମସୃଣ ଶଯ୍ୟାରେ ଶୟନ, ତୁଷାରର ଝଡ଼, ସ୍ଲେଜଗାଡିରେ କୁକୁରର ବଲ୍‌ଗା ଧରି ଏସ୍କିମୋ ବାଳିକାର ଗୃହପ୍ରତ୍ୟାବର୍ତ୍ତନ ଆଦି ବହୁ ଭୌଗୋଳିକ ଦୃଶ୍ୟ ଓ ହିମ କଳାରାତିର ବର୍ଣ୍ଣନାରେ ପ୍ରକୃତିର ଭୟଙ୍କରତା ପ୍ରତିପନ୍ନ ହୁଏ । ଏହି ଭୌଗୋଳିକ

---

।୧୪। 'ପ୍ରଗତି ସାହିତ୍ୟରେ ପଳାୟନବାଦ' – ସହକାର ୨୨ ବର୍ଷ/୩ୟ ୪ର୍ଥ ମିଳି ସଂଖ୍ୟା, ଜୁଲାଇ ୧୯୪୧

।୧୫। ସେଲିମ୍‌ର ଚିଠି – ସହକାର ୨୩ ବର୍ଷ/୩ୟ ସଂ, ଜୁନ୍ ୧୯୪୨

ସୁମେରୁର ସନ୍ଧ୍ୟା– ସହକାର ୨୩ ବର୍ଷ/୪,୫ମ ମିଳିତ ସଂଖ୍ୟା, ସେପ୍ଟେମ୍ବର ୧୯୪୨

ପରିକ୍ରମା ପରେ ପରେ ତାଙ୍କ 'ମୈୟାଁ', 'ସାଧବଝିଅର ଗୋଟିଏ କଥା', 'ବେଦୁଇନ୍‌ର ଦେଶେ', 'ଅଷ୍ଟ୍ରେଲିଆ' ଆଦି କବିତାରେ ଆହୁରି ବ୍ୟାପ୍ତି-ଭିତିକ । ''ଯେତେବେଳେ ଖାଇବର ଗିରିପଥରେ ସନ୍ଧ୍ୟା ନଇଁଆସେ ଓ ତୁଷାର ଝଟିକା ମାଡିଅସେ, ସେତେବେଳେ ଇରାକ୍‌ର କେଉଁ ଏକ ମରୁଝରରୁ କଳସୀ ଭର୍ତ୍ତିକରି ମୈୟାଁ ଫେରିଆସେ । ତା'ର ଗତିପଥରେ ଓମାର୍ ରୁବାୟତର ଗୀତ କଳସ୍ୱନା ହୋଇଉଠେ । ଏହିପରି ଅବସ୍ଥାରେ ତା'ର ଛନ୍ଦଚପଳ ଅଳସ ପଦପାତକୁ କୌଣସି ଇରାକୀ ତରୁଣ ଚାହିଁ ରହିଥାଏ ।'' ।୧୬।(କ)। ପୁଣି ତାଙ୍କ ସାଧବଝିଅ କନକଲତା କାସାବୀଏଙ୍କାର ଦ୍ୱିତୀୟ ସଂସ୍କରଣପରି ମନେହୁଏ । ଜାହାଜ ପାଣିରେ ବୁଡ଼ିଯାଉଥିଲେ ବି ସେ ଡେକ୍ ପାଖରେ ତା' ପିତାମହଙ୍କୁ ଅପେକ୍ଷା କିର କରି ମୃତ୍ୟୁବରଣ କରେ । ଶେଷରେ ଚୀନା ନାଉରିମାନେ ତା' ଶବକୁ ସମୁଦ୍ରରୁ ପାଇ ତୁଷାରରେ ତା'ର କବର ରଚିଦିଅନ୍ତି ।୧୬(ଖ)। ଏହିପରି ଦୂରର ବିଚିତ୍ର ଲୋଭନୀୟ ଆକର୍ଷଣରେ ତାଙ୍କ କବିତା ବେଶ୍ ଚମକପ୍ରଦ ଓ ଶବଳିତ ।

ତାଙ୍କ କବିତାରେ ଦୂରର ଚିତ୍ର ପରି ଅତୀତର ସ୍ମୃତି ପ୍ରତି ଆମୁଖତା ମଧ୍ୟ ଅତ୍ୟନ୍ତ ତୀବ୍ର । ଏଇ ପର୍ଯ୍ୟାୟରେ ରଚିତ ତାଙ୍କର 'ଏକରାତ୍ରିର ସଖୀ' କବିତାରେ କୌଣସି ଉଦ୍‌ଭିନ୍ନ ଯୌବନା ନାରୀ ପ୍ରତି ଯେପରି ତାଙ୍କ ଅନ୍ତରର ବ୍ୟଥିତ କାରୁଣ୍ୟ ପ୍ରକଟିତ, ସେହିପରି 'ଅଳପବିସ୍ତର' ଶୀର୍ଷକ ଏକ କବିତାରେ ଅତି ଉତ୍କଟ ଯୌନଚିତ୍ର ମଧ୍ୟ ପ୍ରକାଶିତ । ଏ କବିତାର ପରିକଳ୍ପନାରେ ସେ କେତେ ରୋମାଣ୍ଟିକ୍ ତାହା ପୃଷ୍ଠ-ଟୀକାରେ ଉଦ୍ଧୃତ ପଙ୍‌କ୍ତିରୁ ସ୍ପଷ୍ଟ ହେବ ।୧୭। ଦୈହିକ ପ୍ରେମର ଏଇ ଜୈବିକ ଚେତନା ତାଙ୍କ କବିତାରେ ଅତି ସ୍ପଷ୍ଟ ଓ ଉଦାତ୍ତ । ଏପରିକି ନାରୀର ପ୍ରତ୍ୟେକ ଅବୟବ ଓ ଅଙ୍ଗବାସର ବର୍ଣ୍ଣନା ମଧ୍ୟ ତାଙ୍କ କବିତାରେ ଉତ୍ତରଳ । ଏସବୁ କବିତାରେ ଯେତେସବୁ ନିଷିଦ୍ଧ ଭାବନା କବି ମନକୁ ଆଚ୍ଛନ୍ନ କରିଛି । ତେଣୁ ବାସୀ କବରୀ, ଶାଢ଼ି, ସେମିଜ ଓ ତରୁଣୀ ଦେହପ୍ରତି ଆସକ୍ତି ଅତି ଉତ୍କଟ । ତା' ସହିତ ପରିବେଶକୁ ମଧ୍ୟ ସେହିପରି ରୋମାଣ୍ଟିକ୍ ରୂପରେ ପରିକଳ୍ପନା କରାଯାଇଛି - ''ଦୂରେ ନିଭିଯାଏ ପାହାନ୍ତିଆର ତନ୍ଦ୍ରା ମଳିନ ଚନ୍ଦ୍ର/ପ୍ରାନ୍ତର ଭରା ବେରା କିଆରିର କ୍ଳାନ୍ତ ଥବିରଗନ୍ଧା'' । ବେଳେବେଳେ କବି ଏତେ ଭାବତନ୍ମୟ ହୋଇପଡ଼ିଛନ୍ତି ଯେ, ଶବ୍ଦଗଠନ ପ୍ରତି ତାଙ୍କର ଆନୁପାତିକତା ରକ୍ଷା ହୋଇପାରିନାହିଁ, ତେଣୁ ବେଳେବେଳେ ତାଙ୍କ ଗଠିତ ଶବ୍ଦ ବା ପଦ ନିରର୍ଥକ ହୋଇପଡ଼ିଛି । ଉଦାହରଣ ସ୍ୱରୂପ 'କ୍ଳାନ୍ତ ଥବିର ଗନ୍ଧ', 'ବିଷର୍ଣ୍ଣ ଶିଶିରସିକ୍ତ', 'ଗାଢ଼ଶୟନ', 'ଶିଉଳୀ ମଳିନ ଆବଦ୍ଧ ଜଳ', 'ଅଳ୍ପଦୁର୍ଗନ୍ଧ', 'ବେପଥୁମତୀର ରାତ୍ରି', 'ବାସୀକବରୀ' ଆଦି ଏହି ପର୍ଯ୍ୟାୟଭୁକ୍ତ । ସେହିପରି ଭାବପ୍ରବଣତାରେ ଭାସିଯାଇ ସେ ଛନ୍ଦରେ ମଧ୍ୟ ଅତ୍ୟନ୍ତ ଲକ୍ଷ୍ୟଣୀୟ ବ୍ୟତିକ୍ରମ ଦେଖାଇଛନ୍ତି । ତାଙ୍କର ପ୍ରଣୟ ବେଳେବେଳେ ପରିଚିତ ସୀମା ଓ ପରିଧି ଲଙ୍ଘନ କରି ପୃଥିବୀର ବହୁ ସ୍ୱପ୍ନମୟ ସ୍ଥାନର ସନ୍ଧାନ ନେଇଛି । ଉଦାହରଣ ସ୍ୱରୂପ ଯେଉଁଠି ଅଫିମର ଫୁଲ ମହକ ଭରିଦିଏ, ଅଙ୍ଗୁର କ୍ଷେତ ଓ ପପ୍‌ଲାର ତରୁର ନୀଳଛାୟା ଦୀର୍ଘ ସମୟ ପାଇଁ ଲାଗିରହେ, ସେଇ ବେଦୁଇନ୍‌ର ଦେଶରେ ନୀଡ଼ ରଚନା କରିବାକୁ କବି ସଖୀକୁ ଆହ୍ୱାନ କରନ୍ତି । ଏହି ପରିକଳ୍ପନାରେ ତେଣୁ ଅତି ଦୂରଗାମୀ ରୋମାଣ୍ଟିକ୍ ଚିନ୍ତା ତାଙ୍କୁ ଅଭିଭୂତ କରିଛି । ଫରାସୀ ସୁରାରେ ରାତ୍ରି ଡାଳିମ ଫୁଲପରି ଲାଲ୍ ହୁଏ ଏବଂ ନିଶା-ବିଭୋର ବେଦୁଇନ୍ ବାରବଧୂ ନରମ ଦେହର ଚଳନାହୀନ ସ୍ପର୍ଶ ଦିଏ, ଆକାଶରେ ପୁଣି ଅସ୍ତମିତ ହରିଦ୍ରା ବର୍ଣ୍ଣର ଜହ୍ନ ଗୋରଚନା ଲେପିଦିଏ, ସେଇଠି ଗୁଲ୍‌ଜାର ପରି ତନ୍ଦ୍ରାହୀନ ରାତି ପୋହିଦେବା ପାଇଁ ତାଙ୍କର କଳ୍ପନା

---

।୧୬। (କ) ମୈୟାଁ'-ଚତୁରଙ୍ଗ ୧ମ ବର୍ଷ ୬ଷ୍ଠ ସଂଖ୍ୟା

(ଖ) 'ସାଧବ ଝିଅର ଗୋଟିଏ କଥା' - ନୀଳଚନ୍ଦ୍ରର ଉପତ୍ୟକା - ପୃ ୩୮

।୧୭। 'ଏକ ରାତ୍ରିର ସଖୀ' - ଡଗର ନବମ ବର୍ଷ/୧୧୩ ସଂ 'ତୁମେ ଆଜି ନାହଁ ଶୂନ୍ୟଭବନ, ବନ୍ଦ ସେ ବାତାୟନେ/ ତଥାପି ତୁମର ନାଲିକାଚ ରୁଣୁଝୁଣୁ ଅନୁଭବି ମନେ / ଆଜି ବି ଏ ପଥପାଶେ ଛିଡ଼ା ହୋଇ ପ୍ରିୟା ତବ ପରବାସୀ ଭାବେ କାହିଁ ତାର ସେଦିନର ଘନ ଯଉବନୀ ମଦାଳସୀ ।''

କେତେ ରଙ୍ଗିନ ସହଜରେ ବୁଝିହୁଏ । ପରିକଳ୍ପନା ଏଠି ଏତେ ରୋମାଣ୍ଟିକ୍ ଯେ, ମରୁର ଦସ୍ୟୁଦନଳ ସହ ସ୍ପେନୀୟ ବଣିକଙ୍କୁ ଲୁଣ୍ଠନ କରି ରାତି ନପାହୁଣୁ ଆରବୀ ଦସ୍ୟୁପରି ପ୍ରିୟାର ନୀଡକୁ ଫେରିଆସିବାକୁ ସେ ଆକାଙ୍‌କ୍ଷା ପ୍ରକାଶକରନ୍ତି । ଦୁଷ୍ଟଶାସନ, ଲୋଭ ଓ ଲୁଣ୍ଠନରେ ଯେଉଁ ମାଟିତା'ର ସମସ୍ତ ଆକର୍ଷଣ କରାଇଲାଣି ବୋଲି କବି କ୍ଷୋଭ ପ୍ରକାଶ କରନ୍ତି, ସେହିମାଟିରୁ ପଳାୟନ କରି ଆରବୀଦସ୍ୟୁ ସାଜି ପୁନଶ୍ଚ ସେଇ ଲୁଣ୍ଠନ କରିବାରେ ତାଙ୍କ ଚିନ୍ତାଧାରା ଭାରସାମ୍ୟ ରକ୍ଷାକରି ପାରେନାହିଁ ।୧୮। ତାଙ୍କର ଆଉ ଏକ କବିତା 'କୁମ୍ଭକାମୋଦୀ'ରେ ଯୌନ ଚେତନାରେ ବ୍ୟାପକତା ସହ ପ୍ରକୃତିର ଇନ୍ଦ୍ରିୟଗ୍ରାହ୍ୟ ରୂପରେ ଆସକ୍ତି ଅତ୍ୟନ୍ତ ନିବିଷ୍ଟ । ମୁକୁଳା ନୀବୀବନ୍ଧନ, ରମ୍ଭୋରୁ, ଲଳିତବକ୍ଷ ଆଦିର ସ୍ମୃତି ଏଠାରେ ଅଧିକ ପ୍ରକଟିତ । ଜନ କୋଳାହଳ ନୀରବ ହୋଇଛି, ଚନ୍ଦ୍ର ଅସ୍ତମିତ, ତଥାପି ପ୍ରଣୟିନୀ ଆସିନାହିଁ । ଏହିକାରୁଣ୍ୟର ସ୍ମୃତିରେ କବିତାଟି ରଚିତ । ତେଣୁ ବ୍ୟଥିତ ପ୍ରଣୟୀ ପ୍ରଶ୍ନ କରିଛି – ''ଦୂରର ହୀରା ଦୀପଜଳ ନୀଳ ପାହାଡ଼ ତଳେ ଯେଉଁଠି ଚନ୍ଦ୍ର ବାଉଳାର ନିଦଯାଏ, ସେଇଠି କ'ର ତୁମେ ଶୋଇପଡ଼ିଲ ?'' ଏ କବିତାଟିର ଅତିରିକ୍ତ କଳ୍ପନାପ୍ରବଣତା ସତ୍ତ୍ୱେ ଉତ୍ତରଳ ଭାବାବେଗ ଓ ସାବଲୀଳ ଛନ୍ଦବିଭବ ପାଠକକୁ ଭସେଇନିଏ ।୧୯। ବସ୍ତୁତଃ ଶ୍ରୀ ନାକଙ୍କ ଏହି ସମୟରେ ରଚିତ ଅଧିକାଂଶ କବିତା ସମ୍ପର୍କରେ ଏହି ମନ୍ତବ୍ୟ ଅତି ନିର୍ଭୁଲଭାବେ ଦିଆଯାଇପାରିବ । ପ୍ରକୃତିର ଇନ୍ଦ୍ରିୟଗ୍ରାହ୍ୟ ରୂପ-ବିଭବକୁ ପ୍ରଚ୍ଛଦରେ ରଖି ସେ ମଣିଷର ପ୍ରେମ, ପ୍ରଣୟ ଓ ଅଭିସାରର ଚିତ୍ର ବହୁ କବିତାରେ ପ୍ରକାଶ କରିଛନ୍ତି । 'ମାଧବୀଜ୍ୟୋସ୍ନା' ଓ 'ମେଘମହ୍ଲାର' କବିତା ଦୁଇଟି ଏହି ଭାବଧାରା ବହନ କରେ । ସନ୍ଧ୍ୟାର ସମସ୍ତ ମନମତାଣିଆ ଚିହ୍ନ ସହ ଆସିଛି ମାଧବୀ ଜ୍ୟୋସ୍ନାର ରାତି । ସତେଅବା ସମଗ୍ର ବିଭାବରୀ କେଉଁ ନାଗର ଉଦ୍ଦେଶ୍ୟରେ ବିଶେଷ ଭାବେ ସୁସଜ୍ଜିତା ହୋଇଛି । ଏହି ରାତ୍ରି ହିଁ ଦେହ ଓ ମନରେ କାମନାର ଅଗ୍ନିଶିଖା ଜାଳିଦିଏ । କପୋତ କପୋତୀକୁ ଡାକିବାରେ ଏଇ ଯୌନଭାବନା ପ୍ରତୀକିତ ହୋଇଛି । ବେଲଗଛର ଛାଇତଳେ କୌଣସି ସାଉଁତାଳ ବାଳିକାମୁକୁଳାବସନ ହୋଇ ଗଭୀର ଆଳସ୍ୟରେ ଏଇ ଜ୍ୟୋସ୍ନାକୁ ଉପଭୋଗ କରୁଛି । ଶାଳ ଓ ବେଲ ବନରେ ମାଧବୀ ଜ୍ୟୋସ୍ନାର ପ୍ରାଣ ଉତ୍ତଳା ପ୍ଲାବନ ।୨୦। (କ)। ପ୍ରକୃତିରଏଇ ଆସକ୍ତ ପ୍ରଣୟ ବିଭୋର ସତ୍ତା 'ମେଘମହ୍ଲାର' କବିତାରେ ଆହୁରି ସୁଲଭ । ସନ୍ଧ୍ୟା ଆକାଶରେ ସାନ୍ଦ୍ର ବାଦଲ ଓ ବରଷାର ଝର ଗଜଲ ଗାନକରେ । ଦୀପକୁଞ୍ଜରେ ମୟୂରବଧୂ ଉତ୍ତାଳା ହୋଇଉଠେ । ପାହାଡ଼ୀ ଝରଣା ସହଜେ ଉନ୍ମନା । ବିରହୀ ନୟନରୁ ଏଇ ବର୍ଷାର 'ମହ୍ଲାର'ରେ ଅଶ୍ରୁ ଛୁଟେ । ଏପରିକି କେଉଁ କିନ୍ନରୀର ନିରୋଳା ନିଦକୁ ମଧ୍ୟ ଏ ବର୍ଷା ଭାଙ୍ଗିଦିଏ । ସେ କାମପୀଡ଼ିତା ।୨୦।(ଖ) । ଠିକ୍ ସମସାମୟିକ ଭାବେ ଲିଖିତ ଆଉ ଏକ କବିତା 'ମାଳଞ୍ଚ'ରେ ଏହିପରି ବର୍ଷା-ପ୍ରକୃତିର ରୋମାଣ୍ଟିକ୍ ବର୍ଣ୍ଣବିଭା ସହିତ ଦୈହିକ କାମନାର ଉଷ୍ମ ଆବେଗ ପ୍ରକାଶ ପାଇଛି । କଳା ବିଭାବରୀକୁ ନାରୀର କବରୀ ସହ ଉପମିତ କରାଯିବାରେ 'ଉପମା ଅଳଙ୍କାର'ର ବୈପରୀତ୍ୟ ହିଁ ଉପଭୋଗ କରାଯିବ । ପୁଣି ଝିପିରି ଝିପିରି ବର୍ଷା, ନାରୀ ହାତର କଙ୍କଣ ଧ୍ୱନି ସହ ତୁଳନୀୟ । ଜ୍ୟୋତିରିଙ୍ଗଣକୁ ନାୟିକାର କାନଫୁଲ ସହ ମଧ୍ୟ ଉପମିତ କରାଯାଇଛି । ଦୂର ବାଲୁଚରରେ ଚକୋଇର ଲଘୁ ସ୍ୱର, ବିରହିଣୀ ନାୟିକାର ଆଖିର ଅଶ୍ରୁଧାର ପରି ବାହାରେ ବର୍ଷାର ଧାର । ପାଲଟା ଶାଢ଼ିର ଉତ୍ତପ୍ତ ସୌରଭ ପରି ଗଙ୍ଗଶିଉଳୀର ଉଗ୍ର ଭିଜାଗନ୍ଧ ବାୟୁରେ ସଞ୍ଚରିଯାଏ । ଏହିପରି ଏକ କାମନାଚ୍ଛଳ ପରିବେଶରେ ସ୍ୱାଭାବିକ ଭାବେ କବି ନାୟିକାର ଦେହ-ସାନ୍ନିଧ୍ୟର ସ୍ମୃତିକୁ ରୋମନ୍ଥନ କରିଛନ୍ତି ଓ ଅପ୍ରାପ୍ତିରେ ଚରମ ଅତୃପ୍ତି ମଧ୍ୟ ପ୍ରକାଶ କରିଛନ୍ତି ।୨୦ (ଗ) ।

---

।୧୮। ବେଦୁଇନ୍‌ର ଦେଖେ – ଡ଼ଗର ୧୧ ବର୍ଷ/୧୬ ସଂଖ୍ୟା ତା ୧/୧୨/୪୭

।୧୯। କୁମ୍ଭ କାମୋଦୀ – ଡ଼ଗର, ୧୨ ବର୍ଷ/୨୦ ସଂଖ୍ୟା ତା ୧୬/୪/୪୯

।୨୦। (କ) ମାଧବୀ ଜ୍ୟୋସ୍ନା – ଶଙ୍ଖ ୨ୟ ବର୍ଷ ୯ମ ସଂଖ୍ୟା, ଫେବୃୟାରୀ ୧୯୪୭

(ଖ) ମେଘ ମହ୍ଲାର – ଶଙ୍ଖ ୩ୟ ବର୍ଷ/୩ୟ ସଂଖ୍ୟା, ଅଗଷ୍ଟ ୧୯୪୭

(ଗ) ମାଳଞ୍ଚ – ଡଗର ୧୧ ବର୍ଷ / ୧୧ ସଂଖ୍ୟା, ତା ୧୩/୧୦/୧୯୪୭

ଲକ୍ଷ୍ୟ କରିବାର କଥା ଯେ, ଦେହ ବା ଯୌନ-କାମନାକୁ କେନ୍ଦ୍ରକରି ଗଢ଼ିଉଠିଥିବା ତାଙ୍କ କବିତାର ରୂପବିଭବ କ୍ରମେ ରୂପକଥା ଓ ଅତିମାନୁଷିକ ଚେତନାକୁ ମଧ୍ୟ ଅବଲମ୍ବନ କରି ସଂଗଠିତ ହୋଇଛି । ଉଦାହରଣ ସ୍ୱରୂପ ତାଙ୍କର ବିଖ୍ୟାତ କବିତା 'ନୀଳଚନ୍ଦ୍ରର ଉପତ୍ୟକା'ର ସେଇ ଏକାକିନୀ ପ୍ରେତିନୀ ପିଶାଚୀ ଚେତନାଟିକୁ ନିଆଯାଇପାରେ । ସେ ଆକାଶରୁ ଭାଦ୍ରବ ମାସର ବର୍ଷଣମୁଖର ମେଘକୁ ଟାଣିନେଉଥିଲା । ବଧୂର ପରିପୁଷ୍ଟ ବକ୍ଷରୁ ରତିତୃପ୍ତିକୁ ଅସମାପ୍ତ ରଖି ପ୍ରଣୟୀ ଯୁବକକୁ ମଧ୍ୟ ହରିନିଏ । ଏଇ ପ୍ରେତିନୀ ସହିତ କାମଭ୍ରଷ୍ଟଚନ୍ଦ୍ରଙ୍କ ପ୍ରଣୟ ପରିକଳ୍ପନା ଖୁବ୍ ରୋମାଣ୍ଟିକ୍ ନିଶ୍ଚୟ । ସେ ରତିଲୀଳାରେ ଚନ୍ଦ୍ର ଅଙ୍ଗରୁ ସମସ୍ତ ଶୋଣିତ ଶୋଷିନେଲା । ସେଇଥିପାଇଁ ଆକାଶରେ ଚନ୍ଦ୍ର ପ୍ରାଣହୀନ ହୋଇ ପଡ଼ିରହିଲେ । ତା'ପରେ ଝରଣାର ପରୀ ଓ ବନଦେବୀ ମୃତ ଚନ୍ଦ୍ରଙ୍କୁ ଘେରି କାନ୍ଦିବାକୁ ଲାଗିଲେ । ଏହିପରି କଳ୍ପନା ସହିତ କବି ଶେଷକୁ ଏକ ଅତିଲୌକିକ ଚେତନା ମଧ୍ୟ ଯୋଡ଼ିଦେଇଛନ୍ତି । ଏହି ଉପତ୍ୟକା ବାଟଦେଇ କୌଣସି କାଠୁରିଆ ଭୁଲ୍‌କ୍ରମେ ଆସିଗଲେ ଏକ ବିଧବା ନାରୀର କରୁଣ କ୍ରନ୍ଦନ ଶୁଣାଯାଏ ଓ କାଠୁରିଆ ଭୟରେ ବାଟଭାଙ୍ଗି ଚାଲିଯାଏ । ତାଙ୍କ କବିତାରେ ଏହି ଯେଉଁ ରୂପକଥା, ଅତିକଳ୍ପନା ବା ଦେହସମ୍ବନ୍ଧୀ କାମନାର ଚିତ୍ର ପ୍ରକାଶ ପାଇଛି, ତାହା ତାଙ୍କ କାବ୍ୟମାନସର ସୁସ୍ପଷ୍ଟ ପରିଚୟ ବହନକରେ । ସେ ଯଥାର୍ଥରେ ତାଙ୍କ 'ହୀରକ ସ୍ୱପ୍ନ' କବିତାରେ କହିଛନ୍ତି ଯେ, ତାଙ୍କ ଦେହ ଏହି ଚିହ୍ନା ମାଟିର ଶସ୍ୟରେ ପରିପୁଷ୍ଟ ହେଲେବି ମନେ ସବୁବେଳେ ଆକାଶର ଇନ୍ଦ୍ରଧନୁ ପରି ଦିଗନ୍ତରୁ ଦିଗନ୍ତକୁ ସଂପ୍ରସାରିତ ହୋଇରହିଛି । ଏହି ସ୍ୱପ୍ନର ଅସମ୍ଭାବନାରେ କବି ମନରେ ତେଣୁ ବ୍ୟଥା ଓ ବେଦନା ପୁଞ୍ଜୀଭୂତ ହେବା ଏକାନ୍ତ ସ୍ୱାଭାବିକ । ତେଣୁ ମାଠିଆରୁ ଆକାଶ, ଜାଗରଣରୁ ସ୍ୱପ୍ନ ପର୍ଯ୍ୟନ୍ତ ସବୁଠାରେ ତାଙ୍କର ଅନ୍ୱେଷଣର ଚିହ୍ନ ପ୍ରକାଶ ପାଇଛି । ତାଙ୍କର ଏ ସନ୍ଧାନ ପୁଣି ଏକମୁଖୀ ନୁହେଁ, ବିଭକ୍ତ । ପ୍ରେମରେ ନିଷ୍ଠା ଓ ଭାବସତୀତ୍ୱର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ । ତେଣୁ ଏକାଧିକ ସ୍ମୃତି ପ୍ରତି ତାଙ୍କ କବିତାରେ ଦୈହିକ ଓ ମାନସିକ ଆକର୍ଷଣର ଚିହ୍ନ ସ୍ପଷ୍ଟ ବାରିହୁଏ ।୨୧। ଏହାକୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏକ ବାସ୍ତବବାଦୀ ଚେତନା ଭାବେ ମଧ୍ୟ ଗ୍ରହଣ କରାଯାଇପାରେ, କିନ୍ତୁ ପ୍ରେମ ଓ ପ୍ରଣୟ, ଦୈହିକ ଆକାଙ୍କ୍ଷା ଓ ଜୈବିକ କାମନାର ସଞ୍ଚାରପଥରେ ତାଙ୍କ କବିତାର ଚିନ୍ତାଧାରା ଏତେ ବେଶୀ ଭ୍ରମଣଶୀଳ ଯେ, ଏହାକୁ ରୋମାଣ୍ଟିକ୍ ନକହି ଅନ୍ୟ କୌଣସି ଭାବରେ ନାମିତ କରିବା ବୋଧହୁଏ ଯଥାର୍ଥ ହେବନାହିଁ । ତଥାପି ନିଜ କବିତା ସମ୍ପର୍କରେ ଏକ ସମନ୍ୱୟବାଦୀ ସିଦ୍ଧାନ୍ତ ତାଙ୍କ ସୃଷ୍ଟିରୁ ପ୍ରତିପନ୍ନ ହୁଏ । ତାଙ୍କ କବିତାରେ ଦାରିଦ୍ର୍ୟ ଓ ହତାଶାର ସଂସାର ଅପେକ୍ଷା ଐଶ୍ୱର୍ଯ୍ୟର ବିଳାସ, ପ୍ରାଚୁର୍ଯ୍ୟର ଆଟୋପ, ସୁନାର ସ୍ୱପ୍ନ ଓ ପ୍ରଚୁର ପକ୍ୱ-ଶାଳୀ-ଫସଲର ସ୍ୱପ୍ନ ଅଧିକ ସୁଲଭ । ଯେଉଁଠି ବ୍ୟଥା ଓ ରୋଗ ମଣିଷକୁ କବଳିତ କରେ, ସେ ରାଜ୍ୟର ବାସିନ୍ଦା ହେବାକୁ କବି ଚାହାନ୍ତି ନାହିଁ, ତେଣୁ ସେ ସ୍ୱର୍ଣ୍ଣ ମୃଗର ଅନୁସରଣ କରନ୍ତି । ସେ ପଛେ ଧରାନଦେଉ, ତାହାରି ସ୍ୱପ୍ନରେ କବି ପାଗଳ ।୨୨। ଏହାହିଁ ଯଦି ତାଙ୍କ କାବ୍ୟ-ଆଭିମୁଖ୍ୟର ସ୍ପଷ୍ଟୋକ୍ତି ହୁଏ, ତେବେ ବାସ୍ତବତା ପ୍ରତି ବିମୁଖତା ମଧ୍ୟ ଏକ ମାନସିକ ପ୍ରୟୋଜନତା ଭାବେ ସ୍ୱୀକୃତ ହେବ । ତେଣୁ ପରେ ପରେ ଜୀବନ ସଂଗ୍ରାମର ବିଫଳତା କବିଙ୍କୁ ଯେ ବାସ୍ତବତା ପ୍ରତି ଆକୃଷ୍ଟ କରିଚି, ଏହା ସେହି 'ନୀଳଚନ୍ଦ୍ରର ଉପତ୍ୟକା'ର ଶେଷ ପର୍ଯ୍ୟାୟର ରଚନାଗୁଡ଼ିକରୁ ସ୍ପଷ୍ଟହୁଏ । ବୋଧହୁଏ ତାଙ୍କ କାବ୍ୟଚେତନା ଏହି ସମୟକୁ ଯଥେଷ୍ଟ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରିଛି ।

---

।୨୧। ପ୍ରିୟା – ନୀଳଚନ୍ଦ୍ରର ଉପତ୍ୟକା –ପୃ ୨୨
''ନୂଆବୋହୂ ସଖା, ଯଦି ଭଉଣୀ ଏକ/କହ ମିନତି ମୋର/ଧର ଗୋଟିଏ ଛାଡି ଯଦି ଦିଓଟି ହେଲେ/ତେବେ ମନ କଣ ? / ତାର ସନ୍ଦେଶରେ ନାଚେ ଉତ୍ତଳା ହୋଇ/ବୁକେ ରକ୍ତ ମୋରା''

।୨୨। ସ୍ୱର୍ଣ୍ଣମୃଗ– ନବଭାରତ, ବୃଷ ୧୩୫୬, ମେ ୧୯୪୯

**ମାନସିକ ଦ୍ୱନ୍ଦ୍ୱ ଓ ବାସ୍ତବ ଆମୁଖତା :**

'ନୀଳଚନ୍ଦ୍ରର ଉପତ୍ୟକା'ରେ ସନ୍ନିବେଶିତ 'ଶୁଆସାରୀ' କବିତାରୁ ହିଁ ଏହି ଦ୍ୱନ୍ଦ୍ୱର ଆରମ୍ଭ ହୁଏ । ପୁରୁଷ ଚାହେଁ ନୀଳ ଆକାଶରେ ଉଡି ହଜି ଯିବାକୁ, ନାରୀ ଚାହେଁ କିନ୍ତୁ ସୁନ୍ଦର ଓ ନିରାପଦ ଏକ ନୀଡ଼ ବା କୁଳାୟ । ପୁରୁଷର ଚିନ୍ତାରେ ସୁଦୂରର ସଙ୍ଗୀତ, ନାରୀ କିନ୍ତୁ ଅଧିକ ସମାହିତ ଓ ବାସ୍ତବତା ଆମୁଖ । ଶୁଆ ଓ ସାରୀ ମଧ୍ୟରେ ଏହି ସଂଳାପ ବସ୍ତୁତଃ କବିମାନସର ସ୍ୱପ୍ନ ପ୍ରବଣତା ଓ ବାସ୍ତବବାଦିତା ମଧ୍ୟରେ ଏକ ସଂଘର୍ଷ ପରି ମନେହୁଏ । ଏ ସଂଘର୍ଷ ତାଙ୍କର ପରବର୍ତ୍ତୀ ରଚନା – 'ହେ ଧୂସର ରାଜପଥ', 'ରାତ୍ରି' ଓ 'ମେଘ ସଂହାର' କବିତାରେ ଏକ ଭିନ୍ନ ସଂଜ୍ଞାର ପଥକୁ ଅବଲମ୍ବନ କରିଛି । ଏସବୁ କବିତାରେ ଜୀବନର ତଥା ସମାଜର କୁତ୍ସିତ ଚିତ୍ର ପ୍ରତିଫଳିତ । ସହରୀ ଜୀବନର ସମସ୍ତ ବିପର୍ଯ୍ୟସ୍ତ ଚିତ୍ର–ଜୁଆଖେଳ, ପକେଟମାରୁ, ଘରକୁ ଢଳିଢ଼ଳି ଫେରୁଥିବା ମଦ୍ୟପ ମୁହଁରେ ପଦେ ଅଧେ ଅସ୍ପଷ୍ଟ ସଙ୍ଗୀତ, ରୁଗ୍ଣ କୁକୁର ପରି ପଡିରହିଥିବା ପଙ୍ଗୁ ଭିକାରୀ, ଶୀର୍ଣ୍ଣସ୍ୱାସ୍ଥ୍ୟ ଲମ୍ପଟ, ନର୍ଦ୍ଦମା ଓ ମଶିରେ ହିଂସ୍ରତାର ଚିତ୍ର ପ୍ରକଟିତ । କବିର ମାନବବାଦୀ ଦୃଷ୍ଟିକୋଣରେ ସେହିମାନଙ୍କ ପ୍ରତି ସହାନୁଭୂତି ପ୍ରକାଶପାଇଛି, ଯେଉଁମାନଙ୍କୁ କି ସଭ୍ୟତା ମାନବିକତାର ସମସ୍ତ ଗୌରବରୁ ବଞ୍ଚିତ କରି ତଳକୁ ଚାପିଦେଇଛି ।୨୩। ରାତ୍ରି ତେଣୁ ଏହିପରି ହତଭାଗାମାନଙ୍କ ତାଣ୍ଡବରେ ବୀଭତ୍ସ ଓ ଭୟଙ୍କର ହୋଇଉଠେ । ଗଣିକାବସ୍ତିରେ ଅସଂଖ୍ୟ ପଙ୍ଗପାଳର ଅଗ୍ନିସ୍ନାନ ଯୋଗ, ପିଚୁରାସ୍ତାରେ ପଙ୍ଗୁ ଭିକ୍ଷାଜୀବୀର କ୍ଷୟକାଶର ଅନବଦମିତ ଲହର ମିଶିଯାଏ । ଡଷ୍ଟବିନ୍ ପାଖରେ ଏହିପରି ମଣିଷମାନଙ୍କର ହିଂସ୍ର କୋଳାହଳ ଲାଗିରହେ । ଏଇ ରାତ୍ରିରେ ପୁଣି କେତେ ସ୍ୱାର୍ଥ ଓ ପ୍ରବଞ୍ଚନାର ଇତିହାସ କୁହାଟ ଛାଡ଼େ । ପୁଣି ଏଇ ରାତ୍ରିରେ ମଧ୍ୟବିତ୍ତର ଗରିବ ଘରଣୀ ତା'ର ଖାଦ୍ୟ ପ୍ରାଣହୀନ ଦେହକୁ ନିଃସଙ୍କୋଚରେ ତା'ର ସ୍ୱାମୀର ଛାତିରେ ଢ଼ାଳିଦିଏ । ଏଇ ରାତ୍ରି ଭବିଷ୍ୟତ ପ୍ରଜନନରୁ ମୂକସାକ୍ଷୀ ।୨୪। ଏହିପରି ବହୁ ବାସ୍ତବବାଦୀ ଚିତ୍ର ତାଙ୍କ କବିତାରେ ନୂତନ ସମୃଦ୍ଧି ଆଣିପାରିଛି । ଏଇ ପର୍ଯ୍ୟାୟର କବିତାରେ ତେଣୁ ରୋମାଣ୍ଟିସିଜିମ୍ ସହିତ ବାସ୍ତବତାର ମନନଶୀଳ ସମ୍ମିଶ୍ରଣ ହେତୁ ତାଙ୍କ କବିତାର ଆଙ୍ଗିକ, ଶବ୍ଦ ପ୍ରୟୋଗ ଓ ପ୍ରକାଶ ଭଙ୍ଗୀରେ ଅତୀତର ପରମ୍ପରା ଛିନ୍ନ ହୋଇଯାଇଛି । ଭାବସମୃଦ୍ଧ, ନୂତନ ଶବ୍ଦ ପ୍ରୟୋଗ, ନୂତନ ଉପମା, ଉତ୍ପ୍ରେକ୍ଷା ଓ ରୂପକାଦିର (metaphor) ପ୍ରୟୋଗରେ ସେ ଚିରାଚରିତ ଅନୁସୃତ ପ୍ରଥା ବିରୁଦ୍ଧରେ କବି ରାଉତରାୟଙ୍କ ପରି ବିଦ୍ରୋହ ଘୋଷଣ କରିଛନ୍ତି । ଉଦାହରଣ ସ୍ୱରୂପ, ଏହି ସମୟରେ ରଚିତ ତାଙ୍କ 'ସରୀସୃପ' କବିତାଟିକୁ ଆଲୋଚନା ପରିସରଭୁକ୍ତ କରାଯାଇପାରେ । ଏଇ କବିତାଟିରେ ସେ ଯେଉଁ ରୂପକଳ୍ପ ପ୍ରୟୋଗ କରିଛନ୍ତି, ତାହା ତାଙ୍କ କାବ୍ୟଚେତନାର ସେଇ ଦେହସର୍ବସ୍ୱତା ମଧ୍ୟଦେଇ ପ୍ରକାଶିତ ହେଲେ ବି ଏକ ନୂତନ ମାନଚିତ୍ର ପ୍ରସ୍ତୁତ କରେ । ଉଦାହରଣ ସ୍ୱରୂପ :

''ସନ୍ଧ୍ୟାର ଆକାଶ/ଗୁଜରାଟୀ ରମଣୀର ପାଲଟା ଶାଢ଼ିପରି/ସଫେଦ ଛାୟାପଥ ।
ଅତି ପରିଚ୍ଛନ୍ନ/ଦିଗତଳେ ବାଇଗଣୀ ସ୍ୟାହି ପରି ସ୍ୱଳ୍ପ ମେଘଛାୟା /
କଫି ଓ ବାଦାମବନ ପରିବ୍ୟାପ୍ତ ଗୋଦାବରୀତଟଯାଏ ।''୨୫।

ଏ ଚିତ୍ର ଦୃଷ୍ଟିସାମ୍ୟ ଉପଲବ୍ଧି କରିହୁଏ । ପୁଣି ଏ ଚିତ୍ର କେତେ ରୋମାଣ୍ଟିକ୍ ଓ ଇନ୍ଦ୍ରିୟଗ୍ରାହ୍ୟ ଏ କଥା ଅଧିକ କହିବା ଦରକାର ନାହିଁ । ସେହିପରି ଶ୍ରୀ ନାୟକ ଯେତେବେଳେ ଅଷ୍ଟ୍ରେଲିଆର ଅପମାର୍ଗ କଣ୍ଟକିତ ମରୁପ୍ରାନ୍ତରର ଛବି

।୨୩। ହେ ଧୂସର ରାଜପଥ–ନୀଳଚନ୍ଦ୍ରର ଉପତ୍ୟକା ପୃ. ୨୮

।୨୪। ରାତ୍ରି–ଝଙ୍କାର, ୧ମ ବର୍ଷ, ୧୯୪୯ ମସିହା

।୨୫। 'ସରୀସୃପ' –ଝଙ୍କାର ୨ୟ ବର୍ଷ, ୧ମ ସଂଖ୍ୟା–ଏପ୍ରିଲ ୧୯୫୦

ବର୍ଣ୍ଣନା କରନ୍ତି, ତାହା ଖୁବ୍ ଆନୁପାତିକ ମନେହୁଏ । ଏହି ମରୁପ୍ରାନ୍ତରର ଯୋଜନ-ଯୋଜନବ୍ୟାପୀ ଜନହୀନରୁକ୍ଷ ମରୀଚିକା, ମାଂସଲୋଭୀ ଗୃଧ୍ରର ଶୂନ୍ୟ ଚାରଣ, ସେ ଯେପରି ମୃତ୍ୟୁର ଅନ୍ୟ ନାମ  ମାତ୍ର । ସତେ ଯେପରି ଦୀର୍ଘକାଳଧରି କ୍ଷୁଧିତ ବଙ୍ଗ ବ୍ୟାଘ୍ର ତା'ର ଅଧର ଓ ଓଷ୍ଠପ୍ରାନ୍ତକୁ ଜିହ୍ବାରେ ଚାଟି ଚାଟି ରୋଗପୀଡିତ ଛେଳିଛୁଆକୁ ପାରଣା କରିବାକୁ ମାଡ଼ିଆସୁଛି । ସେଠାରେ କେବେ ଯଦି ଖୋଦାର ଆଶିଷ ପରି ବର୍ଷାବିନ୍ଦୁ ଆକାଶରୁ ଖସେ, ତେବେ ସେ ମୃତ୍ତିକା ସ୍ପର୍ଶକରିବାପୂର୍ବରୁ ଶୁଷ୍କ ଝଞ୍ଜାରେ ଅର୍ଦ୍ଧାକାଶରେ ଶୁଖିଯାଏ । କବି ଏହି ପ୍ରାକୃତିକ ଦୃଶ୍ୟକୁ ପୃଥିବୀର ଆଲୋକ ଦେଖିବାକୁ ପାଇନଥିବା ବାରାଙ୍ଗନାର ଭ୍ରୂଣହତ୍ୟା ସହ ଉପମିତ କରିଛନ୍ତି । ଏସବୁ ପରିକଳ୍ପନାର ନୂତନତାକୁ ସ୍ୱୀକାର କରିବାକୁ ହେବ ।୨୬। ପୁନଶ୍ଚ  ପୂର୍ବ କବିତାଟିରେ ଶ୍ରୀ ନାୟକ ଯେଉଁ ଦୈହିକ ବୁଭୁକ୍ଷା କଥା ଉଲ୍ଲେଖ କରିଛନ୍ତି, ତାହା ମଣିଷର ଏକ ପ୍ରାଗ୍-ଐତିହାସିକ ସରୀସୃପୀୟ ଲାଳସା-ସଭ୍ୟତାର ସମସ୍ତ ବିବର୍ତ୍ତନ ସତ୍ତ୍ୱେ ମଣିଷର ଦେହମନରୁ ଏହି ଆକାଙ୍କ୍ଷା ତଥାପି ନିର୍ବାପିତ ହୋଇନାହିଁ । ତେଣୁ ସମସ୍ତ ବାହ୍ୟ ଆବରଣ ଓ ସାମାଜିକ ପରିଚୟକୁ  ଭୁଲି କୌଣସି ତୈଲଙ୍ଗୀର ପରିପୁଷ୍ଟ ନଗ୍ନ ସ୍ୱାସ୍ଥ୍ୟର ସଂଭୋଗରେ କାବ୍ୟନାୟକ ତା'ର ଜୈବିକ ଲାଳସାକୁ ପରିପୂର୍ଣ୍ଣ କେର । ତା'ପରେ ତା'ର ରକ୍ତର ପଲସ୍ତରାରେ ଏକ ସମ୍ଭାବ୍ୟ ଭ୍ରୂଣର ଚେତନା ସ୍ୱାଭାବକ ଜାଗ୍ରତ ହୋଇଉଠେ । ଏହି ପର୍ଯ୍ୟାୟରେ କବି ବାର୍ଣ୍ଣାଡ୍ ଶ'ଙ୍କ ସେଇ ବିଖ୍ୟାତ୍ ନାଟକ ''Man and Superman''ର ଚିନ୍ତାଧାରା ଦ୍ୱାରା ଅନୁପ୍ରେରିତ ହୋଇଥିବା ସ୍ୱୀକାର କରିଛନ୍ତି । ଏଇ କାମଜ ଆକସ୍ମିକ ସମ୍ଭୋଗ ମଧ୍ୟରୁ ଏକ ଅତିମାନବର ହୁଏତ ଉଦ୍‌ଭବ ହୋଇପାରେ, ଏହିପରି ଏକ ଧାରଣା ଯେତେ ସମ୍ପର୍କହୀନ ହେଲେ ବି କାବ୍ୟନାୟକର ଚିନ୍ତାକୁ ଆଲୋଡ଼ିତ କରେ । କିନ୍ତୁ ଏହି ଆଲୋଡନ ଅତ୍ୟନ୍ତ ସାମୟିକ ପୁଷ୍କର ମେଘପରି ହୁଏତ ଏହା ବୃଷ୍ଟିକାମୀ ନୁହେଁ, କେବଳ ସମ୍ଭାବନା ମାତ୍ର । ତେଣୁ ଭବିଷ୍ୟତରେ କାବ୍ୟନାୟକ ଆଉ ଏହି ସମ୍ଭାବନାକୁ ଖୋଜେ ନାହିଁ, ଖୋଜେ ସେହି ପରିପୁଷ୍ଟ ଦେହକୁ ତା'ର ସମସ୍ତ ଜାନ୍ତବ କାମନାର ନିର୍ବହଣ ନିମନ୍ତେ ।

ଶ୍ରୀ ନାୟକଙ୍କ ପ୍ରଥମ ନାଟ୍ୟକାବ୍ୟ 'ଚନ୍ଦ୍ର ଓ ତାରା' (୧୯୫୧) ପ୍ରାୟ 'ନୀଳଚନ୍ଦ୍ରର ଉପତ୍ୟକା'ର ସମସାମୟିକ ଭାବେ ପ୍ରକାଶିତ । 'ନୀଳଚନ୍ଦ୍ରର ଉପତ୍ୟକା'ରେ ସେ ରୂପକଥା ଓ ଅତିଲୌକିକ ଚେତନା ପ୍ରତି ଯେଉଁ ରୋମାଣ୍ଟିକ୍ ମନୋଜ୍ଞଶୀଳତା ପ୍ରକାଶ କରିଛନ୍ତି, ଏହି ମିଥ୍‌ଧର୍ମୀ କାବ୍ୟନାଟିକାରେ ତା'ର  ଚୂଡାନ୍ତ ପରିଣତି ଲକ୍ଷ୍ୟ କରାଯିବ । ରବୀନ୍ଦ୍ରନାଥଙ୍କ ସେହି ବିଖ୍ୟାତ କାବ୍ୟନାଟିକା 'ବିଦାୟ ଅଭିଶାପ'ର କେକେ ଭାବସାମ୍ୟ ବହନକଲେ ବି ଏହି ନାଟ୍ୟକାବ୍ୟ ଶ୍ରୀ ନାୟକଙ୍କ ରୋମାଣ୍ଟିକ୍ ଚେତନାର ଏକ ନିର୍ଭୁଲ୍ ଓ ନିର୍ଭରଯୋଗ୍ୟ ପରିଣତି । ତେଣୁ ଚନ୍ଦ୍ର ସହ ଗୁରୁପତ୍ନୀ ତାରାର ନିଷିଦ୍ଧ ପାପ-ପ୍ରଣୟରୁ ବିବୃତି ତଥା ଗୁରୁ  ବୃହସ୍ପତିଙ୍କ ଅଭିଶାପର କରୁଣ ପରିଣତିରେ ଚନ୍ଦ୍ର ଦେହରେ କଳଙ୍କର ଚିହ୍ନ ଆଦି ପୌରାଣିକ କଳ୍ପନାର ଆଶ୍ରୟର ଏହି କାବ୍ୟର ବିଷୟବସ୍ତୁ ପରିପୁଷ୍ଟ । ଚନ୍ଦ୍ର ଓ ତାରା ହିଁ ଯେପରି ସବୁଠାରେ ତାଙ୍କ କାବ୍ୟଚେତନାର ଦୃଷ୍ଟି ଓ ଦିଗନ୍ତକୁ ଆବୋରି ବସିଛନ୍ତି । ବୋଧହୁଏ ଏହାରି ଆକର୍ଷଣରେ ତାଙ୍କ ଅବଚେତନ ଏତେ ବେଶୀ ଆଚ୍ଛନ୍ନ ଯେ, ପରବର୍ତ୍ତୀ କବିତା ସଂକଳନର ନାମ କରଣରେ ସେ ଏହି ପ୍ରଲୋଭନକୁ ଆଡ଼େଇ ଦେଇପାରିନାହାନ୍ତି । ଏପରିକି ପୂର୍ବାଲୋଚିତ ଭୌଗୋଳିକ ସଂକ୍ରମଣ ଓ ରୂପକଥାର ମୋହ ତାଙ୍କ କବିତା ସଂକଳନର ଆଭିମୁଖ୍ୟରେ ଯୁଗପତ୍ ପ୍ରତିଫଳିତ ହୋଇଛି । 'ନନ୍ଦାଦେବୀ' (ଜୁନ୍ ୧୯୬୨) ଓ 'ସାତ ତାରାର ଦୀପ' (ଅକ୍ଟୋବର ୧୯୬୨)ରେ ସନ୍ନିବେଶିତ କବିତାଗୁଡ଼ିକ 'ନୀଳଚନ୍ଦ୍ରର ଉପତ୍ୟକା'  (୧୯୫୧)ର ପରବର୍ତ୍ତୀ କବିତାଗୁଡ଼ିକର ସଂକଳନ ବୋଲି ନିର୍ଭୁଲଭାବେ କହି ନ ହେଲେବି ମୁଖ୍ୟତଃ

---

।୨୬। ଅଷ୍ଟ୍ରେଲିଆ-ନୀଳଚନ୍ଦ୍ରର ଉପତ୍ୟକା, ପୃ. ୧୨

।

୧୯୫୧ରୁ ୧୯୬୨ ମଧ୍ୟରେ ରଚିତ କବିତାଗୁଡ଼ିକ ଏହି ଦୁଇ ସଂକଳନରେ ସ୍ଥାନିତ ହୋଇଛି । 'ନୀଳଚନ୍ଦ୍ରର ଉପତ୍ୟକା' ପ୍ରକାଶନ ପରେ ପରେ ଶ୍ରୀ ନାୟକ ମୁଖ୍ୟତଃ ଜଣେ ରୋମାଣ୍ଟିକ୍ ଭାବବିଳାସୀ କବିଭାବେ ପ୍ରମାଣିତ ହୋଇଯାଇଥିଲେ । ଶ୍ରୀ କାଳିନ୍ଦୀ ଚରଣ ପ୍ରାଣିଗ୍ରାହୀଙ୍କ ମନ୍ତବ୍ୟ ଏ ଦିଗରୁ ପ୍ରଣିଧାନଯୋଗ୍ୟ ।୨୭। ତେଣୁ ତାଙ୍କ କବିତାର କ୍ଷୀଣ ବାସ୍ତବବାଦୀ ସ୍ୱର ଏହି ରୋମାଣ୍ଟିକ୍ ଚେତନାର ବ୍ୟାପକ ପରିଧିକୁ ଅତିକ୍ରମ କରି ପରବର୍ତ୍ତୀ କବିତାମାନଙ୍କରେ ମଧ୍ୟ ଆତ୍ମପ୍ରତିଷ୍ଠା କରି ପାରି ନ ଥିବା ଲକ୍ଷ୍ୟ କରାଯିବ । 'ନନ୍ଦାଦେବୀ' ଓ 'ସାତ ତାରାର ଦୀପ'ର ସମସ୍ତ ସଚେତନ ଉଦ୍ୟମ ସତ୍ତ୍ୱେ 'ନୀଳଚନ୍ଦ୍ରର ଉପତ୍ୟକା'ର କାବ୍ୟସ୍ୱର ତଥାପି ଉଗ୍ର ଓ ଉଦାତ୍ତ । ତେଣୁ ଅଧ୍ୟାପକ ଶ୍ରୀ କାହ୍ନୁ ଚରଣ ମିଶ୍ର ତାଙ୍କ 'ସାହିତ୍ୟ ସମୀକ୍ଷା' ପୁସ୍ତକରେ ଶ୍ରୀ ନାୟକଙ୍କ ସୁଦୂରପ୍ରସାରୀ କବିତାର ଚିତ୍ରକୁ ଖାପଛଡା ଓ ଦୈନନ୍ଦିନ ଜୀବନର ସୀମାର ବାହାରେ ବୋଲି ଅଭିଯୋଗ କରିଛନ୍ତି ।୨୮। ଠିକ୍ ସେତିକିବେଳେ 'କବି ବିନୋଦଚନ୍ଦ୍ର ଓ ନୀଳଚନ୍ଦ୍ରର ଉପତ୍ୟକା' ଶୀର୍ଷକ ପ୍ରବନ୍ଧରେ ଶ୍ରୀମତୀ ପାର୍ବତୀ ବିନୋଦଚନ୍ଦ୍ର ନାୟକଙ୍କୁ ଜଣେ ବାସ୍ତବବାଦୀ କବିରୂପେ ଅବତାରଣା କରିଛନ୍ତି ଓ ଜୀବନ-ସଂଗ୍ରାମର ବିଫଳତା ହିଁ ତାଙ୍କ କବିତାର ବିଷୟବସ୍ତୁ ବୋଲି ପ୍ରତିପାଦନ କରିଛନ୍ତି ।୨୯। ଏହିପରି ବିବଦମାନ ଓ ପରସ୍ପର ବିରୋଧୀ ମନ୍ତବ୍ୟ ପ୍ରତି ସଚେତନ ଥାଇ ଶ୍ରୀ ନାୟକ ୧୯୫୧ ଠାରୁ ୧୯୬୨ ମଧ୍ୟରେ ଯେଉଁ କବିତାବଳୀ ରଚନା କରିଛନ୍ତି, ତା ସମ୍ପର୍କରେ ଏଯାବତ୍ ସମାଲୋଚନାର କୌଣସି ନୂତନ ଦିଗନ୍ତ ଉନ୍ମୁକ୍ତ ହୋଇଥିବା ଲକ୍ଷ୍ୟ କରାଯାଏ ନାହିଁ। କାରଣ 'ନନ୍ଦାଦେବୀ'ର ପ୍ରକାଶନ ପରେ ଏହା ସମ୍ପର୍କରେ 'ଝଙ୍କାର' ପରି ଏକ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାର ନିମ୍ନଲିଖିତ ମନ୍ତବ୍ୟ ଏହାର ପ୍ରମାଣ ଦିଏ - ''କବି ବନୋଦଚନ୍ଦ୍ର ନାୟକ ନିଛକ୍ ରୋମାଣ୍ଟିକ୍ ଏବଂ ତାଙ୍କ 'ନୀଳଚନ୍ଦ୍ରର ଉପତ୍ୟକା'ର ରୋମାଣ୍ଟିକ୍ ଭାବଧାରା 'ନନ୍ଦାଦେବୀ'ରେ ମଧ୍ୟ ଦେଖିବାକୁ ମିଳେ । ସେ ସ୍ୱପ୍ନଚାରୀ ହେଲେ ମଧ୍ୟ ତାଙ୍କର ସ୍ୱପ୍ନ, ଆଶା, ଆକାଙ୍କ୍ଷା ଓ କଳ୍ପନାର ଜୀବନ-ସଂଗ୍ରାମରେ କ୍ଷତବିକ୍ଷତ ହୋଇ ରୂଢ଼ ବାସ୍ତବତା ଦ୍ୱାରା ଆହତ ହୋଇଛି ଏବଂ ଅନ୍ୟାନ୍ୟ ରୋମାଣ୍ଟିକ୍ କବିଙ୍କ ପରି ତାଙ୍କର ମଧ୍ୟ ସ୍ୱପ୍ନ ଭଙ୍ଗଜନିତ ବିଭ୍ରାନ୍ତି ଆସିଛି'' ।୩୦।

କ'ଣ ତେବେ ଏଇ ବିଭ୍ରାନ୍ତି (disillusionment) ? କେତେଦୂର ପରବର୍ତ୍ତୀ କାବ୍ୟଚେତନାରେ ଏହା ରୂପାୟିତ ଓ ଅନୁସୃତ ? କବି ଯେଉଁଠି ଜୀବନକୁ ଏକ ମରୀଚିକା ବୋଲି ପରି କଳ୍ପନାକରି କହନ୍ତି -

''ଏ ଜୀବନ/କେଉଁ ଏକ ଗାୟକର ମାୟାବୀ ସଙ୍ଗୀତ ତାର ନୀଡ଼ ଓ ମୂର୍ଚ୍ଛନା /
ବିଷାଦ ମଳିନ-ଅର୍ଥହୀନ ଏକ ଶୀର୍ଣ୍ଣ ଗୈରିକ ନଦୀ/
ପ୍ରସ୍ତରର ମୋହମରଣରେ ମୃତ/ବାଲିଚର ଧୂସର ଅଙ୍ଗୁରୀୟରେ ଲୀନ ।''

'ମୃତନଦୀର ମରୀଚିକା' (ନନ୍ଦାଦେବୀ)

ଏଇ ମରୀଚିକାର ଆତଙ୍କ କ'ଣ ତାଙ୍କ କବିତାର ପରବର୍ତ୍ତୀ କାବ୍ୟଚେତନା ? ବୋଧହୁଏ ଏହାର ଏକ ଆସ୍ତିବାଚକ ଉତ୍ତର ମିଳିବନାହିଁ । କାରଣ ତାଙ୍କ କାବ୍ୟଚେତନାରେ ଏପରି କୌଣସି ସଂଗଠିତ ଆତ୍ମୋପଲବ୍‌ଧି ଉଗ୍ରରୂପେ ପ୍ରକାଶ

୨୭। (କ) 'ନୀଳଚନ୍ଦ୍ରର ଉପତ୍ୟକା' ଶ୍ରୀ ବିନୋଦଚନ୍ଦ୍ର ନାୟକଙ୍କ ଦ୍ୱିତୀୟ କବିତା ସଂଗ୍ରହ ଯାହାକି ପାଠକକୁ ରୋମାନ୍‌ସ ଓ ପ୍ରେମର ଏକ ଉଚ୍ଚତମ ଆକାଶରେ ପହଂଚାଇ ଦିଏ ତଥା ଏକ ନବୀନ ଓ ନିର୍ମଳ କାରୁଣ୍ୟରେ ଛୁଇଁଯାଏ ।

(ଖ) Binod Nayak is unconsigibly romantic " - Current Indian Literature.

।୨୮। ସାହିତ୍ୟ ସମୀକ୍ଷା-ଅଧ୍ୟାପକ କାହ୍ନୁ ଚରଣ ମିଶ୍ର

।୨୯। କବିତା ୧ମ ବର୍ଷ/୧ମ ସଂଖ୍ୟା (୧୯୫୪) ଶାନ୍ତି ନିକେତନ ଓଡ଼ିଆ ବିଭାଗରୁ ପ୍ରକାଶିତ

।୩୦। 'ନନ୍ଦାଦେବୀ' ପୁସ୍ତକ ସମୀକ୍ଷା - ଝଙ୍କାର ୧୫ ବର୍ଷ/୧ମ ସଂଖ୍ୟା ଏପ୍ରିଲ ୧୯୬୩.

ପାଇନାହିଁ । ତେଣୁ ଏହା ପୂର୍ବପରି ମିଶ୍ର ଆବେଗ ନେଇ ଗତିଶୀଳ, ଅର୍ଥାତ୍ କେତେବେଳେ ଜୀବନ ପାଇଁ ଆକର୍ଷଣ ତ ପୁଣି କେତେବେଳେ ଜୀବନ ପ୍ରତି ଗୈରିକ ଅବସାଦର ମାଳିନ୍ୟ । କେଉଁଠି ପ୍ରଚୁର ସ୍ୱପ୍ନ ତ ପୁଣି କେଉଁଠି ସ୍ୱପ୍ନର ଅସହାୟ ପରିସମାପ୍ତି । ମୋଟ ଉପରେ ତାଙ୍କ କାବ୍ୟଚେତନାରେ ଏହି ଦ୍ୱନ୍ଦ୍ୱ ଓ ଦ୍ୱୈତସ୍ୱର ସର୍ବତ୍ର ସୁଲଭ । ଏହିଦ୍ୱନ୍ଦ୍ୱ ବାସ୍ତବ ବେଦନାର, ଜୀବନପୀଡ଼ନର ଓ ରୁକ୍ଷତାର । ତେଣୁ ଏହା ନିଛକ୍ ରୋମାଣ୍ଟିକ୍ ବି ନୁହେଁ । କିନ୍ତୁ ରୋମାଣ୍ଟିକ୍ ଚେତନା ଏହାର ଏକ ଆବଶ୍ୟକ ଉପାଦାନଭାବେ ସ୍ୱୀକୃତ ହେବ । ତେଣୁ ରୋମାଣ୍ଟିକ୍ ଓ ରହସ୍ୟମୟ ଭାବଧାରାର ସମନ୍ୱୟରେ କବି ବିନୋଦ ନାୟକଙ୍କ କବତାଗୁଡ଼ିକ ଏକାନ୍ତ ମୌଳିକ ଓ ସ୍ୱତନ୍ତ୍ର । ସୌନ୍ଦର୍ଯ୍ୟବୋଧ ଏହାର ପ୍ରାଣ । ଏହାକୁ ଉପଭୋଗ କରିବା ପାଇଁ ହୃଦୟର ଗ୍ରାହକତା ଓ ପ୍ରାଣପ୍ରାଚୁର୍ଯ୍ୟ ଦରକାର ।୩୧। ଏହି କାବ୍ୟଚେତନାର ଦ୍ୱନ୍ଦ୍ୱ କ୍ରମେ ତାଙ୍କ କବିତାକୁ ଏକ ଭିନ୍ନ ମାନଚିତ୍ର ପ୍ରଦାନ କରିଛି –ଏହା ଅନୁଧ୍ୟାନର ବିଷୟ ।

**ତାଙ୍କ କବିତାରେ ଭିନ୍ନ ଦୃଷ୍ଟି :**

ଜୀବନର ଅଗଣିତ ବ୍ୟାଧିପୂର୍ଣ୍ଣ ମୁହୂର୍ତ୍ତର ଦ୍ରଷ୍ଟା କବି । ସେ ଦେଖେ, ‘‘ମଦ୍ୟପୀ ଚନ୍ଦ୍ର ଢ଼ଳିଢ଼ଳି ଅସ୍ତଶିଖରକୁ ଚାଲିଛି । ରାତ୍ରି କେବଳ ସରୀସୃପୀୟ ଜୈବିକ ଲୀଳାରେ ଅତିମାତ୍ରାରେ ବିଭସ୍ସ ଓ ନାରକୀୟ । ଗଣିକାର ସୁଲଭ ମଦ୍ୟପାନ ନିଶାରେ ରାତି ଆସକ୍ତ । କୋଇଲା ଖଣି କୁଲୀବସ୍ତିରେ ମାତାଲର ସଙ୍ଗୀତ ଓ ଆର୍ତ୍ତଚିତ୍କାର ଲାଗିରହେ । ତେଣୁ କବି ଅତି ବ୍ୟାକୁଳ ଭାବେ ଜୀବନ ଦେବତାଙ୍କୁ ପଚାରନ୍ତି – ‘‘ପ୍ରଭୁ ! ତୁମ ରାତ୍ରିର ପ୍ରଭାତ ହେବେ ?’’ ।୩୨। ଅତିକାୟ ଦୈତ୍ୟର ମୁଖଗହ୍ୱରପରି କୋଇଲା ଖଣିର ଗହ୍ୱରରେ ରାତି ଜମାଟ ବାନ୍ଧେ । ଏଇ ରାତି ଯେତେ ଭୀତିପ୍ରଦ ହେଲେ ବି ରାତି ବ୍ୟତୀତ ଯେ ପ୍ରଭାତର ଆକର୍ଷଣ ନାହିଁ । ତେଣୁ ଏକ ମାନସିକ ପ୍ରତିକ୍ରିୟାରେ ବୋଧହୁଏ ସଚେତନ କବି ଏକ ନୂତନ ରାତ୍ରିର କଳ୍ପନା କରିଛନ୍ତି, ଯାହା ଜୀବନ ପାଇଁ ଯଥାର୍ଥରେ ସ୍ୱାଦ୍ୟ ଓ ସୁନ୍ଦର, ସୁଖକର ଓ ବରଣୀୟ । ଏଠାରେ ଗତରାତ୍ରିର ଭୟଙ୍କର ପରିସ୍ଥିତି ଓ ନାରକୀୟ ଦେହଲୀଳା ନାହିଁ । ଏ ରାତି ତେଣୁ ଓମରଖାୟେମ୍ ସୁଲଭ ଚିନ୍ତାଧାରାରେ ବେଶ୍ ସୁନ୍ଦର ଓ ମଞ୍ଜୁଳ । ଦାର୍ଶନିକ ନହୋଇ କବି ନାହିଁ, ତେଣୁ ଜୀବନକୁ ଉପଭୋଗ କରିବା ପାଇଁ ତା'ର ନିର୍ଦ୍ଦେଶ –

‘‘ଚାଲିଲା ପଥରେ ମିଳେ ତେଣୁ ଯଦି ଫୁଲ/ବାସି ନ ହେଉଣୁ ଆଘ୍ରାଣ କରିନିଅ,
ବିଶ୍ରାମ ପାଇଁ ପାତିଲେ ପଣତ କେହି/ପ୍ରଣାମ କରରେ ସେହି ତୋର ବରଣୀୟ ।’’

ଜୀବନ ସହିତ ଏହା ଏକ ବୁଝାମଣାର ସ୍ୱର । ଏଠି ଆଉ ସୁଦୂରର ମୋହ ନାହିଁ, ନିୟତ ଧାବମାନ ଜୀବନ ଏଠାରେ ସଂଯତ ଓ ଅନ୍ୱେଷାରହିତ ।୩୩। ବରଂଏଇ ଜୀବନନଦୀ ଏକ ବିରାଟସାଗର ସହିତ ସଙ୍ଗମ ଚାହେଁ । ଯେଉଁଠି ମରଦେହର ସମସ୍ତ ଲୀଳାଖେଳା ଶେଷହୁଏ, ଧରାର ସମସ୍ତ ସ୍ୱପ୍ନ ହୁଏ ନିର୍ବାପିତ । ଏଠି ତେଣୁ ସମସ୍ତ ରୂପର ଉତ୍ସ ଏକ ବିରାଟ ରୂପାତୀତ ପାଖରେ ନିବେଦିତ ଓ ସମର୍ପିତ । ତା'ରି ଘନ ନିର୍ଘୋଷରେ ଦେହ ଓ ମନ ଉଲ୍ଲସିତ ହୋଇଉଠେ ।।୩୪। ରାତ୍ରିର ମୁଦ୍ରିତ ପଦ୍ମଟି ଯେପରି ପ୍ରାତଃକାଳୀନ ସୂର୍ଯ୍ୟର ଆଲୋକରେ ଉନ୍ମୀଳିତ ହୋଇଉଠେ, ହୃଦୟକମଳ ସେହିପରି ଏକ ପରମର ମିଳନ କାମନାରେ ଚିର ଉନ୍ମୁଖ । ସୂର୍ଯ୍ୟମୁଖୀ ମନ ସୂର୍ଯ୍ୟକୁ ଭେଟିବାକୁ ଚାହେଁ, କିନ୍ତୁ ସଂସାରର ନାନା ବାଧାବିଘ୍ନ ତା ମନର ସେଇ ସ୍ୱଚ୍ଛ ସୁନ୍ଦର ଫୁଲଟିକୁ କରେ କୀଟଦ୍ରଷ୍ଟ । କେତେ ବୈଶାଖର ଝଡ଼, ଆଷାଢ଼ର ବଜ୍ରାଘାତ ଓ

।୩୧। ‘ପୋହଳା ଦ୍ୱୀପର ଉପକଥା’ – ଭୂମିକା ନବକିଶୋର ପଣ୍ଡା

।୩୨। ‘ଜୀବନ ପ୍ରଭାତ’ – ନନ୍ଦାଦେବୀ ପୃ. ୬୩, ଝଙ୍କାର–ଫେବୃୟାରୀ ୧୯୫୨

।୩୩। ନିଶିର ଡାକ – ନନ୍ଦାଦେବୀ ପୃ ୧, ଝଙ୍କାର – ଅକ୍ଟୋବର – ୧୯୫୨

।୩୪। ସାଗର ସଂଗମ – ନନ୍ଦାଦେବୀ ପୃ ୨୦ ଝଙ୍କାର – ନଭେମ୍ବର –୧୯୫୨

ଦୃଷ୍ଟିପାତ ତାକୁ ଭୀତିବିହ୍ୱଳ କରେ । ତଥାପି ଆଲୋକର ସେଇ ଅବାରିତ ଉତ୍ସ ଉଦ୍ଦେଶ୍ୟରେ ଜୀବନ ଧାବମାନ । ଏକ ଜ୍ୟୋତିପୁରୁଷର ରାସ ନିମନ୍ତେ ଉତ୍କଣ୍ଠିତ ।୩୫। ଏହି ଉପଲବ୍ଧିରୁ ଏକ ଆନନ୍ଦମୟ ସତ୍ତା ଉଦ୍ଦେଶ୍ୟରେ କବିର ଆଧ୍ୟାତ୍ମିକ ଅନୁଯୋଗ ସ୍ପଷ୍ଟ ବାରିହୁଏ – ''ଯେ ଯନ୍ତ୍ରଣା ଦିଅ ତୁମେ, ଦିଅ ଯେଉଁ ବଞ୍ଚନା ଓ କ୍ଷତି/ଶିଖାଅ ସେ ସବୁ ମଧ୍ୟେ ପାଏ ଯେହ୍ନେ ଆନନ୍ଦର ଜ୍ୟୋତି ।''।୩୬। କିମ୍ବା ଆଉ ଏକ କବିତା 'ସୁଡ଼ଙ୍ଗଖନନ'ରେସେ ଯେତେବେଳେ କହନ୍ତି ଯେ–ଯୁଗେ ଯୁଗେ ହିଂସ୍ର ମଣିଷ ଶିକାର ପାଇଁ ମଶାଲ ଜାଳିଛି, ନିରୀହ ମୃଗଯୂଥକୁ ଶିକାର କରିଛି, ପ୍ରତିବେଶୀକୁ ଯନ୍ତ୍ରଣା ଦେଇଛି, ଏଣିକି ମାଟିତଳୁ ଆଣୁଥିବା ସେଇ ଯୁଗଯୁଗର ଚର୍ବିସଞ୍ଚିତ ତୈଳରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଦେଉ, ସେତେବେଳେ ଶ୍ରୀ ନାୟକଙ୍କ କାବ୍ୟସ୍ୱରରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଦିଗ ପ୍ରକଟିତ ହୁଏ– ଏଥିରେ ଦ୍ୱିରୁକ୍ତି ଥାଇନପାରେ ।୩୭।

କବି ସମସାମୟିକ ଯନ୍ତ୍ରଣା–ଜର୍ଜରିତ ପରିସ୍ଥିତିରୁ ମୁକ୍ତି ଚାହେଁ । ଏଠି ଶାସନର ଅତ୍ୟାଚାର, କରପୀଡ଼ା, ଯୁବତୀଧର୍ଷଣ ଓ ହତ୍ୟା, ମଦ୍ୟ ଓ ପ୍ରଲୋଭନ, ତିଥି ଓ ଅତିଥି–ଏଠାରୁ ସେ ଖସି ପଳାଇ ଯିବାକୁ ଚାହେଁ, ହେଉପଛେ ସେଇ ପଳାୟମାନ ଜୀବନ ଘଟଣାବିହୀନ ଓ ଦ୍ୱିଧାହୀନ । ଯେଉଁ ସାମାଜିକ ଦୁର୍ଗତିରୁ ସେ ଏକ ଆଧ୍ୟାତ୍ମିକ ଅନୁଭବ ପାଖରେ ପହଞ୍ଚନ୍ତି, ଠିକ୍ ସେଇ କାରଣରୁ ଏଠାରେ ପଳାୟନର ସ୍ୱର ମଧ୍ୟ ତୀବ୍ର । ଉତ୍ତର ଆକାଶର ତାରା, ଯେକି ଏ,କ ଧ୍ରୁବ ମୂଲ୍ୟବୋଧର ପ୍ରତୀକ, ସେ ଅସ୍ତମିତ । ତେଣୁ ଜନପଦର ଜଞ୍ଜାଳ ଭିତରକୁ ନ ଯାଇ ସମୁଦ୍ରଦ୍ୱୀପର ବାଲିଚରାରେ ନଙ୍ଗର ପକେଇବାକୁ ସେ ପ୍ରେମିକାକୁ ଆହ୍ୱାନ କରିଛନ୍ତି । ସେ ପ୍ରେମିକା ଲାବଣ୍ୟବତୀର ନୂତନ ସଂସ୍କରଣ, ସିଂହଳଦ୍ୱୀପର ଗଜଦନ୍ତ ପଲ୍ୟଙ୍କ ନୁହେଁ, ଧୂଳିଶୟନ ତା'ର କାମ୍ୟ ।୩୮। ଲକ୍ଷ୍ୟ କରିବାର କଥା, ବାରମ୍ବାର ଲାବଣ୍ୟବତୀର ନାମୋଚ୍ଚାରଣ କରିବା ଦ୍ୱାରାକବି ସ୍ୱକୀୟା ପ୍ରୀତିକୁ ହିଁ ତାଙ୍କ ପରବର୍ତ୍ତୀ କାବ୍ୟଚେତନାର ସମର୍ଥନ ଜଣାଇଛନ୍ତି । ଏଇ ସମର୍ଥନର ସ୍ୱର ସମସାମୟିକ ଆଉ ଏକ କବିତା 'ଏଇ ପୃଥିବୀ ଓ ପ୍ରିୟା'ରେ ଆହୁରି ପ୍ରାଞ୍ଜଳ । ଯେଉଁ ମନ ଥିଲା ଅତ୍ୟନ୍ତ 'ବାୟବୀୟ ଓ ସଞ୍ଚରଣଶୀଳ', ଏବେ ତାହା ନୀଡ଼କାମୀ ହୋଇଥିବା ମନେହୁଏ । ତେଣୁ ପ୍ରିୟାର ପଣତତଳେ ହଜିଯିବାର ଆକାଙ୍କ୍ଷା ଏଠାରେ ଉଗ୍ର । ସମଗ୍ର ଆକାଶ ଟିକଟିଏ ହୋଇ ପ୍ରିୟାର ଲଲାଟକୁ ଓହ୍ଲାଇଆସେ । 'ଇନ୍ଦ୍ରଧନୁ'ର ରଙ୍ଗ ପ୍ରିୟା ଚରଣତଳର ଅଲକ୍ତକରେଖା । ବିକ୍ଷତ ଦେହ–ମନ ନେଇ କବି ମାଟିର ମୋହପ୍ରତି ଦୃଷ୍ଟିପକାଇଛନ୍ତି । ତେଣୁ କହିଛନ୍ତି – ''ସମସ୍ତ ପରକୀୟା ମରୀଚିକାପରି କେବଳ ମାରଣ ମନ୍ତ୍ର ହିଁ ଶିଖାଏ । ତେଣୁ ଗୋଟିଏ ନିଶ୍ଚିତ ପଣତତଳେ ଦୀପପରି ସେ ଆଲୋକ ପ୍ରକାଶ କରିବାକୁ ଚାହାନ୍ତି''।୩୯। ପରବର୍ତ୍ତୀ କବିତା 'କାଗଜର ଫୁଲ'ରେ ପରକୀୟା ପ୍ରୀତି ପ୍ରତି ଜୁଗୁପ୍ସା ପ୍ରକାଶିତ । କାରଣ ପରକୀୟା ପ୍ରୀତି କେବଳ ତୃଷାକୁ ବଢ଼େଇଥାଏ, ତାହା ନିଶ୍ଚିତଭାବେ ଆତ୍ମାପ୍ରତି ଏକ ଅପମାନ । ସେ ପ୍ରକୃତ ଫୁଲର ସୁରଭି ନୁହେଁ, କାଗଜର ଫୁଲ ମାତ୍ର । ଏ କବିତାଟିରେ ପୂର୍ବ କବିତା 'ଏଇ ପୃଥିବୀ ଓ ପ୍ରିୟା'ର ଭାବଧାରା ସଂପ୍ରସାରିତ ହୋଇଥିବା

---

।୩୫। ନିଦ୍ରିତ କମଳ ପ୍ରତି – ସାତତାରାର ଦ୍ୱୀପ – ପୃ ୪୫

।୩୬। ଏକ ଆନନ୍ଦ ପ୍ରାର୍ଥନା – ଇଦ୍ଧାବୃତ୍ତ ପୃ. ୬୭

।୩୭। ସୁଡ଼ଙ୍ଗ ଖନନ – 'ଇଳାବୃତ୍ତ' ପୃ ୮୨

।୩୮। ଉତ୍ତର ଆକାଶର ତାରା – ନନ୍ଦାଦେବୀ – ପୃ ୫

।୩୯। ଏଇ ପୃଥିବୀ ଓ ପ୍ରିୟା – ସାତ ତାରାର ଦ୍ୱୀପ ପୃ. ୧୦

''ଆଜି ମୁଁ ଫେରିଚି ବିକ୍ଷତ ଦେହ କ୍ଳାନ୍ତ ଚରଣ ନେଇ/ନେଇ ବିବର୍ଣ୍ଣ ମନ
ଅଂଚଳ ତଳେ ଶୟନ ମାଗେ ମୁଁ ଗୋଟିଏ ମାତ୍ର କ୍ଷଣ।
ବୁଝିଲି ଆଜି ମୁଁ ଏ ଜୀବନ ଓ ସକଳ ସପନ ଏଇ ପୃଥିବୀ ଓ ପ୍ରିୟା
ଆଉ ସବୁ ମାୟା ମରୀଚିକା, ପରକୀୟା–ମାରଣ ମନ୍ତ୍ର ଶିଖା ।''

ମନେହୁଏ । ଏହି କାବ୍ୟ ଉପଲବ୍ଧି ତାଙ୍କ କବିତାରେ ପରେ ପରେ ବ୍ୟାପକ ସ୍ୱର ସଞ୍ଚାର କରିଛି । ୧୯୬୦ ମସିହାରେ ରଚିତ 'ଏ ପୃଥିବୀ', 'ଚନ୍ଦ୍ରଲୋକରେ ସନ୍ଧ୍ୟା' ଓ 'କଜଳପାତିକି ଡାକେ' କବିତା ତିନୋଟିକୁ ଉଦାହରଣ ସ୍ୱରୂପ ନିଆଯାଇପାରେ । ପ୍ରଥମ କବିତାଟି ତାଙ୍କ ମନରେ ଉଦୟ ଲାଭକରିଥିବା ଅନେକ ଆକାଶୀଚିନ୍ତା ଓ ମାଟିର ମଳିନ ଚିନ୍ତା ମଧ୍ୟରେ ଏକ ଦ୍ୱନ୍ଦ୍ୱର ସ୍ୱର ବହନ କରେ । ମାଟିର ଦାବିକୁ ଅସ୍ୱୀକାର କରି କଳ୍ପନାର ଡେଣାରେ ସେ ଆକାଶରେ ଉଡ଼ିବୁଲୁଥିଲେ ଓ ଜୀବନ-ସଂଗ୍ରାମକୁ ଭୁଲିଥିଲେ । କବିତାରେ ଆଣିଥିଲେ କେତେ ସୁଦୂରର ମୂର୍ଚ୍ଛନା, କିନ୍ତୁ ପରେ ତାଙ୍କ ଉପଲବ୍ଧିରେ ଏସବୁ ଅର୍ଥହୀନ ପ୍ରତୀତ ହୋଇଛି । ତେଣୁ ଏଇ ମାଟି ଓ ପୃଥିବୀ ତାଙ୍କ ପାଇଁ ନୂତନ ଅର୍ଥ ନେଇ ଠିଆହୁଏ । ଏକ ନୂଆ କଳରବର ଉଚ୍ଛ୍ୱାସରେ କବି ହୁଏ ଆତ୍ମହରା । ତା'ରି ସ୍ନେହ, ପ୍ରେମ ଓ ପ୍ରଣୟ ବୃତ୍ତରେ ପୃଥିବୀ ଧରାଦିଏ । ସେ ଲେଖିଛନ୍ତି ''ଆକାଶର ଯେତେ ନୀଳ, ଯେତେ ନିଶା/ଦୂର ସଙ୍କେତର/ଆଚମ୍ବିତେ ହେଲା ଦୂରତର ।'' ପୁଣି ଅତି ନିଷ୍ଠୁର ବାସ୍ତବତାର ସମ୍ମୁଖୀନ ହୋଇ କବି ମୃତ୍ତିକାର ବିଷ ମଧ୍ୟ ପାନକରିବାକୁ ଆଗେଇଆସେ । ପଙ୍ଗପାଳପରି ଅଗ୍ନିସ୍ନାନରେ ତା' ଦେହ ଜର୍ଜର ହୁଏ । ସେ ଭଗ୍ନପକ୍ଷ ଓ କ୍ଷତାକ୍ତ ହୋଇ ପଡିରହେ । ଏଇପରି ଅବସ୍ଥାରେ ସେ ଅନୁଭବ କରେ ଯେ ପ୍ରିୟାବଲ୍ଲଭୀ ପରି ଏ ପୃଥିବୀ ତାକୁ ବାହୁଭିଡ଼ ଆଶ୍ରୟ ଦେଇଛି । ତେଣୁ ତାଙ୍କ ମନର ସମସ୍ତ ଦ୍ୱନ୍ଦ୍ୱ ଓ ସଙ୍କଟର ଏଠାରେ ଅବସାନ ଘଟିଥିବା ମନେହୁଏ ।୪୦। ଏହାପରେ କବି ପୃଥିବୀର ସମସ୍ତ ବାଦବିସମ୍ବାଦରେ ପୀଡ଼ିତ ହୋଇଥିବା ସ୍ୱାଭାବିକ । ଏଇ ପୃଥିବୀରେ ଯେପରି ପ୍ରଚୁର ସ୍ନେହ, ପ୍ରେମ, ମମତା ଓ କଲ୍ୟାଣ ଭରିରହିଛି, ସେହିପରି ଦୁଃଶାଳା ମନ୍ଥରା ଓ ମାୟାବିନୀ ବିଷଧାତ୍ରୀର ମଧ୍ୟ ଅଭାବ ନାହିଁ । ଏଠାରେ ଅହରହ ହିଂସା ଆଉ ଶୋଷଣର ସଙ୍ଗୀତ ନିନାଦିତ ହୁଏ । ଲକ୍ଷ ଲକ୍ଷ ଆତ୍ମାର ଆର୍ତ୍ତବିଳାପରେ ଏ ପୃଥିବୀର ଆକାଶ ପ୍ରତିଧ୍ୱନିତ । ତେଣୁ କି ଅତି ବ୍ୟଥିତଭାବେ କହିଛନ୍ତି – ଏ ପୃଥିବୀ ଦିନେ ଧ୍ୱଂସ ହେବ, ତା'ର ଆହ୍ନିକ ଗତି ସ୍ତବ୍ଧ ହୋଇଯିବ । ଅନ୍ୟ କୌଣସି ଜନବସତି ପୂର୍ଣ୍ଣ ଗ୍ରହରୁ କୌଣସି ଅଭିଯାତ୍ରୀ ଆସି ଏହାର ପ୍ରତ୍ନତାତ୍ତ୍ୱିକ ଗବେଷଣା କରିବେ ।୪୧। ଏହି ଭିନ୍ନଚିନ୍ତା-ପର୍ଯ୍ୟାୟଭୁକ୍ତ ପରବର୍ତ୍ତୀ କବିତା 'କଜ୍ଜଳପାତିକି ଡାକେ'ରେ ସେ ଯେଉଁ ନୂତନ ପ୍ରଭାତର କରିକଳ୍ପନା କରିଛନ୍ତି, ତହିଁରେ ଅତୀତର ସମସ୍ତ ଆଶାୟିତ ପ୍ରେମ ଓ ତଦୁତ୍ତାରୁ ସମସ୍ତ ଧାବମାନ ଗତିର ସ୍ମୃତି ବାସ୍ତବର ପ୍ରବଳ ଆଘାତରେ ନିମୀଳିତ ହୋଇଯାଏ । ଗତରାତ୍ରି ଥିଲା ଆରଣ୍ୟକ ଓ କଳ୍ପନାପ୍ରବଣତାର, ଆଜିର ସକାଳ କିନ୍ତୁ ଏକ ନୂତନ ଅନୁଭୂତିର-ଯାହା ସାଧାରଣ ଗୃହସ୍ଥ ଓ କୃଷକବଧୂର ଦୈନନ୍ଦିନ ଜୀବନଯାତ୍ରାର ଚିତ୍ର ବହନକରେ, ମହିଷାଳ ତା'ର ଗୋଠ ନେଇ ଚରାଭୂଇଁ ଅନ୍ୱେଷଣରେ ଯାଏ । ସବୁକିଛି ଏଠାରେ ତେଣୁ ଦୈନନ୍ଦିନ ଓ ସ୍ୱାଭାବିକ । ଅତୀତର ଏଇ ପ୍ରଭାତ ଥିଲା ଶୋଷଣର, ବର୍ତ୍ତମାନର ପ୍ରଭାତ ଜୀବନ ପାଇଁ ବଞ୍ଚିବାର ଅନୁଭୂତି ଆଣେ । ଏ କବିତାଟିରେ ତେଣୁ ତାଙ୍କ ସାମାଜିକ ଅନୁଚିନ୍ତାର କଳାପୂର୍ଣ୍ଣ ଚିତ୍ର ପ୍ରକାଶପାଇଛି । କବି ଏଠାରେ ନିଶ୍ଚିତଭାବେ ବାସ୍ତବବାଦୀ । ତେଣୁ ସେ ଅନୁଭବ କରନ୍ତି –

''ସ୍ୱପ୍ନ କି ସମ୍ଭବ ହୁଏ ? ବାସ୍ତବ କି ସମ୍ଭବେ ସ୍ୱପନେ ?
ସଂସାର ସଂକ୍ରାନ୍ତ ଚିନ୍ତାନିଦ୍ରା କେବେ ନ ଆଣେ ନୟନେ
ସ୍ୱଳ୍ପବିତ୍ତ ଆଉ ବହୁକୁଟୁମ୍ବର ଭରଣପୋଷଣ
ବିଶ୍ଲେଷଣ ଏକ ପନ୍ଥାମାତ୍ର ତା'ର ଜନ୍ମ ନିୟନ୍ତ୍ରଣ ।''

'କଜ୍ଜଳପାତି କି ଡାକେ' – ସାତ ତାରାର ଦ୍ୱୀପ ପୃ. ୧୪

---

।୪୦। 'ଏ ପୃଥିବୀ' – ଇଳାବୃତ୍ତ ପୃ ୬୬, ଝଙ୍କାର,ଜୁନ ୧୯୬୦

।୪୧। 'ଚନ୍ଦ୍ରଲୋକରେ ସନ୍ଧ୍ୟା' –ଇଳାବୃତ ପୃ ୬୯, ଝଙ୍କାର, ସେପ୍ଟେମ୍ବର, ୧୯୫୭

ଖାଦ୍ୟ ପ୍ରାଣ ଅଭାବରେ ଯେଉଁଠି ଗୃହିଣୀର ପରିପୁଷ୍ଟ ସ୍ୱାସ୍ଥ୍ୟ ଭାଙ୍ଗିଯାଏ, ସେଠାରେ କେତେଦିନ ଆଉ କବିର ସ୍ୱପ୍ନ ସଞ୍ଚାର ସ୍ଥାୟୀହୋଇ ରହିବ ? ସ୍ୱପ୍ନ ସତ୍ୟ ନୁହେଁ, ତଥାପି ଏହିପରି ବ୍ୟକ୍ତିଗତ ଯନ୍ତ୍ରଣାଦାୟକ ପରିସ୍ଥିତିରୁ ମୁକ୍ତି ପାଇଁ କବି ସ୍ୱପ୍ନ ଦେଖେ ସସ୍ୱପ୍ନରେ ହିଁ ସିପ୍ରାତଟରୁ ରାଜକୁମାରୀ ଚିତ୍ରଲେଖା ପାଖରେ ପହଞ୍ଚିପାରେ । ଆଶାରେ ହିଁ ଏ ସ୍ୱପ୍ନର ସାର୍ଥକତା, ପ୍ରାପ୍ତିରେ ନୁହେଁ । ଏହି ଚେତନା ଯେ ଅତି ବାସ୍ତବବାଦୀ ମାନସିକ ପରିସ୍ଥିତି–ଏହା ସୁରିଆଲିଷ୍ଟ କବିଙ୍କ ରାଶି ରାଶି କବିତାରେ ପ୍ରକଟିତ ହୋଇଛି ।୪୨। କବି ତେଣୁ ଅନ୍ଧକାରକୁ କ୍ରମେ ଭଲପାଇବାକୁ ଶିଖିଛି, କାରଣ ତାହାହିଁ ଜୀବନର ବାସ୍ତବତାର ଚିତ୍ର ପ୍ରତିଫଳିତ କରେ । କବି ପୁଣି ବେଳେବେଳେ ନିଃସଙ୍ଗତାର ବ୍ୟଥାରେ ଜର୍ଜରିତ ହୁଏ – ଏ ନିଃସଙ୍ଗତା ପରିଣୀତାଠାରୁ ଦୀର୍ଘ ବିଚ୍ଛେଦପରି ମନେହୁଏ । ତେଣୁ ଏ କବିତାର ସ୍ୱରରେ ପ୍ରେମାସ୍ୱଦା ପ୍ରତି ବ୍ୟଥିତ ଆକୁଳତା ଜଡ଼ିତ କାରୁଣ୍ୟ ପାଠକକୁ ଆସକ୍ତ କରେ ।୪୩। ପ୍ରେମ ପ୍ରଣୟ ଓ ପରିସ୍ଥିତିକୁ କେନ୍ଦ୍ରକରି ଏଣିକି ତାଙ୍କ କବିତାର ସ୍ୱର ଯେ ବାସ୍ତବତାର ସଞ୍ଚାର ପଥରେ ପରିଶୀଳିତ ଏକ ଭିନ୍ନ ଭାବ ଓ ରୁଚିର ଚେତନା – ଏହା ଏକ ପ୍ରତୀକବାଦୀ କବିତା 'ନୀଳପକ୍ଷୀ'ରୁ ପ୍ରତିଭାତ ହୁଏ । ମରାଳ ପରକୀୟାର ଆଶ୍ଳେଷରେ ଅନେକ କାଳ ଧରି ପ୍ରଚୁର ଶସ୍ୟର ସ୍ୱାଦ, କାଶବନର ନୀଡ଼ ଓ ଭିନ୍ନଦେଶିନୀର ସହବାସରେ ମୁଗ୍ଧ ଥିଲା । ନିଜ ଘରଣୀକୁ ଭୁଲିଗଲା । କିନ୍ତୁ ଦିନେ ସେ ସନ୍ଧାନକଲା ଯେ ମରାଳୀ ଅନ୍ୟ ହଂସ ସହ ରତିପ୍ରମତ୍ତା । ତେଣୁ ବିରାଗୀ ହଂସଟି ଆପଣା ନୀଡ଼କୁ ଫେରିଆସି ଓ ଅତୀତର ସମସ୍ତ ସୁକୁମାର ଅନୁଭୂତିକୁ ଆହତ ହୃଦୟରେ ଭୁଲିବାକୁ ଚେଷ୍ଟାକରେ ।୪୪। ହୁଏତ ଏହାହିଁ ହୋଇପାରେ ତାଙ୍କ କାବ୍ୟ–ଚେତନାର ଭିନ୍ନଗତି, ଯାହା ଅନେକ ବର୍ଷଧରି ଦୂର ଓ ବିଦେଶୀୟ ଆକର୍ଷଣରେ ନିମଜ୍ଜିତ ଥିଲା । ଏବେ ତା'ର ବାହୁଡ଼ା ସଂଗୀତ – ନିଜ ସୀମା ସରହଦ, ଚିହ୍ନାମାଟି ଓ ଆକାଶ ତଥା ସ୍ୱକୀୟା ମଧ୍ୟରେ ପ୍ରତିଧ୍ୱନିତ ହୁଏ । ମୋର ଯେପରି ମନେହୁଏ ଏଇ ପ୍ରତୀକବାଦୀ କବିତାଟି ହିଁ ତାଙ୍କ ପରବର୍ତ୍ତୀ କାବ୍ୟ–ଚେତନାର ଯଥାର୍ଥ ସ୍ୱରସମ୍ଭାର । ସ୍ୱପ୍ନ ଓ ବାସ୍ତବତାର ଏଇ ସଂଘର୍ଷ 'ସାତସାଗର ପାରେ' କବିତାରେ ଆହୁରି ପ୍ରତୀକାତ୍ମକ ଭାବେକଳାପୂର୍ଣ୍ଣ । ଗୋଟିଏ ପାଖରେଥିଲା ସାତସାଗର ପାରିର ଯେତେ ରଙ୍ଗିନ୍ ସ୍ୱପ୍ନ–ଦାରୁଚିନି, ଲବଙ୍ଗ, ତେଜପତ୍ର ଓ ଚନ୍ଦନବନର ସ୍ମୃତି, ଅନ୍ୟ ପାଖରେ ହଳଦୀ କ୍ଷେତ, ଶିମ୍ବଫୁଲ, ମେଷପଲ, ପିଆଜକ୍ଷେତ ଓ ପରିଣୀତା ପ୍ରିୟାର ସନ୍ଧ୍ୟାଦୀପ – ଏଇ ଦୁଇ ଚେତନା ମଧ୍ୟରେ ତାଙ୍କର ସମଗ୍ର କାବ୍ୟଭାବନାକୁ ଧରିହୁଏ । ସେ ଏହାରି ମଧ୍ୟରେ କେତେବେଳେ ନିମଜ୍ଜମାନ ତ କେତେବେଳେ ଆତ୍ମ ଅନ୍ୱେଷଣରେ ଅତ୍ୟନ୍ତ ଆଗ୍ରହଦୀପ୍ତ ।୪୫। ଏଇ ଦ୍ୱନ୍ଦ୍ୱ ମଧ୍ୟରେ ସେ ସମାଧାନ ଲୋଡିଛନ୍ତି, ହୁଏତ କେତେବେଳେ ସମାଧାନରେ ପହଞ୍ଚିଛନ୍ତି, ପୁଣି କେତେବେଳେ ପହଞ୍ଚିନାହାନ୍ତି । ତାଙ୍କ କବିତାରେ ମନର ଏଇ ଦ୍ୱୈତସତ୍ତା ଅତି ଲୋଭନୀୟ ଭାବେ ପ୍ରତିଫଳିତ । ପୃଥିବୀର ସଂଗ୍ରାମ ଭୂମିରେ, ଜୀବନର ରକ୍ତନଦୀ–ତଟରେ ଠିଆହୋଇ, ଛିନ୍ନବାସ ଓ ନଗ୍ନପଦ ତା'ର ଅସହାୟ ବ୍ୟକ୍ତିତ୍ୱଟି ତେଣୁ କଳ୍ପଲୋକର ନିର୍ମାଲ୍ୟ କଣିକା ପାଇଁ ହାତବଢ଼ାଏ, ଆଉ କହେ – ''ହେ ଶ୍ୱେତ ସ୍ୱପ୍ନ ନକ୍ଷତ୍ର, ତୁମର ଜୟ ହେଉ !'' ଏହାହିଁ କ'ଣ ତାଙ୍କ କବିତାର ଅନବରତ ଦାବମାନ ସ୍ୱପ୍ନଭରା ପ୍ରାଣସତ୍ତାର ଏକ ସ୍ୱାଭାବିକ ସମାଧାନ ? ୪୬। ପୁଣି ଥରେ କହିବାକୁ ହେଉଛି ଯେ, ଏ ଉପଲବ୍ଧି ଯେତିକି ରୋମାଣ୍ଟିକ୍ ସେତିକି ରହସ୍ୟମୟ । ହୁଏତ ହୋଇପାରେ ତାଙ୍କ ରୁଚିର ସ୍ୱାତନ୍ତ୍ର୍ୟ ଓ ଦୃଷ୍ଟିକୋଣର ଅନନ୍ୟତା ମଧ୍ୟ ।

---

।୪୨।  ସ୍ୱପ୍ନ ସମ୍ଭବ' – ସାତ ତାରାର ଦୀପ – ପୃ ୧୮

।୪୩।  ତୁମେ ନଦୀ କ୍ଷିପ୍ର ଗତି – ସାତ ତାରାର ଦୀପ – ପୃ. ୨୪

।୪୪।  ନୀଳପକ୍ଷୀ ସାତ ତାରାର ଦୀପ – ପୃ. ୨୭

।୪୫।  ସାତସାଗର ପାରେ– ସାତ ତାରାର ଦୀପ ପୃ. ୩୩

।୪୬।  ନକ୍ଷତ୍ରର ଜୟ– ସାତ ତାରାର ଦୀପ ପୃ. ୪୮, ଝଙ୍କାର, ଏପ୍ରିଲ ୧୯୬୧

ପୁଣି ଥରେ ଉପକ୍ରମଣିକାର ଆଲୋଚନାକୁ ଫେରିଆସିବାକୁ ହେଉଚି । ଡକ୍ଟର ମାନସିଂହଙ୍କ ଅଭିଯୋଗ ଓ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ କବିପକ୍ଷ ସମର୍ଥନ – ଏଇ ଦୁଇ ବିବଦମାନ ଚିନ୍ତାଧାରା ଭିତରେ ଶ୍ରୀ ନାୟକଙ୍କ କବିତାର ଯଥାଯଥ କଳନା ହୋଇପାରି ନ ଥିବା ତାଙ୍କ କାବ୍ୟ–ପରିକ୍ରମାରୁ ସ୍ପଷ୍ଟହୁଏ । ସେ ତାଙ୍କ କବିତାରେ ଯେତିକି ସ୍ୱପ୍ନପ୍ରବଣ ରୋମାଣ୍ଟିକ୍, ପରିଣତ ବୟସର ରଚନାରେ ସେତିକି ବାସ୍ତବତା ସଚେତନ ଓ ସମାହିତ । ତାଙ୍କୁ ନିଛକ 'ବୈଦେଶିକୀ' କହିବା ଯେପରି ତ୍ରୁଟିପୂର୍ଣ୍ଣ, ତାଙ୍କ କବିତାରେ ପ୍ରକାଶ ପାଇଥିବା ପଳାୟନର ସ୍ୱର ସମୟର ପ୍ରୟୋଜନୀୟତା ବୋଲି କହିବା ସେହିପରି ଆସକ୍ତିସୂଚକ। ଅନ୍ତତଃ ତାଙ୍କ କବିତାରେ ଯେଉଁଠି ଭୌଗୋଳିକ ପରିକ୍ରମା ଓ ପଳାୟନର ସ୍ୱର ଉଚ୍ଚାରିତ, ସେଠାରେ ପ୍ରେମ–ପ୍ରଣୟକୁ କେନ୍ଦ୍ରକରି ଗଢ଼ିଉଠିଥିବା ତାଙ୍କ ମନର ଭାବପ୍ରବଣତା, ନୈରାଶ୍ୟ ଓ ଆସକ୍ତି ଖୁବ୍ ନିବିଡ଼ । ସେଥିରେ ସମସାମୟିକ ପରିସ୍ଥିତିର ଚିହ୍ନନାହିଁ । ବେଳେବେଳେ ନିକଟ ପ୍ରେମର ବ୍ୟର୍ଥତା ତାଙ୍କ ମନରେ ଦୂରତାର ବହୁ ଆକାଶୀକଳ୍ପନାକୁ ଜୀବନ୍ୟାସ ଦେଇଛି । ପୃଥିବୀର ମାଟିକୁ ଏକଦା ଭଲପାଇଥିବା କବି ତା'ର କିଶୋର ପ୍ରଣୟର ବିଫଳତାରେ ଉଡ଼ି ଚାଲିଚି ଦିଗରୁ ଦିଗନ୍ତକୁ, ଆଣ୍ଡିଜ୍ ଶୈଳଶିଖରରୁ ମାଳୟର ରକ୍ତଚନ୍ଦନ ବନକୁ ପୁନଶ୍ଚ ଅସ୍ୱସ୍ତିରେ ସାହାରାର ମରୁଦ୍ୱୀପକୁ, ସେଠାରୁ ଆରବ ପଲ୍ଲୀକୁ–ସେଠାରୁ ପୁଣି ଲଙ୍କା ଏହିପରି ଆକାଶରେ ଆକାଶରେ ତା'ର ପ୍ରଣୟ–ବିଫଳ ମନର ସନ୍ତରଣ । ନିମ୍ନ ଉଦ୍ଧୃତିରୁ ଏହା ସ୍ପଷ୍ଟହେବ :

> ''ନୀଳନଦୀ ଊର୍ଦ୍ଧ୍ୱଦେଶେ ବାହିନେଲେ ଯାନ/କେବେ ଯଦି ମନେପଡ଼େ ଉପରୋକ୍ତ କଥା
> ମିଶରର ରୁକ୍ଷ ବାଲିସ୍ତୂପ ଶୀର୍ଷ ଶିକେ/ମନେ ଯଦି ପଡ଼େ କେବେ ସେଦିନର ସାଥୀ
> ସୀମନ୍ତେ ସିନ୍ଦୂର ଆଉ ହାତେ ରଖି ଦିପ/ଆଉ କା'ର ଘରକଣେ ରନ୍ଧନେ ବ୍ୟାପୃତ –
> ମେସିନ୍ ଗତି ମୋର ଦ୍ୱିଗୁଣ ମୁଁ କରେଁ/ଲୁଚିଯିବାଯାକେ ଧରଣୀର ମାୟାବିନୀ ଛବି ।''୪୭।

କବିଙ୍କର ଏଇ ଆତ୍ମକଥନକୁ ଅସ୍ୱୀକାର କରିହେବ କି ? କିନ୍ତୁ ଅନେକ ପରେ ସେ ଯେତେବେଳେ ଗୃହର ମାୟା ଓ ନିକଟର ପରିବେଶ ପ୍ରତି ଆକୃଷ୍ଟ ହୋଇଛନ୍ତି, ସେହି ପର୍ଯ୍ୟାୟରେ ତାଙ୍କ କବିତାରେ ଆଉ 'ବୈଦେଶିକତା' ନାହିଁ, ଅଛି ଚତୁଃପାର୍ଶ୍ୱର ସମସ୍ୟା ଓ ଜଞ୍ଜାଳର ବାସ୍ତବବାଦୀ ସ୍ୱର । ଏହା ଯଥାର୍ଥରେ ତାଙ୍କ କବିତାର ଉତ୍ତରାୟଣ ହୋଇପାରେ । ଏହି ଅନୁକ୍ରମରେ ତାଙ୍କ କବିତାରେ ଆମ ପରମ୍ପରା, ସଂସ୍କୃତି, ଗ୍ରାମ୍ୟ ଜୀବନର ଅନେକ ସ୍ମୃତି ସହିତ ପରିଚୟ ହୁଏ ।୪୮। ଯେଉଁ ଗ୍ରାମ୍ୟ ପରିବେଶ ଓ କୃଷିକାରୀ ସଭ୍ୟତା (Artisan civilisation) ନୂତନ ଏକ ଶିଳ୍ପୀକରଣ ପାଖରେ ପୂରାପୂରି ଭୁଶୁଡି ପଡ଼ିଛି, ତା'ରି ପାଇଁ ତାଙ୍କ ମନରେ ଆସକ୍ତି ଓ ଆକୁଳତା ପ୍ରକଟିତ । କିଛି ସୁଲଭ ମୁଦ୍ରାର ଲୋଭରେ ଗ୍ରାମର ଲୋକ ସହର ଓ କଳକାରଖାନାକୁ ଧାଇଁଛି । ସେ ଗଢୁଛି ଏକ ଶିଳ୍ପ ସମୃଦ୍ଧ ଭବିଷ୍ୟତର ଭାରତ, କିନ୍ତୁ ନିଜେ ଅର୍ଦ୍ଧଭୁକ୍ତ । ରୋଗ, ଉପବାସରେ ତା'ର ଦିନ ବିତୁଛି । ଖାଦ୍ୟରେ ରୋଗର ଜୀବାଣୁ । ଉପଯୁକ୍ତ ପାରିଶ୍ରମିକ ଅଭାବରେ ଶ୍ରମିକ ଛଟପଟ ହେଉଛି । ଏପରିକି ଗର୍ଭବତୀ ନାରୀ ମଧ୍ୟ ଏ ଯନ୍ତ୍ରର ଚକତଳେ ପେଶିହୋଇଯାଉଛି । ତା'ରି ଶ୍ରମ ଓ ଶୋଣିତରେ ଚିତା ଓ ତିଳକଧାରୀ ବ୍ୟବସୟୀକ୍ରମେ ପୁଞ୍ଜିପତି ହେଉଛି । ମୁଦ୍ରାସ୍ଫୀତି ଓ ଅସମ ବଣ୍ଟନରୀତିର ଶିକାର ହୋଇଚି ବିଚରା ନିରୀହ କୃଷକ ଓ ଶ୍ରମିକ, କିନ୍ତୁ କାଳି–କଲମରେ ଆମ ଯୋଜନାର ଫର୍ଦ୍ଦ ପୂରିବାରେ ଲାଗିଛି । ବିଧାନସଭା କକ୍ଷରେ ପ୍ରତିଶ୍ରୁତି ଓ ଅମ୍ଭୋଲ୍ଲାସର ଅଭାବ ନାହିଁ ।୪୯। ଯୁଗେ ଯୁଗେ ପୃଥିବୀକୁ ଏହିପରି ସ୍ୱାର୍ଥପର ମଣିଷମାନେ ବିନୟର

---

।୪୭। ଆକାଶ ପଥିକର ଆତ୍ମକଥା – ନନ୍ଦା ଦେବୀ ପୃ. ୫୯

।୪୮। ଉତ୍ତରାୟଣ–ଇଳାବୃତ୍ତ ପୃ. ୫୨, ଝଙ୍କାର – ନଭେମ୍ବର, ୧୯୫୭

।୪୯। ଏକଚକ୍ର– ଇଳାବୃତ୍ତ ପୃ. ୭୩ ଝଙ୍କାର – ମାର୍ଚ୍ଚ, ୧୯୫୮

ଭାବରେ ବିପର୍ଯ୍ୟସ୍ତ କରିଛନ୍ତି । ସେଇମାନେ ଯୀଶୁ ଓ ବୁଦ୍ଧର ହତ୍ୟାକାରୀ, ସେଇମାନେ ପୁଣି ଶାନ୍ତି ନାମରେ ସମସ୍ତ କଳହ ଓ ଯୁଦ୍ଧର ସୂତ୍ରପାତ କରନ୍ତି । ପଙ୍ଗପାଳପରି ଫୁଲ ଓ ଫସଲରୁ ସମସ୍ତ ସ୍ଥିତି ହରଣ କରିନିଅନ୍ତି। ସେମାନେ କପୋତରୂପୀ ଗୃଧ୍ରଦଳ । ଅବାକ୍ ପୃଥିବୀ ଏଇ ଭୋଗ-ପ୍ରମତ୍ତ ମଣିଷମାନଙ୍କୁ ବୁଝିପାରେ ନାହିଁ । ଶ୍ରୀ ନାୟକଙ୍କ ମନରେ ତେଣୁ ଏକ ନୂତନ ପ୍ରଶ୍ନ :

''ବିକ୍ଷର ଦଳ ଏ ? ଯାଏ ଝପଟାଇ ଡେଣା ।
ଗୃଧ୍ର ଏ ସବୁ ? ଏ ସବୁ କପୋତ କିବା ଶାନ୍ତିର ସେନା ?'' 'ନୂତନ ପ୍ରଶ୍ନ' - ସା.ତୀ.ଦୀପ ନୃ. ୫୧

ଏହିପରି ଯୁଦ୍ଧଖୋର ରାଷ୍ଟ୍ର ବା ସ୍ୱାର୍ଥସେବୀ ପୁଞ୍ଜିପତିମାନଙ୍କ ବିରୁଦ୍ଧରେ ତାଙ୍କ କବିତାର ଶାଣିତ ବ୍ୟଞ୍ଜନା ଏକ ଭିନ୍ନ ଇଲାକାର ଚିତ୍ର ଉପସ୍ଥାପନ କରେ । ଏହିପରି ଅନେକ ସଫଳ ଓ ସଚେତନ କବିତା ତାଙ୍କ ପରିଣତ ଚିନ୍ତାଧାରାକୁ ବେଶ୍ ଆନ୍ଦୋଳିତ କରିଥିବା ଲକ୍ଷ୍ୟ କରାଯିବ । ପୁଣି ଠିକ୍ ସେତିକି ବେଳେ ମଧ୍ୟ ପ୍ରେମ, ପ୍ରଣୟ, ପ୍ରାପ୍ତି ଓ ବ୍ୟର୍ଥତା, ପାଇବା ଓ ହଜାଇବାର ଅନେକ ସ୍ମୃତିରେ ଏହି ସମୟର କବିତା ଖୁବ୍ ଆତ୍ମମଗ୍ନ ଓ ଜଡ଼ିତ ମଧ୍ୟ । ଅନେକ କବିତା ମଧ୍ୟରୁ 'ଇଳାବୃତ୍ତ'ର 'ଝଡରପକ୍ଷୀ' କବିତାଟିର ସୂଚନା ଦିଆଯାଇପାରେ । ଏକ ଝଡ ରାତିରେ ବାଟଭୁଲି ମଣିଷର ପ୍ରକୋଷ୍ଠକୁ ପଶିଆସିଥିବା ପକ୍ଷୀ ସହିତ ଆଉ ଏକ ଝଡରାତିରେ ଅଭିସାର ପାଇଁ ଅକସ୍ମାତ୍ ଆସିଥିବା କୌଣସି ପ୍ରେମାସ୍ପଦାର ସ୍ମୃତି ଏ କବିତାଟିରେ ଏକନ୍ୱିତ ହୋଇଛି । ଛୋଟ ପକ୍ଷୀଟି ଝଡରାତିର ଅବସାନରେ ଆପଣା କୁଳାୟକୁ ଫେରିଯାଇଛି, ସେହିପରି ଏକଦା ପ୍ରେମିକା ଜୀବନ-ନାଟକର ଅଭିନୟରେ ଅନ୍ୟ କା'ର ପ୍ରାଣର ରଙ୍ଗମଞ୍ଚରେ ଉପନୀତ ।୫୦।

ଏହିପରି ତାଙ୍କ କବିତାରେ ବହୁସ୍ୱରର କାକଳି ଓ ବହୁରୂପର ବର୍ଣ୍ଣାଳୀ ଲକ୍ଷ୍ୟ କରାଯିବ । ଉତ୍ତର-ଷାଠିଏର ସୃଷ୍ଟିରେ ଏ ସ୍ୱର ଆହୁରି ଜାଗ୍ରତ ଓ ବ୍ୟାପ୍ତିଭିତ୍ତିକ । କବି କୌଣସି ନିର୍ଦ୍ଦିଷ୍ଟ ବାଦର ପ୍ରଚାରକ ନୁହନ୍ତି । ତାଙ୍କ ସ୍ୱର ଯେତିକି ରୋମାଣ୍ଟିକ୍, ସେତିକି ବାସ୍ତବବାଦୀ, ଯେତିକି ଗ୍ରାମ୍ୟ, ସେତିକି ସହରୀ ଓ ଅଭିଜାତ, ଯେତିକି ଆତ୍ମମଗ୍ନ, ସେତିକି ବସ୍ତୁବାଦୀ, ଯେତିକି ଆହରଣ ସର୍ବସ୍ୱ, ସେତିକି ମୌଳିକ, ଯେତିକି ଆତ୍ମମଗ୍ନ, ଯେତିକି ରୂପକଥାକୁ ଆଶ୍ରୟ କରି ସଙ୍ଗଠିତ, ସେତିକି ରୂପକଥାକୁ ଆଶ୍ରୟ କରି ସଙ୍ଗଠିତ, ସେତିକି ଆଧୁନିକ ଜୀବନର ସ୍ୱର ଓ ସ୍ୱାକ୍ଷରରେ ଭାସ୍ୱର ମଧ୍ୟ । ଏପରିକି ଆଙ୍ଗିକରେ ମଧ୍ୟ ତାଙ୍କ କବିତା ଯେତିକି ଗୀତିମୁଖର, ସେତିକି ଗଦ୍ୟାତ୍ମକ, ଯେତିକି ବାକ୍ରୀତିପ୍ରଧାନ, ସେତିକି ମୁକ୍ତ ଓ ସ୍ୱଚ୍ଛଳ । ଶ୍ରୀନାୟକ ନିର୍ଦ୍ଦିଷ୍ଟଭାବେ କୌଣସି ବାଦର ଅନୁସରଣ ନ କରିଥିଲେ ମଧ୍ୟ ସମସ୍ତ ବାଦ (ism) ପାଇଁ ତାଙ୍କ କବିତାରେ ଯେତିକି ଆମୁଖତା ସେତିକି ପ୍ରତିବାଦ ମଧ୍ୟ ପ୍ରକାଶିତ । କଳାର ଉଦ୍ଘାଟନରେ ସେ କଳାକାର, ଶିଳ୍ପର ଉଦ୍ଦୀପନାର ସେ ଶିଳ୍ପୀ । ବୋଧହୁଏ ଏହାହିଁ ତାଙ୍କର ସର୍ବଶେଷ ପରିଚୟ ହେବ । ସେଥିରେ ତେଣୁ ସ୍ୱଦେଶୀ ବା ବିଦେଶୀ ଉପାଦାନ ପ୍ରତି ସଚେତନତା ନରହିବା ଅତ୍ୟନ୍ତ ସ୍ୱାଭାବିକ । ଏପରିକି ତାଙ୍କ କବିତା ସଙ୍କଳନଗୁଡ଼ିକ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଭାବନାର ସଜ୍ଜୀକରଣ ନୁହେଁ ।

କିନ୍ତୁ ଉତ୍ତର-ଷାଠିଏର କବିତାରେ ବୌଦ୍ଧିକତାର ଅତିରିକ୍ତ ବିଚ୍ଛୁରଣ ଓ ସାଂପ୍ରତିକତାର ସ୍ୱରସୂଚୀ ପୂର୍ବତନ କବିତା 'ରୂପାଥାଳି ସୁନାଗିନା' ବା 'ଝଡର ପକ୍ଷୀ'ର ଭାବବିଭୋର ଆତ୍ମିକ ଆବେଦନକୁ ଖଣ୍ଡିତ କରିଛି । ତଥାପି ତାଙ୍କର ଶଂସିତ ସମୟର ରଚନାରେ ପୂର୍ବତନ ସ୍ୱର ସହିତ ବେଳବେଳେ ସମ୍ପର୍କ ପ୍ରତିଷ୍ଠାର ଉଦ୍ୟମ ଲକ୍ଷ୍ୟ କରିହେବ । ମୁଁ ତେଣୁ ଶ୍ରୀ ଉପାଧ୍ୟାୟଙ୍କ ମନ୍ତବ୍ୟ ସହିତ ସମ୍ପୂର୍ଣ୍ଣ ଏକମତ ଯେ, ''ସ୍ୱପ୍ନ ସହ ବାସ୍ତବତାର ନିର୍ମମ ସଂଘାତ ଯଦି ଆଧୁନିକ

।୫୦। ଝଡର ପକ୍ଷୀ - ଇଳାବୃତ୍ତ ପୃ. ୪୦

କବିତାର ଏକ ଅପରିହାର୍ଯ୍ୟ ଗୁଣ ହୁଏ, ତେବେ 'ସରୀସୃପ' (୧୯୬୯)ର କବି ନିଶ୍ଚିତଭାବେ ଜଣେ ଆଧୁନିକ କବି ଏବଂ ସୁଦୂରର ସ୍ୱପ୍ନ, ପଳାୟନବାଦ ଓ ଆବେଗପ୍ରଧାନ ହୃଦୟ ସର୍ବସ୍ୱତା ଯଦି ରୋମାଣ୍ଟିକ୍ ତାର ବିଭବ ହୁଏ, ତେବେ ନିଶ୍ଚିତଭାବେ ସେ ମଧ୍ୟ ଜଣେ ରୋମାଣ୍ଟିକ୍ କବି ।''୫୧। ପୂର୍ବତନ କବିତାଗୁଡ଼ିକପରି 'ସରୀସୃପ' (୧୯୬୯) ସଙ୍କଳନରେ ସ୍ଥାନିତ ଷଷ୍ଠଦଶକର କବିତାରେ ସ୍ୱପ୍ନ ଓ ବାସ୍ତବତାର ସଘାଂତର ଚିତ୍ର ସର୍ବତ୍ର ସୁଲଭ । ଉଦାହରଣ ସ୍ୱରୂପ 'ଅନ୍ୟଦିନ','ଫାଲ୍ଗୁନ ପରେ', 'ଅନେକ ବୃଶ୍ଚିକ ସାପ', 'ଆବିଷ୍କାର', 'ରାସ୍ତା', 'ବୃକ୍ଷଠାରୁ' ଆଦି କବିତାମାନଙ୍କୁ ନାମିତ କରାଯାଇପାରେ । ପୁନଶ୍ଚ ପୂର୍ବ ସଙ୍କଳନମାନଙ୍କ ପରି ନିରାଟ ବାସ୍ତବବାଦୀ କବିତା ମଧ୍ୟ ଏଥିରେ ସନ୍ନିବେଶିତ । ଆଧୁନିକ ମଣିଷର ନିଃସଙ୍ଗତା, ବିଚ୍ଛିନ୍ନ ବ୍ୟକ୍ତିସତ୍ତା,ଗଭୀର ହତାଶା ସହିତ ମୁକ୍ତି ପାଇଁ ଈଶ୍ୱରଙ୍କ ପାଖରେ ଆତ୍ମସମର୍ପଣ ସ୍ୱର ମଧ୍ୟ ବହୁ କବିତାରେ ପ୍ରକଟିତ ।୫୨। ଏହା ସହିତ ସୁଦୂରର ପିପାସା, ଅନ୍ୟ ଏକ ସ୍ୱପ୍ନଲୋକକୁ ପଳାୟନର ଅଭୀପ୍ସା, ପରିଚ୍ଛନ୍ନ ଆଶାବାଦ ଓ ଆବେଗ-ଉଚ୍ଛଳ ଭାବପ୍ରବଣତାର ସ୍ୱର ମଧ୍ୟ ଏସବୁ କବିତାରେ ଦୁଷ୍ପ୍ରାପ୍ୟ ନୁହେଁ ।୫୩। ତେଣୁ ପରସ୍ପର ବହୁ ବିପରୀତମୁଖୀ ଭାବଧାରାରେ ତାଙ୍କ କାବ୍ୟମାନସ ସଙ୍ଗଠିତ ବୋଲି କହିବାକୁ ହେବ । ଅତଏବ ଏ ସ୍ୱରରେ ପରାଜୟର ଗ୍ଲାନି ଯେତିକି ସୁଲଭ ପୁଣି ବିଜୟର ସ୍ପର୍ଦ୍ଧା ମଧ୍ୟ ସେତିକି ସ୍ୱରାୟିତ । ପରିସ୍ଥିତି ଦ୍ୱାରା ସେ କବଳିତ ନୁହନ୍ତି, ବରଂ ପରିସ୍ଥିତିକୁ ଅତିକ୍ରମ କରି ଆଗେଇ ଚାଲିବାର ଉଦ୍ଧତ ଆତ୍ମପ୍ରତ୍ୟୟ ତାଙ୍କର 'ସରୀସୃପ' ସଙ୍କଳନସ୍ଥିତ କବିତାଗୁଡ଼ିକରେ ସ୍ପଷ୍ଟ ଉପଲବ୍‌ଧ ହୁଏ । ପୁଣି ପୂର୍ବତନ କବିତାଗୁଡ଼ିକ ପରି ପ୍ରେମ, ପ୍ରଣୟ, ପ୍ରକୃତି ଓ ନାରୀର ସଂଚାର ପଥରେ ତାଙ୍କ କାବ୍ୟଚେତନା ଏଠାରେ ମଧ୍ୟ ସଞ୍ଚରଣଶୀଳ । 'ସରୀସୃପ'ର କବି ନାରୀକୁ ଆନନ୍ଦମୟୀ କଲ୍ୟାଣୀ ରୂପରେ, କର୍ମିଷ୍ଠ ପ୍ରଣୟିନୀ ରୂପରେ, ପବିତ୍ରତାର ପ୍ରତିମାରୂପେ ଓ ଯୌବନାବେଗମୟୀ ରମଣୀ ରୂପରେ ଅନୁଭବ କରିଛନ୍ତି । ଦୈହିକ ଲାଳସାକୁ କେନ୍ଦ୍ରକରି ଅନେକ କବିତାର ଭାବଧାରା ସଙ୍ଗଠିତ ଏବଂ ଏହି ଚେତନାକୁ ମନସ୍ତତ୍ତ୍ୱ ଶାସ୍ତ୍ର ଅନୁସାରେ ଶ୍ରୀନାୟକ 'ଆଦିମ', 'ସରୀସୃପ', 'ଜୈବିକ' ଆଦି ଶବ୍ଦରେ ପ୍ରକାଶ କରିଛନ୍ତି । ଏଇ କବିତାଗୁଡ଼ିକରେ ତାଙ୍କର କବିତ୍ୱର ସ୍ପର୍ଶ ନିବିଡ଼ ଓ ସମୃଦ୍ଧିଶାଳୀ ।୫୪। ପୁଣି କେତୋଟି କବିତାରେ ଅନ୍ତଃହୀନ ଜୀବନ-ଜିଜ୍ଞାସା ଓ ଆଲୋକ ଉତ୍ତରଣର ପିପାସା ମଧ୍ୟ ପ୍ରତିଫଳିତ । ଏସବୁରେ ଆଧିଭୌତିକ (Metaphysical) ଅନୁଭୂତି ପ୍ରକଟିତ ହୋଇଥିବା ଲକ୍ଷ୍ୟ କରାଯିବ :

-୦-

।୫୧। 'ସରୀସୃପ'ର ସମୀକ୍ଷା - ବିଜୟ କୁମାର ଉପାଧ୍ୟାୟ-କାବ୍ୟ ୧୯୭୨ ସଂଖ୍ୟା

।୫୨। 'ହେ ଈଶ୍ୱର, ହେ ଈଶ୍ୱର' - ସରୀସୃପ - ପୃ ୯୨, ଝଙ୍କାର-ସେପ୍‌ଟେମ୍ବର - ୧୯୬୮

।୫୩। ସମ୍ରାଟ ନାହିଁ - ସରୀସୃପ ପୃ. ୧୭ - ଝଙ୍କାର ଡିସେମ୍ବର - ୧୯୬୬

ତିଳୋତ୍ତମା ସହର - ସରୀସୃପ ପୃ. ୮ -ଝଙ୍କାର, ଅଗଷ୍ଟ ୧୯୬୨

।୫୪। ଅନ୍ୟଦିନ - ସରୀସୃପ -ପୃ. ୧୦

# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ସପ୍ତଦଶ ପତ୍ର


**ଲେଖକ**

**ପ୍ରଫେସର ନିତ୍ୟାନନ୍ଦ ଶତପଥୀ**

ଅବସରପ୍ରାପ୍ତ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ

ବାଣୀବିହାର



**D D C E**

**Education for All**

# ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

## ଭୁବନେଶ୍ୱର